

ଆମ ବ୍ୟଙ୍ଗ ... ଦିଗ୍‌ଦର୍ଶନ

ଅଜାଙ୍କ ଭି... ଖଡ଼ିଭ

odia.org




ୁଦ୍ଧ ଋଣ ଯେ ମହାଧନ,
ସାଧୁଏ କରେ ଉପାର୍ଜନ ।

ଅଚ୍ଛା—ନିକଲ୍ ଅଫିସରୁ !

ଅରେ ବାପ୍‌ରେ !
ନାଭ ଛଅଣା ଖାଇଲି ଲୋ !

ଏ—ଏ—ରହି ରହି
ମଧ୍ୟରେ ଯୁଦ୍ଧ ଋଣ ଦାନ,
ଦେଇ ତୋଷିବି ତୁମ୍ଭ ମନ ।


୫ମ ବର୍ଷ ୧ମ ସଂଖ୍ୟା

ଜ୍ୟେଷ୍ଠ ପ୍ରଥମାର୍ଦ୍ଧ


Digitized by srujanika@gmail.com

# ଭ୍ରାମରୀ ରସାୟନ

ବାତରକ୍ତ ଓ କୁଷ୍ଠର ଅବ୍ୟର୍ଥ ମହୌଷଧ

ଏ । ପ୍ରଚଳିତ ସର୍ବପ୍ରକାର ଔଷଧ ଦ୍ୱାରା ପରୀକ୍ଷା ହୋଇଅଛି । ବାତରକ୍ତ ଓ କୁଷ୍ଠ ପ୍ରଭୃତି ଦୁଷ୍ଟ ବ୍ୟାଧି, ମାତ୍ର ଲକ୍ଷଣ ଭେଦରେ ପ୍ରକାର ଭେଦ ହୋଇଥାଏ । ଏହି ରୋଗ ଶରୀରରେ ଜନ୍ମିବା ପୂର୍ବରୁ ନାନାପ୍ରକାର ଚର୍ମ ବା ରକ୍ତ ଦୋଷ, ଦାଗ, ଜ୍ୱାଳା ଶରୀରରେ ଅବସାଦ, ସୂଚିବିଦ୍ଧବତ୍ ବେଦନା ଅକସ୍ମାତ୍ ଅବଶତା, ନାଡ଼ିକା ଓ କଣ୍ଠିର ସ୍ଫୀତତା ଓ କୋଷ୍ଠବଦ୍ଧତା ପ୍ରଭୃତି ଉପସର୍ଗମାନ ଦେଖାଦିଏ । ଉକ୍ତ ରୋଗ ମାନଙ୍କ ଦୂରୀକରଣାର୍ଥେ ଆମ୍ଭର ଏହି "ଭ୍ରାମରୀ ରସାୟନ" ଏକମାତ୍ର ପରମ ମହୌଷଧ । ଏହା ଏକମାସ ସେବନ କଲେ ଏହାର ଉପକାରିତା ନିଜେ ନିଜେ ବୁଝିପାରିବେ । ଏକମାସ ସେବନ ଉପଯୋଗୀ ଔଷଧର ମୂଲ୍ୟ ଟ୮ **ଭ୍ରାମରୀ ତୈଳ:**— ଏହା ଦେହରେ ମାଲିସ୍ କଲେ ଦେହର ଚର୍ମ ଚକ୍କଡ଼ ଅତି ଶୀଘ୍ର ଆରୋଗ୍ୟ ହୁଏ । ଏକଶିଶି ଟ୨ଙ୍କା ମାତ୍ର ଟ୨ଙ୍କା ମାତ୍ର ।

**କାୟାକଳ୍ପ ଔଷଧାଳୟ**

**ବୈଦ୍ୟରାଜ:— ଶ୍ରୀ ଲକ୍ଷ୍ମୀନାରାୟଣ ଆଚାର୍ଯ୍ୟ ଆୟୁର୍ବେଦ ଶାସ୍ତ୍ରୀ**

ଆଳମଚାନ୍ଦ ବଜାର, କଟକ ।

---

କବିରାଜ ଶ୍ରୀଧର ଗର୍ଗବଟୁ ଭେଷଗାଚାର୍ଯ୍ୟଙ୍କ ଦ୍ୱାରା ଉଦ୍ଭାବିତ ଓ ଆଜକୁ ଦଶବର୍ଷ ଯାବତ୍ ପରୀକ୍ଷିତ ଓ ଔଷଧାବଳୀ ।

# ସ୍ୱପ୍ନ ସୁନ୍ଦରୀ

ଆମ୍ଭ ଦେଶୀୟ ଯୁବକମାନଙ୍କର ଅଧିକାଂଶ କାମୋତ୍ତେଜକ ସ୍ୱପ୍ନ ଦର୍ଶନ ଶୁକ୍ରକ୍ଷୟ ହୋଇଥାଏ । ଏହି ରୋଗ ଅତ୍ୟନ୍ତ ଅଧିକ ପ୍ରବଳ ହୋଇ ଥାଏ ସେ ଜାଗ୍ରତ ଅବସ୍ଥାରେ ମଧ୍ୟ ଶୁକ୍ରକ୍ଷୟ ହୁଏ । ଏହି ରୋଗ ଶରୀରର ବଳ, ବୀର୍ଯ୍ୟ, ଅଗ୍ନି, ସ୍ମୃତି ଇତ୍ୟାଦି ସମସ୍ତ ଅଙ୍ଗ କ୍ରମଶଃ କ୍ଷୀଣରେ କରି ସେମାନଙ୍କୁ ଅକାଳ ବାର୍ଦ୍ଧକ୍ୟ ବଢ଼ାଇ ଦେଇ ଥାଏ । ପରିଶେଷରେ ମଧ୍ୟ ଏହାପରି ଶୁକ୍ରକ୍ଷୟ ହେତୁରୁ ଧ୍ୱଜଭଙ୍ଗ ରୋଗ ଉପସ୍ଥିତ ହୋଇଥାଏ । ଆମର ସ୍ୱପ୍ନ ସୁନ୍ଦରୀ ଔଷଧ କିଛୁଦିନ ନିୟମିତ ବ୍ୟବହାର କଲେ ସ୍ୱପ୍ନଦୋଷ ଓ ତଜ୍ଜନିତ ଶୁକ୍ରକ୍ଷୟ ନିବାରିତ ହୋଇ ଶରୀର ହୃଷ୍ଟ ପୁଷ୍ଟ ଓ ବଳିଷ୍ଠ ହୋଇଥାଏ ।

**ମୂଲ୍ୟ**—୬୦ ଗୋଟା ବଟିକା ପୂର୍ଣ୍ଣ ଏକ ଶିଶିକୁ ଟ୨ । ୩୦ ଗୋଟା ବଟିକା ପୂର୍ଣ୍ଣ ଶିଶିକୁ ଟ୧୪ । ଡାକଖର୍ଚ୍ଚ ସ୍ୱତନ୍ତ୍ର ।

ଠିକଣା: ଶ୍ରୀଧର ଗର୍ଗବଟୁ ଭେଷଗାଚାର୍ଯ୍ୟ, ଭୁବନେଶ୍ୱର—ପୁରୀ

---

# ସନ୍ନ୍ୟାସୀ ଅମୃତ (ରେଜିଷ୍ଟାର୍ଡ)




କଲେରା, ବାନ୍ତି, ପେଟ କାମୁଡ଼ିବା, ଝାଡ଼ା, କଠା ଘା, ମୁଣ୍ଡବ୍ୟଥା, ବାତ, ପ୍ଳୀହା ଏପରିକି ଯେ କୌଣସି ରୋଗରେ ଏହାକୁ ବ୍ୟବହାର କଲେ ଦେଖିବା ଚକ୍ଷୁରେ ତାର ଆଶ୍ଚର୍ଯ୍ୟ କାର୍ଯ୍ୟ ଦେଖେ । ପ୍ରତ୍ୟେକ ଗୃହସ୍ଥର ଘରେ ଏକ ଶିଶି ରଖିବା ନିତାନ୍ତ ଆବଶ୍ୟକ । ଏହା ଭାରତବର୍ଷର ଭିନ୍ନଭିନ୍ନ ଚରିତ୍ର ଚେରମୂଳରେ ପ୍ରସ୍ତୁତ ।

ମୂଲ୍ୟ ଅଠଅଣା ମାତ୍ର, ନମୁନା ଶିଶି ଦୁଇଅଣା ।

ଠିକଣା—ସନ୍ନ୍ୟାସୀ ଏଣ୍ଡ୍ କୋ: (ରେଜିଷ୍ଟାର୍ଡ)
ପଞ୍ଜାବ

ଶାଖା, ଅକ୍ଷୟପଦା—ବାଲେଶ୍ୱର. (ଓଡ଼ିଶା) ।

---

# କୈଥୋଲାବିଧାରନ

ସମସ୍ତ ପ୍ରକାର ନୂତନ ମ୍ୟାଲେରିଆ ଜ୍ୱରର ପ୍ରଧାନ ଔଷଧ । ପ୍ଳୀହାଯକୃତ୍ ସଂଯୁକ୍ତ ଜ୍ୱରରେ ମଧ୍ୟ ଏହାର ଆଶ୍ଚର୍ଯ୍ୟ ଶକ୍ତି ଦେଖା ଯାଇଥାଏ । ଏକାହିକ, ଦ୍ୱାହିକ, ତାହିକ, ଚତୁର୍ଥିକ, କ୍ରୋନିକ ମ୍ୟାଲେରିଆ । ଜ୍ୱରନାଶନ ଅଠକିଆ ଜ୍ୱର ପ୍ରଭୃତି ସମସ୍ତ ପ୍ରକାର ବିଷମ ଜ୍ୱର ଶିଶି ଔଷଧ ବ୍ୟବହାର କଲେ ସମୂଳେ ଆରୋଗ୍ୟ ହୋଇଥାଏ । ଯଦି ବହୁଦିନ ଜ୍ୱର ଭୋଗ କରି ଶରୀର ରକ୍ତଶୂନ୍ୟ ହୋଇଥାଏ ତେବେ ଏହାକୁ କିଛୁଦିନ ନିୟମିତ ସେବନ କଲେ ଅଗ୍ନିବୃଦ୍ଧି ହୋଇ ଶରୀରରେ ନୂତନ ରକ୍ତ ସଞ୍ଚାର କରଥାଏ ।

**ମୂଲ୍ୟ**— ଶିଶିକୁ ବାରଅଣା ମାତ୍ର । ଶିଶିକୁ ଆଠଟଙ୍କା ମାତ୍ର । ଡାକଖର୍ଚ୍ଚ ସ୍ୱତନ୍ତ୍ର ।

**ପ୍ରାପ୍ତିସ୍ଥାନ – କବିରାଜ — ଶ୍ରୀଧରଗର୍ଗବଟୁ ଭେଷଗାଚାର୍ଯ୍ୟ** । ଆୟୁର୍ବେଦିକ୍ ଫାର୍ମା, ଭୁବନେଶ୍ୱର—ପୁରୀ ।

---

ସମ୍ପାଦକ – **ଶ୍ରୀ ନିତ୍ୟାନନ୍ଦ ମହାପାତ୍ର**

Digitized by srujanika@gmail.com



ଅମ୍ଭେମାନେ ବଙ୍ଗ ଦେଶର ଖବର କାଗଜମାନଙ୍କରେ ନାରୀ ହରଣ ମାମଲା ନାରୀ ଧର୍ଷଣ ମକଦ୍ଦମା ଇତ୍ୟାଦି ପଢ଼ି ଥାଉ ପାଉଥିଲୁଁ ଏବଂ ଏବେ ମଧ୍ୟ ବେଳେ ବେଳେ ମିଳେ । ସେଥିପାଇଁ ପିନଲ କୋଡ଼ରେ ଦଣ୍ଡ ବିଧାନ କରା ଯାଇଛି । କିନ୍ତୁ ନାରୀମାନେ ଯଦି ପୁରୁଷଙ୍କୁ ହରଣ ବା ଧର୍ଷଣ କରନ୍ତି ତାର କି ଦଣ୍ଡ ହେବ ଦଣ୍ଡବିଧି ଅଇନର କର୍ତ୍ତା ସେତେବେଳକୁ ନଭାବ ।

ଅଁମ୍ବେବିଁର୍ ଅଙ୍କିଲ୍ ବିଁବେ ଓଡ଼ିଶାର ଖବର କାଗଜବାଲ୍‌ମାନେ ଏହି ଭଳି ଏକ ମୋକଦ୍ଦମାରେ ସୁପର୍ଦ୍ଦ କରିଥିଲେ । କିନ୍ତୁ ଅସାମୀ ବେକସୁର୍ ଖଲାସ ପାଇଛି । ବୋଧହୁଏ ମକଦ୍ଦମା ଖର୍ଚ୍ଚା ଡିଗ୍ରି ମିଳିଲା ନାହିଁ । ଏତକ ଯାହା ଦୁଃଖ ରହିଗଲା ।

ଶ୍ରୀଯୁକ୍ତ ଭକ୍ତା ମହାଶୟ ଏଥର ଖାଖି ବୋଧହୁଏ । ତେବେ ଅଟଳଦା ଯଦି ଅଇନଗତ ଦୋଷୀ ନ ହୋଇ ନୈତିକ ଦୋଷୀ ହୋଇଥାନ୍ତି ତେବେ ଅମେ ଅଟଳଦାଙ୍କୁ ବେଶୀ ତାଗିଦ୍ ଦେବୁନାହିଁ କାରଣ ଛେଳୀ ବଗାଡ଼ ସହୁଦନେ ଅପରାଧ ବାର । ଭକ୍ତାଙ୍କର ନାମରେ ସିନା ଭକ୍ତା କିନ୍ତୁ ଅନେକ ଥର ସେ ଏଇ ମିଳିତ ମନ୍ତ୍ରୀମଣ୍ଡଳ 'ହିଁ' ପାଖରେ ହେଜ୍ୟ ହୋଇ ବଡ଼ା ହେଲେଣି । ହବେକେ ରକ୍ଷା ପାଇଛନ୍ତି, ମା ମଙ୍ଗଳାଙ୍କ ଘଣ୍ଟ ଯୋଡ଼ାଇବା ଦୋଷରୁ ।

ଅମ୍ବରା କହି, ହିଁୟାଗା ଅଟଳ ଦା, ସବ୍ ସମୟେରେ ଦଅନ୍ତେ ଦଅନ୍ତେ ସିକୁଟୁଦାର ମୁଟେଲେବେ ନା ଯାଇ ଏକ୍‌ଟା ଷ୍ଟ୍ରାଇ. ଯାଗା କି ପାଇଲେ ନା ?

ତଥାପି ଅଟଳଦାଙ୍କ ପ୍ରଶଂସା କରିବାର କି ଅଛି । ତାଙ୍କ ଭଳି Jack of all trades ଓଡ଼ିଆ ମାନଙ୍କ ହେଲେ କେହି ହୁଏ ନଥିବ । ତାଙ୍କ ଭଳି ପାଇଁ ବଙ୍ଗ ଓଡ଼ିଶା' ଭଇନେ Credit ନେବାକୁ ଖୁବ୍ ହାନ୍ତି । ଖାଣ୍ଟି ଓଡ଼ିଆ କି ଖାଣ୍ଟି ବଙ୍ଗାଳୀଙ୍କ ଭିତରେ ଏମିତି ଅନ୍ତର୍ଭେରେ ଗୋଟାଏ ପୁଅ କଏ କାଢ଼ି ଦେବ ଭଲ ! ଅଟଳଦାଙ୍କ ଭଳି ଅବାଠାରୁ ଜାହାଜ ଫ୍ୟାକ୍ଟ୍ରି ସବୁ ଖବର ରଖିଲ୍, ସବୁ ଖବର ବୁଝିଲ ତାଙ୍କ ହିସାବ ନାହିଁ । ଅଟଳଦା ଡାକ୍ତର । ଅଟଳଦା ଡବରାଜ । ଅଟଳଦା ଇନ୍‌ସୁରେନ୍ସ ଏଜେଣ୍ଟ, ଅଟଳଦା ଜୁଣ କଂପାନୀ, ଅଟଳଦା ଲୁଣ କଂପାନୀ, ଅଟଳଦା କୃଷି ଗୋରକ୍ଷା ବାଣିଜ୍ୟଠାରୁ ଆରମ୍ଭ କରି ଘର ଦ୍ୱାର, ପୁଅ ଝିଅ ସବୁ ଦିଗରେ ସମ୍ପନ୍ନ-ସମ୍ବୃଦ୍ଧ । ତେଣୁ ଅଟଳଦାଙ୍କ ଓଡ଼ିଶା ରାଜନୀତି, କୂଟନୀତି, ଶିଳ୍ପ ନୀତି, ଗାର୍ହସ୍ଥ୍ୟନୀତି କଥା ଅମାଲୁମ୍ ନାହିଁ ଅଭ କହଁ କଥାରେ ସେ କଥାନ୍ତି ଏମିତି ନାହିଁ । ସେ ଓଡ଼ିଶାର ବାଇଗଣ ପରିବା । ତେବେ ବାଇଗଣଟା ପ୍ରତି ଓଡ଼ିଆ ଶିକ୍ଷିତଙ୍କର ଆଉ ସେତେ ଆଗ୍ରହ ନ ଥିବାରୁ ଅମେ ଅଟଳଦାଙ୍କୁ ଗୋଟାଏ ଭଲ ପରିବା ବୋଲି ଭାବିବାକୁ ଜନସାଧାରଣଙ୍କ ଅନୁରୋଧ କରୁଛୁଁ । ଏଥିକି ଅମ୍ବେଦେର୍ ଅଟଳଦାର୍ ନାମ୍ ଥାକ୍‌ବେ ଶ୍ରୀ ଶ୍ରୀ ପଟଲ ବାଁ ।

\+ + +

## ବିଲୁଆ ବିଚାର

ଏବେ ଓଡ଼ିଶା ରାଜନୈତିକ ରଙ୍ଗମଞ୍ଚର ପ୍ରସିଦ୍ଧତମା ନଟୀଙ୍କର ନାମ ଉପର ପାଠକମାନଙ୍କ ଆଗରେ ପୁନରପି ଉତ୍ଥାନ ନ କଲେ ମଧ୍ୟ ଗୁଣଗ୍ରାହୀ ପାଠକମାନେ ବୁଝି ନେବେ । ଅବଶ୍ୟ ଭୁଲରେ ହଲିଉଡ୍ ବା କାନିଷ୍ଟାଲର ପର୍ଦ୍ଦା ପ୍ରତି ଦୃଷ୍ଟିପାତ କରିବେ ନାହିଁ । ସେଠି କାନନବାଲା, ଦେବୀକାରାଣୀ, ଲୀଳା ଦେଖାଇ ଥାନ୍ତି ; କିନ୍ତୁ ଆମର ଏ ତାରକା (star) ଙ୍କୁ ସେଠି ପାଇବେ ନାହିଁ । ତାଙ୍କୁ ଅନ୍ୟଏ ଅନୁସନ୍ଧାନ କରିବାକୁ ହେବ । କଟକରେ ଯଦି କୌଣସି ବଜାର ବା ଗଳିରେ ନପାନ୍ତି ତେବେ ଅନୁମାନ ହୁଏ ସିଧା 'ଜନତା' ଭିତରକୁ ପଶିଗଲେ ପାଇବେ ।

ଶ୍ରୀମତୀ ସରଳା ଦେବୀଙ୍କୁ ସମସ୍ତ ପ୍ରାୟ ଜାଣିଥିବେ । ଉତ୍କଳୀୟ ହିନ୍ଦୁ ଘର କୁଳବଧୂ ଜଣେ ସବୁ ତାହାର ବାନ୍ଧରେ ପରଦା ଟେକି ଛୁଇବାର ବାଟ ସେଇ ପ୍ରଥମେ ସାହସ କରିଛନ୍ତି । ଓଡ଼ିଆ ଝିଅ ଗୃହସ୍ଥ ଛଡ଼ି ଜନମ ପରବେଶଣ କରିବା କଥାରେ ସେଇ ଆଗ କହିଲେ ଚେଲା । ଅଇନ ସଭାରେ ଖାଲି ସଭ୍ୟା ନୁହେଁ, ଜଣେ ମନ୍ତ୍ରୀ ହୋଇ ସଭାର ପଛ ହେବାର ସୌଭାଗ୍ୟ ଲାଭ ଯଦି କେହି ଓଡ଼ିଆ ଝିଅ କରିଥାଏ ତାହେଲେ ସେ ଅମର ସରଳା । ଦେଶ ପାଇଁ ଜାତି ପାଇଁ ଏ ଦେଶର ଉଦ୍‌ବେଗ କେହି ଯଦି ଲଣ୍ଡନକୁ ତାହାର କାରାବରଣ କରିଥାଏ ତେବେ ସେ ଅମ ସରଳାଦେବୀ । ଏତେ ଗୁଣ ଏତେ ନାମ ଯାହାର ସେ ପୁଣି ଏବେ ମିଳିତ ମନ୍ତ୍ରୀମଣ୍ଡଳ ଟେକଇ ଯଉଁ ନା ପଡ଼ିଲେ ତା ଦେଖିଲେ ତାଙ୍କର ଜାତେ ଟଗ ମନେ ପଡ଼େ—

ଗୁଣ ସାଗର
ଗୁଣ ରସିକର      ଅଣା ବୃଥର
ଅଣା ଯୋଖୁଥିବୁଁ—ଗୁଣ ଗାଉଥିବୁ ।

\+ × +

ଶ୍ରୀମତୀ ସରଳା ଦେବୀ ମନ୍ତ୍ରୀମଣ୍ଡଳ ଟେକିବା ପଦପରେ ଏକ ମତ ଦେଇଥିଲେ । ଏବେ ଜେଲଖାନାରୁ ଫେରିବା ପରେ ତାଙ୍କର ଏ ମତଟା ଦୃଢ଼ ହୋଇ ବାହାରିଛି । ମତ ପରିବର୍ତ୍ତନଟା ସ୍ୱାଭାବିକ । ଦୁନିଆ ପରିବର୍ତ୍ତନଶୀଳ । ଜଗ ବୋଲେ ବୈଲିକ ମନ୍ଦ ଛଣଛଣକେ ଅନ୍ୟ । ମଣିଷର ସବୁବେଳେ ପରିବର୍ତ୍ତନ ସ୍ୱଭାବ । ଶ୍ରୀମତୀ ସରଳା ଦେବୀ ଝିଅ ଥିବେ ଥିଲେ । ପରିବର୍ତ୍ତନ ହେଲ—ସ୍ତ୍ରୀ ହେଲେ— ପରିବର୍ତ୍ତନ ହେଲ ମାତା ହେଲେ । ପରିବର୍ତ୍ତନ ହେଲ ଖଦି ଖଦି କାରାବରଣ କଲେ । ପୁଣି ପରିବର୍ତ୍ତନ ହେଉଛି, ହେବା ସ୍ୱାଭାବିକ । ଯଉଁ ଧାନରୁ ଉଆ ହୁଏ ସେଇ ଧାନରୁ ତ ଉସୁନା ହୁଏ । ତେବେ ସରଳାଙ୍କ ମତ ପରିବର୍ତ୍ତନଟା ଏମିତି କୋଉଠି ଅଜବ କଥା ନାହିଁ କି ହେବ ! କିନ୍ତୁ ଏ ମତ ପରିବର୍ତ୍ତନ କାହିଁକି ହେଲା ? ଶ୍ରୀମତୀ ସରଳା ଓଡ଼ିଶାର ଜେଣ୍ଟ ଲକ୍ଷ୍ମୀ ପଣ୍ଡିତ ହେବାର ଆଶା କରୁଛନ୍ତି ବୋଲି ଅନେକେ କହୁଛନ୍ତି । ସେ ଯେପରି କଥାଟାକୁ କାହିଁ ଦେଉଥିଲେ କି ଦୁଲୁଦୁଲୁ କୁହନ୍ତେ—

Digitized by srujanika@gmail.com

ଯେତେ ନୂଆ ହେଲେ ମୁଁ
ତେଣ୍ଟେଲ ଗୋଡ଼ରୁ ଡେଙ୍ଗେର ହାତ
ମୁଣ୍ଡ ... ।

ଶ୍ରୀମତୀ ସରଳାଦେବୀ ... ବର୍ତ୍ତମାନ ଲୋକମାନଙ୍କ ଉପରେ ଯେଉଁ ... କରୁଛନ୍ତି ତା ଦେଖି ତାଙ୍କ ମାତୃହୃଦୟ କାନ୍ଦ ଉଠେ। ତାର ପ୍ରତିକାର ପାଇଁ ମନ୍ତ୍ରୀମଣ୍ଡଳ ଏକାନ୍ତ ଆବଶ୍ୟକ। କଥାଟା ଶୁଣି ଆମକୁ ବ କାନ୍ଦ ମାଡ଼ୁଛି। କିନ୍ତୁ ଅବୁଝା ଲୋକ କହୁଛନ୍ତି—

ମାଉସୀ ଲୋ—ଉପରକୁ ଟୋପଟା
ଭିତରେ ଭିତରେ ଛେନା କେଟା।

ମାଁ ଦେବୀଙ୍କ ଉଦ୍ଧବ ଚିତ୍ତ ମତ୍ତ କରନା। କୁନ୍ତି କୁନ୍ତି ପାଣି ପିଇଲେ ମହାଦେବଙ୍କ ବାପା ବି ଜାଣିବେ ନାହିଁ। ମୂର୍ଖ ଓଡ଼ିଆଙ୍କ କଥା ଛଡ଼।

\+ + +

କିନ୍ତୁ ଦେବୀ ଆମର ଲୋକଙ୍କୁ ଚିହ୍ନି ପାରିଲେ ନାହିଁ, ଏତିକି ଯା ଦୁଃଖ। ଦେବୀ ଯଦି ମନ୍ତ୍ରୀ ହୋଇଥାନ୍ତେ ତେବେ ଆମେର ହୋଇଥାନ୍ତୁ ସବୁଠୁଁ ବେଶୀ ଖୁସି। କିନ୍ତୁ ଏଠିକି ଲୋକେ କହିବେ—

ଲଜ ନାହିଁ ତୋର ମୁହଁରେ
ବଡ଼ ହେବାପାଇଁ ବେଶରେ ବସିଛୁ
ଲୋକ ବାଛନ୍ତି ପାଛେ।

... ଶିମାଯ ଅଗଲୁ ଯେଉଁ ଦାନ୍ତ ଧରିଥିଲେ ସେ ଦାନ୍ତର ହତ ହୋଇଥିଲେ ଦୁର୍ଗଳର କରିଥାନ୍ତେ, ବସିଥିଲେ ରାଜ୍ୟ କ୍ଷେଗ ହୋଇଥାନ୍ତା। କିନ୍ତୁ ଏବେ ଯେଉଁ ସାଙ୍ଗ ସେ ଗୋଟିଏ ଇଛନ୍ତି ପଲଙ୍କରେ କୃଷ ଦୋଷରୁ ତାଂସ ଜଳିଅ ଅବସ୍ଥାକୁ ଭାଙ୍ଗି ଅଣିଲେ ସିନା। ଶେଷରେ—ଲଇହେଲ ଏଠିକି, କଣ୍ଟା ଲଗି କୁଟା ହେଇଗଲା ଅଛା—ପୁଲ ଚୋଳ ଯାଉ କେଉଁ। ବର୍ତ୍ତମାନ ଦେଶ କ'ଣ ଗ୍ରହେଁ, ସରଳାଙ୍କ ମାଉସି ଜାତିର ଧନ ସଂରକ୍ଷଣ, ସରଳା ଦାନ କେଉଁଠାରେ ଭୁଲି ସାରଦେବୀ। ଏଥର ଦେବୀ ନିଜେ ଅନୁଭବ କର—

ହିଛାକୁ ବାଲି
ଜିଶ୍ରୀ କନା ଯାଇ ଚମ୍ପିର କଲି।
ଦୁଃଖି ବାଟେ ବାଟେ ଗ୍ଲାନି ଚଲି ରେ ସଙ୍ଗାତ
କେହି ନ କହିଲେ ଅଥ ବୋଲି।

ଯେଉଁ ଦେଶବାସୀଙ୍କ ପାଇଁ ମନ୍ତ୍ରିଙ୍କ ସଙ୍ଗତେ ମିଶିଲେ ସେଇ ଦେଶ ବାସୀ ପୁଣି ଦୂର ଦୂର ଛିନ୍ନଛିନ ହେଉଛନ୍ତି। ଅନ୍ତର ଅନ୍ତରାଅ ହେ ଦେବି ! ଯେତେ ସଙ୍ଗାଳ ସେଠିକି ପଣ ପାଇଲ ଏବେ ବାଟକୁ ଅଥ। ଏଥିକରେ ଅରଣା ହୋଇ ଭୁଲନାହିଁ। ସ୍ତ୍ରୀ ଜାତି କାଳି ଉନ୍ନତ ଦେଶବାସୀ ଗୋଟାଏ କନ୍ ସେ-ସନ୍ କେତେ ଦେଇ ପାରନ୍ତି। ଅଜ ନୂଆ ଛପା ମାମଲ କାହିଁକି। ମତ ନେଇ ଲୋକ କାମ କରେ କିନ୍ତୁ କାମକୁ ସ୍ୱହିଁ ମତ ଠିକ୍ କଲେ ଲୋକ ଜନମତ ବୋଲି କହିବେ। କହିବେ—

ଯା ଦେବୀ ଏ ଉଲ୍ଲେଖ୍ୟ ମାତୃରୂପେଣ ସଂସ୍ଥିତା
ନମସ୍ତସ୍ୟୈ ନମସ୍ତସ୍ୟୈ ନମସ୍ତସ୍ୟୈ ନମୋନମଃ।

× + ×

ସରଳାଙ୍କ ଅବକାଲିକା ସ୍କଲରେଲନ, କଥାବାର୍ତ୍ତା କାଣ୍ଡ କାରଖାନା ଦେଖି କ ଆମକୁ ଅନେକଲୋକ ପ୍ରଶ୍ନ କରୁଛନ୍ତି—ସରଳାଙ୍କ ନାମ ପ୍ରକୃତରେ ସରଳା କମ୍ବା କୁଟୀଳା ? ଅବଶ୍ୟ ସରଳାଙ୍କ ବାପମା ପ୍ରଥମେ ସରଳାଙ୍କ ନାମ କ'ଣ ରଖିଥିଲେ ସେ କଥାର ସାକ୍ଷୀ କେହି ନାହିଁ। କିନ୍ତୁ ସରଳାଙ୍କ ନାମ ଯେ ବର୍ଣ୍ଣିବ ଦନ୍ତ୍ୟସ, ର, ଲରେଥିବାର ଏଥିରେ ଆମ୍ଭେମାନେ ଅବେଖି ସନ୍ଦେହ କରି ନ ପାରୁଁ। ଅବଶ୍ୟ ସରଳା ବୋଲି ଜାଣି ଡାକୁ କେହି କେହି ଲା କୁ ଉଠାଇ ଗାଲି ସତ ଡାକୁଥିବେ କମ୍ବା ସରକୁ ଅସପଛ କରି ରସ ବୋଲି ଡାକୁଥିବେ, ଅଥବା କେହି କେହି ସାହେବ ଫେସନରେ ର ଟାକୁ ଅ କରି ଡାକୁଥିବେ, କିନ୍ତୁ ଏ ଗୁଜବ ମିଥ୍ୟା ହୋଇପାରେ ଯେ ସରଳାଙ୍କ ଜନ୍ମବେଳେ ତାଙ୍କ ନାମ କୁଟୀଳା ଦିଆ ଯାଇଥିଲା ମାତ୍ର ସେତେବେଳକୁ ତାଙ୍କର ଜ୍ଞାନ ନ ଥିବାରୁ ନ ମଟା ବଦଳି ଯାଇ ସରଳା ରହିଗଲା। ସେ ଯାହା ହେଉ—କାଳସ୍ୟ କୁଟୀଳା ଗତି। ସରଳା ଅମର ସମସ୍ତଙ୍କ ପରି କାଳର ବଶିଭୂତ ଜାନୁଥିବ ଯେତେବେଳେ—ସରଳା କୁଟୀଳା ହେବାରେ କିଛି ଅଶ୍ଚର୍ଯ୍ୟ ହେବାର ନାହିଁ।

\+ × +

ଅମ ଓଡ଼ିଶା ଲାଟ ସାହେବ ନାବଦେଲା ସାର କେମନ୍ତେ ସତ୍ୟନାରାୟଣ ପୂଜା କରି, ଦବ୍ୟ ସିରଣି ସଂଯୋଗ କରାଇ ଥିଲେ। ଅଇତ୍ୟଥା ମନ ନୁହେଁ। ଏ ଯୁଗରେ ସତ୍ୟନାରାୟଣଙ୍କ ନାମ ହେଉଛି—ନଗଦ ନାରାୟଣ। ଏଇ ନଗଦ ନାରାୟଣଙ୍କ ପାଇଁ ଯୁଦ୍ଧ, ଏଇ ନଗଦ ନାରାୟଣଙ୍କ ପାଇଁ ଭାରତ ପ୍ରତି ଇଂଲଣ୍ଡର ସ୍ନେହ, ଏଇ ନଗଦ ନାରାୟଣ ପାଇଁ ଓଡ଼ିଆବାସୀଏ ଲାଟଙ୍କୁ ଏତେ ଖୋସାମଦ କରୁଛନ୍ତି। କିନ୍ତୁ ଲାଟ ସାହେବ ବୋଧ ଜାଣିଥିବେ ଯେ ଏଇ ନଗଦ ନାରାୟଣଙ୍କର ଅଉ ଗୋଟାଏ ନାମ ଅଛି—ତା ହେଉଛି ମିଥ୍ୟା ନାରାୟଣ। ଅମ ଲାଟ ସାହେବ ଇଂରାଜ ଶାସନର ଜଣଅନ୍ତା ପ୍ରତିମା ତାଙ୍କୁ ଏକଥା ବୁଝାଇ ଦେବାକୁ ହେବ ନାହିଁ।

ଯାହାହେଉ—ସତ୍ୟନାରାୟଣ କୃପା କରି ଅମ ଇଂରାଜ ସରକାରଙ୍କୁ ଜୟଯୁକ୍ତ କରନ୍ତୁ।

ବୋଲକୁହ ଏକବାର ଅନନ୍ଦେ—
ଯାଉଁ ପର ଗର୍ଜିଅ ଉଠିଲ ସତ୍ୟପୀର,
ହରି ମୁଖ ପାଲଟିଲା ନାଳ ହଟଲେ।

\+ × +

ଶୁଣାଯାଏ ପ୍ରସୁଲ୍ଲ ଫଜଲୁଲ ହକ୍—ବଙ୍ଗଳାର ପ୍ରଧାନ ମନ୍ତ୍ରୀ ସାହେବ ଏଇ ୭୦ ବର୍ଷ ବୟସରେ ମିଉଚ୍ ଯାଇ ଗୋଟିଏ ସାଦି କରି ଅସିଛନ୍ତି। ଏଟା ସାଦି କି ନକା ତାହା ଅମେ ଜାଣୁନାହିଁ। କମ୍ବା ଫଜଲୁଲ ହକ ସେ ସବୁ କିଛି ନ କରି—

ଯିସ୍‌କା ଯିସ୍‌କୋ ରାତ,
କିଅ କରେଗା କାଜି।

କହୁ ଉଠା କରି ଟେକା କନିଅ ଭାବରେ ସାଧି କରି ପକାଇଲେ, ତା ସେ ନିଜେ ଜାଣିଥିବେ। କିନ୍ତୁ ସାଧାରଣ ଏ କଥାର ପତ୍ତା ପାଇବା କଠିନ। ଯାହାହେଉ, କଥାଟା ଯଦି ସତ୍ୟ ହୋଇଥାଏ ତେବେ ଅମ୍ଭେମାନେ ଫଜଲୁଲ ହକ୍‌ଙ୍କୁ ପ୍ରଶଂସା କରିବୁ ଅବଶ୍ୟ। କାରଣ ବଙ୍ଗଳା ହକ୍‌ଙ୍କଠୁଁ ଅନେକ ଅଶା କରେ। ଫଜଲୁଲ ହକ୍ ଯେ ବଙ୍ଗଳାର ସେ ଅଶା ପୂରଣ କରିବା ପାଇଁ ସଂପୂର୍ଣ୍ଣ କ୍ଷମ, ତା'ର ପ୍ରମାଣ ସେ ଦେଖାଇ ଦେଲେ। ଏଣିକି ବଙ୍ଗଳାର ଫଜଲୁଲ ମତାବଲମ୍ବୀ କୌଣସି ଲୋକ ଅଉ ବୁଢ଼ା ହେବ ନାହିଁ। ଯୁବ ଶକ୍ତି ଇନେକ୍‌ଟ୍ କରେଣ୍ଟ ଭଳିଅ ଛୁଟିବ।

ଅମର ମନେହୁଏ ଗଲ ଜନଗଣନାରେ ମୁସଲମାନଙ୍କଠୁ ହିନ୍ଦୁ ସଂଖ୍ୟା ବେଶୀ ହୋଇଥିବାରୁ କ୍ଷୋଭରେ ସେ ଏପରି କରିଛନ୍ତି। ତାଙ୍କ ଆଦର୍ଶରେ ବୁଢ଼ା ମୁସଲମାନମାନେ ଯଦି ଅନୁପ୍ରାଣିତ ହୁଅନ୍ତେ ତେବେ ଅସନ୍ତା ଜନଗଣନାକୁ ଅବସ୍ଥା ବଦଳି ଯାନ୍ତା। ଦୟାମୟ ବ୍ରିଟିଶ ସରକାର ଯେତେଦିନ ଯାଏ, ୧୯୫୧ରେ ଜନଗଣନାଟାକୁ କାଏମ୍ ନ କରି ରଖି ଦିଅନ୍ତୁ—ତାଙ୍କ ଫଜଲୁଲଙ୍କ ମୁହଁକୁ ଗ୍ରହିଁ।

ବାକି ରହିଲେ ଜନା। ସଙ୍ଗାତେ, ତମ ଦିନ କାଳ କେବେ ଅସୁଛି ?

---

ଗତ ୫୦ ବର୍ଷ ମଧ୍ୟରେ
**ଲବଣର ମୂଲ୍ୟ**
**ଏତେ ବେଶୀ କେବେ ହୋଇ ନ ଥିଲା**
ଅତ: ଏବ
ଲବଣ ଶିଳ୍ପ ଯେ ଦବାପେକ୍ଷା ଅଧିକ ଲଭ୍ୟାଂଶ ଦେବ ଏ ବିଷୟରେ ସନ୍ଦେହ ନାହିଁ।
ଏ ସୁଯୋଗରେ ଆପଣ "ଦ ଉତ୍କଳ ଶଲ୍ଟ ଏଣ୍ଡ କେମିକେଲ୍ ଓ ଅର୍କସ"ର ଅଂଶ (Share) କିଣି ନିଜେ ଲାଭବାନ ହୁଅନ୍ତୁ ଓ ଦେଶକୁ ଶ୍ରୀ ସମ୍ପନ୍ନ କରନ୍ତୁ।
**ଠିକଣା—ଅର, ସିଦ୍ଧାନ୍ତ, କଟକ।**

Digitized by srujanika@gmail.com




ଜୀବ କାହିଁକି ବାହାହୁଏ ସେକଥା କହି ପାରିବ ନାହିଁ ଯେତେବେଳେ ସୁରେନ୍ଦ୍ରର ବାହାଘରଟା ହେଉଥିଲା ଊର୍ମିଳା ସେନଙ୍କ ସହିତ ।

ବୈଶ୍ଚିର ମାଳ ବି ଦିନେ ସେମାନଙ୍କୁ ବାହା ହେବାକୁ ମନ କରିଥିବେ । କିନ୍ତୁ ସମାଜ କହିବ ସେ ଚାରି ଆଖିରେ ଦେଖିଲେ ସେମାନେ ଦେଖିଲେ ।

ସୁରେନ୍ଦ୍ର ବି ଊର୍ମିଳାକୁ ଚାରି ଆଖିରେ ଦେଖିଥିଲା ବୋଲି ଲୋକେ କହୁଥାନ୍ତେ ନିଶ୍ଚୟ, ଯଦି ସେ ଏମ୍, ଏ, ପାସ୍ କରି ସେକେଣ୍ଡ କ୍ଲାସରେ କଲେଜ ଲେକଚରରି ଚାକିରି ପାଇ ନ ଥାନ୍ତା ।

**ମଜାକଥା**

## ଶଶୁର ଘର ମେନଆ

ଲେଖକ—ଶ୍ରୀ ନି: ମ:

ଊର୍ମିଳା ହାକିମର ଝିଅ । ଗୋଟାଏ ହାକିମକୁ ବାହା- ହେବା କଥା । କିନ୍ତୁ ବର୍ଷରେ ଯୋଡ଼ାଏ ଉଚିତ ହାକିମ ଚାକିରି ଓଡ଼ିଶାରେ ପାଇଲା ବେଳକୁ ହାକିମ ବଳିଥାନ୍ତି ନମ୍ବର ଉନ ଦଶା ଛତିଶି । ଏଇ ଭଳି ଅବସ୍ଥାରେ ଊର୍ମିଳାର ପିତା ନିତାନ୍ତ ଝକ୍ ମାରି ସୁରେନ୍ଦ୍ର ସହିତ ପ୍ରସ୍ତାବଟାକୁ ଯେଉଁଦିନ ନାଚାର ଅବସ୍ଥାରେ 'ହଁ' ମାରିଲେ, ସେଦିନ ତାଙ୍କ ନାକଟା ଯେ ଉପରକୁ ହେଲେଲା, ଅଦ୍ୟାବଧି ଆଉ ତଳକୁ ହେଇନାହିଁ ।

ତାଙ୍କର ଅନ୍ୟାନ୍ୟ ଜୁଆଁଇଁଙ୍କ ଭିତରୁ ଡିପୁଟି, ସବ୍ ଡିପୁଟି, ଇନସପେକ୍ଟର, ଏସ୍, ପି, ଇତ୍ୟାଦି ଇତ୍ୟାଦି । କିରାଣି ହୋଇ କେହି ଜଣେ ବି ନାହିଁ । କିନ୍ତୁ ଯେତେହେଲେ ହେବ କ'ଣ ତାଙ୍କ ଭିତରୁ ଏମ୍, ଏ, କେହି ନାହାନ୍ତି । ମେଟ୍ରିକୁଲେସନକୁ ଅତିକ୍ରମ କରି ଖୁବ୍ ଜୋର ବି, ଏ, ପର୍ଯ୍ୟନ୍ତ ଯାଇଛନ୍ତି । ଏମ୍, ଏ, ଅର୍ଥାତ୍ ମାଷ୍ଟର ଅବ୍ ଆର୍ଟସ ମାନେ କଳା ଧୁରନ୍ଧର, କେବଳ କଳାସ୍ଥା କନ୍ୟା ଊର୍ମିଳାଙ୍କର ସ୍ୱାମୀରୂପୀ ଦେବତା ଶ୍ରୀମାନ୍ ସୁରେନ୍ଦ୍ର ।

ଊର୍ମିଳା ଯେତେବେଳେ ବାଳିକା ବିଦ୍ୟାଳୟରେ ପଢ଼ୁଥିଲା ସେତେବେଳେ ସେ ସହରର ଠୋକା ଟୋକୀଙ୍କ ଅନ୍ୱେଷ୍ୟ ବିଷୟ-ବସ୍ତୁ ହୋଇ ବେଶୀ ହେଉଥିରେ ପ୍ରମାଣିତ ହୋଇଥିଲା ଯେ ସେ ଜଣେ ଉପଯୁକ୍ତା ଅପ୍-ଟୁ-ଡେଟ୍—ଫରୁଆର୍ଡ—ଏକ୍ସିବିସନିଷ୍ଟ ଗାର୍ଲ । ଅତଏବ କେତେ ଟୋକା ଯେ ତା ପାଇଁ ଝୁରି ହୋଇ ଚେଷ୍ଟା କରିଥିବେ ତାର କଳନା ନାହିଁ । କିନ୍ତୁ ସୁରେନ୍ଦ୍ରର ଅନ୍ୟମାନଙ୍କ ପରି ବେଡ୍ ଲ୍ୟୁକ ହୋଇ ଫାଷ୍ଟକ୍ଲାସରୁ ସେକେଣ୍ଡ କ୍ଲାସ ପାସରୁ ବା ପାସରୁ ଫେଲ୍ ଯାଏ ଦେବାର ଦୁର୍ଭାଗ୍ୟ ଘଟି ନାହିଁ । ସେ ବୋକାବୋକା ଭଳି ରହିଥିଲା । ଅତଏବ ଊର୍ମିଳାକୁ ପ୍ରେମ କରିବାରେ ତାର ଯେ କେତେ ଚେଷ୍ଟା ଥିଲା ତା ସମସ୍ତେ ଜାଣିଥିବେ । କେବଳ ଊର୍ମିଳା ପ୍ରମାନ ପାତ୍ରୀର ଉପଯୁକ୍ତ ପାତ୍ର ହେବ ବୋଲି ଏହି ଜୀବନ ବ୍ୟାପୀ ସାଧନା କରି ତାକୁ ପାଇଲା ବୋଲି କହିଲେ ଚଳେ ।

ହେଲେ କ'ଣ ହେବ, ବ୍ୟାକ୍ ଡେଟ୍ ବାବୁ ଗାର୍ଡ଼ିଅନ (ମୁରବୀ) ଷ୍ଟ୍ରଙ୍ଗ୍ (ଠାଣି) ନ ହେବାରୁ ସର୍ଟିଫିକେଟ ଚାକିରି ମିଳିଲା ବି ନାହିଁ । ଶେଷରେ ବର୍ଷ ଅବଧିରୁ ପୁଣି ... ଲେକଚରରି ଚାକିରି । ସେତେବେଳକୁ ବାହାଘର ପ୍ରସ୍ତାବ ଚାଲିଥାଏ । ଲେକଚରରି ପାଇବାରୁ ସୁରେନ୍ଦ୍ରକୁ ଲଭ ମାଡ଼ିଥାଏ । ନାହିଁଲେ ଊର୍ମିଳା ସୁନ୍ଦର ଆଖିରେ ସେ ଲେଉଟ ହେଉଥିବ । କିନ୍ତୁ ସମସ୍ତେ କହିଲେ, ମିଳିଲା ମାଳ ଘଟେ ଯିଏ ମରେ ସିଏ ।

ସେକେଣ୍ଡକ୍ଲାସ ଏମ୍ ଏ ଗତି ପୂର୍ଣ୍ଣ ହେଲେ ବି କଲେଜ, ଶ୍ୟାମପୁରର ଶମ୍ବୁସ୍ତ ନେତାଠାରୁ ବି ଅଧିକ ସମ୍ମାନ ପାଇବା କଥା ।

ତଥାପି ଭାଗ୍ୟ ଯୋଗୁଁ ସେ ସେକେଣ୍ଡକ୍ଲାସ ଏମ୍‌ଏ ହେଲା । ଭାଗ୍ୟ ବଳରୁ ଲେକଚରରି ଚାକିରି ମିଳିଲା । ଆଉ ଭାଗ୍ୟ ଜୋର ହେବାରୁ ସେ ଶେଷରେ ଊର୍ମିଳାର ପାଣି ଧରିଲା ।

ଊର୍ମିଳା ସୁରେନ୍ଦ୍ରକୁ ବିବାହ ପୂର୍ବରୁ ଭଲ ପାଉଥିଲା କି ନାହିଁ, ସେ କଥା ଜାଣିବାର ସୁଯୋଗ ତାର ନ ଥିଲା । କିନ୍ତୁ ଊର୍ମିଳାର ତା' ପ୍ରତି ବ୍ୟବହାର ଭିତରୁ ସେ ଥିଲା ସେ ଯେତିକି ତା' ସପକ୍ଷରେ ଟାଣି ପାରୁଥିଲା, ଏମିତି ଅଭାବ ଅନେକ ଦିନ ହେଲେ ସେଇ-ମାନଙ୍କ ସହିତ ତାର ସେଇଭଳି କି ତା'ଠାରୁ ବେଶୀ ବ୍ୟବହାରରେ ସେତିକି ବା ତତୋଧିକ ଅଧିକ ତାଙ୍କ ସପକ୍ଷରେ ଟାଣୁଥାଆନ୍ତି । ସେଥିପାଇଁ, ବିବାହର ପ୍ରଥମ ରାତିରେ ଊର୍ମିଳା ସୁରେନ୍ଦ୍ରକୁ ଯେତେବେଳେ ଜୋର ଦେଇ କହିଲା—'ମୁଁ ତମକୁ ହୃଦୟରେ ସ୍ଥାନ ଦେଇଥିଲି', ସୁରେନ୍ଦ୍ରକୁ କିନ୍ତୁ ଆଉ ଯେ କୌଣସି ପରିବେଶ ଯୁବକକୁ ଅନ୍ତତଃ ସେ ସେତିକି ବୋଲି ତା' କହି ପାରୁଥାନ୍ତା ।

ଊର୍ମିଳାର ପିତା ଅବସର ପ୍ରାପ୍ତ, ଜଣେ ସେଓାଧ୍ୟାସ । ଊର୍ମିଳାର ଘର ହେବାରେ ଯେତେ ଆନନ୍ଦ ନ ଥିଲା, ଏମିତି ଗୋଟାଏ ଭାଗ୍ୟବାନ୍ ଶଶୁରଘର ପାଇବାରେ ଆନନ୍ଦ ଥିଲା ତା'ଠାରୁ ଢେର ବେଶୀ ।

ବାହାହେବା ପରେ ସୁରେନ୍ଦ୍ର ମନ୍ଦିରେ କେବଳ ଗୋଟାଏ କଥା—ଊର୍ମିଳା କଥା ନୁହେଁ—ତାର ଶଶୁରଘର କଥା । ଏମିତି ଶାଶୁ, ସେମିତି ଶଶୁର, ଏମିତି ଝିଅ, ସେମିତି ସୁନ୍ଦର ଇତ୍ୟାଦି ଇତ୍ୟାଦି ।

ତାଙ୍କରେ ସବୁଠାରୁ ... ସୁନା ଘଟଣା । ଶଶୁରଙ୍କର ଅନୁରୂପ ସେବା ସପରସ୍ ... ଜ୍ୱାଇଁଙ୍କ କଳକତା ... ଯାଏଁ ...



Digitized by srujanika@gmail.com

ଯେମିତି ଏମିତି କେବେ ଛୁଟି ମଞ୍ଜୁର ହାଉଥିଲା. ଘଣ୍ଟା ଦଉଡ଼ାଇ ଷ୍ଟେସ । ଦୁଃଖ ସେଥିରେ ମାଉଛି ସୁରେନ୍ଦ୍ରର କଷ୍ଟକର ସ୍ମୃତି । ପ୍ରତିଦିନ ଚେଷ୍ଟା ଚେଷ୍ଟା ନୂଆ ଏହି ଦିନ ଅଫିସରୁ ଯାଏ ଷ୍ଟେସନର ପଞ୍ଜାବୀ ଆଉ କଲଟି ଲୁଙ୍ଗା ଆଉ କୌଣସି ଦେଶୀ ପୋଷାକ ତାକୁ ଭଲ ଲାଗିଲା ନାହିଁ । କେବଳ ଚେଷ୍ଟା ରେ ଗଲେ ମୁଁ ସୁରେନ୍ଦ୍ର ଅନେକ ଯୋଗାଡ଼ ଚେଷ୍ଟା ପେଣ୍ଟ ବଜାରରୁ କୋଟ କୋଟ ବସ୍ତ୍ର କଷ୍ଟରେ ଅଣାଇ କଲା । ଶଶୁରଘର ଯୋଗାଡରେ କ ଟୋଟାଏ କଟେଶ-ଷ୍ଟଲ୍ ଥିଲା, ଯା' ଯୋଗୁଁ ସୁରେନ୍ଦ୍ରର ଚୁଟିଥିଲା ।

ବାହାଘରର ଦିନ କେତେଟା ପରେ ଦିନେ ସୁରେନ୍ଦ୍ର ହଠାତ୍ ଏକ ଅଦ୍ଭୁତ ଖୋଲ ସମସ୍ତଙ୍କୁ ଚକିତ କରିଦେବାକୁ ଚେଷ୍ଟା କଲା ଯେ ତାଙ୍କ ଶଶୁର ଖାଣ୍ଟ ତାର ସ୍ତ୍ରୀକୁ ଅଟକାଇ ରଖିପାରନ୍ତି । କାରଣ ସେ ଯାହା ଜାଣିଛି । ତେଣୁ କେବଳ ପଠାଇ ଊର୍ମିଳା-କୁ ସେମାନେ ଆଣିବା ପାଇଁ ନେଇଗଲେ ।

ଯେଉଁଦିନଠୁଁ ଊର୍ମିଳା ଗଲା, ସେଦିନ ତାରୁ ସୁରେନ୍ଦ୍ରର ଶରୀରେ ସବୁ ଜମଜମାଟ ଅସ୍ତ୍ରସ୍ତ ହୋଇଗଲା । ଉଠୁଣୁ ବସୁଣୁ ଚାହୁଁଣୁ ମୁହୁଣୁ ଖାଲି ଶଶୁର ଘର ।

ଅଫିସ କଥା କଟି ଦେଖିଛନ୍ତି ତାର ଶଶୁର କଟି ଦେଖିଛନ୍ତି, ପତ୍ନୀଙ୍କର ବଡ଼ଶଳା ଦେଖିଥିଲେ, ତହିଁ ଅବସର ଖାଲି କଟି ଲେଖିଥିଲ, ତା ଅଫରୁ ଶାଳୀ-କୁଅଁର; ଆଉ ତନରେ ଥରେ ଲେଖାଏଁ ଊର୍ମିଳା ଲୁଚେଇ ଲେଖୁଛି—ଦିନକ ପାଇଁ ହେଲେ ଛୁଟି ନେଇ ଆସ । ଏଠି ସମସ୍ତେ ତମକୁ ଦେଖିବେ ବୋଲି ମନ କରୁଛନ୍ତି ।

କିନ୍ତୁ ଅଫିସରୁ ଛୁଟି ଆଉ ମିଳେନାହିଁ । ସୁରେନ୍ଦ୍ର ଲେଖିଲେ—ମୋର ବେଳକୁ ଛୁଟି ଅଳ୍ପଦିନ ଅଛି । ପୁଣି ଚାକିରି ଭଲ ଭାବରେ ଅଛି । ଚୁପିରେ ଚୁପିରେ ଛୁଟି ନେବା ଉଚିତ ନୁହେଁ ।

୧୯ । ପୁଣି କଟି ଆସେ ।

ପୁଣି ଉତ୍ତର ଦିଏ—କ'ଣ କରିବ—ମୋ ଅଫିସର ବଡ଼ ସାହେବଟା ମୋ କାମରେ ବଡ଼ ଖୁସି, ଏ ବର୍ଷ ଶେଷରେ ମୋର ଦରମା ବଢ଼ାଇବା ପାଇଁ ସୁପାରିସ କରିବାର ଆଶା । ଛୁଟି ନେଲେ ସେ କଣ କହିବ—ଇତ୍ୟାଦି ।

ତେବେ ବ କଟି ଆସିଲା । ସୁରେନ୍ଦ୍ର ଅଭି ଅଫିସରେ କହିଲା "ଇଉ ମୁଁ ଅଉ ପାରିବି ନାହିଁ । ଅଶ୍ରୁ ନର କଟି । ଶାଶୁ ଶଶୁର ଊର୍ମିଳାକୁ ଅଟକାଇ ରଖିଛନ୍ତି ଅତଏବ ସେହି ସୂତ୍ରରେ ମୋତେ—। ଆଉ ଅବକାଶ ଖୋଜି ହେଉନାହିଁ ।

କିନ୍ତୁ ଅସଲ କଥାଟା ସୁରେନ୍ଦ୍ରର ଅନ୍ତଃକରଣ ଆଉ ଜାଣେ । ଶଶୁର ଘରକୁ ଗଲେ ସେ ଶାଶୁ ଶ୍ୱଶୁରଙ୍କ ପାଇଁ କ'ଣ ନେବି । ମାଇଁ ଆ ଶାଳୀ ଆଉ ସାନ ଶଳାଙ୍କ ପାଇଁ କ'ଣ ନେବ । ଊର୍ମିଳାର ବନାତ ଅଛି ଏତେ ଜରୁରି ନାହିଁ । ନିଜ ହୋଟେଲ୍ ଭୋଜ ତ ଏତେ କରିବାର । ତା'ଛଡ଼ା ନୂଆ ଜୋତା ନୂଆ ପାଇବାକୁ ଦରକାର । ଶଶୁରଘର ଯିବ ହୋଟେଲ ଅଳ ବେଳଦିନ ସେଥିରୁ ଉର୍ମିଳା ନେଇଯାଉଛି । ନୂଆ ଜୁତା ନୂଆ ପେଣ୍ଟ ସରିଗଲଣି । ସେହିପରି ସେହିଟା ନି ନୂଆ ହୋଇଥିବ ଲେଖିଛ । ତାଛଡ଼ା ନୂଆ ଜଳ ଧୋତି ଦଶୋଡ଼ା ଆଉ ନୂଆ ପଞ୍ଜାବୀ ଦରକାର ନି କରି ଗଲେ ଶଶୁର ଘର ବୋଲିବେ ତାଙ୍କର ଦଶା ଦେଖ ଜାମା ଛଡ଼ା ଯେମିତି ସୁରେନ୍ଦ୍ରର ଆଉ କିଛି ନାହିଁ ।

ଊର୍ମିଳା ଚିଠିରୁ ମନେ ହୁଏ ସେ ସୁରେନ୍ଦ୍ର ଗୃହରେ ବ୍ରେକ୍ ଠିକ୍ କରି ରହିଛି । ଏମ୍ ଏ ପରୀକ୍ଷା କ୍ଲାସ୍—ଉଦୟ ! ତାଙ୍କର ସଙ୍ଗର ଉପଯୋ-ରେ କମ୍ । ଖାଲି ସେଇଥିପାଇଁ ହେବା ତାଙ୍କ ଏମିତି ଆଉ ବେଶୀ ଟୋଟାଏ କ କଥା । ଅତଏବ ପୁରା ମାର୍ ବଳରେ ନ ହେଲେ ବି ଅଧାଅଧି ଦରକାର । ଲୁଗା, ଜାମା ଜୋତା ଇତ୍ୟାଦି ଅନ୍ତତଃ । ଭଲ ଚାକିରୀ ନେଇ, କହିବା କଥାରେ ବାସ୍ତବ ଅଧିକ ତା କାହାର ଜାଣିବା ଦରକାର । ଭଲ ଟଙ୍କା ଗୋଟିଏ ମାସ ପୁଣି । ଶଶୁର ଘର ଯିବା କଥାଟା ଚଳି ପାରେ କିନ୍ତୁ ଆଜିକାଲି ଯୁଗରେ ଦଶ ଟଙ୍କା ଭଳିଆ ପଡ଼ିଲେ ସେଇଟା ତ କୌଣସି ମତେ ଚଳି ନ ପାରେ ।

ଏ ସମସ୍ତ ଟୋଟାଙ୍କ ଟୋଟାଙ୍କ ମାସକର ଦରମା ଶେଷ । ଅଉ ମାସଟାଏ ଉପାୟ କେଉଁଠି ନ ମିଳିଲେ ସାହାଯ୍ୟ ଯେ ମିଳିବା କଠିନ୍ ।

ଚିଠି ଆସିଲ ହଠାତ୍ ଊର୍ମିଳା ଅସୁସ୍ଥ । କିନ୍ତୁ ତଥାପି ସୁରେନ୍ଦ୍ରର ଯିବା ହେଲ ଅସମ୍ଭବ । ଟଙ୍କା ନାହିଁ । ବାଧ୍ୟ ହୋଇ ଧାର ମାଗିଲା । କିନ୍ତୁ ମାସ ଅଧାଅଧିରେ ଜୁନ୍ କୋଉଁ ଟଙ୍କାରୁ ବେଶୀ କେହି ଦେଇ ପାରିଲେ ନାହିଁ ।

ସୁରେନ୍ଦ୍ର ଉତ୍ତର ଦେଲା ଛୁଟି ମିଳିଲା ନାହିଁ ।

ପୁଣି ଚିଠି ଆସିଲ—ଡାକ୍ତର ଟାଇଫଏଡ଼ ବୋଲି ସନ୍ଦେହ କରୁଛି ।

ସୁରେନ୍ଦ୍ର ଅସିଲ ଟୋଟପଟେଶ । କିନ୍ତୁ ତଥାପି ଯାଇ ପାରିଲା ନାହିଁ ।

ସୁରେନ୍ଦ୍ରର ଟୋଟାଏ ତାର ଆସିଲ । ସେ ଭାବିଲ ତା'ର ବୋଲି । ପୋଷ୍ଟ ପିଅନକୁ କହିଲ—ହଁ ସେ ତା'ର ତାର । ଏସ୍ ଉଭ ଡାଗାରେ ଏନ୍ ଏ ହୋଇପାଉଛି ।

କିନ୍ତୁ ନରେନ୍ଦ୍ର ସେ ତାର ଖୋଲି ଦେଖିଲା । ସେଥିରେ ଲେଖା ହୋଇଛି—Condition hopeless. Come soon, ଅବସ୍ଥା ଆଶାହୀନ—ଶୀଘ୍ର ଆସ ।

ସୁରେନ୍ଦ୍ର ଟେଲି ତେଲି କରି କାମ ପକାଇଲା । ଊର୍ମିଳା ପାଇଁ ତା ମନରେ ଦେଖିବା ଦରକାର ଥିଲା, ଆଉ ଏମିତି ଶଶୁର ଘରଟା ପାଇଁ ଦେଖିବା ଦରକାର ଥିଲା ତା ସୁରେନ୍ଦ୍ରର ଜାଣିଥିବ ।

ତଥାପି ଉପାୟ ନାହିଁ । ପହିଲା ଆଉ ଟୋଟାଏ ଦିନ । ଧାର କରଜ ମିଳିଲା ନାହିଁ । ବାଧ୍ୟ ହୋଇ ସେ ରହିଲା । ଦରମା ଯେମିତି ପାଇଛି ସେମିତି ଛୁଟି ନେଇ ଯାଏ ।

ଶଶୁର ଘରେ ଆସି ପହଞ୍ଚି ଦେଖିଲା । ସମସ୍ତେ ଗମ୍ଭୀର । କେବଳ ମାମୁଲି ଅଭ୍ୟର୍ଥନା । ତାର ମନରେ ସନ୍ଦେହ ହେଲା । ତାକୁ ଡାକି କାନ ମାଡ଼ିଲା । ସେ ବଡ଼ କଷ୍ଟରେ ଲୁଗା ପଟା ପାଲଟି ଗୋଡ଼ହାତ ଧୋଇ ବସିଲା । କିନ୍ତୁ ଊର୍ମିଳା କଥା ତ କାହିଁ କେହି ଉଠାଇଲେ ନାହିଁ ।

ଶ୍ୱଶୁର କହିଲେ—ଛୁଟି ମିଳିଲା ନାହିଁ ନା ?

ଶଳା କହିଲେ—ଏତେଦିନକେ—

ଶାଶୁ କହିଲେ—ଧନ୍ୟ ପୁଅ ତମେ ।

ସୁରେନ୍ଦ୍ର କିଛି ବୁଝିପାରିଲା ନାହିଁ ।

ଶାଶୁ ଖାଇବାକୁ ଦେଲେ । ମନେ କରୁଥିଲା ଅବା ତାଙ୍କଠା ଯଦି ତାଙ୍କ ନ ହୋଇ ସତ ସତ ନରେନ୍ଦ୍ରର ହୋଇଥାଏ ତେବେ, ଊର୍ମିଳା ହୁଏତ ପରଶିବାକୁ ଆସିବ । କିନ୍ତୁ ତା' ବି ହେଲାନାହିଁ ।

ଶାଶୁ ପଚାରିଲେ—ଘରେ ବୁଢ଼ା ବୁଢ଼ୀ (ସୁରେନ୍ଦ୍ର ବାପା ବୋଉ) ଭଲ ତ ?

ଶାଳୀ କୁଅଁରୀ ପଚାରିଲେ—ତମ ଦଦ୍ଦପା ଭଲତ ?

ଯେମିତି ନ୍ୟାୟ ଜବାବ ଦେବାପାଇଁ ସୁରେନ୍ଦ୍ର ଏତେ ଟଙ୍କା ଖର୍ଚ୍ଚ କରି ଆସିଛି । ତାର ବଡ଼ ରାଗ ହେଲା ।

ଶୋଇବା ବେଳକୁ ତାର ମନରେ ଟୋଟାଏ କେମିତି ସନ୍ଦେହ ହେଲା । ଊର୍ମିଳା କ'ଣ ମରି ଗଲାଣି କି ଅଉ ? ଏମାନେ ଆଉ କ'ଣ କଥାଟାକୁ ଲୁଚେଇଛନ୍ତି ? ହଠାତ୍ ନ କହି, ସହି ସମାଳ ଧୀରେ ଧୀରେ କହିବେ । ହଠାତ୍ ଶୁଣିଲେ କାଳେ ତାର ହାର୍ଟ ଫେଲ୍ କରିଯିବ ଏଇ ଡରରେ ଯଦି ଅବା—!

ଖଟରେ ପଡ଼ି ନାନାଦି କଥା ଭାବୁଁ ଭାବୁଁ ତାର ଆଖିରେ ଅଳ୍ପ ଅଳ୍ପ ନିଦ ମାଡ଼ି ଆସିଲା ।

ଏତିକିବେଳେ ସୁରେନ୍ଦ୍ର ସପନ ଭଳିଆ ଦେଖିଲା ଟୋଟାଏ ସ୍ତ୍ରୀଲୋକର ଛାୟା ତା ପାଖକୁ ଆସୁଛି । ସେ ଟୋଟପଟେଶ ଅଧା ନିଦରେ ଥରିଲା ।

ଛାୟାଟା ଅତି ଧୀରେ ଧୀରେ କରି କହିଲା—ଶୋଇ ପଡ଼ିଲଣି ? •

ହାଉଳି ଖାଇ ସୁରେନ୍ଦ୍ର ଯାଇ ବାହାରେ— 'ଖାଇଖାଲେ—ଭୂତ' ବୋଲି ବଡ଼ ରଡ଼ି ଛାଡ଼ିଲ ।

ଶାଶୁ ଶଶୁର ଶଳା ଶାଳୀକୁଅଁର, ନେଠଶାଶୁ ସମସ୍ତେ ରୁଣ୍ଡ ହୋଇଗଲେ ।

Digitized by srujanika@gmail.com




# କଥାଟିଏ କହେଁ...

**କାହାଣୀ**

## ସୋହାଗ

ଲେଖକ—ଶ୍ରୀଯୁକ୍ତ ଲକ୍ଷ୍ମୀନାରାୟଣ

ମୁକ୍ତା ଝାଡ଼ୁଥିଲା ପାଣି । ସାଥି ବାବୁଙ୍କ ମୁକ୍ତିଅ ଥିଲା । ପଖାଳ ଛଂଦେ ତୋରାଣୀ ଖାଉଥିଲେ ବୋଲି ତରକାରୀକୁ ନେଇଯାଏ, ବେଳ ବୁଡ଼ିକି ପୁଣି ଅଡ଼େଇ ଅଡ଼େଇ ଘରକୁ ଫେରିଥାଏ । ବାବୁଙ୍କ ଘରୁ ତା' ମଜୁରୀ ମିଳେ, କେବଳ ସଂସ୍ସ ଚଳେଇଥାଏ ସେମାନଙ୍କ ତାର କଷ୍ଟରେ ଦିଏ । ତିନ୍ତା ଦେଇ ତାର କିଛି ନଥାଏ । ଯୋଗୁଚୁଙ୍କୁ ପଢ଼ିଥିବା ଗ୍ଲାସଟେଇ, ଖଣ୍ଡେ ଦୁଇଟା ଗୋଟିଏ ଝାଙ୍କୁଡ଼ା ଗଛର ମୂଳରେ କାଳଟି ପଡ଼ି ବସାଇଯାଏ ।

ଘରେ ତାର ବୁଢ଼ୀ ମା'ଟି । ଜଳ ଖୋଜି ହଟିଲଣି, କପାଳର ହୋଇ ଗଲଣି । ତେଣୁ ଥିରେ ମୁକ୍ତାକୁ ଦା'ଟା ଫୁଟିଉଛି ଦିଏ । ଗ୍ଲୋବ ମାଟିର ଚାଳିଟି ଦାଣ୍ଡରେ ତାଟି ଖଣ୍ଡେ ଡେରି ହୋଇଛି । ଛଟାବାଡ଼ ତା କୁ, ଫେଲିଲେ ଥରେ ପାଖକୁ ଢଳି ପଡ଼ୁଛି । ଗୋଟିଏ ନିଁକୁ ଘର, ଚାରୋଟି ବଖାରୁଏ, ଅଧ ପାଖଟିରେ ମୁକ୍ତା ତା ମା ଶୁଅନ୍ତି । ଘରର କର୍ଣ୍ଣ କୋଣର ମୁକୁଣା ବାଉଁଶ ପେଡ଼ିଟେ, ଭଙ୍ଗା କଲଶଟେ, ଟିଣର ଡ଼ବାଟିଏ, କଂସା ଖଣ୍ଡେ, କଲେଇ ଥାଳି ପଟେ, କୁଚିଡ଼ି-ଟେ, କଣ୍ଡା ଖଣ୍ଡେ, କୋଡ଼ିଟେ, ଗେଣ୍ଡୁଅଡ଼ା ପାଞ୍ଚଟା । ଏଗୁଡ଼ିକ ତେଣେ ଘରର ସମ୍ପତ୍ତି ହୋଇ ପଡ଼ିଛି । କାନ୍ଥକୁ ଡେରି ହୋଇଛି ମୁକ୍ତାର ଚେଙ୍ଗାଟା । ଗୁଡ଼ଗୁଡ଼ି ଓ କଳେଇ ଖଣ୍ଡିକ ଚୁଲି ପାଖରେ ଥୁଆ ହୋଇଛି । ଆଉ ଚାଳରେ ଝୁଲୁ ହୋଇଛି ଖାଲି ଲୁହା ପିଞ୍ଜରାଟା ।

ପିଞ୍ଜରାଟି ତା ବାପ ଅମଳରେ ଥିଲା । ମୁକ୍ତାକୁ ଛଅ ବରଷ ବେଳେ, ତା ବାପ କେଉଁଠୁ ଗୋଟେ ମଇନା ଧରି ଆଣି ସେଇ ପିଞ୍ଜରାରେ ପୋଷିଥିଲା । ମୁକ୍ତା ମଇନାକୁ ଦେଖି ହସି ହସି ଗଡ଼ି ଯାଉଥିଲା, ବେଳେ ବେଳେ କାନ୍ଥକୁ ଧରି ଠିଆ ହୋଇ ମଇନାକୁ ଧରିବା ଲାଗି ତା ଛୋଟ ହାତ ବଢ଼ାଉଥିଲା, ଆଉ ମଇନା ପିଞ୍ଜରାରେ ଥାଇ ବି ତା ସାଙ୍ଗରେ ଖେଳୁଥିଲା । କିନ୍ତୁ ଦିନ ତିନି ମାସ ଭିତରେ ପିଞ୍ଜରା ଖୋଲି ହୋଇ-ଗଲା,—ମଇନାକୁ ବାଡ଼େଇ ହାତ କାମୁଡ଼ି ଦେଲା । ସେଇ ଦିନ ବରଷେ ପରେ ତା ପଛେ ପଛେ ମୁକ୍ତା ବାପା ବି ଚାଲିଗଲା । ଘର ବଇଠକ୍‌ ଖାଲି ପଡ଼ିଲା, ସବୁବେଳେ ମାଁ ମାଁ ଡାକୁଥିଲା । ସେଇ ଦିନଠୁଁ ପିଞ୍ଜରାଟି ଖାଲି ପଡ଼ିଛି । ମୁକ୍ତା ଘରକୁ ଫେରିଲେ, ଏହି ପିଞ୍ଜରା ଆଡ଼କୁ ଚାହିଁ ରହେ । ତାର ଇଚ୍ଛା—କେଉଁଠୁ ଗୋଟେ ମଇନା ଆଣି ପିଞ୍ଜରାରେ ରଖିବ, କିନ୍ତୁ ମଇନା କେଉଁଠୁ ମିଳିବ ? ଦିନ ରାତି ତା ଖଟି ଖଟି ଚାଲି ଯାଉଛି, କଥାରେ ମାରିବାକୁ ଫୁରୁସତ ହେଲେ ତର ନାହିଁ । ଚାହିଁବାର ବେଳ ନାହିଁ । ଏହି ଅବସ୍ଥାରେ, ମଇନାର ପିଞ୍ଜରାଟି ତାର ସ୍ମୃତିରେ ଲଟକି ରହିଥାଏ ।

ମୁକ୍ତାମା ଆଉ ଘର ପାଇଟିପଟିରେ କରିପାରୁ ନାହିଁ ! ଦେଖୁଁ ଦେଖୁଁ ବୟସ ଗଲା, ବାଳ ପାଚିଲା, ବୁଢ଼ୀ ହେଲା । ସେ ମୁକ୍ତାକୁ ବାହା କରେଇବା ଲାଗି ଏଣେତେଣେ ବୋହୂଟିଏ ଖୋଜୁଛି । ତା ତପସ୍ୟା ଓ ସାଧନା ଫଳରୁ ମୁକ୍ତା ଆଜି ଏଡ଼େଟିଏ ହୋଇଛି—ନ ଧରିଲା ଆଉ କେମିତି ପାରୁଛି । ତାର ସବୁବେଳେ ମନର ଇଚ୍ଛା—ବୁଢ଼ୀ ହେଲି, ପାକଳ ଚାଳ ଟେକିବାକୁ କେତେ ଦେରି ? ମୁକ୍ତା ହାତକୁ ବୋହୂ ହାତ ହେଲେ ତା ଦୁଃଖ ଯିବ, ବୋହୂ ମୁହଁକୁ ଦେଖି ସୁଖରେ ତା ଜୀବନ କଟାଇଦେବ ।

କେବେ କେବେ ବୁଢ଼ୀ ସ୍ୱପ୍ନରେ ଦେଖେ—ମୁକ୍ତାକୁ କୋଳରେ ଶୁଆଇ ଲୁଳିଆ ଲଗେଇ ଦେଉଛି, ତା ଅଖିରେ କଜଳ ଦେଉଛି, ମଥାରେ ତେଲ ଘଷୁଛି । ସୁନ୍ଦର ବୋହୂଟିଏ ଆସିଛି, ପୁଅ ବୋହୂ କୁଆଁର ମୁହଁରେ କୋଳେ ହୋଇ କେ କଥା କହୁଛନ୍ତି ! ସେ ଆନନ୍ଦରେ ଗଦଗଦ ହୋଇ ଯାଉଛି, ହସି ହସି ତାଙ୍କ ପାଖକୁ ଯାଉଛି—ଏତିକି ବେଳେ ତା ନିଦ ଭାଙ୍ଗି ଯାଏ, ଅଖି ଖୋଲେ, ଦେଖେ ସବୁ ସ୍ୱପ୍ନ ଅସତ୍ୟ ଓ ଅଲୀକ; ମିଥ୍ୟା, ମାୟା ଛଳନା । ଫେର୍ ବୁଢ଼ୀ ଦେଖିବାର ସେଇ ବନ୍ଦରୀ ଅଖିରେ ପଡ଼ି ରହେ ।

ଏମିତି ଦି'ଟା ବରଷ ପାଣି ପରି ବହିଗଲା । ମୁକ୍ତା ଅଠର ବରଷର ଯୁବକ । ବୁଢ଼ୀ ମା ତାର କବିତ ଓ ସ୍ୱପ୍ନ ହୋଇ ରହି ଯାଇଛି । କାଲି ଯେଉଁ ମୁକ୍ତା ତା ଅନ୍ତରେ ନିଶା ହୋଇ ଖେଳୁଥିଲା, ଆଜି ସେ ମରଦ, କିଏ ଦାଢ଼ି ମୁହଁକୁ ଢାଙ୍କି ପକାଇଲାଣି ! ତାର ବାପର ଜମିଠାବ ଦୁଇ ବରଷ ପରେ ଖୋଜି ସୁଝିଆ ଝିଅଟିଏ ମିଳି ଯାଆନ୍ତା ଯଦି ସେ ମୁକ୍ତା ସାଙ୍ଗରେ ଲାଗି ଦିଅନ୍ତା । ସବୁ ବୋହୂ ହେଉନ୍ତା—ବୋହୂ ... ହେଉ, ସେତେ ହେଲେ ...

(ମହାକଥା ପୂର୍ବ ପୃଷ୍ଠା ପରରୁ)

କଥା କ'ଣ ।

ମହେନ୍ଦ୍ର ଭୂତ କଥା କହିଲା ।

ନରେନ୍ଦ୍ର କହିଲେ— ପାଗଳ ! କହି ଚାଲିଗଲେ ।

ଶାନ୍ତି କହିଲେ—ସ୍ୱପ୍ନ ଜଞ୍ଜାଳ । ସେ ବି ଚାଲିଗଲେ ।

ବଡ଼ ଶଳା କହିଲେ—କିଛି ନାହିଁ ବାବୁ ତମେ ଡରିବ ନାହିଁ । କୋଉ ସପନ ଦେଖି ଚମକି ପଡ଼ିଲ । —ସେ ବି ଗଲେ ।

ଶାଳୀ କହିଲା—ସପନ ସତ ହେଉ—ଯାଅ ଯାଅ ଘରକୁ ଯାଅ କହି ସେ ମୁରୁକି ହସି ଚାଲିଗଲେ । ଆଉ ଶାଳୀ ଅମର ଥିବା ବାଡ଼ିରେ ଠୋ ଠୋ ହସି ଚାଲିଗଲେ ।

ସମସ୍ତେ ଚାଲିଗଲେ । ମହେନ୍ଦ୍ର ଅଧା ବାଟ । ଭାବିଲା ଘୁଅ ମରେ ଯୋଉଁ ପରି । ସେ ମରେ ଗଲେ ତାଙ୍କର କ'ଣ ଯାଏ !

ଯାହା ହେଉ ଲହାରେ ସେ ପଡ଼ିକୁ ନ ଯାଇ କରିବ କ'ଣ ? ଭୂଅଟ ମୁହଁରେ ଲଣ୍ଡନଟା ମିଳି ମିଳି ଜଳୁଥିଲା, ତାକୁ ଧରି କୋଠରି ଭିତରେ ହେବାକୁ ଘରକୁ ଅଟେ ଚାହିଁଲା ।



Digitized by srujanika@gmail.com

ରହନ୍ତୁ, ଏଇ ଛିଅ ଟିକ ତ! ସେଥିରେ କଣ ଅଛି? ଦେଖୁଁ ଦେଖୁଁ ବୟସ ଗଲି ଯାଉଛି।

ମୁକ୍ତା ସେତେବେଳେ ବାବୁଙ୍କ ଗୋରୁ ଚରାଉଥିଲା। ଗାଁ ଟିକକ ଦୂରରେ ନଈ ସେପାରି ମାଠକୁ ସେ ଗୋରୁଙ୍କୁ ଅଡ଼େଇ ନେଇ ଯାଏ। ଏଇ କାମ କରିବା ଅନେକ ପାଞ୍ଚ ବର୍ଷ ହୋଇଗଲାଣି। ପାଖ ଗାଁର ଗୋଟିଏ ଝିଅ ବି ଗୋରୁ ଚରେଇବାକୁ ଆସି ତା ଏପାଖ ସେପାଖରେ ନିତି ଦେଖା ହୁଏ। ମୁକ୍ତା ପାଖରେ ଆସି କେବେ କେବେ ବସେ, କେତେ ହେଉ ଅଡ଼ୁଆ କଥା ପଚାରେ। ଘଣ୍ଟେ ଦୁଇ ଘଣ୍ଟା ବିତି ଯାଆନ୍ତି।

ସେ କେବେ କହେ— "ଭଗବାନ କାହିଁକି ଆକାଶକୁ ଉପରେ କରିଛନ୍ତି?"

ହସିଏ ହସି ମୁକ୍ତା ଉତ୍ତର ଦିଏ—"ଦେବତାଙ୍କ ପାଇଁ।"

ସେ ପଚାରେ—"ପାପ କାହିଁକି ଦେବତାଙ୍କ ପାଖକୁ ଉଠେ ଉଠେ ଚାଲି ଯାଇ ନାହିଁ? ଧନ୍ ଆମକୁ କାହିଁକି ଏଠିକି ଆସିବାକୁ ପଡ଼ୁଛି?"

ଗମ୍ଭୀର ହୋଇ ମୁକ୍ତା ଜବାବ ଦିଏ—"ସୋସ ପାଣି ପାଖକୁ ଯାଏ, ପାଣି କେବେ ସୋସ ପାଖକୁ ଯାଏ ନାହିଁ।"

'ତା ହେଲେ ଆମେ ତୁମେ କାହିଁକି ସାଥୀ ଗଲୁ ନାହିଁ?'—ସେ ପ୍ରଶ୍ନ କରେ।

ହସିଏ ଠକା ମାରି ମୁକ୍ତା କହି ଉଠେ— "ମୁଁ ତ ସାଥୀ ଗଲି ନାହିଁ, ତୋର ଯଦି ମନ ହେଉଛି ଖାଉନୁ?"—ଏତିକିରେ ଦୁହେଁ ହସି ଉଠନ୍ତି। ସେ ଝିଅଟି ନା—ଯମୁନା!

ଏଇ କେଇ ଦିନ ହେଲା ଯମୁନା ଗୋରୁ ନେଇ ଆଉ ଆସୁ ନାହିଁ, ତାର ପତ୍ତା ନାହିଁ, ଖୋଜ ଖବର ନାହିଁ, କଥା କଣ? ମୁକ୍ତା ବୁଝି ପାରେ ନା ତାର କଣ ହେଲା। ସେ ଧନେ ତାର ଜଣେ ବଙ୍ଗ ଜଣାଶୁଣା ଲୋକଠୁ ବୁଝିଲା— ଯମୁନା ତା ମା ବାପଙ୍କ ସାଙ୍ଗରେ ଘର ନଡ଼ୁଛି। ସେ ସବୁଠି, ଆଉ କାହା ସାଙ୍ଗରେ ବାହା ନ ହେଇ ତାକୁ ମୁକ୍ତା ସାଙ୍ଗରେ ବାହା ଦିଅନ୍ତୁ। କିନ୍ତୁ ମୁକ୍ତା ପାଖରେ ପଇସା ନାହିଁ ବୋଲି ତା ବାପ ମା ମଙ୍ଗୁ ନାହାନ୍ତି।

ଦିନେ ମୁକ୍ତା ଉଦାସ ମନରେ ଦିନ ସାରା ଗାଁରେ ବୁଲି ବୁଲି କ୍ଳାନ୍ତ ହୋଇ, ଗୋରୁଙ୍କୁ ନେଇ ଘରକୁ ଫେରୁଥିଲା, ଦେଖିଲା—ଗୋହିରୀ ପାଖ ବର ଗଛ ବୁଢ଼ା ମୂଳରେ ଛିଡ଼ା ହୋଇଛି ଯମୁନାର ବାପ। ମୁକ୍ତାକୁ ଦେଖି ସେ କହିଲା—"ତ ମା ପାଖକୁ ଏଇନା ଯାଉଥିଲି। ଏଇ ମାସରେ ତା ବାହାଘର ହେବ।"

ସନ୍ଧ୍ୟା ଫେରି ମୁକ୍ତା ଘରକୁ ଆସି ଦେଖିଲା—ତା ମା ଘର ଦୁଆର ସବୁ ଲିପା ପୋଛା କରୁଛି, ତାର ଆନନ୍ଦର ସୀମା ନାହିଁ। ମୁକ୍ତାକୁ ଦେଖି ସେ କହିଲା—"ଯା, ବାବୁଙ୍କ ପାଖରୁ କିଛି ମାଗି ଆଣ ଯା।" "ଏଇ ମାସରେ ବର୍ତ୍ତନ ବାକି ଅଛି। ଯା, ଯା, ଜଲ୍ଦି ଯା, ଆଉ କେତେଟା ଦିନ ରହିଲା ଯେ!"

ମୁକ୍ତାର ବାସର ହୋଇଗଲା। ଶାନ୍ତ ଶିଷ୍ଟ ପ୍ରତିଶା· ଦ୍ରବ୍ୟ ଅନୁସାରେ ଯାହା ଜାଣ ଯୌତୁକ ଦେବେ। ମୁକ୍ତାର ନିଜ ବୋହିତ କନ୍ୟା ଯମୁନା ଚାପଡ଼ରୁ ଅଲଗା ହେଲେ ଯାଇଁ ତାଙ୍କର ଗୋଟିଏ ମଇନା ଆଣିଥିଲା। ସେ ତାଙ୍କ ଗଣ ପଞ୍ଜୁରୀରେ ଥିଲା। ମୁକ୍ତାକୁ ଛାଡ଼ି ସେ ପଞ୍ଜୁରୀ ପରାନ୍ତ ହେଲା ନାହିଁ। ତାର ପୁରୁଣା ଲକ୍ଷ୍ମୀ ପିଞ୍ଜରାଟା ଖାଲି ପଡ଼ିଥିଲା—ସେ ତାକୁ ସେଥିରେ ରଖିଲା।

ଦିନ ଗୁଡ଼ିକ ମନ୍ଦରେ କଟିବାକୁ ଲାଗିଲା। ପିଣ୍ଡାରେ ବସି ଦି ପରାଣୀ ମୁକ୍ତା ମୁକ୍ତା ଗପ ସପ ହୁଅନ୍ତି। ମଝିରେ ମଝିରେ ତାଙ୍କ କଥାରେ ବାଧା ଦେଇ ମଇନା ଡାକି ଉଠେ, ଯେମିତି କି ଜଣଙ୍କ କଥା ସେ ବୁଝି ପାରୁଛି। ଯମୁନା ମଇନାକୁ ଗାଳି ଦିଏ, ମଇନା କିନ୍ତୁ ଅଧିକର ବଡ଼ ପାଟିରେ ଚିତ୍କାର କରି ଉଠେ। ତା ପରେ ମୁକ୍ତା ଉଠି ତା ପାଖକୁ ଗଲେ ଯାଏ ତାଗରେ, ସେ ଆଉ ପାଟି ମୁଣ୍ଡ କରେ ନା, ଚୁପ୍ କରି ରହେ! ମଇନା, ମୁକ୍ତା ଓ ଯମୁନା ଉଭୟଙ୍କର ଆଦରର ଧନ ଥିଲା।

ମୁକ୍ତାକୁ ଭଗବାନଙ୍କ କୃପାରୁ ଆଜି ଗଡ଼ୁକ ଷ୍ଟେସନରେ ଖଣ୍ଡିଏ ଖଲାସି ପାଇଁ ମିଳିଛି। ମାସକୁ ବର୍ତ୍ତନ ବାରଟଙ୍କା। ବାବୁଙ୍କ ଟେନ ଟିକିଏ ନୌକରୀ ଆଜ ସେ ଛାଡ଼ି ଦେଇଛି। ଦିନ ସାରା କାମ କରେ। ସନ୍ଧ୍ୟା-ବେଳକୁ ଫେର ଷ୍ଟେସନରୁ ଘରକୁ ଫେରି ଆସେ। ମଇନାକୁ ଥରେ ଡାକ ଦିଏ। ତା ପରେ ତା ଆଖି ଯମୁନାକୁ ଖୋଜି କ୍ଳାନ୍ତ ପଡ଼ଏ। ମୁହୂର୍ତ୍ତେ ଯମୁନାର ଦେଖା ଡେରି ହେଇଗଲେ, ମୁକ୍ତାର ସାରା ବ୍ରହ୍ମାଣ୍ଡ ପ୍ରଳୟ ହେଇଯାଏ, ତାକୁ ଦଶଦିଗ ଅନ୍ଧାର ମାଲୁମ ହୁଏ।

ଏଇମିତି ଛ'ଟା ମାସ କଟିଗଲା। ବୁଢ଼ୀ ମାଁ ଘରର ଗୋଟିଏ କଣରେ ପଡ଼ିରହିଥାଏ। ଆଉ ମୁକ୍ତା-ଯମୁନାର ମଧୁର ବାକ୍ୟାଳାପ ଶୁଣି ଖୁସି ହୁଏ। କାହିଁକି ବା ନ ହେବ? ତା ଘର ଗୁଲଜାର, ପିଞ୍ଜରା ଗୁଲଜାର, ନିଜ ଦିଲ୍ ବି ଗୁଲଜାର! ତା ପଛରେ ଅଛି ସାରା ଦୁନିଆଟା ଗୁଲଜାର। ଏହାପରେ କେଇ ମାସ କଟି ଦିବର୍ଷ ହୋଇଗଲା। କେବଳ ସମ୍ଭାର ଦିନରାତି, ତେଇଶ ଦିନର ମାସ ଓ ବାର ମାସର ବର୍ଷ ଦଣ୍ଡକ ପରି ପ୍ରତୀୟମାନ ହୁଏ। ଏଣେ ମୁକ୍ତା ବି ଭାରି ଖୁସି ଥାଏ ଯେ ଟିକେ ଛଅ ମାସ ପରେ ତା ସୁଖର ବଢ଼ିବ— ଅଧିକର ତାକୁ ମାଲୁମ ହଉଥିଲା ଯେପରି କିଛିଦିନ ଭିତରେ ସେ 'ବାପ' ବି ହେଇଯିବ!

ବାସର ଆଗରୁ ମୁକ୍ତା ଯେଉଁ ବାବୁଙ୍କ ପାଖରେ ଚାକିରି କରୁଥିଲା, ମୁକ୍ତା ବାପ ତାଙ୍କଠାରୁ କେବେ ଦଶଟା ଟଙ୍କା କରଜ ନେଇଥିଲା। ଯେତେଦିନ ଯାଏ ସେ ତାଙ୍କ ନୌକରୀ କରୁଥିଲା, ତାକୁ ଏ ବିଷୟରେ ସେ କିଛି କହୁ ନଥିଲେ। କିନ୍ତୁ ନୌକରୀ ଛାଡ଼ିଲା ବାଦ୍, ତାକୁ ଜଣାନାହିଁ, କାହିଁକି ଏକଥା ତାଙ୍କ ମନରେ ପଡ଼ିଲା। ସେ ମୁକ୍ତା କୁଅଡ଼କୁ ନଚ ପିଅଦା ପଠାଇ ତାକୁ ବାନ୍ଧ କରି ଦିଅନ୍ତି ନାହିଁ। କଥା କଣ କି—ଗାଁର କିଏ କୁଆଡ଼େ ବାବୁଙ୍କ ସ୍ତ୍ରୀଙ୍କ କାନରେ ଫୋଡ଼ିଦେଲା, "ମୁକ୍ତାର ଗୋଟିଏ ମଇନା ଅଛି, ସେ ଭାରି ଶୁଭଲକ୍ଷଣୀ। ମୁକ୍ତା ଭାରି ଗରିବ ଥିଲା। କିନ୍ତୁ ମଇନା ଯିମିତି ତା ଘରକୁ ଗଲା ସିଧା ହେଉଛି, ମୁକ୍ତାକୁ ଦୁଦ୍ଧ୍ୟ ଚାକିରି ମିଳିଗଲା। ଅଜ ସେ ଦି ପଇସା ରୋଜି ପାରୁଛି। ଆମ ବାବୁଙ୍କ ହାତକୁ ସେ ଯଦି ଆସନ୍ତା, ତାହେଲେ ବାବୁଙ୍କ ସମ୍ପତ୍ତି ଅଧିକର ବୃଦ୍ଧି କରି ବଢ଼ି ଯାଆନ୍ତା।" ମୁକ୍ତାକୁ ମଇନା ଦବାପାଇଁ କହି ପଠାଗଲା, କିନ୍ତୁ ସେ ମନା କଲା।

ଦିନେ ମୁକ୍ତା ଷ୍ଟେସନକୁ ଯିବାବେଳେ, ଜଣେ ପିଅଦା ତାକୁ ନାଲ ଆଖି ଦେଖେଇ କହିଲା—"ଦେଖ, ଭଲ କଥାରେ ଶୁଣୁ ନାହୁଁ। ଏବେ ଏଥିକି ଜବରଦସ୍ତି ର ଲୋଡ଼ା। ପାଣିରେ ରହି କୁମ୍ଭୀର ସାଙ୍ଗେ ଶତ୍ରୁତା କରିବା କଣ ଠିକ୍? ମଇନାଟା ହାତରେ ଦେଇ ଦେ। ତୁ ଗରିବ ଲୋକ ଟୋକା, କାହିଁକି ଏତେ ହଇରାଣ ହେବୁ?"

କିନ୍ତୁ ମୁକ୍ତା କାହାରିକୁ ଡରିବାର ପାତ୍ର ନୁହେଁ। ସେ ଟେଡ଼ା ଜୋରରେ କହିଲା— 'ଆସିଲା ଏଠି ତୋଷାମଦିଆ କଥା କହିବାକୁ। ଯା, ମୁଁ ଦେବି ନାହିଁ। ମୋର କଣ କରିବୁ, ଯା!" ମୁକ୍ତାର ଏ ଉତ୍ତର ଜବାବ ଶୁଣି ପିଅଦାର ମନ ବୋଧ। ସେ ଆଉ କିଛି ନ କହି ଧୀରେ ଧୀରେ ଚାଲିଗଲା। ଏଣେ ମୁକ୍ତା ବି ଷ୍ଟେସନକୁ ଚାଲିଗଲା।

ଷ୍ଟେସନରୁ ଫେରି ମୁକ୍ତା ଦେଖେ ତ ପିଞ୍ଜରାରେ ମଇନା ନାହିଁ। ଲୁହାର ପିଞ୍ଜରା ଖାଲି ପଡ଼ିଛି। ସାରା ଦୁନିଆଟା ମୁହୂର୍ତ୍ତକ ମଧ୍ୟରେ ବଦଳି ଗଲା। ତା ମଥା ଭିତରଟା କଣ ହୋଇଗଲା—ଅକଲ ଗୁଡ଼ୁମ୍!

ଯମୁନା ଗୋଟିଏ କୋଣରେ ବସି ରଙ୍ଗା ନାକଟଣଟା ଯପା କରୁଥିଲା। ତାକୁ ପଚାରିବାରୁ ସେ କହିଲା, "ଜମିଦାରଙ୍କ ପିଅଦା ଆସି ପିଞ୍ଜରାରୁ ମଇନାକୁ ଆମଠୁଁ ଛଡ଼େଇ ନେଇଗଲା........."

କହୁଁ କହୁଁ ଯମୁନାର ବାକ୍‌ଶକ୍ତି ରୋଧ ହୋଇଗଲା। ମୁକ୍ତାର କଲିଜା ଭିତରଟା ଥରିଗଲା, ଜଡ଼ ପାଲଟି ଗଲା। ତା ପରେ କାନ୍ଦିବାକୁ ଲାଗିଲା, ଟିଏ ହୁଏଁ ହୁଏଁ ଧୂଳ କରି ତଳେ ପଡ଼ିଗଲା। ଯମୁନା ଚିତ୍କାର କରି ଉଠିଲା।

ମୁକ୍ତା ଭାବୁଥିଲା— କିଛିଦିନ ପରେ ପିଲାଟିଏ ହେବ, ପିଞ୍ଜରା ଗଳରେ ଟଙ୍ଗା ହେଉଥିବ, ମଇନା ଡାକୁଥିବ, ପିଲାଟି ପିଣ୍ଡାରେ ଶୋଇ ଖେଳୁଥିବ, ମଇନାର ଡାକ ଶୁଣି ହସି ହସି ଗଡ଼ିଯାଉଥିବ। ଆଉ ଏ ଦି ପରାଣୀ ଏ ଦୃଶ୍ୟ ଦେଖି ପୁଲକିତ ହୋଇ ଯାଉଥିବେ। କିନ୍ତୁ ହାୟ ନିଷ୍ଠୁର ବିଧାତା! ଏହା କଣ ସମ୍ଭବ? ଏହି ସବୁ ସୁଖ ସ୍ୱପ୍ନ ହୋଇ ରହିଗଲା।

କିଛିଦିନ ପରେ ଗାଁ ଲୋକେ ଦେଖିଲେ— ମୁକ୍ତାର କୁଡ଼ିଆଟି ଶୂନ୍‌ଶାନ୍, ପିଞ୍ଜରା ଖାଲି ପଡ଼ିଛି, ଘରୁ ମାଟି ଅଧେ ଖସି ପଡ଼ିଲାଣି; ଯମୁନା, ମୁକ୍ତା ତା ମା କୁଆଡ଼େ ପଳେଇଲେଣି। ଗାଁ ଲୋକଙ୍କର ବୁଝିବାକୁ ବେଶୀ ଡେରି ହେଲା ନାହିଁ। ଯେ ମଇନା ବିନା ମୁକ୍ତା ଓ ଯମୁନାକୁ ଏ ଘର ଶୂନ୍ୟ ମାଲୁମ ହେଲା। ଏଥିପାଇଁ ମନ କଷ୍ଟ କରି ସେମାନେ ହେଉ ଦୂରକୁ କୁଆଡ଼େ ଚାଲିଗଲେ। କେତେକ ମୁକ୍ତା ପାଇଁ ସହାନୁଭୂତି ପ୍ରକାଶ କରନ୍ତି ତ କେତେକ ମୁହଁ ବିକୃତ କରି କହି ଉଠନ୍ତି 'ପାଗଳ'।

Digitized by srujanika@gmail.com




**ହନୁକରଣ**

# ଯୁଦ୍ଧ ଲୋନିକା

ଲେଖକ—ଶ୍ରୀ ନ: ମ: ।

ବାଲ୍ୟକାଳ ଯୁଦ୍ଧ ଧନ ମୁଁ ସଞ୍ଚିବି ଏ ଜୀବନ ଅନିଶ୍ଚିତ
କେ ଜାଣିଛି କାଲେ ଅଜା ବୋମା ମାଡ଼ ହୋଇଯିବ ଉପସ୍ଥିତ ।
ମଧୁର ଯୁଦ୍ଧଋଣ ଦାନ
ଦେଇ ତୋଷିବ ଲୋକମନ ।
କ୍ଷୁଦ୍ର କୀଟ ଉଇ, ଅଳ୍ପ ଅଳ୍ପ କରି ରଚଇ ବିଲ୍ମୀକ ଘର
ମୁହିଁ ସେହିପରି ସଞ୍ଚିବି ଯତନେ ଯୁଦ୍ଧଋଣ ନିରନ୍ତର ।
ଯୁଦ୍ଧଋଣ ଯେ ମହାଧନ
ସାଧୁଏ କର ଉପାର୍ଜ୍ଜନ ।
ଶିଳାରେ ଘଷିଲେ ଚନ୍ଦନ
ସୁବାସ କରେ ବିତରଣ
ତେସନ ଭାରତ କଷ୍ଟେଣ
ବିତରେ ଯୁଦ୍ଧ ଋଣ ଧନେ ।
ପାଦପ ମସ୍ତକେ ଯଥା ରୌଦ୍ର ତାପ ସହି ।
ଛାୟା ଦାନେ ପଥିକର ସନ୍ତାପ ହରଇ,
ସ୍ୱ ସୁଖ କାମନା ତେଜି ବହୁ କ୍ଲେଶ ସହି
ଭାରତୀୟ ଇଂଲଣ୍ଡର କଲ୍ୟାଣ ସାଧଇ ।
ଓଡ଼ିଆ ସାହେବ ହୁଏ ସାହେବ ସଙ୍ଗରେ
ନିର୍ମଳ ପଙ୍କିଲ ଜଳ ନିର୍ମଳୀ ଯୋଗରେ ।
ସଜଳ ସଞ୍ଚୟ କରି ବାରିଦ ଯେସନ
ଲୋକହିତ ଲାଗି ତାହା କରଇ ବର୍ଷଣ
ଭାରତୀୟ ସେହିପରି ଅରଜିଣ ଧନ
ଇଂଲଣ୍ଡର ହିତଲାଗି କରେ ବିତରଣ ।
କାଞ୍ଚନ ବିଶୁଦ୍ଧ କିମ୍ବା ସେ ଅଟେ ମିଶ୍ରିତ
ଜଣାପଡ଼େ ଅନଳରେ ହେଲେ ପରୀକ୍ଷିତ
ସତ କି ମଣିବା ମିଛ ଇଂଲଣ୍ଡର କଥା
ଯୁଦ୍ଧବେଳେ ଜଣାପଡ଼ି ଯାଉଛି ସର୍ବଥା ।
ବାଲୁଙ୍ଗା ଉପାଡ଼ି ଖେତ୍ କୃଷକ ଯେସନ
ଶସ୍ୟକୁ ବଢାଏ କରି ବହୁ ଯତନ ।
ଉପାଡ଼ିଣ ଏ ଦେଶରୁ ଧଙ୍ଗରେସୀ ଗଣ
ସରକାର ବ୍ୟଙ୍ଗଚୀ କରନ୍ତି ବର୍ଦ୍ଧନ ।
ଫଳଭରେ ଅବନତ ଯଥା ତରୁଗଣ,
ଜଳଭରେ ଅବନତ ନୀରଦ ଯେସନ,
ନାନାଗୁଣେ ସେହିପରି ନମ୍ର ବ୍ରାହ୍ମଣଅ,
ସତ୍ଗୀରବେ ଧାଇଁ ପଛେ ନୁହନ୍ତି ଗୁଣିଅ ।
କାଞ୍ଚନ ଅଗ୍ନି ପରୀକ୍ଷାରେ
ଝଟକେ ତେଜ ଯେ ତୁଳାରେ
ଇଂଲଣ୍ଡ ଉଦ୍ଯୋଗରେ ଦହି
ଭାରତେ ତେଜରେ ଶୋଭଇ ।

—o—

## ନିଶ୍ଚୟ! ନୋହିଲେ ଟ୫୦ଙ୍କା ପୁରସ୍କାର ।

ସକଳ ପ୍ରକାର ଜ୍ୱର ଓ ବର୍ଦ୍ଧିତ ପ୍ଲୀହା ଯକୃତ ପାଇଁ 'ବଜ୍ରସ୍ମ ଭୈରବ' ବ୍ୟବହାର କରନ୍ତୁ । ଡବା—୧୯ ଧ୍ୱଜଭଙ୍ଗ, ଶୁକ୍ରତାରଲ୍ୟ ଲିଙ୍ଗର ଶିଥିଳତା ପାଇଁ 'କାମଦେବଘୃତ' ବ୍ୟବହାର କରନ୍ତୁ । ମାସକୁ ୧୬୯ । ଅସାଧ ଶୂଳ, ବାନ୍ତି, ପେଟଫୁଟିବା, କୋଷ୍ଠ କାଠିନ୍ୟପାଇଁ ପ୍ରଭାକର ଚୂର୍ଣ୍ଣ' ବ୍ୟବହାର କରନ୍ତୁ । ୧୪ ମାତ୍ରାକୁ ୧୯ ।

ଠିକଣା—୰ରାଜବୈଦ୍ୟ ଶ୍ରୀ ନାରାୟଣ ମିଶ୍ରଙ୍କ ପୌତ୍ର—କବିରାଜ ଶ୍ରୀ ରଟାନାଥ ମିଶ୍ର ଆୟୁର୍ବେଦାଚାର୍ଯ୍ୟ, L. M. S.
ସାଃ ହାଣ୍ଡିରମଙ୍ଗଳା କଟକ ।



Digitized by srujanika@gmail.com

## ବହିପତ୍ର



ସହକାର ୧୧ ୧୨ଶ ସଂଖ୍ୟା (୬ଷ୍ଠ ଭାଗ)

ସାମୟିକ ପ୍ରସଙ୍ଗରେ ସମ୍ପାଦକେ ଆପଣେ ଯୁଦ୍ଧ ପରିସ୍ଥିତିର ଗୋଟାଏ ଖୁବ ସଂକ୍ଷିପ୍ତ କରିଛନ୍ତି । ବୋଧହୁଏ ଯୁଦ୍ଧ ସମ୍ବନ୍ଧରେ ସ୍ୱାଧୀନମତ ବ୍ୟକ୍ତ କରିବାର ଅବକାଶ ନାହିଁ ବୋଲି ।

ଏ ସଂଖ୍ୟାରେ ଚାରୋଟି ଗଳ୍ପ । ସେଥିରୁ ଗୋଟିଏ ଧାରାବାହିକ । ଧାରାବାହିକ ଗଳ୍ପଟି ଅଚାର୍ଯ୍ୟ ବ୍ରଜବିହାରୀଙ୍କର । ଲେଖାଟି ଗଳ୍ପ ବା ଉପନ୍ୟାସ ଯେତେ ନୁହେଁ ତାଠାରୁ ପିଏଇର୍ଡ଼ିଅ ଗ୍ରନ୍ଥ ବଡ଼ ସ୍ପଷ୍ଟ ଭାବରେ ବେଶୀ । ଭାଷା ସେଥିପାଇଁ ଦାନ୍ତଭଙ୍ଗାଠାରୁ ଅଧିକ ଶକ୍ତ ।

ରାମପ୍ରସାଦ ସିହ୍ନଙ୍କର କମ୍ରେଡ଼ ଗଳ୍ପଟି ଭଲ ଲାଗିଲା । ଗୋଟିଏ ସତ୍ୟ ଉପରେ ଗଳ୍ପଟି ବିନ୍ୟସ୍ତ । ଏହା କମ୍ରେଡ ସତ୍ୟ । କିନ୍ତୁ ଆମ୍ଭେମାନେ ରାମବାବୁ ତଥା ଅନ୍ୟାନ୍ୟ ବହୁ ବହୁ କମ୍ରେଡ଼ମାନଙ୍କ ପଚାରୁଁ କି— ଶ୍ରେଣୀ ଶୂନ୍ୟ ସମାଜରେ ମଣିଷ ପେଟ ତନ୍ତାଟା ଯେବେ କରିବା କଥା ତାହା କରିସାରି ଯେଉଁ ସମୟ ପାଇବ, ସେ ଅବସରରେ ସେ କ'ଣ କରିବ । ଯଦି ସେ କଳା ଓ ପ୍ରେମର ଚର୍ଚ୍ଚା କରେ ତେବେ ଅନ୍ୟାୟ ହେବ କି—ବା ତାର ରୂପ କିପରି ହେବ ?

'ଲକ୍ଷ୍ମୀ ଲକ୍' ଟନ୍ଦିକୁ ଶଶିବାବୁ ଡଗର ମଜାକଥା ଡଙ୍କର ପାଇଁ ପଠାଇ ଥିଲେ ଭଲ ହୋଇଥାନ୍ତା ।

ପଦ୍ୟ ଯେତୋଟି ବାହାରିଛି ଏ ସଂଖ୍ୟାରେ ତା ଭିତରୁ ଗୋଟିଏ ଗଦ୍ୟ କବିତା । ଯାହା ହେଉ ଓଡ଼ିଆରେ ଏ ଧରଣର ଗଦ୍ୟ କବିତା ବାହାରିବା ଫଳରେ ଓଡ଼ିଆମାନେ ଦକ୍ଷିଣୀ ପାଣିସୁଦ୍ଧ ଅମ୍ଳ ଶୃଙ୍ଖଳା ପରି ଗୋଟାଏ ନୂଆ ଆସ୍ୱାଦ ପାଇ ପାରିବେ । ତେବେ କବିତାଟାରୁ ଛିଡ଼ା ଛିଡ଼ା, ଧାଡ଼ି ଧାଡ଼ି କରି ସିଧା ସଳଖ ଲେଖି ଯାଇଥିଲେ ଜଣେ ସେଟା ଗଦ୍ୟ କବିତା ହୋଇ ନ ଥାନ୍ତା ?

ଅନ୍ୟ କବିତା ଦୁଇଟି ଦେଖିଲେ ମନେ ହୁଏ—ଓଡ଼ିଆ ଲୋକେ କବିତା ପ୍ରତି ଆଦର କରୁ ନାହାନ୍ତି, ତେଣୁ ଲେଖକଙ୍କର ସ୍ପୃହା କମି ଯାଉଛି । କିମ୍ବା ଓଡ଼ିଆ ଲେଖକଙ୍କ ପ୍ରାଣ ସରସ କରି ଭଲ ଖାଦ୍ୟର ଅଭାବ ହେଉଛି ।

କେତେଗୁଡ଼ିଏ ସୁଚିନ୍ତିତ ପ୍ରବନ୍ଧ ଅଛି । ପ୍ରଥମ ପ୍ରବନ୍ଧ ଶ୍ରୀ କୁଞ୍ଜବିହାରୀ ଦାସଙ୍କର 'ଓଡ଼ିଶା ସାହିତ୍ୟ' ଯଥା ସ୍ଥାନ ପାଇଛି । ଓଡ଼ିଶା ସାହିତ୍ୟ ସମ୍ବନ୍ଧରେ କୁଞ୍ଜବାବୁଙ୍କ ମତ ସହିତ ଆମ ମତ ମେଳ ଖାଉଛି ।

ବିଶେଷ ଭାବରେ ଏଥର ଆମ ଭୂତମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ କାନନଗୋଙ୍କ ଉତ୍କଳ ଓ ଖଦଡ଼ ପ୍ରବନ୍ଧ ପ୍ରଣିଧାନ ଯୋଗ୍ୟ ।

ଆଜି ବିମାନ ଆକ୍ରମଣ ପ୍ରତିରୋଧ ବେଳେ ଶ୍ରୀ ହରିଶ୍ଚନ୍ଦ୍ର ପଟ୍ଟନାୟକଙ୍କର ବକ୍ତବ୍ୟ ପାଠକ ମନୋଯୋଗ ଲୋଡ଼ୁଛି ।

### ରେଭେନ୍ସା କଲେଜ ମ୍ୟାଗାଜିନ

ସମ୍ପାଦକ ମହୋଦୟ 'ଡଗର'

ଓଡ଼ିଶାର ଏକମାତ୍ର ଜାତୀୟ ଶିକ୍ଷା ଅନୁଷ୍ଠାନ ରେଭେନ୍ସା କଲେଜ । ଓଡ଼ିଶା ସବୁ ଦିଗରେ ଯେପରି ଏହି କଲେଜରୁ ନିଷ୍ଠା ଏବଂ ଉନ୍ନତ ଆଶାକରେ ସାହିତ୍ୟ ଦିଗରେ ମଧ୍ୟ ତଦ୍ରୂପ । କିନ୍ତୁ ସାହିତ୍ୟ ଦିଗରେ ରେଭେନ୍ସା କଲେଜର ଗତି ଦେଖିଲେ ଅତୀବ କ୍ଷୋଭରେ ପଡ଼ିବାକୁ ହୁଏ । ବର୍ତ୍ତମାନ ପ୍ରକାଶିତ କଲେଜର ଏକମାତ୍ର ମୁଖପତ୍ର 'ରେଭେନ୍ସିଆନ୍'ର ସାମାନ୍ୟ ଆଲୋଚନା କରି ଉପସଂହାର କରିବି ।

**ଇଂରାଜୀ ବିଭାଗ**—ଅତ୍ୟନ୍ତ ଦୁଃଖର ବିଷୟ ଜଣେ ଅଲିନ ଛାତ୍ରଛାତ୍ରୀ · ଅନ୍ୟ କୌଣସି ଛାତ୍ରଙ୍କର ଲେଖା ପ୍ରକାଶିତ ହୋଇନାହିଁ । ଛାତ୍ରଙ୍କଠାରୁ ମୌଳିକ ଲେଖା ଯଦି ପ୍ରକାଶ ଯୋଗ୍ୟ ବୋଲି ବିବେଚିତ ହେଉନାହିଁ ତାହାହେଲେ, ଛାତ୍ରଗଣ ମାନସିକ ଉନ୍ନତି ଦିଗରେ କର୍ତ୍ତୃପକ୍ଷଙ୍କଠାରୁ ବିଶେଷ ଉତ୍ସାହ ପାଉ ନାହାନ୍ତି ବୋଲି ବୁଝାଯିବ । ବିପିନବିହାରୀ ବସୁ ଏବଂ ଗିରିଜାଶଙ୍କର ରାୟ ଏବଂ କେତେଜଣ ଅନ୍ୟାନ୍ୟ କଲେଜ କର୍ମଚାରୀଙ୍କ ଲେଖା ବ୍ୟତୀତ ବାହାରର ଭଦ୍ର ବ୍ୟକ୍ତିଙ୍କର ଲେଖା ମଧ୍ୟ ପ୍ରକାଶିତ ହୋଇଛି । କୌଣସି ନୂତନ 'ଥିସିସ୍' ( ତଥ୍ୟ ) ପ୍ରକାଶ କରିବାରେ ଆପତ୍ତି ନାହିଁ, କିନ୍ତୁ ରେଭେନ୍ସା କଲେଜ ଲାଇବ୍ରେରୀରେ ଦୁଷ୍ପ୍ରାପ୍ୟ ବହି ଛାଡ଼ି କେଉଁ ଗ୍ରନ୍ଥ ସାଧାରଣ ପ୍ରବନ୍ଧରେ ନିୟୋଗ ହେବ, ଏହା ଭାବିବା କଥା । ପ୍ରିନ୍ସିପାଲଙ୍କ ବକ୍ତୃତା କଲେଜ ବାର୍ଷିକୋତ୍ସବ ଦିନ ଛପା ହୋଇ ପୁରାତନ ଏବଂ ନୂତନ ଛାତ୍ରଗଣଙ୍କ ମଧ୍ୟରେ ବଣ୍ଟା ହୋଇଥିଲା, ଆଉ ଥରେ ଛପା କରିବା ଦ୍ୱାରା ବୃଥା ଖର୍ଚ୍ଚ ହୋଇଛି । ପୁନଶ୍ଚ କଲେଜ ଉଇକ୍ଲିରେ ବାହାରିଥିବା କଲେଜ ଏବଂ ହେଡ଼ିଂ ନୋଟ ଗୁଡ଼ାକ ପୁନଶ୍ଚ ଛପା ହୋଇଛି । ଏ ଦିଗରେ ସଂସ୍କାର ପ୍ରୟୋଜନ ଏବଂ ତାହା ସମ୍ପାଦକଗଣଙ୍କ ଉପରେ ନିର୍ଭର କରେ ।

**ଓଡ଼ିଆ ବିଭାଗ**—ଅର୍ଦ୍ଧ୍ୟ ଏବଂ ଗଦ୍ୟ ରଚନାଟି ଛାଡ଼ି ଦେଲେ ବାକୀ ପଦ୍ୟଗୁଡ଼ାକ ବାଦେ ହୋଇଛି । ଏମାନେ ଯଦି ଭବିଷ୍ୟତ ଉତ୍କଳ ସାହିତ୍ୟର କର୍ଣ୍ଣଧାର ବୋଲି ଧରି ନେବାକୁ ହେବ, ତାହାହେଲେ ଆମର ସାହିତ୍ୟ ଆତ୍ମହତ୍ୟା କରୁଛି ବୋଲି ମଧ୍ୟ ଧରିନେବାକୁ ହେବ । କଷ୍ଟ କଳ୍ପିତ ଭାବର ସେମିତି ପ୍ରକାଶ ଭଙ୍ଗୀ ଅଧମିଳା ପଦ, ଅନୁପ୍ରାସ, ଅଧ ଗଧାନାଥି ଫାଇଲ ସବୁ ଦେଖି ଗଭୀର ଅପଶୋଷ କରିବାକୁ ପଡ଼େ ।

**ବଙ୍ଗଳା ବିଭାଗ**—ଖୁବ୍ ଆଶ୍ଚର୍ଯ୍ୟର କଥା ଉତ୍କଳର କବି ଓ ନୈଷ୍ଠିକ ବିନୋଦ ବାବୁ (ବିନୋଦଚନ୍ଦ୍ର ନାୟକ ବି, ଏ)'ନାୟକ'-ଙ୍କୁ 'ନାୟେକ' କରି ବଙ୍ଗାଳୀ କବିତା ଲେଖିଛନ୍ତି । 'ନାୟେକ' ମୋଷଯେଙ୍କ ଉତ୍କଳ ସାହିତ୍ୟ ପ୍ରତି ଏପରି ବିତୃଷ୍ଣା ବଡ଼ ଏକ ଅଶୁଭ ଲକ୍ଷଣ । ବିଶେଷତଃ ଯେତେବେଳେ ଉତ୍କଳ ଙ୍କେ



Digitized by srujanika@gmail.com




**ଇଲ୍ଲାଡିମ୍ବ**

ଅଲବାର୍ଟ କ୍ଲର୍କ ନାମକ ଇଂଲିଶ କୃଷକର ଗୋଟିଏ କୁକୁଡ଼ା ଇଲେକ୍ଟ୍ରିକ ବତୀର କାଚ ବଲ୍‌ବ ଭଳି ଅଣ୍ଡାଟିଏ ଦେଇଛି । ଅଣ୍ଡା ଦେବା ପୂର୍ବରୁ କୁକୁଡ଼ାଟି ବହୁକ୍ଷଣ ଯାଏ ଗୋଟିଏ ଇଲେକ୍ଟ୍ରିକ ବଲ୍‌ବକୁ ଚାହିଁ ରହିଥିଲା ।

× × ×

**ପଥର ସୀତା—**

ଫ୍ରାନ୍ସର ପ୍ୟାରିସ ନଗର ଉପରେ ବୋମା ବର୍ଷଣର ଭୟ ହେତୁ ଯେତିକି ସବୁ କାରୁକାର୍ଯ୍ୟ ସମୂହ ସେଠାରୁ ଅପସାରିତ ହୋଇଥିଲା, ତା ଭିତରେ ଗୋଟିଏ ଚମତ୍କାର ପଥର ମୂର୍ତ୍ତି ଥିଲା । ରାମଚନ୍ଦ୍ର ମହାପ୍ରଭୁ ଯେପରି ସୁନାର ସୀତା କରି ରାଜକାର୍ଯ୍ୟ ଚଳାଉଥିଲେ, ଏ ସେହିପରି ଏକ ପଥର ପ୍ରେମିକା । ସେଜର ଫୋର୍ଣ୍ଣି ନାମକ ଜଣେ ପ୍ରସିଦ୍ଧ ମୂର୍ତ୍ତିକାରଙ୍କର ତାଙ୍କର ପ୍ରେମିକ ନିର୍ବାଣ କରି ଚାଲିଗଲା । ସେ ତାଙ୍କର ବିଚ୍ଛେଦ ଦୁଃଖର ଅପନୋଦନ ନିମନ୍ତେ ତାଙ୍କ ପ୍ରାଣୋପମା ପ୍ରେମିକାର ଗୋଟିଏ ଶ୍ୱେତମର୍ମର ମୂର୍ତ୍ତି ଗଢ଼ିଲେ । ତାହା ତାଙ୍କର ପୂର୍ବନିର୍ମିତ ସମସ୍ତ କାର୍ଯ୍ୟଠାରୁ ସୁନ୍ଦର ଓ ଜୀବନ୍ତ ହୋଇଥିଲା । ପ୍ୟାରିସର ସର୍ବଶ୍ରେଷ୍ଠ ଦରଜିଠାରୁ ଏହି ମୂର୍ତ୍ତି ପାଇଁ ପୋଷାକ ଆସିଲା । ସେଜର ତାକୁ ବିବାହ କଲେ । ବିବାହ ନିମନ୍ତ୍ରଣରେ ଜଣାଇଥିଲେ ଯେ—'ମୁଁ ଏପରି ଜଣକୁ ବାହା ହେଉଛି, ଯେ, କି ମୋତେ ଆଉ ଛାଡ଼ି ଯାଇ ପାରିବ ନାହିଁ ।' ବିବାହ ପ୍ରଥା ଅନୁସାରେ ବର କନ୍ୟାର ରାଜି ଥିବାର ଘୋଷଣା କରିବା ବେଳେ ପଥର ମୂର୍ତ୍ତି କନ୍ୟାର ମାଉସୀମାନଙ୍କ ସମ୍ମିତ ଲକ୍ଷଣ ରୂପେ ଗୃହୀତ ହେଲା । ବିବାହର ତୃତୀୟ ବାର୍ଷିକ ଉତ୍ସବ ଉପଲକ୍ଷେ ଜଣେ ବନ୍ଧୁ ଟିପ୍ପଣୀ ଦେଇଥିଲେ—ଫୋର୍ଣ୍ଣି ତମେ ଶୁଣିଛ ? ତମର ପ୍ରେମିକା ପ୍ରତିମୂର୍ତ୍ତି 'ଲେବେ' ଏବେ ପାଗଲ ପ୍ରତିମୂର୍ତ୍ତିର ପ୍ରେମରେ ପଡ଼ିଛି ।

\+ \+ \+

**ଯୁଗଳ ସମାଧି—**

କୋରିଆର କୌଣସି ବଡ଼ ଲୋକ ମଲେ, ତା ପାଇଁ ଦୁଇଟି ସମାଧି ପ୍ରସ୍ତୁତ ହୁଏ । ଗୋଟିକରେ ଶବ ରହେ ଆଉ ଗୋଟିଏ ଖାଲି ଥାଏ । ଖାଲି କଫିନଟି ଆଗେ ଆଗେ ଗଲେ । କାରଣ ସେଠା ଲୋକଙ୍କର ଧାରଣା ଯେ ଦୁଷ୍ଟ ପ୍ରେତମାନେ ଅଦି ଶବକୁ ଅନୁସରଣ କରନ୍ତି । ସେହି ପ୍ରେତମାନଙ୍କ ଭୁଲାଇବା ପାଇଁ ଆଗରେ ଗୋଟାଏ ଖାଲି କଫିନ ଯାଏ ।

ସେହି ଖାଲି କଫିନ ପାଖରେ କେତେକ ଅଚଳ ଟଙ୍କା ପଇସା ବି ପକେଇ ଦିଅନ୍ତି । କାରଣ ଦୁଷ୍ଟ ପ୍ରେତମାନେ ଲୋଭରେ ସେଠି ଭୁଲିଯିବେ । ତେଣୁ ଲୋକେ ଅନାୟାସ ଶବକୁ ସହଜରେ ପୋତି ପାରିବେ ।

ଏଠାରେ ବାପ ମଲେ ପୁଅ ତିନି ବର୍ଷ ଯାଏ ଶୋକ ସନ୍ତାପ ସ୍ୱରୂପ ଗୋଟାଏ ଟୋପି ପିନ୍ଧେ, ମା ମଲେ ୨ ବର୍ଷ ଓ ମାଇପ ମଲେ ଆଦୌ ପିନ୍ଧେ ନାହିଁ । କାରଣ ଲୋକେ କହନ୍ତି—ବାପ ମା ଆଉ ଥରେ ମିଳେ ନାହିଁ—କିନ୍ତୁ ମାଇପ ଯେତେ ଇଚ୍ଛା ସେତେ ।

× × ×

(ବହିପତ୍ର ପୂର୍ବପୃଷ୍ଠା ଉତ୍ତରୁ)

ବିଦ୍ୱେଷ ବରାବର ଲାଗିଛି । ଏଥର ସହକାରରେ 'ମୋଷରେ' ଲେଖିଛନ୍ତି—

ତାପରେ କାହିଁ ତ ହାତ ହେଲାନି
ଆମ ଓଡ଼ିଆ ଲେଖକ ସବୁର,
ଯାହା କିଛି ଅଛି ସବୁ ନକଲ
ଶରତ ଓ ବଙ୍କିମ ବାବୁର ।
ସବୁ କଥା ହେଲା ଆମ ଦେଶର
ତରୁଣୀ ତ ପ୍ରେମ କଣ ଜାଣେନା,
ସ ହିତ୍ୟ ହେବ ଆଉ କା ପେନ
ଯହିଁ ଦେଶ ନୋଥ ଗୁଣା ଓଡ଼ିଶା ।
(କଲେଜ ହଷ୍ଟେଲରେ ସନ୍ଧ୍ୟା)
ବିନୋଦ ଚନ୍ଦ୍ର ।

ଓଡ଼ିଆଣୀ ଯଦି ସାହିତ୍ୟ ପାଇଁ ଚାହାଁଇଲା ଆଜି ବଙ୍ଗାଳୁଣୀ ଚାଁଚ ଯଦି ବିନୋଦବାବୁଙ୍କୁ ବଙ୍ଗ ସାହିତ୍ୟ-କଲ୍ୟାଣର ଗୁପ୍ତଚର ରୂପେ କଲେଜ ପୂର୍ବ ପଟେ ଛାଡ଼ି କରିଦିଅନ୍ତି, ତା ହେଲେ ଆମେ ନାଚୁବି । ବିନୋଦବାବୁ କେତେକ କଲେଜ ଛାତ୍ର ଛାତ୍ରୀଙ୍କ ଗୃହଶିକ୍ଷକ, ତାଙ୍କ କର୍ତ୍ତବ୍ୟ ଜ୍ଞାନ ବୋଧ ଶକ୍ତି ନିଶ୍ଚୟ ଅଛି । ତେବେ ଏ ବଙ୍ଗ ପ୍ରେମ କାହିଁକି ?

**ଉର୍ଦ୍ଦୁ ଏବଂ ସଂସ୍କୃତ ବିଭାଗ—**ଏ ବିଷୟରେ କିଛି ନ କହିବା ଭଲ । ମୋଟା-ମୋଟି ଉପରେ ବୋଧହୁଏ ଭଲ ।

ଉପସଂହାରରେ ଏତିକି ଯେ ବଡ଼ ଆଶା କରି ଆସି ଦେଖିଲୁଁ ପର୍ବତ ଜନ୍ମ କଲା ଯଥା ନା ମୂଷା । ଇତି ।

—ଜଣେ ଉତ୍କଳ ପ୍ରେମୀ



Digitized by srujanika@gmail.com




# ଶବ୍ଦଧନ୍ଦା ପ୍ରତିଯୋଗିତା

## ୨୫ ଶ ଶବ୍ଦଧନ୍ଦା ଉତ୍ତର

| | | | | | | |
|---|---|---|---|---|---|---|
| ୧ ଗୋ | ୨ ଜା | ■ | ୩ ଶ | ■ | ୪ ଶ୍ରୀ | ୫ ସ |
| ୬ ମା | ଳ | ■ | ବା | ■ | ୭ ବା | ର |
| ଲି | ■ | ୮ ପ | ଦ | ୯ କ | ■ | ସ |
| ■ | ୧୦ ମା | ଠି | ■ | ୧୧ ମ | ଣି | ■ |
| ୧୨ ବା | ■ | ୧୩ ଅ | ୧୪ ବି | ଲ | ■ | ୧୫ ବି |
| ୧୬ ଦା | ୧୭ ବା | ■ | ଚ୍ଛେ | ■ | ୧୮ ଭୂ | ଷା |
| ୧୯ ମ | ଧୁ | ■ | ଦ | ■ | ୨୦ ବ | ନ |

୧ । ( ସିଧା )—ଅନୁମାନିକ ଶବ୍ଦ—ଗୋମାଳ, ଗୋମାଛି । —କିନ୍ତୁ ଗୋମାଛି ଉଡ଼ିଆ ନୁହେଁ ବଙ୍ଗଳା ।

୩ । ( ତଳକୁ )—ଅନୁମାନିକ ଶବ୍ଦ—ଶବାଦ, ଶପଦ ଶଭେଦ, ଶଚ୍ଛେଦ, ଶପଦ । ଶପାଦ ଶଚ୍ଛେଦ ଓ ଶଭେଦରେ ମନୁଷ୍ୟର ସବୁ ଯାଏନାହିଁ । ତେଣୁ ସେସବୁ ଅପ୍ରଯୁକ୍ତ । ତେବେ ଶବାଦ ଓ ଶପଦ ଉଭୟେ ଅକାଟ୍ୟ ଯୁକ୍ତି ଦେଖାଇବେ । କିନ୍ତୁ ବିପଦରେ ପଡ଼ିଲେ ମଣିଷ ଦେଖେ ଓ ଉନ୍ନତି କରେ । ମାତ୍ର ବିବାଦ ହେଲେ ମଣିଷର ସବୁ ଦିଗରୁ ଅଧୋଗତି ହୁଏ ।

୫ । ( ତଳକୁ ) ଅ: ଶବ୍ଦ—ସରଳ, ସରସ । ସରଳ ଲୋକେ ନିଜର ଜୀବନକୁ ଉପଭୋଗ କରି ପାରନ୍ତି ନାହିଁ । ଦୁଃଖରେ ସେମାନେ ବେଶୀ ଅଭିଭୂତ ହୁଅନ୍ତି । ସରସ ଲୋକେ ଦୁଃଖରେ ମଧ୍ୟ ଜୀବନକୁ ସରସ କରିବାକୁ ଚେଷ୍ଟା କରିଥାନ୍ତି । ତେଣୁ ତାଙ୍କର ଜୀବନ ଧନ୍ୟ ।

୮ । ( ସିଧା ) ଅ: ଶବ୍ଦ—ପଦକ, ମୋଦକ । ଅସୁସ୍ଥ ଲୋକ ହୋଇଥିଲେ ମୋଦକର ଆବଶ୍ୟକ ହୋଇଥାନ୍ତା ।

୮ । ( ତଳ ) ମୋଟ ବହିବା ପାଇଁ ହୋଇଥିଲେ ମୋଟିଆ ହୋଇଥାନ୍ତା ତଥାପି ଗୋଟାଏ ଯୁକ୍ତି କରିଯାଇ ପାରେ ଯେ ମୋଟ ବାନ୍ଧିବା ପାଇଁ ତ ପଟିଆ ଦରକାର ହୁଏ କିନ୍ତୁ ଏଠାରେ 'ମଧ୍ୟ' କଥାର ତାତ୍ପର୍ଯ୍ୟ କ'ଣ ? ମୋଟ ବାନ୍ଧିବା ପାଇଁ ସବୁବେଳେ ପଟ ଦରକାର ହୁଏ ନାହିଁ । ପଟିଆ ନ ହୋଇ ଅନ୍ୟ ପଦାର୍ଥରେ ମଧ୍ୟ ମୋଟ ବନ୍ଧାଯାଏ । ତେଣୁ ଏଠାରେ ପଟିଆ ହେଲା । କାରଣ ମୋଟ ବାନ୍ଧିବାକୁ ଦଉଡ଼ିର ଦରକାର ହୁଏ, ପଟିଆ ମଧ୍ୟ ।

୧୧ । ( ସିଧା )—ଅ: ଶବ୍ଦ—ମଥା, ମଣି । ରାଜା ଯେଉଁ ଦେଶରେ ଅଛନ୍ତି ସେଠି ଅନ୍ୟ ମଧ୍ୟ ସେମାନେ ଦେଶର ମଥା ହୋଇ ରହିଛନ୍ତି । କିନ୍ତୁ ସମସ୍ତେ ମଣି ନୁହନ୍ତି । ପୁର୍ବରୁ ରାଜାହେବା ପାଇଁ ଉପଯୁକ୍ତ ଥିଲେ । ନାନାଦି ଗୁଣରେ ଅଳଂକୃତ ଥିଲେ, ଆଜିକାଲିକା ରାଜାଙ୍କ ଭିତରେ ଯାହା ବିରଳ ।

୧୪ । ( ତଳକୁ ) ଅ: ଶବ୍ଦ—ବିବାଦ, ବିଚ୍ଛେଦ । ବିବାଦ ଦ୍ୱାରା ପ୍ରଣୟ ଗାଢ଼ ହୁଏ ନାହିଁ—ବରଂ ହ୍ରାସ ପାଏ । ତେଣୁ ଏ ସ୍ଥଳରେ ବିଚ୍ଛେଦହିଁ ପ୍ରଯୁଜ୍ୟ ।

୧୫ । ତଳକୁ ଅ: ଶବ୍ଦ—ଗୁମାନ ବିଧାନ । ଗୁମାନ ଦ୍ୱାରା କେହି ପ୍ରାଣ ପାଏ ନାହିଁ । ବିଧାନ ଦ୍ୱାରା ମଣିଷ ମରେ ଓ ବିଧାନ ଔଷଧ ରୂପେ ବ୍ୟବହୃତ ହୋଇ ମଣିଷକୁ ପ୍ରାଣଦିଏ ।

୧୮ । (ସିଧା)—ଭୂମା ଓ ଭୂଷା । ଭୂମା ଯଦି କଦର୍ଯ୍ୟ ହୋଇଥାଏ ତାକୁ ସଜାଇଲେ ସୁନ୍ଦର ଦିଶିବ କି ? ତେଣୁ ଏଠାରେ ଭୂଷା ହେବ ।

——✻——


## ଜରାୟୁ

ଏହାକୁ ସେବନ କଲେ ସ୍ତ୍ରୀମାନଙ୍କର ଜରାୟୁ ସଂବନ୍ଧୀୟ ଯାବତୀୟ ରୋଗ ଆରୋଗ୍ୟ ହୋଇ ଶରୀର ହୃଷ୍ଟ ପୁଷ୍ଟ ଓ ବଳିଷ୍ଠ ହୋଇଥାଏ । ଶ୍ୱେତ ପ୍ରଦର, ରକ୍ତ ପ୍ରଦର, ବାଧକ, ରଜଃ କଷ୍ଟ, ଅନିୟମିତ, ବନ୍ଧ୍ୟା ଦୋଷ, ମୃତବତ୍ସା ଦୋଷ, ପ୍ରଭୃତି ଏଥିରେ ସମୂଳେ ବିନଷ୍ଟ ହୋଇ ହୃଷ୍ଟ ସବଳ ଓ ଦୀର୍ଘଜୀବୀ ସନ୍ତାନ ଗର୍ଭେ ଧାରଣ କରିବାର କ୍ଷମତା ହୋଇଥାଏ ।

ମୂଲ୍ୟ—୧୬ ମାତ୍ରା ପୂର୍ଣ୍ଣ ଶିଶିକୁ ଏକଟଙ୍କା ମାତ୍ର

ଏକତ୍ର ଦୁଇଶିଶି ନେଲେ ଦୁଇଟଙ୍କା ଅଠଅଣାକୁ ମିଳିବ । ଡାକଖର୍ଚ୍ଚ ଏହାଛଡ଼ା ଅଧିକ ଦେବାକୁ ପଡ଼ିବ ।

ପ୍ରାପ୍ତିସ୍ଥାନ—କବିରାଜ—ଶ୍ରୀଧରଗର୍ଗବୈଦ୍ୟ ଭିଷଗାଚାର୍ଯ୍ୟ—ଆୟୁର୍ବେଦିକ ଫର୍ମାସୀ, ଭୁବନେଶ୍ୱର—ପୁରୀ ।




Digitized by srujanika@gmail.com




# ଆଁ ଆଁ ତାନା ନାନା

ସ୍ୱାସ୍ଥ୍ୟରକ୍ଷା ଅର୍ଥ ଯାହା ସ୍ୱାସ୍ଥ୍ୟକୁ ରକ୍ଷା-କରେ—ଯେତେବେଳେ ସ୍ୱାସ୍ଥ୍ୟ ଭଲ ଥାଏ ।

× × ×

ଜାତୀୟ ସରକାର ତାକୁଇ କୁହାଯାଏ ଯେଉଁଠି ସବୁ ଦଳ ନିଜର ଜାତିକୁ ଭୁଲି-ଯାନ୍ତି ।

× × ×

କୁମାର ତାକୁଇ କୁହାଯାଏ, ଯାର ବାହା ନ ହୋଇ କାମ ଚଳିଯାଏ ।

× × ×

ଅଫିସର ବେପରୁଆ ଘର । ଅଫିସରେ ଭିତରକୁ 'ପ୍ରବେଶ ନିଷେଧ' ଲେଖାଥାଏ ; ତେଣୁ ଘରେ ଲେଖା ଥିବା ଉଚିତ— 'ବାହାରକୁ ବାହାରିବା ନିଷେଧ ।'

× + ×

ମନୋବିଜ୍ଞାନ ଏକ ଅଧୁନିକ ରୋଗ ଯାହାକି ଫ୍ରଏଡ୍ ବେକ୍ଟିରିଆରୁ ଧରେ ।

× × ×

ପୂର୍ବରୁ ପୁରୁଷ ବର୍ଗଙ୍କ ଆଗରେ ତାଙ୍କ ସ୍ତ୍ରୀମାନେ ଲୁଚୁଥିଲେ । କିନ୍ତୁ ଆଜିକାଲି ମାନବିକତା ବଢ଼ିଥିବାରୁ ମାନବମାନଙ୍କ ଆଗରେ ମାନବୀ ଲୁଚୁନାହାନ୍ତି ।

× + ×

ସାଧାରଣ ଜ୍ଞାନ ଅନେକଙ୍କର ଥାଏ । ଅତି ସାଧାରଣ ଜିନିଷ ବୋଲି ଜନ୍ମିତ ଲୋକ ତାର ସାହାଯ୍ୟ ନିଅନ୍ତି ନାହିଁ ।

+ + +

ଚେଳମାନେ ନାସ୍ତିକ । ଯୁବତୀର କୁଞ୍ଚିତ କୁନ୍ତଳର ତେଜ ତ ସହନ୍ତି ।

+ × +

ସର୍ପ ଚକ୍ଷୁ ଶ୍ରବା – ଆଖିରେ ଶୁଣେ । ସେଥିପାଇଁ ରମଣୀର ଆଖିରେ ଗରଳ ଥାଏ ।

× × ×

ସ୍ୱପ୍ନକୁ ଯଦି ସତ୍ୟରେ ପରିଣତ କରିବାକୁ ଚାହଁ, ତେବେ ଶୋଇ ରହ ।

× × ×

ମଣିଷର ଦେହ ଏକ ଅଦ୍ଭୁତ ଯନ୍ତ୍ର । ତା' ପିଠିରେ ହାତ ମାରିଲେ, ମୁଣ୍ଡ ଗୁଳରେ ଲଗେ ।

× × ×

ମଦୁଆଙ୍କର ଅତି ଚପଳ ଦାନ୍ତ ଦେଖାଯାଏ ବୋଲି ଡାକ୍ତରଙ୍କ ମତ ।

ମାଛ ମଦ ଖାଇବା ସଙ୍ଗେ ସଙ୍ଗେ ତାଙ୍କ ଜିଭ ଝୁଗୁଲା ହୋଇଯାଏ ।

+ + +

କେତେକ ପୁରୁଷ ସ୍ତ୍ରୀଙ୍କ ସହିତ କଥା କୁହନ୍ତି ଆଉ କେତେକ କଥା ଶୁଣନ୍ତି ।

× × ×

ଝିଙ୍କାର ପର ଥାଏ ବୋଲି କହନ୍ତି କିନ୍ତୁ ବସା ବାନ୍ଧିବା ଗୁଣ ତାଠିଁ କମ୍ ନାହିଁ ।

× + +

ମଦୁଆ ଅଳ୍ପଦିନ ବଞ୍ଚନ୍ତି କାରଣ ସେ ଗୋଟାଏ ଦିନରେ ବହୁଦିନର ସୁଖ ଉପଭୋଗ କରନ୍ତି ।

+ × +

'ପ୍ରତ୍ୟକ୍ଷ ଦେବତା ବୋଲି ମଣିବ ହେ ଜନନୀ ଜନକେ, କରିବ ବୁଦ୍ଧଙ୍କୁ ସେବା ପ୍ରାଣପଣେ ବାଳିକା ବାଳକେ' ।

—ବାଳକ ବାଳିକା ଅଚ୍ଛା ଅନେକ କଲେ ଆଉ କହିବା ଦରକାର ନାହିଁ ।

× + +

'ଅକାଳେ ହିଁ ରକ୍ଷି ପିତା
ମାତା ଭଲ ପୃଥ୍ୱୀ ଅପେକ୍ଷା'

—ଘର ଭିତରେ ରହିବେ କିମିତି ?

ପୁତ୍ରସଂ—

× + ×

'ଅନ୍ୟଧର୍ମ ସେ ଜନ ଯେ
ପରମାୟୁ ବୃଥା କରେ କ୍ଷୟ'

ପିଙ୍ଗଳ ଛୋଡ଼ର ଦଫା ଅନୁସାରେ ଦଣ୍ଡନୀୟ ହେବ ତ ?

+ × +

'ଉଦ୍ୟୋଗୀ ଲଭଇ ଲକ୍ଷ୍ମୀ
ଘୋଷନ୍ତି ସନ୍ତ୍ରସ୍ତ (?)'

+ + +

'କାଳରଙ୍ଗରେ ଅବର୍ତ୍ତନ
ଭୁଞ୍ଜନ୍ତି ସୁଖୀ ଦୁଃଖୀ ଜନେ'

ଟେବୁଲ୍ ଦେଇଦେଲେ ?

× × +

ଧର୍ମ ଅର୍ଜିବେ ଧନ ପଥ
ନ କ୍ଷୁଦ୍ର ହୋଇ ଉଠନ୍ତେ ।

---

## ଅତି ଗୋପନୀୟ କଥା

ଆପଣ କାଉଣ୍ଟରରେ ହାକିମ୍ ସଫିଦ୍ ସରକାରୀଙ୍କ ବିଶ୍ୱାସ କରି ନିଅନ୍ତୁ । ସମସ୍ତ ପ୍ରକାର ସ୍ତ୍ରୀ ରୋଗ, ବାଳ ରୋଗ ଓ ସ୍ନାୟୁବିକ ରୋଗର ଅବଶ୍ୟ ପ୍ରତିକାର ପାଇବେ ।

ଠିକଣା:— ହମିଦିଆ ୟୁନାନି ଦବାଖାନା ।
ବାଲୁବଜାର, କଟକ ।



Digitized by srujanika@gmail.com




ଗୋପାଳ ଶିକ୍ଷକଙ୍କ ଅଗରେ ପଡ଼ନ୍ତା ଗ୍ରହ ନମ୍ବର ଫେରାଦ୍ ନ ହେଲେ ତାର ମନ ଠିକ ହେବ ନାହିଁ। ସେହିକ ଶିକ୍ଷକ କହିଲେ, ଗୋପାଳ, ଏଣିକି ତମର କୌଣସି ଅପତ୍ତି ଶୁଣାଯିବ ନାହିଁ।

ଗୋପାଳ ଉଠିକରି କହିଲା—ସାର୍, ମୁଁ ଆପତ୍ତି କରୁନାହିଁ। ଏହା ଗୋଟିଏ ଲେଖକ ଏହାର ନାମ—ମିଥ୍ୟା କହିବା ମହାପାପ। ରାମ ବୋଲି ଗୋଟିଏ ବାଳକ ସପ୍ତମ ଶ୍ରେଣୀରେ ପଢ଼ୁଥିଲା। ତାର ଗୋପାଳ ବୋଲି ଗୋଟିଏ ସତ୍ୟବାଦୀ ସଙ୍ଗୀ ଥିଲା। ରାମ ତାହାକୁ ଇର୍ଷାକରି ଶିକ୍ଷକଙ୍କ ଅଗରେ ତା' ନାମରେ ମିଛ କଥା କହିଲା। × × ×

କ୍ଲବରେ ଗୋଟିଏ ଫିଷ୍ଟ ହେବାର କଥା ହେଲା। ସମସ୍ତେ ୫୧୯ କରି ଚାନ୍ଦା ଦେବାର ଠିକ୍ ହେଲା। ଗୋଲକବାବୁ କହିଲେ—"୪ ବର୍ଷ ଅଗେ ମାଗିଥିଲେ ମୁଁ ୫୧୯ ଦେବାକୁ କୁଣ୍ଠିତ ନଥିଲି। କିନ୍ତୁ ଏଣିକି ତ ୫୧୯ର ମାଲ ଖାଇ ପାରିବି ନାହିଁ। ++

ଖରଦ୍ଦାର—ମୋର ଗୋଟାଏ ଦାନ୍ତ ଦରକାର।

ଦନ୍ତଜ—କ ପାଇଛ ବାବୁ !

ଖରଦ୍ଦାର—ମୁଁ ଦଶହାତ ପଗଡ଼ି ବାନ୍ଧେ ଅଉ ୭½ ହାତ ପିନ୍ଧେ।

× × ×

ଦୁଇଟି ଛାତ୍ର କଳି କଲେ। ଜଣେ କହିଲା, ଅଙ୍କରେ ମୋର ବେଶୀ ନମ୍ବର ଥିବ ଅଉ ଜଣେ କହିଲା, ମୋର ବେଶୀ ଥିବ। ଦୁହେଁ ଯାଇ ମାଷ୍ଟରଙ୍କ ପାଖକୁ ଗଲେ।

ମାଷ୍ଟରେ—(ପ୍ରଥମକୁ) ତୋର ସମସ୍ତଙ୍କଠୁଁ କମ୍ ନମ୍ବର ଅଛି।

୧ମ ଛାତ୍ର—(ପ୍ରଥମକୁ) ହେଲ ? ପକା ଠେଙ୍ଗା !

ମାଷ୍ଟରେ—(ଦ୍ୱିତୀୟକୁ) ତୋର ଅଛି ଶୂନ—ଗୋଲଅଣ୍ଡା—ଜବରେ !

\+ + +

ବିମଳ କମଳାର ପ୍ରେମରେ ମୁଗ୍ଧ। ସେ ଚିଠି ଲେଖିଲା—

ପ୍ରାଣର ମୋର,

ତୋ ପାଇଁ ମୋର ପ୍ରାଣ ଅସ୍ଥିର ହେଉଛି। ମୁଁ ତୋ ପାଇଁ କଣ କରି ନ ପାରେ। ତୋ ପାଇଁ ମୁଁ ସମାଜ ସଂସାର ସବୁ ତ୍ୟାଗ କରି ପାରେ।

ତୋର ସୁମଧୁର କଥା ପଦେ ଶୁଣିବା ପାଇଁ ମୁଁ ଦୁର୍ଲଂଘ୍ୟ ପର୍ବତ ଅତିକ୍ରମ କରିପାରେଁ—ଜ୍ୱଳନ୍ତ ଅଗ୍ନି ମଧ୍ୟରେ ପ୍ରବେଶ କରି ଚାଲିଯାଇ ପାରେ—ତୋର କଜଳ ବୋଳା ନୟନକୁ ଥରେ ଚାହିଁବା ପାଇଁ ମୁଁ ସାତ ସମୁଦ୍ର ପାର ହୋଇପାରେଁ। ତୋ ପାଇଁ ମୁଁ ଜୀବନ ପର୍ଯ୍ୟନ୍ତ ଦେଇପାରେଁ। ତୁ ମୋତେ ଭୁଲ ପାଉ ସତ, କିନ୍ତୁ ତୁ ମୋର ପ୍ରକୃତ ପରିଚୟ ପାଇନାହୁଁ। ସମୟ ଆସିବ ମୋତେ ତୁ ବଳେ ଚିହ୍ନିବୁ।

ତୋର—ମୁଁ।

ପୁଃ—ମୁଣ୍ଡ ବିନ୍ଧୁଛି। ଅଜି ଯାଇପାରିଲି ନାହିଁ। ଅଶାକରେଁ କାଲି ମୁଣ୍ଡବିନ୍ଧା ନଥିବ। ନିଶ୍ଚୟ ଯିବି।

---


## ଜ୍ୱର ଓ ପ୍ଳୀହା ପାଇଁ

## ଅମୃତାଷ୍ଟକ କଷାୟ

ଓ

## କଳ୍ପଲତା (ବଟିକା)

ସର୍ବତ୍ରେ ବିତୋଲ୍ ବହୁ ପ୍ରଶଂସିତ। ଏହାର ମୂଲ୍ୟ ଅଳ୍ପ ଓ ଅତି ଗୁଣକାରକ। ଓଡ଼ିଶାର ପ୍ରତ୍ୟେକ ସହର ଓ ଗ୍ରାମମାନଙ୍କରେ ଖୋଜିଲେ ପାଇବେ। ଅନ୍ୟାନ୍ୟ ଔଷଧ ତୁଳନାରେ ଏହା ମହୋପକାରୀ। ଥରେ କେବଳ କିଣନ୍ତୁ ମଜା ବୁଝିବେ-

ଆପଣଙ୍କର ଗୃହଚିକିତ୍ସକ କିଏ !

## ମାତୃଶକ୍ତି

'ମା' ନଥାଇ ପିଲାଙ୍କ ଅବସ୍ଥା ଯେପରି—ମାତୃଶକ୍ତି ପାଖରେ ନଥିବା ଗୃହସ୍ଥର ଅବସ୍ଥା ତାହାଠାରୁ ଶୋଚନୀୟ। 'ମା' କେବଳ ଶିଶୁକୁ ନିଜ ରକ୍ତ ବିନ୍ଦୁଟି ପର୍ଯ୍ୟନ୍ତ ଦେଇ ବଞ୍ଚାଇ ଥାଏ, କିନ୍ତୁ ମାତୃଶକ୍ତିର ବଡ଼, ସାନ, ବୁଢ଼ା, ବୁଢ଼ୀ ଭେଦ ଭାବ ନାହିଁ। ତେଣୁ ୧୫ ବର୍ଷରୁ ଅଧିକ କାଳ ପ୍ରତ୍ୟେକ ଘରେ ସ୍ଥାନ ପାଇଛି। ଏହା ସର୍ବ ରୋଗ ନାଶକ। ଖାଇବା ଓ ମାଲିସ କରିବା ଉଭୟ କାର୍ଯ୍ୟରେ ଲାଗେ—ବ୍ୟବସ୍ଥାପତ୍ର ଶିଶି ସହ ଥାଏ। ମୂଲ୍ୟ—୫ ୦ ୫

ସାମାନ୍ୟ ଶିକ୍ଷିତା ଗୃହିଣୀ ମାନେ କବିରାଜ ଓ ଡାକ୍ତର ମାନେବି ଚିକିତ୍ସା କରି ପାରିବେ।

ଶାନ୍ତି ଔଷଧାଳୟ— ଡାକ୍ତର ଓ କବିରାଜ—ଶ୍ରୀ ବ୍ରଜନାଥ ମିଶ୍ର M.L. A. ପୋ: ନେଉପାଟଣା—କଟକ।




Digitized by srujanika@gmail.com



**ମଜାକବିତା**

# କିରାଣୀ ବାବୁ

ଲେଖକ:—ଅଜ୍ଞାତ

କିରାଣୀ ବାବୁଟି ଚାଲିଅଛି ହାତେ
ଫାଇଲ ବଡ଼ାଟି ଯାଚି,
ପିନ୍ଧିଅଛି ପାଦେ ହାଫ୍ ଯୋଡା ହଲେ
ଦେହରେ କମିଜ ଖାଚି । ୧ ।

ଅଫିସ ଚନ୍ଦ୍ରାର ଭାରରେ ମୁଣ୍ଡଟି
ତଳକୁ ହୋଇଛି ନତ,
ଦିନଟିଏ ତାର ସୁଖରେ କଟିଲେ
ଭାବେ ଗଲା ବର୍ଷ ସାତ । ୨ ।

ସୂର୍ଯ୍ୟ କିରଣକୁ ଚନ୍ଦନ ମଣଇ
ବରଷାକୁ ଗଙ୍ଗାଜଳ,
ଲେ'ଟ୍ ଟିକିଏ ହୋଇଗଲେ ବଡ଼େ
ଦେହୁଁ ଗମାଗମ୍ ଝାଳ । ୩ ।

ବାରଟା ତ ତାକୁ ବାମ,
ସାତ ଦିନ, ସାତ— ଘଣ୍ଟା ଖାଟି ଖାଟି
ନକରେ ସରଳ ଚାମ । ୪ ।

ସକାଳୁ ଉଠିଲେ ଧାଏଁ ଅଫିସକୁ
ପୁଣି ଦଶଟାରେ ଠିକେ,
ସେଥିରେ ବିଳମ୍ବ ହେଲେ ବଡସାବ
ହାଟ୍ ପଲପିଟେଟ୍ କରେ । ୫ ।

ଅଫିସରେ ପଶି ଚେଅରଟା ଟାଣି
ନାଏ କି ନାହିଁ ବିଶ୍ରାମ,
ଏଡ଼ାଲେ ହାକିମ ପଠାଇଁ ଦିଅନ୍ତି
ପେଣ୍ଡିଙ୍ଗ୍ ଫାଇଲ୍ ଥଣ । ୬ ।

'ୟେସ୍ ସାର୍' ବୋଲି ଉତ୍ତରଟା ଦେଇ
ଫାଇଲ୍ ଟୋକଏ ଧରି,
ଟେବୁଲ ପାଖରେ ଠିଆ ହୁଏ ଯାଇ
ମାରବଲ୍ ରୂପ ଧରି । ୭ ।

ତହିଁରେ ଗଲତ ଟିକିଏ ଦେଖିଲେ
ମୁହଁ ହୁଏ କେତେ ମନ୍ତ୍ର,
ହାକିମଙ୍କ ସେଇ ବିକଟାଳ ରୂପ
ଦେଖି ଲାଗେ ଯାଏ ତନ୍ତ୍ର । ୮ ।

ନାଗର ହୋଇଣ କିରାଣୀ ବାବୁଟି
ଭୟରେ ସର୍ବଦା ଥରେ,
ହାକିମଙ୍କୁ ତାର ଫ୍ଲିକ୍ କରିବାକୁ
ପିମ୍ପା ପିମ୍ପା ତେଲ ଘରେ । ୯ ।

ସୃଷ୍ଟି ସଂସାର ତା କରେସ୍ପି ଉତ୍ତର
ପାଚେରୀ ଗୃହରେ ଘେରା,
ଛୁଟି ଦିନ ଗୁଡ଼ା ଅଫିସରେ ପାଳେ
ବଡଦିନ ଦଶହରା । ୧୦ ।

ଛତ ଟିପେ ଦେଇ ଟିପ୍ ଟିପ୍ କରି
ଟାଇପ୍ ମେସିନ୍ ତାଳ,
ଭୁଲିଯାଏ ସେହୁ ପାଲ ଥିଏଟର
ସିନେମା ଟକିର ଖେଲ । ୧୧ ।

ଟଙ୍କା ତୋଡ଼ାଏରୁ ଆରମ୍ଭ କରିଛି
ଜୀବନରୁ ଗଲା ଯାଳେ,
ସିଏ ପୁଣି କେବେ ଚାଲଣ ହୋଇବ
ଜୀଇଥିଲେ ବୁଢ଼ା କାଳେ । ୧୨ ।

ଯାହାଗା ମିଳଇ କଟିଯାଏ ତହିଁରୁ
ପ୍ରଭିଡେଣ୍ଟ ଫଣ୍ଡ୍ ପାଇଁ
ମାସ ମାସ ଗୁଡା ଫାଇଲ ଗଣି ସେ
ପକେଟକୁ ରହେ ଚାହିଁ । ୧୩ ।

ତା ଉପରେ ପୁଣି ଦଶ ଗୋଟି ପ୍ରାଣୀ
ହୋଇଛନ୍ତି ଗଳଗ୍ରହ,
ଏ ଘର ଛୁଆକୁ ସେ ଘର ଛୁଆ ତ
ଲାଗି ଚାଲିଅଛି ମୁଁ ଅ । ୧୪ ।

ଘରଣୀଙ୍କ ପୁଣି ଗହଣା ଅର୍ଡ଼ର
କମ୍ପ୍ଲାଇ ନ ହେଲା ଦିନେ,
ଘେଣ୍ଟୁ ବିଚାରିର ଯାଏ ସବୁବେଳେ
ଅଭିମାନେ ଅନଶନେ । ୧୫ ।

ପିଲାଏ କହନ୍ତି "ମାଷ୍ଟ୍ର କହୁଛନ୍ତି
ନ ଆଣିଲେ ସବୁ ବହି,
ଇସ୍କୁଲକୁ ଆଉ ଆସିବ ନାହିଁ ରେ
ବାପାଙ୍କୁ ଦେବ ତ କହି ।"

କିରାଣୀଟି କରେ ଚିନ୍ତା,
ଜୀବନର ରସ ଶୁଖି ତ ପାଉଛି
ଚପୁଡ଼ ଚପୁଡ଼ ସିଠା । ୧୬ ।



Digitized by srujanika@gmail.com



## ନାଗଙ୍କ କଲମରୁ

### ନାଟ୍ୟକାର

## ଲୁଇଗିପିରାଣ୍ଡେଲୋ

କେତେ ଦିନ ପ୍ରାନ୍ତରୁ ହେଉ ସୁଦୂର ଏ ଭାରତରେ ସୁଦ୍ଧା ଲୁଇଗି ପିରାଣ୍ଡେଲୋଙ୍କ ନାଁ ଅତି ପ୍ରତିଧ୍ୱନିତ ହେଉଛି । ବିଶ୍ୱର ବାଣୀ ମନ୍ଦିରର ଲୁଇଗି ପିରା-ଣ୍ଡେଲୋ ଜଣେ ଅସାଧାରଣ ମହାମନସ୍ୱୀ ବୋଲି ପରିଚିତ । ତାହାଙ୍କର ପ୍ରତିଭା ଅସୀମ ଓ ଅତୁଳନୀୟ ।

ଇଟାଲୀର ସିସିଲି ଦ୍ୱୀପର ଗିର୍ଜେଣ୍ଟି ନାମକ ସ୍ଥାନରେ ୧୬୬୭ ଖ୍ରୀଷ୍ଟାବ୍ଦରେ ଏହି ମନସ୍ୱୀ ଜନ୍ମଗ୍ରହଣ କରିଥିଲେ । ପିଲାଟି ବେଳୁ ପିରାଣ୍ଡେଲୋଙ୍କର ସ୍ୱଭାବ ଅତି ଧୀର ଓ ପ୍ରୀତି-କର ଥିଲା । ନିହାତି କମ୍ ବୟସରେ କବିତା ଲେଖା ପ୍ରତି ତାହାଙ୍କର ମମତା ଆସିଥିଲା । ଯେତେବେଳେ ସେ ମାତ୍ର ୧୮ ବର୍ଷ ବୟସରେ ପଦାର୍ପଣ କରିଥିଲେ, ସେତିକିବେଳେ ତାହା-ଙ୍କର ବାଲ୍ୟ କବିତା ସବୁ ପୁସ୍ତକାକାରରେ ପ୍ରକାଶିତ ହେଲା । ଏ ପୁସ୍ତକଟି ତାଙ୍କର ଦେଶରେ ବେଶ୍ ପ୍ରତିଷ୍ଠା ଲଭିଲା ।

ଲୁଇଗି ପିରାଣ୍ଡେଲୋଙ୍କ ଅସୀମ ପ୍ରତିଭା ପରି ତାହାଙ୍କର ଧୈର୍ଯ୍ୟ ଉତ୍ସାହ ଓ ଏକାନ୍ତିକ ନିଷ୍ଠାର ମଧ୍ୟ ଅନ୍ତ ନାହିଁ । ବାସ୍ତବିକ୍ ଏ ଢନୋମି ବିନୁ କୌଣସି ସାଧନାରେ ସଫଳ୍ୟ ହେବା ଯିମିତି କଠିନ !!

ପିରାଣ୍ଡେଲୋ ପହିଲେ ପହିଲେ କବିତା ଲେଖୁଥିଲେ । ତା'ପରେ ଗଳ୍ପ ଲେଖା ପ୍ରତି ତାହାଙ୍କର ଅନୁରକ୍ତି କ୍ରମେ ବୃଦ୍ଧି ପାଇଲା । କିଏ ଭାବିଥିଲା ଲେଖକ ପିରାଣ୍ଡେଲୋ ଯେ ଦିନେ ପୁଣି ଏତେ ବେଗି ନାଟ୍ୟକାର ହିସାବରେ ଏତେ ବଡ଼ ସମ୍ମାନର ଅଧିକାରୀ ହେବେ, ଏହା ବା କିଏ କଳ୍ପନା କରିଥିଲା ସେଦିନ ? ଇଟାଲୀୟ ନାଟ୍ୟ ସାହିତ୍ୟରେ ପିରାଣ୍ଡେଲୋଙ୍କ ଲେଖନୀ ଯୁଗାନ୍ତର ଆଣିଛି । କବି, ଲେଖକ ନାଟ୍ୟକାର ପିରାଣ୍ଡେଲୋଙ୍କ ପ୍ରତିଭାର ଚରମ ବିକାଶ ନାଟ୍ୟ ସାହିତ୍ୟରେହିଁ ହୋଇଛି ।

ଗଳ୍ପ, କବିତା, ଉପନ୍ୟାସ, ନାଟକ ପ୍ରଭୃତି ଲେଖିବାରେ ତାହାଙ୍କର ଶକ୍ତି ଯିମିତି ଅସୀମ ଓ ଅଫୁରନ୍ତ; ରଙ୍ଗ, ରହସ୍ୟ, ଥଟ୍ଟା, କୌତୁକ ସାହିତ୍ୟ ଲେଖିବାରେ ମଧ୍ୟ ତାହାଙ୍କର ପ୍ରତିଭା ସେହିପରି ଅଦ୍ଭୁତ ! ପିରାଣ୍ଡେଲୋଙ୍କ ପ୍ରଥମ ନାଟକ ଖଣ୍ଡ ଦେଶରେ ସେପରି ସମାଦୃତ ହେଲାନ । ଦୀର୍ଘ ଅଠର ବର୍ଷରେ ସେହି ବହି ଦୁଇ ହଜାର ଖଣ୍ଡ ମାତ୍ର ବିକ୍ରି ହୋଇଥିଲା । ମାତ୍ର ଯାହା ହେଲେ ପିରାଣ୍ଡେଲୋଙ୍କ ଅନ୍ତରର ଅସୀମ ଉତ୍ସାହ ଲିଭି ଯାଇ ନଥିଲା ।

ସେ କାହାରି ସମାଲୋଚନା — କିମ୍ବା ନାଟକର ଅନାଦରକୁ ଭ୍ରୂକ୍ଷେପ ନ କରି ଧୈର୍ଯ୍ୟ ସହକାରେ ନୀରବରେ ବସି ନାଟକ ଲେଖିବାକୁ ଲାଗିଲେ । ଉନ୍ନତିର ଉଚ୍ଚତମ ଶିଖରକୁ ଉଠିବାକୁ ତାଙ୍କ ଅନ୍ତର ସର୍ବଦା କାନ୍ଦୁଥିଲା । ଏବଂ ସେ ସେଥିପାଇଁ ପ୍ରାଣପଣେ ସଚେଷ୍ଟ ଥିଲେ ମଧ୍ୟ ।

ସେ ଅନେକ ବହି ଲେଖିଅଛନ୍ତି—ଗଳ୍ପ, କବିତା, ଉପନ୍ୟାସ ନାଟକ । ସବୁ ଗୁଡ଼ିକ କି ପ୍ରକାଶ ଭଙ୍ଗୀର ବାହାଦୁରୀ-ତାରେ, କି କଳ୍ପନାର ନୂତନ-ତାରେ, ଭାଷାର ମାଧୁର୍ଯ୍ୟରେ ସର୍ବାଙ୍ଗ ସୁନ୍ଦର । ୧୯୩୪ ମସିହାରେ ଅସାମାନ୍ୟ ଓ ପ୍ରତିଭା-ଶାଳୀ ନାଟ୍ୟକାର ହିସାବରେ ସେ ବିଶ୍ୱବିଖ୍ୟାତ ନୋବେଲ ପ୍ରାଇଜରେ ସମ୍ମାନିତ ହେଲେ । ସେତେବେଳକୁ ତାଙ୍କ ବୟସ ହୋଇଥିଲା ସତଷଠି ।

ପିରାଣ୍ଡେଲୋଙ୍କର ଅସାମାନ୍ୟ ଦୟା, ବିନୟ, ସରଳତା, ସାଧୁତା ତାଙ୍କର ପର ବ୍ୟକ୍ତିଙ୍କଠାରେହିଁ ସମ୍ଭବ । ସ୍ୱଦେଶହିତ ବା ପରୋପକାର କଥାରେ ନିଜର ଜୀବନକୁ ସେ ନିହାତି ତୁଚ୍ଛ ମଣନ୍ତି ।

ଲୁଇଗି ପିରାଣ୍ଡେଲୋ ମହାପୁରୁଷ !! ତାହାଙ୍କ "ସଦ୍ଗୁଣ ଅନୁକରଣବ୍ରତ" ପାଳି-ବାକୁ ଈଶ୍ୱର ଆମ୍ଭମାନଙ୍କ କ୍ଷୁଦ୍ର ଅନ୍ତରରେ ଅନେକ ଶକ୍ତି ଦିଅନ୍ତୁ ।

କୁମାରୀ ଶୈଳବାଳା ।

## ନାଗବଚ୍ଛା ଦଳ

### ଉଦ୍ଦେଶ୍ୟ

୧ । ଉତ୍କଳର କୋମଳ ପ୍ରାଣରେ ନବଜାଗରଣ ଆଣିବା, ଜାତୀୟ ଚେତନା ବଢ଼ାଇବା, ସେମାନଙ୍କର ବିକାଶ ଓ ସର୍ବାଙ୍ଗୀନ ଉତ୍କର୍ଷ ସାଧନ କରିବା ।

୨ । ନାଗର ମଧ୍ୟସ୍ଥତାରେ ପତ୍ର ବିନିମୟ ଦ୍ୱାରା ତରୁଣମାନଙ୍କ ମଧ୍ୟରେ ପରସ୍ପର ଭାବର ଆଦାନ ପ୍ରଦାନ ବଢ଼ାଇବା ଓ ସେମାନଙ୍କ ମଧ୍ୟରେ ସ୍ନେହ ପ୍ରୀତି ଓ ସୌହାର୍ଦ୍ଦ୍ୟ ବଢ଼ାଇବା ।

୩ । ମାତୃଭାଷା ଓ ସାହିତ୍ୟ ପ୍ରତି କିଶୋର କିଶୋରୀଙ୍କର ଅନୁରାଗ ବଢ଼ାଇବା ।

୪ । ସତ୍ୟ ସେବା, ସାହସ ଓ ଅହିଂସା ସାଧନାରେ ସେମାନଙ୍କୁ ଉଦ୍ବୁଦ୍ଧ କରିବା ।

( ୧୮ ବର୍ଷରୁ ଊଣା ବାଳକ ବାଳିକାମାନଙ୍କ ପାଇଁ )

## ଅଜାଙ୍କ ଜବାବ

ପରମାନନ୍ଦ—ତମ କବିତା ଗୁଡ଼ିକ ନାଗ-ବସ୍ତୁ ବିଭାଗରେ ପ୍ରକାଶ କରି ହେଲା ନାହିଁ । କିନ୍ତୁ ତମ ଚେଷ୍ଟା ମୋତେ ଲାଗିଛି । ମୁଁ ତମକୁ ଭୁଲିବି ନାହିଁ । ତମ 'ଜାଗରଣ' କାହିଁ ? ଚିଠି ଦେବାବେଳେ ନମ୍ବର ଦେବ । ନଇଲେ ଉତ୍ତର ପାଇବ ନାହିଁ ।

ଜନାସୁକ—ତମର ନାମ ଶୀଘ୍ର ବାହାରିବ । ତମର ନାଗବଚ୍ଛା ନମ୍ବର ୭୩୫ ।

ରେବତୀ—( ୩୦୦ )—ଭଗବାନଙ୍କୁ ଯିଏ ଯେଉଁ ରୂପରେ ଭାବେ ସେଇ ରୂପରେ ପାଏ । ତମେ ଅଜା ଅଣ୍ଟାକୁ ଯିମିତି କଳ୍ପନା କରିବ ସେ ସେମିତି ହେବେ । ଉପରର ବ୍ଲକ୍



Digitized by srujanika@gmail.com

ତମଙ୍କୁ ତମେ ଅଜା ଅଛ ମନେ କଲେ ମୋର ଆପତ୍ତି ନାହିଁ । କାରଣ—

ଅନେକ ପ୍ରକାରେ ଭକତ,
କେ ଜାଣେ ଅଜା ଅଛ ଗତ ।

ମୁଁ ଉପ୍ପ ଖାଏ ନାହିଁ । ତଥାପି ମୋ ପେଟ ଖରାପ । ତମ ଅଜ ସେଥିପାଇଁ ପଥ୍ୟ ଯୋଗାଇ ପାରୁନାହିଁ ।

ପୀତାମ୍ବର—( ୩୩୪ ) ନାଗବନ୍ଧୁ ଦଳ ସମ୍ବନ୍ଧରେ ଅଜ ବେଶୀ କିଛି କହୁଥାଉନି ନାହିଁ । ତମ ଯୁକ୍ତ କବିତା ପସନ୍ଦ ହେଲା ନାହିଁ । ଅଉ କୌଣସି ବିଷୟରେ ଲେଖିଲେ ବୋଧହୁଏ ତମ ହାତରେ ଭଲ ଫୁଟିବ ।

ଜାମସେଦପୁରର କ୍ଲବ ସମ୍ବନ୍ଧରେ ଯେପରି ଜାହାନ୍ଛ, ତମେ କଲିକତାର ସେହିପରି କେତେକ କ୍ଲବ ବା ଅନୁଷ୍ଠାନ ସମ୍ବନ୍ଧରେ ଲେଖିଲେ, ଜଣାଯିବ ଯେ ତମେ ସେଠାକୁ ପସନ୍ଦ କରୁଛ ।

ତମର—ଅଜା

—— ——

## ସଂଗୀତ-ଉଦ୍ଦୀପକ

କୁନ୍ଦନଲାଲ ସାଇଗଲ ! ଯେଉଁମାନେ ଏହି ସର୍ବ ଭାରତ ସଙ୍ଗୀତ-ପକ୍ଷୀଙ୍କର ସଂସ୍ପର୍ଶରେ ଆସିଥିବେ ବା ଦର୍ଶନ ଲାଭ କରିବାର ଅବକାଶ ପାଇଥିବେ, ସେହିମାନେହିଁ କହିବେ ତାଙ୍କୁ ସାକ୍ଷାତ କରିବା କି ପ୍ରୀତିକର । ଏହି ୩୭ ବର୍ଷ ବୟସ୍କ କମନୀୟ-କାନ୍ତିଯୁକ୍ତ ବଳିଷ୍ଠ ସୁଠାମ ଅଭିନେତାଙ୍କର ବ୍ୟବହାର ଅତୀବ ଆଦରଣୀୟ । ତାଙ୍କର ସୁନ୍ଦର ବ୍ୟକ୍ତିତ୍ୱ ଯେପରି ଆନନ୍ଦଦାୟକ, ଅନ୍ତରର ରସ ମଧ୍ୟ ତଦ୍ରୂପ । ଲାଲ ଅମୃତ ଚାନ୍ଦ ସାଇଗଲଙ୍କର ପୁତ୍ର ସେ । ତେଣୁ ସେ ମୋଗଲ ସମ୍ରାଟ ଆକବରଙ୍କର ଅର୍ଥବିଭାଗ ମନ୍ତ୍ରୀ ରାଜା ତୋଡରମଲ୍ଲଙ୍କ ବଂଶଧର ବୋଲି ସଗର୍ବେ ପରିଚୟ ଦେଇ ପାରିବେ ।

ଯୁବକ ସାଇଗଲ କାଶ୍ମୀରରେ ସ୍କୁଲ ଓ କଲେଜ ବିଦ୍ୟା ସମାପନ କରିଥିଲେ ଏବଂ ଯାମୁର ପ୍ରିନ୍ସ ଅଫ୍ ୱେଲ୍ସ କଲେଜରେ ବି, ଏ, ଅଧ୍ୟୟନ କରିଥିଲେ ।

ଇଞ୍ଜିନିଅରିଂ, ଇଲେକ୍‌ଟ୍ରିକାଲ ଓ ମେକାନିକେଲ ପ୍ରତି ସେ ଆକୃଷ୍ଟ ହୋଇ ପଡ଼ିଥିଲେ । ଷୋହଳ ବର୍ଷ ବୟସରେ ସେ P. W. D.ରେ ଯୋଗ ଦେଇଥିଲେ । କିନ୍ତୁ ଲୋକ କମାଇ ଦିଆଯିବାରୁ, ତାଙ୍କୁ ବାହାରି ଆସିବାକୁ ପଡ଼ିଲା । ତାପରେ ସେ ରେଲୱେରେ ତିନି ବର୍ଷରୁ ବେଶୀ କାମ କରିଥିଲେ । ଅବଶେଷରେ ଏହି ଚାକିରିରେ ବସି କଲମ ଘଷିବା ତାଙ୍କୁ ସୁଖ ଲାଗିଲା ନାହିଁ । ତେଣୁ ସେ ରେମିଙ୍ଗଟନ ଟାଇପରାଇଟର କମ୍ପାନୀର ଏଜେଣ୍ଟ ହୋଇ ଟାଇପ ମେସିନ ବିକିବାକୁ ଲାଗିଲେ ।

ଗୋଟିଏ ବୈଠକରେ ତାଙ୍କ ବନ୍ଧୁଙ୍କ ଦ୍ୱାରା ଅନୁରୁଦ୍ଧ ହୋଇ, ସେ ଗୀତ ଗାଇବାକୁ ବାଧ୍ୟ ହେଲେ । ପ୍ରଥମେ ସେ ଲଜ୍ଜା ଅନୁଭବ କଲେ, କିନ୍ତୁ ତାଙ୍କ ବନ୍ଧୁମାନେ କୌଣସି ପ୍ରକାରେ ଛାଡ଼ିଲେ ନାହିଁ । ଶେଷରେ ସେ ଗଜଲ ସଙ୍ଗୀତ ଗାଇଲେ । କେହିଜଣ ହେଁର ବ୍ୟବସାୟ ପରି ଗାଇଲେ । ତାଙ୍କର ମଧୁର ସ୍ୱର ଓ ଗୀତର ତାଳ ସମସ୍ତଙ୍କୁ ପାଗଳ କରିଦେଲା । ଶତ ଶତ ଜିହ୍ୱା ତାଙ୍କୁ ପ୍ରଶଂସା କରିବାରେ ବ୍ୟାପୃତ ହେଲେ । କିନ୍ତୁ ନିଉ ଥିଏଟର୍ସର ମେନେଜିଂ ଡାଇରେକ୍ଟର ବି, ଏନ୍, ସରକାରଙ୍କ ମନରେ ଗୋଟାଏ ଅଦ୍ଭୁତ ଧାରଣା ଦୃଢ଼ୀଭୂତ କରିଦେଲା ।

ତା ଆରଦିନ ସକାଳେ ସାଇଗଲ ନିଉ-ଥିଏଟର୍ସର ଷ୍ଟୁଡିଓରେ ଯାଇ ଯୋଗ ଦେଲେ—ତାପରେ ଜଣେ ଷ୍ଟାର ( ଅଭିନେତା ) ହୋଇ ପାରିଲେ ।

ଚଣ୍ଡୀଦାସ, ଦେବଦାସ, ଦୁସ୍‌ମନ, ପ୍ରେସିଡେଣ୍ଟ, ଧର୍ତୀମାତା, ଷ୍ଟ୍ରିଟ୍‌ସିଙ୍ଗର ଓ ଜିନ୍ଦଗିରେ ସାଇଗଲ ଦେଖାଇ ଦେଇଛନ୍ତି—ସେ ଦର୍ଶକ ମଣ୍ଡଳୀଙ୍କ ହୃଦୟରେ ସଙ୍ଗୀତର ପଥ ଦର୍ଶାଇବା ସଙ୍ଗେ ସଙ୍ଗେ ତାଙ୍କର କମନୀୟ ଓ ଅବିଶ୍ରାନ୍ତ ଅଭିନୟ ଦ୍ୱାରା ବି ଦର୍ଶକଙ୍କ ମନପ୍ରାଣ ପୁଲକିତ କରି ଦେଇ ପାରନ୍ତି ।

ତାଙ୍କ ସଙ୍ଗୀତର ଶ୍ରେଷ୍ଠ ନିଦର୍ଶନ ରୂପେ ଏଲାହାବାଦ ସଙ୍ଗୀତ ସମ୍ମିଳନୀ ତାଙ୍କୁ ଗୋଟିଏ ସ୍ୱର୍ଣ୍ଣ ପଦକ ପ୍ରଦାନ କରିଛନ୍ତି ।

ସୁଯୋଗ୍ୟ ପୁତ୍ର, ପତ୍ନୀପ୍ରାଣ ସ୍ୱାମୀ ଓ ଉପଯୁକ୍ତ ପିତା ସାଇଗଲ କେବଳ ତାଙ୍କ ଗୃହର ଏକମାତ୍ର ସମ୍ପତ୍ତି ନୁହନ୍ତି । କିନ୍ତୁ ଯେଉଁ ଶିଳ୍ପର ପୂଜାରୀ ସେ ତାର ପ୍ରକୃତ ଉପାସକ ମଧ୍ୟ ।

ଘୋଡ଼ାଚଢ଼ା ତାଙ୍କର ଭାରି ପ୍ରିୟ ।

ନମ୍ର, ଧୀର ଓ ଭଦ୍ର— ନିଉଥିଏଟର୍ସର କର୍ମଚାରୀଙ୍କଠୁଁ ଡାଇରେକ୍ଟର ଯାଏଁ ସମସ୍ତଙ୍କର ତାଙ୍କ ପ୍ରତି ଏକା କଥା—"ସୁନ୍ଦର ଲୋକଟିଏ ।"

ପଣିତର ଭାଗ୍ୟ ସବୁଦିନେ ସମାନ ନ ଥାଏ—କାଲି ଯିଏ ବଜାରରେ ଘରେଇ କରୁଥାଏ, ଆଜି ସେ କୋଟିପତି ହୋଇପାରେ ଓ ଅଶେଷ ଖ୍ୟାତି ଅର୍ଜନ କରିପାରେ । କିନ୍ତୁ ଚରିତ୍ର ସମସ୍ତଙ୍କ ମୂଳରେ । ଭାରତର କୋକିଲ ଶଣ୍ଢ ବନରେ କୋକିଲ ହୋଇ ଉଠନ୍ତୁ ଓ ଚିର-ବସନ୍ତ ଅନୁଭବ କରନ୍ତୁ ।

ଶ୍ରୀ ଲକ୍ଷ୍ମୀନାରାୟଣ ମହାନ୍ତି
(୧୩ ନଂ ନାଗ)

—— ——

## ନୂଆ ନାଗବନ୍ଧୁଙ୍କ ନାମ

୩୩୨ । ଶ୍ରୀ ଉଦୟଚନ୍ଦ୍ର ନାଥ ନାୟକ, ଶ୍ୟାମସୁନ୍ଦର ପୁର ନି. ପ୍ରା. ସ୍କୁଲ, ପୋ: ଭୃଙ୍ଗାରପୁର, ଜି: ବାଲେଶ୍ୱର । ୩୩୩ । କୁମାର ପରମାନନ୍ଦ ମହାପାତ୍ର, P. M. H, E, School, Class XI. ଜାମସେଦପୁର । ୩୩୪ । ଶ୍ରୀ ପୀତାମ୍ବର ଦାସ, C/o Brook Bond India Ltd, Gift Department Post Box No 187 କଲିକତା । ୩୩୫ । ଶ୍ରୀ ନାରାୟଣ ପଣ୍ଡା, ହାଇସ୍କୁଲ, ଭବାନୀପାଟଣା; କଳାହାଣ୍ଡି ଷ୍ଟେଟ ।

Digitized by srujanika@gmail.com



## ଦେଶ

ଭାରତ ରାଷ୍ଟ୍ରୀୟ ମହାସଭାର ଭୂତପୂର୍ବ ସଭାପତି ଶ୍ରୀ ଶ୍ରୀନିବାସ ଅୟାଙ୍ଗାରଙ୍କର ପରଲୋକ ହୋଇଛି ।

ମାନ୍ଦ୍ରାଜରେ ଉତ୍ତାର .ଟ୍ରମ୍ ଡ୍ରାଇଭର ଶ୍ରମିକମାନେ ଧର୍ମଘଟ କରିଛନ୍ତି । ମଧ୍ୟପ୍ରଦେଶ ଓ ବେରାରର କ୍ରୋମାଇଟ ଶ୍ରମିକମାନେ ମଧ୍ୟ ଧର୍ମଘଟରେ ଯୋଗ ଦେଇଛନ୍ତି ।

ବମ୍ବାଇ ଓ ଅହମଦାବାଦରେ ସାଂପ୍ରଦାୟିକ ଗଣ୍ଡଗୋଳ ଚାଲିଛି । ତାହାରେ କେହି ପୂରା ଲଢ଼ି ନାହିଁ । ଗାନ୍ଧିଜୀ ଏକ ବକ୍ତୃତାରେ କହିଛନ୍ତି ଯେ ଲୋକେ ପ୍ରାଣ ପାଇଁ ସ୍ୱସ୍ଥାନ ଛାଡ଼ି ପଳାଇବା ଭୀରୁତା । ସ୍ୱଶାସିତ ନ ହୋଇ ଉତ୍କଟ ପନ୍ଥା ଅହିଂସ ଭାବରେ ନ ହେଲେ ହିଂସା ଭାବରେ ପ୍ରତିରୋଧ ଓ ଦମନ କରିବା ଉଚିତ । କିନ୍ତୁ କଂଗ୍ରେସ କର୍ମୀ କେବଳ ଅହିଂସ ଉପାୟରେ ହିଁ ତାର ପ୍ରତିବିଧାନ କରିବେ ।

ମୌଲାନା ଫଜଲୁଲ ହକ୍ ଏବେ ବଡ଼ଲାଟଙ୍କ ସହ ସାକ୍ଷାତ କରି କେନ୍ଦ୍ର ସରକାର ଗଠନ କରିବାକୁ ଓ ସମସ୍ତ ପ୍ରଦେଶର ମନ୍ତ୍ରୀମାନଙ୍କ ତଥା ନାନା ଦଳର ନେତା ସାପ୍ରୁ ପ୍ରଭୃତିଙ୍କୁ ନେଇ ଗୋଟାଏ ଗୋଲଟେବୁଲ ବୈଠକ କରିବାକୁ ପରାମର୍ଶ କରିଥିଲେ । ଏଥିପାଇଁ ମୁସଲିମ୍ ଲିଗ୍ ତାଙ୍କୁ ଧମକ ଦେଲେ । ସେ ମଧ୍ୟ ଲିଗକୁ ଚ୍ୟାଲେଞ୍ଜ କଲେ । କିନ୍ତୁ ପରେ ହକ୍ ସାହେବ ପୁଣି ସାଷ୍ଟାଙ୍ଗ ହୋଇ ଲିଗ୍ ପନ୍ଥା ଧରି କହିଛନ୍ତି ଯେ ଗୋଲଟେବୁଲ ହେଉ ବା ଟେବୁଲ ହେଉ ମୁସ୍ଲିମ ଲିଗର ସମର୍ଥନ ନ ହେଲେ ତାର କୌଣସି କାର୍ଯ୍ୟ ସମ୍ଭବ ହେବ ନାହିଁ ।

କେବଳ ସତ୍ୟାଗ୍ରହ କରିବାର ଅଭିପ୍ରାୟ ଜଣାଇଲେ ଭାରତରକ୍ଷା ଆଇନରେ କେହି ଦଣ୍ଡିତ ହୋଇ ପାରିବେ ନାହିଁ ବୋଲି ଲାହୋର ହାଇକୋର୍ଟ ରାୟ ଦେବା ଫଳରେ ପଞ୍ଜାବ ସରକାର ୬୦୦ ସତ୍ୟାଗ୍ରହୀ ବନ୍ଦୀଙ୍କୁ ଛାଡ଼ି ଦେଇଛନ୍ତି ।

ଓଡ଼ିଶାରେ ମିଳିତ ମନ୍ତ୍ରୀ ମଣ୍ଡଳ ପାଇଁ ପୁଣି ଏକ ଉଦ୍ୟମ ଚାଲିଥିଲା । ସାତବାର ପରେ ସଫଳ ହେବାର ଆଶା କରାଯାଏ ।

## ବିଦେଶ

ମଧ୍ୟ ଏସିଆ ଯୁଦ୍ଧର କେନ୍ଦ୍ର ହୋଇ ଉଠେ । ଜର୍ମାନ ଇରାକର ଇଂରାଜ ବିରୋଧୀ ସେନାପତି ରସିଦ ଅଲି ପକ୍ଷ ସମର୍ଥନ କରି ସାହାଯ୍ୟ ଦିଏ । କିନ୍ତୁ ଇରାକରେ ଇଂରାଜଙ୍କର ଜୟ ହୁଏ । ପୂର୍ବତନ ଇରାକଶାସକ ଇଂରାଜ ପକ୍ଷ ସମର୍ଥକ ରିଜେଣ୍ଟ ଅବଦୁଲ ଇଲା ଇରାକରେ ପୁଣି ଗାଦି ନସିନ ହୁଅନ୍ତି । ରସିଦ୍ ଅଲି ମୋସଲକୁ ପଳାନ୍ତି । ତୁର୍କୀ ଓ ଜର୍ମାନ ମଧ୍ୟରେ ନିକଟତର ସମ୍ପର୍କ ସ୍ଥାପିତ ହେବାର ସମ୍ଭାବନା । କାରଣ ଜର୍ମାନ ତୁର୍କୀ ରେଲପଥ ଦେଇ ଯୁଦ୍ଧ ସରଞ୍ଜାମ ଯାଉଛି କହୁଛି । ବୁଲଗେରିଆ ତୁର୍କୀ ଓ ଜର୍ମାନ ମଧ୍ୟରେ ବାଣିଜ୍ୟ ସନ୍ଧି ଚାରି କରିବାର କଥାବାର୍ତ୍ତା ଚାଲିଛି । ଇତିମଧ୍ୟରେ ଆରବ ମଧ୍ୟ ବ୍ରିଟିଶ ବିରୋଧୀ ଦେଶ ହେବାର ଲକ୍ଷଣ ପ୍ରକାଶ ପାଇଛି । ପାଲେଷ୍ଟାଇନର ଗ୍ରାଣ୍ଡ ମୁଫ୍ତି ଆରବମାନଙ୍କୁ ଇଂରାଜ ବିରୁଦ୍ଧରେ ପ୍ରରୋଚିତ କରୁଛନ୍ତି ।

ରୁଷିଆର ମଧ୍ୟଏସିଆ ସ୍ୱାର୍ଥ ତାକୁ ଏ ଯୁଦ୍ଧରେ ତତ୍ପର କରିଛି । ସମ୍ବାଦରୁ ଆଶଙ୍କା ହୁଏ, ପ୍ରାଚ୍ୟ ଅଭିଯାନରେ ରୁସ ଜର୍ମାନର ସହଯୋଗ କରିବ । ମିଶରର ବିମାନ ଘାଟି ପାଇବା ପାଇଁ ରୁଷିଆ କଥାବାର୍ତ୍ତା କରୁଛି ଓ ଅଫଗାନସ୍ଥାନ ସହିତ କଥାବାର୍ତ୍ତା କରିବା ପାଇଁ ଏକ ମିଶନ ମଧ୍ୟ ଯାଇଛି । ଜଣାପଡ଼ୁଛି ରୁଷିଆ ନିକଟ ଭବିଷ୍ୟତରେ ଏକ ଅପ୍ରତ୍ୟାଶିତ ସଂଘର୍ଷ ପାଇଁ ପ୍ରସ୍ତୁତ ହେଉଛି । ନୌବାହିନୀ ଯାତାୟାତ ପାଇଁ କାଲ ଖୋଲି ବଲ୍ଟିକ ଓ କୃଷ୍ଣସାଗରକୁ ଏକତ୍ରିତ କରୁଛି । ମସ୍କୋରେ ଦୁଇ ଅନ୍ୟ ଦେଶର ଦୂତ ଓ ସେମାନଙ୍କର କର୍ମଚାରୀମାନଙ୍କୁ ବିନା ଅନୁମତିରେ ବାହାରକୁ ଯାଇପାରିବେ ନାହିଁ ଏବଂ ବିନା ଅନୁମତିରେ ସୀମାନ୍ତବର୍ତ୍ତୀ ସ୍ଥାନଗୁଡ଼ିକରେ ପ୍ରବେଶ ନିଷେଧ ଆଜ୍ଞା ଜାରି କରିଛନ୍ତି ।

ଦେଶେ ଆଫ୍ରିକାରେ ଜର୍ମାନ ସେନାମାନେ ମିଶର ସୀମାନ୍ତ ଅତିକ୍ରମ କରିଛନ୍ତି । ପୂର୍ବେ ଜର୍ମାନ ବାହିନୀ ୫ଟି ସ୍ଥାନରେ ମିଶର ଆକ୍ରମଣ କରି ଅଲ୍ପଦିନ କାର୍ଯ୍ୟ ହୁଏ । ଇଂରାଜମାନେ ସୋଲ୍ଲମ ପୁନରଧିକାର କରନ୍ତି । କିନ୍ତୁ ପୁଣି ଜର୍ମାନ ତାହା ଛଡ଼ାଇ ନିଏ । ମିଶରର ସେନାପତି ମଣ୍ଡଳୀର ଭୂତପୂର୍ବ କର୍ତ୍ତା ଜେନେରାଲ ଅଲିଭ ପାଶା ବିମାନ ଯୋଗେ ଇରାକ୍ ପଳାୟନ କରୁଥିଲେ । ବାଟରେ ବିମାନ ଖରାପ ହେବାରୁ ସେ ବର୍ତ୍ତମାନ ଇଂରେଜ ବନ୍ଦୀରୂପରେ ଅଛନ୍ତି ।

ଜର୍ମାନର ତୃତୀୟ ନାଜି ହେଉଛନ୍ତି ଅର୍ଥାତ୍ ହିଟଲରଙ୍କ ପରବର୍ତ୍ତୀ ନେତା ହିମ୍ଲର ନାଜି ଗୋଏରିଙ୍ଗଙ୍କ ପରେ ସିଏ ଜର୍ମାନ ଦେଶ ମନ୍ତ୍ରୀ ଆଉ ହେସ୍, ହଠାତ୍ ଟମାନରେ ଉଡ଼ି ସ୍କଟଲାଣ୍ଡ ଯାଇ କରି ଦେଖିବା ବାଟରେ ବିମାନ ଖରାପ ହେବାରୁ ଇଂଲଣ୍ଡ ଭୂଇଁରେ ଆକାଶ ଛତା ଯୋଗେ ଓହ୍ଲାଇଲେ । ଇଂରାଜମାନେ ତାଙ୍କୁ ଧରି ନେଇ .ନିର୍ଜନ ବନ୍ଦୀ କରି ରଖିଛନ୍ତି ।

ଫ୍ରାନ୍ସ ପ୍ରକାଶ୍ୟରେ ଜର୍ମାନକୁ ସାହାଯ୍ୟ ଦେବାକୁ ଆରମ୍ଭ କରିଛି । ଏହା ଫ୍ରାନ୍ସର ସ୍ୱାର୍ଥାନୁକୂଳ ବୋଲି ଫ୍ରାନ୍ସ ସରକାର କହନ୍ତି । ଫ୍ରାନ୍ସ ଓ ଜର୍ମାନର ନୂତନ ଚୁକ୍ତିକୁ ଆମେରିକା ସନ୍ଦେହ ଚକ୍ଷୁରେ ଦେଖୁଛି ଏବଂ ତାହାକୁ ସାମରିକ ସହଯୋଗ ବୋଲି ବିବେଚନା କରୁଛି । ଫ୍ରାନ୍ସ ଉତ୍ତରରେ କହେ ଯେ ଆମେରିକା ତ ଦୂରର କଥା ଇଂଲଣ୍ଡ ସହିତ ଯୁଦ୍ଧ କରିବା ମଧ୍ୟ ଫ୍ରାନ୍ସର ଇଚ୍ଛା ନୁହେଁ । ଏହା ସତ୍ତ୍ୱେ ପଶ୍ଚିମ ଗୋଲାର୍ଦ୍ଧ (ଆମେରିକା ନିକଟସ୍ଥ)ରେ ଦୁଇ ଫ୍ରାନ୍ସ ଅଧିକୃତ ସ୍ଥାନ ଯଥା—ଫରାସୀ ଗାୟନା, ମାର୍ଟିନିକ ଇତ୍ୟାଦି ସ୍ଥାନକୁ ଯେପରି ଅନ୍ୟ କେହି ଅଧିକାର ନକରେ ସେଥିପାଇଁ ଆମେରିକା ପାନ-ଏମେରିକାନ୍ ସମ୍ମେଳନର ସିଦ୍ଧାନ୍ତକୁ ବାହାନା କରି ସେସବୁ ଦଖଲ କରି ନେବାକୁ ଚାହେଁ । ଫରାସୀ ନୌବାହିନୀ ଜର୍ମାନକୁ ଦେବାର ଅଭିପ୍ରାୟ ନାହିଁ ବୋଲି ଏବଂ ଜର୍ମାନ ଫ୍ରାନ୍ସଠାରେ କୌଣସି ଅନ୍ୟାୟ୍ୟ ଦାବି କରିନାହିଁ ବୋଲି ଭିସି ସରକାର ଘୋଷଣା କରନ୍ତି । ଜର୍ମାନ ବିରୁଦ୍ଧରେ ରୁଜଭେଲ୍ଟ ଆମେରିକାର ଯୁଦ୍ଧ ସଜ୍ଜା କରିବାକୁ ସମସ୍ତ ଜରୁରୀ କ୍ଷମତା ହାତକୁ ନେଇଛନ୍ତି । କେବଳ ଯୁଦ୍ଧ ଘୋଷଣାଟା କଂଗ୍ରେସର ସିଦ୍ଧାନ୍ତ ଉପରେ ନିର୍ଭର କରେ । ଏହି ସମ୍ପର୍କରେ ଏକ ଭାଷଣରେ ରୁଜଭେଲ୍ଟ କହିଛନ୍ତି ଯେ ଜର୍ମାନ ଯେଉଁ ହାରରେ ବ୍ରିଟିଶ ନୌବାହିନୀ ଧ୍ୱଂସ କରୁଛି, ତାହା ବ୍ରିଟିଶ ପକ୍ଷରେ ପୂରଣ କରିବା କ୍ଷମତାର ତିନିଗୁଣ ଓ ଆମେରିକା ବ୍ରିଟେନ ଉଭୟଙ୍କର ପୂରଣ କରିବା କ୍ଷମତାର ଦୁଇଗୁଣ ।

ଆଟଲାଣ୍ଟିକ ସାଗରରେ ଘୋର ସଂଗ୍ରାମ ଚାଲିଛି । ଏହି ସଂଗ୍ରାମରେ ପୃଥିବୀର ସବୁଠାରୁ ବଡ଼ ଜାହାଜ ଇଂରେଜଙ୍କ ହୁଡ଼ ( ୪୨୦୦୦ ଟନ ଓଜନର ) ବୁଡ଼ିଯାଏ । ଇଂରାଜମାନେ ମଧ୍ୟ ତା ପରେ ଜର୍ମାନର ସବୁଠୁ ବଡ଼ ଜାହାଜ ବିସମାର୍କ ( ୩୫୦୦୦ ଟନ )କୁ ପ୍ରତିଶୋଧ ସ୍ୱରୂପ ବୁଡ଼ାଇ ଦିଅନ୍ତି ।

ଜର୍ମାନ କ୍ରୀଟ ଦ୍ୱୀପ ଭୀଷଣ ଭାବରେ ଆକ୍ରମଣ କରେ । ଉପରୁ ଅସଂଖ୍ୟ ଆକାଶ ଛତା ବାହିନୀ ଅବତରଣ କରି ଯୁଦ୍ଧ ଚଳାନ୍ତି । କାରଣ ଜଳପଥରେ ଇଂରେଜ ଯୁଦ୍ଧ ଜାହାଜର ସମ୍ମୁଖୀନ ହେବା ସହଜ ହେଲା ନାହିଁ । ଗ୍ରୀସ ରାଜା ଓ ମନ୍ତ୍ରୀ କ୍ରୀଟ ଛାଡ଼ି ମିଶର ପଳାୟନ କରିଛନ୍ତି ।



Digitized by srujanika@gmail.com

# ଶ୍ରୀ ବ୍ରଜେନ୍ଦ୍ରନାଥ ନାୟକ ଜୁଏଲର

ଦରଘାବଜାର, ପୋ. — କଟକ ।



ଟ ୨୦୦ ଙ୍କା ପୁରସ୍କାର !　　　　ଟ ୨୦୦ ଙ୍କା ପୁରସ୍କାର !

ଭଦ୍ରବ୍ୟକ୍ତିମାନଙ୍କର ପରାମର୍ଶ ଅନୁସାରେ ଆମ୍ଭେମାନେ ଖାଣ୍ଟି ସୁନା, ରୂପା ଏବଂ ବହୁମୂଲ୍ୟ ପଥରରେ ଚମତ୍କାର ଅଳଙ୍କାରମାନ ମନ ମୁତାବକ ପ୍ରସ୍ତୁତ କରିଥାଉଁ ! ଆମ୍ଭମାନଙ୍କର ବ୍ୟବସାୟ ଆରମ୍ଭ ଦିନରୁ ଆଜିଯାଏ କୌଣସି ଭଦ୍ର ବ୍ୟକ୍ତି ଆମ୍ଭମାନଙ୍କର ସାଧୁତା ସମ୍ବନ୍ଧରେ କେବେହେଲେ ସନ୍ଦେହ କରିନାହାନ୍ତି । ଆମ୍ଭେମାନେ ଏହି କାର୍ଯ୍ୟାଳୟଟିକୁ ନୂତନ ପ୍ରତିଷ୍ଠା କରିଥିବାରୁ ବଜାରର ଦର ଅପେକ୍ଷା ବହୁତ ସୁଲଭ ମୂଲ୍ୟରେ ଅଳଙ୍କାର ପ୍ରସ୍ତୁତ କରିଥାଉଁ ବାହାର ଗ୍ରାହକମାନଙ୍କରେ ଆମ୍ଭେମାନେ ତାହାଙ୍କୁ ବଞ୍ଚନା ଦେବାକୁ ଚାହୁଁନାହିଁ । ପ୍ରତ୍ୟେକ ପଦାର୍ଥକୁ ତଉଲି କରି ପରୀକ୍ଷା କରିବାର ସୁବିଧା ଆମେ ଦେଇ ଥାଉଁ । କେହି କୌଣସି ପ୍ରକାର ଦୋଷ ଖଣ୍ଡ ପଣ ଧରିପାରିଲେ ଆମ୍ଭେମାନେ ଟ ୨୦୦ଙ୍କା ପୁରସ୍କାର ଦେବାକୁ ପ୍ରସ୍ତୁତ ଅଛୁଁ ସାଧାରଣଙ୍କର ସହାନୁଭୂତି ପ୍ରାର୍ଥନୀୟ —

ଭବଦୀୟ
**ଶ୍ରୀ ବ୍ରଜେନ୍ଦ୍ରନାଥ ନାୟକ**
ଦରଘା ବଜାର, ପୋ:—କଟକ ।

ବ୍ରହ୍ମଦେଶରେ ପ୍ରଥମ ପ୍ରତିଷ୍ଠିତ

( ସାପ୍ତାହିକ )　**'ବର୍ମା ଓଡ଼ିଆ ପତ୍ରିକା'**　(ରୟେଲ ୧୬ ପୃଷ୍ଠା)

ଏହା ସାପ୍ତାହିକ ପ୍ରବାସୀ ଓଡ଼ିଆଙ୍କର ପ୍ରଧାନ ମୁଖପତ୍ର । ଓଡ଼ିଆଙ୍କର ଶ୍ରମ-ଜୀବୀଙ୍କର ସକଳ ପ୍ରକାର ଦୁଃଖ ଦୁର୍ଦ୍ଦଶା, ବର୍ମାରେ ଓଡ଼ିଆଙ୍କର ପ୍ରକୃତ ଅବସ୍ଥା, ବର୍ମା ଭାରତ ପୃଥକ୍କରଣ ପରେ ବର୍ମା ସରକାର ମତିଗତି ଏବଂ ବର୍ମାର ରାଜନୈତିକ ପରିସ୍ଥିତି ସଙ୍ଗେ ସେଠା ଅଧିବାସୀମାନଙ୍କ ସାମାଜିକ, ରାଜନୈତିକ ଓ ଆର୍ଥିକ ଅବସ୍ଥା ସମ୍ବନ୍ଧୀୟ ଲେଖାମାନ ଏହି ପତ୍ରିକାରେ ପ୍ରକାଶିତ ହୁଏ । ବ୍ରହ୍ମଦେଶର ବ୍ୟବହାରର ସତ ସତ ଜାଣିବାକୁ ହେଲେ ଏହି ପତ୍ରିକା ପଢ଼ନ୍ତୁ । ଏହା ବର୍ମାର ଯୁବକ କର୍ମୀ ଶ୍ରୀଯୁକ୍ତ ମଧୁସୂଦନ ମହାପାତ୍ରଙ୍କ ଦ୍ୱାରା ପ୍ରତିଷ୍ଠିତ ଓ ସମ୍ପାଦିତ ।

ମୂଲ୍ୟ ଟ ୨॥, ଷାଣ୍ମାସିକ ଚାନ୍ଦା ୧।୮, ଭାରତବର୍ଷ ବାହାରେ ଦେୟ ୪୮ ।　ଠିକଣା—ନଂ ୭୧।୭୩, ୩୦ନଂର ଷ୍ଟ୍ରୀଟ ରେଙ୍ଗୁନ (ବର୍ମା)

## ସଂବାଦ

ଆମ୍ଭେ ନୂତନ ଧରଣର ଆଦର୍ଶ ଜନ୍ମପତ୍ରିକା ପ୍ରସ୍ତୁତ କରି ଅବଶ୍ୟକ ମତେ ସର୍ବସାଧାରଣଙ୍କୁ ଯୋଗାଇ ଥାଉଁ । ଏତଦ୍‌ବ୍ୟତୀତ ସକଳ ପ୍ରକାର ଜ୍ୟୋତିଷ ଗଣନାକର ଶୁଭାଶୁଭ ଫଳ ଦର୍ଶାଇ ଥାଉଁ ।ଥରେ ମାତ୍ର ପରୀକ୍ଷଣୀୟ ।

୧ । ଆଦର୍ଶ ଜନ୍ମ ପତ୍ରିକାର ପାରିଶ୍ରମିକ ମୂଲ୍ୟ ଟ ୧୯ଙ୍କା । ୨ । ସଂକ୍ଷିପ୍ତ ତାଳ ପତ୍ରରେ ଆଦର୍ଶ ଜନ୍ମପତ୍ରିକା ମୂଲ୍ୟ ଟ ୦୫ ।୩। ବରାହ ମତେ କୋଷ୍ଠୀ ବିଚାର ଟ ୦୫ ।୪। ଅନ୍ୟ ଦଶା ଅନ୍ତର୍ଦ୍ଦଶା, ପ୍ରତ୍ୟନ୍ତର୍ଦ୍ଦଶା ଫଳ ବିଚାର ଟ ୧୯ । ୫। ସଂକ୍ଷିପ୍ତ ଆୟୁର୍ଦ୍ଦାୟ ମୂଲ୍ୟ ଟ ୫୯ । (ଜନ୍ମର ଠିକ ସମୟ ଓ ଘଣ୍ଟା ମିନିଟ ଜାଲମାସ ଦିନ ଦେବାପାଇଁ ଭୁଲିବେ ନାହିଁ)

ଠିକଣା - **ଶ୍ରୀଅନନ୍ତଚରଣ ସାହୁ**, ମାଷ୍ଟର ପୁରୁଣାବଜାର, ଭଦ୍ରକ ।

## ନିଜର ପ୍ରତିକୃତି

ନିଜେ ଦେଖିଲେ
ସର୍ବାଧିକ ଆନନ୍ଦ ମିଳେ ।

ଶିଳ୍ପୀ—ଏସ୍ କଥଜଚ୍ଛା
ଫଟୋ ହାଉସ, ଚୌଧୁରୀବଜାର—କଟକ
[ଓଡ଼ିଶାର ଯେ କୌଣସି ସ୍ଥାନକୁ ପାଇ ଫଟୋ ନେଇପାର ପାରେ]


printed & published at the Gopinath Press, Bhadrak. by G. C. Mahapatra and issued from Dagaro Office, Bhadrak.

Digitized by srujanika@gmail.com

REG. NO. P. 441 THE DAGARO—1-6-1941.


## ମାଭୈଃ— —ମାଭୈଃ— —ମାଭୈଃ

ଯୁଦ୍ଧ ବା ଅନ୍ୟ କୌଣସି ଆକସ୍ମିକ ବିପଦରେ ନିଶ୍ଚିନ୍ତ ନ ହୋଇ ନିଃସ୍ୱ ହେବା ନ ଚାହିଁ ଜୀବନ ବୀମା କରି ନିଜର ଭବିଷ୍ୟତ ଓ ପରିବାରବର୍ଗଙ୍କ ପାଇଁ ଅବହେଳା ନ କରନ୍ତୁ। ଅନ୍ତର୍ଜାତିକ ଅନିଶ୍ଚିତତା ଓ ଦୁର୍ଗତିରୁ ଅର୍ଥିକ ଜୀବନବୀମାହିଁ ଏକମାତ୍ର ନିରାପଦ, ଲାଭଜନକ ଓ ନିର୍ଭର ଯୋଗ୍ୟ ଜାଗାରି।

ଏ ଦୁର୍ଦ୍ଦିନରେ "ହିନ୍ଦୁସ୍ଥାନ"ରେ ବୀମା କରି ନିଶ୍ଚିନ୍ତ ହୋଇ ଲାଭବାନ ହୁଅନ୍ତୁ।

# ହିନ୍ଦୁସ୍ଥାନ କୋ-ଅପରେଟିଭ

## ଇନସିଓରେନ୍ସ ସୋସାଇଟି ଲିଃ

ହେଡ଼ ଅଫିସ—କଲିକତା

**ଦୃଢ଼ତାର ସୂଚନା—**

ମୋଟ ଚଳନ୍ତି ବୀମା—୧୭ କୋଟି ୫ ଲକ୍ଷରୁ ଊର୍ଦ୍ଧ୍ୱ। ମୋଟ ବୀମା ପାଣ୍ଠି—୩ କୋଟିରୁ ୧୦ ଲକ୍ଷରୁ ଊର୍ଦ୍ଧ୍ୱ।

ମୋଟ ଦେୟ—୩ କୋଟି ୪୬ ଲକ୍ଷରୁ ଊର୍ଦ୍ଧ୍ୱ। ୧୯୪୦ ରେ ନୂତନ ବୀମାର ପରିମାଣ ୨ କୋଟି ୭୫ ଲକ୍ଷରୁ ଊର୍ଦ୍ଧ୍ୱ।

ବିଶେଷ ବିବରଣୀ ପାଇଁ ନିମ୍ନଲିଖିତ ଠିକଣାରେ ଅନୁସନ୍ଧାନ କରନ୍ତୁ।

**ଏନ୍ ଦତ୍ତ**
ସେକ୍ରେଟେରୀ
ହିନ୍ଦୁସ୍ଥାନ ବିଲ୍ଡିଙ୍ଗ୍ସ, କଲିକତା।

ଅର୍ଗାନାଇଜର—**ନରେନ୍ଦ୍ର ପ୍ରସାଦ ଦାସ**
ହିନ୍ଦୁସ୍ଥାନ କୋ-ଅପରେଟିଭ୍ ଇନ୍ସିଓରେନ୍ସ ସୋସାଇଟି ଲିଃ।
ଗୁଡ଼ସାହି, କଟକ।

# ଦାର୍ଜିଲିଙ୍ଗ ବେଙ୍କ ଲିମିଟେଡ

## କଟକ ଶାଖା—

ଜନ ସାଧାରଣଙ୍କର ବ୍ୟବସାୟର ଉନ୍ନତି ପାଇଁ ଦାର୍ଜିଲିଙ୍ଗ ବେଙ୍କର କଟକ ଶାଖା ମଙ୍ଗଳାବାଗସ୍ଥ ବାରିଷ୍ଟର ଉନ୍ଦ୍ରଙ୍କ କୋଠାରେ ଖୋଲା ହୋଇଛି। ସମସ୍ତ ପ୍ରକାର ବେଙ୍କର କାର୍ଯ୍ୟ କରାହୁଏ। ନିମ୍ନଲିଖିତ ଠିକଣାରେ ଅନୁସନ୍ଧାନ କରନ୍ତୁ।

ଓଡ଼ିଶା ଅଫିସ, ମଙ୍ଗଳାବାଗ କଟକ।




## "ଜଗନ୍ନାଥ ସାହିତ୍ୟ ସମିତି"ର

ପ୍ରଥମ ଅବଦାନ **'ସଂଘର୍ଷ'** ପଢ଼ିଛନ୍ତି?

ଏବେ ବାହାର କରିବା ସମିତିର ସଭ୍ୟ ଶ୍ରେଣୀଭୁକ୍ତ ହେଲେ କମ ମୂଲ୍ୟରେ **'ସଂଘର୍ଷ'** ପାଇବେ ଓ ସମିତିର ଅନ୍ୟାନ୍ୟ ପ୍ରକାଶନ ଗୁଡ଼ିକ ଅର୍ଦ୍ଧ ମୂଲ୍ୟରେ ପାଇ ପାରିବେ। ସାହିତ୍ୟ-ରାଜ୍ୟରେ ଏ ସୁବର୍ଣ୍ଣ ସୁଯୋଗ ଦୁଷ୍ପ୍ରାପ୍ୟ।।

ଲେଖକମାନେ ସେମାନଙ୍କର ପାଣ୍ଡୁଲିପି ସଂପାଦକଙ୍କଠାକୁ ପଠାଇ ପାରନ୍ତି—ସମିତିର ସଂପାଦକ ମଣ୍ଡଳୀଙ୍କ ଦ୍ୱାରା ପ୍ରକାଶ ଯୋଗ୍ୟ ବୋଲି ବିବେଚିତ ହେଲେ ସମିତି ପ୍ରକାଶ କରିବେ। ବିଶେଷ ବିବରଣୀ ପାଇଁ ସଂପାଦକଙ୍କ ଠାକୁ ତୁରନ୍ତ ପତ୍ର ଲେଖନ୍ତୁ।

**—ଦ୍ୱିତୀୟ ଅବଦାନ—**
କୁମାର ଲକ୍ଷ୍ମୀନାରାୟଣଙ୍କର
**"ନୈବେଦ୍ୟ"**

ଚିଠି ପତ୍ର ଓ ଟଙ୍କା ପଠାଇବାର ଠିକଣା
ସଂପାଦକ **ଜଗନ୍ନାଥ ସାହିତ୍ୟ ସମିତି**
ଭଦ୍ରକ।


Digitized by srujanika@gmail.com




# ନାଜି ଓ ପାଜି




ନାଜି ଡ଼କାଏତ ଧାଇଲା ମାଇଲା
ସଫା ସଫା ଏକାଥରେ

ମଣ୍ଡରେ ଚଢ଼ାଇ ପାଜି ଗୋଟି ଗୋଟି
କିଶାରେ ପାଳନା କରେ ।

୫ମ ବର୍ଷ | ୨ୟ ସଂଖ୍ୟା | ଜ୍ୟେଷ୍ଠ ଦ୍ୱିତୀୟାର୍ଦ୍ଧ

Digitized by srujanika@gmail.com

# ଭ୍ରାମରୀ ରସାୟନ

ବାତରକ୍ତ ଓ କୁଷ୍ଠର ଅବ୍ୟର୍ଥ ମହୌଷଧ

ଏହା ପ୍ରାଚୀନ ରସାୟନିକ ପଦ୍ଧତି ଦ୍ୱାରା ପ୍ରସ୍ତୁତ ହୋଇଅଛି । ବାତରକ୍ତ ଓ କୁଷ୍ଠ ପ୍ରାୟ ଏକରୂପ ବ୍ୟାଧି, ମାତ୍ର ଲକ୍ଷଣ ଭେଦରେ ପ୍ରକାର ଭେଦ ହୋଇଥାଏ । ଏହି ରୋଗ ଶରୀରରେ ଜନ୍ମିବା ପୂର୍ବରୁ ନାନାପ୍ରକାର ଛଉ ବା ବହୁତ ଚକ୍ର, ଘର୍ମାଧିକ୍ୟ, ଜ୍ୱାଳା ଶରୀରକେ ଅବସାଦ, ହୃତ୍ପିଣ୍ଡକ୍ ବେଦନା ଅଜୀର୍ଣ୍ଣ, ଅବସନ୍ନତା, ନାସିକା ଓ କର୍ଣ୍ଣର ପୀଡ଼ା ଓ କୋଷ୍ଠବଦ୍ଧତା ପ୍ରଭୃତି ଉପସର୍ଗମାନ ଦେଖାଯାଏ । ଉପରୋକ୍ତ ରୋଗମାନଙ୍କ ଦୂରୀକରଣାର୍ଥେ ଆମ୍ଭର ଏହି "ଭ୍ରାମରୀ ରସାୟନ" ଏକମାତ୍ର ପରମ ମହୌଷଧ । ଏହା ଏକମାସ ସେବନ କଲେ ଏହାର ଉପକାରିତା ନିଜେ ଜାଣି ପାରିବେ । ଏକମାସ ସେବନ ଉପଯୋଗୀ ଔଷଧର ମୂଲ୍ୟ ୫୲୦ **ଭ୍ରାମରୀ ତୈଳ**:—ଏହା ଦେହରେ ମାଲିସ୍ କଲେ ଦେହର ଛଉ ପ୍ରଭୃତି ଅତିରେ ଆରୋଗ୍ୟ ହୁଏ । ଏକଶିଶି ୫୲୦ ମାତ୍ର ୫୲୦ ମାତ୍ର ।

କାୟାକଳ୍ପ ଔଷଧାଳୟ

ବୈଦ୍ୟରାଜ:—ଶ୍ରୀ ଲକ୍ଷ୍ମୀନାରାୟଣ ଆଚାର୍ଯ୍ୟ ଆୟୁର୍ବେଦ ଶାସ୍ତ୍ରୀ

ଆଲମଚାନ୍ଦ ବଜାର, କଟକ ।

କବିରାଜ ଶ୍ରୀଧର ଗର୍ଗବଟୁ ଭିଷଗାଚାର୍ଯ୍ୟଙ୍କ ଦ୍ୱାରା ଉଦ୍‌ଭାବିତ ଓ ଆଜକୁ ଦଶବର୍ଷ ଯାବତ୍ ପରୀକ୍ଷିତ ଔଷଧାବଳୀ ।

# ସ୍ୱପ୍ନ ସୁନ୍ଦରୀ

ଆଜିକାଲି ଦେଶରେ ଯୁବକମାନଙ୍କର ଅଧିକାଂଶ କାମୋତ୍ତେଜକ ସ୍ୱପ୍ନ ଦର୍ଶନ ଶୁକ୍ରକ୍ଷୟ ହୋଇଥାଏ । ଏହି ରୋଗ ଅଳ୍ପେ ଅଳ୍ପେ ଏତେ ପ୍ରବଳ ହୋଇ ଥାଏ ଯେ ଦିବାରାତ୍ର ଶୋଇଲା ମାତ୍ରେ ଶୁକ୍ର କ୍ଷୟ ହୁଏ । ଏହି ରୋଗ ଶରୀରର ବଳ, ବୀର୍ଯ୍ୟ, ଅଗ୍ନି, ମେଧା ଇତ୍ୟାଦି ସମସ୍ତ ଅଳ୍ପେ ଅଳ୍ପେ ଶରୀରରୁ କ୍ଷୀଣରେ କରି ଦେହରେ ଅକାଳ ବାର୍ଦ୍ଧକ୍ୟ ଆଣି ଦେଇ ଥାଏ । ପରିଶେଷରେ ମଧ୍ୟ ଏହିପରି ଶୁକ୍ରକ୍ଷୟ ହେତୁରୁ ଧ୍ୱଜଭଙ୍ଗ ରୋଗ ଉପସ୍ଥିତ ହୋଇଥାଏ । **ଆମ୍ଭର** ସ୍ୱପ୍ନ ସୁନ୍ଦରୀ ଔଷଧ କିଛିଦିନ ନିୟମିତ ବ୍ୟବହାର କଲେ ସ୍ୱପ୍ନଦୋଷ ଓ ତଜ୍ଜନିତ ଶୁକ୍ରକ୍ଷୟ ନିବାରିତ ହୋଇ ଶରୀର ହୃଷ୍ଟପୁଷ୍ଟ ଓ ବଳିଷ୍ଠ ହୋଇଥାଏ ।

**ମୂଲ୍ୟ**—୬୦ ଗୋଟା ବଟିକା ପୂର୍ଣ୍ଣ ଏକ ଶିଶିକୁ ୫୲ । ୩୦ ଗୋଟା ବଟିକା ପୂର୍ଣ୍ଣ ଶିଶିକୁ ୫୲୦ । ଡାକଖର୍ଚ୍ଚ ସ୍ୱତନ୍ତ୍ର ।

ଠିକଣା: ଶ୍ରୀଧର ଗର୍ଗବଟୁ ଭିଷଗାଚାର୍ଯ୍ୟ, ଭୁବନେଶ୍ୱର—ପୁରୀ

# ସନ୍ନ୍ୟାସୀ ଅମୃତ (ରେଜିଷ୍ଟ୍ରାର୍ଡ)




କଲେରା, ବାନ୍ତି, ପେଟ କାମୁଡ଼ିବା, ଝାଡ଼ା, କଠା ଘା, ମୁଣ୍ଡବ୍ୟଥା, ଜର, ପ୍ଳୀହା ଏପରିକି ଯେ କୌଣସି ରୋଗରେ ଏହାକୁ ବ୍ୟବହାର କଲେ ଦେଖିବ ଚକ୍ଷୁ ପରି ଆଶ୍ଚର୍ଯ୍ୟ କାର୍ଯ୍ୟ ହୁଏ । ପ୍ରତ୍ୟେକ ଗୃହସ୍ଥର ଘରେ ଏକ ଶିଶି ରଖିବା ନିତାନ୍ତ ଆବଶ୍ୟକ । ଏହା ଭାରତବର୍ଷର ଭିନ୍ନଭିନ୍ନ ଭରଚ୍ଚେନ୍ତ ଚେରମୂଳରେ ପ୍ରସ୍ତୁତ ।

ମୂଲ୍ୟ ଆଠଅଣା ମାତ୍ର, ନମୁନା ଶିଶି ଦୁଇଅଣା ।

ଠିକଣା—ସନ୍ନ୍ୟାସୀ ଏଣ୍ଡ୍ କୋ: (ରେଜିଷ୍ଟ୍ରାର୍ଡ)
**ପଞ୍ଜାବ**

ଶାଖା, ଅଶ୍ୱପଡା—ବାଲେଶ୍ୱର. (ଓଡ଼ିଶା)

# କିରାତାଦିପାଚନ

ସମସ୍ତ ପ୍ରକାର ବିଷମ ମ୍ୟାଲେରିଆ ଜ୍ୱରର ପ୍ରଧାନ ଔଷଧ । ପ୍ଳୀହାଯକୃତ୍ ସଂଯୁକ୍ତ ଜ୍ୱରରେ ମଧ୍ୟ ଏହାର ଆଶୁକ୍ରିୟା ଦେଖା ଯାଇଥାଏ । ଏକାହ୍ନିକ, ଦ୍ୱାହ୍ନିକ, ତ୍ର୍ୟାହ୍ନିକ, ଚାତୁର୍ଥିକ, ପୁରାତନ ମ୍ୟାଲେରିଆ । କୁଇନାଇନ ଅଟକାଇବା ଜ୍ୱର ପ୍ରଭୃତି ସମସ୍ତ ପ୍ରକାର ବିଷମ ଜ୍ୱର ଶିଶିଏ ଔଷଧ ବ୍ୟବହାର କଲେ ସମୂଳେ ଆରୋଗ୍ୟ ହୋଇଥାଏ । ଯଦି ବହୁଦିନ ଜ୍ୱର ଭୋଗ କରି ଶରୀର ବଳଶୂନ୍ୟ ହୋଇଥାଏ ତେବେ ଏହାକୁ କିଛିଦିନ ନିୟମିତ ସେବନ କଲେ ଅଗ୍ନିବୃଦ୍ଧି ହୋଇ ଶରୀରରେ ନୂତନ ରକ୍ତ ସଞ୍ଚାର କରିଥାଏ ।

ମୂଲ୍ୟ—ଶିଶିକୁ ବାରଅଣା ମାତ୍ର । ଶି ୧୨ଟିକୁ ଆଠଟଙ୍କା ମାତ୍ର । ଡାକଖର୍ଚ୍ଚ ସ୍ୱତନ୍ତ୍ର ।

**ପ୍ରାପ୍ତିସ୍ଥାନ—କବିରାଜ—ଶ୍ରୀଧର ବଟୁ ଭିଷଗାଚାର୍ଯ୍ୟ** । ଆୟୁର୍ବେଦିକ ଫାର୍ମାସୀ, ଭୁବନେଶ୍ୱର—ପୁରୀ ।

ସମ୍ପାଦକ — **ଶ୍ରୀ ନିତ୍ୟାନନ୍ଦ ମହାପାତ୍ର**

Digitized by srujanika@gmail.com



ପୁତନା ଅସୁରୁଣୀ ନାମ ଶୁଣିଥିବେ ଅନେକେ । ସେ ଗଳ୍ପ ଦ୍ୱାପର ଯୁଗର କଥା । ଏବେ ଏ ଯୁଗରେ ଯେ ପୁତନା ନାହାନ୍ତି ଏକଥା କେହି ଛାତିରେ ହାତ ଦେଇ କହି ପାରିବ ନାହିଁ ।.........

ବିଲାତରେ ପାର୍ଲିଅମେଣ୍ଟର ସଭ୍ୟା ଲୁମାସ ଇଥିନେନ୍ ଏବେ ଭାରତୀୟମାନଙ୍କୁ ତାଙ୍କ ଜନ୍ମଭୂମିକୁ ଚାଲିଯିବା ପାଇଁ ଅନୁରୋଧ କରୁଛନ୍ତି । ପଣ୍ଡିତ ନେହେରୁଙ୍କ ଉପରେ ତାଙ୍କର ନଜରଟା ପଡ଼ିଛି ବେଶୀ । ସେ କହୁଥିଲେ— ସେ ଇଂଲଣ୍ଡରୁ ଦୂରେଇ ରହିପାରିବେ ନାହିଁ । କିନ୍ତୁ ତାଙ୍କର ଅନ୍ତର୍ଜାତୀୟ କାର୍ଯ୍ୟକଳାପରେ ସେ ସୌଜନ୍ୟର ଅଭାବ । ମିସ୍ ଆମର ମନେ ରଖିଥାନ୍ତୁ ଯେ ନେହେରୁଙ୍କର ଇଂଲଣ୍ଡକୁ ଯେତେ ଭଲ ପାଆନ୍ତି ତାଙ୍କ ଭଳିଆ ଲୋକଙ୍କୁ ସେ କେବେ ଭଲ ପାଇ ପାରିବେ ନାହିଁ । ମିସ୍ଙ୍କର ଏ ଆକ୍ଷେପ ଆମକୁ ଅତିକ ମଧ୍ୟ ଦେଉଛି । କାରଣ ଅନେକ ସମୟରେ ବୋଧ ହୁଏ, ମନୋବିଜ୍ଞାନ ଅନୁସାରେ ଗୋଟାଏ ଅସତ୍ୟ କଥାର ଲକ୍ଷଣ । ମା ମଙ୍ଗଳା ଆମ ନେହେରୁଙ୍କୁ ଏ ମିସ୍ଙ୍କ ଦୃଷ୍ଟିରୁ ଘଣ୍ଟଘୋଡ଼େଇ ରଖନ୍ତୁ ।

ଏହି ମିସ୍ ଜଣଙ୍କ କେମନ୍ତେ ଭାରତୀୟ ନାରୀଙ୍କ ଦୁର୍ଦ୍ଦଶା ଦେଖି ତାର ପ୍ରତିବିଧାନ କରିବା ପାଇଁ ପାର୍ଲିଅମେଣ୍ଟରେ ପଶିଥିଲେ । ଅହା-ହା, କି ଭାରତ ପ୍ରେମ, କି ନିସ୍ୱାର୍ଥ ପ୍ରୀତି ରେ ! କିନ୍ତୁ ବୋଧହୁଏ ପାର୍ଲିଅମେଣ୍ଟକୁ ଯାଇ ସେ କଥାଟା ଭୁଲିଗଲେ । ଏବେ ପାର୍ଲିଅମେଣ୍ଟ ବୋମା ମାଡ଼ରେ ଭାଙ୍ଗିଗଲାରୁ, ଭାରତୀୟ ସ୍ତ୍ରୀ, ଆଉ ତାଙ୍କ ପୁଅ ଶିଶୁଙ୍କ କଥା ବି ମନେ ପଡ଼ିଗଲା । କିନ୍ତୁ ଧାହିଙ୍କର ମଧୁସୂଦନ, ଆମ ନୂଆ ମାଇପେ ଏହି ମିସ୍ଙ୍କ ମନରେ କେଣି ନ ପଡ଼ନ୍ତୁ । ନାନାବିଧ ରଙ୍ଗ ଅଛି । ଆମ ନୂଏ ଯଦି ତାଙ୍କ ବେଶ ମିଠି କାବାଙ୍କ ଭଳି ମିଶି ଦେଇ ଭୁଲନ୍ତି ବା ନ୍ୱିଜମାନେ ପଟଙ୍କି ଛଡ଼ି ଦେଇ ପୁଣି ନୂଆ କରି ମିଶି ହୋଇପାନ୍ତି ତେବେ ମିଶି ମଣି ଯାଇଁ ଯେ ଘଟଣା ବଢ଼ିଟି ଉଠିବ ତାର ଠିକ୍ ଠିକଣା ନାହିଁ । ଅତଏବ ହେ ମିଶି—ତମର ସେ ସୁବାସ୍ୟାରୁ ଆମକୁ ହବଏ ଦୂରରେ ରଖ । ତମେ ପଛେ ମିଶି ହୋଇଥାଅ ଆମେ ଆମର ଯାଉଁ ସ୍ତ୍ରୀକୁ ସେଇ ସ୍ତ୍ରୀ ରହିବୁଁ । ଆମର ତମ ଭାଗ୍ୟ ସାଙ୍ଗରେ ଭାଗ୍ୟ ଯୋଡ଼ି ଛନ୍ଦିବାକୁ ଆଦୌ ଇଚ୍ଛା ନାହିଁ ।...

ଆମ ଏଠି ଜେମାଦେଇ ଜଣକ କଂଗ୍ରେସକୁ ଆକ୍ଷେପ କରି କହିଛନ୍ତି ଯେ କଂଗ୍ରେସ ଯୁଦ୍ଧ ସହଯୋଗ ନ କରିବା ଅନ୍ୟାୟ ଅତଏବ ସହଯୋଗ କରନ୍ତୁ । ତେଣେ କହୁଛନ୍ତି ଯେ କଂଗ୍ରେସ ସହଯୋଗ ନ କଲେ ବିଲାତର କିଛି ଯାଏ ଆସେ ନାହିଁ । ବିଲାତ ନିଶ୍ଚୟ ଜିତିବ ଓ ଜିତୁଛି । ପୁଣି କହିଛନ୍ତି ଯେ ଜର୍ମାନ ଆସିଲେ ହାଲିଅନାବାଲି ବାଘ ଦୁର୍ଭାଗ୍ୟରୁ ଅଧିକ କଷ୍ଟ ସବୁ କରିବ । ଇଂରେଜ ତ ଜାପ

## ବିଲୁଆ ବିଚାର

କରିବ ପୁଣି ହାଲିଅନାବାଗଠୁଁ ବଳି କାଣ୍ଡ ହବ ନାହିଁକି ? ହିଁ, ଆଉ ଗଲେ ପରିଣତି ହାଲିଅନାବାଗ ହୋଇ ପାରେ । ହେଲେ ସୁଦ୍ଧା ସରକାର କହିବେ ଦଶ ପନ୍ଦର ଲୋକ ଧାଇଁ ଜ୍ୱାଳ କରି ଯାଉଥିଲେ । ସୁତରାଂ ଘଟଣା ସ୍ଥଳରେ ଯାହା ସତ୍ୟପକ୍ଷେ ହାତ-ଗୁଳିପାଇ ବା ଦୂରଣ ସ୍ଥଳ କରି ଆମ ସରକାର ଏମିତି ଇନ୍ଦ୍ରଜାଲ ବିଦ୍ୟା ଦେଖେଇ ଦେବେ ଯେ ଆମେ ସବୁ କେବେ ସେ କଥା ଜାଣିବୁ ନାହିଁ । ଅତଏବ ଜେମାଦେଇ ! ଆଉ ଆମ ପାଇଁ କାନ୍ଦନାହିଁ । ଆମକୁ ତ ଗୋଡ଼ା କରି ରଖିଛ, ଯେ ଆସିବ ନେବ, ତାକୁ ଦେବ । ଆମର ଏତେ କଥାରେ ମୁଣ୍ଡ ପୂରେଇ କି ଲାଭ ?...

ଏହି ମିଠି କାବାଙ୍କ ଉକ୍ତିର ଜବାବ ଦେବା ପାଇଁ ବୁଢ଼ା ବଅସରେ ବେଗ ବେଯରେ ଏତ କଡ଼ିକୁ ଚଗାଇ, ଜହେରଲାଲଙ୍କ-ଡଦଳରେ ଏକ ଜବାବ ଦେଉଛନ୍ତି । ମିସ୍ ରାଥବୋନ୍‌ଙ୍କୁ ଏ ବୁଢ଼ା ପାକ୍ଷ ପାଟିଭ ଭଳି କେମିତି କହିବ ବା କେମିତି ପସନ୍ଦ ହେଉଥିବ ଜାଣି ! ଦେଖୁ ବୁଢ଼ା ହେଲେ ତ କଣ ଗୁରୁଙ୍କର ଯେ ମିସ୍ ରାଥବୋନ୍‌ଙ୍କ ଜବାବ ଦବା ପାଇଁ ମନରେ ଯଥେଷ୍ଟ ଯୁକ୍ତି ଅଛି ତାଙ୍କ ଜବାବ ତହିଁର ସାକ୍ଷୀ । କିନ୍ତୁ ହବଏ ସ୍ୱଏତ ହୁଏତ କାହାଣ୍ଡି କାହାର ହୋଇପାରେ ଯେ କବିଗୁରୁ ଏଠାରେ ଗାଲ୍ ଦୁଇକୁ ଚିପି ଦବାଇଲେ ।

କବିଗୁରୁ କହନ୍ତି—ଇଂରେଜ ଯଉଁ ହାତରେ ଆମକୁ ଥୋପି ଦେଉଛନ୍ତି ଆମେ ତାର ସେହି ହାତକୁ ଧରିବୁ କିପରି ? ଅବଶ୍ୟ ! କିନ୍ତୁ ମିସ୍ ରାଥବୋନ୍ ଯେତେବେଳେ କହୁଛନ୍ତି ସେତେବେଳେ ଏକଥାଟିକୁ ହବଏ ତାଙ୍କ ହାତ ଧରିଲେ ଭାରତବାସୀଙ୍କ ପୁଣ୍ୟ ବଂଶ ପବିତ୍ର ଯାଆନ୍ତା ନା ! ଇଂରେଜ ପୁଣି କେମିତି ଯଉଁ ହାତକୁ ଚୁମ ଖାଉଛନ୍ତି ସେଇ ହାତକୁ ଗୋଇଠା ମାରି ଦେଉଛନ୍ତି ? ତାହି ଦେଉଛି ଆମକୁ ଆମ ଦୁନିଆରେ ଯେ ଲଜ୍ଜା । ଆମ ଜାତିର ଇତିହାସରେ ଯେ କେବେ କେହି ଆମେ କରିନାହିଁ । କିନ୍ତୁ ଇଂରାଜ ଜାତିଟା ଯେ କେତେ ଜାଣନ୍ତି । ସେଥିପାଇଁ ଆମେ କହୁଁ—

ଇଂରାଜ୍ ଜାତି ସେ ବାଘ ନହିଁ,
ବଡ଼ା ମାତ୍ର୍ ସେ ବେଡ଼ା ନାହିଁ ।

ଉଦାହରଣ ନିଅ—ହିରୁଆ ଏବା ଦନବେ ସ୍ୱାଧୀନ ହେଉଗଲା । ସେଠି ତ ଫ୍ରାନ୍ସ, ଜର୍ମାନ ପ୍ରାନ୍ତ ଇତ୍ୟାଦି ବଳ ରହିଛି । କୋଡ ରହିଛି । ସେଠି ପୁଣି ଧାତରାଡ ସ୍ୱାଧୀନତା ଘୋଷଣା କରି ତାଙ୍କ ସ୍ୱଜା ବନାଣ ସୈନ୍ୟ ସାମନ୍ତ ଯୋଗାଇ ଦେବ । ଆଉ ଆମ ବେଳକୁ—ତମେ ଅଯୋଗ୍ୟ—ତମର ଦଳାଦଳି ! ଏ ଘଟଣା ଦେଖି ଯଦି କେହି କେହି କହନ୍ତି ଯେ ଋଷିଆ ହେଉ ଜର୍ମାନ ହେଉ ବା ଜାପାନ ହେଉ କେହି ଜଣେ ଏ ଦେଶକୁ ହୋଇ ନ ଜଲ ଯାଏଁ, ଅର୍ଥାତ୍ ଇଂଲଣ୍ଡର ବଢ଼ା ଦବତ ହାତ ଥାଏରେ ଚିପ ଦେଣ୍ଡୁ ଏ ନ ଦିଙ୍ଗିଲ ଯାଏ, ଆମେ ସ୍ୱାଧୀନତା ପାଇ ପାରିବୁଁ ନାହିଁ, ତେବେ ଦୋଷ ଆଉ ଆପଣ ଉଡାନ୍

Digitized by srujanika@gmail.com

ଇଂରେଜ ଯିବାକୁ କ'ଣ ହେବ ? କାହାର ଅଛି

ଆଜି କାହିଁ ଏତିକି [illegible]

ଯାଇ କରି ବାନ୍ଧି ଦେବ !

କବିଙ୍କୁ କହିଛନ୍ତି—ନା [illegible] ଜାତିଙ୍କ ଚାଲିବା ପାଇଁ ଛୋଟ ମଣ୍ଡଳ କମିଟିସ୍ ରକ୍ଷା କବଚ ସାହାଯ୍ୟରେ ପଠା ଯାଉଛି, ଏଣେ ଆମ ଲୋକେ ଖାଇବାକୁ ପାଉ ନାହାନ୍ତି । ଇଂରାଜ ସରକାର ସ୍ୱର୍ଗ ବସିଛି । ଖାଲି ସ୍ୱର୍ଗ ବସିଛନ୍ତି ନାହିଁ କ—ତାଙ୍କରଠୁଁ ମୁଣ୍ଡ ସ୍ୱନ୍ଧ ବି ଜୋର ଜବରଦସ୍ତି ନେଇ ଯାଉଛନ୍ତି । ଏଟା ଏମିତି ଗୋଟାଏ ଖରାପ କଥା କଣ ? ଏ ମଲ୍ଲ ଜାତିଟା ବର୍ତ୍ତି କି ଲଭ ? ଯଦି ଆମର ରକ୍ତରେ ଏ ଇଂରେଜ ଜାତିଟା ହେଲେ ବର୍ତ୍ତିଯାଏ ତେବେ କାଳ କାଳକୁ ଆମର ନାମ ରହିବ । ଇଂରେଜ ଜାତି ଗଲେ ଗଲେ ଗଣ୍ଡାଏ ଦୁଇଟା ପିଣ୍ଡ ସ୍ୱଜଳ କ'ଣ ଦେବେ ନାହିଁ ?

+ × +

ଡଗର ପାଠକେ ଜାଣିଥିବେ, ଭାରତ ପାଇଁ ବିଲାତରେ ଯୋଉଏ ପ୍ରତ୍ୟନ୍ତ୍ରୀ ( ସେକ୍ରେଟେରୀ ) ଅଛନ୍ତି । ଜଣେ ଆମେରି ଆଉ ଜଣେ ଡିଉ— । ଦିନା ଦଶଦିନ ତଳେ ଆମେରି ପ୍ରତ୍ୟନ୍ତ୍ରୀ ଭଉକଅର୍-ଭଟହ୍ୟାମ୍ପ୍ଟନ୍ ଏକ ବକ୍ତୃତା ବାଣୀରେ କହିଲେ ଯେ ଏସିଆ ଭାରତର ଶାସନ ଭାରତ ପାଇଁ, ଭାରତରେ ଭାରତ ଦ୍ୱାରହିଁ ଚାଲିବ । ଅନେକ ଲୋକ ଏହା ଶୁଣି ତୃପ୍ତି ବି ହୋଇଗଲେ । ମନେକଲେ ସତେ ଅବା ଆଉ ଅକାଳ୍ କା ଫାଁକ୍ ମେଁ ଟମେଟୋ ଫଳ ଉଠି ପଡ଼େ ? କିନ୍ତୁ ଆମେ ଠିକ୍ ବୁଝିଥିଲୁ ଯେ କାହ୍ନୁଣ୍ଡ ମାଇକନଅଙ୍କର ହସ କାନ୍ଦ ସବୁ ସମାନ । ଡିଉକ ସାମ୍ରାଜ୍ୟର ବଥା ଖାଲି ଟାଙ୍ଗା ପାମ୍ପାର । ତାର କମତି ନାହିଁ । ଡିଉକ ସାମ୍ରାଜ୍ୟର ବୋଧ ନିକଟରେ ବ୍ୟାକରଣ ଶାସ୍ତ୍ର ଅଧ୍ୟୟନ କରୁ କରୁ ବିଶେଷ ଭାବରେ ଇଂରେଜି ବିଭକ୍ତି ପ୍ରତି ତାଙ୍କର ବିଶେଷ ଅବର୍ଣ୍ଣ ହୋଇଛି । ସେଥିପାଇଁ ସେ ୧ମା ୨ମା କ୍ୟା ବିଭକ୍ତି ଏମିତି ଇତ୍ୟାଦି ଲଗାଇ ବାକ୍ୟମାନ ରଚନା କରୁଛନ୍ତି । ଏଥିପାଇଁ ସେ କେତେ ନମ୍ବର ପାଇବେ କେଜାଣି । ବାକ୍ୟଗୁଡ଼ିକ ଆମ ମତରେ ନିର୍ଭୁଲ ହୋଇଛି । ପ୍ରତ୍ୟେକ ବିଭକ୍ତିର ଠିକ୍ ବ୍ୟବହାର ପାଇଁ ତାଙ୍କୁ ୧ରୁ ୮ ନମ୍ବର ଦିଆଯିବା ଉଚିତ ।

ମାତ୍ର ଦୁଃଖ ହେଲା ଯେ ତାଙ୍କ ଉପଯୁକ୍ତ ପ୍ରତ୍ୟନ୍ତ୍ରୀ ଅମେରି ସାହେବ ପଛରେ ତାଙ୍କ କଥାଟାକୁ ଏକପ୍ରକାର କାଟି ଦେଇଛନ୍ତି । ସେ କହିଲେ ଯେ ଚର୍ଚ୍ଚିଲ୍ ଯେଉଁ ଘୋଷଣା କରିଥିଲେ ଏ ବିଭକ୍ତି ଯୋଗରେ ତାହିଁର କିଛି ପରିବର୍ତ୍ତନ ହେବ ନାହିଁ । କେତେକ 'ଅନ୍ୟମ୍ଭ' ଅତଏବ ଅବିନାଶୀ ଅବି-ନଶ୍ୱର । ହେଉଣୁ ହେଲା ଉଭୟବାଦୀ ! ତମେ ଯୋଉଁଠି ଥିଲ ସେଇଠି । ଯଥାପୂର୍ବଂ ତଥା ପରଂ । ଯୋଉଁ ଠିଆରେ ସେଇ ଠିଆରେ ।

× +

'ମହା' ଶବ୍ଦର ଅର୍ଥ ଏ ଦେଶର ମହାପଣ୍ଡିତମାନେ ମଧ୍ୟ ଜାଣନ୍ତି । ଆମ କଳଥ ସଭାର ସଭ୍ୟମାନଙ୍କ କଥା ଛାଡ଼ିଦିଅ । ମହା ଶବ୍ଦରୁ ମହା ବ୍ରାହ୍ମଣ, ମହା ପଣ୍ଡିତ ପ୍ରଭୃତି ଶବ୍ଦର ଉତ୍ପତ୍ତି ବା ବ୍ୟୁତ୍ପତ୍ତି । ସମ୍ଭବତ ସେହି ସୂତ୍ରରେ ଏ ଦେଶରେ ଏକ ମହାସଭାର ସୃଷ୍ଟି ।

ଏହି ମହାସଭାର ଜଣେ ପଣ୍ଡା ଡାକ୍ତର ମୁଞ୍ଜେ ସେଦିନ ସଭ୍ୟମାନଙ୍କୁ ଏକ ଫତୁଆ ଜାରି କଲେ—କେହି ବ୍ରିଟିଶ ସରକାରଙ୍କୁ ଚିଡ଼େଇବ ନାହିଁ । ଧନ ଜନ ଦେଇ ବ୍ରିଟିଶ ସରକାରଙ୍କ ଯୁଦ୍ଧରେ ସାହାଯ୍ୟ କର ।

ହିନ୍ଦୁ ମହାସଭା ପୁନା ସଭାରେ ଯେଉଁ ସିଧା ସଳଖ କାଣ ଚଳାଇବା ପ୍ରସ୍ତାବ କରିଥିଲ ଏବେ ପୁଣି କଲିକତା ବୈଠକରେ ତାକୁ ନାକଚ୍ କରି ଦେଇଛନ୍ତି ।

ହିନ୍ଦୁ ମହାସଭାର ଏ ଅଧୋଗତି ଦେଖି ଆମର ସେହି କଥା ମନେ ହେଉଛି—

ଶିକାରକୁ ଗଲା କଥା ଲୁଚି ହଟ୍ଟନିକୋ ଭର୍ତ୍ତାହେ ।

ହିନ୍ଦୁ ମହାସଭାର ଦୁଃଖ ଦେଖି ଆମର ଗୋଟାଏ ପିଲା କଥା ମନେ ପଡ଼େ । ଯେ ରାଗରେ ଉପାସ ଶୋଇଥିଲା । ମା ଡାକ ଡାକ ଖାଇଲା ନାହିଁ—ଅପା ଡାକଡାକ ଉଠିଲା ନାହିଁ । ଶେଷରେ ଯେତେବେଳେ ଆଉ କେହି ଡାକିବେ ନାହିଁ ବୋଲି ଠିକ୍ କଲେ, ଏଣେ ଭୋକ ବି ଲାଗିଲା ଅସମ୍ଭାଳ—ଦେଖାଗଲା ସେ କାନ୍ଥରେ କାଉଁରେ ସ୍ୱର ଅଡ଼େଇ ଲେଖାଯାଉଛି "ଏଥର ଡାକଲେ ଉଠିବି—ଏଥର ବ ହେଲେ ଖାଇବି ।" ହେ ଇଂରେଜ ସରକାର—ମା ବାପ—ଏଥର ତମେ ଲାଜ୍‌କୁ ନ ଡାକ ଅରେ ହେଲେ ମହାସଭାକୁ ଡାକ ଚଳା !

+ + +

ମୟୂରଭଞ୍ଜ ବୋଲି ଗଡ଼ଜାତ ଅଛି । ତାକୁ ଅନେକ କହନ୍ତି ସେଟା ଗଡ଼ଜାତ ହୋଇ ମଧ୍ୟ ମୋଗଲ ବନ୍ଦୀ ରଜ । ଅର୍ଥାତ୍ ରଥ ହୋଇ ମଧ୍ୟ ଘୋଡ଼ା—ମହନ୍ତି ହୋଇ ମଧ୍ୟ ବୁଅ, ସ୍ତ୍ରୀ ହୋଇ ମଧ୍ୟ ପୁରୁଷ ଇତ୍ୟାଦି ଇତ୍ୟାଦି । ସେଥିପାଇଁ ମୟୂରଭଞ୍ଜର ଗଡ଼ଜାତ ସରକାର ମୋଗଲବନ୍ଦୀ ସରକାରଙ୍କ ଚାଲି ଏଣ୍ଟିକ ୧୪୪ ଧାରା ଉପରେ ୧୪୪ ହୋଇ ବସିଛନ୍ତି । ଏଥିପାଇଁ ରାଜ୍ୟରେ ହାହାକାର ପଡ଼ିଛି । କିନ୍ତୁ ଆମେ ସରକାରଙ୍କୁ ଗୋଟିଏ କଥା ଅନୁରୋଧ କରୁଛୁ—ଅଣା ଦିଅନ୍ତୁ ଏ ଦଳୁଅ ସଭାର ନିବେଦନ ଗୃହିତ ହେବ । ଆମେ ଶୁଣିଛୁ ମୟୂରଭଞ୍ଜରେ ଅନାର୍ଯ୍ୟ ଉପାଇ ବସିଛି । ଏହି ଅନାର୍ଯ୍ୟ ଉପାୟ ହେଲେ କେହି କେହି ଆର୍ଯ୍ୟ ଯାଇ ଅନାର୍ଯ୍ୟଙ୍କ ସହଯୋଗରେ ଗୋଟାଏ ମହିଳା ହୋଇ ମଧ୍ୟ ବୁଅ, ଘୋଡ଼ା ହୋଇ ମଧ୍ୟ ରଥ ଜାତିର ଗୁଣ କରନ୍ତି, ତେବେ ସେ କର୍ମକ୍ଷେତ୍ରରେ କଦାପି ଯେପରି ୧୪୪ ଜାରି ନ ହୁଏ । କାରଣ ସରକାର ନଜେ ଜାଣିଥିବେ କଳିଡ଼ ମଣ୍ଟୁଗୁମାରି ସଂସ୍କାର ଦେଶୀ ଗାଈରୁ କରିଲା ଉତ୍କୃଷ୍ଟ ଗୋଜାତିର ପଇଦା ହେଉଛି ।

+ + +

୧୯୪୦ ସାଲ ବର୍ଷରେ ବୈତରଣୀ ଅନିକଟ ଭାଙ୍ଗି ଗଲା । ତେଣୁ ଲୋକେ ଜଳ ପାଇଲେ ନାହିଁ ଜମିରେ ମଡ଼ାଇବାକୁ । କିନ୍ତୁ ତଥାପି ଲୋକଙ୍କୁ ଜଳକର ଦେବାକୁ ହେବ । ପାଣି ନ ଯୋଗାଇବାରୁ ଲୋକଙ୍କର ଯେଉଁ କ୍ଷତି ହେଲା ସେଥିପାଇଁ ସରକାର ଦାୟୀ ନୁହନ୍ତି । ସେକଥାଟା ଆଇନରେ ଅଛି ବୋଲି ସରକାର ଘୋଷଣା କରିଛନ୍ତି । କିନ୍ତୁ ଜଳ ନ ଯୋଗାଇ ପାରିଲେ ସରକାର କେତେ ଦୂର କର ଛାଡ଼ରେ ତାହା ଲାଟ ସାହେବ ବିଚାର କରିବେ । ଲାଟ ସାହେବ ଏଥର ପାଳନ୍ତି ମନ୍ତ୍ରୀ ବିଚାର କରି ଏତେଦିନକେ ଶତକଡ଼ା ୬୨୧୦ ଛାଡ ଦେଇଛନ୍ତି । ଅର୍ଥାତ୍ ପାଣି ନାହିଁ ବ ଫଳ ନାହିଁ, ଅଥଚ ଗାଁ ନନ୍ଦ ଅଇଲେ ବୋଲି ଲୋକେ ବିନା ପାଣିରେ ନପାଣିଆ ସରକାରଙ୍କୁ ୬୨୧୦ ଟଙ୍କା ଦେବେ । ଅଉ ସରକାର ଯେତେବେଳେ ପାଣି ଦେବେ ସେତେବେଳେ କେତେ ଟଙ୍କା ନେବେ—ଗୋଟାଏ ଗାଣିତିଜ୍ଞଙ୍କୁ ନେଇ ହିସାବ କରାଯାଉ । ସେତେବେଳେ ଲୋକେ କହିବେ—

ପାଣି ପରି ଗଲା ଦୁଃଖ

ତମକୁ ଦୂରରୁ ଦେଖି

ସେ ଅଧା ଅଣିଠାରୁ ବାଙ୍କ ସ୍ୱଦାଣୀ

କୃପା ଥିବେ ମନେ ରଖି ।

---

## ଗତ ୫୦ ବର୍ଷ ମଧ୍ୟରେ
## ଲବଣର ମୂଲ୍ୟ
## ଏତେ ବେଶୀ କେବେ ହୋଇ ନ ଥିଲା
ଅତଏବ

ଲବଣ ଶିଳ୍ପ ଯେ ଦଶାପେକ୍ଷା ଅଧିକ ଲଭ୍ୟାଂଶ ଦେବ ଏ ବିଷୟରେ ସନ୍ଦେହ ନାହିଁ ।

ଏ ସୁଯୋଗରେ ଆପଣ "ଦ ଉତ୍କଳ ଶଲ୍ଟ ଏଣ୍ଡ କେମିକେଲ୍ ଓ ଅର୍କସପ"ର ଅଂଶ ( Share ) କିଣି ନିଜେ ଲାଭବାନ ହୁଅନ୍ତୁ ଓ ଦେଶକୁ ସମ୍ପନ୍ନ କରନ୍ତୁ ।

**ଠିକଣା—ଅର, ସିଦ୍ଧାନ୍ତ, କଟକ ।**



Digitized by srujanika@gmail.com




**ମଜାକଥା**

# ନିଦର୍ଶନ

ଲେଖକ— ଶ୍ରୀ ଲକ୍ଷ୍ମୀନାରାୟଣ

ଭାରତୀ ସାଙ୍ଗରେ ମୋହନର ବାହାଘର ହେବାର କଥା ଭାରତୀର ଜନ୍ମ ହେଲା ଦିନଠୁଁ ସ୍ଥିର ହୋଇଛି । ଏଥର ତା ଜନ୍ମଦିବସ ଉପଲକ୍ଷରେ ଖଣ୍ଡେ ଭଲ ଫଟୋ ଉଠାଇବା ଲାଗି, ମୋହନ ତାକୁ ସାଙ୍ଗରେ ଧରି ଯାଇଥିଲା ତାର ବନ୍ଧୁ ଏସ୍. ଜ୍ୟାଭିଲ୍ ଷ୍ଟୁଡିଓକୁ । ଜ୍ୟାଭିଲ୍‌ଙ୍କୁ ଭାରତୀ ଭଲଭାବେ ଚିହ୍ନେ । ଖୁବ ଷ୍ଟୋଟଟିଏ ଦେଇ ସେ ଜ୍ୟାଭିଲ୍‌ଙ୍କୁ ତାଙ୍କ ଘରକୁ ଯିବାର ଦେଖିଲା ।

ଭାରତୀ ଓ ମୋହନ ଷ୍ଟୁଡିଓରେ ପହଞ୍ଚି ଦେଖିଲେ—ଜ୍ୟାଭିଲ୍ ଗଭୀର ମନୋନିବେଶ ସହକାରେ ଗୋଟିଏ ଭିକାରୀକୁ ମଡ଼େଲ କରି ଛବି ଅଙ୍କୁଛି । ଭିକାରୀଟି ତା ଆଗରେ ଛିଡ଼ା ହୋଇଛି, ହାତରେ ଖଣ୍ଡେ ବାଉଁଶ ବାଡ଼ି ଓ ଭିଖଥାଳି, ପିନ୍ଧିଛି ଛିଣ୍ଡା ଲୁଗା ଖଣ୍ଡେ, ଦେହରେ ପଞ୍ଚରେ ଖଣ୍ଡେ, ଚୋଟବଗଡ଼ ପାଚିଲା ଦାଢ଼ି, କପାଳରେ ଚିନ୍ତାର ରେଖା, ଚକ୍ଷୁ କୋଟରରେ ରେଖାରେ କୁଞ୍ଚିତ, ଶୀର୍ଣ୍ଣ ଗଣ୍ଡ, ଲଲାଟ ଅନାହାର ଓ କଷ୍ଟରେ ସମସ୍ତ ଦେହଟି ସମ୍ମୁଖକୁ ଈଷତ ଅବନତ, ସବୁଠାରୁ ତାର ସେହି ମ୍ଳାନ ମୁଖର କରୁଣ ଦୃଷ୍ଟି ହୃଦୟକୁ ଉଦ୍ବେଳିତ କରି ପକାଏ ।

ଜ୍ୟାଭିଲ୍ ତାଙ୍କ ଆଡ଼କୁ ଦେଖି ପୁନର୍ବାର ଛବିଅଙ୍କନ କରିବାରେ ଲାଗିଲେ । ସେମାନେ ବସି ବସି ଭିକାରୀଟିକୁ ଦେଖିବାକୁ ଲାଗିଲେ । ଯେତେ ଦେଖିଲେ ସେତେ ତାଙ୍କ ଚିତ୍ତ ବ୍ୟଥିତ ହୋଇ ଉଠିଲା । ଅଜାଣତରେ ଭାରତୀର ଚକ୍ଷୁ ଲୁହରେ ଭରି ଉଠିଲା ।

ମୋହନ କୌଣସି କାରଣ ହେତୁ ବାହାରକୁ ଉଠିଗଲା ।

ଭିକାରୀ ବସିଲା ଗୋଟିଏ ବେଞ୍ଚରେ । ପରିଶ୍ରାନ୍ତ ଓ କ୍ଳାନ୍ତ ସେ, ବିଶ୍ରାମର ଲୋଡ଼ା ।

ଭାରତୀ ଉଠି ଧୀରେ ଧୀରେ ଭିକାରୀ ପାଖକୁ ଯାଇ ମୋହନର ଅଜାଣତରେ ତା ଝୁଲିରେ କିଛି ଦେଇ ଆସିଲା ।

ମୋହନ ଫେରି ଆସିଲା । ଭିକାରୀଟି ଉଠି ଛିଡ଼ା ହେଲା । ତାଙ୍କ ଫଟୋ ସେଦିନ ଉଠି ପାରିଲା ନାହିଁ । ଭିକାରୀର ଛବି ଶେଷ କରୁଁ କରୁଁ ସନ୍ଧ୍ୟା ହୋଇଗଲା । ସେମାନେ ଘରକୁ ଫେରିଲେ । ଯିବା ଆଗରୁ ମୋହନ ସମସ୍ତଙ୍କ ଅଜାଣତରେ ଭିକାରୀଟିର ଥାଳରେ କିଛି ଦେଇ ଦେଲା ।

କୃତଜ୍ଞତାରେ ଭିକାରୀର ନୟନ ଉଜ୍ଜ୍ୱଳ ହୋଇ ଉଠିଲା ।

ତା’ ପରଦିନ ମୋହନ ଓ ଭାରତୀ ଆସିଲେ । ଜ୍ୟାଭିଲ୍ ସେଦିନ ତାଙ୍କ ଫଟୋ ଉଠାଇବ ବୋଲି ଆଉ କିଛି କାମରେ ହାତ ଦେଇ ନାହିଁ ।

ଭାରତୀ ଆସି ପଚାରିଲା—“କାଲିକାର ସେ ଭିକାରୀଟିକୁ କୁଆଡ଼ୁ ପାଇଲ ? ଖୁବ୍ ସୁନ୍ଦର ଭିକାରୀଟିଏ ଏଇଟା । ତା ମୁହଁଟା ଏତେ ମ୍ଳାନ ଯେ ମୁହଁଟି ତା ନାମର ପରିଚୟ ଦେଉଛି ।”

ଜ୍ୟାଭିଲ୍ କହିଲା“—ଭିକାରୀଟି ଭିକାରୀ ତାର ଫେର ସୁନ୍ଦର ଅସୁନ୍ଦର କ’ଣ ? କାହିଁକି ତମେ ଏତେ ତାର ଖବର ନେଉଛ ?

ସେ ତ କାଲି ତୁମର ଦେଇଥିବା ପଇସାରୁ ଥିଲା । ସେଠାରୁ ଟିକେଟଟା ଛପି ନେଲା ।”

ମୋହନ ଆଉ ରହି ପାରିଲା ନାହିଁ, କହିଲା— “ଭିକାରୀ ଆମ ଟିକେଟ ନେଇ କଣ କରିବ ? ଭିଖ ମାଗିବାକୁ ସିଏ ବୋଧହୁଏ । ଦଶ ଟଙ୍କା ଯାଉଛି ବୋଲି ତା’ ମୁହଁରେ ଲାଗିଯାଉଛି ।”

ବିସ୍ମୟ ହୋଇ ଜ୍ୟାଭିଲ୍ ପଚାରିଲା “ଦଶ ଟଙ୍କା ମୁହଁରେ ଲାଗି ଯାଉଛି ମାନେ କଣ ? ତୋ ପାଖରୁ କେବେ ସେ ଭିକାରୀ ଭିକ ମାଗିବାକୁ ଯାଇଥିଲା କି ?”

ମୋହନ କହିଲା—“କାଲି ଯେ ଏଇଠି ତାକୁ ଟଙ୍କାଟିଏ ଦେଲି । ମୁଁ ସେତେବେଳେ ଦେଖିଲି ଛବି ଦେଖାଉଥିଲୁ ।”

ଜ୍ୟାଭିଲ୍ ପ୍ରାୟ ଚୌକିରୁ ପଡ଼ି ଗଲା । ତା’ ହୃଦୟରେ ସମସ୍ତ ସ୍ନାୟୁ ପ୍ରାୟ କମ୍ପି ଉଠିଲା ।

ମୋହନ ଅପ୍ରସ୍ତୁତ—ଭାରତୀ ବିସ୍ମିତ ।

ମୋହନ ରାଗରେ ତାତିଯାଇ କହିଲା—“ଏଥିରେ ହସର କଥା କଣ ହେଲା ଯେ ତୁ ଏହିପରି ଏକାବେଳେ ହସରେ ଫାଟି ପଡ଼ୁଛୁ ?”

ଜ୍ୟାଭିଲ୍ ତା କଥା ନ ଶୁଣି କହିଲା—“କାଲି ଯେ ଭିକାରୀକୁ ତୁମେ ଟଙ୍କାଟେ ଦେଇଥିଲ ? ସେ ନେଇଥିଲା ନା ?”

“କାହିଁକି ନବ ନାହିଁ ? ଭିକାରୀ କି କେବେ ନ ନେଇ ରହେ ନା ?”

ଜ୍ୟାଭିଲ୍ କହିଲା— “ତୁମେ ଜାଣିନ ସେ ଭିକାରୀଟି ପ୍ରକୃତ ଭିକାରୀ ନୁହେଁ । ତୁମେ ଯଦି ଯିବା ବେଳେ ଝରକା ଦେଇ ରାସ୍ତା ଆଡ଼କୁ ଚାହିଁଥାନ୍ତ ଦେଖିଥାନ୍ତ । ଭଲ ମଟରରେ ସେ ଏ ଭିକାରୀଟି ଆସିଥିଲେ । ଏ ଭିକାରୀ ସେହି ମଟରର ମାଲିକ । ସେହି ମଟରର ମାଲିକଙ୍କ ନାମ କଣ ଜାଣ ? “କ୍ଷୀରୋଦ ବାବୁ !”,

ଭାରତୀ ଓ ମୋହନଙ୍କ ଚକ୍ଷୁ ବିସ୍ମୟରେ ବିସ୍ଫାରିତ ହୋଇଗଲେ ।

ଭାରତୀ କହିଲା—“ହଁ, ହଁ । ମୁଁ ତାଙ୍କୁ ଚିହ୍ନେ । ମୋର ନୋଟ ଦେଇଛି । ଶାଢ଼ୀ କିଣିବାକୁ ଆସିଥିଲି । ସେ ମନରେ କଣ ଭାବିବେ ?”

ଜ୍ୟାଭିଲ୍ ହସି କହିଲା—“ସେଥିରେ ଉପାୟ କଣ ହେବ ? ବରଂ ସେ ତୁମର ଗୁଣ ଜାଣିଲେ

Digitized by srujanika@gmail.com




# କଥାଟିଏ କହେ...

ଶ୍ମଶାନର ଅଶ୍ୱତ୍ଥ । ଉଣେଇଶ ଶ' ତେଇଶ ମସିହା ।

ବଇଶାଖ ମାସ । ଜହ୍ନୁଜଦାଅ ଖରା । ଧୂମ ଦ'ପହର ବେଳ ।

ଷ୍ଟେଶନରୁ ବୋଧେ ବର୍ଷେ ଗୋଟିଏ ଯୁବକ ଅସି ହଠାତ୍ ଦୁଆରେ ପହଞ୍ଚିଲା । ହାତରେ ଖଦଡ଼ ଝୁଲି । ମୁଣ୍ଡରେ ଗାନ୍ଧୀ ଟୋପି । ଖଣ୍ଡିଏ ଖଦଡ଼ କମିଜ ଓ ଧୋତି ।

## କାହାଣୀ
## ନୂଆବଉ
ଲେଖକ—ଅବଧୂତ

ମୁହଁଟା ଖରାରେ ଟିକିଏ କଳା ପଡ଼ିଯାଇ ଥାଏ । ଏତେ ଗୋଲାପ ଫୁଲ ପାଖୁଡ଼ା ପରି ଓଠ ହୋଇ ରହିଥାଏ । ମୁହଁରେ ଗୋଟାଏ ଚନ୍ଦ୍ରର ତୃପ୍ତି ଅଭ ଅନନ୍ଦ ଯାହାକି କ୍ବଚିତ୍ ଲୋକଙ୍କଠାରେ ଦେଖାଯାଏ । ଭ୍ରୂରେ ଗମ୍ଭୀରତା । ଅଙ୍ଗ ସଞ୍ଚାଳନରେ ବ୍ୟଗ୍ରତା ।

ସକାଳୁ ସେ ବୁଲୁଛି—ସେଇ ଗଣ୍ଡରେ ଖରାରେ—ଦିନ ଗୋଟାଏ ହେବ ।

ସେ ପିଣ୍ଡାରେ ଆସି ବସି ପଡ଼ିଲା । ଖାଇ ସାରି ହାତ ଧୋଇ ଶୋଇବାକୁ ଯାଉଥିଲେ ସବୁ ।

ଘଣ୍ଟାରେ ସେ ସଭା କରିବ ଏହି ଗାଁରେ । ଲୁଣ ମାରିବା ପାଇଁ ଲୋକଙ୍କୁ ବୁଝେଇବ । ଅଧିକ ଯାଇ, ସରକାର ଯାଉ, ଆମର ହକ୍ ଦାବି ଅମ ସରର ଲୁଣ ଅସ, ଲୁଣ ମୁଠାକ ଅମେ ନିର୍ଭୟରେ ନିଜେ ତିଆରି କରିବୁ । ସେଥିପାଇଁ ଯାହା ହେବାର ହେବ ପଛେ । ଏଇମ୍ବା କହି ସେ ସତ୍ୟାଗ୍ରହୀ ସଂଗ୍ରହ କରିବ ।

ଖରାରେ ତା ଅବସ୍ଥା ଦେଖି ଦୟା ହେବାର କଥା । ବାସ୍ତବିକ ନିସ୍ୱାର୍ଥରେ ଏମାନେ କେତେ କଷ୍ଟ ସହୁଛନ୍ତି ।

ଖାଇବାକୁ ଦେବାକୁ କହିବାରୁ ସେ ପଖାଳ ମାଗିଲା ।

ପଖାଳ ଅସିଗଲା ।

ପଖାଳ, ସାଗ, ପିଆଜ, ଅମ୍ବୁର ସେ ଅନନ୍ଦରେ ଅରୋଗି ବସିଲା । ଖାଉଁ ଖାଉଁ ଦହି କଥା ମନେ ପଡ଼ିଗଲା । ପଚାରିବାରୁ ସେ ଭାରି ଅନନ୍ଦିତ ହେଲା ।

ଦହି ଅସିଲା । ସେ ବଡ଼ ଡରତର ହୋଇ ଦହି ଗୋଳାଇ ଅଗ୍ରହରେ ପଖାଳ ଅଧିକେଲଟାକୁ ଟେକି ମୁହଁ ପାଖକୁ ନେଉଛି ଅଧିକେଲଟା ଖସି ପଡ଼ି ଝାଡ ତୋରିଣୀ ସବୁ ଉଡ଼ିଯାଇ ଗୋଟାସର ହୋଇଗଲା । ତାର ଲଗା ବି ଅଇଣ୍ଠା ହୋଇଗଲା ।

( ମଜାକଥା ପରପୃଷ୍ଠା ଉତ୍ତାରୁ )

କରି ଯାଉଛନ୍ତି । ମୋର ପ୍ରଥମ ପ୍ରତିପତ୍ତି ଯାହା ଥିଲା ତାଙ୍କର ଟୋପି । ମନ ହେଉଥିଲା ବିବାହ ଦିନରେ ଛବି ଅଙ୍କିବାକୁ । ତାଙ୍କର ବିବାହ ଦେଖିବା ପାଇଁ ନିଶ୍ଚୟ ହେଉଥିଲା, କିନ୍ତୁ ମନଠାରୁ ଛିଡ଼ା ନେଇ ସେ ଚାହିଁ ପାରୁନଥିଲେ । ସେଥିପାଇଁ ସେ ଚଲେ ହେଲେ ପ୍ରକୃତ ତାଙ୍କର ଜାହାନ୍ତି, କରିଂ ଅନନ୍ଦିତ ।"

ମୋହନ ଓ ଭାରତୀ ଫେରିଲେ ମନରେ କଲ୍ୟାଣ ଅଗ୍ରହ ଚାପ ଚୋଟିଏ ନେଇ । ସେ କଥା କେହି ଜାଣନ୍ତି ନାହିଁ ।

ଭାରତୀର ଜନ୍ମ ଦିନଟିର ଗତ୍ତେ ସୁନ୍ଦର ମଟର ଗାଡ଼ି ତାଙ୍କ ଘରର ଦୁଆରରେ ଠିଆହେଲା । ତା ଭିତରୁ ବାହାରିଲେ ଜଣେ ବୃଦ୍ଧ ଭଦ୍ରଲୋକ । ସାଙ୍ଗରେ ଚାକର ଜଣେ । ମଟରକୁ ଦେଖି ଚମକି ଉଠିଲା । ସେ ଭଦ୍ରଲୋକଙ୍କୁ ସାଙ୍ଗ ଭିତରକୁ ନେଇ ଗଲା । ଭଦ୍ରଲୋକ ତାକୁ ପଚାରିଲେ- "ଅମଣଙ୍କ ନାମ କଣ ମୋହନ ବାବୁ ?"

ମୋହନ ଧୀରେ ଉତ୍ତର ଦେଲା—"ହଁ ।"

ସେ ଖଣ୍ଡିଏ କାର୍ଡ ଓ ଗୋଟିଏ ମଖମଲ ବାକ୍ସ ମୋହନ ହାତକୁ ବଢ଼ାଇ ଦେଲେ । କାର୍ଡ ଦେଖି ମୋହନର ସନ୍ଦେହ ଦୂର ହୋଇଗଲା । କମ୍ପିତ ହସ୍ତରେ ବାକ୍ସଟି ନେଲା । ତା ଭିତରେ ଗୋଟିଏ ହାର । ଛୋଟିଏ କାଗଜରେ ଲେଖାଥିଲା—"ଗୋଟିଏ ଭିକାରୀର ଭାରତୀର ଜନ୍ମ ଦିବସ ଉପଲକ୍ଷରେ ଅଶୀଷ-ଉପହାର ।"

ମୋହନ ତାକୁ ନେଇ ଭାରତୀକୁ ଦେଲା । ତା ମୁଖମଣ୍ଡଳ ଅନନ୍ଦ ଓ ଲଜ୍ଜାରେ ଦୀପ୍ତ ହୋଇ ଉଠିଲା । ସେ ଭଦ୍ରଲୋକଙ୍କୁ ଖୁବ୍ ଅଦର ଯତ୍ନରେ ଖାଇବା ପିଇବାକୁ ଦେଲା । ବିଦା ସମୟରେ ତାଙ୍କୁ ଖଣ୍ଡେ କାଗଜ ଦେଲା । ସେଥିରେ ଲେଖାଥିଲା— "ରାୟ ବାହାଦୂରଙ୍କ ଅଶୀଷ-ଉପହାର ଅନନ୍ଦରେ ସହ ଗ୍ରହଣ କଲୁ । ତାଙ୍କ ଚରଣରେ ସଶ୍ରଦ୍ଧ ପ୍ରଣାମ କରୁଛି । ଅଶା, ସେ ଅମ ଅଜ୍ଞାନକୃତ ଅପରାଧ ନିଜ ଗୁଣରେ କ୍ଷମା କରିବେ ।"

× × ×

ତା'ପର ଦିନ ରାୟବାହାଦୂର ଅସିଲେ ନବ ଦମ୍ପତିଙ୍କୁ ଅଶୀର୍ବାଦ କରିବାକୁ । ସେ ମୋହନକୁ ଦେଲେ ଗୋଟିଏ ସୁନା ଘଣ୍ଟା । ଘଣ୍ଟାର ବାକ୍ସ ଭିତରେ ଲେଖାଥିଲା—"ମୋହନର ଶ୍ୱଶୁରଘରର ଜଣେ ଭିକାରୀର ଉପହାର ।" ଅଉ ଭାରତୀକୁ ଦେଲେ ତାଙ୍କ ନିଜ ଅଙ୍କିତ ଗୋଟିଏ ସୁନ୍ଦର ଲକେଟ । ତାଙ୍କ ପତ୍ନୀଙ୍କ ଯେ କ'ଣ ଖୁସି ହେଲେ ନାହିଁ । ମୋହନ ଓ ଭାରତୀକୁ ସେ ଦଶାଙ୍କ ମନାଇଲେ । ସମସ୍ତେ ଜାଣିଲେ—ମୋହନର ପିତୃବନ୍ଧୁ ଅସି ଉଭୟଙ୍କୁ ଅଶୀର୍ବାଦ କରିଗଲେ ।

ତା' ପରଦିନ ମୋହନ ଓ ଭାରତୀ ଫେରି ଏସ୍ ଜ୍ୟାଭିଲା ଷ୍ଟୁଡ଼ିଓକୁ ଫଟୋ ଉଠାଇବାକୁ ଗଲେ । ତାଙ୍କର ଖଣ୍ଡିଏ ଗ୍ରୁପ୍ ଫଟୋ ରାୟବାହାଦୂରଙ୍କ ପାଖକୁ ପଠାଇ ଦେଲେ । ତଳେ ଲେଖାଥିଲା— "ଭିକାରୀଙ୍କ ଛୁଆ ପିଲା ।"

—୦—



Digitized by srujanika@gmail.com

ସେଇ ଭୟରେ, ଅଧୈର୍ଯ୍ୟ ହୋଇ ଚିହିଁ ଉଠିଲି ।

× + ×

'ନୂଆବଉ ନୂଆବଉ !'

ଉଦ୍‌ଘୁଣ୍ଡି ହାତଟା କଟିଗଲା । ପଛରୁ ଛଡ଼ ଚଟାସ୍ କିନା ସ୍ପଷ୍ଟଭାବେ ବସାଇ ଦେଲେ ମୋ ଗାଲରେ । ମୁଁ କାନ୍ଦିଲି ।

ସେ ଶିଖିଯାଇ ନୂଆବଉ ମୋତେ କୋଡ଼ରେ ଯାକି କେତେ ଶାନ୍ତେଇଛନ୍ତି, କେତେ ବୁଝେଇଛନ୍ତି ।

ମୋର କି ଦୋଷ । କେତେ ଅବସରେ 'ନୂଆବଉ ! ନୂଆବଉ !' ଡାକ ପଡ଼ୁ ଅଛି, ଦଉଡ଼ ଆସି ନାଲି ହୋଇ ପଡ଼ିଲି । ମୁଁ କ'ଣ ଜାଣିଥିଲି ସେ ଢଳିଯାଇ ନୂଆବଉଙ୍କ ହାତ କାଟିଦେବ !

ସେହି ଦିନଠୁଁ ନୂଆବଉ ମୋତେ ମାରନ୍ତି ନାହିଁ । ହାତ ଉଠିଗଲେ ସେ ବଡ଼ ଅନୁତାପ କରନ୍ତି । ରାଗ ନବୁଝିରେ ମାରିଦେଲେ ବି ଦ'ଗୁଣ ଶରଧା କରନ୍ତି—ଦ'ଗୁଣ ଭଲ ଜିନି ଖାଇବାକୁ ଦିଅନ୍ତି ।

ବାପ ମାରିଲେ, ନୂଆବଉ କଜିଆ କରନ୍ତି ! ମାଷ୍ଟର ମାରିଲେ, ନୂଆବଉ କହନ୍ତି—ଯେତିକି ହେଲା ପାଠ ସେତିକି, ଆଉ ମାରିବ ନାହିଁ ।

ଗାଁ ପିଲାଏ ଖେଳୁ ଖେଳୁ ମାରିଲେ ନୂଆବଉ ଗାଁ ଯାକ ପିଲାଙ୍କୁ ଗାଳି ଦିଅନ୍ତି—କାହା କାନ ମୋଡ଼ି ଛଡ଼ ଦିଅନ୍ତି ।

ମା ନଥିଲା । ନୂଆବଉ ମୋତେ ମା ଠାରୁ ବଳି ଶରଧା କରୁଥିଲେ । ଛେଉଣ୍ଡ ପିଲାଟି ବୋଲି ମୋତେ ତାଙ୍କର ଭାରି ଦୟା ।

ମୁଁ ନୂଆବଉ ଛଡ଼ା ସଂସାରରେ କିଛି ଜାଣି ନ ଥିଲି । ମୁଁ ନୂଆବଉଙ୍କୁ ଛାଡ଼ି କେଉଁଠି ରହି ପାରେ ନାହିଁ । ମୁଁ ଖାଇ ନଥିବା ଯାଏ ନୂଆବଉ ଅପେକ୍ଷା କରିଥିବେ ।

ମୋ ଦେହ ହେଲେ, ନୂଆବଉଙ୍କ ଆଖିରେ ନିଦ ନଥାଏ । ଦିନ ରାତି ସେ ମୋର ପାଖରେ ବସି ରହନ୍ତି ।

ମୁଁ ଜାଣିଥିଲି ନୂଆବଉ ଦେବୀ । ମୋତେ ଜଣାଥିଲା—ନୂଆବଉ ମୋର ସତବଉ, ଯେ ମରି ଯାଇଛି ବୋଲି ଲୋକେ କହୁଛନ୍ତି ସେ ମିଛ । ମୁଁ ବୁଝିଥିଲି, ମା ବୋଧେ ଖାଲି କଥା—ଅସଲ ନୂଆ ବଉଟା ସତ । ମୋର ଧାରଣା ଥିଲା, ମା ଠାରୁ ନୂଆବଉ ବଡ଼ । ମୁଁ ଭାବିଥିଲି ନୂଆବଉ ମୋର ନୂଆବଉ ଅଉ ମା' ବି; ସେଥିପାଇଁ ସେ ଏତେ ବଡ଼ ।

ଯେଉଁ ବର୍ଷ ଗାଁ ସ୍କୁଲରେ ପାଠପଢ଼ା ସାରି ମାଇନର ପଢ଼ିବାପାଇଁ ସହରକୁ ବିଦେଶ ବାହାରିଲି ସେତେବେଳେ ନୂଆବଉ କାନ୍ଦି ପକାଇଲେ । ମୁଁ ନୂଆବଉଙ୍କୁ କୁଣ୍ଢେଇ ପକାଇଲି '... ..

ହଁ, ଅଛନ୍ତି । ହଁ, ସେଇ ନୂଆବଉ । ସେ ମୋତେ ସତ୍ୟାଗ୍ରହ କରିବାକୁ ଛାଡ଼ି ଦେଇଛନ୍ତି । ମୁଁ ଯାହା ଇଚ୍ଛା ତା'କରେ ସେ ଆପତ୍ତି କରିବେ ନାହିଁ ।

ନୂଆବଉଙ୍କର ଦୁଇଟି ପିଲା । ଗୋଟିଏ ବାର ତେର ବରଷର ପୁଅ । ଆଉ ଝିଅଟିଏ ଛୋଟ—ଚାରି ପାଞ୍ଚ ବରଷ ହେବ ।

ସମସ୍ତେ କହନ୍ତି ବି ସେଇଆ । ନୂଆବଉ ତାଙ୍କ ପୁଅଙ୍କଠୁଁ ମୋତେ ବେଶୀ ଭଲ ପାଆନ୍ତି । ମୁଁ ବି ମନେ କରେଁ ସେଇଆ ।

ଉପରକୁ ଦେଖିଲେ—

ନୂଆବଉ ତାଙ୍କ ପୁଅଙ୍କ ପାଇଁ ଯେତେ ବ୍ୟସ୍ତ ଥାଆନ୍ତି ମୋ ପାଇଁ ସେତେ ବ୍ୟସ୍ତ ରହି ପାରିବା ଅସମ୍ଭବ । ତା'ପରେ ସେମାନେ ପୁଅ । ମୁଁ ବଡ଼ ହୋଇ ଗଲିଣି । ମୋର ନିଜକୁ ନିଜେ ସମ୍ଭାଳିବାର ଶକ୍ତି ହେଲିଣି । ନୂଆବଉଙ୍କର ସାହାଯ୍ୟ ମୋର ସେତେ ଦରକାର ପଡ଼େ ନାହିଁ । କିନ୍ତୁ ତା'ବୋଲି ଯେ ନୂଆବଉ ମୋତେ ଆଗଠୁଁ କମ ଭଲ ପାଉଛନ୍ତି ଏକଥା ମୁଁ ସ୍ୱପ୍ନରେ ବି ଭାବେ ନାହିଁ ।

\+ + +

ଗୋଟାଏ ଛୋଟ କଥା । ନିହାତି ଛୋଟକଥା, ମୁଁ ଏତେ ନୀଚମନା ଏତେ କଦର୍ଯ୍ୟ ଲୋକ ବୋଲି ମୋତେ ଘୃଣା କରୁଚ ନାହିଁ ତ ?

ଆପଣ ଶୁଣନ୍ତୁ । ଘୃଣାକଲେ ବି ଦୁଃଖ ନାହିଁ । ମଣିଷର ହୃଦୟଟା ହୃଦୟ—ସେ ଯେଉଁ କାମଘଟାରେ ଗଢ଼ା ତାଠୁଁ ଅନ୍ୟ କୌଣସିରେ ତା ତୁଳନା ହୋଇ ପାରିବ ନାହିଁ । ସେ ଯେତେ ଦୁର୍ବଳ ହେଉ, ସେ ହୃଦୟ । ସେ ଯେତେ ନୀଚ ହେଉ ତାକୁ ଆପଣ ହୃଦୟ ଠାରୁ ଆଉ କି ନୀଚ ପଦାର୍ଥ ସାଙ୍ଗରେ ତୁଳନା କରିବେ ?

ହୃଦୟଟା ନୀଚ—ଆପଣ ଯାହାକୁ ବଡ଼ ବୋଲି କହୁଛନ୍ତି—ତାଙ୍କ ହୃଦୟଟା ଖାଲି ଅ—କଥଟା ।

ହୃଦୟକୁ ସମ୍ଭାଳି ରଖିବା ବଡ଼ କଠିନ, ହୃଦୟ ଲାଗି ଯାଏ ଆଖି ପିଛୁଳାକେ—ବଡ଼ ସହଜରେ ।

ପଛାରେ ଦଉଡ଼ ଦଉଡ଼ ଆସିଲି, ବେଶ୍ ବଡ଼ ଗରମ । ପିଇବ ଜଳ—ଜଳୁଥାଏ, ମୁଁ କହିଲି

ନୂଆବଉ, ଟିକିଏ ଦହି ସରବତ୍ କରି ଦିଅନ୍ତୁ !

ନୂଆବଉ ମନାକଲେ—'ଦହି ନାହିଁ ।' ବଡ଼ ଦୁଃଖିତ ହେଲି ମୁଁ ।

ବାଗ୍ରଯାକୁ ଗଲି । ହଠାତ୍ ମନେ ପଡ଼ିଲା—ଯଉ ଲେମ୍ବୁ ଥାଏ । ମୁଁ ପୁଣି ଫେରିଲି ।

ଭଣ୍ଡାର ଘରେ ନୂଆବଉ ଥିଲେ ।

ସେ ଫୁସ୍ ଫୁସ୍ କରି କହୁଥିଲେ— 'ଦହିଟକ ଏଇଠି ଖାଇଦେ—ଭଲ ହେବ ।'

ଘରେ ନରେନ୍—ତାଙ୍କ ପୁଅ—୭।୮ ବର୍ଷର ପିଲା ।

× + ×

ଅନେକ କଷ୍ଟରେ ତାଙ୍କୁ ପଚାରିଲେ, ତାର ଉତ୍ତର ଦେଇ ଦେଇ ପାରନ୍ତି ନାହିଁ । ସେ ଧକ୍କା ହୋଇ ଚାଲି ଯାଇଥିଲା ମୁଁ ଜାଣେ । ତା ପରେ ଆଉ କ'ଣ ହେଲା, କୁଆଡ଼େ ଗଲା, କେଉଁଠି ରହିଲା ତାର ପତ୍ତା ମିଳିଲା ନାହିଁ । ସଭ୍ୟ ସମିତି ମେଳା ହାଟ ଯେଉଁଠିକି ଯାଏଁ ମୋ ମନ ତାକୁଇ ଖୋଜି ବୁଲେ ।


## ଜରାଘ୍ନ

ଏହାକୁ ସେବନ କଲେ ସ୍ତ୍ରୀମାନଙ୍କର ଜରାୟୁ ସଂବନ୍ଧୀୟ ଯାବତୀୟ ରୋଗ ଆରୋଗ୍ୟ ହୋଇ ଶରୀର ହୃଷ୍ଟ ପୁଷ୍ଟ ଓ ବଳିଷ୍ଠ ହୋଇଥାଏ । ଶ୍ୱେତ ପ୍ରଦର, ରକ୍ତ ପ୍ରଦର, ବାଧକ, ରଜଃ କଷ୍ଟ, ଅତିରଜ, ବନ୍ଧ୍ୟା ଦୋଷ, ମୃତବତ୍ସା ଦୋଷ, ପ୍ରଭୃତି ଏଥିରେ ସମୂଳେ ବିନଷ୍ଟ ହୋଇ ପୁଷ୍ଟ ସବଳ ଓ ଦୀର୍ଘଜୀବୀ ସନ୍ତାନ ଗର୍ଭ ଧାରଣ କରିବାର କ୍ଷମତା ହୋଇଥାଏ ।

ମୂଲ୍ୟ—୧୬ ମାତ୍ରା ପୂର୍ଣ୍ଣ ଶିଶିକୁ ଏକଟଙ୍କା ମାତ୍ର

ଏକାଠି ତିନିଶିଶି ନେଲେ ଦୁଇଟଙ୍କା ଆଠଅଣାକୁ ମିଳିବ । ଡାକଖର୍ଚ୍ଚ ଏହାଠାରୁ ଅଧିକ ଦେବାକୁ ପଡ଼ିବ ।

ପ୍ରାପ୍ତିସ୍ଥାନ—କବିରାଜ—ଶ୍ରୀଧରଗର୍ଗ ବୈଦ୍ୟ ଭିଷଗାଚାର୍ଯ୍ୟ—ଆୟୁର୍ବେଦିକ୍ ଫର୍ମାସୀ, ଭୁବନେଶ୍ୱର—ପୁରୀ ।


Digitized by srujanika@gmail.com



# ହାହା ଡାଗା ଡୋଗା

ଟଙ୍କା ଚୋଳ ନେବା ଅଭଦ୍ରତା । କିନ୍ତୁ ଆଜିକାଲି ଟଙ୍କିଆ ନୋଟ ଯୁଗରେ ଆଉ ଅଭଦ୍ର ହେବ ଭୟରେ ନାହିଁ ।

× × ×

ପୁରୁଷର କର୍ତ୍ତବ୍ୟ ଟଙ୍କା ରୋଜଗା (ରୋଜଗାର କରିବା) ଓ ସ୍ତ୍ରୀର କର୍ତ୍ତବ୍ୟ ତାକୁ ଖପେଇ ଦେବା ।

\+ + +

ଜାଆଁରେ ଚୋଟ ଲାଗିଲେ ଘୁନା ଚାହିଁ ଯାଏ । କ୍ଲାସରେ ପଢିଲେ ମସ୍ତିଷ୍କ ଚାହିଁ ଯାଏ, ତେଣୁ ମସ୍ତିଷ୍କ ଘୁନା ହୁଏ ।

× × ×

ମନୁଷ୍ୟର ଜୀବନକାଳ ଏତେ ଅଳ୍ପ —କେଉଁ ଭରସା ପାଇଁ ।

× × ×

ଆତ୍ମଜୀବନୀ ଅର୍ଥ ଆତ୍ମହତ୍ୟା ।

× × ×

ପାପ ହୃଦୟ ବା ଗୁପ୍ତ ହୃଦୟକୁ ଲୁଚେଇବାର ବାହାଦୁରିହିଁ ସ୍ତ୍ରୀମାନଙ୍କ ଠାରେ ଏହି ଯୁଗର ଶ୍ରେଷ୍ଠ କଳା ।

× + ×

ସ୍ତ୍ରୀଲୋକେ କହନ୍ତି—ପୁରୁଷର ମନ ଭାଙ୍ଗିଯାଏ କିନ୍ତୁ ସ୍ତ୍ରୀର ମନ ଭାଙ୍ଗେନାହିଁ।

ବୋଧେ ସ୍ତ୍ରୀ ଲୋକମାନେ ଚେଞ୍ଜର ମନକୁ ପରିବର୍ତ୍ତନ (change) କରନ୍ତି ତୋଳି ।

× × ×

ଯିଏ ଖଦଡ଼ ପିନ୍ଧେ ତାର ମନଟା ଖଦଡ଼ ନୁହେଁ । × × ×

ମଣିଷର ଦେହ ବୁଢ଼ା ହୁଏ କିନ୍ତୁ ହାତ ଘାନ ଜିଭ କେବେ ବୁଢ଼ା ହୁଏନାହିଁ ।

× + ×

ନେହ୍ର ନେହ୍ର ହଜାରରେ ଗୋଟିଏ ରୂପଯୁକ୍ତା କନ୍ୟା ଖୋଜେ ଚୋହ୍ଲା ହଜାରେ ସାଙ୍ଗରେ ଗୋଟିଏ କନ୍ୟା ଯୋଗେ ।

× × ×

ଗଛେତ ଦୁଧ ଦିଏନାହିଁ—ଦୁଧ ଦିଏ ଗାଈ ।

× × ×

କୁକୁଡ଼ା ଅଣ୍ଡା ଦିଏ—ପଠାଣୁଣୀ ନୁହେଁ ।

× × ×

ଯିଏ ମଠକୁ ଯାଏ ସେ ପାତ୍ରଳ ଖାଏ ଅନ୍ୟ ଠେଲି ବି ଖାଏ ।

\+ + +

ବିବାହ ଏପରି ଏକ ପ୍ରାସାଦ—ଯେ ଭିତରେ ଥାଏ ସେ ବାହାରକୁ ଆସିବାକୁ ଚାହେଁ ଓ ଯେ ବାହାରେ ଥାଏ ସେ ଭିତରକୁ ଯିବାକୁ ଚାହେଁ ।

ସେଥିପାଇଁ ବିବାହ ପ୍ରାସାଦ କେବେ-କେବେ ଖାଲି ପଡ଼େନାହିଁ ।

× × ×

ଯଦି ଦୁନିଆରେ ଭଦ୍ରଲୋକ ହୋଇ ଭଦ୍ରଲୋକ ସାଙ୍ଗରେ ମିଶିବାକୁ ଚାହଁ ତେବେ ଖାଣ୍ଟି ନ ହୋଇ ମିଶା ହୁଅ ।

× + +

ସ୍ୱାମୀ ଯଦି ବେଶି କଥା ନ କହେ, ବୁଝିବ ଯେ ସେ ବଡ଼ ଭଦ୍ର ।

\+ × +

ସ୍ତ୍ରୀ ଯଦି ବେଶୀ କଥା ନ କହେ ବୁଝିବ ଯେ ସେ ଖଳା ।

× + +

ପ୍ରେମ ପଙ୍କରେ ପଡ଼ି ଉଠିବାକୁ ଚେଷ୍ଟା କଲେ ଅଧିକ ଗୋଡ ପଶିଯାଏ ।


## ଏକଟଙ୍କା ଚାରିଅଣାରେ ଚାଳିଶି ଘଡ଼ି ୩୯୬୪

## ମନୋହର ଉପହାର



ଯେ ଅନୁଗ୍ରହ ସୁବାସିତ ଅଟୋ ରେଜ ଛ' ଶିଶି ବା ଛ' ଶିଶି କ୍ରିମି ନାଶକ ମଲମ, ଏକୋଇନ ଏକଟଙ୍କା ଚାରିଅଣା ଦେଇ କିଣିବେ, ସେମାନେ ବିନା ମୂଲ୍ୟରେ ଦୁଇଟି ନିକେଲି ପ୍ରକାର ଉତ୍ତମ ରିଷ୍ଟୱାଚ, ଗୋଟିଏ ଉତ୍ତମ ଟାଇମପିସ୍, ଗୋଟିଏ ସେଫଟି ରେଜର, ଗୋଟିଏ ଝିଅବହେବା ବ୍ରୁଚ, ଏକ ପ୍ୟାକେଟ ପାଉଡର, ଗୋଟିଏ ପାନିଆ, ଗୋଟିଏ ହାରୁନ, ଏକସେଟ ବୋତାମ, ଗୋଟିଏ ବ୍ରସ, ଗୋଟିଏ ଫାଉଣ୍ଟେନ କଲମ, ଗୋଟିଏ ଟର୍ଚ୍ଚ ଓ ଅନ୍ୟାନ୍ୟ ସୁନ୍ଦର ପଦାର୍ଥ ପାଇବେ ବା ଗୋଟିଏ ଲିଭର ପକେଟ ଘଡି, ଯାହାକୁ ଥରେ ଚାବି ଦେଲେ ୩୬ ଘଣ୍ଟା ଚାଲେ ଓ ଦଶବର୍ଷ ପାଇଁ ଗ୍ୟାରେଣ୍ଟି ଦିଆ ଯାହା ପାଇବେ ।

ଟିକଟ ଓ ପ୍ୟାକିଂ ଖର୍ଚ୍ଚ ବାରଅଣା ଅଧିକ ।

The American Commercials Stores.

Post Box No. 12213 Calcutta,


Digitized by srujanika@gmail.com




## ଗରମଓଠ

କାହା ଆଖିକୁ କ'ଣ ସୁନ୍ଦର ଦିଶେ ତାର ଗୋଟାଏ ଧରାବନ୍ଧା ନିୟମ ନାହିଁ । ବିଭିନ୍ନ ଲୋକର ଦୃଷ୍ଟିରେ ସୌନ୍ଦର୍ଯ୍ୟର ସୃଷ୍ଟି ସ୍ୱାତନ୍ତ୍ର୍ୟ ଥାଇପାରେ । ଅଫ୍ରିକାସ୍ଥ ସାରସ କଣ୍ଡିନ୍ ଦ୍ୱୀପରେ ଏକ ଅଦ୍ଭୁତ ସୌନ୍ଦର୍ଯ୍ୟର ଧାରଣା ଅଛି । ସେଠାରେ ଲୋକଙ୍କର ଓଠକୁ ଯେପରି ଭାବରେ ବିରୂପ କରି ଦେବାର ପ୍ରଥା ଅଛି, ତାହା ପୃଥିବୀର ଅନ୍ୟତ୍ର ଦେଖାଯାଏ ନାହିଁ । ସେମାନଙ୍କର ଓଠ ଦୁଇଟି ପୋଡ଼ା ହୋଇ ଏପରି ବଡ଼ କରାଯାଏ ଯେ ତଳ ଓଠରେ ପ୍ରାୟ ୧୪ ଇଞ୍ଚ ଗୋଟାଏ ଥାଳିଆ ରହି ପାରିବ । ଓଠ ଏପରି ବଡ଼ ହେବା ଫଳରେ ଲୋକଙ୍କ ଖାଇବା ଅସମ୍ଭବ ହୋଇଯାଏ । ତେଣୁ ତରଳ ଖାଦ୍ୟରେ ବଞ୍ଚିବାକୁ ହୁଏ । କଥା କହିବା ମଧ୍ୟ ଅସମ୍ଭବ ହୁଏ । ସାମାନ୍ୟ ପଦେ କଥା କହିଲେ ଲାଳ ତାହାର ଉପରେ ପଡ଼େ । ବାଳିକାଟିଏ ଗ୍ୟରବର୍ଷର ହେବାକ୍ଷଣି ଭାବିସ୍ୱାମୀ ତା ଦୁଇ ଓଠରେ ଅସି କୁଣ୍ଠା ଛୁରୀରେ କଣା କରି ଦେଇ ଛୋଟ କାଠର ଖଣ୍ଡ ମାରିଦିଏ । ଅଳ୍ପ ବର୍ଷରେ ବେଶୀ ମୋଟର ଖଣ୍ଡ ଦେଇ ସେ ଯୁବତୀ ହେବା-ବେଳକୁ ତାର ଓଠକୁ ଏକ ସୌନ୍ଦର୍ଯ୍ୟର ଆଧାର କରିଦିଆଯାଏ ଯହିଁରେ କି ତୃପ୍ତିର ଅବସାଦ ଥାଏ ନାହିଁ । ରାତିରେ ସ୍ତ୍ରୀ ତାର ଏହି ଦୀର୍ଘ ଓଷ୍ଠକୁ ପୁରୁଷର କାନ୍ଧ ଉପରେ ରଖି ଶୁଏ । ପୁରୁଷ ତଦ୍ୱାରା ନିଶ୍ଚିନ୍ତ ହୋଇ ଶୁଏ କାରଣ ସେ ଜାଣିପାରେ ଯେ ତାର ସ୍ତ୍ରୀକୁ କେହି ଚୋରି କରି ନେଇ ନାହିଁ ।

\+ \+ \+

## ପକ୍ଷ୍ମପାତ

ଗୋଟିଏ ପକ୍ଷ୍ମପାତ କରିବାକୁ କେତେ ସମୟ ଲାଗେ ତାହା ସମସ୍ତେ ଜାଣନ୍ତି ନାହିଁ । ଡକ୍ଟର ଜେ, ଏଫ୍ ନଉମ୍ଭଲର ପର୍ଯ୍ୟବେକ୍ଷଣ କରି ୯ଟି ପକ୍ଷ୍ମପାତର ଫଟ ନେଇ ଦେଖିଛନ୍ତି ଯେ ଏହାର ଚଉଦଟି ପ୍ରକାର ଭେଦ ଅଛି । ସାଧାରଣ ପକ୍ଷ୍ମପାତ ଚଞ୍ଚଳତମ । ତାହା ଏକ ସେକେଣ୍ଡର ଏକ ଅଷ୍ଟମାଂଶ ବା ଏକ ଚତୁର୍ଥାଂଶ ସମୟ ନିଏ । ଚଞ୍ଚଳ ପକ୍ଷ୍ମପାତକୁ ⅓ ସେକେଣ୍ଡ ଲାଗେଓ କ୍ଲାନ୍ତ ପକ୍ଷ୍ମ-ପାତକୁ ½ ସେକେଣ୍ଡରୁ ପୂରା ସେକେଣ୍ଡ ଲାଗିଥାଏ ଅଧିକନ୍ତୁ ମଧ୍ୟ ତେଷ୍ଟ ଓ ପଲକ ପାତ ମଧ୍ୟରେ ଫାଟ୍ ଅଛି ବୋଲି ସେ କହନ୍ତି । ଆମ୍ଭେ-ମାନେ ପଢ଼ୁଥିବା ବେଳେ ମଧ୍ୟ ଚଞ୍ଚଳ ଅଗୋଚରରେ ପଲକପାତ କରିଥାଉ ।

\+ \+ \+

## ଲବଣ ସାଗର

ଆମ୍ଭେମାନେ ସାଧାରଣତଃ ଧାରଣା କରି ଥାଉଁ ଯେ ସବୁ ସମୁଦ୍ରର ପାଣି ଏକା ରକମ ଲୁଣିଆ ହୋଇଥିବ । କିନ୍ତୁ ବାସ୍ତବରେ ତା ନୁହେଁ । ସାଧାରଣତଃ ବଡ଼ ବଡ଼ ମହା-ସାଗର ମାନଙ୍କରେ ଶତକରା ୩ ଲୁଣ ଥିବାର ଦେଖାଯାଏ । କିନ୍ତୁ କେତେ ଗୁଡ଼ିଏ ମୃତ ସାଗର ଅଛି ସେଠାରେ ପାଣିରେ ଶତକଡ଼ା ୨୪, ଲୁଣ ମିଳେ । ପୃଥିବୀର ଗୋଟିଏ ହ୍ରଦରେ ସବୁଠାରୁ ବେଶୀ ଶତକଡ଼ା ୨୮ ଭାଗ ଲୁଣ ଦେଖାଯାଏ । ତାହା ଅମେରିକାସ୍ଥ ବୃହତ୍ ଲବଣ ହ୍ରଦ ( Great salt lake ) ଇଶ୍ୱରଙ୍କ ଜଡ଼ିଆ ହ୍ରଦରେ ଶତକରା ୧୫ ଭାଗ ଲବଣ ଅନ୍ୟାନ୍ୟ ସାଗର ମାନଙ୍କ ମଧ୍ୟରୁ କାସ୍ପିଅନ୍ ହ୍ରଦରେ ସବୁ ନ୍ୟୂନ ଶତ-କଡ଼ା ୧ ଭାଗ ଲବଣ ୧୪ଟି ତାଠାରୁ ସାମାନ୍ୟ ବେଶୀ ଶତକଡ଼ା ୨ ଭାଗ ଲବଣ ଭୂମଧ୍ୟର ଭନ ହ୍ରଦରେ ମିଳେ ।

× ×

ଆମ୍ଭେମାନେ ଜୀବନର କେତେ ସମୟ ନଷ୍ଟ କରୁ ତାର ଗୋଟାଏ ହିସାବ ସଂଗ୍ରହ କରା-ଯାଇଛି । ଖାଇବାବେଳେ କୌଣସି ଜିନିଷ ପାଇଁ ଜିନିଷ ଆସିବାକୁ ଅପେକ୍ଷା କରିବାରେ ଯେତେ ସମୟ ଯାଏ, ହିସାବ ଯୋଗେ ସେଥିପାଇଁ ଆମର ଦିନଦିନ ନଷ୍ଟ ହୁଏ । (ଏଠା ନିୟମାନୁବର୍ତ୍ତୀ ଇଂରେଜମାନଙ୍କ ପକ୍ଷରେ—ଆମ ପକ୍ଷରେ ତେର ବେଶୀ ହେଉଥିବ । ) ଆମ୍ଭେମାନେ ଗୋଟାଏ କଥାକୁ ବାରମ୍ବାର କହି ଯେତେ ସମୟ ନଷ୍ଟ କରୁଁ ତାହା ବର୍ଷରେ ୬୦ ଘଣ୍ଟା ହେବ । ଅନିଶ୍ଚିତତା, ଗୋଟାଏ ବଡ଼ ସମୟ ଚୋର । ଆମ୍ଭେମାନେ କୌଣସି କାମ କରିବାକୁ ନିଷ୍ପତ୍ତି କରିବା ପାଇଁ ଯେତେ ସମୟ ନେଉ ଦିନରେ ପ୍ରାୟ ସେଥି ଲାଗି ଆମର ୧୫ ମିନିଟ ଚାଲିଯାଏ । ପ୍ରତ୍ୟେକ ପକ୍ଷିଷ ତାହାର ହାତ୍ହାର ଜୀବନର ଦଶ-ଭାଗରୁ ଭାଗେ ସମୟ ଅଯଥା ନଷ୍ଟ କରେ । ( ବେଶୀ ଖୋଇବାଠାକୁ ଛାଡ଼ ) ଖାଇବା ପଦାର୍ଥ ଅପେକ୍ଷାରେ ତାର ହାତ୍ହାର ଅମୂଲ୍ୟ ଅଢ଼େଇ ବର୍ଷ ଚାଲିଯାଏ, ବାହାର ଡାକକୁ ଜବାବ ଦେବାରେ ବର୍ଷେ, କାମକୁ ଯିବାପାଇଁ ଦେଢ଼ ବର୍ଷ ଓ କୌଣସି ଜିନିଷ ନେବାପାଇଁ ବା ଥିଏଟର ସିନେମା ଟିକେଟ କିଣିବାପାଇଁ ଧାଡ଼ିରେ ଠିଆ ହେବାରେ ଦେଢ଼ ବର୍ଷ ନଷ୍ଟ କରେ ।



Digitized by srujanika@gmail.com




ହନୁକରଣ

# ଦାନ୍ତ ପ୍ରୀତି

ଲେଖକ—କପିବର ହନୁମନ୍ତ ନଭଲାନବିସ

( 'ଗାଇବ କି ଗାନେ ମୋହିବ କି ତାନେ ଆଜି ଏ ଅନନ୍ଦ ଧାମେ' ଅନୁକରଣରେ )

ଗାଇବ କି ଗାନ ଖାଇବ କି ପାନ
ଦାନ୍ତର ଗଲାଣି ପଣ
ଫାଙ୍ଗୁଲା ପାଟିରେ ବେଙ୍ଗଲା ପଡ଼ୁଛି
କଥା ଯାଉଅଛି ଉଡ଼ି ।
ଦାନ୍ତର ସେଦିନ ଆଜି ଅବା କାହିଁ
ଚୂନା କରୁଥିଲି ପାଣିକି ଗୁଣ୍ଡାଇ
(ଏବେ) ଗୁଣ୍ଡି ପାନ ଖଣ୍ଡେ ଖାଇଲି ବେଳକୁ
ପିକ ପଡ଼ୁଅଛି ଗଡ଼ି ।
ଗୋଟା ଗୋଟା ଖାସି ଫାଡ଼ୁଥିବ ହାଡ଼
ପେଷିଦେଇ କରୁଥିଲିଟି ଚୁରଡ଼
(ଏବେ) ଗଲା ଦାନ୍ତକାଠି ଘସି ହେଉନାହିଁ
ଚଳାଉଛି ଫୁଲଖଡ଼ି ।
ନଡ଼ିଆର କଥା କହିବ ବା କିସ
ସଜନା ନାଡ଼ିକ ହୋଇଲାଣି ବିଷ
ଜୀବନ ବଳିଲେ ପାକୁଳି ପାକୁଳି
ଗୁଣ୍ଡିଅଛି ଫଳବଡ଼ି ।

ଛଅରାଗ ଆଉ ଛତିଶ ରାଗିଣୀ
ଦାନ୍ତ ଅଗେ ହେଉଥିଲେ ଗଣିଗଣି
ଷୋଳ ହଳ ଯାକ ଝଲକୁଟି ଦେଲେଟି
ମୁକ୍ତା ପଡ଼ୁଥିଲା ଝଡ଼ି ।
ଆଜି କି ଅଛି ସେ ପୂରୁବ ଗୌରବ
ସେ ବୈଭବ ହେଉନାହିଁ ଅନୁଭବ
କର୍ପୂର ଖଲାଣି କନା ବି ଗଲାଣି
ରହିଅଛି ଖାଲି ଠଡ଼ି ।
ନବ ଢଙ୍ଗେ ଟାଣି ଉଠେ ଆଜି ମାଡ଼ି
ଦେଖି ମାୟା ଦନ୍ତ (false teeth) ଫୁଲିଉଠେ ଛାତି
ପୂର୍ବ ସ୍ମୃତି ସବୁ ଖୁଣ୍ଟି ହୋଇ, ଯେତେ—
ଜଡ଼ତା ଦେଲାଣି ଛାଡ଼ି ।
ଯେ କେତୁଟା ଅଛି ହୋଇ ଛଡ଼ାଛଡ଼
କଲିକତା ଯାଇ ଦେବିଣ ଉପାଡ଼ି
ବାନ୍ଧି ସୁନା ଦାନ୍ତ ପୂରି ଦୁଇଧାଡ଼ି
ଦେବ ତୁମ ଭାନ ମୋଡ଼ି ।

---


## ନିଶ୍ଚୟ! ନୋହିଲେ ୫୦ଙ୍କା ପୁରସ୍କାର ।

ସକଳ ପ୍ରକାର ଜ୍ୱର ଓ ବର୍ଦ୍ଧିତ ପ୍ଳୀହା ଯକୃତ ପାଇଁ 'ଜ୍ୱରଜୟ ଭୈରବ' ବ୍ୟବହାର କରନ୍ତୁ । ଡବା—୧୲ ଧ୍ୱଜଭଙ୍ଗ, ଶୁକ୍ରତାରଲ୍ୟ ଲିଙ୍ଗର ଶିଥିଳତା ପାଇଁ 'କାମଦେବଘୃତ' ବ୍ୟବହାର କରନ୍ତୁ । ମାସକୁ ୫୲ । ଅସାଧ୍ୟ ଶୂଳ, ବାନ୍ତି, ପେଟଫୁଲିବା, କୋଷ୍ଠ କାଠିନ୍ୟପାଇଁ ଯନ୍ତ୍ରକର ଚୂର୍ଣ୍ଣ ବ୍ୟବହାର କରନ୍ତୁ । ୧୪ ମାତ୍ରାକୁ ୧୲ ।

ଠିକଣା—୰ରାଜବୈଦ୍ୟ ଶ୍ରୀ ନାରାୟଣ ମିଶ୍ରଙ୍କ ପୌତ୍ର—କବିରାଜ ଶ୍ରୀ ରାଧାନାଥ ମିଶ୍ର ଆୟୁର୍ବେଦାଚାର୍ଯ୍ୟ, L. M. S.
ସାଃ ଝାଞ୍ଜିରିମଙ୍ଗଳା କଟକ ।



Digitized by srujanika@gmail.com




## ଏକ୍ଟାର

ଶ୍ରୀ ଶରତ୍ ଚନ୍ଦ୍ର ଦୀକ୍ଷିତ ।

ଏକ୍ଟାର୍ ଯଦି ହୋଇବି ମୁହିଁରେ
 ଓଡ଼ିଆ ଷ୍ଟୁଡିଓ କରି,
ସୁଖ ଖାଉଛି ମୁଁ, ଗୁରୁଠା ଦିନରେ
 ଓଡ଼ିଶା ଉଠନ୍ତା ଜଳି । ୧
ଆମ ଏ ଜାତିଟା ଏଡ଼େ ଭାରୁଆ
 ଏକ୍ଟିଙ୍ଗ୍ ନ ଜାଣିଲେ,
ଡାଇଲଗୁଡ଼ାକ ସଫରି ମାରନ୍ତି
 ଖାଲି ଫଟଫର୍ ହେଲେ । ୨
ବାଙ୍ଗାଳି ଯଦି ମୁଁ ହେଲ୍ଥ୍‌ର ପଞ୍ଚ
 ଫିଲ୍ମ କାଟନ୍ତି ଖଣ୍ଡେ,
କେବଳ ଯେ ନାୟିକା ନକେଳ ନାୟିକା
 ମାତ୍ର କରନ୍ତେ ମୁଁ ଦଣ୍ଡେ । ୩
ମୋ' ଠାଣିମାଣି ଏ ଫିଲ୍‌ଟିଙ୍ଗ୍ ଦେଖି
 ଅଟଣାଳ ଥରନ୍ତା ଧାଇଁ,
ମୋ ସଙ୍ଗରେ ଥରେ ହେଲ୍ଥ୍‌ରତା—
 ପାଇଁ 'ଜୀବନ' ହୁଅନ୍ତା ଜାଇ । ୪
'ଶ୍ରୀମତୀ ଦେଶାଇ'ଙ୍କ ସୁଧ ମନ୍ଦୁଆନ୍ତା
 ଦେଖି ମୋ ଗୁମର ଚୂଟି,
'ଶଟିନାସ୍' ତେଜେ ପାଗଳୀ ହୁଅନ୍ତା
 ଶୁଣି ମୋ ପୀରତି ଗୀତ । ୫
'ବଡ଼ୁଆ'ଙ୍କୁ ଆଉ ନ ପୁଛନ୍ତି କେହି
 ପୁଛାନ୍ତେ ସବୁଏ ମୋତେଇ,
'ଶାଇଗଲ୍' ଗୀତ ଦୂରକୁ ଫୋପାଡ଼ି
 ଶୁଣନ୍ତେ ମୋ ଗୀତ ନଟରେ । ୬
ଭାରତ ଶ୍ରେଷ୍ଠ ସୁନ୍ଦରୀ ବୋଲି
 'ନାସିମ'ର ଜେ ଖାଣି;
ଅଣି ପିଞ୍ଜୁଡ଼ାରେ ମୋହ କରନ୍ତି ମୁଁ
 ପ୍ରାଣ ଅଧାଙ୍ଗ କରି । ୭
ଏକ୍ଟାର ହୋଇ ଦେଶକୁ ଦେଖନ୍ତି
 ପାଇଲେ ଷ୍ଟୁଡିଓ ଗୋଟିଏ ।
ଫେସନ୍ କି ଶିଖା ଜାତ୍ ଖୁଟରେ ମୁଁ
 ଜାଗାନ୍ତି ବସିବ କୋଟିଏ । ୮

## ସଂଗାତ

ଲେଖକ—ସଙ୍ଗୀତ ମିଶ୍ର

ସଂଗାତେ,
ସବୁଦାମ ମୋର ହାସଲ ହେଉଛୁ କେବଳ ତୁମର ଇଙ୍ଗିତେ ।
ଦର୍ପଣ ଠାରୁ ଜଣା ତବ ଗୁଣ ଭୋକ୍ତାଙ୍କୁ ଚଷ୍ଟ ସ୍ଥାନ,
ବୀଣା-ଜଙ୍ଗା-ବାଣୀ ତାନରେ ବାଜିଲେ ଆନନ୍ଦ ହୁଅଇ ମନ ।
ନବନୀତ ମତ ଶ୍ରୀଅଙ୍ଗ ତୁମର ପଦ୍ମଫୁଲ ପରି ମୁଖ,
ଜଳାତଳେ ଗୁଚ୍ଛ ଦେଖି ତବ ସଖା ! ମିଳନ କରଇ ଦୁଃଖ ।
ବସାରନ୍ଧ୍ର ତୁମେ ହୃଦଟପ୍ପୁ ପୋଷିଛ କି ସାହସ ଅଛୁ ତବ,
ପ୍ରତାପ ତୁମର ଦେଖିଲେ ନଷ୍ଟପ୍ରୁ ଦୁଃଖର ଯିବ ଡର ।
ତମ ଠାରୁ ବଳି ରସିକ କେ ଅଛୁ ଅଜାଣାଲି ଏ ଯୁଗରେ,
ସୀତା ଜାନ୍ମି ତାର ନାଥ ନାତ ଜେତେ ଶ୍ରୀ ପଜଡର ଧରେ ।
ଫେମନା ଯେତେକ ସଂସାରେ ଅଛନ୍ତି ହେତେ କି ତମର ସର,
ଦିଲ ଭଗ୍ନ ମାଣ ଗୃହଗଲତଳେ କୁକୁର ଯିବନ୍ତି ଜଳା ।
ଜଳାଯାତ୍ରା ହେଲେ ମାଣ ନେଯାଏ ବନ୍ଧୁ ଦତ ମତ ସଥ ଗୁଲ୍,
ପବିତ୍ର ହୁଅନ୍ତି ପାଦ ପରଶରେ ଜଡଦାନ୍ତ ଧୂଳି ଚାଲି ।
ଗ୍ଲିସରିନ ତୋଳା ଜଳା ମନ ମତ କେକ୍‌ବ୍ରିଣ ଭବି ରୂଳ,
ହାଣ୍ଡୁଆଣୀ ବନ୍ଧୁ ଝୁମ୍ପା ବନ୍ଧା କଣ୍ଠ ତା ସଙ୍ଗେ ହେବନ୍ତ ଭୁଲ !
ତମେ ଠିଆହୋଇ କଥା କହୁଥିଲେ ଜାନିକା କଳର ଟେକ,
ମାଙ୍କଡ଼ ନ ଡରେ ବାଇଗଣବାଡ଼ି-ଭୂତ ମୁଣ୍ଡ-ଠେକ ଦେଖି ।
ଗାୟକଙ୍କ ତମେ ଶିରୋମଣି ସଖା ବାଟ ସାଇଗଲ୍ ଜାନ,
ଥିଏଟର, ମଞ୍ଚ, ପ୍ରତିଧ୍ୱନି ଯାଗାରେ ତମ ବାଣୀ ଜଣା ଗାନ ।
ରୂପପରି ଭାବ ଲେଖକ କେ ଅଛୁ ପୁଛି ଦେଖ ଦେଖି ଥରେ,
କେତେ ଯେ ପତ୍ରିକା ବନ୍ଦ ହୋଇଗଲା ତମ ଲେଖା ଅଭାବରେ ।
ତମ ପ୍ରେମ ଶଠେ ଗୁହାଁଗୁହାଁ ଭାବ କେତେ ଠୋକା ଦେଲେ ବୁଢ଼ୀ,
କେତେ କୁଳବଧୂ ଚରିତ୍ର ଏବେ ହୋଇ ଦେଶ ଅଣ୍ଡୁ କୋଡ଼ୀ ।
ପାଠରେ ତୁମ୍ଭ ପଣ୍ଡିତ କେ ହେବ ବୁଦ୍ଧିରେ କେ ହେବ ସମ,
ପରୀକ୍ଷା ରେ କେବେ ଦ୍ୱିତୀୟ, ତୃତୀୟ, ତଳଆଡ଼ୁ ପ୍ରଥମ ।
ଏତୁ ଗୁଣେ ତମେ ପଢ଼ିଗୁଣ୍ଡୁ ଦେଖି ପନ୍ଥା ହୁଅଇ ଖଟା,
ନିଜ କଥା ଭାବ ଭଲରେ ମୁଁ ଯାହା ଓଲଟା ହୋଇଲା ଗୋଟା ।


Digitized by srujanika@gmail.com




## ନାଗଙ୍କ କଲମରୁ

### ଗ୍ରୀସ୍ ଦେଶ

ଇଉରୋପର ଦକ୍ଷିଣ ପୂର୍ବ ଭୂଭାଗ ବଲକାନରେ ଥିବା ଗ୍ରୀସ୍ ଗୋଟିଏ ସ୍ୱାଧୀନ କ୍ଷୁଦ୍ର ରାଜ୍ୟ। ଏ ଦେଶର କ୍ଷେତ୍ରଫଳ ୪୯,୯୧୨ ବର୍ଗ ମାଇଲ। ଲୋକସଂଖ୍ୟା ପ୍ରାୟ ୬୨ (62) ଲକ୍ଷ। ଦେଶର ରାଜଧାନୀର ନାମ ଏଥେନ୍ସ। ବାର୍ଷିକ ଆୟ ୨,୯୬ ଲକ୍ଷ ପାଉଣ୍ଡ। ଏଠାରେ ବହୁ ବିଶ୍ୱବିଦ୍ୟାଳୟ ଅଛି।

ଗତ ୧୯୧୨—୧୩ ସାଲର ବଲକାନ ଯୁଦ୍ଧ ଯୋଗୁଁ ଗ୍ରୀସ ଅଟୋମାନ୍ ତୁର୍କିଙ୍କଠାରୁ ସମ୍ପୂର୍ଣ୍ଣ ମୁକ୍ତି ପାଇଲେ। କିନ୍ତୁ କ୍ରୀଟ ଦ୍ୱୀପ ତୁର୍କିମାନଙ୍କ ଅଧୀନରେ ରହିଗଲା। ସେତେବେଳେ ଗ୍ରୀସ୍‌ର ନାମଜାଦା ନେତା ମିଃ ଭେନିଜେଲସ, କ୍ରୀଟର ବାସିନ୍ଦା ଥିଲେ। ସେ ଗ୍ରୀକ୍‌ମାନଙ୍କୁ ସଂଗଠନ କରି ଅଟୋମାନ ସୁଲତାନଙ୍କ ଠାରେ ଗ୍ରୀକ୍‌ମାନଙ୍କର ଆତ୍ମନିୟନ୍ତ୍ରଣ ଦାବି କଲେ ଓ ଅଟୋମାନ୍ ସୁଲତାନ ତାହା ସ୍ୱୀକାର କରିବାକୁ ବାଧ୍ୟ ହୁଅନ୍ତି। ମିଃ ଭେନିଜେଲସଙ୍କ ଉଦ୍ୟମରେ ଗ୍ରୀସ୍‌ରେ ଜାତୀୟ ପରିଷଦ ଗଠନ ହୁଏ। ଗ୍ରୀସ୍‌ର ତତ୍କାଳୀନ ରାଜା କନ୍‌ଷ୍ଟାନଟାଇନ, ନିଜ ହାତରେ ପୌରତନ୍ତ୍ର ରଖି ରାଜ୍ୟ ଶାସନ କରୁଥାଆନ୍ତି। ସୁତରାଂ ଗ୍ରୀସରେ ପ୍ରଥମ ଗଣ-ତନ୍ତ୍ର ବୀଜ ବପନ କରନ୍ତି ମିଃ ଭେନିଜେଲସ।

ଦିନେ ଗ୍ରୀସ୍ ପରିଚାଳନା ପାଇଁ ମିଃ ଭେନିଜେଲସଙ୍କୁ ଡାକରା ପଡେ ଓ ସେ ଆସି ଗ୍ରୀକ୍ ଗଭର୍ଣ୍ଣମେଣ୍ଟ ସଙ୍ଗରେ ଯୋଗ ଦିଅନ୍ତି। ସେହି ଦିନଠାରୁ ଗ୍ରୀସ୍‌ରେ ଗଣ-ତନ୍ତ୍ର ଶାସନ ଚଳେ। କିନ୍ତୁ ଗ୍ରୀକ୍ ରାଜାଙ୍କ ସଙ୍ଗରେ ତାଙ୍କର ମତ ଅମେଳ ଘଟେ ଠିକ୍ ଗତ ମହାଯୁଦ୍ଧ ସମୟରେ। ରାଜାଙ୍କର ମତ ସେ ଜର୍ମାନୀ ପକ୍ଷ ଗ୍ରହଣ କରିବେ, ମାତ୍ର ମିଃ ଭେନିଜେଲସ ମିତ୍ର ପକ୍ଷ ସମର୍ଥନ କରନ୍ତି। ଫଳରେ ବିବାଦ ସୃଷ୍ଟି ହୁଏ ଓ ମିଃ ଭେନିଜେଲସ ବିଦ୍ରୋହ ଘୋଷଣା କରନ୍ତି। ମିଃ ଭେନିଜେଲସ୍ ପ୍ରଧାନ ସେନାପତିଙ୍କ ସାହାଯ୍ୟରେ ଗଭର୍ଣ୍ଣମେଣ୍ଟ ସ୍ଥାପନ କରନ୍ତି ଓ ରାଜା କନ୍‌ଷ୍ଟାନଟାଇନ୍, ରାଜ୍ୟ ଛାଡ଼ି ପଳାନ୍ତି।

ମହାଯୁଦ୍ଧ ପରେ ମିତ୍ର ଶକ୍ତି ଜୟଯୁକ୍ତ ହେବାରୁ ଗ୍ରୀସ୍ ତୁର୍କିର କେତେ ଖଣ୍ଡ ଜାଗା ଉପହାର ରୂପେ ପାଏ। କିନ୍ତୁ କାମାଲ୍ ପାଶା ଏଥିରେ ବାଧା ଦେବାରୁ ଶେଷରେ ଗ୍ରୀସ୍ ତୁର୍କିର ପାଇଥିବା ଜାଗା ଗୁଡ଼ିକ ଫେରାଇ ଦେବାକୁ ବାଧ୍ୟ ହୁଏ। ରାଜା କନ୍‌ଷ୍ଟାନଟାଇନ୍ ଏଥି ମଧ୍ୟରେ ନିଜ ଦେଶକୁ ଫେରି ଆସିଥିଲେ। କିନ୍ତୁ ତାଙ୍କର ରାଜ୍ୟ ପରିଚାଳନାରେ ବିଶୃଙ୍ଖଳା ଦେଖା ଦେବାରୁ ସେ ତାଙ୍କର ପୁତ୍ର ଜର୍ଜଙ୍କୁ ସିଂହାସନରେ ବସାଇ ଦେଶତ୍ୟାଗୀ ହେଲେ। ରାଜ୍ୟତନ୍ତ୍ର ଲୋକମାନଙ୍କର ସହ୍ୟ ନ ହେବାରୁ ରାଜା ଜର୍ଜ ମଧ୍ୟ କିଛି ଦିନ ସିଂହାସନ ଛାଡ଼ିବାକୁ ବାଧ୍ୟ ହେଲେ ଓ

**ନାଗବଛା ଦଳ**

**ଉଦ୍ଦେଶ୍ୟ**

୧। ଉତ୍କଳର କିଶୋର ପ୍ରାଣରେ ନବଜାଗରଣ ଆଣିବା, ଜ୍ଞାନର ପରିସର ବଢ଼ାଇବା, ଚରିତ୍ରର ବିକାଶ ଓ ସର୍ବାଙ୍ଗୀନ ଉତ୍କର୍ଷ ସାଧନ କରିବା।

୨। ଜେସରଙ୍କ ମଧ୍ୟସ୍ଥତାରେ ପତ୍ର ବିନିମୟ ଦ୍ୱାରା ତରୁଣମାନଙ୍କ ମଧ୍ୟରେ ପରସ୍ପର ଭାବର ଆଦାନ ପ୍ରଦାନ କରାଇବା ଓ ସେମାନଙ୍କ ମଧ୍ୟରେ ସ୍ନେହ ପ୍ରୀତି ଓ ସୌହାର୍ଦ୍ଦ୍ୟ ବଢ଼ାଇବା।

୩। ମାତୃଭାଷା ଓ ସାହିତ୍ୟ ପ୍ରତି କିଶୋର କିଶୋରୀଙ୍କର ଅନୁରାଗ ବଢ଼ାଇବା।

୪। ସତ୍ୟ ସେବା, ସାହସ ଓ ଅହିଂସା ସାଧନାରେ ସେମାନଙ୍କୁ ଉଦ୍‌ବୁଦ୍ଧ କରିବା।

( ୧୮ ବର୍ଷରୁ କମ ବାଳକ ବାଳିକାମାନଙ୍କ ପାଇଁ )

୧୯୨୪ ତାଂ୧୩ରିଖ ଗ୍ରୀସ୍‌ରେ ସାଧାରଣ-ତନ୍ତ୍ର ପ୍ରତିଷ୍ଠିତ ହେଲା। ତାହା ପରେ ରାଜଗାଦି ନେଇ ମିଃ ଭେନିଜେଲସଙ୍କ ଦଳ ଓ ଅନ୍ୟାନ୍ୟ ଦଳ ମଧ୍ୟରେ ଝଗଡ଼ା ଲାଗିଲା। ବିପକ୍ଷ ଦଳ ଶକ୍ତିଶାଳୀ ଥିବାରୁ ସାଧାରଣ ନିର୍ବାଚନ ଦ୍ୱାରା ମିଃ ଭେନିଜେଲସଙ୍କର ପରାଜୟ ହେଲା।

ମାତ୍ର ଏଥିରେ ସେ ବିଫଳ ମନୋରଥ ନ ହୋଇ ପୁଣି ଗଣ ଅଭ୍ୟୁତ୍ଥାନ ପାଇଁ ଚେଷ୍ଟା କରି ନିଜର ନେତୃତ୍ୱଦ୍ୱାରା ପ୍ରବଳ ବିଦ୍ରୋହ ଆରମ୍ଭ କଲେ। କିନ୍ତୁ ସରକାରୀ ଶକ୍ତି ବିଦ୍ରୋହ ଦମନରେ ସଫଳକାମୀ ହେବାରୁ ସେ ଗ୍ରୀସ୍ ଛାଡ଼ି ପଳାୟନ କଲେ। ୧୯୩୬ରେ ତାଙ୍କର ପ୍ୟାରିସ୍‌ଠାରେ ମୃତ୍ୟୁ ହେଲା।

ଜେନେରେଲ କ୍ୟାଣ୍ଡିଲିସ ମଙ୍କୋରଙ୍କ ଉଦ୍ୟମରେ ରାଜା ଜର୍ଜ ପୁଣି ସିଂହାସନର ଅଧିକାରୀ ହେଲେ। କିଛିଦିନ ପରେ ଜେନେରେଲ କ୍ୟାଣ୍ଡିଲିସ ପରଲୋକ ପ୍ରାପ୍ତ ହେଲେ। ତା ପରେ ଜେନେରେଲ ମେଟାକ୍ସାସ ପ୍ରଧାନ ମନ୍ତ୍ରୀ ହେଲେ।

କିଛିମାସ ପରେ ଜେନେରେଲ ମେଟାକ୍ସାସ ନାତ୍ସୀମାନଙ୍କ ଆଦର୍ଶରେ ଡିକ୍‌ଟେଟରି ନୀତି ଅବଲମ୍ବନ କରିବାକୁ ଲାଗିଲେ ଓ 'କମ୍ୟୁନିଷ୍ଟମାନେ ବିଦ୍ରୋହ ଷଡ଼ଯନ୍ତ୍ର କରୁଛନ୍ତି' ଏହି ଅଳରେ ପାର୍ଲାମେଣ୍ଟ ଭାଙ୍ଗିଦେଲେ। ୧୯୩୬ ଠାରୁ ସେ ତାଙ୍କର ଶେଷ ଜୀବନ ପାଇଁ ପ୍ରଧାନ ମନ୍ତ୍ରୀ ହୋଇ ରହିଲେ।

ଠିକ୍ ଏହି ସମୟରେ ବର୍ତ୍ତମାନ ଯୁଦ୍ଧର ଝଞ୍ଜା ବହିବାକୁ ଲାଗିଲା। ଏଣେ ବଡ଼ ବଡ଼ ରାଷ୍ଟ୍ର ଗୁଡ଼ିକର ଲୋଲୁପ ଦୃଷ୍ଟି ଛୋଟ ରାଜ୍ୟ ଗୁଡ଼ିକ ଉପରେ ତ ଦାଉ ସାଧିବାରୁ



Digitized by srujanika@gmail.com




# ଦେଶ

ବଙ୍ଗଳାର ନୋଆଖାଲି ଓ ବାଖରଗଞ୍ଜ ଜିଲ୍ଲାରେ ଭୟାନକ ଝଡ଼ ତୋଫାନ ହୁଏ। ସରକାରୀ ଇସ୍ତାହାରରୁ ହଜାରାଧିକ ଏବଂ ବେସରକାରୀ ଅନୁମାନରୁ ୩ ହଜାର ଲୋକ ଏହା ଫଳରେ ନଷ୍ଟ ହୋଇଥିବାର ଖବର ମିଳେ।

ଜାତୀୟ ଦଳ ମୁସଲମାନମାନେ ବମ୍ବେ କୋନ୍‌ଫରେନ୍ସରେ ଏକ ପାକିସ୍ଥାନ ବିରୋଧୀ ସଭା କରନ୍ତି।

ଭାରତ ସରକାର ଓ ଅନ୍ୟାନ୍ୟ ପ୍ରାଦେଶିକ ସରକାର ଖାକସାର ଦଳକୁ ବେଆଇନ ଘୋଷଣା କରି ବହୁ ଖାକସାରଙ୍କୁ ବନ୍ଦୀ କରନ୍ତି। ଶୁଣାଯାଏ ଭାରତରେ ଖାକସାର ଦଳସଂଖ୍ୟା ୩୦ ହଜାର।

ଭାରତ ପାଇଁ ତଳଅ ସେକ୍ରେଟେରୀ ଏକ ବକ୍ତୃତାରେ କହିଲେ କି ଯେ ଏଣିକି ଭାରତ ସରକାର ଭାରତରେହିଁ ଚଳିବ। କିନ୍ତୁ ତାଙ୍କ ଉପର ପଦ ସେକ୍ରେଟେରୀ ତଳଅଙ୍କ ଏ କଥାରେ ଭାରତର ପୂର୍ବ ଅବସ୍ଥାର କୌଣସି ପରିବର୍ତ୍ତନ ହେବନାହିଁ ବୋଲି ଜଣାଇ ଦଅନ୍ତି।

ପାର୍ଲାମେଣ୍ଟର ଜଣେକା ସଭ୍ୟ ଭାରତୀୟ ବନ୍ଧୁଙ୍କୁ ଏକ ଅନୁରୋଧ ପତ୍ରରେ କହନ୍ତି ଯେ ଯଦି ବ୍ରିଟିଶ କିଛି ଅନ୍ୟାୟ କରିଥାନ୍ତି, ତେବେ ତାହା ଭୁଲିଯାଇଁ ଏ ଯୁଦ୍ଧରେ ଇଂରାଜଙ୍କ ସାଙ୍ଗରେ କୁଣ୍ଢାକୁଣ୍ଢି ହୋଇ ଜର୍ମାନ ବିରୁଦ୍ଧରେ ଲଢ଼ନ୍ତୁ।

# ବିଦେଶ

୧୬ ଦିନ ଯୁଦ୍ଧ ପରେ କ୍ରୀଟ ଅବସାନ ହୁଏ। ଆକାଶ ବାହିନୀ ବଳରେ ହିଁ ଏହାକୁ ଜର୍ମାନ ଜୟଲବ୍ଧ କରନ୍ତି। ଫଳରେ ଭୂମଧ୍ୟସାଗରରୁ ବ୍ରିଟିଶ ଆଧିପତ୍ୟ କମେ ହ୍ରାସପାଏ। ସୁଏଜ କେନାଲର ରକ୍ଷା ସମ୍ପୂର୍ଣ୍ଣ ଭାବେ ସ୍ଥିତ ସିରିଆ ଓ ମିଶର ତଥା ଲିବିଆ ଉପକୂଳର ନିରାପତ୍ତା ଉପରେ ନିର୍ଭର କରେ। ତେଣୁ ବ୍ରିଟିଶ ସୈନ୍ୟ ସ୍ୱାଧୀନ ଫରାସୀ ସୈନ୍ୟଙ୍କୁ ନେଇ, ଜର୍ମାନ ସିରିଆ ଆକ୍ରମଣ କରୁଥିବାର ଦୋଷ ଦେଖାଇ ସିରିଆ ଅଭିଯାନ କରନ୍ତି। ସୁଏଜ ଆଧିପତ୍ୟ ପାଇଁ ସାଇପ୍ରାସ ଓ ଆଲେକ୍‌ଜାଣ୍ଡ୍ରିଆର ଯଥେଷ୍ଟ ପ୍ରାଧାନ୍ୟ ଅଛି। ଇଂରାଜମାନେ ସାଇପ୍ରାସ ଦଖଲ ଉଦ୍ୟମରେ ଅଛନ୍ତି ଓ ଜର୍ମାନମାନେ ଆଲେକଜାଣ୍ଡ୍ରିଆ ଉପରେ ଭୀଷଣ ଆକାଶ ଆକ୍ରମଣ ଚଳାନ୍ତି।

ଇରାକରେ ବ୍ରିଟିଶ ଅଭିଯାନ ପୂର୍ଣ୍ଣ ହୋଇଛି। ଅବଦୁଲ୍ଲା ଇଲା ନୂତନ ସରକାର ପ୍ରତିଷ୍ଠା କରିଛନ୍ତି। ବାଗଦାଦ୍ ମେୟରଙ୍କ ନେତୃତ୍ୱରେ ଏକ ଇରାକୀ କମିଟି ଦ୍ୱାରା ପରିଚାଳିତ ହୁଏ।

ଜର୍ମାନମାନେ ଲିବିଆରେ ସୋଲୁମ ଅଧିକାର କରନ୍ତି। କିନ୍ତୁ ଇଂରେଜମାନେ ଆବିସିନିଆରେ ଅଗ୍ରସର ହୁଅନ୍ତି।

ଆମେରିକା ଓ ଫ୍ରାନ୍ସର ଭିଚି ସରକାର ମଧ୍ୟରେ ମନୋମାଳିନ୍ୟ ବଢ଼େ। ଭିଚି ରାଜଦୂତ ସହିତ ଆମେରିକା ସରକାର ସାକ୍ଷାତ୍ ମଧ୍ୟ ଦେଲେ ନାହିଁ।

ରୁଷିଆ ଓ ଜର୍ମାନର ସମ୍ପର୍କ ନେଇ ନାନା ଗୁଜବ ଉଠେ।

ଆମେରିକାର ଅସ୍ତ୍ରଶସ୍ତ୍ର କାରଖାନାରେ ଶ୍ରମିକ ଧର୍ମଘଟ ହୁଏ। ସରକାର ଏ ସବୁ କାରଖାନାକୁ ନିଜ ହାତକୁ ନିଅନ୍ତି।

ଏଥର ରାଜଧାନୀ ଡବଲିନ୍ ଉପରେ ବୋମା ପଡ଼େ। ଏହାକୁ ଜର୍ମାନ ବୋମା ଜାଣି ଏଥ ପ୍ରତିବାଦ କରେ। ଜର୍ମାନ ଅସ୍ୱୀକାର କରେ।

ଜାପାନର ଚୀନ ଅଭିଯାନ ଅନେକ ସ୍ଥାନରେ ବ୍ୟର୍ଥ ହୁଏ।

---

( ନାଗବର ପୂର୍ବାଂଶୁମ୍ବା ଜରାରୁ )

ଚେଷ୍ଟାରେ ଥାଏ। ଜେନେରେଲ ମେଟାକ୍ସାସ୍ ହେଉଛନ୍ତି ଜର୍ମାନର ଜଣେ ପୂର୍ବ ଭକ୍ତ। ସୁତରାଂ ଜର୍ମାନୀ ନାନା ପ୍ରଲୋଭନ ଦେଖାଇ ଗ୍ରୀସକୁ ଭୁଲାଇବାରେ ଲାଗେ। ମାତ୍ର କିଜାଣି କାହିଁକି ଗ୍ରୀସ ବ୍ରିଟେନ ଆଡ଼କୁ ଶେଷରେ ଆଉଜି ପଡ଼ିବାରୁ ଜର୍ମାନର ସକଳ ଚେଷ୍ଟା ବିଫଳ ହୁଏ। ବ୍ରିଟେନ ଗ୍ରୀସକୁ ରଣକ୍ଷେତ୍ରରେ ସାହାଯ୍ୟ ଦେବା ପାଇଁ ପ୍ରତିଶ୍ରୁତି ଦିଏ ଓ ଗ୍ରୀସ ତାହା ଗ୍ରହଣ କରିନିଏ।

ଇଟାଲି ଗ୍ରୀସ ବିରୁଦ୍ଧରେ ବ୍ରିଟେନ ସଙ୍ଗରେ ଷଡ଼ଯନ୍ତ୍ରର ଅଭିଯୋଗ କରିବାକୁ ଲାଗେ ଓ ଗ୍ରୀସ ତାହା ଅସ୍ୱୀକାର କରେ। ଫଳରେ ୧୯୪୦ ଅକ୍ଟୋବର ମାସ ଇଟାଲି ଆଲବାନିଆ ଠାରୁ ଗ୍ରୀସକୁ ଆକ୍ରମଣ କରେ।

ଏ ଯୁଦ୍ଧ ଛମାସ ଧରି ଚାଲିଲା। ଗ୍ରୀକ୍ ବାହିନୀ ପ୍ରତିଆକ୍ରମଣରେ ଆଲବେନିଆର କେତେକାଂଶ ଜାଗା ଦଖଲ କରିନେଇ ସେହିଠାରେ ଦୃଢ଼ ଭାବେ ଯୁଦ୍ଧ ଚଳାଇବାକୁ ଲାଗେ। ଏହି ସମୟରେ ପ୍ରଧାନ ମନ୍ତ୍ରୀ ଜେନେରେଲ ମେଟାକ୍ସାସ ପରଲୋକ ହେବାରୁ ମିଃ ଅଲେକଜାଣ୍ଡାର କୋରିଜିସ୍ ପ୍ରଧାନ ମନ୍ତ୍ରୀ ହେଲେ। ଏଣେ ଜର୍ମାନୀ ରୁମାନିଆ, ବୁଲ୍‌ଗେରିଆ, ଦଖଲ କରିସାରିବା ପରେ ଯୁଗୋସ୍ଲାଭିଆ ଓ ଗ୍ରୀସ ଉପରକୁ ଦୃଷ୍ଟି ଦେଲେ।

ବାରଦିନରେ ଯୁଗୋସ୍ଲାଭିଆ ଅସ୍ତ୍ର ସମର୍ପଣ କଲେ। କିନ୍ତୁ ଗ୍ରୀସ ନିଜର ସ୍ୱାଧୀନତା ବଞ୍ଚାଇବାକୁ ପ୍ରବଳ ରଣରେ ସମ୍ମୁଖୀନ ହେଲେ। ଠିକ୍ ଏତିକିବେଳେ ମିଃ ଅଲେକ୍‌ଜାଣ୍ଡାର ରାଷ୍ଟ୍ର ପରିଚାଳନାର ଦାୟିତ୍ୱ ସମ୍ଭାଳି ନ ପାରି ଆତ୍ମହତ୍ୟା କଲେ। ତାଙ୍କ ପରେ ମିଃ ଜୁମୁଡୋଷ୍ ପ୍ରଧାନମନ୍ତ୍ରୀ ହେଲେ।

ଅବଶେଷରେ ସ୍ୱାଧୀନ ଗ୍ରୀସ ଦେଶ ଆଜି ତାର ସ୍ୱାଧୀନତା ହରାଇ ଜର୍ମାନୀର କବଳିତ ହୋଇଛି ଓ ତାର ସ୍ୱାଧୀନତା ଲୁପ୍ତ ପାଇଛି।

ରାଜା ଜର୍ଜ ବର୍ତ୍ତମାନ ବ୍ରିଟେନର ଆଶ୍ରୟ ନେଇଛନ୍ତି।

ଶ୍ରୀ ନରସିଂହ ଚନ୍ଦ୍ର ଦାସ ନଂ ୩୨୭ ନାଗ।



Digitized by srujanika@gmail.com



ବାପ—ଗୋଟିଏ ଅମ୍ବର ଦାମ ତିନିପଇସା ହେଲେ ଗୁଡ଼ାଏ ଅମ୍ବର ଦାମ କେତେ ?

ପୁଅ—ଗୁ—ଡ଼—ଅଣା ।

ବାପ—ତୁ ଗୋଟିଏ ଗଧ ।

ପୁଅ—ବାପା, ଗଧର ବାପ କିଏ ?

× + ×

ଶିକ୍ଷକ—ରହିମାନ୍, ତମେ ଛୁଟି ହେଲାରୁ ଆସିଲ ?

ରହିମାନ୍—ସାର୍ ମୁସଲମାନମାନଙ୍କର ସବୁ କଲଟା ଅଡ଼ୁ ହୁଏ ଯେ !

କ: କୁ: ଭା:

+ × +

ପିତା—ଉପରେ କ'ଣ ଲେଖା ଅଛି ?

ପୁତ୍ର—ଲେଖାଅଛି—'ଗୋବିନ୍ଦ ଗୋଟିଏ ମନ୍ଦ ବାଳକ । ସେ ପିତାମାତାଙ୍କ କଥା ଶୁଣେନାହିଁ ଓ ପଢ଼ାଶୁଣାରେ ମନ ଦିଏନାହିଁ ।' ମୁଁ ତ ପଢ଼େନାହିଁ— ତେଣୁ ପଢ଼ାଶୁଣାରେ ମନ ଦେବା କଥା ଉଠୁନାହିଁ ।

+ + +

ଶ୍ୱଶୁର—ତୁମର ମାସିକ ଆୟ କେତେ ?

ଜ୍ୱାଇଁ—ଏକଶତ ଟଙ୍କା ।

ଶ୍ୱଶୁର—ମୁଁ ଏକଶତ ଟଙ୍କା ଦେବି ସେଥିରେ ଚଳିବ ?

ଜ୍ୱାଇଁ—ନାଁ ଆପଣଙ୍କର ଏକଶତ ଟଙ୍କା ହିସାବ ଧରି ମୁଁ କହିଲି ।

× × +

ରୋଗୀ—ଡାକ୍ତରବାବୁ ମୁଁ ବଡ଼ ମୋଟା ହୋଇଛି, କମିଯିବାର ଉପାୟ କ'ଣ ?

ଡାକ୍ତର—ବ୍ୟାୟାମ କରନ୍ତୁ ।

ରୋ:—ନାଁ ତା କଲେ ବଡ କ୍ଳାନ୍ତ ହୋଇ ପଡ଼ିବି, ସହଜ ଉପାୟ ନାହିଁ ?

ଡା:—ଖାଲି ଉଠାବସା ହେବେ ।

+ × +

ଶିକ୍ଷକ—ଗୋବିନ୍ଦ ତୁମ୍ଭ ମୁହଁରୁ ଆଜି ଯେପରି ଗାଳି ନ ଶୁଣେ ।

ଛାତ୍ର—ଜାଣେ ସାର୍; ଗାଳି ଦେବ ପୁଣି ।

× + ×

ଶିକ୍ଷକ—ନୂଆ ଛାତ୍ରଟିର ନାମ ଉଚ୍ଚାରଣ ବୁଝି ନ ପାରି ପଚାରିଲେ— —'ହରି' କି ?

ପାଖରେ ବସିଥିବା ଅନ୍ୟମନସ୍କ ଛାତ୍ରଟି କହିଲା "ହରିନାମ" ।

ପୀତାମ୍ବର ।

---


## ଜ୍ୱର ଓ ପ୍ଲୀହା ପାଇଁ

## ଅମୃତାଷ୍ଟକ କଷାୟ
ଓ
## କଳ୍ପଲତା (ବଟିକା)

ସର୍ବଶ୍ରେଷ୍ଠ ବୋଲି ବହୁ ପ୍ରଶଂସିତ । ଏହାର ମୂଲ୍ୟ ଅଳ୍ପ ଓ ଶିଦ୍ଧ ଗୁଣକାରକ । ଓଡ଼ିଶାର ପ୍ରତ୍ୟେକ ସହର ଓ ଗ୍ରାମମାନଙ୍କରେ ଖୋଜିଲେ ପାଇବେ । ଅନ୍ୟାନ୍ୟ ଔଷଧ ତୁଳନାରେ ଏହା ମହୋପକାରୀ । ଥରେ କେବେ କିଣିଲେ ପରେ କହିବେ—

ଆପଣଙ୍କର ଗୃହଚିକିତ୍ସକ କିଏ !

## ମାତୃଶକ୍ତି

'ମା' ନଥାଇ ପିଲାଙ୍କ ଅବସ୍ଥା ଯାହା—ମାତୃଶକ୍ତି ପାଖରେ ନଥିବା ଗୃହସ୍ଥର ଅବସ୍ଥା ତାହାଠାରୁ ଶୋଚନୀୟ । 'ମା କେବଳ ଶିଶୁକୁ ନିଜ ରକ୍ତ ବିନ୍ଦୁଟି ପର୍ଯ୍ୟନ୍ତ ଦେଇ ବଞ୍ଚାଇଥାଏ, କିନ୍ତୁ ମାତୃଶକ୍ତିର ବଡ଼, ସାନ, ବୁଢ଼ା, ବୁଢ଼ୀ ଭେଦ ଭାବ ନାହିଁ । ତେଣୁ ୧୫ ବର୍ଷରୁ ଅଧିକ କାଳ ପ୍ରତ୍ୟେକ ଘରେ ସ୍ଥାନ ପାଇଛି । ଏହା ସର୍ବ ରୋଗ ନାଶକ । ଖାଇବା ଓ ମାଲିସ କରିବା ଉଭୟ କାର୍ଯ୍ୟରେ ଲାଗେ—ବ୍ୟବସ୍ଥାପତ୍ର ଶିଶି ସହ ଥାଏ । ମୂଲ୍ୟ—୧ ୦ ୫

ସମ୍ମାନ୍ୟ ଶିକ୍ଷିତା ଗୃହିଣୀ ମାନେ କବିରାଜ ଓ ଡାକ୍ତର ମାନେବି ପରୀକ୍ଷା କରି ପାରିବେ ।

ଶାନ୍ତି ଔଷଧାଳୟ—ଡାକ୍ତର ଓ କବିରାଜ— ଶ୍ରୀ ବ୍ରଜନାଥ ମିଶ୍ର M.L. A. ପୋ: ତେନ୍ତୁଳିପାଙ୍କଣା—କଟକ ।




Digitized by srujanika@gmail.com

# ଶ୍ରୀ ବ୍ରଜେନ୍ଦ୍ରନାଥ ନାୟକ ଜୁଏଲର

ଦରଘା ବଜାର, ପୋ. — କଟକ ।



ଟ ୨୦୯ଙ୍କା ପୁରସ୍କାର !

ଟ ୨୦୯ଙ୍କା ପୁରସ୍କାର !

ଭଦ୍ରବ୍ୟକ୍ତିମାନଙ୍କର ଫରମାସି ଅନୁସାରେ ଆମ୍ଭେମାନେ ଖାଣ୍ଟି ସୁନା, ରୁପା ଏବଂ ବହୁ ମୂଲ୍ୟ ପଥରରେ ନୂଆ ପ୍ରକାର ଅଳଙ୍କାରମାନ ମନ ମୁତାବକ ପ୍ରସ୍ତୁତ କରିଥାଉଁ । ଆମ୍ଭମାନଙ୍କର ବ୍ୟବସାୟ ଆରମ୍ଭ ଦିନରୁ ଆଜିଯାଏ କୌଣସି ଖଦ୍ଦେର ଆମ୍ଭମାନଙ୍କର ସାଧୁତା ସମ୍ବନ୍ଧରେ କେବେହେଲେ ସନ୍ଦେହ କରିନାହାନ୍ତି । ଆମ୍ଭେମାନେ ଏହି କାର୍ଯ୍ୟାଳୟଟିକୁ ନୂତନ ପ୍ରତିଷ୍ଠା କରିଅଛୁ ବଜାରର ଦର ଅପେକ୍ଷା ବହୁତ ସୁଲଭ ମୂଲ୍ୟରେ ଅଳଙ୍କାର ପ୍ରସ୍ତୁତ କରିଥାଉଁ ଯାହାର ଗ୍ରାହକମାନଙ୍କରେ ଆମ୍ଭେମାନେ ଯାହାଙ୍କୁ ସୁଫଳ ଦେବାକୁ ସମର୍ଥ ନାହିଁ । ପ୍ରତ୍ୟେକ ପଦାର୍ଥକୁ ତଉଲ କରି ପରୀକ୍ଷା କରିବାର ସୁବିଧା ଆମେ ଦେଇ ଥାଉଁ । କେହି କୌଣସି ପ୍ରକାର ଦୋଷ କରି ପ୍ରମାଣ କରିପାରିଲେ ଆମ୍ଭେମାନେ ଟ ୨୦୯ଙ୍କା ପୁରସ୍କାର ଦେବାକୁ ପ୍ରସ୍ତୁତ ଅଛୁଁ ସାଧାରଣଙ୍କର ସହାନୁଭୂତି ପ୍ରାର୍ଥନୀୟ —

ବିନୀତ

**ଶ୍ରୀ ବ୍ରଜେନ୍ଦ୍ରନାଥ ନାୟକ**

ଦରଘା ବଜାର, ପୋ:—କଟକ ।

---

ବ୍ରହ୍ମଦେଶରେ ପ୍ରଥମ ପ୍ରତିଷ୍ଠିତ

( ସାପ୍ତାହିକ ) **'ବର୍ମା ଓଡ଼ିଆ ପତ୍ରିକା'** (ରୟେଲ ୧୬ ପୃଷ୍ଠା)

ଏହା ଆଧିକ ପ୍ରବାସୀ ଉତ୍କଳୀୟଙ୍କ ପ୍ରଧାନ ମୁଖପତ୍ର । ଉତ୍କଳର ଶ୍ରମ-ଜୀବୀଙ୍କର ସକଳ ପ୍ରକାର ଦୁଃଖ ଦୁର୍ଦ୍ଦଶା, ବର୍ମାରେ ଭାରତୀୟଙ୍କର ପ୍ରକୃତ ଅବସ୍ଥା, ବର୍ମା ଭାରତ ପୃଥକ୍କରଣ ପରେ ବର୍ମା ସରକାର ମନୋଭାବ ଏବଂ ବର୍ମାର ରାଜନୈତିକ ପରିସ୍ଥିତି ସଙ୍ଗେ ସେଠା ଅଧିବାସୀମାନଙ୍କର ସାମାଜିକ, ରାଜନୈତିକ ଓ ଅର୍ଥନୈତିକ ଅବସ୍ଥା ସମ୍ବନ୍ଧେ ଲେଖାମାନ ଏହି ପତ୍ରିକାରେ ପ୍ରକାଶିତ ହୁଏ । ବ୍ରହ୍ମଦେଶର ବ୍ୟବସାୟର ସବୁ ଖବର ଜାଣିବାକୁ ହେଲେ ଏହି ପତ୍ରିକା ପଢ଼ନ୍ତୁ । ଏହା ବର୍ମାର ଯୁବକ କର୍ମୀ ଶ୍ରୀଯୁକ୍ତ ମଧୁସୂଦନ ମହାପାତ୍ରଙ୍କ ଦ୍ୱାରା ସମ୍ପାଦିତ ୫ ବର୍ଷ ହେଲା ।

ମୂଲ୍ୟ ୫୲୰, ଷାଣ୍ମାସିକ ମୂଲ୍ୟ ୨୲୰, ଭାରତବର୍ଷ ବାହାରେ ଦେୟ ୪୲୰ । ଠିକଣା — ପି ୭୨।୭୩, ୩୦୦ବ ରେଙ୍ଗୁନ (ବର୍ମା)

---

## ସଂବାଦ

ଆମ୍ଭେ ନୂତନ ଧରଣର ଆଦର୍ଶ ଜନ୍ମପତ୍ରିକା ପ୍ରସ୍ତୁତ କରି ଆବଶ୍ୟକ ମତେ ସର୍ବସାଧାରଣଙ୍କୁ ଯୋଗାଇ ଥାଉଁ । ଏତଦ୍‌ବ୍ୟତୀତ ସକଳ ପ୍ରକାର ଜ୍ୟୋତିଷ ଗଣନାକର ଶୁଭାଶୁଭ ଫଳ ଦର୍ଶାଇ ଥାଉଁ । ଅତଏବ ମାନ ପରୀକ୍ଷଣୀୟ ।

୧ । ଆଦର୍ଶ ଜନ୍ମ ପତ୍ରିକାର ପାରିଶ୍ରମିକ ମୂଲ୍ୟ ୫୲୰ଙ୍କା । ୨ । ସଂକ୍ଷିପ୍ତ ତାଳ ପତ୍ରରେ ଆଦର୍ଶ ଜନ୍ମପତ୍ରିକା ମୂଲ୍ୟ ୫୦୲ । ୩ । ବିବାହ ମେଳକ କୋଷ୍ଠିର ବଗ୍ଗର ୫୦୲ । ୪ । ଅନ୍ୟ ନ୍ୟଦଶା ଅନ୍ତରଦଶା, ପ୍ରତ୍ୟନ୍ତରଦଶା ଫଳ ବଗ୍ଗର ୫୲୰ । ୫ । ସଂକ୍ଷିପ୍ତ ଆୟୁର୍ଦ୍ଦାୟ ମୂଲ୍ୟ ୫୲୰ । (ଜନ୍ମର ଠିକ ସମୟ ଓ ଘଣ୍ଟା ମିନିଟ ସାଲମାସ ଦିନ ଦେବାପାଇଁ ଭୁଲିବେ ନାହିଁ)

ଠିକଣା — **ଶ୍ରୀଅନନ୍ତଚରଣ ସାହୁ** ମାଷ୍ଟର ପୁରୁଣାବଜାର, ଭଦ୍ରକ ।

## ନିଜର ପ୍ରତିକୃତି

ନିଜେ ଦେଖିଲେ

ସର୍ବାଧିକ ଆନନ୍ଦ ମିଳେ ।

ଶିଳ୍ପୀ—ଏସ୍ କଅଜିଆ

ଫଟୋ ହାଉସ, ଚୌଧୁରୀବଜାର—କଟକ

[ଓଡ଼ିଶାର ଯେ କୌଣସି ସ୍ଥାନକୁ ଯାଇ ଫଟୋ ନିଆଯାଇ ପାରେ]

printed & published at the Gopinath Press, Bhadrak, by G. C. Mahapatra and issued from Dagare Office, Bhadrak.

Digitized by srujanika@gmail.com

REG. NO. P. 441 THE DAGARO—16-6-1941.


## ମାଭୈଃ— —ମାଭୈଃ— —ମାଭୈଃ

ଯୁଦ୍ଧ ବା ଅନ୍ୟ କୌଣସି ଘଟଣାରେ ଚଞ୍ଚଳିତ ନ ହୋଇ ନିରୁଦ୍‌ବେଗ ଭାବରେ କିଛି କିଛି ସଞ୍ଚୟ କରି ନିଜର ବାର୍ଦ୍ଧକ୍ୟ ଓ ପରିବାରବର୍ଗଙ୍କ ପାଇଁ ଅର୍ଥର ସଂସ୍ଥାନ କରନ୍ତୁ। ଅନ୍ତର୍ଜାତିକ ଅନିଶ୍ଚିତତା ଓ ଆର୍ଥିକ ଦୁର୍ଗତିରେ ଜୀବନବୀମା ହିଁ ଏକମାତ୍ର ନିରାପଦ, ଲାଭଜନକ ଓ ନିର୍ଭର ଯୋଗ୍ୟ ଲଗାଣି।

ଏ ଦୁର୍ଦ୍ଦିନରେ "ହିନ୍ଦୁସ୍ଥାନ"ରେ ବୀମା କରି ବା ପ୍ରତିନିଧି ହୋଇ ଲାଭବାନ ହୁଅନ୍ତୁ।

# ହିନ୍ଦୁସ୍ଥାନ କୋ-ଅପରେଟିଭ

## ଇନସିଓରେନ୍ସ ସୋସାଇଟି ଲିଃ

ହେଡ୍ ଅଫିସ—କଲିକତା

**ସୁଦୃଢ଼ତାର ସୂଚନା—**

ମୋଟ ଚଳନ୍ତି ବୀମା—୧୭ କୋଟି ୨ ଲକ୍ଷରୁ ଉର୍ଦ୍ଧ୍ୱ। ମୋଟ ବୀମା ଫାଣ୍ଡ—୩ କୋଟିରୁ ୧୦ ଲକ୍ଷରୁ ଉର୍ଦ୍ଧ୍ୱ।

ମୋଟ ସମ୍ପତ୍ତି—୩ କୋଟି ୫୭ ଲକ୍ଷରୁ ଉର୍ଦ୍ଧ୍ୱ। ୧୯୪୦ ରେ ନୂତନବୀମାର ପରିମାଣ ୨ କୋଟି ୭୫ ଲକ୍ଷରୁ ଉର୍ଦ୍ଧ୍ୱ।

ବିଶେଷ ବିବରଣୀ ପାଇଁ ନିମ୍ନଲିଖିତ ଠିକଣାରେ ଅନୁସନ୍ଧାନ କରନ୍ତୁ!

**ଏନ୍ ଦତ୍ତ**
ସେକ୍ରେଟେରୀ
ହିନ୍ଦୁସ୍ଥାନ ବିଲ୍ଡିଙ୍ଗ୍ସ, କଲିକତା।

ଅର୍ଗେନାଇଜର—**ନରେନ୍ଦ୍ର ପ୍ରସାଦ ଦାସ**
ହିନ୍ଦୁସ୍ଥାନ କୋ-ଅପରେଟିଭ ଇନ୍‌ସିଓରେନ୍ସ ସୋସାଇଟି ଲିଃ।
ଚୌଧୁରୀବଜାର, କଟକ।

# ଦାର୍ଜିଲିଙ୍ଗ ବେଙ୍କ ଲିମିଟେଡ

## କଟକ ଶାଖା—

ଜନ ସାଧାରଣଙ୍କର ବ୍ୟବସାୟର ଉନ୍ନତି ପାଇଁ ଦାର୍ଜିଲିଙ୍ଗ ବେଙ୍କର କଟକ ଶାଖା ମଙ୍ଗଳାବାଗସ୍ଥ ବାଲୁବଜାର ଇନ୍‌ସିଓରେନ୍ସ କୋଠାରେ ଖୋଲା ହୋଇଛି। ସମସ୍ତ ପ୍ରକାର ବେଙ୍କର କାର୍ଯ୍ୟ କରାହୁଏ। ଉପରଲିଖିତ ଠିକଣାରେ ଅନୁସନ୍ଧାନ କରନ୍ତୁ।

ଓଡ଼ିଶା ଅଫିସ, ମଙ୍ଗଳାବାଗ କଟକ।




## "ଜଗନ୍ନାଥ ସାହିତ୍ୟ ସମିତି"ର

## ସଂଘର୍ଷ ଓ ନୈବେଦ୍ୟ ପ୍ରକାଶ ପାଇଛି।

**ଅଳ୍ପ ଅବଧାନରେ**

Detective କାହାଣୀ **"ମାୟାପୁରୀ"** ପ୍ରକାଶିତ ହେବ

୫ ୧ ୯ ଦେଇ ସଭ୍ୟ ହେଲେ ସମସ୍ତ ବହି ମୂଲ୍ୟରେ ଓ ପରବର୍ତ୍ତୀ ଅଳ୍ପ ଦାମରେ ନିମ୍ନଲିଖିତ ସ୍ଥାନରୁ ଅମ୍ଭ ବହି ମିଳି ପାରିବ।

(1) Utkal Book Ajency, Ranihut, (2) Saraswate Bhandar, ବାଲୁବଜାର (3) Orissa Book Emporium, ବାଲୁବଜାର (4) The Book Shall, ଚୌଧୁରୀ ବଜାର (5) The National Publishing Co. ଚୌଧୁରୀବଜାର (6) The Students' Store, ଚୌଧୁରୀବଜାର କଟକ (7) The Students' Store—ବ୍ରହ୍ମପୁର (୮) ବଳରାମ ନନ୍ଦନ ମହାନ୍ତି, Straight Mile Rood—ଜାମସେଦପୁର (୯) ମନୋହର ଦାସ, 1/3 Hidaram Banerji Lane—କଲିକତା। (୧୦) ଶ୍ରୀ ଲକ୍ଷ୍ମୀନାରାୟଣ ମହାନ୍ତି—ବାଲେଶ୍ୱର।

ଅନ୍ୟାନ୍ୟ ସ୍ଥାନରେ ଏଜେଣ୍ଟ ଆବଶ୍ୟକ। ଚିଠି ପତ୍ର ସମ୍ପାଦକ, ଜଗନ୍ନାଥ ସାହିତ୍ୟ ସମିତି, ଭଦ୍ରକ ଠିକଣାରେ ଦେବେ।


Digitized by srujanika@gmail.com




ଆମ 'ବ୍ୟଙ୍ଗଶିଳ୍ପୀଙ୍କ ସ୍ୱର୍ଗଦର୍ଶନ:--

# ସ୍ୱର୍ଗରେ ଦାସେ ଆପଣେ




ଯମଦେବ—ଏଟା ନର୍କ । ଆପଣଙ୍କ ସ୍ଥାନ ସ୍ୱର୍ଗରେ ।
ଗୋପବନ୍ଧୁ—ମୋର ଓଡ଼ିଆ ଜାତି ଯେ ପର୍ଯ୍ୟନ୍ତ ନର୍କରେ ସଡ଼ୁଛନ୍ତି
ସେ ପର୍ଯ୍ୟନ୍ତ ମୁଁ ସ୍ୱର୍ଗଭୋଗ କରି ପାରିବି ନାହିଁ ।

୫ମ ବର୍ଷ    ୩ୟ ସଂଖ୍ୟା    ଆଷାଢ଼ ପ୍ରଥମାର୍ଦ୍ଧ

Digitized by srujanika@gmail.com

# ଭ୍ରାମରୀ ରସାୟନ

ବାତରକ୍ତ ଓ କୁଷ୍ଠର ଅବ୍ୟର୍ଥ ମହୌଷଧ

ଏହା ପ୍ରାଚୀନ ଋଷିମୁନିଙ୍କ ପରୀକ୍ଷା ଦ୍ୱାରା ପ୍ରସ୍ତୁତ ହୋଇଅଛି । ବାତରକ୍ତ ଓ କୁଷ୍ଠ ପ୍ରଭୃତି ଏକଚୁଆ ବ୍ୟାଧି, ନାନା ଲକ୍ଷଣ ଭେଦରେ ପ୍ରକାର ଭେଦ ହୋଇଥାଏ । ଏହି ରୋଗ ଶରୀରରେ ଜନ୍ମିବା ପୂର୍ବରୁ ନାନାପ୍ରକାର ଛିଦ୍ର ବା ବିକୃତ ଚର୍ମ, ଦେହରେ କୋଳା ଶୀତଳ ଅବସାଦ, ମୂତ୍ରବିବର୍ଦ୍ଧ ବେଦନା ଅରୁଚି, ଅବସନ୍ନତା, ନାସିକା ଓ କର୍ଣ୍ଣରେ ସ୍ଫୀତତା ଓ କୋଷ୍ଠବଦ୍ଧତା ପ୍ରଭୃତି ଉପଦ୍ରବମାନ ଦେଖାଯାଏ । ଉପରୋକ୍ତ ରୋଗମାନଙ୍କ ଦୂରୀକରଣାର୍ଥେ ଅମ୍ଭର ଏହି "ଭ୍ରାମରୀ ରସାୟନ" ଏକମାତ୍ର ପରମ ମହୌଷଧ । ଏହା ଏକମାସ ସେବନ କଲେ ଏହାର ଉପକାରିତା ହାତେ ହାତେ ବୁଝିପାରିବେ । ଏକମାସ ସେବନ ଉପଯୋଗୀ ଔଷଧର ମୂଲ୍ୟ ୫୮/ ଭ୍ରାମରୀ ତୈଳ:—ଏହା ଦେହରେ ମାଲିସ୍ କଲେ ଦେହର ଛିଦ୍ର ପ୍ରଭୃତି ଅଚିରେ ଆରୋଗ୍ୟ ହୁଏ । ଏକଶିଶି ୫୨/ଙ୍କା ମାତ୍ର ୫୨/ଙ୍କା ମାତ୍ର ।

କାର୍ଯ୍ୟାଳୟ ଔଷଧାଳୟ

ଅମ ଓଡ଼ିଆଙ୍କ ଦାନ କର୍ ନାହାନ୍ତି । ଦାନିମାନଙ୍କ ଦାନ ଦେଖି ବଳ ରାଜା ଜଣେ ପରାଳିରେ ମୂର୍ତ୍ତି ବସାଇବେ ଭାବିଲେଣି । ସେଦିନ ସ୍ୱର୍ଗତ ସାହେବ ଗଲା ବେଳକୁ ପାରଳାର ଗଜପତି ମହାରାଜ ପୁଣି ଦେଇଗଲେ । କିନ୍ତୁ ଏଥିରୁ ତାଙ୍କ ଜବାବ ମିଳିବାରେ ତାଙ୍କ ନାମ ନ ଦେଖି ଅମ୍ଭେମାନେ ଦୁଃଖିତ ହେଲୁ । ବୋଧହୁଏ ଅଳୀରୁ ଉପାଧିପୂଜାକ ହଇଗଲ । କିମ୍ବା ଅଳୀ କଣ ହୋଇ ବାହେରେ ଲେଖିଁ ପଡ଼ିଗଲା ! ପୁଣି ଏବେ କନକାର ଧାଡ଼ା ରାହାଦୁର ମହାକାଳ ଟାଉନ ନାମର ଗୋଟିଏ ଉଦ୍ଧାରାଙ୍କ ଦାନ କରିଛନ୍ତି । ଦାନ ଏହାକୁ କୁହାଯାଏ । କନ୍ୟା ମଣ୍ଡପରେ ଲୋକ ମରଯାଇ ଏବାବେଳେ ତାକୁ ବଞ୍ଚାଇବା ପାଇଁ କେହ ନାହିଁ—କିନ୍ତୁ ମର୍ତ୍ତିପ୍ରମାଣେବାପାଇଁ ମର୍ତ୍ତିରେ ଅଭ ଟଙ୍କାପଇସାର ଅଭାବ ହୁଏ ନାହିଁ । ସେ ଯାହାହେଉ, କନକାର ବୁଢ଼ା ବୟସରେ ବହୁ ଦାନ ଭିତରୁ ଏ ଗୋଟିଏ । ଅତଏବ ସରକାର ଅସନ୍ତା ନୂଆବର୍ଷ ବେଳକୁ ହବେ ତାଙ୍କ କଥା ବିଚାର କରିବେ । ଅଭ ସାର ସାହେ, ଟଅ, ଭର୍ତ୍ତି ଇତ୍ୟାଦି ହୋଇ ନାମ ନ ଦେଇ ଯଦି ଜଗତରେ ନୂଆ ମୋଟା ପଟ, ଧୋବ ପଟ, କିମ୍ବା ମହଖି ପଡ଼ ଅଥବା କଟାଡ ନ ହେଲେ ଦ୍ଧୁଲଭର୍ ପଡ଼ ଇତ୍ୟାଦିରୁ କିମ୍ବା ଇତ୍ୟାଦି ଜଳଖି ଲାଛି ଗୋଟିଏ ନୂଆ ଅବିଷ୍କାର କରି କନକାକୁ ଦିଆ କରାଯାଏ ତେବେ ଅମ୍ଭେମାନେ ଅତ୍ୟନ୍ତ ପ୍ରୀତ ଲାଭ କରିବୁଁ ।

× + ×

ଓଡ଼ିଆ ସରକାର ଅମର ଏକାକ ପେଟିକୁଟୀ ହେଲେଣି । ମାମାନେ ଦୁଅ କନ୍ୟା ହେବାର ଛ ଦିନରେ ଷଠୀ ପୂଜା କରନ୍ତି । ଷଠୀ ପୂଜା କଲେ ଦୁଅର ପରମାୟୁ ବଢ଼େ । କିନ୍ତୁ ଏବେ ଏଇକ ମାମାନେ ଟିକିପୁଅକୁ ଷଠୀ ନ କରି ଲାଟ ସାହେବଙ୍କ ପଟ ପୂଜା କଲେ ଅୟୁ ବଢ଼ିବ । ଲାଟସାହେବଙ୍କର ଏଇ ଅୟୁ ବଳ ଦେବାର ଯମତା ଏବେ ଯେପରି ସାଧାରଣରେ ପ୍ରକାଶ ପାଇଛି ଏପରି କୁହିତ ଦେଖା ଯାଇଥାଏ । ସେ ପ୍ରଥମରୁ ତାଙ୍କ କର୍ମଚାରୀମାନଙ୍କର ପରମାୟୁ ବଢ଼ାଇ ଚାଲିଛନ୍ତି । କେବେ ପୁଣି ତାଙ୍କର ଏଇ ଏକଛତ୍ର ଶାସନର ଅୟୁ ବଢ଼ାଇବେ ଅମ୍ଭେମାନେ ତାହାର ଅପେକ୍ଷାରେ ରହିଲୁଁ ।

+ + + +

ପ୍ରବନ୍ଧପତ୍ରରେ ଅମ୍ଭେମାନେ ଇଉରୋପୀୟ ଯୁଦ୍ଧର ବ୍ରହ୍ମା, ବିଷ୍ଣୁ, ମହେଶ୍ୱରଙ୍କ ବ୍ୟଙ୍ଗଚିତ୍ର ଦେଇଛୁଁ । ଅନୁମାନଙ୍କର ମତରେ ଷ୍ଟାଲିନ୍ ବ୍ରହ୍ମା । କାରଣ ସେ ନୂଆ ଶାସନ ପ୍ରଣାଳୀର ରଚନା କରି ପ୍ରଜାସୃଷ୍ଟି କରୁଛନ୍ତି । ଅଭ ବିଷ୍ଣୁ ଅମର ପରମ ସ୍ୱାମୀ ଚର୍ଚ୍ଚିଲ । ସେ ସୃଷ୍ଟି କରାନ୍ତି ନାହିଁ କି ସଂହାର କରାନ୍ତି ନାହିଁ । ସେ ରକ୍ଷାକର୍ତ୍ତା । ଅର୍ଥାତ୍ ଯାହା ଅଛି ତାହା ରହୁ । ଯେତିକି ଅଛି ସେତିକି ରହୁ ଓ ଯାହାର ଅଛି ତାହାର ରହୁ । କିନ୍ତୁ ହିଟଲର ହେଲେ ପ୍ରଳୟଙ୍କର ରୁଦ୍ର ମହାଦେବ । ସେ ରହାନ୍ତି ଧ୍ୱଂସ—ଖାଲି ପୁରାତନର ନୁହେଁ—ନୂତନର ମଧ୍ୟ ।

—•—


## ଅତି ଗୋପନୀୟ କଥା

ଅପଣ ନିଶ୍ଚିନ୍ତରେ ହାକିମ୍ ସଯ୍ୟଦ୍ ସରଫୁଦ୍ଦୀନଙ୍କ୍ ବିଶ୍ୱାସ କରି କହନ୍ତୁ । ସମସ୍ତ ପ୍ରକାର ସ୍ତ୍ରୀ ରୋଗ, ବାଲ ରୋଗ ଓ ସ୍ନାୟୁବିକ ରୋଗର ଅବଶ୍ୟ ପ୍ରତିକାର ପାଇବେ ।

ଠିକଣା:— ହମଦର୍ଦ୍ଦ ୟୁନାନି ଦବାଖାନା

ବାଲୁବଜାର, କଟକ ।


Digitized by srujanika@gmail.com




ସେ କଥାଟା କ କଥା—ଯଉ କଥାଟା ପୃଥିବୀ ସୃଷ୍ଟି ଦିନରୁ, ଅଦାମ ଅଉ ଇଭଙ୍କ ସମୟରୁ ବି ଅବୁଝା ହୋଇ ରହିଛି ! ପାଠକେ କହି ପାରିବେ ?

ପାଠକଙ୍କ ଭିତରୁ ବାହାହୋଇଛନ୍ତି କେତେ ଜଣ ? ଖାଲି ବାହାହେଇଛନ୍ତି କେତେଜଣ, ଅବା ନୂଆ ବାହାହୋଇଛନ୍ତି କେତେ ଜଣ, ପ୍ରେମରେ ପଡ଼ି ବାହା ହେଇଛନ୍ତି କେତେଜଣ ? ପ୍ରେମରେ ପଡ଼ି ବାହା ହେଇନାହାନ୍ତି କେତେଜଣ ? ବାହାହେବା ପ୍ରେମ-ରେ ପଡ଼ିଛନ୍ତି କେତେ ଜଣ ? ପ୍ରେମରେ ପଡ଼ି ବାହା ହୋଇ ନାହାନ୍ତି କେତେ ଜଣ ? ଏସବୁର ଗୋଟାଏ ଷ୍ଟାଟିଷ୍ଟିକ୍ସ ନିଅଗଲେ ମୁଁ ମୋର କଥାଟାକୁ ଆରମ୍ଭ କରନ୍ତି । କାରଣ ଏ ପ୍ରଶ୍ନର ଜବାବ, ଏମାନଙ୍କ ମଧ୍ୟରୁ କଏ କେତେ ପର୍ସେଣ୍ଟ (ପ୍ରତିଶତ) ଠିକ୍ କହିବେ ତା'ର ବି ଗୋଟାଏ ହିସାବ ବାହାର କରିପାରନ୍ତେ ।

**ମଜାକଥା**

## ଅବୁଝା କଥା

ଲେଖକ—ଶ୍ରୀ ଜି: ମ:

କିନ୍ତୁ ସବୁ ଉତ୍ତରର ସାରତତ୍ତ୍ୱ ହେଉଛି ଗୋଟାଏ କଥା । ସତ୍ୟ ଯେମିତି, ଈଶ୍ୱର ଯେମିତି ଏହି ପୃଥିବୀରେ ଅବୁଝା କଥାଟିବି ସେମିତି ଏକ । ଭଗବାନଙ୍କୁ ଭିନ୍ନ ଭିନ୍ନ ରୂପରେ ଦେଖିଲା ପରି ଲୋକବିଶେଷରେ ଏଇ ଅବୁଝା କଥାଟାକୁ ପ୍ରକାର ପ୍ରକାର ଗ୍ରହଣ କରିଥାନ୍ତି । କିନ୍ତୁ ମୌଳିକ କଥାଟା ଏଥି ଛଡ଼ା ଭିନ୍ନ ନାହିଁ । ଯିଏ ପ୍ରକୃତ ପ୍ରେମିକ ସେ ଏହା ଭଲ କରି ଜାଣିଥିବ ।

ବିନୋଦ ମୋର ସଙ୍ଗୀ । ମୋର ମିତ । ତାର କୌଣସି କଥା ମୋ ପାଖରେ ଛପେ ନାହିଁ କି ମୋର କଉଁ କଥା ତା' ପାଖରେ ଅଛପା ରହେ ନାହିଁ । ଅସଲ କାରଣ ଆମେ ପୁରୁଷ । ପୁରୁଷଙ୍କ ପାଖରେ ଅବୁଝା କିଛି ନାହିଁ । ସବୁଦିନେ ଅବୁଝା କେବଳ ମାଇକିନିଆଙ୍କର ଏକଚାଟିଆ ।

ବିନୋଦଟା ଟିକିଏ କିନ୍ତୁ ସରମିଲା ବା ଲାଜକୁଳିଆ ମଣିଷ । ପୃଥିବୀର ଗୁଡ଼ିଏ ଲୋକ ସେ ବଳେଇତା । ଯେମିତି ବଳ ଟାଉଟ, ଯେମିତି ବିଦ୍ୟାବୁଦ୍ଧି ଖେଳକସରତ ଯେମିତି ପଢ଼ାପଢ଼ି, ଯେମିତି କଥଭୂଷ, ବକ୍ତୃତା ଦ୍ୱାକାର, କଉଥିରେ କହିବାକୁ ନାହିଁ ଲୋକ-ଟାକୁ, ଏକା ଗୋଟାଏ କଥା ଛଡ଼ା । ଗୋଟାଏ ଜାଗାରେ ତାର ମଣିଷ ହୃଦସ୍ଥିର ଦୁର୍ବଳତାଟା ଉକୁଟିଲା ପରି ବାହାରି ପଡ଼େ । ସେଇଟା ହେଉଛି, ନାରୀ ସମାଜରେ ଏପରିକି ଏକାକୀ ନାରୀ ପାଖରେ ମଧ୍ୟ । ଫଳରେ ସେ ଯେତେ ଲଭ୍ କଲିଣି ବା ଯେତେ ଜାଗା ଭଲ ପାଇ-ଲିଣି ସେ ମୁହଁ ଫିଟାଇ କିଛି କହିପାରେ ନାହିଁ । ସେ ମୋତେ ପରାମର୍ଶ ମାଗେ । ପ୍ରଥମେ ପ୍ରସ୍ତାବଟା କିମିତି ଆରମ୍ଭ କରିବାକୁ ହେବ । ମୁଁ ତାକୁ ଖାତାରେ ଟିପିଦିଏ—

ଯଥା—ଆଜିକାଲି ପଢ଼ାରେ ମନ ଲାଗୁନାହିଁ ।

—ଏକୁଟିଆ ସିନେମା ଭଲ ଲାଗୁନାହିଁ ।

—ତେବେ ନଈକୂଳକୁ ବୁଲିବାକୁ ଚାଲ ଯିବା ?

—ସାର୍ଟ ତୁମେ କ୍ୱଚିତ ଯାଅ—ମୋ ସାଙ୍ଗରେ କିଏ ?

—ତମେ କେବେଳେ ଭଲ ପାଅ ?

—ଅଚ୍ଛା ତମେ ସବୁଠୁ କ'ଣ ଭଲ ପାଅ ?

(ଖଣ୍ଡେ ରୁମାଲ ଝଡ଼ାଦେଇ ଅଠି)—ମୋ ରୁମା-ଲଟା—ଅଚ୍ଛା ଆଖି ବାଲି ନେଇଦିବ ।

କିନ୍ତୁ ବୋକାଟା ଏ ପ୍ରଶ୍ନ ଗୁଡ଼ାକର ସଦ୍ ବ୍ୟବ-ହାର କରିପାରେ ନାହିଁ । ପ୍ରଶ୍ନ ଉତ୍ତରରେ ପୁଣି ପ୍ରଶ୍ନ ଉଠେ; ସେଥିଟା ତାର ଉତ୍ତର ଦେଇ ପାରେ ନାହିଁ ।

ଏହି ବିନୋଦ ପରି ଆହୁରି ଅସଂଖ୍ୟ ଲୋକଙ୍କ ଠାରୁ ଅଧିକ ଅନୁଭବରେ । ସେ କୌଣସି ସ୍ତ୍ରୀ କ ଏଯାଏ ପର୍ଯ୍ୟନ୍ତ ଗୋଟାଏ ପ୍ରଶ୍ନ କୌଣସି ମୁହଁରେ ପଚାରି ପାରିଲା ନାହିଁ—'ତୁମେ ମୋତେ ଭଲପାଅ?'—ଯେଉଁ ପ୍ରଶ୍ନଟାର ଉତ୍ତର ଅଜ ଯାଏ, ତା'ଠାରେ ନୁହେଁ, ଅସିନ୍ଧାଣ ପ୍ରତ୍ୟେକ ପ୍ରେମିକ ଠାରେ ଅବୋଧ୍ୟ, ଅବୁଝା ।

ମାଇପେ-ଗୁଡ଼ିଏ ଫିଟାଇ କେବେଁ ଏ ଅନ୍ତିରେ 'ହଁ' କହନ୍ତି ନାହିଁ ।

କିନ୍ତୁ ବିନୋଦର 'ହଁ' ଦରକାର । ନହେଲେ ସେ ପ୍ରାଣ ହରାଇ ଦେବ । କେଉଁଠି ଯଦି ତାକୁ ଭଲ ପାଏ ବୋଲି ଜଣେହେ କହେ ସେ ଅଳ୍ପ ବିଶ୍ୱାସ ନାହିଁ । ତାର ଲାଗି ସେ ଗୋଡ଼ରେ ନ ସ୍କୁଲ ଯାଉଥିଲା ଧରିଚ, ଅଫିସରେ ନ ସହିଁ ଜାମାତେ ସହିଁବ, ଟୁଟି ଜାକିଥିଆ ଛଡ଼ା ଉଇଟୋଲ ଅନେକ ଟାଇର ଓ ଜିଡିଲ ବାସନ ଛଡ଼ା ମାଇ ବାସନ ବଦ ପ୍ଲେଟରେ ଖାଇବ ଅଉ ଯାହା ନଦେଖି ସିନେମା ଦେଖିବ ।

କିନ୍ତୁ ମୁଁ ତାକୁ ସାହସ ଦେଲି । କହିଲି—କ୍ୟା ହମ୍ରା ମରଣେ ପ୍ରେମେ । ଚଲାଏ ଗୋଲି । ଚଡ଼୍ ହୋଯାଏଗା ।

ରାତି ଅଧ । କେହି ଶୁଅନ୍ତି ନାହିଁ । ବିନୋଦ ମୋତେ ଅସି ଡାକିଲା । ମୋତେ ବଡ଼ ନିଦ ମାଡ଼ୁ ଥାଏ । କହିଲା—ସ୍ବପ୍ନରେ ଶୁଣ—ମୁଁ କ'ଣ ଅଉ ତୋ ସାଙ୍ଗରେ ଯାଉନି !

ସେ ଗୁଲିଗଲା । ପାଞ୍ଚ ମିନିଟ ପରେ ପୁଣି ଅସି କହିଲା—ହଁଇ, ଗୋଡ଼ ହାତ ଥରୁଛି । ମୁଁ ପାରିଲି ନାହିଁ ।



Digitized by srujanika@gmail.com

'ମୁଁ କହିଲି—ଧୀରେ ଧୀରେ ଯା । କାରଣ ବେଶି କଲେ ମଣିଷ ଜାଣିପାରିବ ହୋଇଯାଏ । ଏ ସବୁ ସମାଜ ଯା ... ବାହାର ପଡ଼ିବ ଯିବୁ । କୁକୁରକୁ ଦେଖି ମଣିଷ ହେଇ ଯିବୁ—ହାଇଁ ଆ ମଣିଷ ହେଉଛୁ କି?

ସେ କିଛି କହି ଗଲା । ... ମନେ ପଡ଼ିଲା ସେମିତି ଝଡ଼ଏ କେ ଲାଗି ଅସିଛି—ପୁଣି ଅସି ପଡ଼ୁ ... ଭରି ମୋ କାନ ଭିତରେ ଭରାଏ ଟେଳ ମିଶା ଗରମ ନରମ କରି ଦେଲା । ମୁଁ ପଛାସୁ ପୁଣି ଗପୁଡ଼ାଏ ମାର ... ଙ୍କୁ ଭୁଲର ଦେଲି, ହାକ ଟେକାର ସେ ଗୁଛିଗଲା । ମୁଁ ତା ପଛରେ ପଛରେ ଗଲି । ସେ ପାଟେ ... । ହାତରେ ମୋ ତଥା ଅନୁସାରେ ... ହୁଏ ।

... ପାଖରେ ଯାଇଁ ପହଞ୍ଚି କହିବା ପାଖକୁ ସେତିକି ମାଛିଙ୍କ ... ଦେଲି । ତେଇ ଧୀରେ ଧୀରେ ... ଦେଲି । ମୁଁ ବି ତା ପରେ ପରେ ପରେ ଗଲି । ସେ ପଛକୁ ସୁଝିଲେ ମୁଁ ... ଛକାଡ଼ିରେ ଲୁଚୁଥାଏଁ ।

ସେ ଯାଇ ବନତା ଙ୍କ ପାଖରେ ଠିଆ ହେଲା । ଜନେ ଗାଳିଟାକୁ ... ଥର ପାଇଁ ... ହେଲ ... ଉପରେ ... କଲା । ବନତା ... ନାହିଁ ।

... ଧୀରେ ଡାକିଲା—ବନ୍ତ ! ବନ୍ତ ! !

'କିଏ ?' ବନ ପାଟିକରି ଉଠିଲା !

'ଅସ୍ତ ଅସ୍ତ ବନତା—ରଘୁ ... —ମୁଁ ବିନୋଦ ଭାଇ !'

'ବିନୋଦ ଭାଇ? ତମେ—ଏତେ ... ?'

'ହଁ, ତୋ ପାଖକୁ ।'

'... ପାଖରେ ... କାମ ?'

'ବୁଝି ପାରିଲୁ ନାହିଁ ବନତା—'

'ତମେ ବଡ଼ ଅଲକ୍ଷ୍ମ ବିନୋଦ ଭାଇ ।'

'ଅଚ୍ଛା ଖା ତୁ ଗରାପ କରୁଛୁ କ ? ମୁଁ କଣ କହୁଥିଲି—ହଁ, ମୁଁ କାଲି କହିବ ସୁବିଧାକ ବହନେ ଭୋଗିବ—ଅଜ ଦେଖା ହେବ ନହେବ—'

'କ ହେଉଥିବେ କାହିଁ—କଣ୍ଟ ଏତେ ରାତିରେ—'

—'ନ ହେଉଥିଲେ କଛ ଥିଲା ନ ଥିଲା, ମୁଁ ଛିଡ଼ି ଲେଖିଥାନ୍ତି । ଜଣୁ କାଟେଲ କେହି—' ।

'ଏବେ କ'ଣ କହିବ ? ଭାଇ ଭଉଣୀ ପାଖକୁ ଟେଡି ଦେବ, ସେଥିରେ ଅଭ କାଳ କ'ଣ କହିବାର ଅଛି ।'

'କାହିଁ ସେଇଥି—ମୁଁ ଜାଣିବାକୁ ଆସିଥିଲି । ଯାଉଛି—ଉତ୍ତର ଦେବୁ ।'

'ଆତରେ ସେଟା କ'ଣ ବିନୋଦ ଭାଇ ?'

''ହୁଁ ।'

'ସେଟା କ'ଣ ହେବ ?'

'ତୁ ଯଦି ମନାକରିଆଳୁ ଟେବେ ହୋଇ ଅଗ-ରେ ଏ ଛୁଟିଏଇ— ।'

ଦୋକାଟା କହିଲା ନାହିଁ— 'ତୁ ଯଦି ମୋତେ ଭଲ ନ ପାଇ—'

'ତୁମ ଘରେ କଏ କଥା କହୁଛି ବନ ?'

ଅଗ ଘରୁ ପାଟି ଶୁଭିଲା ।

ବନିତା ଜୋରରେ କହିଲା—ବିନୋଦ ଭାଇ ।

ସେ ... କବାଟ ଖୋଲି ... ସେଇ ... ଜଣେ ମଣିଷ ଅସି ଠିଆ ହେଇଗଲା । ବିନୋଦ ଗୋଡ଼ ଥରୁଥାଏ ।

ବନତା କହିଲା—ବିନୋଦ ଭାଇ କାଲି ମୋ ସାଙ୍ଗରେ ବାଜି ମାରିଥିଲା ଯେ ଅମେ ସବୁ ଶୋଇ ପଡ଼ିଲେ ସେ ରାତିରେ ଆସି ଅମ କୁକୁରକୁ ଟେସବର ନେଇଯିବ । ମୁଁ କହିଲି, ମୁଁ ତାକୁ ଧରିଦେବି । କଥା ହେଲା, ସେ ଖେଳବର ନେଲେ ମୁଁ ପାଞ୍ଚଟଙ୍କା ଦେବି—ଅଉ ମୁଁ ଧରିଦେଲେ ସେ ପାଞ୍ଚଟଙ୍କା ଦେବେ । ଏବେ ଚୋର ଧରା ପଡ଼ିଛି । ବିନୋଦ ଭାଇଟା ଏବେ ଦୋକାନଟାଏ ଯେ କୁକୁର ଦେବକୁ ... ଛଡ଼ାଇବା ପାଇଁ ଗୋଟିଏ ଫନ୍ଦି ଅଣିଛି ।

ମୁଁ ମୁହଁରେ ଲୁଗା ଦେଇ ହସୁଥାଏଁ ।

ବନ୍ଧୁ ତଥାପି ବିନୋଦ ମାନିଲା ନାହିଁ ଯେ ବନତା ତାକୁ ଛଳିପାଏ । ସେ ବୁଝିବ ପାରିଲା ନାହିଁ ଏ ଅଜବ କଥାକୁ ।

ବନଭା କାହା ଓହ୍ଲାଇଗଲା—ତଥାପି ସେ ସେ କଥାଟା ଅବୁଝା ରହିଗଲା ।

—*—


## ଜ୍ୱର ଓ ପ୍ଲୀହା ପାଇଁ

ଅମୃତାଷ୍ଟକ କଷାୟ

ଓ

କଲ୍ପଲତା (ବଟୀକା)

ସର୍ବଶ୍ରେଷ୍ଠ ଡାକ୍ତର ଦ୍ୱାରା ପ୍ରଶଂସିତ । ଏହାର ମୂଲ୍ୟ ଅଳ୍ପ ଓ ଶୀଘ୍ର ଗୁଣକାରକ । ଓଡ଼ିଶାର ପ୍ରତ୍ୟେକ ସହର ଓ ଗ୍ରାମ-ମାନଙ୍କରେ ଲୋକେ ପାଇବେ । ଅନ୍ୟାନ୍ୟ ଔଷଧ ତୁଳନାରେ ଏହା ମହୋପକାରୀ । ଥରେ ସେବନ କରନ୍ତୁ ଏବଂ ଦେଖିବେ—

## ଆପଣଙ୍କର ଗୃହଚିକିତ୍ସକ କିଏ !

## ମାତୃଶକ୍ତି

'ମା' ନଥାଇ ପିଲାଙ୍କ ଅବସ୍ଥା ଯେପରି—ମାତୃଶକ୍ତି ପାଖରେ ନଥିବା ଗୃହସ୍ଥର ଅବସ୍ଥା ତାହାଠାରୁ ଶୋଚନୀୟ । 'ମା' କେବଳ ଶିଶୁକୁ ନିଜ ରକ୍ତ ବିନ୍ଦୁଟି ପର୍ଯ୍ୟନ୍ତ ଦେଇ ବଞ୍ଚାଇ ଥାଏ, କିନ୍ତୁ ମାତୃଶକ୍ତିର ବଡ଼, ସାନ, ବୁଢ଼ା, ବୁଢ଼ୀ ଭେଦ ଭାବ ନାହିଁ । ତେଣୁ ବହୁବର୍ଷରୁ ଅଧିକ କାଳ ପ୍ରତ୍ୟେକ ଘରେ ସ୍ଥାନ ପାଇଛି । ଏହା ସର୍ବ ରୋଗ ନାଶକ । ଖାଇବା ଓ ମାଲିସ କରିବା ଉଭୟ କାର୍ଯ୍ୟରେ ଲାଗେ—ବ୍ୟବସ୍ଥାପତ୍ର ଶିଶି ସହ ଥାଏ । ମୂଲ୍ୟ—୫ ° ୫

ସାମାନ୍ୟ ଶିକ୍ଷିତା ଗୃହିଣୀ ମାନେ କବିରାଜ ଓ ଡାକ୍ତର ମାନଙ୍କର ଚିକିତ୍ସା କରି ପାରିବେ ।

ଶାନ୍ତି ଔଷଧାଳୟ—ଡାକ୍ତର ଓ କବିରାଜ—ଶ୍ରୀ ବ୍ରଜନାଥ ମିଶ୍ର M.L. A. ପୋ: ତେନ୍ଦୁପାଙ୍କଣା—କଟକ ।


Digitized by srujanika@gmail.com




**କାହାଣୀ**

# ସଂବାଦ ବାହିକା

ଉତ୍ ଲେଖକ—ଫ୍ରାଙ୍କ୍ ହ୍ୟାରିସ୍

ସନ ୧୮୬୭ ମସିହା ଶୀତଦିନ । ମୁଁ ନିଜର କାର୍ଯ୍ୟଭାର ମୋର ଦୂର ବନ୍ଧୁଙ୍କ ଉପରେ ଦେଇ ଶଲ୍ୟଚିକିତ୍ସକ ସମ୍ମେଳନରେ ଯୋଗ ଦେବା ପାଇଁ ମ୍ୟାଞ୍ଚେଷ୍ଟର ଯାତ୍ରା କଲି । ସମ୍ମେଳନର ପ୍ରଥମ ଅଧିବେଶନ ଗୁରୁତ୍ୱ ବଡ଼ ଆକର୍ଷକ ହୋଇଥିଲା । ଅନେକ ପ୍ରସିଦ୍ଧ ଚିକିତ୍ସକ ସେତେବେଳେ ନୂତନ ନୂତନ ତଥ୍ୟ ଓ ଆବିଷ୍କାର ସମ୍ବନ୍ଧରେ ଯାହା ଭାଷଣ ଦେଇଥିଲେ ସେ ସବୁ ମୋର ବର୍ତ୍ତମାନ ମନେ ନାହିଁ । କିନ୍ତୁ ଯୁବ-ସୁଲଭ ଉତ୍ସାହରେ ମୁଁ ସେ ସବୁର ଖୁବ୍ ପ୍ରତିବାଦ କରିଥିଲି । ସମ୍ମେଳନର କାର୍ଯ୍ୟସୂଚୀ ଅନୁଯାୟୀ ଆମ୍ଭେମାନେ ନିମନ୍ତ୍ରିତ ହୋଇଥିଲୁଁ । କେବେ କେବେ ନୃତ୍ୟଶାଳା କିମ୍ବା ଥିଏଟର ଆଡ଼କୁ ପଦଭ୍ରମଣ କରାଯାଉଥିଲା ।

ଅଧିବେଶନର ତୃତୀୟ ଦିବସ । ଷ୍ଟେଡେ ସ୍ୱାମୀ ସୃ ଅଧ୍ୟାପକ ଅପସ୍ମାର ( Epilepsy ) ରୋଗର ଔଷଧ ସହିତ ମେସ୍‌ମେରି-ଜିମ୍‌ର ସମ୍ବନ୍ଧ ବ୍ୟାଖ୍ୟା କରୁଥିଲେ । ସେତେବେଳେ ଉକ୍ତ ବ୍ୟାଧିର ତାହା ଅବ୍ୟର୍ଥ ଔଷଧ ରୂପେ ବର୍ଣ୍ଣିତ ହୋଇଥିଲା । ତାହା ସଙ୍ଗେ ସଙ୍ଗେ ଟେଲିପାଥି ବା ସ୍ୱପ୍ନର ସତ୍ୟତା ସମ୍ବନ୍ଧରେ ମୁଁ ବଡ଼ ବଡ଼ ଭାଷଣ ମଧ୍ୟ ଶୁଣିଲି । ସେତେବେଳେ ମୋର ତତ୍‌ପ୍ରତି ବଡ଼ ଆଦର ଥିଲା । ମୁଁ ସେ ସବୁକୁ ଲୋକଙ୍କର ଅନ୍ଧ ବିଶ୍ୱାସ ବୋଲି ସେତେବେଳେ ମନେ କରୁଥିଲି କିନ୍ତୁ ଯେତେବେଳେ ମୁଁ ହୋଟେଲରୁ ହୋଟେଲ ଫେରିଲି ସେତେବେଳେ ମୋର ପ୍ରଥମ ଧାରଣା ଭ୍ରାନ୍ତିମୂଳକ—ଯୋଗେ ତାହା ଗ୍ରହଣୀୟ ହେବ ବୋଲି ମୋର ମନେ ହେଲା ।

ସେ ସବୁ ବିଷୟ ମୋତେ ଅତି ସାଧାରଣ ବୋଲି ମନେ ହେଉଥିଲା । ମୁଁ ସେ ସବୁକୁ ଗୋଟିଏ ଖାତାରେ ଲେଖି ପାଉଥିଲି । କାରଣ ମୋ ମତରେ ପ୍ରାଣ ଦେଇ ଯଦି କେହି ବାସ୍ତବତାର ସନ୍ଧାନ କରେ ଭଗବାନ ତା'ର ସହାୟ ହୁଅନ୍ତି ଏବଂ ସେଥି ଯୋଗୁଁ ଜୀବନରେ ସେ ଉଚ୍ଚସ୍ଥାନ ପାଏ ।

ସେଦିନ ସଂଧ୍ୟାରେ ନର୍ଥ୍‌ୱୋଲ ଗଭର୍ଣ୍ଣର ଆମ ସମସ୍ତଙ୍କୁ ନିମନ୍ତ୍ରଣ କଲେ । ସେଠାରେ ଉଚ୍ଚପଦସ୍ଥ ରାଜକର୍ମଚାରୀ ଚିକିତ୍ସକ ଓ ସୁନ୍ଦରୀମାନଙ୍କର ସମାବେଶ ହୋଇଥିଲା । ଆଜି ମୁଁ ବୁଢ଼ା । ତଥାପି ସେହି ନିମନ୍ତ୍ରଣ ବିଷୟ ମନେ ପଡ଼ିଗଲେ ଆଖି ଆଗରେ ଗୋଟାଏ ଚିତ୍ର ଅଙ୍କିତ ହୋଇଯାଏ । ଆଜି ବାସନାର ତୀବ୍ରତା ନାହିଁ । ପ୍ରେମ ଜ୍ୱରର ଅବସାନ ହୋଇଛି । ସେତେବେଳର ଯୁବକ ଅଫି-ସର ଆଜି ବୃଦ୍ଧ କାଳି ପୁଞ୍ଜିପତି । ଯେଉଁ ଯୁବତୀ ସେତେବେଳେ ଅତି ସୁନ୍ଦର ଓ ମନ ମୁଗ୍ଧକର ଦେଖାଯାଉଥିଲେ । ଆଜି ସେମାନେ ଶୁଷ୍କ ସ୍ୱାର୍ଥପର ପିତାମହୀ ମାତାମହୀ ହୋଇ ବସିଛନ୍ତି । ଆଉ ସେହି ନିମନ୍ତ୍ରଣରେ ଯେଉଁମାନେ ଉପସ୍ଥିତ ଥିଲେ, ସେମାନଙ୍କ ଭିତରୁ ଅନେକ ନଗରର କିଷ୍ଟଲ ସମାଧିରେ ସୁପ୍ତ ।

ମୁଁ ଜଣେ ସର୍ଜନ ଡାକ୍ତରଙ୍କ ପାଖରେ ବସିଥିଲି, ଯହିଁରୀ କୁଆଡ଼େ ତାଙ୍କୁ ଭଲ ଜଣାଇଲେ । ଏହି ଲୋକମାନଙ୍କ ସାହଚର୍ଯ୍ୟରେ ମୋର ଖୁବ୍ ଉଚ୍ଚ ଧାରଣା ହେଲା । ମୁଁ ସେମାନଙ୍କୁ ମନରେ ଆଦର୍ଶ ସ୍ଥାପିତ କରି ନେଇଥିଲି । ମୋର ଆଖି ଗୋଟିଏ ସୁନ୍ଦରୀର ସ୍ଥାନ-ମୃତା ଖୋଜୁଥିଲା । ମୁଁ ତାହାର ଅନ୍ୱେଷଣରେ ଅଧ୍ୟାପକ ଛାତ୍ର ଚିକିତ୍ସକ ଓ ଅନ୍ୟ ଅନେକ ବଡ଼ ବଡ଼ ଲୋକମାନଙ୍କୁ ମନେ ମନେ ଚିହ୍ନି କରୁଥିଲି ।

କେତେ କେତେ ମୁଁ ଦେଖୁଥିଲି, ଉପସ୍ଥିତ ଲୋକମାନଙ୍କ ପରି ମୁଁ ବି ଜଣେ ସେପରି ବଡ଼ ଲୋକ ହୁଅନ୍ତି ।

ଏଏ ଭିତରେ ଦିନେ ମୋ ତାହା ହାସଲ ହେଲା । ଗୋଟିଏ ଅପରିଚିତା ରୁଷୀୟ ମୋତେ ବଣ ସୋଟାଏ କରୁଥିଲେ । ମୁଁ ବୁଝି ପାରିଲି ନାହିଁ । ମୋତେ ବଡ଼ ଆଶ୍ଚର୍ଯ୍ୟ ବୋଧ ହେଲା । ତାହାର ମୁଖ ବଡ଼ ଅଦର୍ଭୁତ । ତା' ଉପରେ ମୋର ଲେଖା ଖଣ୍ଡ ପ୍ରମାଣ ପାଇଥିଲି । ସେହି ବଡ଼ ବଡ଼ ଧନାଢ୍ୟ ପୁରୁଷ ଓ ସ୍ତ୍ରୀ ମାନଙ୍କ ମଧ୍ୟରେ ସେ ମୋ ଆଗରେ ଗୋଟିଏ ଦୃଶ୍ୟ ଏବଂ ଉତ୍ସୁକତାର ବାତାବରଣ ସୃଷ୍ଟି କଲା । ମନେ ହେଲା ଯେପରି ବାତାବରଣ ଭିତରକୁ ହଠାତ୍ କରୁଣ ଶାନ୍ତି ସହିତ ଶୀତଳ ପବନ ଭିତରେ ପଶିଆସୁଛି ।

କିନ୍ତୁ ରୁଷ୍ କଥା ମୁଁ ଅଦେଖି ଭାଷି ନଥିଲି । ମୋର ନିକଟବର୍ତ୍ତୀ ସର୍ଜନଙ୍କୁ ମୁଁ ତାଙ୍କ କଥାର ତାତ୍ପର୍ଯ୍ୟ ପଚାରିଲି । ସେ ମୋତେ କହିଲେ—ସେ ସ୍ତ୍ରୀ ଲୋକଟି ମୋର ହୃଦୟ ଔଷଧର ପ୍ରଶଂସା ଶୁଣିଛନ୍ତି ଓ ତାଙ୍କର କୌଣସି ଆତ୍ମୀୟଙ୍କର ଅବସ୍ଥା ଜଣାଇବେ; ସେ ମୋତେ ତାଙ୍କୁ ଦେଖାଇବା ପାଇଁ ବ୍ୟଗ୍ର ।

ମୁଁ ବଡ଼ ଆଗ୍ରହ ସହକାରେ ତାଙ୍କ ସହିତ ଯିବାକୁ ମତ ଦେଲି । ତାଙ୍କ ସହିତ ଯିବା ଅର୍ଥ ସେ ନିମନ୍ତ୍ରଣର ସମସ୍ତ ଆନନ୍ଦକୁ ତ୍ୟାଗ କରିବେବା । କିନ୍ତୁ ତଥାପି ମୁଁ ଗଲି । ଜୀବନରେ ଗୋଟାଏ ବଡ଼ ଜିନିଷ—ନିସ୍ୱାର୍ଥ ତ୍ୟାଗ । ମୋ ଯିବାରେ ଏହାହିଁ ବିଶେଷ କାରଣ ଥିଲା । ତାହାଛଡ଼ା ନିଜର ପ୍ରଭାବକୁ ମୁଁ ବଡ଼ ଉଚ୍ଚ ମନେ କଲି—କାରଣ ଏତେ ଏତେ ବଡ଼ ଡାକ୍ତର ଥାଇ ଆଉ ସେ କେବଳ ମୋତେହିଁ ଡାକିଲେ । ସେ ଯାହାହେଉ, ମୁଁ ନିଜର କ୍ଲୋକ୍‌ଟି



Digitized by srujanika@gmail.com

ମୁଣ୍ଡରେ ବେଢ଼ ଉଠାଇ ଦେବାଃ ଯଥ ତାହା ସହିତ ବୁଲୁଛି ।

ସେହି ସ୍ତ୍ରୀ ଲୋକ ସହିତ ସେହି ପୁଅ ମଧ୍ୟରୁ ତାହାଙ୍କୁ ଅଧିକାର କିଏ ନେଇଛି କାହା ପରି ଜଣୁଛି । ସେହି ସମୟରେ ଗୋଟିଏ କାଳିକା ଥିଲା ବହୁ ଦେଶରେ ନଗର ପ୍ରଭୃତି ପାଇଁଛି ଉପରକୁ ଅସୁବିଧା ହେଲେ ବିଷ ହୋଇଥିଲା । ସେ ସବୁ ମୋ ଆଖି ଆଗରେ ନାଚି ଯାଉଛି—କାହାର ପୁରୁଣା ଗୋଟାଏ ଚିତ୍ରପଟ ପରି । ଅତୀତର ସେହି ଦିନ ବୃତ୍ତାନ୍ତ ଏହି ବୟସ ସ୍ମୃତିରେ ଅଛି ମଧ୍ୟ ବିଦ୍ୟମାନ ।

କିନ୍ତୁ ସେହି ଅତୀତର ସ୍ମୃତିରେ କରୁଣା ଓ ସ୍ୱାର୍ଥଲୋଭ ସମ୍ମିଶ୍ରଣ ରହିଛି । ସେ ସମୟର ସେ ହୃଦୟ ପରିଚ୍ଛଦ କେବଳ ଉଚ୍ଚ କୋଠୀ ପ୍ରସାଧନର ପୁଷ୍ପ ସାଧନ କରୁଥିଲା ପରି ମନେ ହୁଏ, ଅଥ ଅବର୍ଣ୍ଣନୀୟ ବୋଧ ହୁଏ ଯେ ସେହି ଯୁବତୀମାନେ କେବଳ ପ୍ରେମ ପାଇବାର ଯୋଗ୍ୟ ହେଲେ ଏବଂ କେବଳ ସେହି ଧନାଢ୍ୟ ପୁରୁଷମାନେ ତାଙ୍କ ପ୍ରେମ ଆଗରେ ନିଜର ଅସ୍ତିତ୍ୱ ଦାବିକରି ପାରୁଥିବେ ।

ରାତ୍ରି ଯାଇ ପାହାନ୍ତି ହୋଇ ଠିକ୍ ହୋଇ ଥିଲା । ଆମେ ଦୁହେଁ ଗୋଟିଏ ଯାନ ପାଖରୁ ଖସି କେ ନବାଡ଼ା ବନ୍ଧି ଗୋଟିଏ ଗାଡ଼ି ନେଲୁଁ । ମଝିରେ ସେହି ପ୍ରକାର ଗାଡ଼ିର ବଡ଼ ପ୍ରଚଳନ ଥିଲା । ସେତେବେଳେ ସେହି ସ୍ତ୍ରୀ ଲୋକଙ୍କ ବୋଧହୁଏ ଦୃଷ୍ଟି କରି ଦେଉଥିଲା, ମୁଁ ନିଜର ଅଜ୍ଞାତରେ ତାହାକୁ ଦେଖିଲି । କର୍ତ୍ତବ୍ୟ ଗାଲ ନାଲ ଓ ସେଥି ସ୍ପଷ୍ଟ ଥିଲା । ତାହାର ବାହ୍ୟ ସଜ୍ଜା ନାକ ଲୁଚିଯାଇ ଦୂର ପଡ଼ିଲା ।

ପ୍ରଥମ ରାତ୍ରିରେ ଯାଇ ପହଞ୍ଚିଲୁଁ । ରାତି ଜ୍ୟୋତ୍ସ୍ନାରେ ଅନ୍ଧାରରେ ଉଜ୍ଜ୍ୱଳ ରାସ୍ତା ଓ ଘଣ୍ଟାଘର ପ୍ରାସାଦ ବର୍ଣ୍ଣିତ ମଧ୍ୟ ଦେଇ ଚାଲିଲୁଁ । ତା ପରେ ଗୋଟିଏ ବଡ଼ ନିର୍ଜନ ସ୍ଥାନ ଅତିକ୍ରମ କଲୁ । ସ୍ଥାନେ ସ୍ଥାନେ ଉଚ୍ଚ ବିଶାଳ ବୃକ୍ଷ ଉପର ଆକାଶ ସହିତ କଥା କହୁଥିବା ପରି ମନେ ହେଉଥିଲା । ରାସ୍ତାରେ ଜନ କୋଳାହଳ ନ ଥିବାରୁ କେତେକଙ୍କ ଛଡ଼ା ଗୋଟାଏ ଲୋକ ଦେଖା ଯାଉ ନ ଥିଲା । ସେହି ନିର୍ଜନ ସ୍ଥାନ ଅତିକ୍ରମ କରି ଆମ୍ଭେମାନେ ପୁରାତନ ସହର ଛାଡ଼ି ଅନ୍ୟ ଏକ ସହରକୁ ଆସିଲୁଁ । ଦୂରଦିଗନ୍ତରେ ଗମ୍ଭୀର ରାତିର ଚାନ୍ଦ ସୌନ୍ଦର୍ଯ୍ୟ ବିସ୍ତାର କରୁଥିଲା । ପୃଥିବୀ ଉପରେ ଗଛ ପତ୍ର ସବୁଥିରେ ବରଫ ଜମିଥିଲା । ଦୃଶ୍ୟ ଦେଖି ମୋର ବଡ଼ ଆନନ୍ଦ ଆସିଲା । କିନ୍ତୁ ଶୀଘ୍ର ମୋ ମନରେ ନାନା ପ୍ରକାର ଅବିଶ୍ୱାସ ଓ ଆଶଙ୍କା ହେଲା ଓ ନିର୍ଜନ ସ୍ଥାନକୁ ଉଠାଇ ନେବାରୁ ମୁଁ ଅନୁତାପ କରିବାକୁ ଲାଗିଲି । ମୁଁ ମୋର ନିଜର ସ୍ୱାର୍ଥ ତ୍ୟାଗକୁ ଧିକ୍କାର ଦେଲି । ଚତୁଃପାର୍ଶ୍ୱରେ ନିସ୍ତବ୍ଧତା ଏବଂ ପରିବେଷ୍ଟିତ ସ୍ଥାନରେ ମୁଁ ଭୟ ହୋଇ ପଡ଼ିଲି । ମନେ ହେଉଥିଲା, ମୋତେ ଯେପରି ଚକ୍ରାନ୍ତ କରି ଗାଡ଼ିରେ ବସାଇ ଏପରି ନିର୍ଜନ ସ୍ଥାନରେ ଛାଡ଼ି ଦିଆଯାଉଛି । ପୁଣି ମନେ ହେଲା ମୁଁ ଯେପରି ଧରା ପଡ଼ି ଯାଉଛି—ଏବଂ କେତେବେଳେ ଜର୍ଜରିତ ହୋଇଯାଉଛି । ମୋର ଗମ୍ଭୀର ହେଲା ହେଲେ ପରେ ମୋତେ କେଉଁଠି ଅନୁମାନ କରିବେ କି ? କିନ୍ତୁ ମୋ ଠାରେ ପିସ୍ତଲ ଥିଲା ।

ଏ ଘଟଣା ସମ୍ବନ୍ଧରେ ମୁଁ କ'ଣ ସ୍ଥିର କରିବ ବୁଝି ପାରୁ ନ ଥିଲି । କାରଣ ସହରରେ ଏପରି ସୁପ୍ରସିଦ୍ଧ ଅଛି, ଯାହାଦ୍ୱାରା ଯେ କ'ଣ ନ ହୁଏ ଏମିତି କିଛି ନାହିଁ । ମୁଁ କ'ଣ ଗୋଟାଏ ମାୟା ଜାଲରେ ପଡ଼ିଲି ! ମୋତେ ଉଦ୍ଧାର କେହି କରିବ ନାହିଁ ତ ! କିନ୍ତୁ କୌଣସି ଧନବାନ୍‌ଙ୍କ ବାହାନା କରି ନ ଗଲି ? ମୁଁ ଏମିତି କେତେ କଥା ଭାବିଗଲି ।

ଏ ମଧ୍ୟରେ ଆମେ ଦୁହେଁ ଗୋଟିଏ ଛୋଟ ଗାଁରେ ପହଞ୍ଚିଲୁଁ । ସେଠାରେ କେତେକ ପ୍ରାସାଦର ବାତାୟନ ପଥ ଦେଇ ଆଲୋକ ପ୍ରକାଶ ପାଉଥିଲା । ମୁଁ ଯେପରି ଶୋଇ ପଡ଼ିଥିଲି । ଖାଲରେ ଗୋଟିଏ ଉଦା ଘୋଡ଼ାଗାଡ଼ି ଗୋଟିଏ ଅଟ୍ଟାଳିକା ଦ୍ୱାର ଆଗରେ ଠିଆ ହେଲେ । ଦ୍ୱାର ଖୋଲିଲା । ଗୃହାଭ୍ୟନ୍ତର ଭିତରେ ଲମ୍ବା ଯୋଡ଼ାପିନ୍ଧା ଗୋଟିଏ ଲୋକକୁ ମୁଁ ଦେଖିଲି । ଆମେ ଦୁହେଁ ଗାଡ଼ିରୁ ଓହ୍ଲାଇଲୁଁ । ମୁଁ ଆନନ୍ଦରେ ମୋର କର୍ତ୍ତୀ ପିଛାଇଲି । ବୋଧହୁଏ ଅଟ୍ଟାଳିକାର ମାଲିକ ସହିତ କଥାବାର୍ତ୍ତା କରିବାକୁ ଲାଗିଲି । ଅଥଚ ସେ ସ୍ତ୍ରୀଲୋକଟି ମୋତେ ଅନ୍ଧାର ଅପରିଚିତ ସ୍ଥାନରେ ନେଇଗଲା ! କାଳେ କେତେ ଅଘଟଣ ହୁଏ ସେଥିପାଇଁ ଆତ୍ମରକ୍ଷା କରିବାକୁ ସ୍ଥିର କଲି । ଗୃହ ଅତି ନିସ୍ତବ୍ଧତା; ଆମେ ଦୁହେଁ ବାରଣ୍ଡା ଦେଇ ଆଗକୁ ଚାଲିଲୁଁ । ହିନ୍ଦୁସ୍ତାନରେ ଯେଉଁ ଭୂତ ପ୍ରେତ ଗଳ୍ପ ଶୁଣିଥିଲି, ମନ ଭିତରେ ସେ ସବୁ ଗଣ୍ଡଗୋଳ କରୁଥିଲା । ମୋର ଧାଈମା ମୋତେ ପିଲାଦିନେ ଖୁଆଇବା ବେଳେ ମୋତେ ଯେଉଁ ଭୂତ ପ୍ରେତ ଓ ଶ୍ମଶାନର ଗଳ୍ପସବୁ କହୁଥିଲା ହଠାତ୍ ମୋର ତା ମନେ ପଡ଼ିଲା । ମୋ ଆଖି ଆଗରେ ସେହି ଦୃଶ୍ୟ ସ୍ପଷ୍ଟ ଭାବରେ ଦେଖାଗଲା, ଯାହା କଥା ଭାବିଲେ ଲୋକ ଭୟରେ କାଠ ହୋଇଯିବ । ଘନକୃଷ୍ଣ ରାତ୍ରି ଓ ଶ୍ମଶାନର ଅନ୍ଧକାର, ଅଜ୍ଞାତ ଘରର ଅଣ୍ଡା ମୋତେ ସେହି ନିର୍ଜୀବ ମନୁଷ୍ୟଙ୍କ ପୁରୀ ପରି ମନେ ହେଉଥିଲା । ଶେଷରେ ଆମେ ଦୁହେଁ ଗୋଟିଏ କଳା ପଥର କବିସ୍ଥ ପ୍ରାଚୀର ପାଖରେ ପହଞ୍ଚିଲୁଁ । ମୁଁ ତାହାରୁ କବାଟ ଖଡ଼ଖଡ଼ କଲି । ବାହାର ଭିତରୁ ଶବ୍ଦ ଶୁଣାଗଲା । ତା' ପରେ ସେ ସ୍ତ୍ରୀଲୋକ ହଠାତ୍ କିଛି କହିବ, ଏଇ ଆଶାରେ ମୁଁ ଚାହିଁ ରହି ତାଙ୍କୁ ଖୋଜିବା ବେଳକୁ, ଆଶ୍ଚର୍ଯ୍ୟର କଥା ଯେ ସେ ସେଠାରୁ ଅନ୍ତର୍ଦ୍ଧାନ ହୋଇଯାଇଥିଲେ । ମୁଁ ଏକାକୀ ରହିଲି । ସେ ଏତେ ଅଳ୍ପ ସମୟ ଭିତରେ ଏତେ ହଠାତ୍ କିପରି ଅଦୃଶ୍ୟ ହୋଇଗଲା ମୁଁ କିଛି ବୁଝି ପାରିଲି ନାହିଁ । କିନ୍ତୁ ସେ ସବୁ ବିଷୟରେ ଭାବିବାକୁ ମୋର ସମୟ ମଧ୍ୟ ନ ଥିଲା । ଦ୍ୱାର ଖୋଲି ଗୋଟିଏ ବାଳକ ମୋ ଆଗରେ ଠିଆ ହେଲା । ମୁଁ ଫରାସୀ ଭାଷାରେ ମୋର ଆସିବାର ଅଭିପ୍ରାୟ କହିଲି ! ସେ ଟିକିଏ ଶଙ୍କିତ ଭାବରେ କହିଲା ଯେ ମୁଁ ବୋଧହୁଏ ଭୁଲରେ ସେଠାକୁ ଚାଲିଆସିଛି । କାରଣ ତା ଘରେ ତ ସମସ୍ତେ ସୁସ୍ଥ ସବଳ ଥିଲେ । ସେ ମୋତେ ଭିତରକୁ ଯାଇ ତାର ପିତାଙ୍କ ସହିତ କଥାବାର୍ତ୍ତା କରିବାକୁ କହିଲା । ତାର ପିତା ଫରାସୀ ଭାଷାରେ ତା ଠାରୁ ଭଲ କହିପୁଛି ପାରୁଥିଲେ । ମୁଁ ବଡ଼ ନିରାଶ ହେଲି । ତଥାପି ମୁଁ ତାହା ସହିତ ଭିତରକୁ ଗଲି । ସେଠି ଗୋଟିଏ ବୁଢ଼ା ଆରାମ ଚୌକି ଉପରେ ବସିଥିଲା । ଜଣେ ସାଧାରଣ ଲୋକ ମଧ୍ୟ ତାକୁ ଦେଖି କହିଦେବ ଯେ ତାର ହୃଦୟର କୌଣସି ବ୍ୟାଧି ଥିଲା । ତାହାର ମୁହଁ ନାଲି ଓ ନାକ ମଦୁଆଙ୍କ ଭଳିଆ ନାଲି ଥିଲା । ତା' ହାତରେ ଗୋଟିଏ ସିଗାରେଟ୍ ଥିଲା । ସିଗାରେଟ୍ ହୃଦୟର ପ୍ରତି ଅଙ୍ଗ ସଙ୍ଗେ ସଙ୍ଗେ ଜଳି ଜଳି ଯାଉଥିଲା ।

ମୁଁ ନମ୍ର ଭାବରେ ପ୍ରଣାମ କରି ନିଜର ଆସିବାର ଉଦ୍ଦେଶ୍ୟ ବ୍ୟକ୍ତ କଲି । ବୁଢ଼ା ସେମା ଉପରେ ବାଟେ ମୋତେ ଚାହିଁଲା—ଯେମିତି ମୋ କଥାରୁ ଗୋଟାଏ ଶବ୍ଦ ବୁଝି ପାରି ନ ହେଲା ନାହିଁ । ସେ ମୋର ଅଭିବାଦ ପ୍ରକୃତ କାରଣ ପଚାରିଲା । ତାର ଯେପରି କୌଣସି ପ୍ରକାର ଅସୁବିଧା ନ ହୁଏ ଏବଂ ଏହି ଅସମୟରେ ମୁଁ ତାଙ୍କୁ ବ୍ୟସ୍ତ କରିଥିବା ହେତୁ ସେ ଯେପରି କ୍ଷମା କରନ୍ତି, ସେଥିପାଇଁ ମୁଁ ବିସ୍ତାରିତ ଭାବରେ ସମସ୍ତ ଘଟଣା ବୁଝାଇ କହିଲି । ସେ ମୋ କଥାକୁ ମନ ଦେଇ ଶୁଣିଲା ପୁଣି କହିଲା—ମୋର ବୁଝିବାର କୌଣସି କାମରେ ଲାଗୁନାହିଁ । ଆପଣ ପ୍ରତ୍ୟେକ ଅବସ୍ଥାରେ ଭୁଲ କରୁଛନ୍ତି । ମୋର ଏଠାରେ କେହି ବେମାର ନାହାନ୍ତି । ଯାହା ହେଉ ଆପଣ ଏତେ କଷ୍ଟ କଲେଣି, ଅତଏବ କିଛି ସମୟ ଏଠି ବିଶ୍ରାମ କରନ୍ତୁ । ଆଜି ରାତିରେ ଆପଣ ମଠକୁ ପହଞ୍ଚି ପାରିବେ ନାହିଁ । ଆପଣଙ୍କ ପାଇଁ ଶାଳାରେ

Digitized by srujanika@gmail.com

ରହିବାକୁ ହେବ ! ଆପଣଙ୍କୁ ସମ୍ମାନ ଦେବାରେ ମୋର ବଡ଼ ଆନନ୍ଦ ହୁଅନ୍ତା, କିନ୍ତୁ ଦୁଃଖର କଥା ଏଠାରୁ କୌଣସି ଅତିଥି ଆସନ୍ତି ନାହିଁ। ଆପଣଙ୍କର ସମ୍ମୁଖରେ ସହକାର ଓ ମୁଖ ଦେଖିବାକୁ ମୁଁ ଅକ୍ଷମ । ସେ ସିଗାରେଟ୍ ଉଠା ମୋ ଆଡ଼କୁ ବଢ଼ାଇ ଦେଲା । ବାଳକଟି ମୋ ପାଇଁ ଗୁ ଉଅର କଲା । ଇତ ମଧ୍ୟରେ ମୁଁ ଭାବିଲି—ବୋଧହୁଏ ସେହି ସ୍ତ୍ରୀ ଲୋକଟି ଏଇ ବୁଢ଼ାର ମୃତ୍ୟୁରୋଗ ଅଛି ବୋଲି ଜାଣି ପାରିଛି । କିନ୍ତୁ ବୁଢ଼ା ମାନୁନାହିଁ । ସେଥିପାଇଁ ସେ ଡାକ୍ତରର ମତ ନେବା ଦରକାର ମନେ କରୁଥିଲା । ସେଥିପାଇଁ ମୋତେ ଏଠି ଆଣି ପହଞ୍ଚାଇ ଦେଲା । ମୁଁ ତାକୁ ଖୋଜିବା ପାଇଁ ମନ କଲି । କିନ୍ତୁ ଭ୍ରମଣର କ୍ଳାନ୍ତି ହେତୁ ପାରିଲି ନାହିଁ ।

ମୁଁ ସେ ବୁଢ଼ାକୁ ପଚାରିଲି—ଆପଣଙ୍କ ଦେ-ଭଲ ଅଛନ୍ତି ?

ସେ ହସି ହସି କହିଲା—ମୋତେ ୭୧ ବର୍ଷ ହୋଇଗଲା । ଆଜି ପର୍ଯ୍ୟନ୍ତ ମୁଁ କେବେହେଲେ ଡାକ୍ତର ଧରିନାହିଁ । ବୁଢ଼ା ହେଲେ ମଣିଷ ଦୁର୍ବଳ ହୋଇପଡ଼େ ଏହା ତ ଆପଣ ବୁଝିପାରୁଥିବେ । ମୁଁ ଆଗରୁ ଯେତେ ବଳବାନ ଥିଲି ବର୍ତ୍ତମାନ ସେପରି ନାହିଁ । ଅଳ୍ପଦିନରୁ ମୋର ଘାସ ଅସ୍ୱାଭାବିକ ମନେ ହେଉଛି—ତାଛଡ଼ା ମୋର ଆଉ ସବୁ ଠିକ୍ । ନା, ଡାକ୍ତର ସାହେବ, ମୋତେ ଆପଣ ପାଦରେ ପକାଇବା ଅସମ୍ଭବ । ମୋ ପାଖରେ ଆପଣଙ୍କର ଫୁଲକ ପଇସା ନାହିଁ ।

ତାପରେ କଥାବାର୍ତ୍ତା ହଠାତ୍ କଂଗ୍ରେସ ଓ ପ୍ୟାରିସର ଦଳର ଘଟଣାରେ ବଦଳିଗଲା । ଏ ସବୁରେ ସେ ଅନେକ ପଢ଼ିସାରିଥିଲେ । ତାର ଶୀର୍ଣ୍ଣ ମୁଖଟି କଳା କଳା ଦୁଇଟି ଆଖିରେ ମୋ ଆଡ଼କୁ ଚାହିଁଥିଲା । ଏ ବାର୍ତ୍ତାଳାପରେ ସେ ସହଯୋଗ କରି ନ ଥିଲା । ତାର ପିତା ଏଉଳି ଦେଶର ରାଜା ସହିତ କଥା କହୁଥାନ୍ତି ଯେ ମୋତେ ତାଙ୍କୁ ଜଣେ ସନ୍ନ୍ୟାସୀ ପରି ବୋଧ ହେଲା ।

ମୋ କଥାବାର୍ତ୍ତାରୁ ବୋଧହୁଏ ତାଙ୍କୁ ବଡ଼ ଆନନ୍ଦ ମିଳିଲା । ସେଇ ପୁରୁଣା ଦିନର ଇତିହାସ—ଯେବେ ସେ ଯୁବକ ଥିଲେ—ସୁସ୍ଥ ଥିଲେ—ଦୈବ ଥିଲେ—ସେ ଗୋଟି ଗୋଟି କରି ଶୁଣାଇଲେ । ପ୍ରାୟ ଅଧଘଣ୍ଟାଏ ପର୍ଯ୍ୟନ୍ତ ସେ ନିଜର ବିସ୍ମୃତ ଯୌବନର କାହାଣୀ ଶୁଣାଇଲେ । ହଠାତ୍ ଲମ୍ଫଟା ବଡ଼ ଜୋରରେ ଧପ୍ ଧପ୍ ହେଲା—ଯେମିତି ପବନରେ ଲିଭିଯିବ । ମୁଁ ଜାଣେ ନାହିଁ, ଏହି ସାମାନ୍ୟ କଥାର ପ୍ରଭାବ ବଡ଼ ବେଶୀ ଭାବରେ ମୋ ଉପରେ କାହିଁକି ପଡ଼ିଲା । ଅନ୍ୟ ପାଖରେ ମହମବତୀ ଜଳାଗଲା । କିନ୍ତୁ ସେଥିରେ ଆଉ ଆଗ କଥାବାର୍ତ୍ତା ଜମିଲା ନାହିଁ । ମୁଁ ଏହି ଦୁର୍ଲକ୍ଷଣ ଦେଖି ଭୟ ପାଇଲି । ସତ୍ୟରେ ସେତେବେଳେ ରାତ୍ରି ୧୨ଟା ବାଜିଲା—ମୁଁ ସେମାନଙ୍କ ଠାରୁ ବିଦାୟ ନେଲି । ବୃଦ୍ଧ ମୋତେ ତାହିଁ ଆଉ ଦିନ ଅଟକିବାକୁ ଅନୁରୋଧ କଲେ—ମୁଁ ମଧ୍ୟ ରହିବାକୁ ରାଜି ହେଲି । ତାଙ୍କର ପୁଅଟି ଦ୍ୱାର ପର୍ଯ୍ୟନ୍ତ ମୋତେ ବାଟେଇ ଦେବାକୁ ଆସି କହିଲା—ଡାକ୍ତର ସାହେବ, ଆପଣ ଭୁଲରେ ଏଠିକି ଆସିଲେ । କିନ୍ତୁ ଆପଣ ଏଠିକି ଆସିବାରୁ ମୋତେ ବଡ଼ ଭଲ ଲାଗିଲା । କେତେ ବର୍ଷ ହେଲା ବାପାଙ୍କର ସ୍ୱାସ୍ଥ୍ୟ ଠିକ୍ ରହୁନାହିଁ । ଆପଣ କାଲି ନିଶ୍ଚୟ ଆସିବେ । ମୋର ଇଚ୍ଛା ଆଉ କାହାରିକୁ ଡାକନ୍ତି । କାଳେ କୌଣସି ଉପକାର ହେବ ।

ମୁଁ ଭାବିଥିଲି ତାଙ୍କ ବାଟ ରାସ୍ତା ପର୍ଯ୍ୟନ୍ତ ଯିବ । କିନ୍ତୁ ସେ ହଠାତ୍ ଦ୍ୱାରବନ୍ଦକର ଭିତରକୁ ଫେରିଗଲା ।

ପାନ୍ଥଶାଳାର ମାଲିକ ଖବର କାଗଜ ପଢ଼ି ପାଖରେ ବସିଥିବା କେତେକ ଲୋକଙ୍କୁ ଶୁଣାଉଥିଲା । ତାର ଲମ୍ବା ଲମ୍ବା ବାଳ ଆଉ ଲମ୍ବ ଦାଢ଼ି ଥିଲା । ତା ମୁହଁ ଉପରେ ଗୋଟାଏ ଗମ୍ଭୀରତା ଥିଲା । ଅନ୍ୟମାନେ ଏକାଗ୍ରମନରେ ବସିଥିଲେ ।

ସିଗାରେଟ୍, ମଦ, ଧୂଆଁର ଗନ୍ଧରେ କୋଠରୀଟି ଭରି ଯାଉଥିଲା । ମୁଁ ପାନ୍ଥଶାଳାର ମାଲିକକୁ କହିଲି ଯେ ମୋର ରାତିକ ପାଇଁ ଗୋଟିଏ କୋଠରୀ ଲୋଡ଼ା ! ତା ପରେ ସେ ଖାଦ କିଛି ମୋତେ ଗୋଟିଏ କୋଠରୀକୁ ନେଇଗଲା । ସେଠି ଗୋଟିଏ ବଡ଼ ପଲଙ୍କ ପଡ଼ିଥିଲା ।

ଧଳା ଧଳା କାନ୍ଥରେ ଶୀଘ୍ର କେତେକ ମହାନ୍ ବ୍ୟକ୍ତିଙ୍କର ଫଟୋ ଟଙ୍ଗା ହୋଇଥିଲା । ପାନ୍ଥଶାଳାର ମାଲିକ ଲ୍ୟାମ୍ପ୍ ଜଳାଇଲା ଓ ଜୁହର ନଅ ଝାଡ଼ି ଦେଇ ତେଜ କରିଦେଲା । ମୋର ଶୋଇବାର ଇଚ୍ଛା ଥିଲା ନାହିଁ । ମୁଁ ସିଗାର ଲଗାଇ ଅଧିକ ଟେବୁଲ ଉପରେ ଗଡ଼ ପଡ଼ିଲି ଓ ସଂଧ୍ୟାର ସେ ଘଟଣା ସମ୍ବନ୍ଧରେ ପୁଣି ଭାବିବାକୁ ଲାଗିଲି ।

ସିଗାରର ଧୂଆଁ ପିଇ ତାର ଶେଷ ଅଂଶକୁ ମୁଁ ଫୋପାଡ଼ି ଦେଇଛି କି ନାହିଁ ବାଜିଲା ବେଳେ ଠକ୍ ଠକ୍ ଦ୍ୱାର ଶବ୍ଦ ଶୁଣାଗଲା । ମୁଁ ଡରିଗଲି । କେହି ଉତ୍ତର କରିବା ପାଇଁ ମୋତେ ଫେରେ ପକାଉ ନାହିଁ ତ ! ମାତ୍ର ଦେଖିଲି ଆଉ କେହି ନୁହେଁ । ସେ ସେହି ବୁଢ଼ାର କନ୍ୟା—ଯା ସହିତରେ ସଂଧ୍ୟା ଅକସ୍ମାତ ଦେଖା ହୋଇଥିଲା । ତାଙ୍କୁ ବଡ଼ ଉତ୍ତେଜିତ ଜଣା ପଡ଼ୁଥିଲା । ମାତ୍ର କୌଣସି ପ୍ରକାରେ ତାହା ସମ୍ଭାଳି କହିଲା—ମୋର ବଡ଼ ଭୟ ହେଉଛି ଆପଣ ଡାକ୍ତର ସାହେବ ଆଜ ଏଠି ଅଛନ୍ତି । ବାପା କର୍ମମାନଙ୍କ ଶେଷରେ ସବୁ ଯାଉ ହେଉଥିଲେ—ହଠାତ୍ କାହିଁକି ଟେମ କରିଲେ । ବୋଧହୁଏ ଅଳ୍ପ ସମୟ ସେ ବଞ୍ଚି ଉତ୍ତେଜିତ ହେଲେ ! ଆପଣଙ୍କୁ କଷ୍ଟ ଅବଶ୍ୟ ହେବ, କିନ୍ତୁ ଦୟାକରି ମୋ ସଙ୍ଗରେ ଅଳ୍ପ ସମୟ ପାଇଁ ଆମ ଘର ପର୍ଯ୍ୟନ୍ତ ଯାଇ ଚାଲନ୍ତୁ—ହୁଏତ ତାଙ୍କର କିଛି ଉପକାର ହୋଇପାରେ ।"

ଗୋଟାଏ ଛୋଟ କୋଠରୀରେ ଲଣ୍ଠନ ଏକାଗ୍ରଚିତ୍ତରେ ବସି ରହିଥିଲେ । ମେଜ ଉପରେ ଲ୍ୟାମ୍ପ୍ ଜଳୁଥିଲା ଆଉ ସେଠି ପାଉଁଶ, ବ୍ରୁସ୍, ସଉ ଓ ହାଉପିଡ଼ ଇତ୍ୟାଦି ଥୁଆ ହୋଇଥିଲା ।

ନର୍ସ ବୁଝିଲ ସେଥି ଗଲା ଅମ ତାହାର ଏବେ ଶାନ୍ତ ହୋଇ ଯାଇଛି । ପଲଙ୍କ ଉପରେ ମଶାରି ଟଙ୍ଗା ହୋଇଛି । ପାଖରେ ଗୋଟାଏ ବୁଢ଼ା ସ୍ତ୍ରୀ ବସି ପ୍ରାର୍ଥନା କରୁଥିଲା ଏବଂ ମେଜ ଉପରେ ବାଳି ଗୋଟିଏ ବାଇବଲ ଖୋଲା ଥିଲା ।

ମୁଁ ରୁଗ୍ଣ ବୃଦ୍ଧଙ୍କ ନାଡ଼ୀ ପରୀକ୍ଷା କଲି । ମାତ୍ର ତାହା ଏକାବେଳେକେ ଶାନ୍ତ ଥିଲା । ଶ୍ୱାସ ବନ୍ଦ ହୋଇ ଯାଇଥିଲା । ମୃତ୍ୟୁ ନିଜର ଛାପ ପ୍ରକାଶ କରି ସାରିଥିଲା । ମୁଁ ଧୀରେ ତାଙ୍କ କାନରେ କହିଲି— 'ସବୁ ସରିଗଲା ।' ବୋଧହୁଏ ଆଗରୁ ସେ ବୁଝି ପାରିଥିଲା । ସେଥିପାଇଁ ବଡ଼ ସାହସରେ ସେ ନିଜକୁ ସମ୍ଭାଳି ନେଲା ।

ଯେତେବେଳେ ମୁଁ ଏହି ଘଟଣା ଉପରେ ଚିନ୍ତା କରୁଁ କରୁଁ ହାତ ଧୋଉଥିଲି, ସେତେବେଳେ ଟଙ୍ଗା ହୋଇଥିବା ଗୋଟିଏ ଫଟୋ ଉପରେ ମୋ ଆଖି ପଡ଼ିଲା । ସୁନ୍ଦର ବସ୍ତ୍ର ପରିହିତା ଗୋଟିଏ ଯୁବତୀର ଫଟୋ ସେ । ମୁଁ ତାକୁ ଦେଖିଲାକ୍ଷଣି ଚିହ୍ନି ପାରିଲି । ସଂଧ୍ୟାରେ ମଠରୁ ଆଣି ମୋତେ ଏଠି ପହଞ୍ଚାଇ ଦେଇ ଯେ ଅନ୍ତର୍ହିତ ହୋଇଗଲା ସେ ତାର ଛବି । ଅଦ୍ଭୁତରେ ମୁଁ ଚିତ୍କାର କରି ଉଠିଲି । ସମସ୍ତେ ଆଚମ୍ବିତ ହୋଇ ମୋତେ ଚାହିଁଲେ ।

'ଏ ଫଟୋ କାହାର ?'—ମୁଁ ସେହି ଫଟୋଟିକୁ ନିର୍ଦ୍ଦେଶ କରି ପଚାରିଲି—'ଏହା ମୋତେ ଆଜି ସାଙ୍ଗରେ ଏଠିକି ଆଣିଥିଲେ ।'

ବାଳକଟି ଦୃଷ୍ଟି ଫେରାଇ ମୋତେ ଚାହିଁଲା । ତାର ଓଠ ଉପରେ ଆଶ୍ଚର୍ଯ୍ୟର ଭାବ ଫୁଟି ଉଠିଲା । ମାତ୍ର ମୋତେ ଦେଖି ସେ ମଧ୍ୟ ନିସ୍ତେଜ ହୋଇଗଲା ।

"ଏ ତ ମୋ ମାଙ୍କ ଛବି ।" ସେ କହିଲା— 'କୋଡ଼ିଏ ବର୍ଷ ଆଗେ, ମୁଁ ଯେବେ ଜନ୍ମ ହେଲି—ସେ ଇହଲୀଳା ସାଙ୍ଗ କରିଥିଲେ ।'

—•—

Digitized by srujanika@gmail.com

# ଚେନାଚୁରଙ୍କ ଚିଠାଉ

କେହି ନେତାଙ୍କ ନିର୍ଦ୍ଦେଶ-ଅନୁଯାୟୀ ଚନ୍ଦ୍ର ସୂର୍ଯ୍ୟବଂଶୀ ଭଲକାର ଗାଡ଼ିଥିବାର ଶ୍ରୀ ପଟେଲ-ଙ୍କ ବଂଶବୃକ୍ଷର ପରିଚୟ:—

ଶୁଣାଯାଏ ଭଗିରଥ ନାମରେ ଜଣିକ ସେଂଗୁପ୍ତ ବାନ ଧାର୍ମିକ ଭୂଲୋକରୁ ପଦ୍ମା-ପ୍ରଚାରୀ ହୋଇ ଅପଣଙ୍କ ପକାକୁଳକୁ ଭେଁ ଅଚଳ ରୂପେ ଦତ୍ତାନୁପାନ ହୋଇଥିଲା । ଭଗବାନଙ୍କ ଦୟାରୁ ସେ ଏ ବି ଅବତାରର, କମ୍ପାସିତ ନାଥ ବଂଶ ହୋଇଛନ୍ତି, ଦେଉଛନ୍ତି ବା ଦେବେ । ଅତଏବ ଅପଣମାନଙ୍କର ଗୃହସ୍ୱାସ୍ଥ୍ୟ ଚାଣିକ୍ୟ ଏବିଭ ହସ୍ତିନି-ଭୂଷଣ ଚୂଲରା । କିନ୍ତୁ ଭ୍ରଗିରଥୀ ବାବୁ ହିନ୍ଦୀ ଗୁଲଯାଉଛନ୍ତି ତାଙ୍କର ଜଣେ ମୃଣ ଲୁଚସ୍ ଅଛନ୍ତି, ଯେ ତ ମିଟିବେ ନାହିଁ । ନାହିଁ ପଣ୍ଡିତ ଏଡ଼େ ଦୁଷ୍ଟ ପିଶାଚ ସେ ବିଶ୍ରୁତ ହୋଇ ମଧ୍ୟ ଅପଣମାନଙ୍କ ଭଳି ନେହୁରୁ ଜୀବ-କୁଳ-ନାଶନ କରିବା ପାଇଁ ହିଁକିଏ କୁସ୍ତି ନମ ଅଟକିଲେ ନାହିଁ, ତାଙ୍କର ଭୂଲର ଅର୍ଥରୁ ଦେଶ୍ଗ୍ରସ୍ତଯାକର ହୁଡ଼ିଗଲି ଗିଏ ତାଙ୍କ ଅପନରେ ଚୋରାଗ ଅପଣ କମ୍ପିନବାଲେ ନିଷ୍ଟିକ୍ରରେ ହେଉଥାଉଛେ ନାହିଁ । ବରଂ ଅପଣ ଭଗିରଥୀ ବାବୁଙ୍କର ଚୂଲଣା ଗଡ଼ ହୁଅନ୍ତୁ । ମହାଦେବ ହେ । ଭକ୍ଷଣର କରିବାର ଶକ୍ତି ତାଙ୍କର ଅଛୁ ! ସେ ହଦ ତାଙ୍କ ଭାଇମିଙ୍କ ଭଲ ଚିହ୍ନିଏ ଦାଡ଼ ନେଇ ନାଅନ୍ତି ଅର୍ଥାତ୍ ତାଙ୍କୁ ଯଦି ଥାଙ୍କ ଚେଟ୍ ପେଥର ମାନେ ହାତରେ ଅସି ଉଠଉ ଥାନ୍ତି ପକଉଥାନ୍ତି ଅର୍ଥାତ୍ ଅଭ୍ରିକ କରୁଥାନ୍ତି ଯେ ସେ ନଥାନ୍ତେ ତାଙ୍କ ଦୁଃଖ ଭେଦ ବୁଝିବ ନାହିଁ, ସେ ମଧ୍ୟ ଅମୃତ ବଜାରରେ ଏକ ଲମ୍ବା ଫର୍ଦ୍ଦି କ୍ଷ୍ୟାହାର ଦେଇ କଚ୍ଛନ୍ଦନ ପାଳ ଧର ବସି ଯାନ୍ତି ତେବେ ମନ୍ଦ ହୁଅନ୍ତା ନାହିଁ । ସେତେ-ବେଳେ ସେ । କ୍ରିମିଙ୍କ ଛୁତ ଅଜ ଏଡ଼ ଅବଗୁନ ସେ କହିବେ ନାହିଁ । କାରଣ ସେ ମଣକ୍ରିକର ଅନ୍ଧକାର ଧାରେ ଧାରେ ଦୂରହିବାକାରଣ । ଅକ୍ଷା, ନିମବୃକ୍ଷ, ମୃଗୀ ପରେ । ଇତ୍ୟାଦି ।

ଅପଣଙ୍କର

ଚେନାଚୁର

× × ×

ମୟୂରଭଞ୍ଜର ଗଡ଼ୂଳ ସମ୍ପ୍ରଦାୟ କଣ୍ଠଭୂଷଣ ଆର୍ଯ୍ୟ - ଅନାର୍ଯ୍ୟ-ଅହାର୍ଯ୍ୟ-ଗଣେଷୁ ।

ଅଳ୍ପ ଦିନ ତଳେ ଅପଣମାନଙ୍କର ଗଡ଼ୂଳ ସମ୍ପ୍ରଦାୟ ନେଇ ମୟୂରଭଞ୍ଜରେ ଏକ ଭୀଷଣ ଗଣ୍ଡଗୋଳ ହୋଇଗଲା । ଅପଣମାନେ ଆର୍ଯ୍ୟ ଅନାର୍ଯ୍ୟ ଉଭୟ ଜାତିର ଶରୀରର ଉଚ୍ଛିଷ୍ଟ ଅହାର୍ଯ୍ୟ ରୂପେ ପରିଗଣିତ ହୋଇ ଯାବତଚନ୍ଦ୍ରାର୍କେ ଜୀବ ପ୍ରତିପାଳନର ପୁଣ୍ୟାର୍ଜ୍ଜନ କରୁଛନ୍ତି । ବର୍ତ୍ତମାନର ରଜା ଅପଣଙ୍କୁ ଏହି ପୁଣ୍ୟ ଅର୍ଜ୍ଜନ କରିବାକୁ ବାଧା ଦେବାରୁ ଅପଣମାନଙ୍କ ମନରେ ବଡ଼ କଷ୍ଟ ହୋଇଥିବ । ସେ ଅପଣମାନଙ୍କ ଜାତିକୁ ନିରୀହ ମନେକରି ରକ୍ଷିତ ( protected ) ଘୋଷଣା କରି ଚାନ୍ଦ-ଛମୁଆଁରେ ଅଶ୍ରୟ ଦେଇଛନ୍ତି । ରଜା ଜଣେ ଅଜବାଲିଆ ବେଙ୍ଗଡ଼ା ଟୋକା ଥିବାରୁ ଚୋଧବୁଏ ତାଙ୍କ ଦେହରେ ଚୁଙ୍କାଧର୍ମୀୟ ଗନ୍ଧ ଲାଗିଯାଇଛୁ କି କଣ, ସେଥିପାଇଁ ସେ ମଣିଷ ପ୍ରଜାଙ୍କ କଥା ଛାଡ଼, ସାଇକରା ପଶୁପକ୍ଷୀଙ୍କୁ ବି ଘଣ୍ଟି ଘୋଡ଼ାଇ ରଖିଛନ୍ତି । କିନ୍ତୁ ରଜାଙ୍କୁ ଅପଣମାନଙ୍କ ଜରିଅରେ ଏକ ଉପଦେଶ ପେଶ୍ କରୁଛୁଁ । ଅତୀତ ଷତ୍ରିୟ ରଜାମାନେ ଖଣ୍ଡା ଟେକିଲ ମାରି ପିତୃଶ୍ରାଦ୍ଧ କରୁଥିଲେ—ଏବେ ଯଦି ରଜା ମୃଗୟାରେ ତାହା ବଧ ନ କରି ପାରନ୍ତି ତେବେ ପିଣ୍ଡ ଦେଇ ଉଦ୍ଧାର ହେବେ ନାହିଁ କାହିଁ ଅନୁପରବ ଲୋକଙ୍କ ପ୍ରିୟ ଭୂମି ଜଙ୍ଗଲମୟ ଗୃହରେ ମେଣ୍ଟିବ ନାହିଁ । ତେବେ ଏ କଥାଟିକୁ ଜଣାଇ ରଜା ଜାଗରେ ରହନ୍ତି କେବେ ଅପଣମାନେ ପ୍ରଜାପଣ୍ଡଳର ସହାୟତା ନିଅନ୍ତୁ । ସେ ଅପର ଦେଶର କଲ୍ୟାଣ ସାଧନ କରିବା-ବେଳେ ଅପଣମାନଙ୍କ କଲ୍ୟାଣ ସାଧନ କରିବାକୁ ପରାଙ୍ମୁଖ ହେବେ ନାହିଁ—ଏବଂ ଅପଣମାନଙ୍କୁ ପରପାଇଁ ପ୍ରାଣ ଦେବାର ପୁଣ୍ୟ ଅର୍ଜ୍ଜନ କରିବାରେ ଅଶେଷ ସାହାଯ୍ୟ ଦେବେ ।

ଭାଗବତ କାହୁଛି—

ଜୀବ ମାରଣ ଜୀବ ପୋଷେ,<br>
ସେ ଜୀବ ବୈକୁଣ୍ଠରେ ବସେ ।

କିନ୍ତୁ ମୟୂରଭଞ୍ଜରେ ଯୋଗାଏ ଯେପରି ସ୍ୱତନ୍ତ୍ର ପାଞ୍ଜି ଅଛି ସେହିପରି ମୟୂରଭଞ୍ଜର ସ୍ୱତନ୍ତ୍ର ଭାଗବତରେ ଲେଖାଥିବ—

ରଘୁଲପାଳ ପ୍ରଜାପୋଷେ,<br>
ସେହି ପ୍ରଜା ବୈକୁଣ୍ଠରେ ବସେ ।

ଭବଦୀୟ

ଚେନାଚୁର

—:o:—


ଗତ ୫୦ ବର୍ଷ ମଧ୍ୟରେ

**ଲବଣର ମୂଲ୍ୟ**

**ଏତେ ବେଶୀ କେବେ ହୋଇ ନ ଥିଲା**

ଅତ: ଏବ

ଲବଣ ଶିଳ୍ପ ଯେ ସର୍ବାପେକ୍ଷା ଅଧିକ ଲଭ୍ୟାଂଶ ଦେବ ଏ ବିଷୟରେ ସନ୍ଦେହ ନାହିଁ ।

ଏ ସୁଯୋଗରେ ଅପଣ "ଦି ଉତ୍କଳ ଶଲ୍ଟ ଏଣ୍ଡ କେମିକେଲ୍ ୱାର୍କସ"ର ଅଂଶ ( Share ) କିଣି ନିଜେ ଲାଭବାନ୍ ହୁଅନ୍ତୁ ଓ ଦେଶକୁ ଶ୍ରୀ ସମ୍ପନ୍ନ କରନ୍ତୁ ।

**ଠିକଣା**—ଅ.ର, ସିଦ୍ଧାନ୍ତ, କଟକ ।





Digitized by srujanika@gmail.com




## କଳିଯୁଗ ଗାନ୍ଧାରୀ

ଅଷ୍ଟାଦଶ ଶତାବ୍ଦୀରେ ଜଣେ ଜର୍ମାନ ମହିଳା ୪୭ଟି ସନ୍ତାନର ଜନନୀ ହେବାର ସୌଭାଗ୍ୟ ଲାଭ କରିଥିଲେ। ତନ୍ମଧ୍ୟରୁ ୩୮ଟି ପୁତ୍ର ଓ ନଅଟି କନ୍ୟା। ୧୯୩୫-ରେ ଏହି ମହିଳାର ଧ୍ୱସ୍ତ ସମାଧିଉପରେ ସ୍ମୃତିସ୍ତମ୍ଭ ନିର୍ମାଣ କରି ଜର୍ମାନ ଜାତି ତାହାଙ୍କୁ ସମ୍ମାନିତ କରିଥିଲେ।

୧୯୨୬ ମସିହାରେ ଜଣେ ସ୍ପେନୀୟ ମହିଳା ୭୦ ବର୍ଷ ବୟସରେ ତାଙ୍କର ୨୯ଶ ପୁତ୍ର ଜନ୍ମ କରିଥିଲେ। ପ୍ରତି ୩୫୦୦ରେ ଜଣେ ସ୍ତ୍ରୀଲୋକ ୫୦ ବର୍ଷରେ ଗର୍ଭ ହେବାର ଦେଖାଯାଏ।

୧୯୨୮ରେ ଜଣେ ମିଶରୀୟା ମହିଳା ଏକ ପ୍ରସବରେ ତିନୋଟି କନ୍ୟା ଓ ଦୁଇଟି ପୁତ୍ର ଜନ୍ମ କରିଥିଲେ।

× + +

## ମର୍ତ୍ତ୍ୟର ବାସୁକୀ

ବୈଜ୍ଞାନିକ ମାନଙ୍କ ମତରେ ପ୍ରାଗୈତିହାସିକ ଯୁଗରେ ବୋଡ଼ା ସାପର ଦୈର୍ଘ୍ୟ ୫୦ ଫୁଟ ଥିଲା, ଏବେ ଆଫ୍ରିକାର ପାଇଥନ ଏବଂ ବ୍ରେଜିଲର ବୋଡ଼ା ପ୍ରାୟ ୩୦ ଫୁଟ ଲମ୍ବ ହେବେ।

+ + ×

## କୁମ୍ଭକର୍ଣ୍ଣ ନିଦ୍ରା

ଅମେରିକାର ସେଣ୍ଟଲୁଇସ୍ ନିକଟରେ ହାର୍ମିଂ ନାମକ ଜନୈକ ବ୍ୟକ୍ତି କ୍ରମାନ୍ୱୟରେ ୩୦ ବର୍ଷ ଶୋଇ ରହିଲେ। ଶୋଇବା-ବେଳେ ସେ ୧୪ ଷ୍ଟୋନ ଓଜନ ଥିଲେ କିନ୍ତୁ ଉଠିଲାବେଳେ ତାଙ୍କର ଓଜନ ହେଲା ୬ ଷ୍ଟୋନ। ଏଡ଼ଭ୍ ଜ୍ୟେଗାଡ଼ ଜଣେ ନେଦରଲାଣ୍ଡ ପଏଣ୍ଟସ୍‌ମାନ ରେଳ ଦୁର୍ଘଟଣା ପରେ ୧୮ ବର୍ଷ ମୂର୍ଚ୍ଛା ନିଦ୍ରାରେ ପଡ଼ି ରହିଲା। ୧୮୯୧ରେ ତାର ମୃତ୍ୟୁ ହେଲା।

+ + ×

## ସଂସାରୀଘର ପକ୍ଷୀ

ପକ୍ଷୀମାନେ ବଡ଼ ଶବ୍ଦ ପ୍ରବଣ। ଖୁବ୍ ଉଚ୍ଚରେ ଗୋଟାଏ ଅସ୍ୱାଭାବିକ ଶବ୍ଦକୁ ସେମାନେ ବୁଝିନେଇ ସାବଧାନ ହୋଇ-ଯାନ୍ତି। କିନ୍ତୁ ଯେତେ ବଡ଼ ଅସ୍ୱାଭାବିକ ଓ ଉତ୍କଟ ହେଉ ପଛେ ଅଭ୍ୟସ୍ତ ହୋଇଗଲେ ସେମାନେ ଆଉ ଚଞ୍ଚଳତା ପ୍ରକାଶ କରନ୍ତି ନାହିଁ। ୧୯୧୪-୧୮ର ମହାଯୁଦ୍ଧରେ ଦେଖାଯାଇଛି ଯେ ଧ୍ୱସ୍ତ ପ୍ରାସାଦମାନଙ୍କରେ ପକ୍ଷୀମାନେ ସେଇପରି ତାଙ୍କର ନୀଡ଼ ରଚନା କରି ରହିଛନ୍ତି। ଖୁବ୍ ବିଶାଳ କମାଣର ଗର୍ଜନ ଏବଂ ଗୋଳା ବର୍ଷଣ ମଧ୍ୟରେ ସେମାନେ ଆହାର ଅନ୍ୱେଷଣ କରି ବୁଲନ୍ତି। ବର୍ତ୍ତମାନ ଯୁଦ୍ଧରେ ବିମାନ ଆକ୍ରମଣ-ବେଳେ ଆକାଶର ଗୁଡ଼ୁଗୁଡ଼ୁମ ନେ ଭୀଷଣ ଗୋଳା ବର୍ଷଣ ଏବଂ ବିମାନ ଯାତାୟାତ ସତ୍ତ୍ୱେ ନିଜର ସଙ୍ଗୀତ ଦ୍ୱାରା ବବଟାରେ ହେଳା କରୁ ନାହାନ୍ତି। ମେଷ୍ଟ୍ରାଲସ୍ ଥେରେଲ ଧ୍ୱସ୍ତ ହେବା ପରେ ସେଠି ଭୀଷଣ ଗଣ୍ଡଗୋଳ ଭିତରେ ଅଧିକ ସଂଖ୍ୟକ ପକ୍ଷୀ ସେଠାରେ ରହିଥିବାର ଦେଖାଗଲା।

+ + ×

## ସେକେରିନ ଆବିଷ୍କାର

ଏବେ ସମସ୍ତେ ଗୋଟାଏ ପାଉଡର ଦେଖିଥିବେ ଯେଉଁଥିରୁ ଟିକିଏ ପକାଇଲେ ଗାଲ୍‌ଟିଏ ପାଣି ମିଠା ହେଉଛି। ତାହା କେବେ ଆବିଷ୍କାର ହେଲା, ଶୁଣିଲେ ମନରେ ଆନନ୍ଦ ଜାତ ହୁଏ। ଫାଲବର୍ଗ ନାମକ ଜଣେ ରସାୟନବିତ୍ ଦିନେ ରୁଟି ଖଣ୍ଡେ ପଟିକୁ ନେଇ ତା' ସ୍ତ୍ରୀକୁ ଗାଳିଦେଲା ଯେ ରୁଟିରେ ଚିନି କାହିଁକି ଦେଲ। କିନ୍ତୁ ସ୍ତ୍ରୀ ରୁଟିରେ ଚିନି ଦେଇ ନଥିଲା। ସେ ଦେଖିଲା ଯେ ତା ସ୍ତ୍ରୀ ରୁଟି ଚାଖି ଦେଲେ ରୁଟି ମିଠା ଲାଗୁନାହିଁ କିନ୍ତୁ ସେ ଯେଉଁ ରୁଟି ଧରୁଛି ସେ ରୁଟି ମିଠା ହେଉଛି। ସେ ତହୁଁ ନିଜ ହାତକୁ ପାଟିରେ ମାରି ଦେଖିଲା ଯେ ହାତଟା ଭାରି ମିଠା। ସେ ପ୍ରଯୋଗଶାଳାରେ କେତେଦିନ ପୂର୍ବରୁ ଆଲ୍‌କାତରାରେ ପରୀକ୍ଷା କରୁଥିଲା। ତହୁଁ ସେ ଅଲକାତରାରୁ ମିଠା ବାହାର ଥିବାର ଆଶାକରି ଅଲକାତରାକୁ ବହୁ ବିଶ୍ଳେଷଣ କରି ସଫଳ ହେଲା। ତାପରେ ମାଟି ସହିତ ସଂଯୋଗ କରି ସେ ଯେଉଁ ମିଠା ପଦାର୍ଥ ବାହାର କଲା ତାର ନାଁ ସେକରିନ।

× ×



Digitized by srujanika@gmail.com




# ଆଆ ଠାନା ନାନା

ଚିନ୍ତା ହିଁ ମାନବ ସ୍ୱଭାବ। ଏହା ମଧ୍ୟ ଏକ ଚିନ୍ତାର ବିଷୟ।

+ + +

ଜଣେ ସ୍ତ୍ରୀଲୋକ ଯେତେବେଳେ ସବୁଠାରୁ ସୁନ୍ଦର ଦେଖାଯାଏ, ସେତେବେଳେ ସେ ସବୁଠାରୁ କୁତ୍ସିତ କାମ କରେ।

× × ×

ମଣିଷ ଯେତେବେଳେ ଭାବେ ଯେ ତାର ଆଶା ତାର ଅଙ୍ଗ ନିଭେଇବା ଅନୁଭୂତି ଚାଲି ଯାଉଛି ସେତେବେଳେ ସେ ପ୍ରକୃତରେ ବୁଢ଼ା ହୁଏ।

+ + ×

ନାରୀ ଯେ ଜୀବନରେ ଯେତେ ଭଲନ୍ତୁ ପଛେ ତାଙ୍କ ଜୀବନ ପ୍ରକୃତି ପାଖରେ ଛପେ ନାହିଁ।

+ ⁒ +

ମାଇପ ଗୋଟିଏ ସଉଦା, ତାକୁ ଯେତେ ଅଳ୍ପ ଦାମରେ କିଣିବ ସେ ସେତେ ଖରାପ ଓ ତାହାଁବେ ସେତେ ଛଡ଼ ହେବ।

× + +

ପୃଥିବୀରେ କୌଣସି ଶ୍ରେଷ୍ଠ ଦେଶପ୍ରେମୀ ମାଇପ ଜଣେ ଲବ୍ଧବାନ ହୋଇ ନାହିଁ।

× × +

ହାତୀର ମୂଲଠାରୁ ହାତୀ ପୋଷିବା ଖରଚ ଢେର।

ସ୍ତ୍ରୀ ବାହାହେବା ବିଷୟରେ ଏ ସତ୍ୟ ଏକାବେଳେକେ ପ୍ରଯୁଜ୍ୟ।

× + ×

ମଣିଷ ବଡ଼ଶୀ ଫୁଟିଲେ ତାର ହୃଦୟଟା ଉଡ଼ିଯାଏ।

+ + ×

ଅନେକ ଦମ୍ପତି ସବୁ ସମୟରେ ଏକମତ ହେବାର ଦେଖାଯାନ୍ତି। କିନ୍ତୁ ଅଧିକାଂଶ କ୍ଷେତ୍ରରେ ସ୍ତ୍ରୀ ଆଗ ମତ ପ୍ରକାଶ କରିଥାଏ।

× × ×

କେହି ଯଦି ପ୍ରେମରେ ପଡ଼ିଯାଏ, ତାହାଁକୁ ଉଦ୍ଧାର ପାଇବାକୁ ଚେଷ୍ଟା କରିବା ଉଚିତ ନୁହେଁ। ଟିକିଏ ଅପେକ୍ଷା କରି ଗଲେ ବାହାଘର ହେଲେ ତାକୁ ଉଦ୍ଧାର କରିଦେବ।

× + ×

କେହି କେହି କହନ୍ତି ଯେ ତାସ ପାଲି ଖେଳରେ କୌଣସି ମୂଲ୍ୟ ନାହିଁ। ସୁତରାଂ ଯେଉଁମାନେ ତାସ ପାଲି ଖେଳନ୍ତି ସେମାନେ ବଡ଼ କପାଳିଆ।

+ × +

ଗୃହଗାଢ଼ଙ୍କମାନେ ବେଶୀଦିନ ବଞ୍ଚିବାର ଦେଖାଯାନ୍ତି କାରଣ ମଲ୍ଲପଟର ସେ ଅଳ୍ପଦିନ ବଞ୍ଚନ୍ତି।

× × ×

ଲବପାନେ ଅଳ୍ପାୟୁ ହେବାର ଦେଖାଯାନ୍ତି କାରଣ ଧାରଣ ମଲ୍ଲପରେ ସେ ଅନେକଦିନ ବଞ୍ଚନ୍ତି।

× × ×

ଆଗ ଅଣ୍ଡା ନା—ଆଗ ଚଢ଼େଇ, ଏହି ଦାର୍ଶନିକ ସମସ୍ୟା ଅଦ୍ୟାପି ନିଷ୍ପତ୍ତି ହୋଇନାହିଁ। କିନ୍ତୁ ଜଣେ ବୈଜ୍ଞାନିକ ମୀମାଂସା କରିଛନ୍ତି, ଯେ ଦୁହେଁ ଯାକ ଏକ ସଙ୍ଗରେ ସୃଷ୍ଟି ହୋଇଛନ୍ତି।

× + ×

ସୃଷ୍ଟିର ଆଗ ପୁରୁଷ ନା ଆଗ ନାରୀ? ନାରୀମାନେ କହନ୍ତି ସେ ମାତୃଜାତି, ତେଣୁ ସେମାନେ ସର୍ବାଗ୍ରେ ଆଦି ପୁରୁଷଙ୍କୁ ଜନ୍ମ ଦେଇଥିଲେ।

ତାହାହେଲେ ପୁରୁଷର ବାପ କିଏ?

× × ×

ଜଣେ ଲେଖକର ଯୋଜନାରେ ଯେ ବର୍ତ୍ତମାନ ଯୁଗରେ ନାରୀର ଜୀବନ ରକ୍ଷା ପାଇଁ ତାଙ୍କୁ ବଡ଼ ସଂଗ୍ରାମ କରିବାକୁ ପଡ଼ୁଛି। ସମ୍ଭବତଃ ତାହାହିଁ। କାରଣ ଅଧିକାଂଶ ଛବି ଅପେକ୍ଷା ଗୃହିଣୀର ଦେଖାଯାଏ। ପଛକଥି ପଳାଇ ପିଲାର ଦୃଶ୍ୟ କ୍ୱଚିତ୍ ଛବିରେ ଦେଖାଯାଇଥାଏ।

× × ×

ଅନେକ ବିବାହିତ ଲୋକ ବୁଝି ପାରନ୍ତି ନାହିଁ ଯେ ସେମାନଙ୍କ ସ୍ତ୍ରୀ ସେମାନଙ୍କ ଉପରେ ହାକିମି କରୁଛନ୍ତି ବୋଲି ଜଣେ ହାକିମ କହିଲେ।

କିନ୍ତୁ ଏହାପରେ ଅନ୍ୟଲୋକେ ଜାଣି ପାରନ୍ତି।

× ×

ରକ୍ତରେ ଶ୍ରୋମାଇନର ଅଭାବ ହେଲେ ମନ ଦବିଯାଏ ବୋଲି ବିଜ୍ଞାନ କହେ। କିନ୍ତୁ ଅଣ୍ଟିରୁ ପଇସା ସରିଗଲେ ତାହା ହୁଏ ବୋଲି ଅଭିଜ୍ଞଲୋକେ କହନ୍ତି।

+ + ×



Digitized by srujanika@gmail.com



# ହାଳିଆ ବନ୍ଧ ଗଳ୍ପସଳ୍ପ

ଦୁଇଜଣ ନୂଆଲୋକ ଲଣ୍ଡନରେ ବୁଲୁଁ ବୁଲୁଁ ଗୋଟିଏ ବିଶାଳ ଘର ଦେଖି ଜଣକୁ ପଚାରିଲେ—ଏଇଟା କ'ଣ ?

ଲୋକଟି କହିଲା – ଏଇଟା ସମ୍ବାଦ ନବୀଶଙ୍କ ଅବାସ ।

ଜଣେଲୋକ—ସମ୍ବାଦ ନବୀ ଏତେମିଛ ନୋଟ ଗୁଡ଼ାଏ ଲୋକ ଦେଉଥିବେ । ନଇଲେ ସେ ଏତେ ସମ୍ବାଦ ଶୁଣି ତାକୁ ଲେଖିବା ପାଇଁ ଜାଗା କେଉଁଠୁ ପାଆନ୍ତେ ?

× + ×

ଥିଏଟର ଦେଖିବା ବେଳେ ପଛଆଡେ଼ ଲୋକମାନଙ୍କ ଗୁଡ଼ି ଜଣେ ଭଦ୍ରଲୋକ ବଡ଼କୁ ହୋଇ କହିଲେ – ଉଃ – କିଛି ଶୁଣାଗଲା ନାହିଁ ଯେ !

ପଛଆଡ଼ୁ ଜଣେ କହିଲେ—ମୋର ପ୍ରେମିକା ସହିତ ମୁଁ କଥାବାର୍ତ୍ତା କଲି । ତମେ ତାକୁ ଶୁଣିବାର କି ଦରକାର ଅଛି ।

+ × +

କମଳା ଗୋଟାଏ ହେଲା । ସେ ବଡ଼ ଯୋଗ୍ୟା । ସେ ଭଲ ନାଚ, ଗାଇ, ଲେଖି ପଢ଼ି, ହସି ଖେଳି, କହି ବୋଲି ପାରେ ।

ଘୁଣ୍ଟିଆର ଖବର ଭଲ ପଟିବ । କାରଣ କଉଟି କେଉଁ ଗନ୍ଧ ଜାଣେ ।

× × ×

ସ୍ୱାମୀ—[ବିଦେଶରୁ ଫେରି] ତୁମେ କହୁଛ ତମେ ବଡ଼ ଖାଲି ଖରଚ କରୁଛ । ଏମିତି ଚଳିଲେ ବର୍ଷାକାଳକୁ କିଛି ରହିବ ନାହିଁ ଯେ ।

ସ୍ତ୍ରୀ—ବର୍ଷାକାଳକୁ ମୁଁ ତମ ଛାଟି ଗୁଡ଼ିକ ସାଇତି ରଖିଛି ।

ଗୋଟିଏ ପିଲା ଘଡ଼ିଟାଏ ଚୋରି କରିଥିଲା । ମାଜିଷ୍ଟ୍ରେଟ ତାକୁ ଖଲାସ କରିଦେଇ କହିଲେ—ତୋ ଭାଗ୍ୟ ଭଲ । ତୁ ଛାଡ଼ ପାଇଲୁ ।

ପିଲା—ଆଜ୍ଞା ଘଡ଼ିଟି ଫେରନ୍ତୁ ଦେବେ । ନଦେଲେ ମୁଁ ପୁଣି କଣ କରିବି ?

× × ×

ଗ୍ରାହକ—ମୋତେ ଗୋଟିଏ ରେଡ଼ିଓ ଦିଅନ୍ତୁ ମୁଁ କିସ୍ତିବନ୍ଦିରେ ଟଙ୍କା ଦେବି ।

ବିକ୍ରେତା—ଧନ୍ୟବାଦ ଆପଣଙ୍କର ପୂର୍ବ କାରବାର ଏବଂ ପରିଚୟ ସମ୍ବନ୍ଧରେ କୌଣସି ସାକ୍ଷୀ ବା ନଜିର ଦେଇ ପାରିବେ କି ?

ଗ୍ରାହକ—ମୁଁ ଗଲାଥର ଯେଉଁ ଦୋକାନଙ୍କ ଠାରୁ ରେଡ଼ିଓ ନେଇଥିଲି, ପଚାରିଲେ ସେ କହିବେ । ଛ ମାସ ପରେ ସେ ରେଡ଼ିଓ ସେମାନେ ଫେରାଇ ନେବା ବେଳକୁ ତାହାର କୌଣସି ଅସୁବିଧା ହୋଇ ନଥିଲା ଏବଂ ରେଡ଼ିଓରେ ଦାଗ ଟିକିଏ ବି ଲାଗି ନଥିଲା ।

× + ×

ଜଣେ ଯୁବକ କୌଣସି ବିଜିତା ପାତ୍ରୀ ନିକଟକୁ ପତ୍ର ଲେଖିଲେ—ଆପଣଙ୍କ ପରିଚୟ ଦରକାର ନାହିଁ । କିନ୍ତୁ ଆପଣଙ୍କ ଗୁଣରେ ମୁଁ ମୁଗ୍ଧ । ଆପଣଙ୍କ ସହିତ ମୋର କୁଷ୍ଠିଗତ ସମ୍ପର୍କ ରହିଲେ ଉଭୟଙ୍କର ମଙ୍ଗଳ ହେବ ଆଶା କରି ପ୍ରଥମେ ପତ୍ରଦ୍ୱାରା ବନ୍ଧୁତା ସ୍ଥାପନ କରୁଛି । ଉତ୍ତର ପାଇଲେ ପ୍ରକୃତ ବନ୍ଧୁତା କରିବା ପାଇଁ ଦାବୀ ହେବ । ମଣି ବାହକ ହସ୍ତରେ ଉତ୍ତର ଦେବେ ।

ପାତ୍ରୀ ତାର ଉତ୍ତର ଦେଲେ—ମୁଁ ବିଶେଷ ଆନନ୍ଦିତ ହେଲି ପତ୍ର ପାଇ । କିନ୍ତୁ ଆପଣ ଯେଉଁ ଦୁଅ ମୁହାଁ ଲୋକଟାକୁ ପଠାଇଛନ୍ତି ଅଜି ଭେଟିଲେ ତା' ହାତରେ ଚିଠି ଦେବେ ନାହିଁ ।

ଯୁବକ ଲେଖିଲେ—'ଅଶେଷ ଆନନ୍ଦିତ ହେଲି । ମୁଁ ସ୍ୱର୍ଗଲାଭ କରିଛି । କିନ୍ତୁ ଏହି ପତ୍ର ବାହକ ଛଡ଼ା ଅନ୍ୟ ବିଶ୍ୱସ୍ତ ଲୋକ ନାହିଁ । ଏ ମୋର ଜମଜ ଭାଇ ।'

ଉତ୍ତର ଅସିଲା – କ୍ଷମା କରିବେ— ଆପଣଙ୍କ ଭାଇକି ଦୁଅ ମୁହାଁ କହିବା ମୋର ଭୁଲ ହେଲା ।

× ×

ରୋଗୀ—ଆଜ୍ଞା ମୋ କାନରେ ଗୋଟାଏ ଭଁ ଭଁ ଶବ୍ଦ ଶୁଭୁଛି ।

ଡାକ୍ତର—ଆଜି କେଉଁ ସ୍ୱରରେ ଶୁଣିପାରନ୍ତି ?

× × ×

ପୁଲିସ—ଆଜ୍ଞା ଏ ସ୍ତ୍ରୀ ଲୋକଟି ବଡ଼ ସାହସୀ ଓ ଉପକାରୀ । ଏ ଚୋର ତା' ଘରେ ପଶି ଚୋରି କରିବାକୁ ଯାଉଥିବାବେଳେ ସେ ତାକୁ ଧରିଆଣି ପୁଲିସରେ ଦେଲା ।

ମାଜିଷ୍ଟ୍ରେଟ—(ସ୍ତ୍ରୀଲୋକ ପ୍ରତି) ତମେ ଚୋରକୁ ଧରିଲ ଭଲ କଲ କିନ୍ତୁ ଅନ୍ଧାରରେ ତା' ଦାନ୍ତ ଭାଙ୍ଗିଦେଲ କାହିଁକି ?

ସ୍ତ୍ରୀ ଲୋକ—ଆଜ୍ଞା ସେ ଚୋର ବୋଲି ଜାଣି ନଥିଲି । ଅନେକ ରାତି ହୋଇଥିଲା । ମୋ ସ୍ୱାମୀ ସେତେବେଳେ ଯାଏ ବି ଆସି ନ ଥିଲେ । ମୁଁ ତାଙ୍କୁ ଗୁଣ୍ଡି ଦେଇଥିଲି । ନଚେତ ଭଲ ଅବା ସେ ଆସିଲେ ।

+ +

ବାବୁ ଖବର କାଗଜର ଜ୍ଞାନବିଜ୍ଞାନ ବିଭାଗ ପଢ଼ୁ ପଢ଼ୁ ଉତ୍ତେଜନାରେ କହି ଉଠିଲେ —ବାସ୍ତବିକ ଡାକ୍ତରି ବିଜ୍ଞାନ ଉନ୍ନତିରେ ଆମ୍ଭେମାନେ କେତେ ଋଣୀ ।

ବାବୁଆଣୀ—(ଦୀର୍ଘଶ୍ୱାସ) ତମେ କ'ଣ ଡାକ୍ତରଙ୍କ ଫି ଦେଇନ ନାହିଁ କି ?



Digitized by srujanika@gmail.com




ହନୁକରଣ

# ଟାଉଁଲି ପୋଏଟ୍ରି

ମୂଳଗୀତ—ଲେଖକ—ଗୋବିନ୍ଦ ସୂରଦେଓ

ହସିଅଛରେ ଫୁଲରସିଅ          ପବନ ମଧୁମାସିଅ
ଡୋ ପ୍ରିୟ ମୋହକ          ଡାଅଣୀ କୋଇଲ
ଦାଲୁ ଦାଲୁ ନାଚେ ଧସ ଧସିଅ
ଇତ୍ୟାଦ ଇତ୍ୟାଦ

ଅଗଗୀତ—ହନୁକରଣ
ଲେଖକ—ହରିହର ହନୁମନ୍ତ

ହସି ଅଛେ ହଳ ହସିଅ—          ମୂଳ,ଅ ରାଭ ମାସିଅ
ହେ ପ୍ରିୟ ଘରଣୀ          କୋଇଲ ବଚଣୀ
ବାଢ଼ି ବସିଛୁ ପଖାଳ ଅମ୍ଳବସିଅ
ଅଣ୍ଟାରେ ଗାମୁଛା ବେଟିଅ
ପିଙ୍କା କହଲ ଟେଗ୍ରି ଟେଗ୍ରିଅ
ଅଙ୍ଗର ହାଲକୁ ପୋଛୁ ଭସିଅ

ହାଣ୍ଡିଶାଳକୁ ପଶିଅ
ଅଟେର ବାଡ଼ି ପଡ଼ା          ଅଣିଛୁ କି ଝଡ଼ା
ଖୋଲ ଡାଳଡ଼ା
ମୁହଁ ପୋଡ଼ା ହେବ ବାନ ମେଜ୍ଞା ।
ସାଇ ତୁ ଅଇ          ତା ଲଙ୍କ ନଗ୍ରଙ୍କ
ପିଥଇ ଫଡ଼ାଏ ଖା ମସ ମସିଅ ।

---

## ଜରାୟୁ

ଏହାକୁ ସେବନ କଲେ ସ୍ତ୍ରୀମାନଙ୍କର ଜରାୟୁ ସଂବନ୍ଧୀୟ ଯାବତୀୟ ରୋଗ ଅରୋଗ୍ୟ ହୋଇ ଶରୀର ହୃଷ୍ଟ ପୁଷ୍ଟ ଓ ବଳିଷ୍ଠ ହୋଇଥାଏ । ଶ୍ୱେତ ପ୍ରଦର, ରକ୍ତ ପ୍ରଦର, ବାଧକ, ରଜଃ କଷ୍ଟ, ଅନିୟମିତ, ବନ୍ଧ୍ୟା ଦୋଷ, ମୃତବତ୍ସା ଦୋଷ, ପ୍ରଭୃତି ଏଥିରେ ସମୂଳେ ବିନଷ୍ଟ ହୋଇ ପୁଷ୍ଟ ସବଳ ଓ ଦୀର୍ଘଜୀବୀ ସନ୍ତାନ ଗର୍ଭ ଧାରଣ କରିବାର କ୍ଷମତା ହୋଇଥାଏ ।

ମୂଲ୍ୟ—୧୬ ମାତ୍ରା ପୂର୍ଣ୍ଣ ଶିଶିକୁ ଏକଟଙ୍କା ମାତ୍ର

ଏକତ୍ର ଛଅଶିଶି ନେଲେ ଦୁଇଟଙ୍କା ଅଠଅଣାକୁ ମିଳିବ । ଡାକଖର୍ଚ୍ଚ ଏହାବାଦ୍ ଅଧିକ ଦେବାକୁ ପଡ଼ିବ ।

ପ୍ରାପ୍ତିସ୍ଥାନ—କବିରାଜ—ଶ୍ରୀଧରଗର୍ଗବଂଶ, ଭିଷଗାଚାର୍ଯ୍ୟ—ଆୟୁର୍ବେଦିକ ଫର୍ମାସୀ, ଭୁବନେଶ୍ୱର—ପୁରୀ ।



Digitized by srujanika@gmail.com




# (ନାରୀନୁହେଁ) ନ+ଅରୀ ସଭା

ଲେ:— ଗୌରଚନ୍ଦ୍ର ମହାପାତ୍ର

ଟାଉନ୍ ହଲରେ ହୋଇଥିଲେ ସେଦିନ ଅବଳାମାନଙ୍କ ସଭା,
ଯାନ ବାହନର ଘନ ଗହଳରେ ଦିଶୁଥିଲା ଅତି ଶୋଭା।
ଶାଗୁଣାଙ୍କ ପରି ଚକ୍ର ମାରିଲେ ଦେଶଶାସିକାଙ୍କ ଦଳ,
ଗଉନ୍ ଅଣ୍ଟାରେ ଉପଣୀ ଚକ୍ର ଅଗୁଅନ୍ ନାସି କୁଳ।
'ମୁଭମ୍ ଗାଭ୍ୟାଗ' ବୁଦ୍ଧି ବିସ୍ତର ଦେଖାଉଛୁ ବିପଦ ଘୋର,
ପରଦା ନାଶିନୀ ପରଦା ଢାଙ୍କିନୀ ସବେ ହୋଇଛନ୍ତି ଠୁଳ।
ସଭାନେତ୍ରୀ ଟାଙ୍କ ଅସନ ନେବାରୁ ଭଟିଗଲା ଏକନାଗ୍ରୀ,
ଭଦ୍ରିଲ ସମ୍ମୁଖେ ହରକାର ପଢେ ଗାଲର ଚମଡା ଥାଳି—
"କନ୍ୟାର ଯଦି ଭୂମି ଅଧିକାର ନ ରହିବ ଅମ ଦେଶେ,
ପିଠାଚଟୁ ହାଣ୍ଡି ଖାଉଛ ଠରିଣ ଜାଲିବୁଁ ଦେଖ ଶୀଘ୍ରବେଶେ।
"ଦା ହାତୁଡ଼ି"ର ବାଠାରୁ ଅଣା ହାଣ୍ଡି ଚଟୁର ଦାଉ,
କେଉଁ ଗୁଣେ ନୁହେଁ ହୀନ ଗୋ ଭଗିନୀ! ପୂର୍ଣ୍ଣ ଅଣା ଦେଖି ନେଉ"
କୋମଳ କଣ୍ଠର ଝିଣିଝିଣି ମିଶା ଶୁଭିଲା କରତାଳି,
'ଏଇଟି ଏଇଠେ' ବୋଲି କେ ବୋଲନ୍ତି hear ଅନୁବାଦ କରି
ଅନେକ କାମିନୀ ମନ୍ତ୍ର ଭ୍ରମିନୀ ଟାଣରେ ହୋଇଲେ ଠିଆ,
"କହେନ୍ଦ୍ରାକୁ ବଳା ଅପଦାକୁ ଠେଲ ଆଗରେ ନଦେବା କିଆଁ?
ଅବଳା ହୁଅନ୍ତୁ ଜଟିଳା ଗୋ ଅଣା ଲଢିବା ହୁଅନ୍ତୁ ରୂପ,
କୋମଳକାନ୍ତ ନହୋଇ ରମଣୀ ହୁଅନ୍ତୁ କଠୋର ରୂପ।
ଲଢିବା ଯାଅନ୍ତୁ ଡେପୁଟେସନ୍ ନେଇ ଗଭର୍ଣ୍ଣରଙ୍କ କତି,
ବକ୍ତୃତା ଅଉ Statement ଦେଇ ସରିଲା ନାହିଁ ଛାତି।
ସ୍ୱଦେଶୀ ଖାଲି ମଳସ୍ତରେ ଭସି ହେଉଥିଲୁ ସନ୍ତେନେତ୍ରୀ
ଏ ବାଟରେ ଯେବେ କାମ ନ ହୋଇବ ହେବା ଅମେ ଯୁଦ୍ଧଯାତ୍ରୀ।"
କରତାଳି ପୁଣି ଝଣି ଝଣି ନାଦ ମଞ୍ଜିଲି ଅପର୍ଣ୍ଣେ ଧୀରେ
ଛୁଡ଼ାଦେଲେ ଏକ ଅବଳା ବନ୍ଧୁକ ନିଜ ଥାପି ଅଣ୍ଟାରେ।
ଦମ୍ଭ ଧରଣି ଗର୍ଜ୍ଜିର ନାଦେ ଭୂଷିଲେ ତେମନ୍ତି ମଣି,
ଚମ୍ପମାଳ ମାଳିକ ଗୃହୀ 'ଜନତା' କେ ଦେଖ ଇ ନବୀନ ଠାଣି—
'ଅଇନ୍ ସିନା ଗୋ ଭୂମି ଅଧିକାରୁଁ କନ୍ୟାକୁ କରେ ମନା,
'କନ୍ୟା' ନାମଟି ଅମର ନହେଲେ ଅନୁମତ ହୋଇବା ଧନ୍ୟା!
ଅଜଠାରୁ ଅମ ଅବଳା ହୁଅନ୍ତୁ ନର ନେତା ବୋଲି ଖ୍ୟାତ
'ସହ ଧର୍ମିଣୀ' ନାମେ ଅମେ କେବେ ନ ହୋଇବୁଁ ପରିଚିତ।
ଅଜଠାରୁ ଅମ କନ୍ୟାଙ୍କ ଗୃହ ହେବ ଗୋ ଏବେ ମୃତ
ପୁରୁଷ ଗହଣେ ଅଇନ ସନ୍ତତି ନହୋଇବ ଅମ ମିତ।
ସର୍ଦ୍ଦାର ଅଛନ୍ତି କହନ୍ତୁ ରେକର୍ଡ଼ ଅମେ 'ପୁଂସ' ଅମେ 'ନର'
ସାମ୍ବାଦିକ ଏବେ ସାବଧାନ! ଅମ ପୂର୍ବ ନାମକୁ ଛାଡ଼।
Chief justice ଦେଖିନଥିବେ ପଠାଅ କାହାର ବଡ଼।
ତୁମ ପଥା ଉଇଟ୍ ଅମ ଜିଦ ଧର୍ମେ କଚ୍ଛ ନାଇ ଏକଥର।
ସନ୍ତାନ ଅମ ପିତୃ ସମ୍ପତ୍ତିର ହୋଇବୁ ଗୋ ଅଧିକାରୀ,
ଅମେ ଏବେ'ନର' 'ଜାଗତାମାନେ' ଅମେ ନୋହୁଁ ଅଉ ନାରୀ।
ଏ କଥାକୁ ଯେବେ ନଶୁଣିବେ ଅମ ସରକାର ବାହାଦୁର,
ହାଣ୍ଡିଶାଳ ଘରୁ ବିଦ୍ରୋହ ନିଆଁ ବ୍ୟାପିଯିବ ଚରାଚର।"
"ଏଇଠ" "ଏଇଠି" ନାଦେ ସଭାଗୃହ କମ୍ପିଗଲା ଘନ ଘନ,
ଦେଖେ ସେ ଅବଳା କରତାଳି ସାଥେ ଖସାଇଲେ ବସ୍ତ୍ରମାନ
ଚଷମା ଜଡ଼ାଇ ରୁମାଲ ହଡ଼ାଇ ନାଚି ଉଠିଲେ ସର୍ବେ,
ସଭାକର୍ମ ସାରି ବିଜୟ ଉଲ୍ଲାସେ ଫେରିଲେ ସେଦିନ ସର୍ବେ।
Defamation କୁ ଡରି ସମ୍ପାଦକେ "ନାରୀସଭା" ନଲେଖିଣ,
'ନ+ଅରୀ' ଓରଫ୍ ନର ସଭା ବୋଲି 'ସମାଜେ' କଲେ ମୁଦ୍ରଣ।

ମଜା କବିତା



Digitized by srujanika@gmail.com



## ନାଗଙ୍କ କଲମରୁ

### ସୁଗାୟକ—ନଟଗୋପାଳ

ବଣର ମଲ୍ଲୀ ବଣରେ ଫୁଟି ରହିଛି ଚଉଦିଗ ମହକାଇ ମଉଳି ଝଡ଼ିପଡ଼େ । କେତେ ଯେ ମଲ୍ଲୀ ବଣରେ ଫୁଟୁଛି ଓ ଝଡ଼ୁଛି, ତା'ର ସଂଖ୍ୟା ନାହିଁ । ଏ ଅସୁମାରି-ର ଗଣତି କରିବାକୁ ବି କାହାର ଆଗ୍ରହ ଦେଖାଯାଏ ନାହିଁ । ହୁଏତ ଏହି ଫୁଟିବା ଝଡ଼ିବା ଭିତର ଦେଇ ଦିନେ ନା ଦିନେ ଓଡ଼ିଆ ଜାତିର ଅସ୍ମିତା ବିକାଶ ହେବ ।

## ନାଗବଛା ଦଳ

### ଉଦ୍ଦେଶ୍ୟ

୧ । ଉତ୍କଳର କିଶୋର ପ୍ରାଣରେ ନବଜାଗରଣ ଆଣିବା, ଜ୍ଞାନର ପରିସର ବଢ଼ାଇବା, ସେମାନଙ୍କର ଦୈହିକ ଓ ସର୍ବାଙ୍ଗୀନ ଉତ୍କର୍ଷ ସାଧନ କରିବା ।

୨ । [illegible] ମଧ୍ୟସ୍ଥତାରେ ପତ୍ର ବିନିମୟ ଦ୍ୱାରା ତରୁଣମାନଙ୍କ ମଧ୍ୟରେ ପରସ୍ପର ଭାବର ଆଦାନ ପ୍ରଦାନ କରାଇବା ଓ ସେମାନଙ୍କ ମଧ୍ୟରେ ସ୍ନେହ ପ୍ରୀତି ଓ ସୌହାର୍ଦ୍ଦ୍ୟ ବଢ଼ାଇବା ।

୩ । ମାତୃଭାଷା ଓ ସାହିତ୍ୟ ପ୍ରତି କିଶୋର କିଶୋରୀଙ୍କର ଅନୁରାଗ ବଢ଼ାଇବା ।

୪ । ସତ୍ୟ ସେବା, ସାହସ ଓ ଅହିଂସା ସାଧନାରେ ସେମାନଙ୍କୁ ଉଦ୍‌ବୁଦ୍ଧ କରିବା ।

( ୮ ବର୍ଷରୁ ୧୮ଶ ବାଳକ ବାଳିକାମାନଙ୍କ ପାଇଁ )

ଆମ ନଟ ଗୋପାଳ ତରୁଣ ନାଁ ନାଁ ବାଳକ ( ଅବଶ୍ୟ ଟେଲମଠ ନୁହନ୍ତି ) । ସେ ଉତ୍କଳ-ଦିଗ୍‌ବଳୟରେ ତାଙ୍କର ପ୍ରାତଃକାଳୀନ ଉଦ୍‌ଗମ ବାଳ-ରବି-ଲୋହିତ-ଆଭା ଦେଇ ଉଭା ହେବା ସମୟରେ ଦାରୁଣ-ନବେଦ-ଶମନ-ବଉଦ କଳାହାଣ୍ଡିଆ ଓଡ଼ଣାରେ ତାଙ୍କୁ ଢାଙ୍କି ଦେଲା । ସେ ଆଉ ସେଥିରୁ ମୁକ୍ତି ପାଇଲେ ନାହିଁ—ତାଙ୍କ ଜୀବନର ଶେଷ କଳା ପର୍ଦ୍ଦାଟି ଝୁଲି ପଡ଼ିଲା । ସେ ଗଲେ । ତାଙ୍କର ପରି ଶହ ଶହ ଏମିତି କଳି କଢ଼ାଇ ଝଡ଼ି ଗଲେଣି । କେତେଟାର କହି ଗଲେଣି ନୂତନର ସମ୍ମୁଖୀନ ହେବା ପାଇଁ—ଆଜି ଯେପରି ମଲ୍ଲୀ ଅମର ନଫୁଟୁଣୁ ଝଡ଼ି ନ ପଡ଼େ ସେଥିପାଇଁ ସଜାଗ ରହି ସତତ ସଚେଷ୍ଟ ରହିବା ପାଇଁ ।

ଧନଙ୍କର କଥା । ଧନଙ୍କର ଦେଖା ଗଳି-କଟାରେ । ସେହି ଧନଙ୍କର ସ୍ମୃତି କିନ୍ତୁ ଅପାଶୋରା ହୋଇ ରହିଛି । ଏ ମନ-ଅମ୍ବାମାନଙ୍କରେ ଲିଭିଯିବା ପର୍ଯ୍ୟନ୍ତ ତାହା ଦେଦୀପ୍ୟ ଓ ଜ୍ୱଳନ୍ତ ହୋଇ ରହିଥିବ । ସେ କଲିକତାକୁ ରେକର୍ଡରେ ଗୀତ ଦେବାକୁ ଯାଉଥିଲେ, ଦେଖା ହେଲା । ଏଣୁ ତେଣୁ କଥା ହେଲୁଁ । ସେହି ଅଳ୍ପ ସମୟ ଭିତରେ ସେ ତାଙ୍କର ସ୍ୱଭାବ-ସୁଲଭ ଉଦାର ଓ ଅମାୟିକ ଗୁଣରେ ମୋ ମନ ପ୍ରାଣ କିଣି ନେଲେ । ଅବଶୋଷ ରହିଗଲା । ତାଙ୍କୁ ଆଉଥରେ ଦର୍ଶନ କରି ପାରିଲି ନାହିଁ । ତାଙ୍କଠାରୁ ପ୍ରଥମେ ମୁଁ ଯେଉଁ ପ୍ରେରଣା ଲାଭ କରିଥିଲି, ଆଜି ପର୍ଯ୍ୟନ୍ତ ତାହା ମୋର ପାଥେୟ ହୋଇ ରହିଛି ।

ନଟ ଗୋପାଳ ଓଡ଼ିଶା ଅସେମ୍ବ୍ଲିର ସଚିବ ମୃତ୍ୟୁଞ୍ଜୟବାବୁଙ୍କର ସୁଯୋଗ୍ୟ ପୁତ୍ର । କିନ୍ତୁ ସେ ତାଙ୍କୁ ଦେଇଥିଲେ ଉତ୍କଳ ମାତାଙ୍କୁ । ତାଙ୍କର ବୟସ ମୋଟେ ଅଠର । ସେ ଗତ ବର୍ଷ ମାଟ୍ରିକୁଲେସନ ପାସ କଲେ । ସଙ୍ଗୀତ ପ୍ରତି ତାଙ୍କର ସ୍ୱତଃ ପ୍ରବୃତ୍ତି ଥିବାରୁ, ଲକ୍ଷ୍ନୌର ମରିସ ସଙ୍ଗୀତ କଲେଜକୁ ସେ ପ୍ରେରିତ ହେଲେ । କଲେଜରେ ପାଞ୍ଚବର୍ଷର ପାଠ । କିନ୍ତୁ ଦୁଇମାସ ମଧ୍ୟରେ ସେ ସମଗ୍ର କଲେଜ ପ୍ରତିଯୋଗିତାରେ ବୀଣା ବାଦନରେ ପ୍ରଥମ ହେଲେ ଓ ଅନ୍ୟାନ୍ୟ କଣ୍ଠ ଓ ଯନ୍ତ୍ର ସଂଗୀତରେ କୃତିତ୍ୱ ଦେଖାଇଲେ । ଦୀପ ଲିଭିବା ଆଗରୁ ଜଳି ଉଠିଲା ପରି !

ବିଧି ତାଙ୍କର ଏ ଉତ୍ଥାନକୁ ଈର୍ଷା କରି ଗତ ମାର୍ଚ୍ଚ ଦଶ ତାରିଖରେ ତାଙ୍କୁ ଆମଠୁଁ ଛଡ଼ାଇ ନେଇଗଲେ । ବାଲେଶ୍ୱରରେ ହଇଜାରେ ପଡ଼ି ସେ ଉତ୍କଳ ମାତାଙ୍କୁ ବିଦାୟ ଦେଇ ଶେଷ ନିଶ୍ୱାସ ଗ୍ରହଣ କରି ଚିରନିଦ୍ରା ଗଲେ । ମଲାବେଳେ ସେ ନଟବର ଶିବଙ୍କ ନାମ ସ୍ମରଣ କରି କରି ଅମର ସଂଗୀତର ସ୍ୱର ସହିତ ମିଶି ଗଲେ ।

ସେ ଓଡ଼ିଶାର ଜଣେ ପ୍ରତିଭା ସଂଗୀତଜ୍ଞ । ତାଙ୍କ କଣ୍ଠ ବୀଣାଠୁଁ ମଧୁର । ୧୯୫୪ରେ ନିଖିଳ ଉତ୍କଳ ସଂଗୀତ ସମ୍ମିଳନୀରେ ସେ ଖେୟାଲରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ । ଫିଲ୍ମଟି କେତେ ତାଙ୍କର ଗୁଣ ଫୁଟି ଉଠିଥିଲା । "ତୁଳସୀ ଦୁ ପତରୁ ବାସେ ପରି !" ଆଜି ସେ ଯଦି ବଙ୍ଗଳା କି ଅନ୍ୟଟିଏଁ ଜନ୍ମଲାଭ କରି ଥାଆନ୍ତେ, ଏତେବେଳକୁ ସେ ତାଙ୍କ ସ୍ୱୀୟ ପ୍ରତିଭାର ଯଥେଷ୍ଟ ପରିଚୟ ଦେଇ ପାରି ଥାଆନ୍ତେ । ଆଜିର ସିନେମା-ମହଲର ସାଇଗଲ, ଅଶୋକ କୁମାର ବି ତାଙ୍କ ପଛରେ ପଡ଼ି ଯାଇ ଥାଆନ୍ତେ । କିନ୍ତୁ ସେ ଏହି ବଣରେ ମଲ୍ଲୀ ପରି ଅନାଦୃତ ଭାବରେ ଝଡ଼ି ପଡ଼ିଲେ । ତାଙ୍କର ବିକାଶ ହୋଇ ପାରିଲା ନାହିଁ ।

ଓଡ଼ିଶା ପରି ଦେଶରେ କୌଣସି ମହତ କାର୍ଯ୍ୟ ପାଇଁ ଅହ୍ୱାନ କରିବା ପାଗଳର ପ୍ରଳାପ ସଙ୍ଗେ ସମାନ । ତେଣୁ ମୋର ଭଗବାନଙ୍କୁ ବିନୀତ ଅନୁରୋଧ ସେ ଯେପରି ତାଙ୍କୁ ଆଉ ଏ ହତଭାଗା ଓଡ଼ିଆ ପାଖକୁ ନ ପଠାନ୍ତୁ ।।

ଶ୍ରୀ ଲକ୍ଷ୍ମୀନାରାୟଣ ମହାନ୍ତି



Digitized by srujanika@gmail.com

## ଅଜାଙ୍କ ଜବାବ୍

ବର୍ଣ୍ଣୀ—ପଦ୍ମଲୋଚନଦାସଙ୍କ ନମ୍ବର ୩୧୬ ଓ ନରସିଂହଙ୍କ ନମ୍ବର ୩୨୭ ଟଙ୍କା ଅଛି। ଉପରରେ ଭୁଲ ହୋଇ ନାହିଁ।

କଳାହାଣ୍ଡି ନାଗଙ୍କର ଏ ଦଶା ଦେଖି ବଡ଼ ଦୁଃଖ ହେଉଛି। ଅତି ଶୀଘ୍ର କଳାହାଣ୍ଡିରୁ ନୂଆ ନାଗ ବାହାରି ନାଗଦଳରେ ସ୍ପର୍ଦ୍ଧା ଖେଳ ଦେଇ ନୂଆ ଉତ୍ସାହରେ ଲାଗିଲେ ଖୁସି ହେବି। ପତ୍ରିକାଟି ପୁଣି ବାହାରି କରିବାର ବନ୍ଦୋବସ୍ତ ଶୀଘ୍ର କର। ମୋତେ ଚିହ୍ନିଲେ ମୁଁ ଚିଠିକି ଲେଖା ଦେବି।

ପରମାନନ୍ଦ—ତମର ଆଉ ଚିଠି ମିଳୁନାହିଁ। ଅଫିସରେ ପତ୍ର ନାହିଁ। କାଗଜରେ ମଧ୍ୟ ପାଉ ନାହିଁ। ତମେ ଚିଠି ଶୀଘ୍ର ଲେଖ। ମୁଁ ଉତ୍ତର ଦେବି।

ପିତାମ୍ବର—(୩୩୪) ତମର ଯୁଦ୍ଧ କବିତା ଅମନୋନୀତ ହୋଇଛି। ତାହାବୋଲି ତମେ ଲେଖିବାରୁ ବିରତ ହେବ ନାହିଁ।

ସୁରେନ୍ଦ୍ର (୧୦୭) ତମେ ଆଜୀବନ ନାଗବନ୍ଧୁ ହୋଇଛ। ତମ ଉପର ଅଗ ଠିକଣାରେ ଯାଉଛି। ତଥାପି ପୁଣି ପଠାଯାଉଛି। ଠିକଣା ବଦଳାଇ ଦିଆଗଲା।

—ଃ୦ଃ—

### ଜଣେ ସିଦ୍ଧହସ୍ତ ନାଗ

ମୋର ନାଗ ନାତି ନାତୁଣୀମାନେ !

ତମ ସାଙ୍ଗିଆ ଜଣେ ନାଗ କୁମାର ଲକ୍ଷ୍ମୀନାରାୟଣଙ୍କୁ ଜାଣିଥିବ। ତାଙ୍କର ଅନେକ ଗୁଣ। ସେ ଭଲ ଗପ ଲେଖିପାରନ୍ତି। ଏବେ ନୈବେଦ୍ୟ ବୋଲି ଇଂରେଜୀ ଗପ ବହି ଲେଖି ବାହାର କରିଛନ୍ତି। ସେ ଭଲ ବ୍ୟଙ୍ଗ ଚିତ୍ର ମଧ୍ୟ କରନ୍ତି। ଉପରରେ ତାଙ୍କ ବ୍ୟଙ୍ଗ ଚିତ୍ର ଆପଣମାନେ କେବେ କେବେ ଦେଖିଥିବେ।



ଶ୍ରୀ ଲକ୍ଷ୍ମୀନାରାୟଣ ମହାନ୍ତି

ନାଗବନ୍ଧୁ ଭିତରେ ଅଧିକାଂଶ ସମୟରେ ତାଙ୍କ ଲେଖା ଆପଣମାନେ ପଢ଼ିଥିବେ। ତାଙ୍କର ହସ୍ତାକ୍ଷର ଅତି ସୁନ୍ଦର। ସେ ବଡ଼ ସରଳ। ତାଙ୍କର ବଡ଼ ହେବା ଆକାଂକ୍ଷା ଅଛି। ଭଗବାନ ତାଙ୍କର କାମନା ପୂର୍ଣ୍ଣ କରନ୍ତୁ।

—ଃ୦ଃ—

ସ୍ନେହର ନାଗ ଆମାନେ—

ଆଜି ଅଜାର ପୁଣି ଏକ ନିବେଦନ। ଏ ଯୁଦ୍ଧ ବଜାର। ଉପରର ପ୍ରାଣ ଏହି ଶାନ୍ତିପୂର୍ଣ୍ଣ ଧେମୁଅ ଓଡ଼ିଶା ଦେଶରେ ରହି ମଧ୍ୟ ସଜ ସଜ ହେଉଛି। ଛପା କାଗଜର ଦାମ ଦଶଗୁଣା ହୋଇଗଲା। ତଥାପି ଉପରର ମୂଲ୍ୟ ବଢ଼ା ଯାଉନାହିଁ। କେବେ କେବେ ପୃଷ୍ଠା କମାଇ ଦିଆ ଯାଉଛି। କିନ୍ତୁ ତାର କାରଣ ବେଶୀଭାଗ ଭଲ ଲେଖାର ଅଭାବ। ସେ ଯାହାହେଉ, ଉପର କଷ୍ଟ ବଞ୍ଚିବ ପ୍ରତ୍ୟେକ ନାଗ ଚେଷ୍ଟା କରୁ। ମୁଁ ପ୍ରତ୍ୟେକ ନାଗ ଉପରେ ପାଞ୍ଚୋଟି ଗ୍ରାହକ କରିବାର ଭାର ଦେବି। ଯେଉଁ ନାଗ ପାଞ୍ଚୋଟି ଗ୍ରାହକ କରିଦେବ ସେ ଶ୍ରେଣୀର ଉପର ମାଗଣାରେ ପାଇବ। ଗ୍ରାହକମାନଙ୍କ ୧ଟଙ୍କା ଏଟା ସାଙ୍ଗରେ ମନିଅର୍ଡର କରି ପଠାଇଲେ କମ୍ ଖର୍ଚ୍ଚ ହେବ। କୁପନ ତଳରେ ଗ୍ରାହକମାନଙ୍କର ନାମ ଓ ଯେଉଁ ନାଗ ଗ୍ରାହକ କରିଥିବେ ତାଙ୍କ ନାମ ରହିବା ନିତାନ୍ତ ଆବଶ୍ୟକ। ଆଶା, ମୋର ଏହି ଭାଗ ଯାକ ସବୁ ନାଗ ଶୁଣିବେ ତେବେ ମୁଁ ଉପରର ନାଗବନ୍ଧୁ ବିଭାଗକୁ ବଡ଼ ପୃଷ୍ଠା ପୂର୍ଣ୍ଣ କରିବି ବୋଲି ଚିନ୍ତା କରୁଛି।

ସ୍ନେହର ଅଜା

—ଃ୦ଃ—

### ବିଶେଷ ଘୋଷଣା

କାଗଜର ଦର ବଢ଼ିଯିବାରୁ ପରିଚାଳନା ସ୍ଥିର କରିଛନ୍ତି ଯେ ଏଣିକି ଆଉ ଛଅମାସକୁ ୨ଟଙ୍କା ସ୍ଥଳେ ୪୧ରେ ଉପର ମିଳିବନାହିଁ।

ଉପରର ବାର୍ଷିକ ମୂଲ୍ୟ ଅନ୍ୟ ବିଜ୍ଞପ୍ତି ପର୍ଯ୍ୟନ୍ତ ନିମ୍ନୋକ୍ତ ମତେ ରହିଲା।

ବାର୍ଷିକ ଡାକସହ ୫୨୯

ଷାଣ୍ମାସିକ ,, ୫୨୫

### କୁପନ୍

ଅଜା,

ମୁଁ ଜଣେ ନାତି/ନାତୁଣୀ ହେବାକୁ ଚାହେଁ; ମୋର ବୟସ ୧୮ ବର୍ଷରୁ କମ୍। ମୁଁ ସତ୍ୟ ସାହସ ସେବା ଓ ଅହିଂସା ପାଳନ କରିବାକୁ ଚେଷ୍ଟା କରିବି। ଦୟାକରି ନାଗବନ୍ଧୁ ଦଳରେ ମୋ ନାମ ଲେଖାଇ ଦେବେ। ମୁଁ ଏଥି ସହ ୫୦/ ୫୦୨ ର ଡାକ ଟିକଟ ପଠାଇଲି।

ତୁମ ସ୍ନେହର ନାତି/ନାତୁଣୀ

ଶ୍ରୀ ______________________

ଠିକଣା ____________________

ତାରିଖ

Digitized by srujanika@gmail.com



## ଦେଶ

ଇଂପିରିଏଲ ବ୍ୟାଙ୍କ ଅଫ ଇଣ୍ଡିଆର ଡିରେକ୍ଟର ହୋଇ ଅଲଙ୍କାରେ ଭର୍ଣ୍ଣଅର୍ଟ ଷ୍ଟେରଣ୍ଡ ଏ । ଏଉଣ୍ଡ କହୁଛ ସ୍ତୁଥିନ୍ତି । ବୈଦେଶିକ ନେତା ଶ୍ରୀ ଦେଶବନ୍ଧୁ ଦାସ କଲିକତାରେ ଚିକିତ୍ସିତ ହେଉଛନ୍ତି । ପ୍ରବଳ ବନ୍ୟା ହେତୁ ବୈତରଣୀ ବ୍ରାହ୍ମଣୀ ଓ ଖରସୁଆରେ ବନ୍ୟା ହୁଏ । ଫଳରେ ରେଲ ଯାତାୟାତ ବନ୍ଦ ହୁଏ ।

ମଙ୍ଗଳବାର ଢାକା ହିନ୍ଦୁ ମୁସଲମାନ ଦଙ୍ଗାରେ ଏପର୍ଯ୍ୟନ୍ତ ୩୪ ଜଣ ନିହତ ୮୯ ଜଣ ଆହତ ହେବାର ସମ୍ବାଦ ମିଳେ ।

ଲଣ୍ଡନର ଡେଲିନ୍ୟୁଜ୍ ସାର୍ ଅଷ୍ଟିନ୍ ଚେମ୍ବରଲେନ୍ ମଧ୍ୟ ପ୍ରାଚ୍ୟକୁ ଅଗ୍ରସର କରି ଜେନାରାଲ ସାର ଅର୍ଚ୍ଚିବାଲ୍ଡ ଓ୍ୱାଭେଲଙ୍କୁ ତାଙ୍କ ସ୍ଥାନରେ ବସାଯାଏ । ଏଥିରେ ଉପରେ ସ୍ୱତନ୍ତ୍ର ରହସ୍ୟ ଓ କଳ୍ପନା କଳ୍ପନାର ସମ୍ଭାବନା ରହିଛି ।

ଉଦାରନୈତିକ ନେତା ଏଲାହାବାଦରୁ ପ୍ରକାଶିତ ଲିଡର ପତ୍ରର ସମ୍ପାଦକ ଶ୍ରୀ ଚିରଞ୍ଜୀବ ଯଜ୍ଞେଶ୍ୱର ଚିନ୍ତାମଣି ପଦରୁ ଇସ୍ତଫା ଦେଇ ତ୍ୟାଗ କରନ୍ତି ।

ପଣ୍ଡିତ ଜହରଲାଲ ନେହେରୁଙ୍କ ପଲିସ ହେବାର ସୂଚନା ଅଛି । ଲଣ୍ଡନର ପ୍ରଥମ ଉପନ୍ୟାସିକ ଗଲ୍ସୱାର୍ଦ୍ଦି ଜେଲରୁ ବାହାରି ପୁଣି ଆସିବା ପାଇଁ ସତ୍ୟାଗ୍ରହ କରି ଜେଲ ହୋଇଥିଲେ ।

ସ୍ୱରାଜଦଳଙ୍କ ପରିଷଦରେ ଅଧିକ ସଂଖ୍ୟକ ସଭ୍ୟଙ୍କୁ ରହିବାର ବ୍ୟବସ୍ଥା ହୁଏ । ଭୂତପୂର୍ବ କଂଗ୍ରେସ ନେତା ଶ୍ରୀଯୁକ୍ତ ପଟେଲ ଏହି ପରିଷଦସ୍ଥିତ ହେବାର ଜଣାଯାଏ ।

## ବିଦେଶ

ରୁଷ ଜର୍ମାନ ଯୁଦ୍ଧର ଗତିରୁ ବୁଝାଯାଏ ଯେ ଜର୍ମାନ ରୁଷର ନୋଭୋମସ୍କୋ, ଲେନିନଗ୍ରାଡ୍, ମସ୍କୋ ଓ କଏଭ ପ୍ରଭୃତି ସହରକୁ ଲକ୍ଷ୍ୟ କରି ତାହାର ପରିଚାଳନା କରୁଛି । ଯୁଦ୍ଧର ତୃତୀୟ ଦିନରେ ଜର୍ମାନ ବ୍ରେଷ୍ଟ ଲିଟୋଭସ୍କ ଦୁର୍ଗ, ଭିଲନା ଓ କଭନା ଅଧିକାର କରେ । ପଞ୍ଚମ ଦିନରେ ବିଲିନା ନଦୀ ପାର ହୋଇ ଡୁଇନାବୁର୍ଗ ସହର ଦଖଲ କରେ । କିନ୍ତୁ ତତ୍ପରେ ଟ୍ୟାଙ୍କ କମାଣ୍ଡ ଦଳ ସୀମାନ୍ତରକ୍ଷୀମାନଙ୍କ ସହିତ ଅପ୍ରତିହତ ଭାବରେ ଜର୍ମାନ ସୁଦ୍ଧା ପ୍ରଥମେ ଯେପରି ଅଗ୍ରସର ହୋଇପାରି ଥିଲା ତାହା ପ୍ରତିହତ ହୁଏ । କେବଳ ମିନ୍ସ୍କ ଅଞ୍ଚଳ ଛଡ଼ା ଆଉ କେଉଁଠାରେ ଜର୍ମାନ ସାଫଲ୍ୟ ଲକ୍ଷିତ ହୁଏନାହିଁ । ଜର୍ମାନ ମିନ୍ସ୍କ ଅଧିକାର କରେ । କିନ୍ତୁ ଷ୍ଟାଲିନଙ୍କ ନିର୍ଦ୍ଦେଶ ମତେ ଜର୍ମାନ ଯେଉଁ ଯେଉଁ ସ୍ଥାନ ଅଧିକାର କରୁଛି ସେହି ସ୍ଥାନମାନଙ୍କର ସମସ୍ତ ଖାଦ୍ୟ ସାମଗ୍ରୀ ଅନ୍ୟାନ୍ୟ ପେଟ୍ରୋଲ ପ୍ରଭୃତି ପଣ୍ୟ ରୁଷ ସୈନ୍ୟ ଧ୍ୱଂସ କରି ଦେଇ ଆସିବା ଫଳରେ ଜର୍ମାନର ତାହାର କୌଣସି ମୂଲ୍ୟ ରହୁନାହିଁ । ଜର୍ମାନ ରେଡ଼ିଓରୁ ପ୍ରକାଶ ଯେ ସେମାନେ ସମସ୍ତ ବେସାରାବିଆ ଦଖଲ କରିଛନ୍ତି । କିନ୍ତୁ ରୁଷ ସ୍ୱୀକାର କରେ ଯେ ଜର୍ମାନମାନେ କେବଳ ଲିଥୁଆନିଆ ଲାଟଭିଆ ଅଞ୍ଚଳ ଦଖଲ କରିଛନ୍ତି । ଜର୍ମାନ, ରୁଷର ଫଉଜପତ୍ରଖା ଷ୍ଟାଲିନ ଲାଇନ ବ୍ୟୂହ ଭେଦକରି ଯାଇଛି ବୋଲି ଦାବି କରେ । ରୁଷ ଜର୍ମାନ ଅଧିକୃତ ଦୁଇଟି ସହର ପୁନରଧିକାର କରିଥିବାର ସମ୍ବାଦ ଦିଏ । ବ୍ରିଟେନ ଓ ଇଂଲଣ୍ଡ ପରସ୍ପର ସାହାଯ୍ୟ ସନ୍ଧି ସ୍ଥାପନ କରି ସର୍ତ୍ତ ରଖନ୍ତି ଯେ ପରସ୍ପର ଅନୁମତି ବିନା କେହି ଜର୍ମାନ ସହିତ ମୀମାଂସା କରିବେ ନାହିଁ ।

ସିରିଆରେ ବ୍ରିଟିଶ ସୈନ୍ୟ ପାମିର ଓ ଦେଇର-ଏଜୋର ଅଧିକାର କରି ବେରୁଟ ଦଖଲ କରିବାକୁ ଉଦ୍ୟତ ହେବା ସମୟରେ ଗୋଟାଏ ଅସ୍ଥାୟୀ ସନ୍ଧି ହେବାର ପ୍ରସ୍ତାବ ହୁଏ । ଭିଚି ସରକାର ସନ୍ଧିସର୍ତ୍ତ ଗ୍ରହଣ ନକରିଲେ ମଧ୍ୟ ଫରାସୀ ସେନାଧ୍ୟକ୍ଷ ଜେନ୍ତ୍ସ, ତାଙ୍କ ଦିଆଯାଇଥିବା ସ୍ୱତନ୍ତ୍ର ଅଧିକାର ବଳରେ ସେ ବ୍ରିଟେନ ସହିତ ସନ୍ଧି ସ୍ୱାକ୍ଷର କରନ୍ତି । ସିରିଆ ଯୁଦ୍ଧ ଏହିପ୍ରକାର ଅବସାନ ହୁଏ ।

ଅବିସିନିଆରେ ଦେବ୍ରାଟାବୋରେ ଇଟାଲୀୟ ସେନାନାୟକ ଆତ୍ମସମର୍ପଣ କରିବା ଫଳରେ ଆଫ୍ରିକା ପୁରାପୁରି ଇଂରାଜ ଅଧିକୃତ ଦେଶ ହୁଏ ।

ଚୀନ ଜାପାନର ପଞ୍ଚମ ବାର୍ଷିକ ଯୁଦ୍ଧ ବାର୍ଷିକ ପାଳିତ ହୁଏ । ଚୀନ କହେ ଯେ ଗତ ଚାରିବର୍ଷ ଭିତରେ ୨୫ ଲକ୍ଷ ଜାପାନ ସୈନ୍ୟ ଧ୍ୱଂସ ହୋଇଛନ୍ତି । ପୁଣି ଜାପାନ କହେ ଯେ ୩୨ ଲକ୍ଷ ଚୀନ ହତାହତ ହୋଇଛନ୍ତି ।

ଆଟଲାଣ୍ଟିକ ବନ୍ଦର ନିରାପଦ କରିବାର ଉଦ୍ଦେଶ୍ୟ ଦେଖାଇ ଏବଂ ବ୍ରିଟିଶ ସୈନ୍ୟ ଅନ୍ୟତ୍ର ଆବଶ୍ୟକ ହେବାରୁ ମାର୍କିନ ସୈନ୍ୟ ଆଇସଲଣ୍ଡରେ ପ୍ରବେଶ କରିଛନ୍ତି ।

—o—


## ନିଶ୍ଚୟ! ନୋହିଲେ ୫୦୦୦ଙ୍କା ପୁରସ୍କାର ।

ସକଳ ପ୍ରକାର ଜ୍ୱର ଓ ବର୍ଦ୍ଧିତ ପ୍ଲୀହା ଯକୃତ ପାଇଁ 'ଜ୍ୱରକୃଷ୍ଣ ଭୈରବ' ବ୍ୟବହାର କରନ୍ତୁ । ଦର — ୧।୯ ଧ୍ୱଜଭଙ୍ଗ, ଶୁକ୍ରତାରଲ୍ୟ ଲିଙ୍ଗର ଶିଥିଳତା ପାଇଁ 'କାମଦେବଘୃତ' ବ୍ୟବହାର କରନ୍ତୁ । ମାତ୍ର ୧।୮ । ଅସାଧ୍ୟ ଶୂଳ, ବାନ୍ତି, ପେଟଫୁଲିବା, କୋଷ୍ଠକାଠିନ୍ୟପାଇଁ ସୁଭକର ଚୂର୍ଣ୍ଣ' ବ୍ୟବହାର କରନ୍ତୁ । ୧୪ ମାତ୍ରାକୁ ୧।୯ ।

ଠିକଣା—ସ୍ୱର୍ଗତ କବିରାଜ ଶ୍ରୀ ନାରାୟଣ ମିଶ୍ରଙ୍କ ପୌତ୍ର—କବିରାଜ ଶ୍ରୀ ରାଧାନାଥ ମିଶ୍ର ଆୟୁର୍ବେଦାଚାର୍ଯ୍ୟ, L. M. S.
ସା: ଝାଞ୍ଜିରିମଙ୍ଗଳା କଟକ ।




Digitized by srujanika@gmail.com

# ଶ୍ରୀ ବ୍ରଜେନ୍ଦ୍ରନାଥ ନାୟକ ଜୁଏଲର

ଦରଘାବଜାର, ପୋ. — କଟକ ।




୫ ୨୦୯ କା ପୁରସ୍କାର !

୫ ୨୦୯ କା ପୁରସ୍କାର !

— ଖରିଦ୍ଦାରମାନଙ୍କର ଫରମାସ ଅନୁସାରେ ଆମ୍ଭେମାନେ ଖାଣ୍ଟି ସୁନା, ରୁପା ଏବଂ ବହୁମୂଲ୍ୟ ପଥରର ନୂଆ ଢାଞ୍ଚାର ଅଳଙ୍କାରମାନ ମନ ମୁତାବକ ପ୍ରସ୍ତୁତ କରିଥାଉଁ । ଆମ୍ଭମାନଙ୍କର ବ୍ୟବସାୟ ଅନେକ ଦିନରୁ ଚଳିଆସୁଥିବାରୁ କୌଣସି ବ୍ୟକ୍ତି ଆମ୍ଭମାନଙ୍କର ସାଧୁତା ସମ୍ବନ୍ଧରେ କେବେହେଲେ ସନ୍ଦେହ କରିନାହାନ୍ତି । ଆମ୍ଭେମାନେ ଏହି କାର୍ଯ୍ୟାଳୟଟିକୁ ନୂତନ ପ୍ରଣାଳୀ କରିଥିବାରୁ ବଜାରର ଦର ଅପେକ୍ଷା ବହୁ ମୂଲ୍ୟ ସୁଲଭରେ ଅଳଙ୍କାର ପ୍ରସ୍ତୁତ କରିଥାଉଁ ତାହାର କୈଫିୟତରେ ଆମ୍ଭେମାନେ କାହାରିକୁ ଜବାବ ଦେବାକୁ ବାଧ୍ୟ ନାହିଁ । ପ୍ରତ୍ୟେକ ପଦାର୍ଥକୁ କଷି ପରୀକ୍ଷା କରିବାର ସୁବିଧା ଆମ୍ଭେ ଦେଇ ଥାଉଁ । କେହି କୌଣସି ପ୍ରକାର ଦୋଷ ଦେଖି ପାରିଲେ ଆମ୍ଭେମାନେ ୨୦୯କା ପୁରସ୍କାର ଦେବାକୁ ପ୍ରସ୍ତୁତ ଅଛୁଁ ସାଧାରଣଙ୍କର ଅନୁଗ୍ରହ ପ୍ରାର୍ଥନୀୟ —

ନିବେଦକ

**ଶ୍ରୀ ବ୍ରଜେନ୍ଦ୍ରନାଥ ନାୟକ**

ଦରଘା ବଜାର, ପୋଃ — କଟକ ।


---


ବ୍ରହ୍ମଦେଶରେ ପ୍ରଥମ ପ୍ରତିଷ୍ଠିତ

( ସାପ୍ତାହିକ ) **'ବର୍ମା ଓଡ଼ିଆ ପତ୍ରିକା'** (ରୟେଲ ୧୬ ପୃଷ୍ଠା)

ଏହାଗାଧିକ ପ୍ରବାସୀ ଉତ୍କଳୀୟଙ୍କ ପ୍ରଧାନ ମୁଖପତ୍ର । ଉତ୍କଳର ଗ୍ରାମ-ଜୀବନର ସକଳ ପ୍ରକାର ଦୁଃଖ ଦୁର୍ଦ୍ଦଶା, ବର୍ମାରେ ଭାରତୀୟଙ୍କର ପ୍ରକୃତ ଅବସ୍ଥା, ବର୍ମା ଭାରତ ପୃଥକୀକରଣ ପରେ ବର୍ମା ସରକାର ମତଗତ ଏବଂ ବର୍ମାର ରାଜନୈତିକ ପରସ୍ଥିତି ସଙ୍ଗେ ସେଠା ଅଧିବାସୀମାନଙ୍କ ସାମାଜିକ, ରାଜନୈତିକ ଓ ଆର୍ଥିକ ଅବସ୍ଥା ସମ୍ବନ୍ଧେ ଲେଖାମାନ ଏହି ପତ୍ରିକାରେ ପ୍ରକାଶିତ ହୁଏ । ବ୍ରହ୍ମଦେଶର ବ୍ୟବସାୟର ସବୁ ଖବର ଜାଣିବାକୁ ହେଲେ ଏହି ପତ୍ରିକା ପଢ଼ନ୍ତୁ । ଏହା ବର୍ମାର ଯୁବକ କର୍ମୀ ଶ୍ରୀଯୁକ୍ତ ମଧୁସୂଦନ ମହାପାତ୍ରଙ୍କ ଦ୍ୱାରା ପ୍ରତିଷ୍ଠିତ ଓ ସମ୍ପାଦିତ ।

ମୂଲ୍ୟ ଟ ୨୩, ଛାତ୍ରଙ୍କ ଠାରୁ ଟ ୨୯, ଭାରତବର୍ଷ ଡାକମାସୁଲ ଦେଇ ଟ ୪୯ । ଠିକଣା — ପୋ ୭୨।୭୩, ୩୦୨ର ଗଲାଇଷ୍ଟ୍ରିଟ (ବର୍ମା)


---


## ସଂବାଦ

ଆମ୍ଭେ ନୂତନ ଧରଣର ଆଦର୍ଶ ଜନ୍ମପତ୍ରିକା ପ୍ରସ୍ତୁତ କରି ଆବଶ୍ୟକ ମତେ ସର୍ବସାଧାରଣଙ୍କୁ ଯୋଗାଇ ଥାଉଁ । ଏତଦ୍‌ବ୍ୟତୀତ ସକଳ ପ୍ରକାର ଜ୍ୟୋତିଷ ଗଣନା କରି ଶୁଭାଶୁଭ ଫଳ ଦର୍ଶାଇ ଥାଉଁ । ଥରେ ମାତ୍ର ପରୀକ୍ଷଣୀୟ ।

୧ । ଆଦର୍ଶ ଜନ୍ମ ପତ୍ରିକାର ପାଞ୍ଚ ଶମିକ ମୂଲ୍ୟ ଟ ୧୯ଙ୍କା । ୨ । ସଂକ୍ଷିପ୍ତ ତାଳ ପତ୍ରରେ ଆଦର୍ଶ ଜନ୍ମପତ୍ରିକା ମୂଲ୍ୟ ଟ ୦୧ । ୩ । ବର୍ଷ ମେଳକ ଜ୍ୟୋତିଷ ବର୍ଷର ଟ ୦୧ । ୪ । ଅନ୍ୟାନ୍ୟ ଦଶା ଅନ୍ତର୍ଦଶା, ପ୍ରତ୍ୟନ୍ତରଦଶା ଫଳ ବର୍ଷର ଟ ୧୯ । ୫ । ସଂକ୍ଷିପ୍ତ ଆୟୁର୍ଦାୟ ମୂଲ୍ୟ ଟ ୫୯ । (ଜନ୍ମର ଠିକ ସମୟ ଓ ଘଣ୍ଟା ମିନିଟ ସାଲ ମାସ ଦିନ ଦେବାପାଇଁ ଭୁଲିବେ ନାହିଁ)

ଠିକଣା — **ଶ୍ରୀଅନନ୍ତଚରଣ ସାହୁ** ମାଷ୍ଟର ପୁରୁଣାବଜାର, ଭଦ୍ରକ ।



## ନିଜର ପ୍ରତିକୃତି

ନିଜେ ଦେଖିଲେ

ସର୍ବାଧିକ ଆନନ୍ଦ ମିଳେ ।

ଶିଳ୍ପୀ — ଏସ୍ ଜଗନ୍ନାଥ

ଫଟୋ ହାଉସ, ଚୌଧୁରୀବଜାର — କଟକ

[ଓଡ଼ିଶାର ଯେ କୌଣସି ସ୍ଥାନକୁ ଯାଇ ଫଟୋ ନିଆଯାଇ ପାରେ]



printed & published at the Gopinath Press, Bhadrak, by G. C. Mahapatra and issued from Digaro Office, Bhadrak.



Digitized by srujanika@gmail.com

## ମାଭୈଃ— —ମାଭୈଃ— —ମାଭୈଃ

ମୃତ୍ୟୁ ବା ଅନୁଷ୍ଠାନଙ୍କ ଅଭାବରେ ଦୁର୍ଦ୍ଦଶାଗ୍ରସ୍ତ ନ ହୋଇ ନିଶ୍ଚିନ୍ତ ଭାବରେ କାଳ କାଟିବା ଉଚିତ୍ ବୋଲି ମନେକଲେ ବାର୍ଦ୍ଧକ୍ୟ ଓ ପରିବାରବର୍ଗଙ୍କ ପାଇଁ ଅଚିରେ ବନ୍ଦୋବସ୍ତ କରନ୍ତୁ। ଅନ୍ତର୍ଜାତିକ ଅନିଶ୍ଚିତତା ଓ ଆର୍ଥିକ ଦୁର୍ଗତିରେ ଜୀବନବୀମାହିଁ ଏକମାତ୍ର ନିରାପଦ, ଲାଭଜନକ ଓ ନିର୍ଭରଯୋଗ୍ୟ ଲଗାଣି।

ଏ ଦୁର୍ଦ୍ଦିନରେ "ହିନ୍ଦୁସ୍ଥାନ"ରେ ବୀମା କରି ବା ପ୍ରତିନିଧି ହୋଇ ଲାଭବାନ ହୁଅନ୍ତୁ।

# ହିନ୍ଦୁସ୍ଥାନ କୋ-ଅପରେଟିଭ

## ଇନସିଓରେନ୍ସ ସୋସାଇଟି ଲିଃ

ହେଡ୍ ଅଫିସ—କଲିକତା

**ଦୃଢ଼ତାର ସୂଚନା**—

ମୋଟ ଚଳନ୍ତି ବୀମା—୧୭ କୋଟି ୨ ଲକ୍ଷରୁ ଊର୍ଦ୍ଧ୍ୱ। ମୋଟ ବୀମା ପାଣ୍ଠି—୩ କୋଟି ୧୦ ଲକ୍ଷରୁ ଊର୍ଦ୍ଧ୍ୱ।

ମୋଟ ଦେୟ—୩ କୋଟି ୫୨ ଲକ୍ଷରୁ ଊର୍ଦ୍ଧ୍ୱ। ୧୯୪୦ ରେ ନୂତନ ବୀମାର ପରିମାଣ ୨ କୋଟି ୭୫ ଲକ୍ଷରୁ ଊର୍ଦ୍ଧ୍ୱ।

ଏଜେନ୍‌ସୀ ପାଇଁ ନିମ୍ନଲିଖିତ ଠିକଣାରେ ଅନୁସନ୍ଧାନ କରନ୍ତୁ।

ଏନ୍ ଦତ୍ତ — ସେକ୍ରେଟାରୀ — ହିନ୍ଦୁସ୍ଥାନ ବିଲ୍‌ଡିଙ୍ଗ୍‌ସ, କଲିକତା।

ଅର୍ଗାନାଇଜର—**ନରେନ୍ଦ୍ର ପ୍ରସାଦ ଦାସ** — ହିନ୍ଦୁସ୍ଥାନ କୋ-ଅପରେଟିଭ ଇନ୍‌ସିଓରେନ୍ସ ସୋସାଇଟି ଲିଃ। ଗୃହଗାର୍ଡ୍ରେନ, କଟକ।

---

# ଦାର୍ଜିଲିଙ୍ଗ ବେଙ୍କ ଲିମିଟେଡ

## କଟକ ଶାଖା—

ଜନ ସାଧାରଣଙ୍କର ବ୍ୟବହାରର ସୁବିଧା ପାଇଁ ଦାର୍ଜିଲିଙ୍ଗ ବେଙ୍କର କଟକ ଶାଖା ମଙ୍ଗଳାବାଗସ୍ଥ ବାସନ୍ତି ବିଲ୍‌ଡିଙ୍ଗ କୋଠାରେ ଖୋଲା ହୋଇଛି। ସମସ୍ତ ପ୍ରକାର ବେଙ୍କିଙ୍ଗ କାର୍ଯ୍ୟ କରାହୁଏ। ପରଲିଖିତ ଠିକଣାରେ ଅନୁସନ୍ଧାନ କରନ୍ତୁ।

ଓଡ଼ିଶା ଅଫିସ, ମଙ୍ଗଳାବାଗ କଟକ।

---



## "ଜଗନ୍ନାଥ ସାହିତ୍ୟ ସମିତି"ର

## ସଂଘର୍ଷ ଓ ନୈବେଦ୍ୟ ପ୍ରକାଶ ପାଇଛି।

ଆସନ୍ନ ଅବଦାନରେ

Detective କାହାଣୀ **"ମାୟାପୁରୀ"** ପ୍ରକାଶିତ ହେବ

୫ ୧ ୧ ଦେଇ ସଭ୍ୟ ହେଲେ ସମସ୍ତ ବହି ମୂଲ୍ୟରେ ଓ ପରବର୍ତ୍ତୀ

ଅଳ୍ପ ଦାମରେ ନିମ୍ନଲିଖିତ ସ୍ଥାନରୁ ଆମ୍ଭ ବହି ମିଳି ପାରିବ।

(1) Utkal Book Ajency, Ranibat, (2) Saraswata Bhandar, ଚାନ୍ଦିନୀଚୌକ (3) Orissa Book Emporium, ବାଲୁବଜାର (4) The Book Stall, ଚୌଧୁରୀ ବଜାର (5) The National Publishing Co., ସ୍ୱର୍ଣ୍ଣକାରସାହି (6) The Students' Store, ସ୍ୱର୍ଣ୍ଣକାରସାହି କଟକ (7) The Students' Store—ବ୍ରହ୍ମପୁର (8) ଜନତା ଟେଲର ମହାନ୍ତି, Straight Mile Road—ଜାମସେଦପୁର (୯) ମଦନେଶ୍ୱର ଦାସ, 1/3 Hidaram Banerji Lane—କଲିକତା (୧୦) ଶ୍ରୀ ଲକ୍ଷ୍ମୀନାରାୟଣ ମହାନ୍ତି—କରାପୁଟ।

ଅନ୍ୟାନ୍ୟ ସ୍ଥାନରେ ଏଜେନ୍ସି ଆବଶ୍ୟକ। ୧୦ଟଙ୍କା ଓ ପରିଚୟ ସମ୍ପାଦକ, ଜଗନ୍ନାଥ ସାହିତ୍ୟ ସମିତିଙ୍କ ନିକଟରେ ପଠାନ୍ତୁ।


Digitized by srujanika@gmail.com




# ଭାଲୁ ଲାଙ୍ଗୁଳ




ଛାଡ଼ି ହେଉ ନାହିଁ କି ଧରି ହେଉ ନାହିଁ

—ହିଟ୍‌ଲର

୫ମ ବର୍ଷ ୫ମ ସଂଖ୍ୟା ଶ୍ରାବଣ ପ୍ରଥମାର୍ଦ୍ଧ

Digitized by srujanika@gmail.com

# ଭ୍ରାମରୀ ରସାୟନ

ବାତରକ୍ତ ଓ କୁଷ୍ଠର ଅବ୍ୟର୍ଥ ମହୌଷଧ

ଏହା ପୁରାତନ ଆୟୁର୍ବେଦୀୟ ଔଷଧ ଦ୍ୱାରା ପ୍ରସ୍ତୁତ ହୋଇଅଛି । ବାତରକ୍ତ ଓ କୁଷ୍ଠ ପ୍ରାୟ ଏକରୂପ ବ୍ୟାଧି, ମାତ୍ର ଲକ୍ଷଣ ଭେଦରେ ପ୍ରକାର ଭେଦ ହୋଇଥାଏ । ଏହି ରୋଗ ଶରୀରରେ ଜନ୍ମିବା ପୂର୍ବରୁ ନାନାପ୍ରକାର ରକ୍ତ ବା ରକ୍ତବର୍ଣ୍ଣ ଚିହ୍ନ, ଅଙ୍ଗ ବାକା ହେବା ଅବସାଦ, ହାତଗୋଡ଼ରେ ବେଦନା ଅବଶ୍ୟ, ଅବସନ୍ନତା, ଝାଇଁଝିମା ଓ ଦେହରେ ଚିହ୍ନ ଓ ଖାଇବାପିଇବାରେ ଅରୁଚି ପ୍ରଭୃତି ପୂର୍ବଲକ୍ଷଣମାନ ଦେଖାଯାଏ । ଉପରୋକ୍ତ ରୋଗମାନଙ୍କୁ ଦୂରୀକରଣାର୍ଥେ ଆମର ଏହି "ଭ୍ରାମରୀ ରସାୟନ" ଏକମାତ୍ର ପରମ ମହୌଷଧ । ଏହା ଏକମାସ ସେବନ କଲେ ଏହାର ଉପକାରିତା ଲୋକେ ଜାଣି ପାରିବେ । ଏକମାତ୍ର ସେବନ ଉପଯୋଗୀ ଔଷଧର ମୂଲ୍ୟ ୫୮ ଭ୍ରାମରୀ ତୈଳ:—ଏହା ଦେହରେ ମାଲିସ୍ କଲେ ଦେହର ଚିହ୍ନ ପ୍ରଭୃତି ଶୀଘ୍ର ଆରୋଗ୍ୟ ହେବ । ଏକଶିଶି ୫୦ ଟଙ୍କା ମାତ୍ର ୬୦ ଟଙ୍କା ମାତ୍ର ।

କାୟାକଳ୍ପ ଔଷଧାଳୟ

ବୈଦ୍ୟରାଜ:— ଶ୍ରୀ ଲକ୍ଷ୍ମୀନାରାୟଣ ଆଚାର୍ଯ୍ୟ ଆୟୁର୍ବେଦ ଶାସ୍ତ୍ରୀ

ଆଲମଚାନ୍ଦ ବଜାର, କଟକ ।

କବିରାଜ ଶ୍ରୀଧର ଗର୍ଗବଟୁ ଭିଷଗାଚାର୍ଯ୍ୟଙ୍କ ଦ୍ୱାରା ଉଦ୍ଭାବିତ ଓ ଆଜକୁ ଦଶବର୍ଷ ଯାବତ୍ ପରୀକ୍ଷିତ ଔଷଧାବଳୀ ।

# ସ୍ୱପ୍ନ ସୁନ୍ଦରୀ

ଧାତୁ ଦୌର୍ବଲ୍ୟଗ୍ରସ୍ତ ଯୁବକମାନଙ୍କର ନିଦ୍ରାବସ୍ଥାରେ କାମୋଦ୍ରେକ ସ୍ୱପ୍ନ ଦର୍ଶନ ଶୁକ୍ରକ୍ଷୟ ହୋଇଥାଏ । ଏହି ରୋଗ ଅଗ୍ରେ ଅଳ୍ପ ଏବଂ ପରେ ଅଧିକ ହୋଇ ଥାଏ ଯେ କି ପ୍ରତ୍ୟହ ଶୋଇଲା ମାତ୍ରେ ଶୁକ୍ର କ୍ଷୟ ହୁଏ । ଏହି ରୋଗ ଶରୀରର ବଳ, ବୀର୍ଯ୍ୟ, ଅଗ୍ନି, ଓଜ ଇତ୍ୟାଦି ସମସ୍ତ ଅଙ୍ଗ କ୍ଷଣରୁ କ୍ଷୀଣରେ କରି ରୋଗୀଙ୍କୁ ଅକାଳ ବାର୍ଦ୍ଧକ୍ୟ ବର୍ଣ୍ଣ କରି ଦେଇ ଥାଏ । ପରିଶେଷରେ ମଧ୍ୟ ଏହିପରି ଶୁକ୍ରକ୍ଷୟ ହେତୁରୁ ଧ୍ୱଜଭଙ୍ଗ ରୋଗ ଉପସ୍ଥିତ ହୋଇଥାଏ । ଆମର ସ୍ୱପ୍ନ ସୁନ୍ଦରୀ ଔଷଧ କିଛୁଦିନ ନିୟମିତ ବ୍ୟବହାର କଲେ ସ୍ୱପ୍ନଦୋଷ ଓ ତଜ୍ଜନିତ ଶୁକ୍ରକ୍ଷୟ ନିବାରିତ ହୋଇ ଶରୀର ହୃଷ୍ଟ ପୁଷ୍ଟ ଓ ବଳିଷ୍ଠ ହୋଇଥାଏ ।

ମୂଲ୍ୟ—୬୦ ଗୋଟା ବଟିକା ପୂର୍ଣ୍ଣ ଏକ ଶିଶିକୁ ୫୨ । ୩୦ ଗୋଟା ବଟିକା ପୂର୍ଣ୍ଣ ଶିଶିକୁ ୫୧ । ଡାକଖର୍ଚ୍ଚ ସ୍ୱତନ୍ତ୍ର ।

ଠିକଣା: ଶ୍ରୀଧର ଗର୍ଗବଟୁ ଭିଷଗାଚାର୍ଯ୍ୟ, ଭୁବନେଶ୍ୱର—ପୁରୀ

# ସନ୍ନ୍ୟାସୀ ଅମୃତ (ରେଜିଷ୍ଟାର୍ଡ)




କଲେରା, ବାନ୍ତି, ପେଟ କାମୁଡ଼ିବା, ଝାଡ଼ା, କଣ୍ଠ ଘା, ମୁଣ୍ଡବ୍ୟଥା, ବାତ, ପ୍ଲୀହା ଏତଦ୍ଭିନ୍ନ ଯେ କୌଣସି ରୋଗରେ ଏହାକୁ ବ୍ୟବହାର କଲେ ଦେଖିବା ମାତ୍ରକେ ପର ଆଶ୍ଚର୍ଯ୍ୟ କାର୍ଯ୍ୟ କରେ । ପ୍ରତ୍ୟେକ ଗୃହସ୍ଥର ଘରେ ଏକ ଶିଶି ରଖିବା ନିତାନ୍ତ ଆବଶ୍ୟକ । ଏହା ଭାରତବର୍ଷର ଭିନ୍ନଭିନ୍ନ ସ୍ଥାନର ଚେରମୂଳରେ ପ୍ରସ୍ତୁତ ।

ମୂଲ୍ୟ ଆଠଅଣା ମାତ୍ର, ନମୁନା ଶିଶି ଚାରିଅଣା ।

ଠିକଣା—ସନ୍ନ୍ୟାସୀ ଏଣ୍ଡ୍ କୋ: (ରେଜିଷ୍ଟାର୍ଡ)

ପଞ୍ଜାବ

ଶାଖା, ଅଶ୍ୱପଦା—ବାଲେଶ୍ୱର. (ଓଡ଼ିଶା) ।

# କୈଦୋତାଦିପାଚନ

ସମସ୍ତ ପ୍ରକାର ବିଷମ ମ୍ୟାଲେରିଅ ଜ୍ୱରର ପ୍ରଧାନ ଔଷଧ । ପ୍ଲୀହାଯକୃତ୍ ସଂଯୁକ୍ତ ଜ୍ୱରରେ ମଧ୍ୟ ଏହାର ଆଶ୍ଚର୍ଯ୍ୟ କ୍ରିୟା ଦେଖାଯାଇଥାଏ । ଏକାହ୍ନିକ, ଦ୍ୱ୍ୟାହ୍ନିକ, ତ୍ର୍ୟାହ୍ନିକ, ଚାତୁର୍ଥିକ, ଜୀର୍ଣ୍ଣ ମ୍ୟାଲେରିଅ । କୁଇନାଇନ ଅଟକିଲା ଜ୍ୱର ପ୍ରଭୃତି ସମସ୍ତ ପ୍ରକାର ବିଷମ ଜ୍ୱର ଶିଶି ଔଷଧ ବ୍ୟବହାର କଲେ ସମୂଳେ ଆରୋଗ୍ୟ ହୋଇଥାଏ । ଯଦି ବହୁଦିନ ଜ୍ୱର ଭୋଗ କରି ଶରୀର ବଳଶୂନ୍ୟ ହୋଇଥାଏ ତେବେ ଏହାକୁ କିଛୁଦିନ ନିୟମିତ ସେବନ କଲେ ଅଗ୍ନିବୃଦ୍ଧି ହୋଇ ଶରୀରରେ ନୂତନ ରକ୍ତ ସଞ୍ଚାର କରିଥାଏ ।

ମୂଲ୍ୟ—ଶିଶିକୁ ବାରଅଣା ମାତ୍ର । ଶିଶିକୁ ଦାଡଟଙ୍କା ମାତ୍ର । ଡାକଖର୍ଚ୍ଚ ସ୍ୱତନ୍ତ୍ର ।

ପ୍ରାପ୍ତିସ୍ଥାନ—କବିରାଜ—ଶ୍ରୀଧର ବଟୁ ଭିଷଗାଚାର୍ଯ୍ୟ । ଆୟୁର୍ବେଦିକ୍ ଫାର୍ମେସୀ, ଭୁବନେଶ୍ୱର—ପୁରୀ ।



Digitized by srujanika@gmail.com



ସଂଯୁକ୍ତ ଭାଇସରାୟ ବା ଚଳନ୍ତି ସମ୍ରାଟ ଏବେ ତାଙ୍କର ନୂଆ ଗଣ ବାଛିଛନ୍ତି । ବିଷ୍ଣୁଙ୍କର ପାର୍ଷଦରେ ମାନଙ୍କୁ ଯେପରି ବିଷ୍ଣୁଗଣ, ଶିବଙ୍କର ଅନୁଚରମାନଙ୍କୁ ଯେପରି ଶିବଗଣ କୁହାଯାଏ, ତଦ୍ରୂପ ଭାଇସରାୟ-ଗଣ ବୋଲି ଏମାନେ ଏତଦ୍ଵାରା ବିଖ୍ୟାତ ହେବେ । ପୂର୍ବରୁ ଭାଇସରାୟଙ୍କ ଏହି ଗଣମଣ୍ଡଳ ସପ୍ତର୍ଷିମଣ୍ଡଳ ରୂପରେ ବିରାଜ କରୁଥିଲେ । ଏବେ ଏଗାରଟି ହୋଇ ହିନ୍ଦୁ ଶାସ୍ତ୍ରର ନବଗ୍ରହ ଏବଂ ପାଶ୍ଚାତ୍ୟ ଶାସ୍ତ୍ରର ନୂଆ ଦୁଇଟି ଗ୍ରହ ସମେତ ଏଗାରଟି ଗ୍ରହ ହୋଇ-ଛନ୍ତି । ଏମାନଙ୍କ ମଧ୍ୟରୁ ଚେମ୍ବେକ୍ତ ଜର୍ଫଲିଟ ସ୍ୱତନ୍ତ୍ର । ବର୍ତ୍ତମାନ ବ୍ୟବସ୍ଥା ଅନୁସାରେ ନବଗ୍ରହ ବଡ଼ଲାଟଙ୍କ ନିକଟରୁ ଧନାଧିପତି ଜଣେ ଖାଣ୍ଟି ଗ୍ରହ, ଅର୍ଥାତ ଜ୍ୟୋତିଷ ଶାସ୍ତ୍ରାନୁସାରେ, ଗଣନମଳବରେ ଖାଣ୍ଟି ଦେବଗଣ, ସ୍ୱନାମଧନ୍ୟ ଫାଇନାନ୍ସ ମେମ୍ବର ସାର୍ ଜେରମି ରେଇସମେନ୍ । ଏ ମହାଶୟ ଦେବତା ହେଲେ ମଧ୍ୟ ନଜର ନଜରୁ ନଥିବାରୁ ଏହାଙ୍କୁ ଚନ୍ଦ୍ର ଗ୍ରହ ବୋଲି କୁହାଯାଇ ପାରେ । କିନ୍ତୁ ଏହି ଧନାଧିପତି ସ୍ୱଗୃହୀ ହୋଇ ଭାରତରେ ଅର୍ଥର ଅନାଟନ କରୁଛନ୍ତି । ତଥାପି ଚନ୍ଦ୍ର ଗୋଟିଏ ପାପ ଗ୍ରହ ହେବାରୁ ଯେନତେନ ପ୍ରକାରେଣ ଅନର୍ଥର ମୂଳ, ପାପର କାରଣ ଧନ ଏକପ୍ରକାର ଅଭାବ ହେଉନାହିଁ ।

ତତ୍‌ପରେ ଜାନ୍ମାଧିପତି ହେଉଛନ୍ତି ସାର୍ ରେଜି-ନେଲ୍ଡ ମାକ୍ସୱେଲ୍ ! ଏ ମଧ୍ୟ ଜଣେ ଦେବଗଣ ବଶିଷ୍ଟ ବ୍ୟକ୍ତି (ହୋମ) । ଏ ମହାତ୍ମା ମଙ୍ଗଳଗ୍ରହ । ତେଣୁ ଘରୋଇ ବିଷୟରେ ଅନ ଦେଶରେ ସମସ୍ତ ମଙ୍ଗଳ । ସେଇ କାରଣରୁ ଭାରତ ବର୍ଷରେ ବେଶୀ ଡାଇ-ଭୋର୍ସ, ତଲାକ୍ ବା ଛାଡ଼ପତ୍ରର ପ୍ରଚଳନ ହୋଇ ପାରୁନାହିଁ । ସ୍ତ୍ରୀ ପୁରୁଷ ଭିତରେ ସମ୍ପୂର୍ଣ୍ଣ ସଦ୍-ଭାବ ରହିଛି । ସ୍ତ୍ରୀ ଯାହା କହୁଛି ସ୍ୱାମୀ ତାକୁ ମାନି ନେଉଛି ।

ତତ୍‌ପରେ ଭାଗ୍ୟାଧିପତି ହେଲେ ବୁଧଗ୍ରହ, କମ୍ୟୁନିକେସନ ସଭ୍ୟ ଦେବଗଣୀ ବୁଧଗ୍ରହ ସାର୍ ଅଣ୍ଡ୍ରୁ କ୍ଲୋ । ସେ ତିନି ଦେବଗଣଙ୍କ ଭିତରୁ ଜଣେ । ସେ ସ୍ୱଗୃହରେ ଥିବାରୁ ବଡ଼-ଲାଟଙ୍କର ତଥା ତାଙ୍କ ପ୍ରଜାଙ୍କର ଭାଗ୍ୟ ବଡ଼ ତେଜ ଅଛି ।

ତାପରେ ବାକି ବୃହସ୍ପତିଙ୍କ ନର ଓ ଅସୁର ଗଣଙ୍କ ଉପରେ ଭାର ପଡ଼ିଛି । ଭାରସାମ୍ୟ ଏହି ଠାରେ ତାଙ୍କର କୃପା ସତତ ବିତରଣ କରୁଛନ୍ତି ।

ନ୍ୟାୟାଧିପତି ବା ଧର୍ମାଧିପତି ହୋଇଛନ୍ତି ସାର ସୁଲତାନ ଅହମଦ । ଏ ହେଉଛନ୍ତି ଶୁକ୍ର ଗ୍ରହ । ଶୁକ୍ର ଅସୁରଙ୍କ ଗୁରୁ । ତେଣୁ ଦେଶରେ ଭଲ ନ୍ୟାୟ ବିଚାର ହେବାର ସମ୍ଭାବନା ।

ବ୍ୟୟାଧିପତି ବା member of supply ହୋଇଛନ୍ତି ସାର୍ ହରମସ୍‌ଜି ପି ମୋଦି । ଏ ଜଣେ ଖାଣ୍ଟି ଟୁଙ୍ଗା । ଅତଏବ ବ୍ୟୟ ବିଷୟରେ ମଧ୍ୟ ଆମ୍ଭମାନଙ୍କର ଅମଙ୍ଗଳ ହେବ ନାହିଁ ।

## ବିଲୁଆ ବିଚାର

କର୍ମାଧିପତି ହେଲେ ମଲ୍ଲିକ ସାର୍ ଫିରୋଜ ଖାଁ ନୁନ୍ ଅର୍ଥାତ୍ labour member । ଏ ହେଉଛନ୍ତି ରାହୁ । ଏ ମଧ୍ୟ ତୁଙ୍ଗରେ ଅଛନ୍ତି । ତେଣୁ ଦେଶରେ labour pain ବା ଶ୍ରମ ଦୁଃଖ ଅଧିକ ହେବାର ଆଶଙ୍କା ନାହିଁ ।

ମିତ୍ରାଧିପତି ହୋଇଛନ୍ତି ଜଣେ ଖାଣ୍ଟି ମିଷ୍ଟ ଏମ୍ ଏସ୍ ଅଣେ । ଯେ ଏଣୁ ଅଣେ ତେଣୁ ଅଣେ ସେଇ ଅଣେ ଏ । ଏ ଜଣେ ଏକଦା ଥିଲେ କଂଗ୍ରେସର ମୁଖ ପତ୍ର । ତାଙ୍କର ଯଥେଷ୍ଟ ସହୃଦୟ ଅଛି ବୋଲି କୁହାଯାଇ ପାରେ । ସେ ଗଲ କେତେଦିନ ହେବ ଦଲ୍ଲୀ ଓ୍ୟାର୍ଡ଼ ନିଜର ପଟର ହୋଇ ଉଣଘେ ଅଠାକାଠିରେ ପଡ଼ିଗଲେ । ତାଙ୍କ ଉପରେ ପଡ଼ିଛନ୍ତି ବେଣାକୁଶ ଭରତାଙ୍କମାନେ । ଆମର ବିଶ୍ୱାସ, ସେ ଜଣେ ଯେପରି କଳାଲୁଚ ଲେକ ଭାଙ୍ଗ ଅଧିନରେ ସୁଖ ମିଳିପାରେ ।

ଆଉ ଜଣେ ସଭା କଂଗ୍ରେସ ବାଦ—ପରେ ବଳା ବା ପଦ୍ମ ହୋଇ ଗଭର୍ଣ୍ଣର ପର୍ଯ୍ୟନ୍ତ ହୋଇ ଶେଷରେ ଏଠି ଅସି Civil defence ବା ରକ୍ଷଣାଧିପତି ଏବଂ ଅସ୍ତ୍ର ଅଧିପତି ହୋଇ ଅଛନ୍ତି । ତାଙ୍କ ନାମ ଶ୍ରୀ ରାଘବେନ୍ଦ୍ର ରାଓ । [illegible] ସେ ଜଣେ ବିଚକ୍ଷଣ ଲୋକ । ଏଣୁ ଯୁଦ୍ଧରେ ସେ ହୁଅ ରଳ ଦାଦା କଥା କହୁଯାନ୍ତି । ସେ ଯେପରି ରାଜନୀତି ଜୀବନରେ ଅସ୍ତ୍ରତ୍ୟାଗ କରି ଅଛନ୍ତି ସେହିପରି ଦେଶର ଅସ୍ତ୍ରତ୍ୟାଗ, ମଧ୍ୟ କରିବେ ।

ତଦନନ୍ତର ଜ୍ଞାନାଧିପତି ବା ସମାଚାରପତି ହେଲେ ସାର୍ ଅକବର ହାଇଦରି ! ସେ ଅନ୍ଧାର ମୂଳକ ସଙ୍ଗଠନରେ ରହି ଥିବାରୁ ଜ୍ଞାନର ପରିଧି ତେଲ୍ ବଢ଼ିଯାଉଛି । ଅତଏବ ଅଜ୍ଞାନ ତିମିରାନ୍ଧସ୍ୟ ଜ୍ଞାନାଞ୍ଜନଶଲାକୟା, ଚକ୍ଷୁରୁନ୍ମିଳିତଂ କରି ସେ ଭାର-ତର ପ୍ରତି ଯିଏ ଭଲ ଅନେକ ଦେଖାଇବେ ବା ମଶାଲ ଜାଳିଦେବେ ।

ଅବଶେଷରେ ବିଦ୍ୟାଧିପତି (Education,) ଭୂମ୍ୟାଧିପତି (Land) ଓ ସ୍ୱାସ୍ଥ୍ୟାଧିପତି (Health) ରୂପେ ରହିଲେ ଜଣେ ବିବିଧ କର୍ମା ବିଚକ୍ଷଣ ବ୍ୟକ୍ତି ଆମାଦେର ଖୁଡ଼ୋ ଶ୍ରୀ ନଳିନୀରଞ୍ଜନ ସରକାର । ଏହାଙ୍କର ଅବସ୍ଥାନ ଅବିର୍ଭାବ କରତ ଗଗନରୁ କେତେ ଚମକିତ ଓ ଉତ୍ତେଜିତ ମଧ୍ୟ କରିଛି । ସବୁ ସାଙ୍କ ଭିତରେ ସଂଯୁକ୍ତ ଅନେକ ଓ ସରକାର ମହାଶୟ ଦୁଇଟି ଆଧାର ବସ୍ତୁ । ଖୁଡ଼ୋଙ୍କ ହାତରେ ପୁଣି ତିନି-ଟେକଟା ମିଠେଇ । କି ମଜା ରେ ! ବଙ୍ଗଳାର ମନ୍ତ୍ରୀପଦ ଛାଡ଼ ଦେଇ ଗୋଟାଏ ଦେହରେ ମିଳିଗଲା । କିନ୍ତୁ ଯେତିକି ବିଦ୍ୟା ସେତିକି ଯଦି ବିବେକ ବିଦ୍ୟାଭିମାନ ଥାଆନ୍ତା ତେବେ ଭାରତ କଙ୍କାଳ ହୋଇଯାନ୍ତା । ଭୂମି ସମ୍ବନ୍ଧରେ ଅମ୍ଭେମାନେ ସରକାରଙ୍କୁ କିଛି କହିପାରୁନାହିଁ । ହିନ୍ଦୁସ୍ଥାନ କୋଅପରେଟିଭରେ ସେ ବହୁ ଭୂମି ଅର୍ଜନ କରି-ଛନ୍ତି । ସ୍ୱାସ୍ଥ୍ୟ କଥା ଛାଡ଼ିଦିଅ । ବଙ୍ଗଳା ଦେଶ ଭି ସରିହେବ ନାହିଁ । ଅତଏବ ହେ ସରକାର

Digitized by srujanika@gmail.com

ଓଦଡ଼ାରୁ ଲର୍ଡ୍ ଲିଟ୍‌ନ୍ ପୁଣି ଭାରତ ସରକାରଙ୍କ ଗାଦିରେ ବସି ଉତମ ଯେଉଁ ଅଣ୍ଟାଙ୍କ ଛପରଘାଡ଼ରେ ପଡ଼ିଲେ ସେଥିପାଇଁ ଅନେକ ତମଙ୍କୁ ଉଡ଼ାଇ ଜଣାଉଛି ।

× × +

ଅସନ୍ତୁଷ୍ଟ ଲୋକେ କହୁଛନ୍ତି ଏ ଯେଉଁ ପରିଷଦ ହେଲ, ଏହାପଛରେ ଲୋକ ମତ ନାହିଁ । ସଭ୍ୟମାନେ ଜଣେ ଜଣେ ଭୂଇଁଫୋଡ଼ ମୁଖ୍ୟ ଓ ବଡ଼ ଲୋକ ହେଲେ ମଧ୍ୟ ସାଧାରଣ ଲୋକପ୍ରତିନିଧି ଏମାନେ ନୁହନ୍ତି । କିନ୍ତୁ ସେଥିରେ ଯାଏ ଆସେ କ'ଣ ? ବ୍ରିଟିଶ ସରକାର ତ ଏବେ ବାକେ ସରକାର ନୁହନ୍ତି ଯେ ଭାରତର ୪୦ କୋଟି ବାକେ ଲୋକଙ୍କ କଥାକୁ ସୁହିଁ କାମ କରିବେ । ଭାରତ ସରକାର କଦ୍ଦାଲ୍ ସେ ଗରିବଙ୍କ ମା ବାପ । କଂଗ୍ରେସ ବା ଲିଗ୍ ବା ବମ୍ବେର ମାନ୍ଦାବଳୀୟ ମୁଣ୍ଡାଙ୍କର କୋଉଠାଏ ମାନ ସମ୍ମାନ ଅଛି ? ସେମାନଙ୍କୁ ଗାଦି ଦେଇ କି ଲାଭ ? ଯେଉଁମାନଙ୍କର ମାନ ମହତ ନାହିଁ ବା ଅଳ୍ପ ସେମାନଙ୍କୁ ଉଚସ୍ଥାନ ଦେଲେ ସେମାନେ ଦେଶର ବଡ଼ ଲୋକ ହେବେ । ସେଥିପାଇଁ ଆମ ଇଂରେଜ ସରକାରଙ୍କୁ କହନ୍ତି—

ଯେଉଁଠାରେ ଦାଗ ଦିଅ
ନୁହେଁ ଏହି କଥାର ନାମ୍ ନାମ୍ ।

+ + +

ଗଲବର୍ଷ ଅଗଷ୍ଟ ମାସରୁ ବଡ଼ଲାଟ ହାତଗର କ'ଣ ଗୋଟାଏ କରିବେ କରିବେ ହୋଇ ହୋଇ ହୋଇ ୧୦ ମାସ ୧୦ ଦିନ ପରେ ଏବେ ଗୋଟାଏ 'ପସ୍' ବାହାର କରିଛନ୍ତି । ଇଂରାଜ କବି ଏଡ଼ିସନଙ୍କ ଭଳି ଆମ ବଡ଼ଲାଟଙ୍କର ଅବଧାରଣା ଶକ୍ତି ଯଥେଷ୍ଟ ଅଛି । ମାତ୍ର ଯେତେ ଅବଧାରଣା କରନ୍ତି ସେତେ ସେତେ ଫଳ ଦିଅନ୍ତି ନାହିଁ । ତେବେ ଇଂରାଜ ସରକାର ବଡ଼ଲାଟଙ୍କ ଏ ବଡ଼ ଫଳରେ ବଡ଼ ଖୁସି ହେଲେ । ସଙ୍ଗେ ସଙ୍ଗେ ପାର୍ଲିଆମେଣ୍ଟରେ ଏକ ଧଳା କାଗଜ (White paper) ବାହାର ହୋଇଗଲା । ବଡ଼ଲାଟଙ୍କ ଭୂରି ଭୂରି ପ୍ରଶଂସା ପଡ଼ିଗଲା । ଏତେ ଘରକରିବା ଦେଖିଲା ମୂର୍ଖ ଲୋକେ ହସିଲେ— କେଉଁ ବାହାରୁ ଏ ବ ଗୋଟା ଅଲଗା ! ତଥାପି ଭାରତ ବାସୀଏ ଅନେଇଛନ୍ତି କଳା ବା ବଡ଼ା କାଗଜ ପୁଣି କେଉଁ ଦିନ ବାହାରିବ ଦେଖା ଯାଉ ! ବଡ଼ଲାଟଙ୍କର ଏ ନୂଆ ପରିଷଦ ପୁଣି ତା ସାଙ୍ଗକୁ ଜାତୀୟ ରକ୍ଷା କମିଟି ଗଢ଼ାକୁ କେହି କେହି ଅନେକ ବଢ଼ିବାର ଲକ୍ଷଣ ବୋଲି କହୁଛନ୍ତି । କିନ୍ତୁ ଯେତେ ବଢ଼ିଲେ କ'ଣ ହେବ ? ଅସଲ ଫୁଲ ତ ଶୁଖି ଶୁଖି ଯାଉଛି । ଲୋକେ ଭାବୁଛନ୍ତି ସରକାର ଏଥର

ମାଇଲେ ମାଙ୍କଡ଼ ତ
କେତେବେଳେ ହେବ ମସ୍ତ ଉପଯୋଗ

ହେବାରେ ପହଲି ରାତି ।

+ × +

ଯେଉଁମାନେ ଏହି ପରିଷଦର ସଭ୍ୟପଦ ଗ୍ରହଣ କଲେ ସେମାନଙ୍କ ବୁଦ୍ଧି ଦେଖି ଅଳ୍ପ କେତେକ ସମସ୍ତଙ୍କୁ ଜଣା । ବଡ଼ଲାଟ ଖାଲି ମିଛୁଟାରେ ବନ୍ଦୁକ ଗଡ଼ାଇ ଦେଲେ ସିନା, ନଇଲେ ଛଅଙ୍କ ଦିନରୁ ଏ କଥା ସରନ୍ତାଣି । ମାଇପେ କହନ୍ତି ଛଟା—

ନବ ଘନ ଘନ ପଇତାଟାଏ
ଶଙ୍ଖା ବ ମୁଠାଏ ଅନ୍ନ ଖଟାଏ

ଟଙ୍କା ଦେଲେ ଓ ଗାଦି ଦେଲେ ଯେତେ ଇଚ୍ଛା ତେତେ ମିଳିବ । କାରଣ ତାଙ୍କର ତା ଛଡ଼ା ଆଉ ଗତି ନାହିଁ । ମାଗିଶିଅ ଲୋକ ଯେ, ସେ ଅନେଇ ଘରେ ବହୁତ ବଡ଼ି ବଡ଼ି ଖିଦ୍ରୁକୁଣୀ ଓ ପୋଟାଏ ହେଲେ ବ ପେଟ ବୋଲରେ ଦି'ଦିନ ତା ମୁଖରେ ଉପାସ ପଡ଼ନ୍ତି । ତା ଛଡ଼ା ବର୍ତ୍ତମାନ ପରିଷଦର ସଭ୍ୟମାନେ ସେହିଠା ବାକେ ଲୋକ ନୁହନ୍ତି । ଗାନ୍ଧିଙ୍କ ଭଳି ଅବାଣକୁ ଅନେଇ ଖାଲି ଉରାଗଣିବା ତାଙ୍କର ବୁଦ୍ଧିବ ନୁହେଁ । ବହୁତ ଗୁହିଁ ଗୁହିଁ, ଦେଖି ଦେଖି ସେ ଭାବନ୍ତେ—

ନଖାଇଲେ ବାଇଗଣ
ପୁଣିତ କଲାଣି ସେଇ ଟଣା
ବୁଝ ରୁଚି କେଉଁ ଗୁଣ ?

+ + +

କିନ୍ତୁ ଗୋଟାଏ କଥା । ଭାଇସ୍‌ରାୟ ସାହେବ ତାଙ୍କ ଅଧିକାରର ଗୁଡ଼ାକ ଯେମିତି ବଣ୍ଟାଇ ଦେଇଛନ୍ତି ସେଥିରୁ ବେଶ୍ ବୁଝା ପଡ଼ୁଛି ଯେ ପୋଲିସ ହାଉସ ସୁଷ୍ଠୁ ଏଙ୍କୁ ପରବେ ନ ଗଲି ପରି ଏମାନଙ୍କ ହାତରେ ଅସଲ କ୍ଷମତା ନ ଦେଇ ସାହେବଙ୍କ ହାତରେ ଥୋଇଛନ୍ତି । ମ୍ୟାନ୍ କୁ ପୁଣି କହିଛନ୍ତି ଚମେ ଅପେକ୍ଷା ବେଶୀ ନ ଖଟି ବେଶୀ ବେଳ ବାହାରେ ବୁଲି ହାଓ୍ୱା ନାମ କରିବ ଓ କି, ଏ ବାଟେଲ୍ଲିଭ । ଅର୍ଥାତ୍—

ଘର ଦୁଆର ସବୁ ତୋର,
କାହିଁରେ ହାତ ନ ଦେବୁ ମୋର ।

ଯାହାହେଉ ମୋଟ ଉପରେ ପଦବୀ ମିଳିଛି ଏଇ ବଡ଼ ଭାଗ୍ୟର କଥା ।

+ + +

ଭାଇସରାୟ ପୁଣି ଯେଉଁ କେନ୍ଦ୍ର ଡିଫେନ୍ସ ମନ୍ତ୍ରୀ-ପଦର ଗୋଟିଏ ନୂଆ ପଦବୀ ଗଢ଼ିଛନ୍ତି ତା କଥା ଶୁଣିଲେ ଆଉରି ହସ ଲାଗେ । ଏମାନେ ଜର୍ମାନଙ୍କ ଯୁଦ୍ଧସଜ୍ଜା ବା ଖରଚ ପକ୍ଷରେ ହାତ ଦେବେ ନାହିଁ । ଏମାନେ ଖାଲି ପାରୁ ଖାଇବେ । ସ୍ୱାଙ୍କ ଉପରେ ଯାହା ହେଉ ଓ କେଉଁ ଗୌରବ ଖଞ୍ଜି ଦୋଟ ରାଜାସାହେବ ଅଛନ୍ତି । କିନ୍ତୁ ହାୟ, ଯେଉଁମାନେ ହଜାର ହଜାର ଟଙ୍କା ଦେଇ ଥାଆନ୍ତେ ସେମାନେ ମନେ ମନେ କହୁଥିବେ—ଲଜଗେଣ୍ଡା ପୁଣି ଶଙ୍ଖ ପାଇଁଲା—ଖଙ୍ଗ କେବଳ କରିବ କ'ଣ ।

× + ×

ଏହି ନୂଆ ପରିଷଦରେ ମୁସ୍‌ଲିମ୍ ଲିଗ୍ ମନ୍ତ୍ରୀ ଫଜ୍‌ଲୁଲ ହକ୍ ଓ ସିକନ୍ଦର ହାୟାତ ଖାଁ ପ୍ରବେଶ କରିଛନ୍ତି । ଏହା କିନ୍ତୁ ଜିନ୍ନାଙ୍କ ଲିଗ୍ ନୀତି ବିରୁଦ୍ଧ । ସେଥିପାଇଁ ଜିନ୍ନା ସାହେବ ବଡ଼ ରାଗ । ପ୍ରଥମରେ ଏତେ କରି କହି ଇଂରାଜ ସରକାର କପଟ ବୁଦ୍ଧିରେ ଭାରତରେ ତିଷ୍ଠିବେ ସେଥିପାଇଁ କଂଗ୍ରେସ ସାଙ୍ଗରେ କଳକରି ହିନ୍ଦୁ ମୁସଲମାନ ଗୋଳ କରି, ପାକିସ୍ଥାନ ସର୍ଜନା କରି, ଦେହ ଇଂରାଜ ସରକାର, ଫଳରେ ହେଲା—

ତୋତେ ଅଣ୍ଡା କଲି ମୂଲ୍ୟ ନ କଲି
ବାଡ଼ କପାଳଣ୍ଡି ମଲି
ତୋତେ ଅଣା କରି ଖସମ ନ କଲି
ଚଲ ବନ୍ଧୁସ ହିଁ ଗଲି ।

ଏତେବେଳେ ଆଉ କିଏ ପଚାରିବ ? ବ ବାନ୍ଧି ସିକନ୍ଦର ଓ ଫଜ୍‌ଲୁଲଙ୍କୁ ତ କୁକୁରଙ୍କୁ ଅଇଣ୍ଠା ପତର ଦେଖାଇଲା ପରି ଭୁଲେଇ ନେଇଗଲେ—ଏଥର ମୁଁ କରେ କ'ଣ ?

କିନ୍ତୁ ବୁଢ଼ା ଜିନ୍ନାର ଧାକଡ଼ କମ୍ ନୁହେଁ । ସେ ସରକାରଙ୍କୁ ତଥା ହକ ହାୟାତଙ୍କୁ ଧମକ ଦେଇଛନ୍ତି । ଦେଖାଯାଉ ଏ ରାଣ୍ଡ ଧର୍ମକାଣ୍ଡିର କରାମତ କେତେ । ବ୍ରିଟିଶ ସରକାର କ'ଣ ଆଗରୁ ଜାଣନ୍ତି ନାହିଁ କି ?

—*—

---

## ଗତ ୫୦ ବର୍ଷ ମଧ୍ୟରେ

## ଲବଣର ମୂଲ୍ୟ

## ଏତେ ବେଶୀ କେବେ ହୋଇ ନ ଥିଲା

ଅତଃ ଏବ

ଲବଣ ଶିଳ୍ପ ଯେ ସର୍ବାପେକ୍ଷା ଅଧିକ ଲଭ୍ୟାଂଶ ଦେବ ଏ ବିଷୟରେ ସନ୍ଦେହ ନାହିଁ ।

ଏ ସୁଯୋଗରେ ଆପଣ "ଦ ଉତ୍କଳ ଶଲ୍ଟ ଏଣ୍ଡ କେମିକେଲ ଓ୍ୱାର୍କସ"ର ଅଂଶ (Share) କିଣି ନିଜେ ଲାଭବାନ ହୁଅନ୍ତୁ ଓ ଦେଶକୁ ଶ୍ରୀ ସମ୍ପନ୍ନ କରନ୍ତୁ ।

**ଠିକଣା—ଅଇ, ପିଠାପୁର, କଟକ ।**

Digitized by srujanika@gmail.com




ଫିଲ୍ମ କୋମ୍ପାନୀରଅଭିନେତା(actor)ହେବାର ବାସନାଟା ମୋର ବଡ଼ଜୋର ଥିଲା—କେବଳ ଖାଲି ଘରେ ବସି ବନ୍ଦୋବସ୍ତ କରି ହେବନାହିଁ। କାରଣ କେତେଦିନ ବସି ମାମୁଘରେ ଅନ୍ନ ଧ୍ୱଂସ କରିବି! ଅଭି ସେଥିପାଇଁ ହେତୁ ଉପରେ କରି ୨୦ଟା Duplexplant ରେ ଖଣ୍ଡେ ୫୦୦ରେ ଗୁଣକୁ ବନ୍ଦୋବସ୍ତ କଲି - ତା'ପରେ ବମ୍ବେର ଭିନ୍ନ ଭିନ୍ନ ଫିଲ୍ମ କୋମ୍ପାନୀକୁ ଦରଖାସ୍ତ କଲି। କେବଳ Sagar movietone ରୁ ଖଣ୍ଡେ ଉତ୍ତର ପାଇଲି। ସେଥିରେ ଲେଖାଥିଲା ଯେ ସଙ୍ଗରେ ଅଭିନେତ୍ରୀ ନେଇ ଗଲେ ହେବ—ନଚେତ୍ ନାହିଁ।

ମନେ ମନେ ମୁଁ ଠିକ ଏହି ସମୟ- ମାଇଁ ଟୁପ୍‌ଟୁପ୍ ଥିବାର ଶୁଣିଲି। ପିଲଟି ଭାରି ସୁନ୍ଦର

**ମଜାକଥା**

## ପୂର୍ଣ୍ଣଚ୍ଛେଦ ଉଦାର

ଲେଖକ—ଶ୍ରୀ ପଦ୍ମଚରଣ ଦଳାଇ

ଅନେକ ଖୋଜିଲି। ଶେଷ ଦିନେ ମାମୁଁ ଚିଠିବାର୍ତ୍ତା ହେଉ- ମାମୁଁ କହୁଛନ୍ତି ଫରୱାର୍ଡ ଠିକ୍

ତା ପନ ମୁଝାଦିକ ହେବ—ତାର ନାମ ଝିଙ୍ଗୁଲା। ଏତିକ ଶୁଣି ମୁଁ ଅନ୍ଦାଜ କରି- ନେଲି କଥାଟା କ'ଣ। ମନେ ମନେ ଭଗବାନଙ୍କୁ ଖୁବ୍ ଧନ୍ୟବାଦ ଦେଲି।

ବିବାହ ଦିନ ଠିକ୍ ହୋଇଗଲା। × × ଆଜି ମୋର ସ୍ତ୍ରୀ ସଙ୍ଗରେ ପ୍ରଥମ ମିଳନ ହେବ ଦେଖିବି କିପରି ସୁନ୍ଦରୀ। ଯଦି ମୋର ମନ ମୁତାବକ ହୋଇ- ଥିବ ତେବେ ଏହି ମାସରେ ବମ୍ବେ start କରିବି। ସେ ଦିନଟା ବୋଧହୁଏ ୧୨ ଘଣ୍ଟାରୁ ଅଧିକ ଥାଏ ନା କଣ? ମୁଁ ଯେତେ ଘଡ଼ିକୁ ଅପେକ୍ଷା କରଥାଏଁ ବେଳଟା ସେତେ ଦୂର ହୋଇ ଚାଲିଥାଏ। ବୋଧହୁଏ ସେଦିନ ୧୭ ଘଣ୍ଟା ପରେ ସନ୍ଧ୍ୟା ହେଲା।

ମୁଁ ଖୁବ୍ ଶୀଘ୍ର ଖାଇ ନେଇ ଯାଇଁ ମୋ ଶୋଇବା ଘରେ ଶୋଇଲି। ମନେ ମନେ ଭାବିଲି ସେ ନିଶ୍ଚୟ ନର୍ଗିସ୍, ଲୀଲା ଦେଶାଇ ଚନ୍ଦ୍ରପ୍ରଭା, ବିମଲକୁମାରୀ ଠାରୁ ଅଧିକ ସୁନ୍ଦରୀ ହୋଇଥିବ। କେତେବେଳେ ସେ ଭୁବନ ମୋହିନୀ ଆସି ମୋର ଆଖିକୁ ଝଲସାଇ ଦେବ ସେହି ଅପେକ୍ଷାରେ ଥାଏ। ଏହିପରି ଭାବୁଁ ଭାବୁଁ ମୋତେ ନିଦ୍ରା ଲାଗିଗଲା। ମୁଁ ସ୍ୱପ୍ନରେ ଦେଖିଲି—

ସାଗର କୋମ୍ପାନୀରେ ଆମ୍ଭେ ଦୁହେଁ ପ୍ରଧାନ ଅଭିନେତା ଓ ଅଭିନେତ୍ରୀ ରୂପେ ଅବତରଣ କରି ଫିଲ୍ମ ଦେଉଛୁଁ—ଆମ୍ଭର ଫିଲ୍ମ ବମ୍ବେ, କଲିକତା ପ୍ରଭୃତି ଭାରତବର୍ଷର ବଡ଼ବଡ଼ ସହରମାନଙ୍କରେ ୬ମାସ ହେବ ଚାଲିଛି। ତଥାପି ଭିଡ଼ ଭାଙ୍ଗୁ ନାହିଁ। ରବି- ଠାକୁର, ଚନ୍ଦୁଲାଲ ପ୍ରଭୃତି ଭାରତର ଅନେକ ନାଟ୍ୟକାର ଲେଖିବେ ପ୍ରଶଂସା ପତ୍ର ପଠାଉ- ଛନ୍ତି। ବମ୍ବେ ଟକିଜ୍, ନିଉ ଥିଏଟର୍ସ, ପ୍ରଭାତ୍ ସିନେଟୋନ୍ ପ୍ରଭୃତି କୋମ୍ପାନୀର Director ମାନେ ସେମାନଙ୍କ କୋମ୍ପାନୀରେ ଆମ ଦୁହିଙ୍କି ଯୋଗ ଦେବାପାଇଁ ପ୍ରାର୍ଥନା କରୁଛନ୍ତି।"

ଆମ୍ଭେ ଦୁହେଁ ଓଡ଼ିଶାର ପ୍ରଥମ ଅଭିନେତା ଓ ଅଭିନେତ୍ରୀ ବୋଲି ଓଡ଼ିଶାରୁ Miss Manu, Miss Basanti, Miss Amiya, Miss Parida Mr. Kanu Panda ପ୍ରଭୃତି 'ଝଙ୍କାର ଅଭିନେତା- ମାନେ ପ୍ରଶଂସାପତ୍ର ପଠାଉଛନ୍ତି। Sagar Movie- tone ମୋର ଦରମା ବଢ଼ାଇ ଦେଇଛନ୍ତି। ମୋର ଗୀତ ସହରର ଲୋକେ ଗାଉଛନ୍ତି। ପଙ୍କଜ, ପାହାଡ଼ୀ, କେ ସି ଦେ, ସାଇଗଲ ପ୍ରଭୃତି ଗୀତ ଆଉ ପସନ୍ଦ ହେଉନାହିଁ।

Dipali, Film India, ଓ Cine Herold ପ୍ରଭୃତି ପତ୍ରିକାମାନଙ୍କରେ ଆମ୍ଭ ଦୁହିଙ୍କ ବଡ଼ ସର- ଗରମ ଚର୍ଚ୍ଚା ଚାଲିଛି। କେତେକ ଲେଖକ ମୋତେ ପ୍ରିଥ୍ୱୀରାଜ, ସୋହ୍ରାବ ମୋଦି, ମୋତିଲାଲ, କୁମାର ପ୍ରଭୃତିଙ୍କ ଠାରୁ ଭଲ actor ଓ ଝିଙ୍ଗୁଲାକୁ କାନନ, ଶୋଭନା, ଶାନ୍ତା, ହାଡ଼ୁବାଇ ପ୍ରଭୃତିଙ୍କ ଠାରୁ ଭଲ actress ବୋଲି ମତ ଦେଉଛନ୍ତି। ୧୯୩୯ ଓ ୧୯୪୬ ରେ Gohar Gold Medal ଆମ୍ଭ ଦୁହିଁଙ୍କି ମିଳିଛି। ହଠାତ୍ ଖଟ୍ କରି ଶବ୍ଦ ହେଲା—ନିଦ ଭାଙ୍ଗିଗଲା—ଦେଖିଲି—ଗୋଟିଏ ଦୁଇପଦ ବିଶିଷ୍ଟା ଛତ୍ର ଦାନବ, ଗଭୀର କୃଷ୍ଣ ଅଙ୍ଗଧାରୀ ଦାନ୍ତଉପର ପରି ଝରନା ପାନଖିଆ ଦ୍ୱାରା ଲାଲ କଳ କରି କେବଳ ଅଗ- ରେ ଛିଡ଼ା ହୋଇଛି। ତାକୁ ଦେଖି ମୁଁ ମାଇଁ ମାଇଁ ବୋଲି ଚିତ୍କାର କରିଉଠିଲି। ମୋର ଚିତ୍କାର ଶୁଣି ମାଇଁ ମୋ ମୁଣ୍ଡକୁ ତାଙ୍କ କୋଳରେ ରଖି ପଂଖା କରୁଛନ୍ତି। ପାଖରେ ମାମୁଁ ମଧ୍ୟ ଅଛନ୍ତି। ନଚେତ୍ ପୂର୍ବ ଭାବ ଝିଙ୍ଗୁ- ଲାର ରୂପ ଦେଖି ବେହୋସ ହୋଇଥାନ୍ତି। ସେହି ଦିନଠାରୁ ଫିଲ୍ମ କୋମ୍ପାନୀ ଅଧ୍ୟାୟରେ ପୂର୍ଣ୍ଣଚ୍ଛେଦ ଉଦାର କରିଦେଲି।

—❀—



Digitized by srujanika@gmail.com



# କଥାଟିଏ କହେଁ...

କାହାଣୀ

## ଡାହାଣୀ

ଲେଖିକା—କୁମାରୀ ହୃଦବାଳା ଦେବୀ

ଶାଣି ଜଅବଅ ନଈ କୂଳରେ ଛୋଟ ଗାଁଟି। ମଝିରେ ସରୁ ରାସ୍ତାଟିଏ। ରାସ୍ତା କଡରେ ଠାକୁର ଦୋଳ ମଣ୍ଡପ ଅଳ ଲଗାଲଗି ଖଣ୍ଡିଏ ଛୋଟ ଫାଙ୍କା ଜାଗା। ଛୋଟ ଛୋଟ ଧାସ ବୁଦାରେ ଭର୍ତ୍ତି। ସାହର ପିଲାଏ ସେଇଠି ଦାଣ୍ଡି ସଞ୍ଜରେ ଡ଼ାବଲ ପୁଅ ଖେଳୁଥାନ୍ତି। କୁସୁମ ତା ଦାନ ଭଉଣୀ ହାତକୁ ଧମକାଇ କହୁଥିଲା, "ଗୁଲ୍ ଗୁଲ୍, ବୋଉ କେମିତି ଛେଚିବ। ପାଉଛୁ ଯେ ଖେଳ ଦେଖା ମଜା।" ଦେଉସାଉ ଜଗା ପାଟିକରି ଉଠିଲା। "ହେ, ହେ ଅନେଇବଟି। ଡେଣୁ କିଏ ଅସୁଛି।"

"ଇରେ ଡାହାଣୀ ଅଇଲାଣିରେ। ଗୁଲ ଗୁଲ ପଳାଇ ଗୁଲ। ଗୋଟା ଧୂଡା ଅଭିଲେଦେବ ଲୋ ବୋଡ଼ା—" ହୋ ହା ଚିତ୍କାର କରି ପିଲାଏ ଯେ ଯୁଆଡ଼େ ଛୁ। ସର ଗୋଟି ପଡଣି ଥରୁଥାଏ। ଟା ବଡ଼ ଭଉଣୀ ଲୁଗାରେ ମୁଁହ ଗୁଞ୍ଜି କାନ୍ଦ ପକାଇଲାଣି। ସେ ଦିନ ପରା ଡାହାଣୀ ତାକୁ ଅନାଇ ଅନାଇ ଗିଳି ଦେଉଥିଲା। ମଧୁ ତାର ଏକଥା ମନେ ପକାଇ ଦେଇ ଦୌଡ଼ି ପଳାଇଲା। ବହୁ କଷ୍ଟରେ କୁସୁମ ତାକୁ ଟାଣି ଟାଣିକା ନେଲା।

ତାକୁ ସମସ୍ତେ ଡାହାଣୀ କହନ୍ତି। କିନ୍ତୁ ସେ ତମ ଅମ ଭଳି ସାଧାରଣ ମଣିଷ।

\+ \+ \+ \+

ମୁଣ୍ଡରୁ ପଦରଡ଼ା ଓଙ୍କାର ଦୋଳ ମଣ୍ଡପ ପାଚିଛ ଉପରେ ଥୋଇ, ଦୁରୁଛି ସେଇଠି ଇଥକକା ବସି ପଡିଲା। ଡାହାଣୀ ତାକ ତାର ଦହସହା ହୋଇ ଗଲାଣି। ତଥାପି ତାରବି ତ ଗୋଟାଏ ହୃଦୟ ଅଛି। ତମକୁ ଅମକୁ ଯେମିତି ବାଧେ, ତାକୁବି ତ ସେମିତି ବାଧେ! ଡାହାଣୀ—ସତେ କଣ ସେ ଡାହାଣୀ? ମନକୁ ମନ ପଚାରି ହେଲା।

× + ×

ଅଖି ଆଗରେ କେତେ ପର୍ଦ୍ଦା ଦେଖିଲା ଉଠିଲା। ବାହାଘରର ସେ ମଧୁର ଶବ୍ଦ। ବାଜା ବଜାଇ ଅସିଲା ତା'ର ବର। କେଡ଼େ ସୁନ୍ଦର ସେ। ସ୍ୱପ୍ନ ପରି ଦୁଇମାସ କଟିଗଲା। ସେ କିମିତି ଦିନ ଶାଗର ଖରି ଗୋଠ ଲାଗି ବାହାରିଲା ହାତରେ। ମନା ମାନିଲା ନା। ସେ ବା କଣ କରନ୍ତା, କାଲି ତାକୁ ଟାଣି ନେଇଗଲା। କିନ୍ତୁ ଦୋଷ ହେଲା ସୁଚୂକର। ଏତେ ମଣିଷ ଥାଉଁ ଥାଉଁ କୁମ୍ଭୀର ଅସି ଗୋଠ ମଝିରୁ ଟାଣି ନେଇଗଲା ସାତଥିକୁ। ସତାବନ୍ତ। କେହି ଖେର ପାଇଲେନି। ହକାଳକୁ ସବୁ ଶେଷ। ସୁଚୂକିର ସୁନା ସଂସାର ଦଣ୍ଡକରେ ଚୂନା ହୋଇଗଲା। ଶାଶୁ କହିଲା, 'ଅଲକ୍ଷଣୀ ଘଇତାଖାଇ ଡାଆଣୀ।' ନ ମାସ ପରେ ପୁଣି ହେଲା ତାର ଟିକି ପୁଅଟି। ସେଇ କୁଅଟିକୁ ବଞ୍ଚାଇ ରଖିବା ପାଇଁ ସେ ତାର ନିରର୍ଥକ ଜୀବନ ଧରି ରହିଥିଲା। କିନ୍ତୁ ସେଠି ରହିଲା ନା। ସ୍ୱାମୀକୁ ତା'ର କାଢ଼ିଲା ମୁହିଁ, କାତର ଗୃହିଣୀ, ସ୍ନେହ ସବୁଗ ସବୁ ଚିନ୍ତା ଲାଗିଲା ବୋଲି ସେ ସିନା ଗଲା ଗୋଠ ଲାଗି। ଏତେ ଟିକିଏ ପୁଅଏ, ତା ର ପ୍ରାଣର ସାଖାଳି,

ସେ ବି ତାକୁ ଛାଡ଼ି ଗଲା। ଅଭିମାନ କରି ସେ ଗଲା। ଅଉ ଫେରିବ ନା। ସତେ କଣ ଏବେ ତାଙ୍କ ନିଜ ଦୋଷ। ସାଇ ମାଇପେ ହାତ ହଲାଇ କହିଲେ "ଦହଣାର ଏମିତି ଛଇ ଯେ ପୁଅ ରାତରେ ସର ଛଡ଼ି ପଳେଇଲା। କଣ ନହେଲା ତାଙ୍କର, ଘରଟା ଯାଉଥିଲା ଗୋଠ ଲାଗି। ସ୍ୱାର ଗୁଣକୁ ନା; ସ୍ୱା ଛାଇ ମାଡିବାକୁ ତ ସଭିଏଁ ଜାଣନ୍ତି। ଜନମକଲା ପୁଅଟାକୁ ପୁଣି ପାଇଁକି ପଟେଇ ଦେଲା ଲୋ!" ...

'ପୁଅଟିକୁ ପାଟିକି ପଟେଇ ଦେଲା।' ସୁଚୂକିର ଅଖି କାନ୍ଦରେ ଉଠିଗଲା। ତାର ଅବହେଳିତ ମାତୃତ୍ୱ ହାହାକାର କରି ଉଠିଲା। କିନ୍ତୁ କେହି ବୁଝିଲେ ନା। କହିଲେ,—ଡାହାଣୀଟା ଏହି ଗୋଟାଏ ଛିଲା।

କେଏ କେଏ କହିଲେ, 'ମାଲେ ତା'ର ସେ ଯେଉଁ ଅଲକ୍ଷଣା ସ୍ୱାମୀ, କହ କହିବା କଇ—ସେଥିରେ କୁଅଟା କଣ ବଞ୍ଚନ୍ତା!'

ସୁଚୂକିର ବୁକୁ ଭେଦି ଦୀର୍ଘଶ୍ୱାସଟିଏ ବାହାରି ଅସିଲା। ସେ କିଛି କହିପାରିଲା ନା।

ସେଦିନ ଠାରୁ ହେଲା ସେ ଡାହାଣୀ। ପୁଅ ଖାଇ ଡାହାଣୀ,—ଘରଟା ଖାଇ ଡାହାଣୀ। ତାର କର୍ମରେ ସ୍ୱାମୀ ଅଭ୍ରର ଗମିଟେଇ ଗଲା। ମୁଁହ ଲୁଚେଇ ଦିନ କାଟିବାକୁ ହେଲା—ଅବହେଳାରୁ। ନିଜର ମୂଳକୁ ଫେରି ଯିବା ଉଚ୍ଚ ଇଚ୍ଛା ବା ସାହସ ତାର ରହିଲା ନା। ଅଉ କଣ ଅଛି? କାହିଁକି ଅଉ—ପୁଅଙ୍କୁ ନେଇ ଘରେ ନିଜ ଘରର ମଧ୍ୟେ। ଏତେ ବଡ଼ ଗୋଠ ଛିନ୍ନଭିନ୍ନ ହୋଇଗଲା। ତାଙ୍କ କେତେଟା ଗାଈ ଗୋରୁଙ୍କୁ ସେ ପ୍ରାଣପଣେ ଯତ୍ନ କରି ରଖିଥାଏ। ତଥାପି ଲୋକେ କହନ୍ତି—'ସବୁ ଖାଇସାରି ବାକି ଏତିକ ରଖିଛି କାହିଁକି କେଜାଣି?'

ଦୁଃଖରେ, ଅଭିମାନରେ ସୁଚୂକି କହିଲା, "କେଜାଣି ଏତିକ ଅଉ ଅଛନ୍ତି କାହିଁକି? ଯାଆନ୍ତୁ ସେ ଯୁଆଡେ ଯିବେ। ମୁହିଁ ଏକା ଅମର ଲଭି ଖାଇଛି ଡହଣା ରହିବାକୁ।" ପାଗଳୀ ବୁଝେନି ତାର ଅଭିମାନର ମୂଲ୍ୟ ନାହିଁ। ସେ ଗରିବ ଏବଂ ଅସହାୟ। ନିହାତ ଦୁଃଖରେ ପଡ଼ିଲେ ମଣିଷ ସମୟ ସମୟରେ ନିଜର ସ୍ଥାନ ଅବସ୍ଥାବ ଭୁଲିଯାଏ। ସେ



Digitized by srujanika@gmail.com

ମୁଁ କଣ କରନ୍ତି !

ସେଠିକି କିଛିଦିନ ନୂଆ ସବ୍‌ଇନ୍‌ସପେକ୍ଟର ବାବୁ ବଦଳି ହୋଇ ଆସିଥିଲେ । ଘରେ ତାଙ୍କର ଦୁଇଟି ପିଲା । ଗୋଟିଏ ଛଅ ମାସର ଏବଂ ଅନ୍ୟଟି ସାତେ ତିନିବର୍ଷର । ସୁରୁବ ଯାଇ ବାବୁଆଣୀଙ୍କୁ କହିଲା । "ମା ମୁଁ ବଡ଼ ଗରିବ । ମୋ ଘରେ ଦୁଇଟା ଦୁଧିଆଳ ଗାଈ । ଭୁବନେଶ୍ୱର ସହରରୁ ଦୁଧ ଦିଏ । ଦୟାକରି ମୋ ଠାରୁ ଦୁଧ କିଣ ମା !"

ବାବୁଆଣୀ କହିଲେ— "ତୁଅ କାଲିଠୁଁ ଦୁଧ ଆଣିବୁ । ମୁଁ ବାବୁଙ୍କୁ ପଚାରି ବୁଝିବି ।"

ନିଜ ଦେଇ ଦୁଧ ବନ୍ଦୋବସ୍ତ କରାଇ ବାବୁ ଯଉଳ-ଦାଣ୍ଡ ଦାଣ୍ଡେ ଫେରିଲେ । ତାଙ୍କ ଗୁଡ଼ ଝିଅଟି ବି ଉଠିଲା । କାଁ ଛୁଲି କଣ ଯଦି ହୁଏ ସେଥିରେ ତାହାର ଦୋଷ ନାହିଁ । କଥାରେ କହନ୍ତି ଗରିବ ମାଇପ ସମସ୍ତଙ୍କ ଶାଳୀ ।

ବାବୁଆଣୀ ଦିନେ ତାଙ୍କୁ ଡାକି ତାକୁ କହିଲେ, "ଘର ଆଉ କିଛି ଅଛି, ଦାଣ୍ଡରେ ବାହାର ବସିଛୁ । ସେମିତିକି ସେମିତି ଯାଉ । ମୁଁ ତ ଏଠି ଗାଈକୁ କେବେ ନ । କାହା ସାଙ୍ଗେ କିଏ କୁଣ୍ଡେଇ ସୁଖ ହୋଇ ପାରୁ ନାହିଁ ।"

ସେଇ ଦିନଠୁ ସୁରୁବ ଘରୁ ଭିତରକୁ ଯାଏ । ଦିନେ ସେଇ ଗାଁର ପଧାନ ପଣ୍ଡାରେ ବସିଥିଲା । ସୁରୁବକୁ ଦେଖି ପାଚାରିଲା, "ହଇରେ କି କଣ ଅଛି ଏଠି ଜୁଟିଲୁ । ଡାହାଣୀ ସବୁ ଗାଈ । ମା, ଏ ଡାହାଣୀକୁ ଦୁଧର ମଜ୍ଜିର ଦେଉଛନ୍ତି ! ଜାଣନ୍ତି-ନାହିଁ ସ୍ୱା ଗୁଣ ? ସେ ଦିନପରି ସଙ୍ଗେ ସଙ୍ଗେ ମୋ ଝିଅ ସଉଳ ନକଲ କରିଦେଲା । ତାକୁ ଉତ୍ତାଳ ଅଣ ସମ୍ଭାଳ କଏ । ସେ ଗାଁରୁ ଯାଇ ପରିବାରକୁ ଡାକ ଆଣିଲା, ସେ ପୁଣି ଦେଲାରୁ କିଏ ଥଣ୍ଡା ପଡ଼ିଲା ! ଏ ସବୁକଥା ଜାଣି ନୁହଁ, ମା ।"

ସୁରୁବ ଛାନିଅ ହୋଇ ସେହି ଦାଣ୍ଡରେ ଛିଡ଼ା ହୋଇ ରହିଲା । ପାଦେ ଆଗେଇ ଦିବାକୁ ତାର ସାହସ ହେଲା ନ । ବାବୁଆଣୀ ଡାହାଣୀ ବିଶ୍ୱାସ କରନ୍ତି ନାହିଁ । ସେ ଭାବିଲେ, ଏତେ ଦିନ ହେଲା ତ ଦୁଧ ଦେଲାଣି, କିଛି ହୋଇ ନାହିଁ । ଏ ସବୁ ବାଜେ କଥା । କହିଲେ— "ତୁଇ ଦୁଧ ଦେଇ ଯାଉ, ଗରିବ ଝିଅଟିଏ !"

ସୁରୁବ ପୁଣି ଆଗପରି ଆସେ ।

ଦିନେ ବାବୁଙ୍କ ସାନପୁଅ ଟୋଗ ଉଦ ଉଦ ମୋଟା ମୋଟା ନହୁଣି ପରି ଜୁଆଟି—ଭାରି ଖେଳ ଥାଏ—ହସରେ ଘର କଂପାଇ ଦେଉଥାଏ । ବାବୁଆଣୀ ଦେଖାଉଥିବାରେ ଥିଲେ । ଜୁଆଁଟି ଅଛି ଖଟ ଧାରରେ ପହଞ୍ଚିଲାଣି । ପଡ଼ିଯିବ ପରା ! ଏତିକିବେଳେ ସୁରୁବ ପହଞ୍ଚି ଗଲା ! ଜୁଆଁଟିର ହସ ହସ ସୁନ୍ଦର ନରମ ମୁହଁଟି ଦେଖି ତାର ମାୟା ହେଲା । ଆହା ତା ଜୁଆଟି ଯଦି ଥାଆନ୍ତା, ବେଢ଼ କିଏ ହୁଅନ୍ତାଣି ।

\+ × +

ଜୁଆଟି ପଡ଼ିଯିବା ଉପରେ । ସୁରୁବ ଟେମକଫଡ଼ ପାଖକରି ଉଠିଲା । "ମା କିଏ ବାବୁ ପଡ଼ିଯିବେ ଧାଇଁ ଆସ ।"

ସେ ଦିନର ସେ ଘଟଣାଲ ନିମିତ ସବୁଆଡ଼େ ଯାଏ ।

ସେ ଗଲା ପରେ ପିଲାଟିକୁ ଜ୍ୱର ଚଢ଼ି ହେଲା । ଗାଲ ଫୁଲିଲା । କୌଣସି ଔଷଧରେ ଭଲ ହେଲା ନାହିଁ । ବାବୁଆଣୀ ଭାରି ବ୍ୟସ୍ତ ହେଲେ, କଅଣ କରିବେ ! କେହି ବୁଝିଲା ଲୋକବି ନାହିଁ ଯେ ପରାମର୍ଶ ଦେବେ । ଝିଅର ଟୋକା କହିଲା, ସେଇ ସୁରୁବ ତ କଣ କରିଦେଇ ଯାଇଛି । ବଡ଼ ପୁଅ କହିଲା "ହଁ, ସେ ଗଉଡ଼ଙ୍କ ପୁଅ ପାଖରେ ବେଳେ ବେଳେ ଯାଏ ଖେଳ ହୋଇଥିଲା, ମୁଁ ଦେଖିଛି । ମୁଁ ସେଇ ଘରେ ଗେଲ୍ ଥିଲି ।" ବାବୁଆଣୀ ଅଧିକ ବ୍ୟସ୍ତ ହେଲେ, ବାବୁଙ୍କୁ ଡକାଇ ପଠାଇଲେ । ବାବୁ ଆସି ଗୁଣିଆ ଡକାଇଲେ । ଗୁଣିଆ ଆସି ଝାଡ଼ ଦେଲାରୁ ପୁଅ କିଏ ଛିଡ଼ିଲା ।

ତା ଆରଦିନ ବି ସୁରୁବ ଦୁଧ ନେଇ ଆସିଲା । ବାବୁଙ୍କ ବଡ଼ ପୁଅ ତାକୁ ଦାଣ୍ଡରୁ ଦେଖି ପାଟିକଲା । "ଏ ଚୋର ! ପୁଣି ସେ ଡାହାଣୀ ଆସିଲାଣି । ବାଇ ସେ ଆମ ଛୋଟ ପୁଅକୁ ଖାଇଦେଲା । ଯା ପଳା, ପଳା ଏଠୁ ।"

ଘରର ଟୋକା ଧାଇଁ ଆସି କହିଲା 'ଅଲୋ ଡାହାଣୀ, ତୋର ଏତେ ବଡ଼ ପ୍ରାଣ ? କାହିଁକି ଆମ ଛୋଟ ବାବୁଙ୍କୁ ନଜର କରିଦେଲୁ ? ଯା ଯା, ଭଲରେ ଅଛୁ ବାଟେ ବାଟେ ଯା ।'

ସୁରୁବ ଦାଣ୍ଡରୁ ଫେରି ଆସିଲା । ଦୁଧ ତାର ଆଉ ବିକ୍ରୀ ହୁଏ ନା । ବିକ୍ରୀ କରିବାର ଇଚ୍ଛା ବି ଆଉ ନାହିଁ ।

\+ + +

ଜ୍ୱର ଓ ପୀହ୍ଳା ପାର୍ଚ୍ଚ

ର

ଅମୃତାଷ୍ଟକ କଷାୟ

ଓ

କଳ୍ପଲତା (ବଟିକା)

ସର୍ବଶ୍ରେଷ୍ଠ ଡାକ୍ତର ବନ୍ଧୁ ପ୍ରଶଂସିତ । ଏହାର ମୂଲ୍ୟ ଅଳ୍ପ ଓ ନିଶ୍ଚିତ ଗୁଣକାରକ । ଓଡ଼ିଶାର ପ୍ରତ୍ୟେକ ସହର ଓ ଗ୍ରାମ-ମାନଙ୍କରେ ଖୋଜିଲେ ପାଇବେ । ଅନ୍ୟାନ୍ୟ ଔଷଧ ତୁଳନାରେ ଏହା ମହୋପକାରୀ । ଥରେ କେବଳ ବ୍ୟବହାର କରି ପରଖ କରନ୍ତୁ—

ଆପଣଙ୍କର ଗୃହଚିକିତ୍ସକ କିଏ !

ମାତୃଶକ୍ତି

'ମା' ନଥାଇ ପିଲାଙ୍କ ଅବସ୍ଥା ଯେପରି—ମାତୃଶକ୍ତି ପାଖରେ ନଥିବା ଗୃହସ୍ଥର ଅବସ୍ଥା ତାହାଠାରୁ ଶୋଚନୀୟ । 'ମା' କେବଳ ଶିଶୁକୁ ନିଜ ଶକ୍ତି ବାହୁଟି ପର୍ଯ୍ୟନ୍ତ ଦେଇ ରଖିଥାଏ, କିନ୍ତୁ ମାତୃଶକ୍ତିର ବଡ଼, ସାନ, ବୁଢ଼ା, ବୁଢ଼ୀ ଭେଦ ଭାବ ନାହିଁ । ତେଣୁ ୧୯୪୦ରୁ ଅଧିକ କାଳ ପ୍ରତ୍ୟେକ ଘରେ ସ୍ଥାନ ପାଇଛି । ଏହା ସର୍ବ ରୋଗ ନାଶକ । ଗୀତିକା ଓ ମାଳିସ ଚିଠି ଭରସା ଦର୍ଶନରେ କହନ୍ତି—ବ୍ୟବସ୍ଥାପକ ନିକଟ ସବୁ ଥାଏ । ମୂଲ୍ୟ—୫ • ୫

ସାମାନ୍ୟ ଶିକ୍ଷିତା ଗୃହିଣୀ ମାନେ ଚିକିତ୍ସା ଓ ଡାକ୍ତର ମାନେବି ଚିକିତ୍ସା କରି ପାରିବେ ।

ଶାନ୍ତି ଔଷଧାଳୟ—ଡାକ୍ତର ଓ କବିରାଜ—ଶ୍ରୀ ବ୍ରଜନାଥ ମିଶ୍ର M.L.A. ପୋ: କେନ୍ଦ୍ରାପଡ଼ା—କଟକ ।

Digitized by srujanika@gmail.com



## ଉତ୍କଳସାହିତ୍ୟ-ଚୈତ୍ର ୧୩୪୮

ଏଥର ଉତ୍କଳ ସାହିତ୍ୟର ଏହା ସଂଖ୍ୟା ବୋଲିବା ଉଚିତ। ସମ୍ପାଦକଙ୍କ ସଂପାଦନ କ୍ଷମତା ପ୍ରକଟ ହେବା ପକ୍ଷରେ ଅଧିକ ଲେଖା ଅଲେଖା ମିଳିଲେ ସମ୍ଭବ ଲେଖାକୁ ଯଥୋପଯୁକ୍ତ କରିବାର ଅଭାବରେ ସେ ସବୁ ଯତ୍ନ ଅଗ୍ନିଦେବତାଙ୍କରେ ହବି ହୋଇଥାନ୍ତେ ନୋହିଲେ ପ୍ରେରକମାନଙ୍କୁ ଲେଖାଗୁଡ଼ିକ ଅଚିନ୍ତ୍ୟ ଭାବରେ ଫେରାଇଛନ୍ତି। ସଂପାଦକଙ୍କ ସୃଷ୍ଟି ସମ୍ବନ୍ଧରେ ଆମ ମନରେ ପ୍ରତିକ୍ରିୟା ଅସମ୍ଭବ ନୁହେଁ। ବାହିଁକ ଏଭଳି ଏ ସଂଖ୍ୟାଟି ସମ୍ପାଦକଙ୍କୁ ଟେକିଛି। ମାସିକପତ୍ରର ସବୁ ସମ୍ପାଦନା ଥାଏ ଥାଏ ସେହି କଥାରେ ଏ ଉତ୍କଳ ସାହିତ୍ୟ ସମାଜରେ ଏବେ ଦର୍ଶନ ଦେଇ ପାରିଛି। ତା'ର ଭବିଷ୍ୟତରେ ପ୍ରଭାତ ସମ୍ପାଦନ ହେବାର ଶକ୍ତି ତାହାର ରହିଲା। ଏଥିଲାଗି ସଂଖ୍ୟାଟିରେ ଅନ୍ୟ ନାହିଁ।

ସଂସ୍କୃତ ଶିକ୍ଷା ରାଜ୍ୟର ପ୍ରକଟ ହେବା ଉଚିତ ବୋଲି ଆଲୋଚନା କରିବା ପାଇଁ ଯେଉଁ ପ୍ରବନ୍ଧ ଲେଖା ହୋଇଛି ତହିଁରୁ ପ୍ରଥମ ସଂସ୍କୃତ ଶିକ୍ଷାର ପ୍ରତିଷ୍ଠା-ନିର୍ମାତା'ଙ୍କ ନିମ୍ନୋକ୍ତ, ଦ୍ୱିତୀୟରେ ସମ୍ବନ୍ଧରେ ଅନେକ କଥା ଜାଣିବାକୁ ପାଉ। ସମ୍ଭବ ସ୍ୱାଭାବିକ। ମୋଟ ଉପରେ କହିବାକୁ ଗଲେ ଲେଖକ ତାଙ୍କର ପ୍ରଥମ ସଂସ୍କୃତ ଓ ସଂସ୍କୃତିର ଛଳନା ପ୍ରଚେଷ୍ଟା ଦେଇଛନ୍ତି ମାତ୍ର। କାରଣ ବୃଦ୍ଧାନ୍ତ ବା ଯୁକ୍ତିତର୍କ ଦେଇନାହାନ୍ତି।

ଏ ସଂଖ୍ୟାର କବିତାଗୁଡ଼ିକ ଭିତରୁ 'ଅଭିନ ହଦୟ' ଅନୁବାଦଟି ନିତାନ୍ତ ମନ୍ଦ ନୁହେଁ। ଅନ୍ୟାନ୍ୟ କବିତା ପିଲାଏ ମଧ୍ୟ ଲେଖିଲେ ପ୍ରାୟ ସେହିପରି ହୋଇଛି। ଏଠାରେ କେତେକ ନମୁନା ଦେବାକୁ ମନ ହେଉଛି। ନାର ପ୍ରାର୍ଥନା ତାରେ—

"ଅଭ କେତେ କେତେ ଅଶ୍ରୁର ହୋଇଛିରେ ସେ ଟମ୍ପା
"ନିଶିତ ତାଙ୍କର ହେଣେ କଟି ହୋଇବ କମ୍ପା!

ଭୁଲାସବାବୁ ଯାହା ନ ଲେଖି, ଲେଖିଥାନ୍ତେ—
ମୋହରି କଙ୍କଣ ପକା ହୋଇଛିରେ ଅଙ୍ଗା
ଏସ୍ରି ଫୁଟା ପଣ ହୋଇଛନ୍ତି ମୋଷ୍ଟ ସବୁ ଅଙ୍ଗା।

ତାହାଡ଼ିକି କଥାଟାରେ ହାସ୍ୟରସ ଛେଷ୍ଟ ରହିଥାନ୍ତା।

ଆଉ ଗୋଟିଏ କବିତାର ନମୁନା ଦିଆଯାଉ।

'ହେଥିଅଛିଜିଣି 'ଭଳମ୍ବ ଅବଳ'
ଧୀରେ ଧୀରେ କାହାପାଇଁ
ଟପି ଅଧିକଣି 'ମାର ଉଣ ଜଣ'
ତୋଥ ପାଇଁ ମୋଥ ପାଇଁ। × ×
ଛୁ ନାନା କଳ୍ପ ଅଶ୍ରୁଜଣ 'ପ୍ରଥ'
ସଞ୍ଚ ଉଟେଶ କାହା ପାଇଁ
'ଗାଙ୍ଗୁଳି ଗାଙ୍ଗୁଳି' ବାସ ହେଉଛାନ୍ତି
ତୋହ୍ମ ପାଇଁ ମୋଥ ପାଇଁ।
'କେଭନ'ର କୁଳ ପଛାଇ 'ପିଷାଚ'
କଲ୍ପଅଛି କାହାପାଇଁ
'ମିଷାଚ ଗାନାରେ' ଖେଳଇ ତରଙ୍ଗ
ତୋଥ ପାଇଁ ମୋଥ ପାଇଁ
'ଖାଳୁପେରା' ପରେ ଅଧଇ 'ପିଷାଚ'
'ଭଡ଼ ଉଡ଼' କାହା ପାଇଁ?
ଦନ ଗଲେ ରାତ ରାତ 'ଚଲେ ଛଡ଼'
ତୋଥ ପାଇଁ ମୋଥ ପାଇଁ

ଉପରୋକ୍ତ 'କବିତା ଶବ୍ଦଗୁଡ଼ିକ ନଇଁ ଅର୍ଥାତ୍ ଅମର।

ଏ ସଂଖ୍ୟାରେ ଗଳ୍ପ ନାହିଁ। ଶ୍ରୀ ଅନନ୍ତ ପ୍ରସାଦ ପଣ୍ଡାଙ୍କର ଅନ୍ତ ନ ହୋଇବା ଲୀଳାର ଚେଷ୍ଟା ଭଲ ମାନୁଛି।

ଅନ୍ୟାନ୍ୟ ଐତିହାସିକ, ବୈଜ୍ଞାନିକ ତାତ୍ତ୍ୱିକ ଇତ୍ୟାଦି ବିଷୟରେ ପ୍ରକାଶିତ ପ୍ରବନ୍ଧ ସମ୍ବନ୍ଧରେ ଆମ୍ଭମାନଙ୍କର କହିବାର କିଛି ନାହିଁ।

## ସହକାର-ଦ୍ୱାବିଂଶ ଭାଗ

### ପ୍ରଥମ ସଂଖ୍ୟା—ବୈଶାଖ ୪୮

ନୂଆ ବର୍ଷରେ ସହକାରର ପ୍ରଚ୍ଛଦପଟର 'ପରିବର୍ତ୍ତନ' ଛଡ଼ା ବିଶେଷ କିଛି ଉନ୍ନତ ଦେଖିଲୁ ନାହିଁ: ମଝିରେ ସମ୍ପାଦକଙ୍କ ଲେଖାଯାଉଥିବା ଗୋଟାଏ ପଦନ ପରିଲକ୍ଷିତ ହେଉଥିଲା। ଏବେ ତାହାଏ ଉଠିଥି ହେଲା ପରି ଲାଗୁଛି। ସମ୍ପାଦକଙ୍କ ଦେଶର ଓ ସାମୟିକ ପ୍ରସଙ୍ଗକୁ ଏକ କରିଦେବା ଠିକ୍ ନୁହେ। ସାମୟିକ ପ୍ରସଙ୍ଗଟାକୁ digest ବୋଲି କହିଲେ ଚଳେ। ତହିଁରେ ଛବି କାର୍ଟୁନ ଇତ୍ୟାଦି ଦେବା ଶୋଭନୀୟ। କିନ୍ତୁ ସମ୍ପାଦକଙ୍କ ମତ ପାଇଁ ପ୍ରଶସ୍ତ ନୁହେଁ। ତେଣୁ ସାମୟିକ ପ୍ରସଙ୍ଗ ଠାରୁ ପୃଥକ୍ ହେବା ଉଚିତ।

ସମ୍ପାଦକଙ୍କୁ

ଗଳ୍ପ—

ଉପେକ୍ଷିତ—ଶ୍ରୀ ଅନନ୍ତ ପ୍ରସାଦ ପଣ୍ଡା। ଗୋଟାଏ ସୁନ୍ଦର ବାଳକ୍ରିକେ ଅନ୍ଧାଲୋକ କରିବାକୁ ଯାଇ ଅନନ୍ତ ବାବୁ ଶେଷବେଳେ 'ବଡ଼ ଭୁଲ କରିଦେଲେ। ସେହିପରି ମନରେ ଭାଇଭଉଣୀ ମାରିବା ଯେପରି ଅସ୍ୱାଭାବିକ—ତାର ପାଗଳ ହେବା, ତାହାରୁ ଉପାୟ ପାଇବା ପରିଣାମ ଲେଖକଙ୍କ କାର୍ଯ୍ୟକାରିତାରେ; ମରିବା ତା'ଠାରୁ ବେଶି ଅସ୍ୱାଭାବିକ। ଜୋର କରି ଦେଖିଲେ କଥାବସ୍ତୁର ସଂଲାପ ବଢ଼ି ଯାଇଛି। ଅଥବା ମଣିଷକୁ ଏକ ମୂଢ଼ ଦାନବ ଏପରି ଗ୍ରାସ କରିବାର ସମସ୍ୟାର ସମାଧାନ କ'ଣ ପଣ୍ଡାଏ ଏହିପରି କଲେ? Realistic ଦିଗରୁ ଦେଖିବାକୁ ଗଲେ ମଧ୍ୟ କଳାର ଅଭାବ ରହିଛି।

**ଜଣେ ପାଗଳ—ଗୋପାଳଚନ୍ଦ୍ର ମହାପାତ୍ର**

ଗୁପ୍ତ ମନ୍ଦିରର ଗଳ—ଅନ୍ଧ କବଳ। ମନ୍ଦ ଲାଗିଲା ନାହିଁ। ଆଉ କେହି ଜଣେ ଲେଖିଥିଲେ ବରଂ ଭଲ ହୋଇଥାନ୍ତା। କାରଣ ଗୋପାଳବାବୁଙ୍କର ସେହି ଏକା ରକମର ଟେକ୍ନିକ୍ ବେଳେବେଳେ ଖେଳ ଲାଗିବ?

**ଛଳନାମୟୀ—ରାଜକିଶୋର ରାୟ।**

କଥାଟିରେ ମୌଳିକ ଚିନ୍ତାଧାରା ଅଛି। ଏହାହିଁ ଏ ଲେଖାର ବିଶେଷତ୍ୱ। ସମସ୍ୟାର ସମାଧାନ କରା ଯାଇନାହିଁ। ହୋଇ ପାରେନା। ତରୁଣତରୁଣୀର ଆକର୍ଷଣୋପଯୋଗୀ ଭାବ, ସ୍ତ୍ରୀ ସବୁବେଳେ ପୁରୁଷକୁ ତାର ଅସ୍ମିତା ଜଣାଇବାର ବ୍ୟଗ୍ରତା, ସ୍ତ୍ରୀର ଜୀବନ ଯନ୍ତ୍ରଣାରେ ପୁରୁଷ ତାର ଜୀବନର ସମାନ ଠାଇଁ ଅଭାବ ଭଗାଇବାର ଲୋଭରେ ନାରୀର ଦାବିକୁ ବରଣ କରିବା ଓ ପୁରୁଷର ନାରୀ ପ୍ରତି ବେଦ୍ରୋହ ଭାବ, ଏହିକି କଥାରେ ସେ ସବୁର ସମାଧାନ ଅସମ୍ଭବ। ଅନେକ ଅଧକଚ୍ଚ ସ୍ତ୍ରୀ ଓ ଅପରିପକ୍ୱ ଭାବନାରେ ଭିତରେ ସଙ୍କୀର୍ଣ୍ଣ ଜୀବନକୁ ଟୁପଦାନ କରିଛି। ଅର୍ଦ୍ଧନଗ୍ନତା ଉଦ୍ଦେଶ୍ୟହୀନତାରେ ତାର ଯେପରି ସାର୍ଥକତା।

ଭଗ୍ୟଦୋଷ ନା କର୍ମଦୋଷ?—ଶ୍ରୀ ଗୌରଚନ୍ଦ୍ର ମହାନ୍ତି। ଲେଖକଙ୍କର ନୂଆ ଉଦ୍ୟମ-ମଙ୍ଗଳମୟ ହେଉ।

**କାଠ (କବିତା)—ଶ୍ରୀ ସୁଧାଂଶୁ ରାୟ।**

କବିତା ମନ୍ଦ, ଛନ୍ଦ, ବିନ୍ୟାସ ସମସ୍ତ ସୁନ୍ଦର ହୋଇଛି। ଯଦିଓ କବିତା ଅତି ଗୋଟାଏ ଦୁଃଖ ମନ୍ଦଣା ଓ ମୁଖ୍ୟମନ୍ତ୍ରୀନ ଅଧ୍ୟାତ୍ମିକତାର କଳ୍ପନା ଭିତରେ।

**ଟୋକୀ ତରୁଣୀ—ଶ୍ରୀ କୁବେର ଦଳାଇ**

ପଲ୍ଲୀ ଜୀବନର ଗୋଟିଏ ସୁନ୍ଦର୍ଯ୍ୟ। ଅଲ୍ପତ୍ୟାଗରେ

(ପରପୃଷ୍ଠା ଶେଷ ଦେଖନ୍ତୁ)

Digitized by srujanika@gmail.com




# ଆଖା ଫାନ୍ଦା ନାନା

ନେତା ହେବାକୁ ହେଲେ ଅପଣାର ଅନେକ ଜିନିଷ ଛାଡ଼ିବାକୁ ପଡ଼େ ।

ନୀଳକଣ୍ଠ ବାବୁ ଦାଢ଼ୀ ଛାଡ଼ିଛନ୍ତି ସେଥିପାଇଁ ।

\+ \+ ×

ଲୋକ୍ଙ୍କୁ ଯିଏ ଯାନ୍ତି ସେ ପ୍ରାୟ ଲୋକ୍ ପିନ୍ଧନ୍ତି ।

× \+ \+

ନେତୃତ୍ୱ ଯିବା ଲୋକଙ୍କ ହାତରେ ପ୍ରାପ୍ତ କରେଣ୍ଡ ଯୁଟେ ।

× × \+

ମୁକ୍ତି ମଣ୍ଡିତ ବିଜଣିତ—
ମୁକ୍ତ ଟା ଯୋଗୁଁ ଭାବ ଥାଏ ।

\+ \+ \+

ଦୋହଲ ଦେଇ ଚଉ ବାହାହେଲେ କନ୍ୟା ଶୀଘ୍ର ବେଇ ଦୋହଲ ହୁଏ ।

× × ×

ଗୋହାଳେ ପିଲାର ବାପ ନ ହେଉ-ଥିଲେ ବ ଟେଳେଟେ ଲୋକେ ଗୋହାଳ ବୁଢ଼ା ବହନ୍ତି ।

× × ×

କେତେକ ଜାର୍ବୋଧ ଘଷ ବୁଝି ଅଙ୍କୁ ଟୋଷ କରିଦିଏ ।

× ×

ଅର୍ଥ ଅନର୍ଥର ମୂଳ ।

ସେଥିପାଇଁ ଅର୍ଥ ସଞ୍ଚୟ ନ କରି ଟେକବଳ ଖରଚ କରନ୍ତ ।

\+ \+ ×

କ୍ଷୀଣ ଦେହକୁ ପୁଷ୍ଟ କରେ ଓ କ୍ଷୀଣ ମନକୁ ।

× \+ ×

ହାସ୍ୟାକର ଜଣେ ପଣ୍ଡିତ ଧାନରେ ୨୦, ହଜାର ଖେଦ କହେ । ବଢ଼ରେ ସମସ୍ତେ ଶୋଇ ହାଉଲେ ଯେଉଁ କଥା-ବାର୍ତ୍ତା ହୁଏ ତୋଷହୁଏ ତାକୁ ଛୁଇଁ ।

× × ×

ଧାର ଅଣି ଶୋଧ ନ କଲ ଲେ-ଖନ୍ତୁ ହୁଅନ୍ତି ବୋଲି ଜାଣି ଘଷ ଅନେକେ 'ନା' କରନ୍ତି ।

ନୋଟହୁଏ ସେମାନେ ଅଗତ୍ୟା ଛଉଶୋଧ ନେଉଛନ୍ତି ।

× \+ ×

ମାଣିରେ ପଡ଼ିଲେ ପଣ୍ଡିତ ଗ୍ରମ ଓ ବୁଢ଼େ । କିନ୍ତୁ ପ୍ରେମରେ ପଡ଼ିଲେ ପଣ୍ଡିତ ବୁଦ୍ଧି ହେଲେ ବୁଢ଼େ ।

\+ × \+

ଯାହାର ସ୍ତ୍ରୀ ଗୀତ ଗାଏ ତାର ପ୍ରକୃତ ଭାଗ ବଢେଇ ଦେଇଥାଏ ।

× × ×

ସ୍ତ୍ରୀର ଗୀତ ଗାଇବାରେ ପ୍ରକୃତ 'ଯନ୍ତ୍ର' instrument ହୋଇଥାଏ ।

× × ×

ଯେଉଁ ହେଟେଲୱାଲାମାନେ ନିଜକୁ ଜଣି ବୋଲି ମାଚ ମନେ କରନ୍ତି ସେମା-ନଙ୍କୁ ଅନ୍ୟ ଭେଦ୍ର ଯେକଥା କହିଦେଲେ ରାଗିଯାଇ ଥାନ୍ତି ।

\+ \+ ×

( ପୂର୍ବ ପୃଷ୍ଠା ଉତ୍ତର )

'ଲକ୍ଷ୍ମୀଙ୍କ ଜବନ'ରୁ ପାଙ୍କିବାରେ ଅନନ୍ଦ କ୍ଷମା ଯେଉଁ ଜବନରେ 'ରେଖାଗର ରେଖା ପଡ଼ଇ ନାହିଁ', ସେ ଜବନରୁ କ ଜବନ କହ, ଅନ୍ଧ କ ଉର୍ଣ୍ଣ ଉପ ?' ଖୁବ ଚମତ୍କାର । ପ୍ରକାଶ ଭଙ୍ଗୀ ଅଉ ଟିକିଏ ଦୃଢ଼ ହେବା ଉଚିତ ଥିଲା ।

ସନ୍ଧ୍ୟାତାରା—ଶ୍ରୀ ରଜନୀକାନ୍ତ ଦାସ ।

କବିତା ସୁନ୍ଦର ହୋଇଛି । ଭବରେ ଅଭିନୂତନ ଅଛି । ତେଣୁ କ୍ଷ୍ଟ ମଧ୍ୟ । ଭାଷାର ପ୍ରବାହ ଅବାଧ ରହୁ ନାହିଁ । ଅମ୍ଭେମାନେ କେତେକଙ୍କର ଉତ୍ତିଳ ଉତ୍ସାହିତ ଅଛାକରୁଁ ।

ସରସୀ-ସୁନ୍ଦରୀ—ଶ୍ରୀ ଶ୍ରୀଧର ଦାସ ।

ଅନୁବାଦ ସରସୀ ଭଳି ସୁନ୍ଦର ହୋଇ ପାର ନାହିଁ ।

ବର୍ଷ ଭାଷା—ଶ୍ରୀ ଉପେନ୍ଦ୍ର ନିଶାଠୀ । ଶବ୍ଦ ଯୋଜନା ବା ପଦ ବିନ୍ୟାସ ଚମତ୍କାର ହୋଇଛି ।

ପୁନଶ୍ଚ --

ଲେଖକ ପ୍ରତାପ ସିଂହଙ୍କର ସାହିତ୍ୟ ନିକଟର ବାଣୀ ଏବଂ ସେ ସେ ଉଦୋଷରେ ମହାଶୟଙ୍କର ସ୍ତରୀ ସାହିତ୍ୟରେ ଫଳାଫଳ ଉପସ୍ଥାପିତ ହେବ ।

—o—

## ଅତି ଗୋପନୀୟ କଥା

ଅପଣ ଶକ୍ତିରେ ହାକିମ୍ ସମ୍ପଦ୍ ଘର-ଙ୍କ ଧୀନଙ୍କ ବିଶ୍ୱାସ କର କହନ୍ତୁ । ସମସ୍ତ ପ୍ରକାର ସ୍ତ୍ରୀ ରୋଗ, ବାଳ ରୋଗ ଓ ସ୍ନାୟବିକ ରୋଗର ଅବଶ୍ୟ ପ୍ରତିକାର ପାଇବେ ।

ଠିକଣା:— ନର୍ମଦା ୟୁନାନି ଦବାଖାନା

ବାଙ୍କାବଜାର, କଟକ ।



Digitized by srujanika@gmail.com



ଭିକାରୀ—ବାବୁ ଗୋଟିଏ ପଇସା ।
ବାବୁ—କାହିଁକି ?
ଭିକାରୀ—ଧର୍ମ ହେବ ।
ବାବୁ—କି ଧର୍ମ ?
ଭିକାରୀ—ପଇସାକିଆ ଧର୍ମ ।

× × ×

ଭଦ୍ରଲୋକ—ଅଚ୍ଛା ! ଏଥର ଦୁଧ ଦାମରୁ ଟ୨ କାଟି ରଖିବି । ତୁମେ ସେଥିରେ ମାପଠା ପାଣି ମିଶାଇ ଦେଉଛ ।

ଦୁଧବିକ୍ରେତା - କଣ କହୁଛନ୍ତି ବାବୁ, ଦୁଧରେ ପାଣି ? ମୋ ଦ୍ୱାରା କେବେହେଁ ଏହା ହେବନାହିଁ ।

ଭଦ୍ରଲୋକ—ତେବେ ଦୁଧ ଏତେ ପତଳା ହେଉଛି କାହିଁକି ?

ଦୁଧ ବିକ୍ରେତା—ଅଳ୍ପ ଦୁଧ ସମସ୍ତଙ୍କୁ ଦେବାପାଇଁ ହେବ, ସେଥିପାଇଁ ଦୁଧରେ ପାଣି ନ ମିଶାଇ ପାଣିରେ ଦୁଧ ମିଶାଇ ଦେଉଛୁ ।

—ପୀତାମ୍ବର

\+ + ×

"ତା ପାଖରୁ ଟଙ୍କା ଧାର ନେବ ନାହିଁ—ସେ ଦିନକୁ ଟଙ୍କାରେ ପଇସେ ଲେଖାଏଁ ଶୀତ ଦିନରେ ଓ ଦେଢ଼ପଇସା ଲେଖାଏଁ ଖରା ଦିନରେ ସୁଧ ନିଏ ।"

"କାରଣ ।"

"କାରଣ ଖରାଦିନେ ଦିନଟା ବଡ଼ ।"

× + +

ପିତା - ସେ ନୂଆ ମାଷ୍ଟରଙ୍କି କିପରି ଲାଗେ ?
ପୁଅ—ସେ କିଛି ଜାଣନ୍ତି ନାହିଁ ବାପା ।
ପିତା—କିପରି ଜାଣିଲୁ ?
ପୁଅ—ସେ ୭ ରେ ୫ ମିଶାଇଲେ କେତେ ହେବ ମୋତେ ପଚାରୁଥିଲେ ପରା !

\+ × +

ଦୋକାନୀ—"ଆପଣଙ୍କର କ'ଣ କ'ଣ ଦରକାର ଅଛି ?"

କ୍ରେତା - "ଅନେକ ଜିନିଷ । ମୂଷା -- ୨ ଡଜନ — ଦ' ଡଜନ ହେଲେ ଚଳିବ । ମାଛି ହଜାରେ ଖଣ୍ଡେ । ବିଛୁଡି ୫ଟା । ଅସରପା ସେରେ । ବୁଢ଼ୀଆଣୀ ଜାଲ ୧୦ ହଜାର ଗଜ ଓ ବୁଢ଼ୀଆଣୀ ଦଶଟା । ଚକା ଝିଟିପିଟି ଗଣ୍ଡେ ଗୁବଟା । ଡାମଣା ଘଟଲେ । ବଡ଼ଲାଲ ଅଣ୍ଡିଆ ମାଈ ୨ ଯୋଡ଼ା । ୪୧ଟା ଛୁଆ ବଡ଼ଲାଲ । କୁକୁର ଏକଥାନ । ଉଇ ଏକଓଜନ । ବାସ୍ ।

ଦୋକାନୀ - ଏ ସବୁ ଆପଣଙ୍କର କ'ଣ ହେବ ଆଜ୍ଞା ?

କ୍ରେତା—ମୁଁ କାଲି ମୋର ପୁରୁଣା ବସା ଛାଡ଼ୁଛି । ଆମର ସର୍ତ୍ତ ଥିଲା ଯେ ଘର ଯେଉଁ ଅବସ୍ଥାରେ ଥିଲା ସେଇପରି ଅବସ୍ଥାରେ ଛାଡ଼ିବାକୁ ହେବ ।

\+ + ×

ଇନ୍ସୁରେନ୍ସ ଏଜେଣ୍ଟ—'ଆପଣ ବାହାଘର କଲେ, ଏଥର ଲାଇଫ୍ ଇନ୍ସିଓର କରନ୍ତୁ ।'

ନବବିବାହିତ—'ସେତେ ମାରାତ୍ମକ ନୁହେଁ ।'

## ବିଶେଷ ଘୋଷଣା

କାଗଜର ଦର ବଢ଼ିଯିବାରୁ ପରିଚାଳକ ସ୍ଥିର କରିଛନ୍ତି ଯେ ଏଣିକି ଆଉ ଗ୍ରାହକମାନଙ୍କୁ ୨ଟଙ୍କା ସ୍ଥଳେ ଟ୧୫ରେ ଡଗର ମିଳିବନାହିଁ ।

ଡଗରର ବାର୍ଷିକ ମୂଲ୍ୟ ଅନ୍ୟ କ୍ଷେତ୍ର ପର୍ଯ୍ୟନ୍ତ କଣ୍ଟ୍ରୋଲ୍ ମତେ ରହିଲା ।

ବାର୍ଷିକ ଡାକସହ ଟ୨୮
ଷଣ୍ମାସୀ ,, ଟ୨୫


## ନିଶ୍ଚୟ ! ନୋହିଲେ ଟ୫0ଙ୍କା ପୁରସ୍କାର ।

ସକଳ ପ୍ରକାର ଜ୍ୱର ଓ ବର୍ଦ୍ଧିତ ପ୍ଳୀହା ଯକୃତ ପାଇଁ 'ଜେସ୍ୱ ଭୈରବ' ବ୍ୟବହାର କରନ୍ତୁ । ଡବା---ଟ୧୮ ଧ୍ୱଜଭଙ୍ଗ, ଶୁକ୍ରତାରଲ୍ୟ ଓ ଇନ୍ଦ୍ରିୟର ଶିଥିଳତା ପାଇଁ 'କାମଦେବଘୃତ' ବ୍ୟବହାର କରନ୍ତୁ । ମାତ୍ରକୁ ଟ୫୮ । ଅସାଧ୍ୟ ଶୂଳ, ବାନ୍ତି, ପେଟଫମ୍ପା, କୋଷ୍ଠ କାଠିନ୍ୟପାଇଁ 'ଭାସ୍କର ଚୂର୍ଣ୍ଣ' ବ୍ୟବହାର କରନ୍ତୁ । ୧୪ ମାତ୍ରାକୁ ଟ୧୮ ।

ଠିକଣା—୫ ରାଜବୈଦ୍ୟ ଶ୍ରୀ ନାରାୟଣ ମିଶ୍ରଙ୍କ ପୌତ୍ର—କବିରାଜ ଶ୍ରୀ ବୈଦ୍ୟନାଥ ମିଶ୍ର ଆୟୁର୍ବେଦାଚାର୍ଯ୍ୟ, L. M. S.
ସାଃ ଝାଞ୍ଜିରମଙ୍ଗଳା କଟକ ।




Digitized by srujanika@gmail.com




# ଜିନ୍ନା

ଲେଖକ — ଶ୍ରୀ ରଜନୀକାନ୍ତ ଦାସ ।

ମଜା କବିତା

— ୧ —

ଜିନ୍ନା
ତାକ୍ ଧିନା ଧିନା ଧିନା
ନଅଟି କୋଟି ମୁସଲମାନ
ତୁମରି ଭାବେ ସେ ଅଗ୍ରଥନ,
ନଜକୁ ନଜେ ନେତା ହୋଇ
ଉଡ଼ାଇ ଲିଗ୍ ବାନା ।

— ୨ —

ହିନ୍ଦୁ-ମୁସ୍ଲିମ ରୋଳ
ତୁମେଇ ସିନା ଜାଣିଛ ତାର
ଗୁଣ୍ଠି ଗାନ୍ଧୁଣ୍ଡ଼ ବଳ ।
ଚୋଦ୍ଦଲେ ଛ' ୯ ମଟଜବାନ
ଭବ୍ଯପାରନ୍ତା ତା' 'ସମାଧାନ'
ଯାହାର ଲାଗି ହଟିପଡ଼ିଛ
ହବ ବୁଦ୍ଧି ବଳ ।

— ୩ —

ଜିନ୍ନା
ତାକ୍ ଧିନା ଧିନା ଧିନା!
ଏ ଭାରତର ମୁକତ କାହିଁ
ହେଲାନି ତୁମ ବିନା ?
ଦେଶର ମୁକ୍ତି-ଚାହା ବୀର
ତୁମେ ତାଙ୍କର ହେ ଅଟତାଳ,
ତୁମରି ଲାଗି ଗୁନ୍ଥା ହେଲା
ଜାଁ ଥିଅବାଡ଼ୀ ଫୁଲ,
ଜେଲ୍‌ଅ ଖାର ଗାନ୍ଧୀ ପୂଜା
ତା ସତେ କବା ଭୁଲ୍ ?

— ୪ —

ତୁମେତ ବଡ଼ ପଣ୍ଡା
ତୁମରି ନାମେ ବେଙ୍ଗ ଭଠନ୍ତ
ଗାଳସାହେବ ଗୁଣ୍ଡା
ଗମ୍ଭୀରବାଲ ମାରଣା ଖଣ୍ଡ
ତୁମରି ଦୋସ୍ତି ଲୋଟି ଜଦାନ୍ତ
ଗାଁ ଭଲର ରକ୍ତ ଖଣ୍ଡି
ତୁମର ହୋଇଲେ ଝଣ୍ଡା ।

— ୫ —

ଦାଣ୍ଡି ଘର କୋଣେ
ତୁମରି ଲାଗି କନାଉ ଜିନ୍ନା
ପ୍ରଦୀପ ହସି ଜଳେ ।
ବରଣମାଳା ହସ୍ତେ ଧରି
ଭଗ୍ନ ମଦନ ଠଣେ ଭାବ
ତୁମ ଉଦାସୀ ମାଜର୍ସି ଝୁଅ,
(ହେ) ଭାରତ ଭାଗ୍ୟ ତାନ୍ତ
ତୁମରି ଲାଗି ବନ୍ଧୁଏ ଦେଖେ
ନବ ଜୀବନ ଧାର ।

— ୬ —

ଆଦାବ୍ ଅର୍ଜନ୍ ଜିନ୍ନା
ସାହାସ୍ ତମ ସିନ୍ନା ।
ଇସ୍‌ଲାମ୍ ଲାଗି କରିଛ ପାକ
ବନାଇଛ ପକିସ୍ତାନ୍,
ସାହେବୀ ତମ ପୋଷାକ ଯୋଜଣ
(ତମେ) କାହୋଲା ମୁସଲ୍‌ମାନ୍
ଇସ୍‌ଲାମ୍‌ର ପ୍ରେମ୍ସୁ ପାର
(ତମ) ସାହେବୀ ବିବିଜାନ୍ ।



Digitized by srujanika@gmail.com




## ନାଗବଚ୍ଚା ଦଳ

### ଉଦ୍ଦେଶ୍ୟ

୧ । ଉତ୍କଳର କୋମଳ ପ୍ରାଣରେ ନବଜାଗରଣ ଆଣିବା, ଜାତୀୟ ଚେତନା ବଢ଼ାଇବା, ସେମାନଙ୍କର ଦେହ ଓ ସର୍ବାଙ୍ଗୀନ ଉନ୍ନତି ସାଧନ କରିବା ।

୨ । ଜଗତର ମଧ୍ୟସ୍ଥତାରେ ପତ୍ର ବିନିମୟ ଦ୍ୱାରା ତରୁଣମାନଙ୍କ ମଧ୍ୟରେ ପରସ୍ପର ଭାବର ଆଦାନ ପ୍ରଦାନ ବଢ଼ାଇବା ଓ ସେମାନଙ୍କ ମଧ୍ୟରେ ସ୍ନେହ ପ୍ରୀତି ଓ ସୌହାର୍ଦ୍ଦ୍ୟ ବଢ଼ାଇବା ।

୩ । ମାତୃଭାଷା ଓ ସାହିତ୍ୟ ପ୍ରତି କିଶୋର କିଶୋରୀଙ୍କର ଅନୁରାଗ ବଢ଼ାଇବା ।

୪ । ସତ୍ୟ ସେବା, ସାହସ ଓ ଅହିଂସା ସାଧନାରେ ସେମାନଙ୍କୁ ଉଦ୍ବୁଦ୍ଧ କରିବା ।

( ୧୮ ବର୍ଷରୁ ଉଣା ବାଳକ ବାଳିକାମାନଙ୍କ ପାଇଁ )

## ନାଗଙ୍କ କଲମରୁ

## ମହର୍ଷି ଦୟାନନ୍ଦ ସରସ୍ୱତୀ

୧୮୨୪ ଖ୍ରୀଷ୍ଟାବ୍ଦରେ ଭାରତରେ ସ୍ୱାମୀଜୀର ଜନ୍ମ ହୋଇଥିଲା । ସେତେବେଳକୁ ଭାରତ ଖ୍ରୀଷ୍ଟ-ଧର୍ମର ନବୀନ ଆବେଗ ପୂର୍ଣ୍ଣରେ ଆସିଥାଏ । ଭାରତୀୟମାନେ ପାଶ୍ଚାତ୍ୟ ଶିକ୍ଷା ଦୀକ୍ଷାରେ ଅନୁପ୍ରାଣିତ ହୋଇ ବଡ଼ ହେମ ସମସ୍ୟାରେ ପଡ଼ିଥାନ୍ତି । ସେମାନେ ହିନ୍ଦୁ ଧର୍ମର ପ୍ରତ୍ୟେକ କ୍ଷେତ୍ରରେ କୁସଂସ୍କାର ଜଡ଼ିତ ଥିବାର ଅନୁଭବ କଲେ । ତାର ଫଳରେ ହିନ୍ଦୁଧର୍ମର ସ୍ଥିତି ଟଳମଳ ହେବାକୁ ଲାଗିଲା । ଏହି ସମୟରେ ରାଜା ରାମମୋହନ ରାୟ, ବିବେକାନନ୍ଦ ପ୍ରଭୃତି ଅନେକ ଯୁଗ ପ୍ରବର୍ତ୍ତକ ଆବିର୍ଭୂତ ହୋଇ ହିନ୍ଦୁଧର୍ମର ପୁନଃ ପ୍ରତିଷ୍ଠା କଲେ । ସେମାନଙ୍କ ମଧ୍ୟରେ ମହର୍ଷି ଦୟାନନ୍ଦ ଜଣେ ।

ଦୟାନନ୍ଦଙ୍କୁ ଆମ ଓଡ଼ିଆ ବା ବଙ୍ଗାଳିମାନେ ସେତେ ଚିହ୍ନନ୍ତି ନାହିଁ । ମାତ୍ର ସେ ରାଜପୁତାନା, ଯୁକ୍ତ ପ୍ରଦେଶ, ପଞ୍ଜାବ—ଏହି ଅଞ୍ଚଳମାନଙ୍କରେ ପ୍ରତି ଘରେ ସୁପରିଚିତ । ଦୟାନନ୍ଦ ସରସ୍ୱତୀ ୧୮୨୪ ଖ୍ରୀଷ୍ଟାବ୍ଦରେ କାଠିଆବାଡ଼ ଷ୍ଟେଟରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତା ଶୈବଧର୍ମାବଲମ୍ବୀ ଜଣେ ବ୍ରାହ୍ମଣ ଥିଲେ । ବାଲ୍ୟକାଳରେ ତାଙ୍କ ପିତା ତାଙ୍କୁ ଅଳ୍ପ ସଂସ୍କୃତ ଶିକ୍ଷା ଦେଇଥିଲେ ।

ଦିନେ ଗୋଟିଏ ସାଧାରଣ ଘଟଣାରେ ତାଙ୍କ ମନରେ ଭାବାନ୍ତର ଆସିଥିଲା । ଥରେ ସେ କେତେକ ଗ୍ରାମବାସୀଙ୍କ ସହିତ ଶିବରାତ୍ରିରେ ଜାଗର ରହିଥିଲେ । ତାଙ୍କ ଛଡ଼ା ଅନ୍ୟମାନେ ଶୋଇ ପଡ଼ିବାରୁ ମୂଷାମାନେ ଶିବଲିଙ୍ଗ ଉପରେ ଚଢ଼ି ନୈବେଦ୍ୟ ଆଦି ଖାଇବାକୁ ଆରମ୍ଭ କଲେ । ଏହା ଦେଖି ସେ ଭାବିଲେ ଯେ ଶିବଲିଙ୍ଗ ହେଉଛି ପଥର, ଏ, ଦେବତା ନୁହେଁ । ଯଦି ପ୍ରକୃତ ଦେବତା ହୋଇଥାନ୍ତେ, ତାହାହେଲେ ମୂଷାମାନେ ତାଙ୍କ ଉପରେ ଚଢ଼ି ନୈବେଦ୍ୟ ଖାଆନ୍ତେ କିପରି ? ହଠାତ୍ ତାଙ୍କ ମନରେ ଅବିଶ୍ୱାସ ଉଦ୍ରେକ ହେଲା । ସେହି ଦିନଠୁ ସେ ପ୍ରକୃତ ଈଶ୍ୱରଙ୍କର ସନ୍ଧାନ ପାଇଁ ବାହାରିଲେ । ଶୋକାତୁର ପିତା ମାତା ତାଙ୍କୁ ଫେରାଇ ଆଣିବାକୁ ଯଥାସାଧ୍ୟ ଚେଷ୍ଟା କଲେ । ମାତ୍ର ସମସ୍ତ ବୃଥା ହେଲା ।

ସେହି ଦିନରୁ ଦୟାନନ୍ଦ ସରସ୍ୱତୀ ଅନେକ ସନ୍ନ୍ୟାସୀଙ୍କର ସଂସର୍ଗରେ ଆସି ବେଦ ବେଦାନ୍ତ ଉପନିଷଦ୍ ପୁରାଣ, ଦର୍ଶନ ସ୍ମୃତି ପ୍ରଭୃତି ଆଲୋଚନା କଲେ । ସେ ସଂସ୍କୃତରେ ଅଗାଧ ପାଣ୍ଡିତ୍ୟ ଲାଭ କରିଥିଲେ । ସେ ସଭା ସମିତିରେ ପ୍ରାୟ ସବୁବେଳେ ସଂସ୍କୃତରେ ବକ୍ତୃତା ଦେଉଥିଲେ । ଅନେକ ଦିନ ପରେ ତାଙ୍କର ଜ୍ଞାନଚକ୍ଷୁ ଉନ୍ମୀଳିତ ହେଲା ।

ସେ ଜାଣିଲେ ଯେ ଆଧୁନିକ ହିନ୍ଦୁ ଧର୍ମରେ ଅନେକ ପରିବର୍ତ୍ତନ ଆସିଛି । ପୂର୍ବେ ଦେବ ଦେବୀ ବା ମୂର୍ତ୍ତିପୂଜା ଆଦିର ଆଦର ନଥିଲା — ପରେ ଏ ସବୁ ହିନ୍ଦୁ ଧର୍ମରେ ପଶି ବିକୃତ କରି ପକାଇଛି । ଭାରତ ଯଦି ପୂର୍ବପରି ବେଦର ଆଲୋଚନା କରି ତାର ନିର୍ଦ୍ଦେଶରେ ଚାଲିବ, ତାହାହେଲେ ଦିନେ ସେ ନିଶ୍ଚୟ ସତ୍ୟର ଜ୍ୟୋତିରେ ଉଦ୍ଭାସିତ ହୋଇ ଜଗତରେ ଗୁରୁ ରୂପେ ପୂଜା ପାଇବ ।

ଦୟାନନ୍ଦ ତାଙ୍କର ଏହି ତଥ୍ୟ ବିସ୍ତାର କରିବା ପାଇଁ ଉତ୍ତରଭାରତରେ ବୁଲି ବୁଲି ପ୍ରଚାର କରିଥିଲେ । ସେ ହିନ୍ଦୁ ଧର୍ମର ପୁନର୍ବିକାଶ ପାଇଁ ସାରା ଜୀବନ ଅତିବାହିତ କରିଥିଲେ । ପ୍ରଥମେ ତାଙ୍କ ପ୍ରାଣ ବିନାଶ ପାଇଁ କେତେକ ପ୍ରାଚୀନ ପନ୍ଥୀମାନେ ଚେଷ୍ଟା କରିଥିଲେ । ମାତ୍ର ସେଥିରେ ସେ ବିଚଳିତ ନ ହୋଇ ସ୍ୱ କାର୍ଯ୍ୟ ସମ୍ପାଦନରେ ଅଗ୍ରସର ହୋଇଥିଲେ । ଏହି ମହାତ୍ମାଙ୍କର ମତ, ପରେ ଅନେକ ଲୋକ ଗ୍ରହଣ କରିଥିଲେ ଏବଂ ତାର ପ୍ରଚାର ପାଇଁ ପରେ ଅନେକ ସଭା ଓ ପ୍ରଚାର ବିଭାଗମାନ ପ୍ରତିଷ୍ଠିତ ହୋଇଥିଲା ।

ଶ୍ରଦ୍ଧାନନ୍ଦ, ଲାଲା ଲାଜପତ୍ ରାୟ, ମହାତ୍ମା ମୁନସୀ ରାମ ପ୍ରଭୃତି ଦେଶ ସେବକ ଜନନାୟକମାନେ ତାଙ୍କ ଧର୍ମର ଅନୁଯାୟୀ ଥିଲେ । ତାଙ୍କ ଜୀବନସାରା ପରିଶ୍ରମର ଫଳରେ ଆଜି ଆର୍ଯ୍ୟ ସମାଜ ନୂତନ ଜୀବନ ପାଇଛି । ଆର୍ଯ୍ୟ ସମାଜ ତାଙ୍କ ଗୌରବରେ ଗର୍ବିତ ।

ଶ୍ରୀ ପ୍ରଭାସ ଚନ୍ଦ୍ର ସରକାର
୫୦୬ ନମ୍ବର ନାଗବଚ୍ଚା



Digitized by srujanika@gmail.com



## ଦେଶ

ରୁଷ ଜର୍ମାନ ଯୁଦ୍ଧ ହେବୁ ଭାରତ ସମ୍ପର୍କରେ ବ୍ରିଟିଶ ସରକାରଙ୍କର ମତ ପରିବର୍ତ୍ତିତ ହୋଇଛି କି ନାହିଁ ଏବଂ ଏ ସନ୍ଧିକ୍ଷଣରେ ରାଜବନ୍ଦୀବର୍ଗ ମୁକ୍ତି ପାଇ ପାରନ୍ତି କି ନାହିଁ ଇତ୍ୟାଦି ପ୍ରଶ୍ନରେ ଭାରତ ସଚିବ ଅମେରି ସାହେବ ପାର୍ଲିଆମେଣ୍ଟରେ ପରିଷ୍କାର ନାସ୍ତି ବଚନ ଶୁଣାଇ ଦେଇଛନ୍ତି ।

ଭାରତର ନୂତନ ଜଙ୍ଗି ଲାଟ ଓ୍ୱାଭେଲ ସାହେବ, କେନ୍ଦ୍ରୀୟ ବ୍ୟବସ୍ଥା ପରିଷଦରୁ ୧୦ ଜଣ ସଭ୍ୟଙ୍କୁ ନେଇ ଭାରତ ରକ୍ଷା ସମ୍ବନ୍ଧରେ ପରାମର୍ଶ ଦେବାପାଇଁ ଏକ ଭାରତ ରକ୍ଷା କମିଟି କରନ୍ତି ।

ବଡ଼ଲାଟ ତାଙ୍କର ଶାସନ ପରିଷଦ ସଦସ୍ୟସଂଖ୍ୟା ୧୨ ଅଛି ବୋଲି ଲାଟଙ୍କୁ ଛାଡ଼ି ନଅଜଣ ବେସରକାରୀ ଓ ୪ ଜଣ ସରକାରୀ ସଭ୍ୟଙ୍କ ପରିବର୍ତ୍ତେ ୮ ଜଣ ବେସରକାରୀ ଓ ୩ଜଣ ସରକାରୀସଦସ୍ୟ ମନୋନୀତ କରିଛନ୍ତି । ସେମାନଙ୍କ ମଧ୍ୟରେ ବଙ୍ଗଳାର ଭୂତପୂର୍ବ ମନ୍ତ୍ରୀ ନଳିନୀରଞ୍ଜନ ସରକାର, କଂଗ୍ରେସ ବହିଷ୍କୃତ ନେତା ମାଧବ ଶ୍ରୀହରି ଅଣେଙ୍କର ନାମ ଉଲ୍ଲେଖ ଯୋଗ୍ୟ ।

ଏତଦ୍‌ବ୍ୟତୀତ ଅଉ ଗୋଟିଏ ଦେଶରକ୍ଷା ପରିଷଦ ମଧ୍ୟ ଗଠିତ ହୋଇଛି । ଯୁକ୍ତ ବଙ୍ଗୀୟ ମୁସଲିମ୍ ଲିଗର ମହାଦ୍ଦ ଜମା, [illegible] ଓ ଶିଖଙ୍କର ଏଥି କମିଟିରେ ନିଯୁକ୍ତ ହୋଇଛନ୍ତି ।

[illegible] ନିଯୁକ୍ତିରେ ସହଯୋଗ କରିବାପାଇଁ [illegible] ହେଲେ ।

ଜବରର ପୁନରାୟ ପୀଡ଼ିତ ହୋଇଛନ୍ତି ।

ବ୍ରହ୍ମ ଦେଶରୁ ଭାରତୀୟମାନଙ୍କ ଫେରତ କରିବା ପାଇଁ ଭାରତ ଓ ବ୍ରହ୍ମ ସରକାରଙ୍କ ବୁଝାମଣାରେ ଏକ ସନ୍ଧି ହୋଇଛି ।

୨୧ ତାରିଖ ଦିନ ସମାଜତାନ୍ତ୍ରିକ ଓ ଗଣତାନ୍ତ୍ରିକ ସଙ୍ଘବାଦୀଙ୍କ ତତ୍ତ୍ୱାବଧାନରେ ବହୁଳ ସ୍ଥାନରେ ସୋଭିଏଟ୍ ଦିବସ ପାଳିତ ହେବ ।

## ବିଦେଶ

ରୁଷ ଯୁଦ୍ଧରେ ତିନୋଟି ରଣକ୍ଷେତ୍ର, ଯଥାକ୍ରମେ ଉତ୍ତର ପଶ୍ଚିମ, ପଶ୍ଚିମ, ଓ ଦକ୍ଷିଣ ପଶ୍ଚିମରେ ରୁଷମାନଙ୍କର ପ୍ରବଳ ବିରୋଧ ସତ୍ତ୍ୱେ ଜର୍ମାନ ଅତି ଅଳ୍ପ ମାତ୍ରାରେ ଅଗ୍ରସର ହୁଏ । ମିନ୍ସ୍କ କେନ୍ଦ୍ରରେ ଜର୍ମାନ ନୂତନ ଉପାୟରେ ସୈନ୍ୟ ସମାବେଶ ପୂର୍ବକ ଅଧିକାର କରିବାକୁ ଚେଷ୍ଟା କରେ । ୧୮ ତାରିଖ ସୋଭିଏଟ ଇସ୍ତାହାରରେ ପ୍ରକାଶ ପାଏ ଯେ ଏ ଯାବତ୍ ଜର୍ମାନର ୧ [illegible] ଲକ୍ଷ ସୈନ୍ୟ ହତାହତ, ୩୦୦ ଟ୍ୟାଙ୍କ ଓ ୨୫୦୦ ଉଡ଼ାଜାହାଜ ଧ୍ୱଂସ ହୋଇଛି । ସୋଭିଏଟ ସୂତ୍ରରୁ ସମ୍ବାଦ ମିଳେ ଯେ ଜର୍ମାନ ରୁଷ ମଧ୍ୟ ଦେଇ ଇଂଲଣ୍ଡର ବଦଳରେ ଅଭିଯୋଜନ କରି କୃଷ୍ଣ-ବୁଲଟେରିଆ ସୀମାନ୍ତରେ ବହୁ ସୈନ୍ୟ ସମାବେଶ କରୁଛି । ଜର୍ମାନ ଘୋଷଣାରେ ଗୋଟିଏ ଲାଟ୍‌ଭିଆ ରେଡ଼ କର୍ମଚାରୀ ସେବକରେ ଅନ୍ତର୍ଭୁକ୍ତ ଓ ସୋଭିଏଟ ଘୋଷଣାରୁ ବେଲଜିୟ-ଜର୍ମାନ ସୈନ୍ୟ ବୁଝା ପଡ଼େ । ଜର୍ମାନ [illegible] ତାରିଖରେ ମିନସ୍କ ଅଧିକାର କରିଲେ ବୋଲି ଘୋଷଣା କରେ । କିନ୍ତୁ ରୁଷିଆ ତାହା ଅସ୍ୱୀକାର କରେ । [illegible] ଜର୍ମାନ ଦମନ ଅଭିଯାନ [illegible] ।

ଅଭିଯାନ ମଧ୍ୟରେ ଏପରି ସ୍ଥାନରୁ ଜର୍ମାନ ଆକ୍ରମଣ ଇତିହାସରେ ପ୍ରଥମ । ଜର୍ମାନ କହେ ଯେ ସୋଭିଏଟ୍ ତାର ଶେଷ ରଜର୍ଭ ବାହାର କରାଉ ସାରିଛି । କିନ୍ତୁ ତଥାପି ଜର୍ମାନ ଅଭି ଅଗ୍ରସର ହେବାର ସଠିକ ସମ୍ବାଦ ମିଳିନାହିଁ । [illegible] ତାରିଖ ଦିନ ମସ୍କୋ ଉପରେ ପ୍ରଥମ ଜର୍ମାନ ବିମାନ ଆକ୍ରମଣ ହୁଏ । କିନ୍ତୁ ବିଶେଷ କ୍ଷତି ହୁଏନାହିଁ । ପରେ ପରେ ବହୁ ଅସଫଳ ବିମାନ ଆକ୍ରମଣ ମଧ୍ୟ ହୋଇଛି । ରୁଷ ସରକାର ଷ୍ଟାଲିନଙ୍କୁ ଦେଶରକ୍ଷା କୌନ୍ସିଲ ର ପ୍ରଧାନ କର୍ତ୍ତୃତ୍ୱ ରୂପେ ବରଣ କରେ ।

ଆଇସଲାଣ୍ଡରେ ସୈନ୍ୟ ଲଗାଇବା ପରେ ଆମେରିକା ଉତ୍ତର ଆୟାରଲାଣ୍ଡରେ ଏକ ନୌଘାଟି ସ୍ଥାପନ କରେ ।

ଜାପାନର ମନ୍ତ୍ରୀସଭା ପରିବର୍ତ୍ତିତ ହୁଏ । ପ୍ରଧାନ ମନ୍ତ୍ରୀ ପ୍ରିନ୍ସ କୋନୋଏହିଁ ପ୍ରଧାନମନ୍ତ୍ରୀ ରହନ୍ତି । [illegible] ପରରାଷ୍ଟ୍ର ସଚିବଙ୍କ ବିଭାଗ ବଦଳି ଯାଏ ।

ଜାପାନର ସୈନ୍ୟ ଗତିବିଧିରୁ [illegible] ନିକଟ ଭବିଷ୍ୟତରେ ରୁଷ ଜାପାନ ଯୁଦ୍ଧର ସମ୍ଭାବନା ଅଛି । ଫ୍ରାନ୍ସର ଭିଚି ସରକାର ସହିତ [illegible] କରି ଇଣ୍ଡୋଚାଇନାରେ ଜାପାନ [illegible] କରେ । ଫଳରେ ଆମେରିକା ଓ ଇଂଲଣ୍ଡ କ୍ରୋଧିତ ହୋଇ ତାଙ୍କ ଦେଶରେ ରହିଥିବା ଜାପାନ [illegible] ବାଜ୍ୟାପ୍ତ କରନ୍ତି । ଜାପାନକି ତାଙ୍କ [illegible]

ହେନିଲ ନେତା [illegible] ସୋଭିଏଟ [illegible] ନିନ୍ଦା କରି ଓ ପାର୍ଲିଆମେଣ୍ଟ ପ୍ରଶଂସା କରି ଏକ [illegible] ଅଛି ଏବଂ ବିଶ୍ୱ [illegible] ସାହାଯ୍ୟ ଦେବାକୁ ପ୍ରସ୍ତୁତ ବୋଲି [illegible]


## ଜରାୟୁ

ଏହାକୁ ସେବନ କଲେ ସ୍ତ୍ରୀମାନଙ୍କର ଜରାୟୁ ସଂକ୍ରାନ୍ତ ଯାବତୀୟ ରୋଗ ଆରୋଗ୍ୟ ହୋଇ ଶରୀର ହୃଷ୍ଟ ପୁଷ୍ଟ ଓ [illegible] ହୋଇଥାଏ । ଶ୍ୱେତ ପ୍ରଦର, ରକ୍ତ ପ୍ରଦର, ବାଧକ, ଋତୁ କଷ୍ଟ, [illegible], ଦୌର୍ବଲ୍ୟ, [illegible], ପ୍ରଭୃତି [illegible] ସନ୍ତାନ ଧାରଣ ନିମନ୍ତେ ସ୍ଥାୟୀ ଫଳ ଓ ଦୀର୍ଘଜୀବୀ [illegible] ପରିବାର [illegible] ହୋଇଥାଏ ।

ମୂଲ୍ୟ—୧୦ ଦିନ ମାତ୍ରା ଶିଶି ଟଙ୍କାକୁ ଏକଟଙ୍କା ମାତ୍ର

[illegible] ଶିଶି ନେଲେ ଡାକ ଖର୍ଚ୍ଚ ଲାଗେ ନାହିଁ । [illegible] ଅଗ୍ରିମ ଦେବାକୁ ହେବ ।

ପ୍ରାପ୍ତିସ୍ଥାନ—କବିରାଜ—ଶ୍ରୀଧରଗର୍ଗବଂଶ ଚିକିତ୍ସାଳୟ—[illegible], ଭୁବନେଶ୍ୱର—ପୁରୀ ।





Digitized by srujanika@gmail.com

# ଓଡ଼ିଶାର ପୂର୍ବ ଖ୍ୟାତି ପୂର୍ବ ଗୌରବ ଫେରି ଆସିଛି !

ଦିନେ ଯେଉଁ ଓଡ଼ିଶାର ନୌବାଣିଜ୍ୟ ସ୍ୱଦେଶ ବିଦେଶରେ ଶୀର୍ଷସ୍ଥାନ ଲାଭ କରିଥିଲା
ସେହି ଓଡ଼ିଶାକୁ ବିଦେଶୀମାନେ ଲୁଟି କରିଛନ୍ତି !

ଆପଣମାନେ ବୁଝି ଅବୁଝା ହୋଇଛନ୍ତି ।

**ଆଜି ଅଦମ୍ୟ ସାହସ ଓ ଅପୂର୍ବ ଉତ୍ସାହ ନେଇ ଓଡ଼ିଶା ବାସୀଙ୍କ ମୂଳଧନରେ**

# ଦି ଓଡ଼ିଶା କମର୍ସ ଓ ନେଭିଗେସନ୍ କମ୍ପାନୀ ଲିମିଟେଡ୍

ଗଠିତ ହୋଇଛି -- ସେହି ଲୁପ୍ତ ରତ୍ନର ଉଦ୍ଧାର ପାଇଁ

ଏହି କମ୍ପାନୀ ଓଡ଼ିଶା ସରକାରଙ୍କ ଠାରୁ କାରବାର ଆରମ୍ଭର

ଅନୁମତି ପତ୍ର Incorporation Certificate ହାସଲ କରିଛି ।

ଗରିବ କୃଷି ଓ ମୁଲିଆ ଭାଇଙ୍କ ଠାରୁ ଆରମ୍ଭ କରି ରାଜାମହାରାଜାଙ୍କ ପକ୍ଷରେ

## ଅପୂର୍ବ ସୁଯୋଗ !

କୋମ୍ପାନୀର ଅଂଶ କ୍ରୟ କରି କୋମ୍ପାନୀର ମାଲିକ ହେବାକୁ ଓଡ଼ିଶାବାସୀ ଚାହାନ୍ତି ? ସେହି ସୁବିଧାକୁ ଆପଣଙ୍କ ହାତରେ ଦେବା ପାଇଁ ପ୍ରତ୍ୟେକ ଅଂଶ ଧନକୁ (share) ୫୧୦୯ ରେ ରଖାଯାଇଛି । ଏହାପରେ ଅଂଶ କିଣିବାର ସୁଯୋଗ ଆଉ ନାହିଁ — ଅନୁତାପ କରିବେ । ସେୟାର ଏଲଟମେଣ୍ଟ ଦ୍ରୁତବେଗରେ ଚାଲିଛି ।

ବିଶେଷ ବିବରଣୀ ପାଇଁ ଅନୁଗ୍ରହ କରି ନିମ୍ନ ଠିକଣାକୁ ପତ୍ର ଲେଖନ୍ତୁ ।

**କଟକ ଅଫିସ—**
ଚାନ୍ଦିହାଟ, କଟକ ।

**ଭଦ୍ରକ—**
ଚଟର ଅଫିସରେ
ଶେୟାର କିଣିବାକୁ ମିଳେ ।

The Managing Director.
The Orissa Commerce & Navigation Co. Ltd.
CHANDBALI.

Digitized by srujanika@gmail.com

# ଶ୍ରୀ ବ୍ରଜେନ୍ଦ୍ରନାଥ ନାୟକ ଜୁଏଲର

ଦରଘାବଜାର, ପୋ. —କଟକ ।



୫ ୨୦୮ ଙ୍କା ପୁରସ୍କାର !　　　୫ ୨୦୮ ଙ୍କା ପୁରସ୍କାର !

ବଡ଼ବଡ଼ ଧନୀମାନଙ୍କର ଫରମାସ ଅନୁସାରେ ଅମ୍ଭେମାନେ ଖାଣ୍ଟି ସୁନା, ରୁପା ଏବଂ ବହୁମୂଲ୍ୟ ପଥରର ନେକ୍ଲେସ ଅଳଙ୍କାରମାନ ମନ ମୁତାବକ ପ୍ରସ୍ତୁତ କରିଥାଉଁ । ଅମ୍ଭମାନଙ୍କର ବ୍ୟବସାୟ ଆରମ୍ଭ ଦିନରୁ ଅଦ୍ୟାବଧି କୌଣସି ବ୍ୟକ୍ତି ଅମ୍ଭମାନଙ୍କର ସାଧୁତା ସମ୍ବନ୍ଧରେ କେବେହେଲେ ସନ୍ଦେହ କରିନାହାନ୍ତି । ଅମ୍ଭେମାନେ ଏହି କାର୍ଯ୍ୟାଳୟଟିକୁ ନୂତନ ପ୍ରଣାଳୀ କରିଥିବାରୁ ବଜାରର ଦର ଅପେକ୍ଷା ବହୁ ସୁଲଭ ମୂଲ୍ୟରେ ଅଳଙ୍କାର ପ୍ରସ୍ତୁତ କରିଥାଉଁ ବାହାର ଗ୍ରାହକମାନଙ୍କରେ ଅମ୍ଭେମାନେ ତାହାଙ୍କୁ ବ୍ୟସ୍ତ ଦେବାକୁ ଶୁଣୁନାହିଁ । ପ୍ରତ୍ୟେକ ପଦାର୍ଥକୁ ଭଲରୂପେ ପରୀକ୍ଷା କରିବାର ସୁବିଧା ଅମେ ଦେଇ ଥାଉଁ । କେହି କୌଣସି ପ୍ରକାର ଦୋଷ କହି ପ୍ରମାଣ ଦେଇପାରିଲେ ଅମ୍ଭେମାନେ ୫୨୦୮ଙ୍କା ପୁରସ୍କାର ଦେବାକୁ ପ୍ରସ୍ତୁତ ଅଛୁଁ ସାଧାରଣଙ୍କର ସହାନୁଭୂତି ପ୍ରାର୍ଥନୀୟ —

ଭବଦୀୟ

**ଶ୍ରୀ ବ୍ରଜେନ୍ଦ୍ରନାଥ ନାୟକ**

ଦରଘା ବଜାର, ପୋ:—କଟକ ।

---

ବ୍ରହ୍ମଦେଶରେ ପ୍ରଥମ ପ୍ରତିଷ୍ଠିତ

( ସାପ୍ତାହିକ )　**'ବର୍ମା ଓଡ଼ିଆ ପତ୍ରିକା'**　(ରୟେଲ ୧୬ ପୃଷ୍ଠା)

ଏହାଷାପ୍ତାହିକ ପ୍ରବାସୀ ଉତ୍କଳୀୟଙ୍କ ଏକମାତ୍ର ମୁଖପତ୍ର । ବିଦେଶରେ ପ୍ରବାସୀମାନଙ୍କର ସକଳ ପ୍ରକାର ଦୁଃଖ ଦୁର୍ଦ୍ଦଶା, ବର୍ମାରେ ଭାରତୀୟଙ୍କର ପ୍ରକୃତ ଅବସ୍ଥା, ବର୍ମା ଭାରତ ପୃଥକ୍କରଣ ପରେ ବର୍ମା ସରକାର ମତାମତ ଏବଂ ବର୍ମାର ରାଜନୈତିକ ପରିସ୍ଥିତି ସଙ୍ଗେ ତହିଁର ଅଧିବାସୀମାନଙ୍କ ସାମାଜିକ, ରାଜନୈତିକ ଓ ଆର୍ଥିକ ଅବସ୍ଥା ସମ୍ବନ୍ଧେ ଲେଖାମାନ ଏହି ପତ୍ରିକାରେ ପ୍ରକାଶିତ ହୁଏ । ବ୍ରହ୍ମଦେଶର ବ୍ୟବସାୟର ସବୁ ଖବର ଜାଣିବାକୁ ହେଲେ ଏହି ପତ୍ରିକା ପଢ଼ନ୍ତୁ । ଏହା ବର୍ମାର ଯୁବକ କର୍ମୀ ଶ୍ରୀଯୁକ୍ତ ମଧୁସୂଦନ ମହାପାତ୍ରଙ୍କ ଦ୍ୱାରା ପ୍ରତିଷ୍ଠିତ ଓ ସମ୍ପାଦିତ ।

ମୂଲ୍ୟ ୫୬, ଷାଣ୍ମାସିକ ମୂଲ୍ୟ ୫୨୮, ଭାରତବର୍ଷ ବାହାରେ ଦେୟ ୫୪୮ ।　ଠିକଣା—ନ ୬୧୬୩, ୩୦ନମ୍ବର ରଙ୍ଗୁନ (ବର୍ମା)

---

## ସଂବାଦ

ଅମ୍ଭେ ନୂତନ ଧରଣର ଆଦର୍ଶ ଜନ୍ମପତ୍ରିକା ପ୍ରସ୍ତୁତ କରି ଆବଶ୍ୟକ ମତେ ସର୍ବସାଧାରଣଙ୍କୁ ଯୋଗାଇ ଥାଉଁ । ଏତଦ୍‌ବ୍ୟତୀତ ସକଳ ପ୍ରକାର ଜ୍ୟୋତିଷ ଗଣନାଦ୍ୱାରା ଶୁଭାଶୁଭ ଫଳ ଦର୍ଶାଇ ଥାଉଁ । ଥରେ ମାତ୍ର ପରୀକ୍ଷଣୀୟ ।

୧ । ଆଦର୍ଶ ଜନ୍ମ ପତ୍ରିକାର ପାଞ୍ଚଶମିତ ମୂଲ୍ୟ ୫୨୮ଙ୍କା । ୨ । ସଂକ୍ଷିପ୍ତ ତାଳ ପତ୍ରରେ ଆଦର୍ଶ ଜନ୍ମପତ୍ରିକା ମୂଲ୍ୟ ୫୦୪ । ୩ । ବର୍ଷାଦି ମେଳକ କୋଷ୍ଠୀର ବର୍ଷଫଳ ୫୦୪ । ୪ । ଅନ୍ୟ ନ୍ୟଦଶା ଅନ୍ତର୍ଦଶା, ପ୍ରତ୍ୟନ୍ତରଦଶା ଫଳ ବର୍ଷର ୫୨୮ । ୫ । ସଂକ୍ଷିପ୍ତ ଆୟୁର୍ଦାୟ ମୂଲ୍ୟ ୫୫୮ । (ଜନ୍ମର ଠିକ ସମୟ ଓ ଘଣ୍ଟା ମିନିଟ ସାଲମାସ ଦିନ ଦେବାପାଇଁ ଭୁଲିବେ ନାହିଁ)

ଠିକଣା—**ଶ୍ରୀଅନନ୍ତଚରଣ ସାହୁ**, ମାଷ୍ଟର ପଟ୍ଟନାୟକ ବଜାର, ଭଦ୍ରକ ।

## ନିଜର ପ୍ରତିକୃତି

ନିଜେ ଦେଖିଲେ

ସର୍ବାଧିକ ଆନନ୍ଦ ମିଳେ !

ଶିଳ୍ପୀ—ଏସ୍ କଅରନ୍ଧା

ଫଟୋ ଷ୍ଟୁଡିଓ, ଚୌଧୁରୀବଜାର—କଟକ

[ଓଡ଼ିଶାର ଯେ କୌଣସି ସ୍ଥାନକୁ ଯାଇ ଫଟୋ ନିଆଯାଇ ପାରେ]



printed & published at the Gopinath Press, Bhadrak, by G. C. Mahapatra and issued from Dagaro Office, Bhadrak.



Digitized by srujanika@gmail.com

ମାଭୈଃ- -ମାଭୈଃ- -ମାଭୈଃ

ମୃତ୍ୟୁ ବା ଅନ୍ୟାନ୍ୟ ଅଘଟଣରେ ପ୍ରତ୍ୟାରିତ ନ ହୋଇ ନିପୁଣ ଭାବରେ କିଛି ଟଙ୍କା ସଞ୍ଚୟ କରି ନିଜର ବାର୍ଦ୍ଧକ୍ୟ ଓ ପରିବାରବର୍ଗଙ୍କ ପାଇଁ ଅନ୍ନର ସଂସ୍ଥାନ କରନ୍ତୁ । ଅନ୍ତର୍ଜାତିକ ଅନିଶ୍ଚିତତା ଅର୍ଥିକ ଦୁର୍ଗତିରେ ଜୀବନବୀମାହିଁ ଏକମାତ୍ର ନିରାପଦ, ନିର୍ଭରଯୋଗ୍ୟ ଓ ଲାଭଜନକ ଯୋଗ୍ୟ ଉପାୟ ।

ଏ ଦୁର୍ଦ୍ଦିନରେ "ହିନ୍ଦୁସ୍ଥାନ"ରେ ବୀମା କରି ବା ଅଂଶୀଦାର ହୋଇ ଲାଭବାନ ହୁଅନ୍ତୁ ।

# ହିନ୍ଦୁସ୍ଥାନ କୋ-ଅପରେଟିଭ

## ଇନସିଓରେନ୍ସ ସୋସାଇଟି ଲିଃ

ହେଡ଼ ଅଫିସ—କଲିକତା

**ଦୃଢ଼ତାର ସୂଚନା —**

ମୋଟ ଚଳନ୍ତି ବୀମା— ୧୭ କୋଟି ୨ ଲକ୍ଷରୁ ଊର୍ଦ୍ଧ୍ୱ । ମୋଟ ବୀମା ପାଣ୍ଠି—୩ କୋଟିରୁ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ।

ମୋଟ ଦେୟ—୩ କୋଟି ୫୭ ଲକ୍ଷରୁ ଊର୍ଦ୍ଧ୍ୱ । ୧୯୪୦ ରେ ନୂତନ କାରବାର ପରିମାଣ ୨ କୋଟି ୭୫ ଲକ୍ଷରୁ ଊର୍ଦ୍ଧ୍ୱ ।

ବିଶେଷ ବିବରଣୀ ପାଇଁ ନିମ୍ନଲିଖିତ ଠିକଣାରେ ଅନୁସନ୍ଧାନ କରନ୍ତୁ ।

| | |
|---|---|
| **ଏନ୍ ଦତ୍ତ** | ଅର୍ଗାନାଇଜର—**ନରେନ୍ଦ୍ର ପ୍ରସାଦ ଦାସ** |
| ସେକ୍ରେଟେରୀ | ହିନ୍ଦୁସ୍ଥାନ କୋ-ଅପରେଟିଭ ଇନ୍ସିଓରେନ୍ସ ସୋସାଇଟି ଲିଃ । |
| ହିନ୍ଦୁସ୍ଥାନ ବିଲ୍ଡିଙ୍ଗ୍ସ, କଲିକତା । | ଗୁଡ଼ସାହେବ, କଟକ । |

# ଦାର୍ଜିଲିଙ୍ଗ ବେଙ୍କଲିମିଟେଡ

## କଟକ ଶାଖା--

କଟକ ଅଧିବାସୀଙ୍କର ବ୍ୟବସାୟର ଉନ୍ନତି ପାଇଁ ଦାର୍ଜିଲିଙ୍ଗ ବେଙ୍କର କଟକ ଶାଖା ମଙ୍ଗଳାବାଗସ୍ଥ ବାସନ୍ତ ଭବନ୍ଦୁରେନ୍ଦ୍ର କୋଠାରେ ଖୋଲା ହୋଇଛି । ସମସ୍ତ ପ୍ରକାର ବେଙ୍କର କାର୍ଯ୍ୟ କରନ୍ତୁ । ପରଲିଖିତ ଠିକଣାରେ ଅନୁସନ୍ଧାନ କରନ୍ତୁ ।

ଓଡ଼ିଶା ଅଫିସ, ମଙ୍ଗଳାବାଗ କଟକ ।

# "ଜଗନ୍ନାଥ ସାହିତ୍ୟ ସମିତି"ର

## ସଂଘର୍ଷ ଓ ନୈବେଦ୍ୟ ପ୍ରକାଶ ପାଇଛି ।

**ଶୀଘ୍ର ଅବଦାନରେ**

Detective କାହାଣୀ **"ମାୟାପୁରୀ"** ପ୍ରକାଶିତ ହେବ

ଟ ୧ ୧ ଦେଇ ସଭ୍ୟ ହେଲେ ସଂଘର୍ଷ ବିନା ମୂଲ୍ୟରେ ଓ ପରବର୍ତ୍ତି ଅଧା ଦାମରେ ନିମ୍ନଲିଖିତ ସ୍ଥାନରୁ **ଅମ୍ଭ ବହି ମିଳି ପାରିବ ।**

(1) Utkal Book Ajency, Ranihat, (2) Saraswata Bhandar, ବାଲୁବଜାର (3) Orissa Book Emporium, ବାଲୁବଜାର (4) The Book Stall, ଚାନ୍ଦିନୀ ଚୌକ (5) The National Publishing Co., ଗୁଡ଼ସାହେବ (6) The Students' Store, ଗୁଡ଼ସାହେବ (7) The Students' Store—ବ୍ରହ୍ମପୁର (8) ଚରଣ ମହାନ୍ତି, Straight Mile Road—ଜାମସେଦପୁର (୯) ମହେଶ୍ୱର ଦାସ, 1/3 Hidaram Banerji Lane—କଲିକତା (୧୦) ଶ୍ରୀ ଲକ୍ଷ୍ମୀନାରାୟଣ ମହାନ୍ତି—ବରାପୁଟ ।

ଅନ୍ୟାନ୍ୟ ଜ୍ଞାତବ୍ୟ ... ଏଜେଣ୍ଟ ଆବଶ୍ୟକ । ସଂଘର୍ଷ ଓ ନୈବେଦ୍ୟ ସମ୍ପାଦକ, ଜଗନ୍ନାଥ ସାହିତ୍ୟ ସମିତି ... ଭଦ୍ରକ ।

Digitized by srujanika@gmail.com

ରବ ଶ୍ରାଦ୍ଧ ସଂଖ୍ୟା



'ମୃତ୍ୟୁହୀନ ପ୍ରାଣ'



ଆଗମନ

୧୮୬୧, ୭ ମେ, ସୋମବାର

ରାତ୍ରି ୨—୩ ଟା ମଧ୍ୟେ

ଅନ୍ତର୍ଦ୍ଧାନ

୧୯୪୧, ୭ ଅଗଷ୍ଟ, ଗୁରୁବାର

ଦିବା ୧୨ ଟା ୧୦ ମିନିଟ

'ଜନ-ମନ-ଗଣ-ଅଧିନାୟକ' କବିଗୁରୁ ରବୀନ୍ଦ୍ର ନାଥ

୫ମ ବର୍ଷ | ୬ଷ୍ଠ ସଂଖ୍ୟା | ଶ୍ରାବଣ ଦ୍ୱିତୀୟାର୍ଦ୍ଧ

Digitized by srujanika@gmail.com

# ଓଡ଼ିଶାର ପୂର୍ବ ଖ୍ୟାତି ପୂର୍ବ ଗୌରବ
# ଫେରି ଆସିଛି !

ଦିନେ ଯେଉଁ ଓଡ଼ିଶାର ନୌବାଣିଜ୍ୟ ଦେଶ ବିଦେଶରେ ଶୀର୍ଷସ୍ଥାନ ଲାଭ କରିଥିଲା
ସେହି ଓଡ଼ିଶାକୁ ବିଦେଶୀମାନେ ଲୁଟି କରିଛନ୍ତି !

ଆପଣମାନେ ବୁଝି ଅନୁଭବ କରୁଛନ୍ତି ।

**ଆଜି ଅଦମ୍ୟ ସାହସ ଓ ଅପୂର୍ବ ଉତ୍ସାହ ନେଇ ଓଡ଼ିଶା ବାସୀଙ୍କ ମୂଳଧନରେ**

# ଦି ଓଡ଼ିଶା କମର୍ସ ଓ
# ନେଭିଗେସନ୍ କମ୍ପାନୀ ଲିମିଟେଡ୍

ଗଠିତ ହୋଇଛି—ସେହି ଲୁପ୍ତ ଧନର ଉଦ୍ଧାର ପାଇଁ
ଏହି କମ୍ପାନୀ ଓଡ଼ିଶା ସରକାରଙ୍କ ଠାରୁ କାରବାର ଆରମ୍ଭର
ଅନୁମତି ପତ୍ର Incorporation Certificate ହାସଲ କରିଛି ।
ଗରିବ କୃଷୀ ଓ ମୂଲିଆ ଭାଇଙ୍କ ଠାରୁ ଆରମ୍ଭ କରି ରାଜାମହାରାଜାଙ୍କ **ପକ୍ଷରେ**

## ଅପୂର୍ବ ସୁଯୋଗ !

କୋମ୍ପାନୀର ଅଂଶ କିଣି କେମିତି ଏହାର ମାଲିକ ହେବାକୁ ଓଡ଼ିଶାବାସୀ ଚାହାନ୍ତି ? ସେହି ସୁବିଧାକୁ **ଆପଣଙ୍କ** ହାତରେ ଦେବା ପାଇଁ ପ୍ରତ୍ୟେକ ଅଂଶ ଟଙ୍କାକୁ (share) ୫୧୦୯ ରେ ରଖାଯାଇଛି । ଏକାଧିକ ଅଂଶ **କିଣିବାର** ସୁଯୋଗ **ଛାଡ଼ନ୍ତୁ** ନାହିଁ—ଅନୁତାପ କରିବେ । ସେୟାର ଏଲଟ୍‌ମେଣ୍ଟ ଦ୍ରୁତଗତିରେ ଚାଲିଛି ।

ବିଶେଷ ବିବରଣୀ ପାଇଁ ଅନୁଗ୍ରହ କରି ନିମ୍ନ ଠିକଣାକୁ ପତ୍ର ଲେଖନ୍ତୁ ।

**କଟକ ଅଫିସ—** **ରାଣୀହାଟ, କଟକ ।**

**ଭଦ୍ରକ—** ହରିର ଅଫିସରେ ସେଅର କିଣିବାକୁ ମିଳେ ।

The Managing Director.
The Orissa Commerce & Navigation Co. Ltd.
CHANDBALI.

ସମ୍ପାଦକ—**ଶ୍ରୀ ନିତ୍ୟାନନ୍ଦ ମହାପାତ୍ର**

Digitized by srujanika@gmail.com

# ରବୀନ୍ଦ୍ର କ'ଣ ନାହାନ୍ତି ?

ମନୁଷ୍ୟ ବଞ୍ଚେ ବଞ୍ଚି ରହିବାର ଆନନ୍ଦରେ । ସେହି ଗୌରବରେ ମନୁଷ୍ୟ ଆତ୍ମହରା ହୁଏ, ପାଗଳ ହୁଏ, ତଥାପି ଅନୁଭୂତର ପ୍ରବଳ ଘୂର୍ଣ୍ଣି ଭିତରେ କେନ୍ଦ୍ରଚ୍ୟୁତି ଘଟେ ନାହିଁ । ଗୋଟାଏ ଅବିଚ୍ଛିନ୍ନ ବିଶ୍ୱବ୍ୟାପୀ ସୂତ୍ର, ଗୋଟାଏ ମାଧ୍ୟାକର୍ଷଣର ବିରାଟ ଶକ୍ତିକୁ ସାବ୍ୟସ୍ତ କରେ ତାର ପ୍ରତ୍ୟେକ ନିରୁଦ୍ଦିଷ୍ଟ ଅଭିଯାନ ମଧ୍ୟରେ । ଏହାହିଁ ଅତି ମାନବିକତା । ଏହାହିଁ ଭାବୁକତା—କବିତାର ନାମାନ୍ତର ।



ରବୀନ୍ଦ୍ର କବି—ରବୀନ୍ଦ୍ର ମାନବ—ରବୀନ୍ଦ୍ର ବଞ୍ଚି ରହି ହୋଇ ପାରିଥିଲେ—ରବୀନ୍ଦ୍ର-ନିରବଚ୍ଛିନ୍ନ ଯୋଗସୂତ୍ରର ସତ୍ୟ ରବୀନ୍ଦ୍ରଙ୍କର କବିତା ଭିତରେ ପ୍ରତ୍ୟେକ ସସୀମ ସ୍ଥିର କରି ପାରୁଥିଲା । ସଂକ୍ଷିପ୍ତ ଜୀବନର ଧାରା ରବୀନ୍ଦ୍ର । ସେଥିପାଇଁ—ସୃଷ୍ଟିରୁ ରବୀନ୍ଦ୍ରନାଥଙ୍କ

ଭାବୁକ— ରବୀନ୍ଦ୍ର ଅତି ବାର ଆନନ୍ଦରେ ଆତ୍ମହରା ଙ୍କର ଅନୁଭୂତି ସୃଷ୍ଟିର ପ୍ରତିଷ୍ଠା କରି ପାରିଥିଲା ଅନିର୍ଦ୍ଦିଷ୍ଟତା, ଅନସ୍ତ୍ୱୟତା ଅଣୁ ପରମାଣୁର କେନ୍ଦ୍ର ଅନନ୍ତ କାଳ ମଧ୍ୟରେ କେନ୍ଦ୍ରସ୍ଥ କରି ପାରିଥିଲେ ରବୀନ୍ଦ୍ରଙ୍କର ମୃତ୍ୟୁ ଅସମ୍ଭବ ତିରୋଧାନ ମିଥ୍ୟା ।

ମନୁଷ୍ୟର ଯେଉଁ ବୁଦ୍ଧି, ମନୁଷ୍ୟର ଯେଉଁ ବିଚକ୍ଷଣତା ଆଜି ମନୁଷ୍ୟର ହୃଦୟକୁ ଉପେକ୍ଷା କରି, ଉପେକ୍ଷା କରି ନୁହେଁ, ହୃଦୟକୁ ବଳି ଦେଇ, ଅମାନୁଷିକତାକୁ ପ୍ରଶ୍ରୟ ଦେଉଛି, ପାଶବିକତା ପାଇଁ ଶ୍ରେଷ୍ଠ ଆସନ ନିର୍ଦ୍ଧାରଣ କରୁଛି, ସେହି ଅବିବେକିତା, ଯେହି ଭ୍ରଷ୍ଟାଚରଣ ଆଜି କଣ ବଜ୍ରନିର୍ଘୋଷରେ ଚିତ୍କାର କରି କହୁ ନାହିଁ ଯେ—ହେ ରବୀନ୍ଦ୍ରନାଥ, ତୁମେ ତମର ଅଦ୍ଭୁତ ମାନବିକ ପ୍ରତିଭା ବଳରେ ତମର ଅସାଧାରଣ ଅନ୍ତର୍ଦୃଷ୍ଟି ବଳରେ ମନୁଷ୍ୟର ବିବେକ ଓ ବୁଦ୍ଧି ଦ୍ୱାରାହିଁ ମନୁଷ୍ୟର ହୃଦୟକୁ ସମ୍ମାନ ଦେଖାଇ ଯାଇଛ—ହୃଦୟର ପୂଜା କରି ଯାଇଛ: ଆଜି ତୁମ ନିକଟରେ ଆମେ ପରାସ୍ତ ।

ମନୁଷ୍ୟ ମରେ—ନିଜପାଇଁ ନୁହେଁ—ବଞ୍ଚି ରହିବାର କ୍ଲେଶ କମିଯାଏ ବୋଲି ନୁହେଁ—ଦୁନିଆର ଦୁଃଖ ଦୁର୍ଦ୍ଦଶାରୁ ମୁକ୍ତି ପାଇବା ନିମନ୍ତେ ନୁହେଁ—ସଂସାରର ମାୟା ବନ୍ଧନକୁ ଛିନ୍ନ କରିବାକୁ ନୁହେଁ—ମନୁଷ୍ୟ ମରେ, ନିଜର ସ୍ମୃତିକୁ, ନିଜର ପ୍ରତିଭାକୁ ପ୍ରତିଷ୍ଠା କରିଦେଇ ଯିବାକୁ ନୁହେଁ—ନିଜର ଜୀବନର ସତ୍ୟକୁ ସତ୍ୟ ପ୍ରମାଣିତ କରିଯିବା ପାଇଁ ନୁହେଁ—ମନୁଷ୍ୟ ମରେ, ଅପରକୁ ବଞ୍ଚାଇ ଯିବାପାଇଁ—ଦୁନିଆର ଦୁଃଖ ଦୁର୍ଦ୍ଦଶାର ଅନୁଭୂତ ଓ ଅଭିଜ୍ଞତା ପାଇଁ ଅନ୍ୟକୁ ଆହ୍ୱାନ କରି—ନବୀନ ପ୍ରତିଭାକୁ ସ୍ୱାଗତ ଜଣାଇ—ନୂତନ ସତ୍ୟ ଦ୍ୱାରା ନିଜ ଜୀବନର ସତ୍ୟକୁ ସମର୍ଥ ଦେବା ପାଇଁ । ରବୀନ୍ଦ୍ର ତାହାହିଁ କରିଛନ୍ତି । ସେଥିପାଇଁ ଗୁରୁଦେବ, ପଥପ୍ରଦର୍ଶକ, ହେ ଅତି ମାନବ, ହୃଦୟବାନ୍, ସତ୍ୟସନ୍ଧ, ପ୍ରତିଭାମୟ, ଅନାଗତର ଆବାହକ ତମର ଏ ଅବସର ଗୌରବମୟ ହେଉ—ତମର ଏ ଭବିଷ୍ୟତ, ଏ ଅଖଣ୍ଡ ସଂବନ୍ଧ ଉଜ୍ଜ୍ୱଳ ହେଉ ।

Digitized by srujanika@gmail.com

# କବିଗୁରୁଙ୍କୁ ଶ୍ରଦ୍ଧାଞ୍ଜଳି

### ଅଇନ୍‌ଷ୍ଟାଇନ୍

ତମେ ମନୁଷ୍ୟର ହିଂସ୍ରରୂପ ଦେଖିଛ, ସ୍ୱାର୍ଥ ଓ ଲୋଭର ବେଦିରେ ତମେ ସାକ୍ଷୀ । ପୁଣି ତମେ ଆନନ୍ଦ ନେଇ ତାରେ ମଜ୍ଜି ଯାଉଛ—ସୃଷ୍ଟି କରିଯାଉଛ ଅନୁପମ ସୌନ୍ଦର୍ଯ୍ୟରାଜି । ତମର ସୃଜନ ଓ ଫଳପ୍ରସୂ ଜୀବନ ମାନବକଲ୍ୟାଣ ସାଧନର ନିରବଚ୍ଛିନ୍ନ ଇତିହାସ । ଦେଶର ପ୍ରାଚୀନ ଦ୍ରଷ୍ଟାମାନଙ୍କ ସଦୃଶ ତମେ ମଧ୍ୟ ତମର ମହାନ୍ ଆଦର୍ଶ, ତମର ସ୍ୱାନ୍ତ ସ୍ୱାଧୀନ ଚିନ୍ତା ପ୍ରକାଶରେ ଯଥେଷ୍ଟ ପ୍ରସାର କରିଛ ।

—ବେର୍ଟ୍ରାଣ୍ଡ ରସେଲ୍—

ଏ ଯୁଗର ସର୍ବାପେକ୍ଷା ଗୁରୁତ୍ୱପୂର୍ଣ୍ଣ ଯେଉଁ କାର୍ଯ୍ୟ —ଅର୍ଥାତ୍ ବିଭିନ୍ନ ଜାତି ମଧ୍ୟରେ ଦାନ ପ୍ରତିଦାନର ସୌହାର୍ଦ୍ଦ୍ୟ ସ୍ଥାପନ—ସେହି ମହାନ୍ କର୍ତ୍ତବ୍ୟରେ ରବୀନ୍ଦ୍ରନାଥ ଠାକୁରଙ୍କର ଦାନ କାହାର ଅପେକ୍ଷା କମ୍ ନୁହେଁ । ଭାରତବର୍ଷ ପାଇଁ ସେ କ'ଣ କରିଛନ୍ତି ସେ କଥା କହିବାର ଅଧିକାର ମୋର ନାହିଁ । କିନ୍ତୁ ଇଉରୋପ ଓ ଆମେରିକାର ଅଜ୍ଞ ସଂସ୍କାର ଓ ଅବିବେଚନା ଦୂରୀଭୂତ କରିବା ଦିଗରେ ସେ ଯାହା କରିଛନ୍ତି ସେ ସମ୍ବନ୍ଧରେ ମୁଁ କହିପାରେ । ଏହି ମହତ୍ କର୍ତ୍ତବ୍ୟ ସମ୍ପାଦନ ନିମନ୍ତେ ଅବଶ୍ୟ ସେ ସମସ୍ତଙ୍କର ଧନ୍ୟବାଦାର୍ହ ।

—ନିକୋଲାସ୍ ରୋରିକ୍—

ରବୀନ୍ଦ୍ର ଠାକୁରଙ୍କର ସଙ୍ଗୀତରୂପକ ନୈବେଦ୍ୟର ଉଚ୍ଛ୍ୱସିତ ଆହ୍ୱାନ, ବର୍ତ୍ତମାନ ସଂକଟ ନିମନ୍ତେ ବ୍ୟାକୁଳ ପ୍ରାର୍ଥନା, ସତ୍ୟୋପଲବ୍ଧିର ତୀର୍ଥଯାତ୍ରୀମାନଙ୍କ ପାଇଁ ଆଶୀର୍ବାଦର ପାଥେୟ !.. କି ମଧୁର ତାଙ୍କର କାବ୍ୟଗାଥା, କି ଅପୂର୍ବ ତାର ମର୍ମକଥା !

— ପି ଏସ୍ ଭୋଗାନ୍ —

ଆମ ଦେଶରେ କେହି ଉଚ୍ଚଅଂଶବାଦୀ ନାହିଁ । ଏହି ମାଟି ପୃଥିବୀ ଉପରେ ଆମର ସବୁ ଆଶା ଓ ଆକାଂକ୍ଷା ସୀମାବଦ୍ଧ—ଶ୍ରମଜୀବୀମାନଙ୍କର ପ୍ରତିଷ୍ଠାନ ଯୁକ୍ତିଶକ୍ତି ଓ ବିଜ୍ଞାନସମ୍ମତ ସମାଜ ବ୍ୟବସ୍ଥା ଉପରେ ପ୍ରତିଷ୍ଠିତ । କିନ୍ତୁ ଯେତେବେଳେ ମହାନ୍ କବି ତାହାଙ୍କ ଅନ୍ତରର ମସୀ ମଞ୍ଜୁଷା ଆମ୍ଭମାନଙ୍କ ଆଗରେ ଉନ୍ମୁକ୍ତ କରନ୍ତି, ପ୍ରାତ୍ୟହିକତାର ସଙ୍କୀର୍ଣ୍ଣ ଆବରଣ ଖସିପଡ଼େ, କବି ଅନନୁକରଣୀୟ ଭାଷାର ଆଦର୍ଶ ପାଇଁ ତାଙ୍କର ଅନ୍ତରର ଗଭୀର ଆକୂତି ବ୍ୟକ୍ତ କରନ୍ତି—ସେତେବେଳେ ନିଃସଂଶୟରେ ସ୍ୱୀକାର କରିପାରୁଁ, ଆମ୍ଭମାନଙ୍କର ପ୍ରତ୍ୟେକ ଶ୍ରମଜୀବୀର ମନରେ ସୃଷ୍ଟି ଯେଉଁ ଆନନ୍ଦ ଉଚ୍ଛ୍ୱସିତ, କବିର ଭାବବାଦ ମଧ୍ୟରେ ମଧ୍ୟ ତାହାର ପ୍ରକାଶ ଘଟେ । ଆମ୍ଭେମାନେ ତାଙ୍କର ଅପୂର୍ବ କାବ୍ୟଗାଥାରେ ମୁଗ୍ଧ ହୋଇଥାଉଁ । କବିର ଦୃଷ୍ଟି ଆମ୍ଭମାନଙ୍କର ଦୃଶ୍ୟମାନ ଜଗତର ଅନେକ ଊର୍ଦ୍ଧ୍ୱକୁ ନଯାଏ ବୋଲି ତାଙ୍କର ସାହିତ୍ୟ ସୃଷ୍ଟିରେ ଆମେ ଏତେ ବେଶୀ ଅନୁପ୍ରେରଣା ଲାଭ କରିଥାଉଁ ।

—ଧାଇନିୟ କାଜିକାବାଶିମା—

ରବୀଠାକୁର ତାଙ୍କର ଦେଶ ଓ ଯୁଗ ଅପେକ୍ଷା ଅନେକ ବଡ଼ । ସେ ଯେମନ୍ତ, ସେ ପରିବ୍ୟାପ୍ତ ଏବଂ ତାଙ୍କ ରଚନା ସମ୍ଭାରମାନଙ୍କରେ ମୁଁ କୃତିତ୍ୱ ଦେଖିଛି । ରବୀନ୍ଦ୍ରନାଥ ଜଣେ ଯୁଗ ଓ ଜାତିର ସ୍ରଷ୍ଟା ।

### ଜୋହାନ ବୋୟର

ରବୀନ୍ଦ୍ରନାଥ ଭାରତବର୍ଷର ମୂର୍ତ୍ତପ୍ରତୀକ—ଉପଦେଶରେ ସେ ଏକ ଅଭିନବ ବାଣୀରୂପ ପ୍ରତିଷ୍ଠିତ କରିଅଛନ୍ତି । ତାହା କିଛି ନୁହେଁ—ପଦ୍ୟ । ତାଙ୍କର ଛନ୍ଦଗତିର ମନକୁ ସମସ୍ତ ମାପକର ପାରି ନାହିଁ—ତାହା ଚିରକାଳ ଚିର ନବୀନ, ଅଥଚ ଭାରତର ନଦନଦୀ ସଦୃଶ ବହୁ ପ୍ରାଚୀନ । ରବୀନ୍ଦ୍ରନାଥଙ୍କର ସୃଷ୍ଟି ମଧ୍ୟରେ ଏପରି ଏକ ଅନ୍ତର୍ନିହିତ ବାଣୀ ବର୍ତ୍ତମାନ, ଯାହା ଭବିଷ୍ୟତର ସମୀପରେ ହିଁ ପୂର୍ଣ୍ଣ ପ୍ରକଟିତ ହେବ— ଆଜି ନୁହେଁ । ତାହାଙ୍କର ସାହିତ୍ୟରେ କୌଣସି ଦଳ ବା ଗୋଷ୍ଠୀର ଛାପ ନାହିଁ । ଧର୍ମ ଭୟ ନାହିଁ—ଧର୍ମ ଭରସା ମଧ୍ୟ ନାହିଁ—ତାଙ୍କର କବିତାଗୁଡ଼ିକ ବଣକ ପୁଷ୍ପରଜ ସଦୃଶ ଗୋଟିଏ ଅଦ୍ଭୁତତାର ଗଭୀର ସ୍ୱରରେ ସମାହିତ—ଯାହାକି କେବଳ ମନୁଷ୍ୟର ଅନୁଭୂତିର ସାମଗ୍ରୀ ।

— ଉଇଲ୍ ଡୁରଣ୍ଟ—

ତମର ଶୁଭାଗମନ ପୂର୍ବରୁ ଆମେ ଜୀବନପ୍ରତି ବୀତଶ୍ରଦ୍ଧ ହୋଇ ପଡ଼ିଥିଲୁଁ । ସମସ୍ତ ଆଦର୍ଶ ଆମ୍ଭମାନଙ୍କ ଆଗରେ ଅନ୍ତଃସାର ଶୂନ୍ୟ ହୋଇ ପଡ଼ିଥିଲା । ସମସ୍ତ ଆଶା ବ୍ୟର୍ଥତାରେ ପର୍ଯ୍ୟବସିତ ହୋଇ ଯାଉଥିଲା । କିନ୍ତୁ ତମର ଦର୍ଶନରେ ଆମ୍ଭେମାନେ ନିଜର ଭୁଲ ବୁଝି ଶିଖିଲୁଁ । ...ତମ କାବ୍ୟର ସଙ୍ଗୀତ ଧାରାରେ ଆମେ ପରିସ୍ନାତ ହେଲୁଁ—ଆମର ରକ୍ତରେ ରକ୍ତରେ ପ୍ରାଚ୍ୟ ସଭ୍ୟତାର ଶାଶ୍ୱତ ପ୍ରେରଣା ସଞ୍ଚାରିତ ହେଲା—ତମ ଜୀବନର ମାଧୁର୍ଯ୍ୟ ଓ ଦୃଷ୍ଟାନ୍ତରେ ଆମ୍ଭେମାନେ ଉତ୍ସାହିତ ହେଲୁଁ ।

—ଭିକ୍ରମ ଭାଦେ ଦଫାଭ—ଫାରଦ୍ୟ—

ସହସା—ପ୍ରାଚୀ ବକ୍ଷରେ—ଏହି ସନାତନ ପ୍ରାଚୀ ବକ୍ଷରେ ଚକ୍ଷୁ ଉଦ୍ଭାସିତ କରି ଏପ ସ୍ୱରର ପ୍ରତିଭାତ । ଭାରତ ପୁନର୍ବାର ପୃଥିବୀକୁ ତାର ସ୍ୱରର ଦୁର୍ଗମ୍ୟ କବିକୃତିକୁ ଦାନ କରୁଛି ।

ମଧୁ ଓ ହୃଦୟର ମଧୁମନ୍ଥନରେ ଭାରତର ପଞ୍ଚନଦ ଆଜି ବଂଶମୟ ପ୍ରବାହିତ । ଆନନ୍ଦୋଚ୍ଛ୍ୱସିତ ମନଭଞ୍ଜକ ଆଜି ପୁଣ୍ୟତୋୟା ଭାଗିରଥୀ ତଟରୁ ଭୂମିଅପି ଆମ୍ଭକୁ ମୁଗ୍ଧ କରି ଦେଉଛି । ପ୍ରେମର ଅମର ସଙ୍ଗୀତ ପ୍ରାଚ୍ୟ ପାଶ୍ଚାତ୍ୟ ଦିଗରେ ଝଙ୍କୃତ । ହୃଦୟ ଆଜି ଦ୍ୱନ୍ଦରହିତ—ଉଦ୍ଭାସିତ ଚକ୍ଷୁ ଆଜି ଆନନ୍ଦ ଉଦ୍ଭାସିତ ଭକ୍ତିଜ୍ୟୋତି ଦେଖିପାରୁଛି । କ୍ରୋଧ ଆଜି ମଧୁମୟ ହୋଇ ଉଠିଛି । ମନୁଷ୍ୟ ଆଜି ମହାମାନବଙ୍କୁ ତାର ପ୍ରାଣର କବି ରବୀନ୍ଦ୍ରଙ୍କୁ ଅଭିବାଦନ କରିପାରୁଛି ।

— ମହାତ୍ମା ଗାନ୍ଧି —

ଯେ ତାଙ୍କର କବିପ୍ରତିଭା ଏବଂ ଆନ୍ତରିକ ପବିତ୍ରତା ଦ୍ୱାରା ଭାରତକୁ ପୃଥିବୀ ସମକ୍ଷରେ ସମ୍ମାନର ସ୍ଥାନ ଦେଇ ପାରିଛନ୍ତି ଅସଂଖ୍ୟ ଦେଶବାସୀଙ୍କ ଭଳିରେ ମୁଁ ମଧ୍ୟ ତାଙ୍କଠାରେ ଅଶେଷ ଋଣୀ ।

## ଓଡ଼ିଶାର ଭକ୍ତିମାଲ୍ୟ

ରବୀନ୍ଦ୍ର ଭାଷାକୋଷର ଜଣେ ବିଶିଷ୍ଟ ପୃଷ୍ଠପୋଷକ ଓ ଉତ୍ସାହଦାତା ହେଲେ ଓ ଭାଷାକୋଷର ଶେଷ (୭ମ) ଖଣ୍ଡ ତାଙ୍କ ପ୍ରତିକୃତି ବକ୍ଷରେ ଧାରଣ କରି ଧନ୍ୟ ହୋଇଛି । ଆଜି ଭାରତର ସାହିତ୍ୟ ଗଗନ ତାଙ୍କ ତିରୋଧାନରେ ଅନ୍ଧକାରାବୃତ ।

—ଗୋପାଳଚନ୍ଦ୍ର ପ୍ରହରାଜ ।

ରବୀନ୍ଦ୍ରନାଥଙ୍କ ଐଶ୍ୱର୍ଯ୍ୟମୟ ଜୀବନ ଓ ଐଶ୍ୱର୍ଯ୍ୟମୟ ମୃତ୍ୟୁକୁ ମନେ ପକାଇଲେ ଦୁଃଖ ଆସେନାହିଁ ! ଦୁଃଖ ଆସେ ସେତିକିବେଳେ, ଯେତେବେଳେ ଆମେ ଭାବୁଁ ଯେ ଜଣେ ୮୦ ବର୍ଷ ବୟସ୍କ ଯୁବକଙ୍କର ହଠାତ୍ ଅକାଳ ବିୟୋଗ ଘଟିଅଛି ।

—କାଳିନ୍ଦୀଚରଣ ପାଣିଗ୍ରାହୀ ।

ସେ ଚିରଦିନ ପାଇଁ ମାନବର ଅନୁଭୂତିଲୋକରେ ଜୀବିତ ରହିବେ ।

—ସରଳା ଦେବୀ ।

ରବୀନ୍ଦ୍ରନାଥ ଆଦର୍ଶ ଭାରତର ଶ୍ରେଷ୍ଠତମ ପ୍ରତୀକ । ଜାଗ୍ରତ ଭାରତ ଓ ରବୀନ୍ଦ୍ରନାଥ ଏକଟିରୁ ଗୋଟିକୁ ବାଦଦେଲେ ଅନ୍ୟଟିର ଧାରଣା ଆଜି ସମ୍ଭବ ନୁହେଁ । କେହି କେହି ସ୍ୱଦେଶ ପ୍ରେମୀ ଓ ସାଧକ ଏ ମହାଜାତିର ନିଶ୍ଚେଷ୍ଟ ଚିତ୍ତକୁ କାର୍ଯ୍ୟକ୍ଷମ କରିପାରିଛନ୍ତି ସତ୍ୟ ; ମାତ୍ର ଜଡ଼ଚିତ୍ତର ପ୍ରଧାନ ପ୍ରାଣ ସଞ୍ଚାରକ ରବୀନ୍ଦ୍ରନାଥ । ସେ କଥାର ଦ୍ୱିଅଳ୍ପ ଆପତ୍ତି ନାହିଁ । କିନ୍ତୁ ସେ ଯେ ଜାଗ୍ରତ ଭାରତର କେନ୍ଦ୍ର ଏକାନ୍ତ ତାହା ଆଜି ମୃତ୍ୟୁ ସ୍ୱୀକାର କରୁଅଛି । ତେଣୁ ତାଙ୍କର ଅବସାନ କଳ୍ପନା ବହିର୍ଭୂତ ।

ବୈକୁଣ୍ଠନାଥ ପଟ୍ଟନାୟକ ।

ବେଦନାର ରକ୍ତଜବାରେ ଆନନ୍ଦର ବନମାଲ୍ୟ ରଚନା କରିଯାଇଛନ୍ତି ସେ ।

—ଲକ୍ଷ୍ମୀକାନ୍ତ ମହାପାତ୍ର ।

ଅନିର୍ଦ୍ଦିଷ୍ଟତା, ଅନିଶ୍ଚୟତା ଏବଂ ଅପରିକଳ୍ପନେମୟର ମୀମାଂସା ଅନିର୍ଦ୍ଦିଷ୍ଟ ଅନିଶ୍ଚିତ ବା ଅକଳନୀୟ ନୁହେଁ—ଏହାହିଁ ରବୀନ୍ଦ୍ରନାଥଙ୍କର କାବ୍ୟ ଧର୍ମର ମୂଳମନ୍ତ୍ର ।

—ନିତ୍ୟାନନ୍ଦ ମହାପାତ୍ର ।



Digitized by srujanika@gmail.com

# କବୀନ୍ଦ୍ର ରବୀନ୍ଦ୍ର ଆଉ ନାହାନ୍ତି

ଜନ୍ମ ୭ ମେ ସୋମବାର ରାତ୍ରି ୨ ଘଣ୍ଟା ୧୮୬୧
ମୃତ୍ୟୁ ୭ ଅଗଷ୍ଟ ଗୁରୁବାର ଦିବା ୧୨ଟା ୧୯୪୧

କବୀନ୍ଦ୍ର ରବୀନ୍ଦ୍ର ବଙ୍ଗଳାର ଏକ ସମ୍ଭ୍ରାନ୍ତ କୁଳରେ ଜନ୍ମ ଗ୍ରହଣ କରିଥିଲେ । ପିତା ଦେବେନ୍ଦ୍ରନାଥ ହିନ୍ଦୁଧର୍ମକୁ ଯେଉଁ ଦିବ୍ୟ ଦୃଷ୍ଟିରେ ଦେଖି ଅରୟିଲେ, ତଦ୍ୱାରା ସମାଜର ସନାତନ ପନ୍ଥୀଙ୍କର ଚକ୍ଷୁଶୂଳ ହେଲେ ମଧ୍ୟ ସମାଜର ପ୍ରକୃତ ମାନବ ହୃଦୟର ଅଭିନନ୍ଦନ ପାଇ ସେ ହେଲେ ମହର୍ଷି ଦେବେନ୍ଦ୍ରନାଥ । ମାତାଙ୍କ ନାମ ଶ୍ରୀମତୀ ସାରଦା ଦେବୀ । ରବୀନ୍ଦ୍ର ସର୍ବ କନିଷ୍ଠ ସନ୍ତାନର ଠିକ ଉପରେ ।

ରବୀନ୍ଦ୍ରଙ୍କ ଜନ୍ମ ସମୟରେ ହିନ୍ଦୁଧର୍ମର ଏକ ବିପ୍ଳବ ସୃଷ୍ଟି ହୋଇଥିଲା । ରାଜା ରାମମୋହନ ରାୟ ଥିଲେ ତାର ପୁରୋଧା । ରବୀନ୍ଦ୍ରନାଥଙ୍କର ପିତାମହ ଦ୍ୱାରକାନାଥ ଓ ପିତା ଦେବେନ୍ଦ୍ରନାଥ ଥିଲେ ବ୍ରହ୍ମ ସମାଜର ଦୁଇଟି ସ୍ତମ୍ଭ । ହିନ୍ଦୁଧର୍ମର ଚତୁର୍ଯୁଗ ବ୍ୟାପୀ ମାର୍ଜନାରହିତ କେତେକ କଳଙ୍କମୟ ପ୍ରଥାକୁ ଭଙ୍ଗିବାର ଝୁଙ୍କିରେ କେତେକ ତତ୍କାଳୀନ ବ୍ରହ୍ମ ସମାଜର ନେତା ହିନ୍ଦୁଧର୍ମର ମୂଳ ଉପରେ ଠିଆ ହୋଇ ହିନ୍ଦୁଧର୍ମ ନାମର ଗୌରବରେ ଯେପରି ହିନ୍ଦୁଧର୍ମକୁ ଧ୍ୱଂସ କରିବାକୁ ଯାଇ ଅସ୍ମହତ୍ୟା ଅରମ୍ଭ କରି ବସିଥିଲେ, ଦ୍ୱାରକାନାଥ ଓ ଦେବେନ୍ଦ୍ରନାଥଙ୍କ ବ୍ୟତିରେକେ ତହିଁରୁ ତ୍ରାଣ କେହି କରିପାରି ନ ଥାନ୍ତା । ଫଳରେ ଦ୍ୱାରକାନାଥଙ୍କ ପୌତ୍ର ଓ ଦେବେନ୍ଦ୍ରଙ୍କର ପୁତ୍ର ବ୍ରହ୍ମଧର୍ମୀ ରବୀନ୍ଦ୍ରଙ୍କର ବାହା ହେଲା ସମ୍ପୂର୍ଣ୍ଣ ବୈଦିକ ମତରେ । ରବୀନ୍ଦ୍ରନାଥ ବ୍ରାହ୍ମଣ । ତାଙ୍କର ୧୨ବର୍ଷ ସମୟରେ ତାଙ୍କର ଉପନୟନ ହେଲା । ୨୨ବର୍ଷ ସମୟରେ ତାଙ୍କର ବିବାହ ହେଲା ଶ୍ରୀମତୀ ଭବତାରିଣୀ (ପରେ ମୃଣାଳିନୀ) ଙ୍କ ସହିତ ସମ୍ପୂର୍ଣ୍ଣ ହିନ୍ଦୁ ମତରେ ।

ରବୀନ୍ଦ୍ରନାଥ ବେଙ୍ଗଲ ଏକାଡେମୀ, ସେଣ୍ଟ ଜେଭିୟରର ପ୍ରଭୃତି ସ୍କୁଲରେ ଅଧ୍ୟୟନ କରିବା ପାଇଁ ପ୍ରବେଶ ପାଇଥିଲେ । କିନ୍ତୁ ସ୍କୁଲ କଲେଜର ଧାରା ବାହକ ଶିକ୍ଷା ପ୍ରତି ତାଙ୍କର ବିରକ୍ତି ଆସିଥିଲା । ସେ ଅବଶେଷରେ ଘରେ ଅଧ୍ୟୟନ କଲେ ।

ପିତା ଦେବେନ୍ଦ୍ର ବଡ ଭ୍ରମଣ ପ୍ରିୟ ଥିଲେ । ଯେଉଁଠିକି ଯାଉଥିଲେ ସେ ସଙ୍ଗରେ ବାଳକ ରବୀନ୍ଦ୍ରନାଥଙ୍କୁ ନେଇ ଯାଉଥିଲେ । ଫଳରେ ଭାରତୀୟ ପଲ୍ଲୀ ସୌନ୍ଦର୍ଯ୍ୟ ରବୀନ୍ଦ୍ରଙ୍କ ପ୍ରଥମ ଜୀବନରେ ଗୋଟିଏ ସୁନ୍ଦର ଗାଢ଼ ଛାପ ଦେଇ ପାରିଥିଲା ।

ସେ ୧୮୭୮ ରେ ପ୍ରଥମ ଇଂଲଣ୍ଡ ଯାତ୍ରା କଲେ । ସେଠାରେ ସେ ବ୍ରାଇଟନ ସ୍କୁଲରେ କେତେଦିନ ଅଧ୍ୟୟନ କଲେ । ତାପରେ ଲଣ୍ଡନ ୟୁନିଭର୍ସିଟି କଲେଜରେ ପଢ଼ିଲେ । କିନ୍ତୁ ବର୍ଷକ ପରେ ସେ ଭାରତ ଫେରି ଆସିଲେ, ଇଂଲଣ୍ଡ ସମ୍ବନ୍ଧରେ ବହୁ ଅପ୍ରିୟ ଅଭିଜ୍ଞତା ନେଇ ।

ରବୀନ୍ଦ୍ରନାଥ ଅଳ୍ପ ଦିନରୁ କବିତା ଲେଖି ଆରମ୍ଭ କଲେ । ସେ କବିତା ଲେଖିବାରେ ଏତେ ଅଭ୍ୟସ୍ତ ହୋଇ ପଡ଼ିଥିଲେ ଯେ କାହା ସହିତ କଥା କହିବା ସଙ୍ଗେ ସଙ୍ଗେ ସେ କବିତା ରଚନା କରିଯାଉଥିଲେ । କିନ୍ତୁ ମନେ ହୁଏ କବିତା ଯେପରି ବନ୍ୟ ହୃଦୟର ଅନ୍ତ-ପ୍ରକୃତି ! କିଏ କହିପାରେ, ମାତ୍ର ଚଉଦବର୍ଷ ସମୟରେ ରବୀନ୍ଦ୍ରଙ୍କର ହୃଦୟରେ ମାତୃ ବିୟୋଗଦ୍ୱାରା ଯେଉଁ ସ୍ଥାନ ଶୂନ୍ୟ ହୋଇଗଲା, ତାହା ଏଇ କବିତା ଛଡ଼ା ଆଉ କୌଣସି ଅଧିକ ପ୍ରୀତିକର ଉପାଦାନରେ ପୂର୍ଣ୍ଣ ହୋଇ ପାରିଥାନ୍ତା କି ନାହିଁ !

ଅଠର ବର୍ଷ ବେଳକୁ ତାଙ୍କ ଲେଖାର ପ୍ରାୟ ୭୦୦୦ ପଂକ୍ତି ପ୍ରକାଶିତ ହୋଇ ସାରିଥିଲା । ସେ ଭାନୁ ସିଂହ ଛଦ୍ମ ନାମରେ ଯେତେବେଳେ ପୁରାତନ ଶୈଳୀରେ କବିତା ଲେଖି ବଙ୍ଗ ପାଠକଙ୍କୁ ଚମତ୍କୃତ କରିଥିଲେ ସେତେବେଳେ ତାଙ୍କର ବୟସ ମାତ୍ର ୧୭ ବର୍ଷ । ତା ପରେ ପରେ ସେ ବହୁ ପୁସ୍ତକ ରଚନା କଲେ । ପ୍ରଭାତ ସଂଗୀତ, ସନ୍ଧ୍ୟା ସଂଗୀତ ତଥା କଡ଼ି ଓ କୋମଳ ଏହି ସମୟର ଲେଖା । ସେ ଅତି ଅଳ୍ପ ସମୟ ମଧ୍ୟରେ ତତ୍କାଳୀନ ବଙ୍ଗ ଲେଖକଙ୍କ ଭିତରେ ଶ୍ରେଷ୍ଠ ଲେଖକ ବୋଲି ସମସ୍ତେ ସ୍ୱୀକାର କରି ତାଙ୍କୁ ବଙ୍ଗଳାର 'ଶେଲି' ଆଖ୍ୟା ଦେଲେ ।

ରବୀନ୍ଦ୍ରନାଥଙ୍କର କବି ପ୍ରତିଭାର ପୂର୍ଣ୍ଣ ବିକାଶ ହେଲା ବୋଧହୁଏ ତାଙ୍କର ଜ୍ୟେଷ୍ଠଭ୍ରାତା ଜ୍ୟୋତିନ୍ଦ୍ରନାଥଙ୍କ ସ୍ତ୍ରୀର ମୃତ୍ୟୁରେ । ଜ୍ୟୋତିନ୍ଦ୍ରନାଥ ଓ ତାଙ୍କ ସ୍ତ୍ରୀଙ୍କର ପ୍ରେରଣା ଓ ଉତ୍ସାହ ରବୀନ୍ଦ୍ରଙ୍କ କବିତା ଲେଖାର ପ୍ରଧାନ ସହାୟକ । ମାତୃ ବିୟୋଗ ଅଭାବକୁ ଗାଢ଼ତର କରିଦେଲା ଏହି ମୃତ୍ୟୁ ଶୋକଛାୟା ।

ଏହି ସମୟ ପରେ ପରେ ଔପନ୍ୟାସିକ ବଙ୍କିମ ଚନ୍ଦ୍ରଙ୍କ ସହିତ କବିଙ୍କର ସାନ୍ନିଧ୍ୟ ହୁଏ । ହିନ୍ଦୁଧର୍ମର ଆଦର୍ଶ ନେଇ ପରସ୍ପର ମଧ୍ୟରେ ବାଦାନୁବାଦ ମଧ୍ୟ ହୁଏ । ବଙ୍କିମ ଚନ୍ଦ୍ର 'ପ୍ରଚାର' ଓ 'ନବଜୀବନ'ରେ ତାଙ୍କର ମତ ପ୍ରକାଶ କରନ୍ତି ଏବଂ ରବୀନ୍ଦ୍ରନାଥ 'ଭାରତୀ'ରେ ।

ସଂପାଦକ ହିସାବରେ ମଧ୍ୟ ରବୀନ୍ଦ୍ରଙ୍କର ଖ୍ୟାତି ଥିଲା । ରବୀନ୍ଦ୍ରନାଥ 'ସାଧନା'ର ସଂପାଦକ ହେଲେ ଏବଂ ପରେ ପୁଣି ତାଙ୍କର ପ୍ରିୟ 'ଭାରତୀ' ପତ୍ରିକାର ସଂପାଦକତ୍ୱ ଭାର ଗ୍ରହଣ କଲେ । ସାଧନା ବଙ୍ଗଳାର ତତ୍କାଳୀନ ଶ୍ରେଷ୍ଠ ପତ୍ରିକା ଥିଲା ।

ଏହା ପରେ ରବୀନ୍ଦ୍ରନାଥଙ୍କର କାବ୍ୟ କଳା ହ୍ରାସ ପାଇଲା ବୋଲି କହିଲେ ଚଳେ । ଦେଶରେ ସେତେବେଳେ ଜାତୀୟତା ଓ ସ୍ୱାଧୀନତାର ନବ ସ୍ରୋତ ଖେଳିଗଲା । ରବୀନ୍ଦ୍ରନାଥ ସେ ଭାବଧାରାର ଜଣେ ଅଗ୍ରଣୀ ହେଲେ । ଏତିକିବେଳେ ଶାନ୍ତିନିକେତନର ପ୍ରତିଷ୍ଠା । ଏହା ୧୯୦୧ ର ଘଟଣା । ମାନବର ହୃଦୟ ସତ୍ୟ ଶିବ ସୁନ୍ଦରର ମୂଳାଧାର ଭଗବାନଙ୍କ ପ୍ରତି କିପରି ଆକୃଷ୍ଟ ହେବ ସେଥିପାଇଁ ସେ ଏକ ମନ୍ଦିର ରଚନା କଲେ ।

ରବୀନ୍ଦ୍ରନାଥଙ୍କୁ କଠିନ ବାସ୍ତବ ରାଜ୍ୟ ଫେରାଇ ଆଣି ସ୍ତ୍ରୀ ଓ କନ୍ୟା ହୋତରେ ଉଷାର ଦେବା ପାଇଁ ପୁଣି ଭଗବାନ ତାଙ୍କୁ ଧୂଇଁଦେଲେ । ୧୯୦୪ ରେ ତାଙ୍କ ପ୍ରିୟ କନିଷ୍ଠ ବିୟୋଗ ହେଲା । ବର୍ଷକ ପରେ ପିତାଙ୍କର ମୃତ୍ୟୁ ହେଲା । 'ସ୍ମରଣ' ଏବଂ 'ଖେୟା'ରୁ ତାର ସ୍ପଷ୍ଟ ପ୍ରମାଣ ମିଳେ ।

ତାପରେ ବଙ୍ଗର ଅଙ୍ଗଚ୍ଛେଦ ପ୍ରତିରୋଧ ଆନ୍ଦୋଳନ ହେଲା । ରବୀନ୍ଦ୍ରନାଥ ଦେଶର ଏ ଭାବରେ ନିଜର କବିତ୍ୱକୁ ନୂତନ ରୂପ ଦେଲେ । ତାଙ୍କର ଜାତୀୟ କବିତା ମନ୍ତ୍ର ତୁଲ୍ୟ କାର୍ଯ୍ୟ କଲା । ସେ ନିଜେ ଏ ଆନ୍ଦୋଳନରେ ଜଣେ ପଣ୍ଡା ହେଲେ । କିନ୍ତୁ ପରେ ରାଜନୈତିକ ନେତାମାନଙ୍କ ମଧ୍ୟରେ ପରସ୍ପର ବାଦାନୁବାଦ ତାଙ୍କୁ ରାଜନୈତିକ କ୍ଷେତ୍ରରୁ ବୋଲପୁର ଫେରିବାକୁ ବାଧ୍ୟ କଲା । ପୂର୍ବର ଧାରା ଏବଂ ଦେବୋପାସିକା ପ୍ରକୃତିର ଦ୍ୱାରରେ ବସି ସେ ପୁଣି ବାଣୀ ଆରାଧନା କଲେ । ଏହି ସମୟରେ ତାଙ୍କର 'ଗୀତାଞ୍ଜଳି' ଲେଖା ହୁଏ ।

୧୯୧୧ ରେ ରବୀନ୍ଦ୍ରନାଥ ପୁଣି ସାମାଜିକ ଆନ୍ଦୋଳନରେ ପଶିଲେ । ବ୍ରହ୍ମ ସମାଜର

> ରବି ଅସ୍ତଗତ । ଏହି ଗଭୀର ଅନ୍ଧକାର ମଧ୍ୟରେ ମଧ୍ୟ ସେହି ଉଦୀୟମାନ ରବିର ସେ କୋମଳ ରୂପଚ୍ଛଟା, ମଧ୍ୟାହ୍ନ ସୂର୍ଯ୍ୟର ସେହି ଦଗ୍ଧ ପ୍ରଚଣ୍ଡତା, ସନ୍ଧ୍ୟା ରବିର ସେହି କରୁଣ ମଧୁର ପ୍ରେରଣା ଥିଲା କେବଳ ସ୍ମୃତି - ସେଥିପାଇଁ ଏ ସଂକ୍ଷିପ୍ତ ଜୀବନୀର ଅବତାରଣା । ସଂ.



Digitized by srujanika@gmail.com

ଦୁଇ ମହାଦେଶ ମଧ୍ୟରେ ଏକତା ଆଣିବାକୁ ସେ ଯଥେଷ୍ଟ ଚେଷ୍ଟା କଲେ। ବହୁ ଚେଷ୍ଟା ଉପରାନ୍ତେ ସେ ଶାନ୍ତିନିକେତନକୁ ଫେରି ଆସିଲେ। ତହିଁ ପରେ ପୁଣି ବିଳାତ ଯାତ୍ରା କଲେ। ଏଥର ତାଙ୍କର କବି ୟେଟ୍ସ୍, ଷ୍ଟୋପଫୋର୍ଡ୍ ବ୍ରୁକ୍ ଓ ରୋଥେନଷ୍ଟାଇନଙ୍କ ସହିତ ପରିଚୟ ହେଲା। ଗୀତାଞ୍ଜଳିର ଇଂରାଜୀ ଅନୁବାଦର ବିଶିଷ୍ଟ ସଂସ୍କରଣ ପ୍ରକାଶିତ ହେଲା। ବିଦେଶରେ ରବୀନ୍ଦ୍ର କବିତାର ବିଶେଷ ଖ୍ୟାତି ହେଲା। ଏମର ଓସ୍ୟାମଙ୍କ ଛଡ଼ା ପୂର୍ବ ଭାରତର କୌଣସି କବି ବୋଧହୁଏ ଏପରି ଅଭିନନ୍ଦିତ ହୋଇ ନାହାନ୍ତି। ତାପରେ ସେ ଆମେରିକା ଗଲେ। ୧୯୧୩ ସାଲରେ ସେ ପୁଣି ଶାନ୍ତିନିକେତନକୁ ଫେରିଲେ। କେତେମାସ ମଧ୍ୟରେ ସେ ପ୍ରସିଦ୍ଧ ନୋବେଲ ପୁରସ୍କାର ପାଇଲେ। କଲିକତା ବିଶ୍ୱବିଦ୍ୟାଳୟରୁ ମଧ୍ୟ ଡକ୍ଟର ଉପାଧି ପାଇଲେ। ୧୯୧୪ ରେ ସାର୍ ଉପାଧି ପାଇଲେ। ବହୁ ତାପରେ ସେ ଜାପାନରେ ଜାତୀୟତା ସମ୍ବନ୍ଧରେ ଓ ଯୁକ୍ତ ରାଜ୍ୟରେ 'ବ୍ୟକ୍ତିତ୍ୱ' ସମ୍ବନ୍ଧରେ ଅନେକ ବକ୍ତୃତା ଦେଇଥିଲେ।

ତାପରେ ମହାଯୁଦ୍ଧ ହୁଏ। ରବୀନ୍ଦ୍ର ୟୁରୋପର ଏହି ସାମରିକ ମନୋଭାବକୁ ବଡ଼ ଘୃଣା କରୁଥିଲେ। ଏହି ଯୁଦ୍ଧ ଫଳରେ ଭାରତର ଜାତୀୟ ଉଦ୍‌ବୋଧନ ହେଲା। ୧୯୧୯ରେ ଜାଲିଅନାୱାଲା ହତ୍ୟାକାଣ୍ଡରେ ରବୀନ୍ଦ୍ରନାଥ ବ୍ୟଥିତ ବିଚଳିତ ତଥା ଇଂରାଜ ଶାସନରେ ଲଜ୍ଜିତ ହୋଇ ପ୍ରତିବାଦ ସ୍ୱରୂପ ତାଙ୍କର ସାର୍ ଉପାଧିକୁ ଗୋଇଠା ମାରି ଫିଙ୍ଗି ଦେଇଥିଲେ।

ଏହିସବୁ ବେଳେ ମହାତ୍ମା ଗାନ୍ଧି ରବୀନ୍ଦ୍ରଙ୍କ ଜୀବନରେ ଆବିର୍ଭୂତ ହେଲେ। ରବୀନ୍ଦ୍ରନାଥ ଗାନ୍ଧିବାଦ୍ ସହିତ ପୂର୍ଣ୍ଣ ଏକମତ ହୋଇ ପାରି ନ ଥିଲେ ଏବଂ ଏହାହିଁ ରବୀନ୍ଦ୍ରଙ୍କର ବ୍ୟକ୍ତିତ୍ୱକୁ ପ୍ରକାଶ ପାଇଥିଲା। ସେ ତାଙ୍କର ନିଜର କଳ୍ପନାପ୍ରସୂତ କଳା ଏବଂ କୃଷ୍ଟିର ବିଦ୍ୟାପୀଠ ବିଶ୍ୱଭାରତୀ ସୃଷ୍ଟି କଲେ।

୧୯୨୦ ଠାରୁ ୧୯୩୦ ଭିତରେ ତାଙ୍କର ଖ୍ୟାତି ବିଶେଷ ଭାବରେ ବଢ଼ିବାକୁ ଲାଗିଲା। ସେ ଉକ୍ତ ମଧ୍ୟରେ ବକ୍ତୃତା ଦେବା ନିମନ୍ତେ ଅନ୍ୟୂନ ୯ ଥର ପାଶ୍ଚାତ୍ୟ ଯାତ୍ରା କରିଛନ୍ତି।

ରବୀନ୍ଦ୍ରନାଥ ସଙ୍ଗୀତ ଆଲୋଚନା କରିଥିଲେ। ଏବଂ ପିଲାଦିନେ ବୈଷ୍ଣବ ସାହିତ୍ୟ ପ୍ରତି ତାଙ୍କର ଶ୍ରଦ୍ଧା ଥିଲା। ଏହି ଦୁଇ ସାହିତ୍ୟହିଁ ତାଙ୍କ କବିତ୍ୱର ମୂଳ ପିଣ୍ଡ।

ରବୀନ୍ଦ୍ରନାଥଙ୍କର ଶେଷ ଲେଖା 'ସଭ୍ୟତାର ସଙ୍କଟ' ଓ ରଥ ଦେଖନ୍ତୁ ଉଠିଲ ଯେପରି ନାଟକ ଗୌରବପୂର୍ଣ୍ଣ ସେହିପରି ସତ୍ୟମୟ। ରବୀନ୍ଦ୍ର କେବଳ କଳ୍ପନା ଲୋକର କବି ନ ଥିଲେ, ବରଂ ବାସ୍ତବ ମଧ୍ୟରେ ସେ ଯେ ନିଜକୁ ଓ ପୃଥିବୀକୁ ପ୍ରତିଫଳିତ କରି ଆନ୍ତରିକତାର ସହିତ ଅନୁଭବ କରୁଥିଲେ ତାହା ତାଙ୍କ ଲେଖାରୁ ସ୍ପଷ୍ଟ ବୁଝାଯାଏ।

ରବୀନ୍ଦ୍ରଙ୍କ ଆତ୍ମାର ସଦ୍‌ଗତି ହେଉ।

ଓଁ ଶାନ୍ତି—ଓଁ ଶାନ୍ତି—ଓଁ ଶାନ୍ତି ଓଁ।

# ରବୀନ୍ଦ୍ରନାଥଙ୍କର ପ୍ରଧାନ ଆଲେଖ୍ୟାବଳିର

# ରଚନାକାଳ

| | | |
|---|---|---|
| ବାଲ୍ମୀକି ପ୍ରତିଭା | — | ୧୮୮୧ |
| ଭଗ୍ନ ହୃଦୟ | — | ,, |
| ସନ୍ଧ୍ୟା ସଂଗୀତ | — | ୧୮୮୨ |
| ପ୍ରଭାତ ସଂଗୀତ | — | ୧୮୮୩ |
| ଛବି ଓ ଗାନ | — | ୧୮୮୪ |
| ପ୍ରକୃତିର ପ୍ରତିଶୋଧ | | ,, |
| ଭାନୁସିଂହ ପଦାବଳୀ | — | ,, |
| କଡ଼ି ଓ କୋମଳ | — | ୧୮୮୬ |
| ରାଜର୍ଷି | — | ୧୮୮୭ |
| ବିସର୍ଜନ | — | ୧୮୯୦ |
| ଇଉରୋପ ଯାତ୍ରୀର ଡାଏରୀ | | ୧୮୯୧ |
| ଚିତ୍ରାଙ୍ଗଦା | — | ୧୮୯୨ |
| ସୋନାର ତରୀ | -- | ୧୮୯୪ |
| ମାଲିନୀ | — | ୧୮୯୬ |
| ଚୈତାଳି | — | ,, |
| ବୈକୁଣ୍ଠେର ଖାତା | — | ୧୮୯୭ |
| କଣିକା | — | ୧୮୯୯ |

| | | |
|---|---|---|
| ନୈବେଦ୍ୟ | — | ୧୯୦୧ |
| ଚୋଖେର ବାଲି | — | ୧୯୦୩ |
| କର୍ମଫଳ | — | ,, |
| ଖେୟା | — | ୧୯୦୬ |
| ନୌକାଡୁବି | — | ,, |
| ପ୍ରଜାପତିର ନିର୍ବନ୍ଧ | — | ୧୯୦୮ |
| କଥା ଓ କାହିନୀ | — | ,, |
| ଗୋରା | — | ୧୯୧୦ |
| ରାଜା | — | ,, |
| ଡାକଘର | — | ୧୯୧୨ |
| ଛିନ୍ନପତ୍ର | — | ,, |
| ଉତ୍ସର୍ଗ | — | ୧୯୧୪ |
| ଗୀତାଲି | — | ,, |
| ଚତୁରଙ୍ଗ | — | ୧୯୧୬ |
| ଘରେ ବାଇରେ | — | ,, |
| ବଳାକା | — | ,, |
| ଫାଲ୍ଗୁନୀ | — | ୧୯୧୯ |

| | | |
|---|---|---|
| ଋଣଶୋଧ | — | ୧୯୨୧ |
| ରକ୍ତକରବୀ | — | ୧୯୨୬ |
| ଯୋଗାଯୋଗ | — | ୧୯୨୯ |
| ଶାପମୋଚନ | — | ୧୯୩୧ |
| ଦୁଇବୋନ୍ | — | ୧୯୩୩ |
| ଚଣ୍ଡାଳିକା | -- | ,, |
| ମାଳଞ୍ଚ | — | ୧୯୩୪ |
| ଖାପଛଡ଼ା | — | ୧୯୩୭ |
| ଆକାଶ ପ୍ରଦୀପ | — | ୧୯୩୦ |

ନୋବେଲ ପୁରସ୍କାର ପ୍ରାପ୍ତ ପୁସ୍ତିକା

'ଗୀତାଞ୍ଜଳି'

[ ଇଂରାଜୀ ଅନୁବାଦ ]

୧୯୧୨

Digitized by srujanika@gmail.com

# 'କବିର ଧର୍ମ'

## ( କେତେକ ଉଦ୍ଧୃତ ଅଂଶ )

ଲେଖକ:—ଅମର ରବୀନ୍ଦ୍ରନାଥ

କାବ୍ୟ ମଧ୍ୟରେ ମୋର ଜୀବନ ମୋ ନିକଟରେ ଯେଉଁ ଭାବରେ ପ୍ରକାଶ ପାଇଛି ତାହା ହିଁ ସଂକ୍ଷେପରେ ଲେଖିବି ।

—ରବୀନ୍ଦ୍ରନାଥ ।

କବିତା ଲେଖା ଗୋଟାଏ ବ୍ୟାପାର—ଯାହା ଉପରେ ମୋର କୌଣସି କର୍ତ୍ତୃତ୍ୱ ଥିଲା ନାହିଁ । ଖଣ୍ଡ କବିତାଗୁଡ଼ିକରେ ପ୍ରତ୍ୟେକରେ ଯେଉଁ କ୍ଷୁଦ୍ର ଅର୍ଥ କଳ୍ପନା କରିଥିଲି ଆଜି ସମଗ୍ର ତାତ୍ପର୍ଯ୍ୟ ଦ୍ୱାରା ବୁଝୁଛି ଯେ ସେ ଅର୍ଥ ଅତିକ୍ରମ କରି ଗୋଟାଏ ଅବିଚ୍ଛିନ୍ନ ତାତ୍ପର୍ଯ୍ୟ ପ୍ରତ୍ୟେକ ମଧ୍ୟରେ ପ୍ରବାହିତ ହୋଇ ଆସୁଥିଲା । ଦୀର୍ଘକାଳ ପରେ ସେଥିପାଇଁ ଦିନେ ଲେଖିଥିଲି—

ଏକି କୌତୁକ ନିତ୍ୟ ନୂତନ
ଅଗୋ କୌତୁକମୟି,
ମୁଁ ଯାହା କହୁଁଛି କହିବା ପାଇଁକି
ତୁମେ ଦିଅ କାହିଁ କହି ?
ମୋହ କଥା ନେଇ ତୁମେ କହ କଥା
ମିଶାଇ ଆପଣା ସୁରେ,
କହିବାର ଯାହା ଭୁଲିଯାଏଁ ତାହା
ସଙ୍ଗୀତ ସ୍ରୋତେ ପାଏନାହିଁ ସୀମା
ଭାସିଯାଏଁ କାହିଁ ଦୂରେ ।

ବିଶ୍ୱ ଗଢ଼ିର ଗୋଟାଏ ନିୟମ ଏହି ଯେ ଯାହା ଆସନ୍ନ, ଯାହା ଉପସ୍ଥିତ, ତାକୁ ସେ ତୁଚ୍ଛ ହେବାକୁ ଦିଏନାହିଁ । ଫୁଲ ଯେତେବେଳେ ଫୁଟେ, ସେତେବେଳେ ମନେହୁଏ ଫୁଲହିଁ ଯେପରି ବୃକ୍ଷର ଏକମାତ୍ର ଲକ୍ଷ୍ୟ । କିନ୍ତୁ ସେ ଯେ ଫଳ ଫଳାଇବାର ଉପଲକ୍ଷ୍ୟମାତ୍ର ତାହା ଗୋପନରେ ଥାଏ—ବର୍ତ୍ତମାନର ଗୌରବରେ ସେ ଅପ୍ରକାଶ । ପୁଣି ଫଳକୁ ଦେଖିଲେ ମନେହୁଏ, ସେହି ଯେପରି ଚୂଡ଼ାନ୍ତ, କିନ୍ତୁ ଭାବୀ ତରୁ ପାଇଁ ସେ ଯେ ବୀଜକୁ ଗର୍ଭ ମଧ୍ୟରେ ପରିଣତ କରିବାରେ ଲାଗିଛି ତାହା ଅନ୍ତରାଳରେ ରହିଯାଏ ।

କାବ୍ୟରଚନା ସମ୍ବନ୍ଧରେ ଏହି ବିଶ୍ୱ ବିଧାନହିଁ ମୁଁ ଦେଖିବାକୁ ପାଏଁ, ଯେତେବେଳେ ଯାହା ଲେଖେ, ମନେହୁଏ, ତାହାହିଁ ପରିଣାମ । କିନ୍ତୁ ଆଜି ଜାଣିଛି, ସେ ସମସ୍ତ ଲେଖା ଉପଲକ୍ଷ୍ୟ ମାତ୍ର । ସେ ସବୁ ଯେଉଁ ଅନାଗତର ସୃଷ୍ଟି ସେ ଅନାଗତର ପରିଚୟ ସେମାନେ ଜାଣନ୍ତି ନାହିଁ ।

ଶୁଣାଉଥିଲି ମୁଁ ଆପଣା ନିବାସେ
କହୁଥିଲି ବସି ବସି ଏକ ପାଶେ
ଆପଣା ଲେଖକରେ ଆପଣା କଥାରେ
ଘର ସୁଖ ଦୁଃଖ ଯେତେ,
ସେ ଭାଷାରେ ତମେ କଲାକ୍ ଅନଳେ
ଭସାଇ ନେଲାଇ ନୟନର ଜଳେ
ନବୀନ ପ୍ରତିମା ନବ କୌଶଳେ
ଗଢ଼ିଗଲ ଇଚ୍ଛାମତେ ।

ନିଜର ସହଜ କଥା ଭିତରେ ଗୋଟାଏ ସ୍ୱର ଉଠି ତାକୁ ବଡ଼ କରିଦିଏ—ବ୍ୟକ୍ତିଗତ ମନକୁ ବିଶ୍ୱର କରିଦିଏ । ସେ ସୃଷ୍ଟି ମୋର ଅଭିପ୍ରେତ ନୁହେଁ ।

ନୂତନ ଛନ୍ଦ ଅନ୍ଧ ପରାଏ
ଆନନ୍ଦେ ପରିପୂର୍ଣ୍ଣ ସେ ଧାଏଁ
ନୂତନ ବେଦନା ବେ ତହିଁ ବଜାଏ
ନୂତନ ରାଗିଣୀ ଗାଇ,
ଭାବିନାହିଁ ଯାହା କହେଁ ସେହି କଥା
ବୁଝିନାହିଁ ଯାହା ଲାଗେ ସେହି ବ୍ୟଥା
ଜାଣେ ନା ଆଣିଛି କାହାର ବାରତା
କାରେ ଶୁଣାଇବା ପାଇଁ !

କେବଳ କବିତା ଲେଖାରେ କ'ଣ କେଣେ କର୍ତ୍ତା କବିକୁ ଅତିକ୍ରମ କରି ତାହାର ଲେଖନୀ ଚାଳନା କରୁଛି ? ତା ନୁହେଁ । ତା ସଙ୍ଗରେ ଅନ୍ତର ମଧ୍ୟ ଦେଖିଛି ଯେ ଜୀବନର ଏହି ସଂଗଠନ, ତାର ସମସ୍ତ ସୁଖ ଦୁଃଖ, ତାର ସମସ୍ତ ଯୋଗ ବିଯୋଗର ବିଚ୍ଛିନ୍ନତାକୁ କିଏ ଜଣେ ଗୋଟିଏ ଅଖଣ୍ଡ ତାତ୍ପର୍ଯ୍ୟ ମଧ୍ୟରେ ଗ୍ରଥିତ କରି ରଖିଛି ।

ଏକି କୌତୁକ ନିତ୍ୟ ନୂତନ
ଅୟି କୌତୁକମୟି !
ଯେ ପଥେ ଯାନ୍ତୁ ମୁହେଁ, ଦେଉଛ କି
ଚାଲିବାକୁ ତାକୁ ତହିଁ ?
ଭୁଲାଇଲ ଦିଗ ପ୍ରତି ପଦେ ପଦେ
ଆସିଛି ନୂତନ ଦେଶେ
ଅଚେନ୍ହା ଯେ ପଥ ସେହି ଜନପଦେ
ଚାଲିଛି ପାଗଳ ବେଶେ ।

ଏହି ଯେ କବି, ଯେ ମୋର ଜୀବନର ମୋର ଅନୁକୂଳ ଓ ପ୍ରତିକୂଳ ଉପକରଣ ନେଇ ମୋର ଜୀବନ ରଚନା କରିବାରେ ବ୍ୟସ୍ତ ତାଙ୍କୁ ମୋ କାବ୍ୟରେ ମୁଁ 'ଜୀବନ ଦେବତା' ନାମ ଦେଇଛି ।

ତତ୍ତ୍ୱ ବିଦ୍ୟାରେ ମୋର ଅଧିକାର ନାହିଁ । ଦ୍ୱୈତବାଦ ଅଦ୍ୱୈତବାଦର ତର୍କ ପଡ଼ିଲେ ମୁଁ ନିରୁତ୍ତର ହୋଇ ରହିବି । ମୁଁ କେବଳ ଅନୁଭବ ଦେଇ କହୁଛି, ମୋ ଭିତରେ ମୋ ଅନ୍ତର ଦେବତାଙ୍କ ପ୍ରକାଶରେ ଗୋଟାଏ ଆନନ୍ଦ ରହିଛି—ସେହି ଆନନ୍ଦ, ସେହି ପ୍ରେମ ମୋର ସମସ୍ତ ଅଙ୍ଗ ପ୍ରତ୍ୟଙ୍ଗ, ମୋର ବୁଦ୍ଧି ମନ ମୋର ଅନାଦି ଅତୀତ ଓ ଅନନ୍ତ ଭବିଷ୍ୟତ ପରିପ୍ଲୁତ କରି ରହିଛି । ଏ ଲୀଳା ମୁଁ ବୁଝେ ନାହିଁ । କିନ୍ତୁ ମୋ ଭିତରେ ସେହି ପ୍ରେମଲୀଳା ନିତ୍ୟ ବିଦ୍ୟମାନ । ମୋ ଆଖିର ଯେଉଁ ଅଲୌକିକ ଝଲକରେ, ସକାଳ ସନ୍ଧ୍ୟାରେ ଯେଉଁ ମେଘର ଛଟା ରଙ୍ଗ ଲାଗେ, ତୃଣତରୁଲତାର ଯେଉଁ ଶ୍ୟାମଳିମା ଝଲକରେ, ପ୍ରିୟଜନର ଯେଉଁ ମୁଖଛବି ଭାସି ଉଠେ, ସବୁ ସେହି ପ୍ରେମଲୀଳାର ଉଦ୍‌ବେଳ ତରଙ୍ଗମାଳା । ତାହା ଭିତରେ ଜୀବନର ସମସ୍ତ ସୁଖ ଦୁଃଖର, ସମସ୍ତ ଆଲୋକ ଅନ୍ଧକାରର ଛାୟା ଖେଳୁଛି ।

ଯେତେବେଳେ ମୁଁ ବୁଝେ ଯେ ମୋର ପ୍ରତ୍ୟେକ ଆନନ୍ଦ ଉଚ୍ଛ୍ୱାସ ସେ ଅବର୍ଜନ କରି ନେଉଛନ୍ତି, ମୋର ପ୍ରତ୍ୟେକ ଦୁଃଖ ବେଦନା ସେ ନିଜେ ଗ୍ରହଣ କରୁଛନ୍ତି; ସେତେବେଳେ ଜାଣେ ଯେ କିଛି ବ୍ୟର୍ଥ ଯାଇନାହିଁ ।

ଯେଉଁ ଯାହାକୁ ଧର୍ମ ବୋଲି ସାଧାରଣତଃ କୁହାଯାଏ ତାହା ମୁଁ ଯେ ନିଜ ଭିତରେ ସୁସ୍ପଷ୍ଟ ଓ ଦୃଢ଼ ଭାବରେ ପାଇଛି, ଏକଥା କହିପାରୁନାହିଁ । କିନ୍ତୁ ମନ ଭିତରେ କ୍ରମଶଃ ଗୋଟାଏ ସଜୀବ ପଦାର୍ଥ ସୃଷ୍ଟି ହେବାରେ ଲାଗିଛି ତା' ମୁଁ ଅନେକ ସମୟରେ ଅନୁଭବ କରିପାରିଛି । ମୁଁ ବୁଝିପାରୁଛି, ନିଜ ଭିତରେ ନିଜର ଗୋଟାଏ ସାମଞ୍ଜସ୍ୟ ସ୍ଥାପନ ମୁଁ କରିପାରିବି ।

ଶାସ୍ତ୍ର ଯାହା କହେ ତା ସତ୍ୟ କି ମିଥ୍ୟା କହିପାରୁ ନାହିଁ କିନ୍ତୁ ସେ ସତ୍ୟ ଅନେକ ସମୟରେ ମୋ ପକ୍ଷରେ ସମ୍ପୂର୍ଣ୍ଣ ଅନୁପଯୋଗୀ; ବସ୍ତୁତଃ ମୋ ନିକଟରେ ତାର ଅସ୍ତିତ୍ୱ ନାହିଁ କହିଲେ ଚାଲେ । ମୋର ଜୀବନ ଦେଇ ଯେଉଁ ନେଇଛି ସମ୍ପୂର୍ଣ୍ଣ ଆକାରରେ ଗଢ଼ିନେଇ ପାରିବ ସେହି ମୋର ଚରମ ସତ୍ୟ ।

Digitized by srujanika@gmail.com

ଜଗତର ପ୍ରବହମାନ ଜୀବନକୁ ଯେତେବେଳେ ଜଗତ ବାହାରେ ଅନନ୍ତ ଦେଶ କାଳ ସଙ୍ଗରେ ଯୋଗକରି ଦେଖେଁ, ସେତେବେଳେ ଜୀବନର ସବୁ ଦୁଃଖ ଗୋଟାଏ ବିରାଟ ଆନନ୍ଦ ସ୍ରୋତ ମଧ୍ୟରେ ଛନ୍ଦିତ ହୋଇଥିବାର ଦେଖେଁ—ମୁଁ ଅଛି—ମୁଁ ହେଉଛି, ମୁଁ ଚାଲୁଛି—ଏହାକୁହିଁ ଗୋଟାଏ ବିରାଟ ବ୍ୟାପାର ବୋଲି ମନେକରେଁ । ମୁଁ ଅଛି, ଏବଂ ମୋ ସଙ୍ଗେ ସଙ୍ଗେ ସମସ୍ତେ ଅଛନ୍ତି, ମୋତେ ଛାଡ଼ି ଏହି ଅସୀମ ଜଗତରେ ଗୋଟିଏ ଅଣୁପରମାଣୁ ମଧ୍ୟ ରହିପାରେ ନା, ମୋର ଆତ୍ମୀୟମାନଙ୍କ ସଙ୍ଗରେ ମୋର ଯେଉଁ ଯୋଗ ଏହି ଧୂଳିର ରେଣୁ ପ୍ରଭୃତି ସହିତ ତା ଠାରୁ କୌଣସି ମାତ୍ରାରେ ଅଳ୍ପ ଘନିଷ୍ଠ ଯୋଗ ନାହିଁ ।

ଯେଉଁ ଶକ୍ତି ମୋ ଜୀବନର ସମସ୍ତ ସୁଖଦୁଃଖକୁ ସମସ୍ତ ଘଟଣାକୁ ଐକ୍ୟଦାନ, ତାତ୍ପର୍ଯ୍ୟଦାନ କରୁଛି, ମୋର ରୂପରୂପାନ୍ତର ଜନ୍ମ ଜନ୍ମାନ୍ତରକୁ ଗୋଟାଏ ସୂତ୍ରରେ ଗନ୍ଥି ରଖିଛି, ଯାହାଦ୍ୱାରା ବିଶ୍ୱଚରାଚରରେ ଅନ୍ତର୍ଗତ ଐକ୍ୟ ଅନୁଭବ କରୁଛି, ତାଙ୍କୁହିଁ "ଜୀବନ ଦେବତା" ନାମଦେଇ ଲେଖିଥିଲି :—

ଓହେ ଅନ୍ତରତମ !
ମେଣ୍ଟିଲାକି ତବ    ସକଲ ପିପାସା
ଆସି ଅନ୍ତରେ ମମ ?
ଦୁଃଖ ସୁଖର ଲକ୍ଷ ଧାରାରେ
ପାତ୍ର ଭରି ମୁଁ ଦେଇଛି ତୁମରେ
ନିଠୁର ପୀଡ଼ନେ ନିଚୋଡ଼ି ବକ୍ଷ
ଦଳିତ ଦ୍ରାକ୍ଷାସମ ।

ଆଶ୍ଚର୍ଯ୍ୟ ଏହି ଯେ, ମୁଁ ଚାଲି ଯାଉଛି—ମୁଁ ପ୍ରକାଶ ପାଉଛି ! ମୋ ଭିତରେ କି ଅନନ୍ତ ମାଧୁର୍ଯ୍ୟ ଅଛି—ସେଥିପାଇଁ ମୁଁ ଅସୀମ ବ୍ରହ୍ମାଣ୍ଡର ଅଗଣ୍ୟ ସୂର୍ଯ୍ୟ ଚନ୍ଦ୍ର ଗ୍ରହ ତାରକାର ସମସ୍ତ ଶକ୍ତି ଦ୍ୱାରା ଲାଳିତ ହୋଇ, ଏତେ ଅନେକ ମଧ୍ୟରେ, ଏକାନ୍ତ ଭାବରେ ଅତି ମେଳ ଟିଏ ହୋଇଛି—ମୋତେ କେହି ତ୍ୟାଗ କରୁ ନାହାନ୍ତି । ମନରେ ପ୍ରଶ୍ନ ଉଠେ—ମୋର ଏହି ଆଶ୍ଚର୍ଯ୍ୟ ଅସ୍ତିତ୍ୱର ଅଧିକାର ମୁଁ କେଉଁପରି ରକ୍ଷା କରୁଛି ।

ଯେ ସୁରରେ ତୁମ୍ଭେ ଏ ବୀଣାର ତାର,
ପଡ଼ ପଡ଼ ଗଲି ସେଥି ବାର ବାର,
ହେ କବି ତୁମର ରଚିତ ରାଗିଣୀ
ମୁଁ କି ପାରେ ତାହା ଗାଇ ?
ଯାଇ ଦେଖି ବୋଲି ତୁମ କାନନରେ,
କୋଳପତେ ମୁଁ ଧୀରେ ଧନ ଶ୍ୟାମଳେ,
ସନ୍ଧ୍ୟାରେ ଆସି ନିର୍ଜନ ରହି ମୁଁ
ଲେଉଟି ତୁମର ପାଇଁ ।

ଯଦି ମୋର ବର୍ତ୍ତମାନ ଜୀବନରେ ଏହି ଜୀବନ ଦେବତାଙ୍କ ସେବାର ଯେତିକି ସମ୍ଭାବନା ଥିଲା, ତାହା ନିଃଶେଷ ହୋଇ ଯାଇ ଥାଏ, ଯେଉଁ ଦୀପ ସେ ଜଳାଇ ରଖିବାକୁ ଚାହାନ୍ତି ସେ ଦୀପ ଯଦି, ମୋର ବର୍ତ୍ତମାନ ଜୀବନଇନ୍ଧନ ଯଦି ଭସ୍ମ ହୋଇ ଯାଇ ଆଉ ତାହା ରକ୍ଷା କରି ନପାରେ, ତେବେ ଏ ଦୀପଟିକୁ ସେ କ'ଣ ଲିଭିବା ପାଇଁ ଛାଡ଼ି ଦେବେ ? ଏହି ଅନାବଶ୍ୟକ ଭସ୍ମ ଫିଙ୍ଗି ଦେବାକୁ କେତେ ସମୟ ଲାଗିବ ? କିନ୍ତୁ ତା' ବୋଲି ଏହି ଜ୍ୟୋତି-ଶିଖା ମରିବ କାହିଁକି ?

ଏତେ କଷ୍ଟେ ଯେଉଁ    ହୋଇଛି ଦ୍ରାବଣ
ଯାହା କିଛି ଥିଲା ମୋର
ଯେତେ ଶୋଭା, ଗୀତ,    ପ୍ରାଣ, ଜାଗରଣ
ଅଥବା କ୍ରନ୍ଦନ ଘୋର ।
ନୂତନ କରି ହେ    ନେଇ ଆଉଥରେ
ଚିର ପୁରାତନ ମୋତେ,
ନୂତନ ବିବାହେ    ବାନ୍ଧ ମୋତେ ଦେବ
ନବୀନ ଜୀବନ ଡୋରେ ।

ଏହି ଜୀବନ ଯାତ୍ରାର ଆଉ ଏକ ଅନୁଭୂତି ମୋତେ ଅଧୀର କରିଛି ।

ହେବି ଯଦି ମାଟି ହେବି ଯଦି ଜଳ,
ହେବି ଯଦି ତୃଣ ହେବି ଫୁଲ ଫଳ,
ଜୀବ ସାଥେ ଯଦି ବୁଲେଁ ଧରାତଳେ,
ନାହିଁ ମୋର କାହିଁ ଭାବନା;
ଯହିଁ ଯିବି ତହିଁ ଅସୀମ ବନ୍ଧନେ
ଅନ୍ତ ହେବନି ଅଜଣା ।

ମୋର ସ୍ୱାତନ୍ତ୍ର୍ୟର ଗର୍ବ ନାହିଁ । ବିଶ୍ୱ ସହିତ ମୋର କୌଣସି ବିଚ୍ଛେଦ ସ୍ୱୀକାର କରେ ନାହିଁ ।

ମାନବ ଆତ୍ମାର ଦମ୍ଭ ନାହିଁ ଆଉ ମୋର,
କେତେ ତୋର ମୃତ୍ତିକାରୁ ମାତୃମୁଖ ଚୋଟ
ସୁଖ ପାଉଛି ମୁଁ ଏହି ଧୂଳି ମାଟି ତୋର !

ମୁଁ ଜଡ଼ ନାମ ଦେଇ ସସୀମ ନାମ ଦେଇ କୌଣସିଟିକୁ ପାଖଛଡ଼ା କରି ପାରେ ନାହିଁ । ଏହି ସୀମା ମଧ୍ୟରେ ଏହି ପ୍ରତ୍ୟକ୍ଷ ମଧ୍ୟରେ ଅନନ୍ତର ଯେଉଁ ପ୍ରକାଶ ତାହାହିଁ ମୋ ପକ୍ଷରେ ଅସୀମ ବିସ୍ମୟକର ।

ଏହି ସୁନ୍ଦର ଦିନ ରାତି ଭିତରେ ମୋ ଜୀବନ ନିତିଦିନ ପ୍ରତିଦିନ ଚାଲିଯାଉଛି—ତାର ସମ୍ପୂର୍ଣ୍ଣ ସ୍ୱାଦଟା ମୁଁ ଗ୍ରହଣ କରି ପାରୁ ନାହିଁ । ଜଗତ ଠାରୁ କେତେ କେତେ ଦୂରରେ ଆମ୍ଭେମାନେ ବାସ କରୁଥାଉଁ । ରଙ୍ଗିନ୍ ସକାଳ ଏବଂ ରଙ୍ଗିନ୍ ସନ୍ଧ୍ୟା ସମୁଦ୍ର ଦିଗ୍-ବଳୟର ତିଳ ଭଣ୍ଡାର ଉପର, ଖସିପଡ଼ି ଯାଉଛି । ମନୁଷ୍ୟ କି ଅଦ୍ଭୁତ ଜୀବ ! ଏହି ସ୍ୱେଚ୍ଛାକୃତ ଗୃହର ଚକ୍ର ସୋପାନରେ ଚଢ଼ି ପୃଥିବୀ ଭିତରେ ରହି ପୃଥିବୀର କି ଅଂଶରେ ଦେଖି ଚାଲିଯାଉଛନ୍ତି ?

ଦିନେ ଯେତେବେଳେ ମୁଁ ଏହି ପୃଥିବୀ ସାଙ୍ଗରେ ଏକ ହୋଇଥିଲି, ଯେତେବେଳେ ମୋ ଉପରେ ସବୁଜ ଘାସ ଉଠିଥିଲା, ସୂର୍ଯ୍ୟ କିରଣ ମୋର ସୁଦୂର ବିସ୍ତୃତ ଶ୍ୟାମଳ ଅଙ୍ଗର ପ୍ରତ୍ୟେକ ଲୋମକୂପରୁ ଯୌବନର ସୁଗନ୍ଧ ଉତ୍ତାପ ଉଦ୍ଭୂତ ହେଉଥିଲା, ଯେତେବେଳେ ଶରତ୍ ସୂର୍ଯ୍ୟାଲୋକ ମୋର ବୃହତ୍ ସର୍ବାଙ୍ଗରେ ଯେଉଁ ଆନନ୍ଦରେ ଯେଉଁ ଜୀବନୀ ଶକ୍ତି ଅତ୍ୟନ୍ତ ଅବ୍ୟକ୍ତ ଅର୍ଦ୍ଧଚେତନ ଏବଂ ଅତ୍ୟନ୍ତ ପ୍ରକାଣ୍ଡ ଭାବରେ ସଞ୍ଚାରିତ ହେଉଥିଲା, ତାହା କେତେକାଂଶରେ ମୋର ଯେପରି ମନେ ପଡ଼ିଯାଉଛି ।

ଏହି ପୃଥିବୀଟି ମୋର ଅନେକ ଦିନର କେତେ ଜନ୍ମ ଜନ୍ମର ପ୍ରିୟଜନ ସଦୃଶ ମୋ ନିକଟରେ ବୋଧ ହୁଏ । ନବନବ ଯୁଗରେ ଏହି ପୃଥିବୀର ମାଟିରେ ମୁଁ ଜନ୍ମିଛି । ବହୁକାଳର ସ୍ମୃତି ଯେପରି ଅଳ୍ପ ଅଳ୍ପ ମନେପଡ଼େ ।

ପ୍ରକୃତି ତାର ରୂପରସ ବର୍ଣ୍ଣ ଗନ୍ଧ ନେଇ, ମନୁଷ୍ୟ ତାର ବୁଦ୍ଧି ମନ—ତାହାର ସ୍ନେହ ପ୍ରେମ ନେଇ ମୋତେ ମୁଗ୍ଧ କରୁଛି—ସେହି ମୋହକୁ ମୁଁ ଅବିଶ୍ୱାସ କରେ ନାହିଁ । ମୋତେ ସେ ଅବଦ୍ଧ କରୁ ନାହିଁ—ମୋତେ ସେ ମୁକ୍ତ କରୁଛି—ତାହା ମୋତେ ମୋର ବାହାରେ ବ୍ୟାପ୍ତ କରୁଛି । ଆମେ ଯାହା ମନେକରୁ ଯାଉଛୁ ଆମର ଘର, ଆମର ପ୍ରିୟ ଆମର ପୁତ୍ର ଆମକୁ ଗୋଟିଏ ସ୍ଥାନରେ ବାନ୍ଧି ରଖନ୍ତି ନାହିଁ, ଯେଉଁ ପଦାର୍ଥର ସନ୍ଧାନ କରୁଁ, ଦୀପାଲୋକ କେବଳ ତାହାହିଁ ପ୍ରକାଶ କରେ ଏହା ନୁହେଁ—ସମସ୍ତ ଘରଟାକୁ ଆଲୋକିତ କରିଦିଏ । ଜଗତର ସୌନ୍ଦର୍ଯ୍ୟ ମଧ୍ୟରେ ପ୍ରିୟଜନର ମାଧୁର୍ଯ୍ୟ ମଧ୍ୟରେ ଭଗବାନହିଁ ଆମ୍ଭମାନଙ୍କୁ ଟାଣୁଛନ୍ତି—ଆଉ କାହାରି ଟାଣିବାର ଶକ୍ତି ନାହିଁ । ପୃଥିବୀର ପ୍ରେମ ମଧ୍ୟରେ ସେହି ଭୂମାନନ୍ଦଙ୍କର ପରିଚୟ ପାଇ ବା ଜଗତର ଏହି ରୂପ ମଧ୍ୟରେ ସେହି ଅପରୂପଙ୍କୁ ସାକ୍ଷାତ ପ୍ରତ୍ୟକ୍ଷ କରିବାକୁହିଁ ମୁଁ ମୁକ୍ତିର ସାଧନା ମନେକରେଁ । ଜଗତ ମଧ୍ୟରେ ମୁଁ ମୁଗ୍ଧ, ସେହି ମୋହରେହିଁ ମୋର ମୁକ୍ତି ରସର ଆସ୍ୱାଦନ ।

ବୈରାଗ୍ୟ ସାଧନେ ମୁକ୍ତି ସେ ନୁହେ ମୋହର
ଅସଂଖ୍ୟ ବନ୍ଧନ ମଧ୍ୟେ ମହାନନ୍ଦମୟ
ଲଭିବ ମୁକ୍ତିର ସ୍ୱାଦ ।

ମୁଁ ବାଳକ ଅବସ୍ଥାରେ 'ପ୍ରକୃତିର ପ୍ରତିଶୋଧ' ଲେଖିଥିଲି । ସେତେବେଳେ ମୁଁ ନିଜେ ଭଲକରି ବୁଝିଥିଲି କି ନା ଜାଣେ ନାହିଁ । କିନ୍ତୁ ତହିଁରେ

୯ ପୃଷ୍ଠା ଶେଷ ଦେଖନ୍ତୁ

Digitized by srujanika@gmail.com

# ରବୀନ୍ଦ୍ର ଆତ୍ମଚରିତାମୃତରୁ କେତେ ଅଂଶ

ସେନୋଟ ବସ୍ତୁତନ୍ତ୍ର ଅନ୍ଦୋଳନର ମିଳନ ସମୟରେ ମୋର ଜନ୍ମ । (ରାମମୋହନ ରାୟ ଙ୍କର ସାମାଜିକ ସଂସ୍କାର ଶାସନ ପ୍ରତି ସାଧାରଣ ଧ୍ୟାନ ଯୋଗେଁ ରାଜନୈତିକ ଓ ବଙ୍କିମଚନ୍ଦ୍ର ଙ୍କର ସାହିତ୍ୟିକ) ।

ମୁଁ ଜନ୍ମ ଗ୍ରହଣ କରିଥିଲି ଏପରି ଏକ ପରିବାରରେ ଯେଉଁ ପରିବାରର ଲୋକେ ନିଜ ନିଜର ପଥ ନିର୍ଦ୍ଦିଷ୍ଟ କରି ଜୀବନ ଯାପନର ଅଭ୍ୟାସୀ ହୋଇଥିଲେ । ଏହାହିଁ ଶୈଶବାବସ୍ଥାରୁ ଅନ୍ୟ ଅନୁଶୀଳନ ଦ୍ୱାରା ଅନୁପ୍ରାଣିତରେ ମୋର ପଥ ପ୍ରଦର୍ଶକ ହୋଇଥିଲା ।

× + ×

ସମସ୍ତ ଶକ୍ତିଶାଳୀ ଭାଷାର ପରିବର୍ତ୍ତନ ହୋଇଛି ଏବଂ ହେଉଛି । ଯେଉଁ ଭାଷା ଏପ୍ରକାର ପରିବର୍ତ୍ତନର ପ୍ରତିରୋଧକରେ ସେ କଦାପି ଉଚ୍ଚ ଚିନ୍ତା ଓ ସାହିତ୍ୟର ଜନ୍ମଦାତା ହୋଇ ନ ପାରେ ।

× + ×

ପୃଥିବୀର ସମସ୍ତ ମହତ୍ ମାନବିକ ଅନ୍ଦୋଳନ ମୂଳରେ ଏକ ଉଚ୍ଚତର ଆଦର୍ଶ ନିହିତ ଥାଏ । ବାସ୍ତବ ଜଗତର ଅବମୂଲ୍ୟକାରିତା ଅତି ଜୀର୍ଣ୍ଣ ପୁରାତନ । ଭାବାତ୍ମକ ରାଗର ଅନୁଭୂତିହିଁ ପ୍ରକୃତ ଅଧୁନିକ । ମୁଁ ତାହାର ପକ୍ଷପାତୀ କାରଣ ମୁଁ ଅଧୁନିକ ।

\+ × ×

ଅଟେଶୈଶବରୁ ଏହି ପ୍ରକୃତିର ସୌନ୍ଦର୍ଯ୍ୟ ପ୍ରତି ମୋର ଗୋଟାଏ ସୂକ୍ଷ୍ମ ବନ୍ଧନ ଜାତ ହୋଇଥିଲା । ଏହି ତରୁଲତା ଏହି ଘନମେଘ ସହିତ ମୋର ଅନ୍ତରଙ୍ଗ ବନ୍ଧୁତା ଥିଲା ପରି ଲାଗୁଥିଲା, ଅଦାଂଶରେ ଋତୁ ବର୍ଷାର ଅନିମ୍ନ ଛନ୍ଦ ସହିତ ମୁଁ ତାଳ ଦେଇ ପାରୁଥିଲି । ସଙ୍ଗେ ସଙ୍ଗେ ମୁଁ ମନୁଷ୍ୟତ୍ୱର ବନ୍ଧୁ ପ୍ରବଣ ମଧ୍ୟ ଥିଲି । ଏଥିରୁ ମୁକ୍ତି-ପ୍ରୟାସୀ ହେଲେ । ମୁଁ ମୋର ଭାବରାଜିର ସତ୍ୟରୂପକୁ ଅବିକଳ ଭାବେ ପ୍ରକାଶ କରିବା ପାଇଁ ଅତି ଅପରିପକ୍ୱ ହୋଇଥିଲେ ମଧ୍ୟ ମୋର ଅନ୍ତର୍ନିହିତ ସର୍ବଦା ଚେଷ୍ଟିତ ଥିଲା ।

× + +

ବସ୍ତୁତଃ ମୋର ନିଜ ଦେଶ ଭଲ ମୋତେ ତୃପ୍ତି ମାତ୍ରାରେ ଗ୍ରହଣ କରି ନ ଥିଲେ । ଏହା ମୋ ପକ୍ଷରେ ଆଶୀର୍ବାଦ ସ୍ୱରୂପ ହୋଇଥିଲା । କାରଣ ଅପମାନର ହିର୍ବିତାରୁ ଅଧିକ ନୈତିକ ସାହସ ଅପହାରୀ ଆଉ କିଛି ନାହିଁ ।

× × ×

କବିତା ସୁନାରୂପା କିମ୍ବା ଅନ୍ୟାନ୍ୟ ମୂଲ୍ୟବାନ ସାମଗ୍ରୀ ନୁହେଁ ଯେ ତାହା ହସ୍ତାନ୍ତର କରିହେବ । ଜଣେ ମଧ୍ୟସ୍ଥ ବା ପ୍ରତିନିଧି ଯେପରି ବୁଦ୍ଧିମାନ ବିଚକ୍ଷଣ ବା କର୍ମଠ ହୋଇପାରେ, ପ୍ରିୟାର ମଧୁର ହସ କିମ୍ବା ଚୁମ୍ବନ, ତା ପ୍ରତିନିଧିକୁ ଦେଇ ଗ୍ରହଣ କରି ନ ପାରେ ।

\+ × ×

ଯାହା ଯାହା ମନରେ ଗୋଟାଏ କଳ୍ପନାର ଅର୍ଥ ଓ ଅବଚେତନର ଅନୁମାନ କରିବା ସେହି ମାନସିକ ଶକ୍ତି ମୋର ଥିଲା ।

× × +

ମୁଁ ସଂଗୀତ ରଚନା କରିବି । ଏଥିରେ କିଛି ନା କରି ନାଟ୍ୟରେ ସଙ୍ଗୀତ ରଚନା କରିବା ଦ୍ୱାରା ଅନେକ ଭଲ ଲୋକେ ବିରକ୍ତ ହୋଇ ଉଠିଥିଲେ । କିନ୍ତୁ ଦରକାର ହେଲା ନାହିଁ । କାରଣ ସେଥିରେ ବନ୍ଧୁତ୍ୱ, ମୁଁ କଣ କରେ, ମୁଁ ନିଜେ ତା' ଜାଣେ ନା । ସୋଧଷ୍ଟ୍ରେ କନାକରର ସଙ୍ଗୀତକୁ ପଢ଼ା ଏହାହିଁ ।

× × ×

ମୁଁ ଯେଉଁ ମାନଙ୍କ କଥାର କଲେଁ ସେମାନେ ଗୋଟିଏ ଧର୍ମକୁ ମୂଲ୍ୟବାନ ମନେକରନ୍ତି ତୋର ମୋର ମଧ୍ୟ ସେପରି ଧର୍ମ ହେବ ଏପରି ଧାରଣାର କଳ୍ପନା କରିବାକୁ ମଧ୍ୟ ମୁଁ ନିଜକୁ ପ୍ରବର୍ତ୍ତାଇ ପାରେ ନାହିଁ ।

\+ × ×

ମୋର ଧର୍ମ ମୁଖ୍ୟତଃ କବିର ଧର୍ମ । ଯେଉଁ ଅପରିକଳ୍ପିତ, ଅଦୃଷ୍ଟ ପଥରୁ ମୋର ସଙ୍ଗୀତର ପ୍ରେରଣା ଜାଗେ, ସେହି ସୂତ୍ରରୁ ମୁଁ ମୋର ଧର୍ମର ସ୍ପର୍ଶ ପାଏ । ଉଭୟ ପ୍ରଣୟ ତୋଳିଲେ ଅଚଳ । ତାଙ୍କର ପରେ ପ୍ରଣୟ ଭଳି ଅନେକ ଦିନ ଯାଏ ମୋର ଅଜ୍ଞାତ ଥିଲା । ଦିନେ ହଠାତ୍ ତାହା ପ୍ରକାଶ ପାଇଲା ।

× × +

ଅମ୍ଭାର ଏକ ଅପୂର୍ବ ଆନନ୍ଦ ହଠାତ୍ ମୋ ଭିତରେ ଜାଗରିତ ହେଲା । ମୋର ଏହି ପରିଚିତ ଜଗତ୍ ନୂତନ ହୋଇ ଆସିଲା । ଅଥଚ କ୍ଷଣିକ ଏବଂ କ୍ଷୀଣ ଘଟଣାବଳୀର ଅର୍ଥ ପୂର୍ଣ୍ଣ ରୂପ ପାଇଗଲା । ସେ ସମସ୍ତ ଅନୁଭୂତି—ଲୁକ୍କାୟିତା ଭିତରେ ପଥଭ୍ରଷ୍ଟ ପଥିକ ହଠାତ୍ ନିଜକୁ ତାର କୁଟୀର ସମୀପରେ ଉଭା ହେଲି ପରି ବୋଧହେଲା ।

× × ×

ମୋର ପିଲାଦିନ କଥା ମନେ ଅଛି । ମୁଁ ବଙ୍ଗଳା ବର୍ଣ୍ଣପରିଚୟ କରୁଥିଲି । ଅପ୍ରତ୍ୟାଶିତ ଭାବରେ ମୁଁ ପ୍ରଥମ ସରଳ ବର୍ଣ୍ଣସଂଯୋଗ ଯେତେବେଳେ ପଢ଼ିଲି 'ଜଳ ପଡ଼େ—ପତ୍ର ନଡ଼େ' (ବର୍ଷା ପଡ଼େ—ପତ୍ର ନଡ଼େ) ଏହି ବର୍ଣ୍ଣମେଳକ ମୋ ଆଗରେ ଯେଉଁ ଦୃଶ୍ୟ ନିବେଦନ କଲେ, ତାହାରି କଳ୍ପନାର ଅନନ୍ତ ଏଁ ମେଳି ଉଠିଲି । ଅନେକ ବର୍ଣ୍ଣ ଅଂଶ ଏକତ୍ରିତ ନିଜତ୍ୱରେ ଗୋଟାଏ ଶବ୍ଦଛନ୍ଦ ସଂଯୋଗ ସୃଷ୍ଟିରେ ଅପୂର୍ବ ଆନନ୍ଦ ଦେଉଥିଲା ।

× × +

ସେହି ପ୍ରଭାତରେ ମୋ ଜୀବନ ସେହିପରି ସତ୍ୟର ଉନ୍ମେଷରେ ମୋ ଅନ୍ତର ପରିପୂର୍ଣ୍ଣ ହୋଇଗଲା । କଞ୍ଚିତ୍ର ନିର୍ବୋଧମାନେ ଏକ ଅସୀମ ସମୁଦ୍ରର ତରଙ୍ଗ ହେଲା ପରି ବୋଧହେଲା । ସେହିଦିନ ଠାରୁ ମୁଁ ଏହା ବିଶ୍ୱାସ କରିଆସୁଛି ଯେ ପ୍ରକୃତି ଏବଂ ମାନବ ସମ୍ବନ୍ଧୀୟ ମୋର ସମସ୍ତ ଅଭିଜ୍ଞତା ମୂଳରେ ଆଧ୍ୟାତ୍ମିକ ବାସ୍ତବତାର ମୌଳିକ ସତ୍ୟ ବିଦ୍ୟମାନ ।

\+ + +

ମୁଁ ମୋର ପାଠାଗାର ପ୍ରତି ଅମନଯୋଗୀ ହେଲି କାରଣ ସେ ମୋତେ ଅତି ନିଷ୍ଠୁର ଭାବରେ ମୋର ପ୍ରିୟ ମୋର ସାଥୀ ଏହି ପୃଥିବୀ ଠାରୁ ମୋତେ ଦୂରକୁ ଦୂରକୁ ହଟାଇନେଉଥିଲା ।

× - +

ଏହି ପୃଥିବୀ ମୋ ପକ୍ଷରେ ଜୀବନ୍ତ ମୋର ଜୀବନ ସହିତ ଓତଃପ୍ରୋତଃ ଭାବରେ ଜଡ଼ିତ ।

× + ×

ମୁଁ କର୍ତ୍ତାର କୌଶଳକୁ ପ୍ରଶଂସା କରି ପାରେନା । କଳାକାର ତାର ଉପକରଣକୁ ଯେପରି ଗୋପନରେ ରଖି ତାର ସୃଷ୍ଟିକୁ ଏକ ଅତ୍ୟନ୍ତ ସଂଯୋଗ ରୂପରେ ପ୍ରକାଶ କରିବାର ଆନନ୍ଦ ଦ୍ୱାରାହିଁ ମୁଁ ଉଦ୍ବୁଦ୍ଧ ହୋଇ ଉଠେଁ ।

× ×

ଯାହା ସମ୍ବାଦ ବହନ କରେ ତାକୁ ମାପକରି ଯାଇ ପାରେ କିନ୍ତୁ ଯେ ଆନନ୍ଦ ଦିଏ ତାକୁ ଅନୁପରମାଣୁର ବିଶ୍ଳେଷଣ କରି ବୁଝା ଯାଏନାହିଁ ।

\+ + +

କଳ ପ୍ରକୃତିର ଯେଉଁ ଅଜ୍ଞାତ ଅଂଶରେ ଅନନ୍ତ ଆଚରଣର ଏକ ପ୍ରେରଣା ବିଦ୍ୟମାନ । ସେହି ସ୍ପର୍ଶ ବିଶ୍ଳେଷଣ ସାପେକ୍ଷ ନୁହେଁ । ତାହା କେବଳ ଅନୁଭବ କରାଯାଇ ପାରେ ।

× + ×

ଧର୍ମ ସମ୍ବନ୍ଧୀୟ ସମସ୍ତ ଧାରଣା ମୋର କଳ୍ପନା-ପ୍ରସୂତ—ଜ୍ଞାନ ସମ୍ଭୂତ ନୁହେଁ ।

\+ × ×

ଆନନ୍ଦହିଁ ସତ୍ୟର ଧର୍ମ । ସତ୍ୟର ସେହି ଛନ୍ଦ ଦ୍ୱାରାହିଁ ଆମ୍ଭେମାନେ ସତ୍ୟ ଉପଲବ୍ଧି କରୁ— ଆମ୍ଭମାନଙ୍କର ଅନ୍ତର୍ନିହିତ ସତ୍ୟର ଉଦ୍ଦେଶ୍ୟ ତାର ଆନନ୍ଦ ଅନୁଭାବନ ଦ୍ୱାରାହି ଆମ୍ଭେମାନେ ତାକୁ ବୁଝୁଁ ।

—•—

Digitized by srujanika@gmail.com

# ରବୀନ୍ଦ୍ର କାବ୍ୟ--

## ପ୍ରଥମ ପ୍ରକାଶିତ କବିତା
( ୧୨ବର୍ଷ ବୟସରେ )

### ଅଭିଳାଷ

ଜନମନ ମୁଗ୍ଧକର ଉଚ୍ଚ ଅଭିଳାଷ !
ତୋହର ଏ ପଥ ଅତି ଅନନ୍ତ ଅପାର ।
ଯେତେ ଯେତେ ଅତିକ୍ରମି ଯାଏ ପାନ୍ଥଶାଳା
ଅଗ୍ରସର ହେବାପାଇଁ ଇଚ୍ଛା ଉତେଜିତ ।
ତୁମର ମୁରଲୀ ଧ୍ୱନେ ବିମୋହିତ ମନ
ସେହି ଦୂର ଲକ୍ଷ୍ୟକର ମାନବ ସକଳେ
ଯେତେ ଯେତେ ଅଗ୍ରସର ହେଉଥାନ୍ତି ସେତେ
ନ ପାଆନ୍ତି ବୁଝି ତାହା ଥାଏ କେଉଁ ସ୍ଥାନେ ।

× × ×

ନ ପାରନ୍ତି ଜାଣି ଏହା ନପାରନ୍ତି ଜାଣି
ଦରିଦ୍ର କୁଟୀର ମଧ୍ୟେ ବସନ୍ତି ସନ୍ତୋଷ ।
ଜନଜୀବନ ଉତ୍ପାଦନେ କରନ୍ତି ସନ୍ତୋଷ ।
ସତ୍ୟ ଧର୍ମର ଦ୍ୱାରେ ଶୟନ ତାହାର ।
ନପାରନ୍ତି ଜାଣି ଏହା ନପାରନ୍ତି ଜାଣି
ତୁମର କୁଟୀଳ ଅତି ତୋହର ପଥରେ
ଶୟନ ନପାଇଁ କେବେ ଜମାଇ ସନ୍ତୋଷ
ସୂର୍ଯ୍ୟ କର ନ ପଶଇ ଅନ୍ଧାର ନରକେ ।

୧୮୭୩

× × ×

### ପ୍ରଥମ ପ୍ରଶଂସିତ ମୁଦ୍ରିତ କବିତା
(ହିନ୍ଦୁ ମେଳାର ଉପହାର)

ହିମାଦ୍ରି ଶିଖରେ ଶିଳାସନପରେ
ଗାଉଛନ୍ତି ବ୍ୟାସ ବୀଣା ହୃଦୟରେ,
କାହିଁପାଇଁ ପବନ ନିର୍ଜନ କାନନ,
କାହିଁପାଇଁ ନିର୍ଝର ଶୀତଳ ବାୟୁ ।
କାହାରଣ ବୀଣା ଗାଏ କହକର,
କାହିଁରେ ଭରତ କହି ହାମ୍ ତୋର,
ପୁଣି ଏଇ ତପ; ହସିବାର ଦିନ
ଅବଶରେ ଅଛ ଏବେଯାଏ ଦୁଃଖେ !

× × ×

## "ମରଣରେ ତୁହିଁ ମମ ଶ୍ୟାମ ସମାନ"



ଉଚ୍ଛ୍ୱସିତ ସମୀରଣ ଅସ୍ଥିର ତରଙ୍ଗ ବହ ଅଦୃଶ୍ୟ ଫୁଲରୁ
ଅନ୍ଧକାର ପୂର୍ଣ୍ଣ କରି ଅସିତ ତରଙ୍ଗ ଧ୍ୱନି ଅଜ୍ଞାତ କୂଳରୁ;
ଅମ୍ଭି ମୃତ୍ୟୁଂଜୟର ଲଗ୍ନେ ନିର୍ଜନ ଶମ୍ଭୁନ ପ୍ରାନ୍ତେ ଅସ ବର ବେଶେ,
ମୋହର ପରଣ--ବଧୂ କ୍ଳାନ୍ତ ହସ୍ତ ପ୍ରସାରଣ ବହୁପ୍ରେମାବେଶେ
ଧରିବ ତୁମର ବାହୁ, ତେବେ ତୁମେ ତାରେ ନାଥ ନେବ ମନ୍ତ୍ର ପଢ଼ି,
ରକ୍ତିମ ଅଧର ତାର ନିବିଡ଼ ଚୁମ୍ବନ ଦାନେ ପାଣ୍ଡୁ ଦେବ କରି ।

## ଶେଷ କବିତା

### ମୃତ୍ୟୁ

ଦୁଃଖ ଅନ୍ଧକାର ନିଶା ବାରେ ବାରେ
ଆସିଛି ଦୁଆରେ ମୋର;
ଦେଖିଛି ମୁଁ ଏକମାତ୍ର ଅସ୍ତ୍ର ତାର,
ବିକୃତ ଲଲାଟ କଷ୍ଟେ, ଧାସେ ଯେତେ ବକ୍ର ଭଙ୍ଗିମା
ଅନ୍ଧକାରେ ଛଳନାର ଭୂମିକା ସେ ତାଉ ।
ଭୟର ସେ ମୁଖା ତାର ଯେତେଥର କରିଛି ବିଶ୍ୱାସ,
ଅନର୍ଥ, ମୁଁ ପରାଜୟ ପାଇଛି ସେତିକି ।
ହିତା ନିତା ଏହି ଖେଳି, ଜୀବନର ମିଥ୍ୟା ଏ କୁହକ,
ଶିଶୁକାଳୁଁ ବିଜଡ଼ିତ ପଦେ ପଦେ ଏହି ବିଭୀଷିକା
ଦୁଃଖ ପରିହାସେ ଭରା,
ଭୟର ବିଚିତ୍ର ଚଳଛବି
ମୃତ୍ୟୁର ନିପୁଣ ଶିଳ୍ପ ବିକୀର୍ଣ୍ଣ ଅନ୍ଧାରେ ।

୩୦ ଜୁଲାଇ ୧୯୪୧

### ଶେଷ ଅଭିଳାଷ

—୦୦୦—

[କବି ଏହି ସଙ୍ଗୀତଟି ତାଙ୍କ ମୃତ୍ୟୁ ପରେ ଗୀତ ହେବା ପାଇଁ ରଚନା କରି ଯାଇଛନ୍ତି ।]

ସମ୍ମୁଖେ ଶାନ୍ତି ପାରାବାର
ଭସାଅ ତରଣୀ ହେ କର୍ଣ୍ଣଧାର ।
ହେବ ତମେ ଚିର ସାଥୀ
ନେଇ ନିଅ ନେଇ କୋଳ ପାତି
ଜଳର ଅସୀମ ପଥେ ଜଳୁଥିଲ ଧ୍ରୁବ ତାରା ।

---


## ଜ୍ୱର ଓ ପୀହା ପାଇଁ
ଲ
### ଅମୃତାଷ୍ଟକ କଷାୟ
ଓ
### କଲ୍ପଲତା (ବଟିକା)

ସର୍ବଶ୍ରେଷ୍ଠ ବୋଲି ବହୁ ପ୍ରଶଂସିତ । ଏହାର ମୂଲ୍ୟ ଅଳ୍ପ ଓ ନିଶ୍ଚିତ ଗୁଣକାରକ । ଓଡ଼ିଶାର ପ୍ରତ୍ୟେକ ସହର ଓ ଗ୍ରାମ-ମାନଙ୍କରେ ଖୋଜିଲେ ପାଇବେ । ଅନ୍ୟାନ୍ୟ ଔଷଧ ତୁଳନାରେ ଏହା ମହୋପକାରୀ । ଥରେ କେବଳ ବ୍ୟବହାର କରି ଦେଖନ୍ତୁ—

## ଆପଣଙ୍କର ଗୃହଚିକିତ୍ସକ କିଏ ?
## ମାତୃଶକ୍ତି

'ମା' ନଥାଇ ପିଲାଙ୍କ ଅବସ୍ଥା ଯାହା—ମାତୃଶକ୍ତି ପାଖରେ ନଥିବା ଗୃହସ୍ଥର ଅବସ୍ଥା ତାହାଠାରୁ ଶୋଚନୀୟ । 'ମା' କେବଳ ଶିଶୁକୁ ନିଜ ରକ୍ତ ବିନ୍ଦୁଟି ପର୍ଯ୍ୟନ୍ତ ଦେଇ ବଞ୍ଚାଇ ଥାଏ, କିନ୍ତୁ ମାତୃଶକ୍ତିର ବଡ଼, ସାନ, ବୁଢ଼ା, ବୁଢ଼ୀ ଭେଦ ନାହିଁ । ତେଣୁ ୧୫ବର୍ଷରୁ ଅଧିକ କାଳ ପ୍ରତ୍ୟେକ ଘରେ ସ୍ଥାନ ପାଇଛି । ଏହା ସର୍ବ ରୋଗ ନାଶକ । ଖାଇବା ଓ ମାଲିସ କରିବା ଉଭୟ କାର୍ଯ୍ୟରେ ଲାଗେ—ସ୍ୱାସ୍ଥ୍ୟସ୍ଥାପକ ଶକ୍ତି ସହ ଥାଏ । ମୂଲ୍ୟ—୮ • ୫

ସାମାନ୍ୟ ଶିକ୍ଷିତା ଗୃହିଣୀ ମାନେ କବିରାଜ ଓ ଡାକ୍ତର ମାନେକି ଚିକିତ୍ସା କରି ପାରିବେ ।

ଶାନ୍ତି ଔଷଧାଳୟ—ଡାକ୍ତର ଓ କବିରାଜ—ଶ୍ରୀ ବୃନ୍ଦାବନନାଥ ମିଶ୍ର M.L.A. ପୋ: ନେନ୍ଦୁପାଟଣା—କଟକ ।


Digitized by srujanika@gmail.com

# ସୁଧାର କଣିକା

ମୁକ୍ତିଦାତା ତୁମର କ୍ଷମା, ତୁମର ଦୟା
ହେବ ଚିର ପାଥେୟ ମୋ ଯାତ୍ରାର।
• ମର୍ତ୍ତ୍ୟ ଜୀବନ ହେଉ ଶେଷ ଯେପରେ [illegible],
ଦେଇଛି ବିଶ୍ୱ ତାଙ୍କୁ ମେଲି ନଅ ନଅ !
ଅନ୍ତରେ ଥାଉ ନିର୍ମ୍ମଳ ପରତ୍ମ ମହା ଅକଣାର।

—※—

## ସର୍ବ ଶେଷ ସଂଗୀତ
(୮୧ବର୍ଷ ଜନ୍ମ ଦିବସରେ ରଚିତ)

ହେ ନୂତନ !
ଦେଖା ଦେଉ ପୁଣିଥରେ ଜନମ ପ୍ରଥମ ଶୁଭକ୍ଷଣ
ତୁମର ପ୍ରକାଶ ହେଉ [illegible]
କରି ଉନ୍ମୋଚନ
[illegible] ସମାନ।
ରକ୍ତିମାରେ [illegible]
କରି ଉଦ୍‌ଘାଟନ
ବ୍ୟକ୍ତିହେଉ [illegible]—
ବ୍ୟକ୍ତି ହେଉ ତୁମର ଜିତେ [illegible]
[illegible] ବହ୍ନିମୟ,
ଉଦୟ [illegible]
ମୋ ଚିତ୍ତ ମନ୍ଦିରେ ଅଙ୍କ
ଡାକ ହେ ନୂତନର ଡାକ
ଦେଶି ଦେଶାନ୍ତ।

ପୁଣି ଗୋ ଯଦି ବହିବ ମୋତେ ଅପିବ ମୁହିଁ
ପେଇ
ସୁଖ ଦୁଃଖର ହେଉ ଖେଳା ଏ ସଂସାର ତୂଳ
ହେଉ।

ଜୀବନେ ଯେତେ ପୂଜା ନୁହାଉ ନହୋଇଛି,
ଜାଣେ ଗୋ ଜାଣେ ସେତ ଉନତ ଦାନ୍ଧ କହି।

ଅନାଗତ ଶତ ବର୍ଷ ପରେ !
ଏବେ ଯେ ବାଜୁଛି ଗୀତ ମୋ ହେଉଁ ନୂତନ
[illegible]
ତୁମ [illegible]।
ଅନ [illegible] ମୋର ଅନେକ [illegible]
ତାହା କରେ ଦେଲ ମୁଁ ହେଉ
ତୁମର ବସନ୍ତ ଦାନ ତୁମର ବସନ୍ତ ଘେନେ
ଧ୍ୱନିତ ହେଉ ହେ ଗଣ ପାଣି ;
[illegible] ମନ୍ଦିରେ ।
ଅନାଗତ [illegible] ବର୍ଷ ପରେ ।

ପଞ୍ଚଶୀଳ ସୌଧମାଳା । ଆପଣା ଅପମାନ,
[illegible] କଳ୍ପନା [illegible] ନିତ୍ୟ ପ୍ରତ୍ୟୁଷ
ମୁକ୍ତି କର ହେ,
ଆପଣା ଦେହରେ [illegible] ନିଜକୁ କର ଜୟ
ଦୁର୍ବ୍ବଳରେ [illegible] ଦୁର୍ଜନରେ ଯୁଦ୍ଧ,
ନିଜର ଧୀନ [illegible] ନଗର ପେଟେ ଲୁଟି,
• ମୁକ୍ତି କର ହେ,
ନିଜକୁ କର ଜୟ କେବେ ନଦେଖି ଫଳ !
ଧର୍ମ ପେଟେ [illegible] କରିବ ଅବାହନ,
ନୀରବ ଭୀରେ [illegible] ଉଦ୍ଧେ ପ୍ରାଣ ପଣ;
ମୁକ୍ତ କର ହେ
ଦୁରୂହ କାର୍ଯ୍ୟ ଦଣ୍ଡରେ ନିଜ କଠିଣ ପରିଚୟ !

ଛୁଟି ମୋହର ଅସାର ଲଡ଼ି ସବୁରି ଛୁଟି [illegible],
ଛବି କୋହିଏ ପଡ଼ୁଛି ମନେ ଛୁଟିର ମହା ଦେଶେ।

ଅବାଧ [illegible]
କୋଟିଏ ସୁର ଥାଏ,
[illegible] ଉଦ୍ଦାମ
[illegible] ଏକ ତାର। ×

ଅନେକ ଦିନ ଅନେକ ଦେଇ
ସ୍ୱର୍ଗ ଦେତେ ଗଢ଼ିବାପାଇଁ
ଭାଙ୍ଗିଲା ହେଲ ଦେବମନ୍ଦିର।

ମସ୍ତକ ମୋର ନତ କରିଦିଅ
( ତବ ) ଚରଣ ରେଣୁତଳେ,
ସକଳ ଅହଂକାର ଡୁବି ଯାଉ
ମୋର ଏ ନୟନ ଜଳେ ! ... ...

ତମେ ଯାହାକୁ ମନେ କରିଛ ତମ
ଘରର ନାହିଁ ଶେଷ,
ସେ ପାଇବା ନାହିଁ ବାନ୍ଧିବାକୁ ଦେହ
ଦେହ ଶୋଭ ଏହି ଦୁର୍ଗମ ?

କେତେ ଅଜଣାକେ ଜଣାଇଲ ତମେ
କେତେ ଘରେ ଦେଲ ଥାନ,
ଦୂରକୁ କରିଲ ନିକଟ ପରକୁ ଭାଇ
କରିଲ।
ପୁରୁଣା ଅବାସ ଛାଡ଼ିଗଲେ ଯେ,
ମନେ ମନେ ଭାବେଁ କ ହେବ ଭାଗ୍ୟ
ନୂତନ ଭିତରେ ପୁରାତନ ତମେ ସେଇ କଥା
ଯେ ଯାଏଁ ଭୁଲି।

ନୈମିତ୍ତିକ ସେବେ ସଜାଉ ଅଳ୍ପ ଅର୍ଥରେ
[illegible],
ମୋତେ କରି ଏକା ଦୁଃଖର ଯାତନା କରାଉ
ଯାଉଛ ଛାଡ଼ି।

ତୁମ୍ଭେ ଅନ୍ଧକ କରି ନାହିଁ,
ମୁକ୍ତିମୁକ୍ତି [illegible]
ଯନ୍ତ୍ରଣା [illegible] ମନ ସୁଖି ?

୭ ପୃଷ୍ଠା ଉତ୍ତାରୁ

ଥିଲ ଯେ, ଏହି ବିଶ୍ୱକୁ ଗ୍ରହଣ କରି, ଏହି ସଂସାରକୁ ବିଶ୍ୱାସ କରି ଏହି ପ୍ରତ୍ୟକ୍ଷକୁ ଶ୍ରଦ୍ଧା କରି ଅମ୍ଭେମାନେ ଯଥାର୍ଥ ଭାବରେ ଅନ୍ତରର ଉପଲବ୍ଧି କରିପାରିବୁ"।

ପରିଶ୍ରାନ୍ତ ବୟସରେ ଯେତେବେଳେ 'ମାନବୀ' ବାକ୍ୟ ଲେଖିଲ, ସେତେବେଳେ ଏହି ପରି ଦୂରରୁ ନୁହେଁ, ଅନ୍ତର୍ଦ୍ଦୃଷ୍ଟିରୁ ନିର୍ଦ୍ଦିଷ୍ଟ କଳ୍ପନାରୁ ପ୍ରତ୍ୟକ୍ଷ ଅନୁଭବରୁ ଧର୍ମକୁ ଉପଲବ୍ଧି କରିବାର କଥା କହିଛି—

ଭୁଞ୍ଜିଛି ମୁଁ ଧର୍ମ କାଏ ସ୍ନେହ ମାତା ରୂପେ,
ପୁତ୍ରରୂପେ ସେବୁଛି ଏ ପୁଣି; ଦାତା ରୂପେ
କାଏଦାନ, ଗ୍ରହୀତାରୂପେ କରେ ତା ଗ୍ରହଣ।

ବିଶ୍ୱଜଗତ ଯେତେବେଳେ ମାନବର ହୃଦୟ ମଧ୍ୟରେ ମାନବ ସ୍ୱଭାବରେ ବ୍ୟକ୍ତ ହୋଇ ଉଠେ, ସେତେବେଳେ ତାହା କେବଳମାତ୍ର ପ୍ରତିଧ୍ୱନି—ପ୍ରତିଚ୍ଛାୟା ପରି ଦେଖାଦେଲେ ବିଶେଷ ଲାଭ ନାହିଁ। ହୃଦୟର ଆନନ୍ଦ ଦ୍ୱାରା ଅମ୍ଭେ ଜଗତର ଯେଉଁ

ପରିଚୟ ପାଉଁ ତାହା ଜଗତ୍ ପରିଚୟର ସାମାନ୍ୟ ଏକାଂଶ ମାତ୍ର—ସେଇ ପରିଚୟକୁ ଅସୀମ ଭାବୁକ ମାନଙ୍କର, କବିମାନଙ୍କର, ମନ୍ତ୍ରଦ୍ରଷ୍ଟା ଋଷିମାନଙ୍କର ଚିତ୍ତ ମଧ୍ୟରେ କାଳେ କାଳେ ନବତର ରୂପେ, ଗଭୀରତର ରୂପେ ସମ୍ପୂର୍ଣ୍ଣ କରି ନେଉଛି"।

ଜଗତରେ ଯାହା ଅନିର୍ବଚନୀୟ, ତାହା କବିର ହୃଦୟ ଦ୍ୱାରରେ ବାରମ୍ବାର ଆଘାତ କରିଛି—ସେଇ ଅନିର୍ବଚନୀୟ ଯଦି କବିର କାବ୍ୟରେ ବଚନୀୟ କରିଥାଏ; ଜଗତ ମଧ୍ୟରେ ଯାହା ଅପରୂପ, ତାହା କବିର ମୁଖ ମଣ୍ଡଳକୁ ପ୍ରତ୍ୟକ୍ଷ ଅସି ସହିଛି, ସେଇ ଅପରୂପ ଯଦି କବିର କାବ୍ୟରେ ରୂପଲାଭ କରିଥାଏ ଯାହା ଅଶ୍ରୁତ ଭାବରୂପେ କର୍ଣ୍ଣରନ୍ଧ୍ରୁ ହୋଇ ଭୁଲିଥାଏ, ତାହା ଯଦି କବି କାବ୍ୟରେ ଧ୍ୱନି ପରିପୂର୍ଣ୍ଣ କରି ସମ୍ପୂର୍ଣ୍ଣତା ଲାଭ କରିଥାଏ ତେବେ କାବ୍ୟ ସଫଳ ଏବଂ ସେହି ସଫଳ କାବ୍ୟହିଁ [illegible] କବିର। ସେହି ଉଦ୍ଦେଶ୍ୟରେ ରବୀନ୍ଦ୍ରନାଥଙ୍କ [illegible] କାବ୍ୟ [illegible]ତୋ ଜଗତ ପାଇଁ ବିଶେଷ ଭିତରେ ଧରିବାକୁ ଚେଷ୍ଟା କରିବା ବିଡ଼ମ୍ବନା ମାତ୍ର।

ଦେଖନା ଯେପରି ବାହାରରୁ ମୋତେ ଥାଇ,
ଦେଖନା ବାହାରେ ଦେଖନାହିଁ ଦେଖନାହିଁ !
ବେଦନା ମୋହର ଖୋଜନାହିଁ ମୋର ବୁକେ,
ଦେଖି ନ ପାରିବ ମୋତେ କେବେହିଁ ମୋର ମୁଖେ।
ଖୋଜ ନାହିଁ ତହିଁ କବି ନାହିଁ ତହିଁ ନାହିଁରେ !
... ... ... ... ... ... ...
ତୁମ୍ଭେ ଯେ ଦୂର [illegible] ଗୋପନ ଶ୍ୱାସୀ,
ଦୁଃଖର [illegible] ମୋତେ ମୁଁ ନ ବୁଝିପାରି
ଆପଣା [illegible] ଆପଣେ ଯାଏଁ ମୁଁ ଭାସି,
ସେହି କବି ମୁଁ, ଅଛିତ ଧରିବ ବାହାରେ !
ମାନବ ଅବତାର [illegible] ଜନପଦର
ଭୂମିରେ ଲେଖିଥିଲ ପଞ୍ଚ ପ୍ରତି ଜନମପରେ।
ଅଛାଏ ଯାହାକୁ ପୁଞ୍ଜନଦାର ଜ୍ୱରେ,
ତାହାରି ଜୀବନଂଶେରେ ପାଇବ ତାହାରେ।

—:o:—

Digitized by srujanika@gmail.com



ରବିଠାକୁର ସ୍ମୃତିରେ । ସ୍ୱର୍ଗତ ଯେଉଁ-ମାନେ ନୋବେଲ ଦେଇଛ ଆମ ବନ୍ଧୁ ସଙ୍ଗରେ ଯେଉଁ କଥା ପଢ଼ିବ ମୋର ଠିକ ହୋଇଗଲା । କିନ୍ତୁ ଆଉ ନିଜେ ରବିଠାକୁରଙ୍କ ମରିବାବାଠୁଁ ବଳି ଅଛ ଏକ ଶୋକ ମାଡ଼ିବସିଲା । ଦେଶ ବାଧ୍ୟ ହୋଇ ଏବେ ଶୋକ ନା କରି ଶୋକଟା ବନ୍ଦ ପଡ଼-ଗଲା । କାରଣ ପରେ ପାଠ କେହି ଜଣେ ମରିବାର ବଦଳେ ଭିତରେ ଯଦି ବଡ଼ କେହି ଜଣେ ମରେ ତେବେ ସେ ବଡ଼ ମରିବା ଧନଠାରୁ ଦୁଇଜଣଙ୍କର ଅଣଦୂଅଥ ଧନ ଗଣାଯିବ । କିମ୍ବା ବଡ଼ ମରିବା ଭିତରେ ଧାନି କେହି ମଲେବି ସେଇ ବଡ଼ ମୃତ୍ୟୁରେ ଲୁଚିଯାଏ । ତେଣୁ ରବିଠାକୁରଙ୍କ ଶୋକପାଳନ ବା ଅଣଦୂଅଥ ପାଳନଟା ଏ ବଡ଼ ଶୋକ ଭିତରେ ଲୋପ ପଡ଼ିଲା । କାରଣ ରବିଠାକୁର ମାତ୍ର ଗୋଟିଏ ମୃତ୍ୟୁ । ସେ ପୁଣି ଦାଢ଼ିମନ୍ତ୍ର ମୃତ୍ୟୁ ଅତଏବ ମୂଲ୍ୟ ଧାର କମ୍ । କାରଣ ସେ ମୃତ୍ୟୁରେ ଇଣ୍ଡିଆ ପାଇଁ ଖରଚ ହୋଇନାହିଁ କିମ୍ବା ଯୋ ପାଉଡ଼ରରେ ଗଡ଼ିଚ ହୋଇନାହିଁ, ତାଛଡ଼ା ବଡ଼ ବଡ଼ ଲୋକେ କହୁଛନ୍ତି ଯେ ରବିଠାକୁର ଅମର ଭିତରେ ଅଛନ୍ତି । ସେ ଏଇ ଦିନ କମ୍ପିଯିବେ ତେଣୁ ତାଙ୍କ ପାଇଁ ବା ଶୋକ କଏ କାହିଁକି କରିବ । ତେବେ ଯଦି ମୃତ ବ୍ୟକ୍ତି କାହାର ଆଏ ସେ ରବିଠାକୁର ମରିବା ପରେ ଅମ ଭିତରେ କମ୍ପିବେ ଏବଂ ଭ୍ରାନ୍ତି ରହ୍ୟ ଥିବା କରି-ପାରେ । କିନ୍ତୁ ଅମର ବର୍ଣ୍ଣର ଯର ଦେଶରେ ସେ ମଲେ ସେ ଦେଶରେ ମୃତ ହୋଇ ଅଛିବାରୁ ଧ ତାଙ୍କର ମନ ହେବନାହିଁ ।

ଅମର ହୋଇଗଲେ ହେଲ ଆମ ବଙ୍ଗାଳୀ ବ୍ୟବ-ସାୟୀ ଗୃହ ଗଣଙ୍କ ନୈତିକ ମୃତ୍ୟୁ ପାଇଁ । ରବିଠାକୁରଙ୍କ ନେଇ ଯେଉଁମାନେ ଅଯଥା ଚିହ୍ନି ଚିଚି କରି ନାଚନ୍ତି ସେମାନେ କିଏ ଅଖି ଖୋଲି ଦେଖି-ବଲ ବୁଝିବେ ଯେ ରବିଠାକୁରଙ୍କ ଦୈହିକ ମୃତ୍ୟୁ ହୋଇଥିଲେ ମଧ୍ୟ ତାଙ୍କର ନୈତିକ ମୃତ୍ୟୁ ଅସମ୍ଭବ । କିନ୍ତୁ ଦୁଃଖର କଥା ଏହି ବଙ୍ଗାଳି ବ୍ୟବସାଦାର ଦୈହିକ କମ୍ପି ରହିଥିଲେ ବି ରବିଠାକୁରଙ୍କ ନୈତିକ ମୃତ୍ୟୁ ଘାଟରେ ତାଙ୍କର ନୈତିକ ଅନ୍ତ୍ୟେଷ୍ଟି ହେଲା । ତା ନ ହୋଇଥିଲେ ସ୍ୱଦେଶୀର ଦେବତା ରବିଠାକୁରଙ୍କ ମରଣଟାକୁ ବଙ୍ଗାଳି ବ୍ୟବସାୟୀମାନେ ଏପରି ନିର୍ଲଜ୍ଜ ଭାବରେ ବେପାରାଦାର ବା ସଉଦାଗିରି କରିପକାଇବାକୁ ଚାହିଁ ଥାଆନ୍ତା । ରବିଠାକୁରଙ୍କ ମଲା ପରଠୁଁ ଏଇ ବଙ୍ଗାଳି ବେପାରୀ ମାନେ ଅକ୍ଷର ବଡ଼ ବଡ଼ ଅକ୍ଷରରେ ଛପିବା ଫଳରେ— "ଲକ୍ଷରେ କରନ୍ତେ ଗୌରବ ଦାନ
ଲକ୍ଷରେ କରଲେ ଶୁଧ୍ୟ ଅପମାନ"
ହୋଇ ନ ଥାନ୍ତା ; ଏହି ନିର୍ଯାଧନଶ୍ଚ୍ୟୁର ମୂର୍ତ୍ତି ବାଙ୍ଗାଳି ବଙ୍ଗାଳି ବ୍ୟବସାୟୀମାନେ ନିଜ ନିଜ ପଣ୍ୟର ପ୍ରଚାର ପାଇଁ ରବିଠାକୁରଙ୍କ ଅମର ମୃତ୍ୟୁକୁ ନିଜ ବଶବର୍ତ୍ତି କରି ଠାକୁରଙ୍କ ନୈତିକ ବା ଆଧ୍ୟା-

## ବିଲୁଆ ବିଚାର

ତ୍ମିକ ଅବସ୍ଥା ଉପରେ ନିର୍ମମ ଆଘାତ କରିଛନ୍ତି, ଅନେକ ଅତ୍ୟାଚାର ଏବଂ କଦର୍ଯ୍ୟ ଅପମାନ କରିଛନ୍ତି । ଅତଏବ ବିଲୁଆ ଅଛି ଏପରି ବଙ୍ଗାଳି ଗୁରୁଙ୍କର ନୈତିକ ମୃତ୍ୟୁରେ ଗଭୀର ଶୋକ ପ୍ରକାଶ କରି ଭଗବାନଙ୍କ ଠାରେ ଏମାନଙ୍କ ନୈତିକ ଆତ୍ମାର ସଦ୍ଗତି କାମନା କରିବା ସଙ୍ଗେ ସଙ୍ଗେ ଏହା ମଧ୍ୟ ପ୍ରସ୍ତାବ କରୁଛନ୍ତି ଯେ ଏହାର ଏକଏକ କପି ନକଲ (୧) ବେଙ୍ଗଲ କେମିକେଲ୍, (୨) ଡାବା ଅମ୍ପୁଲେସ, (୩) ହିନ୍ଦୁସ୍ଥାନ କୋ-ଅପରେଟିଭ, (୪) ଏମ ଡି ସରକାର ପ୍ରମୁଖ ବଡ଼ ବଡ଼ ବଙ୍ଗାଳି କମ୍ପାନୀ ବା ବ୍ୟବସାୟୀ ମାନଙ୍କ ନିକଟକୁ ପଠାଇବା ପାଇଁ ବିଲୁଆ ସଭାର ସଭାପତିଙ୍କ ଉପରେ ଭାର ନ୍ୟସ୍ତ ରହିଲା ।

+ + +

ଏତିକିରେ ବିଲୁଆ ସଭାର ଶୋକ ସରିନାହିଁ । ବର୍ଣ୍ଣାଡ଼ଶ ବର୍ଷ ଅରମ୍ଭରୁ ହୋଇ ଏବେ ସ୍ଥାନେସ୍ଥାନେ ମରୁଛି ସମ୍ବାଦ ମିଳୁଛି । ସେଥିପାଇଁ ବୋଧହୁଏ ଏ ବିଲୁଆମାନଙ୍କ ଅଖିରୁ ଧାର ବହୁଛି । ଶୋକ ଉପରେ ଶୋକ ଛନ୍ଦି ହୋଇଯାଉଛି । ଦେଶର ଗୋଟିଏ ଗୋଟିଏ ବଡ଼ ଲୋକଙ୍କର ମରଣ ହେଉଛି । କାହାର ଦୈହିକ; କାହାର ଆର୍ଥିକ ପୁଣି କାହାର ନୈତିକ ବା ଆଧ୍ୟାତ୍ମିକ । ଏ ସମସ୍ତଙ୍କ ପାଖକୁ ଭିନ୍ନ ଭିନ୍ନ ଭାବରେ ଶୋକପ୍ରସ୍ତାବ ପଠାଇବା ସମ୍ଭବପର ନୁହେଁ । ତେଣୁ ବଡ଼ ବଡ଼ ଲୋକେ ଯାହା କରିଥାନ୍ତି ସେହି ଅଧମତାରଣ ପନ୍ଥା ଏହି ଖବର କାଗଜ ଦ୍ୱାରା ଥରେ ଜଣାଇ ଦେଉ ଏବଂ ଜୀତ ଅନୁରୋଧ ଏହିକି ପ୍ରାପକମାନେ ଏହି କାଗଜ ଲିଖିତ ଶୋକପ୍ରସ୍ତାବ ଜନିତ ମୃତି ମାର୍ଜନା କରିବା ହେବେ । ଇତି

+ + +

ଶ୍ରୀମାନ୍ ଶ୍ରୀଯୁକ୍ତ ଯଦୁମଣି, ଗୋଦାବରୀଶଙ୍କ ସଙ୍ଗେ ସଙ୍ଗେ ଶ୍ରୀଯୁକ୍ତ ନୀଳକଣ୍ଠ ପଣ୍ଡିତଙ୍କର ସେହିପ୍ରକାର କୌଣସି 'ଇବ'ର ଦୁର୍ନାମ ଘଟିଛି । ରବିଠାକୁରଙ୍କ ପରି ଦାଢ଼ି ଥିଲେ ମଧ୍ୟ ତାଙ୍କର ଦୈହିକ ହୋଇ ନାହିଁ ଏବଂ ଆମ୍ଭେମାନେ ଅନ୍ତରର ପ୍ରାର୍ଥନା କରୁଛୁଁ ଯେ ସେ ବହୁବର୍ଷ ଓଡ଼ିଶାରେ ରହି ସାହିତ୍ୟିକ ଜଗତରେ ଧ୍ରୁବ ପ୍ରତାପର ସହିତ ଜୀବିତ ରହନ୍ତୁ । କିନ୍ତୁ ପୁଣି ରାଜନୈତିକ ସଂସାରରେ ପ୍ରବେଶ କଲେ ଲେଖକଙ୍କ ବନ୍ଧୁ ଭୟ ହେବାର ଯଥେଷ୍ଟ ଭୟ ଅଛି ।

ଅବଶ୍ୟ ପଣ୍ଡିତଙ୍କ ଏହି ମୃତ୍ୟୁଟା ଆତ୍ମହତ୍ୟା କିମ୍ବା ନରହତ୍ୟା ଅଥବା କାମ୍ୟାଦ୍ୟାଗ, ବା ସମାଧି ତାହା ଓଡ଼ିଶାର ଅଉ ଜଣେ, ସ୍ୱୟଂ ପଣ୍ଡିତ ନ ହେଲେ ମଧ୍ୟ ପଣ୍ଡିତମନ୍ୟ ଅର୍ଥାତ୍ ଲୋକେ ଯାହାଙ୍କୁ ପଣ୍ଡିତ ବୋଲି ମାନ ଶ୍ରଦ୍ଧା କରୁଛନ୍ତି ସେଇ ଭଲକରି ଜାଣିଥିବେ । ପଣ୍ଡିତ ପ୍ରାଣକୃଷ୍ଣ ପ୍ରତିହାସ ଏତେ ବାଦାନୁବାଦ ତର୍କାନୁତର୍କ କରିଥିଲେ ମଧ୍ୟ ଏ ସମ୍ପକରେ ସାମାନ୍ୟ ମଧ୍ୟ ଆଲୋକପାତ କରିନାହାନ୍ତି । ସେଥିପାଇଁ ମଧ୍ୟ ଏକ ଶୋକପ୍ରସ୍ତାବର ପର୍ବ ଏଥିସହିତ ଭାବିଠାରୁ ଉଠାଇବ । ଯାହାହେବାର ଥ

Digitized by srujanika@gmail.com

ହେଲଣି—ଅମ୍ଭେମାନେ ପଣ୍ଡିତ ପ୍ରାଣକୃଷ୍ଣଙ୍କୁ ଅନୁରୋଧ କରୁଁ ଯେ ପଣ୍ଡିତ ନୀଳକଣ୍ଠଙ୍କର ଏହି ରାଜନୈତିକ ଅକାଳ ଦୁର୍ଘଟଣା ନିମନ୍ତେ ଗୋଟିଏ ସ୍ମୃତି ପାଣ୍ଠି ପ୍ରସ୍ତୁତ କରନ୍ତୁ। ଅମ୍ଭେମାନେ ପଛକେ ତା' ପ୍ରଚ୍ଛଦପଟରେ ତାଙ୍କର ଫୁଲ ମାଷ୍ଟର ତତ୍କାଳୀନ ପାଣ୍ଠିକ ମୂଲ୍ୟ ପାଇଁ ଏବଂ ସ୍ମୃତିରକ୍ଷା କମିଟି ହେବୁଁ।

\+ × ×

ଗଞ୍ଜାମର ଶ୍ରୀ ଦିବାକର ପଟ୍ଟନାଏକଙ୍କ ଏହି ମାତାମ୍ବର ଦମ୍ଭିକା ଧରିବା ସମ୍ବନ୍ଧରେ ଓଡ଼ିଶାବାସୀ ଜାଣନ୍ତି। ଅନେକଦିନ ହେବ ପ୍ରାଣ ପିଣ୍ଡକୁ ଛାଡ଼ ଛାଡ଼ ହେଉଥିବାର ଜାଣି ଅମ୍ଭେମାନେ ବଡ଼ ଚଞ୍ଚଳତା ଭାବରେ ତାଙ୍କର ଫଟୋ, ଜୀବନୀ ବାଣୀ ଇତ୍ୟାଦି ସଂଗ୍ରହ କରି ରଖିଛୁଁ। ଗଞ୍ଜାମ ଜିଲ୍ଲା ବୋର୍ଡ଼ର ପରମାୟୁ ଶେଷ ସଙ୍ଗେ ସଙ୍ଗେ ତାଙ୍କର ନାଡ଼ିର ଅବସ୍ଥା କ'ଣ ହେବ ସେଥିପାଇଁ ରାଜନୈତିକ ଡାକ୍ତର ସବୁବେଳେ ହସ୍ତ ଗ୍ରୀବରେ ରଖି ରହିଛନ୍ତି।

ଇତି ମଧ୍ୟରେ ଶ୍ରୀ ଦିବାକର ହେଉନ୍ତୁ ବା ତାଙ୍କର ଆଉ କେଉଁ ରୂପ ହେଉ କୁଠାରୁ ଦେଶ ଜୟପୁରରେ ଅବତୀର୍ଣ୍ଣ ବା ଉଦ୍ଭବ ବା ପ୍ରାଦୁର୍ଭାବ ହେବାର ଖବର ମିଳିଛି। ଶୁଣାଯାଏ ସେଠାରେ ସେ ନିର୍ବାଣୋନ୍ମୁଖ ଦୀପ ଶିଖା ଭଳି ବଡ଼ ଝୁଙ୍କେଣ ତେଜ ଉଠିଲେ। ଶିଥିଳ ବାମୁଡ଼ା ରୋଗୀ ସ୍ୱରଅଡ଼େ ଶିଥିଳ ଦେଖିଲାପରି ସେ କେମନ୍ତେ ବସୁନ୍ଧରା ଉଠନ୍ତୁ ଗାନ୍ଧି ଗାନ୍ଧି ହେଉଛନ୍ତି। ତାଙ୍କୁ ବର୍ତ୍ତ ଧନରୁ ଏଇ ଗାନ୍ଧି ଆତଙ୍କ ରୋଗ ଧରିଲାଣି। କିନ୍ତୁ ଏଥର ଅଶ୍ୱ ପ୍ରକାଶ ଅଭ କେବେ ହୋଇନାହିଁ। ବୋଧହୁଏ ଜିଲ୍ଲାବୋର୍ଡ଼ କାର୍ଯ୍ୟକାଳ ସରି ଆସୁଛି।

ଶୁଣାଯାଏ ଜୟପୁରରେ ଅମ ସର୍ବୋତ୍ତମ ସବୁଠାରେ ବିରାଜମାନ 'ଦେବତା ଶ୍ରୀ ଲକ୍ଷ୍ମୀନାରାୟଣ ସାକ୍ଷୀ ଯାଇଁ ସେଠି ଦିବାକରଙ୍କର କେତେ ବରଦ୍ଦଳେ। ତାଙ୍କ ସଙ୍ଗରେ ସ୍ଥାନୀୟ ଡାକ୍ତର ଜଣେ ମଧ୍ୟ ଥିବାର ସମ୍ବାଦ ମିଳିଛି। ଫଳ କ'ଣ ଫଳିଲା ତାହା ପରେ ଜଣାଯିବ।

\+ + +

କିନ୍ତୁ ମୁସ୍ଲିମଲିଗର ନେତା ଶ୍ରୀ ଜିନ୍ନାଙ୍କର ରାଜନୈତିକ, ଆର୍ଥିକ, ନୈତିକ, ଆଧ୍ୟାତ୍ମିକ କେବଳ ଦୈହିକ ଛଡ଼ା ସବୁ ଦିଗରୁ ବେଗ ହ୍ରାସହେବାର ସମ୍ବାଦ ମିଳୁଛି। ଏହା ଗଭୀର ପରିତାପର ବିଷୟ। ଶ୍ରୀ ଫଜଲୁଲ ହକ୍, ଶ୍ରୀ ନବାବ ଛତାରି ଶ୍ରୀ ସିକନ୍ଦର ହାୟାତ୍ ପ୍ରଭୃତି ବଡ଼ ବଡ଼ ଭାଇମାନେ ଅଣଲୀଗର ତାଙ୍କୁ ଏକା ଛାଡ଼ି ଗଲେ। ହାୟ୍ ହାୟ୍ ଏ କି ଦଶା ହେଲା। ଆଉ ରହିଲେ କ ହେବ କିଏ ଜାଣେ? ଏଣିକି ନିଜ ଗୋଡ଼କୁ ଗୁଡ଼ି, କେତେ ମଜବୁତ ଅଛି। ଦାଉ ମାରିବା ଯାହା ସବୁ ଦିନେ ସ୍ୱପ୍ନେ ନାହିଁ। ଏଣିକି ବୁଝିଲେ ଯେ—

ରାଜଦ୍ୱାରେ ଶ୍ମଶାନେଚ ଯସ୍ତିଷ୍ଠତି ସବାନ୍ଧବ:।
ଅଭ ଘରେ ଯା ଦେଖୁଛ ସା ବାନ୍ଧବା। ଅତଏବ

ରାଜଦ୍ୱାରେ ଓ ବର୍ତ୍ତମାନ ମରଣ କାଳରେ ଯେଉଁମାନେ ଛାଡ଼ିଗଲେ ସେମାନେ କଦାପି ବାନ୍ଧବ ନୁହନ୍ତି।

ଅମ୍ଭେମାନେ ଜିନ୍ନାଙ୍କର ଏ ଦୁର୍ଯ୍ୟୋଗରେ ଗଭୀର ଦୁଃଖ ପ୍ରକାଶ କରୁଛୁଁ। ସେତାର ଶିରେ କହୁଛୁଁ—

ଅଜାମ୍ ଜିନା—ଜିନ୍ଦାବାଦ୍ !!

× + ×

ଶୁଣାଯାଏ ଢେଙ୍କାନାଳ ରାଜାସାହେବଙ୍କର ମତିଗତି ଦେଖିବା ଦ୍ୱାରା ଡାକ୍ତରମାନେ ସନ୍ଦିହାନ ହେଉଛନ୍ତି। ତାଙ୍କ ରାଜଧାନୀରେ 'ଅଭ ସ୍ୱଳସର ରହିବନାହିଁ ବୋଲି ସେ ଏବେ କ'ଣ ଅଇନ କରୁଛନ୍ତି ଲୁଥରେ। ପ୍ରସ୍ତାବଟା ମନ୍ଦ ନୁହେଁ। ତେବେ ଏ ଦୁର୍ଘଟଣାର ନୈତିକ, ଦୌର୍ବଲ୍ୟ ଓ ... ନୈତିକ ବା ନୈତିକତାର ଦ୍ରୁତ ତାହା ଅମ୍ଭେମାନେ ପାଲ-ବୋଧ ଅଶ୍ରାନ୍ତ ଭାରାନ୍ତରେ ପ୍ରକାଶ କରିବାର ବାସନା ରଖିଁ।

× + ×

କଟକକୁ ଆଉ ଗୋଟିଏ ... ମିଳିଛି। କଟକ ମିଉନିସିପାଲିଟିର ... ମାନେ ... ପ୍ରସ୍ତାବ କରିଛନ୍ତି। ଅମ୍ଭେମାନେ ... ମୃତ୍ୟୁ ବୋଲି କହି ପାରିବା।

× ×

... ଏକ ... ସମ୍ବାଦ ମିଳିଛି। ଏହା ଉତ୍କଳ ସମ୍ବାଦ ଏବଂ ରୋମାବର୍ଷଣ ମୁକ୍ତ ଲଣ୍ଡନରୁ ଆସିଛି। ଶ୍ରୀଯୁକ୍ତ ଅମେରି ନାମ୍ନୀ ଜଣୈକ ବ୍ୟକ୍ତିଙ୍କର ଏ ଦୁର୍ଯ୍ୟୋଗ ବା ଦୁର୍ଯୋଗ ଘଟିଛି। ସେ ବାରମ୍ବାର ଗୋଟିଏ ଯୁକ୍ତି ଦେଖିବା ଦ୍ୱାରା ସେ ଯୁକ୍ତିର ଆଉ ପ୍ରାଣ ନାହିଁ ବୋଲି ସମସ୍ତେ ଜାଣିଲେଣି। ତଥାପି ଭାରତରେ ଲୋକେ ଏକ ନ ହେବା ଯାଏଁ ତାଙ୍କୁ ସ୍ୱାଧୀନତା ଦିଆଯିବ ନାହିଁ ବୋଲି କହିବାକୁ ଛାଡ଼ିବେ ନାହିଁ। ମଲା ଲୋକର ନାଡ଼ୀ ପ୍ରଶଂସାର ରଷ୍ଟ୍ର ନ ହେଲା ପରି ଅମେରିଙ୍କର ଏ ଯୁକ୍ତିଟାକୁ ବାରମ୍ବାର ପ୍ରଚାର କରିବାରେ ଇଂରେଜ ସରକାର କିଛି ଲଜ୍ଜା ମାତ୍ର ନାହିଁ। ଅମେରି ସାହେବ ବାସ୍ତବରେ ଯେତେ ... ଲୋକେ ଇଂରେଜ ସରକାରଙ୍କୁ ... ଦେଲେଣି।

—*—


## କୈରାତାଦିପାଚନ

ସମସ୍ତ ପ୍ରକାର ବିଷମ ମ୍ୟାଲେରିଆ ଜ୍ୱରର ପ୍ରଧାନ ଔଷଧ। ପ୍ଲୀହାଯକୃତ୍ ସଂଯୁକ୍ତ ଜ୍ୱରରେ ମଧ୍ୟ ହୋର ଆଶ୍ଚର୍ଯ୍ୟ ଦେଖା ଯାଇଥାଏ। ଏକାହ୍ନିକ, ଦ୍ୱାହ୍ନିକ, ତାହ୍ନିକ, ଚତୁର୍ଥିକ, ପାକ୍ଷୀକ ମ୍ୟାଲେରିଆ କୁଇନାଇନ ଅଟକିବା ଜ୍ୱର ପ୍ରଭୃତି ସମସ୍ତ ପ୍ରକାର ବିଷମ ଜ୍ୱର ଶିଂଶିଔଷଧ ବ୍ୟବହାର କଲେ ସମୂଳେ ଅରୋଗ୍ୟ ହୋଇଥାଏ। ଯଦି ବହୁଦିନ ଜ୍ୱର ଭୋଗ କରି ଶରୀର ରକ୍ତଶୂନ୍ୟ ହୋଇଥାଏ ତେବେ ଏହାକୁ କିଛିଦିନ ନିୟମିତ ସେବନ କଲେ ଅଗ୍ନିବୃଦ୍ଧି ହୋଇ ଶରୀରରେ ନୂତନ ରକ୍ତ ସଂଚାର କରିଥାଏ।

ମୂଲ୍ୟ—ଶିଂଶିକୁ ବାରଅଣା ମାତ୍ର। ୧୨ଟିକୁ ସାତଟଙ୍କା ମାତ୍ର। ଡାକଖର୍ଚ୍ଚ ସ୍ୱତନ୍ତ୍ର।

ପ୍ରାପ୍ତିସ୍ଥାନ—କବିରାଜ—ଶ୍ରୀଧରଗର୍ଗବଟୁ ଭିଷଗାଗ୍ରର୍ଯ୍ୟ। ଅୟୁରବେଦିକ୍ ଫାର୍ମେସୀ, ଭୁବନେଶ୍ୱର—ପୁରୀ।




## ନାଗବଚ୍ଛା ଦଳ

### ଉଦ୍ଦେଶ୍ୟ

୧ । ଉତ୍କଳର କଅଁଳ ପ୍ରାଣରେ ନବଜାଗରଣ ଆଣିବା, ଜାତିର ପରସ୍ପର ବଢ଼ାଇବା, ସେମାନଙ୍କ ଦେହ ଓ ସର୍ବାଙ୍ଗୀନ ଉତ୍କର୍ଷ ସାଧନ କରିବା ।

୨ । ଚିଠିର ମାଧ୍ୟମରେ ପତ୍ର ବିନିମୟ ଦ୍ୱାରା ତରୁଣମାନଙ୍କ ମଧ୍ୟରେ ପରସ୍ପର ଭାବର ଆଦାନ ପ୍ରଦାନ କରାଇବା ଓ ସେମାନଙ୍କ ମଧ୍ୟରେ ସ୍ନେହ ପ୍ରୀତି ଓ ସୌହାର୍ଦ୍ଦ୍ୟ ବଢ଼ାଇବା ।

୩ । ମାତୃଭାଷା ଓ ସାହିତ୍ୟ ପ୍ରତି କିଶୋର କିଶୋରୀଙ୍କ ଅନୁରାଗ ବଢ଼ାଇବା ।

୪ । ସତ୍ୟ ସେବା, ସାହସ ଓ ଅହିଂସା ସାଧନାରେ ସେମାନଙ୍କୁ ଉଦ୍‌ବୁଦ୍ଧ କରିବା ।

( ୧୮ ବର୍ଷରୁ ଊଣା ବାଳକ ବାଳିକାମାନଙ୍କ ପାଇଁ )

## ନାଗଶିଶୁ ରବୀନ୍ଦ୍ରନାଥ

ରବୀନ୍ଦ୍ରନାଥ ତୁମମାନଙ୍କ ପରି ଯେତେବେଳେ ଶିଶୁ ଥିଲେ, ସେତେବେଳେ କେମିତି ଥିଲେ ଓ କ'ଣ କରୁଥିଲେ, ଜାଣିବାପାଇଁ ତୁମର ମନ ଡାକୁଥିବ । ମୁଁ ଖାଲି ଏତିକି କହିବି—ରବୀନ୍ଦ୍ରନାଥ ପିଲାବେଳେ ପିଲା ଥିଲେ ।

ରବୀନ୍ଦ୍ରନାଥ ଖାଣ୍ଟି ନାଗ ଥିଲେ । ସତ୍ୟ ଅଉ ସେବାଭାବ ତାଙ୍କର ସବୁ ପିଲାଳିଆମିରେ ଫୁଟି ଉଠୁଥିଲା । ସ୍ୱାଧୀନ ଭାବ ନେଇ ବାଟ ଚାଲୁଥିଲେ—ନିଶ୍ୱାସ ମାରୁଥିଲେ । ରବୀନ୍ଦ୍ରନାଥଙ୍କର ନିଜତ୍ୱ ଥିଲା । ବାପମା ଗୁରୁଜନ ଯାହା କରିଯାଇଛନ୍ତି ବା କରିଯାଉଛନ୍ତି ସେଇଟା ଯେ ଏକା ଠିକ୍ ଅଉ ସବୁ ଅଠିକ୍, ଏକଥା ରବୀନ୍ଦ୍ରନାଥ ମାନିପାରୁ ନ ଥିଲେ । ଏଇଟାଇ ପ୍ରକୃତ ସତ୍ୟ । ମଣିଷ ତ' ମତକୁ ପିଲାଙ୍କୁ ମୁକ୍ତ ରଖିବା ହେଉଛି ପ୍ରକୃତ ଶିକ୍ଷା । ଖାଲି ହିନ୍ଦୁକୁଳରେ ଜନ୍ମ ହେଲା ବୋଲି ଜଣେ ହିନ୍ଦୁ ବା ମୁସଲମାନ କୁଳରେ ଜନ୍ମ ହେଲାବୋଲି ଯେ ଜଣେ ମୁସଲମାନ ଏକଥା ଯେ ଭାବେ ସେ ନିଜକୁ ସୁନ୍ଦରେ ଭସାଇ ନେଇ ପାରେ କିନ୍ତୁ ନିଜେ ସୁଅ ମୁହଁରେ ପହଁରି ପାରେନାହିଁ । ମନକୁ ଖୋଲା ରଖି ସବୁ କଥାକୁ ସମାନ ଭାବରେ ବିବେଚନା କରି ଦେଖି ନିଜର କର୍ତ୍ତବ୍ୟ ଯାହା ଉଚିତ ମନେହେବ ସେଇଟା କରିବା ଏକା ଧର୍ମ ।

ରବୀନ୍ଦ୍ରନାଥ ସ୍କୁଲ କଲେଜରେ ପାଠ ପଢ଼ି ନ ଥିଲେ । କାରଣ ଆଧୁନିକ ଶିକ୍ଷା ପ୍ରଣାଳୀ ମଣିଷକୁ ଗୋଟାଏ ଦାସ ତିଆରି କଲ ଭଳିଆରେ ପୂର୍ଣି ସମସ୍ତଙ୍କୁ ଗୋଟାଏ ଛାଞ୍ଚରେ ତିଆରି କରିଆଣେ । ରବୀନ୍ଦ୍ରନାଥ ଦେଖିଲେ ଯେ ତାଙ୍କର ଆନନ୍ଦ ଉପଲବ୍ଧ, ତାଙ୍କର ସତ୍ୟ ସନ୍ଧାନର ଆକାଂକ୍ଷା ଧରାବନ୍ଧା ଶିକ୍ଷାଗଡ଼ରେ ପଡ଼ି ମରିଯାଉଛି । ସେ ସ୍କୁଲ ଶିକ୍ଷା ପ୍ରଣାଳୀ ଛାଡ଼ିଲେ—କିନ୍ତୁ ଶିକ୍ଷା ଛାଡ଼ି ନ ଥିଲେ । ତାପରେ ତାଙ୍କର ଯଥାର୍ଥ ଶିକ୍ଷା ହୋଇଥିଲା ।

ପିଲାଦିନରୁ ରବୀନ୍ଦ୍ରଙ୍କର ପ୍ରଖର ଅନୁଭବ ଶକ୍ତି ଥିଲା । ସେ ବର୍ଣ୍ଣ ପରିଚୟ ପ୍ରଥମ ପରିଚ୍ଛେଦ ପଢ଼ିଲାବେଳେ ତାଙ୍କ ପ୍ରାଣ ଆନନ୍ଦରେ ନାଚିଉଠିଥିଲା । 'ବରଷା ଝରେ, ପତର ନଡ଼େ' ପଢ଼ିଲାକ୍ଷଣି ତାଙ୍କ ଆଖିଆଗରେ ସତରେ ବରଷା ଝରୁଥିଲା—ପତର ଖସି ପଡ଼ୁଥିଲା । ବିଚକ୍ଷଣ କଳ୍ପନା ଶକ୍ତି ଥିଲା ତାଙ୍କର । ସେଥିପାଇଁ ସେ ବଡ଼ ହୋଇ ଏତେ ସୁନ୍ଦର ସାମଗ୍ରୀ ସୃଷ୍ଟି କରିଯାଇଛନ୍ତି ।

ରବୀନ୍ଦ୍ରନାଥ ପିଲାଦିନରୁ ପ୍ରକୃତିର ସୌନ୍ଦର୍ଯ୍ୟରେ ମୁଗ୍ଧ ହୋଇ ଯାଉଥିଲେ । ଏହାହିଁ ତାଙ୍କ ନିର୍ମଳ ଚରିତ୍ରର ଲକ୍ଷଣ । ତାଙ୍କର ସୁନ୍ଦର ବଗିଚାଟିଏ ଥାଏ । ସେ ତାକୁ ପବିତ୍ରଭାବରେ ମନେ କରୁଥିଲେ । ନଡ଼ିଆଗଛର ପତର ଭିତରେ ସକାଳର ନେଳି ରଙ୍ଗିନ୍ କିରଣଟାସ ଦେଖିବା ପାଇଁ ସେ ବଡ଼ ଭୋରୁ ଉଠି ସେଇ ବଗିଚାକୁ ପଳେଇ ଯାଉଥିଲେ । କୌଣସି ଦିନ ବାଦ୍ ଯାଉ ନ ଥିଲା । ସେ ଲେଖିଛନ୍ତି—'ସେ ଦୃଶ୍ୟ ମୋ ପକ୍ଷରେ ସୁନା ରୁପା ଠାରୁ ବି ଆହୁରି ମୂଲ୍ୟବାନ ଥିଲା ବୋଲି ଗୋଟିଏ ସକାଳ ଯେପରି ବାଦ୍ ନ ପଡ଼େ ସେଥିପାଇଁ ବ୍ୟସ୍ତ ହେଉଥିଲି ।' ପ୍ରକୃତିର ଏ ନିର୍ମଳ ଆଉ ନିସର୍ଗ ଆନନ୍ଦରେ ଯେ ନିଜକୁ ଭୁଲାଇ ପାରେ ତାର ଚରିତ୍ର କେତେ ନିର୍ମଳ ତମେ ତାହା ବୁଝୁଥିବ ।

ରବୀନ୍ଦ୍ର ବଡ଼ ଦୟାଳୁ ଥିଲେ ବୋଲି ସେ ନିଜେ ଲେଖି ଯାଇଛନ୍ତି । ମନୁଷ୍ୟ ପ୍ରତି ଯଥୋଚିତ ବ୍ୟବହାର କରିବା ପାଇଁ ସେ ଭୁଲି ନ ଥିଲେ ଜୀବନରେ ।

ତମେ ରବୀନ୍ଦ୍ରଙ୍କ ପରି ଦୟାଳୁ ହୁଅ । ପ୍ରକୃତିର ନିର୍ମଳ ସୌନ୍ଦର୍ଯ୍ୟରୁ ଆନନ୍ଦ ପାଅ, ରବୀନ୍ଦ୍ରଙ୍କ ପରି ମୁକ୍ତ ହୁଅ, ନିର୍ଭୀକ ହୁଅ ଏତିକି ମୋର କାମନା ।

ତୁମର
ଅଜା

---


## ଓଡ଼ିଶା କମର୍ସିଏଲ କଲେଜ
ଶେଖ୍‌ବଜାର, କଟକ ।

ସର୍ଟହାଣ୍ଡ, ଟାଇପ୍‌ରାଇଟିଂ, ଟେଲିଗ୍ରାଫି, ବୁକ୍‌କିପିଂ ଶିକ୍ଷା ।

ପି, ଏନ, ମହାନ୍ତି—ପ୍ରିନ୍ସିପାଲ୍ ।




Digitized by srujanika@gmail.com




ସହଜରେ ଗୋଟାଏ ବଡ଼ ମନ୍ତ୍ରିତ୍ୱ ହୋଇଯିବ ବୋଲି ଲୋକଙ୍କର ଅଧାଅଧିରୁ ପାଠପଢ଼ା ଇସ୍ତଫା ଦେଇ ହୋଇପଡ଼ିଲି କଂଗ୍ରେସ କର୍ମୀ । ମାତ୍ର ମୋର ଏତେ ତ୍ୟାଗ, ସତ୍ୟ ଓ ସେବାର କୌଣସି ମୂଲ୍ୟ ନଦେଇ ସେତେବେଳେ ଡେଙ୍ଗଡ଼ଙ୍ଗମାନେ ସବୁ ବଡ଼ ବଡ଼ ପଦଭାଗ୍ୟ, ଦେଶକାର୍ଯ୍ୟ ପଦମାନ ଅଟେ ଅଟେ ମାଡ଼ି ବସିଲେ, ଆମ ଭାଗ୍ୟକୁ ଜଣାଜଣାରଣୀ ବାଛିବାର ସେପରି ଅଫିସର ବା ଲୋକାଲବୋର୍ଡ଼ର ମେମ୍ବର ସରକାର କାମ ଖଣ୍ଡିଏ ମିଳିଲା ନାହିଁ,—ମୁଁ ନିହାତି ହତାଶ ହୋଇ ପଳେଇ ଗଲି କଲିକତା । 'ଗ୍ରାମ ସଂଗଠନ' ରେ ମଧ୍ୟ ମଜା ନଥିଲା । ଗ୍ରାମବାସୀମାନେ ଲୋକ ଗୁଡ଼ାକ ଗୁଡ଼ା ଦବାକୁ ବି ନାରାଜ ହୋଇ ପଡ଼ିଥିଲେ ।

**ମଜାକଥା**

## ଗ୍ରେରର ସୌଜନ୍ୟ

ଲେଖକ—ଶ୍ରୀ ନି: ମ:।

କଲିକତା ଯିବାର ମହତ୍ ଉଦ୍ଦେଶ୍ୟ ହେଉଛି, ଅନ୍ୟ ଦେଶକୁ ଟାଣିଅଣି, ସମସ୍ୟା ଭଳି ମୋର ଅଭିଯୋଗଟାଏ ବି ଥିଲା । ସେଠା ଦେଶର ଧନ ନିଜ ସ୍ୱଦେଶର ବେପାର କରିବା।

ଯାହାହେଉ କଲିକତା ଗଲି । କଲିକତା ଲକ୍ଷ୍ମୀ ସହର । ଓଡ଼ିଆଙ୍କର ଦାନାଘର । ମୋତେ କଣ ଦାନା ଗଣ୍ଡିଏ ମିଳିବ ନାହିଁ !

ଅନେକ ଦିନ ବୁଲିଲି । ମନେ କରିଥିଲି କେଉଁଠି ଦେଖିଲା ମାତ୍ରେ ସତ୍ୟ, ଧର୍ମ ଓ ନ୍ୟାୟର ଅବତାର ବା ତାଙ୍କ ପାଖ ଆଣିଆ ଜାଣି ଲୋକେ ଫୁଲ ଚନ୍ଦନ ଦେଇ ଲେଉଟି ନେବେ । ମାତ୍ର ଏ କି ବିଡ଼ମ୍ବନା ! ଯେଉଁଠିକି ଗଲି ସେ ଦେଖିଲାକ୍ଷଣି ନଜର ଫେରେଇଲା । ଏତେ ବଡ଼ କଲିକତା ଉପରେ ମୋର ଯେଉଁ ଉଚ୍ଚ ଧାରଣା ଥିଲା ତାହା ଉଭେଇ ଗଲା କୁଆଡ଼େ ।

ଆମ ଓଡ଼ିଶା ପରି ଏଠା ଲୋକେ ଉଜ୍ଜ୍ୱଳ ନୁହନ୍ତି : ଦେଶପ୍ରେମିକଙ୍କ ପାଖ ପଶି ନାହାନ୍ତି । ଓଡ଼ିଆ ରାଜନୈତିକ ଭାବ ଧାରର ଆଭାସ ପାଇ ନାହାନ୍ତି । ସତରେ, ସେଇଥି ପାଇଁ ବଙ୍ଗଳାର ଅବନତି ଏତେ ପଡ଼ି ଯାଇଛି ।

ଅନେକ ବୁଲି ବୁଲି ଗୋଟାଏ ସ୍ୱଦେଶୀ ମାଲ ଦୋକାନ ଦେଖିଲି । ମୋ ଜଦେଶ ପିନ୍ଧାର କପଡ଼ା ଏଇଠି ମିଳିଲା । ବିଶେଷତଃ ମୁଁ ବଙ୍ଗାଳୀ ନୁହେଁ ଜାଣିବାରୁ ତହିଁର ମେନେଜର ମୋତେ ରଖିବା ପାଇଁ ମଙ୍ଗିଲେ । ଦରମା କୋଡ଼ିଏ ଟଙ୍କା—କାମ ଦେଖିଲେ ଦେଣିକି ବଢ଼ିବ ।

କାମ ଦେଖାଇଲି । ସେଥିକୁ ଲଗିଲେ ଯେପରି କରିବା ଉଚିତ, ତହିଁରୁ କମ କରୁ ନଥିଲି ତିଳେ । କଂଗ୍ରେସ କାମ କରି ଯେଉଁ ଫୋପଫାଙ୍କିଆ ଅଭ୍ୟାସ ହୋଇ ଯାଇଥିଲା, ସେଠି ମୁକ୍ତହସ୍ତ ଘଣାରେ ପଡ଼ି ତାହା ଛାଡ଼ିଗଲା । ମୋର ନାମ ହୋଇଗଲା ପରିଶ୍ରମୀ ଓ କର୍ମଯୋଗୀ ବୋଲି । ଆମ ଓଡ଼ିଆ ଜାତିର ଗୌରବର କଥା ।

ଜୁଲାଇ ମାସ । ଅଫିସର କର୍ମୀମାନେ ମୋ ଉପରେ ଖୁସି ହୋଇ ଦରମା ବଢ଼ାଇ ଦେବେ । ଆଉ ପଚିଶ ଟଙ୍କା ପୁରସ୍କାର ଦେବେ ବୋଲି ହୁକୁମ ଦେଲେ । ପହିଲି ଦିନ ମନଟା କରି ଖୁସି । ଆଉ କେତେ ସୁଖ ପାଇବି ଏକକାଳୀନ ପାଇବି ।

ସେଦିନ ନଗଦ ଟଙ୍କା ମିଳିଗଲା ଧ୍ରୁପ୍ତ ଏପ୍ରିଲ ସରିଦ । ନଜର ପଡ଼ିଲା ଟେଙ୍କି ରେଭଗାର କରିବାର ଯେ କି ଆନନ୍ଦ, ତାହା ଗୋବାଜିଆ, ମାଟି ଖିଆ କେବେ ବୁଝିପାରିବେ ନାହିଁ । ମୁଁ ନିଜେ କାମକରି ଅରଜିଛି । ମୋର ନଜର ଖାଲିବୁଦ୍ଧା କରନ୍ତି !

ନେତାନର ବୁଝିଲେ । କଲିକତା ଆସିବା ଦିନରୁ ଦିନେ ଦେଖେଲ ବୁଲିଯାଇ ନାହିଁ କରିଛି । ମଜାର, ଫୁର୍ତ୍ତି ପାଉ ପରିନାହିଁ । ଟଙ୍କା ପାଇ ହୃଦୟର ସବୁ ରୁଦ୍ଧ ଭାବନା ସୁଡ଼ାକ ଏକାବେଳେକେ ଉଛୁଳି ଉଠିଲେ ।

ସବୁ କହି ପଠାଇ ଦେଲେ ଜଳ ଫୁଟନ୍ତା । କରି ଦେଉ ଖୁସି ହୁଅନ୍ତା ଅସ । ପୁଅ ମୋର ରୋଜଗାର କଲାଣି ! ଲକ୍ଷଣାଙ୍କ ପାଇଁ ଫଟେଣ୍ଟ ଶାଢ଼ୀ—ହଁ ପାର୍ଶ୍ୱଲରେ ଯିବ ଯେ । କେତେ ଆଉ ରହିବ ପଡ଼ିବ । ଟଙ୍କା ଦଶଟା ମଧ ଅର୍ଡ଼ରରେ ବସିଦେଲେ ଚଳିବ ନା—ପଚିଶ ଟଙ୍କା ଦେବି । କେଉଁ ଖୁସି ହବ ସେ । ମୋଇତ ପୁଣି ନେସ୍ ଅଛି । ଅଉ ଲଗା ପଡ଼ାବ । ଗଟେଣ୍ଡ ସିକିଲ ପଡ଼ାବ ଉପରେ ଅନେକ ଦିନରୁ ମନ ଅଛି । ସବୁଟାଏବର କରିବାରି । ହଁ, ଅସେ ସହଟା କଣା ଯାଉ ।—ହଁ, ଅଗ୍ନି କରିବି ? ଏଇତ ପ୍ରାୟ ସବୁ ସ୍ୱଲଗଲା । କାଳି-ସାଟରେ କଣ ଲେଖରାଗ କେମିତି ହବ ? ୪ଏଟର ସିନେମା, ଏ ଗଇଟେ ତ ଅଛି । ଅସିଲା ଦିନୁ ଦେଖା ହୋଇ ନାହିଁ । ତା ପରେ କଷ୍ଟିରେଣ୍ଟରେ, ବେଲୁର—ହେଭ୍—ଅଣ୍ଡିତ କରିଁ । ଅଭିରତ ଅତେ ରେଷ୍ଟୁରାରେ ଖାଇବି ବୋଲି ଅନେକ ଦିନରୁ...... ...

ଏହିପରି କେତେ କଥା ଭାବୁଛି । ହଠାତ୍ ଆସିଲା ବର୍ଷା । କଲିକତାଟାରେ ଏଇମିତି ବର୍ଷା ଅସେ । କୁଆଡ଼େ କଣ ନଥାଏ—ଘଡ଼ ଘଡ଼ କରି ବୁଡ଼ାଏ ବାଜି ଦେଇ ଯାଏ । ମୁଁ ଧାଇଁ ଯାଇ ଗୋଟାଏ ଟ୍ରାମ୍କୁ ଉଠିଗଲି । ଦୋକାନ କହିଲା ବାବୁ ବର୍ଷା! ଧନଟାରେ ଛତା ନନେଇ ବାହାରିଛନ୍ତି କେମିତି !

ନେଅନ୍ତୁ ଗୋଟିଏ ଛତା । କଳ ଛତାଅଛି, ଦେବଗୋଟିଏ? ଦେଖନ୍ତୁନା ।

ମୋ ଉତ୍ତରର ଅପେକ୍ଷା ନରଖି ଦୋକାନୀ ଭିତରୁ ନୂଆ ଗୋଟିଏ ଛତା ଆଣି ଦେଖାଇଲା । ତା ଭିତରୁ ଆଉ ଗୋଟିଏ ବାଛି ତାର ତାରିଫ୍ ବଖାଣି ଗଲା । ମୁଁ ଚାଯ୍ୟହୋଇ ଦାମ ପଚାରିଲି । ସେ କହିଲା ମୋତେ ଦୁଇଟା ଟଙ୍କା ବାବୁ—ଖୁବ୍ ଶସ୍ତା । ଏ ଦାମରେ କୋଉଠିରେ ଆପଣ ଏମିତି ପାଇବେ ନାହିଁ କେଉଁଠି ।

ମୁଁ ଟିକିଏ ଇତସ୍ତତ କରୁଛି ଦେଖି ଦୋକାନୀ ଟିକିଏ ମଧୁର ହସ ହସି କହିଲା, "ଆପଣ ବର୍ତ୍ତମାନ ଷ୍ଟ୍ରୀ-ବହନ୍ତୁ. ଆଉ ମୋର ଅନୁରୋଧ । ସେଇଥି ପାଇଁ ଆପଣଙ୍କୁ ଆଉ ସୁବିଧା ଛାଡ଼ିଦେଲି । ଆପଣ ମୋର କଣା ଦାମରେ ନେଇ ନଅନ୍ତୁ ।"

ମୁଁ ଛତା ଖଣ୍ଡିକ ନେଇ ଦୁଇଟି ଟଙ୍କା ଦେଲି । ସେ ସୁବିଧା ପଇସା ମୋତେ ଫେରାଇ ଦେଲା । ତାକୁ ଧନ୍ୟବାଦ ଦେଇ ମୁଁ ଛତା ଖୋଲି ବାହାରି ପଡ଼ିଲି । ଦୋକାନୀ,—"ବହୁତ ଜୋର ପାଣିଟା—ଟିକିଏ ଅପେକ୍ଷା କରନ୍ତୁ ନା—ଟିକିଏ କମିଯାଉ ।"

ମୋର କି ଆଉ ଅପେକ୍ଷା ସହେ । ମନ ସେତେବେଳେ ଟେବିଲ ଟିକେ ଟିପ୍ ଦେଉଛି । ଓଃ କେତେ କାମ ନେଇ । ଅବଶ୍ୟ କର୍ମଟା କରିବ ସେଇଟାର କିଛି କରି ପାରୁ ନାହିଁ ।

ମୁଁ କହିଲି, ନା ଚାଲିଯିବି—କାମ ଅଛି । ଦୋକାନୀ ଆଉ କିଛି କହିଲା ନାହିଁ । ଟିକିଏ ହସିଦେଲା ।

ମୁଁ ଚାଲିଲି । ପାଣିଛିଟାମାନେ ଛତାରୁ ତଳ ଆଡ଼କୁ ଲୁଗା ପଟା ସବୁ ଭିଜି ଯାଉଥାଏ । କିଛିଦୂର ଯାଇ ଦେଖିଲି ଗୋଟାଏ ଟେଲିଗ୍ରାଫ ପିଲ୍ଲାରରେ ଅଦଭୁତ ପରିହିତା ଯୁବତୀଟିଏ ଠିଆ ହୋଇ ରହିଛି । ପାଣିଛିଟାରେ ତାର ଲୁଗା ଅନେକ ଭିଜିଗଲାଣି । ଚେହେରାଟା ଦେଖି ଜଣା ପଡ଼ିଲା ସେ ବଡ଼ ବିବ୍ରତ ଓ ବିପନ୍ନ ଅନୁଭବ କରୁଛନ୍ତି ।

ମୋର ବଡ଼ ମାୟା ହେଲା । କିନ୍ତୁ ମୋର ଅବସ୍ଥା ଏଇହିଁର । ମୋ ଛତାରେ କାହାର ପଡ଼ିବ ଏ କଥା । ଦୋକାନଟା ପାଖରେ ଆଉଥରେ ଗୋଟିଏ ଛତା ହେଲେ କିଣି ଦିଅନ୍ତି ।

ମୁଁ ଛିଡ଼ା ହୋଇ ଯାଇ କହିଲି—"ଆପଣ ଛତା ଅଭାବରୁ ବୋଧ ହୁଏ ଯାଇ ପାରୁ ନାହାନ୍ତି ।"

ସେ କହିଲେ—"ଠିକ୍ କହିଛନ୍ତି ମହାଶୟ—କଣ କରିବି କିଛି ବୁଝି ପାରୁ ନାହିଁ । କେତେଟା ଛଡ଼ା ଟ୍ରେନ୍ଟା ଅପେକ୍ଷା କରିବାକୁ ହେବ ଦେଖୁଛି ଏଇଠି ।"

"ମାଧ ବର୍ଷାତ ଛାଡ଼ିଲା ପରେ ଦେଖା ଯାଉ ନାହିଁ । ସନ୍ଧ୍ୟାତ ଆସିଲା ପରା ।"

ଉପରକୁ ଚାହିଁ ଦେଇ ସେ କହିଲା, "ହଁ, ସତେ—ମୁଁ କଣ କରିବ ।"

ତାର ସ୍ୱରରେ କାତରତା କମାଟ ହୋଇ କରି ଉଠୁଥିଲା ।

ମୁଁ କହିଲି—"ମୋ ଛତାଟା ନେବାକୁ ଆପଣଙ୍କର ଆପତ୍ତି ଅଛି ?"

"ଆଉ ଆପଣ ?"

"ମୁଁ ? ମୁଁ—ମୁଁ—ଏମିତି ଚାଲିଯିବି ।"

ମନେ ମନେ ଭାରି ବାହାଦୁରି ଆସୁଥାଏ ମୋର, ଏ chivalry ଟା କରିଦେଇ । ସେ କହିଲା, "ଆପଣଙ୍କ ସୌଜନ୍ୟକୁ ଶତ ଧନ୍ୟବାଦ; କିନ୍ତୁ ଆପଣଙ୍କ୍ ଏତେ ବର୍ଷାରେ ଭିଜି—ତା ପରେ ଆପଣଙ୍କର ଶରୀର ଅସୁସ୍ଥ ହୋଇ ପାରେ ।"

ଏଥିରେ କଣ ଉତ୍ତର ଦେବି ଭାବୁଛି ସେ ପୁଣି କହିଲା,—"ଆଚ୍ଛା ଗୋଟାଏ ଛତାରେ ଆମେ, ଦୁଇଜଣ ଯାଇ ପାରିବା ନାହିଁ ? ଛତାଟାତ ବେଶ ବଡ଼ ଅଛି । ମୁଁ କହିଲି,—"ତା ହୋଇପାରେ—ମାତ୍ର ମାତ୍ର……"

"ଓଃ, ସେଥିପାଇଁ ଆପତ୍ତି କଣ ? ଆପଣଙ୍କର ଯଦି ଆପତ୍ତି ନଥାଏ, ମୁଁ ରାଜି ଅଛି ।"

ଏହା କହି ସେ ମୋ ଛତାତଳକୁ ଚାଲି ଆସିଲା । ମୋର ବା ଏଥିରେ ଆପତ୍ତି କରିବାର କଣ ଅଛି ! ବରଂ……

ଏକା ଛତା ତଳେ ଲଗା ଲଗି ହୋଇ ଚାଲିଲୁ । ଲକ୍ଷ୍ୟ ଗଳି, ତସ୍ୟ ଗଳି, ତୁରିଙ୍ଗ, ଉପଗଳି ଏହିପରି କେତେ କଣ ପାରି ହୋଇ ଗୋଟାଏ ଘର ଦୁଆରେ ପହଞ୍ଚିଲୁ ।

ଯୁବତୀ ଦରଜା କଡ଼ା ଝଣ ଝଣ କଲା । ଭିତରୁ ଜଣେ ଭଦ୍ରଲୋକ କବାଟ ଫିଟାଇ ଦେଲେ ।

"ବେଣୁ ! ମୁଁ ମନା କରୁଛି, ଛତା ନନେଇ ଯାଅନା ବୋଲି—ମୋ କଥା କାହିଁକି ଶୁଣିବ । ଅଚ୍ଛା ହୋଇଛି ।" ସେ ଭଦ୍ରଲୋକ ଆଦର ମିଶା ତିରସ୍କାର ସ୍ୱରରେ କହିଲେ ।

"ମୁଁ କଣ ଜାଣିଛି ଯେ—"

"ଆରେ, ଆସିଲ କେମିତ ମ ? ଓଃ, ଏଇ ଭଦ୍ରଲୋକଙ୍କ ବୋଧ ହୁଏ ସାହାଯ୍ୟ କଲେ ?"

"ହଁ—ଏ ବଡ଼ ମହାଶୟ ବ୍ୟକ୍ତି । ସେ ଦୟା କରି ନଥିଲେ ମୋର ଅବସ୍ଥା ଯେ କଣ ହୋଇଥାନ୍ତା ।"

"ନମସ୍କାର ମହାଶୟ, ଆପଣଙ୍କୁ ମୋର ଅଶେଷ ଧନ୍ୟବାଦ । ବେଣୁ ପାଇଁ ମୁଁ ବଡ଼ ଚିନ୍ତିତ ହୋଇ ପଡ଼ିଥିଲି । Foolish girl !" ସେ ଭଦ୍ରଲୋକ ମୋତେ କହିଲେ ।

ମୁଁ କହିଲି, "ଏଟାତ ସାଧାରଣ କର୍ତ୍ତବ୍ୟ—ଏଥିରେ ଧନ୍ୟବାଦର କାରଣ କଣ ଅଛି । ଅଚ୍ଛା ମୁଁ ଯାଏଁ ।"

ଭଦ୍ରଲୋକ କହିଲେ "ଚାଲି ଯାଆନ୍ତୁ—ସନ୍ଧ୍ୟା ପ୍ରାୟ ହୋଇ ଗଲା । ନମସ୍କାର । ଆପଣଙ୍କର ଏ ଉପକାର ଆମେ କେବେ ଭୁଲି ପାରିବୁ ନାହିଁ ।"

ମୁଁ ଫେରିବାକୁ ଗୋଡ଼ ପକେଇବା ମାତ୍ରେ ବେଣୁ କହିଲା, "ରହନ୍ତୁ ମହାଶୟ ଟିକିଏ, ଆପଣ କଣ ସିମିତି ସିମିତି ଚାଲିଯିବେ ? ଟିକିଏ ଚା ଖାଇଗଲେ ହୁଅନ୍ତା ନାହିଁ ? କେତେବା—ଏଇ ପାଞ୍ଚ ମିନିଟ ଭିତରେ ।"

ନେଇ ବ ହେଲି । ଅଣ୍ଟା ଲଗିଥିଲି ବୁଝି । ଭିତରକୁ ଗଲି । ବେଣୁ ଲଣ୍ଠନ ଜଗାଇ ମୋତେ କହିଲା, "ଆପଣଙ୍କ ଲୁଗା ପଟା ଏକାବେଳେ ଓଦା ସପ ସପ ହୋଇ ଯାଇଛି । ଲୁଗାଟା ବଦଳାଇ ପକାନ୍ତୁ ।"

ସେ ଭିତରୁ ଶାଢ଼ୀ ଟିଏ ଆଣି ମୋ ପାଇଁ ଗୋଟିଏ ଧୋତି ଆଣି ଦେଲା । ମୁଁ ପଞ୍ଜାବୀଟା ଓ ଗେଞ୍ଜିଟା ଖୋଲି ଟ୍ରେନିଂ ଲୁଗା ପାଲଟି ବସିଲି ।

ଅଳ୍ପ ଅଳ୍ପ ସମୟ ମଧ୍ୟରେ ଚା ଆସିଲା । ବିସ୍କୁଟ ଦୁଇଖଣ୍ଡ ଶଣ୍ଢ ମଧ୍ୟ । ସେ ଭଦ୍ରଲୋକଟି ଓ ମୁଁ ଚା ଖାଇଲୁ । ଭାରି ଆରାମ ଲାଗିଲା ।

ତା ପରେ ଅଉ କଣ ମୁଁ ଜାଣେ ନାହିଁ ।

ଯେତେବେଳେ ନିଦ ଭାଙ୍ଗିଲା, ଦେଖିଲି ମୁଁ ଏକା ଖୋଲା ଜାଗା ହୋଇ ପଡ଼ି ରହିଛି । କବାଟ ମେଲା ଦ୍ୱାରରୁ ବାହାର ଅଳ୍ପ ଆଲୁଅ ଘରଭିତରେ ବେଶ୍ ପଡ଼ୁଛି । ଆଉ କେହି କୁଆଡ଼େ ନାହାନ୍ତି ।

ଦେହଟା ଅଳସ ଅଳସ ଲାଗୁଥାଏ । ମାତ୍ର ଛନକାରେ ଉଠି ବସିଲି । ଅପରାହ୍ନକାର ସବୁ କଥା ମନରେ ପଡ଼ିଗଲା । ବୁଝିବାକୁ ବାକି ରହିଲା ନାହିଁ ମୋର ଯେ ମୁଁ ଗୋଟାଏ ମସ୍ତ ଦଗାବାଜିର ଶିକାର ହୋଇଛି ।

ମୋହରି ପାଖରେ ମୋ ନିଜର ଧୋତି, ଗେଞ୍ଜି ଓ ପଞ୍ଜାବୀ ଥୁଆ ହୋଇଥିଲା ।

ଆଗେ ପକେଟଟା ଅଣ୍ଡାଳି ପକେଇଲି । ଯାହା ଭାବିଥିଲି ଠିକ୍ ତାହା ହୋଇଛି । ରେଜା ପଇସା ଯାହା ଛତା ଦୋକାନୀ ଦେଇଥିଲା ସେତିକ ଅଛି, ଆଉ ଅଛି ଗୋଟିଏ ଚିଠି ।

ଚିଠିଟା ଖୋଲି ଯାହା ପଢ଼ିଲି, ତାହା ଏହି:—

ପ୍ରିୟ ମହାଶୟ,

ଆପଣ ମୋର ଯେଉଁ ଉପକାରଟି କରିଛନ୍ତି ସେଥିପାଇଁ ମୋର ଅନ୍ତରର କୃତଜ୍ଞତା ଗ୍ରହଣ କରନ୍ତୁ । ଆପଣଙ୍କ ପକେଟରେ ଥିବା ସାମାନ୍ୟ

ପର ପୃଷ୍ଠା ଶେଷ ଦେଖନ୍ତୁ

Digitized by srujanika@gmail.com




# କଥାଟିଏ କହୁଁ...

ବାଟରେ ଚାଲି ଯାଉଛୁ ! କେତେଗୁଡ଼ିଏ କନଷ୍ଟେବଲ ଏବଂ ନୂଆଟା ଭେ-ଟେରୀୟନ ସିପାହୀ ବା ସାର୍ଜେଣ୍ଟ । ଜଣେ ମାଣ୍ଟିଅ ପ୍ରିଂସ ସାହେବ— ଇନ୍‌ସପେକ୍ଟର ବା ପୋଲିସ ସୁପରିଣ୍ଟେଣ୍ଡେଣ୍ଟ ହେବ—ଅନ୍ୟ କେତେ ଗୁଡ଼ିଏ ଲୋକ ଠିଆ ହୋଇ ଅଛନ୍ତି । ବାଟରେ ଛେକ୍ଲୁ ପଛ କେତେ ଗୁଡ଼ିଏ ଲୋକ ଚାଲିଛନ୍ତି ।

**କାହାଣୀ**

## ମୁଁ ଧରାହେଲି

ଲେଖକ—ଶ୍ରୀ ଲକ୍ଷ୍ମୀନାରାୟଣ ସାହୁ

ମୁଁ ଆସି ଦେଖିଲି ସମନା ଅଛୁ । ଏବେ ଏମାନଙ୍କ ହାତରୁ ସେହି ନି ମୋତେ ଧରି ଗୋଟାଏ ଘରୁ ସଡ଼କରେ ଚାଲିଛୁ । ଥାନାକୁ ଆସୁଛୁ । ମାଣ୍ଟିଅପ୍ରିଂସ ସାହେବ ନେଲେ ଏବଂ କହିଲେ—ଏହି ତ ଅସ, ତୁମକୁ ଖୋଜା ହେଉଥିଲା । ମୁଁ କିଛିଏ ପଚାରିଲି—କାହିଁକି ? ଏତିକିରେ ମଫରେଇ ତାର ଯାହା ଦେଖିଲି ସେଥିରେ ଅଗତ୍ୟା ନା ସାହେବଙ୍କୁ ବିଚାର କଥା । ଚନ୍ଦ୍ର ସୂର୍ଯ୍ୟଙ୍କୁ ଛଡ଼ା ଏମାନେ ମାନନ୍ତି ନାହିଁ । କିନ୍ତୁ ଏ କି କଥା !

ତା ପରେ ମୁଁ ଚାଲିଲି ଥାନାକୁ । ଥାନାରେ କାନ୍ଫରେନ୍ସ ହେଉଛି । ଘର ଭିତରେ ଅନ୍ୟାନ୍ୟଙ୍କୁ ନେଇ ସାହେବ ବ୍ୟସ୍ତ ହେଲେ । ମୁଁ ଠିଆ ହୋଇ ଏ ଆଡ଼େ ସେ ଆଡ଼େ ଦେଖି ଦେଖି ବାହାରକୁ ବାହାରି ଆସିଲି ।

ଅଉ ଜଣେ ସାହେବ ମୋ ସାଙ୍ଗରେ କଥା କହିଲେ । ସେ ସାହେବଙ୍କ ମୋ ପ୍ରତି କିଛିଏ କରୁଣା ଭାବ ରହିବା ପରି ଜଣାଗଲା । ସେ କହିଲେ, ତୁମେ ଭଲକର ଆପଣାକୁ "ଡିଫେଣ୍ଡ" କର । କେଣ୍ଡ୍ରିକ୍‌ନା ଗ୍ରାମ ସଂଗଠନ କଥା ଜାଣିଛ ? ତାର ସବୁ "ଡିଟେଲ"ଜାଣିଛ ? ସେ ସବୁ ଦେଇ ତୁମେ ନିଜକୁ "ଡିଫେଣ୍ଡ" କର !

ସେଇଁ ଘରେ ବସି କଥାବାର୍ତ୍ତା ହେଉଥିଲି ସେହି ଘରୁ ଆଉ ଦୁଇଜଣ ସାହେବ ବାହାରିଲେ, ସେମାନେ "ମିଶନେରି" । ପ୍ରଥମ ସାହେବଙ୍କ ମୋତେ ପଚାରିଶ ଦେଇ ଯିବା ଉପରେ । ମୁଁ ତାଙ୍କୁ ପଚାରିଲି ତୁମେ କିଏ ? ସେହି ସମୟରେ ଜଣେ ପାଦ୍ରୀ ଆସି ପରେ କହିଲେ, ସେ ଜଣେ କଣ୍ଟ୍ରାକ୍ଟର । ସେ କଣ୍ଟ୍ରାକ୍ଟରଙ୍କି ଚାଲିଗଲେ । ମୁଁ ରହିଲି ଏକା ।

ଦେଖୁଁ ଦେଖୁଁ ଯାତ୍ରୀମାନଙ୍କ ମଧ୍ୟରୁ କେହି ରହିଲେ ନାହିଁ । ରାତି ୧୨ଟା ହୋଇଗଲା । ଗୋଟାଏ ହୋଇଗଲା । ମୁଁ ଏମିତି ସେଠାରେ ହେଉଥାଏଁ । ଗୋଟାଏ ଜାଗାରେ ଏମାନଙ୍କ ଧୂଳିଆ "କିଟ୍" ( kit ) ଦେଖିଲି । ଗୋଟାଏ ଘରେ କୋହିଏ ଡିଏ ଆସି ମୋତେ ଭାତ ଦେଲା । ମୁଁ ଭାତ ଖାଇ ମାତ୍ର ମୁହଁ ଧୋଇଲି । ମୁହଁ ଧୋଇ ସାରି କୋହିଏ କାଚ ପାଖରେ ଠିଆ ହୋଇଛି ସେ ତାର ମାୟା ଦେଖାଇଲା ।

ଏ ବାଳକାଟି କିଏ ? ସେ ମୋର ଜୀବନ ପ୍ରତି ଏତେ ଦୟା କଲା କାହିଁକି ? ସେ ଛୋଟ, ମାତ୍ର ମୁଁ ବଡ଼ ଉଚ୍ଚତାରେ । କିନ୍ତୁ ହୃଦୟରେ ସେ ବଡ଼, ମୁଁ ଆଜି ଛୋଟ ।

ମୋ ନାରେ ଗର୍ବ ଦେଖାଇଛି ମୁଁ । କମ୍ୟୁନିଜମ୍ କଣ ଭଲ କରି ବୁଝିଲି ନାହିଁ । ସେ ପଢ଼ିଛି ସେ ସ୍ତ୍ରୀ କମ୍ୟୁନିଜମ୍ କଣ କିଛି ଜାଣେ ନାହିଁ । ଯାହାର ସ୍ୱପ୍ନରେ ମୁଁ ଦିନ ରାତି ସେ ମଧ୍ୟ ଜାଣେ କି ନା ସନ୍ଦେହ । ମାତ୍ର ମୁଁ ବନ୍ଦୀ ହେଲି ଏକଥା ହିଁ ମୋ କୋମଳ ପ୍ରାଣ ବହିଲା ତାହା ଜଣେ ଦେଖିଲେ ହେଲା । ସକାଳ ରିପୋର୍ଟରେ ତାହା ଲେଖିଲା । ବଡ଼ ସାହେବ ମଧ୍ୟ ଥିଲେ । ଏହିପରି ଭାବରେ ଶାସନ ଚାଲିଛି ।

ଏହିଥିରେ ସ୍ୱଦେଶ ମୋର ଜାତୀୟ ବାହାବାର ହେବ । କିଏ ଚିହ୍ନୁଛି ? ହେଉ । ଅନ୍ୟ ଲୋକେ ଭାବିବେ ! ଶାସନର ସ୍ୱଭାବ !

ସବୁ ହେଲା, କିନ୍ତୁ ସେହି ସାହେବ ସବୁ ଏହି ଭିତରେ ଏ ଦେଶ ପ୍ରତି ଏ କରୁଣା କାହିଁକି ? ମୁଁ ନିର୍ବୋଧ, ଏହି ଉଚିତ ଧାରଣା ଠାରୁ ପାଉଛି । ଅଥଚ ଏହି ସୁପରିଣ୍ଟେଣ୍ଡେଣ୍ଟ ଅନ୍ୟାୟ ଭାବରେ ମୁଁ ବାଟରେ ଯାଉଥିଲି ମୋତେ ଧରି ଆଣିଛି । "ଡିଫେନ୍ସ ଅଫ୍ ଇଣ୍ଡିଆ ଆକ୍ଟ୍" ତାର ଅଛି ପରା !

କିନ୍ତୁ ଏହି ବାଳିକାଟି କିଏ ? ଜୀବନର ଅନ୍ଧକାର ଭିତରେ ଏହି ଆଲୁଅଟି—ଏହି ଝିଅଟି କିଏ ?

—✽—

ଅର୍ଥ ଦେଶକାମ ପାଇଁ ଆପଣଙ୍କର ଦାନ ସ୍ୱରୂପ ଗ୍ରହଣ କଲି । ଆପଣ ନିଜେ ଜଣେ କଂଗ୍ରେସିଆ ବୋଲି ଜଣା ପଡ଼ୁଛନ୍ତି । ଏଣୁ ଏହି ସାମାନ୍ୟ ତ୍ୟାଗ ପାଇଁ ଦୁଃଖିତ ହେବେ ନାହିଁ ।

ମୋର ଦେଇଥିବା ଲୁଗାଟି ବାହାର କରିନେଲି । ଆପଣଙ୍କ ପିନ୍ଧିଥିବା ଲୁଗା ଓ ଜାମା ସବୁ ରହିଲା । କାରଣ ତାହାନେଲେ ଆପଣ ରାସ୍ତାରେ ଯାଇପାରନ୍ତେ ନାହିଁ । କେବଳ ଆପଣ ଯିବାବେଳକୁ ବର୍ଷା ଛାଡ଼ି ଯାଇଥିବ ଓ ଖରାବେଳ ହୋଇନଥିବ ଜାଣି, ଜରଥିବ ଛତାଟି ବୋହିବାର କଷ୍ଟରୁ ଆପଣଙ୍କୁ ରକ୍ଷା କରିବାଲାଗି ଛତାଟା ଏଠି ରଖିଗଲି ନାହିଁ ।

ଆପଣ କିଛି ଚାରି ନାହାନ୍ତି । ବଡ଼ ଭୋକ ହେଉଥିବ । ସେଥିପାଇଁ ସୁଟକେସ୍ ଭଳିଆ ପଇସା ରଖି ଗଲି । ସେଥିରେ କିଛି ଅଣ୍ଡା ବିସ୍କୁଟ କିଣି ଖାଇ ନେବେ । ତା ପରେ ତୁମର ଲାଗୁଥିବ କଷ୍ଟ । ସେଥି ପାଇଁ ଏହି ପଇସାକୁ ଟ୍ରାମ ବା ବସ୍‌ରେ ଚଢ଼ି ବସାକୁ ଯିବେ । ଏହା ନିଶ୍ଚୟ କରିବେ ' ମୋ ରଣ ଅଛି । ଇତି

ଆପଣଙ୍କ ସ୍ନେହର
ରେଣୁ



Digitized by srujanika@gmail.com



## ବିଦେଶ

ଋଷିଆର ଦକ୍ଷିଣ ପୂର୍ବରେ ନୀଷ୍ଟାର ଓ ନୀପାର ନଦୀର ମଧ୍ୟଭାଗ ବାଟେ ଜର୍ମାନୀ ଦ୍ରୁତଗତିରେ ଓଡ଼େଶାଭିମୁଖେ ଅଗ୍ରସର ହୁଏ । ଋଷିଆ ଉତ୍ତରରେ ଭୋରୋଷେଭ୍ନ ଦଖଲ କରିଥିବାର ଓ ଓଡ଼େଶାରୁ ଅବରୋଧ କରିବାର ଜର୍ମାନ ଦାବୀକୁ ରୁଷିଆ ଅସ୍ୱୀକାର କରେ । ଷ୍ଟାଲିନଗ୍ରାଡ଼ ସହର ଧ୍ୱଂସ ହୁଏ ଏବଂ ରୁଷ ସେନା ବାଧ୍ୟ ହୋଇ ହଟି ଯାଆନ୍ତି । ଜର୍ମାନମାନେ ଲେଲିନଗ୍ରାଡ଼ ପହଞ୍ଚିବାର ଚେଷ୍ଟା କରୁଛନ୍ତି । ବର୍ଲିନ ଉପରେ ରୁଷିଆ ଉଡ଼ାଜାହାଜରୁ ବୋମା ଫୋପାଡ଼ନ୍ତି ଏବଂ ଜର୍ମାନମାନେ ମଧ୍ୟ ମସ୍କୋରେ ବୋମା ବର୍ଷଣ କରିବାକୁ ଚେଷ୍ଟା କରିଥିଲେ । ଜର୍ମାନ ଦାବୀ କରେ ଯେ ଏ ପର୍ଯ୍ୟନ୍ତ ୯ଲକ୍ଷ ସୋଭିଏଟ ସୈନ୍ୟ, ୧୦,୬୮୮ଟି କମାଣ, ଓ ୧୯୮୨ଟି ଉଡ଼ାଜାହାଜ ସୋଭିଏଟ ପକ୍ଷରୁ କ୍ଷତ ହୋଇଛି ଏବଂ ଜର୍ମାନ ଷ୍ଟାଲିନ ଲାଇନର ପ୍ରଧାନ ପ୍ରଧାନ ସ୍ଥାନ ଭେଦକରି ଯାଇଛି । ଉତ୍ତରରେ ସୋଭିଏଟ ଜର୍ମାନ ପ୍ରଚାର ଅଳୀକ ପ୍ରମାଣ କରି କହେ ଯେ ଏ ଯାବତ୍ ଜର୍ମାନର ସାଢ଼େ ପନ୍ଦର ଲକ୍ଷରୁ ବେଶୀ ସୈନ୍ୟ ହତାହତ ବା ବନ୍ଦୀ ହୋଇଛନ୍ତି, ୫ହଜାର ଟ୍ୟାଙ୍କ, ପାଞ୍ଚ ହଜାର କମାଣ ଓ ୪ହଜାର ଉଡ଼ାଜାହାଜ ନଷ୍ଟ ହୋଇଛି, ଏବଂ ସୋଭିଏଟର ୭ଲକ୍ଷ ସୈନ୍ୟ, ୭ ହଜାର କମାଣ ଓ ୪ ହଜାର ଉଡ଼ାଜାହାଜ ନଷ୍ଟ ହୋଇଛି ।

ଲଣ୍ଡନରେ ପୋଲଣ୍ଡ ସରକାର ଓ ସୋଭିଏଟ ସରକାରଙ୍କ ଏକ ଚୁକ୍ତି ଫଳରେ ୧୯୩୯ ର ସୋଭିଏଟ ଓ ଜର୍ମାନ ସହିତ ସ୍ୱାକ୍ଷରିତ ଚୁକ୍ତି ରଦ୍ଦ ହୋଇଛି । ଏହାଦ୍ୱାରା ଉଭୟ ରାଜ୍ୟ ମିତ୍ରତା ସୂତ୍ରରେ ଆବଦ୍ଧ ହେଲେ ଏବଂ ପୋଲଣ୍ଡରେ ଜର୍ମାନ କର୍ତ୍ତୃତ୍ୱ ସୋଭିଏଟ ଅସ୍ୱୀକାର କଲା । ଏହାର ପ୍ରତିବାଦରେ ପୋଲଣ୍ଡୀୟ ପରରାଷ୍ଟ୍ର ସଚିବ ଜାଲେସ୍କି ଓ ଅନ୍ୟ ଦୁଇଜଣ ମନ୍ତ୍ରୀ ପଦତ୍ୟାଗ କଲେ ।

ସୋଭିଏଟ ବିରୁଦ୍ଧରେ ଫିନଲଣ୍ଡ ଲଢ଼ିଲେ ମଧ୍ୟ ଇଂଲଣ୍ଡ ବ୍ରିଟେନ ଫିନଲଣ୍ଡ ସହିତ ଶତ୍ରୁତା ଆଚରଣ ନ କରିବାକୁ ଯଥେଷ୍ଟ ଚେଷ୍ଟା କରେ କିନ୍ତୁ ଫିନଲଣ୍ଡ ବ୍ରିଟେନ ସହିତ ସମସ୍ତ ସମ୍ପର୍କ ତୁଟାଇ ଦେବା ଦ୍ୱାରା ବ୍ରିଟେନ ବାଧ୍ୟ ହୋଇ ତାର ସମ୍ପର୍କ ତୁଟାଇ ଦିଏ ।

ଜାପାନ ଭିଚି ଫରାସୀ ସହିତ ମୀମାଂସା ଫଳରେ ଇଣ୍ଡୋଚାଇନା ଦଖଲ କରି ସେଠାରେ ସୈନ୍ୟ ସମାବେଶ କରେ ଓ ଥାଇଲଣ୍ଡ ଉପରକୁ ଶ୍ୟେନ ଦୃଷ୍ଟିକ୍ଷେପ କରେ । ଶୁଣାଯାଏ ଭିତରେ ଭିତରେ ଥାଇଲଣ୍ଡ ଜାପାନର କେତେକ ସର୍ତ୍ତ ମାନିନେଇଛି କିନ୍ତୁ ଉପରେ ସେ ଆତ୍ମରକ୍ଷା କରିବାକୁ ହୁଙ୍କାର ଦେଉଛି । ବ୍ରିଟେନ ମଧ୍ୟ ମାଲୟ ବର୍ମାରେ ସୈନ୍ୟ ସମାବେଶ କରୁଛି । କେତେକ ଅଷ୍ଟ୍ରେଲିଅନ ସୈନ୍ୟ ମାଲୟରେ ପହଞ୍ଚନ୍ତି । ଜାପାନ ଥାଇବର୍ଡ଼ର ଦିଗରେ ମଧ୍ୟ ସୈନ୍ୟ ସଂଗ୍ରହ କରୁଥିବାର ପ୍ରକାଶ ।

ଇରାନରେ ଖୁବ୍ ବେଶୀ ସଂଖ୍ୟକ ଜର୍ମାନୀ ଲୋକ ଥିବାରୁ ବିପଦର ଆଶଙ୍କା କରି ବ୍ରିଟେନ ଇରାନ ସରକାରଙ୍କର ଦୃଷ୍ଟି ଆକର୍ଷଣ କଲେ । ତାପରେ ଜର୍ମାନମାନେ ଇରାନ ଛାଡ଼ି ଚାଲିଆସିବାର ସମ୍ବାଦ ମିଳେ ।

## ଦେଶ

କବିଗୁରୁ ରବୀନ୍ଦ୍ରନାଥ ଠାକୁରଙ୍କର ୭ ତାରିଖ ଦିନ ୧୨-୧୩ ମିନିଟରେ ମହାପ୍ରୟାଣ ହୁଏ ।

ଆମେରୀ ସାହେବ ପାର୍ଲିଅମେଣ୍ଟରେ ଏକ ବକ୍ତୃତାରେ ନୂଆ ଶାସନ ପରିଷଦର ସଭ୍ୟମାନଙ୍କର ଭୂୟସୀ ପ୍ରଶଂସା କରନ୍ତି ଓ କଂଗ୍ରେସ ଯେତେଦିନ ଯାଏ ସତ୍ୟାଗ୍ରହ କରୁଥିବ, ସେତେଦିନ ଯାଏ ସରକାର କଂଗ୍ରେସ ଲୋକଙ୍କୁ ଜେଲ ପଠାଉଥିବେ ବୋଲି ଧମକ ଦିଅନ୍ତି ।

ଉତ୍କଳସାହିତ୍ୟ ସମାଜର ଆନୁକୂଲ୍ୟରେ ଆସନ୍ତା ମାସରେ ଏକ ସାହିତ୍ୟ ପ୍ରୋଢ଼ ପାଳିତ ହେବାର ସ୍ଥିର ହୋଇଛି ।

---


**ଜଳ ବିହୁନେ ସୃଷ୍ଟି ନାଶ**
**ଜଳ ବହୁଳେ ସୃଷ୍ଟି ନାଶ ।**

କେହି ସନ୍ତାନ ବୃଦ୍ଧି—କେହି ଜନ୍ମ ନିରୋଧ କରେ । ଅବସ୍ଥା ଭେଦରେ ଉଭୟର ଆବଶ୍ୟକତା ଅଛି । ସେଥିପାଇଁ ହକୋଳନ୍ତୁ ପରାମର୍ଶ ଦାତା——

ହାକିମ୍ ସଇଦ୍ ସର୍ଫୁଦ୍ଦିନ୍
ହମଦ୍ ଆ-ୟୁନାନି ଦୱାଖାନା
ବାଙ୍କାବଜାର କଟକ




Digitized by srujanika@gmail.com

# ଶ୍ରୀ ବ୍ରଜେନ୍ଦ୍ରନାଥ ନାୟକ ଜୁଏଲର

ଦରଘାବଜାର, ପୋ. — କଟକ ।








ଟ ୨୦୯ ଙ୍କା ପୁରସ୍କାର ! ଟ ୨୦୯ ଙ୍କା ପୁରସ୍କାର !

ଭଦ୍ରବ୍ୟକ୍ତିମାନଙ୍କର ଫରମାସି ଅନୁସାରେ ଆମ୍ଭେମାନେ ଖାଣ୍ଟି ସୁନା, ରୁପା ଏବଂ ବହୁମୂଲ୍ୟ ପଥରର ମନୋହର ଅଲଙ୍କାରମାନ ମନ ମୁତାବକ ପ୍ରସ୍ତୁତ କରୁଥାଉଁ । ଆମ୍ଭମାନଙ୍କ ବ୍ୟବସାୟ ଆରମ୍ଭ ଦିନରୁ ଅଦ୍ୟାବଧି କୌଣସି ବ୍ୟକ୍ତି ଆମ୍ଭମାନଙ୍କର ସାଧୁତା ସମ୍ବନ୍ଧରେ କେବେହେଲେ ସନ୍ଦେହ କରିନାହାନ୍ତି । ଆମ୍ଭେମାନେ ଏହି କାର୍ଯ୍ୟାଳୟଟିକୁ ନୂତନ ପ୍ରତିଷ୍ଠା କରିଥିବାରୁ ବଜାରରେ ଦର ଅପେକ୍ଷା ବହୁ ସୁଲଭ ମୂଲ୍ୟରେ ଅଲଙ୍କାର ପ୍ରସ୍ତୁତ କରୁଥାଉଁ ବାହାର ମଫସଲରେ ଆମ୍ଭେମାନେ କାହାରିକୁ କମିସନ ଦେବାକୁ ଚାହୁଁନାହୁଁ । ପ୍ରତ୍ୟେକ ପଦାର୍ଥକୁ ଉତ୍ତମ ରୂପେ ପରୀକ୍ଷା କରିବାର ସୁବିଧା ଆମ୍ଭେ ଦେଇ ଥାଉଁ । କେହି କୌଣସି ପ୍ରକାର ଦୋଷ ସାବ୍ୟସ୍ତ କରି ଧରିପାରିଲେ ଆମ୍ଭେମାନେ ଟ ୨୦୯ଙ୍କା ପୁରସ୍କାର ଦେବାକୁ ପ୍ରସ୍ତୁତ ଅଛୁଁ । ସାଧାରଣଙ୍କର ସହାନୁଭୂତି ପ୍ରାର୍ଥନୀୟ —

ବଶମ୍ବଦ

**ଶ୍ରୀ ବ୍ରଜେନ୍ଦ୍ରନାଥ ନାୟକ**

ଦରଘା ବଜାର, ପୋ:— କଟକ ।

---

# ଭ୍ରାମରୀ ରସାୟନ

ବାତରକ୍ତ ଓ କୁଷ୍ଠର ଅବ୍ୟର୍ଥ ମହୌଷଧ

ଏହା ପୁରାତନ ରସାୟନର ପରୀକ୍ଷା ଦ୍ୱାରା ପ୍ରସ୍ତୁତ ହୋଇଅଛି । ବାତରକ୍ତ ଓ କୁଷ୍ଠ ପ୍ରାୟ ଏକରୂପ ବ୍ୟାଧି, ମାତ୍ର ଲକ୍ଷଣ ଭେଦରେ ପ୍ରକାର ଭେଦ ହୋଇଥାଏ । ଏହି ରୋଗ ଶରୀରରେ ଜନ୍ମିବା ଦିନରୁ ନାନାପ୍ରକାର ଛଉ ବା ବିକୃତ ଚିହ୍ନ, ସର୍ବାଙ୍ଗରେ ଜ୍ୱାଳା ଶାରୀରିକ ଅବସାଦ, ମୂତ୍ରବନ୍ଧରୁ ବେଦନା ଅଜୀର୍ଣ୍ଣ, ଅବସନ୍ନତା, ନାସିକା ଓ କଣ୍ଠର ସ୍ଫୀତତା ଓ କୋଷ୍ଠବଦ୍ଧତା ପ୍ରଭୃତି ଉପସର୍ଗମାନ ଦେଖାଯାଏ । ଉପରୋକ୍ତ ରୋଗ ମାନଙ୍କ ଦୂରୀକରଣାର୍ଥେ ଆମ୍ଭର ଏହି "ଭ୍ରାମରୀ ରସାୟନ" ଏକମାତ୍ର ପରମ ମହୌଷଧ । ଏହା ଏକମାସ ସେବନ କଲେ ଏହାର ଉପକାରିତା ଲୋକେ ନିଜେ ବୁଝିପାରିବେ । ଏକମାସ ସେବନ ଉପଯୋଗୀ ଔଷଧର ମୂଲ୍ୟ ଟ ୮୯ **ଭ୍ରାମରୀ ତୈଳ:**— ଏହା ଦେହରେ ମାଲିସ୍ କଲେ ଦେହର ଛଉ ପ୍ରଭୃତି ଅଚିରେ ଆରୋଗ୍ୟ ହୁଏ । ଏକଶିଶି ଟ ୨୯ଙ୍କା ମାତ୍ର ଟ ୨୯ଙ୍କା ମାତ୍ର ।

## କାୟାକଳ୍ପ ଔଷଧାଳୟ

**ବୈଦ୍ୟରାଜ:— ଶ୍ରୀ ଲକ୍ଷ୍ମୀନାରାୟଣ ଆଚାର୍ଯ୍ୟ ଆୟୁର୍ବେଦ ଶାସ୍ତ୍ରୀ**

ଆଲମଚାନ୍ଦ ବଜାର, କଟକ ।

---

କବିରାଜ ଶ୍ରୀଧର ଗର୍ଗବଂଶ ଭିଷଗାଚାର୍ଯ୍ୟଙ୍କ ଦ୍ୱାରା ଉଦ୍ଭାବିତ ଓ ଆଜକୁ ଦଶବର୍ଷ ଯାବତ୍ ପରୀକ୍ଷିତ ଔଷଧାବଳୀ ।

# ସ୍ୱପ୍ନ ସୁନ୍ଦରୀ

ଧାତୁ ଦୌର୍ବଲ୍ୟଗ୍ରସ୍ତ ଯୁବକମାନଙ୍କର ନିଦ୍ରାବସ୍ଥାରେ କାମୋଦ୍ରେକ ସ୍ୱପ୍ନ ଦର୍ଶନ ଶୁକ୍ରକ୍ଷୟ ହୋଇଥାଏ । ଏହି ରୋଗ ଅଳ୍ପେ ଅଳ୍ପେ ଏତେ ପ୍ରବଳ ହୋଇ ଥାଏ ଯେ କି ଦିବାରାତ୍ର ଯୋଗକୁ ପାଇଲେ ଶୁକ୍ର କ୍ଷୟ ହୁଏ । ଏହି ରୋଗ ଶରୀରର ବଳ, ବୀର୍ଯ୍ୟ, ଅଗ୍ନି, ବୁଦ୍ଧି ଇତ୍ୟାଦି ସମସ୍ତ ଅଙ୍ଗ ପ୍ରତ୍ୟଙ୍ଗକୁ କ୍ଷୀଣ କରି ରୋଗୀକୁ ଅକାଳ ବାର୍ଦ୍ଧକ୍ୟ ଦେଇ କରି ଦେଇ ଥାଏ । ପରିଶେଷରେ ମଧ୍ୟ ଏହିପରି ଶୁକ୍ରକ୍ଷୟ ହେତୁରୁ ଯକ୍ଷ୍ମାଭଳି ରୋଗ ଉପସ୍ଥିତ ହୋଇଥାଏ । **ଆମ୍ଭର** ସ୍ୱପ୍ନ ସୁନ୍ଦରୀ ଔଷଧ କିଛୁଦିନ ନିୟମିତ ବ୍ୟବହାର କଲେ ସ୍ୱପ୍ନଦୋଷ ଓ ଅନିୟମିତ ଶୁକ୍ରକ୍ଷୟ ନିବାରିତ ହୋଇ ଶରୀର ହୃଷ୍ଟ ପୁଷ୍ଟ ଓ ବଳିଷ୍ଠ ହୋଇଥାଏ ।

**ମୂଲ୍ୟ**— ୬୦ ଗୋଟା ବଟିକା ପୂର୍ଣ୍ଣ ଏକ ଶିଶିକୁ **ଟ ୨ ।** ୩୦ ଗୋଟା ବଟିକା ପୂର୍ଣ୍ଣ ଶିଶିକୁ ଟ ୧୲ । ଡାକଖର୍ଚ୍ଚ ସ୍ୱତନ୍ତ୍ର ।

ଠିକଣା: ଶ୍ରୀଧର ଗର୍ଗବଂଶୀ ଭିଷଗାଚାର୍ଯ୍ୟ, ଭୁବନେଶ୍ୱର— ପୁରୀ

---


printed & published at the Gopinath Press, Bhadrak. by G. C. Mahapatra and issued from Dagaro Office, Bhadrak.



Digitized by srujanika@gmail.com

**ମାଭୈଃ- -ମାଭୈଃ- -ମାଭୈଃ**

ଯୁଦ୍ଧ ବା ଅନ୍ୟାନ୍ୟଙ୍କ ଅତର୍କରେ ପ୍ରସ୍ତୁତ ନ ହୋଇ ନିୟମିତ ଭାବରେ କିଛି କିଛି ସଞ୍ଚୟ କରି ନିଜର ବାର୍ଦ୍ଧକ୍ୟ ଓ ପରିବାରବର୍ଗଙ୍କ ପାଇଁ ଅର୍ଥ ସଞ୍ଚୟ କରନ୍ତୁ । ଅନ୍ତର୍ଜାତିକ ଅନିଶ୍ଚିତତା ଓ ଆର୍ଥିକ ଦୁର୍ଗତିରେ ଜୀବନବୀମାହିଁ ଏକମାତ୍ର ନିରାପଦ, ଲାଭଜନକ ଓ ନିର୍ଭର ଯୋଗ୍ୟ ଲଗାଣ ।

ଏ ଦୁର୍ଦ୍ଦିନରେ "ହିନ୍ଦୁସ୍ଥାନ"ରେ ବୀମା କର ବା ପ୍ରତିନିଧି ହୋଇ ଲାଭବାନ ହୁଅନ୍ତୁ ।

# ହିନ୍ଦୁସ୍ଥାନ କୋ-ଅପରେଟିଭ

## ଇନସିଓରେନ୍ସ ସୋସାଇଟି ଲିଃ

ହେଡ଼ ଅଫିସ—କଲିକତା

**ସୁଦୃଢ଼ତାର ସୂଚନା—**

ମୋଟ ଚଳନ୍ତି ବୀମା—୧୭ କୋଟି ୨ ଲକ୍ଷରୁ ଊର୍ଦ୍ଧ୍ୱ । ମୋଟ ବୀମା ପାଣ୍ଠି—୩ କୋଟିରୁ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ।

ମୋଟ ଦେୟ—୩ କୋଟି ୫୬ ଲକ୍ଷରୁ ଊର୍ଦ୍ଧ୍ୱ । ୧୯୪୦ ରେ ନୂତନ ବୀମାର ପରିମାଣ ୨ କୋଟି ୭୫ ଲକ୍ଷରୁ ଊର୍ଦ୍ଧ୍ୱ ।

ଏଜେଣ୍ଟ ଚାକିରୀ ପାଇଁ ନିମ୍ନଲିଖିତ ଠିକଣାରେ ଅନୁସନ୍ଧାନ କରନ୍ତୁ !

ଏନ୍ ଦତ୍ତ
ସେକ୍ରେଟେରୀ
ହିନ୍ଦୁସ୍ଥାନ ବିଲ୍ଡିଂସ୍, କଲିକତା ।

ଅର୍ଗେନାଇଜର—**ନରେନ୍ଦ୍ର ପ୍ରସାଦ ଦାସ**
ହିନ୍ଦୁସ୍ଥାନ କୋ-ଅପରେଟିଭ ଇନସିଓରେନ୍ସ ସୋସାଇଟି ଲିଃ ।
ଗୁଡମାର୍ଗ୍ରେକ, କଟକ ।

---

# ଦାର୍ଜିଲିଙ୍ଗ ବେଙ୍କ ଲିମିଟେଡ

## କଟକ ଶାଖା--

ଜନସାଧାରଣଙ୍କର ବ୍ୟବସାୟର ଉନ୍ନତି ପାଇଁ ଦାର୍ଜିଲିଙ୍ଗ ବେଙ୍କର କଟକ ଶାଖା ମଙ୍ଗଳାବାଗସ୍ଥ ବାସନ୍ତି ବନ୍ଦୁରେନ୍ଦ୍ର କୋଠାରେ ଖୋଲା ହୋଇଛି । ସମସ୍ତ ପ୍ରକାର ବେଙ୍କର କାର୍ଯ୍ୟ କରାହୁଏ । ପରଲିଖିତ ଠିକଣାରେ ଅନୁସନ୍ଧାନ କରନ୍ତୁ ।

ଓଡିଶା ଅଫିସ, ମଙ୍ଗଳାବାଗ କଟକ ।

---




**"ଜଗନ୍ନାଥ ସାହିତ୍ୟ ସମିତି"ର**

**ସଂଘର୍ଷ ଓ ନୈବେଦ୍ୟ ପ୍ରକାଶ ପାଇଛି ।**

**ତୃତୀୟ ଅବଦାନରେ**

Detective କାହାଣୀ **"ମାୟାପୁରୀ"** ପ୍ରକାଶିତ ହେବ

ଟ ୧ ୯ ଦେଇ ସଭ୍ୟ ହେଲେ ଅର୍ଦ୍ଧ ଦାମ ମୂଲ୍ୟରେ ଓ ପରବର୍ତ୍ତୀ ଅଧା ଦାମରେ ନିମ୍ନଲିଖିତ ସ୍ଥାନରୁ ଅମ୍ଭ ବହି ମିଳି ପାରିବ ।

(1) Utkal Book Ajency, Ranihat. (2) Saraswata Bhandar, ଚାନ୍ଦନୀଚୌକ (3) Orissa Book Emporium, ଚାନ୍ଦନୀଚୌକ (4) The Book Stall, ଚଉଧୁରୀ ବଜାର (5) The National Publishing Co., ଗୁଡ଼ଶାହିଗଳି (6) The Students' Store, ଗୁଡ଼ଶାହିଗଳି କଟକ (7) The Students' Store—ବ୍ରହ୍ମପୁର (୮) ଶ୍ରୀ କୈଳାଶ ମହାନ୍ତି, Straight Mile Road—ଜାମସେଦପୁର (୯) ମହେଶ୍ୱର ଦାସ, 1/3 Hidaram Banerji Lane—କଲିକତା (୧୦) ଶ୍ରୀ ଲକ୍ଷ୍ମୀନାରାୟଣ ମହାନ୍ତି—ବାରିପଦା ।

ଅନ୍ୟାନ୍ୟ ସ୍ଥାନରେ ଏଜେଣ୍ଟ ଆବଶ୍ୟକ । ଟଙ୍କା ଓ ଚିଠିପତ୍ର ସମ୍ପାଦକ, ଜଗନ୍ନାଥ ସାହିତ୍ୟ ସମିତିଙ୍କ ନାମରେ ପଠାନ୍ତୁ ।

Digitized by srujanika@gmail.com



# ହରି-ହର




ସ୍ମାରଂ ସ୍ମାରଂ ସ୍ୱଗୃହ ଚରିତଂ—

୫ମ ବର୍ଷ     ୭ମ ସଂଖ୍ୟା     ଭାଦ୍ର ପ୍ରଥମାର୍ଦ୍ଧ

Digitized by srujanika@gmail.com

# ଓଡ଼ିଶାର ପୂର୍ବ ଖ୍ୟାତି ପୂର୍ବ ଗୌରବ
# ଫେରି ଆସିଛି !

ଦିନେ ଯେଉଁ ଓଡ଼ିଶାର ନୌବାଣିଜ୍ୟ ଦୂରଦେଶ ବିଦେଶରେ ଶୀର୍ଷସ୍ଥାନ ଲାଭ କରିଥିଲା
ସେହି ଓଡ଼ିଶାକୁ ବିଦେଶୀମାନେ ଲୁଟି କରିଛନ୍ତି !

ଆପଣମାନେ ବୁଝି ଅନୁଭବ କରୁଛନ୍ତି ।

**ଆଜି ଅଦମ୍ୟ ସାହସ ଓ ଅପୂର୍ବ ଉତ୍ସାହ ନେଇ ଓଡ଼ିଶା ବାସୀଙ୍କ ମୂଳଧନରେ**

# ଦି ଓଡ଼ିଶା କମର୍ସ ଓ
# ନେଭିଗେସନ୍ କମ୍ପାନୀ ଲିମିଟେଡ୍

ଗଠିତ ହୋଇଛି -- ସେହି ଲୁପ୍ତ ଗୌରବର ଉଦ୍ଧାର ପାଇଁ
ଏହି କମ୍ପାନୀ ଓଡ଼ିଶା ସରକାରଙ୍କ ଠାରୁ କାରବାର ଆରମ୍ଭର
ଅନୁମତି ପତ୍ର Incorporation Certificate ହାସଲ କରିଛି ।

**ଗରିବ କୃଷକ ଓ ମୂଲିଆ ଭାଇଙ୍କ ଠାରୁ ଆରମ୍ଭ କରି ରାଜାମହାରାଜାଙ୍କ ପକ୍ଷରେ**

## ଅପୂର୍ବ ସୁଯୋଗ !

ଆପଣମାନେ ଅଂଶ କିଣି କରି କମ୍ପାନୀର ମାଲିକ ହେବାକୁ ଓଡ଼ିଶାବାସୀ ଉତ୍କଣ୍ଠିତ ? ସେହି **ସୁବିଧାକୁ ଆପଣଙ୍କ** ହାତରେ ଦେବା ପାଇଁ ପ୍ରତ୍ୟେକ ଅଂଶ ମୂଲ୍ୟ (share) ୨୧୦ ରେ ରଖାଯାଇଛି । ଏକାଧିକ **ଅଂଶ କିଣିବାର ସୁଯୋଗ ଛାଡ଼ନ୍ତୁ ନାହିଁ**-- ଅନୁତାପ କରିବେ । ବେତନ ଏଜେଣ୍ଟ ଦ୍ରୁତଗତିରେ ଲୋଡ଼ା ।

ବିଶେଷ ବିବରଣୀ ପାଇଁ ଅନୁଗ୍ରହ କରି ନିମ୍ନ ଠିକଣାକୁ ପତ୍ର ଲେଖନ୍ତୁ ।

**କଟକ ଅଫିସ--**
**ରାଣୀହାଟ, କଟକ ।**

ଭଦ୍ରକ --
ଡାକଘର ଅଫିସରେ

The Managing Director.
The Orissa Commerce & Navigation Co. Ltd.
CHANDBALI.

ଶେୟର କିଣିବାକୁ ମନେ ।

---

ସମ୍ପାଦକ — ଶ୍ରୀ ନିତ୍ୟାନନ୍ଦ ମହାପାତ୍ର

Digitized by srujanika@gmail.com




ଥରେ ଶିବ ବିଷ୍ଣୁଙ୍କର ଭେଟ ହେଲା । ଦୁହେଁ ଯାକ ମୁହଁକୁ ହାଣ୍ଡିପରି କରିଛନ୍ତି ଦେଖି ଦୁହେଁ ଦୁହିଁଙ୍କି ପଚାରିଲେ—କହେ! ଖବର କ'ଣ, ଏମିତି କାହିଁ ଦିଶୁଛ ? ବିଷ୍ଣୁ କହିଲେ କ'ଣ ସେ ଦୁଃଖ କଥାସୁଦ୍ଧା କହିବ—ମାଇପଟା ମୋର ବଡ଼ ମୁଖର ଥିଲା ଚଞ୍ଚଳ ଓଲେଇ । କନ୍ଦର୍ପ ବୋଲି ପୁଅଟିଏ ଥିଲା ସେ ତ ତମ ଅଭିଶାପରେ ଧ୍ୱଂସ ହେଲା । ତଥାପି ମାନିବାକୁ ନାହିଁ—ଦୁନିଆଯାକ ଗଳ୍ପ ସେ କରେଇଲା କହେଇଲା । ତା ପରେ ଶୋଇବାକୁ ଜାଗାଏ ଥାନ ନାହିଁ ଯେ ପାଣିରେ ଯାଇ ଶୋଇଲି । ବାହନଟିଏ ଭଲ ସେ ପୁଣି ସାପ ଦେଖିଲେ ଗର୍ଜିଲା । କ'ଣ କରିବ—କିଏ କହିବ ଏ ଦୁଃଖ କଥାସୁଦ୍ଧା ?

ମହାଦେବ ଉତ୍ତର କହିଲେ—ହଇହୋ ତମର ତ କଥା ଅଛି । ମୋ ଅବସ୍ଥା ଶୁଣିଲେ ତମେ କାନରେ ହାତ ଦେଇ ବସିବ । ଭୂତଯାକଟାଏ ଥିଲେ ଯେ ସେ ଗାଲି ମଶାଣିରେ ଯାଇ ବୁଲନ୍ତି । ମୋତେ ମୋଟେ ମାନନ୍ତି ନାହିଁ । ମୋ ଉପରକୁ ଗାଈ ଚଢ଼ିବସିଲା । କାର୍ତ୍ତିକ ବୋଲି ଗୋଟେ ପୁଅ ଯେ ସେ ଯାଇ ଦେବତାଙ୍କ ସେନାପତି ହେଲା । ତାର ବାହନଟା ଯେ ମୟୂର, ସେ ସବୁବେଳେ ମୋ ସାପଟାକୁ ଖୁମ୍ପିଲା । ଆଉ ଗଣେଶ ବୋଲି ଯଉଁ ହାତୀମୁହାଁ ପୁଅଟା ତାର ଗୋଟାଏ ମୂଷା ଅଛି; ସେ ମୋର ନାଲିବୁଲି ଯାହା ଥିଲା ସବୁ ଖାଇ ଶେଷରେ ବୁଦ୍ଧିଟାକୁ ବି କାଟିପକାଇଲା । ଏହି କଥା କହୁକହୁ ଦେଇ ଉଭୟେ ଦତ୍ତ କାନ୍ଦିଲେ । ଶେଷରେ ସବୁ କଥା ଶୁଣି ଶୁଣି ମହାଦେବ କୈଳାଶକୁ ପଳାଇଗଲେ ଓ ମହାପ୍ରଭୁ ବୈକୁଣ୍ଠକୁ ପଳାଇଗଲେ ।

ସେଇପରି ଚର୍ଚ୍ଚିଲ ଆଉ ରୁଜଭେଲ୍ଟ ଦୁହେଁ ଏବେ ସାକ୍ଷାତ କରି ନିଜନିଜର ଦୁଃଖ ଜଣାଉଛନ୍ତି । କିନ୍ତୁ ଉଭୟ ସ୍ଥଳ ଶେଷରେ ଦୁହେଁ ଯାହିଁ ଶିବା ଓ ବାଲୁ ପାଇଛି ନ ଯାନ୍ତି । ଜର୍ମାନ ଯେତେବେଳେ ରୁଷିଆ ସାଙ୍ଗରେ ଚେପେଟ ପାଣି ପିଉଥିଲା ସେତେବେଳେ ବ୍ରିଟେନ୍ ଚୁପ୍‌ଚାପ୍ ବସିବାର ଦେଖି ଅନେକ ଲୋକ ଏଉ ପୁରୁଣା କଥା ମନେକରୁଛନ୍ତି । କାରଣ ବ୍ରିଟେନର ପୋଷିଲ ପୁଅ ସ୍ୱଭାବର ଗୁଣ ସେ ରଖେ ଭୁଲିଲେଣି ।

× × +

ଯାହା ହେଉ, ଦୁଃଖର ଯେତେଲୋକ ହଳଦିଆ ଚେମା ଲଗେଇ ସବୁ ଗାଲ ହଳଦିଆ ଦେଖୁଛନ୍ତି, ସେମାନେ ଅବଶ୍ୟ ଏ ସଂଯୋଗର ଫଳଟା ଦେଖି ବିଶେଷ ଦୁଃଖି ହେଉଥିବେ । କିନ୍ତୁ ଖାଲି ଆଖିରେ ଏ ସମ୍ପର୍କ ପ୍ରସୂତ କନ୍ୟାଟାକୁ ଗୋଲ ନାପଃ ଲୁଗାର ଛଡ଼ା ଆଉ କିଛି ଦେଖିବେ ନାହିଁ । ଦୁହେଁଯାକ ମହାସଂଯୋଗ ସ୍ଥଳରେ ଏବାବେଳେ ଗାଳଗଳ୍ପର ଖେଳ କରିଯାଉଛନ୍ତି । ସେମାନେ ଆଶା କରୁଛନ୍ତି ଯେ ନାହସୀ ବାଦକୁ ଏବାବେଳେ ଉପାଡ଼ି ନିର୍ମୂଳ କରିଦେବା ପରେ ପୃଥିବୀରେ ଆଉ କେହି କାହାରି ଦ୍ୱାରା ବଳପ୍ରୟୋଗ କରିବେ

## ବିଲୁଆ ବିଚାର

ନାହିଁ । ଖାଲି ଏହି ନାଶକ୍ ହାଟରେ ପାଇଁ ଯାହା ଟିକିଏ ଟିକି ଲେଖା ହେଉଛି । କଥାଟା ଶୁଣିଲେ ଆମକୁ ନିହାତି ଅପସନ୍ଦ ହେଉନାହିଁ । ନାହସୀବାଦ ଲୋପ ପାଇଲା ବେଳକୁ ପୃଥିବୀର କେଉଁ ଜାତିର ବଳ ବଢ଼ିଥିବ ଯେ ସେ ହିଂସା କରିବ ? ସେତେବେଳେ 'ବୃଦ୍ଧା ବେଶ୍ୟା' ପାଲଟିଯିବେ ସମସ୍ତେ । ଏ ବିଷୟରେ ଆମର ଟିକେହେଲେ ସନ୍ଦେହ ଆସୁନାହିଁ ।

\+ + +

କିନ୍ତୁ ସନ୍ଦେହ ହେଉଛି ଆଉ ଗୋଟାଏ କଥାରେ । ଏ ଦେଶରେ ଗୋଟାଏ ଛଳତ୍ରିମଙ୍କ ମୁହଁରୁ ହରିନାମ ଶୁଣିବାର ସୁବିଧା ଆମକୁ କ୍ୱଚିତ ମିଳେ । ଏ ଦେଶରେ ବହୁତ ବଇମାନ ଜପ ସମସ୍ତେ ପଢ଼ିଛନ୍ତି । ଚାଟୁବାଦ କଥା ବି ଶୁଣିଛନ୍ତି । ତେଣୁ ରୁଜଭେଲ୍ଟ ଚର୍ଚ୍ଚିଲ ଯେଉଁ ଅଣଶୋକ ଅନୁଶାସନ ରଚନା କର୍ଣ୍ଣ ପ୍ରସ୍ତୁତ କରିଗଲେ ସେ ସବୁ ଆମ ଚାଳକୁ ବିଶ୍ୱାସ କଲିନାହିଁ । ଆମେ ଜାଣୁ ଯେ କହୁଛନ୍ତି ବେ ପୁଞ୍ଜିବାଦୀ ବ ବଡ଼ାଯାଏ ଆଉ କହ ନ ଜାଣିଲେ ନିଜ କଥାକୁ ଗଡ଼ଗଡ଼ କରିଥାଏ । କିନ୍ତୁ ଯେ ଠକେ, ଠକୁଛ ନିଜ କ'ଣ ଆଉ ଶୁଣିବ ନା ଆଉ କହିବ ? ବ୍ରିଟିଶ ସରକାର ଯେତିକି ସବୁ ପାପ କର୍ମ ବା ଅପକର୍ମ କରେ କରୁଛନ୍ତି ସେଇ ସବୁକୁ ସେ ଆଉ ଛୁଇଁ କହିଛନ୍ତି କରିବେ ନାହିଁ । ଗୋଟି ଗୋଟି କରି ସବୁକଥା ଦେଖାଯାଉ—ଆମ ଏହି ସଂଗ୍ରାମ ସରକାର ନିକଟରେ ସଠିକ ବା ସଂଭାଷ ଦେଶ ଦେବେ ସତ ବା ସତେର ମାନ ।

ପ୍ରଥମରେ ସଂଗ୍ରାମ ସରକାର (ତଥା ଆମେରିକା) ନିଜ ରାଜ୍ୟ ବା ସ୍ୱତନ୍ତ୍ର ସ୍ୱାତନ୍ତ୍ର୍ୟ ନାହିଁ । ଏ କଥାଟା ନିହାତି ମିଛ ହୋଇ ନ ପାରେ । କାରଣ ମିତ୍ରପକ୍ଷ ଓ ଉଭୟ ଆକ୍ରମଣ କଲେ ମଧ୍ୟ ସେ ପୁରୁଣା ରାଜ୍ୟ ବା ସମ୍ପଦକୁ ଯେମିତି ଭାବରେ ସ୍ୱତ ପ୍ରକାର ରଖିଛନ୍ତି, ଠିକ୍ ସେମିତି ସେସବୁ ରାଜ୍ୟକୁ ରଖି ନାହାନ୍ତି ।

ତାପରେ ସଂଗ୍ରାମ ସରକାର (ତଥା ଆମେରିକା) କୌଣସି ସ୍ଥାନରେ ଜନସାଧାରଣଙ୍କର ସ୍ୱାଧୀନ ମତ ନ ନେଇ ସେ ସ୍ଥାନର କୌଣସି ପରିବର୍ତ୍ତନ କରିବେ ନାହିଁ । ବର୍ମାକୁ ଭାରତ ଠାରୁ ଅଲଗା କରିବାରେ, ଚନାଙ୍କ ପାକିସ୍ଥାନ ପାଇଁ ଚାପର ଦେବାରେ ସଂଗ୍ରାମ ସରକାରଙ୍କର ଭିତର ହାତ ନଥିଲେ ବି ସେସବୁ ଭାବ ନିହାତ ଛୋଟ କଥା, ତାକୁ ସେବା ନିବୃତ୍ତି ଲୋକେ ସ୍ୱାଧୀନମତ ଦେଲେ ବି ଓଡ଼ିଆ ସାଙ୍ଗରୁ ଆସିବାରେ ସଂଗ୍ରାମର ନେତେ ଅଭିଯୋଗ ହୋଇଥାଇ ଲୋକ ସେ କଥାଟାକୁ ବି ବାଦ୍ ପକେଇ ଦିଆଯାଉ । ସେ ସବୁ ଛୋଟ କାଳ ଯେଉଁଠି ଯାହାର ପରିବର୍ତ୍ତନ ହେବେ ବ୍ରିଟିଶ ସରକାରଙ୍କ ସ୍ୱାର୍ଥ ରହିଲେ ବେଳେ କେବେ ସେତକ ଦେଖି ତାପରେ ଯାଇଁ ସବୁକଥା ଜଣାଇ କରାଯିବାର ନାମ ସ୍ୱାଧୀନ ମତ । ଅର୍ଥାତ୍

Digitized by srujanika@gmail.com

ଅନ୍ୟ କାହାର ମତ ନୁହେଁ, ବୁଦ୍ଧିମାନ ବ୍ରିଟେନର ମତହିଁ ସ୍ୱାଧୀନ ମତ ।

ସମସ୍ତ ଜାତି ନିଜନିଜର ଶାସନ ପଦ୍ଧତି ନିର୍ଦ୍ଧାରଣ କରିବାର ଅଧିକାର ସେମାନେ ମାନନ୍ତେନେବେ—ଏ ଆଉ ଗୋଟାଏ ସର୍ତ୍ତ ବା ସତ୍ୟ ବା ଅନୁଷ୍ଠାପନ । ଏହା ତ ଅତି ସହଜ କଥା । ଭାରତରେ ଏ ନୀତିର ଆଦର୍ଶ ଦୃଷ୍ଟ ହୋଇଛି । ଆଉ ବେଶୀ ଉଦାହରଣ ବା ଦୃଷ୍ଟାନ୍ତ ଦେବାକୁ ପଡିବ ନାହିଁ ।

ତା'ପରେ ଯେଉଁ ମାନଙ୍କର ସ୍ୱାଧୀନତା ବଳପୂର୍ବକ ଛଡ଼ାଇ ନିଆଯାଇଛି ଯୁଦ୍ଧପରେ ସେମାନେ ସେଥା ଫେରି ପାଇବେ । କିନ୍ତୁ ଭାରତ କରେ ଦେଖଣା ସାର । ସେ ତାହିଁରୁ କିଛି ପାଇବ ନାହିଁ । କାରଣ ଯୁଦ୍ଧ ସମୟରେ ତାର ସ୍ୱାଧୀନତା ବଳପୂର୍ବକ ଛଡ଼ାଇ ନିଆଯାଇ ନାହିଁ ଯେ ଯୁଦ୍ଧ ପରେ ତାକୁ ଫେରସ୍ତ ହେବ । ତା'ଛଡ଼ା ତାର ସ୍ୱାଧୀନତା ତ ବଳପୂର୍ବକ ନିଆଯାଇ ନାହିଁ । ଭାରତ ନିଜ ଇଚ୍ଛାରେ ତାର ସ୍ୱାଧୀନତା ଦେଇଛି । ଏ ଦେଶରେ ସେ ନୀତି ପ୍ରଯୁଜ୍ୟ ହେବ କିପରି !

ଚତୁର୍ଥତଃ ସମସ୍ତ ଦେଶ ଯେପରି ସମ ଅଧିକାରରେ ବାଣିଜ୍ୟ କରିପାରନ୍ତି ସେଥିପାଇଁ ସେ ଚେଷ୍ଟା କରିବେ । ବର୍ତ୍ତମାନ ଭାରତରେ କରୁଛନ୍ତି ମଧ୍ୟ । ଏ ବିଷୟରେ ଆଉ ସନ୍ଦେହ ନାହିଁ ।

ପୁଣି କହିଛନ୍ତି—ସାମାଜିକ ନିରାପତ୍ତା ଓ ଅର୍ଥ ନୈତିକ ଉନ୍ନତି ପାଇଁ ସମସ୍ତ ଜାତି ଭିତରେ ପୂର୍ଣ୍ଣ ସହାନୁଭୂତି ରଖିବାକୁ ସେ ରାଜି ହେବ । ଏଥିରେ ଆଉ କିଏ ବୋଲି ଶୁଣୁ ନାହିଁ । ବର୍ତ୍ତମାନ ମଧ୍ୟ ସେ ପ୍ରତି ସହାନୁଭୂତି ଦେଖିଛନ୍ତି । ଖାଲି ଭାବି ନାହାନ୍ତି—ସେ ଦିଗରେ କାମ ବି କରୁଛନ୍ତି । ଏହି ସାମାଜିକ ନିରାପତ୍ତା ପାଇଁ ତ ଭାରତକୁ ହାତଛଡ଼ା କରିପାରୁ-ନାହାନ୍ତି ।

ଯାହାହେଉ, ଏହି ସବୁ ଅନୁଶାସନକୁ ଭାରତର ପୁରପଲ୍ଲୀରେ ଅଶୋକଙ୍କ ଅନୁଶାସନ ଭଳି କରି କାଟିଗଲେ ପୂର୍ବଯୁଗର ଇତିହାସ ପ୍ରସିଦ୍ଧ ହୋଇ ରହିବ ବୋଲି ଆମର ଯଥେଷ୍ଟ ବିଶ୍ୱାସ ଅଛି ।

ଏଣିକି ଓଡ଼ିଶାବାସୀ ବାଇଅବାବା ପାଗଳା ବାବାଙ୍କ ଜୟ ନ କରି, ନିତାଇ ଗୌରଙ୍କ ନାମ ସଙ୍କୀର୍ତ୍ତନ ନ ଧରି, ମହାତ୍ମା ଗାନ୍ଧି ଜହରଲାଲଙ୍କ ଜୟ ନ ଦେଇ କହିବେ—

ଜୟ—ଚର୍ଚ୍ଚିଲ ବାବା ରୁଜ୍‌ଭେଲ୍‌ଟ ବାବା ର ଜୟ ।

× – +

ଏ ଲୋକ ଧନକଡ଼ି 'ଧନା ନାଚ ଦେଖି ଆମ ଦେଶ ସହରେ ହମ୍ବାରଡ଼ ପଡ଼ିଗଲା । ଗୋଟିଗୋଟି କରି ଗାଈମାନେ ତାଙ୍କ ପାଖରୁ ଫେରିଗଲାବେଳେ ଦେଖି ଲୋକ ନଜର ପଡ଼ିବା ଉପରେ ହେଉଥିଲେ । ଯାହା ହେଉ ଲୋକଙ୍କ ନଷ୍ଟଦଶା ହେଲା । ଶେଷରେ ବାଘ କାଢ଼ି ସେପୁଣି ଜଣେ ଦଳଣଙ୍କୁ ଧରିଥିଲେ ପାଖକୁ । ଯେଉଁମାନେ ନ ଆସିଲେ ତାଙ୍କୁ ସେ ଠେଙ୍ଗା ଉପର ଠେଙ୍ଗା ଦେଇ ମାରିବେ । କିନ୍ତୁ ଗାନ୍ଧି ଲୋକଙ୍କ ଭିତରେ ତଫାତ୍ ଏଇଠି । ଗାନ୍ଧିଙ୍କ ଖସିଗଲା ମାଛକୁ ଆଉ ଧରନ୍ତି ନାହିଁ । କିନ୍ତୁ ଲୋକ ଦଣ୍ଡି ଦାଙ୍ଗଟିଏ ବି ଖସିଗଲେ ପଛରେ ପଡ଼ି ମଧ୍ୟ ତାକୁ ଧରିବେ । କାରଣ ଲୋକଙ୍କର ଧରିବା ହେଲା ଧର୍ମ । ସେଥିପାଇଁ ଯାହା କରିବେ ତାଙ୍କର ତା' ଧର୍ମ । ମୁସ୍‌ଲିମ୍ ଲିଗ୍‌ର ସୃଷ୍ଟି ମୂଳରେ ସେଇ ଧର୍ମ । ଯେଉଁଦିନ ମୁସ୍‌ଲିମ୍‌ଲିଗ୍ ମତ ଏହି ଗୋଟିଏ ଧର୍ମର ଅନୁଷ୍ଠାନ ହୋଇଯିବ ସେତେବେଳେ ଲୋକ ଖସିଗଲା ବାଟ । ମୁସ୍‌ଲିମ୍ ଲିଗ୍ ନାମରେ ଯେତେଦିନ ଅଟଣା ପେଟ ପୂରି ପାରିବ ସେତେଦିନ ତାକୁ ଛଡ଼େ କିଏ !

× + ×

କିନ୍ତୁ ଲୋକର ଯୁକ୍ତିଟା ଶୁଣିଲେ ହସମାଡ଼େ । ହାଇଦ୍ରାବାଦ 'ମନ୍ତ୍ରୀ' ହୋଇ ଯୁଦ୍ଧକୁ ସାହାଯ୍ୟ କଲେ ଅପରାଧ ନାହିଁ ମାତ୍ର ମୁସଲମାନ ନେତା ହୋଇ ଯୁଦ୍ଧକୁ ସାହାଯ୍ୟ ପାପ । କାରଣ ବୋଧହୁଏ ଜିନ୍ନା ହିଁ ଏକମାତ୍ର ମୁସ୍‌ଲିମ୍ ନେତା । ତାଙ୍କ ଛଡ଼ା ଏ ଜଗତରେ ଖଣ୍ଡମଣ୍ଡଳରେ ଆଉ ପୁଣି କାହା କରରେ ହାଡ଼ ଅଛି ଯେ ସେ ନିଜକୁ ବିଶାଳ ମୁସ୍‌ଲିମ ସମ୍ପ୍ରଦାୟର ନେତା ବୋଲାଇବାକୁ ସ୍ପର୍ଦ୍ଧା କରିବ ?

× × ×

ଅମ୍ଭେମାନେ ସିକନ୍ଦର, ହକ୍ ଓ ସାଦୁଲ୍ଲା ପ୍ରମୁଖଙ୍କୁ ଏକ ବୁଦ୍ଧି କହିଦେବାକୁ ବିନା ପାରିଶ୍ରମିକ ଆଶାରେ ମଧ୍ୟ ପ୍ରସ୍ତୁତ ଅଛୁଁ । ସେମାନେ ଏଣିକି ମୁସଲମାନ ପୋଷାକ ଏକାବେଳକେ ଛାଡ଼ି ଦେଇ ସବୁବେଳେ ମିଲିଟାରି ପୋଷାକ ପିନ୍ଧନ୍ତୁ । କାରଣ, ମିଲିଟାରି ପୋଷାକ ପିନ୍ଧି ଯୁଦ୍ଧକୁ ସାହାଯ୍ୟ କଲେ ହୁଏତ ଲୋକ ଆଉ ଦୋଷ ଧରିବେ ନାହିଁ । କିନ୍ତୁ ମୁସଲମାନ ଅଲ୍‌ଖାଲ୍ଲ ଦେଇ ଯୁଦ୍ଧକୁ ସାହାଯ୍ୟ କଲେ ଧର୍ମକୁ ଅବମାନନା ହେବ । ଏହା ଅବଶ୍ୟ ଜିନାଙ୍କ ମତ ବୋଲି ଆମର ଏବେ ବିଶ୍ୱାସ ହେଉଛି ।

\+ + +

ବଙ୍ଗଳାର ସେନ୍‌ସସ୍ ସୁପରିଣ୍ଟେଣ୍ଡେଣ୍ଟ ଏକ ଇସ୍ତାହାରରେ ଏପରି ପ୍ରକାଶ କରିଛନ୍ତି ଯେ ନୂଆ ଜନଗଣନାରେ ବଙ୍ଗଳାର ମୁସଲମାନ ସଂଖ୍ୟା ଶତକଡ଼ା ୫୪.୮ । ଅର୍ଥାତ୍ ଗତ ଜନଗଣନାର ମାତ୍ରା ବା ହାର ସଙ୍ଗେ ସମାନ । ଏଥିରୁ ବଙ୍ଗଳାର ମୁସଲମାନମାନଙ୍କର କର୍ମକୁଶଳତା ବେଶ୍ ଜଣାଯାଏ । ବଙ୍ଗଳାର ପାଣିପାଗକୁ ଧନ୍ୟଧନ୍ୟ । ବଙ୍ଗଳାର ମା'ମାନଙ୍କୁ ବି ଧନ୍ୟ । ଏଣେ ଗୋଟିଏ ହିନ୍ଦୁ ଛୁଆ ଜନ୍ମ ହେଲାବେଳେ ତେଣେ ଗୋଟିଏ ମୁସଲମାନ ଛୁଆ ଜନ୍ମହେଉଥିବ । ମୁସଲମାନ ଛୁଆ ଜନ୍ମ ନ ହେଲାଯାଏଁ ହିନ୍ଦୁ ମା ଛୁଆ ପେଟରେ ରଖି ବସିଥିବ । ବଙ୍ଗୀୟମାନେ ବଙ୍ଗଳାର ସେନ୍‌ସସ୍ ମାଲିକଙ୍କ ସେନ୍‌ସସ୍‌ଟାକୁ ଧନ୍ୟ ଧନ୍ୟ ଦେଉନ୍ତୁ ।

\+ + +

ଏବେ ବର୍ମା ଭାରତ ଚୁକ୍ତି ବୋଲି ଗୋଟିଏ ଅଇନ ହେଉଛି ଯେମିତି ପଠାଣଙ୍କ ଗୋରୁ ଖାଇବା ଧର୍ମ, ବ୍ରାହ୍ମଣଙ୍କ ମଇଁଷିବଳି ଦେବା ଧର୍ମ, ଦେବତାଙ୍କର ସୋମରସ ପାନକରିବା ଧର୍ମ କିମ୍ବା କୌଣସି କୌଣସି ଗାନ୍ଧିବାଦୀଙ୍କ ସୋଧନଟା ଅହିଂସା, ସେମିତି ବ୍ରିଟିଶ ସରକାରଙ୍କ ଅଇନ ଅର୍ଥ ମେରି-ରଥ୍ୟ । ଏହି ଅଇନ ବଳରେ ଆଉ ଭାରତୀୟମାନେ ଯଥାସମ୍ଭବ ବର୍ମାକୁ ଯାଇପାରିବେ ନାହିଁ କିମ୍ବା କାନ ଧରି ୨୦ ଥର ବା ୨୫ ଥର ଉଠ୍‌ବସ୍ ନହୋଇ ବର୍ମାରେ ରହି ପାରିବେ ନାହିଁ । ମହାତ୍ମା ଗାନ୍ଧିବ ମୌନ ଛାଡ଼ି ଦପଦପ ଶୋଧିଦେଲେ ସରକାରଙ୍କୁ । କିନ୍ତୁ ଗାନ୍ଧି ମହାତ୍ମା ହେଲେ କ'ଣ ହେବ ପଣ୍ଡିତ ନୁହନ୍ତି । ସେଥିପାଇଁ ସେ ବ୍ରିଟିଶର ଏ ରାଜନୀତିଟାକୁ ପସନ୍ଦ କରିପାରିଲେ ନାହିଁ ବା ତାଙ୍କର ପସନ୍ଦ କରିବାର କ୍ଷମତା ନାହିଁ । କାରଣ ପଣ୍ଡିତେ କହନ୍ତି—ସର୍ବନାଶେ ସମୁତ୍ପନ୍ନେ ଅର୍ଦ୍ଧଂ ତ୍ୟଜନ୍ତି ପଣ୍ଡିତାଃ' ଏହି ଅଧାଛାଡ଼ିବା ପାଇଁ ସରକାର ବହୁଦିନରୁ ବର୍ମାକୁ ଭାରତ ସାଙ୍ଗରୁ ଅଲଗା କରିବାର ଉଦ୍ଦେଶ୍ୟରେ ତଡ଼ଲଯାଉକୁ ପାଖେଇ ପାଖେଇ ଖାଇଁ ଖାଇଁ ଏଥର ସଡ଼୍‌କନା ଏକା ଥରକେ କାବାର କରିଦେଲେ । ମାମଲା ଛିଣ୍ଡିଗଲା । ଆଉ ଗାନ୍ଧି କହିଲେ କେତେ ନା ଭଗବାନ ନିଜେ ବଟେ କରି କହିଲେ କେତେ !

ପଞ୍ଚ ମୃଦଙ୍ଗକୁ ଜଡ଼ା ଗାମୁଛ
ତହିଁ ବାଣୀଦାରୀ ନାଚୁଛ
ଅବୁଝା ରଜାଙ୍କ ବେଂଗେଇ ପାତର
କମଳ ଯାକ ବେଢ଼ାଉଛ ?

× + ×

Digitized by srujanika@gmail.com




ପ୍ରେମଟା କି ପଦାର୍ଥ ? ପ୍ରେମଟା ପଦାର୍ଥ ନୁହେଁ । ପ୍ରେମଟା ଗୋଟାଏ ଘଟଣା । ଅଘଟଣ ଘଟଣା ନ ହେଲେ ମଧ ଗୋଟାଏ ଅଦ୍ଭୁତ ଘଟଣା ।

ଚେକୋସ୍ଲୋଭାକିଆ ଅଧିକାର, ଅଷ୍ଟ୍ରିଆ ଦଖଲ, ମିଉନିଚ ଚୁକ୍ତି, ପୋଲାଣ୍ଡ ଆକ୍ରମଣ, ରୁଷିଆ ଜର୍ମାନ ସହଯୋଗ, ଇଂଲଣ୍ଡ ଚଡ଼ାଇ, ଅମେରିକା ସାହାଯ୍ୟ, ଜର୍ମାନର ରୁସିଆ ଅଭିଯାନ, ଜାପାନର ଇଣ୍ଡୋଚୀନ ଯିବା, ସନ୍ଧି ଚୁକ୍ତି, ଅମେରିକାର ଆଇସଲାଣ୍ଡ ପହଁଚିବା ଇତ୍ୟାଦି ଇତ୍ୟାଦି ଠାରୁ ଅଦ୍ଭୁତ ଅବଶ୍ୟ, ଅଦ୍ଭୁତ ଦୈବିକ ଅଦ୍ଭୁତ ଭୌତିକ ଘଟଣାର ନାମ ପ୍ରେମ । ପ୍ରେମଟା କି ପଦାର୍ଥ ସେ କଥା ଅଭିମନ୍ୟୁ ସାମନ୍ତ ସିଂହାର ନିଧିଭାବ ଥିଲେ । କିନ୍ତୁ ବିଦ୍ୟାରୁ ଉନ୍ନତି ବେତାର ବା ଆକାଶ କହୁଛି ସେ କଥା

**ମଜାକଥା**

ଷ୍ଟ୍ରାଟାଜିକ୍ ରିଟ୍ରିଟ୍

ଲେଖକ—ଶ୍ରୀ ନ: ମ:।

ମୁହଁରେ ପଶୁର ପ୍ରେମଟା ଯେ ପଦାର୍ଥ ପାଇଏଠାବେଳେଲେ ପଥରେ ପ୍ରଚଳନ ଅଭିମନ୍ୟୁ, ଭଞ୍ଜ, ଦୀନକୃଷ୍ଣ ଓ ବଳଦେବ କେହି ଅବିଷ୍କାର କରିପାରି ନ ଥିଲେ । ଏହାର ଆବିଷ୍କର୍ତ୍ତା ନିଖିଳ ଓଡ଼ିଆ କୁଳ ବ୍ୟୋମକେଶ ମର୍ଦ୍ଦରାଜ ।

ରୁଷିଆର ଗୁପ୍ତ ଅବସ୍ଥାର କାଂଟେନ୍ତେ ବୋଲିଶେ ଷ୍ଟାଲିନଙ୍କ ଦ୍ୱାରା ପ୍ରବର୍ତ୍ତିତ ହେଲେ । କିନ୍ତୁ ଓଡ଼ିଶା ସରକାର ବ୍ୟୋମକେଶର କନ୍‌ଫୁସ୍ (ପ୍ରତିଭା) ଏପ୍ରେସିଏଟ୍ (ହୃଦ୍‌ବୋଧ) କରି ପାରିଲେ ନାହିଁ । ଏହାହିଁ ଦୁଃଖ ।

ବ୍ୟୋମକେଶଙ୍କ ମତରେ ପ୍ରେମ ଏକ ଯୁଦ୍ଧ—ତୁମୁଳ ଯୁଦ୍ଧ । ଜନକର୍ଦ୍ଦ୍ ଯୁଦ୍ଧ କଥା ଶୁଣିଥିବେ—ବୀର ସମର କଥା ଯେ ତ କେହି ଦେଖିଥିବେ ସେମାନେ କିଛି କିଛି ହେଲେ ଅନୁମାନ କରି ପାରିବେ ।

ପ୍ରେମର ଅକ୍ଷରିକ ଅର୍ଥ ଭଲ ପାଇବା—ନୀଳକଣ୍ଠଙ୍କ ବ୍ୟାକରଣୀ ପଦରେ ଯେନ-ତେନ ବା ତତ୍‌ସମ୍ଭୂତ ବା ଅପଭ୍ରଂଶ କୌଣସି ପଦ ।

ସାହିତ୍ୟିକ ଅର୍ଥରେ ପ୍ରେମ ଦୁଇ ପ୍ରକାର । ପ୍ରି ଧାତୁର ଇମନ୍ ଓ ପ୍ରି ଧାତୁର ଇମ । ଇମନ୍‌ଟା ଉଚ୍ଚଦରର ଓ ଇମଟା ନୀଚ ଦରର । କିନ୍ତୁ ବ୍ୟୋମକେଶ ମତରେ ପ୍ରେମ ଗୋଟାଏ । ଅଲୋକ ଯେପରି ଗୋଟାଏ—ପ୍ରେମ ସେହିପରି ଗୋଟାଏ । ଅଲୋକର ଅଭାବ ଅନ୍ଧକାର । ଅନ୍ଧକାରର ସ୍ୱତନ୍ତ୍ରତା ନାହିଁ । ସେହିପରି ପ୍ରେମର ଅଭାବ ଅପ୍ରେମ । ଅପ୍ରେମ ବୋଲି କିଛି ନାହିଁ । ସବୁଠି ପ୍ରେମ ଭର୍ ପୁର୍ । ଯେଉଁଠି ପାର ସେଠି ପ୍ରେମ କରିପାର । ପ୍ରେମ ଅବଶ୍ୟ ପ୍ରାପ୍ୟ—ଅଲୋକ ଭଳି ନିଶ୍ଚିତ ଲଭ୍ୟ ।

ବ୍ୟୋମକେଶ ଜୀବନରେ ପ୍ରେମ ସଂଗ୍ରାମରେ କେଉଁଠି ପରାସ୍ତ ହୋଇନାହିଁ ।

ପ୍ରେମ କରିବାର କେତେ ଗୁଡ଼ିଏ ସୋପାନ ଅଛି । ଠିକ୍‌ଏ ବୁଦ୍ଧି କରିବ ଯେଉଁ ସୋପାନକୁ ଯେପରି ଅତିକ୍ରମଣ କରିବା ଉଚିତ ତାହା ନ କଲେ କ୍ଷେତ୍ରରେ ଅପଦସ୍ତ ହେବାକୁ ହୁଏ । ପ୍ରେମ ସଂଗ୍ରାମରେ ଯୋଦ୍ଧାର ଏହି କୌଶଳଟା ବିଶେଷ ଭାବରେ ଜାଣିବା ଉଚିତ । ପ୍ରେମ ଯୋଦ୍ଧା କୌଣସି ସ୍ଥଳରେ ଜଣେ ପ୍ରଭୁ ବା ସୁନ୍ଦରୀ ଦୁହିଁଙ୍କ ସାମନାରେ ଥିବା ସୈନ୍ୟ ଠାରୁ ଊଣା ନୁହେଁ—ଗାନ୍ଧିଙ୍କ ନିର୍ଦ୍ଦିଷ୍ଟ ଅହିଂସ ସତ୍ୟାଗ୍ରହୀଙ୍କଠାରୁ ମଧ୍ୟ କୌଣସି ପ୍ରକାରରେ ହୀନ ନୁହେଁ ।

ବ୍ୟୋମକେଶ ମତରେ ସ୍ତ୍ରୀ ଚାରି ପ୍ରକାର ନୁହନ୍ତି । ଅର୍ଥାତ୍ ପଦ୍ମିନୀ, ହସ୍ତିନୀ, ଶଙ୍ଖିନୀ, ଚିତ୍ରିଣୀ ଠାରୁ ମଧ୍ୟ ପ୍ରକାର ଭେଦରେ କିଛି ଭିନ୍ନ ଉପାନ୍ତ ପଦରେ ସ୍ତ୍ରୀରେ ସର୍ବଦା ହୋଇ ରହିଛି—ଯେଉଁ ଗବେଷଣା ପାଇଁ ପାଣ୍ଡୋଲ କର୍ତ୍ତା କେହେ ଅପରୀକ୍ଷା ବା ବିପରୀତ ହେବେ ।

ପ୍ରଥମତଃ ବୟସର ଅନୁକ୍ରମରେ ସ୍ତ୍ରୀଙ୍କ ସ୍ୱଭାବରେ ବାଛି ନେବ । ଅବଶ୍ୟ ଏହା ପ୍ରକାଶ କରିବା ଦ୍ୱାରା ପାଠକ ପାଠିକାମାନଙ୍କୁ ହାତଯୋଡ଼ି କ୍ଷମା ମାଗିବା ଉଚିତ । କାରଣ କଦାଚିତ୍ କଥାଟା ଅଶ୍ଳୀଳତାକୁ ଅନୁଗ୍ରହ କରିବ !

ଏକରେ ଲୁଅ‌ଁସ—ଅର୍ଥାତ୍ ପିଲାଟା ଲୁଅ‌ଁ ଲୁଅ‌ଁ କରିବା ଅବସ୍ଥାରୁ ୭ ବର୍ଷ ଯାଏ । ଏ ସମୟରେ ପ୍ରେମର ଅର୍ଥ କେବଳ କୋଳରେ ଧରିବା ଓ ଚୁମା ଦେବା ଓ ଦଶ୍ନରିବା । ଏତଦ୍ୱାରା ଫଳ ଠାରୁ ... ଲକ୍ଷକୁ ବିଶେଷ ଭାବରେ ଅବହିତ କରାଯାଏ ।

ଦୁଇରେ ଦୁହିତା—କେବଳ ହିତ ଯେ କେ ସ୍ତ୍ରୀ ଲଗରେ ଥ । ୭ ବର୍ଷ ଠାରୁ ଦଶ ବର୍ଷ ଯାଏ ତାଙ୍କୁ ଦୁହିତା ବୋଲାଯାଏ । ଏ ଅବସ୍ଥାରେ ଜାଗ ଜାତିର ଅଙ୍ଗ ବାମରହିବ ଶୀତଳ ଥାଏ ତେଣୁ ... ରୋଗ ନଥାଏ ।

ତିନିରେ ବାଳା—ଦଶଠାରୁ ପନର ବର୍ଷ ବୟସରେ ବାଳା ଅର୍ଥାତ କେଶ ବୃଦ୍ଧି ହୁଏ । ତେଣୁ ସ୍ତ୍ରୀ ଲଗରେ ଅବଶ୍ୟ ହୋଇ ବାଳା ହୋଇଛି । ଏ ଅବସ୍ଥାରେ କେଶ ସଜ୍ଜା ଦ୍ୱାରା ବାଳାମାନେ ବିଶେଷ ପ୍ରୀତ ହୁଅନ୍ତି । ଏ ଅବସ୍ଥାରେ ପ୍ରେମ ଯୁଦ୍ଧରେ ବେଶୀ ଅଗ୍ରସର ହେଲେ ପରିଣାମ ସାଂଘାତିକ ହେବାର ଦେଖାଯାଏ ।

ଚତୁର୍ଥରେ ତନ୍ୱୀ—ଷୋଳ ଓ ସତର ବର୍ଷ ଏହି ଭିତରେ ତାଙ୍କୁ ତନ୍ୱୀ କୁହାଯାଏ । ଏ କ୍ଷେତ୍ରରେ ତାଙ୍କରି ... ଅତିଶୟଙ୍କ ଶାଳୀନ ...



Digitized by srujanika@gmail.com

ଏପରି କାମ କରାଯାଇ ନ । ଏ ବୟସରେ ଯୁବତୀ ଅଭିପ୍ରାୟ ଓ କର୍ତ୍ତବ୍ୟ ରୂପ ଧାରଣ କରିବା ସ୍ୱାଭାବିକ ।

ପଞ୍ଚମରେ ରମଣୀ । ୧୬ ଠାରୁ ଚୋଡ଼ିଏ ବର୍ଷ ଭିତରେ ନାରୀ ଅତି ରମଣୀୟ ହୋଇଥିବାରୁ ରମଣୀ; ଏତଦ୍‌ଭିନ୍ନ ଅଭିଯାନର ସଙ୍ଗ ମଧୁର ହେବାରେ ମଧ୍ୟ ଉଚିତ ଅଛି । ଏହି ସମୟରେ ବିଶେଷ ଆନନ୍ଦ ମିଳେ ।

୨ୟ ରେ ତରୁଣୀ—୨୦ ରୁ ୨୫ ଯାଏ । ତରୁଣୀ ଅର୍ଥାତ ତରୁ ହୋଇଲେ ଯେଉଁ ଭଳି ଅବସ୍ଥା ଯାହାର ।

୩ୟ ରେ ଯୁବତୀ—ଚୋଡ଼ିଏ ବା ୨ ପିଲାର ମାଆ ଯୁବତୀ ହୁଆଯାଏ । ୨୫ ରୁ ୩୦ ଭିତରେ ଏ ଅବସ୍ଥାରେ ସଂଗ୍ରାମ କୌଶଳର ସୁନିପୁଣତା ଆବଶ୍ୟକ । ଅବିରତ ବୋମା ପ୍ରହାର ନିଷେଧ । ମଝିରେ ମଝିରେ ଅତର୍କିତ ଲଘୁ ଆକ୍ରମଣ କରାଯାଏ ।

୪ ମରେ ସ୍ତ୍ରୀ । ନାରୀ ପୁଷ୍ଟ ହେବା ପରେ ଇସ୍ତ୍ରୀ ହେବାକୁ ହୁଏ । ନାରୀର ଏ ଅବସ୍ଥାରେ ଗୋଟାଏ ଭଙ୍ଗ ପଡ଼ିଯାଏ ଅର୍ଥାତ ଗୋଟାଏ ପ୍ରକାରରେ ଗଢ଼ି ହୋଇଯାଏ । ତେଣୁ ୩୦ ରୁ ଉର୍ଦ୍ଧ୍ୱ ହେଲେ ସ୍ତ୍ରୀ ହୁଅନ୍ତି ।

ବୃଦ୍ଧାମାନେ ବଳ ଖଟିବାକୁ ଭଲ ପାଆନ୍ତି । ତେଣୁ ବୃଦ୍ଧାଙ୍କ ସହିତ ଯୁଦ୍ଧରେ ଭଲ ଭଲ ଭଙ୍ଗ କରିବା ଉଚିତ ।

ବାଳିକା ସହିତ ପ୍ରଣୟରେ ଅଳ୍ପ ଅଳ୍ପ କଣ ଦେଖିବା ପ୍ରୟୋଜନ । ଗାଉନ୍ ବା ବାସ୍କେଟ୍ବଲ ସାଇକଲ ଚିତ୍ର, ମଟର ବ୍ୟୋମଯାନ ଚଢ଼ା, ପଢ଼ିବା, ହାଇଜମ୍ପ, ଲଙ୍ଗ୍‌ଜମ୍ପ ଇତ୍ୟାଦି ବାଳିକାମାନଙ୍କୁ ବିଶେଷ ଭଲ ଲାଗେ ।

ରମଣୀ ଅବସ୍ଥାରେ ଦେହ ସୁଖ ବଡ଼ ଆମୋଦ ଦାୟକ । ତିନି ପକ୍ଷ ଏ ଅବସ୍ଥାରେ ବିଶେଷ ଫଳ ପ୍ରଦ ହୋଇଥାଏ ।

ନାରୀ ତରୁଣୀ ହୋଇଗଲେ ଉପହାରକୁ ବିଶେଷ ପସନ୍ଦ କରନ୍ତି । ସୁତରାଂ ରମଣୀ-ପ୍ରେମିକର ଅର୍ଥ ମଜବୁତ୍ ହେବା ଉଚିତ ।

ଯୁବତୀ ଅବସ୍ଥାରେ ନାରୀ ଅତି ବେଶୀ ପୁରୁଷର ସାନ୍ନିଧ୍ୟ ଚାହାନ୍ତି । ଏ ଅବସ୍ଥାରେ ନାରୀକୁ ପାଖରୁ ଛାଡ଼ିବା ଅବଧି ।

ସ୍ତ୍ରୀ ହେବାପରେ ପୁରୁଷ ଅନେକଟା ନାରୀ ଆୟତ୍ତରେ କର୍ତ୍ତିନ ହୋଇ ପାରେ । ଏହାପରେ ପ୍ରେମ ଭଙ୍ଗିବା ଯେପରି ସହଜ ନୁହେଁ ଏ ବେଳରେ ପ୍ରଣୟୀ ପାଉଲେଇବା ବ ଉଚ୍ଚ ଅଧିକ କଷ୍ଟ ।

ନାରୀ ଜାତିର ବୟସ ଅନୁକ୍ରମରେ ଏହି ବର୍ଗ ଭିନ୍ନରୂ ବର୍ଣ୍ଣ ଅନୁପାତରେ ମଧ୍ୟ ବର୍ଗ କରାଯାଇ ପାରେ ବୋଲି ବ୍ୟୋମକେଶଙ୍କ ମତ ।

ବ୍ୟୋମକେଶ କହନ୍ତି—ସନ କୃଷ୍ଣା—ଚିକ୍କଣ କଳା— ଇନ୍ତିମଙ୍କି ତରୁଣୀ ବାଳାମାନେ ଅତି ଶୀତଳ । ଯୌବନର ଉତ୍ତାପ ନିବାରଣ କରିବା ପାଇଁ ଏମାନେ ନାରୀର ପ୍ରେମ ବାଞ୍ଛନୀୟ ।

ଉଜ୍ଜ୍ୱଳ କୃଷ୍ଣା ବା ଶ୍ୟାମା ନାରୀ ଅଥବା ଉଜ୍ଜ୍ୱଳ କଳା ବାଳାର ପ୍ରଣୟ ମଧୁର ଏବଂ ଆରାମ ଦାୟକ ।

ନାରୀ ଗୌରାଙ୍ଗୀ ହେଲେ ପ୍ରେମଟା ମାତାଲ୍ ଧରେ । ମାଧ୍ୟାକର୍ଷଣ ଶକ୍ତିର ପ୍ରାଚୁର୍ଯ୍ୟ ଥାଏ । ତେଣୁ କେହ ଯେପରି କେବେ ଉଡ଼ିଗଲା ତାଙ୍କ ଅଗରେ ଲୁହାପରି ବସ୍ତୁ ଭଳି ଠିଆ ନହୁଏ । ଗୌର ତନୁର ମାଦକତା ବଡ଼ ଆମୋଦ ଦାୟକ ।

ଉତ୍କଟ ଗୌର ବର୍ଣ୍ଣର ଯୁବତୀ ଯେକୌଣସି ପାଉଡର ତୁଲ୍ୟ । ମିଠା କନ୍ଦ ବାସଘର କି ପଦାର୍ଥ, ସାମାନ୍ୟ ସଦ୍‌ଯୋଗ ଆନନ୍ଦ ଲାଗେ । ଅଧିକ୍ୟରେ ଉତ୍କ୍ରିଡା ଉଠେ ।

କୃଷ୍ଣା ନାରୀକୁ ମୁଣ୍ଡ ଦ୍ୱାରା ଅର୍ଥାତ ବେଶ ଦ୍ୱାରା ଆକର୍ଷି ହେଲେ ଭଲ ଫଳ ହୁଏ ।

ଗୌରାଙ୍ଗୀଙ୍କ ଦେହରେ ଗାଲ ଘଷିଲେ ପ୍ରୀତିବା ହୁଏ ।

ଚକ୍ଚକ ଚଂପା ବରଣୀଙ୍କୁ ନାକ ଅଗରେ ସ୍ପର୍ଶ କରି ଉପଭୋଗ କରାଯାଇ ପାରେ ।

ଅତି ଗୌରକୁ ଚମ୍ପୂଚନ୍ଦ୍ରରେ ପାଇନ୍ କରାଯାଇ ପାରେ ।

ଏତଦ୍‌ ବ୍ୟତୀତ ଜାତି ଭେଦରେ ମଧ୍ୟ ପ୍ରେମ-ଯୁଦ୍ଧର କୌଶଳ ବା ଟାକ୍‌ଟିକ୍ସ ଭିନ୍ନ ଥାଏ ।

ବ୍ରାହ୍ମଣୀ ନାରୀକୁ ଯେଉଁ ପ୍ରକାରରେ ଭୃଷ୍ଟ କରାଯାଏ ଜଣେ କରଣ ମହିଳା ସେ ରାସ୍ତାରେ ଯିବ ନାହିଁ । କରଣ ଖଣ୍ଡାଏତ, ଖଣ୍ଡାଏତ କ୍ଷତ୍ରିୟ, କ୍ଷତ୍ରିୟ ତେଲି, ତେଲି ଓ ଅନ୍ୟାନ୍ୟ ହାଡ଼ିଆ ଜାତିର ସ୍ତ୍ରୀ ଲୋକଙ୍କ ଭିତରେ ପ୍ରଣୟର ଧାରଣା ବିଭିନ୍ନ ।

ବ୍ରାହ୍ମଣୀ ରମଣୀ ବେଶ ବଦ୍ୟାଳରେ ଅତି ଅହ୍ଲାଦିତ ହୁଏ ତେଣୁ ବେଶ ସାମଗ୍ରୀ ଯଥା ଫମ୍ପା ପାନିଆ, ଦର୍ପଣ ଇତ୍ୟାଦି ଉପହାର ଦେବା ଏ କ୍ଷେତ୍ରରେ ଉଚିତ ।

କରଣ ମହିଳା ବସ୍ତ୍ର ଅଳଙ୍କାର ଶୋଭା ପାଇଁ ବିଶେଷ ଯତ୍ନବାନ । ତେଣୁ ହାର, ବ୍ରେସ୍ଲେଟ, ବାଉଟି, ବଡ଼ିସ୍ ଇତ୍ୟାଦି ଉପଢୌକନ ଦେବା ଉଚିତ ।

ଖଣ୍ଡାୟତ ନାରୀ ଦୃଢ଼ ଓ ନମ୍ରତାର ଶୋଭା ବର୍ଦ୍ଧନରେ ତତ୍ପର । ତେଣୁ ଚନ୍ଦ୍ରହାର, ବଳା, ଗୋଡ଼ମୁଦି ଇତ୍ୟାଦି ଦେବା ପଥ୍ୟ ।

ତେଲି ବା ହାଡ଼ିଆ ଜାତିର ନାରୀମାନେ ହାତର ଶୋଭାକୁ ବଡ଼ ପସନ୍ଦ କରନ୍ତି । ତେଣୁ ଖଡ଼ୁ ଚୁଡ଼ି ଶଙ୍ଖା ଏ ସ୍ଥଳରେ କିଣିବା ଆବଶ୍ୟକ । ଯାହା ଏକପ୍ରକାର ଅଜାତିଆ ନାରୀଜାତି ସୃଷ୍ଟି ହୋଇଛି । ଇଂରାଜୀ ପାଠ ପଢ଼ି ଏମାନେ ଜାତି ପାଂତି ମାନନ୍ତି ନାହିଁ । ଏମାନେ ମୁଖ ଶୋଭାକୁ ସର୍ବା-ପେକ୍ଷା ବେଶୀ ପସନ୍ଦ କରନ୍ତି । ତା ବୋଲି ନଥ ବସେଣୀ ଇତ୍ୟାଦି ଦେଲେ ଚଳିବ ନାହିଁ । ଗହଣା ଦେବାକୁ ହେଲେ ଖୁବ୍ ବେଶୀ ବୁଲିବା ଫୁଲ୍ ଦିଆଯାଇ ପାରେ । ଟାଲ୍‌କମ, ସ୍ନୋ, ପାଉଡର, କ୍ରିମ ପୋ-ମେଡ୍, ଲିପ୍‌ଷ୍ଟିକ୍ ଇତ୍ୟାଦି ଦେବାକୁ ହୁଏ । ମୁଖକୁ ବା ଓଠକୁ ପାନ ଦେବା ଭଳି ଭୀଷଣ ପ୍ରମାଦ କେହି ଯେପରି ନ କରନ୍ତି । ତାହା ପରିବର୍ତ୍ତରେ ଚକୋ-ଲେଟ ଜମ୍ମୁ କରିବା ପଥ୍ୟ ।

ଏହାପରେ ଉଚ୍ଚତାରେ ମଧ୍ୟ ପ୍ରେମର ବୈଷମ୍ୟ ପରିଲକ୍ଷିତ ହୁଏ ବୋଲି ବ୍ୟୋମକେଶଙ୍କ ଅଭିମତ ।

ଡେଙ୍ଗର ନାରୀମାନଙ୍କୁ ଅଣ୍ଟାରେ ମୋଡ଼ିବା ଭଳି କଥା । ବାଙ୍ଗର ନାରୀମାନଙ୍କୁ ହାତଠାରେ ଓ ମଧ୍ୟମାମାନଙ୍କୁ ଉତ୍ତମ ବଚନରେ ।

ତା ଛଡ଼ା ମୋଟା ପତଳା କ୍ଷେତ୍ରରେ ମଧ୍ୟ ସ୍ୱତନ୍ତ୍ର ବେଗର । ତନୁପାତଳୀଙ୍କ ଟିକିଏ 'ପ୍ରକାଶ୍ୟ କର୍ତ୍ତବ୍ୟ ବ୍ୟବହାର ଲୋଡ଼ା । ମୋଟା ମାଇକିନିଆଙ୍କୁ ନରମ କଥା ଲୋଡ଼ା ଓ ମଧ୍ୟମାମାନଙ୍କୁ ଆଲିଙ୍ଗନ ।

ଏତଦ୍‌ବ୍ୟତୀତ ଶଙ୍ଖିନୀ, ପଦ୍ମିନୀ, ହସ୍ତିନୀ, ଚିତ୍ରି-ଣୀର ଅର୍ଥ ବ୍ୟୋମକେଶ ମତରେ ଶାସ୍ତ୍ରାନୁମୋଦିତ ବ୍ୟାଖ୍ୟା ଠାରୁ ସ୍ୱତନ୍ତ୍ର । ବ୍ୟୋମକେଶ କହନ୍ତି— ପଦ୍ମିନୀ ନାରୀ ତାଙ୍କୁ କୁହାଯାଏ, ଯେ ପାଦ ଦୁମୁଦୁମୁ କରି ଚାଲନ୍ତି; ହସ୍ତିନୀ ନାରୀ ତାଙ୍କୁ କୁହାଯାଏ, ଯେ ହାତ ଝିଙ୍କିଝିଙ୍କି କରି ଚାଲନ୍ତି । ଶଙ୍ଖିନୀ ନାରୀ ତାଙ୍କୁ କୁହାଯାଏ ଯେ ପାଉଡର ମାଖନ୍ତି ଓ ଚିତ୍ରିଣୀ ନାରୀ ତାଙ୍କୁ କୁହାଯାଏ ଯେ ବଡ଼ା କଟାନ୍ତି ।

ପରିଶେଷରେ ବ୍ୟୋମକେଶଙ୍କ ମତ ଯେ ପ୍ରେମ ଅଭିଯାନରେ ପୁରୁଷର ସର୍ବଦା ଓ ସର୍ବଥା ବିଜୟ ସୁନିଶ୍ଚିତ । ଅବଶ୍ୟ ସ୍ଥଳେ ସ୍ଥଳେ ଷ୍ଟ୍ରାଟେଜିକ୍ ରିଟ୍ରି-ଟର ନିତାନ୍ତ ପ୍ରୟୋଜନ ପଡ଼େ । ମାତ୍ର ସେଥି ପରାଜୟ କଦାପି ନୁହେଁ । ତାହା ଇଂରାଜ ସର-କାରଙ୍କ ଘୋଷଣା ଓ ରୟଟରର ସମାଚାରୁ ବେଶ ପ୍ରମାଣ ପାଇପାରିବେ ।

---

ଜଳ ବିହୁନେ ସୃଷ୍ଟି ନାଶ
ଜଳ ବହୁଳେ ସୃଷ୍ଟି ନାଶ ।

କେହି ସନ୍ତାନ ଗୁହେଁ—କେହି ଜନ୍ମ ନିରୋଧ କରେ । ଅବସ୍ଥା ଭେଦରେ ଉଭୟର ଆବଶ୍ୟକତା ଅଛି । ସେଥିପାଇଁ ସର୍ବୋତ୍କୃଷ୍ଟ ପରାମର୍ଶ ଦାତା——

ହାକିମ୍ ସଯ୍ୟଦ ସରଫୁଦ୍ଦିନ୍
ହମିଦିଆ ୟୁନାନି ଦବାଖାନା
ବାଲୁବଜାର କଟକ

Digitized by srujanika@gmail.com




# କାହାକୁ କହୁଁ...

**କାହାଣୀ**

## ସ୍ପଢ

ଲେଖକ—ଶ୍ରୀ ନାରାୟଣ ପ୍ରସାଦ ମହାନ୍ତି

ହିଂସାର ସର୍ବଗ୍ରାସୀ ଶିଖା ଜଳେ ଅହିଂସାର ଅମୋଘଅସ୍ତ୍ର ଯେତେବେଳେ ନିଜର ସତ୍ତା ହରାଇ ବସେ... ଧମନୀର ପ୍ରତ୍ୟେକ ରକ୍ତବିନ୍ଦୁ ଯେତେବେଳେ ଧ୍ୱଂସର ବରମାଲ୍ୟ ଗ୍ରହଣ କରେ···କଠିନ ମାଂସ ପେଶୀ ଯେତେବେଳେ ବନ୍ଧନ-ଛିନ୍ନ-ହୃତ ଡେଣାର ବିହଙ୍ଗ ପକ୍ଷୀଟି ପରି ଫଡ଼ ଫଡ଼ ହୋଇଉଠେ...; ଯେତେବେଳେ ଜୀବ ଗ୍ରହେ ଜୀବର ରକ୍ତ...ମଣିଷ ଗ୍ରହେ ମଣିଷ କଲିଜାର ଉଷ୍ଣ ରକ୍ତ ସ୍ରୋତ...; ନିଜର ଜୟଧ୍ୱନି, ନିଜର ଗୌରବ ବାର୍ତ୍ତା, ଅଭ···ଶୃଙ୍ଖଳ ମୁକ୍ତ ଜୀବନ ଓ ସ୍ଥିତି।

ବାସ୍ତବର ଓଲଟ ପାଲଟରେ ପଡ଼ି ଅଜି ମୋର ପ୍ରତ୍ୟେକ ରକ୍ତ ବିନ୍ଦୁ ବହିଲି ଯାଉଛି। ଶିଶୁ ଗାଲ ନଖରେ ପାର ପେଟକୁ ମୁଠେ ଖାଇ ବାକ୍ସ ପରି ନାହିଁ। ଚାଉଳର ଲୁଣ ପର ଅଣ୍ଡା ଗୁଣ୍ଡି-ବାକୁ ମିଳି ପାଉଛି ଲଞ୍ଛନା, ହତୋତ୍ସାହ ଅଜ ମମତାହୀନ ଅଟ୍ଟହାସ୍ୟ ··· ସେତେ-ବେଳେ ସଂସାରରେ ଦେହଟା ଝିମି ଝିମି ହୋଇ ଯାଉଛି··· ସେତେବେଳେ ଅନୁତାପରେ କୋଟରଗତ ଆଖି ଦୁ'ଟା ଛଳ ଛଳ ହୋଇ ଉଠିଛି··ସେତେବେଳେ ବ ଅବ-ଶୋଷରେ ଦୁଇ ଧମନୀଟା ଦୀର୍ଘଶ୍ୱାସ ଛାଡ଼ୁଛି। ନିଜକୁ ନିଜେ ପଚାରୁଛି—ଦୋଷ କାହାର? ଛାତି ଭିତରଟା କୁହୁଳି ଉଠି କହୁଛି—ଉତ୍ତର ଦେଉଛି - ଦୋଷ?...ଦୋଷ ଭାଗ୍ୟର। ମୁଣ୍ଡଟାକୁ ଗୁଡ଼ିକୁ ହାତ ମୁଠାରେ କେଶ କେଶ କରି ପକାଇ କମିବା ସ୍ଥାନରୁ ଉଠି ଠିଆ ହେଉଛି।·· ଭୂମିକୁ ବାମ ପାଦରେ ଆଘାତ କରି ପାଉଛି ନିର୍ମମ ପ୍ରତିଘାତ · ଶାନ୍ତ୍ୱନା ବଦଳରେ ପାଉଛି ବୁକୁ-ଫଟା ତାଚ୍ଛଲ୍ୟର ହୁଂକାର।...ଭାବୁଛି—ଭାଗ୍ୟହୀନ ଛିନ୍ନଜୀବନର ଏକମାତ୍ର ସେତୁବନ୍ଧ···ଦଳିତ ଜୀବନର ଏକମାତ୍ର ଉଚ୍ଛ୍ୱାସ···ଗରିବର ଭଗବାନ··· ସାହସୀର ହେୟ ପଦାର୍ଥ ଅଜି, ମୋର ଦୁଇଟୋପି ଗରମ ଅଶ୍ରୁକଣା··· ।

ଅଶ୍ରୁରେ, ଧମନୀର ଉଷ୍ଣ ରକ୍ତ ଦାନକର ···ବାହାର ବଳିଷ୍ଠ ମାଂସପିଣ୍ଡ ଦେଇ···ମନର କଳ୍ପନାକୁ ବାସ୍ତବର ଓଲଟ ପାଲଟରେ ବଳି ଦେଇ ଯଦି ଦରିଦ୍ର ହେବାକୁ ହୁଏ, ଯଦି ଉଦର ଉଦଅ ଖିଆବେଳର ସ୍ୱୋଲ୍ପମନ୍ଦ ଅମ୍ଳାନ ଦେହଟା ଶୀତେଇ ଉଠେ; ତେବେ, ପରର ରକ୍ତରେ···ଅଗ୍ନିସ୍ପୃର ରକ୍ତରେ ନିଜର ହାତ ପାପୁଲି ଦୁ'ଟାକୁ ରଙ୍ଗେଇ 'ହୋ' 'ହୋ' ହସି ଉଠିଲେ ଯଦିଟା କ'ଣ ? ?···ମଣିଷର ରକ୍ତ ମଣିଷର ଦୀର୍ଘଶ୍ୱାସ···ମଣିଷର ଆର୍ତ୍ତନାଦ ଉପରେ ମୋ ପରି ମଣିଷ ଛାତି ଫୁଲେଇ ଚାଲି ପାରିଲେ ଦୋଷଟା ବା କ'ଣ ? ? ?... କଣକୁ ଚକ୍ତ ଦେଇ ଯେତେବେଳେ ଦୁଃଖ ଦୁର୍ଦ୍ଦଶାରେ ହାହାକାର କରି ଜୀଅନ୍ତା ଶବ ହେବକୁ ପଡ଼ୁଛି, ସେତେବେଳେ ଜଣକ ଧମନୀ କାଟି ଶାନ୍ତିପୂର୍ଣ୍ଣ ଜୀବନର ନକ୍ସା ଅଙ୍କି ବସିଲେ ବାଧା ଅଛି କି ???...

ମୋର ପାଇଁ ଶୈଳ ଯେତେବେଳେ ବେଶ୍ୟାର ଜଣା ଶୁଣା ଠିକା ପିନ୍ଧି ଡେଇଁଗଲା ବଜାରର ଘୃଣ୍ୟ ଗଳିରେ ଆସନ ପାତି ବସିଲା ମୁଁ ବହୁତ ଭାବିଥିଲି—ଦୋଷ କାହାର? ମନେ ମନେ ଯେତେବେଳେ ଠିକ କରିଥିଲି ଦୋଷ ଭାଗ୍ୟର ...ମୋର ନୁହେଁ। ତଥାପି, ବେଳେ ବେଳେ ମନର ସର୍ବୋଚ୍ଚତମ ପ୍ରଦେଶ ଅଜ୍ଞାତେ ପୂର୍ବସ୍ମୃତିର ସ୍ୱପ୍ନରେ ଚୁପି ଚୁପି କହିଉଠେ—'ଦୋଷ ତୋର'।

ମୁଁ ହତାଶାର ପରି ଏକାକୀ ଯେତେ ବୁଝିବୁଝି ବେଳେବେଳେ ବଜାରାଡ଼ ପଡ଼ିଯାଏ। —ଅଚାନକ ବନ୍ଧୁ ଶୈଳ ପାଖରୁ ବଦାନ୍ୟ ନେଇ ଅଛି ମୋତେ ଲୁହନ୍ତି—ଶୈଳ ବୋଲି ଯେଉଁ ମୁଖ ବେଶ୍ୟାଟି କହ ଅଛି—ଓଃ—ମେଳ୍ପାଅ। ସେ କାହିଁକି ପାଖ ଟଙ୍କା କହିଥିଲେ ବି ମୁଁ ଅନନ୍ଦରେ ତାକୁ ଦେଇଥିବି ଥାନ୍ତି...। ଇମିତ ସେତେ।

ମୁଁ ଶୁଣେ। ଶୁଣିଲି ହୃଦୟଟା ନାଚେ। ଅନ୍ତର ଭିତରଟା ଭୁସ୍ମିଳ ଉଠେ। ହଠାତ୍—ମଫସଲର ଶୈଳ ଅଜ ସହରର ହୃଦୟ ବେଶ୍ୟା ହୋଇଛି। ପ୍ରଶ୍ନ ଉଠେ—କାହା ପାଇଁ? ...ଶୈଳି କ'ଣ ଅଜଣା ଅଚିହ୍ନା ପୁରୁଷମାନଙ୍କ ଆନନ୍ଦରେ ନିଜେ ଆନନ୍ଦିତ ହୋଇ ପାରୁଛି! ତା'ର କ'ଣ କଷ୍ଟ ହୁଏ ନାହିଁ? ତେବେ ସେ ସୁଖୀ!! ...ମୁଁ ତ ସୁଖୀ ନୁହେଁ। ମୁଁ ଯେ ଶୈଳକୁ ଭଲ ପାଏ, ଖୁବ ପାଏ। ତା' ପାଇଁ ଯେ ଅଜ ମୋର ସର୍ବସ୍ୱ ହଜି ଯାଉଛି। ଦେହ ନାହିଁ। ମନ ନାହିଁ। ଦେହ ବି ନାହାନ୍ତି। ଶୈଳକୁ ଯେ ଭଲ ପାଏ। ଏଥିରେ କ'ଣ କହିବା ସମ୍ଭବ! ଭଲ ପାଇବା ଭିତରେ କ'ଣ କ୍ଷଣିକ ପାଇଁ ଦୁର୍ବଳତା ଅସେନି କି? ଶୈଳ ସିନା ସୁଖ ପାଉଛି କିନ୍ତୁ ଗଳି ପଥରେ ମୋ ପାଇଁ ଉତ୍ତପ୍ତ କଷ ରାଜି ଦେଇ ଯାଉଛି ଯେ। ...ସେ ସିନା ବେଶ୍ୟା ହୋଇ ଅନେକଙ୍କୁ ଆନନ୍ଦ ଦେଇ ପାରୁଛି କିନ୍ତୁ ମୁଁ ତ କାହାରିକୁ ଆନନ୍ଦିତ କରି ପାରୁନାହିଁ। ଚାନ୍ଦିରେ ସୁନ୍ଦରୀଟିଏ କାହିଁ ପାରୁନାହିଁ। ସେ ମୋ ପରି ଦୂର-ରେ ଥାଇ ଜନ ଯୋଗ ମରିଲା ନାହିଁ କାହିଁକି? ଅବେ କଳଙ୍କର ଘାଅ ହୋଇ ଅଜ ଅଲକୁ ଦୂରରେ ରହିଲା ନାହିଁ କାହିଁକି? ତାଳି ବୃକ୍ଷ ମଥାରେ ମୁଁ ସିନା କଳଙ୍କ ଟୀକା ପିନ୍ଧାଇ ଦେଇଛି, ସେତ ମୋର ଗର୍ବିତ କପାଳରେ କଳଙ୍କ ବୋଳି ଦେଇ ନାହିଁ। ...ହାତ ଦୁ'ଟା ମୁଠା ମୁଠା କରି ମୁଣ୍ଡର ଅଳିଆ ବାଳଗୁଡ଼ାକୁ ଜୋରରେ ଭିଡ଼ି ଧରିଲି।



Digitized by srujanika@gmail.com

କପାଳ ଉପରେ ଟୋପ ଟୋପ ଝାଳ ଜମିଗଲା। ଠିକ୍ କଲି, ଶୈଳ ପାଖକୁ ଯିବି—ବେଶ୍ୟା ଘରେ ପ୍ରଥମ ଥର ପାଇଁ ପାଦ ପକାଇବି। ଲୋକେ ଜାଣିବେ—ମୁଁ ବେଶ୍ୟା ଘରକୁ ଯାଏଁ—ମାତାଲ ହୁଏ—ଜାଣନ୍ତୁ ବେଶ।

\+ × +

—କିଏ ?

—ଏଇଟା।

ପ୍ରଥମ କରି ଦେଖିଁ ଯେତେବେଳେ ଶୈଳକୁ ସ୍ୱର୍ଗର ପରି ମଧ୍ୟରେ ଅଳଥରେ ଦେଖିଲି ଦେହଟା କମ୍ପିବା ଛନ ଛନ ହୋଇ ଉଠିଲା। ପ୍ରଣାୟର ମନଟା ଅଡ଼େଇ ହୋଇ ଗଲାନ। ଉଭିଲନ। ଅତି ଦିନର କେତେଗୁଡ଼ାଏ କଥା ନଖାଣଦଅ ପଥର ପରି କଣ୍ଠଣ ପାଇଁ ମନ ଉଚ୍ଛାଳରେ ହମାଜନ୍ମର ଅଶ୍ରୁ ଝୁରିଲି। ମୁଁ କଣ କହି ପାରିଲି ନାହିଁ। ଦେଠ ଦୁଇଟି ଥର ଉଠିଲା। ଡାକିବାକୁ ଯାଉଥିଲି—ଶୈଳ...। କିନ୍ତୁ ଡାକଟା ଓଠାଳିଅ ହୋଇଗଲା।

...ଶୈଳ କହିଲାନ ବୋଧହୁଏ।

ବେଶ୍ୟା ଅନୁରୋଧ କଲା...ଡାକିଲା "ନମସ୍କାର, କିଏ ଆପଣ !"...

ଅନେକ ଯେ ଅମ ହୃଦୟଙ୍କର ଅଭଗ୍ନ ସ୍ମୃତିକୁ ଦେଇ ପାରନ୍ତି—କଳ୍ପନାକୁ ବାସ୍ତବର ରୂପରେ ଢାଳି ପାରନ୍ତି—ଦୁଇଫୋଟି ଅଶ୍ରୁରେ ଯେ ହୃଦୟର ଅଭିମାନ ଦାନ କରି ପାରନ୍ତି—ପହିଲି ପ୍ରେମର କଳଙ୍କ ଟେଳଦାକୁ ଯେ ଘୃଣା ଦେଇ ପାରନ୍ତି—ଶୈଳ ବୁଝି ପାରିଲା ନାହିଁ। ବୁଝିଥିଲେ ମୋତେ ଅନୁଅଟ୍ ଜାଣନ୍ତା କି ?

ଅନେକବେଳେ ବି ମୋତେ ଚିହ୍ନି ପାରିଲା ନାହିଁ। ମୋର ରଙ୍ଗର ରୂପ ଦେଖି—ପରିବର୍ତ୍ତନ ଦେଖି ବିଶ୍ୱାସ କରିବା ଦୃଢ଼ ଥାଉ ମନରେ ନମିତବ ପାଇଁ ସ୍ଥାନ ଦେଇ ପାରିଲାନ ମୁଁ ସେଇ, ତାର କଳଙ୍କର ସାଥି 'ନରେଶ' ବୋଲି। ଅନେକ ମୁହିଁ ପୋଲି ପଚାରିଲାନ 'ତମେ କିଏ ?' ଅନେ କହିଲା ନାହିଁ 'ତମେ କହିଁଟି ଥାଅ ?'

ମୋର ମନଟା ତାତି ଉଠିଲା। ଦୁଃଖୀ ହୃଦୃଗତାର କଡ଼ମଡ଼ ହୋଇ ଉଠିଲେ। କୋହଭରା ଅଶ୍ରୁ ତାଙ୍କ ନର୍ସ କୁହା ପରି ଜଳି ଉଠିଲା। ହାତଟା ଦେହ କମ୍ପି ଉଠିଲା। ପ୍ରତିଶୋଧ ବହ୍ନିର ଉତ୍ତାପ ମୁଁ ଅନୁଭବ କଲି। ବେଶ୍ୟାର ଅବଧାରୀ ଅଲିଙ୍ଗନ ଭିତରେ ଥାଇ ତା'ର ଘୃଣ୍ୟ ବୁକୁର ଉଷ୍ଣତା ହାତ ପାପୁଲିରେ ଦେଖିବି ବୋଲି ଠିକ କଲି।...

ମୋର ଅଲିଙ୍ଗନରେ ବେଶ୍ୟା ଅଙ୍ଗ ଶିହରି ଉଠିଲା—ଚମକିଲା—ଉଦ୍‌ଭ୍ରାନ୍ତ ହେଲା। ଶୈଳ ମୋର ଥିଲା, ମୋତେ ତା କୋଳରେ ପାଇ ଡରିଲା କାହିଁକି ? ତା'ର ତ ଅଉ କଳଙ୍କର ଭୟ ନାହିଁ। ତେବେ, ମୋର ମୂର୍ତ୍ତି ଦେଖି ? ଗରିବ ରୂପ ଦେଖି ? ମୋତେ କ'ଣ ଶୈଳ ଭଲ ପାଉ ନ ଥିଲା ! ମୋତେ କ'ଣ ପାଶୋରି ଦେଇଛି ! ମୁଁ ଯେ ତାକୁ ପାଶୋରି ପାରିନ, ସେ ଯେ ଅଜି ମୋ ଠାରୁ ଶତଗୁଣେ ବଡ଼।

...ଡାକିଲି—ଶୈଳ !

ଶୈଳ ମୋର ଦରିଦ୍ର ମୁହଁଟାକୁ ବୋକାଙ୍କ ପରି ଅନେଇଲା।

ଅଉଥରେ ଡାକିଲି—ଶୈଳ ମୋ...ର

ତା' ଦୁଇ ଓଠ ଥରି ଉଠିଲା—'ତମେ !'

—ହଁ ହଁ ମୁଁ। ନରେଶ।

ମୋ ମୁହଁକୁ ଅପଲକ ଦୃଷ୍ଟିରେ ଅନେଇ ରହିଲା। ଅଉ ଥରେ ନ ଡାକି ରହି ପାରିଲି ନାହିଁ ଶୈଳ ବୋଲି। ସେ ଚମକି ଉଠିଲା—ମୁଁ ଅଜି ବେଶ୍ୟା ନରେଶ। ମୋ ଅଖି ପତା ଦ'ଟା ଓଦା ହୋଇଗଲା। କହିଲି—ମୁଁ ଯେ ଥିଲି ଗରିବ ଶୈଳ। ଶୈଳ, ତୁ ଅଜି ଧନୀର ପଦଧୂଳି ଅଣିବା ପାଇଁ ପଣତ ପାତିଲେ ତତେ ସେ ଅଲିଙ୍ଗନ କରିବ। ମୁଁ ଅଜି ଧନୀର ପଦଧୂଳି ପାଇଁ ଯାଇ ନିଜ ହୁଙ୍କ୍ଯାଉନେ କ୍ରୋଧରେ ମାଡ଼ ଖାଇ ଫେରି ଅସିବାକୁ ହେବ।

ତୋ ପାଖକୁ ଲୋକେ ଅସିବେ, ଟଙ୍କା ଦେଇ ଯିବେ। କିନ୍ତୁ ମୁଁ ଟଙ୍କା ପାଇଁ ହାତ ବାଢ଼ିଲେ ମୁହଁ ମୋଡ଼ ଚାଲିଯିବେ—ହସିବେ—ଗାଳିଦେବେ—ଗ୍ରହିତ କରିବେ। ମୋର ଯେ ଅଜି ସମାଜରେ ସ୍ଥାନ ନାହିଁ ଶୈଳ !

ସେ ଅଶୃର୍ଯ୍ୟ ହୋଇ ଉଠିଲା।

କହିଲା—ତେବେ କ'ଣ ?

ମୁଁ ତା ଅଡ଼କୁ ଅନାଇଲି। ଦରିଦ୍ର ମୁହଁଟାରେ ସ୍ନେହର ସର୍ବ ହିଁ କାକ ଅନୁଭବ କଲି। ସେ ମୋତେ ତାର କଳଙ୍କ କୋଳ। କୋଳରେ ସ୍ଥାନ ଦେଲା ଯାହା ମୋ ପାଇଁ ସ୍ୱର୍ଗ ପରି ଦୁର୍ଲଭ ପାଶୋରା ଶାନ୍ତିପୀଠ ହୋଇ ଉଠିଲା।

× + ×

ଭକ୍ତିର ତେଜ ଦହରେ ବେଶ୍ୟାର ଯେଉଁ ଅର୍ତ୍ତନାଦର ମହା ଛାୟା ପାରୁଥିଲି ତା ଅଜିଠାରୁ ବେଦନା ପାଇଁ ଉଭେଇ ଯାଇଛି। ଅଜି ସମାଜଚ୍ୟୁତ ହୋଇ ଶାନ୍ତି ପାଇଛି—ମହାଯୁଦ୍ଧ ପରେ ଶାନ୍ତିର ପୂର୍ଣ୍ଣ ଅଜ୍ଞା ସୃଷ୍ଟି କରିଛି। ଯେଉଁ ଶାନ୍ତି ପରେ ବିଶ୍ୱବ୍ୟାପୀ ଯୁଦ୍ଧର ଜାଗରୀ ନାହିଁ। ...ଶୈଳ ହୋଇଛି ବେଶ୍ୟା; ମୁଁ ହୋଇଛି ଗରିବ—ନର୍ଦ୍ଦମାର ନଗଣ୍ୟ କୀଟ ଠାରୁ ଅଧିକ ଘୃଣ୍ୟ !... ତଥାପି ମୋର ରୂପ, ମୋ କଥା, ମୋର ଜୀବନ ଜଣକୁ ଭଲ ଲାଗେ। ସେ ହଉଛି ଶୈଳ—ମୋର ଶୈଳ—ସମସ୍ତଙ୍କର 'ବେଶ୍ୟା'—ଯୁଗର ଚାନ୍ଦ୍ରସ୍ୱପ୍ନ।

## ପୁରୁଷର ଭାଗ୍ୟ

ସୌଭାଗ୍ୟର ସୁଯୋଗ ନେବା ଓ ଦୁର୍ଭାଗ୍ୟରେ ସାବଧାନ ହେବା ପ୍ରତ୍ୟେକର କର୍ତ୍ତବ୍ୟ। ସେଥିପାଇଁ ଜ୍ୟୋତିଷ ଶାସ୍ତ୍ରର ସୃଷ୍ଟି। ପ୍ରତ୍ୟେକ ବ୍ୟକ୍ତି ନିଜର ଭାଗ୍ୟ ଗଣନା କରି ରଖନ୍ତୁ।

ପାରିଶ୍ରମିକ:—

୧। ଅବର୍ଷ ଜନ୍ମ ପତ୍ରିକା ( କୋଷ୍ଠି ) ଟ ୧ ୧
୨। ଢାଲପତ୍ର ସଂକ୍ଷିପ୍ତ ଜନ୍ମ ପତ୍ରିକା ଟ ୦ ୫
୩। ବୋଷ୍ଠ ମେଳକ କୋଷ୍ଠି ବିଚାର ଟ ୦ ୫
୪। ଦଶା, ଅନ୍ତରଦଶା, ପ୍ରତ୍ୟନ୍ତରଦଶା ଫଳ ଟ ୧ ୧
୫। ସଂକ୍ଷିପ୍ତ ଅଷ୍ଟୋତ୍ତରୀ ଟ ୫ ।

ଦ୍ର: ଦ୍ର:—ଜନ୍ମର ଠିକ୍ ତାରିଖ ଓ ସମୟ ଦେବାକୁ ଭୁଲିବେ ନାହିଁ।

ଶ୍ରୀ ଅନନ୍ତ ଚରଣ ସାହୁ ମାଷ୍ଟର
ପୁରୁଣା ବଜାର, ଭଦ୍ରକ।

## ଭଲ ମଞ୍ଜିରୁ ଭଲ ଗଛ

ବହୁ ପ୍ରତିଷ୍ଠାନରୁ ସୁପରୀକ୍ଷିତ ମଞ୍ଜି ବର୍ଷିଲେ ଠକିବାର ଆଶଙ୍କା ନାହିଁ। ମୂଲ୍ୟ ତାଲିକା ଦପଇସା ଷ୍ଟାମ୍ପ। ପରୀକ୍ଷା ପ୍ରାର୍ଥନୀୟ।

ଟଙ୍କାକରୁ କମ୍ ଅର୍ଡର ଭି: ପି: ରେ ପଠାହୁଏ ନାହିଁ। ଦଶଟଙ୍କା ବା ଅଧିକ ମୂଲ୍ୟର ପାର୍ସଲରେ ଡାକମାସୁଲ ପଡ଼ିବ ନାହିଁ।

ଏଜେଣ୍ଟ ନ ୩୦୮ ମୁର
ବାଲି ସିଡ୍ ଷ୍ଟୋର
ପୋଃ ଅଃ ବାଲି ( Bally )
ଜିଲ୍ଲା—ହାୱଡ଼ା

## ପ୍ରିୟଜନର ସ୍ମୃତି

ଦୁଃଖରେ ଓ ସୁଖରେ ପାଖରେ ଥିଲେ ଆନନ୍ଦଦାୟକ। ଆପଣ ଥରେ ପରୀକ୍ଷା କରନ୍ତୁ :—

ଏସ୍ କିଆଉଲ୍ଲା
ଫଟୋ ହାଉସ୍, ଚୌଧୁରୀବଜାର
କଟକ।

(ଓଡ଼ିଶାର ଯେ କୌଣସି ସ୍ଥାନକୁ ଯାଇ ଫଟୋ ନିଆଯାଇପାରେ।)

Digitized by srujanika@gmail.com



## ସହକାର

### ଦ୍ୱାବିଂଶ ଭାଗ-ଦ୍ୱିତୀୟ ସଂଖ୍ୟା

ଏହ ସଙ୍ଖ୍ୟା ପାଇଲୁଁ । ବୈକୁଣ୍ଠବାବୁଙ୍କର ଗାଥାକାବ୍ୟ କଥାକାବ୍ୟର ଉଭଣୀ ବୋଧହୁଏ; ସେଥି-ପାଇଁ ତା'ଠାରୁ ମିଠା ମିଠା କଅଁଳିଆ କଅଁଳିଆ ଲାଗିଲା । ଏହା ପଢ଼ି କବିଭାବୁ ଏପରି ଏକ ରୂପ ଦିଆଯାଇ ପାରେ ବୋଲି ଅନେକେ ଆନନ୍ଦିତ ହୋଇ ଥିବେ । ଏମିକି ପ୍ରେମ କବିତା ଗୁଡ଼ିକ ବ୍ୟଥାକାବ୍ୟ ହେଲେ କଥା, ଗାଥା ଓ ବ୍ୟଥା ଏପରି ୩ ଶ୍ରେଣୀରେ କବିତା ଚଳିବ । ବାକି କବିତାଗୁଡିକ ମାମୁଲି ।

ଗତ ତିନୋଟି ଭିତରୁ ଗୋଦାବରୀଶ ମହାପାତ୍ର ଙ୍କ ଶେଷ ଦିବସଟି ଆମ ଦେଶର ସାଧାରଣ ଜୀବନରୁ ବଛା ହୋଇ ବେଶ୍ ନିପୁଣତା ସହକାରେ ପ୍ରକାଶ ପାଇଛି । ରମାକାନ୍ତ ପତିଙ୍କ 'ଏଇ ତ ମଣିଷ' ରେ ସେ କବିଙ୍କ ପାଗରେ ଏକ ଅଭିଜ ପେସ୍ କରିଛନ୍ତି ଯେ କବି ବୈଜ୍ଞାନିକ ଓ ଦାର୍ଶନିକ ହେବା ଉଚିତ । ଯେଉଁ ଦର୍ଶନ ବିଜ୍ଞାନ ସହିତ ନୁହେଁ ସେ ଦର୍ଶନକୁ ଧର୍ମିତବା ପଣ୍ଡିଏ କହିବେ କି ?

ପ୍ରବନ୍ଧଗୁଡ଼ିକ ମଧ୍ୟରେ ଲକ୍ଷ୍ମଣ ମିଶ୍ରଙ୍କ ଜନବା ଗୋଟିଏ ଉପାଦେୟ ଓ ଜ୍ଞାତବ୍ୟ ବିଷୟ । ପ୍ରଫୁଲ୍ଲ ପଟ୍ଟନାୟକଙ୍କ ନିପଟ ବମାନ କଥାକ ନବଟ ଭବିଷ୍ୟତରେ କାମରେ ଲାଗିପାରେ ।

## ନବଭାରତ

### ସପ୍ତମ ବର୍ଷ – ୫, ୬, ୭, ୮ ସଂଖ୍ୟା ।

ଏହାର ନାମ ଯୁଦ୍ଧସଂଖ୍ୟା ହୋଇଥିବାରୁ ଏକ ସଙ୍ଗରେ ୪ଟି ସଂଖ୍ୟା ବାହାରିବାର ଦୋଷ ଖଣ୍ଡିତ ହୋଇଛି । କାରଣ ଯୁଦ୍ଧରୁ ସାହାଯ୍ୟ ଓ ସହଯୋଗ କରିବା ଲେଖକଙ୍କର ଯେପରି ସାଧଶୁଣି ମାଟି ଏହା ବି ତଦ୍ରୂପ । ମାତ୍ର ଉପରେ ୪ଟି ସଂଖ୍ୟା ଏକାଠି ହୋଇ ଯିବାର ପ୍ରେରଣା ମିଳିଲେ ମଧ୍ୟ ଭିତରେ ୩ଟି ସଂଖ୍ୟାର ସୂଚନା ମିଳୁଛି ! ବାକି ଗୋଟିଏ ସଂଖ୍ୟାର ସ୍ୱେଦନା ଅଣାଯାଇ ରହିଲୁଁ ।

ପଣ୍ଡିତ ସମ୍ପାଦକେ ହିଟଲର ମୁସୋଲିନିଙ୍କୁ ସମର୍ଥ କରିବା ପରେଠାରୁ ତାଙ୍କର କେତେକ ଅସମର୍ଥତା ଦୋଷ ପ୍ରକ୍ଷାଳନ କରିବା ପାଇଁ ଏହ ଯୁଦ୍ଧ ସଂଖ୍ୟାର ପ୍ରକାଶ ବୋଲି ବେଶ୍ ବୁଝାଯାଏ ।

ପ୍ରଥମରେ ପଣ୍ଡିତଙ୍କ ଲେଫ୍‌ଟେନେଣ୍ଟ ଦକ୍ଷିଣହସ୍ତ—ଅର୍ଥାତ ଏକ ପଣ୍ଡିତ ଶ୍ରୀ ଗୋଦାବରୀଶ ମିଶ୍ରେ କାହିଁଛନ୍ତି । ପ୍ରଥମରୁ ପଣ୍ଡିତ ମହାଶୟ ଯୁଦ୍ଧଟା ଦ୍ୱାରବରୁ ଅବଶ୍ୟମ୍ଭାବୀ ଓ ଅବଶ୍ୟକ ବୋଲି କହି ଶେଷରେ ଯୁଦ୍ଧ ନିମିତ୍ତ ବାଧ୍ୟ ହେବା ତାର ଏକ ନୂଆ ଉପାୟ ସମସ୍ତଙ୍କୁ କହିଦେଇଛନ୍ତି । ଏହିଠାରେ ହିଁ ଏ ଲେଖାର ପାଣ୍ଡିତ୍ୟ ।

ଶ୍ରୀ ଗଙ୍ଗାଧର ମହାପାତ୍ର ନାମକ ଜଣେ ଲେଖକ ନିଜର ଜ୍ଞାନର ପ୍ରକୃତ ପରିଚୟ ଦେଇଛନ୍ତି । ମୁସ୍ଲିମ ଲିଗ୍‌ର ସଭ୍ୟସଂଖ୍ୟା କଂଗ୍ରେସ ସଭ୍ୟସଂଖ୍ୟାର ପ୍ରାୟ ୭ ଗୁଣ ଏ ଖବର ସେ କେଉଁଦିନ ସ୍ୱପ୍ନରେ ଦେଖିଲେ ? ଜଣାଯାଏ ଲେଖକ ଜଣେ ବଡ଼ ଫରୁଆଡ଼ ନୁହନ୍ତି ।

ଏହି ସଂଖ୍ୟାରେ ଅନେକଗୁଡ଼ିଏ ଭଲ ପ୍ରବନ୍ଧ ଅଛି । ଅଧ୍ୟାପକ କେଦାରନାଥବାବୁଙ୍କ ସମାଜର ପରିଚୟ ଅତି ଗଭୀର ଚିନ୍ତାପୂର୍ଣ୍ଣ ଆଲେଖ୍ୟ । ଶ୍ରୀ ସଦାଶିବ ମିଶ୍ର ଓ ଲକ୍ଷ୍ମଣ ମିଶ୍ରଙ୍କ ଲେଖା ମଧ୍ୟ ସମୟୋପଯୋଗୀ ।

ଗତ ୩ଟି ଭିତରୁ ଜ୍ଞାନଦାଙ୍କ ମଣି-ମାର୍ଜିକ ଏକ ଦ୍ରବାର ହୋଇଛି । କେବଳ ଅତି ବେଶୀ ଦୁର୍ଘଟଣା ଦ୍ରବଣତାର ବଶବର୍ତ୍ତୀ ହୋଇଗଲା ପରି ଲାଗିଲା ।

କୁମାରୀ ଶୈଳବାଳାଙ୍କର ଯେଉଁ ପୁଅରୁ ଟିକିଏ ବେଶ୍ ହୋଇଛି । ଆମ୍ଭେମାନେ କୁମାରୀଙ୍କର ଭବିଷ୍ୟତ କାମନା କରୁଛୁଁ ।

ଆଲୋଚନାରେ ପଣ୍ଡିତ ନୀଳକଣ୍ଠ ନିହାତି ଛୋଟ ଘରୋଇ କଥାକୁ ସ୍ଥାନ ଦେଇଛନ୍ତି । ପଣ୍ଡିତଙ୍କ ଦଳ ଓ ଓଡ଼ିଶା କଂଗ୍ରେସ ଭିତରେ ଯେଉଁ ଭାଙ୍ଗିଯିବା ହାଡ଼ାହାଡ଼ି କଥା, ତାକୁ ନବଭାରତରେ ସ୍ଥାନ ଦେଇ ପଣ୍ଡିତେ ନବଭାରତକୁ ଛୋଟ କରିବା ସଙ୍ଗେ ସଙ୍ଗେ ନିଜକୁ ନିର୍ବଳରେ ପକାଇଛନ୍ତି । କଂଗ୍ରେସ ବର୍ତ୍ତମାନ ଏକ ନିର୍ଦ୍ଦିଷ୍ଟ ନୀତି ଉପରେ ପ୍ରତିଷ୍ଠିତ । ପଣ୍ଡିତେ ଅନାବଶ୍ୟକ ଧରା ସମ୍ପର୍କରେ ଏଭଳି କଥାରୁ ଦୂରରେ ରହିଲେ କମ୍ ଲୋକହସା ହେବେ ବୋଲି ଆମର ବିଶ୍ୱାସ ।

ସ୍ଲାବ—

ସମ୍ପାଦକ ଶ୍ରୀ ଚନ୍ଦ୍ରମାଲ ପଟ୍ଟନାୟକ—ପରାମର୍ଶ ଦାତା ଶ୍ରୀ ସଚ୍ଚି ରାଉତରାୟ ଏବଂ ଏକ ସମ୍ପାଦକୀୟ ମଣ୍ଡଳୀ ଦ୍ୱାରା ପରିଚାଳିତ । ଛଅ ନଗଳ ଉତ୍କଳ ଛାତ୍ର ସଂଘର ମୁଖପତ୍ର । ବିଷୟ ସଙ୍କଳନରୁ ଜଣାଯାଏ ଏହା ଛାତ୍ରଙ୍କ ପକ୍ଷରେ ଆମ ଦେଶ ଭବିଷ୍ୟତ କର୍ଣ୍ଣଧାରଙ୍କ ପାଇଁ ବଡ଼ ଉପଯୋଗୀ । ପ୍ରତ୍ୟେକ ଛାତ୍ର ଖଣ୍ଡିଏ 'ଛାତ୍ର' ଧରିବା ଉଚିତ ।

ଓଡ଼ିଶା—

କଲିକତାରୁ ଏବେ ଗୋଟିଏ ସୁନ୍ଦର ମାସିକ ପତ୍ର ପ୍ରବାସୀ ଓଡ଼ିଆଙ୍କ ଦ୍ୱାରା ବଡ଼ ଏକ ଅଭାବ ପୂରଣ କରି ପ୍ରକାଶ ପାଇଛି । ସମ୍ପାଦକ ଜଣେ ଜଣାଶୁଣା ପ୍ରବାସୀ କର୍ମୀ ଶ୍ରୀ ବଳରାମ ନନ୍ଦ । ପ୍ରଥମ ସଂଖ୍ୟାରେ ସମ୍ପାଦକ ଟିକିଏ ସୁନ୍ଦରଭାବରେ ଅଭାବ ଉଲ୍ଲେଖ କରିଛନ୍ତି । ଭବିଷ୍ୟତରେ ତାହା ପୂରଣ ହେବ ବୋଲି ଆଶା କରୁଁ ।

ନୈବେଦ୍ୟ —

ଜଗନ୍ନାଥ ସାହିତ୍ୟ ସମିତିର ନୂଆ ଅବଦାନ । କେତେଗୁଡ଼ିଏ ଛୋଟ ଗଳ୍ପର ସମଷ୍ଟି । କେତୋଟି ଲେଖା ଛାପାରେ ଲଟିତ ହେଲାପରି ମନେହୁଏ । କେତୋଟି ଅତି ମୌଳିକ ସୁନ୍ଦର ଗଳ୍ପ ଅଛି ଯେଉଁଥିରୁ କି ଲେଖକଙ୍କର ଉଜ୍ଜ୍ୱଳ ଭବିଷ୍ୟତ ସମ୍ବନ୍ଧରେ ଆନନ୍ଦିତ ହେବାକୁ ହୁଏ ।

—※—


ଗତ ୫୦ ବର୍ଷ ମଧ୍ୟରେ

**ଲବଣର ମୂଲ୍ୟ**

**ଏତେ ବେଶୀ କେବେ ହୋଇ ନ ଥିଲା**

ଅତଃ ଏବ

ଲବଣ ଶିଳ୍ପ ଯେ ସର୍ବାପେକ୍ଷା ଅଧିକ ଲଭ୍ୟାଂଶ ଦେବ ଏ ବିଷୟରେ ସନ୍ଦେହ ନାହିଁ ।

ଏ ସୁଯୋଗରେ ଆପଣ "ଦି ଉତ୍କଳ ଶଲ୍ଟ ଏଣ୍ଡ କେମିକେଲ୍ସ ୱାର୍କସ"ର ଅଂଶ (Share) କିଣି ନିଜେ ଲାଭବାନ ହୁଅନ୍ତୁ ଓ ଦେଶକୁ ଶ୍ରୀ ସମ୍ପନ୍ନ କରନ୍ତୁ ।

ଠିକଣା—ଅର, ଦିଗ୍ଦର୍ଶନ, କଟକ ।




Digitized by srujanika@gmail.com




# ପୁଲିସ ପ୍ରେମ

'ଅଟଇ ମୁଦଲୀ—ତୋରେ ଶରଣ ଗଲି,
ଦନେ ନ ଡାକର ରଧିଆ ବୋଲି ରେ' ହନୁଭଣେରେ ।

**ଲେଖକ--କପିବର ହନୁମନ୍ତ ।**

ରେ ପୁଲିସ, ତୋରେ କହିବ କସ !
ଦନେ ନ ଦେଖା ତୋ ହୁଣ୍ଡା କାଶ !!
(ଜନାମେଯେ ସୃକଥାରୁ କୁଳୀଶ) ।

ମୁଁ ଫେଦଲି ଯେ ଗଳକରେସ୍ତି,
ଭୁହ ଦେଲି ସିନା ଦେରେ ଭର । ୧ ।

ଲଗୁଯଣେ ଦେହ ନାହିଁ ତୋ ଡର
କ ଯେନ ଚହଳି ମୋଟେ କପର । ୨ ।

ପୁଲସରେ ତୋର ଏଡ଼େ ବଡ଼ାଇ,
ଜେଲଖାନା ଡର ଦେଲି ଛଡ଼ାଇ । ୩ ।

ଜାଡ ତୋର ବାରମିଶା ବାଲୁଙ୍ଗା,
ଅଗା ପିଲ୍ଲକୁ ତୋ ନାହିଁଟି ଲଗ । ୪ ।

ଚୁଟିଆ ତୋର ବେ ଦ୍ୟନ୍ତ୍ରା ମୋ ହାତ,
ବାଟିଏତାନ୍ତ୍ର ମୁଁ ସାଥେକୁ ସାଥେ । ୫ ।

ମ୍ନଭିବଟି ତୋର ଅଇଣ୍ଟା ଚଟା,
ପେଟେ ଭାଲକୁଟ ମୁହଁରେ ମିଠା । ୬ ।

ଧୁଲିସରେ ତୋର ଧରୁଛୁ ଓଠ,
ଅଉ ଦନେ ଲଗାନାହିଁ ତୋ ଗ୍ରେଟରେ । ୭ ।

---

## ଜରାଣ୍ଡୁ

ଏହାକୁ ସେବନ କଲେ ସ୍ତ୍ରୀମାନଙ୍କର ଜରାୟୁ ସଂକ୍ରାନ୍ତୀୟ ଯାବତୀୟ ରୋଗ ଆରୋଗ୍ୟ ହୋଇ ଶରୀର ହୃଷ୍ଟ ପୁଷ୍ଟ ଓ ବଳିଷ୍ଠ ହୋଇଥାଏ । ଶ୍ୱେତ ପ୍ରଦର, ରକ୍ତ ପ୍ରଦର, ବାଧକ, ରଜଃ କଷ୍ଟ, ଅଣ୍ଡଂକ, ବନ୍ଧ୍ୟା ଦୋଷ, ମୃତବତ୍ସା ଦୋଷ, ପ୍ରଭୃତି ଏଥିରେ ସମୂଳେ ବିନଷ୍ଟ ହୋଇ ପୁଷ୍ଟ ଧବଳ ଓ ଦୀର୍ଘଜୀବୀ ସନ୍ତାନ ଗର୍ଭେ ଧାରଣ କରିବାର କ୍ଷମତା ହୋଇଥାଏ ।

ମୂଲ୍ୟ—୧୬ ମାତ୍ରା ପୂର୍ଣ୍ଣ ଶିଶିକୁ ଏକଟଙ୍କା ମାତ୍ର

ଏକ ଶିଶି ନେଲେ ଦୁଇଟଙ୍କା ଅଠଣାକୁ ମିଳିବ । ଡାକଖର୍ଚ୍ଚ ଏହାଠାରୁ ଅଧିକ ଦେବାକୁ ପଡ଼ିବ ।'

ପ୍ରାପ୍ତିସ୍ଥାନ—କବିରାଜ—ଶ୍ରୀଧରଗର୍ଗବନ୍ଧୁ ଭିଷଗାଚାର୍ଯ୍ୟ—ଆୟୁର୍ବେଦିକ୍ ଫର୍ମାସୀ, ଭୁବନେଶ୍ୱର—ପୁରୀ ।



Digitized by srujanika@gmail.com

# ଚନା ଚୁର୍ ମୁର୍

ମହାପ୍ରଭୁ,

## ଓଡ଼ିଶା ଶିକ୍ଷା ବିଭାଗର ଗଣେଶ ମହାରାଜ ନମୋନମଃ

ଓଡ଼ିଶାରେ ଯେପରି ଗଣ୍ଡଙ୍କର ସଂଖ୍ୟା ବଢ଼ି ଚାଲିଛି, ତଦ୍ଦୃଷ୍ଟେ ଏଥର ଗଣେଶ ମହାପ୍ରଭୁଙ୍କ ଆଗମନରେ ଗଣେଶଙ୍କ ନାମ ଗଣ୍ଡେଶ ରଖାଯିବାର ପ୍ରସ୍ତାବ କରାଯାଉଛି । ଆପଣ ଓଡ଼ିଶାର ବିଦ୍ୟା ଗଣେଶଙ୍କର ପ୍ରତୀକ । ସୁତରାଂ ଆପଣଙ୍କୁ କ'ଣ ବୋଲି ସମ୍ବୋଧନ କରିବୁ ତାହା ଆପଣ ପତ୍ର ଦ୍ୱାରା ଜଣାଇ ଖୁସୀ କରାଇବା ହେବେ ।

ଗଣେଶ ମହାପ୍ରଭୁଙ୍କର ଦେହଟା, ତଥା କଲମ ଧରା ହାତଖଣ୍ଡିକ ମଣିଷ ଓ ମୁଣ୍ଡଟା ତଥା କଲମ ଖୋସା କାନଟା ପଶୁର ଥିବାରୁ ତାଙ୍କର କେତେକ ସୁବିଧା ଓ କେତେକ ଅସୁବିଧା ମଧ୍ୟ ରହିଯାଉଛି । ତଦ୍ରୂପ ଆପଣଙ୍କର ଦେହଟା ମୋଗଲବନ୍ଦୀ ଓ ମୁଣ୍ଡଟା ଗଡ଼ଜାତ ଥିବାରୁ ସେହିପରି ଅନେକ ବିଷୟରେ ସୁବିଧା ଓ ଅନେକ ବିଷୟରେ ଅସୁବିଧା ହେଉଥିବ ।

ବିଶେଷତଃ ଥୋଡ଼ଟା ସରଅଡ଼କୁ ଢୁଲାଇ ପାରୁଥିଲେ ମଧ୍ୟ ମୁହଁଟା ସହଜେ ଆଗପଛ କରିହୁଏ ନାହିଁ । ତେଣୁ ସବୁ ଦିଗକୁ ଭଲ ମନ୍ଦ ଦେଖିହୁଏ ନାହିଁ । ଦୃଷ୍ଟିଟା ସ୍ଥିର ଥିବାରୁ ଯେଉଁ ଅଡ଼କୁ ଆଖି ପଡ଼ିଯାଇଛି, ତା'ଛଡ଼ା ଅନ୍ୟ କଣ ଦିଶିବନାହିଁ । ସେଥିପାଇଁ କଟକ ଯାଇ ଦକ୍ଷିଣ ଅଡ଼କୁ ଆଖି ପଡ଼ି ଯାଇଥିବାରୁ ଉତ୍ତର ଓଡ଼ିଶାକୁ ଆଉ ଲକ୍ଷ୍ୟ କରି ନାହାନ୍ତି । କେବେ କେବେ ଉତ୍ତର ପଶ୍ଚିମ ଦିଗକୁ ଢୁଲହୁଏ । କଳି ମଇର ଏରୋପ୍ଲେନ ଯୁଗରେ, ଏ ବଙ୍ଗାଳ ପଶ୍ଚିମା ଯୁଗରେ ତମର, କରାମତି ସେତି କେମିତ କେଜାଣି !

ସେ ଯାହାହେଉ, ଉତ୍ତର ଓଡ଼ିଶା ବିଶେଷତଃ ବାଲେଶ୍ୱର ଓ ମୟୂରଭଞ୍ଜର ହାଇସ୍କୁଲମାନଙ୍କରୁ ଅଳ୍ପ [illegible] ମହାପ୍ରଭୁଙ୍କର ଟିକିଏ ଦୃଷ୍ଟି ପଡ଼ୁ । ମହାପ୍ରଭୁଙ୍କ ପୂର୍ବପୁରୁଷ ତତ୍ପୂର୍ବ ପୁରୁଷ ତତ୍ପୂର୍ବ ତତ୍ପୂର୍ବ, ଯଥା ପିତାମହ, ପ୍ରପିତାମହ, ବୃଦ୍ଧପ୍ରପିତାମହ କାହାରୁ ଯେଉଁ କମିଟି ରହିଛି, ଆପଣ [illegible] ହୋଇ [illegible] କେଉଁ [illegible] ତାହାର ଦୃଷ୍ଟି [illegible] ହେବ ଅଛି ।

କଟକରେ ବାଲେଶ୍ୱର ଜିଲ୍ଲା ସ୍କୁଲ ବଡ଼ ଅଭିଧାନଙ୍କର ସୌଜନ୍ୟ ସହଯୋଗରେ ଆମ୍ଭମାନେ ଜଣେ ମଧୁସୂଦନ ଗ୍ରାମୋଦ୍ୟୋଗର ବଶିଷ୍ଠ କର୍ମୀଙ୍କ ଠାରୁ ଗଣ୍ଡେଶ ସୁନ୍ଦର ପ୍ରଶଂସାପତ୍ର ପାଇଛୁ । ଏହିରଳ ଆଦର୍ଶ ସ୍ଥାନୀୟ ଶିକ୍ଷକ ଉତ୍ତର ଓଡ଼ିଶାରେ ଉତ୍ତର କାଳରୁ ରହିଆସିଲେଣି । ଏବେ ଗଣେଶ ମହାପ୍ରଭୁ ଟିକିଏ ସୁବିଚାର କରନ୍ତୁ । କମଧିକଂ ବିଜ୍ଞବରେଷୁ ।

ଆପଣଙ୍କର
ଅଜ୍ଞାତ ବାଳକ
ଚନା ଚୁର୍ ମୁର୍ ।

ଭାରତ ଅଧିକର ବିଜ୍ଞାନର ଚକ୍ରବର୍ତ୍ତୀ ମହାରାଜ ଶ୍ରୀ କରଣେଷୁ

ଏବକୁ କଲେଜ ବିଶେଷ ଭାବରେ ଅଗ୍ରଗତିକୁ ଲକ୍ଷ୍ୟ କରିବା ଫଳରେ ଆପଣଙ୍କର କାର୍ଯ୍ୟଭାର ଗୁରୁ ହୋଇ ଯାଉଥିବ । ତେଣୁ ବୋଧହୁଏ ସମୟର ଅଭାବ ହେତୁ ନାନାଦି ବିଷୟ ପ୍ରତି ଦୃଷ୍ଟି ଦେବାକୁ ଅକ୍ଷମ ହେଉଥିବେ । ଯଥା ଓଡ଼ିଶା ଦେଶରେ କଲେଜ ଲୁଚିଗଲା ଅର୍ଥାତ୍ ଟାଉନର ଭିତରେ ଗଢ଼ନ ଯାହା କର ନତାନ୍ତ ସହି ଉପାଧିରେ ଜଦର ପୋଷଣ କରୁଥିବା ହେତୁ ଏ ଦେଶର ଅନ୍ୟାନ୍ୟ ଜାତିର [illegible] ଲୋକମାନଙ୍କ ଅଡ଼କୁ ନ୍ୟାଯ୍ୟ ଦୃଷ୍ଟି ପକାଇବା ପାଇଁ ଏକାନ୍ତ ସମୟର ଅଭାବ ହୋଇପଡ଼ୁଛି କିମ୍ବା ପକାଇବାକୁ ବିଶେଷ ଇଚ୍ଛା ହେଉନାହିଁ । ଅବସ୍ଥାରୁ ଜଣାଯାଏ ଓଡ଼ିଶାର ଏଠର ବ୍ୟବସାୟୀମାନେ ଅଳ୍ପ ଥିବାରୁ ଅନ୍ୟ ଦେଶର ଶ୍ରେଣୀଙ୍କ ଅଣି ଠାରେ [illegible] [illegible] ହୋଇଯାଉଛନ୍ତି । [illegible] ଲୋକ [illegible] ଉଠି [illegible] ରହି [illegible] ଶୋଷଣ କରୁଛନ୍ତି । ଅସ୍ମାମାନେ ବୁଝିବାକୁ ଅକ୍ଷମ ଯେ କେଉଁ କଥା ଲୋକଙ୍କର କର କରିବା [illegible] ଯେତେ କାର୍ଯ୍ୟ କାହମାନେ [illegible] [illegible] [illegible] ମାନବମାନେ [illegible] [illegible] । କାରଣ ବୋଧହୁଏ, ଓଡ଼ିଆ ଜାତିବାଘୁଟା କଥା

ସ୍ୱାସ୍ଥ ପାଇଁ ବିଶେଷ ଉପଯୋଗୀ । ଅସୁରେ ଯଦି ଉଇଅଭିଙ୍କ ମୁଳବୁଲ ଅଛି ବଳ କରୁଥାନ୍ତେ ତେବେ ଏଠି ଭଲ ବଢ଼ିଥ ଟ୍ରାଫିକ ହେବାର ଦେଖା ଯାନ୍ତା । ଅତଏବ ଏହାର ଏକ ଶୀଘ୍ର ବ୍ୟବସ୍ଥା କରାଯିବାର ଅଛି ହେଉ । କଲଟରୁ ଏଥିପାଇଁ ଭଲ ମନ୍ତ୍ରି ମାଗିଥାନ୍ତି ଯଦ, ଭଗବାନ ଆପଣଙ୍କର ମଙ୍ଗଳ କରିବେ । ଇଦମତ୍ୟନ୍ତମଧିକଂ ।

ଆପଣଙ୍କର ଜଣେ ଟୋକା
ଚନା ଚୁର୍ ମୁର୍ ।

+ + +

---

### ବିଶେଷ ବିଜ୍ଞପ୍ତି ।

ଓଡ଼ିଶାର ଙ୍କଗଣ୍ଡା, ସହର ତଥା ପ୍ରତ୍ୟେକ ଅଞ୍ଚଳର ସୁଖଦୁଃଖ ଓ ସୁବିଧା ଅସୁବିଧା ଅଭାବ ଅଭିଯୋଗ ଚେନାଚୁରଙ୍କ ପାଖ ଲେଖିଲେ ଚେନାଚୁର ତାହାର ତଦନ୍ତ କରି ବିଶେଷ ବ୍ୟବସ୍ଥା କରିବେ ।

---

### ଛାଞ୍ଚୁଣି × କୋରଡ଼ା

ନାରୀ ଓ ପୁରୁଷମାନଙ୍କ ମଧ୍ୟରେ ସାମାଜିକ, ଚାରିତ୍ରିକ, ଦୈହିକ, ମାନସିକ ଦୁର୍ବଳ ଭାବ, ଗୁହାର, ଅପତ୍ତି ଓ କଥରେ ଚଢ଼ା-ଉତ୍ତାର ଧାରାବାହିକ ଭାବେ ପ୍ରକାଶ କରିବା ନିମନ୍ତେ ଉଗରେ ଗୋଟିଏ ବିଭାଗ ରହିବ । ଏଥିରେ ଲେଖା ଦେବାଇବା ପାଇଁ ଅନେକ ଉଭୟ ଲିଙ୍ଗର ଭଦ୍ର ଓ ଭଦ୍ରମାନଙ୍କୁ ଆମନ୍ତ୍ରଣ କରୁଛୁ ।

ଡ଼: ସଂ: ।



Digitized by srujanika@gmail.com



ଜଣେ ଲୋକ ହାତରେ ଘଣ୍ଟେ ଲଗା ତାର ଗିଲାସ ଧରି ଅତି ଧୀରଁ ଧୀରଁ ହେଉ ଡାକ୍ତରଙ୍କୁ କହିଲା— ଡାକ୍ତର ବାବୁ ମୋତେ ଟିକିଏ ଦେଖନ୍ତୁ—ମୁଁ ମରିଯିବି।

ଡାକ୍ତର - କ'ଣ ହୋଇଛି ?

ଲୋକ—"ଆଜ୍ଞା ଏ ଗାରଗିଲାସଟି କିଣିବା ବେଳେ ଦୋକାନୀ କହିଥିଲା ଯେ ମୁଁ ଯେତେଦିନ ବଞ୍ଚିବି ସେତେଦିନ ଏ ଗିଲାସ ରହିବ। କିନ୍ତୁ ଅଜି ତାର ଟିକିଏ ଭାଙ୍ଗିଗଲା। ମୋତେ ସେଥି-ପାଇଁ ଡର—"

× + ×

ସାନ୍ତାଣୀ—ତୁ ମିଶ୍ରଙ୍କ ଘର ଛାଡି ଆସିଲୁ କାହିଁକି ?

ଦାସୀ—ତାଙ୍କ ଘର ଛାଡି ନ ଆସିଥିଲେ ତମ ଘରେ ରହିଥାନ୍ତି କେମିତି ?

+ + +

ଡାକ୍ତର—ଆପଣଙ୍କ ସ୍ୱାମୀଙ୍କ ଦେହ—

ସ୍ତ୍ରୀ—ଦେହ ଭଲ ଅଛି, ଖାଲି ମୁଣ୍ଡଟା—

× + ×

ବାପା—ତୁ ଜାଣିଛୁ ଛୁଟିରେ ଯେ ସେ ଭଲ ପିଲା।

ପୁଅ—ସେ ବଡ଼ ଭଦ୍ର।

ବାପା—ତୁ ଜାଣିଛୁ କହିଛି ଯେ ସେ ଭଦ୍ର।

ପୁଅ—ସେ ଥରେ ପୋଷ୍ଟ ଅଫିସରେ ନ ଦେଇ ମୋ ଉପରକୁ ଫିଙ୍ଗିଦେଲା।

× + ×

'ମୁଁ ତା ବୟସରେ କେବେହେଲେ ପ୍ରତାରିତ ହୋଇନାହିଁ।' ଗର୍ବିତ ପିତା କହିଲେ।

ଜାଣେ ପୁଅ ତାଙ୍କର ଟେକ୍ସି ଡ୍ରାଇଭର।

+ + +

ରାମ—'ଓଃ ଏଥର ଭାରି ଗରମ ପଡୁଛି। ଦେହ ସିଝି ଯାଉଛି।

ବନ୍ଧୁ—'ଆମ କୁକୁଡ଼ାଗୁଡ଼ା ଖାଲି ସିଝା ଅଣ୍ଡା ଦେଉଛନ୍ତି।

× × ×

ହୃଷିକେଶ—କାଲି ଆମର ୫୦୦ଟା ଜିନିଷ ଚୋରି ଯାଇଛି :

ଅମିୟ—କଣ କହୁଛ କି କି ଜିନିଷ ?

ହୃଷିକେଶ—ଏକ ପ୍ୟାକେଟ ତାସ।

× + ×

ଛାତ୍ର—ଅଙ୍କ ଟ୍ୱେଲଭ କିପରି ହୁଏ ?

ଶିକ୍ଷକ - ଦୁଇ ଉପରେ (୧ ଉପରେ) ୨ ଦେଲେ ଟ୍ୱେଲଭ (୧୨) ହେବ।

ଛାତ୍ର—କିପରି ହେବ, ଆପଣ ସେଦିନ କହିଥିଲେ ୧ ଦୁଇ ୨ ଅପେକ୍ଷା ଛୋଟ, ଦୁଇ ଉପରେ ସତ ଦେଲେ ମାଟି କାମୁଡ଼ ମରିଯିବ। × ×

ପରୀକ୍ଷକ—କିମିତିଏ ଲୋକ ଜଣେ ?

ବାଳକ - Sir ଏକପ୍ରକାର well, ମୋଟର Tube well.

ଶ୍ରୀ ପୀତାମ୍ବର ଦାସ ନାଗ ନଂ ୩୫୪


## ଜ୍ୱର ଓ ପ୍ଳୀହା ପାଇଁ

### ଅମୃତାଷ୍ଟକ କଷାୟ

ଓ

### କାଳମେଘ ଲତା (ବଟିକା)

ଧନ୍ୱନ୍ତରି ତୋଲ ବହୁ ପ୍ରଶଂସିତ। ଏହାର ମୂଲ୍ୟ ଅଳ୍ପ ଓ ଶୀଘ୍ର ଗୁଣକାରକ। ଓଡ଼ିଶାର ପ୍ରତ୍ୟେକ ସହର ଓ ଗ୍ରାମ-ମାନଙ୍କରେ ଖୋଜିଲେ ପାଇବେ। ଅନ୍ୟାନ୍ୟ ଔଷଧ ତୁଳନାରେ ଏହା ମହୋପକାରୀ। ଅରେ କେଳେ ଙ୍କନ୍ତୁ ପରେ ଜହରେ—

## ଆପଣଙ୍କର ଗୃହଚିକିତ୍ସକ କିଏ ?

### ମାତୃଶକ୍ତି

'ମା' ନଥାଇ ପିଲାଙ୍କ ଅବସ୍ଥା ଯାହା—ମାତୃଶକ୍ତି ପାଖରେ ନଥିବା ଗୃହସ୍ଥର ଅବସ୍ଥା ତାହାଠାରୁ ଶୋଚନୀୟ। 'ମା କେବଳ ଶିଶୁକୁ ନିଜ ରକ୍ତ ବନ୍ଦୁଟି ପର୍ଯ୍ୟନ୍ତ ଦେଇ ବଞ୍ଚାଇ ଥାଏ, କିନ୍ତୁ ମାତୃଶକ୍ତିର ବଡ଼, ସାନ, ବୁଢ଼ା, ବୁଢ଼ୀ ଭେଦ ଭାବ ନାହିଁ। ତେଣୁ ୧୫ବର୍ଷରୁ ଅଧିକ କାଳ ପ୍ରତ୍ୟେକ ଘରେ ସ୍ଥାନ ପାଇଛି। ଏହା ସର୍ବ ରୋଗ ନାଶକ। ଖାଇବା ଓ ମାଲିସ କରିବା ଉଭୟ କାର୍ଯ୍ୟରେ ଲାଗେ—ବ୍ୟବସ୍ଥାପତ୍ର ଶିଶି ସହ ଥାଏ। ମୂଲ୍ୟ—୧ • ୫

ସାମାନ୍ୟ ଶିକ୍ଷିତା ଗୃହିଣୀ ମାନେ କବିରାଜ ଓ ଡାକ୍ତର ମାନେଙ୍କ ଚିକିତ୍ସା କରି ପାରିବେ।

ଶାନ୍ତି ଔଷଧାଳୟ—ଡାକ୍ତର ଓ କବିରାଜ—ଶ୍ରୀ ବ୍ରଜନାଥ ମିଶ୍ର M.L. A. ପୋ: ନେନ୍ଦୁପାଟଣା—କଟକ।




# ଥାଥା ତାନା ନାନା

ଉପର ପ୍ରଶ୍ନ ଯଦି ତମ ଉନ୍ନତି ହେଉଛି — ଚନ୍ଦ୍ରାଙ୍କର ନାହିଁ — ସମସ୍ତ ସବୁ ଭୁଲର ଦାଏ ।

× + ×

ଅଜ୍ଞତା ହେତୁ ଅପରାଧୀକୁ ଆଇନ ମୁକ୍ତି ଦେବନାହିଁ । ସେଥିପାଇଁ ଅସାଧୁ ଅଟଲଣ ହଜାର ହଜାର ଲୋକେ ବାହା ହେଇ ଯିବାରେ ବାଧା ନାହିଁ ।

\+ + +

ଚନ୍ଦ୍ର—ଦକ୍ଷିଣା- ଜୋଛନା-- ସ୍ୱଦେଶୀ —ସ୍ୱପ୍ନ । ବାସ୍ ଆଉ ଲୋଡ଼ା କ'ଣ ? ଜଣେ କବି କହୁଛନ୍ତି ।

ଆଉ ଲୋଡ଼ା ଜଣେ ଉକିଲ୍ ।

× + ×

ପ୍ରେମର ବନ୍ଧନ କେବେ ଢିଲା ହୁଏ ନାହିଁ—ଅଣ୍ଟି ଢିଲା ନହେଲା ଯାଏ ।

× + ×

ଡାକ୍ତରଙ୍କ ମତରେ ଅର୍ଦ୍ଧ ଚନ୍ଦ୍ରି ସମୟରେ ଚୁମ୍ବନ ଢେଇ ସଂକ୍ରାମକ ।

ଅର୍ଥାତ୍ ଯିଏ ଚୁମ୍ବନ ଖାଏ ସେ ପୁଣି ଚୁମ୍ବନ ନଦେଇ ରହି ପାରେ ନାହିଁ ।

\+ + +

ଅନ୍ୟ ଦେଶରେ ଚୁମ୍ବନର ସଂକ୍ରାମକତା କମ ଥାଏ । ଅର୍ଥାତ୍ ଚୁମ୍ବନ ଦ୍ୱାରା ସେତେ ଅନିଷ୍ଟ ହେବାର କଥା, ଅଧରାଗ ବେଳର ଚୁମ୍ବନରେ ସେତେ ଅନିଷ୍ଟ ହୁଏ ନାହିଁ । ଏହା ବଟେଷ୍ଟେକ୍ଟଙ୍କ ମତ ।

ବୋଧହୁଏ ସେତେବେଳେ ଜେପ୍ରୁନ୍ସର ବାପ ମା ଶୋଇ ପଡିଥାନ୍ତି ବେଳ୍ ।

× × ×

ସ୍ତ୍ରୀ ଚରିତ୍ର ଜାଣିବା ପାଇଁ ସବୁଠୁ ସହଜ ଓ ସରଳ ଉପାୟ କ'ଣ ?—ଜଣେ ଲେଖକ ପଚାରିଲେ ।

ଚରିତ୍ରହୀନତା ।

× + ×

ଯେ ଜୋରରେ ହସି ପାରନ୍ତି, ତାଙ୍କ ହୃଦପୃଷ୍ଠା ଖୋଲା ।

ଯେ ଜୋରରେ କାନ୍ଦି ପାରନ୍ତି ତାଙ୍କ ହୃଦପୃଷ୍ଠା ଢିଲା ।

× + ×

ପଚିଶ ବର୍ଷ ପରେ ଆମ ହିନ୍ଦୁ ଓଡ଼ିଆ ସମାଜରେ ଚୁମ୍ବନ ଦେବା ନେବାରେ ଆଉ ବାରଣ ରହିବ ନାହିଁ ବୋଲି ବିଶେଷଜ୍ଞ ମାନେ କହୁଛନ୍ତି ।

ଶନ୍ତାନାନ୍ତି । ଆମ ସ୍ତ୍ରୀଏ ସେମାନେ କୁ ବୁଝି ନ ହଇ ପାରୁଥିବେ ।

× + +

ଗୋଲାକିଏ ବେଣୀ ଦର୍ଶନ ପଛନ୍ତି । ପ୍ରଦର୍ଶନ ହେବାକୁ ।

\+ × +

ଆଜିକାଲି କୋଉଏ ଅଙ୍ଗ ... କଟ ରଖୁ ନାହାନ୍ତି !

ହୃଦପୃଷ୍ଠା ଜଟିଳ ହୋଇ ଯାଉଛି ।

× × ×

କେତେକ ଗୃହିଣୀ ନଖରେ ରଙ୍ଗ ଦେଇ ମୂଳଅଙ୍କୁ କରି ପାଲଟାଇ ଦେବାର ଦେଖା ଗଲଣି ।

ବିଜ୍ଞାନ କି ନୃଶଂସ ସତେ !

× × ×

ସ୍ୱାମୀର ପତନ ଦେଖିଲେ ଯେ ସୁଖୀ ହୁଅନ୍ତି ଏପରି ସ୍ତ୍ରୀ ଲୋକ ଅଛନ୍ତି କି ?

ହଁ, ଉଡ଼ାଜାହାଜ ଚାଳକଙ୍କ ସ୍ତ୍ରୀ ।

\+ + ×

ପ୍ରତ୍ୟେକ ପୁରୁଷ ତାର କର୍ମଫଳ ଭୋଗ କରେ ।

ଆଉ ପ୍ରତ୍ୟେକ ସ୍ତ୍ରୀ ତାର ଅକର୍ମଣ—

ବ୍ରହ୍ମଦେଶରେ ପ୍ରଥମ ପ୍ରତିଷ୍ଠିତ

( ସାପ୍ତାହିକ ) 'ବର୍ମା ଓଡ଼ିଆ ପତ୍ରିକା' (ରୟେଲ ୧୬ ପୃଷ୍ଠା)

ଏହାହିଁ ଏକମାତ୍ର ପ୍ରବାସୀ ଉତ୍କଳୀୟଙ୍କ ପ୍ରଧାନ ମୁଖପତ୍ର । ଉତ୍କଳର ଶ୍ରମ-ଜୀବୀଙ୍କର ସକଳ ପ୍ରକାର ଦୁଃଖ ଦୁର୍ଦ୍ଦଶା, ବର୍ମାରେ ଭାରତୀୟଙ୍କର ପ୍ରକୃତ ଅବସ୍ଥା, ବର୍ମା ଭାରତ ପୃଥକୀକରଣ ପରେ ବର୍ମା ସରକାର ମତାମତ ଏବଂ ବର୍ମାର ରାଜନୈତିକ ପରିସ୍ଥିତି ସଙ୍ଗେ ସେଠା ଅଧିବାସୀମାନଙ୍କ ସାମାଜିକ, ରାଜନୈତିକ ଓ ଆର୍ଥିକ ଅବସ୍ଥା ସମ୍ବନ୍ଧେ ଲେଖାମାନ ଏହି ପତ୍ରିକାରେ ପ୍ରକାଶିତ ହୁଏ । ବ୍ରହ୍ମଦେଶର ବ୍ୟବହାରିକ ଖବର ଜାଣିବାକୁ ହେଲେ ଏହି ପତ୍ରିକା ପଢ଼ନ୍ତୁ । ଏହା ବର୍ମାର ଯୁବକ କର୍ମୀ ଶ୍ରୀଯୁକ୍ତ ମଧୁସୂଦନ ମହାପାତ୍ରଙ୍କ ଦ୍ୱାରା ପ୍ରତିଷ୍ଠିତ ଓ ସମ୍ପାଦିତ ।

ମୂଲ୍ୟ ୫୲୰, ଷାଣ୍ମାସିକ ମୂଲ୍ୟ ୨୲୰, ଭାରତବର୍ଷ ସକାଶେ ଦେୟ ୫୲୰ । ଠିକଣା—ନଂ ୭୧/୬୩, ୩୦ନମ୍ବର ଷ୍ଟ୍ରିଟ୍ ରେଙ୍ଗୁନ (ବର୍ମା)



Digitized by srujanika@gmail.com



## ରଙ୍ଗବତୀ

ଏଗ୍ରିଙ୍କ ରଙ୍ଗିନ୍ କ୍ଲେର୍ ବା କାଚ ଲଗେଇ ଅଲ୍ପଖଙ୍କୁ ରଙ୍ଗିନ କରିବା ଅଭ୍ୟାସ ଛୁଡ଼ିଗଲା। ଇଲେକ୍ଟ୍ରିକ୍ ବା ବିଜୁଳି ବତୀରେ ଏବେ ଅଲଗା ଅଲଗା ସୁଇଚ ଲଗ ଦିଆଯାଇଛି ଯେ ଗୋଟିଏ ବତୀ ଭିନ୍ନ ଭିନ୍ନ ସୁଇଚ ଟିପିଲେ ଭିନ୍ନ ଭିନ୍ନ ରଙ୍ଗ ଧରେ।

## ରଙ୍ଗକଣା

ମଣିଷଙ୍କ ଭିତରେ ଅନେକ ରଙ୍ଗକଣା ମଣିଷ ଥାଆନ୍ତି। ଶତକଡ଼ା ପାଞ୍ଚ ପୁରୁଷ ଓ ଶତକଡ଼ା ୧½ ସ୍ତ୍ରୀଙ୍କର କିଛି ନା କିଛି ରଙ୍ଗକଣା ଦୋଷ ଦେଖିବାକୁ ମିଳେ। ଛଅ ପଚାଶ ଜଣରେ ଜଣେ ମଣିଷ ଏମିତ ପାଇବେ ଯେ କି ନାଲ ଓ ଶାଗୁଆ ର ଫରକ୍ ବୁଝି ପାରନ୍ତି ନାହିଁ। ଅନେକ ଫିକା ଗେଲପି ଓ ହଳଦିଆ ବା ଫିକା ନୀଳ ଓ ସବୁଜ ଭିତରେ ତଫାତ୍ ଧରି ପାରନ୍ତି ନାହିଁ। କେତେକ ଲୋକ ଥାଆନ୍ତି ଯେଉଁ ଧଳା ଓ କଳା ଛଡ଼ା ଅନ୍ୟ କୌଣସି ରଙ୍ଗ ବୁଝି ପାରନ୍ତି।

## ଜୀବନ ରଡକ—

ରଡ଼କରେ କେବଳ ମଣିଷ ମରନ୍ତି ନାହିଁ। ମଣିଷ ଚଢ଼ନ୍ତି ମଧ୍ୟ। ବୈଜ୍ଞାନିକ ହିସାବ କିତାବରୁ ଜଣାପାଏ ଯେ ବର୍ଷା ସଙ୍ଗରେ ଯେଉଁ ବଜୁଳିପାତରେ ତହିଁରୁ ପ୍ରତିବର୍ଷ ୧୦୦,୦୦୦,୦୦୦ ଟନ ମିଶ୍ର ନାଇଟ୍ରୋଜ ସୃଷ୍ଟି ହୋଇ ମାଟିକୁ ଉର୍ବର କରେ।

## ଓଡ଼ିଆ ଲେଖା

ଗ୍ରୀକମାନେ ପ୍ରଥମେ ଡାହାଣରୁ ବାଆଁ ଅଡ଼କୁ ଲେଖା ଆରମ୍ଭ କରି ତା'ପର ଧାଡ଼ି ଡାହାଣରୁ ବାଆଁ ତା'ପର ଧାଡ଼ି ବାଆଁରୁ ଡାହାଣ ଏହିପରି କ୍ରମରେ ଲେଖିଥିଲେ। ସେ ଲେଖାର ନାମଥିଲା—"Turning like oxen ploughing".

## ଅଭଙ୍ଗା ଅଣ୍ଡା

ଗୋଟିଏ ମଟରଲରିରେ ୧୫୦୦୦୦ ଟି ଅଣ୍ଡା ଥିଲା। ଆଉ ଗୋଟିଏ ମଟର ସଙ୍ଗେ ଧକ୍କା ଲାଗି ମଟରଟି ଚୂରମାର୍ ହୋଇଗଲା କିନ୍ତୁ ଗୋଟିଏ ଅଣ୍ଡାବି ନଷ୍ଟ ହୋଇନାହିଁ।

## ବରଫୁଲ

ନିଉଗାଇନାରେ ନିଜବ୍ରିଟେନ ବୋଲି ଖଣ୍ଡେ ଦ୍ୱୀପ। ସେଠି ବରଫୁଲ ୩ ପାଉଣ୍ଡ ଦେବାକୁ ପଡ଼େ। ୨ିଏ ୧୩ ବର୍ଷରେ ବାହା ହୁଅନ୍ତି। ମାମୁଁ ବର ଠିକ୍ କରେ।

## କଇଦ ରୋଗୀ

ଆମେରିକାରେ ଟେଲିର ନାମକ ଜଣେ ଭଦ୍ରଲୋକ ଙ୍କ ଉମାପୁରେ ବୈବାହିକ ବା ଦାମ୍ପତ୍ୟ କଳହର ମୀମାଂସା ମିଶା ହେବ, ଏଇ କଥା କହିଦେଇ ବର୍ଷରେ ୩୨୫୦୦ ଟଙ୍କା ରୋଜଗାର କରନ୍ତି। କିନ୍ତୁ ସେଇ ଏବେ ତାଙ୍କର ନିଜ ସ୍ତ୍ରୀ ସହିତ ବୈବାହିକ ସମ୍ପର୍କ ତୁଟାଇବା ପାଇଁ କୋର୍ଟର ଆଶ୍ରୟ ନେଇଛନ୍ତି।

## ମଇଳାମପା ଯନ୍ତ୍ର

ସହର ଗାଁରେ ବହଳରେ ଧୂଳି ମଇଳା ଝାଡୁରେ ବାଡ଼ରେ ଘରଘଲେ ଜମା ହେଉଛି ତାହା ମାପିବା ପାଇଁ ଏକ ଯନ୍ତ୍ର ବାହାରିଛି।


## କିରାତାଦିପାଚନ

ସମସ୍ତ ପ୍ରକାର ବିଷମ ମ୍ୟାଲେରିଆ ଜ୍ୱରର ପ୍ରଧାନ ଔଷଧ। ପ୍ଲୀହାଯକୃତ୍ ସଂଯୁକ୍ତ ଜ୍ୱରରେ ମଧ୍ୟ ଏହାର ଆଶୁକାର୍ଯ୍ୟ ଦେଖାଯାଇଥାଏ। ଏକାହିକ, ଦ୍ୱାହିକ, ତ୍ର୍ୟାହିକ, ଚାତୁର୍ଥିକ, ପାକ୍ଷିକ ମ୍ୟାଲେରିଆ କୁଇନାଇନ ଅଟକିବା ଜ୍ୱର ପ୍ରଭୃତି ସମସ୍ତ ପ୍ରକାର ବିଷମ ଜ୍ୱର ଶିଶିଏ ଔଷଧ ବ୍ୟବହାର କଲେ ସମୂଳେ ଆରୋଗ୍ୟ ହୋଇଥାଏ। ଯଦି ବହୁଦିନ ଜ୍ୱର ଭୋଗ କରି ଶରୀର ରକ୍ତଶୂନ୍ୟ ହୋଇଥାଏ ତେବେ ଏହାକୁ କିଛିଦିନ ନିୟମିତ ସେବନ କଲେ ଅଗ୍ନିବୃଦ୍ଧି ହୋଇ ଶରୀରରେ ନୂତନ ରକ୍ତ ସଞ୍ଚାର କରିଥାଏ।

ମୂଲ୍ୟ—ଶିଶିକୁ ବାରଅଣା ମାତ୍ର। ଶିଶିକୁ ସାତଟଙ୍କା ମାତ୍ର। ଡାକଖର୍ଚ୍ଚ ସ୍ୱତନ୍ତ୍ର।

ପ୍ରାପ୍ତିସ୍ଥାନ—କବିରାଜ—ଶ୍ରୀଧରଗର୍ଗବଟୁ ଭିଷଗାଚାର୍ଯ୍ୟ। ଆୟୁର୍ବେଦିକ୍ ଫର୍ମାସୀ, ଭୁବନେଶ୍ୱର—ପୁରୀ।




Digitized by srujanika@gmail.com




# ବେହେରାଗିରି

ଲେଖକ—ଶ୍ରୀ ଗୋପିନାଥ ବେହେରା

ମଜା କବିତା

ବଅସ ଜମାରୁ    ଡନ୍ନକୋଡ଼ ଅଢ଼
ହେବ ପାଞ୍ଚ ସାତ ସାଲ
ତେବେ ବି ମଥାରେ    ପ୍ରିଗ ନ ପିନ୍ଧିଲେ
ଶଢ଼ ଶଢ଼ ହୁଏ ନାକ ।
ସ୍ମାବଲ ମୋର    ଚପଟାନ, କଲ
କଣ୍ଠି ବେକେ ହୁଦା ବନ୍ଧୁ,
କାଢ ଦଶଥର    ବଙ୍ଗାଳି କରାଣୀ
ହରିନାମ ହୁଏ କନ୍ଧୁ ।
ପେଟେ ଗୃଖଣ୍ଡ୍ରକ    ପାଇଁ ମୁଁ ଅସିଲି
ଖଦେ ଭୋଗ ବାଟ ଗୁଲି,
ପଇସା ନଅଣ୍ଟ    ପେଟି ବାନ୍ଧି ପେଟ
ଶୁଖାଇ ରଖିଲି ଗାଲି ।
ସାହେବର ଗାଲି    ଢଳଙ୍କ ପରଏ
ବୋଲି ହେଉଁ ଥାଏଁ ନିତ,
ଶିବ ଠାରୁ ଶିବ—    ସାପଙ୍କ ପ୍ରତାପେ
ଥାନ୍ତୁଥାଏ ସଦା ଛତ ।
ଅଫିସର ପଙ୍ଖା—    ତଳେ ଥିବାଯାକେ
ପବନ ଅହାର କରେଁ,
ଅଫିସ ଛୁଡ଼ଲେ    ଅଜଟି ପାଜଟି
ଭୋକେ ଜଳି ପୋଡି ମରେଁ ।
ଜଦବା କୁଶଳ    ସାହେବର ବଡ଼
ହାତରେ ଗଲେଣି ପଡ଼ି,
ଭୋଜ ବାଜା ପର    ପଲକ ପଡ଼ନ୍ତେ
ଯାଏ ତାହା ଝାହୁଁ ଜଡି ।
ସେଠକ ଉପର    ଗୃହର ଉପରେ
ନ ଥିଲେଟି ଅଣ୍ଟାଗୁଞ୍ଜା,
ଘରକୁ ଫେରଲେ    କପର ହୁଅନ୍ତା
ନାସ୍ତି ଜମିଦାର ଭୁଞ୍ଜା !

ଭେଦେ ଯେ ଓଡ଼ିଶା    ସ୍ତ୍ରୀର ଅସି ଏଠି
କରୁଛନ୍ତି ଭୁଲଗେର,
ପଥ ପ୍ରଦର୍ଶକ    ନେତାର ଅଭାବେ
ଗଲେ ବେମୁଲଗୀ ଧରି ।
ସେଥିପାଇଁ ଗାନ୍ଧୀ    ଧୋତ ଓ ଚଦର
ଅଙ୍ଗୁର ଚୁମ୍ବଲି ହେଲେ,
ସମାଜ ଗଢ଼ିବା    ପାଇଁ ଗୃହପାଏଁ
ନାଡ ନାଢ ସଞ୍ଜେବେଲେ ।
କ୍ଲୁଲି ମୋଟିଅଙ୍କ    ସରଦାର ହେବା
ଏଡ଼ୁଙ୍କ ସହଜ ପାଠ,
ମିଛରେ ପଢ଼ିଲି    'ଅଦଡ଼ ଅଦାଢ଼'
ଓଡ଼ାଙ୍କ ଫେଡ଼ାଙ୍କ ଶାଠ ।
ମାଇପର ତେଣେ    ପିଲା ହେଲନାହିଁ
ପୁଣି ହେଲି ଗୋଟେ ବାଧା,
ସେ ପଦ୍ମ ଯୁବତୀ    ସତୀ ରୂପବତୀ
ଖୋଜି ବୁଲେ ଅନ ନାହା ।
ଏଠି ଥରେ ଅଧେ    ଅନାଥ ବାଲିକା
ପ୍ରଣୟରେ ଗଲି ପଡି,
ବଅସ ହଟନ୍ତେ    ଚଡ଼ା ଖାଇ ଏବେ
ଯାଉଛୁ ବାବହେ ସଡ଼ି ।
ପର ହାତେ ଦେଇ    ଘରଜରଣୀକୁ
ନାକେ ପେ ଅଲଣ୍ଡା ଗୃହେ,
ବଙ୍ଗାଲ ଭାଇଏ    ରୁହଁ ଶୁହଁ ଏବେ
ଖଦା କଲେ ବାଟେ ବାଟେ ।
ହୁଡ଼ୁକଟରର :    ନମ୍ବର ଜଥନ
ନ ଦେଖିଲି ପୁଅ ଦେଖି,
ଭଲବାର ଏ    ସାହେବ କୁମାନୀ
ବେହେରା ଡାହିଛୁ ବେକ :



Digitized by srujanika@gmail.com



## ନାଗବଚ୍ଛା ଦଳ

### ଉଦ୍ଦେଶ୍ୟ

୧ । ଉତ୍କଳର କିଶୋର ପ୍ରାଣରେ ନବଜାଗରଣ ଆଣିବା, ଜ୍ଞାନର ପରିସର ବଢ଼ାଇବା, ସେମାନଙ୍କର ବିକାଶ ଓ ସର୍ବାଙ୍ଗୀନ ଉତ୍କର୍ଷ ସାଧନ କରିବା ।

୨ । ଚିଠିର ମଧ୍ୟସ୍ଥତାରେ ପତ୍ର ବିନିମୟ ଦ୍ୱାରା ତରୁଣମାନଙ୍କ ମଧ୍ୟରେ ପରସ୍ପର ଭାବର ଆଦାନ ପ୍ରଦାନ କରାଇବା ଓ ସେମାନଙ୍କ ମଧ୍ୟରେ ସ୍ନେହ ପ୍ରୀତି ଓ ସୌହାର୍ଦ୍ଦ୍ୟ ବଢ଼ାଇବା ।

୩ । ମାତୃଭାଷା ଓ ସାହିତ୍ୟ ପ୍ରତି କିଶୋର କିଶୋରୀଙ୍କର ଅନୁରାଗ ବଢ଼ାଇବା ।

୪ । ସତ୍ୟ ସେବା, ସାହସ ଓ ଅହିଂସା ସାଧନାରେ ସେମାନଙ୍କୁ ଉଦ୍‌ବୁଦ୍ଧ କରିବା ।

( ୧୮ ବର୍ଷରୁ ତଳ ବାଳକ ବାଳିକାମାନଙ୍କ ପାଇଁ )

## ନାଗଙ୍କ କଲମରୁ

### ମୋରିସ ମେଟରଲିଙ୍କ୍

ସ୍ନେହର ନାଗଭାଇ ଭଉଣୀଏ,

ପ୍ରଣାମ । ସୁଦୂର ଏ ଭାରତ ଖଣ୍ଡରେ ମଧ୍ୟ ମନସ୍ୱୀ ମେଟରଲିଙ୍କ୍‌ଙ୍କ ନାଁ ଅଜ୍ଞ ଅଜଣା, ଅଛପା ନାହିଁ । ପୃଥିବୀର ଜଣେ ଶ୍ରେଷ୍ଠ ନାଟ୍ୟକାର ହିସାବରେ ମେଟରଲିଙ୍କ୍‌ଙ୍କୁ ଭକ୍ତି ଅଞ୍ଜଳି ଅର୍ପଣ କରୁଛି । ହୁଏତ ତୁମେ ସେଥିରୁ ବାହାର ନୁହଁ ।

୧୮୬୨ ମସିହାରେ ବେଲଜିୟମର ଗୋଟିଏ ସମ୍ଭ୍ରାନ୍ତ ପରିବାରରେ ମେଟରଲିଙ୍କ୍ ଜନ୍ମଗ୍ରହଣ କରିଥିଲେ । ଖୁବ୍ କମ ବୟସରୁ ଏହି ମହାତ୍ମାଙ୍କର ସାହିତ୍ୟ ପ୍ରତି ଅନୁରାଗ ଥିଲା । ପିତାଙ୍କ ବାଧରେ ମେଟରଲିଙ୍କ୍ କିଛିଦିନ ଆଇନ୍ ବ୍ୟବସାୟ କରିଥିଲେ । କିନ୍ତୁ ସେଥିରେ ସେ ସନ୍ତୁଷ୍ଟ ହୋଇ ନପାରି, ତାହା ତ୍ୟାଗ କରିବାକୁ ବାଧ୍ୟ ହେଲେ ।— ତାଙ୍କ ପ୍ରାଣ ସାହିତ୍ୟ ପାଇଁ କାନ୍ଦୁଥିଲା । ଏହି ସମୟରେ ବାଣୀ ଦେବୀଙ୍କର ଜଣେ ନିଷ୍ଠାପର ପୂଜାରୀ ହେବାପାଇଁ ସେ ଅତି ବ୍ୟାକୁଳ ହୋଇ ପଡ଼ିଥିଲେ ।

କିନ୍ତୁ ସେ ତାଙ୍କର ସ୍ୱପ୍ନରାଇଜ୍ୟର ସୁନେଲି ପକ୍ଷୀଟିକୁ ବାସ୍ତବରେ ଦିନେ ହାତରେ ଧରିଲେ ।—ସେ ସାହିତ୍ୟ ସେବାର ସୁବିଧା ପାଇଁ ପ୍ୟାରିସ ଗମନ କରିଥିଲେ । ସେ ତାଙ୍କର ପୁସ୍ତକ ସବୁ ଫରାସୀ ଭାଷାରେ ଲେଖି ଅଛନ୍ତି । ପ୍ରଥମେ ଏହି ଅସାଧାରଣ ନାଟ୍ୟକାରଙ୍କୁ ପ୍ରଶଂସା ସାଙ୍ଗେ ସାଙ୍ଗେ କେତେ ନିନ୍ଦା, ବିଦ୍ରୂପ ମଧ୍ୟ ସହିବାକୁ ପଡ଼ିଛି । ସବୁ ସେ ଅବିଚଳିତ ଚିତ୍ତରେ ସହିଯାଇ ଅଛନ୍ତି—ଆଲୁଅ ପାଖେ ପାଖେ ଅନ୍ଧାର ଅଛି— ଏହା ସେ ଭଲକରି ବୁଝିଥିଲେ ବୋଧେ । ତାଙ୍କର ପ୍ରକୃତି ଭାରି ଧୀର ସରଳ ।

ସେ ତାଙ୍କର Princess Maleine ପୁସ୍ତକ ଲେଖା ପାଇଁ ମିର୍ବୋଙ୍କଠାରୁ "ବେଲଜିୟାନ ସେକ୍ସପିୟର" ଉପାଧି ପ୍ରାପ୍ତ ହେଲେ ।

ସାହିତ୍ୟର ସବୁ ବିଭାଗରେ ତାଙ୍କର ହାତ ଅଛି । କିନ୍ତୁ ସେ ନାଟ୍ୟକାର ହିସାବରେହିଁ ୧୯୧୧ ମସିହାରେ ନୋବେଲ ପ୍ରାଇଜ୍ ପାଇଲେ—ତାଙ୍କର ଶ୍ରେଷ୍ଠ ନାଟିକା Blue bird ପାଇଁ ।

Joyzelle, Monna Vana, Betrothal, Mary Magdalene, The Blind, The seven Princes ପ୍ରଭୃତି ଅନେକ ନାଟକ ସେ ଲେଖି ଅଛନ୍ତି । କିନ୍ତୁ ତାଙ୍କର ନାଟକରେ ଗୋଟିଏ ବଡ଼ ବିଶେଷତ୍ୱ ରହିଛି,—ତାହାଙ୍କର ଅଧିକାଂଶ ନାଟକ ସବୁ ରହସ୍ୟମୟ ନାଟକ । ଯାହା ଭିତରେ ଆମେ ଆଖିଆଗରେ ଦିନର ଦୀପ ପରି, କୁହୁକ ରାଇଜର କେତେ କେତେ ବିଚିତ୍ର ଛବି ଦେଖିବାକୁ ପାଉଁ । କିନ୍ତୁ ତାହା କୁହୁକ ଭଳି ମିଥ୍ୟା ବା ଛଳନା ନୁହେଁ । ତା'ହା ଭିତରେ ଅତି କରୁଣ ସତ୍ୟ ନିହିତ ଅଛି—ତାହା ଭାରି ସୁନ୍ଦର— ମଧୁର ।

ମେଟରଲିଙ୍କ୍‌ଙ୍କ ଚିନ୍ତାଧାରା ଅଭିନବ । ସେ ଦାର୍ଶନିକ ତେଣୁ ସର୍ବଦା ଚିନ୍ତାଶୀଳ, ଗମ୍ଭୀର । କିନ୍ତୁ ତାଙ୍କର ପ୍ରକୃତି ଭାରି ସରଳ, ସୁନ୍ଦର । ତାଙ୍କର ସହଧର୍ମିଣୀ ଅଛନ୍ତି,— ବିଖ୍ୟାତ ଅଭିନେତ୍ରୀ ଲବ୍ଲାଙ୍କ୍ ।

ଇତି

ତୁମ୍ଭମାନଙ୍କର

କୁମାରୀ ଶୈଳବାଳା

ସ୍ନେହର ନାଗଭାଇ ଭଉଣୀଏ,

ତୁମମାନଙ୍କ ପାଖକୁ ବିଶେଷ କିଛି ନୂଆ କଥା ଲେଖୁନାହିଁ, ଖୁବ୍ ପୁରୁଣା କଥା, ତଥାପି ଲେଖୁଛି ।

ପ୍ରଥମେ ଦେଖ, ଆମେ ଜନ୍ମ ହେଲୁଁ କେଉଁଠୁ ? 'ଡଗର' ହେଲା ଆମ ଜନ୍ମଦାତା । ବର୍ତ୍ତମାନ ସେ ପତ୍ରିକାଟି ଗ୍ରାହକ ଅଭାବରେ ମୃତପ୍ରାୟ । ତାକୁ ପୁଣି ସବଳ କରିବାକୁ ହେବ ତ ? ତେଣୁ ମୁଁ କହେଁ, ପ୍ରତ୍ୟେକ ନାଗ ନିଜେ ନିଜେ ଗ୍ରାହକ ହୁଅନ୍ତୁ କିମ୍ବା ଗ୍ରାହକ କରେଇ ଦିଅନ୍ତୁ । ବଡ଼ ଦୁଃଖର ବିଷୟ, କେତେକ ନାଗ ତାଙ୍କର ଚାନ୍ଦା ଦେୟ ଏ ପର୍ଯ୍ୟନ୍ତ ଦେଇ ନାହାନ୍ତି । ଏଇଥିରେ ସେମାନଙ୍କର ଉତ୍ସାହ ଜଣା ପଡ଼ୁଛି ।

ପ୍ରଥମେ ନାଗ ହେଲା ବେଳେ ଆମେ ପ୍ରତିଜ୍ଞା କରିଛୁଁ 'ସେବା କରିବୁଁ' । ଏଇ ସେବା ଅନେକ ପ୍ରକାରର । ତା ମଧ୍ୟରୁ ଦେଶ ସେବା ମଧ୍ୟ ଗୋଟିଏ । ଆଜି କେନ୍ଦୁଝର ଅଞ୍ଚଳର ଭାଇମାନେ ବିଦେଶୀଙ୍କ ଅତ୍ୟାଚାରରେ ପ୍ରପୀଡ଼ିତ । ଦିନଥିଲା, ସେମାନେ ଥିଲେ ଆମର ଭାଇ, କିନ୍ତୁ ବର୍ତ୍ତମାନ ସିନା ବାହାରେ ଅଛନ୍ତି ! ଗୋଟିଏ ଭାଇ ଘର ଭିତରେ ଥିବ ଓ ଆଉ ଗୋଟିଏ ଭାଇ ବାହାରେ ଥିବ, ଏଇଟା କଣ

Digitized by srujanika@gmail.com

ଭଲକଥା । ତେଣୁ ତମେ ସବୁ ଦେଶ ମିଶ୍ରଣ ପାଇଁ ଯିଏ ଯାହା ପାରୁଛ ସାହାଯ୍ୟ କର ।

ଭୂପର ଜଣେ ନାଗ ଭାଇ

— —

## ଅଜାଙ୍କ ଜବାବ ।

କବିଗୁରୁଙ୍କ ସ୍ମୃତି ପାଇଁ ମୁଁ ତମମାନଙ୍କ କଲମରୁ ଝରିଏ ଶ୍ରେଷ୍ଠ କବିତା ଚାହେଁ । ସମସ୍ତେ ଲେଖି ପଠାଇବ । ଶ୍ରେଷ୍ଠଟି ବାଛି ମୁଁ ଏଇ ବିଭାଗରେ ଛାପିବି ।

ବଂଶୀଧର (୩୯୨)—ପାଞ୍ଚଟଙ୍କାର ଦାମ ୨୧୦୯ । ଏକା ସାଙ୍ଗରେ ପଠାଇବା ଅସୁବିଧା । ପ୍ରତ୍ୟେକ ଗ୍ରାହକ ଠାରୁ ସ୍ୱତନ୍ତ୍ର ଭାବରେ ଯିବ । ମଲ୍ଲ ନାଗମାନଙ୍କୁ ଶଲ୍ୟ-କରଣୀ ଗଦ ଶୁଙ୍ଘାଇ ଦିଅ । ନୂଆନାଗ ସଂଗ୍ରହ କରିବା କଥା ଶୁଣି ବଡ଼ ଆନନ୍ଦ ହେଉଛି । ସତ୍ ଅନୁଷ୍ଠାନ ମଝିପାଚରେ ନାହିଁ । ନାଗ ମରିଯିବେ—କିନ୍ତୁ ପୁଣି ନାଗ ଆସିବେ —ନାଗ ସଂଘ ମରିବ ନାହିଁ ।

ନବକିଶୋର (୨୦୮)—ଯୁଦ୍ଧ କବିତା ଏଦିକି ନ ପଠାଇ ପାର ମୁଁ ବଡ଼ ଦୁଃଖିତ । ଡଗରର ଅର୍ଥାଭାବ ଏହାର କାରଣ । ମୁଁ ଯଥାଶୀଘ୍ର ତାହା ପଠାଇବି । 'ମୋ ଦେଶ' ପତ୍ରିକା ପାଇଁ ଲେଖା ଅଚିରେ ଯିବ । ଅପେକ୍ଷା କର ।

ପୀତାମ୍ବର (୩୩୪)—ରେଜିଷ୍ଟ୍ରି କରି ଚିଠି ପଠାଇବା ଦ୍ୱାରା ଅଯଥା ଖର୍ଚ୍ଚ କରନାହିଁ । ତମର ସବୁ ଲେଖା ପାଇଛି । ମନୋନୀତ ଲେଖା କ୍ରମେ ପ୍ରକାଶ ପାଇବ । ତମେ ୫ଜଣ ଗ୍ରାହକ କରି ଏକ ସଙ୍ଗରେ ଟଙ୍କା ପଠାଇଦିଅ । ଡଗର ତମକୁ ଖଣ୍ଡେ ଫ୍ରି ମିଳିବ ।

ରେବତୀ (୩୦୦)—ମୁଁ କିଛି ବୁଝିଲି ନାହିଁ । ଛପା ଭୁଲ ହୋଇ ପାରେ । ତମ ଚିଠି ଓ ଲେଖା ମିଳିନାହିଁ ।

ବଂଶୀଧର (୩୦୨) ଡଗର ଅଫିସ ଖାନତଲାସ ହେଲେ ବି ପୁଲିସ ଅଜା ଅଜିକି ବାନ୍ଧି ନେଇନାହିଁ ।

ଶ୍ରୀ ପୀତାମ୍ବର ଦାସ ୩୩୪ ନମ୍ବର ନାଗ ସବୁ ନାଗଭାଇଭଉଣୀମାନଙ୍କୁ ପ୍ରଶ୍ନ କରୁଛନ୍ତି—

୧ । ଇଂରେଜୀରେ ଯେପରି Mr., Mrs., Miss., ସେହିପରି ଜର୍ମାନ, ଋଷୀୟ, ଚୀନୀୟ ହଙ୍ଗାରୀ ଇଟାଲୀୟ ଓ ଫରାସୀ ବା ହିବ୍ରୀୟ ଭାଷାରେ କ'ଣ ବ୍ୟବହାର ହୁଏ ?

୨ । ଅଜିକାଲି ଯୁଦ୍ଧକୁ ଯିବା ସମୟରେ ସୈନ୍ୟମାନେ ସେମାନଙ୍କ ସ୍ତ୍ରୀଙ୍କ ଠାରୁ କିପରି ଭାବରେ ବିଦାୟ ନିଅନ୍ତି ?

୩ । ପ୍ରଥମ ଯୁଦ୍ଧ ସ୍ଥଳରେ ପ୍ରାଣତ୍ୟାଗ କରିବା ଶୁଣିଲେ ସ୍ତ୍ରୀମାନେ କ'ଣ କରନ୍ତି ?

(ଏ ପ୍ରଶ୍ନର ସନ୍ତୋଷଜନକ ଉତ୍ତର ଡଗରରେ ପ୍ରକାଶ ପାଇବ ।)

— —

## ନୂଆନାଗଙ୍କ ନାମ

୩୩୬— ଶ୍ରୀମତୀ ଶାନ୍ତିଲତା ଦାସ, ପୁରୁଣାହାଟ, ବାଲେଶ୍ୱର ।

୩୩୭— ମାୟାଧର ବେହେରା C/o Indian steel & wire Products Ltd. Wellesly place, Calcutta. (ଅଜାବନ) ।

୩୩୮— ନବକିଶୋର ଦାସ ଭବାନୀପାଟନା ହାଇସ୍କୁଲ ।

୩୩୯— ମଦନମୋହନ ମହାନ୍ତି ୧୦ମ ଶ୍ରେଣୀ K. M. P. M. H. E. School. ପୋଃ ଜାମସେଦପୁର ।

୩୪୦— ହରେକୃଷ୍ଣ ମହାନ୍ତି C/o ଶ୍ୟାମସୁନ୍ଦର ମହାନ୍ତି 330, N. 1 Type ପୋଃ ଜାମସେଦପୁର ।

୩୪୧— ମଧୁସୂଦନ ଦାସ ୮ମ ଶ୍ରେଣୀ ସତ୍ୟାନନ୍ଦ ହାଇସ୍କୁଲ ଯୋଡ଼ା ।

୩୪୨— ଶ୍ରୀ ଦୁର୍ଗାଚରଣ ମହାନ୍ତି ୯ମ ଶ୍ରେଣୀ ସତ୍ୟାନନ୍ଦ ହାଇସ୍କୁଲ ଯୋଡ଼ା ।

୩୪୩ — କିଶୋରଚରଣ ମହାନ୍ତି ୯ମ ଶ୍ରେଣୀ, ସତ୍ୟାନନ୍ଦ ହାଇସ୍କୁଲ ଯୋଡ଼ା ।

— —

### କୁପନ୍

ଅଜା,

ମୁଁ ଜଣେ ନାଗ ନାଗୁଣୀ ହେବାକୁ ଚାହେଁ; ମୋର ବୟସ ୧୮ ବର୍ଷରୁ କମ୍ । ମୁଁ ସତ୍ୟ ସାହସ ସେବା ଓ ଅହିଂସା ପାଳନ କରିବାକୁ ଚେଷ୍ଟା କରିବି । ଦୟାକରି ନାଗଙ୍କ ଦଳରେ ମୋ ନାମ ଲେଖାଇ ଦେବେ । ମୁଁ ଏଥି ସହ ୧୦/୧୦୫ ର ଡାକ ଟିକଟ ପଠାଉଛି ।

ତୁମ ସ୍ନେହର ନାଗନାଗୁଣୀ

ଶ୍ରୀ ________________

ଠିକଣା ________________

ତାରିଖ

Digitized by srujanika@gmail.com



## ବିଦେଶ —

ଝିଟୋମିର ନଗର ଦକ୍ଷିଣ ପୂର୍ବରେ ପ୍ରଥମେ ଜର୍ମାନମାନେ ବୃହତ୍ ସଙ୍ଘରେ ଅଗ୍ରସର ହେବାରୁ ରୁଷ୍ ସେନାପତି ମାର୍ଶାଲ ଭୁଟାଇନଙ୍କ ସୈନ୍ୟମାନେ ହଟିଗଲେ । ଜର୍ମାନମାନେ ବ୍ରୁସିଲୋଭ ନଗର ମୁହାଣସ୍ଥ ରକ୍ଷା ପାଚେରୀ ଭେଦକରି ନବୋଗ୍ରାଡ୍ ଭୋଲିନସ୍କ ଓ ଉପରକୁ କରୋଷ୍ଟେନ ଦଖଲ କରିଛନ୍ତି । ନବୋଗ୍ରାଡ୍‌ଏର ବର୍ଗ ଚାରିଦିଗରେ ଓଡ଼େଶାକୁ ବର୍ତ୍ତନ କରି ଦେବାର ଦାବି କରନ୍ତି । ଏହି ନଗର ନେବାକୁଯାଇ ୬୦ ହଜାର ଜର୍ମାନ ସୈନ୍ୟ ହତାହତ ହେବାର ସମ୍ବାଦ ମିଳେ । ଜର୍ମାନମାନେ ଦାବି କରନ୍ତି ଯେ ନଗର ଦୁଇ କୂଳ ପର୍ଯ୍ୟନ୍ତ ସମସ୍ତ ଅଧିକାର କରି ନଗର ମୁହାଣରୁ ଫାସିସ୍ ଦଖଲ କରନ୍ତି ଏବଂ ଇସ୍ତାହାର ପ୍ରକାଶ କରନ୍ତି ଯେ ନଗର ଶୀଘ୍ର ଛିନ୍ନ ହେବ, ନେପ୍ରୋପେଟ୍ରୋଭସ୍କ ମଧ୍ୟ ଜର୍ମାନ ଅଧୀନସ୍ଥ ହୋଇଛି । କିନ୍ତୁ ମୋସ୍କୋ ସମ୍ବାଦରୁ ଜଣାଯାଏ ଯେ ଜର୍ମାନ ଏଯାବତ୍ ନଗର ଅତିକ୍ରମ କରିପାରି ନାହିଁ ।

ମଧ୍ୟ ଋଣାଞ୍ଚଳରେ ଜର୍ମାନମାନେ ଟେରଲ ଓ ଗୋମାଲ ଦଖଲ କରିବା ପରେ ରୁଷ୍ ଜେନାରଲ ଟେକାନଏଭଙ୍କ ସୈନ୍ୟମାନେ ଆକ୍ରମଣ କରି ଜର୍ମାନମାନଙ୍କୁ ଅନେକ ଦୂର ହଟାଇ ଦେଇଛନ୍ତି ।

ପଶ୍ଚିମର ଅନ୍ତ ଜର୍ମାନମାନଙ୍କର ଲେନିନ୍‌ଗ୍ରାଡ୍ ପହଞ୍ଚିବାର ଚେଷ୍ଟା ବିଫଳ ହେବାରୁ ସେମାନେ ଅନ୍ୟସ୍ଥାନରୁ ଦକ୍ଷିଣରୁ ଆକ୍ରମଣ ଆରମ୍ଭ କରନ୍ତି । ସେମାନେ ପେପାମ୍ ନଦୀର ଦୁଇଦିଗରୁ ଅସି ନାର୍ଭା ଠାରେ ମିଳିତ ହେଲେ । ରୁଷ୍ ସେନାନାୟକ ମାର୍ଶାଲ ଭୋରୋଶିଲୋଭ ପ୍ରସ୍ତୁତ ହୋଇ ଲେନିନ୍‌ଗ୍ରାଡ୍‌ର ଉପକଣ୍ଠରେ ଦୃଢ଼ ବ୍ୟୂହ ରଚନା କଲେ । ଜର୍ମାନମାନେ କେତେକ ସହର ଦଖଲ କରନ୍ତି । ପୁଷ୍କିନ ଲେନିନ୍‌ଗ୍ରାଡ୍‌ର ଦକ୍ଷିଣରେ ଥିବା ପ୍ରଧାନ ସହର ନିକ୍‌ଲୋସେଲ୍ଡ଼ ଦଖଲ କରି ନଥନ୍ତି । ମାର୍ଶାଲ ଭୋରୋଶିଲୋଭଙ୍କ ଅସାମରିକ ସାଧାରଣଙ୍କୁ ଧରି ଗୋଟାଏ ପ୍ରବଳ ପ୍ରତିରୋଧକାରୀ ବାହିନୀ ଗଠନ କରନ୍ତି ।

ଚିନ୍‌ମାନେ ଉତ୍ତର ପଟରୁ ମାଉଅପି ଲଟୋଗା ହ୍ରଦର ଉତ୍ତରରେ ଗୋଟିଏ ଗ୍ରାମ ଦଖଲର ଦାବି କରନ୍ତି ।

ସ୍ମୋଲେନସ୍କ ଧ୍ୱଂସସ୍ତୂପରେ ପରିଣତ ହେଲା ପରେ ମାର୍ଶାଲ ଟିମୋଶେଙ୍କୋଙ୍କର ସୈନ୍ୟ ସହର ପରିତ୍ୟାଗ କରିଛନ୍ତି ।

ଭିଚିର ପେଟେଁ ସରକାର ଜର୍ମାନ ସହିତ ଏକ ସାମ୍ରୀ ସନ୍ଧି କରୁଥିବାର ସମ୍ବାଦ ମିଳିଛି । ସନ୍ଧି ଫଳରେ ଜର୍ମାନ ସାମରିକ ଭାବରେ ଫ୍ରାନ୍ସ ଓ ଆଫ୍ରିକାର ସାମରିକ ବେସ୍ ଓ ନୌବେସ୍ ପାଇବା ପ୍ରତିବଦଳରେ ଫ୍ରାନ୍ସରୁ ଜର୍ମାନ ସୈନ୍ୟ ଆଂଶିକ ଭାବରେ ଫେରସ୍ତ ନଥିବ ଏବଂ ଯୁଦ୍ଧ ପରେ ବ୍ରିଟିଶ ଉପନିବେଶ ନାଇଜେରିଆ, ଗାମ୍ବିଆ, ସିଏରା ଲିଓନେ ଓ ଗୋଲ୍ଡକୋଷ୍ଟ ଫରାସୀ ସାମ୍ରାଜ୍ୟଭୁକ୍ତ ହେବ । ଫ୍ରାନ୍ସ ଜର୍ମାନୀକୁ ଆଲସେସ୍ ଲରେନ ଛାଡ଼ିଦେବ ଏବଂ ବଦଳରେ ବେଲଜିୟମରୁ କିଛି ଅଂଶ ପାଇବ । ଇଟାଲୀକୁ ଟିଉନିସିଆ ବଦଳରେ ମିଶର ଦିଆଯିବ ।

ଜର୍ମାନ ଉକ୍ରେନ୍ ଦଖଲ କରି ସାରିଲେ କକାସିଆ ଦେଇ ଇରାନ ଆକ୍ରମଣ କରିବ ସମ୍ଭବତଃ ଏହି ଭୟରେ ଇଂରେଜମାନେ ଇରାନ ଆକ୍ରମଣ କରନ୍ତି । ଇରାନ ବା ପାରସ୍ୟରେ ଜର୍ମାନ ସେନା ପଞ୍ଚମବାହିନୀରେ ନରୱେର ଅବସ୍ଥା ଘଟାଇବା ହେବାର ଆଶଙ୍କା ମଧ୍ୟ ଯଥେଷ୍ଟ ଥିଲା । ଏହି ଆକ୍ରମଣରେ ରୁଷିଆ ଇଂରେଜଙ୍କ ସହିତ ସହଯୋଗ କରେ । ବ୍ରିଟିଶ ସୈନ୍ୟ ଦକ୍ଷିଣରୁ ଓ ଲାଲ ଫୌଜ ଉତ୍ତରରୁ ଆକ୍ରମଣ କରନ୍ତି । ଇରାନ୍ ବାଧ୍ୟ ହୋଇ ସନ୍ଧି କଲା । ସୋଭିଏଟ୍ ଓ ଇଂରାଜମାନେ ପ୍ରଧାନ ପ୍ରଧାନ ଇରାନୀୟ ଘାଟି ଦଖଲ କଲେ । ଫଳରେ ଶ୍ୱେତ ସାଗର ଠାରୁ ଭାରତ ଓ ଭୂମଧ୍ୟ ମହାସାଗର ପର୍ଯ୍ୟନ୍ତ ସମସ୍ତ ପ୍ରଦେଶମାନଙ୍କରେ ଗୋଟାଏ ଜର୍ମାନ ପ୍ରତିରୋଧକାରୀ ବ୍ୟୂହ ପଙ୍‌କ୍ତି ରଚିତ ହୋଇଗଲା ।

ଏଣେ ରୁଜଭେଲ୍ଟ ଓ ଚର୍ଚ୍ଚିଲ୍ ଦୁଇ ଦେଶର ମହାମନ୍ତ୍ରୀ ସ୍ଥାନରେ ଭେଟାଭେଟି ହୋଇ ଦୁଇଦେଶର ଶାନ୍ତି ଓ ମୈତ୍ରୀ ନୀତି ଗ୍ରହଣ କରନ୍ତି ।

ମସ୍କୋରେ ତ୍ରିଶକ୍ତି ବୈଠକ ହେବାର ସୂଚନା ମିଳେ ।

## ଦେଶ—

ମୁସଲିମ୍ ଲିଗର ସଭ୍ୟ ବଙ୍ଗଳାର ପ୍ରଧାନ ମନ୍ତ୍ରୀ ଫଜଲୁଲ୍ ହକ୍, ସିକନ୍ଦର ଓ ସାଦୁଲ୍ଲା ପ୍ରଭୃତି ଡିଫେନ୍ସ କାଉନ୍ସିଲରେ ଯୋଗ ଦେବାରୁ ଲିଗ୍ ସଭାପତି ଜିନା ସାହେବ ଲିଗ ଅଫିସ ଦେବାକୁ ଲିଗ୍‌ରୁ ତଡ଼ିଦେବାର ଭୟ ଦେଖାଇଲେ । ଫଳରେ ଏ ପର୍ଯ୍ୟନ୍ତ ଦୁଇଟି ମନ୍ତ୍ରୀ କାଉନ୍ସିଲରୁ ଇସ୍ତଫା ଦେଇଛନ୍ତି । କିନ୍ତୁ ହକ୍ ସାହେବ ଦେଇ ନାହାନ୍ତି । ସରକାର ଏହି ମନ୍ତ୍ରୀମାନଙ୍କୁ ମନ୍ତ୍ରୀ ହିସାବରେ ନଜାଣି ମୁସଲମାନ ନେତା ହିସାବରେ ଜାଣିଥିବାର ଇସ୍ତଫା ଦିଅଗଲା । ପୁଣି ମନ୍ତ୍ରୀ ହିସାବରେ କଣ କରିବେ ତା ଜଣାନାହିଁ ।

ଭୋମ୍ନୁରରେ ଉପ୍ଲାବନ ଭୀଷଣ ବନ୍ୟା ହୋଇଛି ।

ଗାନ୍ଧିଜୀ ଇଣ୍ଡିଆ ବର୍ମା ଉଭୟ ସମ୍ବନ୍ଧରେ ଏକ ବକ୍ତୃତା ଦେଇଥିଲେ ।


## ଓଡ଼ିଶା କମର୍ସିଏଲ କଲେଜ

ଶ୍ରେଧୁଆବଜାର, କଟକ ।

ସର୍ଟହାଣ୍ଡ, ଟାଇପରାଇଟିଂ, ଟେଲିଗ୍ରାଫି, ବୁକ-କିପିଂ ଶିକ୍ଷା ।

ପି, ଏନ, ମହାନ୍ତି—ପ୍ରିନ୍‌ସିପାଲ୍ ।


Digitized by srujanika@gmail.com

# ଶ୍ରୀ ବ୍ରଜେନ୍ଦ୍ରନାଥ ନାୟକ ଜୁଏଲର

ଦରଘାବଜାର, ପୋ.—କଟକ ।







୫୨୦୯ ଙ୍କା ପୁରସ୍କାର !  ୫୨୦୯ ଙ୍କା ପୁରସ୍କାର !

ଭଦ୍ରବ୍ୟକ୍ତିମାନଙ୍କର ଫରମାସି ଅନୁସାରେ ଅମ୍ଭେମାନେ ଖାଣ୍ଟି ସୁନା, ରୂପା ଏବଂ ବହୁ ମୂଲ୍ୟ ପଥରର ନାନାପ୍ରକାର ଅଳଙ୍କାରମାନ ମନ ମୁତାବକ ପ୍ରସ୍ତୁତ କରିଥାଉଁ । ଅମ୍ଭମାନଙ୍କର ବ୍ୟବସାୟ ଆରମ୍ଭ ଦିନରୁ ଆଜିଯାଏ କୌଣସି ବ୍ୟକ୍ତି ଆମ୍ଭମାନଙ୍କର ସାଧୁତା ସମ୍ବନ୍ଧରେ କେବେହେଲେ ସନ୍ଦେହ କରିନାହାନ୍ତି । ଅମ୍ଭେମାନେ ଏହି କାର୍ଯ୍ୟାଳୟଟିକୁ ନୂତନ ପ୍ରତିଷ୍ଠା କରିଥିବାରୁ ବଜାରରେ ଦର ଅପେକ୍ଷା ବହୁ ସୁଲଭ ମୂଲ୍ୟରେ ଅଳଙ୍କାର ପ୍ରସ୍ତୁତ କରିଥାଉଁ ବାହାର ଗ୍ରାହକଙ୍କରେ ଅମ୍ଭେମାନେ କାହାରିକୁ ବୁଝାଇ ଦେବାକୁ ଶୁଣୁନାହିଁ । ପ୍ରତ୍ୟେକ ପଦାର୍ଥକୁ ଉତ୍ତମ କରି ପରୀକ୍ଷା କରିବାର ସୁବିଧା ଆମେ ଦେଇ ଥାଉଁ । କେହି କୌଣସି ପ୍ରକାର ଦୋଷ କିମ୍ବା ମଣ ଧରିପାରିଲେ ଅମ୍ଭେମାନେ ୫୨୦୯ଙ୍କା ପୁରସ୍କାର ଦେବାକୁ ପ୍ରସ୍ତୁତ ଅଛୁଁ । ସାଧାରଣଙ୍କର ସହାନୁଭୂତି ପ୍ରାର୍ଥନୀୟ —

ଭବଦୀୟ

**ଶ୍ରୀ ବ୍ରଜେନ୍ଦ୍ରନାଥ ନାୟକ**

ଦରଘା ବଜାର, ପୋ:—କଟକ ।

---

# ଭ୍ରାମରୀ ରସାୟନ

## ବାତରକ୍ତ ଓ କୁଷ୍ଠର  ଅବ୍ୟର୍ଥ ମହୌଷଧ

ଏହା ପୁରାତନ ରସାୟନର ପରୀକ୍ଷା ଦ୍ୱାରା ପ୍ରସ୍ତୁତ ହୋଇଅଛି । ବାତରକ୍ତ ଓ କୁଷ୍ଠ ପ୍ରାୟ ଏକରୂପ ବ୍ୟାଧି, ମାତ୍ର ଲକ୍ଷଣ ଭେଦରେ ପ୍ରକାର ଭେଦ ହୋଇଥାଏ । ଏହି ରୋଗ ଶରୀରରେ ଜନ୍ମିବା ପୂର୍ବରୁ ନାନାପ୍ରକାର ଛଉ ବା ବକ୍ରୁତ ଚର୍ମ, ଚଟାଙ୍ଗିକ ଜ୍ୱାଳା ଶରୀରକ ଅବସାଦ, ମୂତ୍ରବନ୍ଧବତ୍ ବେଦନା ଆଳସ୍ୟ, ଅବସନ୍ନତା, ନାଡ଼ିକା ଓ କଣ୍ଠର ଶିଥିଳତା ଓ କୋଷ୍ଠବଦ୍ଧତା ପ୍ରଭୃତି ଉପସର୍ଗମାନ ଦେଖାଯାଏ । ଉପରୋକ୍ତ ରୋଗମାନଙ୍କ ଦୂରୀକରଣାର୍ଥେ ଅମୃତ ଏହି "ଭ୍ରାମରୀ ରସାୟନ" ଏକମାତ୍ର ପରମ ମହୌଷଧ । ଏହା ଏକମାସ ସେବନ କଲେ ଏହାର ଉପକାରିତା ନିଜେ ଜାଣିପାରିବ । ଏକମାସ ସେବନ ଉପଯୋଗୀ ଔଷଧର ମୂଲ୍ୟ ୫୪୯ **ଭ୍ରାମରୀ ତୈଳ**:—ଏହା ଦେହରେ ମାଲିସ୍ କଲେ ଦେହର ଛଉ ପ୍ରଭୃତି ଅଚିରେ ଆରୋଗ୍ୟ ହୁଏ । ଏକଶିଶି ୫୨୯ଙ୍କା ମାତ୍ର ୫୨୯ଙ୍କା ମାତ୍ର ।

### କାୟାକଳ୍ପ ଔଷଧାଳୟ

**ବୈଦ୍ୟରାଜ:—ଶ୍ରୀ ଲକ୍ଷ୍ମୀନାରାୟଣ ଆଚାର୍ଯ୍ୟ** ଆୟୁର୍ବେଦ ଶାସ୍ତ୍ରୀ

ଆଲମଚାନ୍ଦ ବଜାର, କଟକ ।

---

## କବିରାଜ ଶ୍ରୀଧର ଗର୍ଗବିତ୍ତଭିଷଗାଚାର୍ଯ୍ୟଙ୍କ ଦ୍ୱାରା ଉଦ୍ଭାବିତ ଓ ଆଜକୁ ଦଶବର୍ଷ ଯାବତ୍ ପରୀକ୍ଷିତ ଔଷଧାବଳୀ ।

# ସ୍ୱପ୍ନ ସୁନ୍ଦରୀ

ଧାତୁ ଦୌର୍ବଲ୍ୟଗ୍ରସ୍ତ ଯୁବକମାନଙ୍କର ନିଦ୍ରାବସ୍ଥାରେ କାମୋତ୍ତେଜକ ସ୍ୱପ୍ନ ଦର୍ଶନ ଦ୍ୱାରା ବୀର୍ଯ୍ୟକ୍ଷୟ ହୋଇଥାଏ । ଏହି ରୋଗ ଅତ୍ୟନ୍ତ ଅଧିକ ହେଲେ ଦିବସରେ ସ୍ତ୍ରୀଲୋକ ଚିନ୍ତା କଲେ ମଧ୍ୟ ଶୁକ୍ରକ୍ଷୟ ହୁଏ । ଏହି ରୋଗ ଶରୀରର ବଳ, ବୀର୍ଯ୍ୟ, ଅଗ୍ନି, ତେଜ ଇତ୍ୟାଦି ସମସ୍ତ ଅତ୍ୟନ୍ତ କ୍ଷୀଣ କରି ରୋଗୀକୁ ଅକାଳ ବାର୍ଦ୍ଧକ୍ୟ ଦେଇ ଥାଏ । ପରିଶେଷରେ ମଧ୍ୟ ଏହାଠାରୁ ଶୁକ୍ରକ୍ଷୟ ହେତୁରୁ ନାନାପ୍ରକାର ରୋଗ ଉପସ୍ଥିତ ହୋଇଥାଏ । ଅମୃତ ସ୍ୱପ୍ନ ସୁନ୍ଦରୀ ଔଷଧ ବିଜ୍ଞାପନ ଅନୁମତ ବ୍ୟବହାର କଲେ ସ୍ୱପ୍ନଦୋଷ ଓ ତଜ୍ଜନିତ ଶୁକ୍ରକ୍ଷୟ ନିବାରିତ ହୋଇ ଶରୀର ପୁଷ୍ଟ ଓ ବଳିଷ୍ଠ ହୋଇଥାଏ ।

ମୂଲ୍ୟ—୨୦ ଗୋଟା ବଟିକା ପୂର୍ଣ୍ଣ ଏକ ଶିଶିକୁ ୫୫ । ୬୦ ଗୋଟା ବଟିକା ପୂର୍ଣ୍ଣ ଶିଶିକୁ ୫୧୮ । ଡାକଖର୍ଚ୍ଚ ସ୍ୱତନ୍ତ୍ର ।

ଠିକଣା: ଶ୍ରୀଧର ଗର୍ଗବିତ୍ତ ଭିଷଗାଚାର୍ଯ୍ୟ, ଭୁବନେଶ୍ୱର—ପୁରୀ

printed & published at the Gopinath Press, Bhadrak, by G. C. Mahapatra and issued from Dagaro Office, Bhadrak.

Digitized by srujanika@gmail.com

REG. NO. P. 441

THE DAGARO—1-9-1941.

ମାଭୈଃ— —ମାଭୈଃ— —ମାଭୈଃ

ଯୁଦ୍ଧ ବା ଅନ୍ୟ କୌଣସି ଅଘଟଣରେ ପ୍ରାଣହାନି ହେଲେ ବୀମାଧାରୀଙ୍କ ପରିବାର ବର୍ଗଙ୍କ ଦୁଃଖ ଦୂର କରିବା ନିମନ୍ତେ ବାର୍ଦ୍ଧକ୍ୟ ଓ ପରିବାରବର୍ଗଙ୍କ ପାଇଁ ଅର୍ଥସଂସ୍ଥାନ କରନ୍ତୁ। ଅନ୍ତର୍ଜାତିକ ଅନିଶ୍ଚିତତା ଓ ଆର୍ଥିକ ଦୁର୍ଗତିରେ ଜୀବନବୀମାହିଁ ଏକମାତ୍ର ନିରାପଦ, ଲାଭଜନକ ଓ ନିର୍ଭର ଯୋଗ୍ୟ ଲଗାଣି।

ଏ ଦୁର୍ଦ୍ଦିନରେ "ହିନ୍ଦୁସ୍ଥାନ"ରେ ବୀମା କରି ବା ପ୍ରତିନିଧି ହୋଇ ଲାଭବାନ ହୁଅନ୍ତୁ।

# ହିନ୍ଦୁସ୍ଥାନ କୋ-ଅପରେଟିଭ

## ଇନସିଓରେନ୍ସ ସୋସାଇଟି ଲିଃ

ହେଡ୍ ଅଫିସ—କଲିକତା

**ହିନ୍ଦୁସ୍ଥାନର ସୂଚନା—**

ମୋଟ ଚଳନ୍ତି ବୀମା—୧୭ କୋଟି ୨ ଲକ୍ଷରୁ ଊର୍ଦ୍ଧ୍ୱ। ମୋଟ ବୀମା ଫଣ୍ଡ—୩ କୋଟିରୁ ୧୦ ଲକ୍ଷରୁ ଊର୍ଦ୍ଧ୍ୱ।

ମୋଟ ସମ୍ପତ୍ତି—୩ କୋଟି ୫୭ ଲକ୍ଷରୁ ଊର୍ଦ୍ଧ୍ୱ। ୧୯୪୦ ରେ ନୂତନବୀମାର ପରିମାଣ ୨ କୋଟି ୭୫ ଲକ୍ଷରୁ ଊର୍ଦ୍ଧ୍ୱ।

ବିଶେଷ ବିବରଣୀ ପାଇଁ ନିମ୍ନଲିଖିତ ଠିକଣାରେ ଅନୁସନ୍ଧାନ କରନ୍ତୁ।

ଏନ୍ ଦତ୍ତ
ସେକ୍ରେଟେରୀ
ହିନ୍ଦୁସ୍ଥାନ ବିଲ୍ଡିଙ୍ଗ୍ସ, କଲିକତା।

ଅର୍ଗେନାଇଜର—**ନରେନ୍ଦ୍ର ପ୍ରସାଦ ଦାସ**
ହିନ୍ଦୁସ୍ଥାନ କୋ-ଅପରେଟିଭ ଇନ୍ସୁରେନ୍ସ ସୋସାଇଟି ଲିଃ।
ଗୁଡ଼ଶାଳ୍ଟୈକ, କଟକ।

# ଦାର୍ଜିଲିଙ୍ଗ ବେଙ୍କ ଲିମିଟେଡ

## କଟକ ଶାଖା—

ଜନ ସାଧାରଣଙ୍କର ବ୍ୟବସାୟର ଉନ୍ନତି ପାଇଁ ଦାର୍ଜିଲିଙ୍ଗ ବେଙ୍କର କଟକ ଶାଖା ମଙ୍ଗଳାବାଗଠାରେ ବାସନ୍ତି ଇନ୍ସୁରେନ୍ସ କୋଠାରେ ଖୋଲା ହୋଇଛି। ସମସ୍ତ ପ୍ରକାର ବେଙ୍କର କାର୍ଯ୍ୟ କରାହୁଏ। ନିମ୍ନଲିଖିତ ଠିକଣାରେ ଅନୁସନ୍ଧାନ କରନ୍ତୁ—

ଓଡ଼ିଶା ଅଫିସ, ମଙ୍ଗଳାବାଗ କଟକ।




## "ଜଗନ୍ନାଥ ସାହିତ୍ୟ ସମିତି"ର

## ସଂଘର୍ଷ ଓ ନୈବେଦ୍ୟ ପ୍ରକାଶ ପାଇଛି।

**୩ୟ ଅବଦାନରେ**

Detective କାହାଣୀ **"ମାୟାପୁରୀ"** ପ୍ରକାଶିତ ହେବ

ଟ ୧ ୧ ଦେଇ ସଭ୍ୟ ହେଲେ ସଂଘର୍ଷ ଅର୍ଦ୍ଧ ମୂଲ୍ୟରେ ଓ ପରବର୍ତ୍ତୀ ଅର୍ଦ୍ଧ ଦାମରେ ନିମ୍ନଲିଖିତ ସ୍ଥାନରୁ ଅନ୍ୟ ବହି ମିଳି ପାରିବ।

(1) Utkal Book Ajency, Ranihat, (2) Saraswata Bhandar, ବାଲୁବଜାର (3) Orissa Book Emporium, ବାଲୁବଜାର (4) The Book Stall, ଚୌଧୁରୀ ବଜାର (5) The National Publishing Co., ଗୁଡ଼ଶାଳ୍ଟୈକ (6) The Students' Store, ଗୁଡ଼ଶାଳ୍ଟୈକ କଟକ (7) The Students' Store—ବ୍ରହ୍ମପୁର (୮) ଶ୍ରୀଯୁକ୍ତ ରମେଶ ମହାନ୍ତି, Straight Mile Road—ଜାମସେଦପୁର (୯) ମହେଶ୍ୱର ଦାସ, 1/3 Hidaram Banerji Lane—କଲିକତା (୧୦) ଶ୍ରୀ ଲକ୍ଷ୍ମୀନାରାୟଣ ମହାନ୍ତି—ବରିପଦା।

ଅନ୍ୟାନ୍ୟ ସ୍ଥାନରେ ଏଜେଣ୍ଟ ଆବଶ୍ୟକ। ଟଙ୍କା ଓ ଚିଠିପତ୍ର ସମ୍ପାଦକ, ଜଗନ୍ନାଥ ସାହିତ୍ୟ ସମିତିଙ୍କ ନାମରେ ପଠାଇବେ।

Digitized by srujanika@gmail.com




ଆମ ବ୍ୟଙ୍ଗଶିଳ୍ପୀଙ୍କ ଦିକ୍‌ଦର୍ଶନଃ—

# ଆଈଙ୍କ ଆକାଶ ଆକ୍ରମଣ




ଇରାନରେ ଅସି ଉଠିଲାଣି ଯୁଦ୍ଧ
ମାଡ଼ୁ ଅଛ ବଡ଼ ଡର
ଘର ବୁଡ଼ ପାଣି ଅଣିଏ ହୋଇଲା
ଏଥକୁ ଉପାୟ କର ।

ବାଲିବସ୍ତା ନେଇ ଥୋଇଦେଲେ ଅଜା
କାନ୍ଥ ବାଡ଼ ଗୃହପାଖେ
ବହୁ ବହୁ ଜୀଅ ଛଡଲା ଘରଏ
ହେଲା ଅସି ଢୋକି ଯାକେ ।

ଅଟେରେ ବୁଡାରେ ଏକ କରମାନ
ଇନସିଣ୍ଡି ଅର ବୋମା
ଏକ ପରଟଣ୍ଡ ଅକମଣ ହେଲା
ସମାଳ ନୋହୁଛ ଜମା ।

୫ମ ବର୍ଷ | ୮ମ ସଂଖ୍ୟା | ଭାଦ୍ର ଦ୍ୱିତୀୟାର୍ଦ୍ଧ

Digitized by srujanika@gmail.com

# ଓଡ଼ିଶାର ପୂର୍ବ ଖ୍ୟାତି ପୂର୍ବ ଗୌରବ
# ଫେରି ଆସିଛି !

ଦିନେ ଯେଉଁ ଓଡ଼ିଶାର ନୌବାଣିଜ୍ୟ ସ୍ୱଦେଶ ବିଦେଶରେ ଶୀର୍ଷସ୍ଥାନ ଲାଭ କରିଥିଲା
ସେହି ଓଡ଼ିଶାକୁ ବିଦେଶୀମାନେ ଲୁଟି କରିଛନ୍ତି !

ଆପଣମାନେ ବହୁତ ଅନୁତପ୍ତ ହୋଇଛନ୍ତି !

**ଆଜି ଅଦମ୍ୟ ସାହସ ଓ ଅପୂର୍ବ ଉତ୍ସାହ ନେଇ ଓଡ଼ିଶା ବାସୀଙ୍କ ମୂଳଧନରେ**

# ଦି ଓଡ଼ିଶା କମର୍ସ ଓ
# ନେଭିଗେସନ୍ କମ୍ପାନୀ ଲିମିଟେଡ୍

ଗଠିତ ହୋଇଛି—ସେହି ଲୁପ୍ତ ରତ୍ନର ଉଦ୍ଧାର ପାଇଁ
ଏହି କମ୍ପାନୀ ଓଡ଼ିଶା ସରକାରଙ୍କ ଠାରୁ କାରବାର ଆରମ୍ଭର
ଅନୁମତି ପତ୍ର Incorporation Certificate ହାସଲ କରିଛି ।
ଗରିବ କୃଷୀ ଓ ମୂଲିଆ ଭାଇଙ୍କ ଠାରୁ ଆରମ୍ଭ କରି ରାଜାମହାରାଜାଙ୍କ ପକ୍ଷରେ

## ଅପୂର୍ବ ସୁଯୋଗ !

ଆପଣମାନେ ଅଂଶ କିଣି କରି କମ୍ପାନୀର ମାଲିକ ହେବାକୁ ଇଚ୍ଛାକାରୀ କି ? ସେହି ସୁବିଧାକୁ ଆପଣଙ୍କ ହାତଗତ କରିବା ପାଇଁ ପ୍ରତ୍ୟେକ ଅଂଶ ଧନକୁ (share) ୫୧୦୦ ରେ ରଖାଯାଇଛି । ଏହାଧିକ ଅଂଶ କିଣିବାର ସୁଯୋଗ ଛାଡ଼ନ୍ତୁ ନାହିଁ—ଅନୁତାପ କରିବେ । ମେମୋରାଣ୍ଡମ ଏଜେଣ୍ଟମାନେ ଦୂରଗାଁରେ ବୁଲୁଛନ୍ତି ।

ବିଶେଷ ବିବରଣୀ ପାଇଁ ଅନୁଗ୍ରହ କରି ନିମ୍ନ ଠିକଣାକୁ ପତ୍ର ଲେଖନ୍ତୁ ।

**କଟକ ଅଫିସ**—
ରାଣୀହାଟ, କଟକ ।

**ଭଦ୍ରକ** —
ହରିଶ ଅଫିସରେ

ସେଅର କିଣିବାକୁ ମିଳେ ।

The Managing Director.
The Orissa Commerce & Navigation Co. Ltd.
CHANDBALI.

ପ୍ରକାଶକ—ଶ୍ରୀ ନିତ୍ୟାନନ୍ଦ ମହାପାତ୍ର

Digitized by srujanika@gmail.com



ଯୁଦ୍ଧ ଯେଉଁଠି ହେଉ ତାର ଚାଉଟ ଆସି ପଡ଼ୁଛି ଆମ ନିର୍ବୋଧ ଭାରତ ଉପରେ। ବାଘ ଦେଖିବା ନ ଦେଖିଲେ କ ହେଲା—ବାଘର ନାଁ ଶୁଣି ଲୁଗାପଟା ଖରାପ। ଭାରତ ସରକାର ବି ଆମକୁ ବାଘ ଭୟରୁ ଖୁବ୍ ସମ୍ଭାଳି ରଖିଛନ୍ତି। କିନ୍ତୁ ବାଘ ଭୟଟା ଯେମିତି ଭାବରେ ଗ୍ଲାଉଛି, ସେଟା ନ ଗ୍ଲାଉଲେ ଯେ ବାଘ ଭୟରୁ ବଞ୍ଚେଇବା ମୁସ୍କିଲ। ସେଥିପାଇଁ ସହର ପରେ ସହର ଅନ୍ଧାର ହୋଇ ଯାଉଛି, ଶୋଷିତ ଲୋକ ତା ଭିତରେ ଲୁଚିଇବ ଅସୁବିଧା କରିବା ଭଳି ସ୍ଥାନେ ସ୍ଥାନେ ଗହ୍ୱରରେ ଖନ୍ଦାଖାତ ଖୋଳା ଯାଉଛି। ସେଥିକି ନୁହେଁ—କାଗଜ ନିୟନ୍ତ୍ରଣ କରାଯାଉଛି—ପେଟ୍ରୋଲ ନିୟନ୍ତ୍ରଣ କରାଯାଉଛି—କିନ୍ତୁ ଜନ୍ମ ନିୟନ୍ତ୍ରଣ ସମ୍ବନ୍ଧରେ କି ବ୍ୟବସ୍ଥା କରାଯାଉଛି ତା' ଆମ୍ଭମାନଙ୍କୁ ଜଣାନାହିଁ।

× + +

କାଗଜ ନିୟନ୍ତ୍ରଣ ଦ୍ୱାରା ସରକାର ଅବଶ୍ୟ ଏକ ଉପାୟ କରିଛନ୍ତି। ଏଣିକି ଅଯଥା ପ୍ରେମପତ୍ର ଆଉ ଲେଖାହେବ ନାହିଁ, ଫଳରେ ଅନେକ ଅଶାନ୍ତି, କଳହ ଅଭିମାନ, ଗୃହତ୍ୟାଗ, ସନ୍ନ୍ୟାସ, ଦ୍ୱିତୀୟଦାର ବା ଦାର-ପରିଗ୍ରହ, ଛାଡ଼ପତ୍ର ଏପରିକି ଆତ୍ମହତ୍ୟା ମଧ୍ୟ କ୍ରମେ କ୍ରମେ କମିଆସିବାର ଯଥେଷ୍ଟ ଭରସା ଅଛି।

ତା ସଙ୍ଗେ ସଙ୍ଗେ ସାହେବମାନଙ୍କର—ପୋଛିବା ପାଇଁ ଯେଉଁ କାଗଜ ଦରକାର ପଡ଼ୁଥିଲା, ତାହା ଚଳେ ଚଳେ ବନ୍ଦ ହୋଇଗଲେ ଦେଶରୁ ପାଣିର ବା ପତ୍ରର ଦାମ ବଢ଼ିଯିବ।

+ + +

କିନ୍ତୁ ପେଟ୍ରୋଲ ନିୟନ୍ତ୍ରଣ କରି ସରକାର ବାହାରୁର ଦେଶଟାକୁ ଶହେବର୍ଷ ପଛକୁ ପକାଇଦେଲେ। ଲୋକେ ଏଣିକି ବଳଦଗାଡ଼ିକି ଅଶ୍ରଦ୍ଧା ନ କରି ଆଉ ଅନଗତ ନାହିଁ। କିନ୍ତୁ ଗୋଟାଏ କଥାରେ ଆମର ଟିକିଏ ଦୁଃଖ ରହିଯାଉଛି। ସବୁକାମ ତ ବଳଦଗାଡ଼ିରେ ହେବ, ମାତ୍ର ପାର୍କ ପାଖ ନିର୍ଜନ କମ୍ପା ଟେନିସ ପଡ଼ିଆକୁ ନିମନ୍ତ୍ରଣ, ବିଶେଷତଃ ଆମ ଗୋରା ସାହେବମାନଙ୍କ ଯେଉଁ ଅସୁବିଧା ହେବ କିମ୍ବା ଆମ କଳା ସାହେବମାନଙ୍କର ଯଉଁ ଅସୁବିଧା ହେବ ବା ହେଉଛି ତହିଁର ଅଳ୍ପ ପ୍ରତୀକାର ଲୋଡ଼ା। ନଇଲେ କହିବେ—

ବ ଏକ୍ ବୋ ଧଏଲ୍ ମାରା
ଖାଠ ଟୋଟପନ୍ତି ଠନ୍ !

× + ×

ବଙ୍ଗଳାର ପ୍ରଧାନ ମନ୍ତ୍ରୀ ଶ୍ରୀ ଫଜଲୁଲ ହକ ଏତେ ସଡ ସଡ ତାଙ୍କ ମନ୍ତ୍ରୀ କିଲାଙ୍କୁ ଖଲାସ୍ ଦେଇଦେଲେ। ଏ ନାଗ ସ୍ୱାଧୀନତା ଯୁଗରେ, ପୁରୁଷ ହୋଇ ସେ ବଳା କେମିତି କିଲାଙ୍କର ଏ ପ୍ରବୃତ୍ତିକୁ ମାନି ଚଳନ୍ତେ ? ସେ ଲିଗ୍‌ରୁ ଇସ୍ତଫା ଦେଲେ ବା ଯାହା କଲେ କିନ୍ତୁ କିଲାଙ୍କ ଉଦ୍ଧାର ମନ୍ତ୍ର ସବୁ

## ବିଲୁଆ ବିଚାର

ପକାରେ ପକାଇ ତାଙ୍କ ମାନ ଖାତିରକୁ ୨ଗଣ୍ଡା ୨ବୁଡ଼ା ୨ କାନ୍ତି ୨ ବନ୍ଧ ୨ ବିଷା ରଖି ପକାଇ ଦେଲେ। ଯାହାହେଉ ଏଥର ସୁଖୀ ଯେ ଏତେଦିନେ ହକଙ୍କ ନଶା ଛଡ଼ିଲା—ପ୍ରେମ ଭାଙ୍ଗିଲା। କିନ୍ତୁ ବୋ ବୋ! ପାସ୍ତିଅ ନାହିଁ—ଡେଲିଗେଟରେ ବାଟେ ଆଉ ପୁଅ ମୁଣ୍ଡରେ ହାତ ଦେବାର ଜଣାଶୁଣା ଲୋକ କଥାଟା ପକାଇ ବାହାର କରି, ହକ୍ କଥା କହିଛନ୍ତି ଓ ତାଙ୍କର ହକ୍ ନାମକୁ ଅନ୍ତତଃ ଏଥି ଥରକ ପାଇଁ ସାର୍ଥକ କରିଛନ୍ତି। କଂଗ୍ରେସ ଯୁବକ ସାହାଯ୍ୟ ନ ଦେଇ ମନ୍ତ୍ରୀରୁ ଇସ୍ତଫା ଦେଲା କିନ୍ତୁ ଲିଗ ଓ କଲା ମନ୍ତ୍ରୀଙ୍କୁ ପ୍ରଶ୍ନ ଏବେ ଉପରେ ଦୃଢ଼ ମାରି ଯୁବକ ସାହାଯ୍ୟ ଦେବନି ବୋଲି କହିଲେ। ଏବେ ସରକାର ପେଟ ଭରି ଦେଖେଇବେ—ତେଣେ ଲୋକଙ୍କୁ ବାହାଦୁରି ଦେବେ—ଯେମିତି ଏବା ହେଲିକ ପ୍ରଭୃତି ଅନ୍ୟ ପକାଇବାର ଇଚ୍ଛା।

+ × ×

କିନ୍ତୁ ଟେନ ଫଜଲୁଲ ହକ୍ କହିଥିଲେ ଆଉ ଗୋଟାଏ ଗମ୍ଭୀର କଥା ଏକାପରି ଲାଗୁଛି। ଏତେ ଦିନ ଏତେ ଅଭେଦ ପ୍ରୀତି ଏତେ ବେଳେ କ'ଣ ଫାଟି ଗଲା କି ? ଗଣା ବୋଲି କହିଲେ ବଡ—ଗାଗା ବୋଲି କହିଲେ ବାବୁଣୀ ଥିବ ? କୁହନ୍ତି ପ୍ରିନ୍ସ ଲୋକେ କିନ୍ତୁ ଏତେବେଳେ ସନ୍ତୁଷ୍ଟ ହେଉନାହାନ୍ତି। ଆମର ମନେ ହୁଏ ଜିନା ହକଙ୍କ କର୍ଣ୍ଣରେ କହୁ—ତୁ କହୁଥିବୁ, ମୁଁ ଖାଉଥିବି, ତୋ ମୁଣ୍ଡ ଗୁଣ୍ଡ ଥିବ ତୁ ନଦେଖୁ କି, ମୁଁ ନଖାଇବ ତୋ ମୁଁହ ନଥିବ !

+ × ×

ଗଲାଥର କଲିକତା ସହରରେ ଦେଖିଲି ରୁଜ୍‌ଭେଲ୍‌ଟଙ୍କ ଭେଟ ସମ୍ବନ୍ଧରେ ନାନା [illegible] ହୋଇଥିଲା। ଭେଟ ଫଳରେ [illegible] ଓ ପ୍ରତ୍ୟେକ ମହତ୍ତ୍ୱ ହେବା କଥା ମଧ୍ୟ ପଢିଥିଲି। କିନ୍ତୁ ସେଥି କାରଣରୁ ତାଙ୍କ [illegible] କରାଯାଇ ନପାରିବାରୁ ଆମ୍ଭେମାନେ ଅତ୍ୟନ୍ତ ଦୁଃଖିତ ଏବଂ ଲଜ୍ଜିତ। କିନ୍ତୁ ଚେମ୍ବର ସାହେବ କମନ୍‌ସ୍ ସଭାରେ ପୁସ୍ତି ଏକ ଭାଷଣରେ ସେହି କଥା ଉଲ୍ଲେଖ କରି ଆମ୍ଭମାନଙ୍କର ଭ୍ରମ ସଂଶୋଧନରେ ସୁବିଧା ଦେଇ ଥିବାରୁ ଆମ୍ଭେମାନେ ତାଙ୍କ ପାଖରେ ଅଶେଷ ଋଣୀ।

ଯାହାହେଉ ଇଂରାଜ ସରକାର ଆମକୁ ଟିକିଏ ନ ପୁଛାଏ ଦେବେ ବୋଲି ଯେଉଁମାନେ ଆଶା କରି ବସିଥିଲେ ସେମାନେ ଏବେ ବୁଝିଲେଣି ଯେ

ଇଂରାଜ ପଇଡ଼ ମାରେ ସତ୍
କାମ ସରିଲେ ଗଡ଼ିବଟା।

ତେଣେ ଯାନ୍ତି ଯାହିଁ [illegible] କାନ୍ଧିଦେବେ ତାଙ୍କୁ ତାଙ୍କୁ [illegible] କରୁଥିବେ।



Digitized by srujanika@gmail.com

ଯେତେବେଳେ ଜର୍ମାନ ରୁଷିଆ ହାତରେ ପଡ଼ି ଅର୍ଦ୍ଧ ପ୍ରାଣ ହେବ ସେତେବେଳେ ସମ୍ପୂର୍ଣ୍ଣ ଦଖଲ ହେବ ନିଶ୍ଚୟ ! ବାହବେ—ରାମ ଓ ଗୋବିନ୍ଦ ଉଭୟଙ୍କ ।

ସେପରି ଚର୍ଚ୍ଚିଲ ଲୁଇ ଜନ୍‌ସନ୍ଙ୍କୁ କହନ୍ତି— ଯେପରି ଲୁଇବର ପଦ, ମହତ୍ୱ ବାଣୀ, ଉଦାର ଘୋଷଣା ଛଡ଼ା ହେଉ, ଫୌଜ ଭାରତର ଅନ୍ତ ବାହ୍ୟ ଉପାୟ ଆମ ଇଂରାଜ ସରକାର ଦେଇ ଆସିଛନ୍ତି ।

× × +

ଆମ ଗାଁର ଶୁଣୁ ହେଉଛି ଯେଉଁମାନେ ସ୍ୱାଧୀନତା ପାଇବେ ବୋଲି ଜଗି ବସିଥିଲେ— ମନ୍ତ୍ରଣା ଘରେ ସଭ୍ୟ ହୋଇଥିଲେ ମନ୍ତ୍ରୀ ପଦବୀ ପାଇଲେ ସେମାନଙ୍କ ପାଇଁ । ସେମାନେ ବେଦରେ କହିଛ—ଆମର କବି—

ବଳି ଅସହାୟ ଲୋକ,
ତାହା ଦେଖି ମୁହିଁ ଇତାର୍ଥ ହୋଇଲି
ଅନ୍ତରେ ଲଭି ସୁଖ ।
ଯାହେ ପ୍ରକାର କହେ ଲୁକବଣି
ଅବ ହେବ ନାହିଁ ବାଲି ହେବନାହିଁ
ତହିଁରେ ହେବ ପଅଣ୍ଡିକ ଘଟ ।

× × ×

ପଣ୍ଡିତ ନଳକଣ୍ଠ ଦାସେ ଓଡ଼ିଶା କଂଗ୍ରେସର ସଭାପତି ହେଲେ । ଏବେ ପଣ୍ଡିତ ଗୋପବନ୍ଧୁ ଦାସ ଯୋଗାରେ ପାଦ ଥାପି ବସିଛନ୍ତି (stepped into his shoes) । ମୋ ଏ ବୁଦ୍ଧି ହିସାବରେ ସଭାପତି ନ ହେଲେ ସଭାପତି କହିବା ଉଚିତ । ଉତ୍କଳ ପଣ୍ଡିତ ଯେତେବେଳେ, ଭାଗବେଦ ପରିପଦରେ ହେବ ।

ଯାହାହେଉ ଜଣ ପଣ୍ଡିତେ ସଭାପତି ନ ହେଲେ କଂଗ୍ରେସ ଉଦ୍ଧାର ମଣ୍ଡଳ ମତ ବିରୁଦ୍ଧରେ ପ୍ରସ୍ତାବ କରାଇଥିବା ଅପରାଧରେ ପାଣ ପଣ୍ଡିତେ ଜଣ ପଣ୍ଡିତଙ୍କ ପାଇଁ ଦଳିବାର ବ୍ୟବସ୍ଥା କଲେ । ଧନ୍ୟ ଧନ୍ୟବାଦ—

ଆମ ପଣ୍ଡିତେ ଏବେ ଦଣ୍ଡ ଭୋଗ ପାଇଲେ ନା ଛାଡ଼ ପଅଦ କରୁ ରହିଥିଲେ ଜଣା ପଡ଼ୁ ନାହିଁ । ଯାହାହେଉ ପଣ୍ଡିତ ପଣ୍ଡିତ ଭଳି ଯେତେବେଳେ ବ୍ୟାକରଣ ପଢ଼ିବ ଗୁରୁ ବୋଲି ଅନେକ ବେଶଣା-ଧାନ ଠାବ କରିଛନ୍ତି ।

+ × ×

ଏଥର ରାଜ୍ୟ ସବଡ଼ିଭିଜନ ଜଳବେଶ ଅଞ୍ଚଳରେ ଘର ବନ୍ୟାବିପ୍ଳପାତ ହୋଇଛି ବୋଲି ଶୁଣାଯାଉଛି ହେ ଦାନ୍ତିକଠିଣୀରୂପ 'ଦେବି ଦେବି' ଅଘମ୍ଭ କରି ଦେଇଛି । ଆର, ବର୍ଷ, ମରୁଡ଼ି ପ୍ରକୃତି ଯାହାଙ୍କ ନରଚନଥ ବହୁସହ୍ନା ହୋଇ ଗଲଣି, ତାଙ୍କ ପାଇଁ ଏତେ ଗଣ୍ଡଗୋଳର ସେ ଦ ଦଫାର ତାହା ବୁଝା ଯାଉ ନାହିଁ । ଆରମ୍ଭ ବା ଅସ୍ବର୍ଯ୍ୟ କିଛି ତ ନାହିଁ ଏଥରେ ସେ ଗୁରୁ ରହି ବରିବ । ଅନ୍ୟପାଇରେ ସେ ସେ ବଡ଼ ହେବ । ଜଳମାଳିଆ ଭୂଇଁ ନଷ୍ଟ ହେଉ ଦୂରରେ ଯହି ସହ ଅପଲ ସତ୍ୟାଗ୍ରହ ପାଳିଛି ଗଲେଣି । ଗାନ୍ଧିଜୀଙ୍କର ଅଞ୍ଜ ଭୁଜନ ନାହିଁ !

× × +

ହଏ ବଟେ ଓଡ଼ିଆ ଅପଟରା ଦେଶ, ଓଡ଼ିଆ ଅଗଣା ଜାତି ! ଆମ ଗଲବୋଧଉ ଧାରାପାଠେଇ ଦୁଇ ଭାରତରେ ପରାମର୍ଶ ସଭ୍ୟ ମେମ୍ବର ହୋଇ ଗଲେ । ଏଥରେ କେବଳ ଲମ୍ବୁ ବାହିବ, ସମଗ୍ର ଓଡ଼ିଆ ଜାତି ଅପଣାକୁ ଧନ୍ୟଧନ୍ୟ ମଣିବେ ସନ୍ଦେହ ନାହିଁ । ଆମର ଯାହାହେଉ

"ଶ୍ୟାମ ଭଟ୍ଟ ପଡ଼ଇଲ ଗାର" ।

ଗରାନ୍ତ ରଜ ବଜାଇ ବିପୁଳ, ବେଣୀଲ ବ୍ୟକ୍ତିଙ୍କୁ defence ଅର୍ଥାତ୍ ରକ୍ଷା କାର୍ଯ୍ୟରେ ଉଦାଇ କରି ରଖିବେ ସେ ସବୁ ଦ୍ୱାର ଏପରି ବଳ ପାରବେ ଯେ ଶତ୍ରୁ ଭାରତ ଆସିବାକୁ ପାଇ ମାତ୍ର ରହିବ ନାହିଁ ।

ଦୁଃଖ କେବଳ ହେଉଛି ପଣ୍ଡିତ ଗୋଦାବରୀଶ ଙ୍କ ଲଗି ! ପ୍ରଧାନ ମନ୍ତ୍ରୀ ହେବାପାଇଁ ସେ ବଳ ଛଡ଼ାଇଲେ—ବଡ଼ ଗାଉଲା ଅଛ ବଟେ ! ରାମ !

× × ×

ମୟୂରଭଞ୍ଜ ରାଜ୍ୟରେ ଗୋଟିଏ ପ୍ରଜାଦଳ ଗଢ଼େଣା ଚାଲିଛି ଅଛ । ଶୁଣାଯାଏ କେହି ଏବେ ଅଭି-ଯୋଗ କରିଛନ୍ତି ଯେ ମୟୂରଭଞ୍ଜ ଶାସନଯନ୍ତ୍ର ଭିତରେ ଅନେକ ମଇଳା ଜମିଯାଇଛି ବା ଅଗରୁ ରହିଛି, ଏଥି ନିମନ୍ତେ କେତେଜଣ ସ୍ୱଦେଶ ପ୍ରେମୀ ତ୍ୟାଗ ସ୍ୱୀକାର କରି ତାହା ନିରାକରଣ ଉଦ୍ଦେଶ୍ୟରେ ଲାଗିପଡ଼ିଛନ୍ତି ।

ଏମାନେ ବିପୁଳ ତ୍ୟାଗ ଓ ବିରାଟ ସାଧନା ସହକାରେ ରାଜ୍ୟ ମଧ୍ୟରେ ଏକ 'ପ୍ରଜାମଣ୍ଡଳ' ଗଢ଼ି ସାରିଲେଣି । ଏଣେ ଆଉ କେତେକ ଠିକ ସେହି ଉଦ୍ଦେଶ୍ୟରେ 'ପ୍ରଜାମଙ୍ଗଳ' ଗଢ଼ିଛନ୍ତି । ଗୋଟିକରେ 'ଅଙ୍ଗ' ଓ ଅରଟିରେ 'ଅଣ୍ଡ'—ଏହି ପ୍ରଭେଦ ବାହାରକୁ ଜଣା ପଡ଼ୁଛି । ତଥାପି କେତେ ଠିକ ତାହା କେବଳ ଭାଗ୍ୟ ଭାଲୁର ଏବା ବୁଝି ପାରିବେ ।

ଏହା ଦେଖି କେହି କେହି କଳ୍ପନା ପ୍ରବଣ ବ୍ୟକ୍ତି ଢେଙ୍କାନାଳ, ରଣପୁରର ଲମ୍ବା ସ୍ୱପ୍ନ ଦେଖି ଚହଳି ଉଠୁଛନ୍ତି । ବର୍ତ୍ତମାନେ ଯଦି ରାଜ୍ୟମଧ୍ୟରେ ଆଉ ଗୋଟାଏ ନୂଆ ଡ଼ିପାର୍ଟମେଣ୍ଟ ଖୋଲି ଦିଅନ୍ତେ, ଆମର ବିଶ୍ୱାସ, ସେପରି କୌଣସି ଅଘଟଣ ଘଟିବାର ଆଶଙ୍କା ରହନ୍ତା ନାହିଁ । ନମୁନା ସ୍ୱରୂପ ଅନେକ କେତୋଟିର ନାମକରଣ କରୁଛୁଁ । ଯଥା—

୧ । ହାଉଆଁଗୁଳନ ଡ଼ିପାର୍ଟମେଣ୍ଟ ।
୨ । ମଶାରଣା ଡ଼ିପାର୍ଟମେଣ୍ଟ ।
୩ । ମାଛମରା ଡ଼ିପାର୍ଟମେଣ୍ଟ ।
୪ । ପ୍ରେମ ପରିମାପକ ଡ଼ିପାର୍ଟମେଣ୍ଟ ।
୫ । ବୋଡ଼ୁ ଘଟକ ଡ଼ିପାର୍ଟମେଣ୍ଟ ।
୬ । ଜନ୍ମନିରୋଧ ଡ଼ିପାର୍ଟମେଣ୍ଟ ।
୭ । ପ୍ରଜାଭୁକ୍ତି ଡ଼ିପାର୍ଟମେଣ୍ଟ । ଇତ୍ୟାଦି, ଇତ୍ୟାଦି

ଏହାଦ୍ୱାରା ରାଜ୍ୟର ଉପକାର ସଙ୍ଗେ ସଙ୍ଗେ ବେକାର ଦଳର ଅନ୍ନସଂସ୍ଥାନ ହୋଇଯାଆନ୍ତା ଓ 'ଙ୍ଗ' ବା 'ଣ୍ଡ' କୌଣସି 'ଳ'ର ପ୍ରୟୋଜନ ରହନ୍ତା ନାହିଁ ।

× + ×

---

ଗତ ୫୦ ବର୍ଷ ମଧ୍ୟରେ
**ଲବଣର ମୂଲ୍ୟ**
**ଏତେ ବେଶୀ କେବେ ହୋଇ ନ ଥିଲା**
ଅତଃ ଏବ
ଲବଣ ଶିଳ୍ପ ଯେ ଦର୍ବାପେକ୍ଷା ଅଧିକ ଲଭ୍ୟାଂଶ ଦେବ ଏ ବିଷୟରେ ସନ୍ଦେହ ନାହିଁ ।

ଏ ସୁଯୋଗରେ ଆପଣ "ଦି ଉତ୍କଳ ସଲ୍ଟ ଏଣ୍ଡ କେମିକେଲ ଓ୍ୱାର୍କସ"ର ଅଂଶ (Share) କିଣି ନିଜେ ଲାଭବାନ ହୁଅନ୍ତୁ ଓ ଦେଶକୁ ସମ୍ପନ୍ନ କରନ୍ତୁ ।

ଠିକଣା—ଅଠ, ସିଦ୍ଧାନ୍ତ, କଟକ ।

---

**ଓଡ଼ିଶା କମର୍ସିଏଲ କଲେଜ**
**ବୈଦ୍ୟନାଥବଜାର, କଟକ ।**

ସର୍ଟହାଣ୍ଡ, ଟାଇପ୍‌ରାଇଟିଂ, ଟେଲିଗ୍ରାଫି, ବୁକ-କିପିଂ ଶିକ୍ଷା ।

ପି, ଏନ, ମହାନ୍ତି—ପ୍ରିନ୍ସିପାଲ୍ ।

Digitized by srujanika@gmail.com




ସେଦିନ ଉଇଟର ଘର ଚପାରୁ ବାହାରି ପଡ଼ି, ମଝି ବାଟରେ ହୁସ୍ ପଶିଗଲି—ଯେତେବେଳେ ଗର୍ଜ୍ଜନା ଖବରଟା ଭେଦିଗଲା ମୁଣ୍ଡରେ। ଖାଉଥି ନମ୍ବର ଘଣ୍ଟେବାଟ ଚଲି ଆସିଲି। କିନ୍ତୁ କଟକୀ ଦ ପଢ଼ୁଥିବା ଖବର ତାଙ୍କ ଝିମି ଝିମି ହୋଇ ଚରିଗଲା ଦେହଟା ଯାକ—ଶିରି ଶିରି କରି।

ଥପ କିନା ଛୁଟା ହୋଇ ପଡ଼ିଲି ଜେଲଖାନା ଛକ ଉପରେ। ଗୁରୁ ଅଡ଼କୁ ଗୁହିଁଲି—ଗଛ ଗୁଲଟାଏ ପାଖରେ ନାହିଁ।

**ମଜାକଥା**

## ଅଦଳ ବଦଳ

ଲେଖକ—ଶ୍ରୀ କ: ମ:।

ଏ ମନ୍ତ ସେ ପଟ ଆଖି ଫେରାଇଲି। ରିକ୍ସା ଖଣ୍ଡେ ହେଲେ ଅସନ୍ତା! ଦୁଉଥିବା—ଏ ଓଡ଼ିଶା ପ୍ରେଶରେ ହଟ ନାଇ କିଛି। ଯେଉଁଠି ରିକ୍ସା ଭୁଲ ସହରେ ତ ଏମିତିକା ଅଲଗ୍ନ୍ୟ ଧାରଣା!

କଣ ଭାବିବ କିଛି ଭାବି ପାରୁ ନାହିଁ—ଏତିକି ବେଳରେ ଦେଖିଲି ଖଣ୍ଡେ ରିକ୍ସା ଆସୁଛି। ମନଟା କୁଣ୍ଡେ ବେଶ ହୋଇଗଲା।

ଡାକିବାକୁ ଯାଉଛି—ଅରେ ଯାଃ—ଦେଖିଥିରେ ପୁଣି ବସିଛି ଗୋଟାଏ—ସେ ପୁଣି ମାଇପିଟାଏ। ଆଉ ହବ ନାଇଁ। ମୁହଁଟା ପିଡା କରିଦେଇ ବୁଲାଇ ଆଣିବା ସହିତ, କିଏ ଡାକିଦେଲା—ରାମ ଭାଇ ନା କିଏ ମ!

ଚାହିଁକି ପଡ଼ ଗୁହିଁ ଦେଲି। ଓଃ, ଆମ ସୁଶ୍ରୀ ଯେ!

ସୁଶ୍ରୀ ମୋ ମାଉସୀ ଝିଅ ଭଉଣୀ। କଲେଜରେ ପଢ଼େ। କିଉ ଇଅର ଜାଣେନା ଅବଶ୍ୟ। ମାଉସୀ ଘର ହେଲେବି ତେତେ ସମ୍ବନ୍ଧ ନାହିଁ। ଅକାଳେ ସକାଳେ ଦିନେ ଅଧେ ଯା' ଆସ।

..କହିଲି, "ହେଇ ପଡ଼ିତ ବୋଧହୁଏ।"

—ବାଃ, ରାମ ଭାଇ, ତମର ସବୁଦିନେ ଖାଲି ଇମିତିକା କଥା।

—କିମିତିକା କଥା ମ? ତୁ ପଚାରିଲୁ ଯେମିତି, ମୁଁ କହୁଛି ସିମିତି।

—କଣ ପଚାରିଲିକି?

—ପଚାରିଲୁ ରାମ ଭାଇନା କିଏ ମ? ଚିହ୍ନି ପାରିଲୁ ନାହିଁ ତ। କିମିତିବା ଚିହ୍ନିବୁ! ଛଅ କି ବରଷଟାଏ ଆଉ ତମେ ହେଲ କଲେଜ ପିଲା।

—ଛି, ସିମିତିକା କୁହନା ରାମ ଭାଇ। ତମକୁ ଏ ଖରାଟାରେ କିମିତି ଠିଆ ହେବାର ଦେଖି ଆଶ୍ଚର୍ଯ୍ୟ ହୋଇ କହିଲି ନା—ମୁଁ କଣ ଚିହ୍ନିପାରି ନ ଥିଲି।

ତା ପରେ ହଠାତ୍ ଚମକି ପଡ଼ିଲା ପରି ସୁଶ୍ରୀ କହିଲା,—"ତମେ ଯାଉଛ କୁଆଡ଼େ?—ଅଫିସକୁ ବୋଧହୁଏ?"

ମୁଁ କହିଲି, "ଆଉ ଯିବ କୁଆଡ଼କୁ। ଏଣ୍ଡୁଅ ଧାଇଁ ଧାଇଁ ସିକୁବୁଦା।"

ସୁଶ୍ରୀ ହସିଲା। କହିଲା, ହଉ ହଉ ଆସ ଆସ, ମୋର ଗାଡ଼ିରେ ଉଠିଆସ। ଯଉ ଖସ ମୁହଁଟା ଶୁଖି ଗଲାଣି।

ଟଳେମାତ୍ର ବାକ୍ୟବ୍ୟୟ ନ କରି ତାହାର ଗାଡ଼ିଥାକୁ ଉଠି ପଡ଼ିଲି। ରିକ୍ସା ବାଲା ଟିଂ ଟିଂ କରିଦେଇ ପୁଣି ଚଳିଲା।

ବାଟରେ ସୁଶ୍ରୀ କହିଲା "ଛତା ନ ନେଇ ଏ ଖରାଟାରେ ବାହାରିଲେ କମିତି ମ?"

ମନେ ନାହିଁ। ମୁଁ କହିଲି।

"ସେଇମିତିକା ଅଫେଲଥ ଭୁଲିମନ କେମ ସବୁ ଦିନେ ରହିଥିବ?"

ମୁଁ ହିଁ ଏବେ ହସିଦେଲି ଅଧିକାରୀ।

ମୋ ମନଟା ଯେତେବେଳେ ଅତି ଖଟଉ। ଏଇଟା ଅପିଯ ଯିବା ବେଳ। ବାଟରେ ଯଦି କେହି ଦେଖେ ତ—

ସୁଶ୍ରୀ ମୋ ଭଉଣୀ ବୋଲି ତ କେହି ଜାଣିବ ନାହିଁ। ଭାବିବ ଗୋଟାଏ କିଏ ଯାଉଛନ୍ତି—ହିଁ। ଆଉ ଯେ ଯାହା କହୁ ଆମ ବଡ଼ ବାବୁ ନଗେନ ମହାପାତ୍ର ଟାକୁ ମୋର ବଡ଼ ଡର। ମୁଁ ଗାଡ଼ି ଗୁହ ଅଡ଼କୁ ଗୁହୁଁ ଥାଏଁ।

ସୁଶ୍ରୀ କହିଲା, "ରାମ ଭାଇ, ତମର ମଉଟରେ ଭାରି ଭୁଲି ମନ।"

—"କାହିଁକି?"

—"କାହିଁକି! ତମେ ଏଇ ବାଟେ ଯାଉଛ ରହିତ। ଆମ ଘରକୁ ଯାଉଚ କେବେ କାହିଁ?"

—ଯାଉଥିଲି ତ

—ହୁଁ—ସେ କେବେ—ଗୋଟେ ମାସ ବା ଛ ମାସ ହେବ। ବରଷେ ବି ହୋଇପାରେ। କୁହେ?

ମୁଁ କହିଲି, "ଫୁରସତ ନାହିଁ ସୁଶ୍ରୀ"। ସୁଶ୍ରୀ କହିଲା, "ଫୁରସତ କଣ ଆସେ ଆପେ! କରି ନବାକୁ ହୁଏ। ଯେ ନ ଲୋଡ଼ିବ, ତାକୁ ଫୁରସତ କାହୁଁ ମିଳିବ।"

ମୁଁ କହିଲି "ହଉ ଯିବି।"

"କେବେ?"

"ଏଇ, କାଲି ପରଶୁ।"

"ନାହିଁ, ଆଜି।"

"ହଉ, ପରେ ଯିବୁ।"

"ନା, ଏଇଷଣି"

"ଅଡେଇ ଅଛି ଘରେ।"

"ରାଣୀଦେଇ ଅଛି ଘରେ। ଦେଖିବୁ ଯାଇଁ ଲୋକ ଦେବ। କହିବ, ହଠାତ ଭାଇଥିବ ହେଲ ବ



Digitized by srujanika@gmail.com

ହସିବ ନାହିଁ, ଏଥିପାଇଁ ଗୋଟାଏ କଥା।"

ମୁଁ ସେତେବେଳେ ଯାଇଁ କଲି, ସେ ହସିଲି ନାହିଁ। କହିଲି "ଆଜି ମୋ ଜୀବନ। ମାରିଦେଲି ନିମନ୍ତ୍ରଣ କରି। ଆଜି ସେଥିପାଇଁ ବଟକଳ ଚଳି ନାହିଁ। ମୋର ଛାତ୍ରମାନଙ୍କ ଆଜିକୁ ଆସିବେ ଆମ ଘରକୁ। ତାଙ୍କ ସଙ୍ଗରେ ଟିକା ପରିଚୟ କରାଇ ଦେବ, ବୁଝିଲ।"

ମୁଁ ଏଥର ବେଶି ହସିଲି। ମୋଠାରେ ହଠାଏ ଖେଳର ଜମିଲା। ଏ ସୁଯୋଗ ସହଜରେ ମିଳେନା। ବଡ଼ଲୋକ ମୋ ଭଳିଅ ଅଜ୍ଞାନ ପକ୍ଷରେ!

ମୁଁ ନୀରବ ରହିଲି। ଉତ୍ସାହ ସିଧା ସିଧା ସ୍ୱଭାବ ସୁରକ୍ଷ ସର ଅଛି।

ମାଉସୀ ଘରେ ସେଦିନ ଖୁବ୍ ଫୁର୍ତ୍ତି ମଜଲିସରେ କଟିଲି। ରାତିରେ ସେଇଠି ରହିଲି। ତହିଁ ଆର ଦିନ ସକାଳୁ ତାଙ୍କ ଘରରୁ ଉତ୍ସାହରେ ବରି ଏକଦମ୍ ଅଫିସ ଆସିଲି। ସୁବିଧ ମୋର ଭାଗରେ ଆସିଲା। ମୋତେ ଅଧଦାଣ୍ଡରେ ଛାଡ଼ି ଦେଇ ସେ ଚାଲିଗଲା।

ମୁଁ ଭାରି ଖୁସି ଥାଇ ବାଟରୁ ଓଟେଇ ଆସିଥିଲି। ଅଫିସ ପାଖରୁ ଟଙ୍କେ ବାଟେ ବାହାରି ଅଫିସରେ ପହଞ୍ଚିଲି ଏଇ ଭିତରେ।

ଅଠ ଘଣ୍ଟା ବାଜିବାରୁ ପରେ ମୁଁ ହଠାତ୍ ଅଫିସରେ ପହଞ୍ଚି ସମସ୍ତଙ୍କୁ ଟେବୁଲ ଟେବୁଲ ବୁଲି ଦେଖିଲି, ମୋତେ ଦେଖି କେହି ଭଲ କହୁଛନ୍ତି କି ନାହିଁ।

ମେଘା ବାମରେ ଚେୟାର ଲଗିଛନ୍ତି। ଅସ୍ତୁ ହେଲି। ଦରଖାସ୍ତ ଖଣ୍ଡିକ ନେଇ ନବୀନ ବାବୁଙ୍କ ହାତରେ ଦେଲି। ସେ କହିଲେ, "କଣ ଏଇଟା"

ମୁଁ—ଦରଖାସ୍ତ ସାର୍।

ଦରଖାସ୍ତରେ ଆଖି ବୁଲେଇ ନେଇ କହିଲେ, "ନାହିଁ ତ, ସିଧା କଥାଟା କହିବାକୁ ଏତେ ଉନ୍ମ ନାହିଁ ତ?"

ମୁଁ ଚୁପ୍। ଛାତି ଧଡ଼ ଧଡ଼ ହେବାକୁ ଲାଗିଲା। ଦୋଷ ଚଳି କହିଲି, "ନା ସତ ସାର୍। ଆଠ ଦଣ୍ଡା ବସ୍ତ୍ର ହୋଇଗଲା ଲାଗ୍ ଲାଗେ।"

ନବୀନ—ହାତ ଗୋଡ଼ ନଟେଇ ପଡ଼ିଲା, ଉଠି ଚାଲିବାର ଶକ୍ତି ରହିଲା ନାହିଁ,—ଏଇନା—।

ମୁଁ—ଆଜ୍ଞା।

ନବୀନ—ସେଇଥି ପାଇଁ ଉତ୍ସାହରେ ଚିଠି ତାହାରିଙ୍କ ଖରାବେଳରେ ହାଉଯା ଖାଇ; ନାହିଁ ?

ଏ ପାଟିର ଦେଖି ପଟେକଇ ଦରଣ୍ଡି। ଯାଃ, ସରିଲା କଥା। ଆଉ ରଖି ଦବ ନାହିଁ। ଉତ୍ତର କଣ ଦେବ ଗୁରୁଜି— ଉତ୍ତର ଦବାର ଅଛି ବା କଣ

—ନବୀନ ବାବୁ କହିଲେ—"ସବୁଠୁ ... ଆମ ତମକୁ ... Good boy ବୋଲି ଜାଣେ। ଅଫିସରେ କଥାବାର୍ତ୍ତାକୁ ବୁଝିଲ ... ପାରିବନି— ... ହେଉଥାଏ, ... କେବେ ... କିନ୍ତୁ........

ନବୀନ ରହିଗଲେ। ଗୋଳମାଳ ଶୁଣି ଅନ୍ୟ ସାଙ୍ଗମାନେ ଆସି ରୁଣ୍ଡ ହୋଇଗଲେ। ତାଙ୍କୁ ଦେଖି ବାବୁଙ୍କର ମୁହଁ ଫୁଟିଲା। ସେ କହିଲେ "ଜଗତରେ ଅନ୍ୟାୟ ବିଶ୍ୱାସ କାହାରିକୁ ନାହିଁ। ରାମ ଘର ମଧ୍ୟରେ ପିଲା, ସେ କ ନକଲା Flirting! ଆଉ କାହାକଥା କଣ କହିବ! ଯୁଗ ହେ ଯୁଗ!"

ସମସ୍ତେ ମିଶି ବେଶ ହସା ହସି ହେଲେ। ମୋ ଅଡ଼କୁ ଆଖି ଟିପା ଟିପି କଲେ। ମୁଁ କାହା ଶାଗ କଅଁର ଖାଇଲା ପରି ମୁହଁ ମାରି ରହିଲି। ପ୍ରତିବାଦ କରିବାକୁ ମନକୁ ହେଲା ନାହିଁ। ନବୀନ ବାବୁଙ୍କ ଲୋକରେ ଶୁଣି ମଜା କରିବା ପାଇଁ କେହି କେହି ଟିକିଏ ଟିକିଏ ଉତ୍ସୁକେଇ ଦଉଥାଆନ୍ତି ମଧ୍ୟ।

ନବୀନ ମହାପାତ୍ର ଗୋଟାଏ ଅଦଭୁତ ଲୋକ। ଲୋକଟା ବେଶ ବୁଦ୍ଧିଆ, ଶିକ୍ଷିତ। କିନ୍ତୁ ଗୋଟାଏ ଅଛି ଭାରି ପାଗଳାମି—ଯାହାକୁ କହନ୍ତି mania। ନାରୀ ଜାତିଟା ଉପରେ ତାର ଜାତ-କ୍ରୋଧ। କାହିଁକି ହେଲା, ଅବଶ୍ୟ ଆମକୁ ଜଣା ନାହିଁ—ତେବେ ଲୋକଟା ମାଇକିନାର ନାମ ପର୍ଯ୍ୟନ୍ତ ଶୁଣିଲେ ଖେପି ଉଠେ। ତାଙ୍କ ପ୍ରତିଦିନ ନାରୀର ଦୁର୍ଗୁଣ ନେଇ ଲେକ୍‌ଚର। କେବେ ବାହାହୋଇ ନାହିଁ, ବୟସ ଯଦି ଓ ଚାଳିଶର ପାଖାପାଖି ହେଲାଣି। କେହି କେହି କହନ୍ତି disappointed lover, କିଏ କହେ ବୈରାଗି। ବାପ୍‌ରେ।

ଯାହାକୁ ଡରୁଥିଲି ସେଇଥିରେ ପଡ଼ିଲି ମୁଁ। ମନର ଭାବ ମନରେ ମାରି ରହିଲି ସେଦିନ। ତହିଁ ଆରଦିନ ନବୀନ ବାବୁ ଡାକି କହିଲେ,- "ରାମ, ଛୁଟିଟା ମଞ୍ଜୁର ହେଉଛି। କିନ୍ତୁ ଗୋଟାଏ କଥା। ଏ ସବୁ ବୁଦ୍ଧି ଛାଡ଼। ପରେ ପୁଣି ଭାବିବ। ସେତେବେଳକୁ କିନ୍ତୁ too late ହୋଇଥିବ। ତାଙ୍କ ପାଲରେ ଥରେ ପଡ଼ିଲେ ରକ୍ଷା ନାହିଁ ହିଁ, ହୁଁ! ସେଦିନ ପୁଣି ସାଙ୍ଗ ଜବାନମାନେ ଜୋର ହୋଇ ହସି ମଜା ମାରିଲେ। ଚଲ ଖାଦ୍ୟଟାଏ ମୁଁ ମିଳିଯାଉଛି।

ସେଇଦିନ ସଞ୍ଜବେଳକୁ ମୁଁ ମାଉସୀ ଘରକୁ ଗଲି। ସୁସିଲୁ ତାଙ୍କ ମୋ ଦୁର୍ଦ୍ଦଶାର କଥା ସବୁ କହିଲି। ସେ ଶୁଣି ହସିଲା। କହିଲା, ଆଚ୍ଛା, ରାମ ଭାଇ ମୁଁ ସେ ବୁଢ଼ା ମାଙ୍କଡ଼କୁ ଦେଖିନେଉଛି।"

ଦୁଇ ଚାରିଦିନ ପରେ ନବୀନ ମହାପାତ୍ର ନାମରେ ଖଣ୍ଡେ ଗୋଲାପି ରଙ୍ଗର ଚିଠି ଡାକବାଲା ଦେଇଗଲା। ଲଫାଫା ଉପରେ ଗୋଟାଏ ପରୀର ଛବି, ଓଷ୍ଠରେ ଚିଠି ଧରି ଉଡ଼ୁଛି। ତା' ତଳେ ଲେଖାଅଛି—

"ତାଙ୍କରେ କହିବୁ ଯାଇ
ସେ ମୋତେ ଭୁଲିବ ନାହିଁ"

ଚିଠିଟା ଦେଖି କୌତୁହଳ ଜାଗିଉଠିଲା ସମସ୍ତଙ୍କର। ଏଣେ ଏସେନ୍‌ସ ଗନ୍ଧ ମହକ ଉଠୁଛି। ଏ ଲେଖା କି ଛଡ଼ ହୁଏ! ପୁଣି ନବୀନବାବୁଙ୍କ ଚିଠି! ସମସ୍ତେ ଠିଆଠିଆ ହୋଇ ଚିଠିଟାକୁ ପାଣିମାରି ଖୋଲି ପଢ଼ିଲେ। ଯାହା ଦେଖିଲେ ସେଥିରେ ସମସ୍ତେ ଅବାକ୍। ଲେଖାଥିଲା—

ଜୀବନ ସର୍ବସ୍ୱ,

ତମେ ଏତେ ଦଗାବାଜ ବୋଲି ଜାଣି ନ ଥିଲି। ପୁରୁଷ ଜାତିଟା କଣ ଏଇପରି? ରାତିରେ ନିଶ୍ଚୟ ଆସିବ ବୋଲି କଥା ଦେଇ ଭୁଲିଗଲ ଛପିଲ। ରାତିସାରା ଅନିଦ୍ରା ଅପେକ୍ଷାରେ ... ଆଖି ପାଣି ଆସିରେ ମଲି। ଯଦି ଏହା ମନରେ ଥିଲା, ଏ ଅବଳାକୁ କାହିଁକି ପାଦରେ ପକାଇଲ। ଯଦି ଆଜି ନ ଆସିବ, ମୁଁ ତୁମରି ନାମରେ ନିଶ୍ଚେ ବିଷ ଖାଇ ମରିବି। ମୋ ମୁଣ୍ଡ ରାଣ ଆସିବ, ଆସିବ, ଆସିବ। ଇତି

ତୁମ ପ୍ରେମଭିଖାରୁଣୀ
ଚେତନା"।

ଚିଠିଟା ମୁହଁମାଡ଼ ରଖିଦେଲେ। ନବୀନ ବାବୁଙ୍କ ଟେବୁଲ ଉପରେ। ସେ ଆସି ବସିଲାକ୍ଷଣି ସମସ୍ତେ ଯାଇ ଘେରିଗଲେ। ଜଣେ କହିଲା, ଏ ଚିଠିଟା କାହାର ନ? ଆଉ ଜଣେ କହିଲା, କାହାରିର ନିମନ୍ତ୍ରଣ ବୋଧହୁଏ। ଆଉ ଜଣେ ଚିଠିଟା ଉଠେଇ ନେଇ ଲଫାଫା ଚିରି ପଢ଼େଇ ଚିଠିଟା ନବୀନ ବାବୁ ହାତକୁ ଦେଲା। ସେ ପଢ଼ିଲେ—ତା ସାଙ୍ଗରେ ଗଣ୍ଡାକେତେ ଆଖି ସ୍ୱରପାଖରୁ ପଢ଼ିଗଲେ। ନବୀନ ଏକାବେଳେ ବିମୂଢ଼। ତାଙ୍କ ଅବସ୍ଥା ଦେଖି ମନେ ହେଲା ଲୋକଟାର ହାର୍ଟ ଫେଲ ହେବ। ଓ ଲଜ୍ଜା! ସମସ୍ତେ ଭୁଲୁରୁଲୁ ହସୁଥାଆନ୍ତି। କେତେବେଳ ପରେ ଦୀର୍ଘ ନିଶ୍ୱାସଟିଏ ଛାଡ଼ି ନବୀନ ବାବୁ କହିଲେ, କୌଣସି ଦୁଷ୍ଟଲୋକର କାମ!

କିନ୍ତୁ ବଦନାମଟା ତ ଯିବାର ନୁହେଁ। ନବୀନ ବାବୁ ସେଇଦିନ ଠାରୁ ଉମିଳ୍ପ ଅବଶ ହୋଇଗଲେ ଯେ ନାରୀ ବିଦ୍ୱେଷ ବା ନରାଜିକ ଲେକ୍ଚର ଏକ୍‌ଦମ୍ ଛାଡ଼ିଗଲି।

କିଛିଦିନ ପରେ ମୋତେ ଦିନେ ଡାକି ନବୀନ ବାବୁ କହିଲେ, "ରାମ, ଗୋଟିଏ କଥା ପଚାରିବି କହିବୁ?"

"ନିଶ୍ଚୟ ସାର୍।"

Digitized by srujanika@gmail.com



ନିଙ୍କ ନିକଟରୁ ଅଧିକ ଗ୍ରହଣ କରିବା ପରେ ଶ୍ରଦ୍ଧା କୃତଜ୍ଞତା ଜନାଇବାକୁ ଚକିତ କରି ଦେଇ ଯୁବତମାନେ ଯେତେବେଳେ ଏପରି ପ୍ରକଟ ମତ ଦେଲେ ଅସାମୀ ଦୋଷୀ ବୋଲି, ଶରୀରରେ ମଧ୍ୟ ଅନ୍ୟ ସମସ୍ତଙ୍କ ପରି ଚମକି ପଡ଼ିଲେ। ହଠାତ୍ ତାଙ୍କ ଦେହର ଶିର ଉପଶିର ଗୁଡ଼ିକ ଦୁର୍ବଳ ହୋଇ ଆସିବା ସଙ୍ଗରେ କପାଳରୁ ତାଙ୍କର ବିନ୍ଦୁ ବିନ୍ଦୁ ହୋଇ ଝାଳ ବହିଗଲା। ସଭିଏଁ କାଠ ଗଡ଼ାରେ ଦଣ୍ଡାୟମାନ। ଅସାମୀର ଭାଗ୍ୟ ତୋଳନରେ

## କାହାଣୀ

# ବିଚାରକ

ଲେଖକ—ଶ୍ରୀ ରମେଶଚନ୍ଦ୍ର ନାୟକ

ଜୁରୀମାନଙ୍କ ବିଚାର ତାଙ୍କର ଭାଗ୍ୟ ନିର୍ଣ୍ଣୟ କରିଦେଇଛି ସୌଭାଗ୍ୟ ଦଣ୍ଡ। ହାକିମର ଏହି ପରି ଦୃଷ୍ଟିରେ ପଡ଼ିଲା ଏଣିକ ତାହାର ନାହିଁ। ସମସ୍ତଙ୍କ ଦୃଷ୍ଟି ସେତେବେଳେ କାଠ ଗଡ଼ାରେ ଦଣ୍ଡାୟମାନା ଅସାମୀ ଉପରେ ନିବଦ୍ଧ।

ପ୍ରହରୀ ପରିବେଷ୍ଟିତ ହୋଇ ଯେଉଁ ତରୁଣୀ କାଠଗଡ଼ା ଭିତରେ ଠିଆ ହୋଇ ଥିଲା, ତାହାର ପାଇଁ ଚବିଶ ମମତା ଅଭିଯୋଗ ବେଦନାରେ ସମସ୍ତଙ୍କ ଚିତ୍ତ ଅଭିଭୂତ ହୋଇଥିଲା। କେତେଦିନ ହେଲା ଏହି ତରୁଣୀ ଆସାମୀ ଧାରଣୀର ଯେଉଁ ବିଚାର ହେଉଥିଲା, ଆଜି ତାହାର ଶେଷ ହେଲା।

ମାଲତୀ ବିରୁଦ୍ଧରେ ଅଭିଯୋଗଟି ଅତି ଭୀଷଣ। ନରହତ୍ୟା ଅପରାଧରେ ସେ ଅଭିଯୁକ୍ତା। କେତେକ ସେ ହୋଇ ଭାବୁଛନ୍ତି—ଏତେ ସୁନ୍ଦରୀ, ଯାହା ମୁହଁଟି ଫୁଲଠାରୁ ବି ଅଧିକ ନିଷ୍ପାପ ବୋଲି ମନେ ହେଉଛି। ଏତେ ଅଳ୍ପ ବୟସରେ ସେ ଏପରି ଗୁରୁତର ଅପରାଧ କଲା କପରି—କାହିଁକି?

ଏହି ଅପରାଧ ଯେ ସେ କେଉଁ ପରି କଲା ସାକ୍ଷୀ କେହିବି ତା ବୁଝି ପାରିନା। ସେ ପରି ଜୀବନର ପ୍ରଥମ ପ୍ରକାଶକୁ ଅନୁଭବ କରି ଫଲ ଲକ୍ଷନା ଅଭ ପ୍ରବଞ୍ଚନାର ବେଦନ ଯାତନାର ଭିତରେ, ତେବେ ଯାହାକୁ ସେ ଅଜ୍ଞାନରେ ହତ୍ୟା କରିବ ବୋଲି ସମସ୍ତେ କହୁଛନ୍ତି ସେହି ଲୋକଟାକୁ ସେ ଦେଖି ପାରିଲା ନାହିଁ କାହିଁକି—!!!

କାଠଗଡ଼ା ଭିତରେ ସ୍ତବ୍ଧ ପାଷାଣ ପରି ଠିଆ ହୋଇ ସେ ବୋଧହୁଏ ଏହି କଥାହିଁ ଭାବୁଥିଲା। ଚାରି ପାଖରେ ଜନତା ପ୍ରତି ତାହାର ଲକ୍ଷ୍ୟ ନାହିଁ। ତା' ଆଖିରେ ଅର୍ଥହୀନ ଦୃଷ୍ଟି, ଯେପରି କାହାକୁ ସଚେତନ ଦୃଷ୍ଟିରେ ଚାହିଁବାକୁ ତାର ଅବସର ନାହିଁ, କି ସେ ପ୍ରୟୋଜନ ମନେ କରୁ ନାହିଁ। ବିଚାରର ପ୍ରଥମ ଦିନ ଜଜ୍ ସାହେବଙ୍କ ଅତିକ୍ରୂର ଦୃଷ୍ଟି ତାଠାରୁ ତେଜ ଅଭ ବେଶିତ ହୃଦ ପ୍ରକୋପ କରି ବହିପରି ଝିଙ୍କ ଦେଇ ସେ ସ୍ତବ୍ଧ ହୋଇ ଯାଉଥିଲା। ଏହି ବିବେଚନା ତାହାର ସେ ଭୁଲ ଅଭ ବହିଲା ନାହିଁ। ସ୍ୱେଚ୍ଛାର ଜନ ପ୍ରତି ତାର ଅବେଗୀ ଲକ୍ଷ୍ୟ ନାହିଁ। ଅଭିନ ତା'ର ଉକ୍ତ ପରିଚୟ ଏବଂ ପୂର୍ବ ବୃତ୍ତାନ୍ତ ଜାଣିବାକୁ ଚାହିଁଲା। କିନ୍ତୁ ଉତ୍ତରରେ ସେ କେବଳ ଏତିକି କହିଲା—ମୋ ଜୀବନ ସମ୍ବନ୍ଧରେ କିଛି ଜାଣେ ନା; ଜ୍ଞାନ ହେବାର ପ୍ରଥମ ଦିନ ଠାରୁ ମୁଁ କରୁଛି ଦେଖୁଅଛି।

ନରହତ୍ୟା ଅଭିଯୋଗ ସମ୍ବନ୍ଧରେ ମଧ୍ୟ ତା ବକ୍ତବ୍ୟ ଅସ୍ପଷ୍ଟ, କହାଣି, କହି ପାରିବି ନାହିଁ, ମନରେ ପଡ଼ୁ ନାହିଁ ଇତ୍ୟାଦି— ଯାହା ନା କେତୋଟି କଥାମାତ୍ର। ଏବେ, ଶୁଣ ଇତ୍ୟାଦି ସମସ୍ତେ ତାର ଏପରି ଉକ୍ତିରେ ବିରକ୍ତି ହୋଇଛନ୍ତି, କିନ୍ତୁ ହୋଇ ତାହାହିଁ ଦୋଷୀ ସାବ୍ୟସ୍ତ କରିବେ ବୋଲି ରାୟ ଦେଇଛନ୍ତି; କିନ୍ତୁ ତାହାର ନିର୍ଭରତା ହରାଇ ପାରି ନାହାନ୍ତି। ସାକ୍ଷୀ ସମସ୍ତଙ୍କୁ ଜଣା ଯାଇଛି ଗୋଟାଏ ପ୍ରହେଳିକା ପରି।

ଜୁରୀମାନଙ୍କର ମତ ଶୁଣିବା ପରେ ବିଚାରକ ଚେୟାରରୁ ଅତିକୁ ଉଠିବାହିଁ ମନେ ମନେ ... ଥିଲେ। ... ଅସାମୀକୁ ... ପ୍ରଥମ ଦେଖିବା ଦିନଠୁଁ ଯେଉଁ କଥା ... ଏହି ବେଦନା ... ଗୋଟାଏ ... ଅଭିଯୋଗ ପରି ... କରି ... ମୀମାଂସା ... ସେହି ବିଚାର କର୍ମ ହୋଇ ତାଙ୍କୁ ଅସାଧ କରୁଥିଲା। ବାରେ ଉପରେ ଲେଖାହେବ ଅପରାଧୀକୁ ...

---

"ଅଚ୍ଛା ସେ ଗୋଟି କଥା ମନେ ଅଛି—ସେଇ ଲଭ ଲେଟାର?

ମୁଁ ମୁରୁକି ହସି କହିଲି, "ହଁ ଅଛି"।

ନମାନ—ଅଚ୍ଛା, ତୁମେ ନିଶ୍ଚୟ ଜାଣ ତାର ରହସ୍ୟ।

ଏହା କହି ସେ ବାତର ଭବରେ ମୋ ହାତ ଧରି ପକାଇଲେ। ମୁଁ ଜାଣେ ଲୋକଟା ସରଳ ଅଭ ବାହାର ଅନଷ୍ଟ ଲେଖା ଦେଖେ ନାହିଁ। ମୁଁ ସବୁ କଥା ଖୋଲି କହିଦେଲି।

ତଥାପି ସେ ମୋ ହାତ ଧରି ପୁଣି କହିଲେ, "ରାମ ମୋତେ କ୍ଷମା excuse କର—ମୁଁ ନ ବୁଝି ତମକୁ ସନ୍ଦେହ କରିଥିଲି।

ମୁଁ ଏଥିରେ ବଡ଼ ସଙ୍କୁଚିତ ହୋଇ ପଡ଼ିଲି। କହିଲି, ଅପଣ ବି ମୋତେ କ୍ଷମା କରିବେ।

ମୁଁ—ନା—ମୋର ଇଚ୍ଛଣୀ?

କେବଳ ଜୋକ୍ (joke) ରେ ଏହା କରିଥିଲି।

ନମାନ—ଅଚ୍ଛା, ରାମ ସେ ଚେକଟା ସତ ହେଲେ କେମିତି ହୁଅନ୍ତା? ମୁଁ ତାଙ୍କ ମୁହଁକୁ ବୋକା ପରି ଚାହିଁ ରହିଲି। ସେ ହସି କହିଲେ "ବୁଝି ପାରିଲ ନାହିଁ? ମୁଁ କହୁଚି—ମୁଁ କହୁଚି—ତମେ... ବୁଝ।

ତଥାପି ମୁଁ କିଛି ବୁଝି ପାରିଲି ନାହିଁ। ଏଥର ସେ କହିଲେ ଧୀରେ "ମୁଁ ପରୀ କହିବ ମନେ କରୁଚ। ଅତ ଏଭୁଅଁ ଗରଜ ରଜ ଲଗୁ ନାହିଁ"।

'ଲବ୍‌କରୁଅ'

"ତେବେ—ତେବେ—ତମର ଅମତ—ଅଚ୍ଛା ତୁମେ ମଧ୍ୟସ୍ଥ ହେଇ ବୁଝ ଏଇ କଥାଟା'

ପୁଣି ସେ ମୋ ହାତ ଧରି ପକାଇଲେ।

—•—



Digitized by srujanika@gmail.com

ଛବି ଅନ୍ୟର ଅଗୋଚରରେ ତାଙ୍କର ଅକ୍ଷିଅଗ୍ରରେ ପ୍ରକଟିତ ହେଉଥିଲା, ସେହି ... ତାଙ୍କର ଅତି ସରଳ! ସେହି ଦେହ ସଙ୍ଗରେ ଏହି ଅପରାଧିନୀ ଭୋଗ୍ୟା ସାବିତ୍ରୀ କଳଙ୍କିତ। ବୋଧହୁଏ ତାର ଅପରାଧ ମଧ୍ୟ—।

ସେଦିନ ଇନ୍ଦ୍ରମାଧବର ଅନ୍ତର ବର୍ଷଣ ଅବସରେ ଯେଉଁ କୁମାରୀର ଛବି ସେହି କାଳ ରେଖାରେ ଦୃପ୍ତ ହୋଇ ଫୁଟି ଉଠିଥିଲା ତାହା କାଠଗଡ଼ାରେ ବନ୍ଦୀ-ସ୍ୱରୂପା ସାବିତ୍ରୀର କୁମାରୀ ଜୀବନର ପ୍ରତିମୂର୍ତ୍ତି। ଅତିକ୍ରାନ୍ତ ହୋଇଏ ରାତିର ଘଟଣା ତା ଅତି ଅଗ୍ରରେ ଏହି କେତେଦିନ ହେଲା ସବୁବେଳେ ଗୋଟାଏ ଚଳଚ୍ଚିତ୍ର ପରି ଫିଟି ହୋଇଛି। ସେଦିନ ସେ ବି, ଏ, ପରୀକ୍ଷା ଦେଇ ଘରକୁ ଫେରି ଥାଏ। ସଞ୍ଜବେଳେ ବାଉଁଶ ପୋଗର ସ୍ୱର ପାଗରେ ସୁହସ୍ତ ଶୋଭିତ ଫୁଲଗଛ ଗୁଡ଼ିକ ପର୍ଯ୍ୟବେକ୍ଷଣ କରୁ କରୁ ସହସା ତାଙ୍କର ଦୃଷ୍ଟି ପଡ଼ିଲା ସାବିତ୍ରୀ ଉପରେ। ତା ମା କେତେଦେବେଳେ ତାଙ୍କ ଘରେ ଦାସୀ ବୃତ୍ତି କରୁଥିଲେ। ଅଉ ସାବିତ୍ରୀ ପିଲା ଦିନରୁ ବଡ଼ ହୋଇଥିଲା ତାଙ୍କର ଘରେ ତାଙ୍କର ଅନ୍ନରେ। ବୋଧହୁଏ କେତେକ ସାବିତ୍ରୀ ମାକୁ ସାହାଯ୍ୟ କରିବା ପାଇଁ କେଉଁ କେତେକ କାମ ସାରି ପୋଖରୀରୁ କଳସୀ ଆଣି ଫେରୁଥିଲା। ଶୀର୍ଣ୍ଣ ବସ୍ତ୍ର ଅନ୍ତରାଳରୁ ଉଦ୍ଭିନ୍ନ ଯୌବନା ହୃଦୟର ଉଚ୍ଛ୍ୱାସ ଗୋଟିଏ ମଦିର ସୌନ୍ଦର୍ଯ୍ୟର ଅମୃତ ପ୍ରବାହ ବହୁଥିଲା।

ତାର ଦେହର ପ୍ରଥମ ଯୌବନର ମଧୁର ଝଙ୍କାର ଇନ୍ଦ୍ରମାଧବକୁ ବିସ୍ମିତ, ମୁଗ୍ଧ କରିଦେଇ ତା ମନକୁ ଚଞ୍ଚଳ କରିଦେଲା। ନିର୍ବିଶେଷ ଜନ୍ମଠାରୁ କେତେଦେବେଳ ପର୍ଯ୍ୟନ୍ତ ତା ଅଙ୍ଗକୁ ଗୁହିଁ ସେ କେଉଁ ଅପେକ୍ଷାରେ ଅଛି ଠିଆ ହେଲା, ତାହାର ଅଗ୍ରରେ। ତାକୁ ଦେଖି ସାବିତ୍ରୀ ଭୀତ ମୁଗଶିଶୁ ପରି ଚଞ୍ଚଳ ହୋଇ ଅଧିକ ହାତରେ ବସ୍ତ୍ର ବସନ ସଜାଡ଼ିବାକୁ ଚେଷ୍ଟା କରିବା ମାତ୍ରେ ତା କାଖରୁ ପିତଳ କଳସୀଟି ମାଟିରେ ପଡ଼ିଗଲା।

ଇନ୍ଦ୍ରମାଧବ କିଛି ନ କହି କଳସୀଟି ଭୂଇଁରୁ ଉଠାଇ ପୋଖରୀରୁ ପାଣି ଭର୍ତ୍ତି କରି ପୁଣି ସାବିତ୍ରୀ ହାତକୁ ବଢ଼ାଇ ଦେବା ପରେ ହଠାତ ତାକୁ ନିବିଡ଼ ଆଲିଙ୍ଗନ କରି ତା ଓଠ ଚୁମ୍ବନ କଲା। ତାହାର ଏହି ଅପ୍ରତ୍ୟାଶିତ ସ୍ପର୍ଶରେ ସାବିତ୍ରୀର ମୂର୍ତ୍ତି ବିବର୍ଣ୍ଣ ହୋଇ ଆସିଲା। ବୋଧହୁଏ ପୁରୁଷର ପ୍ରଥମ ସ୍ପର୍ଶରେ ବିହ୍ୱଳ ହୋଇ ଅତି ଭୁଲ ସେ ସବୁକୁ ଗ୍ରହଣ କରିଗଲା।

ଏହିଦିନଠୁ ଯଦି ଇନ୍ଦ୍ରମାଧବର ଅଭିମୁଖ୍ୟକାରିତା ନାହିଁ ହୋଇଥାନ୍ତା, ବୋଧହୁଏ ସାବିତ୍ରୀକୁ ଆଜି ଏପରି ଅସାମୀ ହୋଇ କାଠଗଡ଼ାରେ ଠିଆ ହେବାକୁ ପଡ଼ିଥାନ୍ତା ନାହିଁ। କିନ୍ତୁ ସେ ଦିନ ସନ୍ଧ୍ୟାରେ ତରୁଣୀର "ଅଙ୍ଗସ୍ପର୍ଶ" ଯୁବକ ଇନ୍ଦ୍ରମାଧବର ଚଞ୍ଚଳ ଉନ୍ମାଦ ମୋହରେ ଅବଶ କରିଦେଇଥିଲା। କୌଣସି ଦେବଙ୍କୁ କିଛି ବନ୍ଧନ କରିବାର ଶକ୍ତି ତାହାର ଥିଲା ନାହିଁ। ଗାଁର ଗଛରେ ଯେତେବେଳେ ସମସ୍ତ ଢାଳି ପଡ଼ିଲେ ସେ ଯାଇ ଧୀରେ ଧୀରେ ଅସାର ବାଲି ଯେଉଁ ଘରେ ଥିଲା ସାବିତ୍ରୀ ଓ ତା ମା।

ପ୍ରଥମରେ କୁଆଁର ଡେଙ୍ଗି ସାବିତ୍ରୀର ମା' ଚାହାଁଣି ଥମିଲା। ଇନ୍ଦ୍ରମାଧବ ତାହାଠାରେ ଗୋଟିଏ ନୋଟ ଗୁଞ୍ଜିଦେଇ କୌଣସି ମତେ କହିଲା, ଥରେ—ଥରେ ବାବାଜୀ—। ଏହା ଛଡ଼ା ତା' କଣ୍ଠରୁ ସେତେବେଳେ ଆଉ ଅଧିକ କିଛି ବାହାରିଲା ନାହିଁ। କିନ୍ତୁ, ଏଡ଼ିକରେ ବୁଢ଼ୀ ନିକଟରେ ଇନ୍ଦ୍ରମାଧବର ଅନ୍ତରର ବାସନା ପରିସ୍ଫୁଟ ହୋଇଉଠିଲା। କିନ୍ତୁ କ'ଣ କରିବ ସାମାନ୍ୟ ଅସହାୟା ଅଶିକ୍ଷିତା ମାଈ ସେ, ଆଉ ଇନ୍ଦ୍ରମାଧବ ଅନ୍ନଦାତାଙ୍କର ପୁଅ। ତା'ଛଡ଼ା ଇନ୍ଦ୍ରମାଧବ ପ୍ରଦତ୍ତ ନୋଟ ବଡ଼ାକ ତା' ହାତ ମଧ୍ୟରେ ଇଚ୍ଛା ତା ମନର ଦ୍ୱିଧାକୁ ଦ୍ୱିଗୁଣ କରିଦେଲା। ସେହି ଅନ୍ଧାର ମଧ୍ୟରେ ଥରେ ହାତରେ ଧରା ନୋଟ୍ ବଡ଼ା ଏବଂ ଥରେ ଇନ୍ଦ୍ରମାଧବ ଅଡ଼କୁ ଚାହିଁ ନୀରବରେ ଠିଆହୋଇ ରହିଲା। ଇନ୍ଦ୍ରମାଧବ କିନ୍ତୁ ଆଉ ଅପେକ୍ଷା କରି ନ ପାରି ଉତ୍ତରଙ୍କ ପରି ଘର ଭିତରକୁ ଚାଲିଗଲା। ବୁଢ଼ୀ କିଛି କହିବାର ଅବସର ପାଇଲା ନାହିଁ।

ଏହି ଭାବରେ ସାବିତ୍ରୀର ନାରୀତ୍ୱର ମୂଲ୍ୟ ସ୍ଥିର ହୋଇଯିବା ପରେ ସେଦିନ ରାତିରେ ପୁରୁଷ ସ୍ପର୍ଶରେ ତାହାର ହଠାତ୍ ଜାଗ୍ରତ ଅବସ୍ଥା ଅନୁଭବ ଇନ୍ଦ୍ରମାଧବ ବିସ୍ମୃତ ହୋଇପାରି ନାହିଁ। ବହ୍ନିତ ଦୃଷ୍ଟିରେ ଭୀତ ଆଉ ମିନତିରେ ଅବେଦନ ହାତ-ଯୋଡ଼ି କୁମାରୀର ଶ୍ରୀରୁ ଲଜ୍ଜା ଆଉ ସଙ୍କୋଚରେ ଯେତେବେଳେ ସେ ଶଯ୍ୟା ସଙ୍ଗରେ ମିଶି ଯିବାକୁ ଇଚ୍ଛା କରୁଥିଲା ଇନ୍ଦ୍ରମାଧବ ତାକୁ ବଳପୂର୍ବକ ଓଟାରି ନେଇ ଆଲିଙ୍ଗନ କଲା। ସେଦିନ ସାବିତ୍ରୀ ତାକୁ ବାଧା ଦେଇନାହିଁ ସତ, କିନ୍ତୁ ତାହାର ସମ୍ପୂର୍ଣ୍ଣ ସମ୍ମତି ଥିଲା ବୋଲି ବି କହିହେବ ନାହିଁ। କେବଳ ତାହାର ବିହ୍ୱଳ ଅବସ୍ଥା ସେଥିପାଇଁ ଇନ୍ଦ୍ରମାଧବକୁ ଉତ୍ସାହ ଦେଲାପରି ଜଣାଯାଉଥିଲା।

ଇନ୍ଦ୍ରମାଧବର ଅବାଧ ପ୍ରେମ ଲୀଳାର ପ୍ରାୟ ଦୁଇ ମାସ ପରେ ବି, ଏ, ପାଶର ଖବର ପାଇ ସେ କଲିକତା ଯାଇଥିଲା। ସେଠାରେ ସେ ଆଉ ସାବିତ୍ରୀର ଖବର ପାଇଲା ନାହିଁ। କିଛିଦିନ ପରେ ମାଙ୍କ ଚିଠିରୁ ଜାଣିପାରିଲା ସେ ସାବିତ୍ରୀର ଦେହ ହଠାତ ଭାରି ପ୍ରମାଣ ପାଇ ମା ଝିଅ ଦୁହିଁଙ୍କୁ ଘରୁ ତଡ଼ି ଦେଇ ଅଛନ୍ତି। ଖବର ଶୁଣି ଇନ୍ଦ୍ରମାଧବ ମନରେ ଦୁଃଖ ହେଲା; ଠିକ ସାବିତ୍ରୀ ପାଇଁ ନୁହେଁ। ସାବିତ୍ରୀର ଦେହର ମୋହ ତାହାର କିଛି ଥିଲା ନାହିଁ। କିନ୍ତୁ ପଢ଼ାଶୁଣା ଭିତରେ ସେ ସେହି ମୋହର ବେଦନା ବିସ୍ମୃତ ହେବାକୁ ଚେଷ୍ଟା କଲା।

ମାଙ୍କ ଠାରୁ ସେହି ଚିଠି ପାଇବାର କିଛି ଦିନ ପରେ ସେଦିନ ଅପରିଚିତ ହାତରେ ଲେଖା ଆଉ ଖଣ୍ଡିଏ ଚିଠି ପାଇଲା। ସାବିତ୍ରୀର ବର୍ତ୍ତମାନର ନିରାଶ୍ରୟ ଅବସ୍ଥା। ଏବଂ ଗର୍ଭ ସଞ୍ଚାରର ସମ୍ବାଦ ତାକୁ ଜଣାଇବା ପାଇଁ ସାବିତ୍ରୀର ମା କାହାର ଦ୍ୱାରା ସେହି ଚିଠି ଖଣ୍ଡିକ ଲେଖାଇଥିଲା। ସେହି ଚିଠି ଖଣ୍ଡିକ ଇନ୍ଦ୍ରମାଧବର ଭଦ୍ରମନକୁ ଆଘାତ କରି ତାକୁ ଅନ୍ତତଃ କିଛିକ୍ଷଣ ପାଇଁ ପିତାର ଦାୟିତ୍ୱ ନେବାକୁ ପ୍ରସ୍ତୁତ କରାଇଥିଲା ସତ, କିନ୍ତୁ ଶେଷ ପର୍ଯ୍ୟନ୍ତ ସେହି ସଙ୍କଳ୍ପ ତା ମନ ଭିତରେ ସ୍ଥିର ହୋଇ ରହିପାରିଲା ନାହିଁ। ହଠାତ୍ ଆଉ ଗୋଟାଏ ବାଧା ଆସି ସେହି ସଙ୍କଳ୍ପ ପୂରଣ ପଥରେ ଦୁର୍ଭେଦ୍ୟ ପ୍ରାଚୀର ପରି ଠିଆହେଲା।

ଯେଉଁଦିନ ସେ ସେହି ଚିଠି ପାଇଥିଲା ସେହି ଦିନ ମିସେସ୍ ଦାସ, ଇନ୍ଦ୍ରମାଧବର ବର୍ତ୍ତମାନ ସ୍ତ୍ରୀ ମଞ୍ଜରୀଙ୍କ ମା' ତାକୁ ଗୋଟାଏ ଅତି ଜରୁରୀ କାମ ସକାଶେ ଡକାଇ ପଠାଇଲେ। ସେ ଅହ୍ୱାନକୁ ଇନ୍ଦ୍ରମାଧବ ଅବହେଳା କରି ପାରିଲା ନାହିଁ। ସେତେବେଳେ ସେ ତରୁଣୀ, ସୁନ୍ଦରୀ ମଞ୍ଜରୀର ପ୍ରେମ ଆଉ ମୋହରେ ଅନ୍ଧ। ସାବିତ୍ରୀର ମା'କୁ ଚିଠିରେ ଲେଖା ହୋଇଥିବା ଠିକଣାରେ କିଛି ଟଙ୍କା ପଠାଇ ଦେବା ବ୍ୟତୀତ ସେ ସାବିତ୍ରୀ ପାଇଁ ଆଉ କିଛି କରିପାରିଲା ନାହିଁ। ସେଦିନ ନିମନ୍ତ୍ରଣ ଦ୍ୱାରା ମଞ୍ଜରୀଙ୍କ ଘରେ ଯେଉଁ ଘଟଣା ଘଟିଲା ତାହାର ଫଳରେ ସେ ଅଳ୍ପଦିନ ପରେ ମଞ୍ଜରୀକୁ ବିଭା ହେବାକୁ ବାଧ୍ୟ ହେଲା। ସାବିତ୍ରୀର ସ୍ମୃତି ତା' ମନକୁ ମଝିରେ ମଝିରେ ବିବ୍ରତ କରୁଥିଲେ ବି ନିଜର ଅକର୍ମଣ୍ୟତାରୀତାର କାହାଣୀ ସେ କୌଣସି ଦିନ ମଞ୍ଜରୀ ଆଗରେ ସାହସ କରି କହିପାରିଲା ନାହିଁ। ସାବିତ୍ରୀର ମା ମଧ୍ୟ ସେହି ଟଙ୍କା ପଠାଇବା ପରେ କୋଉଁଠି କାହିଁ ନୀରବ ହୋଇଯାଇଥିଲା।

ଏ ସବୁ କେତେଦିନର କଥା। ଏହା ଭିତରେ କେତେ ଘଟଣା ଘଟି ଗଲାଣି। ଇନ୍ଦ୍ରମାଧବ ମଞ୍ଜରୀକୁ ବିଭାହେବା ପରେ ବିଲାତରୁ ଆଇ, ସି, ଏସ୍ ପାଶ କରି ଆସିଛି। ବର୍ତ୍ତମାନ ସେ ବିଚାରକ, ସମାଜର ସର୍ବୋଚ୍ଚ ଶ୍ରେଣୀର ଗଣ୍ୟମାନ୍ୟଙ୍କ ଭିତରେ ତାହାର ଆସନ, ସେ କନ୍ୟା ମଞ୍ଜରୀଙ୍କ ସ୍ୱାମୀ, ଦୁଇଟି ସନ୍ତାନର ପିତା। କିନ୍ତୁ ସାବିତ୍ରୀ—ସାବିତ୍ରୀର କ

Digitized by srujanika@gmail.com

ଅବସ୍ଥା ହୋଇଛି—। ପୁଲିସ ତଦନ୍ତ ରିପୋର୍ଟରୁ ଜଣାଯାଉଛି ପୁରୀ ଅନାଥାଶ୍ରମରେ ତାହାର ପ୍ରଥମ ଶିଶୁ ଜନ୍ମିଥିଲା। ସେହି ସମୟରେ ତାର ମାଡ଼ ବିୟୋଗ ହେଲା। ଇଚ୍ଛାରେ ହେଉ ବା ଅନିଚ୍ଛାରେ ହେଉ କମ୍ବା ଅବସ୍ଥାର ବିପାକରେ ପଡ଼ି ବାଧ୍ୟ ହୋଇ ହେଉ, ଜୀବନ ପାଇଁ ସେ ସେହି ଅନାଥାଶ୍ରମର କର୍ମ ସଚିବଙ୍କ ଅଙ୍କ ଶାୟିନୀ ହୋଇ ସେଠାରେ ଥିଲା। ଦ୍ୱିତୀୟବାର ଗର୍ଭବତୀ ହେବାପରେ ଆଶ୍ରମ କର୍ତ୍ତୃପକ୍ଷମାନଙ୍କ ଠାରୁ ତଡ଼ା ଖାଇ ଭୁବନେଶ୍ୱରରେ ଗୋଟିଏ ମିସନ୍‌ରେ ଆଶ୍ରୟ ନେଇଥିଲା। ସେଠାରେ ସେ ଭଲପାଇ ବସିଥିଲା ଗୋଟିଏ ଚୁହ୍ନସ୍ଥା ଯୁବକର। ବିବାହପଛୀ ଯୁବକ ତାକୁ ଆଶା ଦେଇଥିଲା ପ୍ରୟୋଜନ ହେଲେ ତାକୁ ବିବାହ କରିବ ବୋଲି। କିନ୍ତୁ ତୃତୀୟବାର ଗର୍ଭର ଚିହ୍ନ ପ୍ରକାଶ ପାଇବା ପରେ ଭ୍ରଷ୍ଟା ବୋଲି ସେ ସେହି ଆଶ୍ରମରୁ ବିତାଡ଼ିତ ହେଲା।

ସାବିତ୍ରୀର ତା' ପରବର୍ତ୍ତୀ ଇତିହାସରେ କୌଣସି ବୈଚିତ୍ର୍ୟ ନାହିଁ। ଆଶ୍ରମରୁ ବିତାଡ଼ିତ ହୋଇ ସେ ଆସି ଠିଆହେଲା ରାଜପଥରେ। ଅନ୍ୟାନ୍ୟ ରୂପ ବ୍ୟବସାୟୀମାନଙ୍କ ପରି ପ୍ରକାଶ୍ୟରେ ଦେହ ବିକି ଉଦର ପୂର୍ତ୍ତି ହେଲା ତାହାର ବୃତ୍ତି। ସେହିଠାରେହିଁ ଗୋଟିଏ ଯୁବକକୁ ଛୁରୀ ମାରି ତାକୁ ହତ୍ୟା କରିଛି ବୋଲି ସେ ଅଭିଯୁକ୍ତା। ସାବିତ୍ରୀକୁ ପ୍ରଶ୍ନକରି ଜଣା ଯାଇଥିବା ଯୁବକଟି ତା' ରୂପରେ ମୁଗ୍ଧ ହୋଇ ପ୍ରଲୋଭନ ଆସି ତା' ସାଙ୍ଗରେ ବଳ କରୁଥିଲା କେବଳ ତାହାର ରକ୍ଷିତା ହୋଇ ରହିବା ପାଇଁ।

କାଗଜ ପଢ଼ିବା ଛଳରେ ମଥା ନତ କରି ଅନ୍ୟ ମନସ୍କ ଭାବରେ ଏହିସମସ୍ତ ବିଷୟ ଭାବିବାକୁଯାଇ ନିଜର ଅପୂର୍ଣ୍ଣ ଅଜ୍ଞାତରେ ଇନ୍ଦ୍ରମାଧବ ସାବିତ୍ରୀକୁ ଚାହିଁବା କ୍ଷଣି ଦେଖିଲା, ସାବିତ୍ରୀର ଦୃଷ୍ଟି ତାହାରି ଉପରେ ଅଟକି। ସେହି ଦୃଷ୍ଟିରେ ଲଜ୍ଜା ନାହିଁ କମ୍ବା ଅତୀତ ଜୀବନ ସେଇକ ମାଧୁରୀ, ତହିଁରୁ ଝରୁନାହିଁ। ତା' ସ୍ଥାନରେ ପାଇଛି ତାହା ସମ ମ୍ଳାନ, ଉଦାସୀ। ଗୋଟିଏ ଅସନ୍ତୋଷର ଅବଗୁଣ ଆସି ତାକୁ ଢାଙ୍କି ଦେଇଛି। ତଥାପି ଇନ୍ଦ୍ରମାଧବର ଦୃଷ୍ଟି ମାଡ଼ିଗଲା ପରି ସେହି ଆଖି ଅତି ଶଙ୍କାରେ ଫେରିଆସିଲା। ଇନ୍ଦ୍ରମାଧବ ବିସ୍ମିତ ହେଲା, ଏହା କିପରି ଯେ ମୃତ୍ୟୁ ସମ୍ମୁଖରେ ଠିଆହୋଇ ଅଭିଯୋଗ କମ୍ବା ମିଳନ ନୈରାଶ୍ୟର ସାକ୍ଷୀ କରୁନାହିଁ ତା' ନିକଟରେ। ଅନ୍ତତଃ ତା ସ୍ୱରରେ ଅଭିଯୁକ୍ତ ହେବା ପାଇଁ ସେ ନିଜେତ ଏଠାରେ ଅଛି—। ସାବିତ୍ରୀ ଇଚ୍ଛାକଲେ ଯେ ସ୍ୱର କରିବାକୁ ବସିଛି, ତାକୁହିଁତ ବିଚାରକ କରିପାରେ ଏହି ମୋକଦ୍ଦମାରେ; ସବୁ କଥା ସମସ୍ତଙ୍କ ଆଗରେ ପ୍ରକାଶ କରିଦେଇ।

ଇନ୍ଦ୍ରମାଧବ ଗଳ୍‌ଦଘର୍ମ ହୋଇ ଉଠିଲା। ତା ମନରେ ପଡ଼ିଲା ମନ୍ତ୍ରୀଙ୍କୁ। ଅବା ତା ଜୀବନ। କଟେଜକୁ ଆସିବା ସମୟରେ କେତେ ଆଦରରେ ସେ ତାକୁ ଅନୁରୋଧ କରିଛି ଅଳ ଟିକିଏ ଶୀଘ୍ର ଫେରି ବାକୁ। ତାକୁ ପ୍ରତୀକ୍ଷା କରି ଡିଲ ହୁଇଟି ମଧ୍ୟ ଅଧୀର ଉତ୍କଣ୍ଠାରେ ବ୍ୟସ୍ତ ହେଉଥିବେ। ବୃହତ୍‌ବର୍ତ୍ତୀଙ୍କର ଜନ୍ମୋତ୍ସବରେ ଆଜି ସମସ୍ତଙ୍କର ଟିକିଏ ଆମୋଦ ପ୍ରମୋଦ କରିବାର ଉଦ୍‌ଯୋଗ ହୋଇଛି। କେତେ ଗୁଡ଼ିଏ ବିଶିଷ୍ଟ ଭଦ୍ରଲୋକ ମଧ୍ୟ ନିମନ୍ତ୍ରିତ ହୋଇ ଅଛନ୍ତି। ହଠାତ୍ ଭୟରେ ସେ ଥରି ଉଠିଲା। ଯଦି ସାବିତ୍ରୀ ଏହିକ୍ଷଣି ସବୁ ପ୍ରକାଶ କରିଦିଏ। ନ ଦେବାରହିତ କୌଣସି କାରଣ ନାହିଁ! ତାହାର ପାଇଁ ସେ ଅବା କେବଳ ଲୋକ ଚକ୍ଷୁ ଆଗରେ ଲଜ୍ଜିତ ଭାବରେ ଠିଆହୋଇ ନିସ୍ତାର ପାଉନାହିଁ; ଅକାଳ ମୃତ୍ୟୁ ଆସି ତାକୁ ଗ୍ରାସ କରିବାକୁ ବସିଲାଣି। ଜୀବନର କୌଣସି ଆଶା ଆଉ ତାହାର ନାହିଁ। ସେ ପ୍ରଥମ ଯୌବନର କେତେଗୁଡ଼ା ଦିନର ସ୍ମୃତିକୁ ସହାନ ଦେବ କାହିଁକି—? ସ୍ମୃତି—ସ୍ମରଣ କରି ଅଜନ ହବା ଶାନ୍ତ୍ୱନା ପାଇବା ଭିନ୍ନ କୌଣସି ଲାଭ ପରି ସେ ତାକୁ ଦେଇ ନାହିଁ—! ଯେତେବେଳେ ଟିକି ତାକୁ ଠକାଇବାର ଇଚ୍ଛା ତା ମନରେ ନଥିଲେ ବି ତାହାର ନାମ ତାକୁ ପ୍ରତାରିତ କରିଛି। ତାହାର ଅବିବେଚନା ଫଳରେ ସେ ଅବ ହତ୍ୟା ଅପରାଧରେ ଅପରାଧିନୀ। ଇନ୍ଦ୍ରମାଧବକୁ ଜଣାଗଲା ସତେକି କିଏ ତାକୁ ଫାଶି ହୁକୁମ ଦେଉଛି।

ଜୀବନର କେତେ ଆଶା କେତେ ଆନନ୍ଦର କଥା ତା ମନରେ ପଡ଼ିଗଲା। ସମାଜର ସବୁ ସେ ସମ୍ମାନିତ। ସୁବିଖ୍ୟାତ, ଜନ ସାଧାରଣଙ୍କ ହିତାକାଙ୍କ୍ଷୀ ବୋଲି ସେ ସବୁ ଅଦ୍ଭୁତ। ସର୍ବୋପରି ମନ୍ତ୍ରୀର, ଡିଲ ହୁଇଟି—! ଏହି ମୁହୂର୍ତ୍ତରେ ସାବିତ୍ରୀ ଯଦି ସବୁ କୋଣ କହିଦିଏ ସେ ଠିଆ ହେବ କେଉଁଠି! ତା ଜୀବନର ପ୍ରଥମ ନାରୀ ଆଉ ତାର ସର୍ବନାଶୀ ଶନି। ହଠାତ୍ ଜାଗ୍ରତ୍ ଦୃଶ୍ୟ ଆଉ ତାରେ ଇନ୍ଦ୍ରମାଧବ ସାବିତ୍ରୀ ଉପରେ ବିମୁଖ ହୋଇ ଉଠିଲା। ତାହାର ଇଚ୍ଛା ହେଲା ତାହାରି ଶାସ୍ତି ଘୋଷଣା କରି ଦେଇ ଏହି ଅସହ୍ୟ ଯନ୍ତ୍ରଣାରୁ ସେ ରକ୍ଷା ପାଉ। ଏତେ ବେଳ ଯାଏଁ ସାବିତ୍ରୀ କିଛି କହି ନାହିଁ, ଏହିକ୍ଷଣି ସେ ତା ଆୟତ୍ତରେ ଅଛି।

ଉତ୍‌କ୍ଷିପ୍ତ ହୋଇ ସାବିତ୍ରୀର ଦଣ୍ଡ ଘୋଷଣା କରିବା ପାଇଁ ଇନ୍ଦ୍ରମାଧବ ସ୍ୱର ଆସନରେ ସିଧା ହୋଇ ବସିଲା। କିନ୍ତୁ କଥା କହିବାକୁ ଚେଷ୍ଟା କରିବା ମାତ୍ରେ ତାକୁ ଜଣାଗଲା ସତେକି କିଏ ତା ଗଳା ଚେପି ଧରିଛି। ବଦ୍ଧ କଣ୍ଠରେ ତା ମୁଣ୍ଡରୁ କେବଳ ଏତକ ବାହାରିଲା, ଜୁରୀମାନଙ୍କ ସ୍ୱରରେ ଆସାମୀ ଦୋଷୀ ସାବ୍ୟସ୍ତ ହେଲେବି ଆଜି ମୁଁ ମୋର ମତ ପ୍ରକାଶ କରି ପାରିବି ନାହିଁ। କଥା କେତୋଟି କହି ଯେତେବେଳେ ଇନ୍ଦ୍ରମାଧବ ବିଚାର ଆସନରୁ ଓହ୍ଲାଇ ଖାସ୍ କାମରା ଆଡ଼କୁ ଚାଲିଗଲା, ସେତେବେଳେ ତା ମୁହଁ ବିବର୍ଣ୍ଣ ହୋଇ ଯାଇ ଥିଲା। ପ୍ରାଣପଣେ ଚେଷ୍ଟା କରି ବି ସେ ସ୍ଥିର ହେବାକୁ ସମର୍ଥ ହୋଇ ପାରିଲା ନାହିଁ।

—୦—

# କିରାତାଦି ପାଚନ

ସମସ୍ତ ପ୍ରକାର ବିଷମ ମ୍ୟାଲେରିଆ ଜ୍ୱରର ପ୍ରଧାନ ଔଷଧ। ପ୍ଳୀହାଯକୃତ୍ ସଂଯୁକ୍ତ ଜ୍ୱରରେ ମଧ୍ୟ ଏହାର ଆଶ୍ଚର୍ଯ୍ୟ ଫଳ ଦେଖା ଯାଇଥାଏ। ଏକାହିକ, ଦ୍ୱାହିକ, ତ୍ର୍ୟାହିକ, ଚାତୁର୍ଥିକ, ପାକ୍ଷୀକ ମ୍ୟାଲେରିଆ କୁଇନାଇନ ଅଟକିବା ଜ୍ୱର ପ୍ରଭୃତି ସମସ୍ତ ପ୍ରକାର ବିଷମ ଜ୍ୱର ଶିଶିଏ ଔଷଧ ବ୍ୟବହାର କଲେ ସମୂଳେ ଆରୋଗ୍ୟ ହୋଇଥାଏ। ଯଦି ବହୁଦିନ ଜ୍ୱର ଭୋଗ କରି ଶରୀର ରକ୍ତଶୂନ୍ୟ ହୋଇଥାଏ ତେବେ ଏହାକୁ କିଛିଦିନ ନିୟମିତ ସେବନ କଲେ ଅଗ୍ନିବୃଦ୍ଧି ହୋଇ ଶରୀରରେ ନୂତନ ରକ୍ତସଞ୍ଚାର କରିଥାଏ।

ମୂଲ୍ୟ—ଶିଶିକୁ ବାରଅଣା ମାତ୍ର। ତିନିଶିଶିକୁ ଦୁଇଟଙ୍କା ମାତ୍ର। ଡାକଖର୍ଚ୍ଚ ସ୍ୱତନ୍ତ୍ର।

ପ୍ରାପ୍ତିସ୍ଥାନ—କବିରାଜ—ଶ୍ରୀଧର ଶର୍ମବଟୁ ଭିଷଗାଚାର୍ଯ୍ୟ। ଆୟୁର୍ବେଦିକ୍ ଫାର୍ମେସୀ, ଭୁବନେଶ୍ୱର—ପୁରୀ

Digitized by srujanika@gmail.com

# ଛାତ୍ରୀ ବନାମ କୋରଡ଼ା

ମାନ୍ୟବର ସଂପାଦକ ମହୋଦୟ,

ଆପଣ ପୁରୁଷ କି ନାରୀ ଅର୍ଥାତ୍ ତରୁଣ କି ଅତରୁଣ ତାହା ମୁଁ ଜାଣେନା; ମାତ୍ର ଯାହା ହୋଇ ଥାଆନ୍ତୁ, ଆପଣ ଜଣେ ଶିକ୍ଷିତ ଓ ଉଦାର ବ୍ୟକ୍ତି ଏଥିରେ ସନ୍ଦେହ ନାହିଁ। ସେଇଥି ପାଇଁ ଅନ୍ତତଃ ଏତକ ଭରସା ମୋର ଜନ୍ମିଛି। ସେଥିପାଇଁ ଆପଣଙ୍କୁ ଯାହା ମନରେ ଅଛି ଏ ପତ୍ର ଲେଖୁଛି।

କିନ୍ତୁ ଆପଣ ଜାଣିପାରି ବୋଲି ସାଧାରଣତଃ ବିଶ୍ୱାସ ଅଛି। ଆଉ ଯାହା ଜାଣନ୍ତୁ ବା ନ ଜାଣନ୍ତୁ ମୁଁ ଯେଉଁ କଥା ଲେଖିବି, ସେ ବିଷୟରେ ଆପଣଙ୍କର ଅଭିଜ୍ଞତା କମ ଅଛି ବୋଲି ଜଣା। ସୁତରାଂ ମୋର ଏ ସମସ୍ୟାର ଆପଣ ଏକା ମୀମାଂସା କରିଦେଇ ପାରିବେ ବୋଲି ବଡ଼ ଭରସା।

କଥାଟା ଏତକ ଶୁଣନ୍ତୁ :—

ମୁଁ ଗୋଟିଏ ବାଳିକା। ବାଳିକା ବୋଲି ଦୃଷ୍ଟିରେ ଲୋଭନୀୟ କିଛି ଜିନିଷ ନୁହେଁ ଅବଶ୍ୟ। ତଥାପି ସଂସାର ମନୋଜ୍ଞ ବଦନ ଯାହା ଦେଖି ମାତ କହି ଉଠିଥିଲି ଓ ମନ ଭିତରେ ଭୁଲି ଗଲାଣି, ସେ କି ଆଉ 'ବାଳିକା' ହୋଇ ରହିଛି! ତେବେ ଯେମିତି ହେଲେ ବି ମୁଁ ସେଇ ଜାତିର ଅନ୍ତର୍ଗତ। ତାହାକୁ ଆପଣଙ୍କ ପୁରୁଷ ଜାତି 'ଅବଳା' ବୋଲି କହି କେତେ ଘୃଣା କରନ୍ତି—ରମଣୀ ବୋଲି ତାଙ୍କ ବଡ଼ କଦର ଭଲ ସ୍ନେହ କରନ୍ତି—ଲଳନା ବୋଲି ନାଁ ଦେଇ ସବୁ ବେଳେ ସଙ୍ଗ ଦେଇ ଦେଖାନ୍ତି।

ତେବେ ତାହା ବୋଲି ପୁରୁଷ ଜାତିଟା ଉପରେ ମୋର ଅପମାନ ସାଧିବାକୁ ଇଚ୍ଛା ବା ଅବକାଶ ନାହିଁ କେବେ। ମୋର ଯେତିକି ଆପତ୍ତି ଏଇ ଛୋକରା ଟୋକାଙ୍କ ଉପରେ—ଯେଉଁ ଟୋକାଏ ନିଜକୁ ବୋଧ ହୁଏ ମଡ଼ର୍ଣ୍ଣ ଯୁଗର ମଣି ଚାର ବିଷୟର ଛଡ଼ା ଅସର-ଦୃଷ୍ଟି Flirt କରିବାକୁ ମନ ବଳାଉଛନ୍ତି। ସେମାନେ ଛୁଆଟେ ସବୁଜ, ତରୁଣ, ନବୀନ—ଅନ୍ତରି କେତେ କଣ ଏମିତି। ସେଥିପାଇଁ ତାଙ୍କୁ ସାତ ଖୁନ ମାଫ।

ମୋ କଥାଟା ଶୁଣିଲେ, ସବୁ ବୁଝି ପାରିବେ। ମୁଁ ପଢ଼େ ଗୋଟିଏ ସ୍କୁଲରେ ଯଉଁଠି coeducation ଅଛି ଅନେକ କ୍ଲାସରେ ଅବଶ୍ୟ ଅନେକ ଝିଅ ପଢ଼ନ୍ତି। ସେଇଠି ଭାଷା। ସାଙ୍ଗ ସଖୀ ହୋଇ ବାନ୍ଧି ଶାଢ଼ୀ, ପେଟିକୋଟ ସମ୍ଭାଳି ପଢ଼ନ୍ତା ନାହିଁ ତ କଣ! ଏତିକି ବଡ଼ କଥା କହିଲି ବୋଲି ଭାବିବେ ନାହିଁ। ନ କହିବାର କାରଣ ଅଛି। ସେଇକଥା ମୁଁ ଏଠାରେ କହୁଛି।

ଅନେକ ଦିନ ଏମିତି ନଥିଲି। ମୁଁ ଏକୁଟିଆ ହୋଇ କ୍ଲାସକୁ ଯାଉଥିଲି। ଦଦାଙ୍କ ସାଙ୍ଗରେ ଯାଉଥିଲି, ସାହିରେ ଛୁଟି ହେଲେ। କାହିଁ ଟୋକାଏ ମୋତେ ଏମିତି ଘୃଣା ନଥିଲେ। ଏମିତି ସବୁ ପଡ଼ିଶା ଭାବୁ ନଥିଲେ, ଏମିତି ଟିକିଟିକି ହୋଇ ନଥିଲେ! ଏବେ କଣ ହୋଇ ଗଲାଣି? ଭାଲେ ସେ ନାମୋ ବନ୍ଧୁଙ୍କର ଦୁଃଖ? ଆପଣ କହି ପାରିବେ କି?

ଏବେ ମୁଁ ଯଦି ଦଦାଙ୍କୁ ବାହାରିଲି ଯଦି, ଏ ବହୁଲୋକ ଯାହା କହିଁଠି ଯେମିତି ଛାପି ଥିବେକି, କେତେ ବାଗରେ, କେତେ ନକସାରେ କେତେ ସୁନ୍ଦରରେ ମୋ ସଙ୍ଗେ ଖାଲି ଲଗେଇବେ। ଲଗେଇ ଲଗେଇ ମୋତେ ଅସ୍ତ ବ୍ୟସ୍ତ କରି ସାରିଲେଣି। ସେଇ କଥା ଗୁଡ଼ାକ ହବ ହବ ରାଗରେ ଭାବନାରେ ମୋତେ ଆଉ କିଛି ହୁଏ ନାହିଁ କି ପଢ଼ାରେ ମନ ଲାଗୁନାହିଁ।—

ମୁଁ ଯେତେ ସାବଧାନରେ ରହୁଛି, ଯେତେ ଜଗି ଜଗି ଚାଲୁଛି, କେଉଁଥିରେ ରକ୍ଷା ନାହିଁ। କ୍ଳାସରେ ଥିବାବେଳେ ଯାହା କିଛି ରକ୍ଷା। ମୁଁ ତ ପ୍ରାୟ ସବୁବେଳେ ମୁହଁ ପୋତି ରହିଥାଏଁ। କେବେ କମିତ ମୁହଁ ଟେକିଲେ ଦେଖେଁ, ଅନ୍ଧବେ ଜନଗଣ୍ଡା ଆଖି ମୋର ଆଡ଼େ ତାକୁଣା ପରି ଗୁହଁ ଛନ୍ତି। ସେ ଚାହାଣୀରେ କେତେ ଟାପରା, କେତେ ବିଦ୍ରୂପ କେତେ କେତେ ଛଳନା, ତା କଣ କହିବି। ସତେ କି ଗିଳିଯିବେ।

କ୍ଲାସରୁ ବାହାରିବା ବେଳେତ ଗହଳରେ କେଉଁଥିର ହାବୁଡ଼ରେ ପଡ଼ିଲେଣି। କଣ ଆଖି ଫୁଟିଯାଉଛି ତାଙ୍କର! ବାଟରେ କେତେ ହୁରୁରି ମରା, କେତେ ଗଲା ଖକର୍, କେତେ ଗୀତ ଗାଆଣ ସେକଥା କହିଲେ ନସରେ।

ଥରେ ମନକୁ ମନ ଭାବିଲି, ମୁଁ ଏମିତ ଲାଜକୁଳୀ ହେଉଛି ବୋଲି ମୋର ଦୋଷ। ଟିକିଏ ଫରୱାର୍ଡ ହୋଇ ପାରିଲେ ଏ ସବୁ ଉପଦ୍ରବ ନାହିଁ। ଚେଷ୍ଟା କଲି। କିନ୍ତୁ ସେଥିରେ ଫଳ ହେଲା ଉଲଟା। ସେଥିରେ ଜଣେ ଜଣେ ସିଧା ମୋ ସାଙ୍ଗରେ ମୁହାଁ ମୁହିଁ କଥା କହିବାକୁ ବାହାରି ପଡ଼ିଲେ। କିଏ କିଏ ଚିଠି ଲେଖିଲେ। କାହିଁକି, ମୁଁ ଗୋଟାଏ ଝିଅର ନା କ'ଣ! ବୋଧହୁଏ ଝିଅ କେତେ Free ବା Forward ହୋଇ ପାରି ଥିଲେ ଫଳ ହୋଇଥାନ୍ତା। ମାତ୍ର ଏତେ ବେହିଆ ପଣିଆ କରି ପାରିଲି ନାହିଁ। ମଣିଷର ଲାଜ ସରମ ତ ଅଛି। ପୁଅ ବଚାଳି ହେଲେ ସେଇଟା ଗୁଣ, (smartness) ମାତ୍ର ଝିଅଙ୍କ ବେଳକୁ ସେଇଟା ନିନ୍ଦାର କଥା ନୁହେଁ କି?

ମୁଁ ଏକଥା କାହାର ପାଖରେ କହିନାହିଁ। କହିବାକୁ ଲାଜ ଲାଗୁଛି। କିଏ ଜାଣେ କଣ ଭାବିବ। ଇସ୍କୁଲ ଛାଡ଼ିବାର ବି ଉପାୟ ନାହିଁ। କେବେ-କେବେ ମନ ହେଉଛି ଛୁଆଟେଇ ପଳାଇବି ନ ହେଲେ ନଈକି ଡେଇଁ ପଡ଼ିବି।

ଆଉ ବେଶୀ ଲେଖି ପାରୁନାହିଁ। ମୋ ଅବସ୍ଥାଟା ଆପଣ ଏଥିରୁ ବୁଝି ପାରୁଥିବେ। ମୁଁ କଣ କରିବି, ସେଇ ଉପାୟଟା ଆପଣ ମୋତେ କହି ଏ ବିପଦରୁ ତ୍ରାଣ କରିବେ ବୋଲି ମୋ ପ୍ରାଣର କଥା ଆପଣଙ୍କୁ ଜଣାଇଲି। ବଡ଼ ଗୋପନୀୟ କଥା। ଯଦିଓ ପୁରୁଷଙ୍କୁ ବିଶ୍ୱାସ ନାହିଁ ଆପଣ ଏ ବିଶ୍ୱାସ ଓ ନାରୀର ମର୍ଯ୍ୟାଦା ରକ୍ଷା କରିବେ ବୋଲି ଆଶା କରି ପାରେଁ କି?

ମୁଁ ଭାବିଗଲି ବା ବୁଡ଼ିଗଲି ମଣିଷର ବାଲିଆ ବନଗ ଦେହ ବଦଳରେ କହୁଛି, ଆପଣ ବୁଝି ବଚେଇ ଦିଅନ୍ତୁ—ମୁଁ କଣ କରିବି। ଇତି

ଆପଣଙ୍କର

ଶ୍ରୀମତୀ.........

ଏହା ଗୋଟିଏ ଫେରାଦ। ଏଣୁ ଉଭୟ ପକ୍ଷର ଜବାବ୍ ନ ଶୁଣି କିଛି କହି ହେଉ ନାହିଁ। ସୁତରାଂ ଚିଠିଟା ପ୍ରକାଶ କରି ଅପର ପକ୍ଷଙ୍କୁ ଆହ୍ୱାନ କରୁଛୁ; ସେମାନେ ଏଥିର ଜବାବ ଦିଅନ୍ତୁ ଓ ପ୍ରତିକାରର ଉପାୟ ବତାଇବାରେ ସମ୍ପାଦକଙ୍କୁ ସାହାଯ୍ୟ କରନ୍ତୁ।

ଚିଠିଟା ପ୍ରକାଶ କରି ମଧ୍ୟ ଲେଖିକାଙ୍କର ବିଶ୍ୱାସ ବଜାୟ ରଖି ତାଙ୍କ ନାମଟା ପ୍ରକାଶ କଲୁ ନାହିଁ। ଉତ୍ତର ପ୍ରତ୍ୟୁତ୍ତର ଜଗରର ଏହି ପୃଷ୍ଠାରେ ପ୍ରକାଶିତ ହେବ।

[ ନାରୀ ଓ ପୁରୁଷ ମଧ୍ୟରେ ସାମାଜିକ, ପାରିବାରିକ, ମାନସିକ ଇତ୍ୟାଦି ହାରି ସୁହାଗିର ଚର୍ଚ୍ଚା ଇତାଇ ପାଇଁ ଜଗରର ଛାତ୍ରୀ / କୋରଡ଼ା ପୃଷ୍ଠା ବ୍ୟବହୃତ ହେବ। )

ଉ. ସମ୍ପାଦକ


**ଜଳ ବିହୁନେ ସୃଷ୍ଟିନାଶ**
**ଜଳ ବହୁଳେ ସୃଷ୍ଟିନାଶ।**

କେହି ସନ୍ତାନ ଗୃହେଁ—କେହି ଜନ୍ମ ନିରୋଧ କରେ। ଅବସ୍ଥା ଭେଦରେ ଉଭୟର ଆବଶ୍ୟକତା ଅଛି। ସେଥିପାଇଁ ସର୍ବୋତ୍କୃଷ୍ଟ ପରାମର୍ଶ ଦାତା——

ହାକିମ୍ ସୟଦ୍ ସରଫୁଦ୍ଦୀନ୍;
ହମିଦିଆ ୟୁନାନି ଦବାଖାନା
ବାଙ୍କାବଜାର କଟକ




# ଆଆ ଟାନା ନାନା

କୌଣସି ସ୍ତ୍ରୀର ପ୍ରେମରେ ଯଦି ତମର ହୃଦୟ ହରାଇ ଦିଅ ତେବେ ତାହାର କିଛି ଯାଇବାର ନାହିଁ, ଯଦି ଧନ ସମ୍ପତ୍ତି ହରାଇ ଦିଅ ତେବେ ମଧ୍ୟ ନିହାତି ନିନ୍ଦା କରିବାର ଅତି ବେଶୀ କିଛି ନ ଥାଇ ପାରେ। କିନ୍ତୁ କେବେହେଁ ମୁଣ୍ଡଟି ହରାଇ ବସିବ ନାହିଁଟି।

\+ + ×

ଯଦି ତାହାରଙ୍କୁ ଭଲ କଥା ଉପଦେଶ ଦିଅ ତେବେ ସେଟା ଅଯଥା କାଳକ୍ଷେପ।

× × ×

ଯଦି ତମକୁ କେହି ଭଲ କଥା କହେ ତେବେ ତାହା ଅଯଥା ହସ୍ତକ୍ଷେପ।

× × ×

ପିଏ ଆଇନକୁ ବୁଝାଏ ସେ ଅଇନ ତଳେ ଥାଏ।

× × ×

ଯଦି ଦେଶରେ ଶିକ୍ଷା ସମ୍ବନ୍ଧରେ ସବୁଠାରୁ ବଡ଼ ଦାମୀ କେହି ଥାଏ ତେବେ ସେ ଦୁଆତ ଦାମୀ।

× × +

ଅନେକ ଲୋକ ନିହାତି ବାଜେ କାରଣରୁ ବି ହସିବାର ଦେଖାଯାନ୍ତି।

ଏପରିକି ସ୍ତ୍ରୀ ସୁନ୍ଦର ହୋଇଥିଲେ ମଧ୍ୟ।

\+ +

ଜଣେ ଅର୍ଥନୀତିଜ୍ଞ ତାଙ୍କ ବହିର ମୁଖବନ୍ଧରେ ଠାଏ ଲେଖିଛନ୍ତି—ଅର୍ଥ ମନ୍ତ୍ରୀର ଅ.ସୁନ୍ଦରାଧିନ ଦାସ ସଦ୍ଗୁଣ।

ଆଶ୍ଚର୍ଯ୍ୟ! କାରଣ ଆଜି କାଲିକି ପାଖରେ ରହିଛି ତ କାଲି ଆଉ କାହାରି ପାଖରେ।

× ×

ଯଦି ଯୁଦ୍ଧ ସମୟରେ ଦଳଗତ ରାଜନୀତି ଭୁଲିଯିବାକୁ ହୁଏ ତେବେ ଶାନ୍ତି ସମୟରେ କଣ ହେବ—ଯୁଦ୍ଧ ?

\+ +

ମଦ ଖାଇବା ବଡ଼ ଖରାପ।

କିନ୍ତୁ ମଦଟା ଜଳବତ୍ ତରଳଂ।

× ×

ଶାସନ ଆଉ ଶୋଷଣ ଭିତରେ କି ତଫାତ୍ ତାହା ଇଂରେଜ ସରକାର କହି ପାରିବେ ନାହିଁ।

× ×

ମନ୍ତ୍ରୀ ନିନ୍ଦା କରୁଥିଲେ ଜାଣିବ ଭଲ ବହିନ୍ତି ହୁଏ ବୋଲି ଦାଲାଲମାନଙ୍କ ମତ।

ଅତଏବ ନିନ୍ଦା ହେଲେ ପେନ୍ସନ୍ ବଢ଼େ।

× ×

ଦେଶଙ୍କ ବଥାରେ ଆଘାତ ହେଉଛି ଶ୍ରେଷ୍ଠ ପ୍ରୋତ୍ସାହ।

କିନ୍ତୁ ଦୁଃଖର ବିଷୟ ଏହି ଯେ ସେ ବୃଦ୍ଧ ଆଠ ବର୍ଷ କଣା। ସ୍ତ୍ରୀ ପଳାଇ ଗଲେ

\+ ×

ଜଣେ ମନୋବିଜ୍ଞଙ୍କ ମତରେ କୌଣସି ନୂଆ ଅତିଥି ସମ୍ବନ୍ଧରେ କିଛି ଜାଣିବାର ପ୍ରକୃଷ୍ଟ ଉପାୟ ହେଉଛି, ସେ ଆସି ଘରେ ପହଞ୍ଚିବା କ୍ଷଣି ତାର ପ୍ରଥମ କାର୍ଯ୍ୟକଳାପ ପ୍ରତି ଦୃଷ୍ଟି ଦେବା।

ଉଦାହରଣ ସ୍ୱରୂପ ସେ ଯଦି ଆଗେ ଦେହରୁ ଜାମା ନ ଖୋଲି, ଗୋଡ଼ରୁ ଯୋତା ଖୋଲେ ତେବେ ଜାଣିବ ଯେ ସେ ଅବାହୃତ।

× × ×

---


ବ୍ରହ୍ମଦେଶରେ ପ୍ରଥମ ପ୍ରତିଷ୍ଠିତ

( ସାପ୍ତାହିକ ) 'ବର୍ମା ଓଡ଼ିଆ ପତ୍ରିକା' (ଦେୟେଲ ୧୭ ପୃଷ୍ଠା)

ଏହାକ୍ଷାଧିକ ପ୍ରବାସୀ ଉତ୍କଳୀୟଙ୍କ ପ୍ରଧାନ ମୁଖପତ୍ର। ଉତ୍କଳର ଶ୍ରମ-ଜୀବୀଙ୍କର ସକଳ ପ୍ରକାର ଦୁଃଖ ଦୁର୍ଦ୍ଦଶା, ବର୍ମାରେ ଭାରତୀୟଙ୍କର
ପ୍ରକୃତ ଅବସ୍ଥା, ବର୍ମା ଭାରତ ପୃଥକ୍କରଣ ପରେ ବର୍ମା ସରକାରଙ୍କ ମତଗତ ଏବଂ ବର୍ମାର ରାଜନୈତିକ ପରିସ୍ଥିତି ସଙ୍ଗେ ସେଠା ଅଧିବାସୀ-
ମାନଙ୍କ ସାମାଜିକ, ରାଜନୈତିକ ଓ ଆର୍ଥିକ ଅବସ୍ଥା ସମ୍ବନ୍ଧେ ଲେଖାମାନ ଏହି ପତ୍ରିକାରେ ପ୍ରକାଶିତ ହୁଏ। ବ୍ରହ୍ମଦେଶର ବ୍ୟବହାରିକ ସବୁ ଖବର
ଜାଣିବାକୁ ହେଲେ ଏହି ପତ୍ରିକା ପଢ଼ନ୍ତୁ। ଏହା ବର୍ମାର ଯୁବକ କର୍ମୀ ଶ୍ରୀଯୁକ୍ତ ମଧୁସୂଦନ ମହାପାତ୍ରଙ୍କ ଦ୍ୱାରା ପ୍ରତିଷ୍ଠିତ ଓ ସମ୍ପାଦିତ।
ମୂଲ୍ୟ ୫୬୫, ଷାଣ୍ମାସିକ ମୂଲ୍ୟ ୫୬୯, ଭାରତବର୍ଷ ପଠାଇବେ ଦେୟ ୫୪୯। ଠିକଣା—ନଂ ୭୧।୭୩, ୩୦ ନମ୍ବର ଷ୍ଟ୍ରୀଟ୍ ରେଙ୍ଗୁନ୍ (ବର୍ମା)




Digitized by srujanika@gmail.com




### ଗୋଲାପ ଝୋଲ ( ରସା )

ଜଣେ ଗୋଲାପ ଫୁଲରୁ ଏକପ୍ରକାର ସୁସ୍ୱାଦୁ ସୋରା ଝୋଲ ପ୍ରସ୍ତୁତ କରିବାର ଉପାୟରେ ଗୋଲ ଲ୍ୟାବରେଟୋରିର ଜଣେ ଟେପେଙ୍କ ମେଲ ଏଗ୍ରସ ମତ ଦେଇଛନ୍ତି। ଏ ଝୋଲରେ ଗନ୍ଧ ଓ ଖାଦ୍ୟ ପ୍ରାଣ (Vitamine) ଯଥେଷ୍ଟ ଥିବାର ପ୍ରକାଶ।

### ୩୩ ବର୍ଷିଆ ବହି

ଡାକ୍ତର ନର୍ଜଗ୍ରିଅରସନ ନିକଟରେ ୯୦ ବର୍ଷରେ ଦେହ ଛାଡ଼ିଲେ। ସେ ଭାରତୀୟ ଓ ଅଧିକାଂଶ ଦେଶୀୟ ଭାଷାମାନଙ୍କ ସମ୍ବନ୍ଧରେ ଏକ ବହି ଲେଖିଯାଇଛନ୍ତି। ସେ ବହିର ୧୯ଶ ଭାଗ (ଖଣ୍ଡ) ଲେଖିବାକୁ ତାଙ୍କୁ ୩୩ ବର୍ଷ ଲାଗିଥିଲା। ଏ ବହିରେ ୧୭୯ ଟି ସ୍ୱତନ୍ତ୍ର ଭାଷା ଓ ୫୪୪ ଟି ଉପଭାଷା ଲେଖା ଅଛି। ଗୋଟିଏ ଶବ୍ଦର ବିଭିନ୍ନ ଭାଷାରେ ବିଭିନ୍ନ ଅର୍ଥ ସେ ଦେଖାଇଛନ୍ତି। କେବଳ 'ଗା' ର ଅର୍ଥ ବ୍ରଜେଟି ଭାଷାରେ ଯଥାକ୍ରମେ ଗଳା, ଗାଈ ପୁଅର ଡିପୃ ପ ନ ଓ ଛାନକୁ ବଧ ମାରିବା ବାଳିକା ବୁଝାଇବ।

ଅତଏବ 'ଗା ଗା ଗା ଗା' ବୋଲି କହିଲେ ଉକ୍ତ ଭାଷା ବୁଝିବା ଲୋକ ପ୍ରତ୍ୟେକ ଗା କୁ ବିଭିନ୍ନ ଅର୍ଥ କରି ଧରିନେବେ—ଏହି ସ୍ତ୍ରୀଲୋକ ବଳଦମାନଙ୍କ ପ୍ରିୟପାତ୍ର ବାଳକକୁ ବଧ ମାରିଲେ। ନୋଛଡ଼ାଡ ଓ ... ଗା ଅର୍ଥ 'ଗାଏ' ଓ ଗା ଅର୍ଥ ... ।

### ଦଣ୍ଡ ପ୍ରତିନିଧି

ଉନବିଂଶ ଶତାବ୍ଦୀରେ ଜର୍ମାନରେ ଏପରି ପ୍ରଥା ଥିଲା ଯେ ରାଜକୁମାରମାନେ ଫିଲ୍ମ ହୋଇଥିବା ବେଳେ ଦୁଷ୍ଟାମି କଲେ ତାଙ୍କୁ ଦଣ୍ଡ ଦିଆ ନ ଯାଇ ତାଙ୍କ ପାଇଁ ଦଣ୍ଡ ଭୋଗିବାକୁ ନିଯୁକ୍ତ ହୋଇ ତାଙ୍କ ମାଝରେ ଥିବା ଗୋଟିଏ ବାଳକକୁ ପ୍ରହାର କରିଯାଉଥିଲା।

### ଦେହ ମରାମତି

ବର୍ତ୍ତମାନ ଡାକ୍ତର ବିଦ୍ୟା ବଳରେ ପୁରୁଣା ଜଖମ ବା ଅକର୍ମଣ୍ୟ ପେଶୀକୁ କାଟି ଅନ୍ୟ ତାଜା ପେଶୀ ଲଗାଇ ଦିଆଯାଏ। କିନ୍ତୁ ଚେଷ୍ଟା ଚାଲିଛି ମଣିଷର ଭିତର ଯନ୍ତ୍ରମାନ ବି ଯେପରି ବଦଳି ହୁଏ। ତାହାହେଲେ ବୁଢ଼ା ମଣିଷର ହୃଦଯନ୍ତ୍ର ପାଇଗଲା ବେଳରେ ନୂଆ ତାଜା ହୃଦଯନ୍ତ୍ର ଟା ପାଇଗଲା ହେଲେ ବୁଢ଼ାକୁ ଟୋକା କରିଦେବ। ଏଥିପାଇଁ ଅନ୍ୟ ମଣିଷର ଯନ୍ତ୍ରାଦି ସହିତ ସାମଞ୍ଜସ୍ୟ ଥିବାରୁ ମାଙ୍କଡ଼ର ଯନ୍ତ୍ର ବ୍ୟବହାର କରାଯିବ। ଡାକ୍ତର କେରଲ ଏ ଦିଗରେ ବିଶେଷ ଯତ୍ନ କରୁଛନ୍ତି। ଡାକ୍ତର କାର୍ଲ ହୃଦୟର ଏକ ନକଲ ଯନ୍ତ୍ର ତିଆରି କରି ତାହାର ସାହାଯ୍ୟରେ ହୃଦୟ ହୀନ ନାନାଦି ପଶୁଙ୍କୁ ଜୀବିତ ରଖିଛନ୍ତି।

### ରେଡିଓ ପୂଜାରୀ

ଏବେ କି ରେଡିଓ ଟେଲିଫୋନ୍ ସାହାଯ୍ୟରେ ବିଭିନ୍ନ ବ୍ୟବସ୍ଥା ହେଲାଣି। ବର୍ତ୍ତମାନ ତାହା ବଜାରରେ ବାହାରି ହୋଇ ନାହିଁ। ନିକଟରେ ହେବାର ସମ୍ଭାବନା। ତାହାହେଲେ ଅଜ ଧୂଅଧୋଇ ମଜାପଲ୍ଲା ହାଣ୍ଡିଶାଳ ଲାଗିଥିବ ଗୋବର ଚୁଲି ପ୍ରଜ୍ୱଳନାର ଲୋଡ଼ା ହେବନାହିଁ।

### ଇଚ୍ଛା ଶଯ୍ୟା

ନେପୋଲିଅନ ଯେତେବେଳେ ମନ କରୁଥିଲେ ଓ ଯେଉଁପରି ଭାବରେ ମନ କରୁଥିଲେ ସେହିପରି ଶୋଇ ପାରୁଥିଲେ। ଲଇଡ୍ ଜର୍ଜଙ୍କର ମଧ୍ୟ ସେ କ୍ଷମତା କିଛି କିଛି ଥିଲା। ସେ ଶୋଇଲି ବୋଲି କହି ଶୋଇ ପଡ଼ୁଥିଲେ। ଲର୍ଡ ନର୍ଥକ୍ଲିଫ୍ ପିଲା ଦିନରୁ ଅତି ଅଳ୍ପ ଶୋଇବାର ଅଭ୍ୟାସ କରିଥିଲେ।

### ରେଡିଓ କୁକୁର

ପୋଲିସ ଓ ଅନେକ ଭଦ୍ରଲୋକ ତାଙ୍କର କୁକୁର ପିଠିରେ ରେଡିଓ ବାନ୍ଧି ଦୂର ଜାଗାକୁ ଖବର ପଠାଇ ଦିଅନ୍ତି। ବନ୍ଦରରୁ ଯାହା ଅର୍ଡର କରନ୍ତି କୁକୁର ତାହା ଶୁଣି କାମ କରେ।

### ସୂର୍ଯ୍ୟକିରଣ ଧରା

ଯେଉଁଠି ସୂର୍ଯ୍ୟ କିରଣ ଦୂରରେ ସେଠି ସୂର୍ଯ୍ୟକିରଣ ଧରିନେଇ କିରଣ ନ ଥିବା ସ୍ଥାନରେ ଛାଡ଼ି ଦିଆଯାଇ ପାରୁଛି। ଏକ ପ୍ରକାର ପାଉଡରକୁ ବୋତଲରେ ରଖି ତା ଭିତରେ ସୂର୍ଯ୍ୟକିରଣ ପୂରାଇ ଟେପି ବନ୍ଦ କରିଦେଲେ କିରଣଗୁଡ଼ିକ ତହିଁରେ ବନ୍ଦୀ ହୋଇ ଯାଆନ୍ତି। ଟେପି ଖୋଲି ଦେଲେ କିରଣ ବାହାରି ପଡ଼ନ୍ତି।



Digitized by srujanika@gmail.com




# ରାମପକ୍ଷୀ ମାହାତ୍ମ୍ୟ

( ଲକ୍ଷିରହିଲ ଅକ୍ଷି ସକ୍ଷି ଶିଷ ଚୂଳରେ— ବୃତ୍ତେନ ଗୀପୂଟଛ )

ହନୁଭାରଭ——ଛପିବର——

ଲକ୍ଷି ହେଲ ଅକ୍ଷି ସ୍ୱମ ପକ୍ଷୀ ଚୂଳରେ
ଦେଖି କା'କଭରୁ ନଳଡ଼ିବ ଲଳ ରେ ॥ ଘୋଷା ॥

ଛଶଙ୍ଖ ତାହାର ପର ଲଞ୍ଜୁ ଉଦେ ଫବ ଫର
ଶିରରେ ପିନ୍ଧିଛୁ ସତେ ଫ୍ଲ ନେଲ ରେ ॥ ୧ ॥

କେସନ ମଧୁର ଡାକ ଡାକେ ଯେବେ 'ଚକୁ ଚକୁ'
ଲେଇବରେ ଝୁଅଇ ଦେଶ ଅସମ୍ଭାଳ ରେ ॥ ୨ ॥

ଦର୍ଶନେ ଦଶାସ୍ୱତସ୍ୟ ସ୍ପର୍ଶନେ କୈବଲ୍ୟ ପଦ
ଅଘ୍ରାଣେ ନିର୍ବାଣ ଫଳ ଏହା ସ୍ଥୋଲ ରେ ॥ ୩ ॥

ଚୂର୍ଣିଲେ ଚ୍ଛ ଫଳ ଚାର ବେଦ ବିଧି ଅଗୋଚର
ଧ୍ରୁବ ସ୍ୱଗ ଅଚାଣ୍ଡ ଦଳ ବାଳ ଠଗ ॥ ୪ ॥


## ଜ୍ୱର ଓ ପ୍ଳୀହା ପାଇଁ

### ଅମୃତାଷ୍ଟକ କଷାୟ
ଓ
### କଳ୍ପଲତା (ବଟିକା)

ସର୍ବଶ୍ରେଷ୍ଠ ବୋଲି ବହୁ ପ୍ରଶଂସିତ । ଏହାର ମୂଲ୍ୟ ଅଳ୍ପ ଓ ଶିଘ୍ର ଗୁଣକାରକ । ଓଡ଼ିଶାର ପ୍ରତ୍ୟେକ ସହର ଓ ଗ୍ରାମମାନଙ୍କରେ ଖୋଜିଲେ ପାଇବେ । ଅନ୍ୟାନ୍ୟ ଔଷଧ ତୁଳନାରେ ଏହା ମହୋପକାରୀ । ଥରେ କେବଳ କଲେ ଯରେ କହିବେ—

### ଆପଣଙ୍କର ଗୃହଚିକିତ୍ସକ କିଏ !

## ମାତଶକ୍ତି

'ମା' ନଥାଇ ପିଲାଙ୍କ ଅବସ୍ଥା ଯାହା—ମାତୃଶକ୍ତି ପାଖରେ ନଥିବା ଗୃହସ୍ଥର ଅବସ୍ଥା ତାହାଠାରୁ ଶୋଚନୀୟ । 'ମା କେବଳ ଶିଶୁକୁ ନିଜ ରକ୍ତ ବନ୍ଦୁଟି ପର୍ଯ୍ୟନ୍ତ ଦେଇ ବଞ୍ଚାଇ ଥାଏ, କିନ୍ତୁ ମାତୃଶକ୍ତିର ବଡ଼, ସାନ, ବୁଢ଼ା, ବୁଢ଼ୀ ଭେଦ ଭାବ ନାହିଁ । ତେଣୁ ବା ୧୫ ବର୍ଷରୁ ଅଧିକ କାଳ ପ୍ରତ୍ୟେକ ଘରେ ସ୍ଥାନ ପାଇଛି । ଏହା ସର୍ବ ରୋଗ ନାଶକ । ଖାଇବା ଓ ମାଲିସ କରିବା ଉଭୟ କାର୍ଯ୍ୟରେ ଲାଗେ—ବ୍ୟବସ୍ଥାପତ୍ର ଶିଶି ସହ ଥାଏ । ମୂଲ୍ୟ—୧ ° ୫

ସାମାନ୍ୟ ଶିକ୍ଷିତା ଗୃହିଣୀ ମାନେ କବିରାଜ ଓ ଡାକ୍ତର ମାନେବି ଚିକିତ୍ସା କରି ପାରିବେ ।

**ଶାନ୍ତି ଔଷଧାଳୟ—ଡାକ୍ତର ଓ କବିରାଜ—ଶ୍ରୀ ବ୍ରଜନାଥ ମିଶ୍ର M.L.A. ପୋ: ନେଦୂପାଟଣା—କଟକ ।**




Digitized by srujanika@gmail.com



ଶିକ୍ଷକ—"ଗୁରୁ ଭକ୍ତିର ନେତା କାହାକୁ କହନ୍ତି ? ଉଦାହରଣ ଦେଇ ବୁଝାଇଦେ।"

ଛାତ୍ର—"ସାର୍, ଯେ ନାଏ ସେ ନେତା। ଶର୍ମା ମହାଶୟ ଜଣେ ବଡ଼ ନେତା। କାରଣ ସେ ଛୋଟ ଅମ ଠାରୁ ଢେର ଟଇସ ନାଏ।"

\+ + +

ମୋଲାୟ—"ହାଇରେ ! ଥରକୁଥର ଏଠାକୁ ଖୋ ହୋଇ ଅଧିକୋଟୁ ତୋପଡ ଲାଜ ମାଡ଼ୁନାହିଁ !"

ଲୋକ—"ଅଜ୍ଞା, ଆପଣ ତ ମୋ ପଛରେ ସବୁବେଳେ କୁକୁର ପର ଗୋଡ଼ାଉଛନ୍ତି, ଦେଖା ଲଣି ଥାଠ ଏଣୀ ଲାଜର କଥ ନୁହେଁ !"

× × ×

ମୁଅ—ବାପା, ଗୋଟେ ପଇସା ଦିଅ।

ବାପ—ଅଚ୍ଛା, ମୁଁ ଗୋଟାଏ କଥା କହିବି, ଯଦି ତୁ ତାହା ମାନିବୁ ତାହାହେଲେ ପଇସା ଦେବି।

ପୁଅ—'ହଁ, କଣ ?'

ବାପ ତୁ ମୋତେ ଅଉ ପଇସା ମାଗିବୁ ନାହିଁ।

× + ×

ମାଲୁଥଣୀ—"ଅରେ ବତ୍, ତୋତେ ପଗ କହିଲି, ଚଙ୍କ ଠାରୁ ଖଜନେ ଛୁଇଁ ଅଣିବୁ ବୋଲି ?"

ପୁଅ—"କଣ କରିବି ମା ! ବଜାରସାରା ଖୋଜିଲି, କିନ୍ତୁ କେତେ ଛୁଇଁ ଦେଖିଲି, ସବୁ ଛୁଇଁର ମୁଣ୍ଡ ପାଖରେ ଗୋଟ ଏ ଲେଖାଏଁ କଣା। ମୁଁ କଣ ଏତେ ଖୋଜା ଖୋଜିଛି ଯେ ହାତ ପକାଇ ଦେଇ କଣା ଛୁଇଁ-ଗୁଡ଼ାକ ଅଣିବ ?"

× + ×

ମାତାଲ—ଭାଇ, କାଲି ଗୋଟେ ମୋର ସର୍ବସ୍ୱ ନେଇ ଯାଇଛି।

ଦଃ ବନ୍ଧୁ—"ସତେନା ? ସର୍ବସ୍ୱ ନେଇ ଯାଇଛି ? ହେ ଦୁଃଖର କଥା। ତେବେ ସବୁଠାରୁ ବେଶି ଦରକାରୀ ଜିନିଷ ସବୁ କଣ ନେଇଯାଇଛି ?"

ମାତାଲ—କେବଳ ମୋର ଅଫିମ କାମ୍-ତି। ଅଉ ଘଣ୍ଟାଏ ପରେ, ମୋର ସେହି ସର୍ବସ୍ୱ ପାଇଁ ଜୀବନ ଯିବ ଯେ।

× + ×

ଜଣେ ମାତାଲ ରାସ୍ତାରେ ଠିଆ ହୋଇ ପରିସା କରୁଥିଲା। ଜଣେ ଭଦ୍ର-ଲୋକ ତାକୁ ଦେଖି ବିରକ୍ତ ହୋଇ କହିଲେ, "ଏହିର ଚିନ୍ତା କରେ ? ରାସ୍ତା ଉପରେ ଠିଆ ହୋଇ ମୂତୁଛୁ ?"

ମତାଲ—"ଅଜ୍ଞା, ଆପଣଙ୍କ ମୁହଁରେ 'ମୁଜ୍ରେ' (ମୂତ୍ରେ)।"

\+ + +

ପରୀକ୍ଷକ—କୌଣସି ଅଡ଼ୁଆ ପ୍ରଶ୍ନ ଆଜି ପଡ଼ିଥିଲା କି ?

ବୁଦ୍ଧିଆ—ନା, ସାର୍ ପ୍ରଶ୍ନ ବେଶ ପରିଷ୍କାର ଥିଲା, କିନ୍ତୁ ଅଡ଼ୁଆ ଥିଲା ସେହି ଉତ୍ତର ଲେଖିବା।

× + ×

ଶିକ୍ଷକ—ଗୋପାଳ, ତୁଠା ଗୋଟାଏ କହାଣି ଗପ। ତେତା ବୟସରେ ଲର୍ଡ଼ କ୍ଲାଇଭ, ଏ ପାଶ କରିଥିଲେ।

ଛାତ୍ର—ତା ଠିକ୍। କିନ୍ତୁ ସେ ଯେ ଆପଣଙ୍କ ବୟସରେ ଭାରତର ଗଭର୍ଣ୍ଣର ହୋଇଥିଲେ।

× + +

ମାଜିଷ୍ଟ୍ରେଟ ତାଙ୍କ ସମ୍ମୁଖସ୍ଥ ଆବେ-ଦନ କାରୀମାନଙ୍କ ଅପେକ୍ଷା ବେଶୀ ଭଲ ନ ଥିଲେ।

୧ମ ଆବେଦନକାରୀ—ଧର୍ମାବତାର, ଏ ମୋ ଠାରୁ ୫୦୦ର ଜିନିଷ ନେଇ-ଅଛି କିନ୍ତୁ ତାର ଦାମ ଆଜିପର୍ଯ୍ୟନ୍ତ ଦେବାକୁ ନାରାଜ।

୨ୟ ଆବେଦନକାରୀ—ହଜୁର, ସେ ମିଛ କହୁଛି। ମୋ କୁକୁର ତାକୁ କେବେଁ କାମୁଡ଼ି ନାହିଁ।

କିଛି ସମୟ ପରେ ମାଜିଷ୍ଟ୍ରେଟ କହିଲେ—"ଭଦ୍ରବ୍ୟକ୍ତିଗଣ, ତୁମ୍ଭମାନଙ୍କର ମନୋଭାବ ମୁଁ ବେଶ୍ ବୁଝି ପାରୁଛି। କିନ୍ତୁ ମୁଁ କୌଣସି କାରଣ ପାଉନାହିଁ ଯେ କାହିଁକି ତୁମ୍ଭମାନେ ମିଳାମିଶି ତୁମର ମାମଲା ଛାଡ଼ିଦେଇ ନ ପାରିବ।"

\+ × +

ଶିକ୍ଷକ—ପିଲାମାନେ, ତୁମ୍ଭେମାନେ ବର୍ତ୍ତମାନ ବୁଝିଲ। ସିଂହ ଖୁବ ପରାକ୍ରମଶାଳୀ, ଭୟପ୍ରଦ। ଆଚ୍ଛା, ରାମ ଏପରି ଗୋଟାଏ ପ୍ରାଣୀର ନାମ କୁହ ଯାହାକୁ ପଶୁରାଜ ସିଂହ ମଧ୍ୟ ଭୟ କରେ।

ରାମ—ସାର, ସିଂହୀ।

—ଦେବେନ୍ଦ୍ର।

× × ×



Digitized by srujanika@gmail.com




## ଯୁଦ୍ଧର ୩ୟ ବାର୍ଷିକୀ ଉପଲକ୍ଷେ

ଲେଖକ—ନ: ମ: ।

**ପକ୍ଷୀ ଜଟାୟୁ ପରି**

ଦରଜି ଅସଲେ ଗାଁଅ ମାଙ୍କଡେ ହିଟଲର ଚଲେ ଚଢ଼ !

ଦୁଇ ତିନ ମାସ ଚଳିଣି ବର୍ଷ, ଦୁଇଟି ବରଷ ଅଗେ
ବାଘଛାଲ ଖଣ୍ଡେ ପିଟିରେ ଦେଇ ଆସିଥିଲା ପର ସ୍ଥାନର ।

ଏବେ ତ ପଡ଼ିଛି ଧରା ଲୋ ସଙ୍ଗାତ ଏବେ ତ ଦେଖୁଛୁ ଧର,
ଉନ ତାରଖରେ ପେଟ ଖାଇ ଖାଇ ହୋଇଗଲା ଦରବଳ ।

ଓଡ଼ଶା ପାଇଁ ତ ଲାଗିଲା ନାଟ    ଭେଟେ ହିଟଲର ମଳେ,
ମିଛ ହିଟଲର ସାଡଟା ଗୁଡ଼ି    ସବୁ ହିଟଲର ଟଳେ ।

ହିଟଲର ଏବେ ମଲଟଲ ବଉଳ ମଞ୍ଚାରୁ ପଡ଼ି ସେ ମଲା,
ଆମ ସ୍ୱାମୀ ଧର୍ମ ସିଜିଙ୍କ ଏଥିରେ ଦରବ ରଖିଲା ଭଲା ।

ଓଡ଼ିଆ ଯେ ବୀର ଜାଣ ଦୁନିଆରେ ନାହିଁ ନଥିବ ତ କାହିଁ,
ଯେ ଯେତେବେ ଶୁଣିଲା, ଜାଗିଲା, ଉଠିଲା ଆଜ ତେବେ ଚଳିବ ନାହିଁ ।

ମ ଜା କ ବି ତା

ଜାଗିଲେ ଏଥର ଓଡ଼ିଆ ବୀରେ    ଜାଗିଲା କୁଦାଳ ଟାଙ୍ଗି,
ବାଳଗଣ୍ଡ ଗଛ ଅକଡ଼ି ଏଥର ଜାଗିଲେଣି ଉଡ଼ିଆ ଝିଅ ।

ଦାଗିଲେ ଏଥର ଓଡ଼ିଆ ନାରୀ ଜାଗିଲା ଓଳଣା ଝୁଣ୍ଟି,
ପାଞ୍ଜା ନାଇଁଠାକୁ ଦେଲେ ତ ସାର ଏହି ସବୁ ଶସ୍ତ୍ର ଘୁଣ୍ଟି ।

ଅମର ଦସ୍ତାନ ରଙ୍ଗ ଲୋ ସଙ୍ଗ ତ ଅମର ଦସ୍ତାନ ରଙ୍ଗ,
ଜିଣିଲ ପୋଲଣ୍ଡ ମଝି ଡ଼ବନକୁ ଭେଳିଙ୍ଗ ଗୋଡ଼ ବଙ୍କା ।

ସିନ୍ଦୂର ମହମ ଶଣ ଲୋ ମାଇକିନା ଶଣ ଏବେ ଶଙ୍ଖା ଶାଢ଼ୀ ।
ଅମ ଇଂରାଜ ଜିଣିଲା ଏଥର ନାକ୍ସିଙ୍କ ଛଡ଼ିଲା ବାଡ଼ି ।

ଅଟେମଭ ଜିଣିଛୁ ଅନ୍ତିରେ ସଙ୍ଗାତ ଅଟେମଭ ଜିଣିଛୁ ଅଳ,
ଅମ ଓଡ଼ିଆ ଏବେ ଦୁନିଆ ଛାଡ଼ି    ପଳାଇ ଯାଉଛୁ ନାଇଁ ।

—*—


## ଜରାୟୁ

ଏହାକୁ ସେବନ କଲେ ସ୍ତ୍ରୀମାନଙ୍କର ଜରାୟୁ ସଂବନ୍ଧୀୟ ଯାବତୀୟ ରୋଗ ଆରୋଗ୍ୟ ହୋଇ ଶରୀର ହୃଷ୍ଟ ପୁଷ୍ଟ ଓ ବଳିଷ୍ଠ ହୋଇଥାଏ । ଶ୍ୱେତ ପ୍ରଦର, ରକ୍ତ ପ୍ରଦର, ବାଧକ, ରଜଃ କଷ୍ଟ, ଅଳ୍ପରଜ, ବନ୍ଧ୍ୟା ଦୋଷ, ମୃତବତ୍ସା ଦୋଷ, ପ୍ରଭୃତି ଏଥିରେ ସମୂଳେ ବିନଷ୍ଟ ହୋଇ ସୁସ୍ଥ ସବଳ ଓ ଦୀର୍ଘଜୀବୀ ସନ୍ତାନ ଗର୍ଭ ଧାରଣ କରିବାର କ୍ଷମତା ହୋଇଥାଏ ।

ମୂଲ୍ୟ—୧୬ ମାତ୍ରା ପୂର୍ଣ୍ଣ ଶିଶିକୁ ଏକଟଙ୍କା ମାତ୍ର

ଏକତ୍ର ଛଅଶିଶି ନେଲେ ପାଞ୍ଚଟଙ୍କା ଆଠଅଣାକୁ ମିଳିବ । ଡାକଖର୍ଚ୍ଚ ଏହାଠାରୁ ଅଧିକ ଦେବାକୁ ପଡ଼ିବ ।

ପ୍ରାପ୍ତିସ୍ଥାନ—କବିରାଜ—ଶ୍ରୀଧରଗର୍ଗବଂଶ ଭିଷଗାଚାର୍ଯ୍ୟ—ଆୟୁର୍ବେଦିକ୍ ଫାର୍ମାସୀ, ଭୁବନେଶ୍ୱର—ପୁରୀ ।




Digitized by srujanika@gmail.com




## ନାଗବନ୍ଧୁଙ୍କ କଲମରୁ

## ପ୍ରାଚୀନ ସପ୍ତ ଆଶ୍ଚର୍ଯ୍ୟ

### ପିରାମିଡ଼୍

ଏ ସବୁଠୁଁ ପୁରାତନ । ପ୍ରାୟ ୦.୫ ହଜାର ବର୍ଷ ପୂର୍ବେ ମିଶରର ରାଜାମାନେ ଏହାକୁ ନିର୍ମାଣ କରିଥିଲେ । ପ୍ରକୃତରେ ପିରାମିଡ଼ ଶବାଧାର । ଏଥିରେ ମିଶରର ରାଜାମାନଙ୍କର ଶବ ସୁରକ୍ଷିତ ହୋଇ ରଖା ଯାଉଥିଲା । ଔଷଧ, କାଠ ତେଲ ଇତ୍ୟାଦ ଦେଇ ଲୋକେ ଶବକୁ ଏପରି କରିଦଅନ୍ତି ଯେ ସେ ଆଉ ସଢ଼େ ନାହିଁ । ଅନୁସନ୍ଧାନୀମାନେ ତିନିଚାରି ହଜାର ବର୍ଷ ପୂର୍ବର ଶବକୁ ଦେହପରି ଅବସ୍ଥାରେ ଥିବାର ଦେଖିଛନ୍ତି । ଶବର କୌଣସି କ୍ଷତି ହେବନାହିଁ ବୋଲି ଏକ ଗଗନଚୁମ୍ବୀ ଦୁର୍ଗ ନିର୍ମାଣ କରାଯାଏ । ପଥରର କାମ ଏତେ ସୁନ୍ଦର ଯେ ତାର ଯୋଡ଼ିବା ମାଲୁମ ହୁଏ ନାହିଁ । ଚିକ୍କଣ ସମତଳ । କେହି ତା ଉପରେ ଚଢ଼ିହି ପାରନ୍ତି ନାହିଁ । ପ୍ରବେଶର ଦ୍ୱାର ଏବଂ ଓ ତାହା ଗୁପ୍ତ । ପିରାମିଡ଼ ମିଶରର ସୂକ୍ଷ୍ମ କଳାର ପରିଚୟ ପ୍ରଦାନ କରେ । ଏହାର ନିର୍ମାଣରେ ଯେତେ ଧନ ଓ ସମୟର ବ୍ୟୟ ହୋଇଛି, ତାହା କେହି କହି ପାରିବେ ନାହିଁ । ମିଶରର ଅଧିବାସୀଙ୍କର ଧାରଣା ଯେ ମୃତ-ବ୍ୟକ୍ତିଙ୍କର ବି ସମୟ ସମୟରେ ଅର୍ଥର ପ୍ରୟୋଜନ ହୁଏ, ତେଣୁ ସେମାନେ ଶବ ନିକଟରେ ଧନରତ୍ନ ଆଦି ବହୁ ମୂଲ୍ୟ ବସ୍ତୁ ରକ୍ଷିତ କରିଦିଅନ୍ତି । ପିରାମିଡ଼ର ସଂଖ୍ୟା ୭୦ । ତା ଭିତରୁ ତିନୋଟି ପିରାମିଡ଼ ହିଁ ଉଲ୍ଲେଖ ଯୋଗ୍ୟ । ଏହାର କ୍ଷେତ୍ର ୭୬୦୪ ବର୍ଗଫୁଟ ଓ ଉଚ୍ଚତା ୪୮୧ ଫୁଟ । କେହି ଇଚ୍ଛା କରିଥିଲେ ଏହି ପଥରରେ ସାରା ଭାରତର ଚତୁର୍ଦ୍ଦିଗରେ ଗୋଟିଏ ଉଚ୍ଚ ପାଚେରି ନିର୍ମାଣ କରି ପାରିଥାନ୍ତା । ପିରାମିଡ଼ର ଭିତରର ଦୃଶ୍ୟ ବାହାର ଠାରୁ ଅଧିକ ସୁନ୍ଦର ।

### ଦୋଦୁଲ୍ୟମାନ ଉଦ୍ୟାନ

ଏହି ଉଦ୍ୟାନଟି ୩୦୦ ଫୁଟ ଉପରେ ଶୂନ୍ୟରେ ଝୁଲୁଛି । ଏହା କିପରି ନିର୍ମାଣ ହୋଇଛି ବୁଝିବା କଷ୍ଟକର । ଏହା ନିର୍ମାଣ ପଛରେ ଏକ କୌତୂହଳପ୍ରଦ କାହାଣୀ ନିହିତ ଅଛି । ୬୨୦ ସାଲରେ ବେବିଲୋନିଆରେ ନେବୁଚାଡ଼ନେଜର (Nelu-chadnezzar) ନାମରେ ଜଣେ ରାଜା ଥିଲେ । ସେ ବଡ଼ ପ୍ରତାପୀ ରାଜା ଥିଲେ । ତାଙ୍କର ବହୁତ ରାଣୀ ଥିଲେ । ଦିନେ କୌଣସି ପାର୍ବତ୍ୟ ସ୍ଥାନରେ ସେ ସୁନ୍ଦର ବାଳିକାଟିଏ ଦେଖିଲେ । ବାଳିକାର ରୂପ-ଯୌବନରେ ରାଜା ବିଭୋର ହୋଇଗଲେ । ସେ ତାକୁ ବାହା ହେଲେ । ବାଳିକା ପ୍ରାସାଦରେ ଗୋଟିଏ ଦେଲେ ହେଁ ତାକୁ ଏ ସୁରମ୍ୟ ପ୍ରାସାଦ ଦୃଷ୍ଟି ଲାଗିଲା ନାହିଁ । ଜଙ୍ଗଲ ଓ ପାହାଡ଼କୁ ତାର ମନ ବୁଲିଲା । ସେ କହିଲା ମତେ ଏ ସମତଳ ଭୂଇଁ ପସନ୍ଦ ହେଉନାହିଁ, ମୋତେ ଉଚ୍ଚ ଜାଗାକୁ ନେଇ-ଚାଲ । ତେଣୁ ରାଜା ତା ପାଇଁ ଏ ଉଦ୍ୟାନଟି ନିର୍ମାଣ କରିଥିଲେ । ବର୍ତ୍ତମାନ ଏହାର ନାମଗନ୍ଧ ମଧ୍ୟ ନାହିଁ ।

### ଜୁପିଟରର ମୂର୍ତ୍ତି

ଏହା ପ୍ରାଚୀନ ଯୁଗର ତୃତୀୟ ଆଶ୍ଚର୍ଯ୍ୟ । ଏହି ମୂର୍ତ୍ତିଟି ୬୦ ଫୁଟ ଉଚ୍ଚ ଓ ଖାଲି ସୁନା ଓ ହାତୀ ଦାନ୍ତରେ ତିଆରି । ଫିଦିୟସଙ୍କ ଦ୍ୱାରା ଏହା ନିର୍ମିତ ହୋଇଥିଲା । ଫିଡିୟସ ସେହି ଯୁଗରେ ଗ୍ରୀସର ବିଶ୍ୱ ବିଖ୍ୟାତ କଳାକାର ଥିଲେ । କଳା-କୌଶଳରେ ଗ୍ରୀକର ପ୍ରାଚୀନ ଯୁଗ ଅତୀବ ଗୌରବ ମୟ । ଜୁପିଟରର ମୂର୍ତ୍ତି ଏହାର ଜ୍ୱଳନ୍ତ ଉଦାହରଣ । ଏହାର ନିର୍ମାଣ ସମୟ ୫ ସାଲ ବୋଲି ସ୍ୱୀକାର କରାଯାଏ । ଏକ ହଜାର ବର୍ଷ ଲମ୍ବା ମୂର୍ତ୍ତିଟି ଠିଆ ହୋଇ ସଂସାରକୁ ଗ୍ରୀସର କଳା ଗୌରବର ଗାଥା ଶୁଣାଉଥିଲା । କିନ୍ତୁ ଅଧୁନା ତାହା କାଳର କବଳ ଗହ୍ୱରରେ ନଷ୍ଟ ହୋଇଯାଇଛି ।

### ଡାୟନର ମନ୍ଦିର

ଡାୟନା ଗ୍ରୀକମାନଙ୍କର ଏକ ଦେବୀଙ୍କ ନାମ । ଏହି ଆଶ୍ଚର୍ଯ୍ୟଜନକ ମନ୍ଦିର ତାଙ୍କ ସ୍ଥାପନା ପାଇଁ ନିର୍ମିତ ହୋଇଥିଲା । ଏହା ୩ ସାଲର କଥା । ଗ୍ରୀକମାନେ ଏସିଆ ମାଇନରର ଇଫିସୁସ ନଗରରେ ଉପନିବେଶ ସ୍ଥାପନ କରିବା ସମୟରେ ସେଠାକାର ଲୋକଙ୍କୁ ଏହି ଦେବୀଙ୍କର ଉପାସନା କରିବାର ଦେଖିଥିଲେ । ଡାୟନାଙ୍କର ଢେର ମନ୍ଦିର ଥିଲା । କିନ୍ତୁ ଏହି ମନ୍ଦିରଟି ସବୁଠାରୁ ସୁନ୍ଦର । କିନ୍ତୁ ଦୁଃଖର ବିଷୟ ତାର ନାମଗନ୍ଧ

## ନାଗବନ୍ଧୁ ଦଳ

### ଉଦ୍ଦେଶ୍ୟ

୧ । ଉତ୍କଳର କିଶୋର ପ୍ରାଣରେ ନବଜାଗରଣ ଆଣିବା, ଜାତିର ପରସ୍ପର ବଢ଼ାଇବା, ଚିତ୍ତମନର ବିକାଶ ଓ ସର୍ବାଙ୍ଗୀନ ଉତ୍କର୍ଷ ସାଧନ କରିବା ।

୨ । ଦେଶର ମଧ୍ୟ ଓ ପ୍ରାନ୍ତର ପତ୍ର ବିନିମୟ ଦ୍ୱାରା ତରୁଣମାନଙ୍କ ମଧ୍ୟରେ ପରସ୍ପର ଭାବର ଆଦାନ ପ୍ରଦାନ ବଢ଼ାଇବା ଓ ସେମାନଙ୍କ ମଧ୍ୟରେ ସ୍ନେହ ପ୍ରୀତି ଓ ସୌହାର୍ଦ୍ଦ୍ୟ ବଢ଼ାଇବା ।

୩ । ମାତୃଭାଷା ଓ ସାହିତ୍ୟ ପ୍ରତି କିଶୋର କିଶୋରୀଙ୍କର ଅନୁରାଗ ବଢ଼ାଇବା ।

୪ । ସତ୍ୟ ସେବା, ସାହସ ଓ ଅହିଂସା ସାଧନାରେ ସେମାନଙ୍କୁ ଉଦ୍ବୁଦ୍ଧ କରିବା ।

( ୧୮ ବର୍ଷରୁ ତଳ ବାଳକ ବାଳିକାମାନଙ୍କ ପାଇଁ )



Digitized by srujanika@gmail.com

ଏକ ଅସହ୍ୟଜାତ ୧୩୦ ସାଲରେ ନିଆଁ ଲଗାଇ ମନ୍ଦିରକୁ ପୋଡ଼ ଦେଲେ !

## ମସଲିୟମର କବର

ନିଜର ପ୍ରିୟା ମମତାଜ ବେଗମଙ୍କ ସ୍ମୃତି ଉଜ୍ଜୀବିତ କରି ରଖିବା ପାଇଁ ବାଦସାହା ସାଜାହାନ ଆଗ୍ରାରେ ବିଶ୍ୱ ବିଶ୍ରୁତ ତାଜମହଲ ନିର୍ମାଣ କରିଥିଲେ । ମସଲିୟମର କବରଟି ଏହିପରି ଏକ ସ୍ମୃତି ଜୀବିତ ରଖିବାର ସୃଷ୍ଟି । ଏହାକୁ ନିର୍ମାଣ କରିଥିଲେ ରାଣୀ ଆର୍ଟେମିସିୟା, ନିଜ ସ୍ୱାମୀ ମୋସଲମଙ୍କ ଛବି ଯୁଗଯୁଗ ଅମର କରି ରଖିବା ପାଇଁ । ମୋସଲମ କେରିୟାଙ୍କର (ଏସିଆ ମାଇନର) ରାଜା ଥିଲେ । ସେ ମରି ଯିବାରୁ, ରାଣୀ ଆର୍ଟେମିସିୟା ପତିଙ୍କ ସ୍ମୃତି ଜୀବନ୍ତ କରି ରଖିବାକୁ ମନ ବଳାଇଲେ । ଗ୍ରୀକ ଶିଳ୍ପୀଙ୍କ ନାଁ ସେତେବେଳେ ସ୍ଥାପତ୍ୟ-କଳାରେ ପ୍ରଧାନ ଥିଲା । ଶହ ଶହ ଶିଳ୍ପୀ ଡ଼କା ହେଲେ । ଅଜସ୍ର ଧନ ଖର୍ଚ୍ଚ କରି ଶେଷରେ ଏହି ସ୍ମୃତି-ସ୍ତମ୍ଭ ତିଆରି ହେଲା—ଯାହା ସଂସାରରେ ଅଦ୍ୱିତୀୟ । ବର୍ତ୍ତମାନ ଏହି କବରର ଚାରୁକାର୍ଯ୍ୟର କିଛି ନମୁନା ଲଣ୍ଡନର ବ୍ରିଟିଶ ମ୍ୟୁଜିୟମରେ ସୁରକ୍ଷିତ । ଅବଶିଷ୍ଟର କୌଣସି ଚିହ୍ନ ବା ନାମଗନ୍ଧ ନାହିଁ ।

## କଲୋସସର ମୂର୍ତ୍ତି

ଏହି ମୂର୍ତ୍ତି ସୂର୍ଯ୍ୟଦେବ ହିଲିୟସଙ୍କର । ଏହାର ଉଚ୍ଚତା ପ୍ରାୟ ଶହେ ଫୁଟ । ସମୁଦାୟ ମୂର୍ତ୍ତିଟି ବ୍ରୋଞ୍ଜ ଧାତୁରେ ନିର୍ମିତ । ୨୮୦ ସାଲରେ ଏସିଆ ମାଇନରର ଉତ୍ତର-ପଶ୍ଚିମ ସ୍ଥିତ ରୋଡ଼ସ୍ ବନ୍ଦର ଉପରେ ଏହା ନିର୍ମିତ ହୋଇଥିଲା । ଯଉଁ ରାସ୍ତାରେ ବନ୍ଦରରେ ଜାହାଜ ଯାତାୟାତ କରୁଥିଲା, ତାର ଗୋଟିଏ ପାଖରେ ଏହି ମୂର୍ତ୍ତିଟି ଠିଆ ହୋଇଥିଲା । କିନ୍ତୁ ଦୁର୍ଭାଗ୍ୟ ବଶତଃ ୫୬ ସାଲ ପରେ ଭୀଷଣ ଭୂମିକମ୍ପରେ ଏହାର ଅବସାନ ହୋଇଗଲା ।

## ଫେରୋ

ଫେରୋ ଅଲେକଜାଣ୍ଡ୍ରିଆରେ ନିର୍ମିତ ଏକ ପ୍ରକାର ଗୃହ । ଏହାର ଗୋଟିଏ ଛୋଟ ଇତିହାସ ଅଛି । ଅଲେକଜାଣ୍ଡ୍ରିଆର ସ୍ଥାପନା ମହାବୀର ଅଲେକଜାଣ୍ଡର କରିଥିଲେ । ନଗର ନିକଟରେ ଫେରୋ ନାମକ ଗୋଟିଏ ଛୋଟ ଟାପୁ ଥିଲା । ସେ ତଳେ ଗୋଟିଏ ପୋଲ ନିର୍ମାଣ କରି ଏହି ଦୁଇଟିକୁ ଏକ କରି ଦେଲେ । ମିଶରର ରାଜା ଟାଲେମି ଫେରୋର ପ୍ରବେଶ ପଥରେ ଗୋଟିଏ ଆଲୋକ—ଘର ନିର୍ମାଣ କରିଥିଲେ । ତାହା ଖୁବ ସୁନ୍ଦର ଥିଲା । ତାର ଉଚ୍ଚତା ପ୍ରାୟ ୨୫ ଫୁଟ । ଧଳା ପ୍ରସ୍ତର ମାର୍ବଲ ପଥରରେ ତିଆରି ଓ ତା ଉପରୁ ସବୁଦା ଏକ ଉଜ୍ଜ୍ୱଳ ପ୍ରକାଶ ନିର୍ଗତ ହେଉଥାଏ । ସମୁଦ୍ରରେ ଯାଉଥିବା ନାବିକମାନଙ୍କର ଏହି ପ୍ରକାଶ ନିଶ୍ଚୟ ପଥ-ପ୍ରଦର୍ଶକର କାର୍ଯ୍ୟ କରେ ।

ଶ୍ରୀ ଲକ୍ଷ୍ମୀ ନାରାୟଣ ମହାନ୍ତି
୨ୟ ଶ୍ରେ

### କୁପନ୍

ଅଜା,

ମୁଁ ଜଣେ ନାତିନାତୁଣୀ ହେବାକୁ ଚାହେଁ; ମୋର ବୟସ ୧୮ ବର୍ଷରୁ କମ୍ । ମୁଁ ସତ୍ୟ ସାହସ ସେବା ଓ ଅହିଂସା ପାଳନ କରିବାକୁ ଚେଷ୍ଟା କରିବି । ଆପଣଙ୍କର ନାତିନାତୁଣୀ ଦଳରେ ମୋ ନାମ ଲେଖାଇ ଦେବେ । ମୁଁ ଏଥି ସହ ୫୦/୫୦ ର ଡାକ ଟିକଟ ପଠାଇଲି ।

ତୁମ ସ୍ନେହର ନାତିନାତୁଣୀ

ଶ୍ରୀ ______________

ଠିକଣା ______________

ତାରିଖ


### ପୁରୁଷର ଭାଗ୍ୟ

ସୌଭାଗ୍ୟର ସୁଯୋଗ ନେବା ଓ ଦୁର୍ଭାଗ୍ୟରେ ସାବଧାନ ହେବା ପ୍ରତ୍ୟେକର କର୍ତ୍ତବ୍ୟ । ସେଥିପାଇଁ ଜ୍ୟୋତିଷ ଶାସ୍ତ୍ରର ସୃଷ୍ଟି । ପ୍ରତ୍ୟେକ ବ୍ୟକ୍ତି ନିଜର ଭାଗ୍ୟ ଗଣନା କରାନ୍ତୁ ।

ପାରିଶ୍ରମିକ:—

୧ । ଅବର୍ଣ୍ଣ ଜନ୍ମ ପତ୍ରିକା ( କୋଷ୍ଠି ) ଟ ୧ ୧(
୨ । ତାଳପତ୍ର ସଂକ୍ଷିପ୍ତ ଜନ୍ମ ପତ୍ରିକା ଟ ୦ ୫
୩ । ବିବାହ ମେଳକ କୋଷ୍ଠି ବିଚାର ଟ ୦ ୫
୪ । ଦଶା, ଅନ୍ତରଦଶା, ପ୍ରତ୍ୟନ୍ତରଦଶା ଫଳ ଟ ୧ (
୫ । ସଂକ୍ଷିପ୍ତ ଆୟୁର୍ଦାୟ ଟ ୫ ।

ନ: ବ୍ର:—ଜନ୍ମର ଠିକ୍ ତାରିଖ ଓ ସମୟ ଦେବାକୁ ଭୁଲିବେ ନାହିଁ ।

ଶ୍ରୀ ଅନନ୍ତ ଚରଣ ସାହୁ, ମାଷ୍ଟର
ପୁରୁଣାବଜାର, ଭଦ୍ରକ ।

### ଭଲ ମଞ୍ଜିରୁ ଭଲ ଗଛ

ବିଶ୍ୱସ୍ତ ପ୍ରତିଷ୍ଠାନରୁ ସୁପରୀକ୍ଷିତ ମଞ୍ଜି କିଣିଲେ ଠକିବାର ଆଶଙ୍କା ନଥିବ । ମୂଲ୍ୟ ତାଲିକା ଦରକାର ଲେଖନ୍ତୁ । ପରୀକ୍ଷା ପ୍ରାର୍ଥନୀୟ ।

ଟଙ୍କାଠାରୁ କମ୍ ଅର୍ଡର ଭି: ପି: ରେ ପଠାଯାଏ ନାହିଁ । ଦଶଟଙ୍କା ବା ଅଧିକ ମୂଲ୍ୟର ପାର୍ସଲରେ ଡାକମାସୁଲ ପଡ଼ିବ ନାହିଁ ।

ଏଜେଣ୍ଟ ନ ୩୦୪ ନମ୍ବର
ବାଲସିଡ଼୍ ଷ୍ଟୋର
ପୋଃ ଅଃ ବାଲି ( Bally )
ଜିଲ୍ଲା—ହାଓଡ଼ା

### ପ୍ରିୟଜନର ସ୍ମୃତି

ସ୍ମୃତିରେ ଓ ସୁଖରେ ସବୁବେଳେ ଆନନ୍ଦଦାୟକ ଆପଣ ଥରେ ପରାମର୍ଶ କରନ୍ତୁ :—

ଏସ୍ ଜିଆଉଲ୍ଲା
ଫଟୋ ହାଉସ୍, ଚୌଧୁରୀବଜାର
କଟକ ।

(ଓଡ଼ିଶାର ଯେ କୌଣସି ସ୍ଥାନକୁ ଯାଇ ଫଟୋ ଉଠା-ଯାଇପାରେ ।)


Digitized by srujanika@gmail.com



## ବଡ଼ଦେଶ——

ରୁଷ ଜର୍ମାନ ଯୁଦ୍ଧର ଅନିଶ୍ଚୟତା ଦେଖି ଯାଉଛି। ଲିଙ୍ଗ୍ରୀ ବେଷ୍ଟପୋର୍ଟରେ ରୁଷ୍ ସେନା ଅଗ୍ରସର କଲେ ଓଡେସାଠାରେ ଜର୍ମାନ ସୈନ୍ୟ ଅଗ୍ରସର ହେଉଛନ୍ତି। ସୁଦ୍ଧା ତେଜାଶ ପ୍ରଧାନ କେନ୍ଦ୍ର ମଧ୍ୟରୁ ଉତ୍ତର ପ୍ରାଙ୍ଗଣରେ ଯୋଗ ଦେଇଛି ଲିଲ ବେନ୍ ଲେନିନ୍‌ଗ୍ରାଡ୍ ଅବରୋଧହିଁ ମୁଖ୍ୟ ହୋଇ ପଡ଼ିଛି। ଜର୍ମାନ ମତରେ—ଲେନିନ୍‌ଗ୍ରାଡ୍ ରେଳ ପଥକୁ କେତେକ ସ୍ଥାନରେ ଦଖଲ କରିଛି। ସହରର ନିକଟସ୍ଥ ୧୫ ମାଇଲ ଦୂରରେ ଦେବା ଲଡୋଗା ହ୍ରଦ ତଟବର୍ତ୍ତୀ ଶ୍ଲୁସେଲବର୍ଗ ଦୁର୍ଗ ଜର୍ମାନ ଦଖଲ କରିଛି ଓ ଫିନ୍‌ମାନେ ଲଡୋଗା ଓନେଗା ହ୍ରଦ ମଧ୍ୟବର୍ତ୍ତୀ ସ୍ୱିରି ନଦୀରେ ଉପନୀତ। ଏହା ଯଦି ସତ୍ୟ ହୁଏ ତେବେ ଲେନିନ୍‌ଗ୍ରାଡ୍ ସ୍ଥଳ ସଂଯୋଗରୁ ବଞ୍ଚିତ। କେବଳ ପଶ୍ଚିମରେ ପରାକ୍ରାନ୍ତ ରୁଷ୍ ନୌବାହିନୀର ସାହାଯ୍ୟ ଏକମାତ୍ର ଭରସା। ରୁଷ୍ ସରକାର ଏହି ମୂଲ୍ୟବାନ ସହରର ରକ୍ଷା ପାଇଁ ମାର୍ଶାଲ ଭୋରୋଶିଲୋଭଙ୍କ ତତ୍ତ୍ୱାବଧାନରେ ଯଥୋଚିତ ବ୍ୟବସ୍ଥା କରିଛନ୍ତି। ତେଣୁ ଏହି ଲେନିନ୍‌ଗ୍ରାଡ୍ ସଂଗ୍ରାମରେ ଜର୍ମାନର ବହୁ କ୍ଷତି ଦେଖିଲାଣି।

ରୁଷ୍, ମଧ୍ୟ ପ୍ରାଙ୍ଗଣରେ ଜର୍ମାନ ସୈନ୍ୟ ପଛେଇବାକୁ ବାଧ୍ୟ ହୋଇଛି। ସ୍ମୋଲେନସ୍କ ନିକଟସ୍ଥ ୟେଲ୍‌ନିଆ ଓ ବହୁ ଗ୍ରାମ ରୁଷ୍ ସୈନ୍ୟ କର୍ତ୍ତୃକ ପୁନରଧିକୃତ ହୋଇଛି। ଜର୍ମାନ ବାହିନୀ ପୃଷ୍ଠଭଙ୍ଗ ଦେଇ ପଳାଉଛନ୍ତି। ଗୋମେଲ ପଥରେ ଜର୍ମାନ ଅଗ୍ରଗତି ପ୍ରତିହତ ହୋଇଛି। ନୀପରର ଅନ୍ୟାନ୍ୟ ସ୍ଥାନରେ ଭୀଷଣ ଯୁଦ୍ଧ ଚାଲିଥିଲେ ମଧ୍ୟ ଜର୍ମାନମାନେ ଅଗ୍ରସର ହୋଇ ପାରୁ ନାହାନ୍ତି। ତଥାପି ଅଦ୍ୟାପି ଟାଲିନ ଓ ବଲ୍‌ଟିକ ପୋର୍ଟ ଏବଂ ଇଷ୍ଟୋନିଆରେ ଓଡେଶାର ୧୫ ମାଇଲ ପୂର୍ବବର୍ତ୍ତୀ ବେରେଜୋଭ ଜର୍ମାନମାନେ ଦଖଲ କରିଛନ୍ତି। ଫିନ୍‌ମାନେ ଭିପୁରି ଦଖଲର ଦାବି କରନ୍ତି। ସେମାନେ ପ୍ରାଚୀନ ଫିନ୍‌ଲାଣ୍ଡର ସୀମାନ୍ତରେ ପହଞ୍ଚି ଦେଶରେ ଶାନ୍ତି ଆଣିବ ଏବଂ ନିଜର ଶକ୍ତି ସାମର୍ଥ୍ୟକୁ ଚାହିଁ ଆଉ ଅଗ୍ରସର ହେବାର ଇଚ୍ଛା ପ୍ରକାଶ ନକରିବାର ଜଣା ଯାଉଛି। କେତେ ଜର୍ମାନର ହୃଦ୍‌ମର୍ଦ୍ଦନେ ଫିନସ କର୍ତ୍ତୃପକ୍ଷ ଘୋଷଣା କରନ୍ତି ଯେ ସେ ରୁଷ୍ ସହିତ ପୃଥକ୍ ସନ୍ଧି କରିବେ ନାହିଁ।

ଦକ୍ଷିଣ ୟୁକ୍ରେନରେ ଜର୍ମାନମାନେ ନୀପର ନଦୀ ପାର ହେବା ପାଇଁ ସଚେଷ୍ଟ। ତେବେଶ ପଶ୍ଚିମରେ ରୁଷ୍ ବାହିନୀ ନୀପର ଅତିକ୍ରମ କରି ଫେରାଇ ଦବାଇ ନିଜଛି। କୃଷ୍ଣସାଗର ତଟବର୍ତ୍ତୀ ଓଡେଶା ଜର୍ମାନ ଓ ରୁମାନିଆର ଆକ୍ରମଣ ବ୍ୟୁହରେ ଘେରାଇ ଆତ୍ମରକ୍ଷା କରୁଛି। କିନ୍ତୁ ବହିଃସଂଯୋଗ ହେଉ ହୋଇଛି। ଏହି ଯୁଦ୍ଧରେ ବହୁ ରୁମାନିଆନ୍ ସୈନ୍ୟ ଯୋଗ ଦେଇଛନ୍ତି ଓ ଅନେକ ମୃତ୍ୟୁ ମୁଖରେ ପତିତ ହେଉଛନ୍ତି। ବୁଲଗେରିଆର ଭାର୍ନା ଓ ବର୍ଗାସ ବନ୍ଦରରେ ବହୁ ଏକ୍ସିସ ଜାହାଜ ଏକତ୍ରିତ। ଶୁଣାଯାଏ ଓଡେଶା ଦଖଲ କରି ବୁଲଗେରିଆର ସେନା ସାହାଯ୍ୟରେ କୃଷ୍ଣସାଗର ବାଟେ ଜର୍ମାନମାନେ କ୍ରିମିଆ ଆକ୍ରମଣ କରି ପାରନ୍ତି। କିନ୍ତୁ ବୁଲଗେରିଆର ଜନସାଧାରଣ ରୁଷ୍ ପ୍ରତି ଅନୁରକ୍ତ ବୋଲି ଜଣାଯାଏ। ମାତ୍ର ବୁଲଗେରିଆର କର୍ତ୍ତୃପକ୍ଷ ଜର୍ମାନ ପକ୍ଷ ଗ୍ରହଣ କରିଛନ୍ତି ଏବଂ ୧୫୦୦୦ ସୁଦୀକୁ ଉକ୍ରେନକୁ ଖାଦ୍ୟ ସରବରାହ ପାଇଁ ପଠାଇଛନ୍ତି।

ଶ୍ରୀ ଚର୍ଚ୍ଚିଲଙ୍କ ଘୋଷଣାରୁ ଜଣାଯାଏ ଯେ ଗତ ଜୁଲାଇ ଓ ଅଗଷ୍ଟରେ ଶତ୍ରୁପକ୍ଷର ନଷ୍ଟ ଜାହାଜର ପରିମାଣ ଆମ କ୍ଷତିର ତିନିଗୁଣ। ଇଂରାଜମାନେ ଇଉରୋପର ପ୍ରଧାନ ପ୍ରଧାନ ଜର୍ମାନ ଘାଟି ଉପରେ ବୋମା ବର୍ଷଣ କରନ୍ତି। ଭୂମଧ୍ୟ ସାଗରରେ ଓ ଇଉରୋପର ପଶ୍ଚିମ ଉପକୂଳରେ ବହୁ ଶତ୍ରୁପକ୍ଷର ବନ୍ଦରର ଉପରେ ପୁନଃପୁନଃ ବୋମାବର୍ଷଣ ହୋଇଛି। ବ୍ରିଟିଶବାହିନୀ ନରୱେର ଉତ୍ତରରେ ମେରୁସାଗରସ୍ଥ ନରୱେଜିଆନ ଦ୍ୱୀପ ସ୍ପିଜ୍‌ବର୍ଗରେ ଅବତରଣ କରି ସେଠାରୁ ଜର୍ମାନଙ୍କୁ କୋଇଲା ସରବରାହ ବନ୍ଦ କରି ଦେଇ ପାରିଛନ୍ତି।

ଇରାନ ସହିତ ଇଂରାଜ ଓ ରୁଷଙ୍କର ସମ୍ପୂର୍ଣ୍ଣ ଶାନ୍ତିସର୍ତ୍ତ ସ୍ୱାକ୍ଷରିତ ହୋଇଛି। ଇରାନରେ ଜର୍ମାନ ଇଟାଲି, ହଙ୍ଗେରି ଓ ରୁମାନିଆର ଦୂତାବାସ ବନ୍ଦ କରାଯାଇଛି। ଇରାନ ସୈନ୍ୟମାନେ ସେମାନଙ୍କ ନିର୍ଦ୍ଦିଷ୍ଟ ଇଲାକା ଭିତରେ ଅସ୍ତ୍ରଶସ୍ତ୍ର ରଖି ପାରୁଛନ୍ତି।

ଏମେରିକାର ଗ୍ରୀୟର ନାମକ ଡେଷ୍ଟ୍ରୟର ଜର୍ମାନ ଆକ୍ରମଣରେ ଧ୍ୱଂସ ହୁଏ। ଏଥିପାଇଁ ଆମେରିକା ଅତ୍ୟନ୍ତ ଗରମ ହୋଇ ଉଠିଛନ୍ତି। ଜର୍ମାନ କହନ୍ତି ଯେ ତାଙ୍କ ଟର୍ପେଡୋକୁ ଉକ୍ତ ଡେଷ୍ଟ୍ରୟର ପ୍ରଥମେ ଡେପ୍ଥଚାର୍ଜ ଆକ୍ରମଣ କରିବାରୁ ଆତ୍ମରକ୍ଷା କରିବାକୁ ଯାଇ ଫଳ ଏପରି ଘଟିଛି। ଇତିପୂର୍ବରୁ ଲୋହିତ ସାଗରରେ ଜାହାଜ ଷ୍ଟିଲ୍ ସିଫେୟାରର ମଧ୍ୟ ସମ୍ଭବତଃ ଜର୍ମାନ ହାତରେ ନଷ୍ଟ ହୁଏ। ସେଥିପାଇଁ ଜର୍ମାନଙ୍କୁ ଧମକ ଦେଇ ପ୍ରେସିଡେଣ୍ଟ ରୁଜଭେଲ୍ଟ ଏକ ବକ୍ତୃତା ଦେଇଛନ୍ତି।

ଚର୍ଚ୍ଚିଲ ମହାଶୟ ନିଜର ଆନ୍ତରିକତା ପ୍ରକାଶ କରି ଏକ ବକ୍ତୃତା ଦେଇଥିଲେ ଯେ—"ଅମର ଅଦୃଷ୍ଟ ନିୟନ୍ତ୍ରଣ ଆମର ହାତରେ।"

## ଦେଶ

ଚର୍ଚ୍ଚିଲ ସାହେବ ଭାରତକୁ କେନ୍ଦ୍ର କରି କମନ୍ସ ସଭାରେ କହିଛନ୍ତି ଯେ ଚାର୍ଟରଟି ତାଙ୍କର ଘୋଷଣା ଭାରତ ପକ୍ଷରେ ପ୍ରଯୁଜ୍ୟ ନୁହେଁ।

ଜିନାଙ୍କର ପ୍ରସ୍ତାବ ସ୍ୱୀକାର କରି ଫଜଲୁଲ ହକ୍ ଉଭୟ ଡିଫେନ୍‌ସ କାଉନ୍‌ସିଲ ଓ ମୁସ୍‌ଲିମ ଲିଗ୍‌ରୁ ଇସ୍ତଫା ଦେଇଛନ୍ତି।

କଲିକତାରେ ପ୍ରବାସୀ ଉତ୍କଳ ସାହିତ୍ୟ ସମ୍ମିଳନୀ ହୋଇଯାଇଛି।

---

### ଆସନ୍ତା ସଂଖ୍ୟାରେ
### ହନୁମନ୍ତ ବସ୍ତ୍ରହରଣ
( ରଙ୍ଗନାଟକ )

ଗଡ଼ମୋଗଲମ ଭଞ୍ଜଦେଇଙ୍କ ରହସ୍ୟ ବାହାରିବ



Digitized by srujanika@gmail.com

# ଶ୍ରୀ ବ୍ରଜେନ୍ଦ୍ରନାଥ ନାୟକ ଜୁଏଲର

ଦରଘାବଜାର, ପୋ. —କଟକ ।








୫ ୨୦୯ ଙ୍କା ପୁରସ୍କାର !      ୫ ୨୦୯ ଙ୍କା ପୁରସ୍କାର !

ଉଦ୍‌ବ୍ୟକ୍ତିମାନଙ୍କର ଫରମାସି ଅନୁସାରେ ଆମ୍ଭେମାନେ ଖାଣ୍ଟି ସୁନା, ରୁପା ଏବଂ ବହୁ ମୂଲ୍ୟ ପଥରର ଚମତ୍କାର ଅଳଙ୍କାରମାନ ମନ ମୁତାବକ ପ୍ରସ୍ତୁତ କରିଥାଉଁ । ଆମ୍ଭମାନଙ୍କର ବ୍ୟବସାୟ ଆରମ୍ଭ ଦିନରୁ ଆଜଯାଏ କୌଣସି ଉଦ୍‌ବ୍ୟକ୍ତି ଆମ୍ଭମାନଙ୍କର ସାଧୁତା ସମ୍ବନ୍ଧରେ କେବେହେଲେ ସନ୍ଦେହ କରିନାହାନ୍ତି । ଆମ୍ଭେମାନେ ଏହି କାର୍ଯ୍ୟାଳୟଟିକୁ ନୂତନ ପ୍ରତିଷ୍ଠା କରିଥିବାରୁ ବଜାରରେ ଦର ଅପେକ୍ଷା ବହୁ ମୂଲ୍ୟ ସୁଲଭରେ ଅଳଙ୍କାର ପ୍ରସ୍ତୁତ କରିଥାଉଁ ବାହାର ଗ୍ରାହକମାନଙ୍କରେ ଆମ୍ଭେମାନେ କାହାରିକୁ ଠକିବାକୁ ଦେବାକୁ ଚାହୁଁନାହିଁ । ପ୍ରତ୍ୟେକ ପଦାର୍ଥକୁ ତନ୍ନ ତନ୍ନ କରି ପରୀକ୍ଷା କରିବାର ସୁବିଧା ଆମେ ଦେଇଥାଉଁ । କେହି କୌଣସି ପ୍ରକାର ଦୋଷ ଦେଖାଇ ପାରିଲେ ଆମ୍ଭେମାନେ ୫୨୦୯ଙ୍କା ପୁରସ୍କାର ଦେବାକୁ ପ୍ରସ୍ତୁତ ଅଛୁଁ ସାଧାରଣଙ୍କର ସହାନୁଭୂତି ପ୍ରାର୍ଥନୀୟ —

ଶଗାତ

**ଶ୍ରୀ ବ୍ରଜେନ୍ଦ୍ରନାଥ ନାୟକ**

ଦରଘା ବଜାର, ପୋ:—କଟକ ।

---

# ଭ୍ରାମରୀ ରସାୟନ

## ବାତରକ୍ତ ଓ କୁଷ୍ଠର ଅବ୍ୟର୍ଥ ମହୌଷଧ

ଏହା ପ୍ରାଚୀନ ରସାୟନର ପରୀକ୍ଷା ଦ୍ୱାରା ପ୍ରସ୍ତୁତ ହୋଇଅଛି । ବାତରକ୍ତ ଓ କୁଷ୍ଠ ପ୍ରାୟ ଏକରୂପ ବ୍ୟାଧି, ମାତ୍ର ଲକ୍ଷଣ ଭେଦରେ ପ୍ରକାର ଭେଦ ହୋଇଥାଏ । ଏହି ରୋଗ ଶରୀରରେ ଜନ୍ମିବା ପୂର୍ବରୁ ନାନାପ୍ରକାର ଛଉ ବା ବିକୃତ ଚର୍ମ, ଟାଙ୍ଗିଆ ଜ୍ୱାଳା ଶାରୀରିକ ଅବସାଦ, ମୂତ୍ରବନ୍ଧବତ୍ ବେଦନା ଆଳସ୍ୟ, ଅବଶନ୍ନତା, ନାଡିକା ଓ କଣ୍ଠର ସ୍ଥୂଳତା ଓ କୋଷ୍ଠବଦ୍ଧତା ପ୍ରଭୃତି ଉପସର୍ଗମାନ ଦେଖାଯାଏ । ଉପରୋକ୍ତ ରୋଗମାନଙ୍କ ଦୂରୀକରଣାର୍ଥେ ଅମୃତ ଏହି "ଭ୍ରାମରୀ ରସାୟନ" ଏକମାତ୍ର ପରମ ମହୌଷଧ । ଏହା ଏକମାସ ସେବନ କଲେ ଏହାର ଉପକାରିତା ନିଜେ ନିଜେ ବୁଝିପାରିବ । ଏକମାସ ସେବନ ଉପଯୋଗୀ ଔଷଧର ମୂଲ୍ୟ ୫୮୯ **ଭ୍ରାମରୀ ତୈଳ:**—ଏହା ଦେହରେ ମାଲିସ୍ କଲେ ଦେହର ଛଉ ପ୍ରଭୃତି ଅଚିରେ **ଆରୋଗ୍ୟ** ହୁଏ । ଏକଶିଶି ୫୨୯ଙ୍କା ମାତ୍ର ୫୨୯ଙ୍କା ମାତ୍ର ।

**ବାୟୁକଳ୍ପ ଔଷଧାଳୟ**

**ବୈଦ୍ୟରାଜ:—ଶ୍ରୀ ଲକ୍ଷ୍ମୀନାରାୟଣ ଆଚାର୍ଯ୍ୟ** ଆୟୁର୍ବେଦ ଶାସ୍ତ୍ରୀ

ଆଲମଚାନ୍ଦ ବଜାର, କଟକ ।

---

କବିରାଜ ଶ୍ରୀଧର ଗର୍ଗବିଦ୍ୟାଭୂଷଣାଚାର୍ଯ୍ୟଙ୍କ ଦ୍ୱାରା ଉଦ୍‌ଭାବିତ ଓ ଆଜକୁ ଦଶବର୍ଷ ଯାବତ୍ ପରୀକ୍ଷିତ ଔଷଧାବଳୀ ।

# ସ୍ୱପ୍ନ ସୁନ୍ଦରୀ

ଧାତୁ ଦୌର୍ବଲ୍ୟଗ୍ରସ୍ତ ଯୁବକମାନଙ୍କର ନିଦ୍ରାବସ୍ଥାରେ କାମୋତ୍ତେଜକ ସ୍ୱପ୍ନ ଦର୍ଶନେ ଶୁକ୍ରକ୍ଷୟ ହୋଇଥାଏ । ଏହି ରୋଗ ଅତ୍ୟନ୍ତ ଅସ୍ତ୍ର ଏତେ ପ୍ରବଳ ହୋଇ ଥାଏ ଯେ କାହାରି ଦିନାରେ ଶୋଇଲେ ଯାହେ ଶୁକ୍ରକ୍ଷୟ ହୁଏ । ଏହି ରୋଗ ଶରୀରର ବଳ, ବୀର୍ଯ୍ୟ, ଅଗ୍ନି, ସ୍ମୃତି ଇତ୍ୟାଦି ହରଣ କରି ଅନେକାଂଶରୁ କ୍ଷୀଣରେ ଭରି ରୋଗୀଙ୍କୁ ଅକାଳ ବାର୍ଦ୍ଧକ୍ୟ ଘଡ଼ ଭରି ଦେଇ ଥାଏ । ପରିଶେଷରେ ମଧ୍ୟ ଏହିପରି ଶୁକ୍ରକ୍ଷୟ ହେତୁରୁ ଧ୍ୱଜଭଙ୍ଗ ରୋଗ ଉପସ୍ଥିତ ହୋଇଥାଏ । **ଅମୃତ** ସ୍ୱପ୍ନ ସୁନ୍ଦରୀ ଔଷଧ **କିଛିଦିନ** ନିୟମିତ ବ୍ୟବହାର କଲେ ସ୍ୱପ୍ନଦୋଷ ଓ ତଜ୍ଜନିତ ଶୁକ୍ରକ୍ଷୟ ନିବାରିତ ହୋଇ ଶରୀର ହୃଷ୍ଟ ପୁଷ୍ଟ ଓ ବଳିଷ୍ଠ ହୋଇଥାଏ ।

**ମୂଲ୍ୟ**—୬୦ ଗୋଟା ବଟିକା ପୂର୍ଣ୍ଣ ଏକ ଶିଶିକୁ ୫୨। । ୩୦ ଗୋଟା ବଟିକା ପୂର୍ଣ୍ଣ ଶିଶିକୁ ୫୧୫ । ଡାକଖର୍ଚ୍ଚ ସ୍ୱତନ୍ତ୍ର ।

ଠିକଣା: ଶ୍ରୀଧର ଗର୍ଗବିଦ୍ୟାଭୂଷଣାଚାର୍ଯ୍ୟ, ଜୁବନେଶ୍ୱର—ପୁରୀ

Printed & published at the Gopinath Press, Bhadrak, by G. C. Mahapatra and issued from Dagaro Office Bhadrak.

Digitized by srujanika@gmail.com

ମାଭୈଃ— —ମାଭୈଃ— —ମାଭୈଃ

ଯୁଦ୍ଧ ବା ଅନ୍ୟମାନଙ୍କ ଅଧିକାରରେ ପ୍ରଭାବିତ ନ ହୋଇ ନିୟମିତ ଭାବରେ କିଛି କିଛି ସଞ୍ଚୟ କରି ନିଜର ବାର୍ଦ୍ଧକ୍ୟ ଓ ପରିବାରବର୍ଗଙ୍କ ପାଇଁ ଅର୍ଥର ସଂସ୍ଥାନ କରନ୍ତୁ । ଅନ୍ତର୍ଜାତିକ ଅନିଶ୍ଚିତତା ଓ ଆର୍ଥିକ ଦୁର୍ଗତିରେ ଜୀବନବୀମାହିଁ ଏକମାତ୍ର ନିରାପଦ, ଲାଭଜନକ ଓ ନିର୍ଭର ଯୋଗ୍ୟ ଲଗାଣି ।

ଏ ଦୁର୍ଦ୍ଦିନରେ "ହିନ୍ଦୁସ୍ଥାନ"ରେ ବୀମା କରି ବା ପ୍ରତିନିଧି ହୋଇ ଲାଭବାନ ହୁଅନ୍ତୁ ।

# ହିନ୍ଦୁସ୍ଥାନ କୋ-ଅପରେଟିଭ

## ଇନସିଓରେନ୍ସ ସୋସାଇଟି ଲିଃ

ହେଡ଼ ଅଫିସ—କଲିକତା

**ସୁଦୃଢ଼ତାର ସୂଚନା —**

ମୋଟ ଚଳନ୍ତି ବୀମା — ୧୭ କୋଟି ୨ ଲକ୍ଷରୁ ଊର୍ଦ୍ଧ୍ୱ । ମୋଟ ବୀମା ପାଣ୍ଠି — ୩ କୋଟିରୁ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ।

ମୋଟ ସମ୍ପତ୍ତି — ୩ କୋଟି ୫୭ ଲକ୍ଷରୁ ଊର୍ଦ୍ଧ୍ୱ । ୧୯୪୦ ରେ ନୂତନବୀମାର ପରିମାଣ ୨ କୋଟି ୭୫ ଲକ୍ଷରୁ ଊର୍ଦ୍ଧ୍ୱ ।

ବିଶେଷ ବିବରଣୀ ପାଇଁ ନିମ୍ନଲିଖିତ ଠିକଣାରେ ଅନୁସନ୍ଧାନ କରନ୍ତୁ ।

ଏନ୍ ଦତ୍ତ
ସେକ୍ରେଟେରୀ
ହିନ୍ଦୁସ୍ଥାନ ବିଲ୍ଡିଙ୍ଗ୍ସ, କଲିକତା ।

ଅର୍ଗାନାଇଜର—**ନରେନ୍ଦ୍ର ପ୍ରସାଦ ଦାସ**
ହିନ୍ଦୁସ୍ଥାନ କୋ-ଅପରେଟିଭ୍ ଇନସିଓରେନ୍ସ ସୋସାଇଟି ଲିଃ ।
ଗୃଦଗାଗ୍ରୈବ, କଟକ ।

# ଦାର୍ଜିଲିଙ୍ଗ ବେଙ୍କ ଲିମିଟେଡ

## କଟକ ଶାଖା—

ଜନ ସାଧାରଣଙ୍କର ବ୍ୟବସାୟର ଉନ୍ନତି ପାଇଁ ଦାର୍ଜିଲିଙ୍ଗ ବେଙ୍କର କଟକ ଶାଖା ମଙ୍ଗଳାବାଗସ୍ଥ ବାସନ୍ତୀ ବନ୍ୟୁରେନ୍ସ କୋଠାରେ ଖୋଲା ହୋଇଛି । ସମସ୍ତ ପ୍ରକାର ବେଙ୍କର କାର୍ଯ୍ୟ କରାହୁଏ । ନିମ୍ନଲିଖିତ ଠିକଣାରେ ଅନୁସନ୍ଧାନ କରନ୍ତୁ ।

ଓଡ଼ିଶା ଅଫିସ, ମଙ୍ଗଳାବାଗ କଟକ ।

## "ଜଗନ୍ନାଥ ସାହିତ୍ୟ ସମିତି"ର

## ସଂଘର୍ଷ ଓ ନୈବେଦ୍ୟ ପ୍ରକାଶ ପାଇଛି ।

**୩ୟ ଅବଦାନରେ**

Detective କାହାଣୀ **"ମାୟାପୁରୀ"** ପ୍ରକାଶିତ ହେବ

ଟ ୧ ୮ ଦେଇ ସଭ୍ୟ ହେଲେ ସଂଘର୍ଷ ବିନା ମୂଲ୍ୟରେ ଓ ପରବର୍ତ୍ତୀ ଅଧା ଦାମରେ ନିମ୍ନଲିଖିତ ସ୍ଥାନରୁ ଆମ୍ଭ ବହି ମିଳି ପାରିବ ।

(1) Utkal Book Ajency, Ranihat, (2) Saraswata Bhandar, ବାଲୁବଜାର (3) Orissa Book Emporium, ବାଲୁବଜାର (4) The Book Stall, ଚୌଧୁରୀ ବଜାର (5) The National Publishing Co., ଚାନ୍ଦନୀଚୌକ (6) The Students' Store, ଚାନ୍ଦନୀଚୌକ କଟକ (7) The Students' Store—ବ୍ରହ୍ମପୁର (୮) ବିକଳ ଚରଣ ମହାନ୍ତି, Straight Mile Road—ଜାମସେଦପୁର (୯) ମହେଶ୍ୱର ଦାସ, 1/3 Hidaram Banerji Lane—କଲିକତା (୧୦) ଶ୍ରୀ ଲକ୍ଷ୍ମୀନାରାୟଣ ମହାନ୍ତି—କରାପୁଟ ।

ଅନ୍ୟାନ୍ୟ ସ୍ଥାନରେ ଏଜେଣ୍ଟ ଆବଶ୍ୟକ । ଟଙ୍କା ଓ ଚିଠିପତ୍ର ସମ୍ପାଦକ, ଜଗନ୍ନାଥ ସାହିତ୍ୟ ସମିତିଙ୍କ ପାଖରେ ପଠାଇବେ ।

Digitized by srujanika@gmail.com



# ସ୍ୱଦେଶୀ ପ୍ରୀତି




ଗୃସ୍ଥ — ନେହେରୁ ସିଗାରେଟ୍ — ନେତାଓଁକେ ଲିଏ !

୫ମ ବର୍ଷ — ୯ମ ସଂଖ୍ୟା — ଆଶ୍ୱିନ ପ୍ରଥମାର୍ଦ୍ଧ

Digitized by srujanika@gmail.com

# ଓଡ଼ିଶାର ପୂର୍ବ ଖ୍ୟାତି ପୂର୍ବ ଗୌରବ
# ଫେରି ଆସିଛି !

ଦିନେ ଯେଉଁ ଓଡ଼ିଶାର ନୌବାଣିଜ୍ୟ ସ୍ୱଦେଶ ବିଦେଶରେ ଶୀର୍ଷସ୍ଥାନ ଲାଭ କରିଥିଲା
ସେହି ଓଡ଼ିଶାକୁ ବିଦେଶୀମାନେ ଲୁଟି କରିଛନ୍ତି !

ଆପଣମାନେ ବୁଝି ଅନୁଭବ କରୁଛନ୍ତି ।

**ଆଜି ଅଦମ୍ୟ ସାହସ ଓ ଅପୂର୍ବ ଉତ୍ସାହ ନେଇ ଓଡ଼ିଶା ବାସୀଙ୍କ ମୂଳଧନରେ**

# ଦି ଓଡ଼ିଶା କମର୍ସ ଓ ନେଭିଗେସନ୍ କମ୍ପାନୀ ଲିମିଟେଡ୍

ଗଠିତ ହୋଇଛି -- ସେହି ଲୁପ୍ତ ରତ୍ନର ଉଦ୍ଧାର ପାଇଁ
ଏହି କମ୍ପାନୀ ଓଡ଼ିଶା ସରକାରଙ୍କ ଠାରୁ କାରବାର ଆରମ୍ଭର
ଅନୁମତି ପତ୍ର Incorporation Certificate ହାସଲ କରିଛି ।

ଗରିବ କୃଷୀ ଓ ମୂଲିଆ ଭାଇଙ୍କ ଠାରୁ ଆରମ୍ଭ କରି ରାଜାମହାରାଜାଙ୍କ ପକ୍ଷରେ

## ଅପୂର୍ବ ସୁଯୋଗ !

ଜାହାଜର ଅଂଶ କିଣି କରି କମ୍ପାନୀର ମାଲିକ ହେବାକୁ ଓଡ଼ିଶାବାସୀ ଚାହାନ୍ତି ? ସେହି ସୁବିଧାକୁ ଆପଣଙ୍କ ଦ୍ୱାରରେ ଦେବା ପାଇଁ ପ୍ରତ୍ୟେକ ଅଂଶ ଧନକୁ (share) ଟ୧୦୦ ରେ ରଖାଯାଇଛି । ଏକାଧିକ ଅଂଶ କିଣିବାର ସୁଯୋଗ ଛାଡ଼ନ୍ତୁ ନାହିଁ—ଅନୁତାପ କରିବେ । ସେୟାର ଏଲଟ୍‌ମେଣ୍ଟ ଦ୍ରୁତଗତିରେ ଚାଲିଛି ।

ବିଶେଷ ବିବରଣୀ ପାଇଁ ଅନୁଗ୍ରହ କରି ନିମ୍ନ ଠିକଣାକୁ ପତ୍ର ଲେଖନ୍ତୁ ।

**କଟକ ଅଫିସ** --
ରାଣୀହାଟ, କଟକ ।

**ଭଦ୍ରକ** -
ଡଗର ଅଫିସରେ

ଶେଅର କିଣିବାକୁ ମିଳେ ।

The Managing Director.
The Orissa Commerce & Navigation Co. Ltd.
CHANDBALI.

ସମ୍ପାଦକ — ଶ୍ରୀ ନିତ୍ୟାନନ୍ଦ ମହାପାତ୍ର

Digitized by srujanika@gmail.com



ଅନେକ ଦଳରୁ ଶୁଣାଯାଉଥିଲା—ବେଙ୍ଗାଳରେ ଏକ ମିଶ୍ର ମନ୍ତ୍ରୀମଣ୍ଡଳ ଗଠିତ ହେବ ହେବ ହୋଇ ହେଉଛି। କେତେଥର ଉଦ୍ୟମ ହୋଇ କେତେ ଥର ପ୍ରସ୍ତୁତ ହେଲା—କେତେ କାନ୍ଥ ପ୍ରସ୍ତୁତ ହେଲା—କେତେଥର ଢଳେଇ ହେଲା—ଏଣୁ ଅନ୍ୟ କହିବା ସେ ପଣ୍ଡିତଙ୍କ କଥା—କେଉଁଠାରେ ବାରମ୍ବାର ଯାତ ବାର ଚେଷ୍ଟା କରି ଏ ଯୁଗର ଶ୍ରେଷ୍ଠ ବୁଦ୍ଧି ହୋଇ-ଗଲେ। ପଣ୍ଡିତଙ୍କର ଏ ସାଫଲ୍ୟ ଦେଖି ଆମର ଗୋଟିଏ ସଂସ୍କୃତ ଶ୍ଳୋକ ମନେ ପଡ଼ୁଛି—

ଉଦ୍ୟୋଗିନଂ ପଣ୍ଡିତଶ୍ରେଷ୍ଠ ଉପୈତି ଲକ୍ଷ୍ମୀଃ
ମହତାବେନ ଦେୟମିତି କାପୁରୁଷାଃ ବଦନ୍ତି।

× + ×

ଶୁଣାଯାଏ କଂଗ୍ରେସ ଦଳରୁ ମଧ୍ୟ ଜଣେ ଦୁଇ ଜଣ ନେତା ପଣ୍ଡିତଙ୍କ ପଦାଙ୍କାନୁସରଣ କରୁଛନ୍ତି। କରିବା କଥା; କାରଣ ମହାଜନୋ ଯେନ ଗତଃ ସ ପନ୍ଥା। ପଣ୍ଡିତଙ୍କର ବସ୍ତୁ ମହାମହା ପଣ୍ଡିତ ଉଦ୍ଧବ ଯେ ସମ୍ବନ୍ଧରେ କାହାର ସନ୍ଦେହ କରିବାର କଥା ନାହିଁ। କଥାରେ ଅଛି କିଏ ମହତ୍ତ୍ୱ (greatness) ନେଇ ଜନ୍ମିଥାଏ, କେହି ମହତ୍ତ୍ୱ ଉପାର୍ଜନ କରେ ଆଉ କାହା ଉପରେ ମହତ୍ତ୍ୱ ଲଦା ହୁଏ। ଅଦ୍ୟ ଓ ଦ୍ୱିତୀୟ ଧରଣର ମହତ୍ତ୍ୱ ତାଙ୍କର ଥାଇ ନ ଥାଇ, ମଧ୍ୟ ତୃତୀୟ ଧରଣର ମହତ୍ତ୍ୱ ପାଇଁ ପଣ୍ଡିତେ ଲାଗିପଡ଼ିଛନ୍ତି ଏବଂ ତାଙ୍କରେ କରନ୍ତୁ ସେ କଥନ ମହତ୍ତ୍ୱଟା ତାଙ୍କ ନିଜ କାରଣ ପହିଲ ତୃତୀୟର ମହତ୍ତ୍ୱଟା ତାଙ୍କର ନ ହେବାର ସମସ୍ତେ ଏ ଦେଶ ଅଣ୍ଡା ବଢ଼ା ଭୁବା ଜାଣି ସାରିଲେଣି।

× × +

ଯେଉଁ ଅଠଜଣ ଏବେ ରୋବାବଙ୍କ ଫାଟକ ଡିଙ୍ଗିଛନ୍ତି ସେ ଅଠଜଣଙ୍କ ଦେବୋପମ ଅବରୁ ଦିନ୍ତି ହେଲେ କି ନାହିଁ ଆମେ ଜାଣୁନାହିଁ। ଯାହାର ଅଗ ନାହିଁ କି ପଛ ନାହିଁ—ଯାହାର ଉଦ୍ଦେଶ୍ୟ ନାହିଁ କି ଦରଦ ନାହିଁ, ଯାହାର ଲଗାମ ନାହିଁ କି ପଗା ନାହିଁ, ଦିଏ ଗାଳି କହନ୍ତି କି ମାଡ଼ ଦିଅନ୍ତି, ତାଙ୍କ ବିଷୟରେ ଲଭ ନାହିଁ। ଅଲ୍ପ କଥା କହିବା ହେଲେ ଘୋଡ଼ାମୁହାଁ କୁଲାଙ୍ଗାର ପୁଅଙ୍କ କଥା ଯାହା ଏମାନଙ୍କ କଥା ବି ସେଇଆ, ତାର ନାହିଁ କି ଲଭ ନାହିଁ। କିନ୍ତୁ ଏବେ କି ହେବ ହେଉ ଚଳୁଛନ୍ତି—ଆଜି ବାଘେ ଘଟିବ ଗାଏ ଚାଲିଲୁ ତେବେ କ'ଣ ହବ ଘର ଏମିତି ହଣାଖଣା ଲୁଟି କଲେ? ଆମେ କିନ୍ତୁ ଗୋଟି ଗୋଟି କରି ସମସ୍ତଙ୍କୁ ଚିହ୍ନି ରଖିଛୁ। ସେଥିପାଇଁ ଏଥିରେ ଆଶ୍ଚର୍ଯ୍ୟ ହେବାର କଥା ନାହିଁ।

× × ×

ଆମେ ଶୁଣୁଛୁ, ଦୁଇ ତିନି ମୁଣ୍ଡିଆ ପଣ୍ଡିତ ପ୍ରେସର ପାଠକ ହୋଇ ଏମାନେ ପରସ୍ପର ସେ ଦଳର ଛଡ଼ାଇ ଏ ଦଳର

## ବିଲୁଆ ବିଚାର

ଧରିବେ କି ନାହିଁ ବୋଲି ସନ୍ଦେହ ପ୍ରକାଶ କରୁଛନ୍ତି। ଆମେ ଦୁହିଙ୍କର ଏହି ଉତ୍ତର ଯାହା କଣ ତାହା କେଳେ ଦେବୁ—

ଯାଦୁମଣି କାହିଁ?
ସେତ ପୁଅର ଅଜା
ପୁଅ ହେଲାବେଳେ ବାଣ୍ଟିଛି ଖଜା
ସେ କି ଆସିବେ କି?
ନନ୍ଦନାଥ କେଉଁଠି—?
ସେ ତ ପୁଅର ଅଜ
ପୁଅ ହେବାବେଳେ ବାଣ୍ଟିଛି ଗାଜ
ସେ କି ଆସିବେ କି?
ଗୋବିନ୍ଦ ପଟ୍ଟନାୟକ?—
ସେତ ପୁଅର ମାମୁଁ
ସେ ତ ଅତି ମୁହିଁ ଅଛି ପଲୁ
ସେ କୁଆଡ଼େ ଯିବ।
ବ୍ୟାଘ୍ରକେତ?

ସେ ପୁଅର ମାଉସୀ
ପୁଅ ହେଲାବେଳେ ଥିଲି ପାଖେ
ସେ ଚାଲି ଆସିବ।
କଥ କାହିଁ?
ସେଇଟା ପୁଅ ମାଉସୀ
ପୁଅ ହେଲାବେଳେ କେଉଁଠି ଥାଏ
ତୋ' ଭୁଆ ଆସିବ!
ମହାରାଜେ?
ସେତ ମୋ ଉଦ୍ଧାରଣୀ
ଉଦ୍ଧାରଣ ହାଣ୍ଡି କାଟି ଦିଏ
ସେତ ଆସି ରହିଛି।
ଲିଙ୍ଗରାଜ କାହିଁ?
ଭୂମ ଉଦ୍ଧାରଣୀ,
ସେକି ଭୁଲିବ ଭଲ ଉଦ୍ଧାର
ସେ— ଆସିବ କାହିଁକି?

×

ଏମାନେ ପୁତ୍ରକୁ ପାଇଁ ଧରିକି କି ଅଶିର ଦେଇ ନେଇ
ସେତ ସମ୍ବନ୍ଧ ନକରିବା ଜିନିଷ
ତାଙ୍କ ଅଣ୍ଟରେ ଗଣ୍ଠି ଧରି
ଯେ ଯେ ବୁଢ଼ିଆଣୀ ଜୁଳା ଲାଗି

ତାହାରୁ ପାଣ୍ଡ କେହି ଛାଡ଼ିନାହିଁ। ଏମାନେ ଏ ଏକଛତ୍ର ଶାସନର ମିଠା ସ୍ୱାଦ ପାଇଛନ୍ତି ତାଙ୍କୁ ଉଦ୍ଧାରିବା ଏ କାଳଥର୍ମି ଗର୍ଭ ହେବଟା ଦୋ ଦାକ୍ତର କରଣ ହେଲଟା ସହିତ ମୋଡ଼କ ମାରି ଆସିବେ ଏ ବିଶ୍ୱାସ ହେଉନାହିଁ।

ସ୍ୱର୍ଗ ଉହିଁକି ଗଡ଼ଇ
ପିଲା ଚାଲିବେ କେଉଁ।

କିନ୍ତୁ ଥାଉଛି ତରଣ ତାଙ୍କ ଘରେ ଥାଉ। ସେ ଅଗରୁ ଯାହା ପ୍ରକଟେ ଜାଣନ୍ତି। ସେ ଯାହା ମୂର୍ତ୍ତି ଦେଖି ବଳା ବାଣୀ କୋଳକୁ ପୁଅ ନ ହେଲେ କେବଳ ଆମେ କଣ କହିବୁଁ ତାହାକୁ? ସେ

Digitized by srujanika@gmail.com

ଆଜି ଏ ଅହିଂସାମାନଙ୍କ ଅଣ୍ଟା ଦେଇ ବସିଥାନ୍ତି—

ଧୂଳିରେ ଧୂଳି ହେଲେ ଗୋଡ଼ଖୋଜି ନାହିଁ

(ମା) ଦୁଇଟି ହାତରେ (ଢାଲ) ଢେଉ ଧରୁଛ

ଟଙ୍କା ପାଇ ବେଳେ ଖୋଲିବ ନାହିଁ ।

× × +

ଶ୍ରଦ୍ଧେୟ ଚର୍ଚ୍ଚିଲ୍ ଏବଂ ଏଣ୍ଟ୍ରିଅଟଲାଣ୍ଟର ଭାରତ ଉପକୂଳରେ ପରମାଣୁ ଅସ୍ତ୍ର ଦେବାକୁ ଚାହିଁଲେ । ଆମ୍ଭେମାନେ ଏ ଅବସରରେ ଚର୍ଚ୍ଚିଲ୍‌ଙ୍କ ଶ୍ରଦ୍ଧା ଜଣାଇ କହୁଛୁ—ଚର୍ଚ୍ଚିଲ୍‌ଙ୍କର କହିବା ହେଉଛି ଏ ଦେଶରେ ଗାଈ ସଂଖ୍ୟା ବଢ଼ନ୍ତୁ । ମଇଁଷି ସଂଖ୍ୟା ବଢ଼ନ୍ତୁ କି କମନ୍ତୁ ଭାରତରେ ମଇଁଷି ହୋଇ ରହିବା କଷ୍ଟ କି ଭଲ—ଗୋମାତାଙ୍କର ଜନ୍ମ ହେଉ—ସମସ୍ତେ ଚାହାନ୍ତି ।

ଗୋ ବ୍ରାହ୍ମଣ ହିତାୟଚ ।

ତା ହେଲେ ଭାରତର ଉନ୍ନତି ହେବ—ପ୍ରତି ଘରେ ଗୋଶାଳା ପ୍ରତିଷ୍ଠିତ ହେବ—ପ୍ରତି ଘର ଗୁହାଳରେ ପରିଣତ ହେବ ଆଉ ଆମ ଚର୍ଚ୍ଚିଲ୍ ହେବେ ଗୋପ ରକ୍ଷକ ଗଉଡ଼—ଏବଂ ଦୁଧ ପାଇବେ ଇଂଲଣ୍ଡ ସରକାର—ବ୍ରିଟିଶ ସରକାର—ଚର୍ଚ୍ଚିଲ୍ ଓ ତାଙ୍କ ବାହୁପୁଅ—ମାଉଣ୍ଟବାଟେନ । ଆମେ ପୁଣି ଥରେ ଏକବାର ଅଭିନନ୍ଦନ ଗାଉଁ—

ଜୟ ଚର୍ଚ୍ଚିଲ୍‌ଅଟଲାଣ୍ଟିକ ଜୟ

ଜୟ ସମ୍ରାଟ ଷଷ୍ଠ ଜର୍ଜ ର ଜୟ

ଜୟ ଚର୍ଚ୍ଚିଲ ଚେଲା ର ଜୟ ।

× × ×

ବର୍ତ୍ତମାନ ଯେଉଁ ଅନାହାର ଧାରଣା ଏ ଓଡ଼ିଶାରେ ଲାଗିଛି ତାର ସାମାନ୍ୟ ସୂଚନା X'-ray ଛଡ଼ା ପାଇବାର ଆଉ କୌଣସି ବାଟ ନାହିଁ । ଅସଲ ଓଡ଼ିଶାର ଅଭିଶପ୍ତ ପ୍ରେସ ଓ ପବ୍ଲିସିଟି ଅଫିସରଙ୍କ ଅନୁଗ୍ରହରୁ ଜଣଇ ଅଫିସରୁ ମର୍ଜିରେ ମରିଲେ ସମସ୍ତେ କେତେ ଲୋକ ମଲେ ଜାଣିବା ଅସମ୍ଭବ । ତା ଫଳରେ ସରକାରଙ୍କ ସମ୍ମାନ ଓ ସୁନାମ ବଜାୟ ରହୁଛି କି କ'ଣ ଏବେ ଆମେ ସେ ଅନୁଷ୍ଠାନରୁ ବଞ୍ଚିତ ।

ତେବେ ବାପଙ୍କୁ ଏବେ ଆମେ କହିବୁ ଯେ ବାଲେଶ୍ୱର ଜିଲ୍ଲାରେ ଗୋଟାଏ କ'ଣ ଅଫିସ ସ୍ଥାପିତ ଅଛି ନା ନାହିଁ । ସରକାର ବୋଧହୁଏ ଭାବୁଥିବେ ଯେ ଭଦ୍ରକ ବାଲେଶ୍ୱର ଜିଲ୍ଲାରୁ ତାହାରେ ଢେଣ୍ଟ ସନ୍ଦେହ ନାହିଁ କରିବେ ଯେ ଏ ଦେଶର ଧାନର ଯେଉଁ ମୋଟାମୋଟି ଅଭାବ ଆମ୍ଭେମାନେ ଏ ଦିଗରେ ଭାବୁଥିବେ ଯେଉଁଥି ନିଜର ମନ ତାର ବହୁତ ସ୍ୱତନ୍ତ୍ର ଜଗଦଳ ପୋଷାକ ହୋଇଥିବ । କିନ୍ତୁ ଆମ୍ଭେମାନେ ଡାକ୍ତର ସାର୍ଟିଫିକେଟ ଦେଖାଇ ଦେଇ ପାରୁଁ ଯେ ଭଦ୍ରକର immunity ଆସି ଗଲାଣି । ସେ କଥା ଶୋଇଥିବା ଲୋକ ତାକୁ ଧରିବ ନାହିଁ କି ଦେଖିବ ପରି ନାହିଁ । ଅତିତ ସରକାରଙ୍କ କଥା ଶୋଇଥିବା ଅଫିସ ଘଣ୍ଟାକୁ ବେଶ ବୁଝିଦେଇ ପାରୁଛ । ଏଥର ଢୋଲକର ଢୋଲକର ନାମ କଲେ ନାମ ସୁଦ୍ଧା ନାହିଁ । ଯେଉଁ ଲୋକମାନେ ହସି ହସି କହିଛନ୍ତି ଯେ ପୁଣି ଥରେ ରେଜିଷ୍ଟ୍ରେସନ୍ କରି ଅଫିସ ଚାଲିବା ହେବ ତାଙ୍କର ଅଫିସ ସେବକ ସମ୍ବନ୍ଧରେ ଅଭିଜ୍ଞତା ନେବେ ତ ଆମ୍ଭେମାନେ ଜାଣି ଥିଲେ ସୁଖୀ ହୋଇଥାନ୍ତୁ । ବର୍ତ୍ତମାନ ଲାଟ ସାହେବ ଗଭର୍ଣ୍ଣ ସାହେବ; ତାଙ୍କ ପରାମର୍ଶ ଦାତା ମଧ୍ୟ ଗଭର୍ଣ୍ଣ ସାହେବ । ସାହେବୀ ସମାଜରେ ମଦ୍ୟ ପାନିତା ଯେପରି ସଭ୍ୟତା ଉଦ୍ଭାବ, ଆମ ଓଡ଼ିଆ ସମାଜରେ ସେହିପରି ଅଫିସ ସେବକମାନଙ୍କୁ ଗୋଟାଏ ସାମାଜିକ ସାରାଶିର ପଦବୀ ଦେଲେ ଭଲ । ଲୋକେ ତାଙ୍କୁ ଯୁଗ ପ୍ରବର୍ତ୍ତକ ବୋଲି କହିବେ—ଅବତାର ବୋଲି ମାନିବେ—ବୋଲିବେ ।

ପରିତ୍ରାଣାୟ ଅଫିସ ବିନାଶାୟ ଚେଅରମା

ଅଫିସ ସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ ।

\+ \+ \+

ସରକାର ବାହାଦୂରଙ୍କୁ ଆମ୍ଭେମାନେ ଧନ୍ୟ ଧନ୍ୟ ଦେବା ଯେ ସେ ଏଥର ଏଇ କପାଳିଆ ଦେଶଟାକୁ ପାର୍ଟିସନ କରିଦେବା ପାଇଁ ତାଙ୍କ କପାଳିଆ ମୁଣ୍ଡ ଖଟାଉଛନ୍ତି । ଏଣୁ ଅ ଦଳର ବଳର ମିଳି ଭୁବା ମୂଳକ । ସରକାର ସେମିତି ସ୍ଥାନୀୟ ସ୍ୱାୟତ୍ତ ଶାସନ ବିଭାଗମାନଙ୍କ ଉପରେ ହାଇକମି ବିସ୍ତାର କରିଛନ୍ତି ଯେ ଶୀଘ୍ର ଶୀଘ୍ର ପାର୍ଟିର ବ୍ୟବସ୍ଥା କର । କିନ୍ତୁ ସେଥି ପାଇଁ ଟଙ୍କା ପଇସା ନବାଉଦ୍ । ତେବେଣ ଲଡ଼ାଇର ବଡ଼ି ସ୍ଥଳ—ଏଣେ ସରକାରଙ୍କ ଧମକ୍ । ହୁଁଇ ଅଡ୍ ଫଡ଼ ସ୍ୱାୟତ୍ତ ଶାସନଟାକା ବେଶ ଅସୁବିଧାରେ ପଡ଼ିଛନ୍ତି । ସ୍ୱାୟତ୍ତ ଶାସନର ମନାଟା ଘୁଞ୍ଚିବାକୁ ଅଧିକ ହେବ ବାକି !

× + ×

ଇତି ମଧ୍ୟରେ ବେତେକ ସ୍ୱାୟତ୍ତ ଶାସନ ବିଭାଗ ଏ ଏ ପ୍ରସ୍ତାବ କରି ସରକାରଙ୍କପାଖରେ ପେଶ କଲେ । ସରକାର ସଫା ସଫା ଜଣାଇ ଦେଲେ ଯେ ବର୍ତ୍ତମାନ ଅବସ୍ଥାରେ ସ୍ୱାୟତ୍ତ ଶାସନ ସମ୍ବନ୍ଧରେ କୌଣସି ନୂତନ ବଦଳାଇ ହେବ ନାହିଁ । ବର୍ତ୍ତମାନ ସମୟରେ ହାତୀ ଗଲ ଯାଉଛି କିନ୍ତୁ ପିଂପୁଡ଼ି ଗଲେ ନାହିଁ । ଭାରତ ସରକାର କ'ଣ କରୁଛନ୍ତି । ୫ ବର୍ଷ ପରମାଣୁକୁ ଅନାଦକାଳ ପରମାଣୁ କରୁଛନ୍ତି । କିନ୍ତୁ ଆଉ କଥା ଦେଖିଲୁ ଦିନେ ଅସୁଖ ହେଲେ ତାଙ୍କ ଅସୁଖରୁ ସ୍ୱଲଗଲା ପରି ଲାଗୁଛି । ଭାରତ ଶାସନର ପରିବର୍ତ୍ତନର ସମ୍ଭବ ହେଲା—ସାମାନ୍ୟ ଚାଷୀଏଣ ସ୍ୱାୟତ୍ତ ଶାସନ ନୀତିର ପରିବର୍ତ୍ତନ ରେ ଅଡ଼ୁଆ ଦେଖିଲେ ଟେକିଲା କଥାରି !

\+ × ×

ମା ଦୁର୍ଗା ଜନ୍ମିଥିଲେ । ଆମ ଦେଶର ଗାଁ ପୁଅମାନେ ଦୁର୍ଗାଙ୍କୁ ପୂଜାକରି ଗାଁ ଭଳିଆ ହେଲା ବାଟ ଉପରେ ଦେଇ ବେଶ୍ କରି ପାରିଛନ୍ତି । ଅଟେ ବର୍ଷା ହେଲେ ତାପରେ ନାମ—ଅଟେ ମଲେ ସରଳ ନାମ । ଅତଏବ ଜନ୍ମନେଲାରୁ କରି ସବୁ ନାମ କରିବା ଭଲ । ଜର୍ମାନ ଗୃହସ୍ଥ ବାସୀଙ୍କ ଭଳି ଅଯଥା ଅକାରଣ ଯୁଦ୍ଧ କରି ଭୁଲାଇରେ 'ଧୂଳିର ମାନବ ଜନ୍ମ ବୃଥା ଯାବେ କେନ ?'

କରିନାମ କରେ ମା ଦୁର୍ଗାଙ୍କର ନାମ କର । ଭବ ସିନ୍ଧୁରୁ ତରିଯିବ ମନୁଷ୍ୟ । ହିଂସା ମାତ୍ର ବନ ଗୋଳ ଏ ସବୁ ଭାବନାର ତାମସିକ ବୃତ୍ତି—ଏସବୁ ଆମ ଓଡ଼ିଆଙ୍କ ଶୋଭାଏ ନାହିଁ । ଅଶ୍ୱତ୍ଥାମା ଯେମିତି ହେଉଛି ଗଣେଶ ମିଳିଲେ ପେଟ ପୁରିଗଲା ନାମ୍ ନେଇ । କରିନାମ ଧରି ସମସ୍ତଙ୍କ ଦେବା ସାଧିର କାର୍ଯ୍ୟ ।

ମା ଦୁର୍ଗା ଆମ ଓଡ଼ିଆ ଜାତିଟାକୁ ଦମ ଖପରରୁ ବଂଚାଅ । ଏ ଯୁଗ ଯେମିତି ଆମ ଓଡ଼ିଆ ଦୃଷ୍ଟିରେ ମାତ୍ର ନ ଥାଏ । କିଛି ତମକୁ ଦଶଟା କୁକୁଡ଼ା ଗୋଟେ ବୁଦା ଦେବ ଦେବ ମା ।

—※—

**ଜଲ ବିହନେ ସୃଷ୍ଟିନାଶ**

**ଜଲ ବହୁଲେ ସୃଷ୍ଟିନାଶ ।**

କେହି ସନ୍ତାନ ଗୃହେ—କେହି ଜନ୍ମ ନିରୋଧ କରେ । ଅନେକ କ୍ଷେତ୍ରରେ ଢଭୟର ଆବଶ୍ୟକତା ଅଛି । ସେଥିପାଇଁ ହକୋଲ୍‌ଙ୍କ ପରାମର୍ଶ ଦାତା——

ଡାକ୍ତର ସମୁଦ ସରଫୁଦ୍ଦୀନ୍

ହମଦର୍ଦ୍ଦ ୟୁନାନି ଦବାଖାନା

ଚାନ୍ଦିନୀଚୌକ କଟକ

**ଓଡ଼ିଶା କମର୍ସିଏଲ କଲେଜ**

**ବୌଦ୍ଧ ଗୌରବଜାର, କଟକ ।**

ସର୍ଟହାଣ୍ଡ, ଟାଇପ୍‌ରାଇଟିଂ, ଟେଲିଗ୍ରାଫି, ବୁକ୍-କିପିଂ ଶିକ୍ଷା ।

ପି, ଏନ, ମହାନ୍ତି—ପ୍ରିନ୍ସିପାଲ୍ ।

Digitized by srujanika@gmail.com




ସେଦିନ ରବିବାର। ମେଘୁଆ ପାଗ ଦେଖି ମେସ୍‌ରେ ମାଂସ ହେଉଛି। ଅପରାହ୍ନେ ବର୍ଷା ଗଜଗଜ ଅଛି ହେଇଗଲା। ପାଗଟା ବେଶ୍ ମୁଲାୟମ ଧରଣର; ଠିକ୍ ଯେପରି କାଳିଦାସ ଦେଖିଥିଲେ ଅଜ ରବିଠାକୁର ଉପଭୋଗ କରୁଥିଲେ। "ମେଘାଲୋକେ ଭବତି"/ଅପିଚ "ମେଘର ପରେ ମେଘ ଜମେଛେ।"

ମଜାକଥା

ଚେନାଚୁରର ପ୍ରେମ

ଲେଖକ—ଫଟିକଚାନ୍ଦ୍।

ବାହାରୁ ନାଚୋଟା ସୁର୍ ସୁର୍ କରି ମଗଜ ଧରିଲା, ମୁଁ ହୋଇ ପଡ଼ିଗଲି ଭାବ,—,ଗୋଟାଏ ପେଟ ଭିତରେ ସେ ରେ ଥରେ ଏକଦମ ବସିଥିବା ଉଚ୍ଚ ଅଲଙ୍ଗନ ଭକ୍ତ ଅନନ୍ଦ ଓ ଉକ୍ତ ମାଧୁରୀର ସ୍ୱପ୍ନ ମୋହରେ।

ଝିଅଙ୍କ ପାଖରେ ଗୋଟାଏ ଚୋର ଶୁଣି ନାଦଟା ଭାଙ୍ଗିଗଲା।

ଚାୟ୍ ଚନାଚୁର ଗରମାଗରମ୍

ଧଡ଼ପଡ଼ ଉଠି ଟେବୁଲ ଉପରେ ଥିବା ଟାଇମପିସକୁ ଗୁହଁ ଦେଲି ଯେ—ସାଢ଼େ ଗୁରୁ !

ନଶାର ଅମେଜ ପୁଚି ଦସ୍ତୁର ଟିକେ ନ ଥାଏ। ମନେକଲି ମେଘଦୂତଟା ପଢ଼େଁ।

ଝୋକାଟା ପୁଣି ଡାକ ମାରିଲା "ଚନା-ଚୁର ଗରମାଗରମ।"

ମୋ ନଦଟା ବ ତାହାଁକ ତା ସାଙ୍ଗରେ ହିକଏ ଗରମାଗରମ ହଳଅ ହୋଇ ଉଠିଲା। ମନେହେଲା କଡ଼ାକଡ଼ା ଚନାଚୁର ଚୋବାଇ ଚୋବାଇ ମେଘଦୂତର ଶ୍ଲୋକ ଗଣି ଗଣି ଧରି ପଢ଼ିବା ପାଇଁ ଏକା ଅଛ ଏ ପାଗଟା ହୋଇଛି, ଏ ମଜାକ କାଳିଦାସଙ୍କ ବୋଧା ବ ପାଇ ନ ଥିବେ।

"ଏ,—ଅରେ, ଇଅଡ଼େ ଆ।"

ପଇସାଟିକର ;ଚନାଚୁର କିଣି ପକା-ଇଲି ନଗଦାନଗଦ।

ଧଁଗୁଡ଼ଟା ଧାନା ହୁଣ୍ଡରେ ପକାଇ ଠୋଙ୍ଗଟି ଟେବୁଲ ଉପରେ ଥୋଇ ବହିଟା ଟାଣିଆଣିବ କି ନାହିଁ—ଦୁର୍ଭେଗକ !

—ବାଇକୁଳ ମାଟିଂ ଚକାର !

"ଘନଅ, ଅହୁନାରେ—!"

ଏତ ସ୍ୱର୍ଗ ଅଭଆଗ ଶୁଭିଲା ଦୁଆର ଅର ପାଖରେ। ପାଟି ବାର ଜାଣି ପାରିଲି ଖୋଦ୍ ନବଭାଇଙ୍କ ଛଡ଼ା ଅଉ କେହି ନୁହେଁ।

"ହଁ, ଅଠ," ଏହିକ ମୁହଁରେ କହୁଁ କହୁଁ ଏନେ ବାଆଁ ହାତଟା ଅପଣାଛାଏଁ ଚାଲିଯାଇ କାଗଜ ଠୋଙ୍ଗଟାକୁ ନେଇ କାନ୍ଥରେ ଝୁଲି-ଥିବା କମିଜ ପକେଟରେ ଗଳେଇ ଦେଲା ବେମାଲୁମ।

କାହିଁକି ଯେ ଲୁଚେଇ ଦେଲି ତାର କାରଣ ମୁଁ ଅଜଯାଏଁ ବ ବୁଝିପାରିନାହିଁ। ଚେନାଚୁର ଖାଇବାର ଦେଖିଲେ ନବଭାଇ ଯେ ଯେ କିଛି ହାଣ୍ଡିଗଡ଼ାଇ ନ ଥାନ୍ତେ। କିମ୍ବା ଏହା ଏପରି କିଛି ଗୋଟାଏ ପାପକାମ ବା ନିନ୍ଦା କଥା ନୁହେଁ ଯେ ମୁଁ ଲୁଚେଇ ମୁଁ ଦେଲେ ପାରି ନ ଥାନ୍ତି। କିନ୍ତୁ ବେଳାଏଁ କାହିଁକି ନିଜ ବା ମୁଁ ନିଜର ଅବଚେତନ ଅବସ୍ଥାରେ ନ କରି ଆଉଟା ଲୁଚାଇଲି ପ୍ରୋଫେସର ଭାବ (instinctively) —ଯେପରି ପିଲାଏ ଉତ୍ତର ଅଛିପାନ୍ତି। ଅତ କୁହ ପଡ଼ି ବା ନାଟା କାନ୍ଥିରେ ମୁଣ୍ଡ ଲୁଚାଇ ଥାଏ।

ମାତ୍ର ଏତେ କାମ ଡେଇଁଥିବା ପରେ ଅତି ପିଛିଲାବେ—lightening speed ରେ—ହେଲେ ବି ଗୋଟିଏ ତୋପ ଯାହା ପାଖ ପକେଟ ଖାଲି।

ନୁଁ, ଦାଁ ଖାଡ଼ି ଏ ବର୍ଷା ବରୁଣ ବେଳେ, ଜାହାଣ ଛାତିରେ ନଦୀ ବି ଶ୍ରୁତି ନିକଟ।

ସେ ସେଇ ସମୟରେ ଭିତରେ କହିଲା ତେବେ ଗୋଲ୍। ଘରେ ପଡ଼ିଲେ ପଡ଼ୁଥିଲି।

ନବଭାଇ ଦରଅଲଗା କବାଟଟା ଠେଲିଦେଇ ସଇଳକୁ ପଡ଼ି ଅହୁଁ ଅହୁଁ ଗମ୍ଭୀର ସ୍ୱରରେ କହିଲେ "କଣ ହଉଛି।"

ମୁଁ ହାତ ପାଖରେ କିଛି ଟେବୁଲ ମେଘଦୂତଟା ଲୁଚେଇବା ପାଇଁ ଘାଣ୍ଟୁଥିବା ଡାଙ୍ଗି କହିଲି—'ନାଇଁ, କିଛିନା—ଏଇ ଏମିତି—ବହିଟାଏ—,

"କି ବହି ?"

"ମେଘଦୂତ।"

"କହଟା କେମିତି ହେବେ ? ଦେଖି ବଢ଼ି।"

ଉଦ୍ଧାରର କହିଦେଲି।

ନବଭାଇ ମୋ ଉପରେ ଅନୁଗ୍ରହ କଲେ ବସିଲେ କିଛି-ପାଳଙ୍କ ଉପରେ ନିଜକୁ ଭାର ଅର୍ପଣ କରି କହିଲେ, "ହଁ, ପଢ଼ିବ ଜାଣିତ ଭଣ ! ମେଘଦୂତ ପଢ଼ିବାର ପାଗଯୋଗ। ଅମରିକ ଉଦଦାନ ଖଳି ରେ !" ଏତିକ କହି ଗୋଟାଏ ଦୀର୍ଘ ନିଶ୍ୱାସ ପକେଇଲେ।

ମୁଁ କହିଲି, "କାହିଁକି ନବଭାଇ, ଡମ ଉନ ଚାଲ କ'ଣ ସବୁ ଗଲାଣି, ଏତେ ବେଳେକୁ ?"

"ଅରେ ତା ନୁହେଁ ରେ ଭଣ ! ଘଆଇ ଏଇ ଜଞ୍ଜାଳ, ଯେଉଁଥିରେ ଅଛି ତେ—ଦେ—ମ !"

ବେଳରେ କିଛି ବୁଝିପାରିଲି। ସେ କ ହେବ ମଉନ ହୋଇ ରହିଲେ।



Digitized by srujanika@gmail.com

"ହଁ, କହିଲେ କେମିତି ଭଲ ଅଭିନୟ, ଏ ଅଭିନୟଟା କେବେର ?"

ସେ ଖାଲି ଗୋଟାଏ ହୁଁ ମାରି ଗମ୍ଭୀର ହୋଇ ରହିଗଲେ ।

କହିଲି, "ମଜାଟା ଭଲ ନାହିଁ ନା କଣ ?"

"ଖିମିତି କଣ୍ଟ ନୁହେଁ, ତେବେ—"

ସେ ରହିଗଲେ, କପାଳର ହସିଲ ପରି କଏ ୧୦ ଲମ୍ୱିର ତେଲି ।

"ନୃପବଳଙ୍କ ସାଙ୍ଗରେ ବୋଧହୁଏ ?" ମୁଁ କହିଲି, "ଦ୍ୱିଅଯୀ ପାଠ ପଢ଼ିଛୁ ନା କ'ଣ !"

"ଅଜ ପୁଣି ! ମୁଁ ଠିକ୍ କହିଛ କି ନା କହ ?"

ସେ ମୁହଁ ଫୁଲାଇ ହଁ ଭରିଲେ ।

"ଦେଖିଲ, ମୁଁ କେମିତି ଦଶଅସୀ ପାଠ ପଢ଼ିଛି"

ଟୋ—ଟୋ କରି ହସି ଉଠିଲି ।

"ତୋ ପାଖକୁ କାହିଁକି ଅଛିତ ଜାଣୁ ?"

"ମୋ ଅଗରେ ମନ ଭୂଖ କହି ଥଣ୍ଡା ହବା ପାଇଁ ।"

"ନା, ତା ନୁହେଁ ।"

"ଅନ୍ୟ ତେବେ ?"

"ତୋ ଉପରେ ମନର ରାଗ ସାଧିବା ପାଇଁ —"ଛେଡି କଥା କରିବାକୁ ଲାଗି ମୋତେ ମନ ଫୂରାଇ ଯୋଖିବା ପାଇଁ ?"

"ଖାଲି କଥାରେ ନୁହେଁ—କାମରେ !"

'ଅର୍ଥାତ୍ ?'

'ମୁଁ ତୋ ବସାରେ ରହିବି ।'

'କେତେଦିନ ?'

'ସବୁଦିନେ ।'

'ବୈରାଗ୍ୟ ନା ଛଦ୍ମପନ୍ଥ ।'

'ଯାଃ—ତୋତେ ଟାପରୁ ଲଗିଛି ଖାଲି ।'

"ଦେଖ, ତମେ ବଡ଼ାଡେ ଅଥବା ଫେରାର ଅସାମୀ । ତମକୁ ଅଣ୍ଟା ଦେଇ ମୋର ଦଶା କଣ ହବ ଭାବିଚ କି ?"

ନବଘନ ଚୁପ ହୋଇ ରହିଲେ ।

ମୁଁ କହିଲି, "ଘରକୁ ତ ପୁଣି ଯିବ ଦିନେ ?"

"ଏଇଥିଶି ନୁହେଁ ।"

"ଏଇଥିଶି ଗଲେ କଣ ହବ ?"

ପୁଣି ସେ ନୀରବ ।

ମୁଁ କହିଲି, "କହୁନ—ଲାଜ ମାଡ଼ିବ ।"

ଏଥର ସେ ହସି ପକାଇଲେ ।

ମୁଁ ହଠାତ୍ ଉଠିପଡ଼ି ଲୁଗାଟା ଗଳେଇ ପକେଇ କହିଲି—ଚାଲ ।

ଅପତ୍ତି ଓଜର ନ କରି ସୁବୋଧ ବାଳକଟି ପରି ସେ ଗ୍ଭଲିଲେ ।

ବାଟରେ କହିଲି, "କଥାଟା କହିବ ତେବେ କହିଲୁ ନବଘନ ।"

"ହଁ—କହିବା କଥାଟା—କହିବାକୁ ମନ ହଉ-ନାହିଁ ।" ସେ କହିଲେ ।

"କହ ଶୁଣେ !"

ସେ କହିବାକୁ ଆରମ୍ଭ କଲେ ।

"ଅରେ ମୀନାକୁ ଜାଣୁତ ? ତୋ ନୃପବଳଙ୍କ ସାନ ଭଉଣୀ ମ—ମୀନା । ସେ ଟୋକୀ ଅପି-ଥିଲା ବାଳାବେଳେ ହେଲା । ଇହିଲତ । ଉନ୍ନି ଉନ୍ନି ଭଳି ହେଲା । ପର କିଏଟା, କେବେ ଯାହାରେ ଭରି—ବୁଝିଲୁ ତ—ଏଇ—ମୋର କଣ ସେ ସବୁ କହିବାର କଥା—ତେବେ ତାର ବାପମା କ'ଣ କହିବେ—ବୁଝିଲୁ—ଗୋଟାଏ କର୍ତ୍ତବ୍ୟ ଅଛି ତ ପୁଣି —ବାଳେ—ଜାଣିଲୁ—।

'ହଁ ହେ ଜାଣିଲି ସବୁ । ଅସଲ କଥାଟା କହି ପକା ଏଥର ।'

"ଅସଲ କଥା ଗୋଟାଏ କଣ ନା ଏଇରେ ! ରୋଗୀକୁ ହବଏକ୍ଟିସବା—ମାନେ ଶୁଶ୍ରୂଷା କରିବାଟା କଣ ଗୋଟାଏ ଇମିତି ଅପରାଧ—ଇମିତି ମହା-ପାପ— ?"

"ଓହୋ ବୁଝିଲି ଏବେ ।"

"ଅଚ୍ଛାଟା ବୁଝିଲୁ !...ମୁଁ କଣ ତା— । ସେଇ କଥିପ ଅଛି ଅମର—ତମର ପରି—"

"ମୋ ଉପରକୁ ଗଡ଼ ଅସିଲ କହିବାଟେ, ମୁଁ କେଉଁଠାରେ ନା ପୁଛିବେ ?"

"ଅରେ ନାହିଁ, ମୁଁ କ'ଣ ଟୋକାଟାକରା ହେଉଛି ଯେ କହି ଟୋକାଟାକୁ—"

"କ୍ଲୋରଜଦିଲ !" ମୁଁ ପାଦ ପୂରଣ କରି ଦେଲି ।

"ଠିକ୍ କହିଚୁ" ବୋଲି କହି ନବଘନ ହସି ଉଠିଲେ ।

"ଏଇ କଥାତ ! ଅଚ୍ଛା, ମୁଁ ତାର ବ୍ୟବସ୍ଥା କରି ଦଉଚି । ଚାଲ । ମାଇକିନା ଜାତଟା ବଡ଼ ସନ୍ଦେହୀ ।"

"ଭାରି ବୁଦ୍ଧି ଅ ଟୋକାଟା ତୁ ସନ୍ଥ । ନୋହିଲେ ତ—" କହି ସେ ତୃପ୍ତିରେ ମୋ ପିଠିରେ ଥାପୁଡ଼ାଟାଏ ମାରିଲେ । ମୋ ଠେଙ୍ଗିକ ଅସିବାର ଉଦ୍ଦେଶ୍ୟଟା ନବଘନଙ୍କର ମୁଁ ବୁଝିପାରିଲି ।

ବସାରେ ପହଞ୍ଚିଲୁଁ । ମୋତେ ଦେଖିଲାକ୍ଷଣି ନୃପବଳ ଦୌଡ଼ିଯାଇ ଘର ଭିତରେ ଗୋଟାଏ ଶଙ୍ଖ ବଜେଇ ଦେଲେ ।

ତାପରେ କେତେ ରକମ ଟାହିଟାପରା, ତ ଶାଳେଇ ବୋଲି ଅଭିମାନ, ଅଦର, ଶ୍ରଦ୍ଧା, ସବୁ ହୋଇ ଗ୍ଭଲିଲା । ସେ ଯେ ରାଗିଛନ୍ତି ନବଘନ ଉପରେ, ତା ସେ ଘରେ ଗୋଟାଏ କଣ ରକମଙ୍କ ତୋପାନ କହିଥିଲେ କହିବାକୁ ପୂର୍ବେ ତାର କିନ୍ତୁ ମାତ୍ର ଆଭାସ ପାଇଲି ନାହିଁ ବରଂ ଠିକ୍ ସ୍ୱାମୀସ୍ତ୍ରୀଙ୍କ ପାଖରେ । ଭିତରେ ଯେ ମନୋମାଳିନ୍ୟ ରହିଛି ତାର କି ଚିହ୍ନ ବର୍ତ୍ତି ନାହିଁ । ଭବଲି ଶାସ୍ତ୍ରରେ ଅଛି "ଦାମ୍ପତ୍ୟ କଳହେ"—ଇତ୍ୟାଦି । ଅଉ କି ହୋଟେଲପାରେ ଯେ ମୋତେ ଅଣିବା ପାଇଁ ବିରସ୍ତ ଭଉଣୀ ବସ୍ତର ହୋଇ ଗୋଟାଏ ଫିକର ବାନ୍ଧିଛନ୍ତି ।

ଝିଅଟିଏ ଅସି ଲଥକିନା ମୋତେ ବନ୍ଦନା ହେଲା । ଗ୍ଭହିଁ ଦେଇ କହିଲେ—"ଏଇ ମୀନ ନା ! ଅରେ ଏଡ଼ଟାଏ ହୋଇଗଲାଣି ! କାଲି ପରି..." ମୋ ତୁଣ୍ଡକଥା ତୁଣ୍ଡରେ ରହିଗଲା ।

ନୃପବଳ ମୁରୁକି ହସି କହିଲେ, "ତମେ ଏବା ବଢ଼ୁଥିବ, ଅଉ କେହି ବଢ଼ିବେ ନାହିଁ ଭାବିଥିଲ ?"

ମୁଁ ଲଜ୍ଜିତ ହେଲି । ମୀନା ବି ଲାଜରେ ସଢ଼ି ପଡ଼ିଲା ପରି ହେଲା ।

ନୃପବଳ କହିଲେ, 'ବଟେରା ଏଠି ଅସି ଜରରେ ପଡ଼ି ହଇରାଣ ହୋଇଗଲା । ଅପେ ଦେହ ନାହିଁ ?'

"ହୁଁ, ଏଠି ଯଉ ମଶା—ମେଲେରିଅର ଘର !' ମୁଁ କହିଲି ।

ନୃପବଳ କହିଲେ, 'ଯା ମୀନ ଘର ଭିତରକୁ ପୁଣି ଥଣ୍ଡା ଲଗିବ ।"

ସେ ଗ୍ଭଲିଗଲା ।

ନୃପବଳ ମୋତେ କହିଲେ, "ଘନ ତମେ ବି ଯା, ତା ପାଖରେ ହବଏ ବସିବ । ବଟେରା ଏକୁଟିଆ ବିଛଣାରେ ପଡ଼ିପଡ଼ି ସରିଗଲାଣି । କଥାବାର୍ତ୍ତା ହେଲେ ଭଲ ଲଗିବ ହବଏ ।"

ଏତିକି କହି ସେ ତାଙ୍କ ଘରକୁ ଗ୍ଭଲିଗଲେ । ମୁଁ ସେଠୁଁ ଉଠି ମୀନା ଘରକୁ ଗଲି । ମୀନା ଶୋଇ ଥିଲା । ମୁଁ ପଟେ ଚେୟାରରେ ବସିଲି ।

ପଗ୍ଭରିଲି, "ଏଠିକି କେତେଦିନ ହେଲା ଅସି-ଲୁଣି ?"

"ଅଜକି ଲଗେଇ ପନ୍ଦରଦିନ ।"

"ଜର କେବେ ହେଲା ?"

"ଶନିବାର ଦିନ, ଅଗ ଶନିବାର ।"

"ଅଉ କଣ ପଛ ଶନିବାର ଛୁଅନ୍ତା କି ?"

"ନାଇ, କାଲି ଶନିବାର ଛାଡ଼ିଛି ।"

"ଭାରି ଦୁର୍ବଳ ଲାଗୁଥିବ ?"

"ଉଃ—ଭା—ରି ।"

"କଣ ଖାଉଚ ?"

"ସାବୁ ବାର୍ଲି—ଅଉ କଣ !—ଅନ ପଥ୍ୟ କଲି କଇ ଯେ, ମୋଟେ ରୁଚିଲା ନାହିଁ ।"

ପର ପୃଷ୍ଠା ଶେଷ ଦେଖନ୍ତୁ ।

Digitized by srujanika@gmail.com



# ପ୍ରାଣର ବନ୍ଧୁ...

**କାହାଣୀ**

## ହତ୍ୟାରହସ୍ୟ

ଲେଖକ—ଶ୍ରୀ ଦେବେନ୍ଦ୍ରନାଥ ପଟ୍ଟନାୟକ

( ଏକ ଇଂରେଜୀ ଗଳ୍ପର ଛାୟାରେ ଲିଖିତ )

ପ୍ରାୟ ଏକମାସ ଅତୀତ ହୋଇଗଲଣି । ପ୍ରାଇଭେଟ ଡିଟେକ୍ଟିଭ୍ ମି: ବେନାର୍ଜି ବାହାର କୋଠରୀରେ ବସି ଭାବୁଥାନ୍ତି, 'ମାସେ ହେବ ପ୍ରତ୍ୟେକ ଇଂରେଜୀ, ଓଡ଼ିଆ ଓ ବଙ୍ଗଳା ପତ୍ର ପତ୍ରିକାରେ ମୋର ବିଜ୍ଞାପନ ବାହାରିଲାଣି । କିନ୍ତୁ ଅଦ୍ୟ ପର୍ଯ୍ୟନ୍ତ ଗୋଟାଏ କେସ୍ ମୋ ଭାଗ୍ୟରେ ଘଟିଲାନି ।''

ହଠାତ୍ କେହି ବାହାରର କବାଟରେ ଆଘାତ କଲେ । ଦ୍ୱାର ସମ୍ମୁଖରେ ପଦଶବ୍ଦ ଶୁଣି ମି: ବେନାର୍ଜି ବସି ଖୋଲିଦେଲେ । ଜଣେ ମଧ୍ୟ-ବୟସ୍କ ଲୋକ ଗୃହମଧ୍ୟରେ ପ୍ରବେଶ କଲେ । ତାର ବାଁ ହାତରେ ଗୋଟିଏ ପୁଟୁଳି ! ମି: ବେନାର୍ଜି ଡିଟେକ୍ଟିଭ୍ ସୁଲଭ ଦୃଷ୍ଟିରେ ତା ଆଡ଼କୁ ଚାହିଁଲେ । ଲୋକଟିର ପୋଷାକ ଦେଖି ଭାବିଲେ, ବୋଧହୁଏ ଏ ଜଣେ ବାବୁର୍ଚ୍ଚି ବା ଚାକର । ଲୋକଟି ତାଙ୍କ ଟେବୁଲ ନିକଟକୁ ଆସି ପକେଟରୁ ଖଣ୍ଡେ ଖବର କାଗଜ ବାହାର କରି, ମି: ବେନାର୍ଜିଙ୍କର ବିଜ୍ଞାପନ ଦେଖାଇ କହିଲା, "ଏ କଣ ଆପଣଙ୍କର—?"

ଡିଟେକ୍ଟିଭ୍ ମଥା ହଲାଇ ସମର୍ଥନ କଲେ । ଆଗନ୍ତୁକ କହିଲା, "ଧନ୍ୟବାଦ । ମୁଁ ଆପଣଙ୍କର ସାହାଯ୍ୟ ଭିକ୍ଷା କରିବାପାଇଁ ଆସିଛି । —ମୋର ମାଲିକୁ କିଏ ହତ୍ୟା କରିଛି ।" "ହତ୍ୟା କରିଛି ?" କହି ଡିଟେକ୍ଟିଭ୍ ନିଜ ଆସନରୁ ଉଠି ପଡ଼ି, ପୁଣି ଭଲକରି ବସି ପଡ଼ିଲେ । ଲୋକଟି ଦୁଃଖରେ ସହିତ ଜଣାଇଲା । ନିକଟସ୍ଥ ଚେୟାରକୁ ଦେଖାଇ ଡିଟେକ୍ଟିଭ୍ କହିଲେ, "ବସନ୍ତୁ, ବସନ୍ତୁ, ଦୟାକରି ।" "ଥ୍ୟାଙ୍କ୍ୟୁ" ଜଣାଇ କହି ଲୋକଟି ଚେୟାରରେ ବସିଲା । ଡିଟେକ୍ଟିଭ୍ ପକେଟରୁ ନୋଟ୍ ବୁକ୍ ଓ ପେନ୍ସିଲ ବାହାର କରି କହିଲେ, "କଣ ଘଟିଛି ଠିକ ଠିକ୍ କହି ଯାଆନ୍ତୁ !" ଲୋକଟି ଦୁଃଖର ସହିତ ତଳକୁ ଅନାଇ, କିଛି ସମୟ ପରେ ଗୋଟିଏ ଦୀର୍ଘ ନିଶ୍ୱାସ ତ୍ୟାଗ କରି କହିଲା, "ମି: ବେନାର୍ଜି, ଆଜ ଅନେକ ...

---

'ଅଭ୍ୟାସ ଯାଉଛି ।'

'ହଁ—ଉ । ଯେମିତି ଏବେ କରରେ ସିନ୍ଦୂରଟିକ ନେଇ ଦେଉଛି ।'

'ମେଟ୍ରିକରେ ଅଭ୍ୟାସ ହୁଏ ଇମିତି ।'

ମୀନା କିଛିଏ ଚୁପ କରି ରହିଗଲା । ତାପରେ ହଠାତ୍ କହି ଉଠିଲା, 'ସନହରେ, କଣ ତାଇରେ ଅଭ୍ୟାସ ଯାଆନ୍ତା ! ମନ ହଉଛି—'

'କଣ ମନ ହଉଛି ମୀନା ?'

'କହିବନି ।'

ମୁଁ ହସିଲି । ସେ ବି ହସିଲା ।

ତାପରେ ଉଠି ଜରିକା ପରି କହିଲା, 'ତମେ ଚାଲି ଯାଅ ଦୟାକରି କ୍ଲବରେ ।'

ଉଃ, ସରଳା, ଅଭ୍ୟାଗତ କାଳବା, ହୃଦୟର ନିଭୃତତମ କକ୍ଷରୁ ଉଜାଡ଼ି କରି ତାର ସମସ୍ତ ସ୍ୱପ୍ନ ଆଶା ଅକାଂକ୍ଷା ମୋର ଆଗରେ ଥାଳି ଦେଉଛି । କି ବିଶ୍ୱାସ ! କି ନିର୍ଭର !

ମନ ହେଲା କହି ଦିଏ ତାକୁ ଚିତ୍କାର କରି—ମୀନାକ୍ଷି, ପ୍ରାଣର ମୀନାକ୍ଷି, ହୃଦୟର ମୀନାକ୍ଷି ମୋର, ତୋ ପାଇଁ ମୁଁ କଣ ଦେଇ ନ ପାରେ ! ଧନ, ମନ ପ୍ରାଣ, ଜୀବନ, ସବୁ ବିସର୍ଜନ କରିପାରେ ମୁଁ ତୋର କ୍ଷଣିକ ତୃପ୍ତି ପାଇଁ । କହ ପ୍ରିୟେ, ଅଧେ ଅଳ୍ପକରେ କଣ ଅଛି ! ସ୍ୱର୍ଗରୁ ଅମୃତ ପାତାଳରୁ ହଳାହଳ, ଆଣିଦେବି ଲଢ଼ି, ଯାହା କହିବୁ ତାହା—

କହିଲି, 'କଣ କହିଲେ ସୋନା...'

'ମୁଁ ଜାଣିଛି !'

ଦୃଷ୍ଟିଭ୍ରମରେ ବାଆଁ ହାତଟା ମୁଣ୍ଡ ଉପରକୁ ଓ ଡାହାଣ ହାତଟା ପକେଟ ଭିତରକୁ ଚାଲିଗଲା । ହାତରେ ବାଜିଲା କଣ ଗୋଟାଏ । ମନେ ପଡ଼ିଲା ସେଇ ପରସାବାଲା ଗରମାଗରମ ନୋଟ୍ ଦୁଇଟା ସେଇଠି ରହିଛି ।

ମୁଣ୍ଡରେ ହାତ ବୁଲାଇବା ଫଳରେ ଚୁଟିଟା ଖୋଲିଗଲା ପଛକୁ । କହିଲି—"ଗୋଟାଏ ଜିନିଷ ଅଛି, ଖାଇବ ?"

ସେ ହସି ହସି କହିଲା, "କଣ ?"

"ନାଁ ତୁମେ ତାକୁ ଦେଖିପାରିବ ନାହିଁ କି ତା ନାଁ ଜାଣିବ ନାହିଁ । ପାଟି ଆଁ କରି ଆଖି ବୁଜ—"

ମୀନା ଆଖି ବୁଜି ପାଟି ଆଁ କଲା । ମୁଁ ଧପ କରି ଗୋଟାଏ ନୋଟ୍ କୁ (ଅବଶ୍ୟ ଦଶଟଙ୍କିଆ ନୋଟ୍) ତା ପାଟିରେ ଗଳାଇ ଦେଲି ।

ଗଣ୍ଡୁଷ ପରି ମୁହଁକୁ ବାଉଁଶ ଭିତରେ ଦେବା ଅସୁବିଧା ହେଲେ ମୁଁ ନୋଟ୍ ଖଣ୍ଡକ ମୁହଁ ଭିତରେ ଦେଇ ଦେଲି । ସେ ଖାଇ ଗଲା । ମୁଁ ତାର ମୁହଁର ଭାବ ପରିବର୍ତ୍ତନ ଲକ୍ଷ କରୁଥିଲି ।

ହେଲେ ଚୋବାଉ ଚୋବାଉ ମୀନା କହିଲା, "ବାପ୍ରେ, କି ରକମ ଲାଗୁଛି—। ଆପଣ ମୋତେ କଣ ଖୁଆଇ ଦେଲେ—।"

ମୋ ଛାତି ଧଡ଼୍ ଧଡ଼୍ ହୋଇଗଲା । କିନ୍ତୁ ଚଉଦ ଅଣା ପଇସା ଯେ ଏ ଖଜନ ପାଇଁ ନ ହେବ ।

ଏମିତି ଆଉ କେବେ ମୀନାଙ୍କୁ ଭଲ ଦେଖି ନାହିଁ । ସେ ଦିନର ମୋ ପାଗଳାମିର କଥା ମନେ ପଡ଼ିଲେ ଏବେ ହସ ମାଡ଼େ—ଆମ ଦୁହିଁଙ୍କ ଜୀବନ ଯାକ ସେ ଅଦ୍ଭୁତ ଘଟଣା ମନରେ । ଧନ୍ୟ ନୋଟ୍ !

:—※—



Digitized by srujanika@gmail.com

କରୁଛ ? - ମୁଁ ଫେକ୍ଟେରୀରେ କାମ କରେଁ । କାମ ସରିବା ପରେ ସନ୍ଧ୍ୟା ଛ'ଟା ବେଳେ ସେଠାରୁ ଫେରି ଦେଖେଁ ମୋର ସ୍ତ୍ରୀ ଶଯ୍ୟାଶାୟୀ । ପ୍ରଥମେ ମୁଁ ଭାବିଲି, କୌଣସି ଅସୁସ୍ଥତା ଯୋଗୁଁ ସେ ଶୋଇଛି । କିନ୍ତୁ ପରେ ଦେଖେଁ, ବିଛଣା ରକ୍ତରେ ଭିଜି ଯାଇଛି । ମୁଁ ଅସ୍ଥିର ହୋଇ ତାର ଶରୀରକୁ ଦେଖି ହତଭମ୍ବ ହୋଇ ପଡ଼ିଲି । ଦେଖିଲି ତାର ଘଣ୍ଟିରେ ଗୋଟାଏ ଘା—ରକ୍ତରେ ଲୁଗାପଟା ଭିଜି ଯାଇଛି ।" ଏତକ କହି ସେ ଆଉ କହି ପାରିଲା ନାହିଁ । ଗୋଟିଏ ଗଭୀର ନିଶ୍ୱାସ ଛାଡ଼ି ଚୁପ ହୋଇ ବସି ରହିଲା । ଇନ୍‌ସପେକ୍ଟର୍ କିଛି ସମୟ ଆଖିବୁଜି ଚୁପ୍ ହୋଇ ବସି ରହିଲେ । ତାଙ୍କ ବସିବା ଧରଣରୁ ଯେ ଲକ୍ଷ୍ୟ କରିବ, ସେ ଭାବିବ ଯେ, ସେ ବଡ଼ ଦୁଃଖରେ ବହୁତ ଚିନ୍ତିତ ଅଛନ୍ତି । କିନ୍ତୁ ପ୍ରକୃତରେ ମନେ ମନେ ଭାବୁଥିଲେ, "ଭଗବାନଙ୍କ ଦୟାରୁ ମୋ ହାତରେ ଗୋଟାଏ ଖୁନ ମାମଲା ପଡ଼ିଛି । ବର୍ଷ ବର୍ଷ ଧରି ଯାହାପାଇଁ ଅପେକ୍ଷା କରୁଥିଲି, ତାହାହିଁ ଆଜି ମୋର ଜୀବନରେ ପ୍ରଥମ ମିଳିଛି । ସାମାନ୍ୟ ଅନୁସନ୍ଧାନ ଫଳରେ ଯଦି ମୁଁ ଏଥିରେ ସଫଳକାମ ହୁଏଁ ତାହାହେଲେ, ମୋର ନାମ ସୁରଅଭ୍ ରହିଯିବ । କଲିକତାର ସମସ୍ତ ଇନ୍‌ସପେକ୍ଟରଙ୍କୁ ମୁଁ ଟପିଯିବି । ସେତେବେଳେ ହଜାର ହଜାର କେସ୍ ମୋ ହାତକୁ ଆସିବ । ସେତେବେଳେ ଲୋକେ ବଡ଼ ବଡ଼ି ବେମିଃ ବେନାର୍ଜିଙ୍କୁ । ଯାହାହେଉ ଏତେ ଦିନେ ମୋର ଭାଗ୍ୟ ଫେରିଲା ।" ସେ ଆଖି ଖୋଲି, କରିମ୍ ଖଢ଼ୁକୁ ଲକ୍ଷ୍ୟ କରି କହିଲେ, "ତୁମ ସହ କୌଣସି କେସ ହୋଇଛି କି ?" "ନା ଅଜ୍ଞା, ମୋର କୌଣସି କେସରେ କେହି ହସ୍ତକ୍ଷେପ କରିନାହିଁ ।" "ତାହାହେଲେ ଏ ହତ୍ୟାର ଉଦ୍ଦେଶ୍ୟ ଶତ୍ରୁତା ନୁହେଁ । ଭଲ କଥା । ଅଚ୍ଛା, ତୁମ ଦୁଇଜଣଙ୍କ ଛଡ଼ା ସେଠାରେ ଅନ୍ୟ କେହି ବାସ କରନ୍ତି କି ?"

"ନାଁ ଅଜ୍ଞା, କେବଳ ଆମେ ଦୁହେଁ ବାସକରୁଁ ।"

"ଅଚ୍ଛା, ତୁମ ଘରକୁ ଅନ୍ୟ କେହି ଯିବା ଆସିବା କରନ୍ତି ?"

"ଅଜ୍ଞା ହଁ, ମୋ ଘରକୁ ତିନିଜଣ ଯାତାୟାତ କରନ୍ତି । ସେମାନଙ୍କ ମଧ୍ୟରୁ ଦୁଇଜଣ, ମୋ ସ୍ତ୍ରୀର ସାବତ ଭାଇ । ଅନ୍ୟ ଜଣକ ଆମ ଘର ପାଖର ଘରଣୀ ବୁଢ଼ୀ । ସେ ମୋର ସ୍ତ୍ରୀକୁ ନିଜର ଝିଅଠାରୁ ବଳି ଭଲ ପାଏ ।" ଇନ୍‌ସପେକ୍ଟର୍ ଏ ସବୁ କଥା ନିଜ ନୋଟ୍‌ବୁକ୍‌ରେ ଲେଖି ଲେଖି ପଚାରିଲେ,

"ଅଚ୍ଛା, ତୁମ ସ୍ତ୍ରୀଙ୍କ ସହିତ ତାଙ୍କ ସାବତ ଭାଇମାନଙ୍କର ସଦ୍‌ଭାବ ଥିଲା କି ?"

"ମୁଁ କହିବି—"କରିମ ଏତିକି କହି ରହିଗଲା । ଇନ୍‌ସପେକ୍ଟର୍ ଏହା ଲକ୍ଷ୍ୟ କରି ଉତ୍ସାହରେ ପଚାରିଲେ, "ତୁମେ ମୋଠାରୁ କିଛି ଲୁଚାଅ ନାହିଁ ।"

"ନା, ସେମାନେ ଅନେକ ସମୟରେ ମୋ ସ୍ତ୍ରୀ ସହିତ କଳହ କରନ୍ତି ।"

"କାହିଁକି ?"

"ଗୋଟାଏ କୁଥ ଚେଡ଼ିଭ ପାଇଁ ।"

"କୁଥ ନେଡ଼ିଭ ? କେଉଁ କୁଥ ?"

"ଦୁଇଟି ଗୋଡ଼ ବଳିଷ୍ଠ—"

ଇନ୍‌ସପେକ୍ଟର ବିରକ୍ତ ହୋଇ କହିଲେ, "ଓଃ, ତା ବୁଝିଲି; କିନ୍ତୁ କାହିଁକି ସେମାନେ ସେ ନେଡ଼ିଭଟି ପାଇଁ କଳି କରୁଥିଲେ ?"

"ଗତବର୍ଷ ମୋର ଶ୍ୱଶୁର, ଅର୍ଥାତ୍ ସେମାନଙ୍କର ବାପା ମରିଗଲେ । ତାଙ୍କର ଏହି ନେଡ଼ିଭଟି ଏକମାତ୍ର ଅଦରର ସାମଗ୍ରୀ ଥିଲା । ସେ ମଲା ବେଳକୁ ଏ ନେଡ଼ିଭଟିକୁ କାହାକୁ ଦେଇଯାଇ ନ ଥିଲେ । କିନ୍ତୁ ମୋର ସ୍ତ୍ରୀ ତାର ଯତ୍ନ ନେଉଥିବାରୁ ସେ ତାକୁ ଆଣି ରଖିଛି । ସେଥିପାଇଁ ତା ଭାଇମାନେ ଅନେକ ସମୟରେ ଆସି ସେ ନେଡ଼ିଭଟି ଦାବୀ କରନ୍ତି । କିନ୍ତୁ ମୋ ସ୍ତ୍ରୀ ତାକୁ ଦେବାକୁ ରାଜି ନ ହେବାରୁ ଏ କଳି ଗୋଳର ସୂତ୍ରପାତ ।" ଇନ୍‌ସପେକ୍ଟର ମନେମନେ ବୁଝିନେଲେ ଯେ ହତ୍ୟାର ଏହାହିଁ ପ୍ରଧାନ କାରଣ । ସେ ପାଟିକରି ଉଠିଲେ, "ବୁଝିଲି ସମ୍ଭବତଃ ସେମାନଙ୍କ ମଧ୍ୟରୁ ଜଣେ ନିଶ୍ଚୟ ତୁମର ସ୍ତ୍ରୀକୁ ହତ୍ୟା କରିଛି ।" "ସମ୍ଭବ କାହିଁକି, ନିଶ୍ଚୟ ସେମାନଙ୍କ ମଧ୍ୟରୁ ଜଣେ ମୋ ସ୍ତ୍ରୀକୁ ଛୁରିରେ ହତ୍ୟା କରିଛି । ତାର ପ୍ରମାଣ ସ୍ୱରୂପ କେତେକ ଚିହ୍ନ ମୁଁ ଆଣିଛି ।"

"ଚିହ୍ନ ?" କହି ଇନ୍‌ସପେକ୍ଟର ଚହଙ୍କି ଉଠିଲେ ।

"ହଁ ଅଜ୍ଞା, ମୁଁ ଏହାକୁ ମୋର ଘରେ ପାଇଲି ।" ଏହା କହି ସେ ହାତରେ ଧରିଥିବା ପୁଟୁଳି ଭିତରୁ ଗୋଟାଏ ପୁରୁଣା ନେଡ଼ି ବାହାର କରି ଇନ୍‌ସପେକ୍ଟରଙ୍କ ହାତକୁ ଦେଲା । ଇନ୍‌ସପେକ୍ଟର ତାହାକୁ ଦେଖି ଭାବିଲେ, "ମୁଁ ଅନେକ ବହିରେ ପଢ଼ିଛି ଯେ ଏହିପରି କେସ ଉପରରେ ଛାଡ଼ି ଯାଉଥିବା ଯୋଗୁଁ ଅନେକ ହତ୍ୟାକାରୀ ଧରା ପଡ଼ିଅଛନ୍ତି ।" ସେ ଅନେକ ସମୟ ନେଡ଼ିକୁ ଘୂରାଇ ଦେଖିଲେ । କିନ୍ତୁ କିଛି ଠିକ୍ କରିପାରିଲେ ନାହିଁ । ଏତିକି ମାତ୍ର ସିଦ୍ଧାନ୍ତରେ ଉପନୀତ ହେଲେ ଯେ ତାହା କୌଣସି ପୁରୁଷ ଲୋକର ପୁରୁଣା ନେଡ଼ି ।

"ଅଚ୍ଛା, ତୁମେ କହିପାରିବ ଏହା କାହାର ନେଡ଼ି ?"

"ନା ଅଜ୍ଞା, ଠିକ୍ କରି କହିପାରିବି ନାହିଁ । କାରଣ ସେମାନେ ଦୁହେଁ ଏକାପରି ଏକ ଢଙ୍ଗ ଓ ମାପର ନେଡ଼ି ପିନ୍ଧନ୍ତି ।"

"ଅଚ୍ଛା, ଆଉ କଣ ପାଇଛ ଦେଖି ।" କରିମ୍ ଗୋଟାଏ ଦୁର୍ଗନ୍ଧଯୁକ୍ତ ମଇଳା ରୁମାଲ ଇନ୍‌ସପେକ୍ଟରଙ୍କ ହାତକୁ ବଢ଼ାଇ ଦେଲା । ଇନ୍‌ସପେକ୍ଟର୍ ତାକୁ ପରୀକ୍ଷା କରି ଦେଖିଲେ । ଶେଷରେ ରୁମାଲର ଗୋଟିଏ ଧାରରେ 'ଅ ଖାଁ' ଲେଖା ହୋଇଥିବା ଦେଖି, କରିମ୍‌କୁ ପଚାରିଲେ, "ସେହି ଭାଇଙ୍କ ନାମ କଣ ?"

"ଅବ୍‌ଦୁଲ ଖାଁ ଓ ଅମୀର ଖାଁ । କିନ୍ତୁ ଏଥିରେ ଇନ୍‌ସପେକ୍ଟର ହତାଶ ହେଲେ । କାରଣ ଦୁଇଜଣଙ୍କର ନାମର ପ୍ରଥମ ଅକ୍ଷର 'ଅ' । କିନ୍ତୁ ନିଜର ମନକୁ ସାନ୍ତ୍ୱନା ଦେଇ କରିମ୍‌କୁ କହିଲେ, "ହତ୍ୟାକାରୀ ଶୀଘ୍ର ଧରା ପଡ଼ିବ । କାରଣ ଏ ଯେ ମିଃ ବେନାର୍ଜିଙ୍କ ହାତରେ ପଡ଼ିଛି । ମୋ ହାତରୁ ମୁକ୍ତି ପାଇବା ଅସମ୍ଭବ । ଅଚ୍ଛା, ଚାଲତ ସେମାନଙ୍କ ପାଖକୁ ଯାଇ ଅନୁସନ୍ଧାନ କରି ବୁଝିବା ଏସବୁ କେସ ପ୍ରକୃତରେ କାହାର ।"

"ସେମାନଙ୍କ ପାଖକୁ ? କ୍ଷମା କରିବେ ଅଜ୍ଞା । ମୁଁ ସେମାନଙ୍କ ପାଖକୁ ଅନ୍ତତଃ ଏ ପୋଷାକରେ ଯିବିନାହିଁ । ଏହାପରୁ ମାଫ କରିଦେବ ।"

"କାହିଁକି ?"

"ଅଜ୍ଞା, ମୁଁ ଯଦି ଏ ପୋଷାକରେ ଯାଏଁ, ତାହାହେଲେ ଯେ ହତ୍ୟା କରିଥିବ ସେ ମୋତେ ଚିହ୍ନି ପାରିବ ଓ ଭାବିବ ମୁଁ କାହାକୁ ନେଇ ତାକୁ ଧରିବାକୁ ଯାଇଛି । ସେ ନିଜକୁ ରକ୍ଷା କରିବା ନିମନ୍ତେ ନିଶ୍ଚୟ ମୋତେ ଖୁନ କରିବ । ଶେଷରେ ଅଜ୍ଞା, ମୋର ଜୀବନଟି ଯିବ ।" "ହୁଁ" କହି ଇନ୍‌ସପେକ୍ଟର୍ ଚିନ୍ତିତ ହେଲେ ।

କରିମ୍ କହିଲା, "କିନ୍ତୁ ଅଜ୍ଞା ଗୋଟାଏ ବୁଦ୍ଧି କଲେ ହୁଅନ୍ତା । ଶୁଣନ୍ତୁ—ମୁଁ ଯଦି ଡମାର ଏ ଦାଢ଼ି କ୍ଷୌର ହୋଇ ପଡ଼ି, ଆପଣଙ୍କର ଗୋଟାଏ ପୋଷାକ ପିନ୍ଧି ଯାଆନ୍ତି, ତାହାହେଲେ ମୋତେ ସହଜେ ଚିହ୍ନି ପାରନ୍ତେ ନାହିଁ ଏବଂ ଏହା ଦ୍ୱାରା ଆମେ କାମଟା ଶୀଘ୍ର ହାସଲ କରି ପାରନ୍ତେ ।"

"ଚମତ୍କାର ବୁଦ୍ଧି । ଅଚ୍ଛା, ମୋ ସଙ୍ଗରେ ଆସ ।" କହି ଇନ୍‌ସପେକ୍ଟର୍ କରିମ୍‌କୁ ଅନ୍ୟ ଗୋଟାଏ କୋଠରୀକୁ ନେଇଗଲେ । କିଛି ସମୟ ପରେ କରିମ୍ ଦାମିକା ପୋଷାକ ପିନ୍ଧି ଇନ୍‌ସପେକ୍ଟରଙ୍କ ସାଙ୍ଗରେ ବାହାରିଲା । ପ୍ରକୃତରେ ତାର ଏ ସାହେବୀ ଦାମିକା ପୋଷାକ ପରିଚ୍ଛଦ ଦେଖି ସହଜେ କେହି ଚିହ୍ନି ପାରିବେ ନାହିଁ । ଇନ୍‌ସପେକ୍ଟର ବୁଝିଥିଲେ ଯେ ଏହି ଲୋକଟି ଉପରେ ତାଙ୍କର ଭବିଷ୍ୟତ ଉନ୍ନତି ନିର୍ଭର କରେ । ତେଣୁ ତାକୁ ତାଙ୍କର ଦାମିକା ପୋଷାକ

Digitized by srujanika@gmail.com

ସ୍ୱଭାବ ଚିହ୍ନିବାକୁ ଦେଉଥିଲେ। ଡଟେକ୍‌ଟିଭ୍‌ଙ୍କ ବ୍ୟବହାରରେ ଭଜା ମଟର ବାହାରେ ଅପେକ୍ଷା କରୁଥିଲା। ମିଃ ବେନାର୍ଜି ଓ କରମ୍ ମଟରଭିତରେ ବସିଲାରୁ, କରମ୍ ଡ୍ରାଇଭରକୁ ରାସ୍ତା ବତାଇଲା। ଯେତେବେଳେ ପୋଷ୍ଟ ଅଫିସ ପାଖରେ ମଟର ପହଞ୍ଚିଲା, କରମ୍ ପକେଟରୁ ଗୋଟାଏ ଲଫାଫା ବାହାର କରି ନମ୍ର ଭାବରେ କହିଲା, "ଦୟାକରି ଆପଣ ଏଠାରେ ଟିକିଏ ଅପେକ୍ଷା କରନ୍ତୁ, ମୁଁ ଏ ଚିଠି ଖଣ୍ଡିକ ପୋଷ୍ଟ ଅଫିସରେ ପକାଇଦେଇ ଆସେ। ଏ ଚିଠି ଖଣ୍ଡିକ ମୋର ପାଟନାରେ ଥିବା ଭାଇଙ୍କ ପାଖକୁ—ଏହି ଶୁଭସମ୍ବାଦ ନେଇ।" "ନିଶ୍ଚୟ, ନିଶ୍ଚୟ" କହି ଡଟେକ୍‌ଟିଭ୍ ଡ୍ରାଇଭରକୁ ମଟର ଅଟକାଇବାକୁ କହିଲେ। ମଟରଟି ପୋଷ୍ଟ ଅଫିସ ନିକଟରେ ରହିବାରୁ କରମ୍ ବାହାରି ପୋଷ୍ଟ ଅଫିସ ଭିତରକୁ ଗଲା।

ପାଞ୍ଚ ମିନିଟ—ଦଶ ମିନିଟ—ପନ୍ଦର ମିନିଟ—ଅଧଘଣ୍ଟା ଗଲା। କାହିଁ, ଲୋକଟି ଏତେ ବେଳ ଯାଏଁ ଫେରିଲା ନାହିଁ? ଡଟେକ୍‌ଟିଭ୍‌ର ସନ୍ଦେହ ହେଲା। ମଟରରୁ ଓହ୍ଲାଇ ପୋଷ୍ଟ ଅଫିସରେ ତନ୍ନତନ୍ନ କରି ଖୋଜିଲେ। କିନ୍ତୁ କାହିଁ?

ଡଟେକ୍‌ଟିଭ୍‌ର ଦେହ ଶୁଣି ପାରିଲେ ନାହିଁ। ଲୋକଟାର ହେଲା କଣ? ଗଲା କୁଆଡ଼େ? ଗୋଟାଏ ରହସ୍ୟ ଭେଦ କରିବାକୁ ଯାଇ ଅନ୍ୟ ଏକ ରହସ୍ୟରେ ଉପସ୍ଥିତ।

ଡ୍ରାଇଭରକୁ କହିଲେ, 'ଘରକୁ ଚାଲ'! ଡଟେକ୍‌ଟିଭ୍‌ର ନାନାଦି ଚିନ୍ତାପୂର୍ଣ୍ଣ ହୃଦୟରେ ଘରେ ପହଞ୍ଚି, ଘରେ ବସିଥିବା ଚେୟାର ଉପରେ ଗୋଟିଏ ଦୀର୍ଘ ନିଶ୍ୱାସ ଛାଡ଼ି ବସିପଡ଼ିଲେ। ଅକାଶ ପାତାଳ ଭାବିବାକୁ ଲାଗିଲେ। ତାଠାରୁ ପୂର୍ବେ କରମ୍ ବସିଥିବା ସ୍ଥାନରେ ଗୋଟିଏ ଲଫାଫା ଦେଖି, ତାକୁ ଉଠାଇ ଆଣିଲେ। ସେଥିରେ ଲେଖାଥିଲା—

'ପ୍ରିୟ ମିଃ ବେନାର୍ଜି,

ମୁଁ ପ୍ରକୃତରେ ଦୁଃଖିତ (?) ଯେ ମୁଁ ଜଣେ ସାଧାରଣ ଲୋକକୁ ଠକାଇନାହିଁ। ଠକାଇଛି ଜଣେ ଅନୁଭବୀ ଡଟେକ୍‌ଟିଭ୍‌କୁ। କିନ୍ତୁ ମୋର କେବଳମାତ୍ର ସୁନ୍ଦର ଦାମିକା ପୋଷାକ ଲୋଡ଼ା ଥିଲା। ଯେତେବେଳେ ମୁଁ ଖବର କାଗଜରେ ଆପଣଙ୍କର ବିଜ୍ଞାପନ ପଢ଼ିଲି, ସେତେବେଳେ ଆପଣଙ୍କ ଠାରୁ କେବଳମାତ୍ର ଭଲ ନୂଆ ଠକାଇନେବାର ବାସନା କିନ୍ତୁ କରିପାରିଲି ନାହିଁ। ତେଣୁ ଏହି କାମ୍ବକର ଉଦ୍ୟୋଗକୁ, ମିଥ୍ୟାରେ ଅବତାରଣା ଓ ଆପଣଙ୍କ ଆଖିରେ ଧୂଳି ଦେଇ ପୋଷ୍ଟ ଅଫିସର ପଛ ଦ୍ୱାରରେ ପଳାଇଲି। ଏ ସବୁ କାର୍ଯ୍ୟ ମୁଁ ଅଗରୁ ନେଇ ମନେମନେ ଠିକ୍ କରି ଆସିଥିଲି, କାରଣ ଏହାହିଁ ମୋର ବ୍ୟବସାୟ। ହାଃ, ହାଃ, ଆପଣ ଭଳି ନିର୍ବୋଧ ଗୋଟାଏ ମନରେ ଧରା ପଡ଼ିଦେବି। ମୁଁ ମନେ କରେ ଏହାହିଁ ଆପଣଙ୍କର ଲୋଡ଼ାଥିଲା। ଆପଣ ଆଉ ଏହିପରି ଯେଉଁ ସୁନାମ ଅର୍ଜ୍ଜନ କରିଛନ୍ତି ସେଥିରେ ଡଟେକ୍‌ଟିଭ କାର୍ଯ୍ୟ କଳଙ୍କିତ କରିଥିଲେ, ତାହାଠି ଫେ [illegible]

ପୁ: ଦ୍ର:—ଏଠା ମୁଁ ମୋର ପୁରୁଣା ପୋଷାକ ଓ ଅପରିଷ୍କାର ରୁମାଲ ଦେଇବାର କରିନାହିଁ। ଆପଣ ତାହା ଫେରିଦେଇ ପାରନ୍ତି।

———

ବ୍ରହ୍ମଦେଶରେ ପ୍ରଥମ ପ୍ରତିଷ୍ଠିତ

( ସାପ୍ତାହିକ ) 'ବର୍ମା ଓଡ଼ିଆ ପତ୍ରିକା' (ରୟେଲ ୧୬ ପୃଷ୍ଠା)

ଏହାହିଁ ଏକମାତ୍ର ପ୍ରବାସୀ ଉତ୍କଳୀୟଙ୍କ ପ୍ରଧାନ ମୁଖପତ୍ର। ଉତ୍କଳର ଗ୍ରାମ-ଗ୍ରାମାନ୍ତର ସକଳ ପ୍ରକାର ଦୁଃଖ ଦୁର୍ଦ୍ଦଶା, ବର୍ମାରେ ବ୍ୟବସାୟୀଙ୍କ ପ୍ରକୃତ ଅବସ୍ଥା, ବର୍ମା ଭାରତ ପୃଥକ୍‌କରଣ ପରେ ବର୍ମା ସରକାରଙ୍କ ମତଗତ ଏବଂ ବର୍ମାର ରାଜନୈତିକ ପରିବର୍ତ୍ତନ ସଙ୍ଗେ ସଙ୍ଗେ ଅଧିବାସୀମାନଙ୍କ ସାମାଜିକ, ରାଜନୈତିକ ଓ ଆର୍ଥିକ ଅବସ୍ଥା ସମ୍ବନ୍ଧେ ଲେଖାମାନ ଏହି ପତ୍ରିକାରେ ପ୍ରକାଶିତ ହୁଏ। ବ୍ରହ୍ମଦେଶର ବ୍ୟବହାରିକ ଖବର ଜାଣିବାକୁ ହେଲେ ଏହି ପତ୍ରିକା ପଢ଼ନ୍ତୁ। ଏହା ବର୍ମାର ଯୁବକ କର୍ମୀ ଶ୍ରୀଯୁକ୍ତ ମଧୁସୂଦନ ମହାପାତ୍ରଙ୍କ ଦ୍ୱାରା ପ୍ରତିଷ୍ଠିତ ଓ ସମ୍ପାଦିତ।

ମୂଲ୍ୟ ୫୵୫, ଷ୍ଟାମ୍ପ ମୁଦ୍ରା ୫୵୯, ଭାରତବର୍ଷ ପକ୍ଷରେ ଦେୟ ୫୪୯। ଠିକଣା—ନଂ ୨୧୬୩, ୩୦ନଂ ରାସ୍ତା ରେଙ୍ଗୁନ (ବର୍ମା)

## ପୁରୁଷର ଭାଗ୍ୟ

ସୌଭାଗ୍ୟର ସୁଯୋଗ ନେବା ଓ ଦୁର୍ଭାଗ୍ୟରେ ସାବଧାନ ହେବା ପ୍ରତ୍ୟେକର କର୍ତ୍ତବ୍ୟ। ସେଥିପାଇଁ ଜ୍ୟୋତିଷ ଶାସ୍ତ୍ରର ସୃଷ୍ଟି। ପ୍ରତ୍ୟେକ ବ୍ୟକ୍ତି ନିଜର ଭାଗ୍ୟ ଗଣନାକରି ରଖନ୍ତୁ।

ପାରିଶ୍ରମିକ:—

୧। ଅବର୍ଣ୍ଣ ଜନ୍ମ ପତ୍ରିକା (କୋଷ୍ଠି) ୫୧୯
୨। ତାଳପତ୍ର ସଂକ୍ଷିପ୍ତ ଜନ୍ମ ପତ୍ରିକା ୫୦୫
୩। ବିବାହ ମେଳକ କୋଷ୍ଠି ବିଚାର ୫୦୫
୪। ଦଶା, ଅନ୍ତରଦଶା, ପ୍ରତ୍ୟନ୍ତରଦଶା ଫଳ ୫୧୯
୫। ସଂକ୍ଷିପ୍ତ ଅମୃର୍ବାଦ ୫୫।

ନ: ଦ୍ର:—ଜନ୍ମର ଠିକ୍ ତାରିଖ ଓ ସମୟ ଦେବାକୁ ଭୁଲିବେ ନାହିଁ।

ଶ୍ରୀ ଅନନ୍ତ ଚରଣ ସାହୁ, ମାଷ୍ଟର
ପୁରୁଣାବଜାର, ଭଦ୍ରକ।

## ଭଲ ମଞ୍ଜିରୁ ଭଲ ଗଛ

ବୈଦ୍ୟ ପ୍ରତିଷ୍ଠାନରୁ ସୁପରୀକ୍ଷିତ ମଞ୍ଜି ବର୍ଷୀରେ ଠକିବାର ଆଶଙ୍କା ନାହିଁ। ମୂଲ୍ୟ ନିରୂପଣ ଦରରଠାରୁ ଶସ୍ତା। ପରୀକ୍ଷା ପ୍ରାର୍ଥନୀୟ।

ଟଙ୍କାକରୁ କମ୍ ଅର୍ଡ଼ର ଭି: ପି: ରେ ପଠାଯାଏ ନାହିଁ। ଦଣ୍ଡନୀ ବା ଅଧିକ ମୂଲ୍ୟର ପାର୍ଶଲରେ ଡାକମାଶୁଲ ପଡ଼ିବ ନାହିଁ।

ଏଜେଣ୍ଟ ନଂ ୩୦୪ ସ୍ଥିର
ବାଲୁଚିନ୍ତ୍ ଷ୍ଟୋର
ପ୍ରୋ: ଅ: ବାଲ (Bally)
କଟକ—ଚାନ୍ଦନୀ

## ପ୍ରିୟଜନଙ୍କ ସ୍ମୃତି

ବନ୍ଧୁଙ୍କ ଓ ଯୁବକଙ୍କ ଅତ୍ୟନ୍ତ ଆନନ୍ଦଦାୟକ! ଆପଣ ଅର୍ଡ଼ର ପଠାଇ ଦିଅନ୍ତୁ:—

ଏସ୍ ଜୈଆଉଲ୍ଲା

ଫଟୋ ହାଉସ୍, ଚୌଧୁରୀ ବଜାର

କଟକ।

(ଓଡ଼ିଶାର ଯେ କୌଣସି ସ୍ଥାନରେ ଯାଇ ଫଟୋ ଯାଇପାରେ।)

Digitized by srujanika@gmail.com

# ହନୁମନ୍ତ ବସ୍ତ୍ରହରଣ

## (ରଙ୍ଗନାଟିକା)

### (ପ୍ରଥମ ଦୃଶ୍ୟ)

[ କଷ୍ଟିଏୟାର ପ୍ରଧାନ ମନ୍ତ୍ରୀ ନିଃସ୍ୱଦନ୍ତ ଶେଯ ଉପରେ ଗଡ଼ଗଡ଼ାଉଥାନ୍ତି । ଦଣ୍ଡାୟମାନ ଅର୍ଦ୍ଦଳି ମୁଣ୍ଡରେ ବରଫ ବ୍ୟାଗ ଦେଇ ଓ ପଙ୍ଖା କରି ସେବା କରନ୍ତି ]

ନିଃସ୍ୱଦନ୍ତ—ନାଃ, ଅଃ, ପାରିବାର ନାହିଁ !···
ଉଃ—ଉଃ······କି ଯନ୍ତ୍ରଣା ଥିବାର !
ଅର୍ଦ୍ଦଳି—ଡାକ୍ତର ସାହେବଙ୍କୁ ଫୋନ କରିବି ହଜୁର ?
ନିଃସ୍ୱ—(ବିରକ୍ତ ଭାବରେ ଦନ୍ତହୀନ ମାଢ଼ି ଦେଖାଇ)
ଓଃ, ରୁଗ୍ଣ ଦେହ, ଦେଖୋ ହେଲି କାହାଁକା,
ଏ ବ୍ୟାଧିକି ଅଛି ଔଷଧର ?
ଏ ନା ବ୍ୟାଧି ଏପରି
ଘଟଣା ପକାଏ କରନ୍ତି ।
କି କରିବ ଡାକ୍ତରର ବୋଝ !
ଯାଅ ବରଂ ସମାଜ ଅଫିସେ,
ଅବା ଯାଅ ଜାନକୀ ଭବନେ,
ଅଣିବ ଭଦନ୍ତ ଯାହା ଆସିଥିବ ନୂଆ ।
ଅଥବା ସଲାମ ଦିଅ ବାଲକୀ ଦାସଙ୍କୁ,
କଳ୍ପତରୁ,—ଯନ୍ତ୍ରୀ, ମନ୍ତ୍ରୀ, ତନ୍ତ୍ରୀ ଏ ଦଳର ।
(ଅର୍ଦ୍ଦଳି ବାହାରି ଗଲା)
ଉଃ—ମୁଣ୍ଡ ହୁଏ ବନ୍ ବନ୍, ବୁକୁ ଛନ୍ ଛନ୍,
କେତେ କଥା ମନ୍ ମନ୍ ପାଉଁଥିଲି ଅଜେ,
ସବୁ ହୋଇଗଲେ ପଣ୍ଡ ? କି ପ୍ରଚଣ୍ଡ ଘାତ ?
ଖଣ୍ଡ ଖଣ୍ଡ, ଲଣ୍ଡଭଣ୍ଡ ହୋଇଗଲା ସବୁ,
ମୂର୍ଚ୍ଛା ମାଡ଼ଇ, ଏବେ ତାହାର ହୁକୁମ !
ଏ ବେଳରେ ଗଲା କାହିଁ ଶ୍ରେଷ୍ଠ ଇଷ୍ଟଦାତା,
ମହାନାଥ ଛାଡ଼ିଗଲା ଭବ,
ଅନୁଭବ ଯାର ଥିଲା ପାଇ ଏହି ଗାଦି,
ମୁଁ ଏହି ଅଞ୍ଚଳ, ଥିଲା ସାଥି ଓରମାନ ।
ହଠାତ ହୋଇଲା ବାଦ,—ଦାଢ଼ୀ ଯେ ପଡ଼ିଲା
କରିଲି ଯେତେ ପୂର୍ଣ୍ଣ କରିଲା ଫିକର ।
ଦେଲା ଯାହା ଦେଲା ତାହା ଦାନ୍ତ ଦାନ୍ତରେ ।
ଏ କି ବିଡ଼ମ୍ବନା !—ବରଂ······
(ବାଲକୀ ଦାସ ବାବାଜୀ ପ୍ରବିଷ୍ଟ ହେଲେ—କପାଳେ ଦୀର୍ଘ ଫୋଟା, ମୁଣ୍ଡରେ ଶେଡ଼ନା ଚୁଟି, ହାତରେ ଜପମାଳା 'ଠକ ଠକ' ନାଦରେ ଘୂର୍ଣ୍ଣମାନ)

ବାଲକୀ—ରାଧେକୃଷ୍ଣ, ରାଧେକୃଷ୍ଣ !
(ଚମକି) ଏକି, ଏକି କଥା !
'ଚନ୍ଦ୍ର' କରି କରି ମଥା ହୋଇଅଛୁ ବଥା ।
ଚୌଛନ୍ଦି ମଣ୍ଡପରେ ଯଥା ମଣ୍ଡଳଟା,
ମୁଖେ ନାହିଁ କଥା,······
ନିଃସ୍ୱଦନ୍ତ—ଆସିଲ, ଆସିଲ ବନ୍ଧୁ,—କି କଥା କହିବି,
ସବୁ ତ ସରିଲା···ଉଃ······
ବାଲକୀ—ଏ ତ ତୃଷ୍ଣା ମେଲେରିଆ—
Cereural type (ସେରବ୍ରାଲ ଟାଇପ୍)
ମଶା ବିଷ, ମଶା ବିଷ, ତାହା ମଶା ବିଷ !
ଯେଯାଇଁ ନଗର-ପିତା (city father)
ବଳଦନ୍ତ ମୁହିଁ,
ମଶଙ୍କ ବିନାଶ-ବ୍ରତ ଧରିଅଛୁ ସଦା ।
ନିଃସ୍ୱ—ଅହିଂସା—ଅହିଂସା—ପରା ?
ବାଲକୀ—ରଖିଦିଅ ଅହିଂସା ତୁମର !
ମାର ପିଟ ଦଙ୍ଗା ସିନା ଅଟେ Violence,
କୌଶଳରେ ଶତ୍ରୁ ନାଶ ନୁହଇ ଅଧର୍ମ ।
କରଣିଅ ସିଦ୍ଧ ଏହା, କଲମର ପେଞ୍ଚ ।
ବାକ୍ୟରେ, ହାତରେ ସଦା ବାରଯାକ ମଧୁ,
ଭିତରେ ମାଡ଼ିଲେ ଖାଞ୍ଚ ଜାଣିବ କା ବାବା !
ଆମ୍ଭକୁ ଦେଖାଅ କେତେ ଅହିଂସାର ବୋଲି,
ଡବଲ ଅହିଂସ ହାମେ,
ବୈଷ୍ଣବୀ ଅହିଂସାସନେ, ଗାନ୍ଧିଅ ଅହିଂସା,
ମିଶିଅଛୁ ଅନୁପାତରେ, ଜାଣିଛନ୍ତି ତାହା ।
ମାନି ଏହା ପଲିଟିକ୍ସ, ମାର ପେଞ୍ଚ ଖେଳ;
କ୍ରିସ୍ତିଙ୍କର ଚେଲା ଅମେ ସେରା diplomat—
ନିଃସ୍ୱ—କି କରିବା କହ ତେବେ ସୁଦକ୍ଷ କୌଶଳୀ !
ଜର ଜର ପ୍ରାଣ, ମୁହିଁ ଥରଥର ଗାତ,
ହାୟ ଯୋଡ଼ା କପାଳରେ ଏତେ ହରବର !
ବାଲକୀ—ନୈର୍ଯ୍ୟଧର, ନ ହୁଅ କାତର,
କୋଥାକାର ଜଳ କୋଥା ଯାଏ ଦେଖା ଯାଉ ।
Wait and see ନୀତି ବ୍ରିଟିଶ ପଲିସି ।


Digitized by srujanika@gmail.com

ନିଃସ୍ୱ—କିନ୍ତୁ ମୋ ହସିବେ ଶତ୍ରୁ,
ହସିବ ସେ ବାଲକଣ୍ଠ, ହସିବ goodever,
ହସିବ ସେ ରଙ୍ଗରାଜ, ମୂର୍ଖ ଧନମଣି
ସବୁଠାରୁ ହସିବେ ଡେଲାଇଣି ଦାନ୍ତ
ପଲ୍ଲୀବାସୀ ଡୋଲ୍ ମୋଟ ଦୃଷ୍ଟ ଜଲବୋଟ ।
ଏ ସବୁ ନ ବାଧେ ମୋତେ, ମାତ୍ର ଉପରଓ
ଟିଟିକାର ମୋତେ ବାଧେ ନିଅଁ ଖୁଣ୍ଟା ସମ ।
ବାଲ୍କୀ—ନିତାନ୍ତ ପତଳା ଚମ—ବ୍ରାହ୍ମଣୀ କଲଜା,
ଏ କ୍ଷେତ୍ରେ ଯେ ପଶେ, ଯେହ୍ନ ବାଘର ପିଟିରେ
ଚଣ୍ଡା ଛାଲ—ଧର୍ମବନ୍ତ ସର୍ବଂସହା ଗୀତ
ଅଷ୍ଟମ ଜବର······
( ବୁଦ୍ଧିବାମ ଓ ସଦାନନ୍ଦ ମନ୍ତ୍ରୀଦ୍ୱୟ ବ୍ୟସ୍ତ ଭାବରେ ପ୍ରବେଶ କଲେ )
ସଦାନନ୍ଦ—ଅସିଲେ ଅଜ୍ଞାପତ୍ର,
ଡଡ଼ାବଡ଼ ଛାଡ଼ିବାକୁ ମନ୍ତ୍ରୀପଦ, ଗାଦି ।
ନିଃସ୍ୱ—ଅଁ······ (କାବା ହୋଇ ରହିଲେ)
ବାଲ୍କୀ—ରଥେ, ରଥେ—ପୁନର ମୂଷିକ !
ସଦା—ବାଧ୍ୟତାମୂଳକ ହୋଇଲେ କାହିଁକି ।
ନିଃସ୍ୱ—କାହାପାଇଁ ?
ସଦା—ସକଲଙ୍କ ପାଇଁ, ମାତ୍ର, ଆଗ ଆମ ପାଇଁ ।
ବାଲ୍କୀ—ଅଗଲେ ଯେହୁ, ତାର ଆଗ ଯିବା କଥା ।
ବୁଦ୍ଧି—ଅଗଲେ ! ଅଗଲେ ! ଆମେ ଅଗଲେ ?
ମୁଁ ନୁହଇଁ ଅଗଲେ କେଉଁ ପୁରୁଷରେ ।
ଆମ୍ଭ ନାମ 'ପଛପେଲ' ନିପଟ ନିର୍ଗୁଣ ।
ତୁମର କୁହକେ ପଡ଼ି ଏଇ ହଇମାର !
ବାଲ୍କୀ—ବଡ଼େ ଛ କାଅଁ ଭାଇ, ନିମକର ଦାସ ।
ତୁଚ୍ଛାରେ କି ରାଜଭୋଗ ଭୋଗିଲ ଦ'ବର୍ଷ ?
ଯେତକି ଚଢ଼ିବ ପୁଣି ସେତକି ପଡ଼ିବ,
ଏହା ଅଟେ ପ୍ରକୃତି ନିୟମ ।
ଚକ୍ରପର ଘୂରୁଅଛି କାଳଚକ୍ର ନେମି
ମନସ୍ତାପ କର କାହିଁ ଯାଉଅଛ ଭ୍ରମି ।
ଧର ଧୈର୍ଯ୍ୟ ଧର,
ବନ୍ଧୁବର,
ନ ହୁଅ କାତର, ନୁହ ହତାଶ ।
ହଠାତ୍ ଉତ୍ଥାନ ହେଲେ ହଠାତ୍ ପତନ ।
ରାଜନୀତି ରଣନୀତି ଏହା ।
ବୁଦ୍ଧି—ରଖିଦିଅ ଛଣ୍ଡାମେଣ୍ଡ କଥା,
ବ୍ୟଥା ବାଜୁ ନାହିଁ ପରା,
ଆନନ୍ଦେ ରହିଛ ଯେଣୁ ନିର୍ବିଘ୍ନ ପଦରେ ।
ମାତ୍ର ଜାଣିଥାଅ ପୁଣି ଅସିବ ନିଶ୍ଚୟ
ତୁମ୍ଭ ଦିନକାଳ,
ଉପର ବରଡ଼ା ଭଲ ହସୁଥାଏ ଯେହ୍ନ,
ତଳ ବରଡ଼ାର ଦେଖି ଖସିବାର ପାଳି ।
ନିଃସ୍ୱ—ହୋଇଛି ନିର୍ଦ୍ଦେଶ.
ଅଗଲେ ନେତା ପେଟେ ଅଗ୍ରେ ଯିବେ ଜେଲ୍ ।
ରାଜ୍ୟଛଡ଼ା କଥା ! ଉଲଟା ଏ ନ୍ୟାୟ,
ଅଗରେ ସିପାହୀ ସିନା କରଇ ସମର,
ପଛେ ଥାଏ ହାବିଲ୍‌ଦାର୍ ହୋଇ ବୀରବର;
ବଣିଅ ହୁଡ଼ାର ସବୁ ବେହକ୍ ହୁକୁମ୍,
ହୁକୁମ ତ ନୁହେଁ—ତୁଚ୍ଛା ନିଛକ ଜୁଲୁମ୍ ।
ପରମୁଖେ ଜଗୁଡ଼ି ନଡ଼ଅ,
ଦେଖାନ୍ତି ସେ ପ୍ରଭୁପଣ, ଅପଣା ମାହାତ୍ମ୍ୟ ।
ବୁଦ୍ଧି—ବଡ଼ା ଠିକ୍ କଥା;
ଛଡ଼ାଇ ଏ ଟିକିବର ଅପଣା ବେଉସା,
ବାନ୍ଧଦେଇ ଶିରେପରେ ଦଣିଅ ଶିରୋପା,
ଅଟେଇ ଦନିଅ,
ଏବେ ପୁଣି ଲଗାଉଛୁ ନିଅଁ ।
ଖେଳଘର କଥା ଏ କି, ଅଥବା ହିଆଳି ।
ନିଃସ୍ୱ—ବଡ଼ ନେତା, ଅଗଲେ, ଯଦି ଯିବେ ଅଗ,
ଯାଅନ୍ତୁ ଦେଖିବା ଜେଲ, ନିଜେ ହୋଇ ଅଗ;
ମହାତ୍ମା ନୁହନ୍ତି ସେହୁ, ମହାତମା ସତ ।
ନାହିଁ—ଅଟପ ବହୁ ନିରାପଦେ, ମାରିବେ ମଜା ।
ଝାଡ଼ୁଥିବେ କାଗଜରେ ଲମ୍ବା ଲମ୍ବା ବୋଲ୍ ।
ସଦା—ବୃଥା ତର୍କେ ନାହିଁ ପ୍ରୟୋଜନ,
ଅବ୍ୟୋଜନ କର ବଦାଯିବ ।
ନିଃସ୍ୱ—ଛେନା ଅପ୍ରୟୋଜନ !
ରାଜ୍ୟପାଙ୍କ ବଡ଼ବଡ଼ ହେଲେଣି ବିରୋଧୀ,
ସମ୍ମୁଖାଟ ଯାଇଅଛି ବେଧି ।
ଶୋଷ୍ଣ ଦେବେ ଅଙ୍କିଲେ ଯେ, ପାଇଲେ ସୁବିଧା ।
ମୁଣ୍ଡ ଗୁଞ୍ଜିବାର ସ୍ଥାନ ନାହିଁ ତୁମରିଠେ ।
କ୍ଷମତା ଟିକିକ ଚାଲି ଅଭିଳେ ଦେଖ ।
ସଦା—ମାନିବାକୁ ବାଧ୍ୟ କିବା ଅମେ ?
ବାଲ୍କୀ—ନ ମାନିଲେ ନାହିଁ ଅଭ ଉବିଷ୍ୟତ ଅଣା—
(କ୍ରମଶଃ)

Digitized by srujanika@gmail.com

# ଛାଞ୍ଚୁଣୀ ବନାମ କୋରଡ଼ା

'ଉତ୍କଳ' ସମ୍ପାଦକ ମହୋଦୟ ସମୀପେଷୁ

ଛାଞ୍ଚୁଣୀ ଓ କୋରଡ଼ା ନାମ ଶୁଣି ମୋତେ ଭୟ ହେଲା। ଯେତେ ଯାହାଙ୍କର ସାହସ ଥାଉ ବାଳିକାଙ୍କର ଅବସ୍ଥା ଦେଖି ଦୁଃଖକଥା ନ ଲେଖି ରହି ପାରୁନାହିଁ।

ବାଳିକାଙ୍କ ଅସୁବିଧାରେ ପଡ଼ିଛି, କାରଣ ସମାଜରେ ଅମର ବଡ଼ଦୋଷ ଗରପ ହେଲା। ବାଳକ ବାଳିକାର ହୃଦୟ ଦେଖିଲେ ଅମ ଦେଶରେ ନ ହେବା ଯୋଗୁଁ ବାଳକ ବା ପ୍ରାପ୍ତ ଯୁବକ ଯେପରି ଦୁର୍ଦ୍ଦାନ୍ତ ହୋଇ ହୁଅନ୍ତି, ବାଳକ ବାଳିକା ବା ପ୍ରାପ୍ତ ଯୁବତୀ ସେହି ପରି ଦୁର୍ଦ୍ଦାନ୍ତ ହୋଇଥାନ୍ତି। ତେଣୁ ରକ୍ତର ଶୀର ଶୀର ଅର୍ଦ୍ଧ ବୁଝିବା ଦେହରେ ଲାଗେ। ଅତଏବ ବାଳକର ଦୋଷ ନୁହେଁ ବା ବାଳିକାର ଦୋଷ ନୁହେଁ। ଦୋଷ ସମାଜ ନିୟମର।

ଯେତେ ଯୁବକ ଯୁବତୀଙ୍କ ବା ନାରୀର କଟାକ୍ଷ ଲୁଚ, ସ୍ନେହ ଲୁଚ, ପ୍ରେମଲୁଚ—ଏଥିରେ ପ୍ରକୃତ କାର୍ଯ୍ୟ ହୋଇ ଅପଣାକୁ ପାଷଣ୍ଡ ବରଣ ପର ହେଲେ ଦେଇ ଉଭୟଙ୍କୁ ବେଶି ବେଶି ରସାତଳକୁ ନେଇ ଯାଇଛନ୍ତି ତାହାର ସନ୍ଦେହ ନାହିଁ। ଅତଏବ ନରକୁ ଦୋଷ ଦେଇ ହେବନାହିଁ। ନାରୀ ନରକୁ ମଧ୍ୟ ଦୋଷ ଦେଇ ହେଉନାହିଁ। ସମାଜର ଦୋଷ ବୋଲି ଅଣ। ବାଳକକୁ ଏତେ ମିଁ ମିଁ କରିବାକୁ ହେବନାହିଁ। ବାଳିକା ଗୋଟିଏ ନ ହୋଇ ଦୋଟିଏ ହୋଇ ସ୍କୁଲ କଲେଜରେ ଦେଖାଦେଲେ ବାଳକର ଦୁଃଖ ସ୍ୱତଃ ପଡ଼ିଅରେ ବରଣ କରିବାର ସୁବିଧା ପାଆନ୍ତା। ଅଉ ଜଣକ ଉପରେ ଅନେକଙ୍କର କଟାକ୍ଷବାଣ ବା ଫୁଲବାଣ ବା ଲେଡିବାଣ ବା ଶର୍ତ୍ତ ମୋଡ଼ ବାଣ ପଡ଼ନ୍ତା ନାହିଁ। ନାରୀ କଟାକ୍ଷରେ ବିଷ ଅଛି, ଅମୃତ ଅଛି—ନରର ମଧ୍ୟ ସେହିପରି। ନିଜ ନାହକୁ ସେନ ସବ କରନ୍ତୁ। ନର ନାରୀ ଉଭୟରେ ନାଲିସ କରିବ କିଛି ନାହିଁ କିମ୍ବା ନାରୀ ନର ଉଭୟରେ ନାଲିସ କଲେ ଚଳିବ ନାହିଁ। ଦୁଇଜଣକୁ ଏକ ହୋଇ ଚଳିବାକୁ ହେବ। ଦରକାର କେବଳ ବାଳକ ବାଳିକା co-education ସ୍କୁଲରେ ଯେତେ ବାଳକଙ୍କୁ ସେତେ ବାଳିକା ପାଠ ପଢ଼ିବ। ଯାହା ବିଦେଶରେ ଦେଖାଯାଉଅଛି ବୋମ୍ବାଇ ଅଦି ଅଞ୍ଚଳରେ ତାହା ଦେଖାଯାଏ ନାହିଁ। କାରଣ ସେଠି ବାଳକ ଯେତେ ପାଠ ପଢ଼ନ୍ତି ବାଳିକା ମଧ୍ୟ ସେତେ ପାଠ ପଢ଼ିବା ପାଇଁ ମନ ବଳାଇଥାନ୍ତି।

ଶ୍ରୀ ଲକ୍ଷ୍ମୀନାରାୟଣ ସାହୁ,
ପୋ: ରାୟଗଡ଼, ଜିଲ୍ଲା—କୋରାପୁଟ।

—※—

ଉତ୍କଳର ପୁରୁଷ ସମ୍ପାଦକେ,

ଆପଣ ପୁରୁଷ ହେବାରୁ ମୋର ଦୁଃଖ ଲେଖିବାକୁ ମନ ବଳାଇଲି। ଆପଣ ମୋ ଭଳି ବନ୍ଧା ଡୋରରେ କେବେ ପଡ଼ିଛନ୍ତି କି ନାହିଁ କହିପାରିବି ନାହିଁ—କିନ୍ତୁ ନ ପଡ଼ିଲା ପୂର୍ବ ଲକ୍ଷ୍ୟରେ ଗୋଟେ।

ମୁଁ ଗୋଟିଏ ନିହାତି ଭଲ ପିଲା। ୩ ବର୍ଷରେ ମ୍ୟାଟ୍ରିକୁଲେସନ ପାଶକରି ବର୍ତ୍ତ କଟକରେ ମେଡିକାଲରେ ଢୁକିଲି। ମୁଁ ମାଷ୍ଟର ମର ବୋଲି କହୁନାହିଁ—ମାଇକିନିଅଙ୍କୁ ଚାହିଁବା ତ ଦୂରର କଥା। ସେପରି ମୋ ପାଖରେ ପଡ଼ିନାହିଁ। ଅଉ ଅଉ ଡାକ୍ତର ପଢ଼ା 'ଝୋବାଇନ୍' ମୁଁ ଏକଦମ୍ ଚିହ୍ନେନା। ମୋତେ ସେ ...ନି ଫେବଡ଼ାମି ଭଲ ଲାଗେନାହିଁ। ମାଇପକୁ ଚାହିଁବା ବହୁତରେ ମାଇ-ପବଳ୍ପ ଭଳ ଲାଜଲାଗେ ମୁଁ। ଅମ କ୍ଲାସରେ କେତେଜଣ ମାଇକିନିଅ ଛୁଅ ତା ମୁଁ ଅଦ୍ୟାବଧି ଜାଣେନାହିଁ। ନର୍ସଗୁଡ଼ାଙ୍କର କାହା ନାଁ କ'ଣ ତା ବି ଜାଣାନାହିଁ। ଅଉ ଜାତିଆ ସାଙ୍ଗରେ କଥା କହିବା ବେଳେ ମୁହଁ ଚୋର କଥା କହେଁ। ତାଙ୍କ ସାଙ୍ଗରେ ସଦାବେଳେ ମିଶାମିଶି ନ ହେବାଟାଇ ମୋର ହେଲା ଅପରାଧ। ମୋର ମତ ସଳ ଟେହେରା, ଭିତାଲ ପୋଷାକ ଓ ଦଳିଆ ଦାଢ଼ି, ମୁଁ ଭାବିଥିଲି ଏହା ଭଲ ଦେହ ମୋତେ ଏ ପାପରୁ ରକ୍ଷା କରିପାରିଲା ନାହିଁ। ଡାକ୍ତରାଣୀ ! ଛୁଅ ଅଉ ନର୍ସଙ୍କ ଭିତରେ ମୋ କଥା ନେଇ ଲମ୍ବା ଆଲୋଚନା ଚାଲିବା କଥା ମୋତେ ଜଣା ନ ଥିଲା।

ଏବେ ମୋ ଦଶା ଖରାପ ହେଲା ଏବଂ ଅତ୍ୟ-ନ୍ତ। ହସ୍ପିଟାଲରୁ ଲୁଚପାଚି ଚାଲୁ। ସବୁ ଡାକ୍ତର ଝିଅ ଅଉ ନର୍ସ ମୋତେ ଦନଘାତ ଦେଇ ଚାହିଁଲେ।

ତା ପରେ ଅନେକ କଥା। କହିବାକୁ ନାହିଁ ମାଡ଼ୁଛି। ମୁଁ ଭଲ ହୋଇଗଲି। ମୋର ମନେ ହେଲା ଜଣେ ନର୍ସର ଦୟାରୁ ମୁଁ ବଞ୍ଚିଲି। ତାର ଉପକାର କୃତଜ୍ଞ ହେବା ଉଦ୍ଦେଶ୍ୟରେ ତା ସଙ୍ଗରେ ଯେତିକି ମିଳାମିଶା! ତାକୁ ନାନା ଲୋକେ ନାନା କଥା କଲେ। ମୁଁ କିନ୍ତୁ ଠିକ୍ ଥାଏଁ ବୋଲି କାହାର କଥା ଶୁଣେ ନାହିଁ। ସେ ଏବେ ଅରେ କାନ୍ଦେ— ଅଉ କାନ୍ଦକରି କହେ, ତମକୁ ମୁଁ ଏତେ ଭକ୍ତି କରେ ଯେ ତମ ପାଇଁ ମୋତେ ଯିଏ ଯାହା କହୁ ପଛେ ମୁଁ ତମକୁ ଛାଡ଼ି ପାରିବ ନାହିଁ।

ଅଉ ଗୋଟାଏ ଛମ୍ପି ବେ ମୋର ଦୁଃଖ ସେବା କରିଥିଲା। ମୁଁ ନର୍ସ ସାଙ୍ଗରେ କଥା କହିଲେ ସେ କେଉଁଠି ଥିବ ଝୁଲି ପଡ଼ି ଅସି ତାର ଘୃଣା ଜଣାଇ ଦେଇ ପଳେଇଯିବ।

ସେ ଦିନେ ମୋତେ ଖାଇବାକୁ ଡାକିଲା। ଏ ନର୍ସକୁ ବା। ଦୁହେଁଯାକ ବେଶ୍ ବନ୍ଧୁତାର ଛଳ ଦେଖାଇ ଥିଲେ ସେ ଦିନ !

ଅଜ ମୁଁ ଡାକ୍ତର। କାହାପରି ଠିକ୍ ହେଉ-ଗଲାଣି। ସେ ନର୍ସ ଚିଠି ଦେଉଛି ଯେ ସେ ଗର୍ଭ-ବତୀ। ତାର ଉପାୟ ନ କରି ମୁଁ କାହାକେଇ ପାରିବ ନାହିଁ। ମୁଁ ଯେ ଭଲ ପିଲା, ସେ ଝିଅ ଯେ ମୋର ହେଉ ନ ପାରେ ଏ କଥା କୋର୍ଟ ବିଶ୍ୱାସ କରିବ ନାହିଁ। ମୋର କେତେଖଣ୍ଡ ଚିଠି ତା' ପାଖରେ ଅଛି। ସାଙ୍ଗ ସାଙ୍ଗ ବା ଭାଇ ଭଉଣୀ ପାଖକୁ ଯେଉଁ ଚିଠି ଲେଖାଯାଏ ତାକୁ ପୁଣି ମୋଡ଼ ମାଡ଼ ଅନ୍ୟରକମ ଅର୍ଥ କରି ବୁଝାଇ ଦେବାକୁ ଏ ଦୁନିଆରେ ଓକିଲ କମ ନାହାନ୍ତି।

ସେ ଡାକ୍ତର ଝିଅଟି ବି ଚିଠି ଲେଖିଛି ଯେ ସେ ଦିନ ଚିଷ୍ଟଟା ଭାଙ୍ଗ ମରା ଚିଠି। ସେ ନର୍ସ ଅଉ ତା ଭିତରେ ବାଜିମରା ହୋଇଥିଲା ଯେ, ଯିଏ ମୋତେ ପଟେଇ ଦେବ, ତାକୁ ଅଉ ଜଣକ ଖୋଇବ। ସେ ଅନ୍ତର ଲେଖିଛି ଯେ ନର୍ସର ପ୍ରେମ ଛଳନା— ସେ କିନ୍ତୁ ମୋତେ ପ୍ରକୃତ ଭଲ ପାଏ।

ବର୍ତ୍ତମାନ ମୋର ଉପାୟ ! ଓ ଗତି କଣ ଲେଖନ୍ତୁ।

ଜଣେ ଦୁଃଖ ଡାକ୍ତର


ଗତ ୫୦ ବର୍ଷ ମଧ୍ୟରେ
**ଲବଣର ମୂଲ୍ୟ**
**ଏତେ ବେଶୀ କେବେ ହୋଇ ନ ଥିଲା**
ଅତ ଏବ
ଲଣେ ନିଲ୍ଲ ଯେ ଦଶାପେକ୍ଷା ଅଧିକ ଲଭ୍ୟାଂଶ ଦେବ ଏ ବିଷୟରେ ସନ୍ଦେହ ନାହିଁ।
ଏ ସୁଯୋଗରେ ଆପଣ "ଦି ଉତ୍କଳ ଶଲ୍ଟ ଏଣ୍ଡ କେମିକେଲ ଓର୍ଆର୍କସ"ର ଅଂଶ (Share) କିଣି ନିଜେ ଲାଭବାନ ହୁଅନ୍ତୁ ଓ ଦେଶକୁ ସମ୍ପନ୍ନ କରନ୍ତୁ।
**ଠିକଣା—ଅର, ସିଦ୍ଧାନ୍ତ, କଟକ**




Digitized by srujanika@gmail.com




# ଆଁ ଆଁ ଟାନା ନାନା

ଜଣେ ପାଶ୍ଚାତ୍ୟ କହିଛନ୍ତି—ମାଈକିନା ଭାରି ଡାହାଣୀ । ତାକୁ ବୁଝିବାକୁ ବା ଚିହ୍ନିବାକୁ ଚେଷ୍ଟା କରିବା ନାହିଁ ।

ଚେଷ୍ଟା କଲେଇ ପଡ଼ିଲ । ବୁଝିବା ପାଇଁ ଚୋକ୍‌ରା ।

×　×　×

ଇଂରାଜୀରେ ଗୋଟେ କଥା ଅଛି ଯେ ସତ ଘଟଣା ଗୁଡ଼ିକ ମନଗଢ଼ା ଗପଠାରୁ ଅଧିକ ଆଶ୍ଚର୍ଯ୍ୟ ଜନକ ।

କିନ୍ତୁ ଆଜିକାଲି ମନଗଢ଼ା ଗପ ଗୁଡ଼ାକହିଁ ସତ ପରି ଲାଗୁଛି ।

+　+　+

ମିଛ କଥାକୁ ବାରମ୍ବାର ଜପ କଲେ ସତ ହୁଏ ବୋଲି ଗୋଏବଲ୍‌ସ ଚିନ୍ତିଲେ ବିଶ୍ୱାସ । କାରଣ ତା' ଫଳରେ ଧଣୀ ଭଲ୍ଲୋକିଆ ଅମଳର ପ୍ରତ୍ୟେକ ସତଟା ମିଛ ହୋଇଯାଏ ।

+　+　+

ଲକ୍ଷ୍ମୀ ଓ ସରସ୍ୱତୀଙ୍କର ସବୁବେଳେ କଳିଅ ।

ତେଣୁ ମୂର୍ଖମାନେ ହତାଶ ହୁଅନ୍ତିନାହିଁ । ଯେ ମୂର୍ଖ, ତାକୁ ଧନ ନିଶ୍ଚୟ ମିଳିବ ।

+　+　+

ଶାଢ଼ୀ ସଙ୍ଗେ ମିଶେ ମନ ଲୁଗା ଫାଶିଆ ଲଗେ ନାହିଁ ବୋଲି ଜଣେ ଗୃହସ୍ୱାମୀ ଆକ୍ଷେପ କଲେ ।

ତାଙ୍କ ଭାଗ୍ୟ ଭଲ ଯେ ଲୁଗା ଫାଶିଆ ଲଗୁନାହିଁ ।

+　+　+

ଇଂରେଜ ପ୍ରଥା— ମହିଳା ଅଗ ( woman first )

କିନ୍ତୁ ଗୃହନାରେ—ପୁରୁଷ ଅଗ ।

×　×　×

ଯେ ଧର୍ମ ନିଜେ ଅଚଳିତ,
ପରେ ପ୍ରକାଶ ନ କରେ ।

ଏ ଭାଗବତର ପବିତ୍ର ବାଣୀ । କିନ୍ତୁ ଆଜି କାଲି ଗାନ୍ଧି ଯୁଗରେ—

ଯେ ପାପ ନିଜେ ଅଚଳିବ,
କାଗଜେ ପ୍ରକାଶ କରିବ ।

+　+　+

ଉଜେଲିଅନ କହିଥିଲେ—ପ୍ରଜାତନ୍ତ୍ର ଯେପରି ନିରାପଦ ହୋଇ ରହେ, ପୃଥିବୀକୁ ସେହିପରି ତିଆରି କରିବା ଉଚିତ ।

କିନ୍ତୁ ଫଳରେ 'ପ୍ରଜାତନ୍ତ୍ର'ହିଁ ଚର୍ଚ୍ଚିଲ ରୁଜଭେଲ୍‌ଟଙ୍କ ଭଳି ରାଜନୀତିଜ୍ଞମାନଙ୍କୁ ନିରାପଦ କରି ରଖିଛି !

+　+　+

"ଛୋଟ ଉପରକୁ—ପେଟ ଭିତରକୁ" କର ବୋଲି ସ୍ୱାସ୍ଥ୍ୟକଥା କହୁଛି ।

କିନ୍ତୁ ଯାର ଛାତି ଭିତରକୁ ଓ ପେଟ ବାହାରକୁ ବାହାରିଥାଏ ସେମାନଙ୍କ ସ୍ୱାସ୍ଥ୍ୟ ସାଧାରଣତଃ ଭଲ ଥିବାର ଦେଖାଯାଏ ।

+　+　+

ଏ ପ୍ରଥମ୍ବର ପୃଥିବୀରେ ବିନାହିଂସା ଆଉ ଜୁଆ ଖେଳ ହୋଇନାହିଁ ବୋଲି ଜଣେ ଲେଖିଲେ ।

ଜୁଆ ଖେଳ ନ ହୋଇପାରେ—
ଫୁଟବଲ୍ ଖେଳ ହୋଇଥିବ ।

+　+　+


## କିରାତାଦିପାଚନ

ସମସ୍ତ ପ୍ରକାର ବିଷମ ମ୍ୟାଲେରିଆ ଜ୍ୱରର ପ୍ରଧାନ ଔଷଧ । ପ୍ଲୀହାଯକୃତ୍ ସଂଯୁକ୍ତ ଜ୍ୱରରେ ମଧ୍ୟ ଏହାର ଅଦ୍ଭୁତଶକ୍ତି ଦେଖାଯାଇଥାଏ । ଏକାହିକ, ଦ୍ୱାହିକ, ତ୍ରାହିକ, ଚାତୁର୍ଥିକ, ପୁରାତନ ମ୍ୟାଲେରିଆ କୁଇନାଇନ ଅଟକା ଜ୍ୱର ପ୍ରଭୃତି ସମସ୍ତ ପ୍ରକାର ବିଷମ ଜ୍ୱର ଶିଶିଏ ଔଷଧ ବ୍ୟବହାର କଲେ ସମୂଳେ ଆରୋଗ୍ୟ ହୋଇଥାଏ । ଯଦି ବହୁଦିନ ଜ୍ୱର ଭୋଗ କରି ଶରୀର ରକ୍ତଶୂନ୍ୟ ହୋଇଥାଏ ତେବେ ଏହାକୁ କିଛିଦିନ ନିୟମିତ ସେବନ କଲେ ଅଗ୍ନିବୃଦ୍ଧି ହୋଇ ଶରୀରରେ ନୂତନ ରକ୍ତସଞ୍ଚାର କରିଥାଏ ।

**ମୂଲ୍ୟ**—ଶିଶିକୁ ବାରଅଣା ମାତ୍ର । ଶିଶି ୬ଟିକୁ ସାଢ଼େଚାରି ଟଙ୍କା ମାତ୍ର । ଡାକଖର୍ଚ୍ଚ ସ୍ୱତନ୍ତ୍ର ।

**ପ୍ରାପ୍ତିସ୍ଥାନ—କବିରାଜ—ଶ୍ରୀଧରଗର୍ଗବଟୁ ଭିଷଗାଚାର୍ଯ୍ୟ** । ଆୟୁର୍ବେଦିକ୍ ଫାର୍ମାସୀ, ଭୁବନେଶ୍ୱର—ପୁରୀ




Digitized by srujanika@gmail.com




# ଗାଳ୍ପିଆ ବନ୍ଧୁ ମଜଲିସ

ଶିକ୍ଷକ— ଶାଲ କାହାର ତିଆରି ହୁଏ ?
ଛାତ୍ର—ଲୋମ ତହିଁରୁ ।
ଶିକ୍ଷକ—ଠିକ୍, ଗଧା ଚମ ଲୁଗା କାହାର ହୁଏ ?
ଛାତ୍ର—ଏହା ତ ଅତି କଥା ଖୁବ୍ ସହଜ, ଲୁଗା ଖଣ୍ଡିଏ କାହିଁରେ ଗଛର ତଳେ ଚରମ ଲୁଗା ହେବ ।

\+ + ×

ଶିକ୍ଷକ—ମାଡ୍ରାସ ସହିତ ହେବ ଇଲେକ୍ଟ୍ରିସିଟି ଦେଖିବ ।
ଛାତ୍ର—ଚନ୍ଦ୍ର ସବୁ କଥା ଇଲେକ୍ଟ୍ରିସିଟିରେ ନ ଥାଏ ?
ଶିକ୍ଷକ—ନିଶ୍ଚୟ ରହିବ ।

(ପରଦିନ ଘଟଣା)

ଅପୁତ୍ର ପିତା—ଅଲ୍ପ ତୁ ସାରା ଦିନଟା ଖେଳି ବୁଲୁଛୁ ତାର ମାନେ କଣ ?
ଅପୁତ୍ର—ନିତି ଅଟପଟା ବଦଳୁ ଇଲେକ୍‌ଟ୍ରିସିଟି ଦେଖି ହେଉଛୁ ।

\+ × +

ମା—ଲକ୍ଷ୍ମଣ, ତୋର ଷଷ୍ଠ ବର୍ଷ ଶ୍ରେଣୀ ଦେଖେଁ କଣ ପଢାଶୁଣା କରୁଛ ?
ଲକ୍ଷ୍ମଣ—ମା, ବହି ସବୁ ସଂଗ୍ରହ ହେଇ ଶୁଖେଇ ଦେଉଛୁ । Sir କହୁଛନ୍ତି ସମସ୍ତ ଜୀବାଣୁ ଅନ୍ତତଃ ୧୫ ଦିନ ଅନ୍ତରରେ ପରିଷ୍କାର କରିବା ଉଚିତ ।

× × ×

ବାବୁ—ମୁଁ ପରା ତୋତେ ସେଦିନ ବାହାର କରି ଦେଇଥିଲି ତୁ ପୁଣି କାହିଁ ଆସିଲୁ ?
ପୂଜାରୀ—ଦେଖିବାକୁ ଆସିଲି, ଆପଣଙ୍କର ଅଭାବ ଲୁଚି ଯାଉଛି କି ନାହିଁ—ଆପଣଙ୍କ ଅବସ୍ଥା କେତେ ଦୂର ଗଲା ।

× + ×

ଗୋପା—ନିଶ୍ଚୟ ନାହିଁ—୨୩ ଜଣ ଛାତ୍ରଙ୍କ ଭିତରେ ତୋର ସ୍ଥାନ ସବାତଳେ ।
ପୁଅ—ଗୋପା, ଚିନ୍ତା ନାହିଁ । ଲେଖିଛି ଠାରୁ ମୁଁ ଭଲ ଫଳ କରିଛୁ । କାରଣ ଗଲବର୍ଷ ୩୦ ଜଣ ପିଲାଙ୍କ ଭିତରେ ମୁଁ ସବା ତଳେ ଥିଲି ।

× + ×

ସଭ୍ୟ—ସମ୍ଭ୍ରାନ୍ତ ମହୋଦୟ, ଆପଣଙ୍କର ମେ ବାଳକଟା ସେକ୍ରେଟେରୀଟି କାହାର କାର୍ଯ୍ୟ କରୁଛନ୍ତି ?
ସଭାପତି—ସେ ଜୈମାନ ମୋ ଘରର ଚୋକଘଟ ।

\+ + +

ଘରବାଳା—ପିଲାମାନେ ଘର ବଡ଼ ଅପରିଷ୍କାର କରି ଦିଅନ୍ତି । ସେଥିପାଇଁ ବେଶୀ ପିଲାପିଲି ନେଇ ଘରେ ରହିବାକୁ ମୁଁ ପସନ୍ଦ କରେନାହିଁ ।
ଭଡ଼ାଦାର—ଆଜ୍ଞା ସେକଥା ମୋତେ କହୁଁ ନ ଥିଲ ? ଅପଣଙ୍କ ସ୍ତ୍ରୀଙ୍କୁ କହନ୍ତୁ ।

× + ×

ଶିକ୍ଷକ—ନିରପେକ୍ଷ କାହାକୁ କୁହାଯାଏ ?
ଛାତ୍ର—ବାଇଶି ସରକାରକୁ ମାଡ ଦେବା ଲୋକଙ୍କୁ ଯେ କାଟୁ ନ ଥାନ୍ତି ତାଙ୍କୁ ନିରପେକ୍ଷ କୁହାଯାଏ । × × ×

ମାଷ୍ଟ୍ରର—ବ୍ୟବସାୟର ମୂଳମନ୍ତ୍ର କଣ ?
ଉତ୍ତର ଭାଗ୍ୟ—ଚେଷ୍ଟା ।

\+ × +

ଜଣେ ପାଦ୍ରି ସାହେବ ନୂଆ କରି ସହରକୁ ଆସିଥିଲେ । ଦିନେ ସେ ଡାକଘରକୁ ଯିବାପାଇଁ ବାହାର ବାଟରେ ଖେଳୁଥିବା ଜଣେ ପିଲାକୁ ପଚାରିଲେ, "ବାବୁରେ ପିଲେ ଡାକଘରକୁ ବାଟ କେଉଁଠିକି ?" ପିଲାମାନେ ତାଙ୍କୁ ବାଟ ବତେଇ ଦେଲେ । ତହୁଁ ସେ ତାଙ୍କୁ କହିଲେ—ପିଲେ, ତୁମେ ଗିର୍ଜାକୁ ସବୁ ଯିବକି, ମୁଁ ତୁମକୁ ଈଶ୍ୱରଙ୍କ ପାଖକୁ ଯିବା ବାଟ ବତେଇ ଦେବି । ଟୋକିଏ ଚଗଲପିଲା କହିଲା, ହଁ— ଯେ ଡାକଘରକୁ ଯିବା ମାର୍ଗ ବାଟ ଜାଣିନାହିଁ, ସେ କୁଆଡ଼େ ଈଶ୍ୱରଙ୍କ ପାଖକୁ ବାଟ ବତେଇବ !"

\+ + +

ନାତି—ଅଜା, ପଢ଼ିବାବେଳେ ତୁ କାହିଁକି ଆଖିରେ ଚଷମା ପିନ୍ଧୁ ?
ଅଜା—ଚଷମା ନାଇଲେ ଅକ୍ଷର ସବୁ ବଡ଼ ହୋଇଯାଏ ।
ନାତି—ତେବେ ଆମକୁ ଯେତେବେଳେ ମିଠେଇ ଦବୁ ସେତେବେଳେ ଚଷମା ନାଇବୁ ।

× × ×

ଇନ୍ସପେକ୍ଟର—ରାଣୀ କାହିଁକି ବିଖ୍ୟାତ ?
ଛାତ୍ର—ଆଜ୍ଞା, ରାଣୀ ଆମ୍ଭମାନଙ୍କ ମଧ୍ୟରେ Best foot Ball player.

\+ × +



Digitized by srujanika@gmail.com




# ପାଠପଢା

ଲେଖକ:—ଶ୍ରୀ ବୀଣାକର ଦାସ

**ମଜାକବିତା**

ଇଙ୍ଗିରଜି ପାଠପଢା ଝିଙ୍କ୍ ମାରି କାନ ମୋଡ଼ା
ଚଢ଼ି ଚଢ଼ି ନ ଲେଉଟେ ଖଟାଖିଆ ତୁଣ୍ଡ,

କେତେ ଯେ ଖାଇଲି ମାଡ଼ ଚୂନା ହେଲା ହାଡ଼ ଗୋଡ଼
ଘୋଡ଼ ଲେଶନକୁ ବଳି ନ ଚଳିଲା ମୁଣ୍ଡ ।

ଦିନେ ସାର୍ ପଚାରିଲେ ଅନ୍ ପାଶେ ଅଣ୍ଟ୍ ଥିଲେ
କିସ ହେବ ? ମୁଁ କହିଲି, ହେବ ଏକ ଖୁଣ୍ଟ;

ପିଲାଏ ହସିଲେ ମଜ ସାର୍ ଦେଲେ କାନ ମୋଡ
ତଥାପି ନ ରହେ ମନେ ଗୋଟିଏ ପିମ୍ପୁଡ ।

ଓଡ଼ିଆରେ ପାଠପଢ଼ା ପାଠ ନୁହେଁ ଶଠ ଗୁଡ଼ା
ହେଲାନାହିଁ ଭାଲେ ମୋର ବାଳବୋଧ ଦେଖା,

ସେ ଗୁଡ଼ାକ ହେବ କସ ବର୍ଣ୍ଣବୋଧେ ଯାଠ ଶେଷ
ଅଭାଗିଆଁ କୁଜ୍‌ଠୀତା ଦେଲା ମୋତେ ଠେକା ।

ଅଙ୍କରେ ମୁଁ ଧୁରନ୍ଧର ପଚାରିଲେ ଥରେ ସାର୍
କୋଡିଏଟା ରସଗୋଲା ଅଛି ତାଠାରେ ଅନ୍ଥୁ,

ଏମାନ ସମାନ ଦେଲେ ପାଞ୍ଚଜଣ କେତେ ନେଲେ ?
ଚଟ୍ ଚୁପି ମନ୍ଦୁଦେଲି—'ନ ରହୁଚ କିଛୁ ।'

ଦିନେ ବାପା ସଞ୍ଜବେଳେ ଯେସି ଘରେ ଡାକ ଦେଲେ
ତୋ'ଭଲେ ତୁ ଭାଇଠାକୁ ଲେଖ ଖଣ୍ଡେ ଚିଠି,

ଲେଖିଲି ମୁଁ ବାପାଙ୍କର ଶ୍ରୀ ଚରଣେ ନମସ୍କାର
ମାଡ଼ଖାଇ ସେଥିପାଇଁ ଫାଟିଗଲା ପିଠି ।

---

## ଜରାୟୁ

ଏହାକୁ ସେବନ କଲେ ସ୍ତ୍ରୀମାନଙ୍କର ଜରାୟୁ ସଂବନ୍ଧୀୟ ଯାବତୀୟ ରୋଗ ଆରୋଗ୍ୟ ହୋଇ ଶରୀର ହୃଷ୍ଟ ପୁଷ୍ଟ ଓ ବଳିଷ୍ଠ ହୋଇଥାଏ । ଶ୍ୱେତ ପ୍ରଦର, ରକ୍ତ ପ୍ରଦର, ବାଧକ, ରଜଃ କଷ୍ଟ, ଅନିୟମ, ବନ୍ଧ୍ୟା ଦୋଷ, ମୃତବତ୍ସା ଦୋଷ, ପ୍ରଭୃତି ଏଥିରେ ସମୂଳେ ବିନଷ୍ଟ ହୋଇ ପୁଷ୍ଟ ସବଳ ଓ ଦୀର୍ଘଜୀବୀ ସନ୍ତାନ ଗର୍ଭ ଧାରଣ କରିବାର କ୍ଷମତା ହୋଇଥାଏ ।

ମୂଲ୍ୟ—୧୬ ମାତ୍ରା ପୂର୍ଣ୍ଣ ଶିଶିକୁ ଏକଟଙ୍କା ମାତ୍ର

ଏକତ୍ର ତିନିଶିଶି ନେଲେ ଦୁଇଟଙ୍କା ଆଠଅଣାକୁ ମିଳିବ । ଡାକଖର୍ଚ୍ଚ ଏହାବାଦ୍ ଅଧିକ ଦେବାକୁ ପଡ଼ିବ ।

**ପ୍ରାପ୍ତିସ୍ଥାନ—କବିରାଜ—ଶ୍ରୀଧରଗର୍ଗବଟୁ ଭିଷଗାଚାର୍ଯ୍ୟ—ଆୟୁର୍ବେଦିକ ଫର୍ମାସୀ, ଭୁବନେଶ୍ୱର—ପୁରୀ ।**



Digitized by srujanika@gmail.com




## ନାଗବଚ୍ଛା ଦଳ

### ଉଦ୍ଦେଶ୍ୟ

୧। ଉତ୍କଳର କିଶୋର ପ୍ରାଣରେ ନବଜାଗରଣ ଆଣିବା, ଜ୍ଞାନର ପରିସର ବଢ଼ାଇବା, ସେମାନଙ୍କ ସେବା ଓ ସର୍ବାଙ୍ଗୀନ ଉତ୍କର୍ଷ ସାଧନ କରିବା।

୨। ଜଗତର ମଧ୍ୟସ୍ଥତାରେ ପତ୍ର ବିନିମୟ ଦ୍ୱାରା ତରୁଣମାନଙ୍କ ମଧ୍ୟରେ ପରସ୍ପର ଭାବର ଆଦାନ ପ୍ରଦାନ କରାଇବା ଓ ସେମାନଙ୍କ ମଧ୍ୟରେ ସ୍ନେହ ପ୍ରୀତି ଓ ସୌହାର୍ଦ୍ଦ୍ୟ ବଢ଼ାଇବା।

୩। ମାତୃଭାଷା ଓ ସାହିତ୍ୟ ପ୍ରତି କିଶୋର କିଶୋରୀଙ୍କର ଅନୁରାଗ ବଢ଼ାଇବା।

୪। ସତ୍ୟ ସେବା, ସାହସ ଓ ଅହିଂସା ସାଧନାରେ ସେମାନଙ୍କୁ ଉଦ୍‌ବୁଦ୍ଧ କରିବା।

( ୧୮ ବର୍ଷରୁ ଊଣା ବାଳକ ବାଳିକାମାନଙ୍କ ପାଇଁ )

## "ନାଗଙ୍କ କଲମରୁ
## ଓଡ଼ିଶାର ଛୋଟଛୋଟ ବିଖ୍ୟାତ ମନ୍ଦିର।"

ଓଡ଼ିଶା ପ୍ରଦେଶର ଦେବାଳୟ ସମ୍ବନ୍ଧରେ କିଛି ଲେଖି ତୁମ ମାନଙ୍କୁ ଖୁବ ସୁବିଧାରେ ତୀର୍ଥଯାତ୍ରାର ସାମାନ୍ୟ ଭାବରେ ବର୍ଣ୍ଣନା ଦେଉଛି। ସମସ୍ତ ମନ୍ଦିର ଓ ତୀର୍ଥସ୍ଥାନମାନଙ୍କର ନାମ ଦେବା ମୋ ପକ୍ଷରେ କଷ୍ଟକର। ତେଣୁ ହୁଏତ ମୁଁ ମୋର ଏହି ପ୍ରବନ୍ଧରେ ଅନେକ ଭୁଲ ବଶତଃ ଛାଡ଼ିଦେଇ ପାରେଁ। ସେଥି ପାଇଁ ମୋ ନାଗ ଭାଇ ଭଉଣୀମାନେ କ୍ଷମା ଦେବେ ବୋଲି ଅନୁରୋଧ କରୁଛି।

ଓଡ଼ିଶା ଦୁଇଟି ଅଂଶରେ ବିଭକ୍ତ। ପଶ୍ଚିମରେ ଜଙ୍ଗଲପୂର୍ଣ୍ଣ ପର୍ବତମୟ ସ୍ଥାନ ଓ ତାହାର ପୂର୍ବପ୍ରାନ୍ତ ସମୁଦ୍ରର ନିକଟ ଶ୍ରେଣୀ ସମତଳ ଭୂମି। ଅନେକାଳ ଓଡ଼ିଶା ଭ୍ରମଣ କଲେ ପଥରେ ଅନେକ ଗୁଡ଼ିଏ ନଦୀ ପଡ଼େ। ସେହି ହେତୁ ରେଳରେ ପୁରୀ ଯିବା ପାଇଁ ଓ ପୁରୀରୁ ଆସିବା ପାଇଁ ହେଲେ ଯାତ୍ରୀମାନଙ୍କୁ ବହୁ ନଦୀ ପାର ହେବାକୁ ପଡ଼େ। ସେମାନଙ୍କ ମଧ୍ୟରେ ସୁବର୍ଣ୍ଣରେଖା, ମହାନଦୀ, କାଠଯୋଡ଼ି, ବ୍ରାହ୍ମଣୀ, ବୈତରଣୀ ପ୍ରଧାନ। ପୂର୍ବକାଳରେ ଜଗନ୍ନାଥ ସଡ଼କରେ ପୁରୀକୁ ଯାଉଥିଲେ। ବର୍ତ୍ତମାନ ରେଳରେ ସୁବିଧା ଯୋଗୁଁ ଯିବା ଆସିବା ହେଉଛି।

କିନ୍ତୁ ଏହା ଛଡ଼ା ଓଡ଼ିଶାରେ ଅନେକ ଦେଖିବା ବିଷୟ ଅଛି। ସେମାନଙ୍କ ମଧ୍ୟରୁ ମହାନଦୀର ଦୁଇପାଖେ ବୌଦ୍ଧ, ସୋନପୁର ବଡ଼ାମ୍ବା, ନରସିଂହପୁର, ପ୍ରଭୃତି ପ୍ରାଚୀନ ରାଜ୍ୟମାନଙ୍କରେ ପୁରୀ, ଭୁବନେଶ୍ୱର ପରି ଅନେକ ପ୍ରାଚୀନ କୀର୍ତ୍ତି ଦେଖିବାକୁ ମିଳେ। ଏହିସବୁ ସ୍ଥାନମାନଙ୍କରେ ପହଞ୍ଚିଲେ ଆମ୍ଭମାନଙ୍କୁ ଶିଳ୍ପକଳା ଆନନ୍ଦ ଦିଏ; ଏବଂ ଅନେକ ସ୍ଥାନରେ ପ୍ରାକୃତିକ ସୌନ୍ଦର୍ଯ୍ୟ ଆମ୍ଭମାନଙ୍କୁ ମୁଗ୍ଧ କରେ। ବଡ଼ାମ୍ବା ସହରର ମହାନଦୀର ମଧ୍ୟରେ ଗୋଟିଏ ଦ୍ୱୀପ ଅଛି। ସେ ଦ୍ୱୀପର ନାମ ସିଂହନାଥ। ଏହାର ଅପର ପାର୍ଶ୍ୱରେ ବୈଦ୍ୟେଶ୍ୱର ନାମରେ ଗୋଟିଏ ପୁରାତନ ତୀର୍ଥସ୍ଥାନ ଅଛି। ବୈଦ୍ୟେଶ୍ୱରର ପଶ୍ଚିମରେ କାଣ୍ଟିଲୋ। ପ୍ରବାଦ ଅଛି ଯେ ପୂର୍ବକାଳରେ ଶବରଙ୍କର ଜଗନ୍ନାଥ ମୂର୍ତ୍ତି କାଣ୍ଟିଲୋରେ ପୂଜିତ ହେଉଥିଲେ। ପୁରୀକୁ ଏହା ଆଣା ହୋଇଛି। ସିଂହନାଥ, ବୈଦ୍ୟେଶ୍ୱର, ଖଣ୍ଡପଡ଼ା ପ୍ରଭୃତି ସ୍ଥାନମାନଙ୍କରେ ଗୋଟିଏ କଥା ତାହା ବୋଧହୁଏ ତୁମ୍ଭେମାନେ ଜାଣିଥିବ ଏବଂ ଇତିହାସରେ ମଧ୍ୟ ପଢ଼ିଥିବ। ସେ ସ୍ଥାନମାନଙ୍କରେ ପୂଜାରୀଗଣ ବ୍ରାହ୍ମଣ ନୁହନ୍ତି। ଅନାର୍ଯ୍ୟ ବଂଶ ସମ୍ଭୂତ।

ପୂଜାରୀମାନଙ୍କର ସ୍ଥାନୀୟ ନାମ ଝାଲକାର। ଜଗନ୍ନାଥ ଦେବ ମଧ୍ୟ ପ୍ରଥମେ ଅନାର୍ଯ୍ୟ ଜାତିଙ୍କ ଦ୍ୱାରା ପୂଜା ପାଉଥିଲେ। ସିଂହନାଥ ମନ୍ଦିର କ୍ଷୁଦ୍ର ହେଲେହେଁ ଚମତ୍କାର କାରୁକାର୍ଯ୍ୟରେ ମଣ୍ଡିତ। ସିଂହନାଥ ପାର୍ଶ୍ୱବର୍ତ୍ତୀ ବୈଦ୍ୟେଶ୍ୱର ନାମରେ ଗୋଟିଏ ଗ୍ରାମ ଅଛି। ସେ ସ୍ଥାନର ମନ୍ଦିର କାଠରେ ନିର୍ମିତ। ଚମତ୍କାର ମଣ୍ଡପରେ ଆଚ୍ଛାଦିତ ହୋଇଛି। ସମ୍ବଲପୁରରେ ରାମପୁର ବୋଲି ଗୋଟିଏ ଗ୍ରାମ ଅଛି। ତାହା ରେଢ଼ାଖୋଲ ରାଜଧାନୀ ନିକଟରେ। ସେଠାରେ ବୃହତ ଆକାରରେ ବୌଦ୍ଧ ମୂର୍ତ୍ତି, ଭୂମି ଖୋଳିବା ସମୟରେ ମିଳିଅଛି। ବୌଦ୍ଧର ରାମନାଥ ମନ୍ଦିର କ୍ଷୁଦ୍ର ହେଲେହେଁ ଭୁବନେଶ୍ୱର ଦେଉଳ ପରି ଚମତ୍କାର କାରୁକାର୍ଯ୍ୟରେ ମଣ୍ଡିତ। ଏହାର ଗଠନ ଖୁବ ଭଲ। ବୌଦ୍ଧ ରାଜ୍ୟର ରାଜା ଜଣେ ଗୁଣଗ୍ରାହୀ ସଜ୍ଜନ। ସେ ଓଡ଼ିଆ ଶିଳ୍ପୀଙ୍କ ଦ୍ୱାରା ନୂତନ ମନ୍ଦିର ନିର୍ମାଣ କରାଇଛନ୍ତି। ଶିଳ୍ପୀ ଜଣଙ୍କ ମଧ୍ୟରେ କେହି ସୋନପୁର, କେହି ଆଠଗଡ଼ର କେହିବା ଅନ୍ୟାନ୍ୟ ରାଜ୍ୟର। ବୌଦ୍ଧ ରାଜଧାନୀର କିଛି ଦୂରେ ଗନ୍ଧରାଡ଼ିର ଯୁଗଳ ମନ୍ଦିର ଅବସ୍ଥିତ। ସ୍ଥାନଟି ଅତି ମନୋରମ। ନିକଟରେ ମହାନଦୀ ପ୍ରବାହିତ ହୋଇଛି। ଉତ୍ତର ଦିଗରେ ନୀଳ ପର୍ବତମାଳା ଦୃଷ୍ଟିଗୋଚର ହୁଏ। ଗନ୍ଧରାଡ଼ିରୁ ଆଉ କିଛି ଦୂର ଅଗ୍ରସର ହୋଇଗଲେ, ସୋନପୁର ରାଜ୍ୟର ରାଜଧାନୀ ସୋନପୁର ସହର। ସୋନପୁର ରାଜ୍ୟର ତେଲ ନଦୀ କୂଳରେ ଦୁଇଟି ଅତି ସୁନ୍ଦର ମନ୍ଦିର ଅଛି। ଏହା ବିଶେଷ ଉଲ୍ଲେଖ ଯୋଗ୍ୟ। ମନ୍ଦିର ଦୁଇଟିର ନାମ ବୈଦ୍ୟନାଥ, କୋଶଳେଶ୍ୱର।

ସୋନପୁର ରାଜ୍ୟର ଚରଧା ନାମକ ସ୍ଥାନରେ କପିଳେଶ୍ୱର ମହାଦେବଙ୍କ ମନ୍ଦିର ଏକ ଦର୍ଶନୀୟ ବସ୍ତୁ। ଚରଧାର ଦେଉଳ ସାଧାରଣ ଦେଉଳ ପରି।



Digitized by srujanika@gmail.com

ପାଟଣା ରାଜ୍ୟର ପାଟଣା ଗଡ଼ରେ କୋଶଳେଶ୍ୱର ନାମରେ ଅଉ ଗୋଟିଏ ମନ୍ଦିର ଅଛି । ଏହାର ଗଠନ ଏବଂ ମୂର୍ତ୍ତିର ଗଠନ ସୋନପୁରର କୋଶଳେଶ୍ୱର ପରି । ପାଟଣା ରାଜ୍ୟରେ ମଧ୍ୟ ରାଣୀପୁର-ଝରିଆଲ ନାମରେ ଗୋଟିଏ ବଡ଼ିଆ ସ୍ଥାନ ଅଛି । ସେଠାରେ ଗୋଟିଏ ଛୋଟ ପାହାଡ଼ ଉପରେ ପ୍ରାୟ ୫୦ଟି ନାନା ରକମର ପୁରାତନ ମନ୍ଦିର ଅଛି । ସ୍ଥାନଟି ଅଜବ ଏବଂ ପରିତ୍ୟକ୍ତ କହିଲେ ଚଳେ । କେବଳ ବର୍ଷାରେ କଦମ, କୋଳି ବାସ କରନ୍ତି । ରାଣୀପୁରର ଝରିଆଲ ନିକଟ କୈରାଲୀ ନାମର ଗୋଟିଏ ଗ୍ରାମରେ ଗୋଟିଏ ମନ୍ଦିର ଅଛି । ତାହା ସୋନପୁର ରାଜ୍ୟର ମନ୍ଦିର ପରି ଅଷ୍ଟ କୋଣ ।

ଟିଟିଲାଗଡ଼—ଏହା ଭିଜିୟାନଗରମ୍ ରେଲ ଲାଇନ ନିକଟରେ ଅବସ୍ଥିତ । ସେଠାରେ କେତୋଟି କ୍ଷୁଦ୍ର ମନ୍ଦିର ଅଛି । ଦେଖିବାକୁ ସେତେ ସୁନ୍ଦର ନୁହେଁ, ତେବେ ମୂର୍ତ୍ତି ଗୁଡ଼ିକ ଖୁବ୍ ସୁନ୍ଦର । ସେଠାରେ ସପ୍ତମାତୃକା ଗଣପତି ମୂର୍ତ୍ତି ପ୍ରଭୃତି ଖୋଦିତ ହୋଇଛି ।

ଭୁବନେଶ୍ୱର ଖାଚପୁର, ସିଂହନାଥ ପ୍ରଭୃତି ସ୍ଥାନ ଛଡ଼ା ସୁଦୂର ହିମାଳୟର ମଧ୍ୟରେ ଯୁକ୍ତ ପ୍ରଦେଶର ଯଗେଶ୍ୱର ନାମକ ମନ୍ଦିର ଉଲ୍ଲେଖ ଯୋଗ୍ୟ ।

Digitized by srujanika@gmail.com

ଏ ବିଷୟରେ ପଦେ ଅଧେ ବାହାର କଲେ । ଫଳରେ ସେ ସେ ଦଳରୁ ତଡ଼ା ଖାଇଲେ ।

ତା ପରେ ସେ ଏଥିରେ କ୍ଷାନ୍ତ ନ ହୋଇ ନିଜର ମତ ନୂତନ ସମ୍ବାଦ ପତ୍ର 'ଇଲ୍ପୋପେଲୋଦୋ ଇଟାଲିଆ' ରେ ବାହାର କଲେ । ତାଙ୍କର ଲେଖା ଲୋକଙ୍କ ପରି କାମ କଲା । ତା ପରେ ଇଟାଲିର ସରକାର ୧୯୧୫ ମଇ ମାସରେ ଯୁଦ୍ଧରେ ଯୋଗ ଦେଲେ । ସେ ଯୁଦ୍ଧରେ ଯୋଗ ଦେଇ ନାନା ଦଳର ସୈନିକମାନଙ୍କ ସଂସ୍ପର୍ଶରେ ଆସିଲେ । ମୁସୋଲିନୀ ୧୯୧୭ ଫେବୃଆରିରେ ସେନାନାୟକ ପଦକୁ ଉନ୍ନୀତ ହେଲେ । କିନ୍ତୁ ଫେବୃଆରି ୨୨ ରେ ତାଙ୍କର ସୈନିକ ଜୀବନ ଗୋଟିଏ ଘଟଣା ଯୋଗୁଁ ନଷ୍ଟ ହେଲା । ସେ ପାତାଳ ବ୍ୟୂହରୁ ଶତ୍ରୁକୁ ନିରୀକ୍ଷଣ କରୁଥିବା ବେଳେ ଶତ୍ରୁର ଗୋଟିଏ ମାରାତ୍ମକ ଗୋଳା ଆସି ପଡ଼ିଲା ଓ ସେଥିରେ ସେ ଆଘାତ ପ୍ରାପ୍ତ ହୋଇ ଡାକ୍ତର ଖାନାକୁ ନୀତ ହେଲେ । ଯାହାହେଉ ଶତ୍ରୁଙ୍କ ପ୍ରଗାଢ଼ ହେତୁରୁ ସେ ଏଥିରୁ ରକ୍ଷା ପାଇ ପୁଣି ସମ୍ବାଦ ପତ୍ର ପରିଚାଳନ କଲେ । ଯାହାହେଉ ସେଥର ଜର୍ମାନୀ ହାରି ଯିବାରୁ ଯୁଦ୍ଧର ବିରାମ ହେଲା । ତା ପରେ ଲୋକମାନେ ଖାଦ୍ୟ ଅଭାବରେ ମଲେ । ସେତେବେଳେ ଲୋକମାନେ ତାଙ୍କର ଓଜସ୍ୱିନୀ ଭାଷାରେ ମୁଗ୍ଧ ହୋଇ ତାଙ୍କର ଫାସିଷ୍ଟ ଦଳରେ ଯୋଗ ଦେଲେ । ଏହା ୧୯୧୯ ଖ୍ରୀ: ଅ: ମାର୍ଚ୍ଚର କଥା ।

୧୯୧୯ ରେ ଦେଶ ବ୍ୟାପୀ ପାର୍ଲାମେଣ୍ଟ ନିର୍ବାଚନ ହେଲା କିନ୍ତୁ ଫାସିଷ୍ଟମାନେ ଗୋଟିଏ ସ୍ଥାନ ମଧ୍ୟ ପାଇଲେ ନାହିଁ । ସାମ୍ୟବାଦୀମାନେ ୧୫୦ଟି ସ୍ଥାନ ପାଇଲେ । ସେତେବେଳେ ସେ ହତୋତ୍ସାହ ନ ହୋଇ ନିଜର ଲେଖନୀ ସଞ୍ଚାଳନ କରି ବିପକ୍ଷ ଦଳକୁ ଦମନ କରିବାକୁ ଲାଗିଲେ । ସେତେବେଳେ ସାମ୍ୟବାଦୀମାନେ ବଡ଼ ଅତ୍ୟାଚାର କଲେ । ତେଣୁ ଫାସିଷ୍ଟ ଦଳ ଉପରେ ରାଜା ସବୁ ଭାର ପକାଇଲେ । ତହୁଁ ମୁସୋଲିନୀଙ୍କ ପକ୍ଷରେ ଗୋଟିଏ ସୁବର୍ଣ୍ଣ ସୁଯୋଗ ହୋଇ ପଡ଼ିଲା । ସେ ସମୟରେ ମୁସୋଲିନୀ ଏକତା ପ୍ରଚାର କରିବାକୁ ଲାଗିଲେ । ରୋମ ବିରୁଦ୍ଧରେ ତା ୨୬, ୧୯୨୨ ରେ ଯୁଦ୍ଧ ଯାତ୍ରା କଲେ ଏବଂ ନିଜ ଦଳର ଲୋକଙ୍କୁ ଇଟାଲୀ ଦଖଲ କରିବାକୁ କହିଲେ । ତା ପରେ ରାଜା ତାଙ୍କୁ ପ୍ରଧାନ ସଚିବ ପଦରେ ନିମନ୍ତ୍ରଣ କଲେ । ସେ ବିନା ରକ୍ତପାତରେ ସେହିଦିନ ଠାରୁ ଇଟାଲିର ସର୍ବେ ସର୍ବା ହେଲେ ।

ଶ୍ରୀ ବଂଶୀଧର ମହାନ୍ତି ( ୩୦୨ ନଂ )

## ଅଜାଙ୍କ ଜବାବ୍

ଶନିଦେବ [୧୧] ୩୩୪ ନାଗଙ୍କୁ ତୁମ ପ୍ରଶ୍ନର ଜବାବ୍ ଦେବାକୁ ଯାଇ ତମେ ଅଜାଙ୍କ ମାନ ହାନି କରିଛ—ଅଜା କେବେ ଅଜାଙ୍କ ଠାକୁର ମୂର୍ତ୍ତିରେ ଖଜୁରୀ ଦେଇନ୍ତି ନାହିଁ କି ଅଜା କେବେ ଯୁଦ୍ଧକୁ ଯାଇ ଫେରି ଆସି ନାହାନ୍ତି । ତମକୁ କାହିଁକି ଫୌଜଦାରୀ ସୁପର୍ଦ୍ଦ କରି ନ ଦିବ ତାର ସନ୍ତୋଷ ଜନକ କୈଫିୟତ୍ ଦିଅ ।

ମହେନ୍ଦ୍ର—ତମେ ନୂଆ ନାଗ ହେବାକୁ ସ୍ୱୀକାର ହେଲି । ତମ ନାମ ଯଥା ସମୟରେ ବାହାରିବ । ତମ ଭୟ ଅମୂଳକ । ମୁଁ ନାଗଙ୍କ ବିଷଦନ୍ତ ଭାଙ୍ଗେ ନାହିଁ କି ମୋ ପାଖରେ ଅମୃତ ଦାନ୍ତ ଖଞ୍ଜିବାକୁ ନାହିଁ । ମୁଁ ରହସ୍ୟ ଓ ଔଷଧ ଗୁଣରେ ଯାହାଠାରେ ବିଷ ଚଢ଼ିଥାଏ ତାକୁହିଁ ଦଂଶିବା ପାଇଁ ନାଗଙ୍କୁ ଲଗେଇ ଦିଏ ।

ନାଗ ଯେତେ ହେଉନ୍ତୁ ଅଜା ଏକା ଅଶ୍ରୁ ଅବିନାଶୀ ସର୍ବଦା ବିଦ୍ୟମାନ ଈଶ୍ୱର ସଗୁଣ—ଯିଏ ଯେତେ ଗୃହିବ ସେ ସେତେ ପାଇବ ।

ତମର ଅଜା ନ ଥାଇ ଶୁଣି ଦୁଃଖିତ । ମୋତେ ଅଜା ବୋଲି ବୋଲି, ଭଲ ହେଲା—କିନ୍ତୁ ତମର ପଦ ଅଜାଙ୍କ ପ୍ରାଦୁର୍ଭାବର ଅଭିଜ୍ଞତା ନ ଥାଏ ତେବେ ଶେଷରେ ଜାଣିବ ଯେ ।

ରାମଚନ୍ଦ୍ର—ତମେ ଲେଖା ପଠାଅ । ଉପଯୁକ୍ତ ହେଲେ ଛପାଯିବ । ନଚେତ୍ ଟିକଟ ଦେଲେ ଫେରନ୍ତ ଆସିବ ।

ହରେକୃଷ୍ଣ—(୩୨୦) ଗୁଡ଼ାଏ ଲେଖା ଯାଅ । ଛପିବାର ଏତେ ଶୀଘ୍ର ହେଲ ନୁହେଁ । ବର୍ତ୍ତମାନ ପିଲା, ସାଧନା ବଳାଅ । ପୁଣି ଯୋଗ୍ୟ ହେଲେ ଦେଖିବ ଯେ ଏ ଲେଖା କେତେ କଞ୍ଚା । ତମେ ଟିକିଏ ବନାନ ଶୁଦ୍ଧି ପ୍ରତି ଦୃଷ୍ଟି ଦିଅ । ଆଉ କେତେକ ଶବ୍ଦର ଉଚିତ ବ୍ୟବହାର ବୁଝ ନିଅ ।

—❖—

## ନୂଆ ନାଗଙ୍କ ନାମ

୩୫୨ ଶ୍ରୀ ଧନାକର ଓଝା । କୋଠାର ମ: ଇ: ୫ମ ଶ୍ରେଣୀ ବାଲେଶ୍ୱର । [୩୫୫] କୁମାର ଶ୍ରୀ ଗଣେଶ ପ୍ରସାଦ ମହାନ୍ତି । ବାଲେଶ୍ୱର ଜିଲ୍ଲା ସ୍କୁଲ । [୩୫୬] ଶ୍ରୀ ମହେନ୍ଦ୍ର ନାଥ ମହାନ୍ତି । ଭଟ୍ଟଳି ବ୍ଲକ, ଭଦ୍ରକ ହାଇସ୍କୁଲ । [୩୫୭] ରାମଚନ୍ଦ୍ର ଦାସ Class x, Mrs, K. M. P. H. E. School ଜାମସେଦପୁର । [୩୫୮] ଶ୍ରୀ ସଦାନନ୍ଦ ଦାସ ଭଦ୍ରକ ହାଇସ୍କୁଲ ୧୧ଶ ଶ୍ରେଣୀ ।

—❖—

### କୁପନ୍

ଅଜା,

ମୁଁ ଜଣେ ନାତିନାତୁଣୀ ହେବାକୁ ଚାହେଁ; ମୋର ବୟସ ୧୮ ବର୍ଷରୁ କମ୍ । ମୁଁ ସତ୍ୟ ସାହସ ସେବା ଓ ଅହିଂସା ପାଳନ କରିବାକୁ ଚେଷ୍ଟା କରିବି । ଦୟାକରି ନାଗଚକ୍ର ଦଳରେ ମୋ ନାମ ଲେଖାଇ ଦେବେ । ମୁଁ ଏଥି ସହ ୦/୧/୦ ର ଡାକ ଟିକଟ ପଠାଇଲି ।

ତୁମ ସ୍ନେହର ନାତିନାତୁଣୀ

ଶ୍ରୀ ____________

ଠିକଣା ____________

ତାରିଖ



## ବିଦେଶ

ଜର୍ମାନ ଗୋଟିଏ ନିମିଷ ଭିତରେ ଧ୍ୱଂସ କରି ... ବାହାରିଛନ୍ତି । ମସ୍କୋ ନଗରରେ ଜର୍ମାନ ... ମାନ ପାଇଁ ରାତିରେ ବୁଝାମାନେ ... ଭୟଙ୍କର ବାଧା ଦେଇ ଅଟକାଉ ଦେଉଛନ୍ତି । ... ନଗରରେ ଯୋର ସଂଗ୍ରାମ ଚଳିଛି ।

ଇଂରେଜମାନେ କୌଣସି ସୁପ୍ରମାର୍କ ... ଯଥେଷ୍ଟ ସାହାଯ୍ୟ ପଠାଉଛନ୍ତି ।

ଆମେରିକାରୁ ମଧ୍ୟ ସାହାଯ୍ୟ ଯାଉ ... ଅଧିକାରେ ... । ପାରସ୍ୟ ବା ଇରାନ ... ଅଧୀନରେ ଓ ସାତସହସ୍ର ସିପାହୀ ... ପାଇଁ ଚାଲିଲେଣି ।

ଇରାନ ଉତ୍ତର ଅଞ୍ଚଳରେ ଇଂରେଜମାନେ ... ସମରସଜ୍ଜା କରି ଚାଲିଲେଣି ।

... ଉପରେ ... ବହୁତ ପରିମାଣର ... ଅନେକ ଅନେକ ଆଶଙ୍କା କରୁଛନ୍ତି ।

... ଜଣେ ଜର୍ମାନ ... ୫ଏ ... ହତ୍ୟା କରିବାରୁ ତାର ପ୍ରତିଶୋଧ ସ୍ୱରୂପ ୧୦୦ ଜଣ ... ଲୋକଙ୍କୁ ... କରି ମାରିବାର ହୁକୁମ ହୋଇଛି ।

ଚୀନ ... ଜଣେ ଆମେରିକାନ ... ଯାପାନ ... କରିଅଛି ।

... ଅଧୀନାସ୍ଥ ... ପ୍ରାୟ ... ଅଛନ୍ତି ।

... ସୀମାନ୍ତରେ ... ଜାପାନ ସୈନ୍ୟ ଓ ... ସୈନ୍ୟଙ୍କ ଭିତରେ ... ହୋଇଯାଉଛି । ସେଥିରେ ଜାପାନମାନେ କ୍ଷତିଗ୍ରସ୍ତ ହୋଇ ପଳାଇ ଆସିଛନ୍ତି ।

ସିଙ୍ଗାପୁର ଠାରେ ... ପକ୍ଷର ଅନେକ ସମରସଜ୍ଜା ପ୍ରସ୍ତୁତ ହୋଇ ରହିଲାଣି ।

ଆମେରିକାର ଜଣେ ମନ୍ତ୍ରୀ କହନ୍ତି ଯେ ଜାପାନ ଓ ଆମେରିକା ମଧ୍ୟରେ ପ୍ରଶାନ୍ତ ସାଗରରେ ... ଅବସ୍ଥା ... ।

ଜାପାନ ... ସାମରିକ ପରିସ୍ଥିତି ... । ... ଦିନ ... ।

ଅଷ୍ଟ୍ରେଲିଆର ... ଏକ ... ଲୋକଙ୍କୁ ଏକ ... ବାହାର କରିଅଛନ୍ତି ... ଦୁର୍ଦ୍ଦାନ୍ତ ... ଧ୍ୱଂସ କରି ... କରିବାକୁ ... ।

## ଦେଶ

... ଖାଦ୍ୟ ଅଭାବ ... ଅଛି । ମହାତ୍ମା ଗାନ୍ଧି ସତ୍ୟାଗ୍ରହ ଅଧୁରା ନଦେଇ ... ଚଳାଇବେ ବୋଲି ସୂଚନା ଦେଇଛନ୍ତି । ଏଥର ସତ୍ୟାଗ୍ରହୀମାନଙ୍କୁ ଅଧିକ କଡ଼ା ... ମଧ୍ୟ ଦେଇ ଯିବାକୁ ପଡ଼ିବ । ... ମୁସଲମ୍ ଲିଗ୍ ସହିତ ବଙ୍ଗର ପ୍ରଧାନ ମନ୍ତ୍ରୀ ... ସାହେବଙ୍କର ... ମନମାଳିନ୍ୟ ... ମେଣ୍ଟାମେଣ୍ଟି ହେବାର ସୂଚନା ମିଳୁଅଛି । ... ଖବର ଅଛି ଯେ ... । ... ସାହେବ ... ନାହିଁ । ଏହା ଫଳରେ ... ମନ୍ତ୍ରୀମଣ୍ଡଳରେ ନାନା ଗୋଳମାଳ ହେବାର ସମ୍ଭାବନା । ... ।

ଗତ ... ମାସ ... ହୋଇଛି ... କଂଗ୍ରେସ ଦଳ-ଛଡ଼ା ... ଦଳ ... ହୋଇ ଅଛନ୍ତି । ଗତ ୨୭ ତାରିଖରେ ମିଳିତ ଦଳ ... ପୁର ଠାରେ ... ସ୍ଥିର କରିଛନ୍ତି ଯେ ... ସମସ୍ତେ ଏକଜୋଟ ହୋଇଗଲେ ଓ ... ହେଲେ ପାରଳାର ... ମହାରାଜା । ବର୍ତ୍ତମାନ ... ଶିକ୍ଷାମନ୍ତ୍ରୀ ହେବେ । ... ମନ୍ତ୍ରୀ, ... ଓ ... ସାହେବ ଅର୍ଥମନ୍ତ୍ରୀ ହେବେ । ... ଶୀଘ୍ର ମିଳିବ ।

ବେଲୋର ଜେଲରେ ଥିବା ୨୦୦ ଜଣ ରାଜବନ୍ଦୀ ଅନଶନ କରିଛନ୍ତି । ... କହିଲେଣି ... ଅନଶନ ... ତାଙ୍କ ... ଶୁଣାଯିବ ନାହିଁ ।

... ଓ ... ହିନ୍ଦୁ ମୁସଲମାନ ... ହୋଇଯାଉଛି । ... ଲୋକ ... ହୋଇଛନ୍ତି ।

... ମୁସଲମାନଙ୍କ ମେମୃ-

... ବେଳେ ... ସମସ୍ତ ... କରିଛନ୍ତି । ... ଅବସ୍ଥା ... ?

ଭଦ୍ରକ ଗୋପୀନାଥ ପ୍ରେସର ମ୍ୟାନେଜର ଓ ତତ୍ର ପ୍ରିଣ୍ଟର ଶ୍ରୀ ଗୌରଚନ୍ଦ୍ର ... ଙ୍କ ପ୍ରେସ ଆଇନ ମୁତାବକ ... ଅଫିସର ୫୧୦୦ ଜରିମାନା ନଦେଲେ ... ପ୍ରଦାନ କରିଛନ୍ତି ।

—※—

## କୁମାରୀ

ସୁନ୍ଦର ଛବି ଓ ମଧୁର ଗୀତ ବହି ଝିଅ ହାତରେ ଦିଅନ୍ତୁ ।

ମୂଲ୍ୟ – ୫୦୮ ଅଣା ।

## ଚିଡ଼ିଆଖାନା

ରଙ୍ଗିନ ଛବି ଓ କୌତୁକିଆ ଗୀତରେ ଭରା ପିଲାଏ ପାଇଲେ ଖେଳିଯିବେ ।

ମୂଲ୍ୟ — ୫୦।/

## ମରମ

କବି — ଶ୍ରୀ ... ନନ୍ଦ ମହାପାତ୍ର ।

ନବ ଯୁଗର ନବୀନ ... ପଢ଼ିଲେ ମୁଗ୍ଧ ହେବେ ।

ମୂଲ୍ୟ — ୫୦୨ ଅଣା ।

## ସୁନାପୁଅ

ପିଲାଙ୍କ ହାତରେ ଦେବାପାଇଁ ଅତି ସୁନ୍ଦର ଗୀତ ବହି ।

ମୂଲ୍ୟ — ୫୦୮ ଅଣା ।

Digitized by srujanika@gmail.com

# ଶ୍ରୀ ବ୍ରଜେନ୍ଦ୍ରନାଥ ନାୟକ ଜୁଏଲର

ଦରଘାବଜାର, ପୋ. —କଟକ ।








୫ ୨୦୯ କା ପୁରସ୍କାର !            ୫ ୨୦୯ କା ପୁରସ୍କାର !

ଭଦ୍ରବ୍ୟକ୍ତିମାନଙ୍କର ଫରମାସୀ ଅନୁସାରେ ଆମ୍ଭେମାନେ ଖାଣ୍ଟି ସୁନା, ରୂପା ଏବଂ ବହୁ ମୂଲ୍ୟ ପଥରର ଚମତ୍କାର ଅଳଙ୍କାରମାନ ମନ ମୁତାବକ ପ୍ରସ୍ତୁତ କରିଥାଉଁ ! ଆମ୍ଭମାନଙ୍କର ବ୍ୟବସାୟ ଆରମ୍ଭ ଦିନରୁ ଅଦ୍ୟାବଧି କୌଣସି ଭଦ୍ର ବ୍ୟକ୍ତି ଆମ୍ଭମାନଙ୍କର ସାଧୁତା ସମ୍ବନ୍ଧରେ କେବେହେଲେ ସନ୍ଦେହ କରିନାହାନ୍ତି । ଆମ୍ଭେମାନେ ଏହି କାର୍ଯ୍ୟାଳୟଟିକୁ ନୂତନ ପ୍ରତିଷ୍ଠା କରିଥିବାରୁ ବଜାରର ଦର ଅପେକ୍ଷା ବହୁ ସୁଲଭ ମୂଲ୍ୟରେ ଅଳଙ୍କାର ପ୍ରସ୍ତୁତ କରିଥାଉଁ ବାହାର ଗ୍ରାହକଙ୍କରେ ଆମ୍ଭେମାନେ ତାହାଙ୍କୁ ଭ୍ଲଲ ଦେବାକୁ ଗ୍ରହନାହିଁ । ପ୍ରତ୍ୟେକ ପଦାର୍ଥକୁ ତନ୍ନ କରି ପରୀକ୍ଷା କରିବାର ସୁବିଧା ଆମେ ଦେଇ ଥାଉଁ । କେହି କୌଣସି ପ୍ରକାର ଦୋଷ କିମ୍ବା ମିଶା ଧରିପାରିଲେ ଆମ୍ଭେମାନେ ୫୨୦୯ଙ୍କା ପୁରସ୍କାର ଦେବାକୁ ପ୍ରସ୍ତୁତ ଅଛୁ ସାଧାରଣଙ୍କର ସହାନୁଭୂତି ପ୍ରାର୍ଥନୀୟ —

ବଶମ୍ବଦ

**ଶ୍ରୀ ବ୍ରଜେନ୍ଦ୍ରନାଥ ନାୟକ**

ଦରଘା ବଜାର, ପୋ:—କଟକ ।


---


# ଭ୍ରାମରୀ ରସାୟନ

ବାତରକ୍ତ ଓ କୁଷ୍ଠର     ଅବ୍ୟର୍ଥ ମହୌଷଧ

ଏହା ପୁରାତନ ରସାୟନିକ ପ୍ରକ୍ରିୟା ଦ୍ୱାରା ପ୍ରସ୍ତୁତ ହୋଇଅଛି । ବାତରକ୍ତ ଓ କୁଷ୍ଠ ପ୍ରାୟ ଏକରୂପ ବ୍ୟାଧି, ମାତ୍ର ଲକ୍ଷଣ ଭେଦରେ ପ୍ରକାର ଭେଦ ହୋଇଥାଏ । ଏହି ରୋଗ ଶରୀରରେ ଜନ୍ମିବା ପୂର୍ବରୁ ନାନାପ୍ରକାର ଛତ୍ର ବା ବିକୃତ ଚର୍ମ, ହାତଗୋଡ଼ ଜ୍ୱାଳା ଶାରୀରିକ ଅବସାଦ, ହୃତ୍‌ପିଣ୍ଡବତ୍ ବେଦନା ଅଳସ୍ୟ, ଅବସନ୍ନତା, ନାସିକା ଓ କର୍ଣ୍ଣର ସ୍ଫୀତତା ଓ କୋଷ୍ଠବଦ୍ଧତା ପ୍ରଭୃତି ଉପସର୍ଗମାନ ଦେଖାଯାଏ । ଉପରୋକ୍ତ ରୋଗ ମାନଙ୍କ ଦୂରୀକରଣାର୍ଥେ ଆମର ଏହି "ଭ୍ରାମରୀ ରସାୟନ" ଏକମାତ୍ର ପରମ ମହୌଷଧ । ଏହା ଏକମାସ ସେବନ କଲେ ଏହାର ଉପକାରିତା ନିଜେ ନିଜେ ବୁଝିଯାରିବ । ଏକମାସ ସେବନ ଉପଯୋଗୀ ଔଷଧର ମୂଲ୍ୟ ୫୮୯ **ଭ୍ରାମରୀ ତୈଳ:**—ଏହା ଦେହରେ ମାଲିସ୍ କଲେ ଦେହର ଛତ ପ୍ରଭୃତି ଅତିରେ **ଆରୋଗ୍ୟ** ହୁଏ । ଏକଶିଶି ୫୨୯ଙ୍କା ମାତ୍ର ୫୨୯ଙ୍କା ମାତ୍ର ।

କାୟାକଳ୍ପ ଔଷଧାଳୟ

**ବୈଦ୍ୟରାଜ:—ଶ୍ରୀ ଲକ୍ଷ୍ମୀନାରାୟଣ ଆଚାର୍ଯ୍ୟ** ଆୟୁର୍ବେଦ ଶାସ୍ତ୍ରୀ

ଆଲମଚାନ୍ଦ ବଜାର, କଟକ ।



କବିରାଜ ଶ୍ରୀଧର ଗର୍ଗବଂଶଭିଷଗାଚାର୍ଯ୍ୟଙ୍କ ଦ୍ୱାରା ଉଦ୍‌ଭାବିତ ଓ ଆଜକୁ ଦଶବର୍ଷ ଯାବତ୍ ପରୀକ୍ଷିତ ଓ ଔଷଧାବଳୀ ।

# ସ୍ୱପ୍ନ ସୁନ୍ଦରୀ

ଧାତୁ ଦୌର୍ବଲ୍ୟଗ୍ରସ୍ତ ଯୁବକମାନଙ୍କର ନିଦ୍ରାବସ୍ଥାରେ କାମୋତ୍ତେଜକ ସ୍ୱପ୍ନ ଦର୍ଶନ ଶୁକ୍ରକ୍ଷୟ ହୋଇଥାଏ । ଏହି ରୋଗ ଅତ୍ୟନ୍ତ ଅତ୍ୟନ୍ତ ଏତେ ପ୍ରବଳ ହୋଇ ଥାଏ ଯେ କ୍ଷଣ ଦଣ୍ଡାରିଏ ଶୋଇଲା ମାତ୍ରେ ଶୁକ୍ର କ୍ଷୟ ହୁଏ । ଏହି ରୋଗ ଶରୀରର ବଳ, ବୀର୍ଯ୍ୟ, ଅଗ୍ନି, ଓଜ ଇତ୍ୟାଦି ସମସ୍ତ ଅଙ୍ଗ ପ୍ରତ୍ୟଙ୍ଗ କ୍ଷୀଣରୁ କ୍ଷୀଣରେ କରି ରୋଗୀକୁ ଅକାଳ ବାର୍ଦ୍ଧକ୍ୟ ଗ୍ରସ୍ତ କରି ଦେଇ ଥାଏ । ପରିଶେଷରେ ମଧ୍ୟ ଏହିପରି ଶୁକ୍ରକ୍ଷୟ ହେତୁରୁ ଧ୍ୱଜଭଙ୍ଗ ରୋଗ ଉପସ୍ଥିତ ହୋଇଥାଏ । **ଆମର** ସ୍ୱପ୍ନ ସୁନ୍ଦରୀ ଔଷଧ ଉକ୍ତ ଦିନ ନିୟମିତ ବ୍ୟବହାର କଲେ ସ୍ୱପ୍ନଦୋଷ ଓ ତଜ୍ଜନିତ ଶୁକ୍ରକ୍ଷୟ ନିବାରିତ ହୋଇ ଶରୀର ହୃଷ୍ଟ ପୁଷ୍ଟ ଓ ବଳିଷ୍ଠ ହୋଇଥାଏ ।

**ମୂଲ୍ୟ**—୬୦ ଗୋଟା ବଟିକା ପୂର୍ଣ୍ଣ ଏକ ଶିଶିକୁ ୫୨. । ୩୦ ଗୋଟା ବଟିକା ପୂର୍ଣ୍ଣ ଶିଶିକୁ ୫୧୯ । ଡାକଖର୍ଚ୍ଚ ସ୍ୱତନ୍ତ୍ର ।

ଠିକଣା: ଶ୍ରୀଧର ଗର୍ଗବଂଶ ଭିଷଗାଚାର୍ଯ୍ୟ, ଭୁବନେଶ୍ୱର—ପୁରୀ



Printed & published at the Gopinath Press, Bhadrak, by. G. C. Mahapatra and issued from Dagaro Office Bhadrak.



Digitized by srujanika@gmail.com

REG. NO. P. 41

THE DAGARO— 1-11-1941.

ମାଭୈଃ— —ମାଭୈଃ— —ମାଭୈଃ

ଯୁଦ୍ଧ ବା ଅନୁଷ୍ଠାନର ଅଭିଜ୍ଞତାରେ ପ୍ରମାଣିତ ନ ହୋଇ ନାବୃତ୍ତିର ଭବିଷ୍ୟତ ଚିନ୍ତା କରୁଛୁ ଯଥେଷ୍ଟ କରି ନାହାନ୍ତି ବାର୍ଦ୍ଧକ୍ୟ ଓ ପରିବାରବର୍ଗଙ୍କ ପାଇଁ ଅବସ୍ଥା ସୃଷ୍ଟି କରନ୍ତୁ । ଅନ୍ତର୍ଜାତିକ ଅନିଶ୍ଚିତତା ଓ ଅର୍ଥର ଦୁର୍ଗତିରେ ଜୀବନବୀମାହିଁ ଏକମାତ୍ର ନିରାପଦ, ଲାଭଜନକ ଓ ନିର୍ଭର ଯୋଗ୍ୟ ଲଗାଣି ।

ଏ ଦୁର୍ଦ୍ଦିନରେ "ହିନ୍ଦୁସ୍ଥାନ"ରେ ବୀମା କରି ବା ପ୍ରତିନିଧି ହୋଇ ଲାଭବାନ ହୁଅନ୍ତୁ ।

# ହିନ୍ଦୁସ୍ଥାନ କୋ-ଅପରେଟିଭ
## ଇନସିଓରେନ୍ସ ସୋସାଇଟି ଲି:

ହେଡ଼ ଅଫିସ—କଲିକତା

**ହିନ୍ଦୁସ୍ଥାନର ସଚନା —**

ନୂଆ ୧୭ କୋଟି ୨ ଲକ୍ଷରୁ ଊର୍ଦ୍ଧ୍ୱ । ମୋଟ ବୀମା ପାଣ୍ଠି—୩ କୋଟିରୁ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ।

— କୋଟି ୫୬ ଲକ୍ଷରୁ ଊର୍ଦ୍ଧ୍ୱ । ୧୯୪୦ ରେ ନୂତନ ବୀମାର ପରିମାଣ ୨ କୋଟି ୭୫ ଲକ୍ଷରୁ ଊର୍ଦ୍ଧ୍ୱ ।

ଏଜେନ୍ସି ଓ ଚାକିରୀ ପାଇଁ ନିମ୍ନଲିଖିତ ଠିକଣାରେ ଅନୁସନ୍ଧାନ କରନ୍ତୁ ।

ଏନ୍ ଦତ୍ତ
ସେକ୍ରେଟେରୀ
ହିନ୍ଦୁସ୍ଥାନ ବିଲ୍ଡିଙ୍ଗ୍ସ, କଲିକତା ।

ଅର୍ଗେନାଇଜର—**ନରେନ୍ଦ୍ର ପ୍ରସାଦ ଦାସ**
ହିନ୍ଦୁସ୍ଥାନ କୋ-ଅପରେଟିଭ ଇନ୍‌ସୁରେନ୍ସ ସୋସାଇଟି ଲି: ।
ଗୃନ୍ଦମାର୍ଗ୍ରେଟ, କଟକ ।

# ଦାର୍ଜିଲିଙ୍ଗ ବେଙ୍କ ଲିମିଟେଡ
## କଟକ ଶାଖା—

ଜନ ସାଧାରଣଙ୍କର ବ୍ୟବସାୟର ଉନ୍ନତି ପାଇଁ ଦାର୍ଜିଲିଙ୍ଗ ବେଙ୍କର କଟକ ଶାଖା ମଙ୍ଗଳାବାଗସ୍ଥ ବାସନ୍ତୀ ଇନ୍‌ସୁରେନ୍ସ କୋଠାରେ ଖୋଲା ହୋଇଛି । ସମସ୍ତ ପ୍ରକାର ବେଙ୍କର କାର୍ଯ୍ୟ କରାହୁଏ । ପରଲିଖିତ ଠିକଣାରେ ଅନୁସନ୍ଧାନ କରନ୍ତୁ ।

ଓଡ଼ିଶା ଅଫିସ, ମଙ୍ଗଳାବାଗ କଟକ ।

---



"ଜଗନ୍ନାଥ ସାହିତ୍ୟ ସମିତି"ର
ସଂଘର୍ଷ ଓ ନୈବେଦ୍ୟ ପ୍ରକାଶ ପାଇଚି ।
ତୃତୀୟ ଅବଦାନରେ
Detective କାହାଣୀ **"ମାୟାପୁରୀ"** ପ୍ରକାଶିତ ହେବ

ଟ ୧ ୮ ଦେଇ ସଭ୍ୟ ହେଲେ ସଂଘର୍ଷ ବିନା ମୂଲ୍ୟରେ ଓ ପରବର୍ତ୍ତୀ ଅର୍ଦ୍ଧ ଦାମରେ ନିମ୍ନଲିଖିତ ସ୍ଥାନରୁ ଅମ୍ବ ବହି ମିଳି ପାରିବ ।

(1) Utkal Book Ajency, Ranihat, (2) Saraswata Bhandar, ଚାନ୍ଦିବଜାର (3) Orissa Book Emporium, ଚାନ୍ଦିବଜାର (4) The Book Stall, ଚୌଧୁରୀ ବଜାର (5) The National Publishing Co., ବ୍ରଜଗଞ୍ଜେଇ (6) The Students' Store, ବ୍ରଜଗଞ୍ଜେଇ କଟକ (7) The Students' Store—ବ୍ରହ୍ମପୁର (୮) ବନମାଳୀ ଚରଣ ମହାନ୍ତି, Straight Mile Road—ଜାମସେଦପୁର (୯) ମହେଶ୍ୱର ଦାସ, 1/3 Hidaram Banerji Lane—କଲିକତା (୧୦) ଶ୍ରୀ ଲକ୍ଷ୍ମୀନାରାୟଣ ମହାନ୍ତି—ବରିପଦା ।

ଅନ୍ୟାନ୍ୟ ସ୍ଥାନରେ ଏଜେଣ୍ଟ ଆବଶ୍ୟକ । ଟଙ୍କା ଓ ଚିଠିପତ୍ର ସମ୍ପାଦକ, ଜଗନ୍ନାଥ ସାହିତ୍ୟ ସମିତିଙ୍କ ନିକଟକୁ ପଠାନ୍ତୁ ।

Digitized by srujanika@gmail.com





ବାଲୁଅ ବଗୁର

ମଜାକଥା— ସାହିତ୍ୟ ଛେଳ

ଡାହାଣୀ— ଦେବୀ

ଗୁଞ୍ଜୁଣି × ଢୋରଡ଼ା

ମଜାକବିତା—

ନାଗରଙ୍ଗ

ଢାଳିଆ ବଳଦ

ଖବରଅନ୍ତର





ଡଗର ସମ୍ପାଦକଙ୍କ

## ପ୍ରୀତି-ଉପହାର

ଅଗ୍ରୀମ ଦୁଇଟି ଟଙ୍କା ପଠାଇ ବର୍ଷେକାଳ ଘରେ ବସି ଡଗର ପଢ଼ନ୍ତୁ ।

୫ମ ବର୍ଷ    ୧୨ଶ ସଂଖ୍ୟା    କାର୍ତ୍ତିକ ଦ୍ୱିତୀୟାର୍ଦ୍ଧ




Digitized by srujanika@gmail.com

ଜଗତ୍ ବିଖ୍ୟାତ

# ସାଲ୍‌ସୋଲା

ଯେ କୌଣସି ପ୍ରକାର ପାଳିଜ୍ୱର ୨୪ ଘଣ୍ଟାରେ ଆରୋଗ୍ୟ ହୁଏ ।

ଅଜୀର୍ଣ୍ଣ, ଶକ୍ତ ପ୍ଲୀହା, ଯକୃତ୍, ମ୍ୟାଲେରିଆ ଓ ପୁରାତନ ଜ୍ୱର ବିନା ଇନ୍‌ଜେକ୍‌ସନରେ ଆରୋଗ୍ୟ କରିବାକୁ ଏହା ଅଧିକାର ପ୍ରଚାରରେ ଅଦ୍ୱିତୀୟ ।

ମେସାର୍ସ ହେମ୍‌କୋର ଫାର୍ମାସୀ

ନଂ ୧୧୫ ନୂଆ ବଡ଼ବଜାର ଷ୍ଟ୍ରିଟ, କଲିକତା ।

ପ୍ରାପ୍ତିସ୍ଥାନ—ମହମ୍ମଦ ଇସମାଇଲ ଖାଁ ।

---

## ଜୀବାମୃତ

ଏହାକୁ ସେବନ କରିବା ... ଯାବତୀୟ ରୋଗ ଆରୋଗ୍ୟ ହୋଇ ଶରୀର ହୃଷ୍ଟ ପୁଷ୍ଟ ଓ ବଳିଷ୍ଠ ହୋଇଥାଏ । ... ଅଜୀର୍ଣ୍ଣ, ବନ୍ଧ୍ୟା ଦୋଷ, ମୃତବତ୍ସା ଦୋଷ, ପ୍ରଭୃତି ଏଥିରେ ... ସମ୍ପୂର୍ଣ୍ଣ ... କରିବାର କ୍ଷମତା ହୋଇଥାଏ ।

ମୂଲ୍ୟ—... ଟଙ୍କା ମାତ୍ର

... ଡାକଘରେ ଏହାଠାରୁ ଅଧିକ ଦେବାକୁ ପଡ଼େ ।

ପ୍ରାପ୍ତିସ୍ଥାନ—କବିରାଜ—ଶ୍ରୀ ଧରଣୀଧର ..., ଭିଷଗାଚାର୍ଯ୍ୟ—ଆୟୁର୍ବେଦିକ୍ ଫର୍ମାସୀ, ଭୁବନେଶ୍ୱର—ପୁରୀ ।

---

ବ୍ରହ୍ମଦେଶରେ ପ୍ରଥମ ପ୍ରତିଷ୍ଠିତ

( ସାପ୍ତାହିକ ) **'ବର୍ମା ଓଡ଼ିଆ ପତ୍ରିକା'** (ରୟେଲ ୧୭ ପୃଷ୍ଠା)

ଏହା ... ପ୍ରଧାନ ମୁଖପତ୍ର । ... ସକଳ ପ୍ରକାର ଦୁଃଖ ଦୁର୍ଦ୍ଦଶା, ବର୍ମାରେ ଭାରତୀୟଙ୍କର ପରିସ୍ଥିତି ... ଏବଂ ବର୍ମାର ... ଅଧିବାସୀମାନଙ୍କ ସାମାଜିକ, ... ଏହି ପତ୍ରିକାରେ ପ୍ରକାଶିତ ହୁଏ । ବ୍ରହ୍ମଦେଶର ବ୍ୟବହାରିକ ... ଜାଣିବାକୁ ହେଲେ ଏହି ପତ୍ରିକା ପଢ଼ନ୍ତୁ । ... ଶ୍ରୀଯୁକ୍ତ ... ମହାପାତ୍ରଙ୍କ ଦ୍ୱାରା ପରିଚାଳିତ ଓ ସମ୍ପାଦିତ ।

... ଠିକଣା—... (ବର୍ମା)

---

| ପୁଟଷର ଭାଗ୍ୟ | ଭଲ ମଞ୍ଜିରୁ ଭଲ ଗଛ | ପ୍ରିୟଜନର ସ୍ମୃତି |
|---|---|---|
| ... | ... ଉତ୍ପନ୍ନ ... | ଜୀବନରେ ଓ ମୃତ୍ୟୁରେ ... ଆନନ୍ଦଦାୟକ ! ଆପଣ ଆମ ପରାମର୍ଶ ନିଅନ୍ତୁ :— |
| | ... ପାର୍ଶ୍ୱରେ ... | **ଏସ୍ ଜିଆଉଲା** |
| | ( Bally ) | ଫଟୋ ହାଉସ୍, ଚୌଧୁରୀବଜାର କଟକ । |
| ... ପୁରୁଣାକୋର୍ଟ, କଟକ । | | (ଫଟୋରୁ ଯେ କୌଣସି ... ଫଟୋ ନଷ୍ଟ ... ଯାଇପାରେ । ) |

---

ସମ୍ପାଦକ—ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର


Digitized by srujanika@gmail.com



ଡଗରର ସମ୍ପାଦକ ଶ୍ରୀଯୁକ୍ତ ନିତ୍ୟାନନ୍ଦ ମହାପାତ୍ର ଭଦ୍ରକର ସ୍ୱରାଜଘର ବା ନାଲଦାରେ ଥିବା ସମୟରେ ଭାରତରକ୍ଷା ଆଇନ ଅନୁସାରେ ଧୃତ ହୋଇ ଅଛନ୍ତି ।

ଭଦ୍ରକରେ ହୋଇଥିବା ଗାନ୍ଧି ଜୟନ୍ତୀ ସଭାରେ ଯୁଦ୍ଧ ବିରୋଧୀ ବକ୍ତୃତା କରିଥିବା ଅଭିଯୋଗ ତାଙ୍କ ଉପରେ ଅଣାଯାଇ ହୋଇଥିବା ପ୍ରକାଶ । ପୁଲିସ ତରଫ ଶୁଣାଣି ସରି ଗଲାଣି । ଡିସେମ୍ବର ତା ୩ ରିଖକୁ ତାରିଖ ଅଛି ।

ଭଦ୍ରକ ସବଡିଭିଜନାଲ କୋର୍ଟରେ ତାଙ୍କର ବିଚାର ଚାଲିଅଛି ।

ଡଗର ବଡ଼ ଏଇଥିପାଇଁ ଅମ ସଂପାଦକଙ୍କ ମାମୁଁ ଘର ହାଲ ଭିତରେ ନଇଁ ପଡ଼ିଛନ୍ତି । କାଗଜ ଚଳାଇବାର ଧନ୍ଦା, ବଳ ଓ ପରିଶ୍ରମରେ ତାଙ୍କର ଉଚ୍ଚମୁଣ୍ଡ ଠିକ ନଥିଲା । ମାମୁଁ ଘର ଜଳଖିଆ ଓ ବିଶ୍ରାମବସ୍ତ୍ରରେ ମିଜାଜ ସରିଫ୍ ଓ ତନ୍ ଦୁରସ୍ତ ହୋଇ ପେର ଅଫିସରେ ଡଗରର ସେବାରେ ଭଲ କରି ଲାଗି ପାରିବେ । ଏଥିକୁ ଡଗରର ପାଠକ, ପାଠିକା, ଗ୍ରାହକ ଗ୍ରାହିକା, ଅନୁଗ୍ରାହକ ଅନୁଗ୍ରାହିକା ମାନଙ୍କର ଶଙ୍କିତ ହେବାର ମୂଳ । ସେମାନଙ୍କ ସ୍ନେହ ସହାନୁଭୂତି ଉପରେ ଭରସା ରଖି ଡଗର ପଛକୁ ହଟିବ ନାହିଁ । + +

ଅମାଦେର ସୁଭାଷ ବାବୁ ବର୍ଲିନରେ ଥାଇ ହିଟଲର ଙ୍କ ସାଙ୍ଗରେ ବୁଝାମଣା କରି ସାରିଲେଣି ଯେ- ଜର୍ମାନ ସେନା ଭାରତ ଆକ୍ରମଣ କରି ଆମକୁ ମୁକ୍ତି ଦାନ କରିବ । ଏ କଥା ସ୍ୱୟଂ ବ୍ରିଟିଶ ସରକାର ଯେତେବେଳେ ବଡ଼ ମୁହଁରେ କହି ସାରିଲେଣି, —ପରତେ ନଯିବ କିଏ !

ଏତେ କହିକଣା ଆଉଁ, ସୁଭାଷ ବାବୁ କିପରି ବଙ୍ଗୋପ- ସାଗରରେ ବୁଡ଼ମାରି ଉତ୍ତର ସାଗରରେ ଉଠିଲେ, ଏଇଟାଇ ଭାବିବାର କଥା । ଅଠନ୍ଦନ ଯୋଗ ବଳେ ସେ ହୋଇଥିବେ ସିଦ୍ଧ ପାଲଟି ଗଲେ—ଓ ମନ ପବନରେ ଚଢ଼ି ଅଣିମା ଲଘିମା ବଳାମନ୍ତରେ ବର୍ଲିନରେ ଯାଇ ହାଜର ହୋଇ ଗଲେ । ଭୟ ଏତିକି ଯେ ଏ ଯୋଗସିଦ୍ଧି ଯଦି ସେ ଜର୍ମାନଙ୍କୁ ଶିଖାଇ ଦିଅନ୍ତି, ତେବେ ତ ଆଉ ରକ୍ଷା ନାହିଁ !

ହେଉ ଯଦି ସେ ଭାରତକୁ ଆସନ୍ତି ଏଠି ହିଟଲର ହେବେ ନା ଷ୍ଟାଲିନ୍ ହେବେ, ଏଇ କଥାଟା କେହି ଏବେ କହି ପାରୁ ନାହାନ୍ତି । ଗାନ୍ଧି ଯିବେ କୁଆଡ଼େ ? ଆଉ ପଟେଲ କଟେ ?

ଜର୍ମାନ ଅଣି ବଟବସ୍ ଦ୍ୱାରାରେ ଯାଉ ଦେଲଣି । ଏବେ ଜାପାନ ହୁଙ୍କୁଡ଼ି ଖାଉଛି । ଏସବୁ ଦେଖି ଅମ ଚଉଧରୀ ନେତ୍ରୀମାନଙ୍କ ଆଖିରେ ନିଦ ନାହିଁ । ଅମ ଉପରେ ବିପତ୍ତି ପଡ଼ିଲେ ତାଙ୍କ ଦୁଃଖ ସହିବା କଥା ନୁହେଁ । ସେ ପରା ଅମ ରକ୍ଷକ, ପାଳକ । ପୁଅର କରତ ମା-ବାପଙ୍କୁ ଲାଗିବ ନାହିଁ ତ ଆଉ ଲାଗିବ କାହାକୁ !

ଅମର କର୍ତ୍ତା—ମନ୍ତ୍ରୀ ଲାଟଲେଣି ଘରଲେଣି—ଏଣିକି ଭୁଆଡ଼େ ବାଲୁଛ ଆଜ ମିଳୁଛ ନାହିଁ ! ହାୟରେ ! ରାତି ପାହିଲେ ଖାଲି ଘରେ ଘରେ ଯେ ଜଣେ ହେଲେ ନଗିଥିବ ! କରିଥିବ କଣ !

× × ×

## ଜିଲୁଆ ବିଚାର

ଭାରତରକ୍ଷା ଆଇନରେ ବନ୍ଦୀ ବା ଅନ୍ୟ କାରଣରୁ ବନ୍ଦ ନେତାଙ୍କ ରାଜବନ୍ଦୀ ଅଛନ୍ତି ତାଙ୍କୁ ଛାଡ଼ି ଦେବା ଖଲାସ କରିବା ପାଇଁ କହିବା ଠାରୁ ଭାରତ ଯାକେ ମହା ଆନ୍ଦୋଳନ ଲାଗିଛି । ସେଦିନ ଶ୍ରୀ ଜୋଶୀ ବଡ଼ଲାଟ ସଭାରେ ଏ ପ୍ରସ୍ତାବ କରି ବଡ଼ ଆଶା କରି ଥିଲେ କି ସରକାର ଏ ଘଡ଼ି ସଙ୍କଟ ବେଳରେ ପ୍ରଜାଙ୍କ ମନ ନେବା ଲାଗି ପ୍ରସ୍ତାବରେ ନିରୋଳ ରାଜି ହୋଇଯିବେ । ମାତ୍ର ସରକାର ଯେଉଁ ଉତ୍ତର ଦେଇଛନ୍ତି, ତହିଁରୁ ସାପ ମରୁନାହିଁ କି ବାଡ଼ି ଭାଙ୍ଗୁ ନାହିଁ । ଅର୍ଥାତ୍ ଶଙ୍କା ଭାଙ୍ଗୁ ନାହିଁ କି ନିରାଶା କି ଆଶା ନାହିଁ ।

ବାସ୍ତବିକ ଖଲାସ କରିବେ ନ ... ନାହିଁ କି ଦେବେ ... ନାହିଁ ଯେତେବେଳେ—ଆ-ଆ-ମା-ମା ... ବୁଦ୍ଧିମାନର କାମ ।

ଏଣେ ଗାନ୍ଧିଜୀ କହୁ ବସିଲେଣି କି ଏ ଯୁଦ୍ଧ ମନ ଭୁଲାଣିଆ କଥାରେ ଶାନ୍ତ ହେବ ନାହିଁ । ଅତଏବ ଏ କାଳ ମନ୍ଥରର ବଶତାରେ ... ଦିବ୍ୟ ଶଙ୍ଖ ... ମନ କଣ ! + +

ବଙ୍ଗଳାର ହକ ସାହେବ ଓ ନବାବ ... ଭିତରେ ଯେଉଁ କଳହ ପାଲଟା ଜମି ଉଠିଥିଲା, ସମସ୍ତେ ଥାଇ ରହିଥିଲେ ଯେ ... ମାତ୍ର ଖାଲି ତାଳ ମର୍ଦ୍ଦନ କରିବାରେ ତାହା ... ହୋଇ ଗଲା । ... ମୁଦଙ୍ଗ ... ନାହିଁ । ... ସତ୍ୟନାରାୟଣ ... ଉଠି ... ରହିଗଲେ ।

ପଞ୍ଜାବ ... ଯୁଦ୍ଧ ଲାଗିଛି—... ଯୁଦ୍ଧ ... ଦେଖି ... 'ଅଲେକମ ସଲାମ'ରେ ... ମଧୁ ମିଳନ ହୋଇ ଗଲା ! ହାୟ ...!

× + ×

'କଟକ ସହର ବଡ଼ ମହରଗ' ହେଲେ ... ମଧ୍ୟେ କସମ୍ କସମ୍ ... ମଜଲିସ୍, ସଭା ସମିତିର ଧୂମ୍ ପଡ଼ ଯାଉଛି । ... ମଧ୍ୟରେ ପ୍ରଧାନ, ସପ୍ତ ଦିବସ ଅବ୍ୟାହତ ... ସଭା । ... ପାଠଶ ସାହିତ୍ୟ ... ନାଟ, ... ମୂଳ ... ସାହିତ୍ୟର ... ନ ଥିଲା । ... ହାତରୁ ... ହାତରେ



Digitized by srujanika@gmail.com

ସ୍ବ . . . ହୋର ଏକଟା ପ୍ରଥମ ଲକ୍ଷଣ ।

. . . ଗୋଲ୍ଡେନ . . . ଅଧିକ . . .

ପାଞ୍ଚ . . . ରୋମରେ ନିଆଁ ଲାଗିଲା ବେଳେ Nero . . . ବଂଶୀ ବଜାଉ ଥିଲେ !

× ×

. . . ମାର୍ଜ ସାହେବ ଅମର ଉପରେ ଭଲଥ ଥିଲେ . . . ଏକଲ ଶୁଣା ଯାଉଛି ସେ କଳାପାଣି ( ଅଣ୍ଡାମାନ ) ଯାଉଛନ୍ତି । ତାହାର ପୂର୍ତ୍ତି କରିବାକୁ . . . ହୋଇଛି ତାହା ଅବଶ୍ୟ ଜଣା ପଡ଼ି ନାହିଁ । ଅନେକ ଜାଣନ୍ତି ଯେ ଅନେକଙ୍କ ବନ୍ଧୁତା ଉପରେ . . . ତାଙ୍କର ଜୀବନ ରକ୍ଷା କରିଛନ୍ତି । ଏହା— . . . ତାଙ୍କଠାରେ ନାନା ପ୍ରକାରେ . . . ଉପକାର ଜନକ ଏତେ ଦେବା କରିବାକୁ . . . । ତେଣୁ ଓଡ଼ିଆ ମାନେ ବଡ଼ ଲୋକଙ୍କ . . . ଉକ୍ତ ମାର୍ଜ ସାହେବଙ୍କୁ . . . ଠାରୁ ଏହି ଓଡ଼ିଶାରେ ଗୋଟାଏ . . . ନିଜେ ବା ଦମ୍ ଦମ୍ ଠେଇ କରି ରଖନ୍ତୁ ।

× ×

. . . ଅଦମ ସୁମାର ବା ସେନସସ୍ . . . । ଜନ ସଂଖ୍ୟା ମୋଟା ମୋଟି ଅବ . . . ଠାରୁ ଶତକଡ଼ା ୧୫ ବଢ଼ିଛି । ଏହାରୁ ଜଣା . . . ୩୦ା ଲୋକଙ୍କ ପେଟ ଭର୍ତ୍ତି ଖାଦ୍ୟ . . . ବହର ଜଙ୍ଗଲଠାରେ ଆଉ ଦାଣ ଲଗିଲେ ଉନ୍ନ ଜମ କରୁ ଅଛନ୍ତି ।

. . . ଅଉ ଯୋଗାଡି ପ୍ରତି . . . ରହିବାରୁ ସ୍ୱଦେଶର ଜନବୃଦ୍ଧି କରି ପାରୁ ନାହାନ୍ତି, ନା ତାଙ୍କ ପ୍ରଜନନ ଶକ୍ତି କମି ଗଲାଣି ?

+ + +

ଓଡ଼ିଶାର ମିଶ୍ର ମନ୍ତ୍ରୀ ମଣ୍ଡଳ ତଡ଼ା ବାମ ସରିଗଲା । ଏବେ ଏବେ ମନ୍ତ୍ରୀ ହେବେ ତାଙ୍କ ନାମ ବି ଜଣା ପଡ଼ିଲାଣି । ମୋଟରେ ୨ ଜଣଙ୍କ ନାମ ବାହାର ଥିଲା । ମାତ୍ର ଜଣଙ୍କ ମୁଣ୍ଡରେ ଶାଢ଼ୀ ବନ୍ଧା ହୋଇଛି । ତାଙ୍କଠାରୁ କ୍ରମଶଃ । ଅମରି ତନି ହେଉଛି—ଓଡ଼ିଆ ସବୁ କଥାରେ ଅଗୁଆ !

+ × +

ସମ୍ପ୍ରତି ସେଥିବ ଭିତରୁ ବାହାର ହେଇ ବାମ ଦାଖିଲ ସେ ବିଷୟରେ ଲୁଜନା ଚାଲିଥିବାର ଶୁଣି ଅନେକ ବର୍ଣ୍ଣିତ ବର୍ଣ୍ଣିତ ସୁପରାମର୍ଶ ଦେଉଛନ୍ତି ବ ଦର-କାର ହେଲେ କର୍ମରେ ଅଣିବ । ଯଥା :—

ପ୍ରଧାନ ମନ୍ତ୍ରୀ—ସମର ଓ ଶାନ୍ତି (War & peace)
ପଣ୍ଡିତ ନିତ୍ୟ—ଟଙ୍କା ଓ ଶିକ୍ଷା (Finance)
ମଙ୍ଗରାଜ—ଗୋଲାପ ଗୁଚ୍ଛ, L. S. G.
ଅଗ୍ରସେନ—ଚନ୍ଦା, ବାଣିଜ୍ୟ ଜନ୍ମ ମୃତ୍ୟୁ
ବାବୁ ଅପରେଶ—ରାଜସ୍ୱ ( Revenue ) ଓ ପାନ
ଜଲିବୋଃ— ମତ୍ସ୍ୟ ( Fishery ) ଓ ନିଶା excise
. . . ( V . . . ) ଓ Law

× +

ଅଗ ବାଳଶ ଗଜପତି ମାନେ ଗଙ୍ଗା—ଗୋଦାବରୀ ଜୟ କରି ଉତ୍କଳ ସାମିଲ କରିଥିଲେ । ଏବ ଗଜପତି ଅନ୍ତତଃ ପକ୍ଷେ ରୂପ ନାରାୟଣ—ଖଣ୍ଡିକୁଲ୍ୟା କରି ପାରିଲେ ପିତୃ ପୁରୁଷଙ୍କ ନାମ ରଖିବେ ହେଲେ । ଯାହାହେଉ ଗୋଟାଏ ନେବବାର "ନୂତନ କନ୍ଧ" କରିବାକୁ ଯାବୁ ହୋଇ ଏଚ୍ଛା !

× + ×

କଥା ପଡ଼ିଛି ସତ୍ୟପତି ନେଇ । କଥାରେ ଅଛି "ଚାଉ ଜାଉ ଦେଇ ଟୋକ—ବହୁଦିନ ହେଲେ ଯଦୁ ଗଲା ।"

ଅଗରୁ ଯେ ଯାହା ଥାଆନ୍ତୁ, ଅଧିକରୁ ବା ର୍ଦାହାତ ପାର୍ଟୀ ବାନ୍ଧିଲାଯଣି ଲୋକ ଅଦଳଅ no-partyman ହୋଇଯାଏ । ମୁକୁନ୍ଦ ବାବୁ କଂଗ୍ରେସିଅ ଥିଲେ ମଧ୍ୟ ବର୍ତ୍ତମାନ ସେ ଦେଖିବାକୁ ଦଳଛଡ଼ା । ଏ ଅବସ୍ଥାରେ ସେ ଯଦି ନଜେ ଇସ୍ତଫା ନ ଦିଅନ୍ତି ତେବେ ଗାଦିରେ ରହିଥିବେ । ସତ୍ୟପତି ଯେତେବେଳେ neutral ଅର୍ଥାତ 'କ୍ଲୀବ'—ସେତେବେଳେ ଅଉ ଭୟ କଣ ! ଖାଲି ଚୂଡ଼ାନ୍ତ ମାନିଥାଉ ମହାତ୍ମାଙ୍କ ଲଡ଼ି !

× + ×



# "ଜଗନ୍ନାଥ ସାହିତ୍ୟ ସମିତି"ର

## ସଂଘର୍ଷ ଓ ନୈବେଦ୍ୟ ପ୍ରକାଶ ପାଇଛି ।

### ଅଳ୍ପ ଅବଦାନରେ

**Detective କାହାଣୀ "ମାୟାପୁରୀ" ପ୍ରକାଶିତ ହେବ**

ଟ ୧ ୯ ଦେଇ ସଭ୍ୟ ହେଲେ ଅର୍ଦ୍ଧ ଦାମ ମୂଲ୍ୟରେ ଓ ପାଇବେ

ଅଳ୍ପ ଦାମରେ ନିମ୍ନଲିଖିତ ସ୍ଥାନରୁ ଅମ୍ଭ ବହି ମିଳି ପାରିବ ।

(1) Utkal Book Ajency, Ranihat, (2) Saraswata Bhandar, ବାଲୁବଜାର (3) Orissa Book Emporium, ବାଲୁବଜାର (4) The Book Stall, ଚୌଧୁରୀ ବଜାର (5) The National Publishing Co., ଗ୍ରାଣ୍ଡରୋଡ (6) The Students' Store, ଗ୍ରାଣ୍ଡରୋଡ କଟକ (7) The Students' Store—ବ୍ରହ୍ମପୁର (୮) ବେଙ୍ଗଲ ଟେଲର ମହାନ୍ତି, Straight Mile Road—ଜାମସେଦପୁର (୯) ମଧୁସୂଦନ ଦାସ, 1/3 Hidaram Banerji Lane—କଲିକତା (୧୦) ଶ୍ରୀ ଲକ୍ଷ୍ମୀନାରାୟଣ ମହାନ୍ତି—କଟକ ।

ଅନ୍ୟାନ୍ୟ ସ୍ଥାନରେ ଏଜେଣ୍ଟ ଆବଶ୍ୟକ । ଟଙ୍କା ଓ ଚିଠିପତ୍ର ସମ୍ପାଦକ, ଜଗନ୍ନାଥ ସାହିତ୍ୟ ସମିତିଙ୍କ ନିକଟରେ ପଠାଇବେ ।

Digitized by srujanika@gmail.com



## ମଜାକଥା

### ସାହିତ୍ୟିକ ଟ୍ରେଲି

ଲେଖକ—ଶ୍ରୀ ରାଜକିଶୋର ରାୟ ।

ମୁଁ ଗଳ୍ପ ଲେଖେ । କଳ୍ପନାର ଅଞ୍ଜନ ଦେଇ ମୁଁ ଯାହା ସୃଷ୍ଟି କରେ ତାହା ସଂକଥା ଆଖିରେ ବି ଝଲ୍ସି ଦେଉଦିଏ । କିନ୍ତୁ ଆଜି ଯାହା ଲେଖିବାକୁ ଯାଉଛି, ସେଥିରେ କଳ୍ପନାର ସ୍ଥାନ ନାହିଁ । ନିଘଞ୍ଚ ସତକଥା ।

କେଉଁ ସାଲ କଥା ମୋର ମନେ ନାହିଁ । କେଉଁ ଗଡ଼ଜାତ ତା' ବି ମନେ ପଡ଼ୁନାହିଁ । ପୋଲେଟିକାଲ ଏଜେଣ୍ଟଙ୍କ ଆଖିରେ ଗଡ଼ଜାତଗୁଡ଼ାକ ସ୍ୱର୍ଣ୍ଣପୁରୀ । ଭାରତରେ ଯାହା ସୁନା ଫଳେ 'ବୋଲି କଥା ଅଛି, ତାହା ବୋଧହୁଏ ଗଡ଼ଜାତରେ ସମ୍ଭବ ହେଉଥିଲା ।

ସେ ଯାହାହେଉ ଜମିଦାର କେତେକ ଜୀବ ଅଜନ୍ତୁ ଯେ ବାରମାସୀ ଗଡ଼ଜାତ ଭ୍ରମଣରେ କାଳ ମୋଗଲ ଦାଢ଼ିରେ ନାନା ଭେକଧାରୀ ଙ୍କ ଫେର୍ଣ୍ଟରେ ଜାତ ଭ୍ରମଣ କା କଟାନ୍ତି । ତିଷ୍ଟର ଘର ; ଅଲମାରୀ ପାଖ କାନ୍ଥ ଉପରେ ନଟକିଥିବା ମରକ୍ଟାଇ ଖଣ୍ଡେ, ତା ଉପରେ ସ୍ଥୂଳ କୁଟିଳ ଭଳି ଟାଙ୍ଗିଥିବା ଧଳା ପାତଳା କାଗଜ ଖଣ୍ଡେ । ସିଗ୍ନାଲ ନମ୍ବର ଏକ ଘରେ ଥିବ ଏକ—ବଣାଇ । ପୁଷ୍ପମାସରୁ ଆରମ୍ଭ ; ପୁଷ୍ପାଭିଷେକ । ଏବର୍ଷ ଏଇ ତାରିଖରେ ପଡ଼ୁଛି । ମିଳେ କଅଣ ? ପାଟ ଘୋଡ଼ା ହଲେ, ଶହେ ଏକଟଙ୍କା, ସିଗାରେଟ ଡବା ଟିଣ, ଢିଅ, ଅଙ୍ଗୁର, ମୁଢ଼ି ମିଶ୍ରି ମାଉଁସ ଭଜା । ଅଖି ଦେଖେ କଅଣ ? କମା ନାଚ, ବ୍ରହ୍ମପୁରୀ ବାଈ ନାଚ, । କାନ ଶୁଣେ କଅଣ ? ହରେକ ରକମର ଅଭିନେତା ଗୀତବାଦ୍ୟ, ଶ୍ଳୋକ ଚଉପଦୀ······ ।

ସିଗ୍ନାଲ ନମ୍ବର ଦୁଇ ଘରେ ଦୁଇ— ତାଳଚେର । ସ୍ୱର୍ଣ୍ଣଜଳ ଉତ୍ସବ । ଏବର୍ଷ ଏଇ ତାରିଖରେ ପଡ଼ୁଛି । ସାତଦିନ ଆଗରୁ ଯିବା ଦରକାର । ନଚେତ ଫାଷ୍ଟକ୍ଲାସ ଗେଷ୍ଟ ହାଉସ ହୋଇଯିବ ଭଡ଼ା ; ତୃତୀୟ ଦେବାର ସନ୍ତାନ ଅର୍ଥାତ୍ କଣ ହୋଇଥିଲେ ତାକୁ ମିଳିବ ରହିବାକୁ ଜନ୍ତୁନୃତ୍ୟାଙ୍କର ଚଉଅଖାନା, କି ମିଳିବାର ଠିକଏ ଠିକଣା ନାହିଁ । ଅପାଣତ ଦାନର ଧନ ଯାଉଛି । ହଁ, ତେବେ ମିଳିବ, ଖୁବ୍ ମିଳିବ ଯଦି ଦିନକ ତୃତୀୟ ଖୋଇଲ ବେଳି ପଥେ ବିଜୋମନ୍ତ୍ରୀଳ କିଟୁଲିରେ ଦାବି କରିପାରି ପାରିବେ । ଆଦର ଅପ୍ୟାୟନରେ ତ୍ରୁଟି ହେବନାହିଁ ଯଦି ତାଳଚେର ଇତିହାସ ଜଣିତା କରିପାରି ପାରିବ ମୁସ୍ତକ ଅଚାରରେ । ଷ୍ଟେଟ୍ ପ୍ରେସ ଅଛି, ପଇସା ପଡ଼ିବ ନାହିଁ ।

ସିଗ୍ନାଲ ନମ୍ବର ଘରେ ଥିବ ତିନ— ମୟୂରଭଞ୍ଜ । ଛଉନାଚ । ଏବର୍ଷ ଏଇ ତାରିଖରେ ପଡ଼ୁଛି । କିନ୍ତୁ ଆଗରୁ ସିଟ୍ ରିଜର୍ଭ ରଖିବା ଦରକାର । ମହାଦେବଙ୍କ ପାଖରୁ ମିନତି ପଠାଇବାକୁ ହେଲେ କାଳୀ ଛୁଟିରେ ଏପରିକି ବାପ୍ତିଆବିଳାଦକୁ ଛୁଟି କରିବାକୁ ପଡ଼ିବ । ତାହାହେଲେ ବଦାଙ୍ଗୀ ସାର୍ଟିଫିକେଟ ମିଳିଯିବ । କିନ୍ତୁ ଅଗ୍ରିମ ଦଶିଳ ଭଳି କେସ ମିଳିବ ! ବଡ ଦୁଷ୍କର । କାରଣ ସେଠି ସେମ-ଗଭର୍ଣ୍ଣମେଣ୍ଟ ପାଠ । ଏଡ଼ୁକେଶନ୍ ଟେକ କାହିଁ କାହିଁ କୋଣରେ ସଜବା କାଳି ରହିଯିବଣି କେତେବୃଦ୍ଧାଏ, ତା ଅନ୍ୟ ଗଡ଼ଜାତ ସେମାନଙ୍କର ନାହିଁ ସେହିଦିନ ଅ ମାଡ଼ିଅସିଲଣି ।

ସେମା ହୁଅନ୍ତୁ ବା ପଞ୍ଚାୟତ ହୁଅନ୍ତୁ ସେମାନଙ୍କର ନାଭିଚ୍ଛେଦନ, କର୍ଣ୍ଣବେଧ; ରସନା-ସଞ୍ଚାଳନ, ଅଗ୍ନି-ମଣ୍ଡକରଣ, ମୁଖାବଲେହନ, ଶିରୋଶ୍ରୋଣ-ପାରଣ ଇତ୍ୟାଦି ଶହେ କର୍ମ କିନ୍ତୁ ସରିଥିଲା ଟିପଣୀରେ ନାହିଁ । ତେଣୁ ଫୁଟ୍ ନୋଟରେ ଯାଗା ସେଥିପାଇଁ ଛଡ଼ାଯାଉଛି । ଇମରଜେନ୍ସି କେସ୍ ଭିତରେ ଏ ଗୁଡ଼ାକ ଗଲେ; ବାକି ଯାହା ରହିଲା ସେ ସବୁ ଗଲା ବନ୍ଦା ଗତ । ସଟଲ ମିଳିବ, ରହିଲେ ଦେଖିବ, ବସିଲେ ଶୁଣିବ...

ଅଗଷ୍ଟର କହିଛ ସାଲ ଭୁଲି ଯାଉଛି । ସେମାନଙ୍କର ଟାଇପର ସେଇବର୍ଷ ଯୋଗେଇଥାଏ ! ସେ ମାସ ଅଗଷ୍ଟ କେଉଁ ଟେଟି ବ୍ୟାପାର । ରଡ଼ି ଲାଗୁଥାଏ । ଷ୍ଟାଇପ ମେସିନର କଳ କବଜା ଢିଲା ହୋଇଗଲାଣି ବାଟେଇର ହେଉ । କେତେ ବାଟେଇ ହେବ ? ଫର୍ଦ୍ଦରୁ ଫର୍ଦ୍ଦ ବାହାରି ଚାଲିଛି । ଦେବାନ ସାହେବ ମୁଖ୍ୟ ତତ୍ତ୍ୱାବଧାରକ, ତାଙ୍କ ତଳକୁ ସାନ ସାହେବ । ଗଡ ଭିତରେ ଦଶଟା ଗୋଦାମ ତିଆରି ହେବ । ପ୍ରତି ଗୋଦାମରେ ଖାଦ୍ୟଜନ୍ମ କେତେ ରହିବେ, ଫଳ ଫୁଲର କେତେ ରହିବ, ଉଦ୍ଭିଦ ଅର୍ଥାତ୍ କାଠ, ନଡ଼ି, ପତ୍ର, ଘାସ (ବଡ଼ଦିନ ଏ ଗୁଡ଼ାକରେ ଯାଏ) ଇତ୍ୟାଦି କେତେ ରହିବ, ପାଣି ଅର୍ଥାତ୍ କୂପଜଳ, ପାଇପ୍ ଜଳ, ନଦୀ ଜଳ, ମୃତ୍ତିକା ଜଳ, ବର୍ଷାଜଳ, ମାଠିଆ ଜଳ, ବୋତଲ ଜଳ, ସୋଡ଼ା, ଲେମନେଡ଼, ଗରମ, ଶୀତୋଷ୍ଣ ଏବଂ ହରେକ ରକମର ଜଳ କେତେ ରହିବ ତାର ଲମ୍ବା ଫର୍ଦ୍ଦର ସ୍ଥଳ ।

ପ୍ରତି ଡିପାର୍ଟମେଣ୍ଟ ପାଇଁ ଜଣେ ଦାୟିତ୍ୱଜ୍ଞାନ ଥିବା ଲୋକ ରହିବେ । ତାଙ୍କ ତଳେ ଟିକି ଟିକି କର୍ମଚାରୀ ।



Digitized by srujanika@gmail.com

ଚି ହେଲା । ତାପରେ କ'ଣ ନା ପାଣ୍ଡି
ଦେଇ ରେସ୍ତୋରାଁ ଖାଇ ଦେଇ ଆତ୍ମସ୍ୱାଦ
ପ୍ରାଣୀ ରେସ୍ତୁରାଁ ଡାଲିବା ଉପର ହେଲା । ମାଗିଲି ଗୋଦାମର ମେଷ୍ଟ୍ରାଣ ବାସୁଦେବମାନ ବ୍ୟାପାରଟା ... ଦେବାକୁ କଥା ଅବେଶ—ଯାହାକୁ ଯାହା ନାମ ଦିଅନ୍ତି ସେ ଯୋଗାଡ଼ କରି ତାକୁ ଉଚ୍ଚ ପଦ ଦେଉଛ ।

ମୁଁ କେଉଁ ଡିପାର୍ଟମେଣ୍ଟ ସ୍ପର୍ଶରେ ଥିଲି— ବ୍ରୋଞ୍ଜ କର୍ମଚାରୀ ମୁଁ ଅବେଶ ହେଲି । ଗୋଦାମରେ ଜନ୍ତୁଜାନ୍ତବର ସ୍ପର୍ଶରେ ରହି ଥାଇ । ଏ ଗୋଦାମର ପ୍ରାଣୀବର୍ଗର ମୋଟା ମୋଟ ହିସାବ ଦେଲି ।

ଦ୍ୱାରରେ ଯଳା ପାଉ, ପାଞ୍ଚଣ ଦେଖିଲିଥି; ଦୂର ଦ୍ୱାରା ବାକ୍ସଡ଼ା—ତା ଭିତରେ ପୁଣି ଗଣ୍ଡା ଅଛନ୍ତି— କାହାକୁ ପୁଅଟି ଅଛନ୍ତି, ଯାହାକୁ କହନ୍ତି ଟିକନ୍— ତା ଭିତରେ ପୁଣି ମାଇ, ଅଗ୍ନି ବସ୍ତୁର ଅଛି ।

ଏଠି ଦେଖିଲେ ଦେଖିଛନ୍ତି ବୁଢା (ବଡ଼ଜାତ ଛୁପା- ହୋ) ଅର୍ଥାତ୍ ବୋଦା । ତା'ଛଡ଼ା ଚଟକ, ହଂସ ହଂସରାଜ ... ଇତ୍ୟାଦି ଅପର୍ଯ୍ୟାପ୍ତ । ଏଇ ସବୁ ପ୍ରାଣୀମାନଙ୍କ ଭିତରେ ମୁଁ ହେଲି ରାଜା । ହେମ- ନ୍ତର ... ପ୍ରତିଦିନ ମୋ ... ସେମାନଙ୍କ ଯୋଗାଇବ ... ସ୍ୱଭାବ ଜଣେଚିଛି ଗୋଟାଏ ବୁଢା, ସ୍ଥାଟା ... ଯାହା, ସହଜ କେତେ ଗୋଟା —... ବାହୁଡ଼ି ବା ଲୁଗ୍ୱାହୁ ଥିଏ ପରୋପ ... ଅଷ୍ଟ୍ରେଲିୟାନ୍ ଷଣ୍ଢ ।

ଏଇ ହେଲି ତମୋଟ ... ଅନ୍ଯୋ- ଜନ । ... ଅଛନ୍ତି ।

... ପଦେ ହେଲି । ଉପରେ ଯୋଗାଇ- ବାର ... ଜଣେ ହେଲି ନାଦେବମ ହେଉଛି । ... ମାହିଅଭ ଭିତରୁ ବାହାର କରୁ ... ଶବ୍ଦରେ । ତା ଠାରେ ନଥ, ... ଲମ୍ବ ବୋହି ପଡ଼ୁ ... ନାହିଁ । ଇମିତ କେତେ ... ।

... ପାଖରୁ ହେଉ ପିଅନ ଆସି—... ଜଣେ ... ପୁରୁଣା ସାହିତ୍ୟକ ଅଛନ୍ତି, ଆଉ ସେ ... ରେସ୍ତୁ ... । ଶୀଘ୍ର ... ପଠାଅ । ନାମ ହରିଚରଣ ମହାନ୍ତି ।

... ପଢ଼ୁଛି ବାପ ନାହିଁ ଚଢ଼ିଅଛି ... —ବାବୁ, ପାଞ୍ଚବାଡ଼ିରୁ ଏକ ...

ବୁଢା ଗୋଦାମରୁ ବାହାର କରିଦେଲି । ହିବଡ ଲେଖିଦିଅ ।

—ଅରେ ଅଉ ଗୋଟାଏ ବାଡ଼ି ଦେ । କଏ କଏ ଜଣେ ସାହିତ୍ୟକ ଅଛି ତା' ପାଇଁ ଦେ । ... ନମ୍ବର ମୋହରରେ ହିବଡ ଲେଖିଥାଇଲ ? ବୁଢାବୁଢ଼ାଙ୍କର ଶିଙ୍ଗ ସ୍ୱରୂପ ସୂତ୍ର ଗୁଡ଼ାଇ ହିବଡ ନଇଦେଇ ଦିଅ । ଲୁହଡ଼ାଙ୍କର ଥଣ୍ଟରେ, ପାରାଙ୍କର ଗୋଡ଼ରେ, ବଇଁଚର ବେକରେ, ବାଦୁଡ଼ିଙ୍କର ପଂର ବଣା କରି ତା ଭିତରେ ହିବଡ ଗଳେଇ ଦିଅ । କେଉଁଠି ଏସବୁ ଭାବ ବଦଳ ହେବେ. ଉଣା ମୋହ- ରରକୁ ବହିଦିଅ ସେ ହିବଡ ସବୁ ସାଉଣ୍ଡି ମୋ ପାଖରେ ଫେରସ୍ତ ଦେବ । ବୁଝିଲ ?

ନମ୍ବର ମୋହରର 'ହଜୁର' କହି ହିବଡ ଲେଖି- ବାରେ ଲଗିଲା ।

ତହିଁଆରଦିନ ସକାଳ କଥା । ବଡ଼ଲୋକରୁ ଉଠି ଦାନ୍ତରେ ଦାନ୍ତ ଘଷି ପକେଇ ଦେଇ ବଡ଼ଟାଏ ମୁହଁରେ ମୁକ୍ତି ଦେଇ ଗୋଦାମ ତାଡ଼ି ଫିଟାଏ ତ ଦେଖିଲି ହୁଲର ପିଅନକୁ ।

'କହୋ କଥା କଅଣ ? ଏତେ ସକାଳୁ ?'

'ମଣିମା ବଡ଼େ କରୁଛନ୍ତି, ହବାଉଛନ୍ତି ।'

'କାହିଁକି ? ଅଉ କଏସ ଅଛ ?'

'ସେଇ ସାହୁକ ହରିଚରଣ ବୁଢା: ସେଇ ରାଗ- ରେ ନାଲି ପଡ଼ିଯାଉଛି ।'

'କରେ କାହିଁକି ?'

'ତାର କଅଣ ଖାଇବା ପିଇବାରେ ଅସୁବିଧା ହେଉଛି ।'

ରାଜାଙ୍କ ପାଖକୁ ଥର ଥର ଗଲି । ଇନ୍ଦୁ କାଛ କହିବା ଆଗରୁ ସେ ହରିଚରଣ ବୁଢ଼ା ଉହୁଁକି ଉଠି ମାଥରେ ନ ମାରେ—'ଅରେ, ଶଳା, ବେଇମାନ, ବଜାତ, ତୁ ମତେ ଚିହ୍ନିନୁ—ମୁଁ କିଏ ? ତୋ ରାଜା ଅମୁକ ଏତେ ଖାତିର କରନ୍ତି, ଏତେ ମାନନ୍ତି ଆଉ ତୁ ନିମକହରାମ୍, କରିଛୁ କଣ ଦେଖ୍...।'

ମୁଁ ଅବାକ୍ । କଣ ମୁଁ କହିବି, ମୁଁ ତ କଛ ବୁଝିପାରୁ ନ ଥାଏ । ମାପୁଅ ନରଅ ଉଅସ ପାଟକ ଅଡ଼ି ଗୋଟାଏ ମସ୍ତବଡ଼ ଛେଳ ଭିଡ଼ଭିଡ଼ ଅଣିଛ । ସେଇଟା ମେଁ ମେଁ ହୋଇ କାନ ଅତଡ଼ା ପକାଉଛି । ତା' ମୁଣ୍ଡରେ ... ଉଙ୍ଗର ଗୋଦାମ ହିବଡ ଝୁଲୁଛି । ସେଥିରେ ଲେଖାଅଛି—

> ୧୦ ନମ୍ବର ମୁଣ୍ଡ
> ହରିଚରଣ ମହାନ୍ତି
> ସାହିତ୍ୟିକ ଛେଳି ।

ଅରେ ଯାଃ ସର୍ବନାଶ । ହରି ବୁଢ଼ା ଛେଳକୁ ଦେଖି ପୁଣି ଗର୍ଜି ଉଠିଲା । 'ଦେଖନ୍ତୁ ମଣିମା, ଏ ରାସ୍କେଲ୍ କଣ କରିଛ ? ହଇରେ, ମୁଁ ହେଲି ଛେଳି ? 'ସାହିତ୍ୟିକ ଛେଳି' ଗୋଟାଏ କଅଣ ? ମୁଁ ଯେଉଁଟାକୁ ଖାଇବି ନାହିଁ । ତାକୁ ଛାଡ଼ ଦେ, ଦେ ଛାଡ...ପୁଣି ନାଁ ଆଗରେ କବ ଚ ହୁଲେଖକ ବ କଥାଶିଳ୍ପୀ ବା ଅନ୍ତତଃ ପକ୍ଷେ 'ଶ୍ରୀ' ଟାଏ ଲେଖିଲ ନାହିଁ—'ଛି' !

ଇନ୍ଦୁ ମ୍ରରୁକ ମୁରୁକ ହସୁଥାନ୍ତି । କହିଲି— ମଣିମା, ମୋର ଦୋଷ ନାହିଁ, ସେ ମୋହରର କଣ ଲେଖି ଦେଇଛି, ମାଫି ମାଗୁଛି ।

ଇନ୍ଦୁ ଶୁଣିଲେ—ଦିଅ ଛେଳିଟାକୁ ଛାଡ଼ିଦିଅ । ବସ୍ତା ବନ୍ଦିଗଲା । ତାକୁ ନେଇ ଠାକୁରାଣୀଙ୍କ ଦେଉଳ ହତାରେ ଛାଡ଼ିଦିଅ । ଆଉ ହରିଚରଣ ମହାନ୍ତିଙ୍କ ପାଇଁ ବନା ହିବଡରେ ଛେଳି ପଠାଅ ।'

ହୁଣ୍ଡି ଉବାଟ କରି ରାଜଗହଣରୁ ଫେରିଲି । ଏବେ ବି ଟେଣ୍ଟରେ ଗୁକଡି କରୁଛି । କିନ୍ତୁ କଥାଟା ମନରୁ ଯାଉନାହିଁ । ଥରେ ଥରେ ସେଇ ସାହି- ତ୍ୟିକ ଛେଳି ସଙ୍ଗେ ବାଟରେ ସାକ୍ଷାତ ଭେଟ ହୁଏ । ଦେଖିଲେ ରାଜବାଟୀ ପାଖ ଅଶ୍ୱତ୍ଥ ଗଛର ଦକେରା କଅଁଳିଅ ପତ୍ର ତା ମୁହଁକୁ ବଢ଼େଇ ଦିଏ ।


## ଜଳ ବିହୁନେ ସୃଷ୍ଟି ନାଶ
## ଜଳ ବହୁଳେ ସୃଷ୍ଟି ନାଶ ।

କେହି ସନ୍ତାନ ଗୃହେ—କେହ ଜନ୍ମ ନିରୋଧ କରେ । ଅବସ୍ଥା ଭେଦରେ ଉଭୟର ଆବଶ୍ୟକତା ଅଛି । ସେଥିପାଇଁ ସର୍ବୋତ୍କୃଷ୍ଟ ପରାମର୍ଶ ଦାତା——

ହାକମ୍ ସମୁଦ ସରଫୁଦ୍ଦୀନ୍
ହମଦଅ ୟୁନାନ ଦବାଖାନା
ବାଙ୍କାବଜାର କଟକ

## ଓଡ଼ିଶା କମର୍ସିଏଲ କଲେଜ
### ଗ୍ରେ ଧୁସ୍ରିବଜାର, କଟକ ।

ସର୍ଟହାଣ୍ଡ, ଟାଇପରାଇଟିଂ, ଟେଲିଗ୍ରାଫି, ବୁକ- କିପିଂ ଶିକ୍ଷା ।

ପି, ଏନ, ମହାନ୍ତି—ପ୍ରିନ୍ସିପାଲ ।


Digitized by srujanika@gmail.com



# କୋଣାର୍କ କହୁଁ...

ଗୋଧୂଳି—ହସ-ଲୁହର ନିପଟ ନାଟ୍ୟ-ସନ୍ଧ୍ୟା— ମହିଁରେ ସେ ଥାଏ ପାଏ ଗୋଟିଏ ବିସ୍ତୀର୍ଣ୍ଣ ଭୂଇଁ କଡ଼ରେ;......ଯେଉଁଠି ସେ ସ୍ୱପ୍ନ ଦେଖେ ଜୀବନର ଶ୍ରେଷ୍ଠ ଅଳା ଦୁଳାର 'କୋଣାରକ'... ଦୀର୍ଘ ନିଶ୍ୱାସର ଝଞ୍ଜା ଭିତରେ ଭାଙ୍ଗି ଚୂରମାର ହୋଇ ଯାଉଛି । ତା'ର କୋହ ଉଠେ......ରକ୍ତ-ଦୃଷ୍ଟିରେ ଚାଣି ପାଦ ଗଢ଼ା ପାଟ-ପହଁ ପଥରେ ହଜଯାଏ ।......ସେ କାନ୍ଦେ । ସେ ଭାବେ...।

ଦୂ-ର...ବହୁ-ଦ ଦୂରରୁ... ଦିଗ୍‌ବଳୟ ଅର ପାଖରୁ, କେଉଁ ଏକ ଅଜଣା ଦେବ- ତାର କୋମଳ- କଣ୍ଠ ବାଣୀ ତାକୁ ଅସି ସେଇ ଭାବନା ପଥରେ ବାଧାଦିଏ । ସେ କହେ--ବଇଁଶୀ କାନ୍ଦୁଛୁ ? କେତେ କାମ କରିବ କିଏ ? ପରପାଇଁ ଭାବିଲେ ତଳେ ପରାଧୀନ ହେବାକୁ ପଡ଼ିବ ଯେ । ନିଜେ କେଞ୍ଚି ଶିଖିଲେ ଅନ୍ୟକୁ ସିନା ବଞ୍ଚାଇ ଶିଖିବୁ । କାମକର ବଇଁଶୀ କାମକର । ବୁଢ଼ା ବାପା ହାତରୁ ହାତୁଡ଼ି ନିହାଣୀ ଆଣି ନିଜେ ପଥର କାଟି ବସ ।

**କାହାଣୀ**
ରଜାପୁଅଙ୍କ ଶିକାର
ଲେଖକ—ଶ୍ରୀ ଗୁଣାକର ରଥ

× + × ×

ବଇଁଶୀ ନିତି ପଥର କାଟେ...ସୁନ୍ଦର ମୂର୍ତ୍ତି ତିଆରି କରେ...ବାପାର ହୋଲ୍‌ମସ୍ତ କଲିଜା ଖିଲି ଖିଲି ହସି ଉଠେ...ବୋଉର ଆଖିପତା ଆନନ୍ଦରେ ଓଦା ହୁଏ... ଶାନ୍ତିର ରଙ୍ଗ ଓଠରେ ନୂଆ ସୁନ୍ଦର ବଙ୍କା ଗୁଳିଏ ଟିକିକ ଲାଗି ରହେ...ସେ ପୁଲକରେ ଶିହରି ଉଠେ ।

ଶାନ୍ତ ମନ ସୁଖରେ ପଚାରେ ମୋତେ ସୁଖ ପାଅ ? ବଇଁଶୀ ପଥର ମୂର୍ତ୍ତି ଉପରେ ଆଖି ରଖି କହେ— ହଁ ଭଉଣୀ, ଏ କଥା ପଚାର ନା । ତୋର ତ ରକ୍ତ ମାଂସ ଦେହ... ଅଜ ଅଛି କାଲି ଯିବ । ମୋ ର ଯେଉଁ ଦେହ ଚିରଦିନ ରହିବ...ଚିର ଦିନ ତୋର ଅଭ ମୋର ଅଚ୍ଛିନ୍ନା ବନ୍ଧନକୁ ଜଗତର ବୁକୁତଳେ ମାୟାଜାଲର କୁହୁକ ପରଶ ବୋଲି ଦେଇ ଧନ୍ୟ ମଣୁଥିବ, ତାକୁ ମୁଁ ଭଲ ପାଏ ।...ତୋର ଏହି ପଥର ମୂର୍ତ୍ତିକୁ ସୁଖ ପାଏ ଶାନ୍ତି । ...ଏଇ ମୋତେ ପ୍ରାଣ ଦିଏ... ମୋ' ହାତର ହାତୁଡି କଥା କହେ । ..ମୁଁ ଯେ ତାର ରୂପର ପୂଜାରୀ ...ମୁଁ ଯେ ତାର ସ୍ରଷ୍ଟା... ମୁଁ ତାକୁ ଭଲ ନ ପାଇ, ସୁଖ ନ ପାଇ ତତେ କପଟ ପାଇବି ଭଉଣୀ !

......ବଇଁଶୀର ହାତୁଡ଼ି ଉପରେ ଦୁଇ ଟୋପି ଗରମ ଲୁହ ଶାନ୍ତିର ଦୁଇଆଖି ଫାଟି ଝରି ପଡ଼େ...ସେ ପଥର କାଟି ଚାଲେ । ଶାନ୍ତିର ବୁକୁ-ଫଟା ବିରହର ମିନତି-ଭରା ଅଶ୍ରୁବିନ୍ଦୁ ତଳେ ସେ ପଥରର 'କୋଣାରକ' ଗଢ଼ି ବସେ ।... ହାତରୁ ହାତୁଡ଼ି ଖସେନି କମ୍ପି ଆଖିରୁ ଅଶ୍ରୁ ଝରେନି, କେବଳ ଗୋଟିଏ ଗୋଟିଏ ଦୀର୍ଘ ନିଶ୍ୱାସ ବଇଁଶୀର ତରୁଣ ବୁକୁ ଦୋହଲାଇ ପଥର ମୂର୍ତ୍ତି ଦେହରେ ଆସି ଆଘାତ ପାଏ........ସେଇଥିରେ—ଯା' କଠିନ ବୁକୁ, ଦୁଇ ମୂର୍ତ୍ତି ଦେହରେ ଲାଗିଥାଏ—ପୋଛି ହୋଇଯାଏ ।... ମୂର୍ତ୍ତିର ଲାବଣ୍ୟ ଦୁଇଗୁଣ ବଢ଼େ ।......

.........ଦୁଇଟି ତରୁଣ ତରୁଣୀଙ୍କର ମୁଲାୟମ ଛନ୍ଦ, ସ୍ୱର୍ଗୀୟ ସ୍ୱପ୍ନ କଠୋର ବାସ୍ତବରେ ମମତାହୀନ ଅଟ୍ଟହାସ୍ୟ ତଳେ ଚାପି ହୋଇ ଯାଇ ପଥର ମୂର୍ତ୍ତି ପାଲଟି ଯାଏ... ।

ଯୁଗ ପରେ ଯୁଗ ବିତିଯାଏ । ଜଗତ ତାକୁ ପୂଜା କରେ...କହେ—ଦେବୀ, ମର୍ତ୍ତ୍ୟରେ ଜନ୍ମି ପଥର ପାଲଟି ଯାଇଛି...ଦେବତା ସ୍ୱର୍ଗରେ ଅଛି ।......ମନେ ମନେ ଡାକେ— 'ମା'......।

ପଥିକ ଅତିଥି, ହାତ ଯୋଡ଼ି ଅଶ୍ରୁମାଳ ଦେବୀର ପାଦତଳେ ମୁଣ୍ଡିଆ ମାରେ...ଝଡ଼େ ଦିଏ ଅଯେ । ପଥିକ ଅନମନେ ବାଟ ବାହି ଚାଲେ ।

'ଶାନ୍ତି'ର ପଥର ଛବି 'ଦେବୀ' ହୋଇ ପଡ଼ି ବୁକରେ 'ମା' ଡାକ ଶୁଣେ । କେଉଁ ବଇଁଶୀ ପରି ଦେହ ହେଲେ ଜଣେ ସେଇ ମୂର୍ତ୍ତିର ପୂଜା କରନ୍ତି ନାହିଁ । ତାର ଖାଲି ବୁଢ଼ା ବାଇସାହ ଟେକ-ସୁନ୍ଦରର ବନ୍ଧନ ବୋଲି ତଳେ ସମାଧି ପାଏ ।

× × ×

ଏବର ଶାନ୍ତିକୁ ଦେଖିଲେ ଲୋକେ କହନ୍ତି 'ମା' ପ୍ରତ୍ୟକ୍ଷ ଦେବୀ ।

—o—

**କୁମାରୀ**

ସୁନ୍ଦର ଛବି ଓ ମଧୁର ଗୀତ ହେତୁ ଶିଶୁ ହାତରେ ଦିଅନ୍ତୁ ।
ମୂଲ୍ୟ—୦।୵ ଅଣା ।

**ଚିଡ଼ିଆଖାନା**

ରଙ୍ଗିନ ଛବି ଓ କୌତୁକିଆ ଗୀତରେ ଭରା ପିଲାଏ ପଢ଼ିଲେ ଗଳପିବେ ।
ମୂଲ୍ୟ—୦।୵



Digitized by srujanika@gmail.com

# ଛାଞ୍ଚୁଣୀ ବନାମ କୋରଡ଼ା

ମାନନୀୟ ଉଷର ସମ୍ପାଦକ—
ବରହମପୁର—

ମହାଶୟ,

ସମ୍ପାଦକଙ୍କ ଉପରେ ନିରପେକ୍ଷ ରହିବା ଉଚିତ ତାହା ଆପଣଙ୍କ ଭଳି ପ୍ରବୀଣ ସମ୍ପାଦକଙ୍କୁ କହିବା ଧୃଷ୍ଟତା ମାତ୍ର । ମାତ୍ର ମୋର କାହିଁକି ମନେ ହେଉଛି ଆପଣ ଅନ୍ତର ଭିତରେ ନାରୀ-ପ୍ରେମ ପରବଶ ହୋଇ କୋରଡ଼ା ଧାରଙ୍କ ପକ୍ଷକୁ ଢଳିଛନ୍ତି । କଥାଟା ଟେଡାଇ ଦେବାକୁ କହିଲି । ଦୋଷ ଧରିବେ ନାହିଁ ।

ଏମ—ପଣ୍ୟା ଉଚ୍ଚରେ ଜଣେ ନୂଆ ଡାକ୍ତରଙ୍କ ଦୁଇଟି ନଅଠାଶିଆ ମହିଳା (ନର୍ସ)ଙ୍କ ଉପରେ ସ୍କୁଲର ଦୋଷାରୋପ କରି ତାଙ୍କୁ ଚରିତ୍ର-ହୀନା flirt ରୂପେ ପ୍ରମାଣ କରିଛନ୍ତି ଅଉ ନିଜକୁ ଅତି ନିରୀହ good boy ବୋଲି ଦେଖାଇଛନ୍ତି । ଡାକ୍ତର ଯଦି ନିଜର ନାମ ଦେବାକୁ ସାହସ କରିଥାନ୍ତେ, ମୋର ଇଚ୍ଛା ହେଉଛି ତାଙ୍କୁ ସାମନା ସାମନି ଏହାର ଯଥାଯଥ ଉତ୍ତର ଦେଇଥାନ୍ତି, ଏପରିକି ସେ ଜୀବନରେ ଆଉ କେବେ ଏପରି ଦୁଃସାହସ କରନ୍ତେ ନାହିଁ । ସେମାନେ ନାରୀ ଓ ସହନଶୀଳା ହେବାରୁ ପୁଅମାନେ ଏପରି କରୁଛନ୍ତି କିନା ।

ପ୍ରକୃତ ଘଟଣାଟା ମୋଠାରୁ ଶୁଣନ୍ତୁ । ସେ ଡାକ୍ତର ଚାକିରି ପଡ଼ିଲାବେଳେ ନିହାତି ମନସଲିଆ ଧରଣର ଥିଲେ । ଏହା ସତ୍ୟ । ମାତ୍ର ସେଇଟା ତାଙ୍କର ଭିତର ଦୁଷ୍ଟାମିର ଆବରଣ ମାତ୍ର । ଅବଶ୍ୟ ଆମ ଝିଅ ମହଲରେ ତାଙ୍କ କଥା ଯେ ନପଡ଼େ ତାହା ନୁହେଁ । ଆମେ ସମସ୍ତେ ତାଙ୍କୁ ପ୍ରଶଂସା କରୁଁ ଓ ସହାନୁଭୂତି ମଧ୍ୟ କରୁଥିଲୁ । ତାଙ୍କୁ ଦେବ୍ ମୂର୍ତ୍ତି, ପବିତ୍ର ବୋଲି ଧାରଣା ଥିଲା । ସୁତରାଂ ତାଙ୍କ ସହିତ କେହି କେହି ଟିକିଏ ନାଟକୀୟ ମିଳାମିଶା କରିବାକୁ ବି ଆପତ୍ତି କରୁ ନଥିଲେ ।

ଏହି ସୁବିଧା ପାଇ, ସେ ମୋହନମୂର୍ତ୍ତି ଡାକ୍ତର ମୋର ଜଣେ ବାନ୍ଧବୀକୁ "ପଟେଇବା"ପାଇଁ ଲାଗିଲେ । ତାଙ୍କୁ ସଫଳକାର୍ଯ୍ୟ ହେବା ଉପରେ—କଥାଟା ବିଦ୍ରୋହ ହୋଇ ଜଣା ପଡ଼ିଲା । କେହି କେହି କହିଲେ କର୍ତ୍ତୃପକ୍ଷଙ୍କ କାନକୁ ନେବା ବୋଲି । ମାତ୍ର ଚିକିତ୍ସା ଜୀବନ ନଷ୍ଟ ହୋଇଯିବ, ଏହି ଆଶଙ୍କାରେ ଆମେ ତାହା ଘୋଡ଼ାଇ ଦେଲୁ । କେବଳ ତାଙ୍କୁ ଟିକିଏ ଶିକ୍ଷା ଦେବା ନିମନ୍ତେ ଥରେ ସୌହାର୍ଦ୍ଦ କରି ଏକ ପ୍ରାନ୍ତକୁ ନିମନ୍ତ୍ରଣ କରାଇଲୁଁ । ସେଠି ଆମେ କେତେଜଣ ମିଳି ତାଙ୍କୁ ସମୁଚିତ ଶିକ୍ଷାଟା ଦେଇ ଦେଇଛୁଁ । ସେ-ସ୍ବଭାବ କହିବା କଥା ନୁହେଁ । ସେ ମଧ୍ୟ ଚିଲ ହୋଇଥିଲେ ସାଧାରଣରେ ମୁଖ ନାହିଁ ବା ଆଉ କେବେ କାହାକୁ ଆଖି ଉଠାଇ ଚାହିଁବ ନାହିଁ । ବାସ୍ତବିକ ଏହା ପରେ ସେ ସେପରି ଦୁଃସାହସ କରିନାହିଁ ।

ମୋର ବୋଧହୁଏ ସେହି ପୁରୁଣା ରାଗଟା ଝାଡ଼ିବାପାଇଁ ଏଭଳି ଭାବେ କୁତ୍ସା ଦେଇଛି ସେ । ଯଦି ଚିଠିକୁ କଥା ବଦନାମ ଦେଇଛି, ସେ ବର୍ତ୍ତମାନ ଏକ ହାସପିଟାଲର ନର୍ସ । ଯଦି ତାର ଗର୍ବ ହୋଇଥାଆନ୍ତା, ତେବେ ତାର ଉପାୟ ତାକୁ ଜଣା ଅଛି ଯେ ଏପରି ବିଟକେଲିଆ ତାକୁ ପ୍ରତିବାଦ କରି ଦେଇ ନେଇଥାନ୍ତା !

ପୁରୁଷ ନିଜେ ବଦନାମି କରନ୍ତି, ସ୍ତ୍ରୀଙ୍କ ମୁଣ୍ଡରେ ଗଢ଼େଇ ଦିଅନ୍ତି । ଏଟା ତାଙ୍କ ଜାତିର ସ୍ବଭାବ । ସେହିମାନେ ପୁରୁଷ ଠାରୁ ସ୍ତ୍ରୀର ଶ୍ଳୀଳତା, ଆତ୍ମ-ମର୍ଯ୍ୟାଦା ବେଶୀ ବେଶୀ— ଏ କଥା ଜାଣିବେ ।

ଶେଷରେ ନୂଆ ଡାକ୍ତରଙ୍କୁ ମୋର ଉପଦେଶ — ଖବରଦାର !—ମନେ ଅଛି ! !

ଆପଣଙ୍କର
(ସେଇ!) ପୁରୁଣା ନର୍ସ ।

(କୌଣସି ସ୍କୁଲର ଚିଠିଏ ତା ପ୍ରତି ପୁଅମାନଙ୍କ ଅତ୍ୟାଚାର ବର୍ଣ୍ଣନା କରି ଓ ପ୍ରତିକାର ଲୋଡ଼ି ଯେଉଁ ପତ୍ର ଲେଖିଥିଲେ, ତାର କେତେ ଗୁଡ଼ିଏ ଉତ୍ତର ପୁଅଙ୍କ ଠାରୁ ବିଗତରେ ପ୍ରକାଶିତ ହୋଇ ଯାଇଛି । ତାହା ପରେ ପୁଣି ଆମ୍ଭର ଅନେକ ଗୁଡ଼ିଏ ଉତ୍ତର ଆମର ହସ୍ତଗତ ହେଲାଣି । ସବୁ ସହିତ ମଧ୍ୟ ସେଥିରେ ଏପରି ଅସଂଯତ ଭାଷା ବ୍ୟବହୃତ ହୋଇଛି ଯେ ତାହା ପ୍ରକାଶ କଲେ ଶିଷ୍ଟତା ଅତିକ୍ରମ କରିବ । ଏ ନିମନ୍ତେ ପ୍ରକାଶ କରି ନପାରି ଆମ୍ଭେମାନେ ଦୁଃଖିତ ।)

( ଊଃ ସଂ )

ସମ୍ପାଦକ ମହାଶୟ,

ମୁଁ ବଡ଼ ହୋଇଥିଲି ଗୋଟିଏ ସହରରେ । ଆମକୁ ଦେଖି ଲୋକେ ଈର୍ଷା କରନ୍ତି । ସ୍ଵାମୀ ମୋର ଯେମିତି ଦେଖିବାକୁ ସେମିତି ଗୁଣରେ । ଏଣେ ପୁଣି ଖାଇବା ପିନ୍ଧିବାରେ ଅଭାବ ନାହିଁ । ମୁଁ ବି କୁଆଡ଼େ ତାଙ୍କର ଲାଖି । ଲୋକ କଥା କହନ୍ତି କଣ—ଅନେକ ଆମକୁ ବାପଡା + ବାପଡ଼ି ବୋଲି କହନ୍ତି ।

ସହରରେ ଆମର ପହିଲା ପହିଲା ଦିନ ସ୍ବଭାବ ବଡ଼ ସୁନ୍ଦରରେ କଟିଗଲା । ସେ ମୋତେ ଦଣ୍ଡେ ନ ଦେଖିଲେ ବାଇଆ ହୋଇ ଯାଉଥିଲେ ଆଉ ମୁଁ ବି—ଥାଉ—ଲାଜ କଥା ।

କିନ୍ତୁ ହେଲା କଣ ଜାଣନ୍ତି ? ମୋର କାହିଁକି ମନେ ହେଲା ଯେ ସେ ମୋତେ ଆଗ ପରି ଆଉ ଚାହୁଁ ନାହାନ୍ତି । ମୁଁ ଯେତେ ଖୋଜିଲି ଖୋଜିଲି ମୋର ଦୋଷ ବା ଗଲତି କଉଁଠି, ତା କିଛି ପାଇଲି ନାହିଁ । ମୁଁ ତ ସେଇ ସେଇଆ ଅଛି—ବରଂ ତା ଠାରୁ ଦିନକୁ ଦିନ ବେଶି .....। କିନ୍ତୁ, କାହିଁକି ? ହେଲା କଣ ? କିଛି ବୁଝି ପାରିଲି ନାହିଁ । ସେବାରେ କାଳେ ତ୍ରୁଟି ହେଉଛି ବୋଲି ଜଗି ଜଗି କାମ କଲି । ତଥାପି ଦେଖିଲି ତାଙ୍କର ମୋ ପ୍ରତି ପ୍ରେମ ସେ-ବେଶ୍ୟା କମି ଯାଉଛି । ଘରେ ଆଗରୁ ଯେଉଁପରି ଜୋକ ଭଳିଆ ଲାଗି ରହୁଥିଲେ ଏବେ ଠିକ ତା ଓଲଟା । ମନେହୁଏ ଯେମିତି ପଳେଇ ଯେତେ ଦୂର ପାରନ୍ତି ଅନ୍ତରା ରହିବାକୁ ସେ ସୁଖ ପାଉଛନ୍ତି ।

କଉଁଠି ଥାଆନ୍ତି କଣ କରନ୍ତି, ତାର ଖବର ମୁଁ ଜାଣି ପାରେ ନାହିଁ । ପଚାରିବାକୁ ବି ସାହସ ହୁଏ ନା । ତେବେ ଯେତେ ଦୂର ବୁଝିଛି ସିନେମା ସଉକଟା ଟିକିଏ ବେଶୀ ରକମର । କିନ୍ତୁ ସେ ସଉକ ଟା ଯେ ନିଶାରେ ପରିଣତ ହୋଇ ଯାଇ ପାରେ ବା ମିଶିଲେ ତାହିଁରେ ଇମିତି ମଜ୍ଜି ଯାଇ ପାରନ୍ତି, ଏହା ମୋର ଧାରଣା ନ ଥିଲା ।

କଥାରେ କଥାରେ ବେଳେବେଳେ ମୋତେ ଖୁଙ୍କ ଡାଲ୍ୟ ବ କଣ କହାଉଛନ୍ତି । ଧିକ୍କାରେ ଦଉଛନ୍ତି ।

ଦେଖିବି ସେ ଛବିରେ ମାଇପେ ଗୁଡ଼ାକ ମିଶିପଡ଼ି ଯେଉଁ ଗୁହାଣୀ ଗାଆନ୍ତି, ଯେଉଁ ମିଛିବା ଗେଲେଇ ହୁଟେଇ ହୁଅନ୍ତି, ଯେ ଭଳିଆ ଉପରେ ପଡ଼ନ୍ତି,—ଆଉ ଧଳା ଧର, ଛାତିରେ ନେସି ହୋଇ,—ପୁଣି ଓଠରେ ଓଠ ଲଗେଇ—ଛି—ଛି—ଏଡ଼େ ଛଟକା, ଛଣ୍ଡାଳୀ କଣ ମହତଘର ଝିଅ ବୋହୂ ହୋଇ ପାରିବ ?

ମୋତେ ଲାଗୁଛି ଏଇଆ ହୋଇ ପାରିଲେ ତାଙ୍କ ମନକୁ ପାଆନ୍ତା । ମନ ବି କଲିଣି କେତେଥର । କିନ୍ତୁ ପାରୁନାହିଁ । ନିହାତି ଅଲାଜୁକୀ, ବେହିଆଣୀ ନ ହେଲେ ମୁଁ ତ ହେଇ ପାରିବ ନାହିଁ । ନୂଆ ନୂଆ ବେଳରେ ତ ହେଲା ନାହିଁ—ଆଉ ଏ କାଳରେ କଣ ସେଇଆ ହବାକୁ ଦିଅ ? ଏଇଆ ହୋଇ ପାରିଲେ ତାଙ୍କ ମନ ପାଇବ ? ମୋ ହୃଦୟ ଯନ୍ତ୍ରଣାଟା ଯେ ଦୂନା ହେଇ ଗଲା ! କେହି କହିବେକି ଆଉ କିଛି ବାଟ ଅଛି ବା ନାହିଁ ଏଥିର ?

ଜଣେ ହତଭାଗିନୀ



Digitized by srujanika@gmail.com

# ହନୁମନ୍ତ ବସ୍ତ୍ରହରଣ

## ( ରଙ୍ଗ ନାଟିକା )

### ( ଦ୍ୱିତୀୟ ଦୃଶ୍ୟ )

ଲେଖକ:—କଳି ବାଲ୍ମିକୀ

( ନମାଜ ଅଫିସରେ ଦୁଇଜଣ ବାବୁ ମୁହାଁ ମୁହିଁ ବସିଥିଲେ । ଜଣେ ଯୌବନ ଓ ବାର୍ଦ୍ଧକ୍ୟର ସନ୍ଧି ସ୍ଥଳରେ ଉପନୀତ ପ୍ରାୟ, ଦେହରେ ବଗ ପକ୍ଷିଆ ଧୋଡ଼ ପଞ୍ଜାବୀ, ଗୌରବର୍ଣ୍ଣ ମୁଖମଣ୍ଡଳ ଯେପରି ରେକର ସ୍ପର୍ଶରେ ମସୃଣୀତ; ଆଉ ଜଣକ ବାର୍ଦ୍ଧକ୍ୟର ନାଟ ମନ୍ଦିରରେ ସଦ୍ୟ ପ୍ରବେଶ କରିଥିଲେହେଁ, ମୁଣ୍ଡର ଉପର ଶ୍ୱେତ ଶ୍ମଶ୍ରୁ ମୁଖମଣ୍ଡଳ ଆବୃତ କରି ଦେଲଣି । ଅଯତ୍ନ ରକ୍ଷିତ ଶ୍ମଶ୍ରୁରାଜି କାଠ ବାନ୍ଧ ଅସ୍ୱଚ୍ଛ ତେଲାଭାବରୁ । ହେଲେହେଁ ଦନ୍ତହୀନ ଓଷ୍ଠଦ୍ୱୟକୁ କଥାଅନ୍ତ ଘୋଡ଼ାଇବାରେ ସହାୟତା କରୁଛି । ଖଣ୍ଡିଏ ଅର୍ଦ୍ଧ ମଳିନ ଖଦଡ଼ ଚଦରଦ୍ୱାରା ଅର୍ଦ୍ଧାଙ୍ଗ ଆବୃତ । ଦ୍ୱିତୀୟ ବାବୁ ଅନ୍ୟମନସ୍କ ଭାବରେ ଏଣେ ତେଣେ ଚାହୁଁଥିଲେ, ଆଉ ପ୍ରଥମ ବ୍ୟକ୍ତି ମତଲବ ମୁଣ୍ଡ ଦୃଷ୍ଟିରେ ତାଙ୍କର ଅଡ଼କୁ ଚାହିଁ ରହିଥିଲେ । ବୋଧହୁଏ କପରି ଭାବରେ ବା କଉଁଠୁ କଥାଟା ଆରମ୍ଭ କରିବେ, ତାର ଖିଅ ଖୋଜି ଖୋଜି । ହଠାତ୍ ଦ୍ୱିତୀୟ ବ୍ୟକ୍ତି ମୁହଁ ଫେରାଇଲେ । )

ଦ୍ୱିତୀୟ—ହଇ ହେ ଜାଣିଲ, ଆଉ ବୁଲି ବୁଲି ସହିବ ନାହିଁ ଏଣିକି—ଓଃ ହାତ ଗୋଡ଼ ଯେପରି ପାଚି ଯାଇଛି । (ଟେବୁଲ ଉପରେ ଥୁଆ ହୋଇଥିବା ପଦଦ୍ୱୟରେ ହାତ ବୁଲାଇ ନେଇ ପୁଣି ଚୌକିରେ ଆଉଜି ଦେଲେ । )

ପ୍ରଥମ—ହଁ, ଭାଇନା, ତା ଆଉ ହବ ନାହିଁ । ବୟସ ହେଇଁଲେ—

ଦ୍ୱିତୀୟ—ରହିଲନା, ପୁଣି ଆଜ ଯିବାକୁ ହବ ବାହାର—ଠକ୍କୁର ବାମ୍ପା ଅସ୍ୱଚ୍ଛନ୍ଦ ପଦର ଦିନ । ଅନ୍ତତଃ ଦିନକ ଆଗରୁ ଯାଇଁ.........

ପ୍ରଥମ—କଣ, ଆଜ ତ ଯାଇଁ ପାରିବେ ନାହିଁ—

ଦ୍ୱିତୀୟ—ନ ଗଲେ ତ ଚଳିବ ନାହିଁ ।

ପ୍ରଥମ—ତେବେ.......ଉଁ, ହୁଁ...ସେ ହବ ନାହିଁ...ଅପଣ ପଛେ କାଲି ଦିନ ଗାଡ଼ିରେ ଯିବେ । ଆଉ ବୁଝିଲେ ନା, ଦେହଟା ଉପରେ ଏତେ ଅତ୍ୟାଗ୍ଭର...

ଦ୍ୱିତୀୟ—ଆରେ ନାହିଁ ହେ ନାହିଁ...ସେ ଭାବନା କରନା—ଆମେ ପରା ତେଲଧରା ହଡ଼ା—

ପ୍ର—ତେଲଧରା ହଡ଼ା ହୁଅନ୍ତୁ ବା ଧୋବାଦର ଗଧ ହୁଅନ୍ତୁ, ଆଜ ଆପଣଙ୍କୁ ଛାଡ଼ି ଦେଇ ପାରିବି ନାହିଁ କେବେ—ଦେଲେ ।

ଦ୍ୱି—(ସରଳ ଭଳି ହାସ୍ୟ କରି) ଗୋଟାଏ କିଛି ମନେ ପଡ଼ି
ଅଛି ନିଶ୍ଚୟ—ନଇଲେ ଖାଲି ଖାଲି ହାତରେ ଏତେ ...
କରିବା ଲୋକତ ତୁମେ ନୁହଁ......

୧ମ—ଅଛି, ଅଛି ହେ ଭାଇନା,
ନୋହିଲେ କି ଧୂଳି ଏଇ ଫାଇଲର pile
ଝାଡ଼ି ମୁଣ୍ଡି ଅଫିସର କାମ ଅଟକେଇ
ଦୈନିକ ନମାଜ ଛାଡ଼ି ଦେବାକୁ request !

୨ୟ—ଅରେ କହ ହେ କହ. ଏତେ ମୁଖବନ୍ଧ କାହିଁ !

୧ମ—ତୁମେହିଁ ମୁଖବନ୍ଧ—ବନ୍ଦ ନାହିଁ ଅଛି ଖାଲି
ଶତ ମୁଣ୍ଡି ପାଉଛି ମୁକୁଳି;
ଫୁଟୁଛି ପ୍ରବାହ ତାର ତୋଳି ... ...
ବହୁ ଦିନୁ ରୁଦ୍ଧ ଯାହା ଥିଲା ହୃଦ ମଧ୍ୟେ ।

୨ୟ—ବାଃ ଏତ ତୁମ୍ଭେ କବିତା କରୁଛ Journalist
ହଉଁ ହଉଁ poet ପାଲଟି ଗଲ ବେକାର୍ ହେବ ?

୧ମ—କବି କି ଗଛରେ ଫଳେ ?
ଭାବର ଜମାଟ ବାନ୍ଧ, ବନ୍ଦ ଗଲେ ଭାଙ୍ଗି ଛନ୍ଦୋମୟ
ବାଣୀ ଆପେ ଉଠେ ଗଳିଆସି; ସେହିତ କବିତା
ନାହିଁ ଅଉ କିସ ?

୨ୟ—ଠିକ୍, ଠିକ୍,—ଯଥାର୍ଥ ଏବେ ଚାଲ—

୧ମ—ନାହିଁ ଭାଇନା, ମୁଁ ଯାହା କହିବ ତା କବିତା
—କବିର କଳ୍ପନା ବା କାବ୍ୟ ସ୍ୱପ୍ନ ନୁହେଁ—ଯେଉଁ
ସତ୍ୟ, ନିଚ୍ଛକ, ନିର୍ଭେଳ ଜୀବନର ଘଟଣା—ଯେଉଁ ଯେ
ସନ୍ଧାନ ଗାନ୍ଧିଜୀ ଖୋଜିନ କରୁଛନ୍ତି, ମାତ୍ର
ନାହାନ୍ତି,
ଦେଖନ୍ତୁ ଭାଇନା;—ସ୍ୱପନରୁ ପୂର୍ବକଥା,
ପୂର୍ବ ଇତିହାସ; ଅମର ଅକ୍ଷର !
ବକୁଳ ବନର ସେହି ଚୌରଦର ଦିନ !
କି କାଗଜରେ କାହିଁଅଛି କୁଟସ୍ଥ ମହାଦେବ—
ଦୁର୍ଦ୍ଦିନ ଦେଖିଣି ଅଜି ନୀର ପୁଣିକିଆ
ସତ୍ୟବାଦୀ, ସତ୍ୟବାଦୀ—ନୀଆ ଗଲି ଯାହାକୁ
ସବୁ ଯାଇ ପଡ଼ିଲେ ଅନ୍ତର ତରଳେ;
ଯାଉଛନ୍ତି ଗୋପବନ୍ଧୁ,
ମାତ୍ର ବାକି-ଅପଣଙ୍କ ଆମ୍ଭ ସ୍ୱର୍ଗବାସୀ



Digitized by srujanika@gmail.com

ବିକଟେଲ କୁଜ୍ଞାଇଣ୍ଟି କେଶୀ ଅମୁ ସାତ )
[illegible]ା, ୯ଜି[illegible]!—[illegible]ଠିଲି ବି[illegible],
[illegible] ଚିହ୍ନାଇ ଘାଏ କେଠା:
[illegible]ଟେଳି ଡାହା, ଅଭିକୋଟେ ଭ୍ରମା ଶାମା ଅଦ
[illegible]ଭ୍ରବିପିଥାନ୍ତେ ଏହ ମନ୍ତ୍ରୀଭ୍ୱର ଚାଦ !
ଉତ୍କଳର ଭ୍ରଟ୍ୟକାଣ କରିବାକୁ rule
[illegible]ତିଂବାଦୀ ସମରଥା ୯କା ବିଲ୍‌କୁଲ,
[illegible]ଇଛନ୍ତି ଟୋପବନ୍ଧୁ
[illegible]ଙ୍କ ଅଟନ୍ତ ତୁମ୍ଭେ ଏବା ଅଛ ବଡ଼ ଦାଟଣ,
[illegible]ଭ୍ରି ଦାଳି ଅଧିକାରୀ ଉଅରପ ସୂଟେ;
[illegible]ଣ + ମିତ୍ର ମିଳନର କାଟେଣୀ ସ୍ୱରୂପ ।
[illegible]ମ୍ଭଙ୍କୁ ନ ବାଟଧ କରୁ, ବସି ନକାଅଁନେ
ଅଟେଠ ଓ ହରିଜନ କଟାଇଲ କାଳ,
[illegible]ତ୍ରେଏ ତପାମୁ ଅଜ କେମ୍ପି ନାମ ବହ ।
୨ଯ୍ୱ—ବୁଇ ହେ ନାଥ, ଜାଣିଲ,—ତମେ ତ ଖାଲ Journalistic ଭ୍ରଷାରେ ବକଟେ । ତମର diplomatic ବାକ୍ୟ ଜାଲ ଭିତରେ ଏ ମାଷ୍ଟରଅ ମଗଜ ପଶି ପାରୁ ନାହିଁ ଯେ । ମନ କଥାଟା ଖୋଲ କହୁ ନା ।
୧ମ—Gandhian ସାରଲ୍ୟର ନାହିଁ ସ୍ଥାନ ଏବେ
Diplomacy ଯୁଗ ଏହା,
politics ଖେଳ;
ସତ୍ୟବାଦୀ ସାମାଜ୍ୟର ଦୁଇ ମହାବାହୁ,
Goodeve ଓ ବାଲକଣ୍ଠ;
[illegible] ଦୁହିଁଙ୍କ ମିଳନରେ ଫୁଟିବ ଅମୃତ
[illegible]ହାଣ୍ଡି ଦୁହିଁଙ୍କ ଜଟଟିତ,
[illegible]ଠିଙ୍କି ଟକ୍କ ବିଲେ,
କମିବ ଉତ୍କଳ ଧରା, ମନ୍ତ୍ରୀତାପୀ. group.
ଉଡ୍ରିବ ଏବେ କର୍ଣ୍ଣଧାର ତୁମେ
[illegible]
[illegible] ।
ଦ୍ୱାଟି + ଜିଣ ଏହି ଦୁହିଁ ମହାମିଳନର
ଦେଖିବ ସୁଫଳ ଅଣ୍ଟ—ବର୍ଣ୍ଣନା ଅତୀତ,
ଉଡ଼ିବ ସତ୍ୟବାଦୀ ଗୌରବ କେତନ,
୨ଯ୍ୱ—ଓହୋ—ଏଇକଥା ! ଏତେବେଳ ଯାଏଁ କହୁଁ ନ ଥିଲ କାହିଁ ! ହଁ, ହଁ, ଠିକ କହୁଁଚ । ହେଁ—କୁଆଡ଼େ ଗଲ କହେ ଭୃଙ୍ଗରାଜ !
୧ମ—ଭୃଙ୍ଗରାଜ ! ତାକୁ କାହିଁ !
ବଡ ଦୁର୍ବଳ ଦେହ, ଅତ ଟୋବେଗୁର;
ଏଥିରେ ପୂଟ୍ଟିର ତାକୁ······
୨ଯ୍ୱ—ଅଚ୍ଛା, ଅଚ୍ଛା, ବୁଝିଲି । ତେବେ ତମେ ବି ଗ୍ଲଲ ।
୧ମ—ନାହିଁ ଅପଣ ଏକା ଯାଇ Sound କରନ୍ତୁ ଅଗ । ତା ପରେ—
୨ଯ୍ୱ—ବେଶ୍ ବେଶ୍—ଗ୍ଲଲି—
ଗ୍ଲଭାଣି ଟୋପାଏ ଅଣାଅ । ଟିକିଏ ତାଜା ହେଇଁ ଯାଏଁ ।
······ଅଚ୍ଛା ଅପଣଙ୍କୁ ସେଇଁଠି ମିଳବ ଯେ ।
ଅଗ କଉଠିକି ଯିବା କହିଲ—;
୧ମ—ଯେ ଅପଣଙ୍କ Choice –
୨ଯ୍ୱ—ତା ବେଶ୍—ତେବେ ଆସେଁ—
( ଖାଦ୍ୟ ବେଗ କାଖରେ ଝୁଲଇ ପ୍ରସ୍ଥାନ କଲେ ତ ୧ମ ବ୍ୟକ୍ତି ତାକୁ ବାଟେଇ ଦବାକୁ ବାହାରି ଗଲେ )

—ଫୋଡ଼—

[ ଏହା ପର ଦୃଶ୍ୟକୁ ଡାକି ଥାଅନ୍ତୁ ]


# କିରାତାଦିପାଚନ

ସମସ୍ତ ପ୍ରକାର ବିଷମ ମ୍ୟାଲେରିଅ ଜ୍ୱରର ପ୍ରଧାନ ଔଷଧ । ପ୍ଲୀହାଯକୃତ୍ ସଂଯୁକ୍ତ ଜ୍ୱରରେ ଏଥି ଦ୍ୱାରା ଅଶ୍ଚର୍ଯ୍ୟ ଫଳ ଦେଖା ଯାଇଥାଏ । ଏକାହିକ, ଦ୍ୱାହିକ, ତ୍ରାହିକ, ଚାତୁର୍ଥିକ, ପାଳୀର ମ୍ୟାଲେରିଅ ଜ୍ୱରନାଇନ ଅନେକତା ଜ୍ୱର ପ୍ରଭୃତି ସମସ୍ତ ପ୍ରକାର ବିଷମ ଜ୍ୱର ଶିଂଶିଜିଷଦ ବ୍ୟବହାର କଲେ ସମୂଳେ ଆରୋଗ୍ୟ ହୋଇଥାଏ । ଯଦି ବହୁଦିନ ଜ୍ୱର ଭୋଗ କରି ଶରୀର ରକ୍ତଶୂନ୍ୟ ହୋଇଥାଏ ତେବେ ଏହାକୁ କିଛିଦିନ ନିୟମିତ ସେବନ କଲେ ଅଗ୍ନିବୃଦ୍ଧି ହୋଇ ଶରୀରରେ ନୂତନ ରକ୍ତସଞ୍ଚାର କରଥାଏ ।

ମୂଲ୍ୟ—ଶିଂଶିକୁ ବାରଅଣା ମାତ୍ର । ଶିଂ ୬ଶିକୁ ସାଢ଼େଚାରିଟଙ୍କା ମାତ୍ର । ଡାକବ୍ୟୟ ସ୍ୱତନ୍ତ୍ର ।

ପ୍ରାପ୍ତିସ୍ଥାନ—କବିରାଜ—ଶ୍ରୀଧରଗର୍ଗବଟୁ ଭିଷଗାଚାର୍ଯ୍ୟ । ଆୟୁର୍ବେଦିକ ଫାର୍ମାସୀ, ଭୁବନେଶ୍ୱର—ପୁରୀ


Digitized by srujanika@gmail.com




# ମହିଳା-ବିଦ୍ରୋହୀ ସଭା

ଗୌର ଚନ୍ଦ୍ର ମହାପାତ୍ର ।

ମଜା କବିତା

ଶନିବାର ଦିନ ସନ୍ଧ୍ୟା ସେ ଦିନ, ପଢ଼ୁଆ ଝୋଡାଏ ମିଳି
ଟେନିସ୍ ପଡିଆ ଜଳୁଲାଗ ଦେଲେ ଘନ ଘନ ମାର ଡାକ ।
ପ୍ରସ୍ତାବ ପରେ ପ୍ରସ୍ତାବ ମାନ ଛୁଟିଆସେ ଝଙ୍କା ପରି,
Anti-ladies slogan ନେତାଏ ଗୁଡ଼ାଏ ଥାନ୍ତି ସଠାସଠ୍,
ପ୍ରଥମ ପ୍ରସ୍ତାବ ଶଇଲେଣ୍ ଦାସ ସକୋଟରେ କହିଲେ ହାକି,
ଖାଲ ପୋଷ୍ଟର୍ଡ ରେ ଚାପି ରୁମାଲରେ ଧନ୍ୟ ସ୍ୱାମୀ ମେରୁ ବାଙ୍କି ।
"ଅଧୁନା ବାମାମାନେ modern ଫେସନେ ଯିବାରୁ ଜଗତ ଝପି
Cyclist ଯୁବା ଚଞ୍ଚଳ ଅଖି ତାଙ୍କ ପାଖେ ଯାଏ ଲାଗି ।
Accident ଯେଣୁ ଘଟୁଛି ବହୁତ Fair sex ଙ୍କ ପାଇଁ
ମ୍ୟୁନିସିପାଲଟି ଏହାର ବିଚାର ନ କରିଲେ ରକ୍ଷା ନାହିଁ ।
ରୂପେଲି ଚରଣୀ, କର୍କ୍ ସ୍କ୍ରୁଟ୍ ଜଙ୍ଘା, ଚପଳ ନୟନା ଯେବେ
ଚାପ ମଞ୍ଜୀର Public ପଥେ ଦର ହାସେ ଚାଲୁଥିବେ,
ଶତ promising ଯୁବାର ଜୀବନ ଯାଉ ଟେକି ଯିବେ ଦଳି
Chairman ଏବେ ଧାଙ୍କର (।) ଉପରେ Ban କରନ୍ତୁ ଜାରି ।"

ଦ୍ୱିତୀୟ ପ୍ରସ୍ତାବ ଅଣିବାକୁ ଯାଇ 'ଧୀରେନ୍' କହିଲେ କୋପରେ
ଆମଠାରୁ ସତେ ଅବଳାର ବଳ ବଢ଼ିଗଲା ଏବେ ଖରେ ?
Ladies first କଥାଟା ଜାଣନ୍ତୁ ନିଛକ ବିଦେଶୀ ଜାତ
Patriot ଅମ୍ଭେ ଏବେ ସେପ୍ରଥାକୁ କରିବା ହେ Boycott.
Public eyeରେ eye sore ତାଙ୍କୁ କରୁଛନ୍ତି କିଏ ଜାଣି
ଝରଣା ନେଣ୍ଡୁଅ ହବେକ୍ କଲର୍ ମନୋହର ଶାଢ଼ିମାନ ।
ସେଇ Paternର ଶାଢ଼ୀ ଓରଫ୍ ଲୁଙ୍ଗି ପିନ୍ଧିବା ପଦ,
ସଭ୍ୟଙ୍କର ଅଙ୍ଗ ଅମର ଉପରେ ପଡ଼ିବ ନାହିଁକି ଲନ୍ଦ ?
ସଲଜ ସୁନ୍ଦର ଭେଣ୍ଡିଥ ନ ହୋଇ ବଙ୍କିମ ଠାଣି ଧରି,
ବେଣୀ ଚୂଳ ରଖି Back ବ୍ରାସ୍ କଲେ ହୋଇବ ପିଙ୍ଗା ତାଙ୍କ ପର ।

ତଥାପି Public partial ହୋଇ ଅନାଉଛନ୍ତି ତାଙ୍କ ଅଡ଼େ
Arrest କରିବା ବୁଦ୍ଧି ତାଙ୍କର ଘନୀଭୂତ ହୁଏଁ କାଳେ ।
Passing show ଅଉ Goldflake ଅଦି ବିଦେଶୀ ଜିନିଷ ଅଛେ,
Bonefire ଅସେମ କରିବା କହିଁରେ ଘାଟେ ଘାଟେ ନଦୀ ତଟେ ।"

ଚଡ଼ ଚଡ଼ ନାଦେ ତାଳି ମାରି ହାତେ ରୁମାଲ ଉଡ଼ାଏ ଚେଲା,
Bravo ଧୀରେନ୍ The idea ନାଦ ଉଠେ ମୁହୁର୍ମୁହୁ ।
ଏଥର ପ୍ରତିଭା ଧୀରେନ୍ ନେବାକୁ ସଗର୍ବେ ତାହାଙ୍କ ଆସନ,
Comrade ଗଣ ଉଲ୍ଲସି ବେଗେ ଅସି କରିଲେ କର ମର୍ଦ୍ଦନ ।
"Order ! Order !" କହି ସଭାପତି ଛେପ ଢୋକି ଘୋଷିଲେ—
ବେଶୀବାଡ଼ ହେଲା, ତାଙ୍କର ପଙ୍କ୍ତି, ଶିର ଜଡ଼ାଇଣି ରୁମାଲେ ।

ଲୁଙ୍ଗି ନିଜେ ମ୍ଭେ ରୁମାଲ ବରଙ୍ଗ କି ଅଉ ବର୍ଣ୍ଣିବି ଅଧିକ,
ସତ୍ୟ Sense of the term ରେ ଅଧିକେ ଭୁଲେ ନ ସ୍ତ୍ରୀ-ଦ୍ରୋହୀ ସୈନିକ

ଅକାର ଏ ସଭା ମୂଳନୀତି ରକ୍ଷି request କରୁଛି ବିନୟେ
ଫେବରୀର ପରେ ଏ ଅଧ ନିଶିଟେ ଥିବ ନାହିଁ ଟିକିଏ ।

Early ପ୍ରଭାତେ ସଭାରେ ହବ ତାହା Amendment ହେବ ବିଚାର

ମୋ ପ୍ରଭୁତ୍ୱ [Presidential] ଭାଷଣ ସହ ମୁଁ ସର୍ବେ ହୋଇବି ହାଜର ।

Digitized by srujanika@gmail.com



## ନାଗବନ୍ଧୁଙ୍କ କଲମରୁ

### ମହାତ୍ମା ଆଲବେରୁଣୀ

ଜଣେ ଶ୍ରେଷ୍ଠ ବ୍ୟକ୍ତିଙ୍କ କଥାରେ— "ଯଥାର୍ଥ ଜ୍ଞାନୀ ଐତିହାସିକ ଭାବରେ ଭାରତର ପ୍ରାଚୀନ ବିଦ୍ୟାର ଯେଉଁ ଚର୍ଚ୍ଚା ଓ ଅନୁଶୀଳନ କରିଥିବା ସମସ୍ତ ପଣ୍ଡିତ ଶ୍ରେଣୀ ମଧ୍ୟରେ, ଅଲବେରୁଣୀଙ୍କ ନାମ ଶ୍ରଦ୍ଧାର ସହିତ ଉଚ୍ଚାରିତ ହୁଏ । ତାହାଙ୍କର ପୁସ୍ତକ ହୃଦୟରେ ପଠିତ ଓ ଆଲୋଚିତ ହୁଏ । ସେହି କାରଣରୁ ସତ୍ୟ ପରିଚୟ ସନ୍ଧାନରେ ନିଜର ଜୀବନକୁ ନିୟୋଜିତ କରିଥିବା ପରି ଅଲବେରୁଣୀ ଆଜି ସମସ୍ତ ସଭ୍ୟମାନଙ୍କର ସାଧୁବାଦର ଯୋଗ୍ୟ ।"

ପୃଥିବୀର ଗୋଟାଏ ପ୍ରାନ୍ତରେ ବସି ପଞ୍ଚ ଦଶ ଶଣ୍ଡ ବହି ପଢ଼ି, ଅନ୍ୟ ଦେଶର ସଂସ୍କୃତି ସମ୍ବନ୍ଧରେ ଗ୍ରନ୍ଥ ଲେଖି, ତାହାକୁ ନିଜର ପ୍ରତ୍ୟକ୍ଷ ଦର୍ଶନ ବୋଲି ପରିଚୟ ଦେବାର ଦୁଃସାହାସ ଅନେକ ଲେଖକଙ୍କର ଅଛି । କିନ୍ତୁ ଅଲବେରୁଣୀ ସେ ଶ୍ରେଣୀର ନଥିଲେ । ସତ୍ୟ ଅନୁସନ୍ଧାନରେ ତାଙ୍କ ପରି ସନ୍ଧାନୀ ଏ ଯୁଗରେ ଦୁର୍ଲଭ କହିଲେ ଅତ୍ୟୁକ୍ତି ହେବନି । ତାହାଙ୍କର ରଚିତ ବିଖ୍ୟାତ "ତହକିକ ଇ ହିନ୍ଦ" ବା ଭାରତର "ସତ୍ୟ ପରିଚୟ" ପୁସ୍ତକ ତାହାଙ୍କ ପରି । ଅସାଧାରଣ "ସତ୍ୟ ସନ୍ଧାନୀ"ର ଯଥାର୍ଥ ପରିଚୟ ଦିଏ । ଭାରତ ବର୍ଷର ସତ୍ୟ ପରିଚୟ ପାଇଁ ତାହାଙ୍କର କଠୋର ଶ୍ରମ ନିଷ୍ଫଳ ଯାଇ ନାହିଁ ।

ଅହିଁ ଯେଉଁ ଦିନୁ ଭାରତରେ ନୁହେଁ । ଖୋରାସାନ ସହରରେ "ଖୋରେଜ୍‌ମ୍‌ ଖିଭା" ନାମକ ଗ୍ରାମରେ ତାହାଙ୍କର ଜନ୍ମ । ଜଣେ ବିଦେଶୀ ଲେଖକଙ୍କର କଲମରୁ "ତହକିକ ଇ ହିନ୍ଦ୍" ପଢ଼ିଲେ ଆଶ୍ଚର୍ଯ୍ୟ ହେବାକୁ ହୁଏ । କାରଣ ପୁସ୍ତକର ପ୍ରତି ଧାଡ଼ିରେ ସତ୍ୟର ମାଧୁର୍ଯ୍ୟ ଯେପରି ଫୁଟି ଉଠିଛି, ତାହା ତାଙ୍କୁ ଭାରତର ଲୋକ ବୋଲି କୁହେ । —ସାତ ବର୍ଷ କାଳ ଭାରତର ଭାଷା—ବିଶେଷତଃ ସଂସ୍କୃତ ଶିକ୍ଷା କରି—ଏ ଦେଶର ଜନ ସାଧାରଣ, ପଣ୍ଡିତ ଶ୍ରେଣୀର ଲୋକଙ୍କ ସହିତ ମିଳି ମିଶି ଅଭିଜ୍ଞତାରୁ ଯାହା ଲାଭ କରିଥିଲେ ତାର ନିଷ୍କର୍ଷ ପରିଚୟ ଦେଇ ଦେଇଛନ୍ତି—ତାହାହିଁ ତାଙ୍କର ଶ୍ରେଷ୍ଠ ଗ୍ରନ୍ଥ—"ତହକିକ ଇ ହିନ୍ଦ୍ ।"

ସେ ତାଙ୍କର 'ତେତାବୁଲ ହିନ୍ଦ୍" ର ମୁଖବନ୍ଧରେ ଲେଖି ଅଛନ୍ତି—"ମୁଁ ହିନ୍ଦୁଧର୍ମ ଓ ସଭ୍ୟତା ସମ୍ବନ୍ଧରେ ଲେଖିବାକୁ ଅଗ୍ରସର ହେଲି । ତାଙ୍କ ବିରୁଦ୍ଧରେ କୌଣସି ଅପ୍ରାମାଣିକ ଅଭିଯୋଗ ଦେବିନି ।—ମୁଁ ମୁସଲମାନ୍ । ତାଙ୍କର ଧର୍ମ ଓ ସଭ୍ୟତାକୁ ଯେପରି ଭାବରେ ଦେଖିଛି—ସେହି ଭାବରେ ବର୍ଣ୍ଣନା କରିବାକୁ ବାଧ୍ୟ ହୋଇଛି । ତାଙ୍କର ଧର୍ମ ନୀତି ମୋର ମତ ସହିତ ଅନୁରୂପ ନୁହେଁ,—ତେବେ ମୋ ତାହାକୁ କୌଣସି କ୍ଷୁଦ୍ର ବିଚାର ନାହିଁ । ସେହା ନିରପେକ୍ଷ ବାକ୍ତର ଘଟନା ବର୍ଣ୍ଣନା ମାତ୍ର । ଏଥିରେ କୌଣସି ଅତିରଞ୍ଜନ ନାହିଁ ।"

ଭାରତ ବର୍ଷ ସମ୍ବନ୍ଧରେ ପକ୍ଷପାତ ହୀନ ସଠିକ୍ ବିବରଣୀ ଲେଖିବାର ପ୍ରେରଣା ସେ ତାଙ୍କର ଗୁରୁ ଅବୁ ସୋହେଲଙ୍କ ଠାରୁ ପ୍ରାପ୍ତ ହୋଇଥିଲେ । ପିଲାଟି ଦିନୁ ତାଙ୍କର ବୁଦ୍ଧିମତ୍ତା ଓ ପ୍ରତିଭାର ପରିଚୟ ତାଙ୍କର ସମସ୍ତ କାର୍ଯ୍ୟରେ ଫୁଟି ଉଠିଥିଲା । ତାଙ୍କର ପୂର୍ଣ୍ଣନାମ ଅବୁ-ରୋହିତ୍ ମହମ୍ମଦ ଇବ୍‌ନେ ଅଲବେରୁଣୀ । ତାହାଙ୍କଠାରେ ହିନ୍ଦୁ ମୁସଲମାନ ଜାତି ଭେଦ ନ ଥିଲା । ସେ ସମସ୍ତିଙ୍କୁ ନିଜର ଭାଇ ପରି ଦେଖୁଥିଲେ । ସେ ଆହୁରି ଅନେକ ଗ୍ରନ୍ଥ ଲେଖି ଅଛନ୍ତି ।

ଦିନପରେ ଦିନ ବିତିଯିବ ରାତିପରେ ରାତି ଆସିବ । ଆକାଶରେ ଚନ୍ଦ୍ର ତାରା କେତେଥର ଉଦୟ ହୋଇ କେତେ ଥର ଅସ୍ତ ଯିବେ । କିନ୍ତୁ ତାହାଙ୍କର ଅମର ପ୍ରତିଭା ଓ ସଦ୍‌ଗୁଣ ରାଶି ତାଙ୍କର ନାମକୁ ଚିର ଅମର, ଅମ୍ଳାନ କରି ରଖିବ ।

କୁମାରୀ ଶୈଳବାଳା

---

## ନାଗବଚ୍ଛା ଦଳ

### ଉଦ୍ଦେଶ୍ୟ

୧ । ଉତ୍କଳର କିଶୋର ପ୍ରାଣରେ ନବଜାଗରଣ ଆଣିବା, ଜ୍ଞାନର ପରିସର ବଢ଼ାଇବା, ସେମାନଙ୍କର ବିକାଶ ଓ ସର୍ବାଙ୍ଗୀଣ ଉତ୍କର୍ଷ ସାଧନ କରିବା ।

୨ । ପତ୍ରର ମଧ୍ୟସ୍ଥତାରେ ପତ୍ର ବିନିମୟ ଦ୍ୱାରା ତରୁଣମାନଙ୍କ ମଧ୍ୟରେ ପରସ୍ପର ଭାବର ଆଦାନ ପ୍ରଦାନ କରାଇବା ଓ ସେମାନଙ୍କ ମଧ୍ୟରେ ସ୍ନେହ ପ୍ରୀତି ଓ ସୌହାର୍ଦ୍ଦ୍ୟ ବଢ଼ାଇବା ।

୩ । ମାତୃଭାଷା ଓ ସାହିତ୍ୟ ପ୍ରତି କିଶୋର କିଶୋରୀଙ୍କର ଅନୁରାଗ ବଢ଼ାଇବା ।

୪ । ସତ୍ୟ ସେବା, ସାହସ ଓ ଅହିଂସା ସାଧନାରେ ସେମାନଙ୍କୁ ଉଦ୍ବୁଦ୍ଧ କରିବା ।

( ୧୮ ବର୍ଷରୁ ଊଣା ବାଳକ ବାଳିକାମାନଙ୍କ ପାଇଁ )

---

## ମରମ

କବି—ଶ୍ରୀ ନିତ୍ୟନନ୍ଦ ମହାପାତ୍ର ।

ନବ ଯୁଗର ନବୀନ ଭାବୋଚ୍ଛ୍ୱାସ

ପଢ଼ିଲେ ମୁଗ୍ଧ ହେବେ ।

ମୂଲ୍ୟ—ଚାରି ଅଣା ।



Digitized by srujanika@gmail.com




ପ୍ରୌଢ଼ ସ୍ୱାମୀ — ତମେ ବୋଧ ହୁଏ ଭାବୁଥିବ ଯେ ମୁଁ ବଁଓଁଶିଆ ପରି ଦିଶୁଛି ?

ଯୁବତୀ ସ୍ତ୍ରୀ — ନାହିଁମ, ଅଗେ ଦିଶୁଥିଲେନା।

\+ + +

ବାପା — ମଣିଷ ଯାହା କରି ନ ପାରେ ଏପରି କାମ ଜଗତରେ ନାହିଁ

ଆଧୁନିକ ପୁଅ — ଅଚ୍ଛା ବାପା, ଥରେ ସଲଜପନକୁ ଟିଉବରୁ ବାହାର କରି ପୁଣି ତା ଭିତରେ ତୁମେ ପୂରେଇ ପାରିବ ?

× × ×

ପିତା — ତମାର ବାହାଘର ପାଇଁ ଏତେ ବ୍ୟସ୍ତ କାହିଁକି ? ଭଲ ବରଟିଏ ମିଳିବା ପର୍ଯ୍ୟନ୍ତ ଟିକେ ଅପେକ୍ଷା କରୁ।

ମାତା — କାହିଁକି ! ମୁଁ ତ ପୁଣି ମୋ ବେଳକୁ ସେପାଇଁ ଅପେକ୍ଷା କରି ନ ଥିଲି।

ଯୁବକ — ମୋର ଜାଣିବାକୁ ଭାରି ମନ ହେଉଛି ଯେ — ମୁଁ ଯଦି ତୁମକୁ ଏଇକ୍ଷଣି ଚୁ-ମ୍ବ-ନ କରନ୍ତି, ତେବେ ତୁମେ କଣ କୁହନ୍ତ।

ଯୁବତୀ - ସତରେ ସେପରି ମନ ଥିଲେ ତୁମେ କଣ ଜାଣି ପାରନ୍ତ ନାହିଁ !

× × ×

ମାଷ୍ଟର — ସ୍କୁଲ ମ୍ୟାଗାଜିନ ପାଇଁ ଗୋଟିଏ ନୂଆ article ଦରକାର।

ଛାତ୍ର Arricle ତ ମୋଟେ ତିନୋଟା — a, an, the — ମୁଁ ପୁଣି ଗୋଟାଏ କୁଆଡ଼ୁ ଆଣିବି Sir ?

( ରେଣୁ )

\+ × +

ନବୀନା — ମହାଶୟ, ଏ ଫଟୋ ଖଣ୍ଡିକ ମୋର ଭଳି, ବେଶି ସୁନ୍ଦର ପରି ଦିଶୁଛି।

ଫଟୋଗ୍ରାଫର — [illegible]; କାରଣ ବେଶ ସୁନ୍ଦରରେ ପୁଣି ଅପଣଙ୍କ ଖରଚ କରି ଫଟୋ ନେବାକୁ ହେଉ ନାହିଁ।

× + ×

ଡାକ୍ତର — (ରାଗି) ମୋର ରୋଗୀ ଦେଖିବାର ସମୟ ୩ଟା ଠାରୁ ୫ଟା — ତୁମର କଣ ସମୟ ଜ୍ଞାନ ନାହିଁ !

ରୋଗୀ — ଅଜ୍ଞା ମୁଁ ଜାଣେ ଯେ, ମତେ ଯେଉଁ କୁକୁରଟା ପୋତେ କାମୁଡ଼ିଲା, ସେ ଜାଣେ ନାହିଁ !

× ×

ଟିଲୁ — ବାବା, 'ଉତ୍କଳ' କାହାକୁ କହନ୍ତି ?

ପିତା — ଉତ୍କଳ ଏକପ୍ରକାର ଜନ୍ତୁ ଯେଉଁମାନେ ଲୋକଙ୍କ ମନ୍ଦିରରୁ ରକ୍ଷା କରନ୍ତି — ଯେଉଁ ମନ୍ଦିରରେ ଉତ୍କଳ ନଥିଲେ ଦୁଆର ତ ନାହିଁ। ×

---


## ଜ୍ୱର ଓ ପ୍ଳୀହା ପାଇଁ

### ଅମୃତାଷ୍ଟକ କଷାୟ
### ଓ
### କଳ୍ପଲତା (ଟେବ୍ଲେଟ)

ଧନ୍ୱନ୍ତରି ତୈଲ ବନ୍ଦୁ ପ୍ରଶଂସିତ। ଏହାର ମୂଲ୍ୟ ଅଳ୍ପ ଓ ଶୀଘ୍ର ଗୁଣକାରକ। ଓଡ଼ିଶାର ପ୍ରତ୍ୟେକ ବଜାର ଓ ଗ୍ରାମମାନଙ୍କରେ ଖୋଜିଲେ ପାଇବେ। ଅନ୍ୟାନ୍ୟ ଔଷଧ ତୁଳନାରେ ଏହା ମହୋପକାରୀ। ଥରେ ଦେଖିଲେ ବିଶ୍ୱାସ ପରେ କହିବେ—

ଆପଣଙ୍କର ଗର୍ଭିଣୀଙ୍କ ପାଇଁ କିଏ !

## ମାତୃଶକ୍ତି

'ମା' ନାମରେ ଶିଶୁଙ୍କ [illegible] — ମାତୃଶକ୍ତି [illegible] ଅବସ୍ଥା [illegible] ଶୋଚନୀୟ। 'ମା [illegible] ପର୍ଯ୍ୟନ୍ତ [illegible] ମାତୃଶକ୍ତି [illegible], ମାନ, ବୁଦ୍ଧି, ବୁଦ୍ଧି [illegible] — [illegible] ମୂଲ୍ୟ — ୫ ୦ ଟଙ୍କା

[illegible]

ଶାନ୍ତି ଔଷଧାଳୟ — ଡାକ୍ତର ଓ ଭିଷଗ୍‌ରତ୍ନ — ଶ୍ରୀ ବ୍ରଜନାଥ ମିଶ୍ର M.L.A. ପୋ: ତେନ୍ଦୁ ପାଟଣା — କଟକ।




Digitized by srujanika@gmail.com



## ବିଦେଶ —

ରୁଷ ରାଜଧାନୀ ମସ୍କୋ ସହରର ପ୍ରାୟ ତିନି ଦିଗରେ ଭୀଷଣ ଯୁଦ୍ଧ ଚାଲିଛି। ରୁଷମାନେ ବହୁ କ୍ଷତି ସହି ଘୋର ପ୍ରତିରୋଧ କରୁଛନ୍ତି। ଋଷୀୟ ସେନାପତି ଭରୋଶିଲଭ୍ ଜର୍ମାନ ପ୍ରତିରୋଧୀ ବୋଲି କର୍ମଚ୍ୟୁତ ହୋଇଛନ୍ତି।

ଆମେରିକା ଫିନଲାଣ୍ଡକୁ ଜର୍ମାନ ପକ୍ଷ ଛାଡ଼ିବା ଏବଂ ଯୁଦ୍ଧ ବନ୍ଦ କରିବାକୁ କହିଛି। ଫିନ୍‌ଲାଣ୍ଡ ତାହା ଅଗ୍ରାହ୍ୟ କରିଛି।

ଜର୍ମାନମାନେ ଲେନିନଗ୍ରାଡ଼ ସହରକୁ ଅବରୋଧ କରି ରହିଛନ୍ତି ମାତ୍ର ଏକସ୍ତ ରୁଷ ପ୍ରତିରୋଧ ହେତୁ ପ୍ରବେଶ କରି ପାରୁ ନାହାନ୍ତି।

ଜର୍ମାନ ବାହିନୀ କିମିଆ ପ୍ରାୟ ଦଖଲ କରି ସାରିଲେଣି। କେବଳ ସିବାଷ୍ଟିପୋଲ ବାକି ରହିଛି। ରୁଷମାନେ ସିବାଷ୍ଟୋପୋଲ ଛାଡ଼ି ଚାଲି ଯାଉଥିବାର ଖବର ଆସିଛି।

ଡନେସମ୍ ପର୍ବତ ମାଳାର ଦ୍ୱାର ସ୍ୱରୂପ ରୋଷ୍ଟଭ ସହର ଜର୍ମାନ ଦଖଲ କଲେଣି ବୋଲି ଖବର ମିଳିଛି।

ମସ୍କୋ ନିକଟ ଟୁଲା ସହର ଦଖଲ ପାଇଁ ଭୀଷଣ ଲଢ଼େଇ ଲାଗିଛି। ସେଷ୍ଟଭ ସହର ଜର୍ମାନ ଅଧିକାର କରିଛନ୍ତି ବୋଲି କହୁଛନ୍ତି।

ବ୍ରିଟିଶ ବୃହତ୍ ଯୁଦ୍ଧ ଜାହାଜ ଆର୍କ-ରୟେଲ୍ ଭୂମଧ୍ୟସାଗରରେ ଜର୍ମାନ ଟର୍-ପିଡୋ ଦ୍ୱାରା ମାଡ଼ ଖାଇ ବୁଡ଼ି ଯାଇଛି।

ଲିବିଅରେ ଘୋର ଯୁଦ୍ଧ ଚାଲିଛି। ଜର୍ମାନ ସେନା ଶୀଘ୍ରରେ ମରୁଛନ୍ତି ଓ ଟାଙ୍କ୍‌ମାନ ଧ୍ୱଂସ ହୋଇ ଯାଉଛି।

ବ୍ରିଟିଶ ପ୍ରଧାନ ମନ୍ତ୍ରୀ ଚର୍ଚ୍ଚିଲ କହିଛନ୍ତି ଯେ ଜାପାନ ଓ ଆମେରିକା ମଧ୍ୟରେ ଯୁଦ୍ଧ ଲାଗିଲା ମାତ୍ର, ବ୍ରିଟିଶ ଯୁଦ୍ଧ ଘୋଷଣା କରିବ।

ଆମେରିକା ଜାପାନକୁ ନୋଟ ଦେଇଛି କି ସେ ଜର୍ମାନ ପକ୍ଷ ଛାଡ଼ୁ ଏବଂ ଚୀନରୁ ବାହାରି ଆସୁ, ମାତ୍ର ଜାପାନ କିଛି ଉତ୍ତର ଦେଇ ନାହିଁ।

ବର୍ମାପଥ ନିକଟରେ ଜାପାନୀ ଓ ଚୀନା ସେନା ବହୁ ସଂଖ୍ୟାରେ ଜମା ହେଇ ସାରି-ଲେଣି କେଜାଣି ସେଠି ଯେ କୌଣସି କ୍ଷଣରେ ଘୋର ସଂଘର୍ଷ ଲାଗିପାରେ।

ଇଣ୍ଡୋଚୀନ ଓ ଥାଇଲାଣ୍ଡ ପାଖରେ ୧୪ ଜାପାନୀ ସେନା ଜମା ହୋଇଛନ୍ତି।

ଅଫ୍ରିକାରେ ଇଂରେଜ ସେନା ଶତ୍ରୁକୁ ବହୁ ମାଇଲ ହଟାଇ ଦେଇ ଅନେକ ସହର ଦଖଲ କଲେଣି।

## ଦେଶ—

ଭାରତର ବିଖ୍ୟାତ ସେନାପତି ଜନ ରାଲ୍ ବମ୍ବାଇର ଲାଟ ହୋଇ ଆସୁଛନ୍ତି।

ବଡ଼ଲାଟ ଲର୍ଡ଼ ଲିନ୍‌ଲିଥ୍‌ଗୋ ଶୀଘ୍ର ଛୁଟି ନେଇ ଗୃହମାସ ପର୍ଯ୍ୟନ୍ତ ବିଲାତ ଯିବେ। ବମ୍ବାଇର ଲାଟ ଲମଲି ତାଙ୍କ କାର୍ଯ୍ୟ କରିବେ।

ଦେଉଲିରେ ଅନଶନ କରିଥିବା କଏଦୀ ମାନେ ଅନଶନ ଛାଡ଼ିଛନ୍ତି।

ଶୁଣାଯାଏ ଅବୁଲ କାଲମ ଆଜାଦ ଓ ଜବାହାରଲାଲଙ୍କୁ ଶୀଘ୍ର ଜେଲରୁ ଛାଡ଼ି ଦିଆଯିବ।

ଓଡ଼ିଶାର ମିଳିତ ମନ୍ତ୍ରୀ ମଣ୍ଡଳ ଗଢ଼ା ହୋଇ ଚାଲି। ଭାରତରେ ଏପରି ମନ୍ତ୍ରୀ ମଣ୍ଡଳ ହେବା ପ୍ରଥମ। ତିନିଜଣ ମନ୍ତ୍ରୀ ହେଲେ। ପାରଳା ମହାରାଜା, ପଣ୍ଡିତ ଗୋଦାବରୀଶ ମିଶ୍ର ଓ ଅବଦୁଲ ଶୋଭାନଖାଁ।

ଭାରତ ସରକାର କହୁଛନ୍ତି ଯେ ସ୍ୱରାଷ୍ଟ୍ର ଲୋକ ଭୋଟ ନଦେଲେ ବି ଶାସନରେ ଯୋଗ ଦେଇଛନ୍ତି! ଭାରତକୁ ଆକ୍ରମଣ-କାରୀ ଜର୍ମାନ ସେନା ଅଣାଇବାର କଳ୍ପନା ସେ କରୁଛନ୍ତି।

ବଙ୍ଗଳାର ପ୍ରଧାନ ମନ୍ତ୍ରୀ ହକ ସାହେବ ମୁସଲିମ ଲିଗ୍ ଛାଡ଼ି ଦେବା ଫଳରେ ଜିନ୍ନାଙ୍କ ସଙ୍ଗରେ ତାଙ୍କର ମିଳାମିଶା ହୋଇଗଲା।

ଦେଶଭକ୍ତ ଦିବସ ପାଳନ କରିବା ପାଇଁ କାନପୁରର ଛାତ୍ରମାନେ ଶୋଭାଯାତ୍ରା କରୁଥିବା ବେଳେ ପୋଲିସ ଲାଠି ଚଳାଇ ଅନେକଙ୍କୁ ଆହତ କରିଛି।

ବିଖ୍ୟାତ ଭାଉଆଲ ସନ୍ୟାସୀ ମକଦ୍ଦମାରେ କୁମାର ରମେନ୍ଦ୍ରଙ୍କର ହାଇକୋର୍ଟରେ ଜିତି ହୋଇଥିଲା। ବର୍ତ୍ତମାନ ରାଣୀ ବିଭା-ବତୀ ସେହି ବିରୁଦ୍ଧରେ ପ୍ରିଭି କାଉନ୍‌ସିଲ ଅପିଲ କରିବା ପାଇଁ ଦରଖାସ୍ତ କରିଛନ୍ତି।

ଓଡ଼ିଶାର ଲାଟ ଲୁଇ ସାହେବ ଲାଟ ପଦ ଛାଡ଼ି ଭାରତ ସରକାରଙ୍କୁ ଯିବାର କଥା ହୋଇଛି। ତାଙ୍କ ସ୍ଥାନରେ ଆସାମର ଲାଟ ଆସିବେ ବୋଲି ଶୁଣା ଯାଉଛି।

ଓଡ଼ିଶାର ଲାଟଙ୍କ ପରାମର୍ଶଦାତା ଆଲ-ବୋର୍ଜ ସାହେବ ଆଣ୍ଡାମାନ ଦ୍ୱୀପର ଶାସନ କର୍ତ୍ତା ହୋଇ ଯିବାର ଆଦେଶ ହୋଇଛି।

ଓଡ଼ିଶା ଲାଟ ନଭେମ୍ବର ତା ୩୦ ରିଖରେ ବାଲେଶ୍ୱର ଯିବେ ଓ ସେଠାରୁ ମଠର ଯୋଗେ ଚାନ୍ଦବାଲି ଯାଇ କନିକା ରାଜାଙ୍କ ଅତିଥି ହୋଇ ଶିକାର କରିବେ; ସେଠୁ ଫେରି ଭଦ୍ରକରେ ପଦଧୂଳି ଦାନ କରି କଟକ ଫେରିବେ। ତାଙ୍କ ସମ୍ବର୍ଦ୍ଧନା ପାଇଁ ବିପୁଳ ଆୟୋଜନ ଓ ଦ୍ୱାରପାଳ ପାଇଁ ବହୁ ସଂଗ୍ରହ ହୋଇଛି।



Digitized by srujanika@gmail.com

# ଶ୍ରୀ ବ୍ରଜେନ୍ଦ୍ରନାଥ ନାୟକ ଜୁଏଲର

ଦରଘା ବଜାର, ପୋ. —କଟକ ।







ଟ ୨୦୯ ଙ୍କା ପୁରସ୍କାର ! ଟ ୨୦୯ ଙ୍କା ପୁରସ୍କାର !

ଭଦ୍ରବ୍ୟକ୍ତିମାନଙ୍କର ଫରମାସି ଅନୁସାରେ ଆମ୍ଭେମାନେ ଖାଣ୍ଟି ସୁନା, ରୁପା ଏବଂ ବହୁ ମୂଲ୍ୟ ପଥରରେ ଚମତ୍କାର ଅଳଙ୍କାରମାନ ମନ ମୁତାବକ ପ୍ରସ୍ତୁତ କରୁଥାଉଁ । ଆମ୍ଭମାନଙ୍କର ବ୍ୟବସାୟ ଆରମ୍ଭ ଦିନରୁ ଅଦ୍ୟାବଧି କୌଣସି ଭଦ୍ର ବ୍ୟକ୍ତି ଆମ୍ଭମାନଙ୍କର ସାଧୁତା ସମ୍ବନ୍ଧରେ କେବେହେଲେ ସନ୍ଦେହ କରିନାହାନ୍ତି । ଆମ୍ଭେମାନେ ଏହି କାର୍ଯ୍ୟାଳୟଟିକୁ ନୂତନ ପ୍ରତିଷ୍ଠା କରିଥିବାରୁ ବଜାରରେ ଦର ଅପେକ୍ଷା ବହୁ ସୁଲଭ ମୂଲ୍ୟରେ ଅଳଙ୍କାର ପ୍ରସ୍ତୁତ କରିଥାଉଁ ବାହାର ମୁକାବିଲାରେ ଆମ୍ଭେମାନେ କାହାରକୁ ଭୁଲାଇ ଦେବାକୁ ଗୁହୁନାହିଁ । ପ୍ରତ୍ୟେକ ପଦାର୍ଥକୁ ତନ୍ନ କରି ପରୀକ୍ଷା କରିବାର ସୁବିଧା ଅମେ ଦେଇ ଥାଉଁ । କେହି କୌଣସି ପ୍ରକାର ଦୋଷ କିମ୍ବା ଦଶା ଧରିପାରିଲେ ଆମ୍ଭେମାନେ ଟ୨୦୯ଙ୍କା ପୁରସ୍କାର ଦେବାକୁ ପ୍ରସ୍ତୁତ ଅଛୁଁ ସାଧାରଣଙ୍କର ସହାନୁଭୂତି ପ୍ରାର୍ଥନୀୟ —

ଭବଦୀୟ

**ଶ୍ରୀ ବ୍ରଜେନ୍ଦ୍ରନାଥ ନାୟକ**

ଦରଘା ବଜାର, ପୋ:—କଟକ ।

---

# ଭ୍ରାମରୀ ରସାୟନ

ବାତରକ୍ତ ଓ କୁଷ୍ଠର ଅବ୍ୟର୍ଥ ମହୌଷଧ

ଏହା ପୁରାତନ ରସାୟନର ଚିକିତ୍ସା ଦ୍ୱାରା ପ୍ରସ୍ତୁତ ହୋଇଅଛି । ବାତରକ୍ତ ଓ କୁଷ୍ଠ ପ୍ରାୟ ଏକରୂପ ବ୍ୟାଧି, ମାତ୍ର ଲକ୍ଷଣ ଭେଦରେ ପ୍ରକାର ଭେଦ ହୋଇଥାଏ । ଏହି ରୋଗ ଶରୀରରେ ଜନ୍ମିବା ପୂର୍ବରୁ ନାନାପ୍ରକାର ଛତ୍ର ବା ବିକୃତ ଚକ୍ଷୁ, ଦୌର୍ବଲ୍ୟ, ଜ୍ୱାଳା ଶାରୀରିକ ଅବସାଦ, ସୂଚିବିଦ୍ଧବତ୍ ବେଦନା ଅରୁଚି, ଅବସନ୍ନତା, ନାଡ଼ିକା ଓ କର୍ଣ୍ଣର ସ୍ଫୀତତା ଓ କୋଷ୍ଠବଦ୍ଧତା ପ୍ରଭୃତି ଉପସର୍ଗମାନ ଦେଖାଯାଏ । ଉପରୋକ୍ତ ରୋଗମାନଙ୍କ ଦୂରୀକରଣାର୍ଥେ ଆମ୍ଭର ଏହି "ଭ୍ରାମରୀ ରସାୟନ" ଏକମାତ୍ର ପରମ ମହୌଷଧ । ଏହା ଏକମାସ ସେବନ କଲେ ଏହାର ଉପକାରିତା ଭଲରେ ଜାଣି ବୁଝିପାରିବ । ଏକମାସ ସେବନ ଉପଯୋଗୀ ଔଷଧର ମୂଲ୍ୟ ଟ୪୯ **ଭ୍ରାମରୀ ତୈଳ**:—ଏହା ଦେହରେ ମାଲିସ୍ କଲେ ଦେହର ଛତ୍ର ପ୍ରଭୃତି ଅଚିରେ **ଆରୋଗ୍ୟ** ହୁଏ । ଏକଶିଶି ଟ୨୯ଙ୍କା ମାତ୍ର ଟ୨୯ଙ୍କା ମାତ୍ର ।

କାୟାକଳ୍ପ ଔଷଧାଳୟ

**ବୈଦ୍ୟରାଜ:—ଶ୍ରୀ ଲକ୍ଷ୍ମୀନାରାୟଣ ଆଚାର୍ଯ୍ୟ** ଆୟୁର୍ବେଦ ଶାସ୍ତ୍ରୀ

ଆଲମଗୁଞ୍ଜ ବଜାର, କଟକ ।

---

କବିରାଜ ଶ୍ରୀଧର ଗର୍ଗବଂଶ ଭିଷଗାଚାର୍ଯ୍ୟଙ୍କ ଦ୍ୱାରା ଉଦ୍ଭାବିତ ଓ ଆଜକୁ ଦଶବର୍ଷ ଯାବତ୍ ପରୀକ୍ଷିତ ଓ ଔଷଧାବଳୀ ।

# ସ୍ୱପ୍ନ ସୁନ୍ଦରୀ

ଧାତୁ ଦୌର୍ବଲ୍ୟଗ୍ରସ୍ତ ଯୁବକମାନଙ୍କର ନିଦ୍ରାବସ୍ଥାରେ କାମୋଦ୍ରେକ ସ୍ୱପ୍ନ ଦର୍ଶନ ଶୁକ୍ରକ୍ଷୟ ହୋଇଥାଏ । ଏହି ରୋଗ ଅତ୍ୟନ୍ତ ଅନିଷ୍ଟ ଏତେ ପ୍ରବଳ ହୋଇ ଥାଏ ଯେ କ ରୋଗୀର ଶୋଇଲା ମାତ୍ରେ ଶୁକ୍ର କ୍ଷୟ ହୁଏ । ଏହି ରୋଗ ଶରୀରର ବଳ, ବୀର୍ଯ୍ୟ, ଅଗ୍ନି, ତେଜ ଇତ୍ୟାଦି ସମସ୍ତ ଅସ୍ତ୍ରେ ଶକ୍ତିକୁ କ୍ଷୀଣରେ କରି ଦେହକୁ ଅକାଳ ବାର୍ଦ୍ଧକ୍ୟ ଗ୍ରସ୍ତ କରି ଦେଇ ଥାଏ । ପରିଶେଷରେ ମଧ୍ୟ ଏହିପରି ଶୁକ୍ରକ୍ଷୟ ହେତୁରୁ ପୁରୁଷଙ୍କ ରୋଗ ଉତ୍ପନ୍ନ ହୋଇଥାଏ । **ଆମ୍ଭର** ସ୍ୱପ୍ନ ସୁନ୍ଦରୀ ଔଷଧ **ଛନ୍ଦୁଦାନ** ନିୟମିତ ବ୍ୟବହାର **କଲେ** ସ୍ୱପ୍ନ ଦୋଷ ଓ ତଜ୍ଜନିତ ଶୁକ୍ରକ୍ଷୟ ନିବାରିତ ହୋଇ ଶରୀର ହୃଷ୍ଟ ପୁଷ୍ଟ ଓ ବଳିଷ୍ଠ ହୋଇଥାଏ ।

**ମୂଲ୍ୟ**—୬୦ ଗୋଟା ବଟିକା ପୂର୍ଣ୍ଣ ଏକ ଶିଶିକୁ ଟ୨ ।
୩୦ ଗୋଟା ବଟିକା ପୂର୍ଣ୍ଣ ଶିଶିକୁ ଟ୧ । ଡାକଖର୍ଚ୍ଚ ସ୍ୱତନ୍ତ୍ର ।

ଠିକଣା: ଶ୍ରୀପଦ୍ମ ଗର୍ଗବଂଶ ଭିଷଗାଚାର୍ଯ୍ୟ, ଅଗରପଡ଼ା—ପୁରୀ

Printed & published at the Gopinath Press, Bhadrak, by. G. C. Mahapatra and issued from Dagaro Office Bhadrak.

Digitized by srujanika@gmail.com

REG. NO. P. 44

THE DAGARO— 16-11-1941.

ମାଭୈଃ—    —ମାଭୈଃ—    —ମାଭୈଃ

ଯୁଦ୍ଧ ବା ଅନ୍ୟ [illegible] ଅଭାବନୀୟ [illegible] ବାର୍ଦ୍ଧକ୍ୟ ଓ ପରିବାରବର୍ଗଙ୍କ ପାଇଁ ଅର୍ଥ [illegible] ଆର୍ଥିକ ଦୁର୍ଦ୍ଦିନରେ ଜୀବନବୀମାହିଁ ଏକମାତ୍ର ନିରାପଦ, ଲାଭଜନକ ଓ ନିର୍ଭର ଯୋଗ୍ୟ [illegible] ।

ଏ ଦୁର୍ଦ୍ଦିନରେ "ହିନ୍ଦୁସ୍ଥାନ"ରେ ବୀମା କରି [illegible] ଲାଭବାନ ହୁଅନ୍ତୁ ।

# ହିନ୍ଦୁସ୍ଥାନ କୋ-ଅପରେଟିଭ
## ଇନସିଓରେନ୍ସ ସୋସାଇଟି ଲିଃ

ହେଡ୍ ଅଫିସ—କଲିକତା

ହିନ୍ଦୁସ୍ଥାନର ସଫଳତା —

ମୋଟ ଚଳନ୍ତି ବୀମା — ୧୭ କୋଟି ୨ ଲକ୍ଷରୁ ଊର୍ଦ୍ଧ୍ୱ । ମୋଟ ବୀମା ପାଣ୍ଠି — ୩ କୋଟିରୁ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ।

ମୋଟ ସମ୍ପତ୍ତି — ୩ କୋଟି ୫୬ ଲକ୍ଷରୁ ଊର୍ଦ୍ଧ୍ୱ । ୧୯୪୦ ରେ ନୂତନ ବୀମାର ପରିମାଣ ୨ କୋଟି ୭୫ ଲକ୍ଷରୁ ଊର୍ଦ୍ଧ୍ୱ ।

ବିଶେଷ ବିବରଣୀ ପାଇଁ ନିମ୍ନଲିଖିତ ଠିକଣାରେ ଅନୁସନ୍ଧାନ କରନ୍ତୁ ।

ଏନ୍ ଦତ୍ତ
ସେକ୍ରେଟେରୀ
ହିନ୍ଦୁସ୍ଥାନ ବିଲ୍ଡିଙ୍ଗ୍ସ, କଲିକତା ।

ଅର୍ଗାନାଇଜର—ନରେନ୍ଦ୍ର ପ୍ରସାଦ ଦାସ
ହିନ୍ଦୁସ୍ଥାନ କୋ-ଅପରେଟିଭ ଇନ୍ସୁରେନ୍ସ ସୋସାଇଟି ଲିଃ ।
ଗୁଡସାଗ୍ରୈଜ, କଟକ ।

---

# ଦାର୍ଜିଲିଙ୍ଗ ବେଙ୍କ ଲିମିଟେଡ
## କଟକ ଶାଖା—

ଜନ ସାଧାରଣଙ୍କ ବ୍ୟବସାୟର ଉନ୍ନତି ପାଇଁ ଦାର୍ଜିଲିଙ୍ଗ ବେଙ୍କର କଟକ ଶାଖା ମଙ୍ଗଳାବାଗସ୍ଥ ବାସନ୍ତି ଇନ୍ସୁରେନ୍ସ କୋଠାରେ ଖୋଲା ହୋଇଛି । ସମସ୍ତ ପ୍ରକାର ବେଙ୍କିଙ୍ଗ କାର୍ଯ୍ୟ କରାଯିବ । ନିମ୍ନଲିଖିତ ଠିକଣାରେ ଅନୁସନ୍ଧାନ କରନ୍ତୁ ।

ଓଡିଶା ଅଫିସ, ମଙ୍ଗଳାବାଗ କଟକ ।

---

## ସସ୍ତା, ସୁନ୍ଦର ଓ ସୁବିଧାରେ

ପ୍ରିୟ ଜନଙ୍କର ସ୍ମୃତି ରକ୍ଷା ଓ ସୌନ୍ଦର୍ଯ୍ୟର ବୃଦ୍ଧି ପାଇଁ ଆପଣ ଶୀଘ୍ର ଉତ୍କଳର
ଦ୍ୱାରା ପରିଚାଳିତ କଲିକତାର ଏକମାତ୍ର ପ୍ରତିଷ୍ଠାନ ।

# ଫୋଟୋ ଓ ସାଇନ କ୍ରାଫ୍ଟ

ନଂ ୬୨।ଏ ଚଉରିଙ୍ଗି ପ୍ଲେସ କଲିକତା

ଠାରୁ

ଆପଣଙ୍କର ଆବଶ୍ୟକ ମଗାଇ ନିଅନ୍ତୁ ।

ଏଠାରେ ପୁରୁଣା ଛବିରୁ ନୂଆ ଓ ବଡ ଆକାର ପାଶପୋର୍ଟ ଫଟୋ, [illegible] ଫଟୋ, ରଙ୍ଗିନ ଛବି, ତୈଳ ରଙ୍ଗ ଅଙ୍କନ ଓ ରଙ୍ଗିନ ଛବି ସୁନ୍ଦର ଭାବରେ କରି ଦିଆ ହୁଏ । [illegible], ଫିଲ୍ମ ଛବି ଫ୍ରେମ ଇତ୍ୟାଦି ଫଟୋଗ୍ରାଫ ସମ୍ପର୍କୀୟ ଯାବତୀୟ ସରଞ୍ଜାମ ଖୁବ ସସ୍ତାରେ ମଧ୍ୟ ପାଇବେ । ପରୀକ୍ଷା ପ୍ରାର୍ଥନୀୟ ।

Digitized by srujanika@gmail.com




ଏଥିରେ ପଢ଼ିବେ --

ଗଳୁଆ ବିଗୁର
ମଜାକଥା—ଦିବ
ମଜାଭବତା—
ଭାଳିଆ ବଳଦ
ହନୁମନ୍ତ ବସ୍ତ୍ରହରଣ
ଘୁଞ୍ଚୁଣି × କୋରଡ଼ା
କାହାଣୀ—ହଁ ?
ନାଗବଗୁ
ଅଜବ ଦୁନିଆ
ଖବରଅନ୍ତର

(ଅତି[illegible] ଦୁଇଟି ଟଙ୍କା ପଠାଇ ବର୍ଷେକାଳ ଘରେ ବସି ଡଗର ପଢ଼ନ୍ତୁ ।)

'ଡଗର' ଉପରେ ଉପର୍ଯ୍ୟୁପରି ଏକାଧିକ ବିପଦ ପଡ଼ିଲା । ମୁଦ୍ରକ ଓ ପ୍ରକାଶକ ଶ୍ରୀ ଗୌରଚନ୍ଦ୍ର ମହାପାତ୍ରଙ୍କୁ ଜୋରିମାନା ଦଣ୍ଡ ହେବା ପରେ ପରେ ସମ୍ପାଦକ ଭାରତରକ୍ଷା ଆଇନ ବଳରେ ଗିରଫଦାର ହେଲେ । ଏହି ସମସ୍ତ କାରଣରୁ 'ଡଗର' ପ୍ରତି ଶ୍ରଦ୍ଧାବାନ ଅନେକ ବ୍ୟକ୍ତି ଡଗରର ଭବିଷ୍ୟତ ପରିଚାଳନା ସମ୍ବନ୍ଧରେ ନାନା ରୂପ ପ୍ରଶ୍ନ କରି ପତ୍ର ଦେଉଛନ୍ତି । ସମସ୍ତଙ୍କୁ ସ୍ୱତନ୍ତ୍ର ଉତ୍ତର ଦେବା ଆମ୍ଭମାନଙ୍କ ପକ୍ଷରେ କଷ୍ଟକର । ତେବେ ଏତିକି ଆମ୍ଭେମାନେ କହି ରଖୁଛୁ ଯେ 'ଡଗର'ର ପରିଚାଳନା ସମ୍ବନ୍ଧେ ସୁବନ୍ଦୋବସ୍ତ ହୋଇ ଅଛି । କାନ୍ତକବି ଶ୍ରୀଯୁକ୍ତ ଲକ୍ଷ୍ମୀକାନ୍ତ ମହାପାତ୍ର ସମ୍ପାଦକତ୍ୱ ଗ୍ରହଣ କରିଅଛନ୍ତି । ଏହି ବିପଦସଙ୍କୁଳ ଅବସ୍ଥାରେ ଓ କାଗଜ ପ୍ରଭୃତି ମୁଦ୍ରା ସରଞ୍ଜାମର ଦୁଷ୍ପ୍ରାପ୍ୟତା ମଧ୍ୟରେ ଆମ୍ଭେମାନେ ଭଗବାନଙ୍କଠାରେ ଭରସା ଓ ଆମ୍ଭମାନଙ୍କ ଗ୍ରାହକ, ପାଠକ, ପ୍ରତିନିଧି, ଲେଖକ ଓ ଅନୁଗ୍ରାହକମାନଙ୍କ ସ୍ନେହ ସହାନୁଭୂତି ଉପରେ ନିର୍ଭର ରଖି କର୍ତ୍ତବ୍ୟ ପଥରେ ଅଗ୍ରସର ହେଲୁ ।

ଆଶାକରୁ ଦେଶବାସୀଙ୍କର ଅକୁଣ୍ଠ ପ୍ରୀତିପୂର୍ଣ୍ଣ ସଦୟବୃତ୍ତି ଆମ୍ଭମାନଙ୍କୁ ଦେଶ ଓ ଦଶର ସେବାରେ ଶକ୍ତି ପ୍ରଦାନ କରିବ ।

ପରିଚାଳକ 'ଡଗର'

୫ମ ବର୍ଷ | ୧୩ ଶ ସଂଖ୍ୟା | ମାର୍ଗଶିର ପ୍ରଥମାର୍ଦ୍ଧ

Digitized by srujanika@gmail.com

# ଓଡ଼ିଶାର ପୂର୍ବ ଖ୍ୟାତି ପୂର୍ବ ଗୌରବ
# ଫେରି ଆସିଛି !

ଦିନେ ଯେଉଁ ଓଡ଼ିଶାର ନୌବାଣିଜ୍ୟ ସ୍ୱଦେଶ ବିଦେଶରେ ଶୀର୍ଷସ୍ଥାନ ଲାଭ କରିଥିଲା
ସେହି ଓଡ଼ିଶାକୁ ବିଦେଶୀମାନେ ଲୁଟି କରିଛନ୍ତି

ଆପଣମାନେ ବୁଝି ଅନୁଭବ ହୋଇଛନ୍ତି ।

**ଆଜି ଅଦମ୍ୟ ସାହସ ଓ ଅପୂର୍ବ ଉତ୍ସାହ ନେଇ ଓଡ଼ିଶା ବାସୀଙ୍କ ମୂଳଧନରେ**

# ଦି ଓଡ଼ିଶା କମର୍ସ ଓ
# ନେଭିଗେସନ୍ କମ୍ପାନୀ ଲିମିଟେଡ୍

ଗଠିତ ହୋଇଛି -- ସେହି ଲୁପ୍ତ ଗୌରବର ଉଦ୍ଧାର ପାଇଁ

ଏହି କମ୍ପାନୀ ଓଡ଼ିଶା ସରକାରଙ୍କ ଠାରୁ କାରବାର ଆରମ୍ଭର

ଅନୁମତି ପତ୍ର Incorporation Certificate ହାସଲ କରିଛି ।

ଗରିବ କୃଷକ ଓ ମୂଲିଆ ଭାଇଙ୍କ ଠାରୁ ଆରମ୍ଭ କରି ରାଜାମହାରାଜାଙ୍କ ପକ୍ଷରେ

## ଅପୂର୍ବ ସୁଯୋଗ !

କୋମ୍ପାନୀର ଅଂଶ କିଣି ବଡ଼ କୋମ୍ପାନୀର ମାଲିକ ହେବାକୁ ଓଡ଼ିଶାବାସୀ ଚାହାନ୍ତି ? ସେହି ସୁବିଧାକୁ ଆପଣଙ୍କ ଦ୍ୱାରସ୍ଥ କରିବା ପାଇଁ ପ୍ରତ୍ୟେକ ଅଂଶ ଧନକୁ (share) ଟ୧୦୦ ରେ ରଖାଯାଇଛି । ଏକାଧିକ ଅଂଶ କିଣିବାର ସୁଯୋଗ ଛାଡ଼ନ୍ତୁ ନାହିଁ -- ଅନୁତାପ କରିବେ । ସେୟାର ଏଲଟ୍‌ମେଣ୍ଟ ଦ୍ରୁତଗତିରେ ଚାଲିଛି ।

ବିଶେଷ ବିବରଣୀ ପାଇଁ ଅନୁଗ୍ରହ କରି ନିମ୍ନ ଠିକଣାକୁ ପତ୍ର ଲେଖନ୍ତୁ ।

**କଟକ ଅଫିସ--** ରାଣୀହାଟ, କଟକ ।

**ଭଦ୍ରକ -** ଡଗର ଅଫିସରେ

ଶେୟାର କିଣିବାକୁ ମିଳେ ।

The Managing Direcotr.
The Orissa Commerce & Navigation Co. Ltd.
CHANDBALI.

---

ସମ୍ପାଦକ—**ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର**

Digitized by srujanika@gmail.com



ଓଡ଼ିଶା ମହାମହିମ ଲାଟ ସପତ୍ନୀକ ସାନନ୍ଦରେ ବାଲେଶ୍ୱର ଜିଲ୍ଲା ବାସୀଙ୍କୁ ଗୌରବାନ୍ୱିତ କରିଗଲେ । ଶୁଣାଯାଏ ବାଲେଶ୍ୱରରୁ ୧୫୦୦୦ ଓ ଭଦ୍ରକରୁ ୫୫୦୦ ଟଙ୍କା ତାଙ୍କ ଶ୍ରୀହସ୍ତ ମାରଫତ୍ ଯୁଦ୍ଧ ପାଣ୍ଠିକୁ ସର୍ବସାଧାରଣ ତରଫରୁ ଦିଆଗଲା । ସର୍ବସାଧାରଣଙ୍କ ମୁଖିଆମାନେ ଲାଟଙ୍କ କର ସ୍ପର୍ଶଦ୍ୱାରା ଧନ୍ୟ ପବିତ୍ର ହେଲେ । ସାହେବ ଯୁଗଳ ବନ୍ୟା ପୀଡ଼ିତ ଉଦ୍‌ଗିଅଙ୍କ ଠାରୁ ପୁଷ୍ପ ଉପହାର ଛଡ଼ା ପାନଟିଏ ବି ଦାନ ସ୍ୱରୂପେ ଗ୍ରହଣ କଲେ ନାହିଁ । ଯାହା ହେଉ ଉଦ୍‌ଗିଅଙ୍କର ଗୋଟାଏ ଅପବାଦ କଟିଗଲା ଏଥର । ଏଣିକି ପୁଣି ଯେ କହିବ, ତା ମୁହଁ ଉପରେ ଝାଡ଼ି ଦେବୁଁ— ଆମେ କଣ ଯୁଦ୍ଧ ବିରୋଧୀ ! ଆମେ ଯେ ସେରା ରାଜଭକ୍ତ, ଦେଶଭକ୍ତ, ଆଉ— ଦେଖିନାହିଁ ଆମେ କେତେ V ଲଗେଇଛୁ—ଏ କାଗଜ ମହଙ୍ଗ କାଳରେ କେତେ ଶହ ଟଙ୍କାର ରଙ୍ଗିନ୍ କାଗଜ ଖରଚ କରୁଛୁଁ । ସ୍ଥିରଚିତ୍ତ, ଧୀରବୁଦ୍ଧି, ବିନା ଶିକ୍ଷା କଳାକାରଙ୍କୁ ଅପଣା ଖୁସିରେ କେତେ ଟଙ୍କା ଦେଉଛୁଁ—ଆଉ କହିବ !

କହିଲେ କହିବ—ସମୁଦ୍ରକୁ ଶଙ୍ଖ ! —ହେଲେ ଆମ ଆନ୍ତରିକତା, ଆମ ପ୍ରାଣଟା, ଆମ ନୈତିକ ସାହାଯ୍ୟଟାତ ଜଣା ପଡ଼ୁନି ! ଯୁଦ୍ଧ ଚେଷ୍ଟା କମିଟି...

\+ + +

ଆଉ ସବୁ ଆଡ଼େ ୧୦ । ୧୨ ଜଣିଆ ମନ୍ତ୍ରୀ ଆଉ ଆମ ଓଡ଼ିଶାରେ କେବଳ ତିନିଟି । ଆମେ ଓଡ଼ିଆ ସବୁ କଥାରେ ଅଗୁଆ ବୋଲି ଗର୍ବ କରୁଁ—ମାତ୍ର ଏହି ମନ୍ତ୍ରୀ ସଂଖ୍ୟା କମିଥିବାରୁ ଆମ ନିଜ ମନରେ ଗୋଟାଏ ଦୈନ୍ୟ ଭାବ ( inferi oritycomplex ) ଆସିଥିଲା କଂଗ୍ରେସ ଅମଳରେ ।

ନୂଆ ମନ୍ତ୍ରୀମଣ୍ଡଳ ଗଢ଼ା ହେବା ବେଳକୁ ଶୁଣା ଗଲା ୭ ଜଣ ମନ୍ତ୍ରୀ ହେବେ । ଶେଷକୁ ... ମୋଟ ହୋଇଗଲା ଦେଖିଲା ବେଳକୁ କର୍ଣ୍ଣେଇ ଶୁଣିଲା ଯେ – ଆମାରୁ ତିନି ମନ୍ତ୍ରୀ । ମନଟା ଖଟା ହୋଇଗଲା । କାରଣ 'ତିନି' ସଂଖ୍ୟାଟାକୁ କାହାରି ଭଲ ନାହିଁ !

ଏବେ ଏଇ ଅମଙ୍ଗଳଟା କାଟିବା ପାଇଁ ଜଣେ ଅଧାମନ୍ତ୍ରୀ ଯୋଗା ହୋଇଛନ୍ତି, ସ୍ପିକର ବ୍ୟାରିଷ୍ଟରଙ୍କର । ଏବେ ମୋଟରେ ହେଲା ୩½ । ଭଲ । ଏ ଭାଗ କୁ ଶୁଣାଯାଏ ଯୋଡ଼ା ହେଲା ପ୍ରଧାନ ମନ୍ତ୍ରୀ ଗଜପତିଙ୍କ ପଛରେ ।

× + ×

## ବିଲୁଆ ବିଚାର

ସରଳା, ଅବଳା, ଉତ୍କଳଲଳନାମାନେ ଏ ବିଂଶ ଶତାବ୍ଦୀରେ ସ୍ୱଚ୍ଛା ଶାଢ଼ି-ବାଲା ହୋଇ ପାରନ୍ତି ତାର ଜ୍ୱଳନ୍ତ ଉଦାହରଣ ଦେଖାଇ ଦେଉଛନ୍ତି ଆମ ସରଳା ଦେବୀ । ସତ୍ୟ ମନ୍ତ୍ରିତ୍ୱ ବେଳକୁ ସାତଖଣ୍ଡି ମାଫ । ମାତ୍ର ସରଳା ଦେବୀ ନିଜ ମତଟା ସରଳ ଭାବରେ କହିପକାଇ ଥିଲେ ବୋଲି ( କାରଣ ସେ ସରଳା ) କଂଗ୍ରେସ ଶିବିର ବଡ଼ ସାପ ରାଜେନ୍ଦ୍ର ପ୍ରସାଦଙ୍କ କ୍ରୋଧ ପଡ଼ିଗଲା ତାଙ୍କର ଉପରେ । ଏବେ ସରଳାତ ଉରିବାର ପାତ୍ର ନୁହନ୍ତି । ଲଢ଼ି ଲଢ଼ି କୁନ୍ଦା ହେବେଣି । ତେଣୁ କୋରଡ଼ା ଉଠିଲାଣି ଏଣୁ ଉଠିଲାଣି ଖଣ୍ଡା । ଏବେ ଦେଖା ଯାଉ ପାଣି କେତେଦୂର ଗଡ଼ୁଛି ।

\+ × +

ସରଳାଙ୍କୁ ଦେବାନା ଭାର ହେଲା—ତୁମେ ମେମ୍ବର ପଦ ଇସ୍ତଫା ଦିଅ । ସରଳା କହିଲେ "ମୁଁ କଂଗ୍ରେସ ଛାଡ଼ି ସ୍ୱାଧୀନ ଭାବରେ ଛିଡ଼ା ହେଲେ ମୋତେ ଜଣିବାକୁ ତୁମର କଏ ଅଛ ? ଅତଏବ କଂଗ୍ରେସର କ୍ଷତି ହେବ । ଏଣୁ ବିଚାର କର କଥା କହ ! ତଥାପି ଉତ୍ତର ଆସିଲା—ଇସ୍ତଫା ଦିଅ । ଏଥର ସରଳା ନିଜରୂପ ଦେଖାଉଛନ୍ତି । ସେ ଯେ ଅଦ୍ୟାଶକ୍ତିଙ୍କ ଅଂଶ, ଦେଶଭକ୍ତ ଯନ୍ତ୍ରଣାରେ ଦବିବା ଲୋକ ନୁହନ୍ତି ! ସେ ସିଧା ଜବାବ ଦେଇଛନ୍ତି ଯେ ମୁଁ ଯଦି ଭୋଟରେ ଜିଣେ, ତେବେ କଂଗ୍ରେସର ଘୁନବଳ ଜଣା ପଡ଼ିଯିବ—ସୁତରାଂ ଯେତେ ମେମ୍ବର ଅଛନ୍ତି ସମସ୍ତେ ସେତେବେଳକୁ ଇସ୍ତଫା ଦେବେକି ? ପ୍ରସାଦଜୀ ବଡ଼ ଅଡ଼ୁଆରେ ପଡ଼ିଲେ । ଏ ଯାଜପୁର ସେବତୀଙ୍କ କାମ ନୁହେଁ । ସ୍ୱୟଂ ରମା ଦେବୀ ପ୍ରମୁଖ ଶତ ଦେବୀ ତାହାନରେ କାହାର ପଡ଼ନ୍ତୁ ଏବେ । କିଷ୍ଟ ତ ପୁଣି ବେଳ ପଡ଼ିଲାକୁ ଅସ୍ତ୍ର ଧରିବେ ! ମାଇପି କଳରେ ଗୋଟାଏ ନୂଆ ଅଛି— ଶେଷତ ରଣୀ ରଙ୍ଗିଣୀ ହିତରେ ! ସତେ ହେବନି ?

\+ × +

ଶୁଣାଯାଏ ଶ୍ରୀ ପ୍ୟାରି ଶଙ୍କର ସରକାର ପ୍ରସ୍ତର ବିଭାଗର ହାଫ ½ ମନ୍ତ୍ରୀ ହେବେ । ଅତବାଇବା ବଜାରରେ ଖବର କାଗଜର କାଟଣ ଯେପରି ମାଡ଼ା ପଡ଼ିଲାଣି, ଆଉ କାଗଜ ମହଙ୍ଗରେ ସେମାନେ ଯେପରି ସୁରୁସୁରୁ ହଉଛନ୍ତି, ଆମ ପାଟିରେ ସାଣ୍ଟିଆ ମନ୍ତ୍ରୀ-ମଣ୍ଡଳ ତରଫରୁ ଗୋଟାଏ ତତ୍ତ୍ୱାବଧାୟକ ଖବର କାଗଜ ବାହାରିଲେ ଖାଣ୍ଟି ପ୍ରସ୍ତାବକୁ ବଡ଼ ସାହାଯ୍ୟ କରିବ ବୋଲି ଆମର ବିଶ୍ୱାସ । ଆଉ ଜଣେ ପୁରୁଣା ସଂପାଦକ ଯେତେବେଳେ ତତ୍ତ୍ୱ ମନ୍ତ୍ରୀ ହେଲେଣି, ତାଙ୍କର ଶକ୍ତି, ସାମର୍ଥ୍ୟ, ଅଭିଜ୍ଞତାର ଏଇ ବାଟରେ ବ୍ୟବହାର କରି ପାରିଲେ ଭଲ ହୁଅନ୍ତା । ବାହାରର କାଗଜକୁ ତାଙ୍କ ହାତେଇ କରିବାଠୁଁ ସରକାର ନିଜର 'ସତ୍ୟସମାଚାର' ଭଳିଆ କାହିଁକି ବାହାର କର ନପାଲୁ !

× + ×

ଜାତି ଖୁଁ ... ଜଣେଇ ଶୁଣିଲେ ଯେଉଁମାନେ କାହିଁ କିଏଣ କହିଥିଲେ ... ସ୍ୱାଧୀନତା ... ସେମାନଙ୍କୁ ... ବୋଲି ... କହିଲେଣି ... ସଂକୀର୍ଣ୍ଣତାର ... ଅଭାବ ... ମଧ୍ୟ ଦେଲେଣି । ଏଇ ମନବେଳ ... କାମର ପ୍ରବୃତ୍ତି ...

Digitized by srujanika@gmail.com

ଉପରେ କେତେ ଦେଉଛି ତାହା ନେବାର ନିଶା କରୁଛନ୍ତି । ମାତ୍ର ଗାନ୍ଧିଜୀ ଅତକୁ ବହୁ ଉପରେ ରଖିଲେଣି ଯେ ଏଥିରେ ଆଉ ମନ ଦେବେ ନାହିଁ । ଗାନ୍ଧିଜୀଙ୍କର ନଇଁଲା ବୁଢ଼ା ମନକୁ ବୁଝେଇବା ସହଜ ନ ହେଲେବି ଟୋକା ଛୋକରଙ୍କର ରାଜାମନ ଯେ ନ ବୁଝିବ ତାହା କିଏ କହିପାରେ !

× × ×

କେବଳ ସତ୍ୟାଗ୍ରହୀଙ୍କୁ ଛାଡ଼ିବେ ବୋଲି କହି ସରକାର ଜବାହାରଲାଲଙ୍କୁ ଛାଡ଼ ଦେଉଛନ୍ତି, ଯଦିଓ ଜବାହାର ଲାଲ ସତ୍ୟାଗ୍ରହ କରି ଜେଲ ଯାଇ ନ ଥିଲେ । ସେ ସାଧାରଣ ବକ୍ତୃତା ଦେଇ ଧରା ହୋଇ ଥିଲେ । ଜବାହାର ଲାଲ ଜେଲ ଦଣ୍ଡ ପାଇଲା ପରେ ସତ୍ୟାଗ୍ରହ ଆରମ୍ଭ ହେଲା । ଏଥିରୁ ସରକାରଙ୍କର ମତଲବ ଠିକ ଜଣା ନ ପଡ଼ିଲେ ସୁଦ୍ଧା ଟିକିଏ ଟିକିଏ ଅନୁମାନ ହେଉଛି । ଯଦି ତା ନ ହୁଏ ତେବେ ବୁଝିବାକୁ ହେବ ଯେ ବଡ଼ ଲୋକଙ୍କ ବେଳକୁ ନିୟମ ଧରାଯାଏ ନାହିଁ— ଯେଣୁ ସେ ପଣ୍ଡିତଙ୍କ ପୁଅ ।

\+ × ×

କେତେକଙ୍କ ମତରେ କଂଗ୍ରେସର ମନ୍ତ୍ରୀତ୍ୱ ନେବା ନାହିଁ ଭୁଲ—ଆଉ କେତେକଙ୍କ ମତରେ ଛାଡ଼ିବାଟା ଅଧିକ ଭୁଲ । ସତ୍ୟମୂର୍ତ୍ତିଙ୍କ ମତ ଯେ ଏହି ଭୁଲ ସଂଶୋଧନ ହେଉଥିବ ଏଇ ବର୍ଷଟରେ ପୁଣି ମନ୍ତ୍ରୀ ଗାଦି ମାଡ଼ି ବସିବା ।

ଏଣେ ଶୁଣା ଯାଉଛି, ପ୍ରାଦେଶିକ ଲାଟମାନେ ନିମିତ୍ତ ଦଳ ଗୋଟାଏ ମନ୍ତ୍ରୀ ମଣ୍ଡଳ ଗଢ଼ି ବସାଇ ଦେବେ । ସୁତରାଂ ଆଉ ସ୍ୱେଚ୍ଛାରୁ ମାନ କରି ଘରଘାଟରେ ବସିବା ଠାରୁ, ଜୀ-ହୁଜୁର ମନ୍ତ୍ରୀଙ୍କ ହାତରୁ ଶାସନ ଭାର ନ ଦେଇ କଂଗ୍ରେସ ପୁଣି ତାହାର ପଡ଼ିଲୁ । ଡାଣ୍ଡିରେ ଲଢ଼ିବେ ବୋଲି କରିବାଟା ତ ହାତର କଥା । ଭଲ କଣ !

× + ×

ଓଡ଼ିଶାର ସତ୍ୟନାରାୟଣ ପାଲ ସବୁ ନ ସରୁଣୁ ବଙ୍ଗଳାରେ ପୁଣି କବିର ଗାନ ପାଲ ଲାଗି ଗଲାଣି । ହକ ଦଳଙ୍କ ମେଳା ମିଶାରେ କିଛି ଫଳ ନ ହୋଇ ବରଂ ଶୃଙ୍ଖଳା ନଥିବାଟା ସ୍ପଷ୍ଟ କରି ଜଳି ଉଠିଛି । ହକ ମଣ୍ଡଳ ସମସ୍ତେ ମନ୍ତ୍ରୀତ୍ୱ ଇସ୍ତଫା ଦେଇ ଦେଲେଣି ତା ପରେ ବଙ୍ଗ ପରିଷଦର ସବୁ ଦଳ ହକ ସାହେବଙ୍କ ଛତା ତଳେ ମଥା ପୋତି ଦେଲେଣି । ଏପରିକି କଂଗ୍ରେସ ଦୁଇଦଳ ଯାକ । ନାଜିମୁଦ୍ଦିନ ଓ ସୁରାବାର୍ଦି ତାଙ୍କ ଲିଗ୍‌କୁ ଧରି ଏକଘରିଆ ହୋଇ ରହିଲା ପରି ଜଣା ଯାଉଛି । ବଙ୍ଗଳାର ଏଇ ନାଟରୁ ଅନେକ ଲାଟ ବାହାରିବ ବୋଲି ବାଟ ଜଗି ରହିଲୁଁ ।

ଆଚାର୍ଯ୍ୟ କୃପାଳନୀ କଂଗ୍ରେସର ସଂପାଦକ ଓ ଗାନ୍ଧିଜୀଙ୍କର ବିଶେଷ ଭକ୍ତ ବୋଲି ବିଖ୍ୟାତ । ସ୍ୱୟଂ ସେ କରାଚି ଠାରେ ଏକ ବକ୍ତୃତାରେ କହିଛନ୍ତି କି —ଏଥର ଗାନ୍ଧିଜୀଙ୍କୁ ତାଙ୍କ କଂଗ୍ରେସ ନୀତି ବଦଳାଇବାକୁ ପଡ଼ିବ, ନୋହିଲେ ତାଙ୍କୁ କଂଗ୍ରେସ ଛାଡ଼ିବାକୁ ପଡ଼ିବ । ଏହାଙ୍କ ପୂର୍ବରୁ ଅନେକ ତ କହି ସାରିଲେଣି କି ଗାନ୍ଧିଜୀ ରାଜନୀତି ଛାଡ଼ି ବଣରେ ତପସ୍ୟା କରନ୍ତୁ ଅଥବା ରାମକୃଷ୍ଣ ମିଶନ ଚଳାନ୍ତୁ । ଏଣେ ଆମ ମହାଦେବ ଆପଣେ ଗାନ୍ଧିଙ୍କ ନୀତିକୁ ଏକମାତ୍ର ଠିକ ନୀତି ବୋଲି କହୁଛନ୍ତି । ତେବେ କେଉଁଟା ସତ ? ଗାନ୍ଧିଙ୍କୁ ଛାଡ଼ିଲେ କଂଗ୍ରେସ ରହିବଟି କି ? ଅନ୍ତତଃ ନାଆଁଟା !

× × ×

ସ୍ୱେଜ ଗୋଳ ଲାଗିବା ବେଳରେ ଠାଉରଅଙ୍କୁ ଯେପରି ସୁବିଧା ମିଳିଯାଏ, ପୃଥିବୀ ରଣ ଗୋଳରେ ଜାପାନ ସେଇ ପରି କିଛି ମାରି ନେବାର ଆଶା କରିଥିଲା । ସେହି ଉଦ୍ଦେଶ୍ୟରେ ଅନେକ ପ୍ରକାର ମୁଣ୍ଡ ପୁଚ୍ଛ ମାରି କଉଁଟି କିଛି ପଟେଇ ନ ପାରି ନରମ ହୋଇ ଆସିଥିଲା । ମାତ୍ର ହଠାତ୍ ଧମାଧମ ଠୋ—ଠା ଲଗାଇ ଦେଉଛି । ଏଥର ଆମର ପାଳି !

\+ + +

ଶ୍ରୀ ସୁଭାଷ ବୋଷ ଭାରତରୁ କି ଉପାୟରେ କି ବେଶ ବାଟରେ ପଳାଇ ଗଲେ ସେ ସମ୍ବନ୍ଧେ କଳ୍ପନା ଜଳ୍ପନା ନାନାରୂପ ହେଉଛି । ଏବେ ଏକ ବିଲାତ ଖବରରୁ ଜଣାଯାଏ ଯେ ସୁଭାଷ ଚନ୍ଦ୍ର ମାଇପି ବେଶ ଧରି ଜର୍ମାନ ଗୁପ୍ତଚରଙ୍କ ସାଙ୍ଗରେ ଅଫଗାନ ସ୍ଥାନ ଓ ସିରିଆ ବାଟେ ପଳାଇ ରୋମରେ ପହଞ୍ଚିଲେ । ସେଠୁଁ ବେତାର ଯୋଗେ ବକ୍ତୃତା ଦେଇ ଆସନ୍ତେ ମାତ୍ର ସେଠିକାର ଯନ୍ତ୍ରର ବ୍ୟାପକ ଶକ୍ତି ଊଣା ହେବାରୁ ବର୍ଲିନରୁ ବକ୍ତୃତା ଦେବେ ।

ହଜିବା ପୂର୍ବରୁ ସୁଭାଷ ଦାଢ଼ି ରଖିଥିଲେ ଜଣା ଅଛି । ମାଇକିନା ସାଜିବା ବେଳେ ଦାଢ଼ିଟା ଖିଅର ହୋଇଥିଲେ କି ଦାଢ଼ି ଥାଇ ମାଇକିନା ସାଜିଥିଲେ, ତାହା ଲେଖା ହୋଇନାହିଁ । ଇଂରେଜଙ୍କର ଏତେ ପୁଲିସ କଟକଣା ଥାଉଁ ସେ ଯେ ସଭିଙ୍କ ଆଗରେ ଧୂଳି ଦେଇ ଖସିଗଲେ ଏଥିରୁ ଜଣା ଯାଉଛି ମାଇକିନା ସାଜିବାରେ ତାଙ୍କର ହାତ ସଫେଇ ଅଛି । ଏଥର ଫେରିଲେ ସେ ରାଜନୀତି ଛାଡ଼ି ନାଟ ଦଳରେ ମିଶିବେକି ?

—୦—

"ଜଗନ୍ନାଥ ସାହିତ୍ୟ ସମିତି"ର
ସଂଘର୍ଷ ଓ ନୈବେଦ୍ୟ ପ୍ରକାଶ ପାଇଛି ।
୩ୟ ଅବଦାନରେ
Detective କାହାଣୀ "ମାୟାପୁରୀ" ପ୍ରକାଶିତ ହେବ
ଟ ୧ ୮ ଦେଇ ସଭ୍ୟ ହେଲେ ସଂଘର୍ଷ ବିନା ମୂଲ୍ୟରେ ଓ ପରବର୍ତ୍ତୀ ଅର୍ଦ୍ଧା ଦାମରେ ନିମ୍ନଲିଖିତ ସ୍ଥାନରୁ ଅନ୍ୟ ବହି ମିଳି ପାରିବ ।
(1) Utkal Book Ajency, Ranihat, (2) Saraswata Bhandar, ବାଲୁବଜାର (3) Orissa Book Emporium, ବାଲୁବଜାର (4) The Book Stall, ଚୌଧୁରୀ ବଜାର (5) The National Publishing Co., ଗ୍ରାଣ୍ଡରୋଡ (6) The Students' Store, ସ୍ୱରାଜରୋଡ (7) The Students' Store—ବ୍ରହ୍ମପୁର (୮) ନେଲ ଷ୍ଟୋର୍ସ, Straight Mile Road—ଜାମସେଦପୁର (୯) ନରେନ୍ଦ୍ର ଦାସ, 1/3 Hidaram Banerji Lane—କଲିକତା (୧୦) ଶ୍ରୀ ଲକ୍ଷ୍ମୀନାରାୟଣ ମହାନ୍ତି—ବାଲାପୁର ।
ଅନ୍ୟାନ୍ୟ ବିବରଣ, ଏଜେଣ୍ଟ ଆବଶ୍ୟକ । ଟଙ୍କା ଓ ଚିଠିପତ୍ର ସମ୍ପାଦକ, ଜଗନ୍ନାଥ ସାହିତ୍ୟ ସମିତିଙ୍କ ନାମରେ ପଠାଇବେ ।

Digitized by srujanika@gmail.com




**ମଜାକଥା**

# କବି

ଲେଖକ—କୁମାର ନନ୍ଦକିଶୋର ୨୯ ନାଟ

ମୁଁ କବି—ମୋତେ ସମସ୍ତେ ଜାଣନ୍ତୁ ବା ନ ଜାଣନ୍ତୁ, ତଥାପି ମୁଁ କବି-ମୋ ମନକୁମନ ମୁଁ କବି । ମୁଁ ଲେଖେ—କବିତା ଲେଖେ ଆଉ ଗପ ଲେଖେ—ମୋ ଲେଖା ମୋତେ ଖୁବ୍ ଭଲ ଲାଗେ । ଲେଖିସାରି ପଢ଼େ, ଥରେ ନୁହେଁ କି ଦୁ' ଥର ନୁହେଁ, କୋଡ଼ିଏ ଥର । ମୋ ଲେଖା ପର ଦେଖନ୍ତି ନାହିଁ, ଭାଲେ ଦୋଷ ଧରିବେ ପର । ସୁତରାଂ ଲେଖା, ଲେଖା ହୁଏ ମୋ ଦ୍ୱାରା, ମୋର ଦ୍ୱାରା ସଂଶୋଧିତ ହୁଏ, ମୋର ଦ୍ୱାରା [illegible] ହୁଏ ଆଉ ମୋର ଦ୍ୱାରା ପଠିତ ହୁଏ ।

ସାଙ୍ଗ ଟୋକାଏ ପାଇ ପାରିଲେ ଗାଁଟା ଯାକ ରାଷ୍ଟ୍ର ହୁଏ, ସମସ୍ତେ ସତ୍ତ୍ୱକଳ ସୁଣ୍ଡି ବେଶି ହସନ୍ତି, ଭାଲବାବୁ ହେବକା କହନ୍ତି 'ତୁ ଗୋଟାଏ କଣ ଲେଖିବୁ ମ !' ମନେ ମନେ ସେମାନଙ୍କ ଉପରେ ରାଗେ,—ଅରେ ଏମାନଙ୍କ ଯୋଗୁଁ ତ ଓଡ଼ିଶା ଅମର ପଛେଇ ପଡ଼ୁଛି ! ଭବେ ମାନସିଂହ ଲେଖିବେ, ପାଣିଗ୍ରାହୀ ଲେଖିବେ, ପଟ୍ଟନାୟକ ଲେଖିବେ, ଆଉ ମୁଁ କାହିଁକି ଲେଖିବି ନ, କଣ ଗାଲଟାକେ ଫୋର୍‌ଥ କ୍ଲାସରେ ପାଠ ପଢୁଛି ? ଏଇ ରଜନୀ ବାବୁ ତ ସେଦିନ "ସଂଘର୍ଷ" ଖଣ୍ଡିକ ଲେଖି ଏଡ଼େ ବଡ଼ ନାଁ ପାଇଲେ ଆଉ ମୁଁ କାହିଁକି ବା ନପାରିବି ? ନାଃ ଯେ କୌଣସି ମତରେ ନାଁ ଟାଏ କମେଇବାକୁ ହେବତ ସେଥର ।

ସୁତରାଂ କାଗଜକୁ ଦୀପ, ମାନସିଂହେ କର ଲେଖା ଲେଖା ଗଲା । ଆଉ ବାକି ରହିଲା ପତ୍ରିକାଟା । ନୂଆ ସଂଖ୍ୟାକୁ ଚାହିଁ ରହିଲି ।

× × ×

ଥରେ ନୁହେଁ, ଦୁଥର ନୁହେଁ ଦଶବାର ଥର ପର୍ଯ୍ୟନ୍ତ ଯେତେବେଳେ ଲେଖା ନ ବାହାରେ, ମନଟା ମୋର ବିବ୍ରତ ହୋଇ ଉଠେ । ସମ୍ପାଦକଙ୍କ ପାଖକୁ ଚିଠି ଯାଏ । 'ଡଗର' ର ସମ୍ପାଦକ ଲେଖନ୍ତି "ଆପଣଙ୍କ ଲେଖା ପସନ୍ଦ ହୋଇନ ।"

ଅରଥର ସମ୍ପାଦକ ଲେଖନ୍ତି "ଆପଣଙ୍କ ଲେଖା ଷ୍ଟାଣ୍ଡାର୍ଡ ହୋଇନ ।"

ନବ ଭାରତର ସଂପାଦକ ଲେଖନ୍ତି "ଆପଣଙ୍କ ଲେଖା ଜନ୍ମଭୂମିରେ ଦେଲେ ଭଲ ହେବ ।"

ଜନ୍ମଭୂମିର ସଂପାଦକ ଲେଖନ୍ତି "ଏପରି ଲେଖା ଜନ୍ମଭୂମିରେ ଛପାଯାଏ ନା ।" ଇତ୍ୟାଦି—ଇତ୍ୟାଦି ।

ତେବେ କଣ ମୋ ଲେଖା ପସନ୍ଦ ହୋଇ ନ ? ନାଃ ଏ ଗଧ, ମୂର୍ଖ, ଷ୍ଟୁପିଡ୍ ସଂପାଦକ ଗୁଡ଼ାକ କିଛି ଜାଣନ୍ତି ନାହିଁ । ମୋ ପରି ଲେଖକଙ୍କ ଲେଖା ମୁଣ୍ଡି ପସନ୍ଦ ହେଉ ନ ?

ମନଟା ଘୋର ଛଟପଟ ହୁଏ । ସଂପାଦକଙ୍କ ସଂଗେ ବାଦ ସାଧିଲେ ତ ହେବ ନାହିଁ । ଯେ କୌଣସି ମତରେ କୌଶଳ କରି ବାହାଦୂରୀଟାଏ ନେବାକୁ ହେବ ।

ଶେଷରେ କରିବାକୁ ବେଶୀ କିଛି ଡେରି ହେଲନି । ଜାଣିଥାନ୍ତି, ଜଗତରେ କେତେକ ଲେଖା ବାହାରେ ଏବଂ ତାର ଲେଖକ ଆସନ୍ତି ଶ—। ମୋଟରେ ସୁବିଧା ମିଳିଲେ ଗାଁ ଲେଖକ ଅସରେ ଏ ସବୁଥି ଲେଖକ ନିଜକୁ ଚିହ୍ନାଇବାକୁ । ନାଁ ନଦେବାର କାରଣ କେହି କେହି ପଷ୍ଟରେ ନା ଦେବାଟା ଭଲ ବୋଲି କହେ । ସମସ୍ତେ ଚୁପ କରନ୍ତି । ଗାଁ ଲୋକେ ପ୍ରଶଂସା କରି କହନ୍ତି 'ବାବୁ ଭବିଷ୍ୟତରେ ଗୋଟାଏ ବଡ଼ ଲେଖକ ହେବ ।'

ମୋର ବାହା ହେବାର ପ୍ରସ୍ତାବ ହୁଏ । କୌଶଳ କରି ଗୋଟା ପତ୍ରିକାଟି ଦେଖି ଅପେ, ଅବଶ୍ୟ ଏଇ ବଡ଼ ଗୁଣିଆ ଖର୍ଚ୍ଚ କରି । ଶ୍ୱଶୁର ଶୁଣିଲେ ମୋର ନାମ ଲେଖକ । ଆଉ ସି—ଏ ଅର୍ଥାତ୍ ଅର୍ଥାତ୍ ଆପଣମାନେ ବୁଝି ପାରୁଥିବେ ଯେ ସେମିତି କିଛି ହୋଇ ନଥିବ, ମୋ ବୋଲି ତ କଥା ନାହିଁ । କାରଣ ଶ୍ୱଶୁରଙ୍କ ଟେକ ସେତ ! ମୋର ଜଣେ ସାଙ୍ଗ ପୁରୁଣା ଉପରେ, ନବଭାରତଙ୍କୁ ଫୁଲାଏ ନେଇ ମୋ ଲେଖା ଶ୍ୱଶୁର ଦେଖି ଖୁସି, ଶାଶୂ ଦେଖି ଖୁସି ଆଉ ସି—ଏ ବି ତ ସବୁଠି । ଆଉ ସେମାନଙ୍କ ସଙ୍ଗେ ମୁଁ ବି ମଧ୍ୟ । ଠିକ ହେଲା ବୈଶାଖ ... ଦିନ ବାହାଘର । ପୁଣି ଥରେ ନୂଆ ସଂଖ୍ୟା ବାହାରିଲା । ସେଥିରେ ଗୋଟାଏ ଭଲ ଲେଖା ବାହାରିଥାଏ । ଆଉ ତାର ଲେଖକ ଆସନ୍ତି ଶ—। ଏପରି ଲେଖା ବୋଲି ଖୁବ ପ୍ରଶଂସା ଉଠିଥାଏ । ଏବେ ବେଳେ ମୁଁ ମୋର ବଡ଼ ଗୁଣିଆ ବାହାର କଲି । ସମସ୍ତେ ଜାଣିଲେ ଲେଖକ ମୁଁ । ଲେଖାର ଖୁବ ଖୁବ ପ୍ରଶଂସା ହେଲା ।

ଗୋଲକ ବାବୁ ଅମ ଗାଁର ଜଣେ ଲେଖକ କଟକରେ ଏମ୍, ଏ, ଓ । ଲେଖାଟା ଖୁଣ୍ଟେଡ଼ ଖୁଣ୍ଟି ଦେଖାଇ ( Criticise ) ଲେଖା ହୋଇଥାଏ । ସେ ମକଦମା କଲେ, ମୁଁ ବଡ଼ ମୁସ୍କିଲରେ ପଡ଼ିଲି, ଶଗରୁ ଚ ଫି କରି ଯାଉଛି ।

ମକଦମା ଚାଲିଲା—ଗୋଲକ ବାବୁ ଡିଗ୍ରୀ ପାଇଲେ ଆଉ ମୋ ହାତରେ ବେଡ଼ି ପଡ଼ିଲା । ଖବର ପାଇ ଶ୍ୱଶୁର ଅସିଲେ । ଲୋକଙ୍କ ନାଁ ପଠାଇବାକୁ ପର୍ଦ୍ଦା ଅଫିସକୁ ଚଟିଗଲି । ପ୍ରକୃତ ଲେଖକଙ୍କ ନାଁ ଆସିଲା, ମୁଁ ମୁକ୍ତି ପାଇଲି । ଶ୍ୱଶୁର କହିଲେ "ଗୁଣର ପଡ଼ିବ ସଙ୍ଗକୁ ସ୍ୱକ ।"

ସେଇ ଦିନଠୁଁ ମୁଁ କାନ ମୋଡ଼ ଚାକଣା ମାରି ହୋଇଛି ଆଉ ପର ଲେଖାର ଅଧିକାର ନ ହୋଇ ବାହାଦୁରୀ ନେବାକୁ । ଅଧିକନ୍ତୁ ମଧ୍ୟ ସେଇ ଦିନଠୁ ମୋ କବିତ୍ୱ ସ୍ଥାନ ବନ୍ଧା ହୋଇ ସାରି ଏଥି ହୋଇଛି ।



Digitized by srujanika@gmail.com




# ବିଜିନେସ୍

ଅଖାଡ଼ା ଓ ଡାଲ—ଗର୍ଦ୍ଦଭ ରାଗିଣୀରେ ଗାଇବ । ଶ୍ରୀ ହରେକୃଷ୍ଣ ମହାନ୍ତି ।

ମଜା କବିତା

ପଢ଼ୁଥିଲି ମୁହିଁ ପାଠ,
ଦଶମ ଶ୍ରେଣୀରେ ଗୁରୁଜୀଙ୍କ ଚଟକ
ଭଲ ଧରୁ ବାଟ ଭାଉ ।
ପିନ୍ଧେ ଫ୍ୟାଣ୍ଟ-କୋଟ ହ୍ୟାଟ ମୁଁ ଲଗାଏ
ଚଢ଼େ ସ୍ପନଗାଡ଼ି ପରେ,
ମୋ ଟାଣ ଚଢ଼ିବା ଦେଖି ଲୋକେ ଦାଣ୍ଡେ
ଭାବନ୍ତି—ବାବୁ ଯାଆନ୍ତି କାହିଁ ଖଟରେ ।
କଟେଜର ଅମଳ ହେବେ;
ଭର୍ତ୍ତି କରିଥିଲେ ଶ୍ରୀକୃଷ୍ଣ ମିଳନ୍ତି
ଏହା ଭୁଲ ନୁହେଁ କେବେ ।
ଗୃହସ୍ଥ ଟାଟଙ୍କ ବୁଲେ ମୁଁ ସହରେ
କବେ—କେତେ ଲୋକ ସଙ୍ଗେ ଦେଖା,
ବାଜି ଘୋଡ଼ାକେ ଦେଖା କରେ ଯାଇଁ
କହେ—ଇଂରାଜୀ ମିଶା କଥା ।
ଶୁଣି ବାବୁଏ ହସନ୍ତି,
ତଳେ ମୁହଁ ପୋତି "କିଛି ନାହିଁ ଖାଲି"
କୋଳଣି ମୋତେ ବୋଲନ୍ତି ।
ମନ ଖଟା ହେଲା କାମ ନ ମିଳଇ
ଭାବିଲି ସାଜିବି ନେତା,
ବିଦେଶୀ ଫେସନ ଛାଡ଼ିଲି ଅକ୍ଳେଶେ
ଧରିଲି ଦେଡ଼ା ପନ୍ଥା ।
କିନ୍ତୁ ମୁଁ କରିବି କିସ ?
ସବୁ କାମ ସବେ ହାସଲ କରିଲେ
ମୋ ପାଇଁ କେବଳ ଇଶ ।
ମୁଁ କ'ଣ କରିବି ଗୃପ ?
କରିବି ମୁଁ ବିଜିନେସ୍,
ତେଲ ଲୁଣ କଲା ସାଧୁଥି କାଳୀ ।
ଚାଲି ଯାଇଛନ୍ତି କେସ୍ ।

ଘର ଡଳି କରି ଦୁଇଶ ଟଙ୍କାକୁ
ଚଢ଼ିଲି ମଃର ଗାଡ଼ି,
କଟକେ ପହଞ୍ଚି ଘୋଡ଼ା ଗାଡ଼ି ଭଡ଼ି
ଗଲି ଗୋଦାମକୁ ଭିଡ଼ି ।
ମାଲ ଦମ ବୁଝି ଲୋକ, ହେଲି ପହୁଁ
ହୋଟେଲେ କରିଲି ବସା ।
ଚପ୍ ଅମଲେଟ୍ ଭୋର୍ ମା-ଖାଇବରେ
ଘୁଞ୍ଚିଲା ମୋ ଭୋକ ନିଶା ।
ଗୃହର ଡାକିଲି ଖଟରେ,
ଶୀଘ୍ର ଯାଇଁ ଟୋକା କ'ଣ ଅନେକଣୋଳୁ
ଡକାଏ ଅଣେ ଛୁଟରେ ।
ସ୍ପନେଇଲି କାରଣ ବାଈ ହୋଇ ପହୁଁ
ଦେଲି ସବୁ ସୁନା ଘଡ଼ି,
ମୋ ସ୍ପନେଇଲି କାର ଭାଙ୍ଗିଗଲା ଡହୁଁ
ବାହାରିଲି ହାବା ଖାଇ ।
ଫାଙ୍ଗ ଯାଉଁ ମୁହଁ ଟାଟେ.
ଗେ.ଟିଏ ରୂପସୀ ଝରକାରେ ଗୃହୁଁ
ହାତ ଠାରି ମୋତେ ଡାକେ ।
ମୁଁ କି ଛାଡ଼ିବା ପାତ୍ର ।
ଦେଖିବା ମାତ୍ରକେ ଗଲି ଗଲି ଘରେ
ଯେହ୍ନେ-ସ୍ନେହ ଦେଖି ଅନ୍ନ ଛନେ
କାଟିଲି ରାତିଏ କୋଇଲି ସକାଳେ
ସକାଳୁ ଅସିଲି ଉଠି ।
ଗୋଦାମରେ ଦେଖେ ପକେଟ ଭଣ୍ଡାଳି
ସବୁ, ଯାଇଛି ଫସର ଫାଟି ।
କୋଃରେ ନାହିଁ କିଛି ?
ମନ୍ତ୍ର ବୁଲାଇଲି ଗଉଡ଼ ପଡ଼ିଲି
ମେ ଶୁଣିଲି କଲା ଛି-ଛି ।
ସବୁ ଆଶା ଗଲା ବୁଡ଼ି ।
( କ'ଣ ଅନେକୋଢ—୯୯୯ ନମ୍ବର ସିଗାରେଟ୍ ।)


Digitized by srujanika@gmail.com



# ହାଲିଆ ବନ୍ଧୁ ଗଳ୍ପସଳ୍ପ

ମାଲିକାଣୀ—(ରଗି) ମୁଁ କେତେଥର ମନା କଲି ତୋର ସେ ପ୍ରେମିକଟା ମୋ ଘରକୁ ଆସିବ ନାହିଁ ବୋଲି—

ଚାକରାଣୀ—ମନା, ଅଲପେଇସିଅ—ସେ ମୋ କଥାକୁ ଆଉଁ ଆଉଁ ତମ କଥାକୁ ବ ଆସିଲାଣି !

× × ×

ହାବିଲଦାର ଡ୍ରିଲ କରାଉ ଥିଲେ । ସେ ହୁକୁମ ଦେଲେ—ସମସ୍ତେ ଚିତ୍ ହୋଇ ଭୂଇଁରେ ଶୋଇ ଉପରକୁ ଦୁଇଗୋଡ଼ ଟେକି, ବାଇ ସାଇକଲ ଚଳାଇଲା ପରି ଗୋଡ଼କୁ ଚଳାଅ ।

ସମସ୍ତେ ତାହା କରିବାକୁ ଲାଗିଲେ । ଜଣେ ସିପାଇ କିଛିକ୍ଷଣ ପରେ ଗୋଡ଼ ଚଳାଇବା ବନ୍ଦ କରି ଦେଲା ।

ହାବିଲଦାର ରାଗି କହିଲେ, "ବନ୍ଦ କଲୁ କାହିଁକି ?

ସେ ଉତ୍ତର ଦେଲା "ଅଳ୍ପ ଟୋ ଫ୍ରି—ହୁଇଲ୍ କରୁଛି ।

× × ×

'ମୁଁ ଏଇ ଜୀବନରେ କେବେହେଁ ମିଛ କଥା କହିବି ନାହିଁ ।'

'ତମର କେତେ ବର୍ଷ ?'

'ବସ୍ତା ଅଛି ।'

+ × +

'ରମେଶ ଭାଇ, ତମେ ଏଠି ଆଉ ଭାର ବରଷ ଦେଖା ଯାଉନ କାହିଁକି—ତମେ ମୋତେ ଭଲ ପାଅ ନାହିଁ !'

'ନା—ମୁଁ ତୋତେ ଖୁବ୍ ଭଲ ପାଏଁ । କାଲି ତେଲେବେଲେ ତୋ ଠାରୁ ମୁଁ ବିଦାୟ ନେଇ ଗଲି, ମୋ ଗୋଡ଼ରେ ଗୋଟାଏ କଣ୍ଟା ଫୋଟି-ଥିଲେ ଗଲା ଯାଇଥି, ସେତେ ମୋତେ କଣା ନାହିଁ—ମୁଁ ମୋର ଘରେ ପହଞ୍ଚିବାରୁ ମୋତେ କାଟିଲା ।

+ + +

ଘରେ ମାଛ ଲାଗେବାରୁ ସ୍ୱାମୀ ସ୍ତ୍ରୀ ମଛ ମାରିବାକୁ ଲାଗିଲେ । କିଛିକ୍ଷଣ ପରେ ସ୍ତ୍ରୀ ସ୍ୱାମୀଙ୍କୁ ପଚାରିଲା –

"ତୁମେ କେତୋଟା ମାଛି ମାରିଲ ?"

ସ୍ୱାମୀ—ଛ'ଟା - ତିନୋଟା ମାଈ, ତିନୋଟା ନର ।

ସ୍ତ୍ରୀ—ମାଛିର ନର ମାଈ କିପରି ଜାଣିଲ ?

ସ୍ୱାମୀ - କାହିଁ, ତିନୋଟା ଚିନି ଉପରେ ବସିଥିଲେ, ଆଉ ତିନୋଟା ଆଇନା ଉପରେ ବସିଥିଲେ ଯେ !

× + ×

---


## ଜ୍ୱର ଓ ପ୍ଲୀହା ପାଇଁ

### ଅମୃତାଷ୍ଟକ କଷାୟ

ଓ

### କଳ୍ପଲତା (ବଟିକା)

ସର୍ବଶ୍ରେଷ୍ଠ ବୋଲି ବହୁ ପ୍ରଶଂସିତ । ଏହାର ମୂଲ୍ୟ ଅଳ୍ପ ଓ ଶୀଘ୍ର ଗୁଣକାରକ । ଓଡ଼ିଶାର ପ୍ରତ୍ୟେକ ସହର ଓ ଗ୍ରାମ-ମାନଙ୍କରେ ଖୋଜିଲେ ପାଇବେ । ଅନ୍ୟାନ୍ୟ ଔଷଧ ତୁଳନାରେ ଏହା ମହୋପକାରୀ । ଥରେ ସେବନ କଲେ ପରେ କହିବେ—

## ଆପଣଙ୍କର ଗୃହଚିକିତ୍ସକ କିଏ !

## ମାତୃଶକ୍ତି

'ମା' ନଥାଇ ପିଲାଙ୍କ ଅବସ୍ଥା ଯାହା—ମାତୃଶକ୍ତି ପାଖରେ ନଥିବା ଗୃହସ୍ଥର ଅବସ୍ଥା ତାହାଠାରୁ ଶୋଚନୀୟ । 'ମା କେବଳ ଶିଶୁକୁ ନିଜ ରକ୍ତ ବିନ୍ଦୁଟି ପର୍ଯ୍ୟନ୍ତ ଦେଇ ବଞ୍ଚାଇ ଥାଏ, କିନ୍ତୁ ମାତୃଶକ୍ତିର ବଡ଼, ସାନ, ବୁଢ଼ା, ବୁଢ଼ୀ ଭେଦ ଭାବ ନାହିଁ । ତେଣୁ ୧୫ବର୍ଷରୁ ଅଧିକ କାଳ ପ୍ରତ୍ୟେକ ଘରେ ସ୍ଥାନ ପାଇଛି । ଏହା ସବୁ ରୋଗ ନାଶକ । ଖାଇବା ଓ ମାଲିସ କରିବା ଉଭୟ କାର୍ଯ୍ୟରେ ଲାଗେ—ବ୍ୟବସ୍ଥାପତ୍ର ଶିଶି ସହ ଥାଏ । ମୂଲ୍ୟ—୧ ॥୵

ସାମାନ୍ୟ ଶିକ୍ଷିତା ଗୃହିଣୀ ମାନେ କବିରାଜ ଓ ଡାକ୍ତର ମାନେବି ଚିକିତ୍ସା କରି ପାରିବେ ।

ଶାନ୍ତି ଔଷଧାଳୟ—ଡାକ୍ତର ଓ କବିରାଜ—ଶ୍ରୀ ବ୍ରଜନାଥ ମିଶ୍ର M.L. A. ପୋ: ଦେଉ ପାଟଣା—କଟକ ।

# ହନୁମନ୍ତ ବସ୍ତ୍ରହରଣ

## (ରଙ୍ଗ ନାଟିକା)

### ( ତୃତୀୟ ଦୃଶ୍ୟ )

ଲେଖକ:—କଳ ବାଲ୍ମିକୀ

[ବାଳକଣ୍ଠଙ୍କ ବସାଘର । ତକ୍ତପୋଷ ଖଟିଆ ଉପରେ ସେ ଫୋଇ ବନ୍ଧ ପଡ଼ିଛନ୍ତି । ପାଖରେ ଦୋ ଦୋ କାଗଜପତ୍ର ଖୋଲାଇ ହୋଇ ପଡ଼ିଛି । ମୁଣ୍ଡ ପାଖରେ ବଡ଼ ପାନବଟୁଆ । ବଟୁଆର ଶବଳିତ ରଙ୍ଗ ହସ୍ତିତ ମାଣ୍ଡ୍ରିର ରଙ୍ଗ ଖାପ ଖାଇ ଯାଉଛି । ]

( ଜଣେ ଯୁବକ ପ୍ରବେଶ ହେଲେ )

ଯୁବକ—ଟଙ୍କା କିଛି ଦରକାର ଅଛି । 'ଟେବଲ୍ୱର୍କ' ଅଧା-ଅଧି ହୋଇ ରହିଛି । କାରଣ ଅଭାବିଛି......

ବାଳ—ଏତେବେଳେ ଚୋଡ଼ ଦେଲଣିଣି ଖାଲି ଟଙ୍କା—ଟଙ୍କା । ମୁଁ କଣ ଟଙ୍କାର ଗଛ ଲଗେଇଛି !

ଯୁବକ—ଆପଣ ତ ଗୁଲବେଲେ ସଭାକୁ—

ବାଳ—ଯିବନାହିଁ କଣ ଘରକୁ ଜଟି ବସି ଥିବ ? ନହେଲେ ତେମ ଖାଇବ କଣି ?

ଯୁବକ—ସେଇଟା ତ କହୁଥିଲି । ଏ ସୁଡ଼ାକରେ କଣ ଲାଭ ଅଛି ! ଖାଲି ମାନ ଲାଗି ସମାଳିବା କଥା ସିନା ।

ବାଳ—ହିଁ—ମାନ୍—ମାନ୍— prestige, credit—ସେଇଟାହିଁ ଅସଲ ଲୋଡ଼ା—ସେଇଟା ଥିଲେ ସବୁ ଅଛି—ସେଇଟା ଗଲେ ସବୁ ଗଲା । It begets money.

ଯୁବକ—ପୁଣି ଚଳିବ କେମିତି ? ଆପଣଙ୍କ Fad ବଜାୟ ରଖିବା ପାଇଁ ତ ମୁଣି......

ବାଳ— ହିଁ, ହିଁ—ମୁଁ ସବୁ ବୁଝୁଛି ହୋ । ମୋର ଦଶହଜାର ଟଙ୍କାର ଛାପାଖାନା ବେଉସା ଚଳୁଚି— ତାର କଣ ଲାଭ ନାହିଁ ? ସେଥିର ଲାଭରୁ ଚଳିବ ।

ଯୁବକ—ମୂଳ ଟଙ୍କାଟାତ ଆପଣ କରିଛି ନିଜ—ହାତରୁ

ବାଳ—କଣ ! ମୁଁ ନିଜେ ଦେଇ ନାହିଁ—ମାନେ, ତୁମେ କହୁଁଚ ମୁଁ ପକେଟରୁ ଦେଇ ନାହିଁ । ମୁଁ ଦେଇ ନାହିଁ ତ କଣ ଦୈବଯୋଗ ଦେଇଛି । ମୋ କାର-ଧାନରୁ ମୁଁ ଅଣିଛି ନା । Name, Fame, ରଖିଥିଲି ବୋଲି ଅଜି Game ହାତ ମାରିଲି ନା! ଚଲି ତୁମେ ଅଣିବ ଅଧଲଟାଏ, କିଏ ଦବ ।

ଯୁବକ—ଏଥା କଥା କହି ଦେଲି ମାନସ ତିନି ମାସର ଭିତରେ ଦାୟିତ୍ୱ କରି ଚେଷ୍ଟାଟା ଲୋକମାନରେ— ମାନ ଅମ୍ଭିଙ୍କ ହେ ତାହା Loss—

ବାଳ—କ କହିଲ ! Loss—Loss !

ହଜାର ହଜାର ଟଙ୍କା ପକାଇଲି ତହିଁ,

ଯାହା ଲାଗି ଗ୍ରହଅଛି ରଟେ ବଦନାମ !

ଶତ୍ରୁଙ୍କର ହୋଇଛି target,

ହାସ୍ୟ, ଅପବାଦ, ଅଟା ଅଛି ଶିରେ ବନ୍ଧ—

ଅଜି ତୁମ୍ଭେ କହୁଁଅଛ, ହେଉଅଛି Loss ।

ଖାଇଛୁକି, ନେଇଛୁକି ପଇସାଏ ମୁହିଁ,

ସବୁ ଦେଇ ତୁମ୍ଭ କମା, ନିର୍ଭର ବିଶ୍ୱାସେ

ଯାଉଛ ସେଇକତେ ମୁହିଁ ଖୁଣ୍ଟାଏ pebble.

ଯାଉ, ଯାଉ ସବୁ ନିଅଁ ଲାଗି,

ବୁଲିବ ମୁଁ ଦେଶେ ଦେଶେ ଭିଖ ମାଗି ମାଗି,

ଅବା ଅପେ ହୋଇ ଗୁଲା ଦାଗି

ଉପାଡ଼ ପକାଇ ଦାଢ଼ି, ଛୁଡ଼ାଇ ପଇତା,

ଅକାତରେ ଛାଡ଼ି ଘର ବାଡ଼ି,

ଖଦଡ଼ ଫୋପାଡ଼ି

ହାଉଘରେ ପଶିଯିବ ଯାଇ ।

[ କଡ଼ା ବକ୍ତୃତା ଶୁଣି ଯୁବକ କ୍ରୋଧରେ ଅଧୀର ହୋଇ ଉଠିଲେ । ବାଳକଣ୍ଠ ତାହା ଲକ୍ଷ୍ୟକରି ହଠାତ୍ ଅଣ୍ଡା ପଡ଼ି ସ୍ୱର ବଦଳାଇ ଭାଷିଲେ— ]

ବାଳ—ଅହା—ଚଲ କହେ ରାଗି !—

ଅଚ୍ଛା, ଦୋଷ ନେଲି ମାଗି,—

କଥାଦଅ ବନ୍ଦ ସେଇ ମାତ୍ରାହୀକଟାକୁ,

କାହିଁ ତାର use ଅଉ—

ତ୍ୟାଗ, ତ୍ୟାଗ, ଅନାଶକ୍ତ ତ୍ୟାଗ,

ଏ ବ୍ରତରେ ଅଭ୍ୟସ୍ତ ମୁଁ ସଦା—

ଧରିଲଣି ବାଘଘର ଚେଓ୍ୱ,

ନିନ୍ଦା ମୁହିଁ ଦେଲେ ପୋଡ଼ି କ୍ଷତ ନାହିଁ କିଛି ।

Status ଟୋଟାଏ ମୋର ଲୋଡ଼ା ମୋହ ପାଇଁ,

ଗବର୍ଣ୍ଣମେଣ୍ଟ ତାହା ବହାଇବ ଯତ୍ନେ । !

ସେଇଟାକୁ ରଖିଥିବ ଜାଗି,

ମାଟି, ମାଠ, ଲୋକଙ୍କର, କାର ବାଡ଼ିଆର

ଦେଖି ଟେକନ ପ୍ରକାଶଣି ରଖିବ ଗାଣ୍ଠିଇ ।

ତୁମେ ଖାଅ, ତୁମେ ପିଲ, ମାଲୁଆ ମଉଜ,



Digitized by srujanika@gmail.com

ନାଁଅଛି ମୋହର ଖାଲି ରହିଥାଉ ବନ୍ଦ ।
ବୁଝିଲଟି ଏବେ—?
ଯୁବକ—ବୁଝିଲେ କି ହେବ, ତୁମ୍ଭେ ବଡ଼.........
ଚାଳ—ବୁଝିଲଟି ମଣି, ଆମେ ହୋଇଲୁଣି ବୃଦ୍ଧ
ବୃଦ୍ଧଙ୍କ କଥାକୁ କେବେ ନ କରିବ ଛଳ
ତାପରେ, ସ୍ୱଭାବ ମୋର ଜାଣ ଚିରକାଳ,
ଠିକଏ ହଠାତ୍-ରାଗୀ, ମିଳୁଛି ଧନରୁ,
ସେଥିପାଇଁ ଲୋକେ ମୋତେ ବୋଲନ୍ତି ଦୁର୍ବାସା,
ଦାଣେ ଅପଣେଵ ସ୍ପୃହା ଜାଣିଥିଲେ ନିଜେ,
କରିଛନ୍ତି କେତେ ସାବଧାନ,
ବଡ଼ ପରପନ୍ଥୀ ଏହା ରାଜନୀତି ଯେତେଏ ।
କିନ୍ତୁ, କି କରିବ କହ, ସ୍ୱଭାବ, ସଂସ୍କାର ।

[ ଦାଇ ବ୍ୟକ୍ତି ପ୍ରବେଶ ହେଲେ । ଜଣେ ଦାଢିବନ୍ତ, ହଇଡ଼ଧାରୀ, ବେଦାନ୍ତୀ ମଳିନ ବେଶ, ଅଶ୍ରିତଲ୍ୟ ଓ ଅନ୍ୟ କ୍ଷଣିକ ଚହଟ ଶକ୍ତି, କାଶବନ୍ତ, ସୁ ଗୌର ପ୍ରୌଢ଼; ତାଙ୍କୁ ନଦାଖି ବାଲକଣ୍ଠ ଧଡ ପଡ କରି ଉଠି ବସିଲେ । ]

ଅଗ୍ନିଦେଵ—କିକରୁଛ କହେ କଣ୍ଠ ।
ଚାଳ—ଅସନ୍ତୁ ଭାବନା, ବଡ଼ ଅସମୟେ ।
ଅ—ସମସ୍ୟାସମସ୍ତ ଜ୍ଞାନ କାହିଁଛ ଅମ୍ଭର,
ବାଉଳୁଲା ଲୋକ,
ନୋହୁଁ ମଠର ଚଢ଼ୁଆ
ତୁମ୍ଭ ଭଳି ନୋହୁଁ କୁଳପିଠା
ଲାଟ ବେଲାଟଙ୍କ ସହ କରି ମର୍ଦ୍ଦନାଅ ।

( ବାଲକଣ୍ଠଙ୍କ ନଜର ପଡ଼ିଲେ goodeverଙ୍କ ଉପରେ । ସେ ଥତମତ ହୋଇ ଉଠି ବସିଲେ ଓ ନିଜାଙ୍କ ଭାବରେ ଦାଢ଼ି ଝୁଙ୍କିବାକୁ ଲାଗିଲେ । )

ଅଗ୍ନିଦେଵ—( ନିଜେ ଖଟ ଉପରେ ବସି ପଡ଼ି ) ଆସ
goodever, ବସିନାଅଁ ।
ଚାଳ—( ଶହିଙ୍କି ) ହଁ, ବସ.........
ଅଗ୍ନିଦେଵ—ତାଜୁବ ହେଉଛ କଣ୍ଠ !
ଉଜ୍ଜଳ ନେତୃତ୍ୱାକାଶେ ଉଦ୍ଧ୍ୟ ଦୁଇଜଣ
ହୋଇ ଚନ୍ଦ୍ର ସୂର୍ଯ୍ୟ,
ରହିଲେ ରାହୁଗ୍ରସ୍ତ ହୋଇ ।
ଚମସେନା ମଟଧୀ ତୁଟନ୍ତି ଦୁଇ ମହାବାହୁ,
ହନୁମାନ, ଜାମ୍ବୁବାନ ପରି;
ଉଦ୍ଧ୍ୟ ଚହିଲେ ଲଢ଼ି—ବୃମା, ଶାମା, ଭୀମା,
ଲଭି ନିତାନ୍ତ ନାମ !
ବଳି ଦାଃଙ୍ଗ ବଡ଼ ଦାଃଙ୍ଗ--ଓଟଙ୍କା ବଡ଼ ଦାଃଙ୍ଗ,
ଗଳିକି ପାଟଣୋନ୍ଦ, ଦାଵ ଅପଣଙ୍କ hope,
ସତ୍ୟାବାଦୀ କାରଖାନା କରିଦେଲ ଲୋପ !
ଆଜି ଯଦି ଦୁହେଁ ଭୁଟମ ଉଠନ୍ତ ହୁଙ୍କାରି
ସମସ୍ତରେ ଆନନ୍ଦହୁମ୍ବାରର......
ବାଳ—ଥାଉ, ଥାଉ, ହେ ସାଧନା. ଦାଅ ନାହିଁ ଲଜ୍ଜା,
ମାତ୍ର goodeverଙ୍କ ଖୁଣ୍ଟି ଅଟେ ଅଜୁଟଛାଟି,
କେତେ ମୁଁ କହିବି ଗୋଟି ଗୋଟି ?
ଭାବିଥିଲେ ଚପି ମୋର ଚୋଟି
ରାଜନୀତି ଯେଣୁ ମୋତେ କରିବେ ନିକାଶ—
Good—ସେ କି କରିଛନ୍ତି କାଲି କମ ?
କହିବି ଯଦି ତ......
ଅଗ୍ନିଦେଵ—ଛାଡ଼ ଛାଡ଼—କାଳର ଚୂହେ ଏ ଖେଳ,
ଦୁହେଁ ମିଳି ଉଡୁଛାଅ ମହା ବିଜୁଳି ତେଜ;
ଯୋଡ଼ି କମ୍ପ କରି ଦିଅ ସାରା ମହାଜାଗ,
ପର୍ଦ୍ଦ୍ରୀମ ଯଥା ।
ସତ Forgive—Forget—

( ଦୁହିଙ୍କ ହାତ ଧରି ମିଳାଇ ଦେଲେ । ତହୁଁ ଦୁହିଁ କ୍ଷଣେ କୁଣ୍ଠି ହେଲେ ଓ ଏହି ମଧୁର ମିଳନରେ ଏକ ଅଭିନବ ଦୌର୍ଯ୍ୟ ଚଣ୍ଡିର ପ୍ରକାଶ ହୋଇଲେ । )

( ଗୀତ ) ( ମୋହନ ଗୋପେଜ୍ ସ୍ୱର )

ଜୁହାରେ ଓଡ଼ିଆ ପୁଅ ଜୁହାଁ ଠେକା ବେକ,
କାଳୀ ଗୋରା ଦୁଇ ତନ୍ତୁ ହୋଇ ଗଲେ ଏକ ।
ଏକକୁ ଅଟେରକ ଚୁମ୍ବି କରି ଛେକା ଛେକ,
କେ ଠେକାଇ ଦାଢ଼ି, କିଏ ଗିଣ କରେ ଠେକ ।
ଧ୍ୱସରିଲ ମକରନ୍ଦ ହୋଇ ଢିକ ଢିକ,
ସ୍ୱେଦ କଣ ପୁଲକାଳୁ ବିଦ୍ରେହି ପକା ପକ ।
ଗାଢ଼ େହ୍ନ ହୋଇ ନ ରହିଲ ତିଳେ ଫାଙ୍କ,
(ଯେତେ) ଦହିକାଡ଼ି ସଙ୍ଗେ ହୁଙ୍କ ଚେଉରିଝୁଙ୍କା ଖାକ ।
ଦାଉ ଅଙ୍ଗ ଲତା ଲାଗି ଯଥା ଜାଆଁ ନୋକ,
ଏଉଇ ମୋର ନାଚି ଆସି ଆଗ ପାଗ ଲୋକ ।

( ଯକ୍ଷପିଣ୍ଡନ )

[ ଏଣେ ଏଵକୁ ଲୁଚିନା ଦୃଶ୍ୟ ]

Digitized by srujanika@gmail.com

# ଛାଞ୍ଚୁଣୀ ବନାମ କୋରଡ଼ା

## ଦ୍ୱିତୀୟ ଘର ।

ଲେ – ଶ୍ରୀ ଧ୍ରୁବ ଚରଣ ଦାସ

ଛାତିରେ ହାତି ବାନ୍ଧିକରି
ଲଗେଇ ବଳ ନଥିବେରେ
ଠକ୍, ଠକ୍, ଠକ୍, ଠକ୍;

ମଙ୍ଗଳମୟ ! ଏତିକି ଚଢ଼ି ବସିଛି ପଇଡ଼ ଟାଏ, ମୋ ମା, ବଡ଼ମା, ଯୋବଣୀ, ନବଣୀ, ଅଭରୁଣୀ, ଜାଣ୍ଡ ଛୋଟ ଖାଇବା ଯାକେ ମାଲିପେ ସାଙ୍ଗ ସରିଗ ଟହଲି ଶୀତା ଯାବ ବୁଲି ମେଡ଼ ଦେଖିଥିବେ, କେତେ କଣ ଦେଖିବେ, ଝୁଣିବେ । କେତେ କଣ ନାଇବେ ଯେ, ଅଃ ଠାକୁ ପୁଣି ଗହଣା ମଜା ହେଲାଣି—ନୂଆ ଯୋବଣା ସବୁ ଅଛିଲାଣି । ଅଭର ପୁଣି ଭେଲସ୍ତ-ମାନେ ଡାକିଭ ନୂଆ ଲୁଗା ଆଣି ଦେବେ—ମୋର କପାଳଟା ପୋଡ଼ି ଭଜି ଯାଉଚି, ନଥ ଲଗି ଯାଉଚି ଯେ, ଏ କଥା ଜିଭା ଚୁଲିପଟା ପଡ଼େ ଥାଇ ଖଟ ଖଟ ମରିବି ।

ତଥି...... ତଥି... ..ମୁଁ—ଠପ୍, ମୁଁ—ଠାପ୍ —ଥୁଭ—ଥୁଭ—

ଅ'ମ, ତୋ ବଡ଼ଣୀଟା ଅଇଲିକି, ଦେଲୁ ! କେଉଁଠୁ ଧାଟା ଜମା ହୁଇ କରିବା, ଅଭ କଣ କରିବା—ପଡ଼ିଲି କାଁଦି ତୋ କିଏ ତେତେ ମୁକଟେଇ ଅଣ୍ଟି ବେଢ଼ ପଇସା ଯାଏ ତ କେ ଛୁଅଡ଼ ଦ୍ୱାର ଦେଖିଲନ । କୁନି ବୁଲି ଥକିଲାଣି, ନୂଆ କାଟଲି ବ ଲଣୀ ହେଲା ନାହିଁ । ଦଇତା ଘଡ଼େ ହେଲା ନାହିଁ, ଅଭ କାହ୍ନ ଘଟା ଦେଖି କଣ କରିବା—ଟଳିବା କେମିତ ଏଇ ଦେ ମୋର ଟେଙ୍ଗା—ମୋ ଟେ ଟେ ହୁଇଲାଣି । ବୁଢ଼ା ମହୁଇର । ଏଣେ ନୂଆ ଦନ୍ତକୁ ଦନ ଟେଙ୍ଗା ହେଉ ଯାଉଛି । ଓଟାଣି ନେବାକୁ ନାହିଁ—ଅଇଁକୁ ଅଇଁକ,—ଦେଲ, ଦେଲ—କାହିଁକି କରି ଦେଉ—

ସ୍ତ୍ରୀ—ସବୁ ଦିନେ ଅଁ ଦଇଚ, ଦାଅଟା ! ଦଇତାକୁଟା । ମୋ ଗହଣା ଯାକତ ଭୂ ସବୁ ନେଲଣି, କେଉଁଟା ଅଛି ଦେଲଣି ମୁକଟେଇ ? ଖାଲି ବନା, ମା,ବନା । ନବାରେ ମନ ପାଇ ଯାଉଚି, ମୋ ବାପ ସବୁ ଦେଖି ଅଛି ପଠାଇବ ଯେ, ସେଥିକି ଅ ନିଆଁ ହେଉ ଦେବେ ଦେବେ । ଭଏ ... ଦିବ । ପାଇଁ ଅଇଦ କରିବା ।

ପୁ—କଣ କରିବା, ଅଉ ଉପାୟ ଉହିବା?

ସ୍ତ୍ରୀ—ମଲା, ଉପାୟ ରହିଲେ କେତେ ? ମରିଗଲେ କେତେ ? ମୋତେ ନଗା—ଦଶବାରେ ଭଏ ... ଥାଉଚି ଅଁ—ମୁଁ ଅଲ୍ଭ ଦେବ ... ଣୀ ! ଭଏ ନବ ବନା ପଡ଼ିଲା । ଏମିତି କଥ ଦିନ ଘର କରଣାଟା ହେଇଥିଲେ ମ ?

ପୁ—ଅଉ ବଡ଼ ବଡ଼ ଚେପା ମାରିବୁ, ଧାନ ଅ ସୁଖ ଦେଲଉଥିବୁ କେଉଁଠୁ ?

ସ୍ତ୍ରୀ—କଲୋ ମା, ଭଏ କଅଣ ମୋତେ ବସେଇ ଖାଇବାକୁ ଦଉଚ ? ତୋ ଘରେ ପାଞ୍ଚ ପାଇଟି କରୁଟେ ଟାଉଚି । ଅଜ ଯା ଘରକୁ ଯାଇଥାନ୍ତି ପାଞ୍ଚ ପାଇଟି କରିଥାନ୍ତି ଖାଇଥାନ୍ତି । ମାଗଣା ବସେଇ କଏ ଖାଇବାକୁ ଦବ ମ ? କାମ କରୁ କରୁତ ଏତେ କଥା—

ପୁ—ହେ, ମୋ ବରକ୍ତ ତାନା କହୁଚି, ଏଠୁ ଉଠିଲେ ତୋ ଗାଲ ମୁଣ୍ଡ ସେ-ବ ଦେଇ ଚିବ ଶାଳୀ, ତୋ ଭଉଣୀଟାକୁ— ଜନା । ବଢ଼ି ବଢ଼ି କହୁଚ କେତେ ? ମୁହଁ ବଢ଼ି ଗଲାଣି ନୂହେଁ—

ସ୍ତ୍ରୀ—କ ଶୁନରେ ଅ ବନ୍ଧ ତାତ ଯାଉଚି କଥା ମ... କଣ, ଗଡ଼ିକି ଧଡ଼ିକି ଟାଇକେ ଅଭ ଦେବାଉଚ ।

ତୋ ମଦ୍‌ଭୁଖ ଚଢ଼ି ଚଲାଣି କହ—ଉବେ ଉଠିଲେ । ଚୂଳିଥିବ ଦୁମ୍— ଦୁମ୍—ଦୁମ୍— ଦେଖି ଦପୁଲି କହି ଦେଲେ ।

ସ୍ୱର ମାଇପି ଲେକ ସେ ଭି, ଭ, ନାକ ସୁଁ ସୁଁ କରି ପଡ଼ୁଥିଲେ କାନ୍ଦିଲେ । ଯୋଗଣିଶିଅ, ସତିଅ ନାଶିଅ, ଧରମଛଡ଼ା ମତେ ମାରି ପକାଇଲା । ଅ ଘରେ ଭିହି କେତେ ? ନ ଭିହି କେତେ ? ମଲା ମୋର, ମୋର କଣ କେହି ନାହାନ୍ତି କ ? ଅ ଘରେ ଭିହି ପେଟକୁ ଭଲକରି ମୁଠାଏ ଖାଇବାକୁ ବ ଗାଣ୍ଡିକୁ ଖଣ୍ଡେ ପିନ୍ଧିବାକୁ ପାଇଲି ନାହିଁ, ଟେରା କରଭାରେ ଦିନଗଲା, ସେଥିରେ ପୁଣି, ମାଡ଼ ଅ ଘରେ ଭିହି ବର୍ଜିତ ନାହିଁ ।

କାନ୍ଦି କାନ୍ଦି ଗଲିକା ବାପ ଘରକୁ—

"ଭୁ ନାଥ ପରମ ଦୟାଳୁ, ଭୁଲିବା ପାଇଁ ଘୋଷୁ ଅଛୁ" । ବାପ ଘରେ ମନ ନୂଆନ୍ତି । ଦେଖି ସୁହୁଁ ବୋଖି ପକାଇ, ଧନଧରି, ଦଶ କଳସ ୧୧ ଦ୍ୱାଣ୍ଡି ସବୁ ମତେଡ଼ି ଦେଇଦେଲେ—କୋଉ କଥା ନକରି ଦେଲେ ! ତା ଘରକୁ ତ ସେ ଯୋଡ଼ା ନାହିଁ ଅଭ—

ଲୋକମାନେ କହେ ଅସ୍ତ୍ରି ପୁଅ; ସେ ସବୁ ଶୁଣି ଛାଞ୍ଚୁଣୀକୁ କେତେ ଭଣି ନାନା ବାହାଦୁରି ଗଢ଼ିଲେ । କଏ ଏଅଦ ସାରା କହେଇ ଦେଲା, କଏ ତା ଦିଟିକୁ ପଲଟେଇ ମେଡ଼ା ଉଡ଼ାଇ ଦେଲା । ଏହିମନ୍ତ କେତେ କଣ ମୁହେଁ ମୁହେଁ—

କେତେବେଳେ ସମସ୍ତଙ୍କ ଭଲ ବୁଦ୍ଧି ଗୋଟାଏ ବଡ଼ ଉଠିଲା । ଯେ ଭଉଣୀକୁ ଦୁଆଣ କରେଇ ଦେବା, କଥାଟା ପଡ଼ିଲା ସେ ଯୋଗାଡ଼ ଉହିଲା ।

ବଟେଇ ଉବବ ଉପରକୁ ସୁହୁଁଚ— ବାଇଁଶୀ ଚ୍ଛେଚ ଭୁଁ—ଉପରୁ ଗଳବ—ଖାଇବ—

ଗାଁରେ କେତେ ଲୋକ କେତେ ହ ଗଜର କଲେ । —ଉଦବା ଅଜ ମୁଣ୍ଡଟେକ ଦାଣ୍ଡରେ ସ୍ୱଭ ପାରିଲା ନାହିଁ । କରିବ କଣ ? ବଧାବାଦ ଘା ଭୁଟ ଦେଖୁଚ—

ଧନ୍ୟରେ ସମାଜ ! ମା ବାପ ବାହାଘର କରି ଦେଇ ଖାଲି ପୁଅ ଝିଅଙ୍କ ବାନ୍ଧୁ ପାଣି ପିଟେଇ ବାରେ ସୀମା ନାହିଁ—ସମାଜର ପାଟ ହୁଅବ କରି ବାରେ ବ ସୀମା ନାହିଁ—ଭଲ ଲୋକ ଲୁଗା ଯୋଡ଼ି ନେଇ ବୋଧ । ବ୍ରାହ୍ମଣ ନାହାକ ଡାକି ପାଉଣା ଗଣ୍ଡାକ ନେଇ, ନେଉଟିଅ କଥନ ସବୁଦିନେ ଦାଟ ଖାଉଛନ୍ତି ।

ଏଣେ ପୁଅର ନଜ ପେଟ ପୋଷିବାକୁ ଯୁ ନାହିଁ କ ବୋହୂଙ୍କର ଦୁରାସ୍ଥ, ଓରାସ୍ଥ; ସ୍ତ୍ରୀ ପଛରେ ଅଙ୍କ ଖଞ୍ଜିବାରେ ବ ଢ଼ିଲା ନାହିଁ ? ଗୁଲେ, କଲାସ ଉଠା—ବୋଝୁ ବଇଶକେ ଦ ଦ କଲାସ ମାଡ଼ ସୁଲଭ.........

ନଇଲେ ଶେଷକୁ ଗଛ ମୂଳ—ନଈକୂଳ, ବାଡ଼ କଡ଼ ଗୁହାଳ—ଇତ୍ୟାଦ ଇତ୍ୟାଦ—

ସଭ୍ୟ ଶେଷକୁ ସବୁଦିନେ ପ୍ରେମୋପନ୍‌ର ଉପାସ୍ୟ ଅଧମ ଉଦ୍ଧାରଣର ପନ୍ଥା ସମାଜ ପିଟାଇ ଦେଇ ଦାଟ ଦେଖାଇ ଦଏ ସିଧା ତେ—ଲ—ଗା—ବ—ଜା ର ବ—ଟ—ବ ।

—ଅଟକଲ ନାଇଁ
ମୂଷଳରେ ତେଲ

---


**ସୁନାପୁଅ**

ପିଲାଙ୍କ ହ ଉଚ୍ଚ ହେବାପାଇଁ ଅତି ସୁନ୍ଦର ଗୀତ ବହି ।

ମୂଲ୍ୟ—୦୮/ ଅଣା ।

---

**ମରମ,**

କବ—ଶ୍ରୀ ନିତ୍ୟ ନନ୍ଦ ମହାପାତ୍ର ।

ନବ ଯୁଗର ନବୀନ ଭାବୋଚ୍ଛ୍ୱାସ ପଢ଼ିଲେ ମୁଗ୍ଧ ହେବେ ।

ମୂଲ୍ୟ—୦୮/ଅଣା ।




Digitized by srujanika@gmail.com



ସେଦିନ ସୁରାଜ ପ୍ରକୃତ ଜ୍ଞାନଚକ୍ଷୁ ପାଇଲା,—ନା, କି ବୁଝିଲା, ଦେଖିଲା,— ଲୋକେ କହିଲେ ତାକୁ ପାଗଳ ।

—ସୁରାଜ କାହାରି କଥାର ପ୍ରତିବାଦ କଲାନି । ପ୍ରତିବାଦ କରିବାର ଦରକାର ପଥ ସେ ଦେଖି ନଥିଲା ।

ଦୂର ଆକାଶରେ ସଞ୍ଜେଇ ତାରାଟି ମିଟି ମିଟି— ଆଖିଠାର ମାରିକି ହସିଲା !

—କାହିଁକି ଲୋକେ ଜହ୍ନମାମୁଁର ମୁହଁଟି ମଳିନ ଦିଶେ ମୂଳରେ କି କାରଣ ଥିଲା……?

—ସୁରାଜ ବୁଝିଲା କି ନା ସେହି କହିବ ।

## କାହାଣୀ

## ହକ !

ଲେଖିକା—ଶ୍ରୀମତୀ ଶୈଳବାଳା

—ଅବଶ୍ୟ ତାର ଦେହ ଉପରେ ଚଅଁଳ ପରଶ ଦେଇ କଲବଲିଆ ସମୀରଣ ଧାଇଁ ଗଲା । …''ହା—ହା— …''ସୁରାଜ ହସିଲା "ଗୋଟାଏ ମାୟା ! ମୋର ହକ୍ ଜାଣି ଏଟି ?—''

ଅଣ୍ଡାଳି ଅଣ୍ଡାଳି ସୁରାଜ ଜାଣାରେ ଶେଷରେ କହିଲା । ସମୀର ସାଙ୍ଗେ ସେ ହସଧ୍ୱନି ଭାସିଗଲା ଦୂର ଦିଗନ୍ତକୁ… । ଦୁଷ୍ଟ ମୁଣ୍ଡ ହଲାଇ କଅଣ କହିଲା ସିଏ ତ !

—କିନ୍ତୁ ପ୍ରକୃତରେ ସୁରାଜର କଥା କଣ ଭୁଲ ?

—ଦିନରେ ଚନ୍ଦ୍ର ନଥାନ୍ତି,— ରାତିରେ ସୂର୍ଯ୍ୟ ନଥାନ୍ତି, ଏମାନେ ସାକ୍ଷୀ ହେବାର ହୁଏତ ଅଯୋଗ୍ୟ ହୋଇ ପାରନ୍ତି, କିନ୍ତୁ ମା' ସେ ବିଚରା କଅଣ କିଛି କହିବ ?

—ଏତିକି ନୁହେଁ,— ଯେ ତା ପାଇଁ କେତେ କଷ୍ଟ ସହୁଛି,—କେତେ କାନ୍ଦୁଛି —ଚନ୍ଦ୍ରମା କହିବ ।

—ମା' ତାର ଜନ୍ମଦାତ୍ରୀ ବୋଲି ସୁରାଜ ଏବେ ତା ପାଇଁ ମା' ବାପର କଷ୍ଟ ଉଠାଉଛି ।

—କିନ୍ତୁ ପାଇଁ—ଆଉ କାହା ପାଇଁ ସୁରାଜ ତାର ରକ୍ତ ପାଣି କରି କେତେ ଢାଳି ଦେଇ ନ ଧରଣୀ ଉପରେ ?—ବସୁନ୍ଧରାର ଆଜି କଣ ସେ କଥା ପାଶୋରି ଯାଇଥିବ ?

—ବଇଶାଖ ମୁଣ୍ଡଫଟା ଖରା । ତତଲା ବାଲି ପରି ଗରମ ବାଲିରେ ହଳ ଚଳାଉଛି । ଏବେ ତା' ପେଟପାଇଁ ନୁହେଁ କିନ୍ତୁ ଭବିଷ୍ୟତରେ ସୁନେଲି ଛବି ତା ଦୃଷ୍ଟିରେ ସେତେ ମୁହୂର୍ତ୍ତରେ ନାଚୁଥିଲା ।

ସେ ଦିନ ସକାଳ ମନକୁ ଗୁହଁ ବସୁନ୍ଧରା ହସୁଥିଲା କାହିଁକି ? ଆଜି ସୁରାଜ ବୁଝିଛି ।

—ବସୁନ୍ଧରାର ସେ ହସ କଅଣ ମଉଳି ଯାଇଥିବ ଆଜି ?

—ନିଜ ଉଦରରେ ସୁରାଜ ତା' ଅନ୍ତରର ଅସରନ୍ତି ମମତା ଢାଳି ଦେଇଥିଲା !— କିନ୍ତୁ ପାଇଁ ତା' ପ୍ରାଣ ସର୍ବଦା କାନ୍ଦୁଥିଲା ।

—କିନ୍ତୁ ତାର ଏ ଅସରନ୍ତି ମମତାର ମୂଲ୍ୟ ତ ଦେଇବ ବୁଝିଲା ନି ।

—କିନ୍ତୁ ଭୁଲିଗଲା !— ତା ପାଇଁ ସୁରାଜ କାନ୍ଦିଲା । ବହୁତ କାନ୍ଦିଲା !—ଭୂଇଁରେ ମୁଣ୍ଡପିଟି କାନ୍ଦିଲା !— କିନ୍ତୁ ଯମର ହୃଦୟ ତରଳିଲାନି !

—ସୁରାଜ ତା' ପାଇଁ କେତେ କଷ୍ଟ ସହିଛି ନ ଥିଲା ସତେ ? ଯାହା ଉପରେ ତାର ଅଧିକାର ଅଣୁମାତ୍ର ନାହିଁ,—ତା'ରି ପାଇଁ ସେ କେତେ ପାଗଳ ହୋଇବ ?

—…ସେ କେତେ କେତେ କଥା ବୁଝି ପାରୁ ନଥିଲା ।

—ଖୋଲା ପବନରେ କର୍ପୂର ଭଳି ଅଭିମାନ ଉଡ଼ିଗଲା ସେ ।

—ସବୁ ସରିଗଲା ! ଆଉ ସେପରି ନାହିଁ । ମନର ଅବସ୍ଥା ପରିବର୍ତ୍ତନ ହେଲା । ସବୁ ବୁଝିଲା ସେ ।

—ମାଆର କୋଳର ଭିତରେ [illegible] ଶାନ୍ତି ହୋଇ ମଣୁଥିଲା ସେ ।—ତା' ପରିବର୍ତ୍ତନ ତା ଅସୀମ ସ୍ନେହର [illegible] —ହା—ହା—ହା ।''

—ଯାହା ଉପରେ ତାର ଅଣୁମାତ୍ର ଅଧିକାର ନାହିଁ, ତା' ପାଇଁ ସେ କାନ୍ଦି ଉଠୁଥିଲା [illegible] ପାଗଳାମିର ଚିହ୍ନ !!!

—[illegible] ବୁଝିଲା,— [illegible] ସେ [illegible] ଅତି [illegible] ।

× × ×

—''ପାଗଳ,—ଏ ଦୁନିଆରେ ସବୁଏ ପାଗଳ [illegible] ଏମାନେ ଗପି ଗପି ସୁରାଜ ଅଭ ଦାଣ୍ଡ [illegible] ବୁଲେ ।

—ସମସ୍ତେ ତାକୁ ପାଗଳ କହନ୍ତି ।

—ସୁରାଜ ଭାବେ—ହସେ । [illegible] ହସି କେବଳ ଏତିକି କହେ— ମୋର [illegible] ନାହିଁ ?

—✻—


## ଚିଚିଆଣା

ରଙ୍ଗିନ ଛବି ଓ କୌତୁକପ୍ରଦ ଗୀତରେ ଭର୍ତ୍ତି

ପିଲାଏ ପାଇଲେ [illegible] ହସିବେ ।

ମୂଲ୍ୟ—ଚାରିଅଣା ।



## ନାଗବଗ୍ଗଙ୍କ କଲମର

### Sir Walter Scott

ଏହି ଅନନ୍ତ ଗଗନର ନୀଳ ଚାନ୍ଦୁଆ ତଳେ ଯେଉଁଦିନ ସ୍କଟ୍ ପ୍ରଥମେ ଧରଣୀର ସ୍ନେହାର୍ଦ୍ର ବକ୍ଷ ସ୍ପର୍ଶ କରିଥିଲେ, ସେ ଦିନଠାରୁ ଆଜି—ଏହାର ମଧ୍ୟରେ କେତେ କେତେ ନାମ ନାମଙ୍କ ନାମ ଜୀବନର କାଳି ମାଡ଼ିଦାଇ ତଳେ ମିଳାଇଯାଇଛି। ମାତ୍ର ସ୍କଟଙ୍କ ଅମରନାମ ଆଜି ଆକାଶରେ ତାରା ଉଜ୍ଜ୍ୱଳ ହୋଇ ଫୁଟି ଉଠିଛି।

୧୭୭୧ରେ ସ୍କଟ୍ ଲଣ୍ଡନର କର ପୁତ୍ରରୂପେ ... ଜନ୍ମଗ୍ରହଣ କରିଥିଲେ। ପ୍ରତିଭା ସଙ୍ଗେ ସଙ୍ଗେ ଜୀବଜନ୍ତୁଙ୍କ ପ୍ରତି ତାଙ୍କର ଅସରନ୍ତି ସ୍ନେହ ମମତା ଭରି ରହିଥିଲା। ଜଗତରେ ଦୁର୍ବଳ ସବୁଠି ହୀନ, ଅବହେଳିତ; ମାତ୍ର ଦୁର୍ବଳଙ୍କୁ ସ୍କଟ୍ ବେଶି ସ୍ନେହ କରିଛନ୍ତି। ଦୁଃଖୀର ଦୁଃଖରେ ତାଙ୍କ କୋମଳପ୍ରାଣ କାନ୍ଦିଉଠିଛି। ତାଙ୍କର ଦୁଃସମୟରେ ସେମାନଙ୍କ କରୁଣ ଚିତ୍ର ସେ ଭୁଲି ପାରି ନାହାନ୍ତି ! ଜଗତର ପଶୁ ପକ୍ଷୀ ବି ତାଙ୍କର ସ୍ନେହ ସମ୍ମାନଭୂତ ହୋଇଛନ୍ତି। ସେ ଯେ କେବଳ ଯୌବନର ମାଦକତାରେ ଜଗତକୁ ଭଲ ପାଉଛନ୍ତି ତାହା ନୁହେଁ—ଶେଷକାଳ ପର୍ଯ୍ୟନ୍ତ ତାଙ୍କ ହୃଦୟର ସ୍ନେହଧାରା କେବେ ହେଲେ କ୍ଷୀଣ ହୋଇ ନଥିଲା। ଭଲ ପାଇବା ଆଉ କବି ପ୍ରତିଭା—ଉଭୟ ତାଙ୍କ ଜୀବନକୁ ସରସ ସୁନ୍ଦର କରି ଗଢ଼ିଥିଲା। ତା ବୋଲି ଯେ ବିରହ ବେଦନା ତାଙ୍କ ଜୀବନରେ ଅଳଙ୍କାର ନ ଥିଲା—ଏମିତି ବି ନୁହେଁ।

କବି ହିସାବରେ ସ୍କଟଙ୍କ ସ୍ଥାନ ଶେକ୍ସପିୟରଙ୍କ ପାଖ ପାଖି। ସେ ଜଣେ ବଡ଼ କବି ଓ ଔପନ୍ୟାସିକ ନାମରେ ପରିଚିତ। ତାଙ୍କ ଲେଖା ମଧ୍ୟରୁ ଅଧିକାଂଶ ଐତିହାସିକ ଉପନ୍ୟାସ। ତାଙ୍କ ପ୍ରଥମ ଲେଖା ଜର୍ମାନ କବିତାର ଏକ ଅନୁବାଦ......ଖ୍ରୀ୧୮୦୨ରେ କେତେକ ପ୍ରବନ୍ଧ ଓ ପଦ୍ୟ ପୂର୍ଣ୍ଣ The Border Mins trelsy ନାମକ ପୁସ୍ତକ ପ୍ରକାଶ ଦ୍ୱାରା ସେ ଦେଶବାସୀଙ୍କ ନିକଟରେ ସୁକବି ବୋଲି ପରିଚିତ ହେଲେ। ତାଙ୍କର ଭଲ କବିତା ମଧ୍ୟରୁ The Lay of the Last Minstrel, Marmion, The Lady of The Lake ଏବଂ ଉପନ୍ୟାସ ମଧ୍ୟରୁ Waverly, old Mortality......ପ୍ରଭୃତି ପ୍ରଧାନ। ଦେଶର ଲେଖକମାନେ ଶତ ଚେଷ୍ଟା କରି ମଧ୍ୟ ଏତେ ସୁନ୍ଦର ଜୀବନ୍ତ ଚିତ୍ର ଅଙ୍କି ପାରି ନାହାନ୍ତି......

ସ୍କଟଙ୍କ କବି ସୁଲଭ କୋମଳପ୍ରାଣରେ କଠୋରତା ଏବଂ ଅସାମାନ୍ୟ ସହିଷ୍ଣୁତାର ଦୃଷ୍ଟାନ୍ତ ଦେଖି ଆଶ୍ଚର୍ଯ୍ୟ ହେବାକୁ ହୁଏ। ତାଙ୍କ ଜୀବନରେ ବିପଦ ଅସଂଖ୍ୟ ଝଡ଼ ତୋଫାନ ବହିଯାଇଛି, ତଥାପି ତାଙ୍କ କର୍ମମୟ ଜୀବନରେ ପୂର୍ଣ୍ଣଚ୍ଛେଦ ପକାଇ ପାରି ନାହିଁ। ପ୍ରଥମ ଯୌବନରେ ପ୍ରେମିକାର ବିରହ ବେଦନା ସେ ଯେପରି ଧୈର୍ଯ୍ୟଧର ସହ ପାରିଥିଲେ ତାହା ଯୁବକର ଜୀବନରେ କରିଲା ! ଏହା ବ୍ୟତୀତ ଅନେକ ବନ୍ଧୁଙ୍କର ପ୍ରତାରଣା ତାଙ୍କ ଜୀବନରେ ଅମା ଅନ୍ଧକାରର ଚିତ୍ର ଅଙ୍କିଥିଲା—ମାତ୍ର ସ୍କଟ୍ ନିଜର ଅସୀମ ଧୈର୍ଯ୍ୟବଳରେ ଅନ୍ଧାରରୁ ଆଲୋକ ଆବିଷ୍କାର କରିପାରିଥିଲେ। ସ୍କଟ୍ କେବଳ ବାଣୀର ସେବାରେ ସୁଖୀ ହୋଇ ନ ଥିଲେ; ବୀର ହୋଇ ବିଶ୍ୱ ବୀର ନେପୋଲିୟନଙ୍କ ହସ୍ତରୁ ମାତୃଭୂମିର ଗୌରବ ଅକ୍ଷୁର୍ଣ୍ଣ ରଖିବାକୁ କଳ୍ପନା କରିଥିଲେ। ମାତ୍ର ଛୋଟ ଥିବା ହେତୁରୁ ତାଙ୍କ କଳ୍ପନାକୁ ଉଜ୍ଜ୍ୱଳ କରିପାରି ନ ଥିଲେ।

ବର୍ତ୍ତମାନ ହୁଏ ତ ମନେ ହେବ ତାଙ୍କ ବାଲ୍ୟ ଜୀବନରୁ ପ୍ରମାଣ ମିଳିଥିବ 'ତୁଳସୀ ଦୁଇ ପତ୍ରରୁ ବାସେ', କିନ୍ତୁ ତା ନୁହେଁ—ପିଲାଦିନେ ସ୍କଟ୍ ଅଳସୁଆ, ଅପରିଚ୍ଛନ୍ନ ଓ ସ୍ୱାଧୀନ-ଚେତା ଥିଲେ। ମାତ୍ର ତାଙ୍କର ସ୍ମରଣ ଶକ୍ତି ଅତି ତୀକ୍ଷ୍ଣ ଥିଲା। ଶିକ୍ଷକ ପଢ଼ାଉଥିବାବେଳେ ସେ ଅନେକ ସମୟରେ ଅନ୍ୟମନସ୍କ ହେଉଥିଲେ। ସେଥିପାଇଁ ସେ ତାଙ୍କ ଜୀବନରେ ଭଲ ରୂପେ ବ୍ୟାକରଣ ଜାଣି ପାରି ନ ଥିଲେ। ଏଥିପାଇଁ ସେ ପରେ ବଡ଼ ଦୁଃଖିତ ହୋଇଥିଲେ। ସେ ତାଙ୍କର ପରି ଜଣେ ଅଳସୁଆ ବନ୍ଧୁଙ୍କ ସହିତ ସବୁବେଳେ ସଙ୍ଗୀ ହୋଇଥିବାର ଦେଖି ଓ ଭଲ ପଢ଼ୁ ନ ଥିବାରୁ ତାଙ୍କ ପିତା ଦିନେ ତାଙ୍କୁ ଭର୍ତ୍ସନା କରି କହିଥିଲେ, "ପଥର ବୀଣାବାଦକ ହେବା କେବଳ ତୋ ଭାଗ୍ୟରେ ଲେଖା ଅଛି।" + + ×

ତାଙ୍କ ଜୀବନର ଶେଷ ମୁହୂର୍ତ୍ତି—ଗୃହଁ ଗୃହଁ ସାରା ଦେଶ ମଧ୍ୟରେ ଗର୍ଭୀର ବେଦନାର ଏକ ଚିତ୍ର ଅଙ୍କିଦେଲା। ଅନ୍ତିମ ଯୋଗର ଶେଷ ଆହ୍ୱାନକୁ ଏଡ଼ାଇବାର ଶକ୍ତି ମଣିଷ ହାତରେ ନାହିଁ।

ଶ୍ରୀ ହରିହର ମହାପାତ୍ର, ନା। ୦୩୨୮
(ଅଷ୍ଟମଶ୍ରେଣୀ—ବାରିପଦା)

## ନାଗବଛା ଦଳ

### ଉଦ୍ଦେଶ୍ୟ

୧। ଉତ୍କଳର କିଶୋର ପ୍ରାଣରେ ନବଜାଗରଣ ଆଣିବା, ଜ୍ଞାନର ପରିସର ବଢ଼ାଇବା, ଦେହମନର ବିକାଶ ଓ ସର୍ବାଙ୍ଗୀନ ଉତ୍କର୍ଷ ସାଧନ କରିବା।

୨। ଜଗତର ମଧ୍ୟସ୍ଥତାରେ ପତ୍ର ବିନିମୟ ଦ୍ୱାରା ତରୁଣମାନଙ୍କ ମଧ୍ୟରେ ପରସ୍ପର ଭାବର ଆଦାନ ପ୍ରଦାନ କରାଇବା ଓ ସେମାନଙ୍କ ମଧ୍ୟରେ ସ୍ନେହ ପ୍ରୀତି ଓ ସୌହାର୍ଦ୍ଦ୍ୟ ବଢ଼ାଇବା।

୩। ମାତୃଭାଷା ଓ ସାହିତ୍ୟ ପ୍ରତି କିଶୋର କିଶୋରୀଙ୍କର ଅନୁରାଗ ବଢ଼ାଇବା।

୪। ସତ୍ୟ ସେବା, ସାହସ ଓ ଅହିଂସା ସାଧନାରେ ସେମାନଙ୍କୁ ଉଦ୍ବୁଦ୍ଧ କରିବା।

( ୧୮ ବର୍ଷରୁ ତଳ ବାଳକ ବାଳିକାମାନଙ୍କ ପାଇଁ )



Digitized by srujanika@gmail.com



ଦକ୍ଷିଣ ଅଫ୍ରିକାସ୍ଥ ଟ୍ରାନ୍ସଭାଲର ପାର୍ବତ୍ୟ ଅଞ୍ଚଳରେ ଏକପ୍ରକାର ଅସଭ୍ୟ ଜାତି ବାସ କରନ୍ତି । ସେମାନଙ୍କର ରାଜା ନାହାନ୍ତି । ରାଣୀ ସେ ଜାତିର ରାଜା ଓ ସର୍ବେସର୍ବା । ରାଣୀ ୨୦ଟି ଦାର ପରିଗ୍ରହ କରନ୍ତି । କିନ୍ତୁ ୨୦ଟି ସ୍ୱାମୀ ରାଣୀଙ୍କର ପତ୍ନୀ ହିସାବରେ ଗଣ୍ୟ, ସେମାନେ ସମସ୍ତେ ଅଜ୍ଞାତ ଥାଆନ୍ତି । ଏପରି କି ଯଦି କେହି ରାଣୀଙ୍କର 'ପତି' (ସ୍ୱାମୀ) ସନ୍ଧାନ କରିବାକୁ ଚେଷ୍ଟା କରେ ସେ ପ୍ରାଣ ଦଣ୍ଡରେ ଦଣ୍ଡିତ ହୁଏ ।... ଏହି ଅଜ୍ଞାତ ସ୍ୱାମୀମାନଙ୍କର ମଧ୍ୟ ଅଜ୍ଞାତ ସ୍ତ୍ରୀ ଥାଆନ୍ତି । ଯଦି ରାଣୀଙ୍କର ଦୁହିତା ନ ହୁଏ ଏହି ଅଜ୍ଞାତ ସ୍ୱାମୀମାନଙ୍କର ଝିଅରୁ ଜଣେ 'ରାଣୀ' ହୁଏ ।

× + ×

ପୃଥିବୀରେ ଯେତେ ଶିଶୁ ଜନ୍ମ ଗ୍ରହଣ କରନ୍ତି ସେମାନଙ୍କ ପ୍ରତ୍ୟେକ ୮୫ ଜଣ ମଧ୍ୟରୁ ଯାଆଁଳା ଛୁଆ ଯୋଡ଼େ ଜନ୍ମ ହୁଅନ୍ତି । ଗଣନା ଦ୍ୱାରା ଜଣା ଯାଇଛି । ପୃଥିବୀରେ ଡେନ୍‌ମାର୍କରେ ସବୁଠାରୁ ବେଶୀ ଓ ଯୁକ୍ତରାଷ୍ଟ୍ର ଆମେରିକାରେ ସବୁଠାରୁ କମ ଯାଆଁଳା ଛୁଆ ଜନ୍ମ ହୁଅନ୍ତି ।

× + ×

ଲଣ୍ଡନ୍ର ୱେଷ୍ଟମିନ୍‌ଷ୍ଟର୍ ଷ୍ଟେସନରେ ଗୋଟିଏ ଘଣ୍ଟା ଅଛି ଯାର ପରିଧି ୨୬ ଫୁଟ ଏବଂ ମିନିଟ କଣ୍ଟା ୧୩ ଫୁଟ ଲମ୍ବା । ଏପରିକି ଏହା ବିଗ୍‌ବେନ୍‌ଠାରୁ ମଧ୍ୟ ବଡ଼ । ଏହା ପୃଥିବୀର ସବୁଠାରୁ ବଡ଼ ଘଣ୍ଟା ।

× × ×

ଆକାର ତୁଳନାରେ ମାଛି ଦେହରେ ମନୁଷ୍ୟ ଅପେକ୍ଷା ଅଧିକ ରକ୍ତ ଅଛି ।

× × ×

ଯେଉଁମାନେ ବଡ଼ ବଡ଼ ସହରରେ ବାସ କରନ୍ତି ସେମାନେ ପ୍ରତି ମିନିଟରେ ପ୍ରାୟ ୯୦ କୋଟି ଧୂଳିକଣା ଶ୍ୱାସ ପ୍ରଶ୍ୱାସ ଦ୍ୱାରା ଗ୍ରହଣ କରନ୍ତି । ସେହି କାରଣରୁ ସହରରେ ବେଶୀ ରୋଗ ଦେଖାଯାଏ ।

× × ×

ପୃଥିବୀର ସ୍ଥୂଳତମ ବ୍ୟକ୍ତି ଡେନିୟାଲ୍ ଲ୍ୟାମବାର୍ଟ ୧୭୭୦ ଖ୍ରୀଷ୍ଟାବ୍ଦରେ ଲିଷ୍ଟରରେ ଜନ୍ମ ଗ୍ରହଣ କରିଥିଲେ । ୧୩ ବର୍ଷ ସମୟରେ ତାଙ୍କର ଦେହର ଓଜନ ଥିଲା ୩୨ ଷ୍ଟୋନ୍ ଅର୍ଥାତ୍ ପ୍ରାୟ ସାଢେ ପାଞ୍ଚ ମହଣ । ୩୯ ବର୍ଷରେ ତାଙ୍କର ମୃତ୍ୟୁ ହୁଏ । ସେତେବେଳେ ତାଙ୍କର ଓଜନ ଥିଲା ୫୨ ଷ୍ଟୋନ ଅର୍ଥାତ୍ ପ୍ରାୟ ୯ ମହଣ । ସେ ଯେଉଁ ଓଏଷ୍ଟକୋଟ ପିନ୍ଧୁଥିଲେ ତାହା ବର୍ତ୍ତମାନ କିଂସଲିନ ମିଉଜିୟମର ଦର୍ଶନୀୟ ବସ୍ତୁ ରୂପେ ରଖା ଯାଇଛି ।

× × ×

ହିସାବ ଦ୍ୱାରା ଜଣା ଯାଇଛି ଜଣେ ମଣିଷ ସାଧାରଣତଃ ତାର ସମସ୍ତ ଜୀବନରେ ତାର ଦେହର ଓଜନର ପ୍ରାୟ ୧୪୦୦ ଗୁଣ ଅଧିକ ପରିମାଣ ଓଜନର ଖାଦ୍ୟ ଦ୍ରବ୍ୟ ଜଳ ଓ ଅନ୍ୟାନ୍ୟ ପାନୀୟ ଗ୍ରହଣ କରେ । ଏହି ଖାଦ୍ୟ ଦ୍ରବ୍ୟର ପରିମାଣ ପଞ୍ଚ ହୁନ୍ଦ୍ରେଡ୍ ପାଉଣ୍ଡ ଅର୍ଥାତ୍ ପ୍ରାୟ ୧୫୦୦ ମହଣ

—*


## କିରାତାଦିପାଚନ

ସମସ୍ତ ପ୍ରକାର ବିଷମ ମ୍ୟାଲେରିଆ ଜ୍ୱରର ପ୍ରଧାନ ଔଷଧ । ମ୍ଲୀହା ଯକୃତ୍ ସଂଯୁକ୍ତ ଜ୍ୱରରେ ମଧ୍ୟ ହୋଇ ... ଯାଇଥାଏ । ଏକାହିକ, ଦ୍ୱାହିକ, ତାହିକ, ଚାତୁର୍ଥିକ, ପାଳିଜ୍ୱର ମ୍ୟାଲେରିଆ କୁଇନାଇନ ଅପେକ୍ଷା ... ବିଷମ ଜ୍ୱର ଶୀଘ୍ର ଆରୋଗ୍ୟ ହୋଇଥାଏ । ଯଦି ବହୁଦିନ ଜ୍ୱର ଭୋଗ କରି ... ହୋଇଥାଏ ତେବେ ... କିଛିଦିନ ନିୟମିତ ସେବନ କଲେ ଅଗ୍ନିବୃଦ୍ଧି ହୋଇ ଶରୀରରେ ନୂତନ ... 

ମୂଲ୍ୟ—ଶିଶିକୁ ବାରଅଣା ମାତ୍ର । ... ପାଉଣ୍ଡ ମାତ୍ର । ...

ପ୍ରାପ୍ତିସ୍ଥାନ—କବିରାଜ—ଶ୍ରୀଧର ଶର୍ମା ଭିଷଗାଚାର୍ଯ୍ୟ । ଆୟୁର୍ବେଦିକ୍ ଫାର୍ମେସୀ, ଭୁବନେଶ୍ୱର—ପୁରୀ





Digitized by srujanika@gmail.com



## ବଦେଶ —

**ନରୱେ ଯୁଦ୍ଧ** — ନରୱେ ଯୁଦ୍ଧ ସମ୍ପର୍କରେ ଜର୍ମାନମାନେ ଇଂରେଜମାନଙ୍କୁ ଘେରିବା ଚେଷ୍ଟା କରୁଥିଲେ। ଫ୍ରାନ୍ସ ଓ ଇଂଲଣ୍ଡର ସୈନ୍ୟଦଳ ଲଢ଼ୁଥିଲେ। ମାତ୍ର ଜର୍ମାନ ସେନାପତି ନୋବେଲ ପୁଣି ସନ୍ଧକରେଇକୁ ଛଡ଼ାଇ ନେଇଛନ୍ତି ଓ ଇଂରେଜ ବ୍ୟୂହ ଭାଙ୍ଗି ଦେଇଛନ୍ତି। ଇଂରେଜମାନେ ଏହା ସଙ୍ଗେ ତାଙ୍କର ଚତୁର୍ଦ୍ଦିଗ ଘେରିବା ଚେଷ୍ଟା କରି ନେଲେଣି। ଜବରଦସ୍ତ ପଦର ସେନାପତିଗଣ ମୁକ୍ତି କରିବାରେ ବ୍ୟସ୍ତ ହୋଇଛନ୍ତି।

**ପ୍ରାଚ୍ୟ ଭୂଖଣ୍ଡ** — ଆମେରିକା ଜାପାନ ମଧ୍ୟରେ ଅନ୍ତିମ ପ୍ରସ୍ତାବ ସେଣ୍ଟ୍‌ମେଣ୍ଟି ଭାଙ୍ଗି ଯିବାରୁ ଜାପାନ ଘୋର ତର୍ଜନ ଗର୍ଜନ କଲା। ପାଚ୍ୟ ଖଣ୍ଡ ତମାମ ସାଜ ସାଜ ରବ ପଡ଼ିଗଲା। ଲାଗିଗଲା ବୋଲି ଜଣାହେଲା। ମାତ୍ର ହଠାତ୍ ସବୁ ଚୁପ୍ ହୋଇ ଯାଇଛି। ଜଣାଯାଏ ଜାପାନ ପୁଣି ନୂଆ ଫନ୍ଦା ପାଞ୍ଚିଲାଣି।

**ରୁଷିୟା ଲଢ଼େଇ** — ମସ୍କୋ ଉପରେ ଯେଉଁପରି ଭୀଷଣ ଜର୍ମାନ ଚାପ ପଡୁଥିଲା। ରୁଷ ବାଧ୍ୟ ହୋଇ ପଛେଇ ଯାଇଛି। ଉତ୍ତରରେ ନେଭା ନଦୀ ଜର୍ମାନ ଏଲାକାକୁ ବ୍ୟାପି ଯାଇଥିଲା। ମାତ୍ର ରୁଷମାନେ ଉତ୍ତରରୁ ଜର୍ମାନଙ୍କୁ ପଛ ପଟକୁ ଘୋଡ଼ାଇ ନେଇଛନ୍ତି।

ହିଉଗ୍ନ ନାମକ ବଡ଼ ଇଂରେଜ ରଣତରୀ ବୁଡ଼ି ଯାଇଛି।

## ଦେଶ: —

ସରକାର ନୈତିକ ବନ୍ଦୀଙ୍କୁ ଛାଡ଼ିବାର ସଙ୍କଳ୍ପ ସ୍ଥିର କରିଛନ୍ତି। ପଣ୍ଡିତ ଜବାହାର ଲାଲ ଓ ମୌଲାନା ଅବୁଲ କାଲାମ ଆଜାଦ ଖଲାସ ହୋଇ ଗଲେଣି।

ବଙ୍ଗଳାର ହକ ମନ୍ତ୍ରୀମଣ୍ଡଳ ଭାଙ୍ଗି ଗଲା। ପୁଣି ନୂଆଦଳ ଗଢ଼ା ହୋଇ ହକ୍‌ଙ୍କୁ ଦଳପତି କରା ହୋଇଛି। ମୁସଲିମ ଲିଗବାଲା ବିପକ୍ଷରେ ଅଛନ୍ତି।

ଓଡ଼ିଶା ଲାଟ ବାଲେଶ୍ୱର, ଭଦ୍ରକ ଓ କଟକ ଗସ୍ତରୁ ଫେରି ଯାଇଛନ୍ତି। ଶ୍ରୀ ପ୍ୟାରୀ ମୋହନ ଓଡ଼ିଶାର ନୂତନ ରାଜସ୍ୱ ପାର୍ଲାମେଣ୍ଟାରୀ ସେକ୍ରେଟାରୀ ହେଲେ। ଓଡ଼ିଶା ସରକାର ହୁକୁମ ଦେଇଛନ୍ତି କି ଜାନୁଆରୀ ତା ୭ ରିଖ ଠାରୁ ସବୁ ଘଡ଼ିର ସମୟ ଏକ ଘଣ୍ଟା ଆଗେଇ (fast) ହୋଇଯିବ।

ମୁଲତବୀ ଓଡ଼ିଶା ଏସେମ୍ବ୍ଲି ବୈଠକ ଜାନୁଆରୀ ତା ୨୭ ରିଖରେ ବସିବ।

ବଙ୍ଗ ଲାଟ ସାର ଜନ୍ ହାର୍ବର୍ଟ ସାହେବ ଲଣ୍ଡନରେ ଭାରତୀୟ ହାଇ କମିସନର ହେଲେ।

ହଙ୍ଗେରି, ରୁମାନିଆ ଓ ଫିନ୍‌ଲଣ୍ଡ ଉପରେ ବ୍ରିଟେନ ଯୁଦ୍ଧ ଘୋଷଣା କଲା।

ଫ୍ରାନ୍ସର କେତେକ ଅଫ୍ରିକା ବନ୍ଦରକୁ — ଜର୍ମାନ ଅପୋସରେ ଦଖଲ କଲେ।

ଜାପାନ ଇଂରେଜ ଓ ଆମେରିକା ବିରୁଦ୍ଧରେ ଯୁଦ୍ଧ ଘୋଷଣା କରିଛି। ପ୍ରଶାନ୍ତ ମହାସାଗରରେ ଘୋର ଯୁଦ୍ଧ ଲାଗି ଗଲାଣି।


ଜଗତ୍ ବିଖ୍ୟାତ

# ସାଲେସୋଲା

ଯେ କୌଣସି ପ୍ରକାର ପାଳିଜ୍ୱର ୨୪ ଘଣ୍ଟାରେ ଆରୋଗ୍ୟ ହୁଏ।

ଅଜୀର୍ଣ୍ଣ, ଶକ୍ତ ପ୍ଲୀହା, ଯକୃତ୍, ମ୍ୟାଲେରିଆ ଓ ସର୍ବବିଧ ଜ୍ୱର ବିନା ଇନ୍‌ଜେକ୍‌ସନରେ ଆରୋଗ୍ୟ କରିବାକୁ ଏହା ଆଧୁନିକ ଯୁଗରେ ଅଦ୍ୱିତୀୟ।

ମେସାର୍ସ ବହୁବଜାର ଫାର୍ମାସୀ
ନ ୧୧୫ ନମ୍ବର ବହୁବଜାର ଷ୍ଟ୍ରିଟ, କଲିକତା।

ପୁରୀ ଏଜେଣ୍ଟ — ମହମ୍ମଦ ଇସମାଇଲ ଖାଁ।


Digitized by srujanika@gmail.com

# ଶ୍ରୀ ବ୍ରଜେନ୍ଦ୍ରନାଥ ନାୟକ ଜୁଏଲର

ଦରଘାବଜାର, ପୋ. —କଟକ ।



ଟ ୨୦୯ ଙ୍କା ପୁରସ୍କାର !　　　　ଟ ୨୦୯ ଙ୍କା ପୁରସ୍କାର !

ଭଦ୍ରବ୍ୟକ୍ତିମାନଙ୍କର ଫରମାସି ଅନୁସାରେ ଅମ୍ଭେମାନେ ଖାଣ୍ଟି ସୁନା, ରୁପା ଏବଂ ବହୁମୂଲ୍ୟ ପଥରର ନେହାତି ଅଳଙ୍କାରମାନ ସନ ମୁତାବକ ପ୍ରସ୍ତୁତ କରିଥାଉଁ । ଅମ୍ଭମାନଙ୍କର ବ୍ୟବସାୟ ଆରମ୍ଭ ଦିନରୁ ଅଦ୍ୟାବଧି କୌଣସି ଭଦ୍ର ବ୍ୟକ୍ତି ଅମ୍ଭମାନଙ୍କର ସାଧୁତା ସମ୍ବନ୍ଧରେ କେବେହେଲେ ସନ୍ଦେହ କରିନାହାନ୍ତି । ଅମ୍ଭେମାନେ ଏହି କାର୍ଯ୍ୟାଳୟଟିକୁ ନୂତନ ପ୍ରତିଷ୍ଠା କରିଥିବାରୁ ବଜାରଠାରୁ ଦର ଅପେକ୍ଷା ବହୁ ସୁଲଭ ମୂଲ୍ୟରେ ଅଳଙ୍କାର ପ୍ରସ୍ତୁତ କରିଥାଉଁ ବାହାର ଗ୍ରାହକଙ୍କରେ ଅମ୍ଭେମାନେ ତାହାଙ୍କୁ ଠକିବ ଦେବାକୁ ଗ୍ରହନାହିଁ । ପ୍ରତ୍ୟେକ ପଦାର୍ଥକୁ ପୁଙ୍ଖାନୁପୁଙ୍ଖ କରି ପରୀକ୍ଷା କରିବାର ସୁବିଧା ଆମେ ଦେଇ ଥାଉଁ । କେହି କୌଣସି ପ୍ରକାର ଦୋଷ ଦେଖାଇ ପାରିଲେ ଅମ୍ଭେମାନେ ଟ ୨୦୯ଙ୍କା ପୁରସ୍କାର ଦେବାକୁ ପ୍ରସ୍ତୁତ ଅଛୁଁ ସାଧାରଣଙ୍କର ସହାନୁଭୂତି ପ୍ରାର୍ଥନୀୟ —

ଭବଦୀୟ

**ଶ୍ରୀ ବ୍ରଜେନ୍ଦ୍ରନାଥ ନାୟକ**

ଦରଘା ବଜାର, ପୋ:—କଟକ ।



# ଭ୍ରାମରୀ ରସାୟନ

ବାତରକ୍ତ ଓ କୁଷ୍ଠର　　　　ଅବ୍ୟର୍ଥ ମହୌଷଧ

ଏହା ପ୍ରବର୍ତନ ରସାୟନିକ ପରୀକ୍ଷା ଦ୍ୱାରା ପ୍ରସ୍ତୁତ ହୋଇଅଛି । ବାତରକ୍ତ ଓ କୁଷ୍ଠ ପ୍ରାୟ ଏକରୂପ ବ୍ୟାଧି, ମାତ୍ର ଲକ୍ଷଣ ଭେଦରେ ପ୍ରକାର ଭେଦ ହୋଇଥାଏ । ଏହି ରୋଗ ଶରୀରରେ ଜନ୍ମିବା ପୂର୍ବରୁ ନାନାପ୍ରକାର ଛଡ଼ ବା ବିକୃତ ଚର୍ମ, ଦଦ୍ରୁ ଖାଙ୍ଗି, ଜ୍ୱାଳା ଶାରୀରିକ ଅବସାଦ, ହୃଦସନ୍ଧିବତ୍ ବେଦନା ଅଜୀର୍ଣ୍ଣ, ଅବସନ୍ନତା, ନାହିକା ଓ କଣ୍ଠର ସ୍ଫୀତତା ଓ କୋଷ୍ଠବଦ୍ଧତା ପ୍ରଭୃତି ଉପସର୍ଗମାନ ଦେଖାଯାଏ । ଉପରୋକ୍ତ ରୋଗମାନଙ୍କ ଦୂରୀକରଣାର୍ଥେ ଅମୃତ ଏହି “ଭ୍ରାମରୀ ରସାୟନ” ଏକମାତ୍ର ପରମ ମହୌଷଧ । ଏହା ଏକମାସ ସେବନ କଲେ ଏହାର ଉପକାରିତା ନିଜେ ଜାଣି ପାରିବେ । ଏକମାସ ସେବନ ଉପଯୋଗୀ ଔଷଧର ମୂଲ୍ୟ ଟ୯ । **ଭ୍ରାମରୀ ତୈଳ**:—ଏହା ଦେହରେ ମାଲିସ୍ କଲେ ଦେହର ଛଡ଼ ପ୍ରଭୃତି ଅଚିରେ **ଆରୋଗ୍ୟ** ହୁଏ । ଏକଶିଶି ଟ ୧ଙ୍କା ମାତ୍ର ଟ୨ଙ୍କା ମାତ୍ର ।

**କାୟାକଳ୍ପ ଔଷଧାଳୟ**

**ବୈଦ୍ୟରାଜ:—ଶ୍ରୀ ଲକ୍ଷ୍ମୀନାରାୟଣ ଆଚାର୍ଯ୍ୟ** ଆୟୁର୍ବେଦ ଶାସ୍ତ୍ରୀ

ଆଲମଚାନ୍ଦ ବଜାର, କଟକ ।



କବିରାଜ ଶ୍ରୀଧର ଗର୍ଗବିଚ୍ ଭିଷଗାଚାର୍ଯ୍ୟଙ୍କ ଦ୍ୱାରା ଉଦ୍ଭାବିତ ଓ ଆଜକୁ ଦଶବର୍ଷ ଯାବତ୍ ପରୀକ୍ଷିତ ଔଷଧାବଳୀ ।

# ସ୍ୱପ୍ନ ସୁନ୍ଦରୀ

ଧାତୁ ଦୌର୍ବଲ୍ୟଗ୍ରସ୍ତ ଯୁବକମାନଙ୍କର ନିଦ୍ରାବସ୍ଥାରେ କାମୋଦ୍ରେକ ସ୍ୱପ୍ନ ଦର୍ଶନ ଶୁକ୍ରକ୍ଷୟ ହୋଇଥାଏ । ଏହି ରୋଗ ଅଳ୍ପେ ଅଳ୍ପେ ଏତେ ପ୍ରବଳ ହୋଇ ଥାଏ ଯେ କି ଦିବାରାତ୍ର ଶୋଇଲା ମାତ୍ରେ ଶୁକ୍ର କ୍ଷୟ ହୁଏ । ଏହି ରୋଗ ଶରୀରର ବଳ, ବୀର୍ଯ୍ୟ, ଅଗ୍ନି, ଚକ୍ଷୁ ଇତ୍ୟାଦି ସମସ୍ତ ଅଳ୍ପେ କ୍ଷୀଣରୁ କ୍ଷୀଣରେ କରି ଦେହକୁ ଅକାଳ ବାର୍ଦ୍ଧକ୍ୟ ଜର୍ଜ୍ଜର କରି ଦେଇ ଥାଏ । ପରଶେଷରେ ମଧ୍ୟ ଏହିପରି ଶୁକ୍ରକ୍ଷୟ ହେତୁରୁ ଧ୍ୱଜଭଙ୍ଗ ରୋଗ ଉପସ୍ଥିତ ହୋଇଥାଏ । **ଅମୃତ** ସ୍ୱପ୍ନ ସୁନ୍ଦରୀ ଔଷଧ **କିଛୁଦିନ** ନିୟମିତ ବ୍ୟବହାର କଲେ ସ୍ୱପ୍ନଦୋଷ ଓ ତଜ୍ଜନିତ ଶୁକ୍ରକ୍ଷୟ ନିବାରିତ ହୋଇ ଶରୀର ହୃଷ୍ଟ ପୁଷ୍ଟ ଓ ବଳିଷ୍ଠ ହୋଇଥାଏ ।

**ମୂଲ୍ୟ**—୬୦ ଗୋଟା ବଟିକା ପୂର୍ଣ୍ଣ ଏକ ଶିଶିକୁ ଟ୨ । ୩୦ ଗୋଟା ବଟିକା ପୂର୍ଣ୍ଣ ଶିଶିକୁ ଟ୧୷ । ଡାକଖର୍ଚ୍ଚ ସ୍ୱତନ୍ତ୍ର ।

ଠିକଣା: ଶ୍ରୀଧର ଗର୍ଗବିଚ୍ ଭିଷଗାଚାର୍ଯ୍ୟ, ଭୁବନେଶ୍ୱର—ପୁରୀ



Printed & published at the Gopinath Press, Bhadrak, by. G. C. Mahapatra and issued from Dagaro Office Bhadrak,



Digitized by srujanika@gmail.com

ମାଭୈଃ- -ମାଭୈଃ- -ମାଭୈଃ

ଯୁଦ୍ଧ ବା ଅନ୍ୟ ଦୁର୍ଘଟଣାରେ ଆକସ୍ମିକ ମୃତ୍ୟୁ ହେଲେ [illegible] ନିରବ ଛାର୍ଜ ୨୪ ଓ ପରିବାରବର୍ଗଙ୍କ ପାଇଁ ଅଟଳ ସମ୍ବଳ କରନ୍ତୁ । ଅନ୍ତର୍ଜାତିକ ଅନିଶ୍ଚିତତା ଆର୍ଥିକ ଦୁର୍ଦ୍ଦିନରେ ଜୀବନବୀମାହିଁ ଏକମାତ୍ର ନିରାପଦ, ଲାଭଜନକ ଓ ସମ୍ମାନର ଯୋଗାଯୋଗ ।

ଏ ଦୁର୍ଦ୍ଦିନରେ "ହିନ୍ଦୁସ୍ଥାନ"ରେ ବୀମା କରି ବା ଏଜେଣ୍ଟ ହୋଇ ଲାଭବାନ ହୁଅନ୍ତୁ ।

# ହିନ୍ଦୁସ୍ଥାନ କୋ-ଅପରେଟିଭ

## ଇନସିଓରେନ୍ସ ସୋସାଇଟି ଲିଃ

ହେଡ଼ ଅଫିସ—କଲିକତା

**ହିନ୍ଦୁସ୍ଥାନର ସଫଳତା—**

ମୋଟ ଚଳନ୍ତି ବୀମା—୧୭ କୋଟି ୨ ଲକ୍ଷରୁ ଉର୍ଦ୍ଧ୍ୱ । ମୋଟ ବୀମା ପାଣ୍ଠି—୩ କୋଟିରୁ ୧୦ ଲକ୍ଷରୁ ଉର୍ଦ୍ଧ୍ୱ ।
ମୋଟ ଆୟ—୩ କୋଟି ୫୨ ଲକ୍ଷରୁ ଉର୍ଦ୍ଧ୍ୱ । ୧୯୦୦ ରେ ନୂତନ ବୀମାର ପରିମାଣ ୨ କୋଟି ୭୫ ଲକ୍ଷରୁ ଉର୍ଦ୍ଧ୍ୱ ।

ଏଜେନ୍ସି ଇତ୍ୟାଦି ପାଇଁ ନିମ୍ନଲିଖିତ ଠିକଣାରେ ଅନୁସନ୍ଧାନ କରନ୍ତୁ ।

**ଏନ୍ ଦତ୍ତ**
ସେକ୍ରେଟେରୀ
ହିନ୍ଦୁସ୍ଥାନ ବିଲ୍ଡିଙ୍ଗ, କଲିକତା ।

ଅର୍ଗାନାଇଜର—**ନରେନ୍ଦ୍ର ପ୍ରସାଦ ଦାସ**
ହିନ୍ଦୁସ୍ଥାନ କୋ-ଅପରେଟିଭ ଇନ୍ସୁରେନ୍ସ ସୋସାଇଟୀ ଲିଃ ।
ଗୁଡ଼ମାଗୈଚ, କଟକ ।

---

# ଦାର୍ଜିଲିଙ୍ଗ ବେଙ୍କ ଲିମିଟେଡ

## କଟକ ଶାଖା—

ଜନ ସାଧାରଣଙ୍କର ସୁବିଧା ନିମନ୍ତେ ପାଇଁ ଦାର୍ଜିଲିଙ୍ଗ ବେଙ୍କର କଟକ ଶାଖା ମଙ୍ଗଳାବାଗଠାରେ ବାସନ୍ତି ଇନ୍ସୁରେନ୍ସ କୋଠାରେ ଖୋଲା ହୋଇଛି । ସମସ୍ତ ପ୍ରକାର ବେଙ୍କିଂ କାର୍ଯ୍ୟ କରାହୁଏ । ପରଲିଖିତ ଠିକଣାରେ ଅନୁସନ୍ଧାନ କରନ୍ତୁ ।

ଓଡ଼ିଶା ଅଫିସ, ମଙ୍ଗଳାବାଗ କଟକ ।

---

## ସସ୍ତା, ସୁନ୍ଦର ଓ ସୁବିଧାରେ

ପ୍ରିୟ ଜନଙ୍କର ସ୍ମୃତି ରକ୍ଷା ଓ ସୌନ୍ଦର୍ଯ୍ୟର ବୃଦ୍ଧି ପାଇଁ ଆଜଣ ଶୀଘ୍ର ଓଡ଼ିଆଙ୍କ
ଦ୍ୱାରା ପରିଚାଳିତ କଲିକତାରେ ଏକମାତ୍ର ପ୍ରତିଷ୍ଠାନ ।

# ଫୋଟୋ ଓ ସାଇନ କ୍ରାଫ୍ଟ

ନଂ ୬ । ଏ ଚଉରିଙ୍ଗି ପ୍ଲେସ କଲିକତା

ଠାରୁ

ଆପଣଙ୍କର ଆବଶ୍ୟକ ମଗାଇ ନିଅନ୍ତୁ ।

ଏଠାରେ ପୁରୁଣା ଛବିରୁ ନୂଆ ଓ ବଡ଼ ଆକାର ପାଶ ପୋର୍ଟ ଫଟୋ, ହରୁ ସାଇଜର ଫଟୋ, ରଙ୍ଗିନ ଛବି, ତୈଳ ଚିତ୍ର ଅଙ୍କନ ଓ ରଙ୍ଗିନ ଫଟୋ ସୁନ୍ଦର ଭାବରେ କରି ଦିଆ ହୁଏ । ଭଲ କେମେରା, ଫିଲ୍ମ ଛବି ଫ୍ରେମ ଇତ୍ୟାଦି ଫଟୋଗ୍ରାଫ ସମ୍ବନ୍ଧୀୟ ଯାବତୀୟ ସରଞ୍ଜାମ ଖୁବ ସସ୍ତାରେ ମିଳି ପାରିବ । ପରୀକ୍ଷା ପ୍ରାର୍ଥନୀୟ ।


Digitized by srujanika@gmail.com





ଏଥିରେ ପଢ଼ିବେ —

ଭଲ୍‌ଆ ବିଗୁର

ମଜାକଥା—ଦେଶୀ ପ୍ରେସୁପୀ

କାହାଣୀ—ତାରତମ୍ୟ

ମଜାଳବାର୍ତ୍ତା—

କାଳିଆ ବଳଦ

ହନୁମନ୍ତ ବସ୍ତ୍ରହରଣ

ନାଗବନ୍ଧ

କହପଦ

ଖବରଅନ୍ତର

(ଅଗ୍ରୀମ ଦୁଇଟି ଟଙ୍କା ପଠାଇ ବର୍ଷେକାଳ ଘରେ ବସି ଡଗର ପଢ଼ନ୍ତୁ ।)


ଏହି ଯୁଦ୍ଧରେ ନାତ୍ସୀପନ୍ଥୀବାଦୀମାନଙ୍କ ପ୍ରତି ଆମର ଯଥେଷ୍ଟ ବିରୋଧ ଭାବ ଓ ଉନ୍ନତିଶୀଳ ଦଳଙ୍କ ପ୍ରତି ଅତ୍ୟଧିକ ସହାନୁଭୂତି ଥିଲେ ମଧ୍ୟ, ମୁଁ ନିଜେ ମୁକ୍ତ ନହେବା ଯାକେ କିପରି ସାହାଯ୍ୟ କରିପାରିବି ତାହାର ବାଟ ଦେଖା ଯାଉ ନାହିଁ ।

—ଜବାହାର ଲାଲ

ଭାରତର ଦ୍ୱାର ଦେଶରେ ରଣ ଦୁନ୍ଦୁଭି ଶୁଭିଲାଣି; ଭାରତର ପ୍ରାଚୀର ପାଖରେ ତାର ପଦଘାତ ବାଜିଲାଣି । ଏ ବିପଦ ବେଳରେ ଭାରତବାସୀ ଅବିଳମ୍ବେ ଏକମତ ଏକପ୍ରାଣ ହୋଇ ନିଜର ଜନ୍ମଭୂମି ନିରାପଦ କରିବାକୁ ବଦ୍ଧ ପରିକର ହୁଅ ।

— ଲର୍ଡ ଲିନ୍‌ଲିଥ ଗୋ


୫ମ ବର୍ଷ ୧୪ ଶ ସଂଖ୍ୟା ମାର୍ଗଶିର ଦ୍ୱିତୀୟାର୍ଦ୍ଧ


Digitized by srujanika@gmail.com

# "ଜଗନ୍ନାଥ ସାହିତ୍ୟ ସମିତି"ର

## ସଂଘର ୩ ନୈବେଦ୍ୟ ପ୍ରକାଶ ପାଇଛି ।

### ୩ୟ ଅବଦାନରେ

**Detective କାହାଣୀ "ମାୟାପୁରୀ" ପ୍ରକାଶିତ ହେବ**

୧୨ ଟଙ୍କା ଦେଇ ସଭ୍ୟ ହେଲେ ସବୁଗୁଡ଼ିକ ବହି ଅର୍ଦ୍ଧମୂଲ୍ୟରେ ଓ ପରେ [illegible]

ଅଧା ଦାମରେ ନିମ୍ନଲିଖିତ ସ୍ଥାନରୁ ଅନ୍ୟ ବହି ମିଳି ପାରିବ ।

(1) Utkal Book Ajency, Ranihat, (2) Saraswata Bhandar, ଚାନ୍ଦିନୀଚୌକ (3) Orissa Book Emporium, ଚାନ୍ଦିନୀଚୌକ (4) The Book Stall, [illegible] ବଜାର (5) The National Publishing Co., ସୁନ୍ଦରଦେଉଳ (6) The Students' Store, ପୁରନଚୌକ [illegible] (7) The Students' Store—ବ୍ରହ୍ମପୁର (୮) ବଇଲ ଚରଣ [illegible] Straight Mile Road—ରାମଚନ୍ଦ୍ରପୁର (୯) [illegible], 1/3, Hidaram Banerji Lane—କଲିକତା (୧୦) ଶ୍ରୀ ଲକ୍ଷ୍ମୀନାରାୟଣ ମହାନ୍ତି—[illegible] ।

ଅନ୍ୟାନ୍ୟ [illegible] ଏଜେଣ୍ଟ ଆବଶ୍ୟକ । ଟଙ୍କା ଓ ଚିଠିପତ୍ର ସମ୍ପାଦକ, ଜଗନ୍ନାଥ ସାହିତ୍ୟ ସମିତି [illegible] ନାମରେ ପଠାଇବେ ।

---

ବ୍ରହ୍ମଦେଶରେ ପ୍ରଥମ ପ୍ରତିଷ୍ଠିତ

( ସାପ୍ତାହିକ ) **'ବର୍ମା ଓଡ଼ିଆ ପତ୍ରିକା'** (ଡିମାଇ ୧୬ ପୃଷ୍ଠା)

ଏହା ବର୍ମା ପ୍ରବାସୀ ଉତ୍କଳୀୟଙ୍କ ପ୍ରଧାନ ମୁଖପତ୍ର । ଉତ୍କଳର ଶ୍ରମଜୀବୀଙ୍କର ସକଳ ପ୍ରକାର ଦୁଃଖ ଦୁର୍ଦ୍ଦଶା, ବର୍ମାରେ ଉତ୍କଳୀୟଙ୍କ ପ୍ରକୃତ ଅବସ୍ଥା, ବର୍ମା ଭାରତ ପୃଥକ୍କରଣ ପରେ ବର୍ମା ସରକାରଙ୍କ ମତଗତ ଏବଂ ବର୍ମାର ରାଜନୈତିକ ପରିସ୍ଥିତି ସଙ୍ଗେ ସେଠା ଅଧିବାସୀମାନଙ୍କ ସାମାଜିକ, ରାଜନୈତିକ ଓ ଆର୍ଥିକ ଅବସ୍ଥା ସମ୍ବନ୍ଧେ ଲେଖାମାନ ଏହି ପତ୍ରିକାରେ ପ୍ରକାଶିତ ହୁଏ । ବ୍ରହ୍ମଦେଶର ବ୍ୟବହାରିକ ସତ୍ୟ ତତ୍ତ୍ୱ ଜାଣିବାକୁ ହେଲେ ଏହି ପତ୍ରିକା ପଢ଼ନ୍ତୁ । ଏହା ବର୍ମାର ଯୁବକ କର୍ମୀ ଶ୍ରୀଯୁକ୍ତ ମଧୁସୂଦନ ମହାପାତ୍ରଙ୍କ ଦ୍ୱାରା ପ୍ରତିଷ୍ଠିତ ଓ ସମ୍ପାଦିତ ।

ମୂଲ୍ୟ ୫୲, ଷାଣ୍ମାସିକ ମୂଲ୍ୟ ୨॥୦, ଭାରତବର୍ଷ ଡାକମାଶୁଲ ସହିତ ୬୲ । ଠିକଣା—ନଂ ୬୧୭, ୩୦ନମ୍ବର ରାସ୍ତା ରେଙ୍ଗୁନ (ବର୍ମା)

---

## ପୁରୁଷର ଭାଗ୍ୟ

[illegible] ସାବଧାନ ହେବା ପ୍ରତ୍ୟେକଙ୍କ କର୍ତ୍ତବ୍ୟ । [illegible] ଜ୍ୟୋତିଷ ଶାସ୍ତ୍ରରେ [illegible] ଭାଗ୍ୟ ଗଣନା କରାନ୍ତୁ ।

ପାରିଶ୍ରମିକ:—

୧ । ଅବନ୍ତ [illegible] ( [illegible] )
୨ । [illegible] ୫
୩ । [illegible]
୪ । [illegible]
୫ । [illegible]

ବି: ଦ୍ର:—[illegible] ସମୟ ଦେବାକୁ ଭୁଲିବେ ନାହିଁ ।

ଶ୍ରୀ [illegible] ଦାସ, [illegible]
ପୁରୁଣା ବଜାର, କଟକ ।

## ଭଲ ମଞ୍ଜିରୁ ଭଲ ଗଛ

[illegible] ପ୍ରତିଷ୍ଠାନରୁ ମଞ୍ଜି କିଣିଲେ ଠକିବାର ଆଶଙ୍କା ନାହିଁ । ମୂଲ୍ୟ [illegible] । ପରୀକ୍ଷା ପ୍ରାର୍ଥନୀୟ ।

[illegible] ନାହିଁ । [illegible] ମୂଲ୍ୟରେ [illegible] ନାହିଁ ।

ଏକମାତ୍ର [illegible]
[illegible] ଷ୍ଟୋର
ପୋ: ଅ: ବାଲି ( Bally )
ହଗ୍‌ଲୀ—ଡାକ୍ଖାନା

## ପ୍ରିୟଜନର ସ୍ମୃତି

[illegible] ସ୍ମୃତି ରଖିବେ ଆନନ୍ଦଦାୟକ ଫଟୋ [illegible]:—

**ଏସ୍ ଜିଆଉଲା**

ଫଟୋ ଷ୍ଟୁଡିଓ, ଚୌଧୁରୀବଜାର

କଟକ ।

([illegible] ଫଟୋ ନିଆଯାଇପାରେ ।)

---

## ଚିଡ଼ିଆଖାନା

ରଙ୍ଗିନ ଛବି ଓ କୌତୁକିଆ ଗୀତରେ ଭରା [illegible] ।

ମୂଲ୍ୟ—୧୦/

## କୁମାରୀ

ସୁନ୍ଦର ଛବି ଓ ମଧୁର ଗୀତ ହେତୁ [illegible] ହାତରେ ଧରନ୍ତୁ ।

ମୂଲ୍ୟ—୧୦ ଅଣା ।

## ସୁନାପୁଅ

ପିଲାଙ୍କ ହାତରେ ଦେବା ପାଇଁ ଅତି ସୁନ୍ଦର ଗୀତ ବହି ।

ମୂଲ୍ୟ—୧୦ ଅଣା ।

---

ସମ୍ପାଦକ—**ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର**


Digitized by srujanika@gmail.com




ଉଗର ସମ୍ପାଦକଙ୍କ ମାନ୍ୟବର ଭଦ୍ରକ ସବଡିଭିଜନାଲ ଅଫିସର ମହୋଦୟ ମାତ୍ର ପାଞ୍ଚ ଅଙ୍କ ଜାମିନ ଅଦାୟ କରିବା ଦେଇଛନ୍ତି । ସେ 'ବ' ସଭଜନରେ ସ୍ଥାପିତ ହୋଇ ବ୍ରହ୍ମପୁର କେନ୍ଦ୍ରରେ ଡାକ୍ତର ଓ ଗୃହମାନେ ଗୃହିଣୀଙ୍କ ...।

ଉଗରର ମୁଦ୍ରକ ଓ ପ୍ରକାଶକଙ୍କୁ ଭଦ୍ରକ ସବଡିଭିଜନାଲ ମାଜିଷ୍ଟ୍ରେଟ ଦଫାକରି ୫୦୦ ଜୋରିମାନା କରି ଥିଲେ । ହାଇକୋର୍ଟର ମହୋଦୟ ସେହି ଦୁଇ ଶୂନରୁ ଶେଷ ଶୂନଟି କାଟି ଦେଇଛନ୍ତି ।

ପଣ୍ଡିତ ଜବାହାରଲାଲ ଜେଲରୁ ଖଲାସ ହୋଇ ଏକ ବକ୍ତୃତାରେ କହିଲେ—ଜେଲରୁ ମୁକ୍ତି ପାଇ ବଣ ହେବ !—ଜେଲଟା ଗୋଟାଏ ଛୁଟି କାଟିବାର ଜାଗା—ମାଧ ବାହାରେ ଅଛିଲେ ସେଟା ଏକ ବଡ଼ କାରାଗାର ।

ଜବାହାରଲାଲଙ୍କ ଜେଲ ଭିତରେ ବସ୍ତୁତ ଦଳ ଏକୁଟିଆ ରହି ରହି ବାହାରେ ଅସି ଦେଖିଲେ ଜେଲରୁ ବ—ସେଇ ଏକୁଟିଆ ! ସତରେ ଏକା ଏକୁଟିଆ ଜୀବନ ( single life ) ବଡ଼ ଦୁଃଖିଆ କାରାଗାର ପରି ଲାଗୁଥିବ ଏକା ! ଜୀବନକୁ ସୁସମ୍ପନ୍ନ କରିବାପାଇଁ କଣ ବନ୍ଧୁର ଲୋଡ଼ା ? ହଁ, ପ୍ରାଣଟା ତାଙ୍କର ଚଞ୍ଚଳ ଅଛି ବୋଲି କହନ୍ତି ପରା !

× × ×

ଅମ ଦୁଇ ମନ୍ତ୍ରୀ ପଂଡିତ ଗୋଦାବରୀଶ ଖାଲି ବାହାବା-ମାଇବେ ପୁରି ବାଲ ପୁରପଲ୍ଲୀରେ ଗୋଟାଏ ସଫର ମାରିଦେଇ ଅସିଛନ୍ତି । ସେଟା ଅଗବର ଘର ପାଖିଆ ହେବାଟା ଭଲ । Charity begins at home କେବଳ ଅଗ ମନ୍ତ୍ରୀଙ୍କ ଭଳିଆ ଯଦବା, ଧୂଳିମାଳ, ଗୁ-ବେଶ୍ଚନ କଣ୍ଟି ବାମିତ ଯୁଝିଲ କ ନାହିଁ ସେଥିକ ଜାଣିବା ପାଇଁ ଖାଲି ଟାଙ୍କୁ ଟାଙ୍କୁ ହଇବ । ଯାହାହେଉ ଦୁଇ ମନ୍ତ୍ରୀ ଦଳ ଯେ ପାକ୍ଷର ତଳେ ଘାସ ଗଜାଇ ଦେବେ ନାହିଁ । ତାହା ଏଥିରୁ ଦୂରାଇ ମିଳୁଛି ।

× × +

ଦୁଗୋ ମଣିଷ ଚେଙ୍ଗାଙ୍କ ଠାରୁ ଭୁବିଷ ଓ ଧୂର୍ତ୍ତ ବୋଲି ଲୋକେ କହନ୍ତି । ତାର ପ୍ରମାଣ ଦେଖାଇ ଦେଇଛି—ଜାପାନ । ଏ ଅଡ଼େ ଅମେରିକାରେ ଜାପାନର ଦୂତ ବସି ମିଠା ମିଠା ସବୁରେ ଲୁଗା ଭାଙ୍ଗି ଦେଉଛନ୍ତି—ଜାପାନ ସରକାର ସେଅଡ଼େ ଚଢ଼ାଉ ପାଇଁ ସକଳ ହେଉଛନ୍ତି । ହଠାତ୍ ଦିନେ ଧଡ଼ାମ୍ କରି ଅମେରିକା ଓ ବ୍ରିଟିସ ଉପରେ ଯୁଦ୍ଧ ଘୋଷଣା । ଘୋଷଣାର ସାଙ୍ଗେ ସାଙ୍ଗେ ଧମା ଧମ ଚଢ଼ାଉ । କଣ ହେଲ ବୋଲି ଅଁ କରି ଚାହିଁଲ ବେଳକୁ ଦେଖେ ତ ଜୋ—ହା ! ଯାକୁ ବିଶ୍ୱାସ ଘାତକ କହିବ, ନା ଚତୁରପଣିଆ କହିବ ! କଥା ଅଛି ପରା All is fair in love and war !

× × ×

## ବିଲୁଆ ବିଚାର

ଶ୍ରୀ ରାଜଗୋପାଳାଚାରିଙ୍କୁ ଅନେକେ ଗାନ୍ଧିଙ୍କ ବିବେକ ରକ୍ଷକ ବୋଲି କହନ୍ତି । ଅର୍ଥାତ୍-ସେ ଯାହା କହନ୍ତି, ଗାନ୍ଧିଜୀ ତାହା ଏଡ଼ି ନ ପାରି ସ୍ୱୀକାର କରନ୍ତି । କଂଗ୍ରେସ ଯେତେବେଳେ ପ୍ରଦେଶମାନଙ୍କରେ ମନ୍ତ୍ରୀତ୍ୱ ଗ୍ରହଣ କଲ, ଗାନ୍ଧିଜୀ ତାଙ୍କ ବିପକ୍ଷରେ ଥିଲେ,ମାତ୍ର ରାଜାଜୀଙ୍କ କଥାରେ ମନ୍ତ୍ରୀତ୍ୱ ଗ୍ରହଣ କରିବାକୁ ପଡ଼ିଲା,—ସେପରି ଅନ୍ୟ କଥାରେ ଉଦାହରଣ ଅଛନ୍ତି ।

ରାଜାଜୀ ଯେତେବେଳେ ମାନ୍ଦ୍ରାଜର ପ୍ରଧାନ ମନ୍ତ୍ରୀ ଥିଲେ, ଗୁଣବନ୍ତ ପରି ଭଲ ଶାସନ ଚଳାଇଥିଲେ । ମାତ୍ର କଂଗ୍ରେସ ହାଇକମାଣ୍ଡର ତାଙ୍କୁ ପାଦ ଛାଡ଼ିବାକୁ ପଡ଼ିଲା ଅକାଳରେ ।

ଏଇଥିପାଇଁ ତାଙ୍କ କଥାରୁ ସାଫ ଜଣାପଡ଼ୁଛି ଯେ ଏ ଅକାଳରେ କଂଗ୍ରେସର ପୁଣି ମନ୍ତ୍ରୀତ୍ୱ ଗ୍ରହଣ କରିବା ଉଚିତ । ମନ୍ତ୍ରୀତ୍ୱ ଏବେ ପୁଣି ଗ୍ରହଣ ହୋଇ ବସିଛନ୍ତି ।

× + ×

ଆଜିକାଲି କଂଗ୍ରେସ କମିଟି ବସୁଛି । ସେଠି ଯାହା ବିଚାର ସାର ହୋଇ ସ୍ଥିର ହେବ, କଂଗ୍ରେସ ସେହି ମାର୍ଗ ଧରିବ । ଏଣେ ନାଟକ ଦେଖିଲା ପରି ଦେଖା ଯାଉଛି ଯେ କଂଗ୍ରେସ ପୁଣି ଗୋଟାଏ ନୂଆ ରକମ ମାର୍ଗ ଧରିବ । ଯେତେ ଯେତେ ନୂଆ ନୂଆ ମାର୍ଗ ନ ଧରିଲେ ସେ ଭୂମିକାର ବା ପଦ୍ମ ପାଞ୍ଚି ନାହିଁ । କାରଣ, ନୂଆ ଯାଗ ଯାଗରେ ଅଛି !

ଏବେ ସତ୍ୟାଗ୍ରହର ମଜୁଜି ହେଲାଣି । ଏଥିରୁ ପାଣି କୁଅଡ଼ିକୁ ଗଲେ ତାହା ବଡ଼ ବଡ଼ ଲୁହା ପଡ଼ିଲାଣି । ଅତଏବ ଚଳନ୍ତୁ ନାଳଂ !

× + ×

ଚର୍ଚ୍ଚିଲଙ୍କ ସାହେବ ପୁଣି ବର୍ଲିନ ଦୌଡ଼ରେ ରାଜ ଦେବେଣି ନ ଏ ଏଭବ ଜେଳରେ ଅସରେଁ ଭାରତବାସୀ, ଉର୍ଦ୍ଧ୍ୱାବରଣ ମୁକ୍ତ, ମନ୍ତ୍ରୀ ଶୂନ୍ୟ ପ୍ରଦେଶରେ ପ୍ରତିବନ୍ଧକ, ମନ୍ତ୍ରୀ ମଣ୍ଡଳ ଗଢ଼ ।

.ଏତିକି ଖର୍ଚ୍ଚ ସୁଦ୍ଧା ଦେଖା ଗଲି ଗଲାଣି । ବେ କଂଗ୍ରେସିଅ ଯାକ ସବୁ ଅଡ଼େ ଯାଇଁଛି ହୋଇ ତେଣି ଉତାବାକୁ ଅରମ୍ଭ କଲେଣି । ଯେ ଅର ଦଳାଦଳିରେ କଂଗ୍ରେସ ଏହି ମାନଦଣ୍ଡ ଗଢ଼ ଥିର ରହିପାଏ, ସେଥିର ହେଇକୁ—'ମାରିଦେଲେ ମହାପାପ ସ୍ୱର୍ଗ ବହିଲେ ଭଲବା' ହେବାପାଇଁ "ଭୁବି ହେବ ବର୍ମିବରେ, ପ୍ରମାଦ ନ ପଡ଼ିଲ ରବେ" କହିବାଟା ଉଚିତ ହୁଏ କି ?

× + ×



Digitized by srujanika@gmail.com

ଓଡ଼ିଶାର ନୂଆ ମନ୍ତ୍ରୀମଣ୍ଡଳକୁ ପଟେଇ ଦେବା ଚେଷ୍ଟା ଲାଗି କଂଗ୍ରେସ ଦଳ ଭିତରେ ଭିତରେ ଲାଗି ପଡ଼ିଲେଣି ବୋଲି ଶୁଣା ଯାଉଛି। ଖୁବ୍ ସମ୍ଭବ ଆସେମ୍ବ୍ଲି ବସିଲା ମାତ୍ରେ ମନ୍ତ୍ରୀମାନଙ୍କ ପ୍ରତି ଅବିଶ୍ୱାସ ( no confidence ) ପ୍ରସ୍ତାବ ପଡ଼ିବ। ତହିଁରେ ଯଦି କଂଗ୍ରେସ ଭୁଲ କେଇ ଜଣଙ୍କୁ ଫେରେଇ ଆଣି ପାରନ୍ତି ବା ମନ୍ତ୍ରୀ ପକ୍ଷର ଭୁଲ କେତେଜଣ ନ ଆସନ୍ତି, ଅବିଶ୍ୱାସ ପ୍ରସ୍ତାବ ପାଶ ହୋଇଯିବା କଥା ନୁହେଁ। ଏପରି ପ୍ରସ୍ତାବ ପାଶ ହେଲେ ମନ୍ତ୍ରୀଙ୍କର ଇସ୍ତଫା ଦେବା ସତ। କିନ୍ତୁ 'ଅଭାବେ କନ୍ଦମା ନାସ୍ତି' ଅଧିକ ବଳରେ ଯଦି ମନ୍ତ୍ରୀଗଣ ଗାଦି ନ ଛାଡ଼ନ୍ତି— ତେବେ? ଅରଣ୍ୟେ ରୋଦନଂ ସାର!

× × +

କଟକରେ ଆଜିକାଲି କଲିକତା ସହରଟେ ହେବା ଉଠି ପଡ଼ ଲାଗିଛି। ଭାରତୀୟ ଶିଖଦଳ ଚେଷ୍ଟାରେ ଜଣେ ଜେନେରାଲ "ଯୋଗ ପର୍ଯ୍ୟନ୍ତ" ମାନଙ୍କ ଟେଲ ରେଲ ଗେଲ ଚେଷ୍ଟାର ସୀମା ନାହିଁ। ଜିଲ୍ଲା ବୋର୍ଡ ହୋଇ ରୋଡ ଚାରିପଟେ ବଜାର ବଳି ଚଳି ବ୍ୟବସା କରୁଛନ୍ତି। ଗ୍ରାମ ଅଞ୍ଚଳରୁ ତାଙ୍କ ଚିଲିଚିଲି ଆସି ଆଗାମୀ ଟୋଇ ଦେବା କରିବାରେ ବ୍ୟସ୍ତ। ଏହି ଲୋକମାନେ ପ୍ରାୟ କଲିକତାରେ ଏକଥର ହୋଇ ଆସନ୍ତି। ସେ ବଳରେ ତାଙ୍କୁ ଲଗା ନାହିଁ। ତେଣୁ "ଅତି ବଢ଼ିଲେ ବାପର ନାମ" ମନରେ ରେପିତ୍ ବ ପ୍ରାଣଟାକୁ ଯେନ ତେନ ଜନକର ତୋମର ବୋଲି ଟେକି ଅଣ୍ଡା ଦେବାକୁ ଯାଉଛନ୍ତି। ଓଡ଼ିଆର ଡରକ ସ୍ୱରାଜ ମାନଙ୍କରେ ପଥ ଯାଉଛି ବଡ଼ ଲଭିଛି।

ଏହି ଯୁଦ୍ଧ ବାମରେ ବଣିକ ଆଉ ମାଲୁଅଡ଼ମାନେ ଜିନିଷ୍ ତ ଏପି ଦିଲା ଶୁଣା ଯାଉଛି। ଏଥିରୁ ସୋଟିଏ ଦୃଷ୍ୟ ଜଣା ପଡ଼ୁଛି ଯେ ଜନକର ମାୟା ଅଭୂତ୍ ବେଶି ତାହାର, ଯାହାର ଅତି ବେଶି ଅଛି ଓ ଯାହାର କିଛି ନାହିଁ।

+ + ×

ଗଛର ମୂଳ ଗଛକୁ ଆସିଲେ, କ୍ଷତି ନାହିଁ। କିନ୍ତୁ ବେସମ ସବୁ ଦେଖିଲଣି ଯେ ଏଇ ଗଛର ମୂଳ ମାନେ ବିଦେଶରେ କେମିତି ଯାଇଁ ଝୁଙ୍କା ଗଛକୁ ପଠାଇ ଥିଲେ ତାହା ବନ ହୋଇନିର। ଚୋର ଉପରେ ନଜରା ବଡ଼ା—ସେମାନଙ୍କର ଚୋରାକ। ଏବେ ତ ଧାନ ସୁଖଳ ତଳି ଆରମ୍ଭ କରି ଜଣ ଲକ୍ଷା ଯାଏବ ମହୁରଗ; ସେଥିରେ ଲକ୍ଷ ଲକ୍ଷ ଉଥିଲି ଲୋକ କଣ ଖାଇ ବଞ୍ଚିବେ?

ବାଃ ଦୁଇଟା ଅଛି। ହୁଏ ଯୁଦ୍ଧ କାମରେ ଲଗି ଯାଆନ୍ତୁ ନ ହୁଏ ନୂଆ ଜମି ଚାଷନ୍ତୁ। ସବୁ କଥାରେ ସରକାରଙ୍କ ମୁହଁକୁ ଚାହିଁବା ଆମର ଅଭ୍ୟାସ। ପୁଣି ଆମ ଦେଶ ଲୋକଙ୍କ ହାତରେ ସରକାର ଥିବାରୁ ଆମେ ମନ୍ତ୍ରୀମାନଙ୍କ ସମ୍ମୁଖରେ ମୁହଁ ଖ କରୁଛୁ—କଂଗ୍ରେସ ମନ୍ତ୍ରୀଙ୍କ ଭଳିଆ ଏମାନେ ନେଉଁ ସବୁ ପାଉଁ ଛଡ଼ 'ଟଙ୍କା' ସେମାନେ କର ବାଟରେ ଲଗି ପଡ଼ନ୍ତୁ।

+ + +

ଜାପାନର ଅଧିକୃତ ଶାଙ୍ଗ ଠାରୁ ବଙ୍ଗୋପସାଗର ଉପରେ ଦେଇ ଓଡ଼ିଶାର ଉପକୂଳ ନିକଟତମ। ଏଥି-ପାଇଁ ଅନେକେ ମନେ କରନ୍ତି ଯେ ହୁଏତ ଜାପାନ ଉଡ଼ାଜାହାଜ ପଠେଇ ଆସି ଓଡ଼ିଶାରେ ବୋମା ବା ଅକାଶ ଛତା ସୈନ୍ୟ ଓହ୍ଲାଇ ଦେଇ ପାରେ।

ଇଂଲଣ୍ଡରେ ମଧ୍ୟ ଜର୍ମାନ ଏଇ ଅବସ୍ଥା କରାଇ ଥିଲା। କିନ୍ତୁ ଇଂରେଜ ସରକାର ଲୋକମାନଙ୍କୁ ଛତିର କାଗଜ ଅରଣ୍ୟ କରି ଦେଇଥିଲେ ଯେ ଜର୍ମାନ ହିଟ ଟେବାର ପାରିଲା ନାହିଁ। ଓଡ଼ିଶାର ଯୁବ—ଉଦ୍ୟମୀ ସରକାର ଏ ଦେଶରେ ଉଦ୍ଧୁଲୀଙ୍କ ଶକ୍ତି ନିୟୋଜିତ କଲେ ଆଉ କୌଣସି ଅସୁବିଧା ରହିବ ନାହିଁ। ଅଣ୍ଟା ଲକ୍ଷ ଅବାଳବୃଦ୍ଧବନିତା ଓଡ଼ିଆ ସମୁଦ୍ର କୂଳ କୂଳ ଜଗି ରହିବେ ତେବେ ଏହିଲେ ଶତ୍ରୁର କ ସାଧ୍ୟ ଓଡ଼ିଶାରେ ପଦାର୍ପଣ କରିବା! ଏଣେ ଟେକି ନଳଗିରି ବା ଧାନମଣ୍ଡଳ ନେଇ ଜମା କରା ଯିବାର ବ୍ୟବସ୍ଥା ହେଲେ ଭଲ ହୁଅନ୍ତା।

× + ×

ଓଡ଼ିଶା ସବୁ କଥାରେ ଅଗୁଆ। ଏବେ ଭାରତ ସରକାରଙ୍କ ଇଙ୍ଗିତ ଏବେ ପ୍ରାଦେଶିକ ସରକାର ମାନେ ସତ୍ୟାଗ୍ରହୀ ବନ୍ଦୀଙ୍କୁ ଖଲାସ କରି ଦେଉଛନ୍ତି। ଇଙ୍ଗିତର ମର୍ମ ବୁଝି ଅଳ୍ପ ଦିନ ଭିତରେ ଯେ ସମସ୍ତ ରାଜବନ୍ଦୀଙ୍କୁ ଖଲାସ କରିବେ ଏଥିରେ ସନ୍ଦେହ ନାହିଁ।

ଆମ ଓଡ଼ିଶାରେ ଜନପ୍ରତିନିଧି ମୂଳକ ( popular ) ମନ୍ତ୍ରୀମଣ୍ଡଳଙ୍କ ହାତରେ ସରକାର। ସେମାନେ ତେବେ ଏ କଥାରେ ଅଗୁଆ ହୋଇ କାହାର ପଡ଼ିଲେ ଆଉ ଗୋଟାଏ ସସ୍ତା ନାମ ମାରି ନେଇ ହୁଅନ୍ତା ନାହିଁକି?

+ + +

ବଙ୍ଗଳାରେ ଏକ ଅଦ୍ଭୁତ ତାମସା ଲାଗିଗଲା। ଫଜଲ ସାହେବ ମୁସଲିମ ଲିଗ୍ ଦଳରୁ ଶ୍ୟାମ ମାରି ବାହାର ଯେତେକ ଦଳକୁ ଡାକେଇ ନେଇ ଏକ ନୂଆ ମନ୍ତ୍ରୀଦଳ ଗଢ଼ି ପକାଇଲେ। ଏଥିରେ ହିନ୍ଦୁ, ଫରୱାର୍ଡବ୍ଲକ୍, କଂଗ୍ରେସୀଆ, ହିନ୍ଦୁ ମହାସଭା ବାଲା ଆଦି ତାଙ୍କର ସବୁ ବିପକ୍ଷ ଦଳ ଯାକ ଏକଯୋଟ ହୋଇଛନ୍ତି। ରହିଗଲେ କେବଳ ଲିଗ୍ ଆଉ ତାଙ୍କ ଦଳ ଗୋରାଦଳ। ସବୁ ଦଳରୁ ବାଛି ବାଛି ଜଣ ୯ ଜଣ ମନ୍ତ୍ରୀ ହୋଇଛନ୍ତି। ଏହି ନବରତ୍ନ ଶାସନରେ ବଙ୍ଗଳାର ଶାସନ ନାଶ ନ ପେରିବ ବୋଲି କଏ କହିବ, ମୁସଲିମ୍ ଲିଗ୍ବାଲାଏ—ମାନି ଗଲ୍!

× + +

ସୁଭାଷ ବୋଷଙ୍କ ଭାଇ ଶରତ ବୋଷ ବଙ୍ଗଳାର ମନ୍ତ୍ରୀ ଗାଦିରେ ବସୁଁ ବସୁଁ ହୋଇଗଲେ ପକଡ଼ା। ମୁସଲିମ ଲିଗ୍ବାଲାଏ ଭାଗ୍ୟର ଫେର! ସେ ବୁଝିଥିଲେ ଜାପାନ ସାଙ୍ଗରେ କଣ ନିସର ପସର ହେଉଥିଲେ। ଯାହାକୁ କହନ୍ତି ପଞ୍ଚମ ବାହିନୀ (fifth columnist)? କଥାଟା ଯଦି ସତ ହୋଇ ଥାଏ, ତେବେ ଆମ ମୁକ୍ତ ସରକାର ବଡ଼ ଦରଦାସ୍ତି କାର୍ଯ୍ୟ ବୋଲି କହିବାକୁ ହେବ। ହିଟଲର ହୋଇଥିଲେ କଣ ହୁଅନ୍ତା! ଉପର ବସ୍ତା—ତଳ ବସ୍ତା?

× × ×

ଜଗତ୍ ବିଖ୍ୟାତ

ମାଲେରୋଲ

ଯେ କୌଣସି ପ୍ରକାର ପାଳିଜ୍ୱର ୨୪ ଘଣ୍ଟାରେ ଆରୋଗ୍ୟ ହୁଏ।

ଅତିକାୟୁ, ଶକ୍ତ ପ୍ଲୀହା, ଯକୃତ୍, ମ୍ୟାଲେରିଆ ଓ ସମ୍ବନ୍ଧ ଜ୍ୱର ବିନା ଇନଜେକ୍ସନରେ ଆରୋଗ୍ୟ କରିବାକୁ ଏହା ଅଧୁନିକ ମତରେ ଅଦ୍ୱିତୀୟ।

ମେସର୍ସ ବସୁଂକାର ଫାର୍ମାସି

ଶ୍ରୀ ବୀରଭଦ୍ର ଚୌଧୁରୀ—ଚରମ୍ ବଜାର, କଟକ (କଟକ ମୁଦ୍ରାଳୟ ଓ ଜାନକୁଳ ଏଜେଣ୍ଟ)

ସୋଲ ଏଜେଣ୍ଟ—ମହମ୍ମଦ ଇସମାଇଲ ଖାଁ। ନଂ ୧୧୫ ମୁର ବନୁକଳାବ ଷ୍ଟ୍ରିଟ, କଲିକତା।

Digitized by srujanika@gmail.com




ଭଲ କିଏ ନ ପାଏ? ଚୁମ୍ବନ ବା କିଏ ନ ଦିଏ? ଆଖିରୁ ଲୁହ ବା କିଏ ନ ଗଡ଼ାଏ?...

ଧର ସେଦିନ ଈଶ୍ବର ପ୍ରତ୍ୟେକ ଧୂଳିକଣା...ପ୍ରତ୍ୟେକ ଚିଜ...ଏକାଠି ଜନାଇ ଦେଲେ—ବନ୍ଧନ ପାଇଁ ଈଶ୍ବର ସୃଷ୍ଟି।

ତାପରେ...ସୌର ଜଗତ। ସୂର୍ଯ୍ୟ, ପୃଥିବୀ, ସମୁଦ୍ର, ପାହାଡ଼, ଜଙ୍ଗଲ, ପଶୁ। ...ପ୍ରକୃତି ଆଉ ପୁରୁଷ। ...ମଣିଷ।

**ମଜାକଥା**

## ଦେଶୀ ପ୍ରେୟସୀ

ଲେଖକ—ନାରାୟଣ ପ୍ରସାଦ ମହାନ୍ତି

ଆପଣ ମଣିଷ। ମୁଁ ବି ମଣିଷ। ଆପଣ କେତେବେଳେ କାହାକୁ ଭଲ ପାଇଛନ୍ତି ମୁଁ ଜାଣିବି? ଭଲ ପାଇବାର ଲକ୍ଷ କେତେବେଳେ ଭଲ ନ... ଆପଣଙ୍କର ଭଲ ପାଇବାର ଲକ୍ଷ ମୋର ଭଲ ପାଇବାର ଲକ୍ଷ ସହିତ ହୁଏତ ମିଳେଇ ନ ପାରେ, ତଥାପି ମୁଁ ଭଲପାଏ। ଆଉ—ଯାହାକୁ ମୁଁ ଭଲ ପାଏ, ସେ ମୋର ପ୍ରେୟସୀ...ଆପଣଙ୍କର ନୁହେଁ। ଯଦିବା...! ସ୍ୱତନ୍ତ୍ର।

ସତ କହିଲେ ମୋ ମନ ଭିତରେ କେତେବେଳେ ଭଲ ପାଇବାର ଆଶା ଆସନ୍ତା ପଡ଼ିଲେ, ମୁଣ୍ଡଟା କମ୍ପିଯାଏ। କପାଳଟା ବୋଧହୁଏ—ଟିଭା, ଟିଭା।

ତାପରେ—ଧୂଆଁ। ଇଞ୍ଜିନ ଉଗଲା ଧୂଆଁ। ଘିଅପୋଡ଼ି ଧୂଆଁ। ଶବ ଜଳା ଧୂଆଁ। କବ୍ରାଟ ଧୂଆଁ। ଘରେ ଘରେ ଧୂଆଁ।

"ବାପା ଚାହାନ୍ତି ଯେ ମୋର ସ୍ୱାମୀ ଜଣେ ସମାଜ ସଂସ୍କାରକ, ଦେଶଭକ୍ତ, ତ୍ୟାଗୀ, ସମାଜ ଓ ଦେଶ ସେବା କରୁଥିବେ। ଯେକୌଣସି ଜାତି ଧର୍ମର ଲୋକ ହେଲେ ଚଳେ। କିନ୍ତୁ ମା ଚାହାନ୍ତି ଯେ ଜଣେ ନିଷ୍ଠାବାନ, କୁଳୀନ, ସ୍ୱଜାତିର ଲୋକ ହେଲେ ବାହା ଦେବେ। ମା ଚାହାନ୍ତି ମୋର ସ୍ୱାମୀ ନିଷ୍ଠାବାନ୍, ଧର୍ମଭୀରୁ, ମନୋଯୋଗ ହେବେ। ମୁଁ ଚାହେଁ ଜଣେ ସୁନ୍ଦର, ବୁଦ୍ଧିମାନ, ଧନୀ ଯୁବକ ହେବେ। ... ଆମେ ... ଏହି ଲୋକର ଅନୁସନ୍ଧାନରେ ଅଛୁଁ।

\+ \+ \+

ମହାଜନ—(ଟଙ୍କାଟିଏ ଦେଖାଇ) ବାବୁ ଏ ଟଙ୍କାଟା ଅଚଳ ତ ?

ଲୋକଟି—(ଟଙ୍କାଟି ହାତକୁ ନେଇ ଭଲ ଭାବରେ ପରୀକ୍ଷା କରି) ହଁ ଅଚଳ। (ଟଙ୍କାଟି ପକେଟରେ ରଖି ଆଗେଇ ଯିବାକୁ ଚାହିଁଲେ।)

ମହାଜନ—ଆଜ୍ଞା ଆପଣ ... ।

ଲୋକଟି—ମୋ ପାଇଁ ଭାବିବାକୁ କିଛି ନାହିଁ।

\+ \+ \+

ସ୍କୁଲ ଇନ୍ସପେକ୍ଟର—ଇସ୍ ! ତୁମେ ବଡ଼ ଦୁଷ୍ଟ ! ମୁଁ ଯଦି ତମ ମା ହୋଇ-ଥାନ୍ତି ତାହାହେଲେ ଏତେ ଦିନରେ ତୁମକୁ ଛଡ଼ାଇ ଦିଅନ୍ତି।

ଛାତ୍ର—ଆଜ୍ଞା ମୁଁ ତୋଟାକୁ ... ଆପଣଙ୍କୁ କହିବି।

× × ×

ଶ୍ୟାମଳା—କମଳା, ତୁ ଯାହାକୁ ବାହା ହେବାକୁ ଯାଉଛୁ ସେ ଦେଖିବାକୁ ଟିକିଏ ... କଳା ...।

କମଳା—ହଁ, ସେଇଥିପାଇଁ ତ ମୁଁ ତାକୁ ବାହା ହେବି।

× × ×

ଡାକ୍ତର—ଏହି ରୋଗୀଟିକୁ ... ଯେ କିଏ ... ପଡ଼ି ଯାଉଛନ୍ତି।

ନର୍ସ—ତାହାହେଲେ ... ।

ଡାକ୍ତର—ଆଶ୍ଚର୍ଯ୍ୟ, ସେ ହେଉଛନ୍ତି ମୋର Best patient ... ପାଇବା ... ।

\+ \+ \+

'ଯେ ଯୁବତୀ ଦେଖିଲା ଠିକ ଭଲ bridge ଖେଳ ପାରନ୍ତି, ନୁହେଁ ?"

"ହଁ ତମେ ଯଦି ତାଙ୍କ ମୁହଁକୁ ଅନାଇ ରହିବ ସେ ଖୁବ୍ ଭଲ ଖେଳିବେ।

× \+ ×

ଧନୀ—(ଜଣେ ଯୁବକକୁ ଦେଖି) ତମେ ମୋ ଝିଅକୁ ବାହାହେବାକୁ ଚାହୁଁଛ ନା ? ଆଜି ... ?

ଯୁବକ—ନା, ... ଆପଣଙ୍କ କନ୍ୟା ଉପରେ।

ଧନୀ—ଆଜ୍ଞା ବାହାଘରେ ଖୁବ୍ ଅଡ଼ମ୍ବର ସମ୍ଭବ ହେବ ନା, ସାଧାରଣ ଭାବରେ କରିବେ !

ଯୁବକ—ସେ ବିଷୟରେ ମୁଁ ସମସ୍ତ ଦାୟିତ୍ୱ ଆପଣଙ୍କ ଝିଅଙ୍କ ଉପରେ ଛାଡ଼ି ଦେଲି।

ଧନୀ—ତମର ... ?

ଯୁବକ—... ।

× × ×

ଶିକ୍ଷକ—... ପାରିବ ?

ଛାତ୍ର—... ମୁଁ ... କରିବି।

ଶିକ୍ଷକ—କାହିଁକି ?

ଛାତ୍ର—... ମୁଁ ... ।

\+ × \+

ଡାକ୍ତର—ମୁଁ ଆପଣଙ୍କର ଏ ରୋଗର କୌଣସି ପ୍ରତିକାର କରି ପାରିବି ବୋଲି ଆଶା କରୁନାହିଁ। ଏ ରୋଗ ଆପଣଙ୍କ ବାପାଙ୍କଠାରୁ ଆସିଛନ୍ତି।

ରୋଗୀ—ତାହାହେଲେ ଆପଣଙ୍କ ବିଲ୍ ଟଙ୍କାଟା ବାପାଙ୍କଠାରୁ ପାଇବେ।

× \+ ×

ଯୁବକ—(ଭାବ ପ୍ରବଣିତ ହୋଇ) ଜୀବନରେ ତମକୁ ଭଲ ପାଇବା ହେଉଛି ମୋର ପ୍ରଥମ।

ଯୁବତୀ—ତା ହେଲେ ପ୍ରେମ ବିଷୟରେ ତମେ ଅନଭିଜ୍ଞ, ଅନ୍ୟଏ ଚେଷ୍ଟା କର।



Digitized by srujanika@gmail.com




# ମୁକୁଳ ଗୋଷ୍ଠି ବୈଠକ

## ମହାତ୍ମା ପୁଷ୍କିନ୍

ନ୍ଦ୍ରେସ୍ତ୍ରଙ୍କ ନାମରେ ବହୁଲ ପରିଚିତ, ଋଷିଆ । ତ୍ରୁଶ୍ଚ ଜନ ସାଧାରଣଙ୍କର ମନରେ ନୂତନ ସତ୍ତାର ପ୍ରକାଶ କରିବାକୁ ଯାଇ, ଯେଉଁ ଋଷିଆର କବିଗଣଙ୍କୁ ମୃତ୍ୟୁ ପଥରେ ନିଜର ଜୀବନକୁ ପର୍ଯ୍ୟନ୍ତ ଦେଇ ଦେବାକୁ ହୋଇଥିଲା । ଆଜି ଋଷିଆ ନବଜାଗରଣ ମଧ୍ୟରେ ଅନେକ ଭାବରେ ଧ୍ରୁବ ତାରାଙ୍କ ପରି 'ପୁଷ୍କିନ୍' ନାମଟି ଚକ୍ ଚକ୍ କରେ । ତାଙ୍କର ମୃତ୍ୟୁ ପରେ ମଧ୍ୟ ଋଷିଆର ଶତ ଶତ ମସ୍ତକ ତାଙ୍କ ନାମରେ ଭକ୍ତିରେ ଅବନତ ହୁଏ ।

୧୭୯୯ ମସିହା ମେ ମାସ ୨୬ ତାରିଖରେ ଏକ ଅଭିଜାତ କୁଳରେ ମହାତ୍ମା ପୁଷ୍କିନ୍ ଜନ୍ମ ଗ୍ରହଣ କରିଥିଲେ । ତାଙ୍କର ବାପା ଋଷୀୟ ଥିଲେ । କିନ୍ତୁ ତାଙ୍କ ମା' ଙ୍କର ଗୋଟିଏ ମା ହେଉଛନ୍ତି— ଋଷିଆର ବିଖ୍ୟାତ ସମ୍ରାଟ ପିଟରଙ୍କର କାଫ୍ରି କ୍ରୀତଦାସର ଝିଅ ।

ପୁଷ୍କିନ୍ ପ୍ରଥମେ ଫରାସୀ ସାହିତ୍ୟ ପ୍ରତି ଆକୃଷ୍ଟ ହୋଇଥିଲେ ।

ସେତେବେଳେ ଋଷିଆର ଯୁବମାନଙ୍କରେ ଜାତୀୟତା ପ୍ରତିଷ୍ଠିତ ହୋଇ ନଥିଲା । ବୈଦେଶିକ ସଭ୍ୟତା—ବିଶେଷତଃ ଫରାସୀ ସଭ୍ୟତାକୁ ଲୋକେ ବୁଝି ପାରୁଥିଲେ । ବହୁତଟା ପୁଷ୍କିନ୍‌ଙ୍କର କଥା ପରି ଥିଲା । ତାହାଙ୍କର ସ୍ୱଦେଶ ପ୍ରୀତି ପ୍ରବଳ ଥିଲା । ଫରାସୀ ପ୍ରଭାବକୁ କାଟିଲା ପରି,—ଋଷିଆର ବନ୍ଧୁଙ୍କୁ ତାଙ୍କର ଉତ୍କୃଷ୍ଟ କବିତା ତିନି ସେତେବେଳ ରଚନା କରି ଥିଲେ ।

ତେର ବର୍ଷରେ ଋଷିଆର ନାମଜାଦା କବି "Derzharien" ଙ୍କର ପୁଷ୍କିନ ଙ୍କର ଲିପିଗତ ହୋଇଥିଲେ । ତାଙ୍କର କବିତା ପଢ଼ିକୁ ଚଢ଼ି ସେ ଅତି ଆନନ୍ଦିତ ହୋଇଥିଲେ !

ବିଖ୍ୟାତ କବି ଯୁକୋଭସ୍କି ପୁଷ୍କିନଙ୍କ ଶିକ୍ଷା ଭିତ୍ତି ପଡ଼ିଥିଲେ । ୧୮୨୦ ମସିହାରେ ତାଙ୍କର "Ruslan and Ludmila" ପ୍ରକାଶିତ ହେଲା । ଏହା ତାଙ୍କର ପ୍ରଥମ କାବ୍ୟ ଓ ଏହି କାବ୍ୟଟି ତାଙ୍କୁ ଋଷିଆ ସାହିତ୍ୟିକ ଲୋକ ମଧ୍ୟରେ ନାମିତ କରିଦେଇଥିଲା ।

ସେ ଅନେକ ସୁନ୍ଦର ସୁନ୍ଦର ଗଳ୍ପ ଲେଖିଛନ୍ତି ଓ ଅନେକ ଉତ୍କୃଷ୍ଟ ପୁସ୍ତକ ଲେଖି ଅଛନ୍ତି ! ଏମିତି ଋଷିଆ ସାହିତ୍ୟରେ—ପୁଷ୍କିନ୍, ଟଲ୍‌ଷ୍ଟୟ-ଗୋର୍କି ଓ ତାଙ୍କ ସମସ୍ତ ଦାନର ତୁଳନା ନାହିଁ । ନାଟକ, ଗଳ୍ପ, କବିତା ସବୁଥିରେ ତାଙ୍କର ହାତ ଥିଲା । ସେ ଜାତୀୟ ଭାବରେ ଲେଖୁଥିଲେ । ଜନ ସାଧାରଣଙ୍କର ପ୍ରାଣକୁ ସେଥିପାଇଁ ତାହା ବେଶି ପର୍ଶ କରୁଥିଲା ଓ ସେ ତାଙ୍କ ନିକଟରେ ପ୍ରିୟ ହୋଇ ପାରିଥିଲେ ।

ଋଷିଆ ଶାସନ ତନ୍ତ୍ର ପୁଷ୍କିନଙ୍କ ଉଦ୍ଦାମ କବିତା ଅଭିଯୋଗରେ ଥରେ ତାଙ୍କୁ ସରକାରଙ୍କର

## ନାଗବଚ୍ଛା ଦଳ

### ଉଦ୍ଦେଶ୍ୟ

୧ । ଉତ୍କଳ ଦେଶର ପ୍ରାଣରେ ନବ ଜାଗରଣ ଆଣିବା, ଜାତି ମଧ୍ୟରେ ସେବାର ଓ ଦେଶପ୍ରୀତିର ଉଚ୍ଚ ଭାବନା କରିବା ।

୨ । ଦେଶର ମଙ୍ଗଳ ପାଇଁ ପଥ ଦେଖାଇ ଦ୍ୱାରା ପିଲାମାନଙ୍କ ମଧ୍ୟରେ ପରସ୍ପର ପ୍ରତି ସ୍ୱାଧୀନ ଭାବ ଓ ସେମାନଙ୍କ ମଧ୍ୟରେ ପ୍ରେମ ପ୍ରୀତି ଓ ସୌହାର୍ଦ୍ଦ୍ୟ ବଢ଼ାଇବା ।

୩ । ମାତୃଭାଷା ଓ ସାହିତ୍ୟ ପ୍ରତି ଦେଶର ପିଲାମାନଙ୍କ ଅନୁରାଗ ବଢ଼ାଇବା ।

୪ । ରୋଗୀ ସେବା, ଆର୍ତ୍ତ ଓ ଅସହାୟ ସାହାଯ୍ୟରେ ସେମାନଙ୍କ ଉତ୍ସାହ କରିବା ।

( ୧୮ ବର୍ଷରୁ ନିମ୍ନ ବାଳକ ବାଳିକାମାନଙ୍କ ପାଇଁ )

ନିର୍ବାସନ ଦଣ୍ଡିରେ ପଠେଇବାକୁ ହୋଇଥିଲା । ସେ ୧୮୩୭ରେ ଡୁଏଲ୍‌ଯୁଦ୍ଧ ମଧ୍ୟ କରିଥିଲେ ।

ଜଗତ — ବକ୍ଷରେ ସେ ତାଙ୍କର ଅସାଧାରଣ କବିତ୍ୱ ପାଇଁ ଯୁଗ ଯୁଗାନ୍ତରୁ ଅମର ହୋଇଥିବେ ।

ତୁମମାନଙ୍କର
କୁମାରୀ ଶୈଳବାଳା
୧୬ ନମ୍ବର ନାଗବଚ୍ଛା

---

## ପ୍ରଶ୍ନ

୧ । ବିଲାତ ପାର୍ଲିଆମେଣ୍ଟ ( ହାଉସ୍ ଅଫ୍ କମନସ୍ ) ର କେତେଜଣ ସଭ୍ୟ ଅଛନ୍ତି ?

୨ । ଗତବର୍ଷ ଡର୍ବିରେ ଯେଉଁ ପୃଥିବୀ ବିଖ୍ୟାତ ଘୋଡ଼ଦୌଡ଼ ହୁଏ ତାହା କେବେ ହୁଏ ଏବଂ ସେଠି ଘୋଡ଼ଦୌଡ଼ ପଡ଼ିଆର (Reee Course) ଦୈର୍ଘ୍ୟ କେତେ ?

୩ । ପୃଥିବୀର ସବୁଠାରୁ ବଡ଼ Railway tunnel କେଉଁଠାରେ ଅବସ୍ଥିତ ?

୪ । ନିଉୟର୍କର କୋଉ Empire State Building ପୃଥିବୀର ଦ୍ୱିତୀୟ କୋଠା, ସେପରି ଲଣ୍ଡନ ନଗରର ବଡ଼ କୋଠାର ନାମ କଣ ?

ଲକ୍ଷ୍ମୀଧର—(୫ନଂ ନାଗ)

## ଅଜାଙ୍କ ଜବାବ

ଚିତାମ୍ବର—(୩୩୪ନଂ ନାଗ) ବୋଲକୁ ଚୋରାଇଥିବା ଗପ୍ପ ଟିକେ ପାଉଛି । ତାକୁ ଡମ ଅଧ ଛଡ଼ାଇ ନେଇ ମୋ ଦାଢ଼ିଆ ମୁଣ୍ଡରେ ବୋଳି ଦେଲେ । ମୋ ମୁହଁକୁ ଜଅଁଣ ହେଲା ।



Digitized by srujanika@gmail.com




ବୈଜ୍ଞାନିକ ମାନେ ସ୍ଥିର କରିଛନ୍ତି ଯେ ସମୁଦ୍ରରୁ ଯେଉଁ ଜଳୀୟ ବାଷ୍ପ ଉଠି ବୃଷ୍ଟିରେ ପରିଣତ ହୋଇ ପୁଣି ସମୁଦ୍ରକୁ ଫେରି ଆସୁ ନ ଥାନ୍ତା ତାହାହେଲେ ତିନି ହଜାର ବର୍ଷ ଭିତରେ ସବୁ ସମୁଦ୍ର ଜଳ ଶୁଖି ଯାଆନ୍ତା ।

\+ × +

ରେଲଗାଡ଼ି ଗୁଳିଚାଳନାରେ ଯେଉଁ ଘର୍ଘର ଶବ୍ଦ ହୁଏ ସେହି ଶବ୍ଦ ଯେ ମଣିଷ ଜାନକୁ ୮୦ ଲକ୍ଷ ଥରେ ଏହା କେହି ବିଶ୍ୱାସ କରିପାରେ ? ସମୁଦ୍ର ଧାର ବର୍ତ୍ତି ହସ୍ତୀ ନାମକ ଜନ୍ତୁ ବେଙ୍ଗ ଏହି ପ୍ରକାର ଶବ୍ଦ ନ ଶୁଣିଲେ ରାତିରେ ତାଙ୍କ ନିଦ ହୁଏ ନାହିଁ । ସେ ଦେଖିଛନ୍ତି ରୋଗୀଙ୍କୁ ରେଲ ଷ୍ଟେସନ ନିକଟ ଘରେ ରଖିଥିଲେ । ସେ ତାଙ୍କ ବଞ୍ଚିବାରେ ଏପରି କୃତ୍ରିମ ବ୍ୟବସ୍ଥା କରିଛନ୍ତି ଯେ ତା ଉପରେ ଶୋଇଲେ ରହନ୍ତି ରେଳଗାଡ଼ି ଚଳାଚଳ ଘର୍ଘର ଶବ୍ଦ ଶୁଣି ନିଦ ହୁଏ !

\+ × +

ସାଗର ଅଟ୍ଟମଞ୍ଚାରେ ଯୋଉଠି ଗତ ପ୍ରଦର୍ଶନୀ ହୋଇ ଅଛି ତାର ସଂଖ୍ୟା ହେଉଛି ୧୮ ହଜାର, ଏବଂ ଏ ପ୍ରଦର୍ଶନୀରେ ଦର୍ଶକ ମାନଙ୍କ ପାଇଁ ଯେତେ ଅବଗତ ବ୍ୟବସ୍ଥା କରିଛନ୍ତି । ସେଥିରେ ସମସ୍ତ ଅଟ୍ଟମଞ୍ଚାର ଏକ ଦଶମାଂଶ ରହିଛନ୍ତି ।

\+ + +

ମାର୍କିନ ବୈଜ୍ଞାନିକ ଡକ୍ଟର ଗୁଡ଼ାର୍ଡ଼ ଭବିଷ୍ୟତ ଗବେଷଣା କରି ସ୍ଥିର କରିଛନ୍ତି ଯେ ମଙ୍ଗଳ ଗ୍ରହରେ ମାନବ ଜୀବଜନ୍ତୁ ଓ ଉଦ୍ଭିଦ ଆଦି ରହିଛନ୍ତି ବୋଲି ଯେଉଁ ମାନଙ୍କର ବିଶ୍ୱାସ ତାହା ଭ୍ରମପୂର୍ଣ୍ଣ । ମଙ୍ଗଳ ଗ୍ରହ ଗୁରୁ ପାଖରେ ଅତ୍ୟ କଠିନ ବରଫ ଭଳ । ଧଳା ପଦାର୍ଥ ଦେଖି ତାହା ଏକ ପ୍ରକାର ଭୟାନକ ବିଷାକ୍ତ ଗ୍ୟାସ । ସେହି ବିଷାକ୍ତ ଗ୍ୟାସ ସଂସ୍ପର୍ଶରେ ଜନ ପ୍ରାଣୀର ବଞ୍ଚି ରହିବା ଅସମ୍ଭବ ।

× × ×

ଅଟମଞ୍ଚାର ଅନେକ ଶିଶୁ ଚିକିତ୍ସା-ଳୟରେ ମାତୃ ସ୍ତନ୍ୟକୁ ଜମାଟ କରି ବୈଜ୍ଞାନିକ ଉପାୟରେ ରଖାଯାଏ । ଯେଉଁ ଶିଶୁମାନେ ଜନ୍ମ କାଳରୁ ମାତୃ ସ୍ତନ ଦୁଗ୍ଧରୁ ବଞ୍ଚିତ ହୁଅନ୍ତି ସେମାନଙ୍କୁ ଏହି ଜମାଟ ଦୁଗ୍ଧ ପୁଣି ତରଳ କରାଯାଇ ପିଆଇ ଦିଆଯାଏ ।

\+ × +

ପରୀକ୍ଷା କରି ଦେଖା ଯାଇଛି ଯେ, ୮ ଘଣ୍ଟା ଠାରୁ କମ୍ ଯେ ଲୋକମାନଙ୍କରେ ନିଦ୍ରା ନଷ୍ଟ ହୁଏ ୬୦ ଘଣ୍ଟା ପାଇଁ ଜାଗିଲେ ମଧ୍ୟ ସେମାନେ ନିଦ୍ରା ନଷ୍ଟ ହୁଏ ନାହିଁ ।

## COMMUNIQUE.

Attention has recently been drawn by the Commander-in-Chief and others to the possiblity of air raids or even of occasional enemy landings on the Indian Coast. From this risk the coastal districts of Orissa are not immune. This does not mean that there is any occasion for alarm, and the Government of Orissa advise all those who have their livelihood in costal towns to go about their business in the ordinary way. Other people who have no need to stay in the coastal areas may however find it convenient for themselves or their families to take an early opportunity to move to less exposed areas further inland.

Government of Orissa,
Home Department,
Special Section,
Cuttack, the 14th March 1942.



Digitized by srujanika@gmail.com

ବହୁ ହିତ ଅଭିମତ ସମ୍ବଳିତ ଉତ୍କଳ ଭାରତୀ କହି

## ସାଂଘର୍ଷ

[ଦ୍ୱିତୀୟ ଖଣ୍ଡ]

ଚାନ୍ଦ୍ରକର ଲକ୍ଷ୍ମୀକାନ୍ତ କହନ୍ତି—ଏହ ବାଙ୍ଗାଳୀରେ ବହୁ ଲୋକ ଏ ନୂତନ ପ୍ରେରଣା ଅଣି ପାରନ୍ତି ବୋଲି ମୋର ଧାରଣା ।

ସତ୍ୟବ୍ରତର କହନ୍ତି— ଏଭଳି ବହୁ ଲେଖା ଏ ଯୁଗରେ ଯେତେ ପ୍ରକାଶିତ ହେବ, ସେତେ ଏ ଦେଶର ମାନସିକ ସ୍ୱାସ୍ଥ୍ୟ ପକ୍ଷେ ମଙ୍ଗଳ ।

ଲକ୍ଷ୍ମୀନାରାୟଣ ସାହୁ ( ଭାରତ ସେବକ ସମିତି ସଦସ୍ୟ ) କହନ୍ତି ମୁଁ ଏହି କାବ୍ୟକୁ କବିତାକୁ ମନର ସ୍ୱାଧୀନ ସୃଷ୍ଟିର ରଚନା ବୋଲି ସମାଦର କରିପାରେ ।

ଦ୍ୱିତୀୟ ଅବଦାନ 'ନୈବେଦ୍ୟ' ( ଥ୦ ଅଣା )

କାନ୍ତ୍ରପ୍ରିୟ ସକଳ ଅଭିନବ କବିତାମାଳା— ଭୂମିକାରେ ମୁଖାବନ୍ଧର ଯୁକ୍ତ ଗୋପୀନାଥ ମହାନ୍ତିଙ୍କର ମନ୍ତବ୍ୟ ପଢ଼ନ୍ତୁ । ମୁଗ୍ଧ ଯୁବକଙ୍କର ପରମ ଅଭିବର ସମ୍ପଦ— ପ୍ରେମର ଅଭୂତ୍ପୂର୍ବ ଦର୍ଶ—ବାତ୍ସଲ୍ୟ ସ୍ନେହ ଭକ୍ତିର ଅପୂର୍ବ ଅମୃତ ଉତ୍ସ—ଅବସର ବିନୋଦ ପାଇଁ ଖଣ୍ଡିଏ ମଗାନ୍ତୁ ।

ମାତ୍ର ଏକ ଟଙ୍କା ଦେଇ ସଭ୍ୟ ହେଲେ, ସମିତିର ପ୍ରକାଶନ ଗ୍ରନ୍ଥର ଅର୍ଦ୍ଧ ମୂଲ୍ୟରେ ପାଇ ପାରିବେ ।

ପରବର୍ତ୍ତୀ ଅର୍ପଣ— **ମାୟାପୁରୀ**—( ଉପନ୍ୟାସ କାହାଣୀ )

ଟଙ୍କା ଓ ଏହା ପଠାଇବାର ଠିକଣା—ସମ୍ପାଦକ, ଜଗନ୍ନାଥ ସାହିତ୍ୟ ସମିତି, ଭଦ୍ରକ ।

---

# ଦାର୍ଜିଲିଙ୍ଗ ବେଙ୍କ ଲିମିଟେଡ

## କଟକ ଶାଖା--

ଜନ ସାଧାରଣଙ୍କର ବ୍ୟବସାୟର ଉନ୍ନତି ପାଇଁ ଦାର୍ଜିଲିଙ୍ଗ ବେଙ୍କର କଟକ ଶାଖା ମଙ୍ଗଳାବାଗସ୍ଥ ବାବୁ ରବୀନ୍ଦ୍ରନାଥଙ୍କ କୋଠାରେ ଖୋଲା ହୋଇଛି । ସମସ୍ତ ପ୍ରକାର ବେଙ୍କର କାର୍ଯ୍ୟ କରାଯାଏ । ଉପରଲିଖିତ ଠିକଣାରେ ଅନୁସନ୍ଧାନ କରନ୍ତୁ ।

**ଓଡ଼ିଶା ଅଫିସ, ମଙ୍ଗଳାବାଗ କଟକ ।**

---

## ଜ୍ୱର ଓ ପ୍ଲୀହା ପାଇଁ

### ଅମୃତାଷ୍ଟକ କଷାୟ

ଓ

### ବାଲ୍ୟଲୀଳା (ବଟିକା)

ସର୍ବଶ୍ରେଷ୍ଠ ଚିକିତ୍ସା ପ୍ରଶଂସିତ । ଏହାର ମୂଲ୍ୟ ଅଳ୍ପ ଓ ଶୀଘ୍ର ଗୁଣକାରକ । ଓଡ଼ିଶାର ପ୍ରତ୍ୟେକ ସହର ଓ ଗ୍ରାମମାନଙ୍କରେ ଖୋଜିଲେ ମିଳିବ ଏବଂ ଅନ୍ୟାନ୍ୟ ଔଷଧ ତୁଳନାରେ କମ ଦାମରେ । ଥରେ ସେବନ କରନ୍ତୁ ଗରେ ଜାଣିବେ—

## ଆପଣଙ୍କର ଗୃହଚିକିତ୍ସକ କିଏ !

## ମାତୃଶକ୍ତି

* 'ମା' ନାଆରେ ଶିଶୁଙ୍କ ଓ... ଯାହା—ମାତୃଶକ୍ତି ସେମିତି ନୋଥିବା ଗୃହସ୍ଥର ଅବସ୍ଥା ଭାବିବାରୁ ଶୋଚନୀୟ । 'ମା ହେଲେ ଶିଶୁଙ୍କ ନାନା ରୋଗ ବାନ୍ଧିଛି ଯେତେ ନୂତନ ବାହାରେ ଥାଏ, କିନ୍ତୁ ମାତୃଶକ୍ତିର ବଳ, ମାନ, ବୁଢ଼ା, ବୁଢ଼ୀ ଭେଦ ଭାବ ନାହିଁ । ଚଉଦ ବର୍ଷଠୁ ଅଧିକ କାଳ ପ୍ରତ୍ୟେକ ଘରେ ସ୍ଥାନ ପାଇଛି । ଏହା ସବୁ ରୋଗ ନାଶକ । ଖାଇବା ଓ ମାଲିସ କରିବା ଉଭୟ କାର୍ଯ୍ୟରେ ଲାଗେ—ବ୍ୟବସ୍ଥାପତ୍ର ଶିଶି ସହ ଥାଏ । ମୂଲ୍ୟ—୫ • ୫୵

ସାମାନ୍ୟ ଶିକ୍ଷିତା ଗୃହିଣୀ ମାନେ କବିରାଜ ଓ ଡାକ୍ତର ନାନେବି ଚିକିତ୍ସା କରି ପାରିବେ ।

ଶାନ୍ତି ଔଷଧାଳୟ—ଡାକ୍ତର ଓ କବିରାଜ—ଶ୍ରୀ ବ୍ରଜନାଥ ମିଶ୍ର M.L.A. ପୋ: ଦେବୀପାଟଣା—କଟକ ।


Printed & published at the Gopinath Press, Bhadrak, by G. C. Mahapatra and issued from Dagaro Office Bhadrak.



"ଭାରତ ଭଳିଆ ଆମ ଦେଶରେ ଏପରି ଅଲଗା ଅଲଗା ଧର୍ମ ବିଭାଗ ନାହିଁ । ଉଣା ଅଧିକେ ଧର୍ମ ଆମର ଦୈନନ୍ଦିନ ଜୀବନର ଅଂଶ ହୋଇ ପଡ଼ିଛି । ଆମ ରାଜନୀତିରେ ଧର୍ମର କୌଣସି ସ୍ଥାନ ବା ସମ୍ବନ୍ଧ ନାହିଁ । ଆମେ ସମସ୍ତେ ଚୀନା—ଆମେ ସମସ୍ତେ ଏକ ।"

— ଶ୍ରୀମତୀ ଚିଆଙ୍ଗ୍ କାଇ ସେକ ।—

ଧର୍ମକୁ ଛାଡ଼ି ରାଜନୀତି କିମିତି ଜୀଇବ ମୁଁ ତାହା ବୁଝି ପାରୁନାହିଁ । ଧର୍ମ ଛଡ଼ା ରାଜନୀତିର କୌଣସି ଅର୍ଥ ମୋଠାରେ ନାହିଁ । ଧର୍ମହୀନ ରାଜନୀତି, ନୀତି ନ ହୋଇ ଅନୀତି ହୋଇ ପଡ଼ିବ । ଦେହ ଓ ଆତ୍ମା ଭିତରେ ଯେପରି ଘନିଷ୍ଠ ସମ୍ବନ୍ଧ, ରାଷ୍ଟ୍ରନୀତି ଓ ଧର୍ମ ଭିତରେ ସମ୍ପର୍କ ତାଠାରୁ ଊଣା ନୁହେଁ ।

ମହାତ୍ମା ଗାନ୍ଧି ।

୫ମ ବର୍ଷ    ୧୧ଶ ସଂଖ୍ୟା    ଚୈତ୍ର ପ୍ରଥମାର୍ଦ୍ଧ

ବାର୍ଷିକ ମୂଲ୍ୟ ଟ ୬

Digitized by srujanika@gmail.com

# ଦାର୍ଜିଲିଙ୍ଗ ବେଙ୍କ ଲିମିଟେଡ

## କଟକ ଶାଖା—

ଜନ ସାଧାରଣଙ୍କର ବ୍ୟବସାୟର ଉନ୍ନତି ପାଇଁ ଦାର୍ଜିଲିଙ୍ଗ ବେଙ୍କର କଟକ ଶାଖା ମଙ୍ଗଳାବାଗସ୍ଥ ବାସନ୍ତୀ ଉନ୍ଦ୍ରବେନ୍ଦ୍ର କୋଠାରେ ଖୋଲା ହୋଇଛି । ସମସ୍ତ ପ୍ରକାର ବେଙ୍କର କାର୍ଯ୍ୟ କରନ୍ତୁ । ପରଲିଖିତ ଠିକଣାରେ ଅନୁସନ୍ଧାନ କରନ୍ତୁ ।

ଓଡ଼ିଶା ଅଫିସ, ମଙ୍ଗଳାବାଗ କଟକ ।

---

## ଜ୍ୱର ଓ ପ୍ଲୀହା ପାଇଁ

### ଅମୃତାଷ୍ଟକ କଷାୟ

ଓ

### କଳ୍ପଲତା (ବଟିକା)

ଧନ୍ୱନ୍ତରୀ ବୋଲି ବହୁ ପ୍ରଶଂସିତ । ଏହାର ମୂଲ୍ୟ ଅଳ୍ପ ଓ ଶିଘ୍ର ଗୁଣକାରକ । ଓଡ଼ିଶାର ପ୍ରତ୍ୟେକ ସହର ଓ ଗ୍ରାମମାନଙ୍କରେ ଖୋଜିଲେ ପାଇବେ । ଅନ୍ୟାନ୍ୟ ଔଷଧ ତୁଳନାରେ ଏହା ମହୋପକାରୀ । ଥରେ ସେବିଲେ ଜାଣନ୍ତୁ ପରେ କହିବେ—

## ଆପଣଙ୍କର ଗୃହଚିକିତ୍ସକ କିଏ ?

### ମାତୃଶକ୍ତି

'ମା' ନଥାଇ ପିଲାଙ୍କ ଅବସ୍ଥା ଯାହା—ମାତୃଶକ୍ତି ପାଖରେ ନଥିବା ଗୃହସ୍ଥର ଅବସ୍ଥା ତାହାଠାରୁ ଶୋଚନୀୟ । 'ମା' କେବଳ ଶିଶୁକୁ ନିଜ କୋଳରେ ବାନ୍ଧି ଯେଉଁପରି ନେଇ ଥାଏ, କିନ୍ତୁ ମାତୃଶକ୍ତିର ଜ୍ୱର, ଖାନ, ବୁଢ଼ା, ବୁଢ଼ୀ ଭେଦ ଭାବ ନାହିଁ । ତେଣୁ ବାରବର୍ଷରୁ ଅଧିକ କାଳ ପ୍ରତ୍ୟେକ ଘରେ ସ୍ଥାନ ପାଇଛନ୍ତି । ଏହା ସବୁ ରୋଗ ନାଶକ । ଖାଇବା ଓ ମାଲିସ କରିବା ଉଭୟ କାର୍ଯ୍ୟରେ ଲାଗେ—ବ୍ୟବସ୍ଥାପତ୍ର ସଙ୍ଗେ ସଙ୍ଗେ ଥାଏ । ମୂଲ୍ୟ—୧ ॥୵

ସାମାନ୍ୟ ଶିକ୍ଷିତା ଗୃହିଣୀ ମାନେ କବିରାଜ ଓ ଡାକ୍ତର ମାନେଙ୍କ ସାହାଯ୍ୟ ବିନା ପାରିବେ ।

ଶାନ୍ତି ଔଷଧାଳୟ—ଡାକ୍ତର ଓ କବିରାଜ—ଶ୍ରୀ ବ୍ରଜନାଥ ମିଶ୍ର M.L. A. ପୋ: ବେନ୍ତ ପାଟଣା—କଟକ ।

---

## ଜଗତ୍ ବିଖ୍ୟାତ

# ପାଲୁଡ୍ରିନ

ଯେ କୌଣସି ପ୍ରକାର ପାଳିଜ୍ୱର ଘଣ୍ଟାରେ ଆରୋଗ୍ୟ ହୁଏ ।

ଅତିଶାର, ଶକ୍ତ ପ୍ଲୀହା, ଯକୃତ୍, ମ୍ୟାଲେରିଆ ଓ ସବୁ ବିଧ ଜ୍ୱର ବିନା ଇନ୍‌ଜେକ୍‌ସନରେ ଆରୋଗ୍ୟ କରିବାକୁ ଏହା ଅଧୁନାର ଯୁଗରେ ଅଦ୍ୱିତୀୟ ।

ମେସାର୍ସ କେଳକାର ଫାର୍ମାସୀ

ନ ୧୧୫ ମୁଖ ବଡ଼ବଜାର ଷ୍ଟ୍ରିଟ, କଲିକତା ।

ସୋଲ ଏଜେଣ୍ଟ—ମହମ୍ମଦ ଇସମାଇଲ ଖାଁ

ଶ୍ରୀ ବୀରଭଦ୍ର ଚୌଧୁରୀ—ଚରମ୍ପା ବଜାର, ଭଦ୍ରକ (ଭଦ୍ରକ ଗୃହକାଳ ଓ ଜାଜପୁର ଏଜେଣ୍ଟ)

---

ବାତରକ୍ତ ଓ କୁଷ୍ଠର

# ଭ୍ରାମରୀ ରସାୟନ

ଅବ୍ୟର୍ଥ ମହୌଷଧ

ଏହା ପୁରାତନ ରସାୟନର ଚିକିତ୍ସା ଦ୍ୱାରା ପ୍ରସ୍ତୁତ ହୋଇଅଛି । ବାତରକ୍ତ ଓ କୁଷ୍ଠ ପ୍ରାୟ ଏକରୂପ ବ୍ୟାଧି, ମାତ୍ର ଲକ୍ଷଣ ଭେଦରେ ପ୍ରକାର ଭେଦ ହୋଇଥାଏ । ଏହି ରୋଗ ଶରୀରରେ ଜନ୍ମିବା ପୂର୍ବରୁ ନାନାପ୍ରକାର ଛଳ ବା ବିକୃତ ଚିହ୍ନ, ହସ୍ତାଙ୍ଗୁଳି ଜ୍ୱାଳା ଶାରୀରିକ ଅବସାଦ, ମୂତ୍ରବିନ୍ଦୁରେ ବେଦନା ଅପଥ୍ୟ, ଅବସନ୍ନତା, ନାସିକା ଓ କର୍ଣ୍ଣର ଶୀତତା ଓ କୋଷ୍ଠବଦ୍ଧତା ପ୍ରଭୃତ ଉପସର୍ଗମାନ ଦେଖାଯାଏ । ଉପରୋକ୍ତ ରୋଗମାନଙ୍କ ଦୂରୀକରଣାର୍ଥେ ଅମୃତ ଏହି "ଭ୍ରାମରୀ ରସାୟନ" ଏକମାତ୍ର ପରମ ମହୌଷଧ । ଏହା ଏକମାସ ସେବନ କଲେ ଏହାର ଉପକାରିତା ନିଜେ ନିଜେ ବୁଝିପାରିବ । ଏକମାସ ସେବନ ଉପଯୋଗୀ ଔଷଧର ମୂଲ୍ୟ ୧୮୲ ଭ୍ରାମରୀ ତୈଳ ଏହା ଦେହରେ ମାଲିସ୍ କଲେ ଦେହର ଛଳ ପ୍ରଭୃତ ଅଚିରେ ଆରୋଗ୍ୟ ହୁଏ । ଏକଶିଶି ୧୲ଙ୍କା ମାତ୍ର ୧ ୲ଙ୍କା ମାତ୍ର ।

କାୟାକଳ୍ପ ଔଷଧାଳୟ

ବୈଦ୍ୟରାଜ:- ଶ୍ରୀ ଲକ୍ଷ୍ମୀନାରାୟଣ ଆଚାର୍ଯ୍ୟ ଆୟୁର୍ବେଦ ଶାସ୍ତ୍ରୀ

ଆଲମଚାନ୍ଦ ବଜାର, କଟକ ।


---

ସମ୍ପାଦକ—ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର

ପରିଚାଳନା ସମ୍ପାଦକ—ଶ୍ରୀ ବ୍ରଜମୋହନ ଦାସ

Digitized by srujanika@gmail.com




ବାଲିଗୁଡ଼ା ନିର୍ବାଚନରେ ଯବନିକା ପତନ ହୋଇଗଲା । ଲୋକେ ଏ ନିର୍ବାଚନକୁ ଗୋଟାଏ ଟେଷ୍ଟ ମାମଲତ (test case) ବୋଲି ମନେକରି ବଡ଼ ନୟନରେ ଏହାର ଫଳକୁ ଚାହିଁ ରହିଥିଲେ । ଏଥର ସବୁଙ୍କର ସନ୍ଦେହ ତୁଟିଗଲା । କଂଗ୍ରେସର କବଳ ଦେଶରେ ଓ ଦଶରେ କମି ଯାଇଛି କି ଅଟପର ରହିଛି ତାହା ନିରେଖ ଭାବରେ ପ୍ରମାଣିତ ହୋଇଗଲା । ମିଶ୍ର ମନ୍ତ୍ରୀଦଳ ବାଲିଗୁଡ଼ାରେ ଯେଉଁ ଗୁଡ଼ ଖାଇବେ ବୋଲି ଆଶା କରିଥିଲେ ସେଥିରେ ବାଲି ପଡ଼ିଗଲା ।

× + +

ପୂର୍ବଥର ବାଲିଗୁଡ଼ାରେ ଥାଟବାଟଙ୍କ ଥାଟ କଂଗ୍ରେସକୁ ଟୋକାଟ କରିଥିଲେ । ଏଥିରୁ ଅନେକେ ମନେ କରିଥିଲେ ଯେ ବାଲିଗୁଡ଼ା କେନ୍ଦ୍ରରଣ କଟ୍ଟି ମୁକ୍ତିଯାଏ ନିର୍ବାଚନର ବିଷମ ଚକ୍ର । ଏଣୁ ସେ ସ୍ଥାନରେ ଦେଶିଶ୍ୟବାହିନୀ କଂଗ୍ରେସ ସହ ଜଣେ ବଜ-ବଂଶୀ କ୍ଷତ୍ରିୟ ଖାରପୁରୁଷଙ୍କ ଭିଡ଼ରେ ଦଅଗଲା । ମାତ୍ର ଏ ଦେପାଗ ଯୁଗରେ ଝାଡ଼ ଝିଙ୍କିର କାଟଣ ଯେ କଣା ହୋଇଗଲାଣି ତାହା ସ୍ୱଳବମାନଙ୍କର ଫଇସ୍ ନ ଥିଲା ।

× + ×

କଦବାର ବଜାସାହେବ ଗତ ବେଷଟ ଯୁଦ୍ଧରେ ଦଗା ପାଇ ଏ ଝମାର (thankless) କାମରେ ଆଉ ପଶିବେ ନାହିଁ ବୋଲି ମାନାବ୍ୟକ୍ତିଙ୍କ ପରି ଦୂର-ପସରଣ କରି ରହିଥିଲେ । ମାତ୍ର ଏଥର କାହା ବୁଦ୍ଧିରେ ଯେ ତାଙ୍କ ରଜ ହେଲ ପୁରୁଣା ଓ ଜନ ଚରିତ ପ୍ରାଜ୍ଞ ବ୍ୟକ୍ତି ଭୁଲିଗଲେ ତାହା ସେହି ଜାଣନ୍ତି । ସରଳ ପ୍ରାଣ ଟିକାଏତ ସାହେବଙ୍କ ପ୍ରତି ଆମ୍ଭମାନଙ୍କର ହାର୍ଦ୍ଦିକ ସହାନୁଭୂତି ଜ୍ଞାପନ କରୁଛୁଁ ଓ ସୁଯୋଗ ସୁବିଧାର ଅପେକ୍ଷାରେ ଆଉ କିଛି ଦିନ ଅସି କୋଷବଦ୍ଧ କରି ରଖିବାକୁ ପରାମର୍ଶ ଦେଉଛୁଁ ।

+ × +

ବାଳ ନେବନ୍ତି ଘରେ ଯବୁଦତେ । କିନ୍ତୁ ଏହାରିରି କାଳିଟା ଗେଲେକ୍ଟ୍ରି ନଦୀ । ଠାରୁ କି ନେଗ-ରେ ଧରୁଛି । ଘଣ୍ଟ ଘଣ୍ଟ ମଚ୍ଛ ଅନ, ହୋଇ ଯାଉଛି । ଉତ୍ତିଷ୍ଠ କେତେବେଳେ କଣ ପାଳିଛି ଚିତ ତାହା ଦେବତାଙ୍କ ବ ଅଗୋଚର । ଅତଏବ ଏହି ଗୋଟିକ ଦୁର୍ଘଟଣାରେ ଚୂଡ଼ା ପତିତ (crest fallen) ହୋଇ ଭବିଷ୍ୟତ ପାଇଁ ନିଜନିଜର ଅଙ୍କ ଗଣିତ କରି ଲୁଚି ଥାଆନ୍ତୁ ମନ୍ତ୍ରୀଗଣ । ଝାଡ଼ରେ ପାଳଏ ହେଲେ କିନ୍ତୁ ପାଳଏ ନଷ୍ଟମ୍ଭ ଅସିବ । ଅମେ ଏତିକି ସାନ୍ତ୍ୱନା ଦେଇପାରୁଁ ।

+ × +

କେହି କେହି ଅନୁମାନ କରନ୍ତି କି ବାଲିଗୁଡ଼ା ଯୁଦ୍ଧରେ ହାରିବାର ପ୍ରଧାନ କାରଣ ହେଲା ମନ୍ତ୍ରୀଦଳ-ର ଅତି ନେହେତା । ସେମାନେ ତ୍ରୁଟି ଠାକି ହୋଇ

## ବିଲୁଆ ବିଚାର

ବସି ରହିଥିଲେ ଶଙ୍ଖ ପର୍ଣ୍ଣ ତାଙ୍କ ନିନ୍ଦା ଦ୍ରୁଟର କରି-ବାର ଅବସର ପାଇ ନ ଥାନ୍ତି ଓ ତାଙ୍କର ନୈତିକ ସ୍ୱନତା ପ୍ରମାଣ କରିବାର ସୁବିଧା କରି ପାରି ନ ଥାନ୍ତି । ସତରେ ହେଉ ମିଛରେ ହେଉ କେତେ-ଗୁଡ଼ାଏ ଅଟକ, କାସନ, ଅଟେଷ୍ଟ ଇତ୍ୟାଦ ମନ୍ତ୍ରୀ ଦଳର ଉପକାରରେ ନ ଲଗି ସୋର ଅନିଷ୍ଟର ସହାୟତା କଲା ପରି ମନେ ହେଉଛି । ଯାଜପୁର ବେଳକୁ ଏ ଭୁଲ ସୁଧାରିବାର ଅତି ବିଳମ୍ବ (too late) ହେବ ନାହିଁ କି ?

× + ×

ସାର ଷ୍ଟାଫୋର୍ଡ଼ କ୍ରିପସ୍ ଶାନ୍ତିଙ୍କ ରଜ ଜାମୁ-ଡାଳ (Olive branch) ଧରି ଭାରତକୁ ଆସିଛନ୍ତି । ଅନେକ ବନ୍ଧୁରଙ୍କ ସହରେ ଅବଶ୍ୟ ଶାକାହାରୀ-ବଦନା-ବସ୍ତୁ ହୋଇଗଲାଣି । କିନ୍ତୁ ସେ ଯେ ଶାନ୍ତିଙ୍କ ଜଳ ବ୍ୟର୍ଥ ମନୋରଥ ହୋଇ ଫେରିବେ ତାହା ମନେ କରିବାର କୌଣସି ଦେଖା ଯାଉନାହିଁ । ତାର କାରଣ ଏହିକି ମାନଗୋକେ ଏଭଳି ଯାହାରେ ତଥି ଅସିଲେଣି ଯେ ଧର୍ମଘୋଷ ଅସଲ୍ଲ ଭାରତ ନଈଁ ପଡ଼ିଆରିଲେଣି । ଯାଲି କଥା ପଦକ ଛାଡ଼ିଗଲେ ୪୦ କୋଟି ଲୁଣିତାଣୀ ଯୋଗାଡ଼ ଧରି ଅକ୍ରମଣକାରୀ ବିରୁଦ୍ଧ ପ୍ରତିରୋଧରେ ଶକ୍ତି ଦୃଢ଼ମୂଳ କାହାରି ପଡ଼ିବ ।

× × ×

ବର୍ତ୍ତମାନ ଲୁଚେଣି ପଡ଼ିଲାଣି ଏ ଯୁଦ୍ଧରେ ଅମର ସେନାପତି ହେବ କିଏ । ମହାତ୍ମା ଗାନ୍ଧି ସେନାପତି ପଦ ପାରୁଛନ୍ତି; ମାତ୍ର ତାଙ୍କର ନେତେଲା ଦେଖି ଜାପାନମାନେ ତାଙ୍କୁ ଭୟ ଛାଡ଼ି ନ କରି ପାରନ୍ତି । ଏଣୁ ଏପରି ବ୍ୟକ୍ତି ଲୋଡ଼ା ଯାହାଙ୍କ ରୂପ ଦେଖିବାମାତ୍ରେ ଜାପାନ ମର୍କଟ ସେନା ହୁରୁଡ଼ି ପଳାୟନ କରିବେ । ଏତେବେଳେ ଜଙ୍ଗଲ ଜନନା-ର ନାଆଁ ମାରିବାର ପାଳି ପଡ଼ୁଛି । ଯିଏ ଡ୍ରିଲ୍ଲରେ ପ୍ରଥମ ଅକ୍ରମଣ ହେବାର ଆଶଙ୍କା ଯେଉଁଠାରେ ସେହିଠିକାର କେହି ନେତେ ସୁବିଧା ଜୁଝିବା । କିଏ କିଏ ? ଘଉଟୋଟ ନା କିଏ ?

ଏବା ସବୋର ଯୁଦ୍ଧ ଛଡ଼ା କଂଗ୍ରେସବାଲା ଯେ ସବୁବେଳେ ଶାନ୍ତି ନୀତି ଧରି ଗୁଳନ୍ତି ତାଙ୍କର ଶତ୍ରୁ-ପକ୍ଷ କି ସ୍ୱୀକାର କରିବେ । ଏହି ମହାଯୁଦ୍ଧରେ ଶାନ୍ତି ଆଣିବା ପାଇଁ ମହାତ୍ମା ଗାନ୍ଧି ନିଜ ଜୀବନ ଚେଷ୍ଟା କରିଛନ୍ତି । ସେବେ ତାଙ୍କ କଥା କେହି ନ ଶୁଣିବାରୁ ଯୁଦ୍ଧ ଯହିଁ ନିହାତି ଅପରଇ ଗୁଳବା, ଶାନ୍ତି ନୀତିଧାରୀ କଂଗ୍ରେସ ତହିଁରୁ ଅଲଗା ହୋଇ ରହି-ଗଲେ । ନିଜେ ଅଉ ଯେଉଁମାନେ ଯୁଦ୍ଧକାରୀଙ୍କୁ ସାହାଯ୍ୟ କରିବେ ବୋଲି ମୁହଁରେ କହିଲେ ତାଂକୁ କହେ କିଏ । ମାତ୍ର ଯେତେବେଳେ ଗାଳିକୁ ଦେବୁରେ ଅଛି ! ରଣବାଦ୍ୟ ଶୁଣି କେତେକାଳ ଛତ୍ର ପଥର କରି ରହିବେ ! ଦେଖିବେ ଯେ ରଣ ଯେବେ ବେଳେ ଅମର ବାଣ୍ଡ ଦୁଆରେ ଦୁ' ମାରିଲାଣି !

Digitized by srujanika@gmail.com

ଯାହାଙ୍କୁ ଯେପରି ଯଉଛି, ସେବେଳୁ ସେପରି ଚଳୁଛି। ପୂର୍ବ ଆଫ୍ରିକାରେ ଭାରତୀୟ ବସତି ସ୍ଥାନମାନଙ୍କ ସାହାଯ୍ୟ ଦେବାପାଇଁ ଚେଷ୍ଟା କରୁଛନ୍ତି। ବର୍ତ୍ତମାନ ସେଠାରୁ ମନ୍ତ୍ରୀ କ୍ରିପସ୍ ପ୍ରସ୍ତାବ ଆସୁଛି। ଏମାନେ ସେଠାରେ ଦେଶୀ ଲୋକ ତାହା ଦେବେ ବୋଲି କହି ସ୍ଥିରରେ ଉଚିତ ଦେଇଅଛନ୍ତି। ଏଥି କଥା ଭାବିବା କଣ? ଏବେ ଯେପରି ଭଗବାନଙ୍କ ଭାରତରେ ଗୋଟାଏ ନୂଆ ଯୁଗ ପ୍ରବର୍ତ୍ତିତ ହେବ ଶୀଘ୍ର। ଲଣ୍ଡନରେ ଗଣ୍ଡ ସୁଦର୍ଶନ ଚକ୍ର ଧରିବା ପରି କଂଗ୍ରେସ ଏଠାରେ ପ୍ରଜାଙ୍କ ଛତ୍ର ଅଧିକ ଦେଇ ଓ ଟଙ୍କା ଦେଇ ତାହାର ଓଜନ ବଢ଼ାଉଛି।

× × ×

କଂଗ୍ରେସ ନେତା ପଣ୍ଡିତ କହିଛନ୍ତି କି ଚୁକ୍ତି ଏହି ଭାବରେ ଅବରୁ କରିଲେ ଅର୍ଥାତ୍ କଂଗ୍ରେସର ମତ ଅନୁଯାୟୀ ଜାପାନ ମୁକ୍ତି ସୁଦ୍ଧା ପଶିବାକୁ ଉଚିତ ନ ଥାନ୍ତା ଓ ଅନ୍ୟ ମାନଙ୍କୁ ସିଙ୍ଗାପୁର ଚୁକ୍ତି ହାତକୁ ନେଇ ନ ଥାନ୍ତା।

ଏ ସମସ୍ତ ଠିକ୍ କଥା! କଂଗ୍ରେସର କ୍ଷମତା ଓ ସାମର୍ଥ୍ୟକୁ କାହାର ଭୟ ନାହିଁ! ଜାପାନ ତ ଜାପାନ, ଯଦି ବା ଜାପାନ ଅମାନିଆ ହୁଅନ୍ତା ତେବେ ବି ଉପରେ ସାଙ୍ଗେ ସାଙ୍ଗେ ଭିତିରି ନାଇ ଅହିଂସା ନୀତିରେ ତାକୁ ଜବତ କରିଦିଅ ଯାଆନ୍ତା।

ତାହାରି ସେ ଭରସା ଦେଇ କହିଛନ୍ତି କି 'ଏବେ ବି ସମୟ ଅଛି।' ଭଲ ତାଙ୍କ କଥା ସତ୍ୟ ହେଉ।

+ + +

ପଞ୍ଜାବ ପ୍ରଧାନ ମନ୍ତ୍ରୀ ସାର୍ ସିକନ୍ଦର ଏବେ ବେଟଂବାକୁ ଯାଉଛନ୍ତି। ବଡ଼ ଆନନ୍ଦର କଥା। ସେ ସେଠି ହୋଇ କହିଛନ୍ତି କଥାରେ ମୁସଲିମ ଲିଗ ଓ କଂଗ୍ରେସ ଭିତରେ ସାଲିସ ହୋଇଯିବ। ଅଷ୍ଟଦଳ ମିଳିବା ମତ ସମ୍ଭବ ହୁଏ ତେବେ ଭାରତ ମେନବା ଉପାୟ କହୁଥିବାର ଅଛ ବିଳମ୍ବ କଣ? ପାକିସ୍ତାନ ମଧ୍ୟରେ ସମାନ ଚଳିନେଇ, ଏବା ମଇଁ ଦିଅନ୍ତ ଗାନ୍ଧିଙ୍କ ସାହେବଙ୍କୁ ମନାଇ ହେବନି କି?

× × ×

ଅନ୍ୟାନ୍ୟ ଦେଶରେ ଦଳ-ନୀତି (party politics) ଛଡ଼ା କଥା ନାହିଁ। ଓଡ଼ିଶାରେ ଗଲା କେତେବର୍ଷ ହେଲା ଏହି ଦଳ ବାଦାନୁବାଦ ଘୂରିଅଛି ଚାଲି ଆସୁଛି। ଉତ୍କଳ ସାହିତ୍ୟ ସମାଜ ଏ ବର୍ଷର ଭିତରେ ପଡ଼ି ଅଛି ଥରେ। ଗଲବର୍ଷ ନିର୍ବାଚନ ବେଳେ ମତାନ୍ତର ହୋଇଥିଲା କି ସତେ ବା ଏହିତ ସାହିତ୍ୟ ସମାଜ ଭଳି ସଂସ୍ଥାକୁ ରୁଚି ଦେବା ଉଚିତ। ମାତ୍ର ପ୍ରଗତିଶୀଳ ଓଡ଼ିଶା ଦେଶରେ ପୁରୁଣାର ଭଲ କମିଟିବା ଉଚିତ। ଅନ୍ତତଃ ବୃଦ୍ଧ ନାଗରିକ ସାହିତ୍ୟିକ ଏଥିର ଏଡ଼େ ଉଦାର ଭାବରେ ଉଚିତ। ଏଣେ ପ୍ରଗତିଶୀଳ ପାରମ୍ପରିକ ବାବୁଙ୍କୁ ଛାଡ଼ି ନାମଧାରୀ ସାହିତ୍ୟିକ ପ୍ରଧାନ ପାଇଁ ଲଢ଼ୁଛନ୍ତି!

× × ×

ଏଠାରେ କଳା ଉତ୍କର୍ଷ ଉଠିବାରୁ ଏ ଦେଶର ନାମ ଉଜ୍ଜ୍ୱଳ ହୋଇଛି ବୋଲି କଳାବିତ୍‌ମାନେ କହନ୍ତି। ଜନତାରେ ଅନେକ ଓଡ଼ିଆ କଳାକାର ଜାତି। କେବଳ କେତେ ବର୍ଷ ହେଲା ଅର୍ଥ ଏଥିରେ ଗଳି ପଡ଼ିଛି ଗୋଟାଏ କଳା—ନାଟ୍ୟକଳା ଉଣା ହୋଇ ଯାଉଥିଲା। ଏବେ ସୁଖର କଥା ଅଧୁନା ଏଥିରେ ଦଳ ସେ ଅଭାବକୁ ମୋଚନ କରିଛନ୍ତି। ଏଥିର ଲୋକକଳା ପୂର୍ଣ୍ଣ ହୋଇଗଲା।

ଶାଳ ସେବକ ନାଟକ—ଏ ଦଳ ଦେଶୀ ସାହିତ୍ୟକୁ ଉଚ୍ଚ ଅବଦାନ କରି ନିଜ ଭଣ୍ଡାର ପୂର୍ଣ୍ଣ କରୁଥିବା ଅସ୍ତିତ୍ୱ ପ୍ରଶଂସାର କଥା। ଏମାନଙ୍କ କଳା ପ୍ରଦର୍ଶନ କରି ଜନପଦ ମର୍ଯ୍ୟାଦା ମଧ୍ୟ ବୃଦ୍ଧି ହେଉ ଇନାମ ଦେବେନି। ଏପରି ଲୋକେ ପ୍ରତ୍ୟେକ ଉତ୍କଳୀୟ ଏମାନଙ୍କ ଉତ୍ସାହିତ କରିବା କର୍ତ୍ତବ୍ୟ।

+ × +

ନାଟ୍ୟକଳାର ବୋଧହୁଏ ଓଡ଼ିଆ ଜାତିର ସ୍ୱଭାବ। ନଟକୁଟିଆ ଓ ନାଟକର ପଣରେ ଝଙ୍କାର ଦେଇ ଓଡ଼ିଆଙ୍କ ସାଙ୍ଗରେ ଯଉବା ଅନ୍ୟଜାତି ପଛରେ ସହଜ ନୁହେଁ। ତେଣୁ ଏହି ନାଟକଳା ଉନ୍ନତି ବିଧାନରେ ଓଡ଼ିଆଙ୍କ ସୁଯୋଗ, ସୁବିଧା ଓ ଉତ୍ସାହ ଦେବା ଉଚିତ। ତାହାହେଲେ ଜଗତରେ ସେମାନେ ଏହି ନକଲ (imitation) କଥାର ସମସ୍ତଙ୍କ କାନ କାଟି ଦେଇ ପାରିବେ। ସମ୍ପାଦକ ଓ ବ୍ୟାପକ ଭାବରେ ଏ ଦିଗରେ ପ୍ରଚେଷ୍ଟା ହେଉ। ଶ୍ରୀ ବିମଳେନ୍ଦୁ ଚନ୍ଦନଙ୍କ ମୁକ୍ତ ଗଣ୍ଡି କରି ସ୍ଥାୟୀ ରଙ୍ଗମଞ୍ଚ ଗଢ଼ାହେଉ। ଉତ୍କଳ ସାହିତ୍ୟ ସମାଜର ନାମ ପରିବର୍ତ୍ତନ କରି ହୋଇ ଉତ୍କଳ ନାଟ୍ୟ ସମାଜ ରଖାଯାଉ। ଦେଖିବେ ଏଣେ ପ୍ରତ୍ୟେକ ଓଡ଼ିଆ ଓଡ଼ିଆଣୀ ଜଣେ ଜଣେ ନଟ ନଟୀ ପାଲଟିବେ ଓ ବ୍ୟବସ୍ଥା ସୁବିଧା, କଲେଜ ସ୍କୁଲ ଠାରୁ ଆରମ୍ଭ କରି ପ୍ରତ୍ୟେକ ଓଡ଼ିଆଘର ଗୋଟିଏ ଗୋଟିଏ ରଙ୍ଗମଞ୍ଚରେ ପରିଣତ ହୋଇଯିବ। "ହାୟ, ଅବ୍ କବତକ ଅଛେରେ ସେ ଦିନ୍?"

+ + +

ହୋମା ପଢ଼ିବ ପଢ଼ିବ ବୋଲି ସବୁରି ବଡ଼ାର ଠାରୁ ତାଙ୍କ ସବୁକୁ ଯାଦେଇ ଲେଖି ଭରସ ଉଠୁଛନ୍ତି ବୋଲି ସରକାର ସମସ୍ତଙ୍କୁ ଅଭୟ ବାଣୀ ଦେଇଛନ୍ତି ଓ ତାହା ସାଙ୍ଗେ ସାଙ୍ଗେ ଜରୁରୀ ଲୋକଙ୍କୁ ଉପକୂଳ ଜିଲ୍ଲାର ସହର ଛାଡ଼ି ଅନ୍ୟାନ୍ୟ ସ୍ଥଳରେ ଯିବା ପାଇଁ ଉପଦେଶ ଦେଇଛନ୍ତି। ଯେପରି ଜଣାପଡ଼ୁଛି ନିକଟରେ ଅମଳ ଯେପରି ଭୟର କୌଣସି ହେତୁ ନାହିଁ। ଜାପାନ ଯଦି ଅଷ୍ଟ୍ରେଲିଆରେ ମାତେ, ତେବେ ଏ ଅଞ୍ଚଳକୁ ଆସି ପକାଇବାର ଡର ହେବ ନାହିଁ। ଯଦି ସେଠାରେ ପରମ ହୋଇବଲ ତ କଥା ସରିଲା। ଯଦିବା ଉଦ୍ଧାର ଆସେ ତେବେ ସେତେବେଳକୁ ଅମେ ସୌଖିନ ଭଳି ଥିବ ହୋଇ ସାରିଥିବୁ। କେହେହେବ ଏକ ହୋଇଲେ ଏପଟେ ଅଟେଇବାକୁ ସେ ମନ କରିବ କିଆଁ!

+ × ×

ବାଲିଗୁଡ଼ା ନିର୍ବାଚନର ଫଳ କଣ ହେଲା ବୋଲି ଶ୍ରୀ ବିଶ୍ୱନାଥ ଦାସ ପ୍ରଧାନ ମନ୍ତ୍ରୀଙ୍କୁ ପଚାରି ଦେଲେ ଗତ ବ୍ୟବସ୍ଥା ସଭା ଭିତରେ। ଗତରଙ୍କା ଜାଣିମାଣି ସେ ପୁଣି କି ଉଦ୍ଦେଶ୍ୟରେ ପଚାରିଲେ ଏହା ବେଶ ଅସ ବିଳମ୍ବ ସଭିରେ ବୁଝିମତ ହୋଇ। ଉଭୟ ପକ୍ଷରେ ଟିକେଟ ସମାନ ହେଲା କେବଳ ସଭାପତି (speaker) ତାଙ୍କ କାଷ୍ଟିଂ ଭୋଟ ଦେଇ ଫଳାଫଳ ଘୋଷଣା କରିବାକୁ ନିର୍ଦ୍ଧାରଣ ହୋଇ ପାରିଲା ନାହିଁ।

ଏକ ଦଳର ମତ ସେ ପ୍ରକାଶ୍ୟ ସ୍ଥଳରେ ପ୍ରତି ପକ୍ଷ ଦଳକୁ ପରାଜୟ ସ୍ୱୀକାର କରାଇ ନେବା ତାଙ୍କର ଉଦ୍ଦେଶ୍ୟ ଥିଲା। ଅପର ଦଳର ମତ ଯେ ପ୍ରସ୍ତାବକ ଠାରୁ ଅପଣାଇ ନେଇ ବାର୍ତ୍ତା ପ୍ରଚାରଣ କଲେ ସେପରି ଅଭିନ ହୁଏ ତାହା ଅନୁଭବ କରିବାଟା ଦାୟ ଅପଣଙ୍କର ମଜଲିସ ହେଲା। ଅତଏବ ଏ ସମ୍ବନ୍ଧେ ଅମେ କିଛି ସ୍ଥିର କରି ନ ପାରି ପାଠକମାନଙ୍କ ବିବେଚନାକୁ ଛେଡ଼ି ଦେଲୁ।

+ × +

ବିଲାତ ମନ୍ତ୍ରୀ କ୍ରିପସ୍ ସାହେବ ଯେଉଁ ସନ୍ଧି ପ୍ରସ୍ତାବ ନେଇ ଭାରତକୁ ଆସିଛନ୍ତି, ସେଥିପାଇଁ ଉପଯୁକ୍ତ ବାତାବରଣ ସୃଷ୍ଟି କରିବାର ପ୍ରସ୍ତାବ ପକାଇବେ ବୋଲି ଅନେକ ଆଶା କରି ବସିଛନ୍ତି। ବୋଧହୁଏ କଥା ପଡ଼ିବା ସାଙ୍ଗେ ସାଙ୍ଗେ ବର୍ତ୍ତମାନ ରାଜନୈତିକ ବନ୍ଦୀଙ୍କୁ କାରାଗାରରୁ ଖଲାସ କରିଦେବେ। ଏହା ଯଦି ସତ ହୋଇଥାଏ ତେବେ ଭଲ ନାଟକୀୟ (dramatic) ହେବ ଏଥିରେ ସନ୍ଦେହ ନାହିଁ। ତେବେ କାହାରି କାହାରି ମତରେ ନାଟକର ହିଟ୍ (hit) ଅଗରେ ନ ହୋଇ ପଛରେ ହେଲେ ସରିସ ହୁଏ। ଅଗ ହେଉ ପଛ ହେଉ hit (ଚମକ) ଥିବା ଦରକାର।

Digitized by srujanika@gmail.com



# କଥାଟିଏ କହୁଁ...

**କାହାଣୀ**

## ସନ୍ଧାନ

ଲେଖକ—ଶ୍ରୀ ଭବାନନ୍ଦ ସାହୁ ।

କେହି ଯଦି ତାର ପରିଚୟ ପଚାରେ ତାହାହେଲେ ସେ କହେ—'ମୁଁ ଜଣେ ସାମାନ୍ୟ ଭିଖାରୀ ଝିଅ । ମୋର ଏ ଦୁନିଆରେ କେହି ନାହିଁ,—ମାତ୍ର ଅଛି ଜଣେ । ସେ ଆଜି ନିରୁଦ୍ଦେଶ । ସେ ଯଦି ଆଜି ଜୀବନରେ ଥାଏ ତାହାହେଲେ ଭିଖାରୁଣୀ ବେଶରେ ମୋତେ ଖୋଜୁଥିବ । ମୁଁ ମଧ୍ୟ ଗାଁ ଗାଁ ଭିକ୍ଷା କରି ତାହାର ଅନୁସନ୍ଧାନରେ ବାହାରିଛି । କହି ପାରୁନାହିଁ—ଜୀବନରେ ଆଉ ତାକୁ ପାଇବି କି ନାହିଁ ।'

ତାର ଏହି ଉତ୍ତର କେହି ବୁଝି ପାରନ୍ତି ନାହିଁ । ବଲବଲ କରି ମୁହଁକୁ ତାର ଅନେଇ ରହନ୍ତି । ସେ କିନ୍ତୁ ଭାବେ—ତାର ଦୁଃଖ-ବେଦନା ସମସ୍ତେ ଅନୁଭବ କରି ପାରୁଛନ୍ତି । ତାର ହୃଦୟ ହାଲୁକା ହୋଇପଡେ ଅନ୍ୟ ପାଖରେ ନିଜର ଦୁଃଖପଦ ଦୁଃଖ କାହାଣୀ ଗାଇ ।

ସଂସାରର ଏ ଗହଳି ମଧ୍ୟରେ ସେ ଜଣକୁ ଖୋଜି ଖୋଜି ବୁଲୁଛି । ଏତେ ଅପରିଚିତ ମୁଖ ସେ ଏଯାଏ ମଧ୍ୟରେ ଦର୍ଶନ କରି ଗଲାଣି । ମାତ୍ର ତାର ପରିଚିତ ମୁଖଟିକୁ ଦେଖି ପାରିନାହିଁ । ଉଦଭ୍ରାନ୍ତ ପରି ମୁକ୍ତ ବାୟୁରେ ତାରି ପରିଚିତାର ସୁମଧୁର କଣ୍ଠସ୍ୱର ଶୁଣିବା ପାଇଁ ସେ କାନ ଡେରି ରହେ । ଗୃହହୀନା ରାତିରେ ତାର ନିର୍ଜନ କୁଟୀରଟିରେ କାହାରି ଚଟୁଳ ହସ ଜଣଙ୍କର ଶୁଭେ ଯେବେ । ଗୃହିଣୀ ଦେଖିବା ନିମନ୍ତେ ସେ ଅପଲକ ନୟନରେ ଚାହିଁ ରହେ । ଆଶା ତାର' ଆଜି ମେଣ୍ଟିନାହିଁ—ମେଣ୍ଟିବାର ଆଶା ମଧ୍ୟ ଅତି କ୍ଷୀଣ । କିନ୍ତୁ ସେ ସେଥିରୁ ବିରତ ହୋଇନାହିଁ । ଆଜି ସେ ବନ୍ଧୁ ବାନ୍ଧବ ଛାଡ଼ି, ନିଜର ପ୍ରିୟ କୁଟୀର ଖଣ୍ଡି ଅକୁଣ୍ଠିତ ଚିତ୍ତରେ ପରିତ୍ୟାଗ କରି ସମାଜ ଛାଡ଼ି ବାହାରି ଅଛି ବହୁ ଦୂରକୁ ଜଣଙ୍କର ସନ୍ଧାନ ପାଇଁ—ଜଣକୁ ପାଇବା ପାଇଁ ।

ଜୀବନର ପୂର୍ଣ୍ଣ ବସନ୍ତରେ ସେ ପାଇଥିଲା ମେନାକୁ । ଅନ୍ତର ସହିତ ସେ ଭଲ ପାଉଥିଲା ତାକୁ । ସେ ତାଙ୍କ ସାପଖେଳା ବ୍ୟବସାୟ ଭୁଲି ଯାଇଥିଲା । ତାର ଅତି ଦାରିଦ୍ର୍ୟ ଅବସ୍ଥା ପାଶୋରି ପାରିଥିଲା ତାକୁ ପାଇ । ମେନା କାନ୍ଧ ମୁହଁ ଭାରି କରି କହେ—ଏପରି ଘରେ ମୋ ମୁହଁକୁ ଅନେଇ ବସି ରହିଲେ ତ ଆଉ ପେଟ ପୂରିବ ନାହିଁ । ଗାଁ ଗଣ୍ଡାକୁ ଖେଳ ମାଗିବାକୁ ଯାଉନା କାହିଁକି ?

ନଟୁରୁ ମେନାକୁ କୋଳକୁ ଟାଣି ଆଣି କହେ—'ମେନା, ମୁଁ ତୋତେ ଏକା କିପରି ଛାଡ଼ି ଦୂରକୁ ଯିବି ? ଅଚ୍ଛା ମେନା ତୁ ଖାଲି ଦୂରକୁ ମୋତେ କାହିଁକି କହୁଛୁ ?'

ମେନା ଟିକିଏ ଦୁଷ୍ଟ ହସ ହସି କହେ—"କାହିଁ ? ମୁଁ ତ ସବୁବେଳେ ତୁମ ପାଖରେ ଅଛି ।"

ନଟୁରୁ କହେ—'ନା ମେନା, ତୁ ସବୁବେଳେ ମୋ ପାଖକୁ ଲାଗି ବସିବୁ । ମୁଁ ଗୀତ ବୋଲିବି—ତୁ ଶୁଣିବୁ, ଆଉ ତୁ ଗୀତ ବୋଲିବୁ—ମୁଁ ଶୁଣିବି । କିପରି ? ସେତେବେଳେ ଭାବିନେବା ଆମେ ଦୁହେଁ ଏ ସଂସାରରେ ସୁଖୀ ।

ମେନା କହେ—'ହଁ, କଣ ଯେ ପାଗଳଙ୍କ ପରି ବକି ଯାଉଛ ! ଏମିତ ସବୁବେଳେ ମନ ଆଶାରେ ବସିଛ । କାମ ନାହିଁ, ଧନ୍ଦା ନାହିଁ—ଖାଲି ମେନା ମେନା... ।'

—'ତୋତେ ଛାଡ଼ି କାମ ଏଠାରେ କରିବାକୁ ପଡ଼ୁଛି, ନା ମେନା ?'

—'ବାଃ ଘରର କାମ ବୋଧହୁଏ ଆଉ ହୁଏନା ନାହିଁ ପରି ! କ'ଣ ଯେ କହ !'

—'ମେନା…'

—'ଆଃ, ଛାଡ଼ ଛାଡ଼ । ବେଳ ବୁଡ଼ି ଆସିଲାଣି—ମୁଁ ଯାଏ । ଢେର କାମ ବାକି ପଡ଼ିଛି' କହି ମେନା ତାର ବାହୁ ବନ୍ଧନରୁ ମୁକ୍ତ ହୋଇ ଧୀରେ ଧୀରେ ଚାଲିଯାଏ । ନଟୁରୁ ଅପଲକ ନୟନରେ ଉନ୍ମାଦ ପରି ତା ଆଡ଼କୁ ଅନାଇ ରହେ ।

\+ × +

ନଟୁ ଯାଏ ସାପ ଖେଳେଇବାକୁ । ମେନା ଡେଢ଼ଣ ମୁଣ୍ଡେଇ ପଛେ ପଛେ ଯାଏ । ନଟୁ ସାପ ଖେଳାଏ । ମେନା ତା' ଆଡ଼କୁ ଏକ ଲୟରେ ଚାହିଁ ରହେ । ସନ୍ଧ୍ୟାବେଳେ ଭିକ୍ଷା ଅନ୍ନ ଫେରିଆସି ମେନା ରୋଷେଇ କରେ । ଚୁଲି ଅନ୍ଧାରରେ ନଟୁକୁ ଫୁଙ୍କିବା ଶୁଣେ । ତା' ପରେ ଦୁହେଁ ଏକାଠି ବସି ମୁକ୍ତ ଆକାଶକୁ ଚାହିଁ ରହନ୍ତି । ମେନା ଅସ୍ପଷ୍ଟ ସ୍ୱରରେ ଗୀତ ଗାଏ । ନଟୁ ଶୁଣେ—ମୁଗ୍ଧ ହୁଏ । ନଟୁ ଗୀତ ଗାଏ ତାର ମୋହନ ବଂଶୀରେ—ମେନାକୁ ଶୁଣାଯାଏ ଅତି ମଧୁର ।

ଆଜି ନଟୁରୁ ସେ ସବୁ କେବଳ ସ୍ମୃତି ଭଳି ଗଛ ମୂଳରେ ବସି । କେତେ ସ୍ୱପ୍ନ ଗଢ଼ି କେତେ ମେଘ ମହ୍ଲାରେ ରାତି ଏହା ମଧ୍ୟରେ ଲୀନ ହୋଇ ଗଲାଣି । କେତେ ବସନ୍ତ ନଟୁର ଅଗୋଚରରେ ଚାଲି ଗଲେଣି । ନଟୁ ଏ ସବୁ ମଧ୍ୟରେ ଜଣଙ୍କୁ ଖୋଜି ବୁଲୁଛି ଏକା ।

ସେଦିନ ନଟୁ ଛୋଟପାଟଣା ଖାଲୁ ଫେରୁ'ର ସନ୍ଧ୍ୟାବେଳକୁ ସୂର୍ଯ୍ୟଦେବତା ପଶ୍ଚିମ ଆକାଶରେ ବୁଡ଼ି ଗଲେଣି । ଭିତର ଦେହକୁ ଶଙ୍ଖ ବଜାଇଦେବ ଲୁଣି

Digitized by srujanika@gmail.com

ଅସିଲା । ଘୁଡ଼୍ ଘୁଡ଼୍ ଘୁଡ଼ୁଅଡ଼ି ମେଘ ଯୋଡ଼ି-ଗଲା ଅନ୍ଧାର ଅନ୍ଧକାରକୁ ନିବିଡ଼ତର କରି । ବଜ୍ର ତାର ଭୀଷଣ ଗର୍ଜନ କରି କେତୋଟି ମଣିଷର ପ୍ରାଣ ... କମ୍ପାଇଲା । ବିଦ୍ୟୁତ ତାର ମୋହିନୀ ଛଟା ଦେଖାଇ ଆକାଶର ଘନ ପଥକୁ ଆଲୋକିତ କଲା । ଫଳରେ ଝିଟିପିଟି ଗୋଟାଏ ଭୟ-ଙ୍କର ମେଘମଣ୍ଡଳୀର ରାତିରେ ପରିଣତ ହେଲା ।

ନଟବର ଯାଇ ମହାନଦୀ କୂଳର ବରଗଛ ତଳେ ଆଶ୍ରୟ ନେଲା । ପ୍ରକୃତିକୁ ଅନାଇ ଗୋଟାଏ ଗଭୀର ଦୀର୍ଘ ନିଶ୍ୱାସ ନିକ୍ଷେପ କଲା । ତାର ଏହି ମେଘ ମଣ୍ଡଳୀର ରାତି ସୁପରିଚିତ । ଦିନେ ସେ ଏହି ରାତିର ପ୍ରଳୟ ଆଶଙ୍କା ଭୁଲି ଯାଉଥିଲା ଜଣକୁ କୋଳରେ ବସାଇ ଦିନେ ସେ ଏହି ରାତିକୁ ସ୍ୱର୍ଗ ରାତିରେ ପରିଣତ କରୁଥିଲା । ଆଜି ଏକଥା ଭାବିଲା ବେଳକୁ ତାର ହୃଦୟ ବୋଝିଲ ହୋଇ ଯାଉଛି । ଭୁବ ବେଦନା ତାର ଅସହ୍ୟ ଦୁର୍ବହ ହୋଇ ଉଠୁଛି । ସେ ନିଜକୁ ଅତି ଦୁର୍ବଳ ମନେ କରୁଛି । ଯେପରି ତାର ମେରୁଦଣ୍ଡ ଏବେ ଭାଙ୍ଗିଯିବ—ଯେପରି ତାର ପଞ୍ଜରା ହାଡ଼ ମଡ଼ମାଡ଼ ହୋଇ ବର୍ତ୍ତମାନ ଚୂର୍ଣ୍ଣବିଚୂର୍ଣ୍ଣ ହୋଇ ଯିବ । ଏହି ମେଘୁଆ ରାତିକୁ ସେ ଅଯୋଗ୍ୟ ସ୍ମୃତିରେ ଅତି ଭରିଛି । ଅଯୋଗ୍ୟ ପାଶୋରି ପାରୁ ନାହିଁ—ଜୀବନରେ ଏହି ରାତିକୁ ମଧ୍ୟ ସେ ପାଶୋରି ପାରିବ ନାହିଁ । ବରଗଛ ମୂଳରେ ଅଝଟ ବସି ନଟବର ଭାବିଲା—

ସେଦିନ ନଟବରକୁ କୁଅଟେ ନ ଯାଉଥିବାର ଦେଖି ମେନ ପଚାରିଲା—'ଆଜି କଣ ଯିବନାହିଁ କି ? ଘରେ ଯେ କିଛି ନାହିଁ—ଖାଇବ କଣ ?'

ନଟବର କହିଲା—'ଆଜି ମୋ ଦେହଟା ଭଲ ଲାଗୁନାହିଁ—ମୁଣ୍ଡ ବଥାଉଛି । କୁଅଟେ ଆଉ ଯାଇ ପାରିବ ନାହିଁ ।'

—'ଯାହାହେଲେ ମୁଁ ଯାଉଛି ? କିଛି ଭିକ୍ଷା କରି ନ ଆଣିଲେ ଆଜି ଯେ ଉପାସ ରହିବାକୁ ପଡ଼ିବ ।'

—'ନା, ନା, ମେନ, ମୁଁ ଉପାସ ରହି ପାରିବି । ଭୁଖ ନାହିଁ । ତୋତେ ଛାଡ଼ି ମୁଁ ଦଣ୍ଡେ ସୁଦ୍ଧା ରହି ପାରିବି ନାହିଁ ।'

—'କଣ ଯେ ଗାଲ କହୁ ! ତୁମ୍ଭ ସେହି ପାଗଳାମି ! ... ସିନା ସ୍ୱପ୍ନ—ଆଉ ସବୁ କଥା । ଆଜି କ'ଣ କେଉଁରେ ... ମୋତେ ... ଖୁସି ... ? ମୁଁ ତମ କଥା ଶୁଣିବି ନାହିଁ—ମୁଁ ଯାଉଛି ଏହି ଘଡ଼ିକ ମଧ୍ୟରେ ... ଫେରି ଆସିବି । ମୋଟେ ଡେରି କରିବି ନାହିଁ ! ... ତୁମକୁ ମୋ ରାଣ—ମନ ... କରିବ ନାହିଁ ।'

ନଟବର ଆଉ କିଛି କହିଲା ନାହିଁ । କେବଳ ତା' ... ଦୃଷ୍ଟିରେ ଚାହିଁ ରହିଲା । ମେନ ଗଣ୍ଡିଏ ... ଓଢ଼ଣୀ ... କେତେଟିକିଏ ଖୁଦ୍ଦା ସଜେଇ ମୁଣ୍ଡରେ ... କହିଲା—'ଆଜି ଆସିଲେ ଖୁବ ଭଲ ଗୀତ ଗାଇବ...'

ସେଦିନ ମେନ ପ୍ରାୟ କୋଶେ ଦୂରକୁ ଚାଲି-ଗଲା । ପାଖ ଗ୍ରାମମାନଙ୍କରେ ଆଉ ଭିକ୍ଷା ହେଉ ନ ଥିବାରୁ ସେ ଦୂର ଗ୍ରାମକୁ ଯିବା ନିମିତ୍ତ ବାଧ୍ୟ ହେଲା । ଭିକ ମାଗିବାରେ ତାର ମନ ମୋଟେ ଲାଗୁ ନ ଥାଏ । ଖାଲି ଛଟପଟ ହେଉଥାଏ—କିଭଳି ନଟବର ନିକଟକୁ ଫେରିବ । ବେଳ ବୁଡ଼ି ଆସି-ଲାଣି । ଘଟେ ... ମେଘ ଆକାଶରେ ଉଠି ଆସିଲା । ମେନର ଚିନ୍ତା ବଢ଼ିଗଲା । ତାକୁ ଯେପରି ହେଉ ଶୀଘ୍ର ଫେରିଯିବାକୁ ପଡ଼ିବ । ନଚେତ ବେଳା ... ସମାଜର ... ସାଥିରେ ସମାଜରେ ପ୍ରତାରଣ କରି ପାରିବ ନାହିଁ—କାରଣ ହେବ ।

ଘୁଡ଼ୁ ଘୁଡ଼ୁ ହୋଇ ମେଘ ଯୋଡ଼ିଗଲା । ଝଡ଼ ବହିଲା ଅତି ଭୟଙ୍କର ଗର୍ଜନ କରି । ମେନର ହୃଦୟରେ ଗୋଟାଏ ଅଜଣା ଆଶଙ୍କା-ଝଡ଼ ଅତି କ୍ଷିପ୍ର ଗତିରେ ବହିଲା । ବଜ୍ରର ଭୀଷଣ ଗର୍ଜନ, ବିଦ୍ୟୁତର ଚମକପ୍ରଦ ଜ୍ୟୋତି ମେନକୁ ହତାଶ କରିଦେଲା । ସେ କିଛି ଭାବି ପାରିଲା ନାହିଁ, ସେହି ଭୀଷଣ ଝଡ଼, ଅବିରାମ ବୃଷ୍ଟିରେ ଚାଲିଚାଲି ଚାଲିଲା । ଛାତି ତାର ଉଠୁଥାଏ ପଡ଼ୁଥାଏ । ଅମଡ଼ା ବଣ ମାଡ଼ି ଦଳି ସେ ଚାଲିଲା । ତଳିପାଦର ଦୁଇଖଣ୍ଡ ହୋଇ କଣ୍ଟା ଗଳି ଗଲାଣି । ଝଡ଼ିରେ ପାଣି ଛିଟିକି ତାର ଆଖି ବୁଜି ହୋଇ ଯାଉଛି । ତଥାପି ସେ ଅତି କ୍ଷିପ୍ର ଗତିରେ ଯାଉଛି ।

ସନ୍ଧ୍ୟା ଘୂରିଆସି ଯୋଡ଼ିଗଲାଣି । ଆଉ ସେ ଚାଲି ପାରିଲା ନାହିଁ । ଗୋଟାଏ ଖାତରେ ପଡ଼ି-ଗଲା । ଉଠି ପାରିଲା ନାହିଁ । ତା'ପରେ ହେଲା ଭୀଷଣ କରକା ବୃଷ୍ଟି । ମେନର ସବୁ ଆଶା ଲୋପ ପାଇଲା । ତଥାପି ମନରେ କ୍ଷୀଣ ଆଶା ଜନ୍ମାଇ ସେ ଯାଉଥିଲା । ... ଅନାଇ । ତାକୁ ଯେ ସନ୍ଧ୍ୟା ପୂର୍ବରୁ କୁଡ଼ିଆରେ ପହଞ୍ଚିବାକୁ ପଡ଼ିଥାଆନ୍ତା ! ବର୍ତ୍ତମାନ କ'ଣ ଆଉ ସମାଜ ତାକୁ ଗ୍ରହଣ କରିବ ? ସମାଜ ଗ୍ରହଣ ନ କରୁ—ନଟବର ନିଶ୍ଚୟ ତାର ପ୍ରାଣର ପ୍ରିୟତମାକୁ ଆଦରରେ କୋଳକୁ ଟାଣିନେବ ।

ମେନ ଆଉ ଯାଇ ପାରିଲା ନାହିଁ । ଖାଲରେ ପଡ଼ି ବି । ଗୋଡ଼ଟା ଜଖମ ହୋଇ ଯାଇଛି । ଗୋଡ଼ରେ ପୁଣି କଣ୍ଟା ପଶି ... ଲାଗୁଛି । ବଉବାଉଳି ଭୀଷଣ ଭାବରେ ବୃଷ୍ଟି ହେଉଛି । ଦୂର ଦିନଟା ବଡ଼ କୁଅପଥର ମେନର ମୁଣ୍ଡରେ ଠାକୁ ଠାକୁ ବାଜିଲା । ମେନ ଜ୍ଞାନ ଶୂନ୍ୟ ହୋଇ ଗୋଟିଏ ଅମ୍ବଗଛ ମୂଳରେ ବସି ପଡ଼ିଲା । ରାତି ସାରା ବୃଷ୍ଟିର ବିରାମ ନାହିଁ—ବଜ୍ର ବିଦ୍ୟୁତର ଶେଷ ନାହିଁ । ଝଡ଼ ତୋଫାନ ଅନବରତ ଅଗ୍ରସର ହୋଇ ଗର୍ଜ୍ଜନ କରି ବହୁଛି । ମେନ ବଡ଼ କ୍ଳାନ୍ତ ହୋଇ ପଡ଼ିଥିଲା । ଆଉ ସେ ସେଠାରୁ ଉଠି ପାରିଲା ନାହିଁ ।

କ୍ରମେ ସକାଳ ହେଲା । ପକ୍ଷୀମାନେ ମେନର ମୁଣ୍ଡ ଉପରେ କୋଳାହଳ କରି ଉଡ଼ିଗଲେ । ରକ୍ଷକ ସେହି ବାଟରେ ହଳ ଧରି ଚାଲିଗଲା । ସମସ୍ତେ ଜୀବନର ଦୈନନ୍ଦିନ କାର୍ଯ୍ୟରେ ଲାଗିଥିଲେ । କିନ୍ତୁ ମେନର ହୃଦୟ ... ଓ ନୈରାଶ୍ୟରେ ... ହେବାକୁ ଲାଗିଲା । ସେ ଧୀରେ ଧୀରେ ସେଠାରୁ ଉଠିଲା । ଅଥଚ ତା'ର ଗୋଡ଼ ଆଉ ଚାଲିଲା ନାହିଁ । ସମାଜ ତ ତାକୁ ପରିତ୍ୟାଗ କରିବ । ତାର ସାଥି କେନ୍ଦୂଣୀମାନେ ତା' ଆଡ଼କୁ ହାତ ଦେଖାଇ କହିବେ—ଏଇ ତା'ର କେଉଁ ରସିକ ଘରେ ରାତିଟା କଟାଇ ଦେଇ ଆସିଲା । କି ଅପମାନ, କି କଳଙ୍କ ! ଅଜାଣତରେ ଗୋଟାଏ ଦୀର୍ଘ ନିଶ୍ୱାସ ତାର ଅନ୍ତର ବିଦୀର୍ଣ୍ଣ କରି ବାହାରି ଆସିଲା । ଆଉ ସେ କୁଡ଼ିଆକୁ ଫେରିଯାଇ ପାରିଲା ନାହିଁ । ଧୀରେ ଧୀରେ ଓଲଟି ଚାଲିଲା ।

ନଟବର ସେଦିନ ସନ୍ଧ୍ୟାରେ କଳାମେଘ ଘଟେ ଦେଖି ମନେ ବଡ଼ ଆଶଙ୍କା କରିଥିଲା । କ୍ରମେ ବଜ୍ର ବିଦ୍ୟୁତ ଓ ଭୀଷଣ ଝଡ଼ ଦେଖି ଅଣ୍ଟା ଭିଡ଼ି ବାହାରି ପଡ଼ିଲା ମେନକୁ ଖୋଜିବେ ଆଣିବ ବୋଲି । ପାଏ ଘଣ୍ଟେ ବାଟ ଯାଇଛି ଭୟଙ୍କର କୁଅପଥର ବୃଷ୍ଟି ହେଲା ! ସେ ଆଉ ଯାଇ ପାରିଲା ନାହିଁ । ଗୋଟାଏ ପୋଲାଙ୍ଗ ଗଛମୂଳରେ ବସି ପଡ଼ିଲା । ଭାବିଲା ସକାଳେ ଯାଇଁ ମେନକୁ ଖୋଜିବ । ସକାଳେ ତାକୁ ଆଉ ପାଇ ପାରିନାହିଁ । ଏହା ମଧ୍ୟରେ ଦୀର୍ଘ ଦୁଇବର୍ଷ ବିତିଗଲାଣି । ଆଜି ନଟବର ତାରି ସ୍ମୃତିକୁ ସାଉଁଟି କରି ତାରି ସନ୍ଧାନରେ ବାହାରିଛି ।

× × ×

ଶ୍ରାବଣ ମାସ । ଅବିରାମ ଭାବରେ ବୃଷ୍ଟି ହେଉଛି । ମହାନଦୀ ଦୁଇକୂଳ ଖାଇ ବହି ଯାଉଛି ... ଜୀବନର ସନ୍ଧାନରେ । ନଟବର ମହାନଦୀ କୂଳର ବରଗଛ ମୂଳେ ବସି ଭାବୁଛି—ସେଦିନ ଏମିତି ଦୁର୍ଯୋଗ ରାତି—ମେଘୁଆ ରାତି ହୋଇଥିଲା, ଯେଉଁ ଦିନ ମେନ ଭିକ ମାଗି ଯାଇଥିଲା, ଆଉ ଫେରିଲା ନାହିଁ । ଆଜି ଏ ମେଘୁଆ ରାତିରେ

Digitized by srujanika@gmail.com




# ସ୍ତିରୀ ରତ୍ନ

( କାମୁଡ଼ା କାଳ ବୃତ୍ତେ )

—ଶ୍ରୀ ଚନ୍ଦ୍ରକୁମାର ପାଳ ।

କହିବି ଗୋଟିଏ କଥା, ଲହିବି ଗୋଟିଏ ଗାଥା
କହିବାକୁ ମୋତେ ସରମ ଲାଗେ
ବାଟେଲ ହସିଦେବେ ନେତା, କାମୁଡ଼ାକାଳରେ ।

ସ୍ତିରୀ ନେଇଛି ଏ ଝିଅକୁ ପାଇଲି ଏମ୍: ଏ: ଲ: ପାସ୍ କରି
ଦେଖିଲି ଚେଳକୁ ରମ୍ଭା ନୁହେଁ କି ମେନକା ନୁହେ
ଶାକ୍ତି ହାକୁ ଅକାଳି, କାମୁଡ଼ାକାଳରେ ।

କଣ୍ଠେ ଜାଣି କାନ୍ତ ତାର, କାଳ ଜାଣି ଚନ୍ଦ୍ର ତାର
ଶୁଣିଲେ କାଳେ ସେ କହିବେ ପର
ଘୁଞ୍ଚି ମୋର ଥର ଥର, କାମୁଡ଼ାକାଳରେ ।

ସୂର୍ପଣଖା ଜାଣେ ରୂପ ଡଙ୍କର ହେବ ହସ୍ତୀ ଦେହ ତାଙ୍କ ଦାନ୍ତ
ନାକ ନୁହେଁ ସେତ ଜେମାର୍ଦ୍ଦନ
ଗୋଡ଼ତ ଗୋଟାଏ ଖମ୍ବ, କାମୁଡ଼ାକାଳରେ ।

**ମଜା କବିତା**

କାଳ ପର ତାଙ୍କ ଜୀଭ ଲହଲହ ଦେଖିଲେ ଚହଲି ଲାଲ
ଅଖି ଫେଡ଼ିବ ଓ ଅଟନ୍ତୁ ମିରି
ବିଭୁ ମଡ଼ ତାଙ୍କ ଗାଲ, କାମୁଡ଼ାକାଳରେ ।

ଗର୍ଜ୍ଜିବ ଜାଣିଛି ସ୍ୱର ତାଙ୍କର ହେବ ଶୁଣି ଜାଣି ତାଙ୍କ ଗୁଳି
ଆଉ ଏ ପଢ଼ନ୍ତି ଚେଳର ନାନା ଗଜେନ୍ଦ୍ର
(ମୋର) କମ୍ପଇ କଲିଜା ଖାଲି, କାମୁଡ଼ାକାଳରେ ।

ଏକଥା ଦେଖି ସେ ହାଏ କହୁଥାଏ ମାରେ ମୁଁ ଶିରକୁ କରେ
ଭଉଅତା ହୋଇ ଯୋଗର ଭରେ
ଚେଳିଲି ଯାଉ ମୋର, କାମୁଡ଼ାକାଳରେ ।

---

( କାହାଣୀ ପୂର୍ବ ପୃଷ୍ଠା ଉତ୍ତାରୁ )

ମେନ ଖର ଦେଇଟି—କାହାକି ସେ ହବ ?

କୃଷ୍ଣାନୁଜକୁ ବାହାର କରି ନଗରକୁ ମୁହଁରେ ପିବାଟିଏ ଧରାଇଦେଲା । ଦୁଇଥର ଟୋକି କହିଗଲା ପାନ୍ତିରେ ପିବାଟାକୁ ମାଡ ଲଗାଇ ଦେଇ କାନିରେ ଖୋସି ଦେଲା । ପୁଣି ସେ କହିଲା—ମେନ, ତୁ ଗୋଟାଏ ବଡ଼ ଭୁଲ କାମ କରିଛୁ । ମୁଁ ତୋତେ ଜୀବନ ଠାରୁ ଅଧିକ ଭଲ ପାଉଥିଲି । ତେବେ ତୁ ମୋତେ ଠକ ଦେଇ, ମୋତେ ଭୁଲି ଯାଇ କାହିଁ ଗୁଲିଗଲୁ ? ମୁଁ ଏହା ଜାଣିପାରୁଛି ତୁ ସମାଜର ଡରି ଆଉ ଫେରିଲୁ ନାହିଁ । ସମାଜ ତୋତେ ଗ୍ରହଣ କରି ନପାରେ ଆଥାନ୍ତା । ମାତ୍ର ତୋର ଧ୍ୟାନର ନିର୍ଜ୍ଜୁଟ ତୋତେ ସମାଜରେ ଅଲଙ୍ଗନ କରି ଥାଆନ୍ତା । ତୁ କ'ଣ ମୋତେ ପ୍ରଥମରୁ ଚିହ୍ନି ପାରିନାହୁଁ ? ମୁଁ ତ ତୋତେ କାହିଁ ନ ଦେଖିଲେ ପାଗଳ ହୋଇଯାଏ । କାହିଁ ଏହା ଜାଣି ତୁ ଦୂରରେ ଅଛୁ ?

ତେଜ୍ କେ୍ କେ୍ ମାରିଦେଲା । ଘା ପରେ ଘା ପରେ ଗୋଟାଏ ବଜ୍ର ଚଡ଼ଚଡ଼ ଶବ୍ଦ କରି ଦେଇ ଗଲା । ନଗରକୁ ଆଉ ଦୃଷ୍ଟି ପାରିଲା ନାହିଁ । ଦୂର ଅବାଚକୁ ଗୁହାଁ ହେଲା । ଗୁହାଁଅଡ଼େ ଅନ୍ଧାର ଘାଟଳୁ । ତଥାପି ଗୋଟାଏ ଉଜଣା ଦୃଶ୍ୟରେ ଘାଟ ବାଲିଲା ପରି ଗଳଗଳ ପଡ଼ୁଛି । ତୋଳି ମେଘୁଛି—ଘଡ଼ଘଡ଼ି ମାରୁଛି । ସେମାନଙ୍କ ମଧ୍ୟରେ ହମନାର ମୂର୍ତ୍ତି ଉଇଁ ଉଠୁଛି ଏବଂ ଉଡ଼ୁଛି । ନଗରକୁ ନିନିମେଷ ନୟନରେ ଗୁହାଁ ରହିଛି ।

ପୁଣି ତେଜ୍ କିରଣ କେ୍ କେ୍ ମାରିଦେଲା । ନଗରକୁର ଆଖି ମିଟିମିଟି ହୋଇଗଲା । ଜିଜିର ପଡ଼ିଲା ନିଜ ବୁଲି । ଉଚ୍ଚ ଦୂରରେ ଗୋଟିଏ ବଜ୍ର ଭୁସି ଯାଉଛି । ନଗରକୁ ଚମକ ପଡ଼ିଲା । ତାକୁ ବୁଲିକି ଯାଉ ଥାଉଥିଲା—ମାତ୍ର କେହି ପାଉ ନା ନାହିଁ । ଟିକ୍ ସେତିକିବେଳେ ତେଜ୍ କେ୍ କେ୍ ମାରି ଉଠିଲା । ନଗରକୁ ସମ୍ମୁଖରେ ପରବତର ମୂର୍ତ୍ତି ଦେଖି ଉଠିଲା । ଏ ଯେ ମେନ ! ନଗରକୁ ଆଉ ଯିମ୍ବାକୁ ପାଇଲା ନାହିଁ । ନିଜ ଶରୀର ଥଅଳ ଭଳି ଦେଇ ପଡ଼ିଲା । ଘୁଅ ଉଡ଼ି ହୋଇଗଲା ଦେଖିଛି । ନଗରକୁ ମେନକୁ ଧରିବା ଦରି ଉଠାଇ ଆଣିଲା । ତାଙ୍କର ନଗରକୁ ମେନକୁ ଧରିଲା । ଟେକି ଦେଇ କାଦରେ ଭାବି ଦେଇ ଅନେକ ପ୍ରାଣରେ ଗାଇ ବାର ଘୁଞ୍ଚିଲା । ବଡ଼ ଭୁଲି ଦେଖାଇ ପଡ଼ିଲା ସେ । ଦୂର ନେ ତେଜ ପାଇଁ ମିଳିଗଲା । ଏଣେ ମେଘ ଚାଲି ଯାଇ ଦେଲା ।

ତେଜ କେ୍କେ ଦେଖିଲା । ଶିଖ ଦେଖା-ଗଲା—ନଗରକୁ ମେନକୁ ନେଇ ଜଙ୍ଗଲରେ ଅଜିଶନ କରି ଧରିଛି ଆଉ ଟ୍ରେନ୍ ଆଉ ରାଧିକାଙ୍କ ବେକରେ ଯାଇଛି ।

Digitized by srujanika@gmail.com




**ମଜାକଥା**

## ଏହି ସହରବାର ଛଳେ

ଲେଖିକା—ଶ୍ରୀମତୀ ହେମଲତା ମହାନ୍ତି

ନାଁ ଅଟି ସ୍ନାହର କନକଲତା—ଦେହର ବର୍ଣ୍ଣ କନକ ପରି ଉଜ୍ଜ୍ୱଳ ଦେଖିବାକୁ ପଖିଟି ପରି—ଯେପରି ଗୋଟିଏ ଗୁଲଙ୍କର ଗଡ଼ା।

ସେ ପଢ଼େ ବାଙ୍କପଡ଼ା Girls school ର seventh class ରେ। ତାର ବାପା ଗୋପାଳବାବୁ ବାଙ୍କପଡ଼ାର ଜଣେ ଓଭରସିଅର। ତେଣୁ ତାଙ୍କ ପରିବାରଟି ବାଙ୍କପଡ଼ାରେ ଥାଆନ୍ତି।

ନାରଣବାବୁ ବାଙ୍କପଡ଼ାର ଜଣେ କିରାଣୀ—ଦରମା ୧୬୦୯ ପାଆନ୍ତି। କିନ୍ତୁ ସେ ଜଣେ ଜମିଦାରଙ୍କ ପୁଅ। ଭାରି style ରେ ଥାଆନ୍ତି। ଯୋଡ଼ା ଯୋଡ଼ା ସୁନ୍ଦର ସୁନ୍ଦର ଦାମିକା ଦାମିକା ପୋଷାକ ଦେଲା। କିନ୍ତୁ ସେ ଅବିବାହିତ—ନାରଣବାବୁଙ୍କ ବସା କନକଙ୍କ ବସା ନିକଟରେ। ନାରଣବାବୁ ବାହାରକୁ ବାହାରିଲେ କନକଙ୍କ ଘର ପାଖଦେଇ ଯିବାକୁ ହୁଏ। ସେ କନକ-ଦେଖିଛନ୍ତି। ଓ ରୂପରେ ସେ ଗଲବେଳେ ନାରଣ-କୁ ଅନେକ ଥର କନକର ଗୁହାଣୀ ମୁଗ୍ଧ। ସେଇଦିନଠୁ ବାବୁ ତାଙ୍କର ଘର ଅଡ଼କୁ ଏକଦୃଷ୍ଟିରେ ଅନାଇ ରହୁଥାନ୍ତି—ଯଦି କେବେ ଶୁଭଦୃଷ୍ଟିର ମିଳନ ହୋଇଯାଏ। ଆଜିକାଲି ନାରଣବାବୁଙ୍କର ବେଶଭୂଷାର ପରିପାଟି ଟିକିଏ ବଢ଼ି ଯାଇଛି। ଡ୍ରେସିଂ ଟେବୁଲ, ନଭେଲ ଓ କବିତା ଏମାନଙ୍କ ସଙ୍ଗରେ ଟିକିଏ ଘନିଷ୍ଠତା ଜମି ଉଠିଛି। କବି ମାନସିଂହଙ୍କର 'ଧୂପ'ରୁ ପଦେ ଅଧେ କେତେବେଳେ ମନେ ମନେ ଗୁଣୁଗୁଣୁ କରି ଗାଇ ଦିଅନ୍ତି। ମନ ତାଙ୍କର କେଉଁଠି ଲାଗେ ନାହିଁ। ଅଫିସ କାମରେ ଭୁଲ ଅଧିକ ହେବାରୁ ହାକିମଙ୍କ ପାଖରୁ ଗାଳି ମଧ୍ୟ ଶୁଣିଲେଣି। ବର୍ତ୍ତମାନ ତାଙ୍କର କେବଳ-ମାତ୍ର ଚିନ୍ତା କିପରି କନକଙ୍କ ଘର ସାଙ୍ଗରେ ପରିଚିତ ହେବେ। ସୁବିଧା ଓ ସୁଯୋଗ ଯୁଟୁଛି ନାହିଁ, କାରଣ କନକର ବାପା ଗୋପାଳବାବୁ ଅଧିକାଂଶ ସମୟ କାର୍ଯ୍ୟ ଉପଲକ୍ଷ୍ୟ ମଫସଲରେ ଥାନ୍ତି। × × ×

ଦିନେ ସନ୍ଧ୍ୟାବେଳେ ନାରଣ ବାବୁ ସିନେମା ଯିବାକୁ ସଜବାଜ ହେଉଛନ୍ତି। ଦେଖିଲେ କନକ ତାଙ୍କ ବାରଣ୍ଡାରେ ଏକୁ-ଟିଆ ଛିଡ଼ା ହୋଇଅଛି। ମନେମନେ କହିଲେ 'ଏଇ ହେଉଛି ସୁଯୋଗ। I will take a chance. ପକେଟରୁ ଖଣ୍ଡେ କାଗଜ ବାହାରିଆଣି କୁଆଡ଼ େଲେଖି ପକାଇଲେ ଏବଂ ଗଲବେଳେ କାଗଜଖଣ୍ଡିକ କନକ ଅଡ଼କୁ ପକାଇ ଦେଇଗଲେ। କନକର ବଡ଼ କୌତୂ-ହଳ ଜାତ ହେଲା। କାଗଜ ଖଣ୍ଡିକ ଉଠାଇ ନେଇ ଦେଖିଲା ସେଥିରେ ଲେଖାଥିଲା—

ସ୍ନେହର—,

ଅନ୍ୟ କିଛି ଲେଖିବା ନାହିଁ। ପତ୍ର ଦେବ।

ସ୍ନେହର—

କନକ ଏମାନଙ୍କରୁ କିଛି ବୁଝିପାରିଲା ନାହିଁ। ତାକୁ ରଖିଦେଲା। ତା ପରଦିନ ଠିକ ସେହି ସମୟରୁ ଆଉ ଖଣ୍ଡିଏ—ଏହିପରି ପ୍ରତିଦିନ ଖଣ୍ଡିଏ କରି ପାଏ। କନକ ସେଗୁଡିକ ସାଇତି ରଖେ। କିନ୍ତୁ ତାର ଉତ୍ତର ଦିଏ ନାହିଁ।

ହାତ୍ସ ସପ୍ତାହ ଖଣ୍ଡେ ପରେ କନକର ପିଉସା ରମେଶବାବୁ ତାଙ୍କ ଘରକୁ ବୁଲି ଆସିଲେ। ସେ କନକ ସଙ୍ଗେ ଦୁଇ ଥଣ୍ଡା ନକଲ ଖେଳନ୍ତି। କନକ ସେଦିନ ତାଙ୍କୁ ଡାକିନେଇ ଏ ଚିଠିଗୁଡିକ ଦେଖା-ଇଲା ଓ ସମସ୍ତ କଥା କହିଲା। ରମେଶବାବୁ ସବୁ ଶୁଣି ଟିକିଏ ହସି କହିଲେ, "ଟୋକାଟାର ତ ସାହସ କମ୍ ନୁହେଁ। ବହୁତ advance କରିବାକୁ ବସିଛି ଆଉ, ଦେଖିବା କେମିତିକା ପ୍ରେମିକ ସିଏ।" ଖଣ୍ଡେ କାଗଜ ଆଣିଆଣି ଲେଖିଲେ—

"ସ୍ନେହର ନାରଣ ବାବୁ,

ଆଜି ସନ୍ଧ୍ୟା ୭ଟା ବେଳେ ଆମ ଘର ପଛଅଡ଼ ଅମୃତଙ୍କ ମୂଳକୁ ଆସିବେ। ସେହିଠାରେ କଥା-ବାର୍ତ୍ତା।

ସ୍ନେହର
କନକ।

କନକକୁ କହିଲେ, "ଏଇ ଆସି ଚିଠି ପକାଇବା ପୂର୍ବରୁ ତୁ ଏ ଖଣ୍ଡିକ ତା' ଆଗରେ ପକାଇଦେବୁ। ସେ ଯେପରି ତୋତେ ଚିଠି ପକାଇବାର ଦେଖେ। ମୁଁ ଛଅଟା ବେଳକୁ ଆସିବି। ମୋ ପାଇଁ ଖଣ୍ଡେ ଶାଢ଼ୀ ଓ ବ୍ଲାଉଜ ବାହାରିକରୁ। ବାପା କିମ୍ବା ବୋଉଙ୍କୁ ଏ ବିଷୟରେ କିଛି କହିବୁ ନାହିଁ।

କନକ ରମେଶବାବୁଙ୍କ ଷଡ଼ଯନ୍ତ୍ରଟି ବେଶ ବୁଝି ପାରିଲା। ପାଞ୍ଚଟା ବାଜିଲା। ନାରଣ ବାବୁ ସବୁଦିନ ପରି ସେ ବାଟେ ଗଲେ। କନକ ତାଙ୍କର ଆଗରେ ଚିଠି ଖଣ୍ଡିକ ନେଇ ପକେଇ ଦେଇ ଆସିଲା। ନାରଣବାବୁ ଖୁସି ହୋଇ ଚିଠିଖଣ୍ଡି ଉଠାଇନେଲେ। ଚିଠି ପଢ଼ି ମନ ଆନନ୍ଦରେ ନାଚି ଉଠିଲା। ବୁଲବୁଲ କରି ଛଅଟା ବେଳକୁ କୁଆଡ଼େ ଫେରିଲେ। ସାଙ୍ଗେ ସାଙ୍ଗେ ଦାଢ଼ିଟା ଖୁଣ୍ଟି ନେଲେ। ନୂଆ ଯୋତାଟିଏ ପିନ୍ଧି ଫୁଲ ପଞ୍ଜାବିଟି ଦେହରେ ଗଳାଇ ପକେଇଲେ। ସିଲ୍କ ରୁମାଲଟିଏ ଛଡ଼ି ପକେଟରେ ପୁରାଇ

( ୯ମ ପୃଷ୍ଠା ଜମ୍ମ ସ୍ତମ୍ଭ ଦେଖନ୍ତୁ )

Digitized by srujanika@gmail.com




## ନାସିମ

ତରୁଣୀ ସ୍କୁଲ ବାଳଛାତ୍ରୀଏ ତାର ପ୍ରିୟ ଚଳଚିତ୍ର ଅଭିନେତ୍ରୀ ସୁଲୋଚନାର ବଡ଼ ଛବି ପ୍ରତି ଉଲ୍ଲସିତ ଚିତ୍ତରେ ଅନିମିଷ ନୟନରେ ଦୃଷ୍ଟି ନିବଦ୍ଧ କରିଛି ଏବଂ ମନସ୍ଥ କରିଛି, ଦିନେ ନା ଦିନେ ତାର ଏହି ପ୍ରିୟ ଚିତ୍ର ପରି ସେ ପ୍ରାଧାନ୍ୟ ଓ ସର୍ବଜନ-ପ୍ରିୟତା ଲାଭ କରିବ ।

ତାଙ୍କର ଏ ଅଭିଳାଷ ପୂର୍ଣ୍ଣ କରିବା ନିମନ୍ତେ ସେ କଣ ତାଙ୍କର ପଥ ପରିଷ୍କାର କରିଥିଲେ ?—ହଁ, ତାଙ୍କର ବାଲ୍ୟ ସୁଲଭ ଚପଳତା ଦ୍ୱାରା ଘର ମଝିରେ ସେ ଗୋଟେ ବଡ଼ ଦର୍ପଣ ରଖନ୍ତି । ନାନା ରଙ୍ଗର ମୂଲ୍ୟବାନ ପୋଷାକ ପରିଧାନ କରି, ମୁହଁରେ ପାଉଡ଼ର ଓ ପେଣ୍ଟ ବୋଳି, ସେହି ଛୋଟ ବାଳିକାଟି ନାଚେ, ଗାଏ ଓ ଅଙ୍ଗଭଙ୍ଗୀ ଦେଖାଏ । ଆଜି ଦର୍ପଣହିଁ କେବଳ କହିପାରିବ—କାଲିକାର ସ୍କୁଲ ବାଳିକା, ଆଜିର ପ୍ରସିଦ୍ଧ ନାସିମ ବାନୁର ପ୍ରତିଭା ବିକାଶ ଦିଗରେ ତାର ଦାନ କି ଜ୍ୱଳନ୍ତ ଓ ମହତ ।

କଲିକତାର Stage Film Company କର୍ତ୍ତୃକ ପ୍ରକାଶିତ ଖୁନ କା-ଖୁନ ( Hamlet ) ଚିତ୍ର ନାସିମଙ୍କୁ ସର୍ବ ପ୍ରଥମେ ଚଳଚିତ୍ର-ଜଗତରେ ପଦାର୍ପଣ କରିବାକୁ ସୁଯୋଗ ଦେଲା । ସିନେମା ମୁଭିଟୋନର ଇଥର ହୋଇବ ଯୋଗ ନାସିମ ଭିତରେ ଅଭିନେତ୍ରୀ-ଉପାଦିକା ଶକ୍ତିର ଅନୁଭବ ପାଇ, ତାଙ୍କୁ ଶୀଘ୍ର ଅଙ୍ଗୀକୃତ କରିନେଲେ । ତାଙ୍କର "ଖାଁ ବାହାଦୁର" ଲକ୍ଷ ଲକ୍ଷ ଲୋକଙ୍କର

## ନାଗବଚ୍ଛା ଦଳ

### ଉଦ୍ଦେଶ୍ୟ

୧ । ଉତ୍କଳର କିଶୋର ପ୍ରାଣରେ ନବଜାଗରଣ ଆଣିବା, ଜ୍ଞାନର ପରିସର ବଢ଼ାଇବା, ଚିତ୍ତମନର ବିକାଶ ଓ ସର୍ବାଙ୍ଗୀନ ଉତ୍କର୍ଷ ସାଧନ କରିବା ।

୨ । ଉଭୟର ମଧ୍ୟସ୍ଥତାରେ ପତ୍ର ବିନିମୟ ଦ୍ୱାରା ତରୁଣମାନଙ୍କ ମଧ୍ୟରେ ପରସ୍ପର ଖବର ଆଦାନ ପ୍ରଦାନ କରାଇବା ଓ ସେମାନଙ୍କ ମଧ୍ୟରେ ସ୍ନେହ ପ୍ରୀତି ଓ ସୌହାର୍ଦ୍ଦ୍ୟ ବଢ଼ାଇବା ।

୩ । ମାତୃଭାଷା ଓ ସାହିତ୍ୟ ପ୍ରତି କିଶୋର କିଶୋରୀଙ୍କର ଅନୁରାଗ ବଢ଼ାଇବା ।

୪ । ସତ୍ୟ ସେବା, ସାହସ ଓ ଅହିଂସା ସାଧନାରେ ସେମାନଙ୍କୁ ଉଦ୍‌ବୁଦ୍ଧ କରିବା ।

( ୧୮ ବର୍ଷରୁ ନ୍ୟୁନ ବାଳକ ବାଳିକାମାନଙ୍କ ପାଇଁ )

ମନପ୍ରାଣ ମୁଗ୍ଧ କରି ଦେଇଛି । **'ମିଠା ଜହର, ବାସନ୍ତୀ ଓ ଡାଇଭୋର୍ସ'** ଚିତ୍ରରୁ ସେ ଶ୍ରେଷ୍ଠ ଅଭିନେତ୍ରୀ ରୂପେ ଲୋକ-ଚକ୍ଷୁରେ ପ୍ରକାଶ କଲେ । **'ପଞ୍ଜାବର'** ନୁରଜାହାନ ଭୂମିକାରେ ଅବତୀର୍ଣ୍ଣ କରି ମୋଗଲ ସାମ୍ରାଜ୍ଞୀଙ୍କୁ ସେ ଅମର କରି ଦେଇଛନ୍ତି ।

୧୯୧୯ ସାଲ ଜାନୁୟାରୀ ମାସ ୨ତାରିଖରେ ନାସିମ ବାନୁଙ୍କର ଜନ୍ମ । ଦିଲ୍ଲୀର Queen Mary's ହାଇ ସ୍କୁଲରେ ସେ ଅଧ୍ୟୟନ କରିଥିଲେ । ଇଂରେଜୀ, ପାର୍ସି ଉର୍ଦ୍ଦୁ ଓ ହିନ୍ଦୀରେ ସେ ସୁନ୍ଦର ଭାବରେ କହି ଓ ଲେଖି ପାରନ୍ତି । ବନ୍ଧୁ ମହଲରୁ ଦିନକେ ଶୁଣିବାକୁ ମିଳେ ଯେ ଏପରି ଝିଅ ବୁଝିବା ବେ ନମ୍ର, ଉଦାର ଓ ମନୋହର । ତାଙ୍କର ନିଅନ୍ତି ... ସଂପୂର୍ଣ୍ଣ ବିଶ୍ୱାସ ଅଛି । ... ଘୋଡ଼ା ଚଢ଼ିବା, ଗୀତ ବୋଲିବା ଓ ନାଚିବାକୁ ଭଲ ପାଆନ୍ତି । ତାଙ୍କର ପ୍ରିୟ ଖାଦ୍ୟ ପଲାଉ । କୌଣସି ... ଫାଜିଲ ... ହେବା, ଆଳସ୍ୟ ଓ ମିଥ୍ୟା-କଥା କହିବାକୁ ସେ ଘୃଣା କରନ୍ତି ।

ତାଙ୍କ ଜୀବନ ସମ୍ପର୍କରେ ସେ ଏହି ... ବାଣୀ ଶୁଣାଇଛନ୍ତି—"କୌଣସି ଦିନ ଏହି ଅଭିନୟ ପାଇଁ ... ମୋର ସୌନ୍ଦର୍ଯ୍ୟକୁ ବଳି ଦେବାକୁ ପଡ଼ିବ ।"

ଏଥିରୁ ଜଣାଯାଏ—କଳାର ଉତ୍କର୍ଷ ସାଧନ ଦିଗରେ ସେ କେତେଦୂର ଅନୁରାଗୀ । ତାଙ୍କ ଉଦ୍ଦେଶ୍ୟ ସାଧୁ ଓ ମହତ । ପରାଧୀନ ଭାରତ ତାଙ୍କ ପରି ନିଷ୍ଠାବତୀ ରମଣୀ କୋଳରେ ଧାରଣ କରି ଧନ୍ୟ ।

—କୁମାର ଲକ୍ଷ୍ମୀନାରାୟଣ

## ଅଜାଙ୍କ ଜବାବ

ଶ୍ରୀ ଅନନ୍ତ (୧୧୪ ନାଗ) ଶୁଣି ଖୁସି ହେଲି ଯେ ତମେ ଗାଁରେ କିଛି କାମ କରିଛ । ତମ ଲେଖା ପାଇଛି । ମନୋନୀତ ହେଲେ ପ୍ରକାଶ ପାଇବ । ତମେ ଲେଖିଥାଅ । ପ୍ରକାଶ ନ ପାଇଲେ ବୋଲି ହତାଶ ହେବ ନାହିଁ । ... ବେଳେ ଆଗକୁ ବଢ଼ି ଚାଲ ।

## ନୂଆ ନାଗଙ୍କ ନାମ

୩୬୪—ଶ୍ରୀମତୀ ଅନ୍ନପୂର୍ଣ୍ଣା ମହାନ୍ତି ଜଗନ୍ନାଥ ସାହିତ୍ୟ ସମିତି ଉଦ୍ରକ । (୩୬୨) ପ୍ରଫୁଲ୍ଲ-କୁମାର ମହାନ୍ତି C/o ହେଡ଼ମାଷ୍ଟର ମହାଶୟ Baudh Raj H. E. School. P. O. Baudh Raj. Baudh State. (୩୬୭) ଶ୍ରୀ ଗୋପୀନାଥ ବେହେରା, ବ୍ରିଜନାଥ ... କଲିକତା । (୩୬୮) ଶ୍ରୀ ବାଣୀକାନ୍ତ ଦାସ, ... କଲିକତା । (୩୬୯) ଶ୍ରୀ ... ଉଦ୍ରକ । (୩୭୦) ଶ୍ରୀ ... C/o S. O. Bar Sahi. ...

—❋❋❋—



Digitized by srujanika@gmail.com

# ହନୁମନ୍ତ ବସ୍ତ୍ରହରଣ

## (ରଙ୍ଗ ନାଟିକା)

### ( ସପ୍ତମ ଦୃଶ୍ୟ )

ଚିତ୍ରାଙ୍କ:—କଳା ବାନ୍ଧିଣୀ

[ ବାଳକୃଷ୍ଣ ଅତିବ୍ୟସ୍ତ ପ୍ରାଣରେ ଘରୁ ବାହାରକୁ ଥରେ ଅଧିକରୁ ଓ ପୁଣି ଭିତରକୁ ଯାଉଛନ୍ତି । ଅତି ଉତ୍କଣ୍ଠା ହେତୁ ତାଙ୍କ ଚେହେରାର ମାତ୍ରା ବୋମାଲ୍ସମ ରହିଯାଇ ଥିବାରୁ କଣ୍ଠ ଚଳନ୍ତି ଶ୍ୱାସ ନିଶ୍ୱାସ ତାଙ୍କ ହେବେ ହୋଇ ଫୁଟେଇଲେ ଛୁଟିର ଶୋଭା ଧାରଣ କରିଛି । ସମସ୍ତଙ୍କ ବେଶ, ଉଦ୍ଭୁଙ୍ଖଳ । ଊର୍ଦ୍ଧ୍ୱକର୍ଣ୍ଣ, ଉଦ୍‌ଗ୍ରୀବ, ଉନ୍ମୁଖ ହୋଇ ସେପରି କାହାର ଅପେକ୍ଷାରେ କାଳାତିପାତ କରୁଛନ୍ତି ଓ ଅନ୍ତରର ଉଦ୍‌ବେଗମୟ ଚିତ୍ତ ସହିତ ତାଳମାତ୍ରା ରଖି ଦକ୍ଷିଣ କରଦ୍ୱାରା ଚୁଆକାଡ ଟାହ୍ ଟାହା ଟାହ୍ ନାଦରେ ବାମ କରଧୃତ ଗୁବାକ ଖଣ୍ଡମାନଙ୍କୁ ଚୂର୍ଣ୍ଣ ବିଚୂର୍ଣ୍ଣ କରି ପକାଉଛି । ପୁଣି ସେହି ଚୂର୍ଣ୍ଣ ପଦାର୍ଥମାନ ସ୍ୱକୀୟ ବଦନ ଗହ୍ୱରରେ ନିକ୍ଷେପିତ ହେବା କ୍ରମରେ ନିକ୍ଷିପ୍ତ ହେଉଛି । ଏମନ୍ତ କରୁଁ କରୁଁ ଡକା ପକାଇଲେ । ]

ବାଳ—ଅରେ, ଟିକାଏ ଶୁଣ୍ ଅଣିକୁହି ।

( କେହି ଶୁଣିଲେ ନାହିଁ )

ବାଳ—କେହି ପୋ—ସମସ୍ତେ ମଲେଣି ନା କଣ । ଅବେ—ଅରେ—କଣିଟି—ରେ—

( ଜଣେ ଭୃତ୍ୟ ପ୍ରବେଶ କଲା )

ଭୃ—ଆଜ୍ଞା ?

ବାଳ—କୁଆଡ଼େ ମରୁଥିଲୁ ନା କଣ ?

ଭୃ—ଆଜ୍ଞା ।

ବାଳ—ଓଲୁ କହିଁକା—

ଭୃ—ଆଜ୍ଞା

ବାଳ—ରେ, ବଜାରେ ଗୁଣ୍ଡ୍ ଅଛି ଲୁ ବହିଅଛୁ—ଗଲୁ—

( ଭୃତ୍ୟ ଗୁଣ୍ଡ ବୁଲିଗଲା ଓ ଫେର ଅସି କହିଲା— )

ଭୃ—ବାହାରେ ଗୁଣ୍ଡ ସହିତ ଅଛି ।

ବାଳ—ନା ବଜାରରୁ ଇଲେ—ନାହିଁ, ନାହିଁ ଥାଉ, ମେଞ୍ଚାଏ ଧୂଆଁପତ୍ର ଅଣିଲୁ—ହଁ ହଁ ।

( ଭୃତ୍ୟ ଗଲା ଓ ଧୂଆଁପତ୍ର ଆଣି ଦେଲା )

ବାଳ—ଟେଁକାଳୀ କଇଁଚିକାର—ଅରେ ଦେ ନାହିଁ—ଖାଲିପତ୍ର ।

(ପୁଣି ଭୃତ୍ୟ ଯାଇ ଦେ ଅଣି ଦେବାରୁ ବାଳକୃଷ୍ଣ ଉଭୟ ପଦାର୍ଥ ମିଶ୍ରିତ କରି ଧୂମ୍ରପାନ କଲେ । )

ବାଳ—ଏ, ଚାଲ୍ ମୋ ଟାଟ ଉପରେ, ମାଣ୍ଡି ତଳେ ଖଣ୍ଡେ ଟେଲିଗ୍ରାମ ତାର ଅଛି, ଅଣିବୁ ।

ଭୃ—କେତେ ଲମ୍ବ ଅଜ୍ଞା ?

ବାଳ—ଟେଲିଗ୍ରାମ ତାର ଜାଣିନୁ ? ଏତେ ଖଣ୍ଡେ—

ଭୃ—ଲୁହା ନା ପିତଳ ଅଜ୍ଞା ?

ବାଳ—ଦୁର୍ବୁଦ୍ଧିକା—ଅଜ ଯାରବାନ ଡରେ—ଟର୍ଦ୍ଦିଭ—ଅରେ ତାର ନୁହେଁ, ତାର ନୁହେଁ—ତାର ଖବର ! କାଗଜ ! ନାଲି ନାଲି କାଗଜ ! ଲେଖା ଅଛି, ଇଂରାଜୀ ଲେଖା ।

ଭୃତ୍ୟ—ଅଜ୍ଞା ବୁଝିଲି ହେ—

ବାଳ—ଅଜ୍ଞା କହିଲା ! ଯାଃ ।

( ଭୃତ୍ୟ ଯାଇ ଟେଲିଗ୍ରାମ ଖଣ୍ଡେ ଆଣି ଦେଲାରୁ ବାଳକୃଷ୍ଣ ତାକୁ ତରଟି ଗୁହାଣିରେ ମନେ ମନେ ପଢ଼ିଲେ । )

ବାଳ—ଏଇତ, ଠିକ ଅସିବାର କଥା—ଗଲେ କୁଆଡ଼େ ?

ଭୃ—କିଏ ଅଜ୍ଞା ?

ବାଳ—ତୋ ବୋପା !—ଯାଃ ଏଠୁଁ ।

( ଭୃତ୍ୟ ପଳାୟନ କଲା )

ବାଳ—ଏ, ଏ, ଶୁଣ୍ ଶୁଣ୍—ଅରେ ଶୁଣ ଯା ।

( ଭୃତ୍ୟ ପ୍ରବେଶ କଲା )

( ବାଳକୃଷ୍ଣ ଜଳଯୋଗରେ ଗୁଡ଼ାକୁ ମାରିବାକୁ ଲଗିଲେ । )

ବାଳ—ଅରେ, ଯୋଗାଡ଼ିଆ ତେଲିଆ ଦେଲୁଣି କାହିଁକି । ଦେ ଯାହା କହିବି ଅଣିଲୁ ମ ? ଯାଉ କହୁଛି—ଏ । ଡାଳଟା ଦେ—ଆଲମାରୀରେ ।

( ଭୃତ୍ୟ ଗଲାଗଲା )

ବାଳ—**Sheer anxiety—nervousness**— ନୋହିଲେ ଏତେ ବେଳୁଟାରେ—

( ଭୃତ୍ୟ ଅସିଲା )

ଭୃ—ଡାଳ ଦେଲିଣି ଅଜ୍ଞା ଯାଅନ୍ତୁ ।

ବାଳ—ଦେଲୁଣି ଠିକ ? ତହିଁରେ ପାଣି ଦେଇ ଛୁଟି—ନା ଖାଲି ଡାଳଟା ଥୋଇ ଦେଇଛୁ ? ହଁ, ଶୁଣ । ଜଣେ ବାବୁଙ୍କୁ ମୁଁ ଅପେକ୍ଷା କରୁଛି ବୁଝିଲୁ ? ଅରେ ଜଣେ ବାବୁ ଇଲେ ଅସିବାର କଥା । ଭାରି ଜରୁରି କାମ ତାଙ୍କ ସାଙ୍ଗରେ । ବୁଝିଲୁ ?

ଭୃ—ଅଜ୍ଞା ।

ବାଳ—ଅଜ୍ଞା ନା ଘୋଡ଼ା ଡିମ୍ବ ! ତୁ ପୁଣି ତାଙ୍କୁ ନାହିଁ କରିଦବୁ ନାଇଁ । ପଇଠି ଜଗି ବସିଥା କି—ସେ ଅସିଲେଣି ମୋତେ ଡାକ ପକେଇବୁ । ଡାକମାନେ ରଡ଼ି ଛାଡ଼ି ପକେଇବୁ ନାଇ—ଖାଲି ଗଳା ଖଙ୍କାର ମାରିଲେ ମୁଁ ଜାଣି ପାରିବି ସେ ଅସିଲେ ବୋଲି, ବୁଝିଲୁ ?

ଭୃ—ଅଜ୍ଞା ।

ବାଳ—ନାଇ ନାଇଁ, ତୁ କଣ ବୋଲି କଣ କରି ବସିବୁ । ଅଚ୍ଛା, ଗୋଟାଏ କାମ କର, ଟିକି ବେଳରେ ଗୋଟାଏ ଡାଙ୍ଗ ବାଡ଼େଇ ଦବୁ ହେ—



Digitized by srujanika@gmail.com

ଯେମିତି ଘଣ୍ଟା ପିଟିବେ—ମୁଁ ଜାଣି ପାରିବି ।

ଭୃତ୍ୟ—ଆଜ୍ଞା, ଶାରଳା ଘଣ୍ଟା ପେଟରକା ।

ବାଳ—ହୁଁ—ହୁଁ—

( ବାଳକଣ୍ଠ ପ୍ରସ୍ଥାନ କଲେ ଓ ଭୃତ୍ୟ ବସି ରହିଲା । ଅଳ୍ପକ୍ଷଣ ଭିତରେ ଜଣେ ଗାବୁଡ଼ ପଞ୍ଜାବୀ ପରିହିତ କୃତ୍ତିକାୟ ବାବୁ ପ୍ରବେଶ କଲେ । ହାତରେ ଠେଙ୍ଗା । )

( ଭୃତ୍ୟ ବାବୁଙ୍କ ଠେଙ୍ଗାଟା ନେଇ ଗୋଟାଏ ପିତଳ ମାର୍ତ୍ତବାନରେ ବାଡ଼େଇ ବାକୁ ଲଗିଲା । ଆଗନ୍ତୁକ ଅବାକ୍ ।

ତେଣୁ ବାଳକଣ୍ଠ କକ୍ଷ ଖୋଲି ଭିତରେ ଧାଇଁ ଆସିଲେ । )

ବାଳ—ଆସିଛ, ଆସିଛ ସତେ, ଓଃ—
କି ସମ୍ବାଦ ? ବର୍ଣ୍ଣି କହ ମୋତେ ।

ରଙ୍ଗରାଜ—
ଶ୍ରାନ୍ତ, କ୍ଲାନ୍ତ, ଅନାହାରୀ, ଅନିଦ୍ର ନିତାନ୍ତ,
କହିବି ବଖାଣି ସବୁ ନେଲେ କିଛୁ rest

ବାଳ—ଅଚ୍ଛା, ଅଚ୍ଛା, ବେଶ୍, ବେଶ୍,
ବାହାଦୁର ତୁମେ—ସୁଦକ୍ଷ, କୁଶଳୀ-
ତୁମ୍ଭ ହସ୍ତେ ଦେଇ ଭାର ନିଶ୍ଚିନ୍ତ ସଦବେ,
ଏଥର ହୋଇବ ଜୟ—ସୁନିଶ୍ଚିତ ଏହା,
ଚକ୍ରାନ୍ତ ଯୋଜନା ଯହୁଁ
ଉପଯୁକ୍ତ ସେନାପତି ହସ୍ତେ ।
ଅହୋ ! ଧିର, ବସ ! ଖାଇବାକୁ କିଛି ?

ରଙ୍ଗ—ନାହିଁ, ଥାଉ, ବଡ଼ ତୃଷା—ପିଇବି କଫିଟ ।

ବାଳ—କୁଆଡ଼େ ଗଲୁ ରେ—ଡାଲରେ ଆଣି ପାଣି ଆଉ ଗ୍ଲାସଟା ଅଛି ରୁଚି ।

ଭୃତ୍ୟ—ଆଜ୍ଞା ଡାଲଟା ତ ପାଇଖାନାରେ —ଲୁଗା କେଉଁ ନେବ ଯେ—

ବାଳ—ଓହୋ ! ସତେତ ଡାଲଟା ତ ଘଡ଼ି ଆସିଛି । ଅତଏବ ଯା—ମୁଁ ତ ଛଅଟି ନାହିଁ—ଡବଳରେ—ପୁଣି କଥା କହି ପକାଉଛି କେତେ ! ବାନ୍ଧୁଛି ସେଇ—

ରଙ୍ଗ—ହଉ, ଅକାଳେ ନିସ୍ପୃହ ନାସ୍ତି ।
ସାହାବ ଲୋକଙ୍କ ପୁଣି କାଗଜରେ—

ବାଳ—ଯାହିବ କାହିଁକି, ସିମିଲା ଯେ ଯିବ ତାର ବା···ଓଃ ଥର୍ଡ଼ ଶୀତ !

ରଙ୍ଗ—ଯେ ଅସୁବିଧା ଅଛି ତେବେ ?

ବାଳ—ଅଧ୍ୟାୟ ନୁହେଁ—ଅକାଳ ପାଣି ଲଗିଲେ ଯଦି ବିପଦ ହୋଇଯିବ ଯେ ରୋହିଣୀ ।

ରଙ୍ଗ—ହଉ ଦେଇଦିଅ ପାଣି ଯାଉ ଅସଲ । ମୁ ବସୁଛି ।

( ବାଳକଣ୍ଠ ଭିତରକୁ ପ୍ରସ୍ଥାନ କଲେ )

( କ୍ରମଶଃ ବାହାରିବ )

# କୁତୁ କୁତୁ

ଭଦ୍ରମହିଳା—(ଜଜ ଙ୍କ କୋର୍ଟରେ ଛାଡ଼-ପତ୍ର ପାଇଁ ଦରଖାସ୍ତ କରିଛନ୍ତି ।) ହଜୁର ଧର୍ମାବତାର । ମୋର ସ୍ୱାମୀ ମୋ ପ୍ରତି ନିର୍ଦ୍ଦୟ ବ୍ୟବହାର କରୁଛନ୍ତି । ଘରର ମେଡ଼ଲ କପ୍ ଓ ପ୍ଲେଟ ଥିଲା ସବୁ ମୋ ମୁଣ୍ଡ ଉପରେ ବଜ୍ରାଇ ଭାଙ୍ଗି ଦେଉଛନ୍ତି ।

ହାକିମ—ତମ ସ୍ୱାମୀ ଜଣ ତାଙ୍କର ଏପରି ବ୍ୟବହାର ପାଇଁ ସେତେବେଳେ ତମ ପାଖରେ ଦୁଃଖ ପ୍ରକାଶ କରି ନ ଥିଲେ ?

ଭଦ୍ରମହିଳା—ନା, ତାଙ୍କର ଚେତା ଫେରିବା ପୂର୍ବରୁ Ambulance ଆସି ତାଙ୍କୁ ନେଇ ଯାଇଥିଲା ।

\+ × +

ସ୍ୱାମୀ—(ପତ୍ନୀକୁ ଭୋଜିରେ ଫେରି) ଅଚ୍ଛା କହିଲ ଦେଖି ମୁଁ କେଉଁଠି ଥିଲି ?

ସ୍ତ୍ରୀ—ମୁଁ ଜାଣେ, ବର୍ତ୍ତମାନ ତମର ପ୍ରକୃତ କାହାଣୀ ବର୍ଣ୍ଣନା କର ।

× × ×

ରୋଗୀ—ଡାକ୍ତର ବାବୁ ! ମୋତେ କେତେଦିନ ଏପରି ବିଛଣାରେ ପଡ଼ି ରହିବାକୁ ହେବ ।

ଡାକ୍ତର—ତମର Temperature ଯଦି ଏହିପରି ଭାବରେ ବଢ଼େ ତେବେ ଅଳ୍ପ କେତେଦିନ ନୁହେଁ ।

× + ×

ସ୍ତ୍ରୀ—(ଏକ ଖଣ୍ଡ ପ୍ରେମ ଉପର କାହାଣୀ ପୁସ୍ତକ ଖଣ୍ଡ ନେଇ ପଢ଼ୁଥିଲେ ।) ଅଚ୍ଛା କହିଲ, ମୋତେ ଯଦି କେହି ଯୁବକ ଅପହରଣ କରି ନେଇଯାଏ ତମେ କଣ କରିବ ।

ସ୍ୱାମୀ—ମୁଁ ସେ ଅପହରଣକାରୀକୁ କହନ୍ତି ଯେ ଜବରଦସ୍ତି କରିବାର କଣ ଦରକାର ଅଛି ।

( ମହାକଥା ୭ଷ୍ଠ ଦୃଷ୍ଟା ଉକ୍ତିରୁ )

ଦେହରେ ଅଢ଼େଇ ଦୁଇସେର ବୁନ୍ଦା ଛପିଦେଲେ । ମୁନାଘଣ୍ଟା ହାତରେ ବାନ୍ଧ ଦେଖିଲେ ସାତଟା ବାଜିବାକୁ ବଣମିନିଟ । ଚପଲ ଦୁଇଟା ଗୋଡ଼ରେ ପୁଣି ବାହାରି ପଡ଼ିଲେ ।

ଦେଖିଲେ ଅମ୍ବଗଛ ମୂଳେ କନକ ଅପେକ୍ଷା କରିଛି । ଆଉ ସମ୍ଭାଳି ନ ପାରି 'କନକ' ବୋଲି କହି ଲମ୍ଫାଇ ପଡ଼ାଇଲେ । ସାଙ୍ଗେ ସାଙ୍ଗେ ନାରଣ ବାବୁଙ୍କ ବେକରେ ଗୋଟାଏ ଡଣ୍ଡିଆ ବସିଗଲା । ହାତ ଗୋଡ଼, ଦଉଡ଼ିରେ ବନ୍ଧା ହୋଇଗଲା । ତା' ପରେ ବୃଷ୍ଟି ହେଲା ବିଧା—ଗୋଇଠା—ଚାପୁଡ଼ା । ସବଶେଷରେ ଜୋତା ବୋଉଡ଼ାର ବ୍ୟବହାର । ନାରଣବାବୁ "ବୋପାରେ, ମାଅଲେ" ହେଉଥାନ୍ତି ଶୁଣୁଛ କିଏ ?

ଘଟମଣିବାବୁ ପଚାରିଲେ, "କହରେ ! ନାରଣ—

କେମିତିକା ପ୍ରେମ ?

ରମେଶବାବୁଙ୍କ ପାଞ୍ଚ ସ୍ତ୍ରୀ ପ୍ରେମ କଲେ ପିଲାଦିନ ପାଇଁ । ପ୍ରେମ ଗଢ଼ିଗଲା । ଧୀରେ ଧୀରେ ଉଠି ନାକ କାନ ମୋଡ଼ି ଦେଇ ଫେରିଲେ ।

× + ×

ତାଙ୍କର ମନେ ପଡ଼େ—
"ଏହି ସହକାର ତଳେ
ଯେଉଁ ଦିନ ପ୍ରିୟାର କରକଙ୍କଣ
ଭାଙ୍ଗିଲେ ମୋର ଗଳେ ।"

ପୁଣି ମନେପଡ଼େ—
"ଏହି ସହକାର ମୂଳେ
ଯେଉଁ ଦିନ ପ୍ରିୟାର ବାହୁ ଡଣ୍ଡିଆ
ବସିଥିଲା ମୋର ଗଳେ ।"

\+ + +

ଗୋଟିଏ କବିଙ୍କ କବିତା—ଅନ୍ୟଟି ନିଜର ଅଭିଜ୍ଞତା— ।

——

Digitized by srujanika@gmail.com

REG. NO. P. 441 THE DAGARO—1-4-1942.

# ହିନ୍ଦୁସ୍ଥାନ କୋ-ଅପରେଟିଭ
## ଇନସିଓରେନ୍ସ ସୋସାଇଟି ଲିଃ

ପ୍ରତ୍ୟେକ ଗୃହସ୍ଥ ନିଜ ପୋଷ୍ୟବର୍ଗଙ୍କ ସଂସ୍ଥାନ ପାଇଁ ବୀମା କରିବା ନିତାନ୍ତ ଆବଶ୍ୟକ ।

ଅର୍ଥନୈତିକ ପରିସ୍ଥିତି କ୍ରମେ ଜଟିଳ ହୋଇ ଉଠୁଥିବା ସମୟରେ ସର୍ବାଧିକ ନିରାପଦ ଭାବରେ ଟଙ୍କା ଲଗାଇବାର ଉତ୍କୃଷ୍ଟ ଉପାୟ ହେଉଛି ଗୋଟିଏ ସୁଦୃଢ଼ ବୀମା କମ୍ପାନୀରେ ବୀମା କରିବା ।

ହିନ୍ଦୁସ୍ଥାନ ଗତ ୩୪ ବର୍ଷ ହେଲା ଭାରତବର୍ଷ ଏବଂ ବାହାରେ ପ୍ରତ୍ୟେକ ପଲ୍ଲୀରେ କୋଟି କୋଟି ଟଙ୍କାର ଦାବୀ ପୂରଣ କରି ଏବଂ କୋଟି କୋଟି ଟଙ୍କାର ବୀମା ସଂଗ୍ରହ କରି ଯଥେଷ୍ଟ ସୁଦୃଢ଼ତାର ପରିଚୟ ଦେଉଛି ।

୧୯୪୦ ରେ ନୂତନ ବୀମାର ପରିମାଣ ପ୍ରାୟ ତିନିକୋଟି    ୧୯୦୦ ରେ ବାର୍ଷିକ ଆୟର ପରିମାଣ ପ୍ରାୟ ଏକ କୋଟି

ବୀମା ପାଣ୍ଠି ତିନିକୋଟି ୫୫ ଲକ୍ଷରୁ ଊର୍ଦ୍ଧ୍ୱ

ମୋଟ ସମ୍ପତ୍ତିର ପରିମାଣ ଚଉଦ କୋଟି ପାଞ୍ଚଲକ୍ଷରୁ ଊର୍ଦ୍ଧ୍ୱ ।

ମୋଟ ପରିଶୋଧ ଦାବୀର ପରିମାଣ ଦୁଇ କୋଟି ପଚାଶ ଲକ୍ଷରୁ ଊର୍ଦ୍ଧ୍ୱ ।

ଭାରତବର୍ଷ ଏବଂ ବାହାରେ ଶାଖା ଏବଂ ସଂଗଠନ ଅଫିସମାନ ଅଛି ।

ନିମ୍ନଲିଖିତ ଠିକଣାରେ ଅନୁସନ୍ଧାନ କରନ୍ତୁ ।

ଏନ୍ ଦତ୍ତ
ସେକ୍ରେଟେରୀ
ହିନ୍ଦୁସ୍ଥାନ ବିଲ୍ଡିଙ୍ଗ୍ସ, କଲିକତା ।

**ନରେନ୍ଦ୍ର ପ୍ରସାଦ ଦାସ**
ଅର୍ଗେନାଇଜର
ଭଦ୍ରକ ।

---



### ବହୁ ଉଚ୍ଚ ଅଭିମତ ସମ୍ବଳିତ ବିଖ୍ୟାତ କବିତା ବହି
## ସଂଘର୍ଷ
[ଦୁଇ ଅଣା]

କାନ୍ତକବି ଲକ୍ଷ୍ମୀକାନ୍ତ କହନ୍ତି—ଆମ ସାହିତ୍ୟରେ କବି ଗୋଟାଏ ନୂତନ ପ୍ରେରଣା ଆଣି ପାରିଛନ୍ତି ବୋଲି ମୋର ଧାରଣା ।

ସଚ୍ଚି ରାଉତରାୟ କହନ୍ତି— ଏଭଳି ବଳିଷ୍ଠ ଲେଖା ଏ ଯୁଗରେ ଯେତେ ପ୍ରକାଶିତ ହେବ, ସେତେ ଏ ଦେଶର ମାନସିକ ସ୍ୱାସ୍ଥ୍ୟ ପକ୍ଷେ ମଙ୍ଗଳ ।

ଲକ୍ଷ୍ମୀନାରାୟଣ ସାହୁ ( ଭାରତ ସେବକ ସମିତି ସଦସ୍ୟ ) କହନ୍ତି — ମୁଁ ଏହି ଜାତୀୟ କବିତାକୁ ମନର ସ୍ୱାଧୀନ ସୃଷ୍ଟିର ରଚନା ବୋଲି ସମାଦର କରିପାରେଁ ।

ଦ୍ୱିତୀୟ ଅବଦାନ '**ନୈବେଦ୍ୟ**'—( ଅଠ ଅଣା )

କାନ୍ତସ୍ନିଗ୍ଧ ସରଳ ଅଭିନବ ନବଣମାଳା— ଭୂମିକାରେ ସୁସାହିତ୍ୟିକ ଶ୍ରୀଯୁକ୍ତ ଗୋପୀନାଥ ମହାନ୍ତିଙ୍କର ମନ୍ତବ୍ୟ ପଢ଼ନ୍ତୁ । ଯୁବକ ଯୁବତୀଙ୍କର ପରମ ଆଦରର ସମ୍ପଦ - ପ୍ରେମର ଅତୃପ୍ତ ଅର୍ଘ୍ୟ—ବାତ୍ସଲ୍ୟ ସ୍ନେହ ହୃଦୟର ଅପୂର୍ବ ଅମୃତ ଉତ୍ସ— ଅବସର ବିନୋଦ ପାଇଁ ଖଣ୍ଡିଏ ମଗାଇ ନିଅନ୍ତୁ ।

ମାତ୍ର ଏକ ଟଙ୍କା ଦେଇ ସଭ୍ୟ ହେଲେ, ସମିତିର ପ୍ରକାଶନ ଗୁଡ଼ିକ ଅର୍ଦ୍ଧ ମୂଲ୍ୟରେ ପାଇ ପାରିବେ ।

ପରବର୍ତ୍ତୀ ଆକର୍ଷଣ— **ମାୟାପୁରୀ**—( ତଦନ୍ତ କାହାଣୀ )

ଟଙ୍କା ଓ ଚିଠି ପଠାଇବାର ଠିକଣା— ସମ୍ପାଦକ, ଜଗନ୍ନାଥ ସାହିତ୍ୟ ସମିତି, ଭଦ୍ରକ ।

Printed & published at the Gopinath Press, Bhadrak, by. G. C. Mahapatra and issued from Dagaro Office Bhadrak.

Digitized by srujanika@gmail.com





# ହିନ୍ଦୁସ୍ଥାନ କୋ-ଅପରେଟିଭ
## ଇନସିଓରେନ୍ସ ସୋସାଇଟି ଲିଃ

ପ୍ରତ୍ୟେକ ଗୃହସ୍ଥ ନିଜ ପରିବାରବର୍ଗଙ୍କ ସଂସ୍ଥାନ ପାଇଁ ବୀମା କରିବା ନିତାନ୍ତ ଆବଶ୍ୟକ ।

ଅନିର୍ଦ୍ଦିଷ୍ଟ ପରିସ୍ଥିତି କ୍ରମେ ଜଟିଳ ହୋଇ ଉଠୁଥିବା ସମୟରେ ସର୍ବାଧିକ ନିରାପଦ ଭାବରେ ଟଙ୍କା ଲଗାଇବାର ଉତ୍ତମ ଉପାୟ ହେଉଛି ଗୋଟିଏ ସୁଦୃଢ଼ ବୀମା କମ୍ପାନୀରେ ବୀମା କରିବା ।

ହିନ୍ଦୁସ୍ଥାନ ଗତ ୩୫ ବର୍ଷ ହେଲା ଭାରତବର୍ଷ ଏବଂ ବାହାରେ ପ୍ରତି ପଲ୍ଲୀରେ କୋଟି କୋଟି ଟଙ୍କାର ଦାବୀ ପୂରଣ କରି ଏବଂ କୋଟି କୋଟି ଟଙ୍କାର ବୀମା ସଂଗ୍ରହ କରି ଯଥେଷ୍ଟ ସୁଦୃଢ଼ତାର ପରିଚୟ ଦେଇଛି ।

୧୯୪୦ ରେ ନୂତନ ବୀମାର ପରିମାଣ ପ୍ରାୟ ତିନିକୋଟି    ୧୯୪୦ ରେ ବାର୍ଷିକ ଆୟର ପରିମାଣ ପ୍ରାୟ ଏକ କୋଟି

ବୀମା ପାଣ୍ଠି ଛଅକୋଟି ୫୫ ଲକ୍ଷରୁ ଊର୍ଦ୍ଧ୍ୱ

ମୋଟ ସମ୍ପତ୍ତିର ପରିମାଣ ସାତ କୋଟି [illegible] ଲକ୍ଷରୁ ଊର୍ଦ୍ଧ୍ୱ ।

ମୋଟ ପରିଶୋଧ ଦାବୀର ପରିମାଣ ଦୁଇ କୋଟି ପଚିଶ ଲକ୍ଷରୁ ଊର୍ଦ୍ଧ୍ୱ ।

ଭାରତବର୍ଷ ଏବଂ ବାହାରେ ଶାଖା ଏବଂ ସଂଗଠନ ଅଫିସମାନ ଅଛି ।

ନିମ୍ନଲିଖିତ ଠିକଣାରେ ଅନୁସନ୍ଧାନ କରନ୍ତୁ ।

**ଏନ୍ ଦତ୍ତ**
ସେକ୍ରେଟେରୀ
ହିନ୍ଦୁସ୍ଥାନ ବିଲ୍ଡିଙ୍ଗ୍ସ, କଲିକତା ।

**ନରେନ୍ଦ୍ର ପ୍ରସାଦ ଦାସ**
ଅର୍ଗେନାଇଜର
କଟକ ।



୫ମ ବର୍ଷ    ୨୨ ଶ ସଂଖ୍ୟା    ଚୈତ୍ର ଦ୍ୱିତୀୟାର୍ଦ୍ଧ

ବାର୍ଷିକ ମୂଲ୍ୟ ଟ ୨


Digitized by srujanika@gmail.com

# ଓଡ଼ିଶାର ପୂର୍ବ ଖ୍ୟାତି ପୂର୍ବ ଗୌରବ

ଫେରି ଆସିଛି !

ଦିନେ ଯେଉଁ ଓଡ଼ିଶାର ନୌବାଣିଜ୍ୟ ସ୍ୱଦେଶ ବିଦେଶରେ ଶୀର୍ଷସ୍ଥାନ ଲାଭ କରିଥିଲା

ସେହି ଓଡ଼ିଶାକୁ ବିଦେଶୀମାନେ ଲୁଟି କରିଛନ୍ତି !

ଆପଣମାନେ ଦୁଃସ୍ଥ ଅନୁଭବ ହୋଇଛନ୍ତି ।

**ଆଜ ଅଦମ୍ୟ ସାହସ ଓ ଅପୂର୍ବ ଉତ୍ସାହ ନେଇ ଓଡ଼ିଶା ବାସୀଙ୍କ ମୂଳଧନରେ**

# ଦି ଓଡ଼ିଶା କମର୍ସ ଓ
# ନେଭିଗେସନ୍ କମ୍ପାନୀ ଲିମିଟେଡ୍

ଗଠିତ ହୋଇଛି-- ସେହି ଲୁପ୍ତ ଗୌରବ ଉଦ୍ଧାର ପାଇଁ

ଏହି କମ୍ପାନୀ ଓଡ଼ିଶା ସରକାରଙ୍କ ଠାରୁ କାରବାର ଆରମ୍ଭର

ଅନୁମତି ଓ Incorporation Certificate ହାସଲ କରିଛୁ ।

ଗରିବ କୃଷୀ ଓ ମୂଲିଆ ଭାଇଙ୍କ ଠାରୁ ଆରମ୍ଭ କରି ରାଜାମହାରାଜାଙ୍କ ପକ୍ଷରେ

## ଅପୂର୍ବ ସୁଯୋଗ !

ଆମମାନଙ୍କ ଅଂଶ କିଣି ଏହି କମ୍ପାନୀର ମାଲିକ ହେବାକୁ ଓଡ଼ିଶାବାସୀ ଚାହାନ୍ତି ? ସେହି ସୁବିଧାକୁ ଆପଣଙ୍କ ଦ୍ୱାରେ ଦେବା ପାଇଁ ପ୍ରତ୍ୟେକ ଅଂଶ ଟଙ୍କିକୁ (share) ୧୦୦ରେ ରଖାଯାଇଛି । ଏକାଧିକ ଅଂଶ କିଣିବାର ସୁଯୋଗ ଛାଡ଼ନ୍ତୁ ନାହିଁ ଅନୁତାପ କରିବେ । ସେୟାର ଫଲଫେଣ୍ଟ ସୁଲଭରେ ଖୋଲିଛି ।

ବିଶେଷ ବିବରଣୀ ପାଇଁ ଅନୁଗ୍ରହ କରି ନିମ୍ନ ଠିକଣାକୁ ପତ୍ର ଲେଖନ୍ତୁ !

**କଟକ ଅଫିସ—** ରାଣୀହାଟ, କଟକ ।

**ଭଦ୍ରକ—** ନଗର ଅଫିସରେ ସେୟାର କିଣିବାକୁ ମିଳେ ।

The Managing Direcotr.
The Orissa Commerce & Navigation Co. Ltd.
CHANDBALI.



ବକ୍ସ କ୍ୟାମେରା ମୂଲ୍ୟ - ୫॥୰

ପିଲାମାନେ ଏଥିରେ ଫଟୋ ଉଠାଇବା ଶିଖିପାରିବେ । ଏହାର ଲେନ୍ସ କାଚ ଖୁବ ମଜବୁତ । ଏଥିରେ ଫଟୋ ଉଠାଇବା ଜାଣି ଯେ କୌଣସି ଲୋକ ମାସକୁ ୫୦୦ ରୋଜଗାର କରିପାରେ । ଏହି କ୍ୟାମେରା ସାଙ୍ଗରେ ଆବଶ୍ୟକୀୟ ମସଲା, ଫିଲ୍ମ କାର୍ଡ଼, ଓ ବ୍ୟବହାରର ପ୍ରଣାଳୀ ବିନା ମୂଲ୍ୟରେ ଦିଆଯାଇଥାଏ

ସାଧାରଣ ମଡେଲ—୫॥୰, ଉନ୍ନତ ମଡେଲ—୭,
ଫୋଲ୍ଡିଂ ମଡେଲ—୧୦ ଏବଂ ପାର୍ସେଲ ଖର୍ଚ୍ଚ ୦।୰ ।



ଘରେ ବସି ନିଜର ଇଚ୍ଛାନୁସାରେ ନିମନ୍ତ୍ରଣପତ୍ର, କାର୍ଡ଼, ଚିଠିଲେଖା କାଗଜ ଓ ଅନ୍ୟାନ୍ୟ ଆବଶ୍ୟକୀୟ ଛପାଇ ନିଅନ୍ତୁ । ଏଥିରେ ଛପାଇବା ଖୁବ ସହଜ ଓ ଦାମ ମଧ୍ୟ ଶସ୍ତା । ମୂଲ୍ୟ ୫, ନଂ ୨ ୧୦॥୰ ପାର୍ସେଲ ଖର୍ଚ୍ଚ ୦।୰, ଏହା ସଙ୍ଗେ ଗୋଟିଏ ଟର୍ଚ୍ଚ ବିନା ମୂଲ୍ୟରେ ଦିଆଯାଏ ।

ନଂ ୨ ନୂଆ ଫୋଲ୍ଡିଂ ମଡେଲ ୫ ୭ । JUBILEE WATCH CO,
Post Box No. 12213 Calcutta. (D)



ଆମମାନଙ୍କର ଅନେକ ବା ପୁଣି କଂଗ୍ରେସ ବଳରେ ମିନିଷ୍ଟର ମଣ୍ଡଳର ବାରଣ୍ଡାରେ ବୋଲିଛନ୍ତି। ଅନେକ ବା ବଡ଼ଲାଟଙ୍କ ଜାତି ଓ ବେଟେରେନ୍ସ ଟୋଲ ଅଦେମ କାଣ୍ଡ। ତୁମ୍ଭମାନଙ୍କ ଅନେକ ଉଦ୍ଦେଶ୍ୟରେ ଯେ ମିଛ କଥାରେ ମିଶିଥିଲେ ମଧ୍ୟ ଜନସେବକଙ୍କ ଉତ୍ସାହ ହେଲେ ମିଶି ନ ପାରନାରୁ ଯୁଦ୍ଧ ବନ୍ଦ କରି ଅଥବା ଗଣ୍ଡାଗୋଳ ବାଦ ଦେଇ କଥା କୋଠରିରେ ଭାଷା ଆଉ ଲିଖିତ ହେଉଛନ୍ତି। ବର୍ତ୍ତମାନ ବୈଜ୍ଞାନିକ ପରୀକ୍ଷା ଦ୍ୱାରା ତାଙ୍କର କାର୍ଯ୍ୟକ୍ଷମତା ଠିକ ହୋଇ ପାରିବାର ଅନୁମାନ ହୁଏ। ଅତଏବ ଜନହିତ ଜାଣିଂ...

+ + +

ଜଣକା ଅଧିକ ପୁଅକୁ ଯୋଗରେ କେବେ ସଦ୍-ରେତନ କର୍ମ ଭକ୍ତିମନ୍ତ ପାଇ ବଲାଗ ଦେଖି ସୌନ୍ଦର୍ଯ୍ୟ ଦେଇ ଆଶ୍ରୟ ଅଠ ବଲାଗରେ— ଅନେକଙ୍କ ମାତ ବୋଧହୁଏ ଭାଇ ଗଣି ତାଙ୍କ ପାର୍ଶ୍ୱ ଅନେକ ଗଣିହେଲେ। ଦେଶି ନ ପାରୁଥିବା ଲୁଚିଲେ ... ମୂର୍ଖପ୍ରଜା ଦେଖୁଛନ୍ତି—ଅନେ କାହା ତାହା ଦେଇ ଦେଖି ପାରୁଅଛି। ... ରେ ଅପରରେ ଠିକ ଅନେକ ରହିଛନ୍ତି। ଅତଏବ ସ୍ୱତନ୍ତ୍ର ...

× + ×

ଅନେକା ଜଣେ ସର୍ବଗୁଣ ନେଇ ବୋଲ ସ୍ୱଜାତି ଅଛ। ସେ ଏକାଧାରରେ (physician & surgeon) ବୈଜ୍ଞାନିକ (scientist), ରାଜନୀତିଜ୍ଞ (politician), ଜାତୀୟତାବାଦୀ (nationalist), ଧର୍ମସଂସ୍କାରକ (religious reformer), ଅର୍ଥନୀତିଜ୍ଞ (economist & Life insurist), ନୀତିଜ୍ଞ (moralist), ବାଣିଜ୍ୟବିଜ୍ଞ (commercial expert), କୃଷକ (agriculturist), ପଣ୍ଡିତ, ... ଇତ୍ୟାଦି ଇତ୍ୟାଦି ଏବଂ ସ୍ୱାର୍ଥ ... ଅଛନ୍ତି। ଏଥିରୁ ଅଧିକ ଜଣେ ଗୁଣୀ, ବଳୀ, ଭକ୍ତି ବ୍ୟକ୍ତି ମଧ୍ୟ। ଅତଏବ ଯୋଗୀ—ଯଥା— ଯୋଗଃ କର୍ମସୁ କୌଶଳଂ (vide ଗୀତା) ଏଣୁ ତାଙ୍କ କର୍ମରେ କଦାପି ତ୍ରୁଟି ରହିବା ଥାଇ ନ ପାରେ। କର୍ମଣ୍ୟେ ବାଧିକାରସ୍ତେ। ସୁତରାଂ ବନ୍ଦେର ଶୀଳଂ— —।

+ × +

ଆଉ ଆଜିକାଲି ନୀତିଜ୍ଞ ପଣ୍ଡିତ ନାଗର ସମସ୍ତେ ରାଜନୈତିକ ଦଳମାନେ ଗୁରୁମନ୍ତ୍ର 'ଦାନ' ମନ୍ତ୍ର ପିଇ ଦେଉଛନ୍ତି। ନୀତିଜ୍ଞ ସାହେବଙ୍କ ଉଦ୍ଧାରକୁ କମାଇବା ଦେଖା ଦେଲା, ଏଥିରୁ ଭାରତ-

## ବିଲୁଆ ବିଚାର

ସ ମହାଭାରତରୁ ଅନୁକ୍ତ ହୋଇଛି—ଅର୍ଥାତ ଭାରତ ଭଳି ଅଶୁ ଲୋକ ହୋଇ ନ ରହି ଅର୍ଜିତ ଧନ ରାଜ୍ୟର ପତନର ହୋଇ ପଡ଼ିବ।

ଭାରତ ର ଇତିହାସରେ ମହାଭାରତରେ ଭାରତ ଖଣ୍ଡ—ଯଥା—ଅଙ୍ଗ, ବଙ୍ଗ, କଳିଙ୍ଗ, ସୌରାଷ୍ଟ୍ର, କର୍ଣ୍ଣାଟ, ଗୁର୍ଜର ଇତ୍ୟାଦି। ଏବେ ଯଦି ପୁଣି ତାହା ହୋଇ-ପୁରୁଣା ଜେଲ୍‌ରେ ଅନେକ ନ ଦେବତା ଦେଖିବ?

× + +

ରଙ୍ଗ—କେମିତିକା କହୁଛ ଗୋଟାଏ ଯୋଡ଼ାଏ ?

ଗୁଡକର—ଯେତେବେଳେ ରାଗ ହେଇ ଯାଆନ୍ତି, ଡାକନ୍ତି 'ହେ', 'ଅବେ'—'ବେହିପୋ'—

ରଙ୍ଗ—ଆଉ ଗରଧା କଲାବେଳେ ?

ଗୁଡକର—ଅଣ୍ଡିରି ପୁଅଟାକୁ କଣ ଗରଧା କରିବ ଆଜ୍ଞା ? ତେବେ ଟେଲିବସରରେ ଡାକନ୍ତି 'ଶ...'

ରଙ୍ଗ—ବେସ୍ ବେସ୍ ।

ଗୁଡକର—ପଣ୍ଡିତଆ ତୁଣ୍ଡରେ ସବୁ ଶୁଦ୍ଧିଆ ଆଜ୍ଞା ।

(ରଙ୍ଗରାଜ ପକେଟ ଅଣ୍ଡାଳି ଗୋଟାଏ ସିଗାରେଟ କେସ୍ ବାହାର କରି ତହିଁରୁ ଗୋଟିଏ ବାହାର କାଢ଼ିଲେ ଓ ବାଡ଼ର ଲଞ୍ଜିରେ ଦୁଇ ଗୁଡ଼ଟା ଝିଙ୍କା ମାରି ରଙ୍ଗ ଅଧରରେ ଧାରଣ କଲେ । ତାପରେ ଦିଆସିଲି ବାକ୍ସ ଖୋଲିଲେ ।)

ରଙ୍ଗ—ଦୁନ୍ତୋରିକା—ଗୋଟାଏ ବି କାଠି ନାହିଁ । (ବାକ୍ସଟା ଫିଙ୍ଗି ଦେଇ) ଅବେ—କଣଟି ତୋ ନାଆଁ—ଆପଣଙ୍କ ସାର୍ଭେଣ୍ଟକୁ ଟିକିଏ ଡାକିବେକି ଆଜ୍ଞା—

ବାଳ—ହଁ, ହଁ—ଅବେ ଗେଲୁ କୁଆଡ଼େ ଏଣିକି ଆ—

ନାଳା—ଦିଆସିଲି ? ଦିଆସିଲି ତ ନାହିଁ ଆମର—ଲଢ଼େଇରେ ଦିଆସିଲିର ଦାମ ବଢ଼ିବାରୁ ଆଉ କଣା ହେଉନାଇଁ ।

ବାଳ—ଇକନମି—ବୁଝିଲଟି ରଙ୍ଗରାଜ ଇକନମି ନ କଲେ—ଆଉ ଏ ସବୁ ବିଷୟରେ ଆମମାନଙ୍କର ଲୋକଙ୍କୁ ଆଦର୍ଶ ଦେଖାଇବା ଉଚିତ—ଲାଜ ଦେବା ଉଚିତ—

ରଙ୍ଗ—ହଁ, ଯେତେ unnecessary expenses ସବୁ curtail କରିଦବା ଉଚିତ—

ବାଳ—ଯେପରି ବିଡ଼ି—

ରଙ୍ଗ—ଆଉ ଯେପରି ପାନ—

ବାଳ—କିନ୍ତୁ ବୁଝିଲ କି—ପାନଟା କାହାରି କାହାରି ଭାତଠାରୁ ବି ବଡ଼ necessity—ତାପରେ ପାନର ଅନେକ medical virtue ଅଛି—ତାମ୍ବୁଳ ପରା—ବିଶେଷତଃ ଆମର nationalityର ଚିହ୍ନ—ନାକସ୍ତ—ଯାକୁ ଛାଡ଼ିଲେ ଓଡ଼ିଆତ୍ୱ ରହିବ କଉଁଠି !

ରଙ୍ଗ—ଆଉ ବିଡ଼ି ?

ବାଳ—ବିଡ଼ି ? ଛିଃ—foreign—pure and simple imitation—ସିଗାରେଟର cheap edition.

ରଙ୍ଗ—କାହିଁକି—ପିକାର royal edition ନୁହେଁ କାହିଁକି ? ପିକାଟା ତ ପୁଣି ଆମର national wealth ?

ବାଳ—ଯାଃ—ତମ ସାଙ୍ଗରେ argumentରେ ପାରି ହବ ନାଇଁ । ଖା ଖଣ୍ଡେ ପାନ ଖା—ଆଣେ ବଡ଼ୁଆଟା—

( ଉଠି ଭିତରକୁ ଗଲେ )

ରଙ୍ଗ—ପାଣି ଆଣିବାକୁ କହିବେ ଆଜ୍ଞା—

ବାଳ—( ଭିତରୁ ) ହଁ, ହଁ—ଦିଅଁଟା ଆବେ ଲୁଡ଼ିବାକ୍ ପାଣି ଦେଇ ଆସିବୁଟି ବାବୁଙ୍କୁ—

( ନୀଳା ତାଳିରେ ପାଣି ନେଇ ପ୍ରବେଶ କଲା )

ରଙ୍ଗ—ଅରେ ସତେ ତ ! ବାବୁ ତୋ ନାଆଁ ଧରି ଡାକୁ ନାହାନ୍ତି ତ !



Digitized by srujanika@gmail.com

ନୀଳା—କହୁଥିଲିପରା—ମୋ କଥା ଶୁଣିଲେ ଆଜ୍ଞା ନା ଥେଲେ ।

ରଙ୍ଗ—ଅଚ୍ଛା, ବାବୁଆଣୀ ଯାଣି ତୋ ନାଆଁ ନ ଧରଲେ—ତାଙ୍କର ବଢ଼ାଇବା କଥା—ମାସ ବାବୁ କାହିଁକି ?

ନୀଳା—ସାଆନ୍ତାଣୀଙ୍କ ନାଆଁ "ହେଲେ" ସେଇପରିକା ହେଇ ଥବ !

ରଙ୍ଗ—ଅରେ ପାଣି ପିଇବ । ଗ୍ଲାସ ଅଣ,

ନୀଳା—ଅମର ଗ୍ଲାସରେ ପାଣି ପିଅନ୍ତ ନାଇଁ ମାବୁହେଇ ଯିବ ।

ରଙ୍ଗ—(ଗ୍ଲାସଟା ଧରି) ଏ ଗ୍ଲାସ ମଜା ହେଇ ଥିଲ ଚକେଟର ?

ନୀଳା—ମାଜିଲେ ଘୋର ଯିବ ନାଇଁ ?

ରଙ୍ଗ—ବାବୁ ପାଇଖାନା ଯାଇଥିଲେ ପର ?

ନୀଳା—ଅଜ୍ଞା, ଧୋଇ ଦେଇଛୁ ତା ପରେ ।

ରଙ୍ଗ—ଅଚ୍ଛା ଥାଉ, ପାଣି ପିଇବାର ଲୋଡ଼ା ନାହିଁ—ନେ (ଗ୍ଲାସଟା ତା ହାତକୁ ବଢ଼ାଇ ଦେଲେ) ।

[ ବାବୁଙ୍କଣ୍ଠ ପ୍ରବେଶ କଲେ ବହିଆ ଧରି ]

ବାଲ—ପାଣି ପିଇଲନି ?

ରଙ୍ଗ—ନାଇଁ, ଥାଉ ।

ବାଲ—ଓଃ, ତମର ସବୁ ଲୁଚି ଖାଇବା habit କିନା—ଠିକ୍ ଠିକ ।

ରଙ୍ଗ—Habit ନୁହେଁ, ନେଇବ ମିଳିଲେ ଖାଏଁ ।

ବାଲ—Habit ନୁହେଁ କିମିତି ? ବାବା ବୈକୁଣ୍ଠନାଥଙ୍କ ପୁଣ୍ୟ ହେଇଥିଲ ଦାନାକେତେ ଦେଢେବେଳେ, କୋଟେ ଲୁ, ପଟକାଳି ଖାଇଥିବ ନିତ ନିତ, ନାହିଁ କରୁଛ ? ······ ସତେ ଲୁ ଖାଇବ ? ବିଜାବିରୁ ଅଣେଇବା ?

ରଙ୍ଗ—ନାଇଁ ଥାଉ ।

ବାଲ—ଠିକ୍ କଥା । ତୁ'ତ health ସମ୍ବନ୍ଧରେ ବାହ୍ୟ ଜାଗ୍ରତ—ତୋର irritative ଅଥଚ constipative—ମୁଁ ସେଥିପାଇଁ ତା ପାଖ ପଶେ ନା—ଦେଖିବାକୁ କେବଳ ଟେବିଲିଙ୍କ ଉପରେ ଦେଇ ଦେଲେ—ମୁଁ ଛାଇରେ ଦୁଇ ଏକ sip—ଅଚ୍ଛା, ମୁଁ ଶୁଣିଛି ଯେ ତୁମେ କେମିତି adventure ଦ ... ରି ଯା—

ରଙ୍ଗ—କି ବର୍ଣ୍ଣିବ ପଣ୍ଡିତ ହେ, ବର୍ଣ୍ଣନା ଅତୀତ,
ଅଦ୍ଭୁତ, ରୋମାଞ୍ଚକର ଅଟେ ସେ କାହାଣୀ,
'ଆରବ୍ୟ ରଜନୀ' ଯଥା—
ସିନ୍ଦବାଦ ନୌବାତ ଅଟେ ଜୋମାଞ୍ଚିକ,
ଶୁଣିଲେ ତୁମର ଦାଢ଼ି ହୋଇ ଟାକୁରତ
ହିଙ୍କୋଟି ସମ ହେବ ଚୂଡ଼ା ।

ବାଲ—ଅହା, କହ କହ,
ଶୁଣିବାକୁ ବଳୁଛି ପିପାସା
ଯଥା ପ୍ରାର୍ଥୀଙ୍କର ହୁଏ ଭୋଟଗଣା ପରେ ।

ରଙ୍ଗ—ଶୁଣି ତେବେ ମନ ଦେଇ ତେବେ
ବଖାଣି ଯାଇବି ମୋର ଦିଗ୍‌ବିଜୟ ଗାଥା
ଅମର ଭାରତୀ ଯାହା, ହୋଇଲେ କାଳିଦାସ
କବିତାରେ ଗାଇଥାନ୍ତେ ଅବା ଯାହା ବର୍ଣ୍ଣି—

ବାଲ—ମନେ ହୁଏ ଏ ବର୍ଣ୍ଣନା ହୋଇ ଶରବତୀ
ଉଜ୍ଜ୍ୱଳ କରିବ ଅଣ୍ଟ ଇତିହାସ ପୃଷ୍ଠା,
ଅବା କରିବ ମଳିନ
ଲେମିଟେଡ୍ ଭେବିଳାର ଲିଭିଙ୍ଗଷ୍ଟୋନ ଦେଶ
ତାଙ୍କୁ ଆଫ୍ରିକାଖଣ୍ଡରେ ବୌଦ୍ଧିକ ବିଜୟ—
ହାଦ୍ର, ହାଦ୍ର 'ଗେଭ୍ରିନ' ପରିକାଠା !—
ନୋହିଲେ ଦାଆନ୍ତି କେତି ଖେଳିନୀ ଅଟେରେ ।

ବାଁ—ଏବେ ଶୁଣ—
( ଏଥିଭଳିକି ଟେବିଲ ବାଜାଇବ )


## କୁମାରୀ

ସୁନ୍ଦର ଛବି ଓ ମଧୁର ଗୀତ ବହି

ବିଜୟ ଦାତାରେ ଦାଖନ୍ତୁ ।

ମୂଲ୍ୟ—୧୦/ ଅଣା

## ସୁନାପୁଅ

ପିଲାଙ୍କ ହାତରେ ଦେବା ପାଇଁ ଏକ

ଛୋଟ ଗୀତ ବହି ।

ମୂଲ୍ୟ—୧୦/ ଅଣା

## ଚିଡ଼ିଆଖାନା

ରଙ୍ଗିନ ଛବି ଓ କୌତୁକିଆ ଗୀତରେ ଭରା

ପିଲେ ପଢ଼ିଲେ ଖେଳିପିବେ ।

ମୂଲ୍ୟ—୮୦/


Digitized by srujanika@gmail.com




## ଓଡ଼ିଶା—ଫାଲ୍‌ଗୁନ ଚୈତ୍ର

ଅଜିକାଲିକାର ବଜାରରେ ଯେ ସେ ସ୍ୱାସ୍ଥ୍ୟ ସମ୍ବଳହୀନ ହୋଇ ଓଡ଼ିଶା ଆହାର ପାଉଛି ଓ ଦେଶସେବା କରୁଛି ସେଥିପାଇଁ ପରିଚାଳକମାନେ ଧନ୍ୟବାଦାର୍ହ।

ଏହି ଯୁଗ୍ମ ସଂଖ୍ୟାରେ ଗଦ୍ୟ ପଦ୍ୟ ଗାଇ ଅନେକଗୁଡ଼ିଏ ବିଷୟ ଅଛି। ଲକ୍ଷ୍ମୀଧର କାଶୀପୁତ୍ର ଓ ଦେଶଚିନ୍ତାଣି ଏନ ଓଡ଼ିଶାର ଅଭ୍ୟୁଦୟ ଓ ପ୍ରଚେଷ୍ଟା ବିଭୋଦ୍ଭବରେ ପ୍ରଶଂସନୀୟ।

ବିଷୟ ନିର୍ବାଚନ ଓ ଭାଷା ସମ୍ବନ୍ଧରେ ପତ୍ରିକା ପୂର୍ବାପେକ୍ଷା ଉନ୍ନତ ମାର୍ଗରେ ଭର ଦେଇଥିବାର ଦେଖାଯାଉଛି। ଅବଶ୍ୟ ଗଳ୍ପ ଦୁଇଟି ସୁପାଠ୍ୟ।

ଶ୍ରୀ ପୀତାମ୍ବର ପାଣିଙ୍କର 'ଭିକ୍ଷା ସମସ୍ୟା' ପ୍ରବନ୍ଧ ପ୍ରଣିଧାନ ଯୋଗ୍ୟ।

## ଭଞ୍ଜପ୍ରଦୀପ—ମାଘ

ଶଶିବାବୁଙ୍କ 'ସାଧାରଣ ମନୁଷ୍ୟ' ରଚନାଟି ଖୁବ ଭଲ ଲାଗିଲା।

କବି ନବକିଶୋରଙ୍କ 'ବୁଝି' ବର୍ଣ୍ଣନା ପ୍ରାଞ୍ଜଳ ନ ହେଲେ ରୂପ ନିରସ—ଯସ।

ଅଧ୍ୟାପକ ଚିନ୍ତାମଣିଙ୍କର ଏଥର 'ଓଡ଼ିଆ ସଂଖ୍ୟାବାଚକ ଶବ୍ଦ' ସମ୍ବନ୍ଧରେ ଲେଖିଛନ୍ତି। ତାଙ୍କ ବିଚକ୍ଷଣତା ଓ ଗବେଷଣାକୁ ଧନ୍ୟବାଦ। କବି ମାନସିଂହଙ୍କ କବିତା 'ବିକ୍ରେତାର ଗୌରବ' ପ୍ରାଣରେ ବାଜେ।

ପ୍ରହରାଜେ ଅଟଣେ ଏଥର 'ନୂତନ ଶ୍ରୀଗୀତା' ବଡ଼ ଉତ୍ସବରେ ଲେଖି ପଠାଇଥିବା ପରି ଲାଗିଲା।

ଶ୍ରୀ ତାଳଧ୍ୱଜ ପାଣିଗ୍ରାହୀଙ୍କର 'ମନୁଷ୍ୟତା' ଭଲ ପ୍ରବନ୍ଧ।

ଶ୍ରୀ ଅନନ୍ତ ପ୍ରସାଦ ପଣ୍ଡାଙ୍କର 'ପ୍ରତୀକ୍ଷା' ସୁନ୍ଦର କବିତା।

ଶ୍ରୀ ବସନ୍ତକୁମାର ବେହୁରାଙ୍କ 'ବିବର୍ତ୍ତନବାଦର କଥା' ଭଲ ହୋଇଛି।

## ସହକାର—ପୌଷ ଓ ମାଘ

ମିଳନମଙ୍ଗଳ (କବିତା)—ଶ୍ରୀ କୁଞ୍ଜବିହାରୀ ଦାଶ। ଭାଷା ଦୃଷ୍ଟିରେ ଗୀତଟି ମଧୁର। ଅଦୃଶ୍ୟ ଇଙ୍ଗିତ ଭିତରେ ପଲ୍ଲୀବୀଣା ମୁଖରିତ ହେଲା କିପରି ଓ ସେ ନାଦ ଶୁଭିଲା କାହାକୁ ?

ବାର୍ଦ୍ଧକ୍ୟର କରଣିରେ ଶଶିବାବୁ ବୁଢ଼ାଙ୍କର ଚାଟଣି ପ୍ରମାଣ କରିଛନ୍ତି। ତେବେ ଅତି ବୃଦ୍ଧସ୍ୟ—? ଅଜ ଲେଖକ ମହାଶୟଙ୍କ ବୟସଟା ?

କବି ବୈକୁଣ୍ଠନାଥଙ୍କ କବିତା 'ସେହି ମୋର ଭଗବାନ୍', ଉଚ୍ଚାଙ୍ଗର କବିତା। ଭାବାବସ୍ଥ କବି ସର୍ବତ୍ର ଯାହା ଦେଖେ ସାଧାରଣ ଆଖିକୁ ତାହା ଦିଶେ ପଡେ ନାହିଁ। ରବୀନ୍ଦ୍ରନାଥ ଏହିପରି ଧୂଳି ମାଟିର ଅନ୍ତର୍ଜନାରେ ଭଗବାନଙ୍କୁ ଦେଖି ପାଉଥିଲେ ଏକା।

ଶ୍ରୀ ରାମ ପ୍ରସାଦ ସିଂହଙ୍କ 'ପ୍ରଶ୍ନ' ଗଳ୍ପଟି କଳାପୂର୍ଣ୍ଣ।

ଶ୍ରୀ ଗୁରୁଚରଣ ଜେନାଙ୍କର କୌତୁକ କାହାଣୀ "ଦଶହରାର ଦୁର୍ଘଟଣା" ଭଲ ହୋଇଛି—ଏହା ସ୍ଥାନେ ସ୍ଥାନେ humour ଉଗ୍ର ହୋଇ ଫଟି ଉଠିଛି— ଏ ଭଳି ଲେଖା ବିଶଦ ନ ହେବା ଭଲ। Brevity is the soul of wit.

ଶ୍ରୀ ଉପେନ୍ଦ୍ର ତ୍ରିପାଠୀଙ୍କ କୁଅର ଓ ଉଠା କବିତାରେ ନୂଆ ଅଇଡିଅ ଅଛି। କିନ୍ତୁ ଫୁଟି ପାରି ନାହିଁ।

ଶ୍ରୀ ରାଜକିଶୋର ରାୟଙ୍କ "ଗୋରାଲୋକ" ଅତି ସୁନ୍ଦର ଗଳ୍ପ। ପଢ଼ି ସାରିବା ପରେ ଚିତ୍ତ ଭିତରେ କେମିତି ଗୋଟାଏ ଅବ୍ୟକ୍ତ ସହାନୁଭୂତିରେ ସେଉସିଟେଇ ଉଠେ।


# ଦାର୍ଜିଲିଙ୍ଗ ବେଙ୍କ ଲିମିଟେଡ

## କଟକ ଶାଖା--

ଜନ ସାଧାରଣଙ୍କର ସୁବିଧା ପାଇଁ ଦାର୍ଜିଲିଙ୍ଗ ବେଙ୍କର କଟକ ଶାଖା ମଙ୍ଗଳାବାଗଠାରୁ ବାସନ୍ତୀ ଇନସ୍ୟୁରେନ୍ସ କୋଠାରେ ଖୋଲା ହୋଇଛି। ସମସ୍ତ ପ୍ରକାର ବେଙ୍କର କାର୍ଯ୍ୟ କରାହୁଏ। ନିମ୍ନଲିଖିତ ଠିକଣାରେ ଅନୁସନ୍ଧାନ କରନ୍ତୁ।

ଓଡିଶା ଅଫିସ, ମଙ୍ଗଳାବାଗ କଟକ।


Digitized by srujanika@gmail.com




# ପତି ବିଭ୍ରାଟ

— ଶ୍ରୀ ହରେକୃଷ୍ଣ ମହାପାତ୍ର—'ସ୍ୱପ୍ନେ ନବେଲ'

ମଜା କବିତା

( ୧ )

ଜାଗର ଜାଳିଲ ବସି·· ······
ଯେତେବେଳେ ତୁମେ ଆସିବ ନାଗର
ଦ୍ୱିଜଯାଏ ନାମ ଘୋଷି ।
ମୋ ରୂପ ଦେଖି ତ ଝରି·ଜଳମରୁ
ଯେବେ ଝରିବ ଘନା,
'ଧର୍କିଷ୍ଠ ବଦନା ରାମା ଅଳ ପୃଣି
ଫୁଲଝୈ ଝିଇ ସ୍ତନା' ।
ଅଙ୍କର ଯେତେ ମ ପାଲଙ୍କୋଷି କଥା
ଏଇଟେ ନାଇଁଠି ମୋଟେ,
·· 'ଛମୁଦାନ୍ତ ମୋର ମଦର ପର୍ଯ୍ୟନ୍ତ
ଜାନଙ୍ଗିଅ ଉଠେ ଟୁଟେ ।
ତୁମର ଯାତୁଆ ପିଟି······
ଘସି ଘସି ମୋର ହାତ ଗଣ୍ଡି ହୁଏ
ପାନ୍ଦ୍ର ଗୋଟା ଗୋଟା ନୁଖି ।

( ୨ )

ପରମ ଗୁରୁ ହେ ପତି·····
ଟୁନ ଗଛରେ ଦାନ୍ତ ଶାଳଗ୍ରାମ
ଟେହୁଅଛି ତୁମ ସାଟୀ ।
ହାତା ପାଦ·ଟିତ ଭୋହଲେ ପକାଅ
ଯୋତା ନ ପଗଇ ଖେଳେ,
ନୁଖୀ ପାଦଟି ଯେତେଙ୍କ ନୋଗ୍ରାହ
ମେ ମନକୁ ବଡ଼ ବାଜେ ।

ନାଚ ଭଟଲ ତୁମ କାଶ ନାହିଁ ସତ
ଠାକୁଆ ଗାଲକୁ ଦେଖା
ପାକୁଆ ପାଟିରେ ଦାନ୍ତ ବସେଇଛି
ସଜନା ନାଡ଼ିକି ରେଖା ।
ଦାନ ଭର ଟେକେଟେ ପଗୃହୁ ଥା ମୋତେ
ଜମିତ ମାନୁଛୁ କଥା
ଧନା ବାଳ ପରେ ବୋଲ ଦେଲେ କାଳି
ଯୁଆନ ଦିଶିବ, ନୁହେଁ ?
ହ·ତ ଟେଡ଼ୁ ମୋର ଖୁକୁ କୁକୁ ହୁଏ
ପକାନ୍ତୁ ଗୋଟାଏ ଖିଆ,
ଯୋଦାନ୍ତ ହବୁ ପାଅନ୍ତା ହୁଗୁଳି
ନ ଥାନ୍ତା ପଚିହ ଟାଆ ।

( ୩ )

ଯେବେ ଭର ମୁହିଁ ନାଇ······
ଭଳାହାଣ୍ଟ ତୁମ ଗୋଡ଼ ଟାଳିଚିନ୍ତୁ
ହରେ ଅପେକ୍ଷା ସିଥା ।
ଫେନୁନ ସବଯୁ ହେଲଣି ମୋ ଅସି
ଫେଟରେ ବ ପାଖୁ ମେ ଛିଣ୍ଡି
ଯନ ଓଁଠାରେଲେ ତାମ୍ଭ ବଇଗନ୍ତ —
ଭରି, ଦେଉ ହରିବୋଲ ।
ଛଡ଼ି ନା ଏଥର ଇନ୍ଦ୍ରପା ଦେବି ମୁଁ
ଯିବ ପରେ ତୀର୍ଥ ଭଳେ,
ତୁମ ଘରଁ ଚିତ୍ର କଦ୍ରାପରେ ଦେଇ
ବାଜ ଘରେ ଯିବ ଟଙ୍କ



Digitized by srujanika@gmail.com



## ନାଗବଚ୍ଛା ଦଳ

### ଉଦ୍ଦେଶ୍ୟ

୧ । ଉତ୍କଳର କଚିକାଚା ପ୍ରାଣରେ ନବଜାଗରଣ ଆଣିବା, ଜ୍ଞାନର ପରିସର ବଢ଼ାଇବା, ଶରୀର ମନର ବିକାଶ ଓ ସର୍ବାଙ୍ଗୀନ ଉତ୍କର୍ଷ ସାଧନ କରିବା ।

୨ । ଜଗତର ମଧ୍ୟସ୍ଥତାରେ ପତ୍ର ବିନିମୟ ଦ୍ୱାରା ତରୁଣମାନଙ୍କ ମଧ୍ୟରେ ପରସ୍ପର ଭାବର ଆଦାନ ପ୍ରଦାନ କରାଇବା ଓ ସେମାନଙ୍କ ମଧ୍ୟରେ ବନ୍ଧୁତ୍ୱ ପ୍ରୀତି ଓ ସୌହାର୍ଦ୍ଦ୍ୟ ବଢ଼ାଇବା ।

୩ । ମାତୃଭାଷା ଓ ସାହିତ୍ୟ ପ୍ରତି କଚିକାଚାଙ୍କର ଅନୁରାଗ ବଢ଼ାଇବା ।

୪ । ସତ୍ୟ, ସେବା, ସାହସ ଓ ଅହିଂସା ସାଧନାରେ ସେମାନଙ୍କୁ ଉଦ୍ବୁଦ୍ଧ କରିବା ।

( ୧୮ ବର୍ଷରୁ ତଳ ବାଳକ ବାଳିକାମାନଙ୍କ ପାଇଁ )

## ନାଗବନ୍ଧୁଙ୍କ କଲମରୁ

### ଜୋ ଲୁଇ *

ପୃଥିବୀ ବିଜୟୀ (Boxing Champion) ଜୋ ଲୁଇଙ୍କର ନାମ ଅନେକେ ଶୁଣିଥିବେ । ଜୋ ଲୁଇଙ୍କର ପୁରା ନାମ ହେଉଛି ଜୋସେଫ ଲୁଇ ବାରୋ । (Joseph Louis Barrow) ସେ ୧୯୧୪ ସାଲ ଯୁକ୍ତରାଷ୍ଟ୍ରର ଅଲବାମାରେ କୌଣସି ନିଗ୍ରୋ ପରିବାରରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କର ପିତା ମାତା ଅତ୍ୟନ୍ତ ଗରିବ ଥିଲେ ଓ ତାଙ୍କର ପୂର୍ବପୁରୁଷମାନେ କ୍ରୀତଦାସ ଥିଲେ । ଜୋଙ୍କୁ ଯେତେବେଳେ ୩ ବର୍ଷ ବୟସ ସେତେବେଳେ ତାଙ୍କ ପିତା ନିରୁଦ୍ଦେଶ ହେବାରୁ ତାଙ୍କର ମାତା ପୁଣି ଦ୍ୱିତୀୟ ବାର ବିବାହ କଲେ । ଏହି ସମୟରେ ତାଙ୍କ ପରିବାରକୁ ଖୁବ ଦୁଃଖ କଷ୍ଟ ଦେଇ ଯିବାକୁ ପଡ଼ିଲା ।

ଜୋ ଯେତେବେଳେ ଜନ୍ମ ହୋଇଥିଲେ ତାଙ୍କର ଦେହର ଓଜନ ଥିଲା ୧୨ ପାଉଣ୍ଡ । ପିଲାଦିନରୁ ସେ ଖୁବ ସବଳ ଓ ସୁସ୍ଥ ହୋଇଥିଲେ । ଅଳସୁଆ ବୋଲି ତାଙ୍କର ସେ ଅପବାଦ ଯାଇନାହିଁ । ସେ ଦିନରେ ୧୨ ଘଣ୍ଟା ଶୁଅନ୍ତି ଏବଂ ଯେଉଁଦିନ ବକ୍ସିଂରେ ଯୋଗ ଦିଅନ୍ତି ସେଦିନ ଆଉ ଦୁଇ ଘଣ୍ଟା ଅଧିକା ଶୁଅନ୍ତି । ଅନେକଙ୍କର ବିଶ୍ୱାସ ଯେ ତାଙ୍କର ଏତେ ଅଧିକ ନିଦ୍ରା ହେତୁ ସେ ଖୁବ୍ ଶାନ୍ତ ଓ ଗମ୍ଭୀର ଦେଖାଯାନ୍ତି ଏବଂ ତାଙ୍କର ବକ୍ସିଂ ପ୍ରତିଦ୍ୱନ୍ଦୀମାନେ ଅତ୍ୟନ୍ତ ଭୀତ ହୁଅନ୍ତି ।

ବାରବର୍ଷ ବୟସରେ ଜୋ ବିଦ୍ୟାଧ୍ୟୟନ ଆରମ୍ଭ କଲେ । କିନ୍ତୁ ସେ ଦିଗରେ ବିଶେଷ ଅଗ୍ରସର ହୋଇ ନ ପାରି ଅଳ୍ପଦିନ ଭିତରେ ସ୍କୁଲ ଛାଡ଼ିବାକୁ ବାଧ୍ୟ ହେଲେ । ୧୯୩୧ ସାଲରେ ମାକ୍ସନ ନାମକ ଜଣେ ବନ୍ଧୁଙ୍କ ପ୍ରଚେଷ୍ଟାରେ ସେ ମୁଷ୍ଟିଯୁଦ୍ଧ (Boxing) ଶିକ୍ଷା କଲେ । ବର୍ଷକ ପରେ ଜୋ ଯେତେବେଳେ କୌଣସି ଜିମ୍‌ନାସିଅମ୍‌ରେ ମୁଷ୍ଟିଯୁଦ୍ଧ କରୁଥିଲେ ରକ୍ସବରୋ ନାମକ ଜଣେ ସମ୍ଭ୍ରାନ୍ତ ନିଗ୍ରୋ ଭଦ୍ରଲୋକଙ୍କ ଦୃଷ୍ଟି ତାଙ୍କ ଉପରେ ପଡ଼ିଲା । ରକ୍ସବରୋଙ୍କ ତତ୍ତ୍ୱାବଧାନରେ ସେ ମୁଷ୍ଟିଯୁଦ୍ଧ ଶିକ୍ଷା କଲେ ଏବଂ ଏ ଦିଗରେ ସେ ଏତେ ଶୀଘ୍ର ଉନ୍ନତି କଲେ ଯେ ଯାହା ସାଧାରଣଙ୍କୁ ୬ ମାସ ଲାଗେ ଜୋ ତାକୁ ୧ ମାସ ମଧ୍ୟରେ ଆୟତ୍ତ କରନ୍ତି । ରକ୍ସବରୋଙ୍କ ପ୍ରଭାବ ପଡ଼ିବା ଦିନଠାରୁ ଜୋଙ୍କର ଆର୍ଥିକ ଅବସ୍ଥାର ପରିବର୍ତ୍ତନ ଘଟିଲା । ଏହା ପୂର୍ବରୁ ସେ ଗନ୍ତାରେ ବରଫ ବୋହି କରି ବହୁ କଷ୍ଟରେ ଖିଆପିଆ ନିର୍ବାହ କରୁଥିଲେ । ରକ୍ସବରୋ ତାଙ୍କୁ ପ୍ରତି ସପ୍ତାହରେ କିଛି କିଛି ସାହାଯ୍ୟ କରନ୍ତି ଓ ଫୋର୍ଡ କମ୍ପାନୀରେ ଖଣ୍ଡିଏ ଗୁଣ୍ଡର କାମ ଦେଇଥିଲେ । କ୍ରମେ କ୍ରମେ ଜୋଙ୍କର ଯୋଗ୍ୟତା ଚାରିଆଡ଼େ ବିସ୍ତୃତ ହୋଇ ପଡ଼ିଲା । ୧୯୩୪ ସାଲରେ ସେ ପେଶାଦାର ଖେଳାଳି ଶ୍ରେଣୀଭୁକ୍ତ ହେଲେ । ୧୯୩୭ ସାଲରେ ସେ ଜିମ ବ୍ରାଡକଙ୍କୁ ପରାଜିତ କରି ପୃଥିବୀର ହେଭି ଓ୍ୱେଟ ଚାମ୍ପିୟନ (Heavy weight Champion) ହେଲେ । ଜିମ ବ୍ରାଡକଙ୍କୁ ପରାଜିତ କରିବା ପୂର୍ବରୁ ସେ ଜର୍ମାନ ମୁଷ୍ଟିଯୋଦ୍ଧା ସ୍ମେଲିଙ୍ଗଙ୍କଠାରୁ ପରାଜିତ ହୋଇଥିଲେ । କିନ୍ତୁ ତା' ପରବର୍ଷ ଜୋ ସ୍ମେଲିଙ୍ଗଙ୍କୁ ପରାଜିତ କରି ନିଜର ସମ୍ମାନ ଅକ୍ଷୁଣ୍ଣ ରଖିଥିଲେ । ପ୍ରତିବର୍ଷ ସେ ବଡ଼ ବଡ଼ ମୁଷ୍ଟିଯୋଦ୍ଧାମାନଙ୍କୁ ପରାଜିତ କରିବାରୁ ତାଙ୍କ ଯଶ ଓ ପ୍ରତିପତ୍ତି ଦିନକୁଦିନ ବୃଦ୍ଧି ପାଇଲା ତା ସଙ୍ଗେ ସଙ୍ଗେ ଅଜସ୍ର ଅର୍ଥର ସମାଗମ ହେଲା ।

ଜୋଙ୍କର ବୈବାହିକ ଜୀବନ ସୁଖମୟ ନୁହେଁ । ସେ ନିଗ୍ରୋ ତରୁଣୀ ମାର୍ଶ୍ୟା ଟ୍ରେଟରଙ୍କୁ ବିବାହ କରିଥିଲେ । ମାର୍ଶ୍ୟା ଟ୍ରେଟରଙ୍କ ସହିତ ସେ ଅନେକ ବିଷୟରେ ଏକମତ ନୁହନ୍ତି । ଜୋ ଖୁବ୍ ବନ୍ଧୁ ପ୍ରେମୀ ଅଟନ୍ତି । ସେ ବନ୍ଧୁମାନଙ୍କ ଲାଗି ଅପରିମିତ ଅର୍ଥ ବ୍ୟୟ କରନ୍ତି । ସେ ତାଙ୍କ ବନ୍ଧୁମାନଙ୍କ ଲାଗି ଏପର୍ଯ୍ୟନ୍ତ ୨୦,୦୦୦୦୦ ଡଲାର ବ୍ୟୟ କରିଛନ୍ତି । ଏହା ହେଉଛି ତାଙ୍କ ସ୍ତ୍ରୀଙ୍କ ସହିତ ନପଡ଼ିବାର ପ୍ରଥମ କାରଣ । ଦ୍ୱିତୀୟ କାରଣ ହେଉଛି ଜୋ ଥିଏଟର ଦେଖିବା, ଘୋଡ଼ାଚଢ଼ି-

---

* ଏହି ମହାତ୍ମାଙ୍କ ଜୀବନୀ 'ବେଗ' ନାମକ ପତ୍ରିକାରୁ ସଂଗୃହୀତ ।

Digitized by srujanika@gmail.com

ରେ ଯୋଗ ଦେବା, କୌଣସି ପାର୍ଟିରେ ଯୋଗ ଦେବା, ବନ୍ଧୁ ସଙ୍ଗୀ ପ୍ରଭୃତି ବଡ଼ ଉଦାସୀନ । କିଛିଦିନ ପୂର୍ବରୁ ମାର୍କ୍ସ ତାଙ୍କ ବୈଷୟିକ ଅଧିକାର ରକ୍ଷା ପାଇଁ ମୋକଦ୍ଦମା କରିଥିଲେ । କିନ୍ତୁ ପରେ କୋର୍ଟ ବାହାରେ ଗୋଟିଏ ମୀମାଂସା ହୋଇଥିଲା । ସେ ଜୀବନରେ ଭଲ ପାଆନ୍ତି ୩ଟି ଜିନିଷ—ଘୋଡ଼ା ଚଢ଼ିବା, ଉଡ଼ାଜାହାଜ ଚଳାଇବା, ମୋଟର ଚଢ଼ିବା ଓ ବନ୍ଧୁମାନଙ୍କ ମଜଲିସରେ ଫୁର୍ତ୍ତିରେ ସମୟ କଟାଇବା । ସେ ପ୍ରତିଦିନ ସକାଳେ ୨ ଘଣ୍ଟା ଲାଗି ଘୋଡ଼ା ଚଢ଼ନ୍ତି । ତାଙ୍କର ମୋଟରଗାଡ଼ି ଚଳେଇବା ଦାମୀ ଓ ସହରରେ ସୁପରିଚିତ । ମୋଟର ଚଢ଼ିଲା ବେଳେ ସେ ୯୦ ମାଇଲରୁ କମ ସ୍ପିଡ୍‌ରେ କେବେ ନିଜେ ଗାଡ଼ି ଚଳାଉନାହାନ୍ତି ।

୧୯୩୬ରେ ତାଙ୍କର ପ୍ରଚେଷ୍ଟାରେ ମୁକ୍ତି ହୋଇ ଦେଶିବିଦେଶୀ ରୁକ୍ ହେଲ୍‌ଡ ହାଉସରେ ତାଙ୍କର କାର୍ଯ୍ୟ ନିମନ୍ତେ ସ୍ଥାନ ସ୍ୱୀକୃତ କରିଥିଲେ । ଏହା ଘଟଣା ପରେ ତାଙ୍କର ବନ୍ଧୁମାନେ ତାଙ୍କର ଏ ବିଷୟରେ କଣ ଧାରଣା ବୋଲି ପଚାରିବାରୁ ସେ କହିଲେ "ସେ ଏ ସମ୍ବନ୍ଧରେ କିଛି ଧାରଣା କରି ନାହାନ୍ତି ।"

ଆଜି ପର୍ଯ୍ୟନ୍ତ ତାଙ୍କର ମୁକ୍ତି ମୁଖରେ ପୃଥିବୀରେ ଅଜ୍ଞାତ । ତାଙ୍କ ଜୀବନ ସମ୍ବନ୍ଧରେ ଏହା ହେଉଛି ସେ ନିଜକୁ କାହାଠାରେ ବାନ୍ଧି ରଖିବାକୁ ଚେଷ୍ଟା କରନ୍ତି ନାହିଁ ଏବଂ ଅନ୍ୟ ମର୍ଯ୍ୟାଦା ପାଇଁ କୌଣସି ଚେଷ୍ଟା କରି ନାହାନ୍ତି । ତାଙ୍କ ଜୀବନ ଶାନ୍ତିରେ କଟିଲା ।

ସେ ଘୋଡ଼ା ଚଢ଼ିବାରେ ଖୁବ୍ ଅଭ୍ୟସ୍ତ ଥିଲେ । ତାଙ୍କ ନାମରେ ଜୀବନ ଚାଲି ଯାଇନାହିଁ । କେବଳ ସେଥିରୁ ଅଧିକାଂଶ ସମୟ ସେ ମଫସଲରେ ଥାଆନ୍ତି । ସେ ବାହାରେ ସ୍ତ୍ରୀ ଓ ଅଶ୍ୱରେ ବାସ କରନ୍ତି । ମୁକ୍ତି ଘୋଡ଼ା ହିସାବରେ ମଧ୍ୟ ସେ ଖ୍ୟାତ ହେଲେ । ସେମାନେ ତାଙ୍କ ନାମରେ ବହୁ ପ୍ରତିଯୋଗିତାରେ ଯୋଗ ଦିଅନ୍ତି ସେମାନଙ୍କୁ ବହୁ ସୁଯୋଗ ଦିଅନ୍ତି ।

ପୃଥିବୀରେ ମୁକ୍ତିଦାତା ତାଙ୍କ ବର୍ତ୍ତମାନ ଯୁଦ୍ଧ ବସ୍ତ୍ରରେ ସୈନ୍ୟ ବିଭାଗରେ ଯୋଗ ଦେଇଛନ୍ତି ।

—କୁମର କାଳିଚରଣ (ନିଷ୍ପର ନାଗ)

## ପ୍ରଶ୍ନ-ଉତ୍ତର

୨୦ ସଂଖ୍ୟା 'ଡଗର'ରେ ଯେଉଁ ପ୍ରଶ୍ନଗୁଡ଼ିକ ବାହାରି ଥିଲା ତାର ଉତ୍ତର ନିମ୍ନରେ ଦିଆଗଲା ।

୧ । ଲଣ୍ଡନ ପାର୍ଲିଆମେଣ୍ଟ ନିମନ୍ତେ ସଭାରେ ୬୧୫ ଜଣ ସଭ୍ୟ ଅଛନ୍ତି ।

୨ । ଇଂଲଣ୍ଡରେ ଯେଉଁ ପୃଥିବୀ ବିଖ୍ୟାତ ଘୋଡ଼ଦୌଡ଼ ହୁଏ ତାହା ପଚିଶହଜାର ଲୋକ ବସିବା ପାଇଁ ବ୍ୟବସ୍ଥା ଅଛି ଏବଂ ଏହା ଘୋଡ଼ଦୌଡ଼ ପଡ଼ିଆ (Race course)ର ନାମ, ଷ୍ଟେପ୍‌ଟନ୍ ବେଡ୍ ସାଇଡ୍ ।

୩ । ପୃଥିବୀର ସବୁଠାରୁ ବଡ଼ Railway tunuel ହେଉଛି ଲଣ୍ଡନରେ, ସେହି ଏକ୍ସପ୍ରେସର "Modern—Edgwere." ।

୪ । ଲଣ୍ଡନ ନଗରୀର ଉଚ୍ଚତମ କୋଠା (Building) ହେଉଛି ସେଣ୍ଟ୍ ପଲସ୍ କାଥେଡ୍ରାଲ ( St. Paul's cathedral )

—ପାର୍ଥ-ସାରଥି (୩୬୧ନଂ ନାଗ)

# ନିବେଦନ

ଆସନ୍ତା ସଂଖ୍ୟାରେ "ଡଗର" ର ୫ମ ବର୍ଷ ପୂରଣ ହେବ । ଯେଉଁମାନେ ଏହି ଦୁର୍ଦ୍ଦିନରେ ଗ୍ରାହକ, ପାଠକ ଓ ବିକ୍ରେତା ତାଙ୍କ ରୂପେ ସହଯୋଗିତା କରି ଅଛନ୍ତି, ସେମାନଙ୍କୁ ଆମ୍ଭେମାନେ ଆନ୍ତରିକ କୃତଜ୍ଞତା ଜଣାଉ ଅଛୁ । 'ଡଗର' ପ୍ରତି ଅନେକ ଶୁଭାକାଂକ୍ଷୀ ବ୍ୟକ୍ତି 'ଡଗର' ଷଷ୍ଠ ବର୍ଷରେ ପ୍ରକାଶ ପାଇବ କି ନାହିଁ ଜାଣିବାକୁ ଚାହାନ୍ତି । ସେମାନଙ୍କୁ ଏତିକି ଆମେ କହି ରଖିଛୁ ଯେ ଯଦିଓ ବର୍ତ୍ତମାନ ପରିସ୍ଥିତିରେ କାଗଜ ଓ କାଳିର ଅଭାବ ଓ ଦୁର୍ମୂଲ୍ୟତା ଯୋଗୁଁ ଅସୁବିଧା ଭୋଗ କରିବାକୁ ପଡ଼ୁଛି, 'ଡଗର' ନିୟମିତ ଭାବରେ ପ୍ରକାଶ କରିବାରେ ଯଥାସାଧ୍ୟ ଯତ୍ନବାନ ହେବୁଁ । ଷଷ୍ଠ ବର୍ଷର 'ଡଗର' ଯଥା ସମୟରେ ପ୍ରକାଶ ପାଇବ । ଆମ୍ଭେମାନେ ଗ୍ରାହକମାନଙ୍କୁ ବିଶେଷ ଅନୁରୋଧ କରୁଛୁ କି ଯେଉଁମାନଙ୍କର ଗ୍ରାହକଦେୟ କାଳ ୫ବର୍ଷ ଶେଷରେ ପୂରିବ ସେମାନେ ଅଗ୍ରୀମ ଚାନ୍ଦା ପଠାଇ ବାଧିତ କରିବା ହେବେ । ଭି: ପି: ଦ୍ୱାରା 'ଡଗର' ପଠାଇବାରେ ଅନେକ ଖର୍ଚ୍ଚାନ୍ତ ହେବାକୁ ପଡ଼େ । ଅନ୍ୟ ଯେଉଁମାନେ ଷଷ୍ଠ ବର୍ଷର ପ୍ରଥମ ସଂଖ୍ୟାରୁ ନୂଆ ଗ୍ରାହକ ହେବାକୁ ଚାହାନ୍ତି ସେମାନେ ମଧ୍ୟ ଅନ୍ତତଃ ୧୫ଦିନ ପୂର୍ବରୁ ଅଗ୍ରୀମ ଦେୟ ନ ପଠାଇ ଗ୍ରାହକ ଶ୍ରେଣୀଭୁକ୍ତ ନ ହେଲେ ପ୍ରଥମ ସଂଖ୍ୟା ପାଇବାରେ ହତାଶ ହେବାକୁ ପଡ଼ିବ କାରଣ କାଗଜର ଅଭାବ ହେତୁ 'ଡଗର' ନିର୍ଦ୍ଧାରିତ ସଂଖ୍ୟାରୁ ବେଶୀ ଛପା ଯାଉ ନାହିଁ ।

ପରିଚାଳନା ସଂପାଦକ
'ଡଗର'

Digitized by srujanika@gmail.com

REG. NO. P. 441

THE DAGARO—1·5·1942.


# ହିନ୍ଦୁସ୍ଥାନ କୋ-ଅପରେଟିଭ
## ଇନସିଓରେନ୍ସ ସୋସାଇଟି ଲିଃ

ପ୍ରତ୍ୟେକ ଗୃହସ୍ଥ ନିଜ ପରିବାରବର୍ଗଙ୍କ ସ୍ୱଚ୍ଛନ୍ଦ ପାଇଁ ବୀମା କରିବା ନିତାନ୍ତ ଆବଶ୍ୟକ ।

ଅର୍ଜିତ ସଞ୍ଚିତ ଟଙ୍କା କହିଲେ କୌଣସି ଉପରେ ଥିବା ସମ୍ପତ୍ତିର ସର୍ବାଧିକ ନିରାପଦ ଭାବରେ ଟଙ୍କା ଲଗାଇବାର ଉତ୍କୃଷ୍ଟ ଉପାୟ ହିନ୍ଦୁସ୍ଥାନ ସୋସାଇଟି ପ୍ରଭୃତି ବୀମା କମ୍ପାନୀରେ ବୀମା କରିବା ।

ହିନ୍ଦୁସ୍ଥାନ ଗତ ୩୫ ବର୍ଷ ହେଲା ଭାରତବର୍ଷ ଏବଂ ବାହାରେ ପ୍ରଚଳିତ କୋଟି କୋଟି ଟଙ୍କାର ଦାବୀ ପୂରଣ କରି ବହୁ କୋଟି କୋଟି ଟଙ୍କାର ବୀମା ସଞ୍ଚୟ କରି ଯଥେଷ୍ଟ ସୁଦୃଢ଼ତାର ପରିଚୟ ଦେଉଛି ।

୧୯୪୦ ରେ ନୂତନ ବୀମାର ପରିମାଣ ପ୍ରାୟ ... କୋଟି   ୧୯୦୦ ରେ ଗୃହୀତ ଅଧିକ ପରିମାଣ ... କୋଟି

• ବୀମା ପାଣ୍ଠି ଷାଠିକୋଟି ୫୫ ଲକ୍ଷରୁ ଊର୍ଦ୍ଧ୍ୱ

ମୋଟ ସମ୍ପତ୍ତିର ପରିମାଣ ଛଅ କୋଟି ... ଲକ୍ଷରୁ ଊର୍ଦ୍ଧ୍ୱ ।

ମୋଟ ପରିଶୋଧ ଦାବୀର ପରିମାଣ ଦୁଇ କୋଟି ପଚାଶ ଲକ୍ଷରୁ ଊର୍ଦ୍ଧ୍ୱ ।

ଭାରତବର୍ଷ ଏବଂ ବାହାରେ ଶାଖା ଏବଂ ସଂଗଠନ ଅଫିସମାନ ଅଛି ।

ନିମ୍ନଲିଖିତ ଠିକଣାରେ ଅନୁସନ୍ଧାନ କରନ୍ତୁ ।

ଏନ୍ ଦତ୍ତ
ସେକ୍ରେଟେରୀ
ହିନ୍ଦୁସ୍ଥାନ ବିଲ୍ଡିଙ୍ଗ୍ସ, କଲିକତା ।

ନରେନ୍ଦ୍ର ପ୍ରସାଦ ଦାସ
ଅର୍ଗେନାଇଜର
କଟକ ।



**ବହୁ ଉଚ୍ଚ ଅଭିମତ ସମ୍ବଳିତ ବିଖ୍ୟାତ କବିତା ବହି**

# ସଂଘର୍ଷ

[ଗ୍ରହ ଅଣା]

ଶାନ୍ତିନିକେତନ ଲିଖନ୍ତି—ଆମ ସାହିତ୍ୟରେ ଏହା ଗୋଟାଏ ନୂତନ ପ୍ରେରଣା ଆଣି ପାରିଛନ୍ତି ବୋଲି ମୋର ଧାରଣା ।

ସର୍ବୋଦୟ ଲେଖନ୍ତି—ଏଭଳି ବଳିଷ୍ଠ ଲେଖା ଏ ଯୁଗରେ ଯେତେ ପ୍ରକାଶିତ ହେବ, ସେତେ ଏ ଦେଶର ମାନସିକ ସ୍ୱାସ୍ଥ୍ୟ ପକ୍ଷେ ମଙ୍ଗଳ ।

ଲକ୍ଷ୍ମୀନାରାୟଣ ସାହୁ ( ଭାରତ ସେବକ ସମିତି ସଦସ୍ୟ ) କହନ୍ତି—ମୁଁ ଏହା ଜାତୀୟ କବିତାକୁ ମନର ସ୍ୱାଧୀନ ସୃଷ୍ଟିର ରଚନା ବୋଲି ସମାଦର କରିପାରେ ।

ଦ୍ୱିତୀୟ ଅବଦାନ **'ନୈବେଦ୍ୟ'**—( ଆଠ ଅଣା )

ଶାନ୍ତିସ୍ନିଗ୍ଧ ସରଳ ଅଭିନବ କବିତାମାଳା—ଭୂମିକାରେ ସୁସାହିତ୍ୟିକ ଶ୍ରଦ୍ଧେୟ ଗୋପୀନାଥ ମହାନ୍ତିଙ୍କର ମନ୍ତବ୍ୟ ପଢ଼ନ୍ତୁ । ପ୍ରତ୍ୟେକ ଯୁବତୀଙ୍କର ପରମ ଆଦରର ସମ୍ପଦ—ପ୍ରେମର ଅତୃପ୍ତ ମାଧୁର୍ଯ୍ୟ—ବାତ୍ସଲ୍ୟ ସ୍ନେହ ଭକ୍ତିର ଅପୂର୍ବ ଅମୃତ ଉତ୍ସ—ଅବସର ବିନୋଦ ପାଇଁ ଖଣ୍ଡିଏ ମାତ୍ର ନିଅନ୍ତୁ ।

ମାତ୍ର ଏକଟଙ୍କା ଦେଇ ସଭ୍ୟ ହେଲେ, ସମିତିର ପ୍ରକାଶନ ଗ୍ରନ୍ଥିତ ଅର୍ଦ୍ଧ ମୂଲ୍ୟରେ ପାଇ ପାରିବେ ।

ପରବର୍ତ୍ତୀ ଅବର୍ଣ୍ଣଣ—**ମାୟାପୁରୀ**—( ଉଦନ୍ତ କାହାଣୀ )

ଟ. ଓ ପତ୍ର ପଠାଇବାର ଠିକଣା—ସମ୍ପାଦକ, ଜଗନ୍ନାଥ ସାହିତ୍ୟ ସମିତି, ଭଦ୍ରକ ।


Printed & published at the Gopinath Press, Bhadrak, by, G. C. Mahapatra and issued from Dagaro Office Bhadrak.

Digitized by srujanika@gmail.com



# ନିବେଦନ

ଏହି ସଂଖ୍ୟାରେ "ଡଗର" ର ୫ମ ବର୍ଷ ପୂରଣ ହେଲା । ଯେଉଁମାନେ ଏହି ଦୁର୍ଦ୍ଦିନରେ ଗ୍ରାହକ, ପାଠକ ଓ ବିଜ୍ଞାପନ ଦାତା ରୂପେ ସହଯୋଗିତା କରି ଅଛନ୍ତି, ସେମାନଙ୍କୁ ଆମ୍ଭେମାନେ ଅନ୍ତରର କୃତଜ୍ଞତା ଜଣାଉ ଅଛୁ । 'ଡଗର' ପ୍ରତି ଅନେକ ଶ୍ରଦ୍ଧାବାନ ବ୍ୟକ୍ତି 'ଡଗର' ୬ଷ୍ଠ ବର୍ଷ ର ପ୍ରକାଶ ପାଇବ କି ନାହିଁ ଜାଣିବାକୁ ଚାହାନ୍ତି । ସେମାନଙ୍କୁ ଏତିକି ଆମେ କହି ରଖୁଛୁ ଯେ ଯଦିଓ ବର୍ତ୍ତମାନ ପରିସ୍ଥିତିରେ କାଗଜ ଓ କାଳିର ଅଭାବ ଓ ଦୁର୍ମୂଲ୍ୟତା ଯୋଗୁଁ ଅସୁବିଧା ଭୋଗ କରିବାକୁ ପଡୁଛି, 'ଡଗର' ନିୟମିତ ଭାବରେ ପ୍ରକାଶ କରିବାରେ ଯଥାସାଧ୍ୟ ଯତ୍ନବାନ ହେବୁ । ୬ଷ୍ଠ ବର୍ଷରେ 'ଡଗର' ଯଥା ସମୟରେ ପ୍ରକାଶ ପାଇବ । ଆମ୍ଭେମାନେ ଗ୍ରାହକମାନଙ୍କୁ ସବିଶେଷ ଅନୁରୋଧ କରୁଛୁ କି ଯେଉଁମାନଙ୍କର ଚାନ୍ଦାଦେୟ ଗତ ୫ବର୍ଷ ଶେଷରେ ପୂରିଯିବ ସେମାନେ ଅଗ୍ରୀମ ଚାନ୍ଦା ପଠାଇ ବାଧିତ କରିବା ହେବେ । ଭି: ପି: ଦ୍ୱାରା 'ଡଗର' ପଠାଇବାରେ ଅନେକ ଖର୍ଚ୍ଚ ହେବାକୁ ପଡେ । ଅନ୍ୟ ଯେଉଁମାନେ ୬ଷ୍ଠ ବର୍ଷର ପ୍ରଥମ ସଂଖ୍ୟାରୁ ନୂଆ ଗ୍ରାହକ ହେବାକୁ ଚାହାନ୍ତି ସେମାନେ ମଧ୍ୟ ଅନ୍ତତଃ ୮ ଦିନ ପୂର୍ବରୁ ଅଗ୍ରୀମ ଦେୟ ନ ପଠାଇ ଗ୍ରାହକ ଶ୍ରେଣୀଭୁକ୍ତ ନ ହେଲେ ପ୍ରଥମ ସଂଖ୍ୟା ପାଇବାରେ ହତାଶ ହେବାକୁ ପଡ଼ିବ କାରଣ କାଗଜର ଅଭାବ ହେତୁ 'ଡଗର' ଅତିରିକ୍ତ ସଂଖ୍ୟାରୁ କେଣୀ ଛପା ଯାଉ ନାହିଁ ।

**ପରିଚାଳନା ସଂପାଦକ**
'ଡଗର'



Digitized by srujanika@gmail.com

ଜଗତ୍ ବିଖ୍ୟାତ

# ମାଇଟୋଲା

ଯେ କୌଣସି ପ୍ରକାର ପାଳିଜ୍ୱର ୨୪ ଘଣ୍ଟାରେ
ଆରୋଗ୍ୟ ହୁଏ ।
ଅଣ୍ଡାପ୍ତ, ଶକ୍ତ ପ୍ଲୀହା, ଯକୃତ୍, ମ୍ୟାଲେରିଆ ଓ
ସବିରାମ ଜ୍ୱର ବିନା ଇନ୍‌ଜେକ୍‌ସନରେ
ଆରୋଗ୍ୟ କରିବାକୁ ଏହା ଅଧୁନାତନ
ଯୁଗରେ ଅଦ୍ୱିତୀୟ ।
ମେସାର୍ସ ହେଜୋର ଫାର୍ମାସି
ନ ୧୧୫ ମୁର ହେଜୋର ଷ୍ଟ୍ରିଟ, କଲିକତା ।

ପୋଟର୍ ଏଜେଣ୍ଟ—ମହମ୍ମଦ ଇସମାଇଲ ଖାଁ
ଶ୍ରୀ ବାରଭଦ୍ର ଚୌଧୁରୀ— ରାମ୍ବା ବଜାର, ଭଦ୍ରକ (ଭଦ୍ରକ ସବଡିଭିଜନ ଓ ଜାଜପୁର ଏଜେଣ୍ଟ)

---

## ସସ୍ତା, ସୁନ୍ଦର ଓ ସୁବିଧାରେ

ଚିତ୍ରଶିଳ୍ପର ଉନ୍ନତି ଓ ଦେଶୀୟ ଶିଳ୍ପର ବୃଦ୍ଧି ପାଇଁ ଆପଣ ଶୀଘ୍ର ଓଡ଼ିଆଙ୍କ
ଦ୍ୱାରା ପରିଚାଳିତ କଲିକତାରେ ଏକମାତ୍ର ପ୍ରତିଷ୍ଠାନ ।

# ଫୋଟୋ ଓ ସାଇନ କ୍ରାଫ୍ଟ

ନଂ [illegible] ଏ ଚଉରିଙ୍ଗୀ ରୋଡ଼ କଲିକତା
ଠାରୁ
ଆପଣଙ୍କର ଆବଶ୍ୟକ ମଗାଇ ନିଅନ୍ତୁ ।

[illegible] ଓ ବଡ଼ ଆକାର [illegible] ପୋର୍ଟ୍ରେଟ ଫଟୋ, ଦରୁ ସାଇଜର ଫଟୋ, ବ୍ଲୋକ ଛବି, ତୈଳ ରଙ୍ଗ
[illegible] ଅତି ସୁନ୍ଦର ଭାବରେ କରି ଦିଆ ହୁଏ । ଭଲ କ୍ୟାମେରା, ଫିଲ୍ମ ଛବି ଫ୍ରେମ ଇତ୍ୟାଦି ଫଟୋ-
ଗ୍ରାଫ ସମ୍ପର୍କୀୟ ଯାବତୀୟ ସରଞ୍ଜାମ ଶସ୍ତା ଦରରେ ମିଳି ପାରିବ । ପରୀକ୍ଷା ପ୍ରାର୍ଥନୀୟ ।

---

## ହୈ ଅଙ୍କ ହ୍ରାସରେ

ଦେଖିବା ଭଳି ବହି ।

# ସୁନା ଭଉଣୀ

ପ୍ରାପ୍ତିସ୍ଥାନ:—କଟକ ପବ୍‌ଲିଶିଂ ହାଉସ୍

ମୂଲ୍ୟ—[illegible] ।

## ଭଲ ମଞ୍ଜିରୁ ଭଲ ଗଛ

[illegible] ସୁପରୀକ୍ଷିତ ମଞ୍ଜି କିଣିଲେ [illegible] । ମୂଲ୍ୟ [illegible] ପରୀକ୍ଷା ପ୍ରାର୍ଥନୀୟ ।

[illegible] ଭି: ପି: ରେ ପଠାଯାଏ ନାହିଁ । [illegible] ଅଧିକ ମୂଲ୍ୟର ପାର୍ସଲରେ [illegible] ନାହିଁ ।

ଏଜେଣ୍ଟ [illegible]
ଲାଲଗିରି [illegible]
ପୋ: ଅ: ବାଲି ( Bally )
ଜିଲ୍ଲା—ହୁଗୁଳି

# ମରମ

କବି—ଶ୍ରୀ ନିତ୍ୟାନନ୍ଦ ମହାପାତ୍ର

ନବ ଯୁଗର ନବୀନ ଭାବୋଚ୍ଛ୍ୱାସ

ପଢ଼ିଲେ ମୁଗ୍ଧ ହେବେ

ମୂଲ୍ୟ:—୫୦୧ ଅଣା

---

ସମ୍ପାଦକ—ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର    ପରିଚାଳନା ସମ୍ପାଦକ—ଶ୍ରୀ ରାଇମୋହନ ଦାସ

Digitized by srujanika@gmail.com




# ଶୁଣା ଶୁଣା କଥା

ମହାତ୍ମା ଗାନ୍ଧି ଏଥର ଗୋଟାଏ ବଢ଼ିଆ କଥା କହି ପକାଇଛନ୍ତି କି 'ଏ ବେଳରେ ବ୍ରିଟିସ ଯଦି ଶେଷ୍ଟ ଶେଷର ବାନ୍ଧି ସୁତ୍ରଧାରରେ ଭାରତ ଛାଡ଼ି ଯାଆନ୍ତି ତେବେ ବ୍ରିଟିସ ଓ ଭାରତ ଉଭୟ ପକ୍ଷର ମଙ୍ଗଳ।' ହାୟ ଏତେ ମଙ୍ଗଳିଆ କଥାଟା ସେ ଏତେଦିନହାଏ ପେଟରେ ଲୁଚେଇ ରଖିଥିଲେ! ଟିକିଏ ଆଗରୁ କହିଥିଲେ କେତେ ଗୁଡ଼ାଏ ହତ୍ୟା, ହରକତ, ଅର୍ଥନାଶ, ମନସ୍ତାପରୁ ସମସ୍ତେ ପାର ପାଇଥାନ୍ତେ ପରା! ଏଇ ଭଳିଆ ଉପଦେଶଟା ଗାନ୍ଧିଜୀ ଥରେ ୟୁରୋପ ଛାଡ଼ିବା ପାଇଁ ଜର୍ମାନୀକୁ ଓ ବର୍ମା ପ୍ରଭୃତି ଛାଡ଼ିବା ପାଇଁ ଜାପାନକୁ ବାଢ଼ିଲେ ଆଉରି ଭଲ ହୁଅନ୍ତା।

× × ×

ଚର୍ଚ୍ଚିଲ ଦେଶ ଯେପରି ସରଳ ଲୋକ ଗାନ୍ଧିଜୀଙ୍କର କଥା ଶୁଣନ୍ତି ମାନି ଯାଆନ୍ତେ, କେବଳ ଅଡ଼ୁଆଟା ରହିଛି ଗୋଟାଏ ଥାନରେ। ସେ ଭାବୁଛନ୍ତି—ଏ ଭାରତଟା କାହା ହାତରେ ଦେଇ ଯିବେ। ସେଇ କଥାଟା ସେ ଭାବି ଠିକ କରି ପାରୁ ନ ଥିବେ। ଗାନ୍ଧିଜୀଙ୍କ ହାତରେ ଦେବେ, କି ଜିନ୍ନାସାହେବଙ୍କୁ ଦେବେ? ସେଇ ସନ୍ଦେହଟା ଗାନ୍ଧିଜୀ ମେଣ୍ଟେଇ ଦେଲେ କାମ ହୁଅନ୍ତା। ମାତ୍ର ଗାନ୍ଧିଜୀ ବଣିଆ ହେଲେ ଚର୍ଚ୍ଚିଲ ତାହୁଁ ବଳି ବଣିଆ ସେ!

+ × +

ରାଜାଜୀ କେତେ୍ ମାତବର ଇଲମ ଦାର କଥାଟା ବଡ଼ ମୁହଁ ବଡ଼ କାନରେ କହିଥିଲେ। ସେ କହିଥିଲେ ମାନ୍ଦ୍ରାଜରେ ମନ୍ତ୍ରୀ ଗାଦି ନିଆଯାଉଥିଲେ ଦ୍ରାବିଡ଼ସ୍ଥାନ କରାଯାଉ ଓ ଜିନ୍ନା ସାହେବଙ୍କୁ ପାକିସ୍ଥାନ ଦିଆଯାଉ। ମାତ୍ର ତାଙ୍କ କଥା ଶୁଣିବା ଦୂରେର ଥାଉ, ସମସ୍ତେ ଦୂର ଦୂର, ମାର ମାର କରି ତଡ଼ିଦେଲେ। ହାୟ, ହାୟ—,

## ବିଲୁଆ ବିଚାର

ଅନ୍ଧ ରାଜ୍ୟକୁ ଗଲି ଦର୍ପଣ ବିକି,
କାହା ହାତରେ ଦେଲି ଦର୍ପଣ ଟେକି!

× × ×

ଓଡ଼ିଶା ସରକାର ଗୋଟାଏ ଖାଣ୍ଟି କଥା କହି ଓଡ଼ିଆ ପ୍ରାଣରେ ନବ ଉନ୍ମାଦନା ଆଣି ଦେଇଛନ୍ତି। ଓଡ଼ିଆର ଛାତି କୁଣ୍ଢେ ମୋଟ ହୋଇ ଫୁଲି ପଡ଼ୁଛି। ସରକାର କହୁଛନ୍ତି କି ଓଡ଼ିଶା ଗୋଟାଏ surplus (ବଳକା) ପ୍ରଦେଶ। ଏହାର ଅର୍ଥ ଓଡ଼ିଆଙ୍କ ପେଟ ପୂରିବା ପାଇଁ ଯେତେ ଶସ୍ୟ ଦରକାର, ତା' ଠାରୁ ଅଧିକା ଏଠି ଉତ୍ପନ୍ନ ହୁଏ, ଅର୍ଥାତ ବଳିପଡ଼େ। ଏକଥା ଠାରୁ ବଳି କଥା, ସୁଖର କଥା, ଆଶାର କଥା ଆଉ କଣ ହୋଇପାରେ। ଜାତୀୟ ସରକାର ହୋଇ ନ ଥିଲେ ଏଭଳି କଥା ଆଉ କେହି କହି ପାରନ୍ତା ନାହିଁ।

ଚିରଦିନ ଓଡ଼ିଆ ଜାତିକୁ ସାରା ଦୁନିଆ ଦରିଦ୍ର ଭିକାରି ବୋଲି ଜାଣେ ଓ ଅନାଦର କରିଆସିଛି। ଏ ନିନ୍ଦା ଏ ହୀନତା, ଏ ଅପମାନର ଅବସାନ ଏତେ ଦିନରେ ହେଲା ଆଜି। ଆମ ମନେ ହେଉଛି— ଓଡ଼ିଆ ଧନୀ, ଓଡ଼ିଆ ମାନୀ, ଓଡ଼ିଆ ଦାତା, ଓଡ଼ିଆ କର୍ତ୍ତା। ଏହା ଠାରୁ ବଳି ଆଉ କଣ ହୋଇପାରେ? ଧନ୍ୟ ଆମେ!

+ + +

ସୀମାନ୍ତ ଗାନ୍ଧି ସେଠାରୁ ଖାଁଙ୍କ ଭାଇ ଓ ସୀମାନ୍ତ ପ୍ରଦେଶର ଭୂତପୂର୍ବ ପ୍ରଧାନ ମନ୍ତ୍ରୀ ଡାକ୍ତର ଖାନ୍ ସାହେବ [illegible] ସେଠାରୁ ବିଦାୟ ନେଲେ ବୋଲି [illegible] ବାହାରିଛି। ଏଭଳି [illegible] ଠାଣାର ହେତୁ ହେଉଛି [illegible] ବିବାହ। ଖାଁ ସାହେବ [illegible] ମୁସଲମାନ; ମାତ୍ର ସେ [illegible] ଜଣେ ଖ୍ରୀଷ୍ଟିଆନକୁ। [illegible]

Digitized by srujanika@gmail.com

ମତରେ ଏହି ଘଟଣା ଦ୍ୱାରା ଯେ ଅନେକ କଂଗ୍ରେସୀ ହୃଦୟଙ୍ଗମ କରିବାର ସମ୍ଭାବନା ।

ଏଥି······ଇତ୍ୟାଦି ।

ଅଜାଡିରେ ହିଁ ଅ ଦେବାଟା ବଡ଼ ନେତାଙ୍କ ଗୁଣ ବୋଲି ଆମେ ଜାଣିଥିଲୁଁ । ରାଜାଜୀ, ଜବାହାର ଲାଲ୍‌ଜୀ, ଚୌଧୁରୀ ଜୀ ପ୍ରଭୃତି ବଡ଼ ବଡ଼ ମହାଜନ ବୃନ୍ଦ ଏ ପନ୍ଥା ଦେଖାଇଛନ୍ତି ଓ ସେଥିପାଇଁ ଖୁବ୍‌ଅଡ଼ ବାହାବା ପାଇଛନ୍ତି ମଧ୍ୟ । ଏକା ଖାଁ ସାହେବଙ୍କ ବେଳକୁ ଏପରି କାହିଁକି ହେଲା ତାହା ବୁଝି ପାରୁନାହୁଁ । ଖାଁ ସାହେବ କଣ ବଡ଼ ନେତା ନୁହନ୍ତି କି ?

× + ×

ଅକାଳରେ ଭାଲୁ ପଡ଼ିଥିଲେ ତା' ଉପରେ ମୂଷା ନାଟ କରିବା କଥା ଲୋକେ କହନ୍ତି । ଫ୍ରାନ୍ସ ବିଚରା ଅକାଳରେ ପଡ଼ିଥିବାରୁ ତା ପିଠିରେ ଯେ ପାରୁଛି ସେ ଚଢ଼ି ଯାଉଛି । ହିଟଲର ତ ନାକରେ ଦଉଡ଼ି ଲଗାଇ ଘୋଷାଡ଼ୁଛନ୍ତି । ଇଂରେଜ ସିରିଆ ମାଡ଼ି ବସିଲେ, ଜାପାନ ଇଣ୍ଡୋଚୀନ ଦଖଲ୍ କରିନେଲା । ବର୍ତ୍ତମାନ ଇଂରେଜ ମାଡ଼ାଗାସ୍କର ଦ୍ୱୀପ ଫ୍ରାନ୍ସ ଠାରୁ ଛଡ଼ାଇ ନେଇଛନ୍ତି । ଏହା ଦେଖି ଆମେରିକା ମାର୍ଟିନକ୍ ଦ୍ୱୀପ ଉପରେ ଆଖି ପକେଇଲେଣି । ଗୁହୁଁ ଗୁହୁଁ କେଡ଼େବଡ଼ ଜାତିଟାର କି ଅବସ୍ଥା ହେଲା !

ମାଏ ଫ୍ରାନ୍‌ସ ଗୋଟାଏ ଭୁଲ୍ କରୁଛି ବୋଲି ମନେ ହୁଏ । ଶକ୍ତି ନ ଥାଇ ଛୁଞ୍ଚାଟାରେ ସଶସ୍ତ୍ର ପ୍ରତିରୋଧ କରିବା ତା ପକ୍ଷରେ ଉଚିତ ନୁହେଁ । ଖାଦାଡ଼ ପିନ୍ଧି, ଅରଟ ବୁଲାଇ ଯଦି ସେ ସତ୍ୟାଗ୍ରହ କରନ୍ତା ତେବେ ଏ ଦୁଃଖ ତାର ଦେଖିବାକୁ ମିଳନ୍ତା ନାହିଁ ।

+ × +

ଜିନ୍ନା ସାହେବଙ୍କ ପାକିସ୍ଥାନକୁ କଂଗ୍ରେସ ମଞ୍ଜୁର ଦେଲେ କଂଗ୍ରେସ ଓ ଲିଗର ମିଳନ ହୋଇ ଯାଆନ୍ତା—ଏବଂ ବ୍ରିଟିସ ସରକାରଙ୍କ ଜବାବ ମତେ ଭାରତୀୟମାନେ ଏକମତ ହେଲାମାତ୍ରେ ଭାରତକୁ ସ୍ୱାଧୀନତା ମିଳି ଯାଆନ୍ତା । କିନ୍ତୁ ପାକିସ୍ଥାନକୁ ମଞ୍ଜୁର ଦେଲେ ଭାରତ ଖଣ୍ଡ ବିଖଣ୍ଡ ହୋଇଯିବ ଓ ଖଣ୍ଡିଖଣ୍ଡିଆ ସ୍ୱାଧୀନତାଟା ନେବା ଯୋଗ୍ୟ ନୁହେଁ ବୋଲି କଂଗ୍ରେସ ବା ମହାସଭା କେହି ସେଥିରେ ରାଜି ହୋଇ ନ ଥିଲେ ।

ଏବେ ରାଜଗୋପାଳଆଚାରୀ ପ୍ରମୁଖ ମାନ୍ଦ୍ରାଜୀ କଂଗ୍ରେସିଆମାନେ ଏକ ସଭା କରି ପ୍ରସ୍ତାବ ବାଢ଼ିଛନ୍ତି କି ପାକିସ୍ଥାନ ପଛେ ହେଲେ ହେଉ—ଭାରତ ସ୍ୱାଧୀନତା ପାଉ ।

ଏଥିରୁ ଜଣା ଯାଉଛି ଗୁଣୀଙ୍କ ଅବତାର ରାଜଗୋପାଳଜୀ ଏକ ଦ୍ରାବିଡ଼ ସ୍ଥାନର ପରିକଳ୍ପନା କଲେଣି । ସମସ୍ତେ ତ ସମସ୍ତଙ୍କ 'ସ୍ଥାନ' ଭରିନେବେ— ବଙ୍ଗ ଓ ପଞ୍ଜାବର ହିନ୍ଦୁ ବିଚରା କାହାର ହେବେ । ଏଡିକି ଯେ ରାଜାଜୀ ଏଥର ଜିନ୍ନା ସାହେବଙ୍କ ଭଳିଆ ଗୋଟାଏ ନାଆଁ ମାରିନେବେ ଏଥର ।

× × ×

ଯେଉଁ କଂଗ୍ରେସ ମନ୍ତ୍ରୀଗଣ ଅଭିମାନ କରି ଗାଦି ଛାଡ଼ିଥିଲେ, ସେମାନେ ଭାବିଥିଲେ ଯେ ବଡ଼ଲାଟ ତାଙ୍କରୁ ଗୋଡ଼ ଧରି ଅଭିମାନ ଭାଙ୍ଗିବ । ମାଏ ଯେତେ ଦିନ ଗଲା ତାଙ୍କ ଆଶା ଫଳବତୀ ହେବାର ନୋହିଲା, ଏବଂ କିଛି ଫେରିବାର ସେ ଆଶା ମଧ୍ୟ ବୁଡ଼ିଗଲା, ନେତା ମାନଙ୍କର ହୃଦୟ ଅଧୀର ହୋଇ ପଡ଼ିଲା । (Hope deffered maketh the heart sick.) ତାହାର ଫଳରେ ରାଜାଜୀ ଓ ତାଙ୍କର ସଙ୍ଗୀଗଣ କଂଗ୍ରେସକୁ ଆବେଦନ କରିଛନ୍ତି କି ଅନ୍ତତଃ ମାନ୍ଦ୍ରାଜକୁ ମନ୍ତ୍ରୀମଣ୍ଡଳ ଗଢ଼ିବାକୁ ଅନୁମତି ଦିଆଯାଉ । କ୍ଷମାସ୍ତୁଙ୍ଗ ମତଃ ପରଂ !

+ + +

ଆଣ୍ଡାମାନ ଦ୍ୱୀପ ବା କଳାପାଣି ମୁଲକ ଇଂରେଜଙ୍କ ଅଧିକାରରେ ଥିଲା । ହଠାତ୍ ଦିନେ ଜାପାନୀ ମାନେ ତାକୁ ଛଡ଼ାଇ କଲେ । ଆଣ୍ଡାମାନ ଭଳିଆ ଅପନ୍ତରା ଜାଗା ପାଇଁ ବଳ ବୟସ ବା ଅର୍ଥ ସାମର୍ଥ୍ୟ ଖରଚ କରିବାଟା ଅନୁଚିତ ଭାବି ସେଠାକାର କର୍ତ୍ତାମାନେ ତାକୁ ଅକାତରରେ ଓ ଅବିସମ୍ବାଦରେ ତାଙ୍କ ହାତରେ ଛାଡ଼ି ଦେଇ ଚାଲି ଆସିଲେ । ଏହା କରିବା ଦ୍ୱାରା ସେମାନେ ଖୁବ ବୁଦ୍ଧିର କାମ କରିଛନ୍ତି । କାରଣ ଆଣ୍ଡାମାନ ସେଇପରି ପଚ୍ଚୁ ସଡ଼ା, ଦୁଇଲମ୍ବା ଥାନ ବୋଲି ଯେତେ ମଣିଷମାରୁ ଆସାମୀଙ୍କୁ ସେଠିକି ପଠାହୁଏ । ଏବେ ଜାପାନୀମାନେ **murder, loot, arson** କଲେଣି ଆଣ୍ଡାମାନରେ ରହିବା ତାଙ୍କର ଉଚିତ ଶାସ୍ତି ହେଉଛି । ଏତେ ସରି ହୋଇ ସୁଦ୍ଧା ତେବେ ବି ତାଙ୍କ ମନ ଘର ଧରୁନାହିଁ । ଆହୁରି ନାଚି କୁଦି ହଉଛନ୍ତି । ବେହିଆ ପଛରେ ବାଛ ଉଠିଲେ······ ।

—✱—

Digitized by srujanika@gmail.com




ମେଘୁଆ ଅନ୍ଧାର—ଘନ ଘୁଡୁଘୁଡ଼ି ବଜ୍ରପାତ । ଝିପି ଝିପି ମେଘ ବି ପଡୁଥାଏ । ନୀଳ ଆକାଶରେ କେଉଁଠିର ଭସାଭସା ମେଘଙ୍କ କଅଁଳ ସରଗ କୋଳରେ ତାରା ସୁନ୍ଦରୀ ଗୁଡ଼ିକ ଲୁଚି ଯାଉଥାନ୍ତି । ଦଶମୀ ଜହ୍ନ ସେମାନଙ୍କର ସନ୍ଧାନରେ ଯାଇ ବାଟବଣା ହୋଇଥାଏ ବୋଧେ । ଅନ୍ଧାର—ନିବିଡ଼ ଅନ୍ଧାର । ଆକାଶରେ ଜହ୍ନ ନାହିଁ—ତାରା ନାହିଁ ମୁକୁଳି ହସୁନି—ଖାଲି ଝିପ୍ ଝିପ୍ ବର୍ଷା । ପବନ ତାର ମଧୁର ପରଶ, କଅଁଳ କଥାଟି ଭୁଲି—ପ୍ରଳୟର ଅଗ୍ରଦୂତ ପରି ହାଇଁ ହାଇଁ କରୁଥାଏ ।

## କାହାଣୀ

# ମିଛା ଆଶା

ଲେଖିକା— କୁମାରୀ ଶୈଳବାଳା

ଠିକ୍ ଏ ଅଛା ପାଇଁ ଗୁଡ଼ାଏ ଲୁହ ଲୁହ ମୁଁ ଥକ୍କା ହୋଇ ଗଲିଣି । ପ୍ରାୟ ଅଧମାଇଲେ ବାଟ ଗଲି ଅଧିକା ପରେ, ଦେଖିଲି ଦୂରରେ କଅଣ ଗୋଟିଏ ମିଞ୍ଜି ମିଞ୍ଜି ଆଲୁଅ ଦିଶୁଛି—କାହାର ଘର ହବ ବୋଧହୁଏ । ମେଘ ବରଷୁଥାଏ । ଆଶ୍ରୟ ଆଶାରେ ସେଠିକି ଗଲି······ ଦୁଆରେ ହାତ ମାରିବାକୁ ଦରଜା ଖୋଲିଗଲା । ଗୋଟିଏ ବୁଢ଼ୀ ଆସି ବଡ଼ ଆଦରରେ ମୋର ହାତ ଧରି ଘରକୁ ନେଇଗଲେ । ଅପରିଚିତ ମୁଁ ଏ ବ୍ୟବହାରର ଅର୍ଥ ବୁଝି ପାରିଲିନି । ବୁଢ଼ୀ ଡିବି ଆଲୁଅରେ ମତେ ନିରେଖି ଦେଖି କହୁଛି—"ଏତେ ଡେରିରେ ତୁ ବାପ ? ତୁ ତ ମୋର ଶଶୀ ନୋହୁଁ ? ଏ ଆଖିକି କଅଣ ହେଲେ ଆଜି ଦିଶୁନି !—"

ମୁଁ କହିଲି—"ନାଇଁ ମା'—ବର୍ଷାଟା ହେଲା ଯେ—ସେଥିପାଇଁ ତୁମ ଦାଣ୍ଡାକୁ ଉଠି ଆସିଲି । ମୋ ନା ଦିଲୀପ ।"—ମୋ କଥା ନସରୁଣୁ ବୁଢ଼ୀ କହିଲା—

"ଭଲ କଥା ବାପ ବ' । ବର୍ଷା ଛାଡ଼ିଲେ ଯିବୁ ।" ବସିବାକୁ ଖଣ୍ଡେ ଆସନ ଦେଇ ବୁଢ଼ୀ ସେ ଘରର କୋଣଆଡ଼େ ଚାଲିଗଲା । ସେଠି ଗୋଟିଏ ପଥର ନିର୍ମିତ ମୂର୍ତ୍ତି । ତା' ଉପରେ ଫୁଲ ଚନ୍ଦନ ଦିଆ ଯାଇଛି । ବୁଢ଼ୀ ତାକୁ ପୂଜା କରେ । ଆଣ୍ଠୁ ମାଡ଼ି ବସି ସେ କହିବାକୁ ଲାଗିଲା—"କେତେଦିନ ଆଉ ମୋ ସାଥିରେ ଲୁଚକାଳି ଖେଳିବ ପ୍ରଭୁ ? ଶଶୀକୁ ମୋର ଫେରାଇ ଦିଅ । ତୁମ ହୃଦୟଟା କଅଣ ପାଷାଣରେ ସତେ ଗଢ଼ା କି ?

ବୁଢ଼ୀର ଆଖି ସଜଳ ହୋଇ ଉଠିଲା । ସେ ଆସି ମୋ ପାଖରେ ବସିଲା । ବୟସ ତାକୁ ୬୦.୭୦ ଉପରେ ହେବ । କକାଳ ହାଡ଼ ନାଇଁ ପଡ଼ିଲାଣି । ଗୋଡ଼ ହାତ ଥର ଥର । ଶୁଭ୍ର ଶୁଭ୍ର । ଧୋବ ପରି କେଶଗୁଚ୍ଛ । ଗୋଟିଏ ଅବ୍ୟକ୍ତ ବେଦନାରେ ତାର ମୁହଁଟି ରକ୍ତିମ ହୋଇ ଉଠିଥିଲା !

କିଛିକ୍ଷଣ ପରେ ବୁଢ଼ୀ ଧୀରେ ଆରମ୍ଭ କଲା "କଅଣ କହିବିରେ ପୁଅ !! ଏ ଦଇଁ ମୋ ସାଥିରେ ଯେତେ ଲୁଚକାଳି ଖେଳୁଛି । ଆଉ ଶଶୀ ? ଏଇଠୁ ଗଲା ସୋହାଗୀ ଯେ ଫେରେ । ମତେ ଜଳାଇ ପୋଡ଼ାଇ ମାରୁଛି ।"

ମୁଁ ତା ମୁହଁକୁ ଚଳଚଳ କରି ଚାହିଁ ରହିଲି—"ଏ କଣ ପାଗଳ ?"

"ମୋର ଏ ଶୂନ୍ୟ ଅନ୍ଧାରିଆ କୁଡ଼ିଆର ସବୁ ସେ ହଜାଇଥିଲା । ଏ ଦଇଁ କେତେ ଭଲ—କେତେ କଅଣ ମାନସିକ କରି ପାଇଥିଲି ତାକୁ । ସବୁ ଦୁଃଖ ସବୁ ଚିନ୍ତା ଭୁଲି ଯାଇଥିଲି—କୋଳରେ ତାକୁ ପାଇ ।

ବୁଢ଼ୀ ପଣତ କାନିରେ ଆଖି ପୋଛି କହିଲା—"ଏତିକାଳିଆ ଛିଲନି ଏବେ ପାରିବ ? ଯେଉଁ ଦିନ ତାର ବାପ ଚାଲିଗଲେ,—ମୋର କଉ ଅଟପୋଷା ରହିଲେ ? ... କଳି—ବହିବିଧା ଯିବ । ଯେତେ ମନା କଲି, ମାନିଲା ନାହିଁ । ଶୁଣେ ବରଷ ତୋଳି ନିଜ ନିଶାନି ତାକୁ ଦେଇଦେଲି ।

ଗଲା । ଦିନେ ପୋଷ୍ଟମାଷ୍ଟର ଚିଠି ଦେଇ ଯାଇଥିଲା । କହିଲେ—ବଡ଼ ଅଫିସ ବାବୁ ଦେଇ ନାମ କାଟିଦେଇ ବୋଲିଥିଲେ । ତା' ପରେ ଏ ଦୁଃଖିନୀ ମୁଁ—ତା ଆଉ ଦେଖି—ନା ଆଉ ଦେଖିବି ? କେମିତି ସେ ତାର ଅଭାଗୀ ମା'କୁ ଭୁଲି ରହିଲାଣି ? ଦଶ ମାସ ହେଲେ ଏ ଯାଏ ଫେରୁନାହିଁ !

ବୁଢ଼ୀ ଫିକ୍ କରି ହସି ଦେଇ କହି ଉଠିଲା । ମୁଁ କହିଲି—"ବାପ ଜାଣ ମା'—। ସେ କଅଣ ଖବର ଦେଇ ନାହିଁ ? ଆଉ ତାର ଅନୁରୋଧ କଅଣ ସେ ଦେଖୁ ନ ଥିବ ? ତାର ପରି କେତେ କେତେ ପୁତ୍ର ସୁଦୂର ବିଦେଶ ରଣାଙ୍ଗନ ପର ପାରାବାରେ ଯାଇ ତ ଅଛନ୍ତି ।

ବୁଢ଼ୀ ମତେ କୁଣ୍ଢାଇ ପକାଇ କହିଲା—କଅଣ କହିଲୁ ବାପ ? ପୁଅ ମୋର ସତେ ଆସିବ ? । କେତେ ସେ ନଅଟଙ୍କା ପିଅନଟା କଅଣ କହୁଥିଲା—ତାକୁ ମରଣ ମାଡ଼ିଗଲା । ମରୁନାହିଁ ସେ ପିଅନ । ମୋ ଶଶୀ ଭଲ ଅଛି । ମୋ ଦଇଁ ତାକୁ ସବୁ ଯୋଗାଡ଼ କରିଦେବେ—ନୁହଁରେ ବାପ ?"

ବୁଢ଼ୀର କଥାର ଅର୍ଥ ନା ମୂଳ ମୁଁ ଧରି ପାରିଲି ! ଚକିତ ମଣିଷ ଏ ।

( ଅବଶିଷ୍ଟ ଅମପୃଷ୍ଠା ଶନ୍ଦୁ ପ୍ରୁମ୍ନ ଦେଖନ୍ତୁ )

Digitized by srujanika@gmail.com




କି'ଣ ବା ବାହ୍ମନବ - କେଉଁ ଛନ୍ଦ—ମୂଳରୁ ପାହାଡ଼ ପାହାଡ଼…ଏଆଡ଼େ ତୋମା ମଣ୍ଡପରେ ଅଟକି, ସେଆଡ଼େ ସହକାର ତଳେ ପ୍ରିୟା ଦର୍ଶନ… ଅଜ, ଦର୍ଶନୀ ମିଳନ—ବାଧା ଗୋଟିଏ—ଚଉକଣା; କେବଳ କୁଞ୍ଜ ତଳେ ଅଲଅ ଚଉକଣାର କଡ଼ା ନଜର କାଳୀ କରି ହୋଇଥିଲା ବୋଲି ଚମକି ଗ୍ରହକୂଟ ଘଟିଲା… ପୁଣି ଅଭୁଆଡ଼ା ଝଲ୍ଲୁ ବୋଲି ବୁଢ଼ା ବାପଟା ଧରୁବେଳେ ମୁହଁକୁ ହାଣ୍ଡି କରି ବସିଛୁ… ଦୋଳ ଦୁଅର ବନ୍ଧରେ ମନ୍ତ୍ର ନାଚେଇ ନାଚେଇ ହାଲେଇ ଲେଖିଣି…ଅଇଲା ଗଲା ଉଣେ ଝପେ ଫୁସୁରୁ ଫାସର ହେଲେଣି—ପିଲାଟା ଭଲ ମିଜାଜର ନୁହେଁ। କ'ଣ କରେ ? କେତେ ବା ବାହ୍ମନବ ? ତେବେ, କବି ହବାର କଳ୍ପନା ଚେରେଚଳନା କଲେ କୁହେଟିଅଟାବ କଡ଼ା ନଜରରେ ଉପରକୁ ଉଡ଼ିଅଏ। ଖଜୁରୀ-ଗଛ ଉପର ଚେଙ୍କିକୁ ଅନିଶା କରି ଗଛ ମୂଳରେ ଠିଆହୋଇ ରହେ। ତେଣିକୁ ବସ ଝଟରେ।

## ମଜାକଥା

# କବି ବିଭ୍ରାଟ

ଲେଖକ—ଶ୍ରୀ ନାରେନ୍ଦ୍ର ପ୍ରସାଦ ମହାନ୍ତି

ମୁଁ ଦୀ'ଭନା ନଟାଇ ଦେଇ ପେଟ ଭିତରକୁ ଲେଖିଲେ କବି ପାଲଟିଟାଏ ମସଗୁଲ।

ତୋମା 'ଫର' ଦେ କରେ… କଳ୍ପନା ସୁନ୍ଦରୀ ଛୁଇଁ ଭିତରକୁ ପେଲି ଦେଇ ବସି ଅଟେ ପାନ, ଦହି, ଝରର ହଳେଇ ଚାକ ଅପ୍ସରକାଣ କରନ୍ତି। ଭାବ ଆଇଲରେ ବସିପଡ଼ି କଲମ ଟେକେ… । କଲମ ଗାର ଖାତା ଉପରେ ନ ପଡ଼ୁଣା ଅଟକୁ ଝୁରେ—'ମାନସୀ ହ' ଏଇ ଢଙ୍ଗରେ ପାଲଟି ଯିବ। ଉନ୍ନ—'ଚେ ଗ୍ରୀଷ୍ମ' —ଉହୁଁ—'ଚାକିଅ ପାଣିଛ ହୀ' … ଉହୁଁ—'ଚନ୍ଦ୍ରିତ ଅଫସୋ'·· ଉହୁଁ ଏଭୋ-ଚେଲେକେ ସବୁ—'ବାଇରନ' 'ସେକ୍ସପିଅର' ଓଗେର। ଲେଖା 'ସମାପ୍ତ' କରି ହଇଇକ କବିତାଗୁଡ଼ିକୁ ଦେଖି ଗର୍ବରେ ମନ୍ଦର ଦୁଇ। ସେଠୁ ସୁନାମୁଣ୍ଡ ପଟ ଲେଖାଗୁଡ଼ିକ ଡାକି ଦକାଏ। କଲମ ଓ ଖାତା ଝଟ୍ଟା ଲଗନ୍ତି, ମୋର ନମ ମୋଟେ ଏହାକୁ ବାହାରେନା। ହନ୍ତପନ୍ତ ହୋଇ ଝରକା ପାଖରେ ଛରି ଗଣିବା ବ୍ୟଗ୍ରତା ଘନ ମଧ୍ୟରେ କିଛି କରି ପାରେନା… ।

ଦିନେ କବି ଝରକାରେ ବାହାରକୁ ଅନେଇ ବସିଛି. ଦେଖିଲି ଚାଉଳବାଲୀ-ବୁଢ଼ୀ ଟାଏ ମୋ ଆଡ଼କୁ ସମର୍ପିତ। ତାକୁ ଗାଁସାରା ଲୋକେ ମୋଖା 'ନାନୀ' ବୋଲି ଡାକନ୍ତି। ସେ ତ ଦମ୍ପତ୍ତିକୁ ଝୁଲା ତାମସା କରେ। ମୋ ଅଗରେ ଅସି ନଅ କଳା ବନ୍ଧି ଚଡ଼ ଗୁଲ ଗଣ୍ଡାକ ଆଗରେ ଥୋଇଦେଇ କଥା ନାଲି କାର୍ଯ୍ୟ ନାହିଁ ଅଂମ୍ବ କଣ୍ଟ ବାପ ବଢ଼ା ହଉନୁ ନାହିଁକି ନ ? ତାଜ ମୁଣ୍ଡରେ ବାଲ ପାଚିଲେ କ'ଣ ବାହାହେବୁ ?

ମୁଁ କଳଙ୍କ ଥୋଇଦେଇ ବୁଢ଼ୀ ମୁହଁକୁ ଅନେଇ ହସିଦେଲି। ସେ ଓଡ଼ଣାକୁ ଟାଣି ଦେଇ ଗପି ବସିଲା—ବାପ, କଲ ଲେଖିଣି, ବୟସ ଗଲଣି ଅସି ବୁଢ଼ୀ ହେଲଣି, ମହଲ ପୁତୁରୁ ଭନମାନଙ୍କର ଫୁଲେଲଲ ଦେଖିଲେ ମୋ ଜନମ ସାର୍ଥକ ହବ।

ମୁଁ କହିଲି—ଅଛା ବୁଢ଼ୀ, ତୋ ବୁଢ଼ା ଘରେ କଣ ଭାବୁଥିଲ ?

—କମିତବା ଦେହଅ ଟୋକାଟାମ।

ମୁଁ କହିଲି—କହନା ବୁଢ଼ୀ।

ସେ ଓଢ଼ଣାକୁ ହାତରେ ଟାଣି ଅସି ମୁଣ୍ଡି ଝୁଲେଇ କହିଲା—'ପଇକ'। ମୋର ଗାଁସେଇ ନାମ ଥିଲା ଝୁଙ୍କଲି…

ମୁଁ ଘାବୁ ପରସାଟାଏ ଦେଇ ବିଦା କରି ଦେଇ ଟିକିଏ ଅଟକ୍ତିର କଥାର ମାଳିକ—ଏବେ ନୂଆ plot ମିଳିଲା…

କେଉଁଆଡ଼ୁ ପୁଣି ତମ ପଣ୍ଡିତାଙ୍କର ମୋ କେଡ଼ା ଦାଁ ଦାଁ ଛୁଆଟେଲା।

ଦିନେ ବୋଝ ଲେଖା ଦ୍ରୁତଗତି ଫେରା ପରେ ବାପାଙ୍କୁ ଦିନେ ଧାପ ସାପ କହିଦେଲି—ବାପା, ମୁଁ ଜିମିତ କରେ ଦୁ—ହେଉ ମିମିତ ଜଣେ ସ୍ତ୍ରୀ—କବି ଅଟଣ ଠିକ ନ କରେ ମୁଁ ବାହାହେବ ନାହିଁ… ନାହିଁ…ଧାହିଁ—ଏହି ଭାଷ ସତ୍ୟ।

ବାପା ଘାଟବା ହେଇ ମୋ ମୁହଁକୁ ଅନେଇ କହିଲେ…କାହିଁ ତ ?

ବୁଢ଼ାବାପ ସେଠୁ ଧରି ସଙ୍ଗି ଦେଇ ପାମୀ ନୋଗାଡ଼ିରେ ଘନୁଆ ଦେଖାଇଲେ। ଘାସ-ଅଫର ଭଦ୍ରଦିନ ଭଦ୍ରଲୋକ ଘାଲର ଟିଅଟ ପାଇଁ ବ୍ୟତିବ୍ୟସ୍ତ ହୋଇ ପଡ଼ିଲେ ସେମାନେ ବି ପାନ ଖେଳ ଖୋଳ। ଦୁହିଁଙ୍କର ନିର୍ଦ୍ଦେଶରେ କୋଟା-ଭେଟି ହୋଇଗଲା। ମୋର ସଙ୍ଗୀ ଅନୁଯାୟୀ ବାପା ଅଗର କଥା ଚଳାଇଲେ। ଭଦ୍ରଦିନ ଭଦ୍ର-ଲୋକ ଘାଲର ଢାଳି, ବୋତଲି, ମୋଟା ଚଷମା ମୁହଁକୁ କମିତ ଉଠେଇ ଦେଇ ସେଥିପାଇଁ ସେ ବନ୍ଧୁର ଗବେଷଣା କରି ଉପାୟ ଠିକ କରି ସାରିଲେ। ବାପାଙ୍କ କଥାକୁ ସମର୍ଥନ କଲେ।

ବାପା ହସ ହସ ମୁହଁରେ ଅସି ବାନ୍ଧ ବାଣ ମୋ ଅଗରେ ଦିଅର ଭୁର ପାଞ୍ଚଟା ମୁଣ ଯୋଡ଼ଯାଉ ଦହିରେ ଅଣ୍ଡ ଚଟେକରଗୁଡ଼ିକୁ ଟିକିଏ ଟେଙ୍କରେ ଟେକର ବାଁକଉସ ଦେଇ ବାଢ଼ିଦେଲେ। ଅଉ, ଶେଷରେ ଭଷା ଗଳାରେ ଯୋରରେ କହିଲେ— ସେ ସ୍ତ୍ରୀ କବ।

Digitized by srujanika@gmail.com

ମୁଁ ଏକାବେଳକେ ବିଭୋର ଆଉ ଗଦ୍‌ଗଦ୍...
"ସବାର ପ୍ରେମେର ଗଦ୍‌ଗଦ୍ ।
ଗଳାର ଭିତର୍ ମୀନକେ ରାଖଲେ
ଯେମନ୍ କରେ ଧଡ଼୍‌ଫଡ୍" ।

ମୋର ଆଶା ଆଉ ଧୈର୍ଯ୍ୟ ମାନିଲା ନାହିଁ ଦଉଡ଼ି ଗଲି ସ୍ତ୍ରୀ-କବିଙ୍କୁ ଅଭିନନ୍ଦନ କରିବା ପାଇଁ...।

ଖୁବ୍ ଶୀଘ୍ର ସଭାର ଶେଷ ହେଲା । ଭୁବନ ଘର ଭିତରେ ଛୋଟ ମାଟି ଘଡ଼ିଟିଏ ଜୁଳୁଜୁଳୁ ଜଳି ଉଠିଲା...ସ୍ତ୍ରୀ-କବି ମଧୁମେୟା ଲଜ୍ଜା ଦେଖେଇବା ପାଇଁ ଘରେ ପଦାର୍ପଣ କଲେ...ଏତେ ମୋଟା ମୋଟା ଗୋଡ଼...ଏତେ ଗଣ୍ଡି...ଏତେ ମୁଣ୍ଡ...ଏତେ ଗଲୁ...ପୁରା ହସ୍ତିନୀ...ସେ ଜଣେ କବି ହୋଇ ମନଟା ମୋର ଲଟେମୋଟ ହୋଇଗଲା...କହିଲି—ଅଚ୍ଛା, ସେ...କଣ ସମସ୍ତ ବହିଲେ ସେ ସମିତି ପାଖରେ ବସିଥାନ୍ତି, ତାଙ୍କ ଦେହର ଓଜନ ଭାରେ ଘାତେ ମୁଁ ଆଉ ସମ୍ଭାଳି ହେଉ ନ ପାରିଲି ନାହିଁ...କବି କଳ୍ପନା ମନରୁ ମୋର ପାଳଟିଗଲା । ତାଙ୍କୁ ମାଗିଲି ତାଙ୍କର ଲେଖାଗୁଡ଼ିକ ପଢ଼ିବାକୁ । ସେ ସନ୍ତୋଷ ହୋଇ ତାଙ୍କର ସମସ୍ତ ଲେଖାଗୁଡ଼ିକ ମୋତେ ବଢ଼େଇ ଦେଲେ ! ମୁଁ ବାଜେ ଅଉ ବାଛା ଲେଖାରୁ ଅଟେ ପଢ଼ି ବସିବି ସେଥିପାଇଁ ସେ ନିଜେ ନିଜ ଲେଖାରୁ ବାଛି ବାହାର କରିଦେବେ ବୋଲି ମୋ ହାତରୁ ପୁଣି ବହିଗୁଡ଼ିକ ଛଡ଼ାଇ ନେଲେ ।

ପ୍ରଥମ ଲେଖାର 'ନାମକରଣ' ପଢ଼ିଲେ—ଶା...ଶାଶ...ଦ...ଶାଶଦଅ...ଲୁଉସ..."ଶାଶଦଅ ଲୁଚ୍ଚ !"

ମୁଁ ତାଟକା ହୋଇ ତାଙ୍କ ମୁହଁକୁ ଅନେଇ ରହିଲି । ତାଙ୍କ ହାତରୁ ବହିଟା ଛଡ଼େଇ ଆଣି ତାଙ୍କର ଲେଖା ଉପରେ ଆଖି ବୁଲେଇ ନେଲି ।

ପଚାରି ଉଠି କହିଲି—ତମର ଲେଖା ଏ ? ତମେ ପ୍ରକୃତରେ କୋଉ ନା' ଜାଣ ?

ସେ ଗମ୍ଭୀର ସ୍ୱରରେ ଉତ୍ତର ଦେଲେ—ହଁ ।

ମୁଁ କହିଲି—ତମ ମୁହଁରୁ ଜଣା ପଡ଼ୁଛି ।

ସେ ହଠାତ କହିଉଠିଲେ—ଇଲୋ ଇଲୋ ନଥିଁ ଲଗାଇ ମୋର ବାହାଦୁରୀ ଘଇରା ହେଲା ଲୋ ହୋଇ ..

କ'ଣ କହିବି । କପାଳ ଦେଖି ତାଙ୍କୁ ଛୁଇଁ ତାଳ କଲି । କବି ହବାର ଝିଙ୍କାଟ ଆଶା ପଛରେ ପଡ଼ି ଗଲା ।

× + ×

ସେଦିନ ଅନ୍ତରର କଥା ମୋ କାନ୍ଧରେ ହାତ ଥୋଇ ପଚାରିଲା—କେଉଁ କବିତାରେ ସ୍ତ୍ରୀ ଟିଏ ପାଇଛୁ । କେଉଁ ଲେଖା ହେଲା । ସେଦିନଠୁ ଲେଖା ପରେ ତୋ ସ୍ତ୍ରୀ ହେଇ ଗଳ ପଶି ଗଲା କି ?

ମୁଁ କହିଲି—ସେ କଥା ଆଉ କହନା—ମୋର ସେଥିରୁ ମୁକ୍ତ । ପଳ ନହୁଣି...ଗଜ-ସ୍ତ୍ରୀ ।

ସଂପାଦକଙ୍କୁ ଦେଖିବାକୁ ଯାଉ ନଥିଲେ ଏକଲି ସିଦା—ବନ୍ଧୁ ହେଲା ବଲେ ।

—※—

( ବାଲେଶ୍ୱରୀ ଚନ୍ଦ୍ରପ୍ରଭା ଲିଖିତ )

ସେ ମତେ ତା' ବୋଲକୁ ଶାଶିନେଇ ଶାଶୁ ଭାଉଜାଙ୍କ ପଚାରିଲା—କଅଣ କହିଲ୍ ବାପ ? ସତେ ମୋର ଶାଶୀ ଅଛି କି ?

ତାର ସ୍ୱରର କରୁଣତା—ସରଳ ଅଶ ମୋ ପ୍ରାଣରେ ହୋଟାଏ ଭଲ ଆଘାତ ଦେଲା ।

× + +

ପରେ ବୁଝିଲି—ସେ ବୁଢ଼ୀ ପାଗଳୀ । ତାର ଗୋଟିଏ ପୁଅ ଥିଲା—ସେ ଯାଇଥିଲା କଲିକତା । ଆଉ ତାର ନେ ସ୍ୱର ମାସରେ ଖବର ଅଛିଲା—ସେ ମଟର ତଳେ ଚାପି ମରି ଯାଇଛି । ସେଦିନଠୁ, ବୁଢ଼ୀ କାହିଁକି ଯାହାକୁ ଦେଖେ—ତା ଆଗରେ ତାର ଶାଶୀ କଥା ପଚାରେ ।

ମାତୃ ହୃଦୟର ଅତୁଳ ମମତା—ଅସୀମ ଆଶା ଉପରେ ବାସ୍ତବର କଠୋରତା ତାଙ୍କୁ ପ୍ରକୃତ ଦେଖିବାକୁ ଯାଇ ପାରିଥାଏ । ଆଉ ବୁଢ଼ୀ ହୁଏ 'ପାଗଳୀ' ।

ଅବାଟରେ ଭିଡ଼ ଉଠିଲା—ତାର ଯତିମାନେ ଅଣ୍ଡାଚାକରି ହେଇ ବଡ଼ଶ ଭାବାବେଗ ଝୁଣ୍ଟି । ସମୀର ଲଖ ଚେଇ ହୋଇ ତା ଆଡ଼ାଉଣିଆ ଦେଖାଯି ପାଖକୁ ହୋଇ ଥାଏ ଏକଣ ଦେଖେ । ଧୂସୁରି ରଥ ଧରଣୀ ବୋଳିରେ ଭୋଗିନା ନଦୀ ଭିଡ଼ି ଲୋଟପଡ଼େ । ବୁଢ଼ୀ ଗାଲି ଦୁଃଖ ଦେଖେ—ଶାଶୀ ।

——

ବାତରକ୍ତ ଓ କୁଷ୍ଠର

# ଭ୍ରାମରୀ ରସାୟନ

ଅବ୍ୟର୍ଥ ମହୌଷଧ

ଏହା ପୁରାତନ ରସାୟନର ପ୍ରକ୍ରିୟା ଦ୍ୱାରା ପ୍ରସ୍ତୁତ ହୋଇଅଛି । ବାତରକ୍ତ ଓ କୁଷ୍ଠ ପ୍ରାୟ ଏକରୂପ ବ୍ୟାଧି, ନାନା ଲକ୍ଷଣ ଭେଦରେ ପ୍ରକାର ଭେଦ ହୋଇଥାଏ । ଏହି ରୋଗ ଶରୀରରେ ଜନ୍ମିବା ପୂର୍ବରୁ ନାନାପ୍ରକାର ଛଳ୍ପ ବା ଶ୍ୱେତ ଦାଗ, ଦେହରେ ଜ୍ୱାଳା ଶାରୀରିକ ଅବସାଦ, ମୂତ୍ରବନ୍ଧକତ୍ ବେଦନା ଅଜୀର୍ଣ୍ଣ, ଅବସନ୍ନତା, ନାସିକା ଓ କର୍ଣ୍ଣର ସ୍ଫୀତତା ଓ କୋଷ୍ଠବଦ୍ଧତା ପ୍ରଭୃତି ଉପସର୍ଗମାନ ଦେଖାଯାଏ । ଉପରୋକ୍ତ ରୋଗମାନଙ୍କ ଦୂରୀକରଣାର୍ଥେ ଆମ୍ଭର ଏହି "ଭ୍ରାମରୀ ରସାୟନ" ଏକମାତ୍ର ପରମ ମହୌଷଧ । ଏହା ଏକମାସ ସେବନ କଲେ ଏହାର ଉପକାରିତା ନିଜେ ନିଜେ ବୁଝିପାରିବ । ଏକମାସ ସେବନ ଉପଯୋଗୀ ଔଷଧର ମୂଲ୍ୟ ୫୮୯ **ଭ୍ରାମରୀ ତୈଳ** ଏହା ଦେହରେ ମାଲିସ୍ କଲେ ଦେହର ଛଳ୍ପ ପ୍ରଭୃତି ଅତିରେ ଅରୋଗ୍ୟ ହୁଏ । ଏକଶିଶି ୫୧୯ଙ୍କା ମାତ୍ର ୫ ୨ ଙ୍କା ମାତ୍ର ।

**କାୟାକଳ୍ପ ଔଷଧାଳୟ**

ବୈଦ୍ୟରାଜ:—ଶ୍ରୀ ଲକ୍ଷ୍ମୀନାରାୟଣ ଆଚାର୍ଯ୍ୟ ଆୟୁର୍ବେଦ ଶାସ୍ତ୍ରୀ
ଆଲମଚାନ୍ଦ ବଜାର, କଟକ ।

Digitized by srujanika@gmail.com




ମଜା କବିତା

# ରୁଦ୍ଧ-ଭାବନା

—ଶ୍ରୀ ଗୌରଚନ୍ଦ୍ର ମହାପାତ୍ର

କେତେ ସାଙ୍ଗ ସାଥୀ ନବୀନ ଯୁବକେ
ଲେଖକ ଉପାଧି ନେବାକୁ ପାରି
କବି ହେବା ପାଇଁ ମନଟା ମୋହର
ଅହନିଶି ଖାଲି ହୋଇଲା ଘାରି ।

ସେଦିନ ରାତିରେ କବାଟ କିଳିଣି
ବସିଲି କବିତା ଲେଖିବି ବୋଲି,
ଗୋଟିଏ ଧାଡ଼ିକୁ ଲେଖିବାକୁ ମୋତେ
ପକ୍କା ଘଣ୍ଟେ କାଳ ଗଲାଣି ଚାଲି ।
…"ଏକାନ କାଟିଥେ ଅସିବ କି ସତେ !
ଅଟେ ଜାରମାଣି ହଜି ମୋହର"
ଭାବି ଭାବି ଆଉ ପଦଟେ ନ ଆସେ
ରାତି ହେଲା ଅଧେ ଦୁଇପହର ।

ମନଟାକୁ ଠିକେ ଫ୍ରେସ୍ କରିବାକୁ
ଫ୍ଲାସ୍କ ଫିଟାଇ ପିଇଲି ଚାହା
ସିଗାରେଟ ମୁଖେ ଚୁମିଲି ମୁଁ ସେତେ
ତେବେ ବି ନ ଦିଶେ କବିତା-ରାହା ।

ଦେଖୁ ଦେଖୁ ଆସି ପାହିଗଲା ନିଶି
ଡାକ କୁକୁଡ଼ାଙ୍କ ଶୁଭିଲା ସ୍ୱର
ଟେବିଲଟା ଚୁଲେ ଟାଣିଲି କୋଠେ
ତଥାପି ମୁଣ୍ଡରେ ନ ପଶେ ଭାବ ।
ଶନିବାର ଫିଙ୍ଗା ହୋଇଥିଲା ଖିଅ
ଝୁଡ଼ାଟା ସଜ ବେ ଅଇଲା ମାଡ଼

ଅଧରରେ ଯହୁଁ ଦାଉଡ଼ ଗଲା ମୋ
ଭାଜନା ଧାଉଁଟା ପଡ଼ିଲା ଛୁଞ୍ଚ ।
ଝୁଡ଼ା ଫେରୁ ଫେରୁ ମନେ ପଡ଼ିଗଲା
କବିତାର ଚଳ ଧାଡ଼ିଟି ମୋର
ଦାଉଦାଗା କବି ଅଟିଲି ମୁଁ ଉଠି
ହୋଇଗଲା ପ୍ରାଣ ଭାବ-ବିଭୋର ।
(ପୁଣି) ଲେଖି ବସିଲାରୁ ପାଟେଣାର ଗଲି ମୁଁ
ପାଇଖାନା ଜାତ କବିତା ଛଟା,
"…ହୃଦ ତୋହରକୁ" ଦେଖି ଟେଲିଲି ଖାଲି
ନ ଅଟିଲା ଆଉ ଆଗ ପଦଟା ।

ଇତି ଅନ୍ୟରେ ଦୁଇ କବି ମିଳି
ଚଢ଼େଇ ଟେଇଣ ମୋ ଅଜାଣିରେ
ସେ ଅଡ଼କୁ ମୋର ଖିଆଲ ନ ଥିଲା
ଡୁବିଥିଲା ମନ କଳ୍ପନା-ସ୍ରୋତେ ।
ମଳମୂତ୍ର ଗନ୍ଧ ବହେ ମନ୍ଦ ମନ୍ଦ
ସାଥୀ ପିଲାମାନେ ଗୁଡ଼ିଲେ ଦେଖି
"ଲାଗାରେ ହାପୁଲେ ବେଳ ବସିଅଛ
ମୁଣ୍ଡକ ଭୁମର ଗଲା ବାଗଡ଼ି" ।
ମୁଁ କହିଲି ତୁମେ ଅଜବ ଗୁଡ଼ାକ
କବି-ହୃଦ ଭାବ ବୁଝିବ କାହୁଁ ?
ସେ କହିଲେ, "ତୁମ **ରୁଦ୍ଧ-ଭାବନା**
ବହିଗଲା ପଥ ନ ପାଇ ଆଜ !"



Digitized by srujanika@gmail.com



ଜଣେ ଭଦ୍ରଲୋକ—(ତାଙ୍କ ସ୍ତ୍ରୀଙ୍କ ସହିତ ଝଗଡ଼ା କରୁଥିଲା ବେଳେ) ବାପଘରେ ଛିଣ୍ଡା ଲୁଗା ମିଳୁନଥିଲା, ଏଠିକି ଆସି ଏତେ ଢଙ୍ଗ—

ସ୍ତ୍ରୀ—ଯାହା ହେଉ ଆମ ଘରେ ଛିଣ୍ଡା ଲୁଗାର ଅଭାବ ନାହିଁ।

\+ × +

ବନ୍ଧୁ—କିରେ ରାମ, ଖବର କଣ ? ଅଫିସର ହାଲଚାଲ—।

ରାମ—ମୋ ତଳେ ବର୍ତ୍ତମାନ ୧୦ ଜଣ କାମ କରୁଛନ୍ତି।

ବନ୍ଧୁ—ସତେ ?

ରାମ—ହଁ, ମୁଁ ଦୋତାଲାରେ କାମ କରେ।

\+ + +

ଅଜା—(ନାତିକୁ) ତୁ ସ୍କୁଲରେ କେମିତି କରୁଛୁ ?

ନାତି—ଖୁବ ଭଲ। ଫୁଟବଲ୍ ଖେଳରେ ସେଣ୍ଟର ଫରୱାର୍ଡ଼ ହୁଏ ଓ ପାଠ ପଢ଼ାରେ ଫୁଲବ୍ୟାକ୍ ହୁଏ।

\+ × +

ପୁଲିସ ଇନସପେକ୍ଟର—(ବନ୍ଦୀ ପ୍ରତି)— ହଇରେ ତୁ ଲେଖି ପଢ଼ି ଜାଣୁ ?

ବନ୍ଦୀ—ମୁଁ ଲେଖି ଜାଣେ କିନ୍ତୁ ପଢ଼ି ଜାଣେ ନାହିଁ।

ପୁଲିସ—(ଖଣ୍ଡେ କାଗଜ ଦେଇ) ଏଥିରେ ଲେଖିଲୁ ?

ବନ୍ଦୀ—କାଗଜ ଖଣ୍ଡିକରେ ଏଅଡ଼ୁ ସେଅଡ଼ୁ ଗାରେଇ ଫେରେଇ ଦେଲା।

ପୁଲିସ—କଣରେ କଣ ଲେଖିଲୁ ପଢ଼ ?

ବନ୍ଦୀ—ଆଜ୍ଞା ମୁଁ କହୁଛି ମୁଁ ଲେଖି ଜାଣେ କିନ୍ତୁ ପଢ଼ି ଜାଣେ ନାହିଁ।

୧ମ ବୋକା—(ହାଟରୁ ସଉଦା ସାରି ଫେରୁ ଫେରୁ) ଅଚ୍ଛା ଭାଇ, ମୋ ଟେକ୍ସଟବୁକରେ ଲେଖୁଛି। ତାରାଗଣ ଅଛି ବହୁଦୂରରେ, ଏ ଗୃହଗଣ୍ଡା ଯାକ ତାରାଗଣ ଛୋଟ ଦେଖାଯାନ୍ତି।

୨ୟ ବୋକା—ମଲା, ମୁଁ କଣ ଜ୍ୟୋତିଷ ହୋଇଛି କି ତୋ ଟେକ୍ସଟବୁକରେ ଲେଖୁଛି ତାରାଗଣ ଅଛି ବହୁଦୂରରେ।

× × ×

ହାଥନ୍ୟାଣୀ—ଲୋକେ, ରାତିରେ ତୋ ଘରେ କିଏ ଆସି ଜାତ ଭାଟ ଭଟ ହେଉଛି।

ଗୃହଗଣୀ—କିଏ ଆଉ—ଚୋର।

ସା:—ମଲା, ଚୋରକୁ ଧରିଦେଇ ପାରୁନାହିଁ, ଶୋଇକୁଞ୍ଚ ଅସୁଛୁ।

ଗୃ—ମୁଁ ଚାଲିଗଲେ ଆମ ଘରେ ପଶିବ ଯେ।

× × ×

ବାପା—(ଉଦ୍‌ବିଗ୍ନ ହୋଇ) କିଏ ତୋତେ ଚିଠି ଦେଇଛି, ବାଣୀ ?

ବାଣୀ—(ଖୁବ୍ ଦମ୍ଭର ସହିତ) ଆମ କଲେଜରୁ ଆସିଛି।

ବାପା—ମୁଁ ପଚାରୁଛି କିଏ ଦେଇଛି ? କୌଣସି ଛାତ୍ର ନା ଛାତ୍ରୀ ?

ବାଣୀ—ନା, ଏ ମୋର Progress Report, ପ୍ରିନ୍‌ସିପାଲ ପଠାଇ ଦେଇଛନ୍ତି।

ଝିଅ—(ଘର ଭିତରୁ ପଦାକୁ ଆସି)— ବାପା, ନୂଆ ଜଣେ ଟିକଟିଆ ହୋଇଛନ୍ତି।

ବାପା—କି, କଅଣ ହେଲା କି ?

ଝିଅ—ବଡ଼ବାବୁ ମୋତେ ଯୋଗର ଭୋଜ କରି ମୋ ଦେଉଛନ୍ତି, ତାଙ୍କୁ ପଚାରି ଦେଲେ ଯେ—

\+ + +

ମାଷ୍ଟ୍ରେ—ବାପାଙ୍କ ଠାରୁ ଆଠଅଣା ପଇସା ଆଣି ଛଅଣାର ସଉଦା କଲ, ପୁଣି ଆଠଅଣାର ହିସାବ ଦେଲ କାହିଁକି ? ତୁମେ ବୁଝିପାରୁନା ବିନୋଦ, ବାପାଙ୍କୁ ଠକିବା ଦ୍ୱାରା ନିଜର କେତେ କ୍ଷତି କରୁଚ।

ବିନୋଦ—କ୍ଷତି କୁଆଡେ ଦେଖ ସାର, ବରଂ ଲାଭ ହେଲା ଦୁଇଅଣା ପଇସା।

\+ + +

ଶିକ୍ଷକ—ଅଚ୍ଛା, କ୍ଷୀର ନୀର ନ୍ୟାୟର ଅର୍ଥ ତ ବୁଝିଲ, ଉଦାହରଣ ଦିଅ ଦେଖି ଏଥର !

ଜଣେ—ଯଥା ଗାନ୍ଧି-ଜିନ୍ନା ମିଳନ।

ଅନ୍ୟଜଣେ—ନା ସାର, ଯଥା ଚର୍ଚ୍ଚିଲ-ହିଟଲର ମିଳନ। (ଗୌରହରି)

— ❀ —

Digitized by srujanika@gmail.com



## ଆବ୍ରାହାମ୍ ଲିଙ୍କନ୍

ଆଜିଠାରୁ ଶହେ ବର୍ଷ ତଳର କଥା । ଆମେରିକାର ଯୁକ୍ତରାଷ୍ଟ୍ର (ଇଉନାଇଟେଡ଼ ଷ୍ଟେଟସ୍) ରେ ଅବ୍ରାହାମ ଲିଙ୍କନ୍ ନାମକ ବାଳକ ଜନ୍ମଗ୍ରହଣ କରିଥିଲେ । ପିଲାଦିନରୁ ଅବ୍ରାହାମଙ୍କର ଗୋଡ଼ ଦୁଇଟି ଲମ୍ବା ଓ ଦେହଟାରେ ମଧ ହୃଷ୍ଟପୁଷ୍ଟ ଥିଲେ । ତାଙ୍କର ବାପ ମା ବଡ଼ ଗରିବ ଥିଲେ । ଅବ୍ରାହମ ବାପମାଙ୍କର ବଡ଼ ଅନୁଗତ ଥିଲେ । ସେ ତାଙ୍କର ବାପ ସାଙ୍ଗରେ କାଠ କାଟିବାକୁ ଦୂର ଜଙ୍ଗଲକୁ ଯାଉଥିଲେ ଓ ମା ଯାହା କହୁଥିଲେ ତାଙ୍କ ଆଦେଶ ପାଳନ କରୁଥିଲେ । ପିଲାଟି ଦିନରୁ ପାଠ ପଢ଼ିବା ଓ ଧର୍ମ ଶିକ୍ଷା କରିବାରେ ଅବ୍ରାହାମଙ୍କର ବଡ଼ ଆଗ୍ରହ ଥିଲା । ରବିବାର ଦିନ ଧର୍ମ ଶିକ୍ଷା କରିବା ପାଇଁ ସେ ଘର ପାଖରୁ ୩।୪ ମାଇଲ ଦୂରରେ କୌଣସି ପାଦ୍ରୀଙ୍କ ପାଖକୁ ଯାଉଥିଲେ ।

ଅବ୍ରାହମଙ୍କର ଗୋଟିଏ ଭଉଣୀ ଥିଲା । ତାର ନାମ ସାର୍ । ଅବ୍ରାହମ ଓ ସାର ଦୁଇଜଣ ମା ପାଖରେ ବସି ବହୁତ ଅଦ୍ଭୁତ ଗପ ଶୁଣୁଥିଲେ । ଅବ୍ରାହମଙ୍କର ମା ବଡ଼ ସାହାସିକା ଥିଲେ । ସେ ବନ୍ୟଜନ୍ତୁମାନଙ୍କୁ ଗୁଳି କରି ମାରି ପାରୁଥିଲେ । ବନ୍ୟଜନ୍ତୁମାନଙ୍କ ଚମଡ଼ାକୁ ନରମ କରି ଏବଂ ସେଥିରେ ଜୋତା ଟୋପି ତିଆରି କରି ପାରୁଥିଲେ । ସେ ପିଲାମାନଙ୍କୁ ବଡ଼ ଭଲ ପାଉଥିଲେ ଏବଂ ସ୍ନେହଶୀଳା ଓ ବୁଦ୍ଧିମତୀ ଥିଲେ । ତାଙ୍କର ଅଖ ବୁଜିବା ସବୁବେଳେ ହସହସ ଥିଲା । ପିଲାମାନଙ୍କୁ ଉପଦେଶ ପୂର୍ଣ୍ଣ ଗଳ୍ପ ଶୁଣାଇବା ଥିଲା ତାଙ୍କର କାମର ଗୋଟିଏ ବିଶେଷ ଅଙ୍ଗ । ଅବ୍ରାହମଙ୍କୁ ଯେତେବେଳେ ୧୧ ବର୍ଷ ତାଙ୍କର ମାଙ୍କର ମୃତ୍ୟୁ ହେଲା । ଅବ୍ରାହମ ବଡ଼ ହୋଇ କହିଲେ Aesop's Fables, The pilgrims progress ଏବଂ Bible ଏ ତିନି ଖଣ୍ଡ ବହି ତାଙ୍କର ଅମୂଲ୍ୟନିଧି ହୋଇଥିଲା ଏବଂ ସେହି ସବୁ ପୁସ୍ତକରୁ ସେ ବହୁ ବଡ଼ ବଡ଼ ଅଂଶମାନ ଅବାଧରେ ଆବୃତ୍ତି କରି ପାରୁଥିଲେ । ସମୟସମୟରେ ସେ ପ୍ରତିବାସୀ ପାଖରୁ ଖଣ୍ଡେ ଖଣ୍ଡେ ବହି ମାଗିଆଣି ଗୋଟିଏ କାଠ ଗଣ୍ଡି ଉପରେ ବସି ସବୁ ପଢ଼ୁଥିଲେ ଏବଂ ସରୁ ସରୁ କାଠପଟାରେ ଭଲ ପୁସ୍ତକମାନଙ୍କରୁ ଭଲ ଭଲ ଅଂଶମାନ ଲେଖି ପକାଉଥିଲେ । ଏହିପରି ଭାବରେ ସେ George Wgshiugton ଙ୍କ ଜୀବନୀ ପାଠ କରିଥିଲେ ଏବଂ ଇଂଲଣ୍ଡର ରାଜା ତୃତୀୟ ଜର୍ଜଙ୍କ ସମୟରେ ଆମେରିକା କିପରି ସ୍ୱାଧୀନ ହେଲା ତାହା ସବୁ ଜାଣିଥିଲେ ଏବଂ ଯେଉଁ ଲୋକମାନେ ଏହି ସ୍ୱାଧୀନତା ସଂଗ୍ରାମରେ ମାତିଥିଲେ, ସେମାନେ ଯେ ଅସାଧାରଣ, ଏହା ତାଙ୍କର ଧାରଣା ହୋଇଥିଲା । ଷୋଳବର୍ଷ ବୟସରେ ଦିନେ ସେ ବିଚାର ସଭାକୁ ଯାଇଥିଲେ । ସେଠାରେ ଗୋଟିଏ ବିଚାରପତିରେ ଶୁଣି ଦେଖିଲେ ଯେ କିପରି ଲୋକମାନଙ୍କ ଉପରେ ପ୍ରଭାବ ହୋଇ ତାର ବିଚାର ହେଉଛି । ଅସାମୀପକ୍ଷର ଓକିଲ ଗୋଟିଏ ବଡ଼ ହୃଦୟସ୍ପର୍ଶୀ ବକ୍ତୃତା ଦେଉଅଛନ୍ତି । ଅବ୍ରାହାମ ତାହା ମନ୍ତ୍ରମୁଗ୍ଧବତ ଶୁଣିଲେ ଏବଂ କଚେରୀ ଭିତରୁ ବାହାରକୁ ଆସି ସେ ଭାବିବାକୁ ଲାଗିଲେ କିପରି ସେ ଏହିପରି ବକ୍ତୃତା ଦେଇ ପାରିବେ । ତାହାର ଅସଂଖ୍ୟ ଲୋକ ମୁଗ୍ଧ ହେବେ ଏବଂ ନୀରବ ହୋଇ ଶୁଣିବେ । କିପରି ସେ ସେମାନଙ୍କୁ ହସାଇବାକୁ ଇଚ୍ଛା କଲେ ହସାଇବେ ଏବଂ କନ୍ଦାଇବାକୁ ଇଚ୍ଛା କଲେ କନ୍ଦାଇବେ । ସେ ନିଜେ ଯେପରି ଅନୁଭବ କରୁଛନ୍ତି, ଅନ୍ୟ ଭିତରେ ସେହିପରି ଅନୁଭୂତି ପ୍ରବେଶ କରାଇ ପାରିବେ । ଲୋକେ ନ୍ୟାୟ ଓ ଧାର୍ମିକତାକୁ କିପରି ଭଲ ପାଇବେ ତାହା ସେ କିପରି ବକ୍ତୃତା ଦ୍ୱାରା କହି ପାରିବେ, ଏହି ଚିନ୍ତା ତାଙ୍କର ଥିଲା । ସେହିଦିନଠାରୁ ବକ୍ତୃତା ଦେବା ଅଭ୍ୟାସ କଲେ । ସେ ତାଙ୍କର ଭାଇ ଓ ବନ୍ଧୁମାନଙ୍କୁ ଏକାଠି କରି ଦୀର୍ଘ ବକ୍ତୃତା ଦେବାକୁ ଲାଗିଲେ । ମଝିରେ ମଝିରେ ସୁନ୍ଦର ତର୍କ ଯୁକ୍ତି କରାଇବାକୁ ଲାଗିଲେ ।

ଅବ୍ରାହମ ଖୁବ ଲମ୍ବା ଓ ବଳୁଆ ହୋଇ ବଢ଼ିଲେ ଓ ତାଙ୍କ ବୟସର ଯେ କୌଣସି ଲୋକକୁ ସେ ହରାଇଦେଇ ପାରୁଥିଲେ ଏବଂ ସେ ଖୁବ୍ ଦୌଡ଼ ପାରୁଥିଲେ । ଅବ୍ରାହାମ ଖଣ୍ଡିଏ ବୋଟ ତିଆରି କରିଥିଲେ ଏବଂ ସେହି ବୋଟରେ ଓହାଓ, ମିସିସିପି ନଦୀରେ ଯିବା ଆସିବା, ବଜ୍ର - ନିଉ ଅର୍ଲିନ୍ସର କଳକଷ ପଥ

## ନାଗବଛା ଦଳ

### ଉଦ୍ଦେଶ୍ୟ

୧ । ଉତ୍କଳର କିଶୋର ପ୍ରାଣରେ ନବଜାଗରଣ ଆଣିବା, ଜାତୀୟ ପରସ୍ପର ବଢ଼ାଇବା, ଶରୀର ମନର ବିକାଶ ଓ ସର୍ବାଙ୍ଗୀନ ଉତ୍କର୍ଷ ସାଧନ କରିବା ।

୨ । ଜଗତର ମଧ୍ୟସ୍ଥତାରେ ପତ୍ର ବିନିମୟ ଦ୍ୱାରା ତରୁଣମାନଙ୍କ ମଧ୍ୟରେ ପରସ୍ପର ଭାବର ଆଦାନ ପ୍ରଦାନ କରାଇବା ଓ ସେମାନଙ୍କ ମଧ୍ୟରେ ସ୍ନେହ ପ୍ରୀତି ଓ ସୌହାର୍ଦ୍ଦ୍ୟ ବଢ଼ାଇବା ।

୩ । ମାତୃଭାଷା ଓ ସାହିତ୍ୟ ପ୍ରତି କିଶୋର କିଶୋରୀଙ୍କର ଅନୁରାଗ ବଢ଼ାଇବା ।

୪ । ସତ୍ୟ ସେବା, ସାହସ ଓ ଅହିଂସା ସାଧନାରେ ସେମାନଙ୍କୁ ଉଦ୍ବୁଦ୍ଧ କରିବା ।

( ୧୮ ବର୍ଷରୁ ତଳ ବାଳକ ବାଳିକାମାନଙ୍କ ପାଇଁ )

Digitized by srujanika@gmail.com

ଟଙ୍କା ରୋଜଗାର କରିବାକୁ ଲାଗିଲେ। ଏହି ସମୟରେ ନଦୀରେ ବାଣିଜ୍ୟ କରୁଥିବାବେଳେ ସେ ପ୍ରଥମେ ନିଗ୍ରୋ କ୍ରୀତଦାସମାନଙ୍କୁ ଓ ସେମାନଙ୍କ ଉପରେ ତାଙ୍କର ଗୋରା ମାଲିକମାନେ କିପରି ଅମାନୁଷିକ ଅତ୍ୟାଚାର କରୁଛନ୍ତି ତାହା ହୃଦୟଙ୍ଗମ କଲେ। ଅବ୍ରାହାମଙ୍କ ମନରେ ଘୋର ଦୁଃଖ, କ୍ଷୋଭ ଓ ଚିନ୍ତା ହେଲା। ସେ ତାହାକୁ କିଛି କହିଲେ ନାହିଁ ସତ, କିନ୍ତୁ ପ୍ରାଣରେ ତାଙ୍କର ଭାରି କଷ୍ଟ ହେଲା। ଅବ୍ରାହାମ [illegible] ନେଇ କାରବାର କରୁଥାନ୍ତି, ଲୋକେ ତାଙ୍କର ଚୋଟ ପଣିଆରେ ମୁଗ୍ଧ ହେଲେ। ତାଙ୍କର ଦୋକାନ ଘରେ ସନ୍ଧ୍ୟାବେଳେ ଅନେକ ଏକାଠି ହେଉଥିଲେ। ଅବ୍ରାହାମ ତାଙ୍କର ପାଣ୍ଡିତ୍ୟ ଭଲ ଗପ କହି ପାରୁଥିଲେ। ସୁତରାଂ ସେ ସେମାନଙ୍କୁ ନାନା ଗପ ଶୁଣାଉଥିଲେ। Aesops' Fables ରୁ ଅନେକ ଗପ କହୁଥିଲେ ଏବଂ ଅନେକ ଅସମ୍ଭବ କଥା କହିପାରୁଥିଲେ। ଲୋକେ ରାତି ଅଧ ପର୍ଯ୍ୟନ୍ତ ଘରକୁ ନ ଯାଇ ସେଠାରେ ରହୁଥିଲେ। ଲୋକେ ତାଙ୍କୁ ଭାରି ଭଲ ପାଉଥିଲେ। ତାହା ତାଙ୍କ ଚରିତ୍ରର ଗୁଣିଆ ପଣରୁ। ଥରେ ଗୋଟିଏ ସ୍ତ୍ରୀଲୋକ ଚିନି କିଣିବାକୁ ଆସିଥିଲେ। ଅବ୍ରାହାମ ତାଙ୍କୁ ଓଜନ କରି ଚିନି ଦେଲେ। କିନ୍ତୁ ତହିଁ ଆରଦିନ ଯେତେବେଳେ ସେ ଦେଖିଲେ ଯେ ଯେଉଁ ଓଜନଟି ସେ ବ୍ୟବହାର କରିଥିଲେ ତାହା ପ୍ରକୃତରେ କମ୍ ଥିଲା। ସେତେବେଳେ ସେ ତତ୍‌କ୍ଷଣାତ୍ ଆଉ ଗୋଟିଏ ଠିକ ଓଜନର ପୁଡ଼ିଆ ଘେନି ବନା ଟୋପିରେ ଦୌଡ଼ି ଦୌଡ଼ି ଯାଇ ସେହି ସ୍ତ୍ରୀଲୋକକୁ ଦେଇ ଥିଲେ। ସ୍ତ୍ରୀଲୋକ କିନ୍ତୁ ସେ ସମୟ ପର୍ଯ୍ୟନ୍ତ ଜାଣି ନ ଥିଲା ଯେ ତାକୁ କମ ଓଜନ ଦିଆ ହୋଇଛି।

ଅବ୍ରାହାମ ବଡ଼ ହେଲେ। ଓକିଲ୍ ହେବାପାଇଁ ତାଙ୍କର ମନ। ବକ୍ତୃତା ଦେବାକୁ ସେ ଆଗରୁ ଅଭ୍ୟାସ କରିସାରିଛନ୍ତି। ଥରେ ସେ ବକ୍ତୃତା ଦେଉଁ ଦେଉଁ ବକ୍ତୃତା ମଞ୍ଚରେ ଯେତେବେଳେ ବୁଝିଲେ ଯେ କାହା ପାଇଁ ସେ ଲଢ଼ୁଛନ୍ତି, ସେତେବେଳେ ତାଙ୍କର ସବୁ ଉତ୍ସାହ ଭାଙ୍ଗିଗଲା। ସତ୍ୟ ପାଇଁ ଏହିପରି ନିଷ୍ଠା ଦେଖି ଦେଖି ଲୋକେ ତାଙ୍କୁ ଅଧିକରୁ ଅଧିକ ବିଶ୍ୱାସ ଓ ପ୍ରଶଂସା କରିବାକୁ ଲାଗିଲେ। ଶେଷରେ ସେ ଯୁକ୍ତରାଷ୍ଟ୍ରର ସିନେଟରେ ମେମ୍ବର ହେଲେ।

ଅବ୍ରାହାମ ଲିଙ୍କନ୍ ନିଗ୍ରୋମାନଙ୍କ ଉପରେ ହେଉଥିବା ଅତ୍ୟାଚାର ନିଜ ଆଖିରେ ଦେଖିଥିଲେ। ସେ ସେମାନଙ୍କ ପାଇଁ ସବୁବେଳେ ଭାବୁଥିଲେ। ସିନେଟ ମେମ୍ବର ସୁବିଧା ପାଇ ସେ ସେଠାରେ ତାଙ୍କ ପାଇଁ ଲଢ଼ିଲେ। ଦେଖୁ ଦେଖୁ ଲୋକଙ୍କ ମଧ୍ୟରେ ଏହି ବିଷୟରେ ବଡ଼ ଉତ୍ତେଜିତ ହେଲା। ଏଣେ ଲିଙ୍କନ୍ ୧୮୬୦ ଖ୍ରୀ: ଅ: ରେ ଆମେରିକାର ପ୍ରେସିଡେଣ୍ଟ ପଦରେ ନିଯୁକ୍ତ ହେଲେ। ଆମେରିକାର ଦକ୍ଷିଣ ଭାଗର ଲୋକେ ଦକ୍ଷିଣ ଭାଗରେ ରହୁଥିବା ନିଗ୍ରୋମାନଙ୍କୁ ସ୍ୱାଧୀନତା ଦେବାକୁ ରାଜି ନୁହନ୍ତି। ଏଣେ ଦକ୍ଷିଣ ଭାଗସ୍ଥ ନିଗ୍ରୋମାନଙ୍କ ଭିତରେ ଘୋର ଆନ୍ଦୋଳନ ଚାଲିଥାଏ। ଦେଖୁ ଦେଖୁ ଚାରିବର୍ଷ କଟିଗଲା। ଲିଙ୍କନ୍ ୧୮୬୪ ଖ୍ରୀ: ଅ: ରେ ଦ୍ୱିତୀୟ ଥର ପାଇଁ ଆମେରିକାର ପ୍ରେସିଡେଣ୍ଟ ପଦରେ ନିର୍ବାଚିତ ହେଲେ। ଦିନେ ୱାସିଂଟନ White house ଠାରେ ଲୋକେ ଜମା ହୋଇଗଲେ। ଏହିଠାରେ ପ୍ରେସିଡେଣ୍ଟ ବାସ କରନ୍ତି। ନିଗ୍ରୋମାନଙ୍କୁ ସ୍ୱାଧୀନତା ଦେବା ସପକ୍ଷରେ ଲିଙ୍କନ୍। ଦୂରସ୍ଥ ଦକ୍ଷିଣରେ ନିଗ୍ରୋମାନେ ତାଙ୍କୁ ଆଶୀର୍ବାଦ କରୁଥାନ୍ତି। ଏଣେ ଉତ୍ତରର ଆମେରିକାନମାନେ ତାଙ୍କୁ ଗୁଳିକରି ମାରିଦେବା ପାଇଁ ଷଡ଼ଯନ୍ତ୍ର କରୁଥାନ୍ତି। ଲିଙ୍କନ ଏବଂ ତାଙ୍କର ସ୍ତ୍ରୀ ଦିନେ ଥିଏଟରକୁ ଯାଇଥିଲେ। ସେହିଠାରେ ହଠାତ ଜଣେ ଗୁଳି ଫାୟାର କଲା। ଲିଙ୍କନ ଆଘାତ ହୋଇ ପଡ଼ିଗଲେ। ଏବଂ ସେଥିରେ ତାଙ୍କର ମୃତ୍ୟୁ ହେଲା। ନିଗ୍ରୋମାନେ ସ୍ୱାଧୀନ ହେଲେ।

ଶ୍ରୀ ଉଦୟନାଥ ସାହୁ।

—❀—

## ପ୍ରଶ୍ନ

ନିମ୍ନଲିଖିତ ପ୍ରଶ୍ନ ଗୁଡ଼ିକ କୁମାର ସୁରେନ୍ଦ୍ର ମୋହନ ପଠାଇ ଅଛନ୍ତି। ସେ ନାଗ ଭାଇମାନଙ୍କ ପାଖରୁ ଏ ପ୍ରଶ୍ନ ଗୁଡ଼ିକର ଉତ୍ତର ଚାହାନ୍ତି।

୧। ପୃଥିବୀରେ କେଉଁ ଭାଷା ଖୁବ୍ ଜୋର ଓ କ୍ଷିପ୍ରତାର ସହିତ (speedily) କୁହାଯାଇ ପାରେ।

୨। ପୃଥିବୀରେ [illegible] ପ୍ରଚଳନ ଅଛି।

୩। ପୃଥିବୀର [illegible] (Bell) କେଉଁଠାରେ ଅଛି।

୪। ପୃଥିବୀର ସବୁଠାରୁ ବଡ଼ ସିନେମା ହାଉସ (cinema house) କେଉଁଠି ଅଛି।

୫। "His Majesty" ଏହି ଶବ୍ଦ ଇଂଲଣ୍ଡର କେଉଁ ରାଜାଙ୍କ ଅମଳରେ ପ୍ରଥମେ ବ୍ୟବହୃତ ହୋଇଥିଲା।

୬। ଇଂରାଜୀରେ ଯେପରି "Mister" ବ୍ୟବହାର କରାଯାଏ ସେପରି ଜର୍ମାନୀ ଭାଷାରେ କଣ ବ୍ୟବହାର କରାଯାଏ।

—❀✱❀—

## କୁପନ୍

ଅଜା,

ମୁଁ ଜଣେ ନାତିନାତୁଣୀ ହେବାକୁ ଚାହେଁ। ମୋର ବୟସ ୧୮ ବର୍ଷରୁ କମ୍। ମୁଁ ସତ୍ୟ ସାହସ ସେବା ଓ ଅହିଂସା ପାଳନ କରିବାକୁ ଚେଷ୍ଟା କରିବି। ଦୟାକରି ନାଗଚକ୍ର ଦଳରେ ମୋ ନାମ ଲେଖାଇ ଦେବେ। ମୁଁ ଏଥି ସହ $\frac{୫୦}{୫୦୨}$ ର ଡାକ ଟିକଟ ପଠାଇଲି।

ତୁମ ସ୍ନେହର ନାତିନାତୁଣୀ

ଶ୍ରୀ ______________

ଠିକଣା ______________

ତାରିଖ

—❀—



Digitized by srujanika@gmail.com

REG. NO. P. 441

THE DAGARO—16-5-1942.


# ହିନ୍ଦୁସ୍ଥାନ କୋ-ଅପରେଟିଭ
## ଇନସିଓରେନ୍ସ ସୋସାଇଟି ଲିଃ

ପ୍ରତ୍ୟେକ ଗୃହସ୍ଥ ନିଜ ପରିବାରବର୍ଗଙ୍କ ସଂସ୍ଥାନ ପାଇଁ ବୀମା କରିବା ନିତାନ୍ତ ଆବଶ୍ୟକ ।

ଅନ୍ତର୍ଜାତିକ ପରିସ୍ଥିତି କ୍ରମେ ଜଟିଳ ହୋଇ ଉଠୁଥିବା ସମୟରେ ସର୍ବାଧିକ ନିରାପଦ ଭାବରେ ଟଙ୍କା ଲଗାଇବାର ଉତ୍କୃଷ୍ଟ ଉପାୟ ହେଉଛି ଗୋଟିଏ ସୁଦୃଢ଼ ବୀମା କମ୍ପାନୀରେ ବୀମା କରିବା ।

ହିନ୍ଦୁସ୍ଥାନ ଗତ ୩୫ ବର୍ଷ ହେଲା ଭାରତବର୍ଷ ଏବଂ ତାହାରେ ପ୍ରତି ଅଞ୍ଚଳରେ କୋଟି କୋଟି ଟଙ୍କାର ଦାବୀ ପୂରଣ କରି ଏବେ କୋଟି କୋଟି ଟଙ୍କାର ବୀମା ସଂଗ୍ରହ କରି ଯଥେଷ୍ଟ ସୁଦୃଢ଼ତାର ପରିଚୟ ଦେଉଛି ।

୧୯୦୦ ରେ ଯେତିକି ଅଧିକ ପରିମାଣ ପ୍ରାପ୍ତ ଏକ କୋଟି

୧୯୪୦ ରେ ନୂତନ ବୀମାର ପରିମାଣ ପ୍ରାୟ ଚାରିକୋଟି

ବୀମା ପାଣ୍ଠି ଚାରିକୋଟି ୫୫ ଲକ୍ଷରୁ ଊର୍ଦ୍ଧ୍ୱ

ମୋଟ ସମ୍ପତ୍ତିର ପରିମାଣ ସାତ କୋଟି ପାଞ୍ଚଲକ୍ଷରୁ ଊର୍ଦ୍ଧ୍ୱ ।

ମୋଟ ପରିଶୋଧ ଦାବୀର ପରିମାଣ ଦୁଇ କୋଟି ପଚାଶ ଲକ୍ଷରୁ ଊର୍ଦ୍ଧ୍ୱ ।

ଭାରତବର୍ଷ ଏବଂ ତାହାରେ ଶାଖା ଏବଂ ସଂଗଠନ ଅଫିସମାନ ଅଛି ।

ନିମ୍ନଲିଖିତ ଠିକଣାରେ ଅନୁସନ୍ଧାନ କରନ୍ତୁ ।

ଏନ୍ ଦତ୍ତ
ସେକ୍ରେଟେରୀ
ହିନ୍ଦୁସ୍ଥାନ ବିଲ୍ଡିଙ୍ଗ୍ସ, କଲିକତା ।

ନରେନ୍ଦ୍ର ପ୍ରସାଦ ଦାସ
ଅର୍ଗେନାଇଜର
ଭଦ୍ରକ ।



ବହୁ ଗୁଣୀଙ୍କ ଅଭିମତ ସମ୍ବଳିତ ବିଖ୍ୟାତ କବିତା ବହି

## ସଂଘର୍ଷ

[ଗୃହଅଣା]

ଚାନ୍ଦ୍ରକର ଲକ୍ଷ୍ମୀକାନ୍ତ କହନ୍ତି—ଏମ ସାହିତ୍ୟରେ କବି ଗୋଟାଏ ନୂତନ ପ୍ରେରଣା ଆଣି ପାରିଛନ୍ତି ବୋଲି ମୋର ଧାରଣା ।

ସଚ୍ଚିଦାନନ୍ଦଙ୍କର କହନ୍ତି— ଏଭଳି ବଳିଷ୍ଠ ଲେଖା ଏ ଯୁଗରେ ଯେତେ ପ୍ରକାଶିତ ହେବ, ସେତେ ଏ ଦେଶର ମାନସିକ ସ୍ୱାସ୍ଥ୍ୟ ପକ୍ଷେ ମଙ୍ଗଳ ।

ଲକ୍ଷ୍ମୀନାରାୟଣ ସାହୁ ( ଭାରତ ସେବକ ସମିତି ସଦସ୍ୟ ) କହନ୍ତି – ମୁଁ ଏହି ଜାତୀୟ କବିତାକୁ ମନର ସ୍ୱାଧୀନ ସୃଷ୍ଟିର ରଚନା ବୋଲି ସମାଦର କରିପାରେଁ ।

ଦ୍ୱିତୀୟ ଅବଦାନ **'ନୈବେଦ୍ୟ'**—( ଆଠ ଅଣା )

ଚାନ୍ଦ୍ରସ୍ନିଗ୍ଧ ସରଳ ଅଭିନବ କବିତାମାଳା— ଭୂମିକାରେ ସୁସାହିତ୍ୟିକ ଶ୍ରଦ୍ଧେୟ ଗୋପୀନାଥ ମହାନ୍ତିଙ୍କର ମନ୍ତବ୍ୟ ପଢ଼ନ୍ତୁ । ଯୁବକ ଯୁବତୀଙ୍କର ପରମ ଆଦରର ସମ୍ପଦ—ପ୍ରେମର ଅତୃପ୍ତ ଅର୍ଘ୍ୟ—ବାତ୍ସଲ୍ୟ ସ୍ନେହ ଭକ୍ତିର ଅପୂର୍ବ ଅମୃତ କୁମ୍ଭ— ଅବସର ବିନୋଦ ପାଇଁ ଖଣ୍ଡିଏ ମାଗି ନିଅନ୍ତୁ ।

ମାତ୍ର ଏକ ଟଙ୍କା ଦେଇ ସଭ୍ୟ ହେଲେ, ସମିତିର ପ୍ରକାଶନ ଗୁଡ଼ିକ ଅର୍ଦ୍ଧ ମୂଲ୍ୟରେ ପାଇ ପାରିବେ

ପରବର୍ତ୍ତୀ ଅବଦାନ— **ମାୟାପୁରୀ** –( ଉପନ୍ୟାସ କାହାଣୀ )

ଟଙ୍କା ଓ ପତ୍ର ପଠାଇବାର ଠିକଣା— ସମ୍ପାଦକ, ଜଗନ୍ନାଥ ସାହିତ୍ୟ ସମିତି, ଭଦ୍ରକ ।


Printed & published at the Gopinath Press, Bhadrak. by. G. C. Mahapatra and issued from Dagaro Office Bhadrak.

Digitized by srujanika@gmail.com